# ବାସୁଦେବ ଗ୍ରନ୍ଥାବଳୀ

ସଂପାଦନା :
ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ



odia.org

ପ୍ରଗତି ଉତ୍କଳ ସଂଘ

## ସାର୍ ରାଜା ବାସୁଦେବ ସୁଢ଼ଳଦେବ K.C.I.E
## (1851–1903)

ସାର୍ ସୁଢ଼ଳଦେବ ଓଡ଼ିଆ ସାହିତ୍ୟର ଅନ୍ୟତମ ବିଶିଷ୍ଟ ସ୍ରଷ୍ଟା । ଓଡ଼ିଆ ଭାଷା ସାହିତ୍ୟକୁ ପରିଚ୍ଛନ୍ନ ଦିଗନ୍ତରୁ ସନ୍ଧାନ ଦେବା ତାଙ୍କର ଆଭିମୁଖ୍ୟ । ସୁଢ଼ଳଦେବଙ୍କ ଦ୍ୱାରା ଓଡ଼ିଆ ସାରସ୍ୱତ ପରମ୍ପରାରେ ପ୍ରାଚୀନ-ଆଧୁନିକ ସମନ୍ୱୟ ସଂସାଧିତ ହୋଇଥିଲା । ଭଞ୍ଜ-ସାହିତ୍ୟର ଅଶ୍ଳୀଳତା, ରାଧାନାଥୀ-ସାହିତ୍ୟର ସଂସ୍କୃତି ଗର୍ହିତ ଭାବଧାରାର ଗର୍ଭରେ ଆଧୁନିକ ସାହିତ୍ୟ ନିର୍ମାଣର ଅଭିନବ ପଦକ୍ଷେପ ସେ ଗ୍ରହଣ କରିଥିଲେ । ପରଂପରାର ଦୀର୍ଘ ପଦଯାତ୍ରା ମଧ୍ୟରେ ସମକାଳୀନ ନବୀନତ୍ୱକୁ ଚିରନ୍ତନ ବ୍ୟାପ୍ତି ପ୍ରଦାନ କରିବା ଥିଲା ତାଙ୍କର ଲକ୍ଷ୍ୟ । ଓଡ଼ିଆ ଭାଷା ସୁରକ୍ଷାଠାରୁ ଶୁଦ୍ଧ ଓଡ଼ିଆ ଭାଷା ସାହିତ୍ୟ ନିର୍ମାଣରେ ତାଙ୍କର ଯୋଗଦାନ ସ୍ମରଣୀୟ । ଓଡ଼ିଆରେ ଅଳଙ୍କାରକୁ ଅର୍ଥବତ୍ତାର ସ୍ମାରକୀରୂପେ ଗ୍ରହଣ କରିବା, ପ୍ରକୃତିର ଅନବଦ୍ୟ ରୂପଚର୍ଯ୍ୟାକୁ କାବ୍ୟଶୈଳୀରେ ପରିବେଷଣ କରିବା, ଚିରଂଜୀବୀ ବୀରବନ୍ଦନାରେ ଜାତୀୟବାଦୀ ବୀଜବପନ କରିବା ଏବଂ ବୈଦିକ ସାହିତ୍ୟ ଅନ୍ତରାଳରେ ଓଡ଼ିଆ ସାହିତ୍ୟର ଜୀବନୀଶକ୍ତି ଅନ୍ୱେଷଣ କରିବାହିଁ ସୁଢ଼ଳଦେବଙ୍କ ସାରସ୍ୱତ ଦ୍ୟୋତନା । ଓଡ଼ିଆ ସାହିତ୍ୟରେ ସାମଗ୍ରିକ ଭାବେ ପ୍ରାଣଶକ୍ତି ସଂଚାର କରି ଏକ ନୂତନ ସଂଜ୍ଞା ପ୍ରଦାନ କରିବାରେ ସୁଢ଼ଳ-ସାହିତ୍ୟ ସିଦ୍ଧିପ୍ରାପ୍ତ ।

ସୁଢ଼ଳଦେବଙ୍କ ଜୀବନ ଓ ସାହିତ୍ୟ ଓଡ଼ିଆ କବି ଓ ଲେଖକଙ୍କୁ ପ୍ରବୋଧିତ କରିଛି । ପ୍ରାଚୀନତାର ଦୃଢ଼ ଭିତ୍ତିରେ ଆଧୁନିକତାର ସୁଦୃଶ୍ୟ ସାରସ୍ୱତ ଅଟ୍ଟାଳିକା ନିର୍ମାଣରେ ସଫଳକାମ ହୋଇଛି ।

# ବାସୁଦେବ ଗ୍ରନ୍ଥାବଳୀ

(ରାଜା ସାର୍ ବାସୁଦେବ ସୁଢ଼ଳଦେବ କେ.ସି.ଆଇ.ଇ)

ସଂପାଦନା :
ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ
ଦେବଗଡ଼

ପ୍ରଗତି ଉତ୍କଳ ସଂଘ
ରାଉରକେଲା

ବାସୁଦେବ ଗ୍ରନ୍ଥାବଳୀ
ସଂପାଦନା :
ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ
ପୁରୁଣାଗଡ଼, ଦେବଗଡ଼-୭୬୮୧୧୯
ଫୋନ୍ : (୦୬୬୪୧) ୨୨୬୦୮୧

ପ୍ରକାଶକ : **ପ୍ରଗତି ଉତ୍କଳ ସଂଘ**
ବି-୯, ଫକୀରମୋହନନଗର (ସେକ୍ଟର-୭),
ରାଉରକେଲା - ୭୬୯ ୦୦୩

ପରିବେଷକ : **ଗ୍ରନ୍ଥମନ୍ଦିର**, ବିନୋଦବିହାରୀ, କଟକ-୨

ଡିଟିପି ଓ ମୁଦ୍ରଣ : ଅପ୍ଟିମା ପ୍ରିଣ୍ଟସ୍
ସୁତାହାଟ, କଟକ-୭୫୩୦୦୧
ଫୋନ୍ : (୦୬୭୧)୨୬୨୫୧୪୮

ପ୍ରଥମ ପ୍ରକାଶ : ମହାବିଷୁବ ସଂକ୍ରାନ୍ତି, ୨୦୦୩

ମୂଲ୍ୟ : ୨୫୦ ଟଙ୍କା

**Basudev Granthabali**

*(Complete Works of Sir Basudev Sudhaldev)*

Edited by : **Dr. Fanindra Bhusan Nanda,** Deogarh

Published by : **Pragati Utkal Sangha,**
B-9, Fakir Mohan Nagar (Sector-7),
Rourkela-769003

Availlable at : **Grantha Mandir,** Binodebehari, Ctc.-2

D.T.P. & Printed by : **Optima Prints**
Sutahat, Cuttack-753001

First Edition : 14th April, 2003

Price : Rs.250/-

# ମୁଖଶାଳା

ପ୍ରଜ୍ଞାପୁରୁଷ ବାସୁଦେବ ସୁଢ଼ଳଦେବ ଊନବିଂଶ ଶତାବ୍ଦୀର ଓଡ଼ିଆଭାଷା-ସାହିତ୍ୟର କେନ୍ଦ୍ରବିନ୍ଦୁ । ସାହିତ୍ୟର ପୃଷ୍ଠପୋଷକ ରୂପେ ସେ ଯେଭଳି ସମ୍ମାନିତ, ଜଣେ ସୃଷ୍ଟିଶୀଳ ସୃଜନକର୍ମୀରୂପେ ସେହିପରି ପ୍ରତିଷ୍ଠିତ । ତାଙ୍କର ପରବର୍ତ୍ତୀ ସାରସ୍ୱତ ଦାୟାଦଗଣ ଚିତ୍ରୋତ୍ପଳା ଓ ବୀରବାମା କାବ୍ୟ ତଥା ଅଳଙ୍କାର ବୋଧୋଦୟକୁ ନେଇ ଏତେ ବ୍ୟସ୍ତ ଯେ ତାଙ୍କର ସାମଗ୍ରିକ ସାରସ୍ୱତ ଆବେଦନର ବିଶ୍ଳେଷଣ ଦିଗରେ ଅନେକାଂଶରେ ପରାଙ୍ମୁଖ । ଅଳ୍ପକେ ସନ୍ତୁଷ୍ଟ ହେଉଥିବା ଗବେଷକଗଣ ମଧ୍ୟ ବିଭିନ୍ନ ପତ୍ରପତ୍ରିକାରୁ ସୁଢ଼ଳଦେବଙ୍କ ସୃଷ୍ଟିସ୍ୱାକ୍ଷର ଅନ୍ୱେଷଣ କରିବାରୁ କ୍ଷାନ୍ତ ହୁଅନ୍ତି । ରାଧାନାଥ, ଗଙ୍ଗାଧର, ଫକୀରମୋହନଙ୍କ କାବ୍ୟରେ ପ୍ରଦତ୍ତ ଅଳଙ୍କାରମଣ୍ଡିତ ସଂବୋଧନ ମାଧ୍ୟମରେ ସୁଢ଼ଳଦେବଙ୍କ ସାରସ୍ୱତ ପରିଚୟ ସୀମିତ ରହେ । ସାହିତ୍ୟର ଜଣେ ମହନୀୟ ପୃଷ୍ଠପୋଷକ ରୂପେ ତାଙ୍କୁ ଚିତ୍ରଣ କରିବାରେ ସାରସ୍ୱତ ରଥୀଗଣ ସନ୍ତୁଷ୍ଟ । ଆଜୀବନ ସାରସ୍ୱତ କର୍ମରେ ଲିପ୍ତଥିବା, ପ୍ରାଚ୍ୟ-ପାଶ୍ଚାତ୍ୟ ଧାରା, ପ୍ରାଚୀନ ଆଧୁନିକ ରସାନୁଭବ, ଶୁଦ୍ଧ ଭାଷା-ଗଠନର ପରମ୍ପରାନେଇ ପରୀକ୍ଷା-ନିରୀକ୍ଷା ଚଳାଇଥିବା ଏହି ପ୍ରତିଭାର ସାମଗ୍ରିକ କୃତିବିଶ୍ଳେଷଣ ପରିଶ୍ରମକାତର ଆମର ବିଚାରଧାରା ଯୋଗୁଁ ବିଡ଼ମ୍ବିତ ।

ସୁଢ଼ଳଦେବଙ୍କ ସାରସ୍ୱତଚର୍ଯ୍ୟା ଆଧୁନିକ ଓଡ଼ିଆ ସାହିତ୍ୟର ଏକ ସ୍ୱର୍ଣ୍ଣକାତର ଅଧ୍ୟାୟ । ପ୍ରାଚୀନ ସାହିତ୍ୟର ନିଗଡ଼ରୁ ସଦ୍ୟ ମୁକୁଳିଥିବା ଏକ ସାହିତ୍ୟ, ପ୍ରତିବେଶୀ ପ୍ରାଦେଶିକ ଭାଷାର ପ୍ରଭାବରେ ଅତିଷ୍ଠ ଓ ମୁକ୍ତିର ରାହା ଖୋଜୁଥିବା ଐତିହ୍ୟପୁଷ୍ଟ ଏକ ଭାଷା ସଂବେଦନଶୀଳ ଅବଲମ୍ବନଟିଏ ଖୋଜୁଥିଲା । ବକ୍ଷ୍ୟମାଣ କାଳରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ଏକ ଅପୂର୍ବ ଅବଲମ୍ବନ ଯୋଗାଇବାରେ ସକ୍ଷମ ହୋଇ-ଥିଲେ ସୁଢ଼ଳଦେବ । ଏହାର ଏକଏକ ବିଭାବ ରୂପେ ରାଧାନାଥ ସାହିତ୍ୟକୁ ସହଯୋଗ ପ୍ରଦାନ, ସମ୍ବଲପୁରହିତୈଷିଣୀ ପ୍ରକାଶନ, ବିଜୁଳୀ-ଇନ୍ଦ୍ରଧନୁ କଳହ, ପ୍ରାଚୀନ ସଂସ୍କୃତ ସାହିତ୍ୟ ସହିତ ଆଧୁନିକ କବି ସାହିତ୍ୟିକଙ୍କ ସୃଷ୍ଟିର ଶୁଦ୍ଧ ସଂସ୍କରଣ ପ୍ରକାଶନକୁ

ଗ୍ରହଣ କରାଯାଇପାରେ । ଏଥିସହିତ ଓଡ଼ିଆ ଭାଷାସାହିତ୍ୟକୁ ପରିପୁଷ୍ଟ କରିବାରେ ସୁଡ଼ଙ୍ଗଦେବଙ୍କ କୃତିସମୂହ ଏକ ସୁବର୍ଣ୍ଣ ଓ ଐତିହାସିକ ସଂଯୋଜନ । ଊନବିଂଶ ଶତାବ୍ଦୀରେ ଗଢ଼ିଉଠିଥିବା ଏହି ଅନବଦ୍ୟ ସାରସ୍ୱତ ଆନ୍ଦୋଳନର ଧାରାକୁ ସ୍ପଷ୍ଟରୂପେ ନିରୀକ୍ଷଣ କରିବାର ଅନ୍ୟତମ ମାଧ୍ୟମ ସୁଡ଼ଙ୍ଗଦେବଙ୍କ ରଚନାସମଗ୍ର । ଏଣୁ ସୁଡ଼ଙ୍ଗ ଦେବଙ୍କ ଗ୍ରନ୍ଥାବଳୀର ପ୍ରକାଶନ ଅପରିହାର୍ଯ୍ୟ ତଥା ଏକ ଐତିହାସିକ ଆବଶ୍ୟକତା ।

୧୯୫୬ରେ ସୁଡ଼ଙ୍ଗଦେବଙ୍କ ପୌତ୍ର ଲାଲ ରବୀନ୍ଦ୍ରନାଥ ଦେବଙ୍କ ଉଦ୍ୟମରେ ''ବାସୁଦେବ ଗ୍ରନ୍ଥାବଳୀ'' ପ୍ରକାଶ ଲଭେ । ସେ ଶତଚେଷ୍ଟା ସତ୍ତ୍ୱେ 'ବୀରବାମା', 'ଚିତ୍ରୋତ୍ପଳା', 'ଜହ୍ନମାମୁ' (ସୁଡ଼ଙ୍ଗଦେବଙ୍କ ୧୨ ପଦ), 'ଅଳଙ୍କାର ବୋଧୋଦୟ', 'ଧର୍ମଶିକ୍ଷା' (ହିନ୍ଦୀ) ଓ 'ଜଣାଣ' ଏହି କେତୋଟି ରଚନାକୁ ଗ୍ରନ୍ଥାବଳୀରେ ଅନ୍ତର୍ଭୁକ୍ତ କରିଥିଲେ । ''ବହୁ ଚେଷ୍ଟା ଏବଂ ଅନୁସନ୍ଧାନ ସତ୍ତ୍ୱେ କବିଙ୍କ ରଚିତ ''କିଷ୍କିନ୍ଧ୍ୟା'' କାବ୍ୟ ନ ମିଳିବା ହେତୁ ଗ୍ରନ୍ଥାବଳୀସ୍ଥ କରିନପାରି ମର୍ମବେଦନା ସହିବାକୁ ପଡୁଛି'', ବୋଲି ସେ ଦୁଃଖ ପ୍ରକାଶ କରିଥିଲେ । ଗ୍ରନ୍ଥାବଳୀ (୧୯୫୬)ରେ ରବୀନ୍ଦ୍ରନାଥଦେବଙ୍କ 'ନିବେଦନ', ପ୍ରାଣକୃଷ୍ଣ ପରିଜାଙ୍କ 'ଭୂମିକା', ମାୟାଧର ମାନସିଂଙ୍କ 'ନରୋତ୍ତମ ସୁଡ଼ଙ୍ଗଦେବ', ଜୟକୃଷ୍ଣ ମିଶ୍ରଙ୍କ 'ଆଭାସ', ଗୌରୀକୁମାର ବ୍ରହ୍ମାଙ୍କ 'ଅଭିମତ' ସହିତ ସୁଡ଼ଙ୍ଗଦେବଙ୍କ ସଂକ୍ଷିପ୍ତ ଜୀବନବୃତ୍ତାନ୍ତ ସ୍ଥାନିତ ହୋଇଥିଲା । ଏତଦ୍‌ବ୍ୟତୀତ ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧିଙ୍କ ଲିଖିତାଂଶ, ବିଶ୍ୱନାଥ କରଙ୍କ 'ସମ୍ବଲପୁର-ହିତୈଷିଣୀ' ପ୍ରକାଶିତ 'ଭ୍ରମଣବୃତ୍ତାନ୍ତ'(୧୮୯୫)ର ଅଂଶ, ମଧୁରାଓଙ୍କ ସୁଡ଼ଙ୍ଗଦେବଙ୍କ ମୃତ୍ୟୁ ଉପଲକ୍ଷେ ରଚିତ 'ଶୋକଲହରୀ', ଫକୀରମୋହନଙ୍କ 'ଉତ୍କଳଭ୍ରମଣଂ'ରେ ସୁଡ଼ଙ୍ଗଦେବଙ୍କ ସଂପର୍କିତ ପଦ୍ୟାଂଶ, ବୃନ୍ଦାବନ ନାଥଶର୍ମାଙ୍କ ସତ୍ୟବାଦୀ (୧/୭)ରେ ପ୍ରକାଶିତ 'ସାହିତ୍ୟିକ ବେଠିଆ' ଆଲୋଚନାର ଅଂଶ ସୁଡ଼ଙ୍ଗଦେବଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ରୂପେ ପତ୍ରସ୍ଥ କରାଯାଇଥିଲା । ଏକ ଅପୂର୍ଣ୍ଣାଙ୍ଗ ଗ୍ରନ୍ଥାବଳୀ ହେଲେ ମଧ୍ୟ ଏ ଯାବତ୍ ସୁଡ଼ଙ୍ଗଦେବଙ୍କ ପ୍ରତିଭା ମୂଲ୍ୟାୟନ ଦିଗରେ ଏହା ଏକମାତ୍ର ଅବଲମ୍ବନ ରୂପେ ଗୃହୀତ । ରବୀନ୍ଦ୍ରନାଥ ଦେବଙ୍କ ଏ ଆଦ୍ୟ ପ୍ରଚେଷ୍ଟାକୁ ଶତଶତବାର ସ୍ମରଣ କରୁଛି ଓ ପ୍ରଣାମ ଜଣାଉଛି । ରବୀନ୍ଦ୍ରନାଥ ଦେବଙ୍କ ମହନୀୟ ପ୍ରଚେଷ୍ଟାକୁ ସହଯୋଗ କରିବାପାଇଁ ଅନେକ ବଦାନ୍ୟ ବ୍ୟକ୍ତି ଆଗେଇ ଆସିଥିଲେ । ସୁଡ଼ଙ୍ଗଦେବଙ୍କ ପରି ଜଣେ ଜ୍ଞାନତପସ୍ୱୀଙ୍କ ଗ୍ରନ୍ଥାବଳୀ ପ୍ରକାଶନର ବିଳମ୍ବ ସତ୍ତ୍ୱେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ । ଐତିହାସିକ ଦଲିଲ ରୂପେ ଉଲ୍ଲିଖିତ ଗ୍ରନ୍ଥାବଳୀରେ ସଂଯୁକ୍ତ ନିବେଦନ, ଭୂମିକା, ନରୋତ୍ତମ ସୁଡ଼ଙ୍ଗଦେବ, ଆଭାସ, ଅଭିମତ ଆଦିକୁ ସଂଶିତ ଗ୍ରନ୍ଥାବଳୀର ପରିଶିଷ୍ଟ-୩ରେ ଯୋଗ କରାଯାଇଛି ଏବଂ ଏଇ ଅବସରରେ ଉକ୍ତ ଲେଖକମାନଙ୍କୁ ସାରସ୍ୱତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

ଗ୍ରନ୍ଥାବଳୀ(୧୯୫୬)ରେ ଅନ୍ତର୍ଭୁକ୍ତ ରଚନାସମୂହର ପାଠ ବୈଜ୍ଞାନିକ ଭିତ୍ତିରେ ପାଠ୍ୟ ପ୍ରସ୍ତୁତ ହୋଇନଥିଲା । ଏପରିକି 'ଅଳଙ୍କାର ବୋଧୋଦୟ' (୧୮୮୬) ପୁସ୍ତକର ଶୁଦ୍ଧିପତ୍ରରେ ଦର୍ଶିତ ଅଶୁଦ୍ଧିସମୂହକୁ ସଂଶୋଧନ କରରାନଯାଇ ଗ୍ରନ୍ଥାବଳୀସ୍ଥ କରାଯାଇଥିଲା । ଏଣୁ ସଂଶିତ ଗ୍ରନ୍ଥାବଳୀରେ ସୁବ୍ରହ୍ମଦେବଙ୍କ ଜୀବିତାବସ୍ଥାରେ ପ୍ରକାଶିତ ସଂସ୍କରଣର ପାଠକୁ ଗ୍ରହଣ କରାଯାଇଛି । 'ଅଳଙ୍କାର ବୋଧୋଦୟ'ର ପ୍ରଥମ ସଂସ୍କରଣ (୧୮୮୬), ଚିତ୍ରୋତ୍ପଳାର (୧୮୯୩) ସଂସ୍କରଣ, ବୀରବାମା (୧୮୯୬) ସଂସ୍କରଣ, ଜହ୍ନମାମୁର (୧୯୦୩) ସଂସ୍କରଣର ପାଠକୁ ଗ୍ରହଣ-କରାଯାଇଛି । ଧର୍ମଶିକ୍ଷା (ହିନ୍ଦୀ), ଜଣାଣ କବିତାର ପାଠ ଗ୍ରନ୍ଥାବଳୀ(୧୯୫୬)ରୁ ଉଦ୍ଧୃତ ହୋଇଛି ।

ଗ୍ରନ୍ଥାବଳୀ(୧୯୫୬) ପ୍ରକାଶନ ସମୟରେ ପ୍ରଥମସଂସ୍କରଣର କେତେକ ସ୍ଥଳରୁ ସଂଶୋଧନ ଲକ୍ଷିତ ହୁଏ । ସଂଶିତ ସଂକଳନରେ ମୂଳ ପାଠକୁ ଗ୍ରହଣ-କରାଯାଇ ଗ୍ରନ୍ଥାବଳୀ (୧୯୫୬) ପାଠକୁ ପରିହାର କରାଯାଇଛି । ଉଦାହରଣ ସ୍ଥଳରେ କିଛି ଅଂଶ ଗ୍ରହଣ କରାଯାଇପାରେ ।

୧ । ଚିତ୍ରୋତ୍ପଳା – (ମୂଳପାଠ)

ପ୍ରପାତ ଉତ୍‌ପ୍ଲାବ ଭୀଷଣ କଲ୍ଲୋଳ ଦେଖି ଯାଏ ଜାନୁ ଥରି ।

ଗ୍ରନ୍ଥାବଳୀ ପାଠ –

ପ୍ରପାତ ଉତ୍‌ପ୍ଲାବ ଭୀଷଣ କଲ୍ଲୋଳ ଦେଖି ଯାଏ ଚିତ୍ତ ଥରି ।

୨ । ବୀରବାମା –

(କ) ମୂଳପାଠ– ଉନ୍ନତ ମଧରେ ଯାହା ବିଶ୍ୱ ଆଦର୍ଶକ (ପ୍ରଥମ ସର୍ଗ ୧୧ ପଂକ୍ତି)
ଗ୍ରନ୍ଥାବଳୀ ପାଠ : ଉନ୍ନତ ମଣିରେ ଯାହା ବିଶ୍ୱ ଆଦର୍ଶକ ।

(ଖ) ମୂଳ ପାଠ– କିଲ୍ଲା ପ୍ରାଚୀରରେ ସବୁ ହେଉଅଛି ଧୂଳି (୨ୟ ସର୍ଗ ୧୫ ପଂକ୍ତି)
ଗ୍ରନ୍ଥାବଳୀ ପାଠ : ଦୃଢ଼ ପ୍ରାଚୀରରେ ସବୁ ହେଉଅଛି ଧୂଳି ।

(ଗ) ମୂଳ ପାଠ– ମନେହୁଏ ବାମାଠାରେ ନାହିଁ ଦୟୋଦୟ (୨ୟ ସର୍ଗ ୩୨ ପଂକ୍ତି)
ଗ୍ରନ୍ଥାବଳୀ ପାଠ୍ୟ : ପ୍ରତେ ହୁଏ ବାମାଠାରେ ନାହିଁ ଦୟୋଦୟ ।

ବର୍ତ୍ତମାନର ଗ୍ରନ୍ଥାବଳୀରେ ନୂତନଭାବେ ଅନେକ ରଚନା ସଂଯୋଜିତ । ''କିଷ୍କିନ୍ଧ୍ୟା'' କାବ୍ୟକୁ ସମ୍ବଲପୁର ହିତୈଷିଣୀ ପୃଷ୍ଠାରୁ ଉଦ୍ଧାର କରାଯାଇଛି । ଏହା ସହିତ ଶବ୍ଦଗୁଣ, ଶବ୍ଦଦୋଷ, ଶବ୍ଦାଳଙ୍କାର ଚନ୍ଦ୍ରଭାଗାର ସମାଲୋଚନା ପ୍ରଭୃତି ରଚନା ସମ୍ବଲପୁର ହିତୈଷିଣୀରୁ ସଂଗୃହୀତ । ବୈଦିକ ପ୍ରସ୍ତାବ କ୍ରମରେ ସଂଯୋଜିତ ରଚନା ସମୂହ ଉତ୍କଳ ଦୀପିକା ପୃଷ୍ଠାରୁ ଗୃହୀତ । ଏହା ସହିତ ଚନ୍ଦ୍ରଭାଗା ସମସ୍ୟା ଓ ତା'ର ଉତ୍ତର, ଫକୀରମୋହନଙ୍କ ଭଗବଦ୍‌ଗୀତାର ସମାଲୋଚନା ମଧ ଦୀପିକାରୁ ସଂଗୃହୀତ ।

ସୁତ୍ପଳଦେବ 'ମୁକ୍ତିକୋପନିଷତ୍' ଓ 'ମଣିରତ୍ନମାଳା'କୁ ଓଡ଼ିଆରେ ଅନୁବାଦ କରି ପ୍ରକାଶ କରିଥିଲେ । ଏ ଅନୁବାଦଦ୍ୱୟ ମୂଳରଚନା ସହିତ ଏଥିରେ ସଂଯୋଜିତ । 'ଜନ୍ମମାମୁ' କବିତା ସଂକଳନର ସୁତ୍ପଳଦେବ ରଚିତ ୧୨ ପଦ ମାତ୍ର ପ୍ରଥମ ସଂସ୍କରଣ ଗ୍ରନ୍ଥାବଳୀରେ ପ୍ରଦତ୍ତ ହୋଇଥିଲା; କିନ୍ତୁ ଯୌଥ କବିତା ରଚନାର ପରଂପରାକୁ ବଳିଷ୍ଠ କରିବା ଦିଗରେ ଉତ୍ସର୍ଗୀତ ଏହି ସଂକଳନର ଐତିହାସିକ ମୂଲ୍ୟକୁ ସମ୍ମାନ ଜଣାଇ ସମ୍ପୂର୍ଣ୍ଣ ସଂକଳନଟି ପତ୍ରସ୍ଥ ହେଲା ।

ଏଥିରେ ମୁଦ୍ରିତ ବସନ୍ତ ବର୍ଣ୍ଣନ କବିତାଟି 'ଉପହାର' (୧୯୪୧) ପତ୍ରିକାରେ ସୁସାହିତ୍ୟିକ ବୃନ୍ଦାବନ ନାଥଶର୍ମାଙ୍କ ଉଦ୍ୟମରେ ପ୍ରକାଶ ପାଇଥିଲା । ସପ୍ତଶଲ୍ୟ ଶ୍ଳୋକଟି ଶ୍ରୀଯୁକ୍ତ ବିରଞ୍ଚିନାରାୟଣ ମିଶ୍ରଙ୍କ ସୌଜନ୍ୟରୁ ପ୍ରାପ୍ତ ଅପ୍ରକାଶିତ ବଡ଼ପଣ୍ଡା ଜୀବନୀରୁ ଗୃହୀତ । ରମାବାଈଙ୍କ ସହିତ କଥୋପକଥନ ପ୍ରସଙ୍ଗଟି 'ସମ୍ବଲପୁର ହିତୈଷିଣୀ'ରୁ ସଂଗୃହୀତ ।

ଏ ସଂକଳନରେ ସ୍ଥାନିତ ପ୍ରତିଟି ରଚନାପୂର୍ବରୁ ସଂପାଦକୀୟ ପ୍ରାକ୍‌ସୂଚନା ପ୍ରଦତ୍ତ ହୋଇଛି ଏବଂ ରଚନାର ଐତିହାସିକ ପ୍ରେକ୍ଷା ବିଶ୍ଳେଷଣ ପାଇଁ ସମକାଳୀନ ପତ୍ରପତ୍ରିକାର ଆଲୋଚନାଦି ସଂଯୁକ୍ତହୋଇଛି । ଚିଦ୍ରୋପୂଳା ଓ ଅଳଙ୍କାର ବୋଧୋଦୟର ଅଜସ୍ର ଆଲୋଚନା ମଧ୍ୟରୁ କେବଳ ନିର୍ବାଚିତ ଉପଯୁକ୍ତ ଆଲୋଚନାକୁ ଗ୍ରହଣ-କରାଯାଇଛି । ବୈଦିକ ପ୍ରସ୍ତାବ ସମୂହର ପ୍ରତିବାଦାଦିକୁ ପରିଶିଷ୍ଟରେ ଦିଆଯାଇଛି ।

'ଉତ୍କଳଦୀପିକା' ୧୮୮୬-୮୭ମସିହାର ସଂଖ୍ୟା ଗୁଡ଼ିକର ଅଧ୍ୟୟନବେଳେ ସୁତ୍ପଳ ଦେବଙ୍କ ରଚନା ଦେଖି ମୁଁ ସ୍ତବ୍ଧଚକିତ ହୋଇଉଠିଥିଲି । ଦୀପିକାର ପ୍ରଥମ ପୃଷ୍ଠାରେ 'ବାମଣ୍ଡା ବିଜ୍ଞାପନ' ଶୀର୍ଷକରେ ଏଗୁଡ଼ିକ ପ୍ରକାଶ ପାଉଥିଲା । ଏହି ରଚନା ଗୁଡ଼ିକ ଉପରେ ତର୍କବିତର୍କ ଦୀପିକାରୁ ସଂକ୍ରମିତ ହୋଇ ସେବକ, ସଂସ୍କାରକ ଓ ନବସଂବାଦକୁ ବ୍ୟାପିଥିଲା । 'ବିଜୁଳି-ଇନ୍ଦ୍ରଧନୁ' କଳହ ପୂର୍ବରୁ ଏକ ହୃଦ୍ୟ, ଆହ୍ଲାଦକ ଓ ନୀତିନିଷ୍ଠ ଆଧ୍ୟାତ୍ମିକ ବିତର୍କ ଗଢ଼ିଉଠିଥିଲା । ବିଜୁଳି-ଇନ୍ଦ୍ରଧନୁ କଳହରେ ଅଶାଳୀନ ଭାଷା ପ୍ରୟୋଗ ସାରସ୍ୱତ ସଂଗ୍ରାମକୁ କଳୁଷିତ କରିଥିଲା; କିନ୍ତୁ ଉଲ୍ଲିଖିତ ଆଧ୍ୟାତ୍ମିକ ସଂଗ୍ରାମ ଥିଲା ରୁଚିପୂର୍ଣ୍ଣ, ଜ୍ଞାନଗର୍ଭିତ ଓ ବହୁଶାସ୍ତ୍ରଦର୍ଶୀ ପ୍ରାପ୍ତିଦ୍ୱୟର ନିଦର୍ଶନ । ସୁତ୍ପଳଦେବଙ୍କ ପ୍ରତିଭାର ମୂଲ୍ୟାୟନ ସମୟରେ କୌଣସି ଆଲୋଚକ ଏହି ଲେଖାଗୁଡ଼ିକୁ ଆଲୋଚନା କରିଥିବାର ମୋ ଦୃଷ୍ଟିକୁ ଆସିନାହିଁ । ପୁନଶ୍ଚ ଜଣେ ସୃଷ୍ଟିଶୀଳ ସାହିତ୍ୟିକ ଯାହାଙ୍କୁ କେନ୍ଦ୍ରକରି ଊନବିଂଶ ଶତକର ଓଡ଼ିଆ ସାହିତ୍ୟ ପରିପୁଷ୍ଟ ହୋଇଥିଲା— ତାହାଙ୍କର ସୃଷ୍ଟି ଏତେ ସୀମିତ ହୋଇପାରେକି ? ଏହି ପ୍ରଶ୍ନ ମୋତେ ଚେତନରେ ଅବଚେତନରେ ବାରଂବାର ବ୍ୟଥିତ କରିଛି । ତେଣୁ ସୁତ୍ପଳଦେବଙ୍କ ରଚନାସମଗ୍ର ସଂକଳନ ମୋ ପାଇଁ ଏକ ନୈତିକ ଓ ଜାତୀୟ କର୍ତ୍ତବ୍ୟ ହୋଇଉଠିଛି ।

ଅନେକ ଯତ୍ନ ସତ୍ତ୍ୱେ ସୂର୍ଯ୍ୟଦେବଙ୍କ ସମସ୍ତ ରଚନା ସଂଗ୍ରହ କରିବା ସମ୍ଭବ ନୁହେଁ । ସମକାଳୀନ ପତ୍ରପତ୍ରିକାରେ ପ୍ରକାଶିତ ତାଙ୍କର ଅନେକ ରଚନା ଲୋକଲୋଚନ ଅଗୋଚରରେ ରହିଯାଇଛି । 'ସଂସ୍କାରକ ଓ ସେବକ'ର ୧୮୮୬, ୧୮୮୭ ମସିହାର ସଂଖ୍ୟା ଗୁଡ଼ିକରେ ପ୍ରକାଶିତ କେତେକ ରଚନା ସଂଗ୍ରହ ହୋଇପାରିନାହିଁ । ଉଦ୍ୟମ ଚାଲିଛି; ପରବର୍ତ୍ତୀ ସଂସ୍କରଣରେ ସେଗୁଡ଼ିକ ସ୍ଥାନିତ କରିବାର ଆଶା ରଖୁଛି ।

ଏ ସଂକଳନର ସମସ୍ତ ଶ୍ରେୟ ଗବେଷକ ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ଦାଶଙ୍କ ପ୍ରାପ୍ୟ । ତାଙ୍କର ପ୍ରେରଣା ବିନା ଏହି କାର୍ଯ୍ୟ ମୋ'ଦ୍ୱାରା ସମ୍ଭବ ହୋଇପାରିନଥାନ୍ତା । ସେ ପ୍ରତି ଛତ୍ରେ ଛତ୍ରେ ମୋତେ ଉଚିତ ଦିଗ୍‌ଦର୍ଶନ ଦେଇଛନ୍ତି । ଗ୍ରନ୍ଥ ସଂପାଦନାର ବୈଜ୍ଞାନିକଦିଗ ସମ୍ପର୍କରେ ସେ ମୋତେ ସଚେତନ କରିଛନ୍ତି । କେବଳ ସେତିକି ନୁହେଁ : ସେ ମଧୁସୂଦନ ରାଓଙ୍କ ଅଳଙ୍କାର ବୋଧୋଦୟର ସମାଲୋଚନା, ଲାଲା ରାମନାରାୟଣ ରାୟଙ୍କ 'ଚିତ୍ରୋତ୍ପଳାର ସମାଲୋଚନା'ର ଅଂଶ, 'ବାଲେଶ୍ୱର ସମ୍ବାଦ ବାହିକା'ରେ ପ୍ରକାଶିତ ଅଳଙ୍କାର ବୋଧୋଦୟ ସମାଲୋଚନା, ପ୍ରତିସମାଲୋଚନା ଏବଂ 'ସଂସ୍କାରକ ଓ ସେବକ' ପ୍ରକାଶିତ ମୁକ୍ତିକୋପନିଷତ୍ ସମାଲୋଚନା ଯୋଗାଇଦେଇ ମୋ' କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି । ତାଙ୍କର ଅନନ୍ୟ ସାହାଯ୍ୟକୁ କେବଳ ପ୍ରଣାମ ଜଣାଉଛି ।

ପଣ୍ଡିତ ମଧୁସୂଦନ ଗୁରୁଙ୍କ ଉଦାରତାରୁ 'ମୁକ୍ତିକୋପନିଷଦ୍' ଓ ଶ୍ରୀ ବିରଞ୍ଚି ନାରାୟଣ ମିଶ୍ରଙ୍କ ସୌଜନ୍ୟରୁ 'ସପ୍ତଶଲ୍ୟ' ପ୍ରାପ୍ତ ହୋଇଥିବାରୁ କୃତଜ୍ଞତା ଜଣାଉଛି । ଗ୍ରନ୍ଥାବଳୀ ସଂପାଦନ ସମୟରେ ବିଭିନ୍ନ ଅନୁଷ୍ଠାନର ସାହାଯ୍ୟକୁ ସ୍ମରଣ କରୁଛି । ଉତ୍କଳ ସାହିତ୍ୟ ସମାଜ, କଟକର ଶ୍ରୀଯୁକ୍ତ ଚିତ୍ତରଞ୍ଜନ କର, ରାଜ୍ୟଅଭିଲେଖାଗାର, ଭୁବନେଶ୍ୱରର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ ପାଇଁ ସାଧୁବାଦ ଜଣାଉଛି ।

ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପାଇଁ ଉତ୍ସର୍ଗୀକୃତ ଅନୁଷ୍ଠାନ ରାଉରକେଲାର 'ପ୍ରଗତି ଉତ୍କଳ ସଂଘ' ଏହି ଗ୍ରନ୍ଥାବଳୀର ପ୍ରକାଶନ ଦାୟିତ୍ୱ ସ୍ୱତଃପ୍ରବୃତ୍ତଭାବେ ଗ୍ରହଣକରି ଏକ ଐତିହାସିକ ଆବଶ୍ୟକତା ପୂରଣ କରିଛି । ଉତ୍କଳଦିବସ ପାଳନ ଓ ମଧୁବାବୁ ଜୟନ୍ତୀ ପାଳନର ପ୍ରଥମ ଉଦ୍ୟମ ଏହି ଅନୁଷ୍ଠାନ କରିଥିଲା । ମଧୁବାବୁଙ୍କ ଚିନ୍ତା ଓ ଚେତନାକୁ ବହୁପ୍ରସାରୀ କରି ଏକ ସୁସ୍ଥ ସଚେତନ ସମାଜ ଜୀବନଗଠନ ଏହି ସଂଘର ଆଭିମୁଖ୍ୟ । ଓଡ଼ିଆ ବୀରପୁରୁଷଗଣଙ୍କ ଜୀବନୀ ପ୍ରକାଶ କରିବାର ମହନୀୟ ଉଦ୍ୟମର ଅନ୍ୟତମ ବଳିଷ୍ଠ ଦୃଷ୍ଟାନ୍ତ 'ବାସୁଦେବ ଗ୍ରନ୍ଥାବଳୀ' ପ୍ରକାଶନ । ଏହି ପ୍ରେକ୍ଷାପଟରେ 'ପ୍ରଗତି ଉତ୍କଳ ସଂଘ'ର ସମସ୍ତ କର୍ମକର୍ତ୍ତାମାନଙ୍କୁ ମୋର କୃତଜ୍ଞତା ଜଣାଉଛି । ବିଶେଷକରି ଅନୁଷ୍ଠାନର ଉପସଭାପତି ଡକ୍ଟର ଶ୍ରୀଚରଣ ମହାନ୍ତିଙ୍କ ସହଯୋଗ ଓ ଉଦ୍ୟମ ପ୍ରତି ଭକ୍ତିପୂତ ପ୍ରଣାମ କରୁଛି ।

ସୂର୍ଯ୍ଯଦେବଙ୍କ ଇତଃସ୍ତତଃ ରଚନାସମୂହକୁ ଏକତ୍ରିତ କରିବାରେ ଏବଂ ପାଠ୍ୟ ପ୍ରସ୍ତୁତି ସମୟରେ ବନ୍ଧୁ ସନ୍ତୋଷ କୁମାର ମହାପାତ୍ରର ସହଯୋଗ ଭୁଲିବାର ନୁହେଁ । ବୁଲ୍ଟୀ ଓ ବାଉଲର ତତ୍ପରତା ମୋତେ ଆଗେଇ ନେଇଛି । ସର୍ବୋପରି ଘରର ଯାବତୀୟ କାର୍ଯ୍ୟକୁ ମୁଣ୍ଡେଇ ମୋତେ ସଂପାଦନା କାର୍ଯ୍ୟ ପାଇଁ ଅବସର ଦେଇଥିବାରୁ ପ୍ରିୟତମା ପତ୍ନୀ ଶୈଳବାଳା ନନ୍ଦଙ୍କୁ ଆନ୍ତରିକ ସ୍ନେହ ପ୍ରଦାନ କରୁଛି ।

ସର୍ବଶେଷରେ ଏହି ପୁସ୍ତକର ମୁଦ୍ରଣ ଦାୟିତ୍ୱ ନେଇଛନ୍ତି କଟକ 'ଅପ୍ରତିମା ପ୍ରିଣ୍ଟର୍ସ୍' ର ଶ୍ରୀମାନ୍ ତପନ କୁମାର ମହାପାତ୍ର ତାଙ୍କର ଯତ୍ନରୁ ଅଳ୍ପ ସମୟ ମଧ୍ୟରେ ଗ୍ରନ୍ଥଟିର ସୁଦୃଶ୍ୟ ମୁଦ୍ରଣ ସମ୍ଭବପର ହୋଇଛି । ଏହି ଅବସରରେ ଶ୍ରୀମାନ୍ ମହାପାତ୍ରଙ୍କୁ ଧନ୍ୟବାଦ ପ୍ରଦାନ କରୁଅଛି ।

ଏହି ଗ୍ରନ୍ଥାବଳୀର ପରିକଳ୍ପନା ବହୁ ପୂର୍ବରୁ କରାଯାଇଥିଲେ ମଧ୍ୟ ତାହାର ସଂଯୋଜନା ତଥା ସଂପାଦନା, ସମ୍ପାଦକୀୟ ରଚନା ଆଦି ସ୍ୱଳ୍ପ ସମୟ ଭିତରେ ସମାହିତ ହୋଇଛି ତା'ସହିତ କଟକଠାରୁ ଦୂରରେ ରହିବା ଫଳରେ ମୁଦ୍ରଣ କାର୍ଯ୍ୟ ଯଥାଯଥ ଭାବେ ତଦାରଖ କରିପାରିନାହିଁ । ସେଥିପାଇଁ କେଉଁଠି କେଉଁଠି ମୁଦ୍ରଣଗତ ତ୍ରୁଟି ରହିଯାଇଥାଇପାରେ । ସେଥିପାଇଁ ସୁଧି ପାଠକବର୍ଗଙ୍କଠାରୁ କ୍ଷମା ପ୍ରାର୍ଥନା କରୁଅଛି । ସେସବୁ ତ୍ରୁଟିକୁ ମୋର ଦୃଷ୍ଟିକୁ ଆଣିଲେ ପରବର୍ତ୍ତୀ ସଂସ୍କରଣରେ ସଂଶୋଧନ କରିବାପାଇଁ ଚେଷ୍ଟା କରିବି । ଇତି ।

ଦେବଗଡ଼ — ଫଣୀନ୍ଦ୍ର ଭୂଷଣ ନନ୍ଦ

ମହାବିଷୁବ ସଂକ୍ରାନ୍ତି, ୧୪୧୩ ସାଲ

# ସୂଚୀପତ୍ର

□ ମୁଖଶାଳା ୩
□ ସାର୍ ବାସୁଦେବ,ସୁଦ୍ଧଳଦେବ : ବ୍ୟକ୍ତିତ୍ୱ ଓ କବିତ୍ୱ ୧୭

## ଗଦ୍ୟ ବିଭାଗ

□ ଅଳଙ୍କାର ବୋଧୋଦୟ ୭୫
— ପ୍ରାକ୍ ସୂଚନା ୭୭
— ଅଳଙ୍କାର ବୋଧୋଦୟର ସୂଚୀପତ୍ର ୭୮
— ଭୂମିକା ୮୨
— ରାଧାନାଥଙ୍କ ମନ୍ତବ୍ୟ ୮୪
— ଅଳଂକାର ବୋଧୋଦୟ ୮୫
— ଅଳଙ୍କାର ବୋଧୋଦୟ ବିଜ୍ଞାପନ ୧୬୧
— ଅଳଙ୍କାର ବୋଧୋଦୟ ସମାଲୋଚନା – (ଉତ୍କଳ ଦୀପିକା)୧୬୨
— ଅଳଙ୍କାର ବୋଧୋଦୟ ସମାଲୋଚନା (ବାଲେଶ୍ୱର ସଂବାଦବାହିକା) ୧୬୩
— ଅଳଙ୍କାରବୋଧୋଦୟ ସମାଲୋଚନାର ଶ୍ରୀବାମଣ୍ଡାଙ୍କଦ୍ୱାରା ପ୍ରତି-ସମାଲୋଚନା ଉପରେ ସଂବାଦ ବାହିକାର ମତ ୧୬୫
— ଅଳଙ୍କାର ବୋଧୋଦୟ ସମାଲୋଚନା (ଶିକ୍ଷାବନ୍ଧୁ) ୧୬୫
□ ବୈଦିକ ପ୍ରସ୍ତାବ ୧୬୯
— ପ୍ରାକ୍ ସୂଚନା ୧୭୦
— ପ୍ରଥମ ପ୍ରସ୍ତାବ ୧୭୪
— ଦ୍ୱିତୀୟ ପ୍ରସ୍ତାବ ୧୭୫
— ତୃତୀୟ ପ୍ରସ୍ତାବ ୧୭୬
— ଚତୁର୍ଥ ପ୍ରସ୍ତାବ ୧୭୭
— ପଞ୍ଚମ ପ୍ରସ୍ତାବ ୧୭୯
— ଷଷ୍ଠ ପ୍ରସ୍ତାବ ୧୮୧
— ସପ୍ତମ ପ୍ରସ୍ତାବ ୧୮୨
— ବାମଣ୍ଡା (ପ୍ରସନ୍ନ ଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ସହ ଆଲୋଚନା) ୧୮୪

– ବ୍ରାହ୍ମମାନେ ହିନ୍ଦୁ କି ନା ? ୧୮୫
– ସେବକ ୨୧ ସଂଖ୍ୟାର "ବ୍ରାହ୍ମଣମାନେ ହିନ୍ଦୁ କି ନା" ଏହି ବିଷୟର ପ୍ରତିବାଦର ପ୍ରତିବାଦ ୧୮୬
– ଉତ୍କଳ ଦୀପିକା ୪୮ ସଂଖ୍ୟା ୩୮୨ ପୃଷ୍ଠା ଲିଖିତ ଧର୍ମ ସମ୍ବନ୍ଧୀୟ ଉତ୍ତର ୧୮୭
– ଉତ୍କଳ ଦୀପିକା ୪୯ ସଂଖ୍ୟା ୩୯୧ ପୃଷ୍ଠା ୧ମ ସ୍ତମ୍ଭର ଉତ୍ତର ୧୮୭
– ଉତ୍କଳଦୀପିକା ୫୧ ସଂଖ୍ୟା ୪୦୬ ପୃଷ୍ଠାର ୧ମ ସ୍ତମ୍ଭ ସମ୍ବନ୍ଧେ ୧୮୮
– ଉତ୍କଳ ଦୀପିକା ତା–୮-୧-୧୮୮୭ ମସିହାର ୧୮୮
ଶ୍ରୀ ବାବୁ ଲଳିତମୋହନ ଚକ୍ରବର୍ତ୍ତୀଙ୍କ ପ୍ରସ୍ତାବ ସମ୍ବନ୍ଧେ ୧୮୯
– ବ୍ରାହ୍ମ ଧର୍ମର କୁଟିଳତା ୧୯୦
– ଲଳିତ ମୋହନ ଚକ୍ରବର୍ତ୍ତୀଙ୍କ ସମାଲୋଚନାର ଉତ୍ତର ୧୯୨
– ବେଦ ସ୍ୱତଃସିଦ୍ଧ – ଏହାର ପ୍ରତିବାଦର ଉତ୍ତର ୧୯୩
– ଚନ୍ଦ୍ରଭାଗା ୧୯୪
– ଚନ୍ଦ୍ରଭାଗାର ଉତ୍ତର ୧୯୪
– ଭଗବଦ୍‌ଗୀତାର ସମାଲୋଚନା ୧୯୫
– ଶବ୍ଦଗୁଣ ୧୯୬
– ଶବ୍ଦଦୋଷ ୧୯୭
– ଶବ୍ଦାଳଙ୍କାର ୧୯୭
– ଚନ୍ଦ୍ରଭାଗାର ସମାଲୋଚନା ୧୯୮

□ ଅନ୍ୟାନ୍ୟ ରଚନା ୨୦୧

– ପ୍ରାକ୍ ସୂଚନା ୨୦୨
– ଉପହାର ୨୦୩
– ବିସୂଚିକା ଚିକିତ୍ସା ୨୦୩
– ଅଳଙ୍କାର ସାରର ମୁଖବନ୍ଧ ୨୦୪
– ଜୀବନ ଦର୍ପଣର ଅଭିମତ ୨୦୫
– Important Notice ୨୦୬
– ବାଲ୍ୟବିବାହ ବିରୁଦ୍ଧରେ ପ୍ରଚାର ୨୦୬
– ଧର୍ମ୍ମଶିକ୍ଷା (ଧର୍ମଶିକ୍ଷା – ହିନ୍ଦୀ) ୨୦୭

□ ଅନୁବାଦ ସାହିତ୍ୟ ୨୩୩

— ପ୍ରାକ୍ ସୂଚନା ୨୩୪
— ମୁକ୍ତିକୋପନିଷତ୍ ୨୩୫
— ମୁକ୍ତିକୋପନିଷତ୍ ସମାଲୋଚନା (ସଂସ୍କାରକ ଓ ସେବକ) ୨୬୫
□ ମଣିରତ୍ନମାଳା ୨୬୭


## ପଦ୍ୟ ବିଭାଗ


□ ଚିଲ୍ରୋପ୍ଳା ୨୮୧
— ପ୍ରାକ୍ ସୂଚନା ୨୮୨
— ୩ୟ ସଂସ୍କରଣର ଭୂମିକା ୨୮୩
— ପ୍ରଥମ ସଂସ୍କରଣର ଭୂମିକା ୨୮୪
— ଚିଲ୍ରୋପ୍ଳା ୨୮୫
— ଚିଲ୍ରୋପ୍ଳାର ସମାଲୋଚନା — ଲାଲା ରାମନାରାୟଣ ରାୟ ୨୯୬
— ପ୍ରତିବାଦ ସମ୍ବନ୍ଧେ ବକ୍ତବ୍ୟ — ଲାଲା ରାମନାରାୟଣ ରାୟ ୩୦୧
— ଚିଲ୍ରୋପ୍ଳାର ଦୋଷ ପରିହାର — ଚିନ୍ତାମଣି ମିଶ୍ର ଶର୍ମା ୩୦୨
— ଚିଲ୍ରୋପ୍ଳା ଓ ସମାଲୋଚକ — ଦାମୋଦର ପଟ୍ଟନାୟକ ୩୦୩
□ କିଷ୍କିନ୍ଧ୍ୟା ୩୦୯
— ପ୍ରାକ୍ ସୂଚନା ୩୧୦
— କିଷ୍କିନ୍ଧ୍ୟା ୩୧୧
□ ବୀରବାମା ୩୧୫
— ପ୍ରାକ୍ ସୂଚନା ୩୧୭
— ଭୂମିକା ୩୧୮
— ବୀରବାମା ୩୧୯
□ ଜହ୍ନମାମୁଁ ୩୩୧
— ପ୍ରାକ୍ ସୂଚନା ୩୩୩
— ବାତ୍ସଲ୍ୟୋପହାର ୩୩୪
— ରାୟ ରାଧାନାଥ ବାହାଦୂରଙ୍କ ମନ୍ତବ୍ୟ ୩୩୫
— ସୂଚୀପତ୍ର ୩୩୫
— ଜହ୍ନମାମୁଁ ୩୩୬
□ ଅନ୍ୟାନ୍ୟ କବିତା ୩୫୩

– ପ୍ରାକ୍ ସୂଚନା ୩୫୪
– ବସନ୍ତ ବର୍ଣ୍ଣନ ୩୫୫
– ଜଣାଣ ୩୫୬
– ସପ୍ତଶଲ୍ୟ ୩୫୮
– ରମାବାଈଙ୍କ ସହିତ କଥୋପକଥନ ୩୫୮

## ପରିଶିଷ୍ଟାବଳୀ

୧. (କ) ପ୍ରଶଂସା ପତ୍ର ୩୬୦
(ଖ) ଦୀନନାଥ ବନ୍ଦ୍ୟୋପାଧ୍ୟାୟଙ୍କ ପ୍ରେରିତ ପତ୍ର ୩୬୦
(ଗ) ତାରାକାନ୍ତ ବିଦ୍ୟାସାଗରଙ୍କ ପତ୍ର ୩୬୧
(ଘ) ଉପହାର ୩୬୧
(ଙ) ସୁଦ୍ଧଳଦେବଙ୍କ ସମାଧି ସ୍ତମ୍ଭ ୩୬୨
(ଚ) Land acquisition by Bengal Nagpur Railway at Bamra ୩୬୩
୨. (କ) ନିବେଦନ – ଲଳିତ ମୋହନ ଚକ୍ରବର୍ତ୍ତୀ ୩୬୪
(ଖ) ବେଦ ମନୁଷ୍ୟ ରଚିତ କି ନା ? ୩୭୪
(ଗ) ପଣ୍ଡିତ ପ୍ରସନ୍ନଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ପତ୍ର ୩୭୬
(ଘ) ପ୍ରେରିତ ପତ୍ର ୩୭୮
(ଙ) ପ୍ରେରିତ ପତ୍ର ୩୭୮
(ଚ) ଶ୍ରୀ ନିମାଇବଲ୍ଲଭ ବିଦ୍ୟାସାଗରଙ୍କ ପତ୍ର ୩୭୯
(ଛ) ସମ୍ବାଦପତ୍ର ଯୁଦ୍ଧ ୩୭୯
(ଜ) A Statute of the Rajah of Bamra ୩୮୦
(ଝ) ସୁଦ୍ଧଳଦେବଙ୍କ ତିରୋଧାନରେ ଉତ୍କଳଦୀପିକାର ଶୋକପ୍ରକାଶ ୩୮୦
୩. (କ) ନିବେଦନ – ଲାଲ ଶ୍ରୀ ରବୀନ୍ଦ୍ରନାଥ ଦେବ ୩୮୨
(ଖ) ଭୂମିକା – ପ୍ରାଣକୃଷ୍ଣ ପରିଜା ୩୮୪
(ଗ) ନରୋତ୍ତମ ସୁଦ୍ଧଳଦେବ – ମାୟାଧର ମାନସିଂହ ୩୮୬
(ଘ) ଆଭାସ – ଜୟକୃଷ୍ଣ ମିଶ୍ର ୩୮୯
(ଙ) ଅଭିମତ – ଗୌରୀକୁମାର ବ୍ରହ୍ମା ୩୯୪
୪. ସଂଯୋଜନ – ୩୯୬
୫. ଗ୍ରନ୍ଥସୂଚୀ – ୪୧୬
୬. ସ୍ୱ-ହସ୍ତ ଲିଖିତ ବସନ୍ତବର୍ଣ୍ଣନ – କିୟଦାଂଶ ଓ ଅନ୍ୟାନ୍ୟ ୪୨୪-୪୩୨ ।



ରାଜା ସାର୍ ବାସୁଦେବ ସୁଢ଼ଳଦେବ

ଆବିର୍ଭାବ : ୧୧.୫.୧୮୫୧ ତିରୋଧାନ : ୧୯.୧୧.୧୯୦୩

# ସାର୍ ବାସୁଦେବ ସୁଢ଼ଳଦେବ
## ବ୍ୟକ୍ତିତ୍ୱ ଓ କବିତ୍ୱ

# ସାର୍ ବାସୁଦେବ ସୁଢ଼ଳଦେବ :
# ବ୍ୟକ୍ତିତ୍ୱ ଓ କବିତ୍ୱ

ଜ୍ଞାନତପସ୍ୱୀ ସୁଢ଼ଳଦେବ ଆଧୁନିକ ଓଡ଼ିଆ ସାହିତ୍ୟର ସର୍ବଶ୍ରେଷ୍ଠ ସ୍ଥପତି । ଏହି ପ୍ରତିଭା ଅନ୍ଧକାରମୟ ଯୁଗରେ ଏକ ଉଜ୍ଜ୍ୱଳ ସାରସ୍ୱତ ପଥ ନିର୍ମାଣ କରିଥିଲା । ଯୁଗ-ଯୁଗ ଧରି ପଥ ହୁଡ଼ିଥିବା ଓଡ଼ିଆ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସମ୍ମିଶ୍ରଣରେ ଆଧୁନିକ ଓ ପ୍ରାଚୀନ ଧାରାର ସମନ୍ୱୟରେ ନିଜସ୍ୱ ସଂସ୍କୃତିର ଏକ ନୂଆ ପରିଚୟ ଲାଭ କରିଥିଲା । ସୁଢ଼ଳଦେବଙ୍କ ସୀମିତ ଜୀବନକାଳର କର୍ମବ୍ୟଞ୍ଜନା ଓଡ଼ିଆ ସାରସ୍ୱତ କ୍ଷେତ୍ରକୁ ଋଦ୍ଧିମନ୍ତ କରିଥିଲା; ପରବର୍ତ୍ତୀ ସାଧକମାନଙ୍କୁ ଉପଯୁକ୍ତ ପଥ ପ୍ରଦର୍ଶନ କରିଥିଲା ।

ସୁଢ଼ଳଦେବ ଥିଲେ ଯଥାର୍ଥରେ କର୍ମର କବି । କର୍ମ ମାଧ୍ୟମରେ ସେ ଅନଶ୍ୱର କାବ୍ୟକୁ ପରିସ୍ଫୁଟ କରିଥିଲେ । କାବ୍ୟ ତାଙ୍କର କଳ୍ପନାବିଳାସ ନଥିଲା ବରଂ ଥିଲା ଦୈନନ୍ଦିନ ଜୀବନର ଏକ ଅପରିହାର୍ଯ୍ୟ ଅଙ୍ଗ । କାବ୍ୟ ଓ କର୍ମ ମାଧ୍ୟମରେ ସମାଜ-ଜୀବନକୁ ଋଦ୍ଧିମନ୍ତ କରିବା ଥିଲା ତାଙ୍କର ପରମ ଅଭିପ୍ରାୟ । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଏକ ଉପାନ୍ତ ରାଜ୍ୟର ଶାସକ ହୋଇ ମଧ୍ୟ ସେ ସମଗ୍ର ଓଡ଼ିଶାର ସାଂସ୍କୃତିକ କାଳିମା ବିଦୂରିତ କରିଥିଲେ । ଏ ପ୍ରସଙ୍ଗରେ ରାଧାନାଥଙ୍କ ଉଦ୍‌ଘୋଷଣା ପ୍ରଣିଧାନଯୋଗ୍ୟ –

"ପାହିଲାଣି ଘୋର ତାମସୀ ଯାମିନୀ
ଫୁଟିବ ଉତ୍କଳ ଭାଷା କମଳିନୀ
ଏ ଘୋର ଯାମିନୀ ଅବସାନ ଶଂସି
କାବ୍ୟତାରା ରୂପେ ବୀର ଗଙ୍ଗବଂଶି
ଉଦିଲେ ପ୍ରଥମେ ବାମଣ୍ଡା ରାଜନ
ବାସୁଦେବ ବିଶ୍ୱ କଲ୍ୟାଣଭାଜନ ।" (ଚିଲିକା)

ନିରପେକ୍ଷ ସାରସ୍ୱତ ଦରବାରର ଅପରୂପ ବିଂଧାଣୀରୂପେ ସୁଢ଼ଳଦେବ ସମ୍ମାନିତ । ଶାସକ ଓ ସାଧକର ଅପୂର୍ବ ସମନ୍ୱୟରେ କବି ଓ କର୍ମୀର ପରିପୂରକତାରେ ସୁଢ଼ଳ ପ୍ରତିଭା ପ୍ରତିଷ୍ଠିତ । ଶାସକ ହୋଇ ମଧ୍ୟ ସାଧାରଣ ମାନବତ୍ୱର ବ୍ୟଞ୍ଜନାରେ ତାଙ୍କର ପ୍ରାଣ ଝଙ୍କୃତ । ୧୮୯୨ ସାଲର ଏକ ଘଟଣାକୁ ମହନୀୟଭାବେ ସ୍ମରଣ କରନ୍ତି ଶଶିଭୂଷଣ ରାୟ :

ପୁଣି ଯେତେବେଳେ ଚତୁରଶ୍ୱ ସଂଯୋଜିତ ଲାଣ୍ଡୋ ଗାଡ଼ିରେ ଲେଖକ ବାମଣ୍ଡା ନରପତି ଏବଂ ତାହାଙ୍କର ବଂଶଧରଙ୍କୁ ଘେନି କଲିକତାର ନାନା ସ୍ଥାନ ଭ୍ରମଣାର୍ଥ ବାହାରିଲା ସେତେବେଳେ ସେହି ଯାନରେ ୰ ରାଜା ସର୍ ସୁଡ଼ଳଙ୍କର ସମ୍ମୁଖରେ ଅତି ସଙ୍କୋଚରେ ଲେଖକ ବସିଥାଏ — ଅବଶ୍ୟ ନିଜର ଚରଣ-ଦ୍ୱୟକୁ ଖୁବ୍ ସନ୍ତର୍ପଣରେ ଜାକିଦେଇ ବସିଥାଏ । ତାହା ୰ ସର୍ ସୁଢ଼ଳଙ୍କର ଦୃଷ୍ଟି ପଡ଼ିବା ମାତ୍ରେ ୰ ରାଜା ତାହାଙ୍କର ଶ୍ରୀକରରେ ଲେଖକର ଦୁଇ ଗୋଡ଼ ଧରି ନିଜର ଉଭୟ ପାଦ ମଧ୍ୟରେ ରଖିଦେଲେ । ଏହି ରୂପେ ପ୍ରାୟ ଏକ ସପ୍ତାହ ବ୍ୟାପୀ କଲିକତା ଦର୍ଶନ ଚାଲିଥାଏ । ଚତୁରଶ୍ୱ ଯାନଟି ପ୍ରତ୍ୟୋହ ଟ୧୦୦ଙ୍କା ଭଡ଼ାରେ Cook କଂପାନୀ ଯୋଗାଉଥିଲା । ୰ ରାଜା ସର୍ ସୁଢ଼ଳଦେବଙ୍କ ସାରଲ୍ୟ ଓ ବିନୟର ପରିଚୟ ଲେଖକ ସେହି ସମୟରୁ ପାଇଥିଲା ।

[ବାମଣ୍ଡା ସ୍ମୃତି—ନବୀନ (୭/୮)—୧୦-୯-୧୯୩୫]

ଯୁଗପୁରୁଷ ସୁଢ଼ଳଦେବଙ୍କ ବ୍ୟକ୍ତିତ୍ୱ ଓ କବିତ୍ୱର ନିରପେକ୍ଷ ମୂଲ୍ୟାୟନ ଦିଗରେ ବକ୍ଷ୍ୟମାଣ ଆଲୋଚନା ଅଭିପ୍ରେତ ।

ସୁଢ଼ଳଦେବ ଉତ୍କଳୀୟ ବାଙ୍ମୟରେ ଏକ ଆହ୍ଲାଦମୟ ଉଚ୍ଚାରଣ । ସେ ନିଜସ୍ୱ ଦାନରେ ଓଡ଼ିଶାର ସାରସ୍ୱତ ଜଗତକୁ ଋଦ୍ଧିମନ୍ତ କରିଥିଲେ । ଓଡ଼ିଶାର ସାରସ୍ୱତ-ସେବୀଙ୍କୁ ଅନନ୍ୟ ପୃଷ୍ଠପୋଷକତାରେ ପ୍ରବୋଧିତ କରିଥିଲେ । ତାଙ୍କ ଶୁଭ-ଆବିର୍ଭାବରେ ଓଡ଼ିଆ ଭାଷା-ସାହିତ୍ୟର ଅନ୍ଧକାର ଦୂରୀଭୂତ ହୋଇଥିଲା । ଏକ ସାରସ୍ୱତ ଅଭାବବୋଧ ତାଙ୍କ ପ୍ରତିଭାକୁ ଶୋକଜର୍ଜର କରିଥିଲା; କରିଥିଲା ଦୀପ୍ତ ଓ ସୃଷ୍ଟିଶୀଳ । କର୍ମ ଓ ଜ୍ଞାନର ନୀରଜନା ଭିତରେ ସେ ଜୀବନ ଓ ଜଗତ୍‌କୁ ଋଦ୍ଧୋତ୍ତୀର୍ଣ୍ଣ କରିଥିଲେ ।

ବାସୁଦେବ ଅରଣ୍ୟବେଷ୍ଟିତ, ସଭ୍ୟଜଗତ୍‌ରୁ ବିଚ୍ଛିନ୍ନ, ଅନ୍ଧକାରାଚ୍ଛନ୍ନ ଗଡ଼ଜାତ ବାମଣ୍ଡାର ରାଜ ପରିବାରରେ ଜନ୍ମଗ୍ରହଣ କରିଥିଲେ । ୧୨୫୮ ସାଲ ବୈଶାଖ ୨୮ ଦିନ ବା ଇଂରାଜୀ ମେ ୧୧, ୧୮୫୧ ତାରିଖରେ ଏହି ଯୁଗପୁରୁଷଙ୍କ ଆବିର୍ଭାବ ବାମଣ୍ଡା କେବଳ ନୁହେଁ; ସମଗ୍ର ଓଡ଼ିଶାର ଅନ୍ଧକାର ଦୂରୀଭୂତ କରିବାର ତୂର୍ଯ୍ୟନାଦ ଶୁଣାଇଥିଲା । ଏ ଯାବତ୍ ଭୁଲ ଗଣନାକ୍ରମେ ବାସୁଦେବଙ୍କ ଜନ୍ମକୁ ମେ ୧୬, ୧୮୫୦ ବୋଲି ଗ୍ରହଣ କରାଯାଉଥିଲା । କିନ୍ତୁ ପ୍ରକୃତରେ ୧୨୫୮ ସାଲ ୨୮ ବୈଶାଖ, ମେ ୧୧, ୧୮୫୧ରେ ହିଁ ପଡ଼ିବ । ବିଭିନ୍ନ ଜ୍ୟୋତିଷଙ୍କ ଗଣନାକ୍ରମେ ଏ ନିଷ୍କର୍ଷରେ ପହଞ୍ଚିବାକୁ ହୁଏ । ବାସୁଦେବଙ୍କର ସୁଯୋଗ୍ୟ ପୁତ୍ର ସଚ୍ଚିଦାନନ୍ଦ ଦେବ ଜଣେ କବି, ସାହିତ୍ୟିକ ଓ ଜ୍ୟୋତିଷବିତ୍ । ତାଙ୍କର ବୃଷ୍ଟିବିଜ୍ଞାନ ଓ ମଧୁସୂଦନ ତର୍କବାଚସ୍ପତିଙ୍କ 'ତାରାଶଶାଙ୍କ' (୧୯୦୩) କାବ୍ୟରେ ତାଙ୍କର ଜ୍ୟୋତିଷୀଜ୍ଞାନର

ଦୃଷ୍ଟାନ୍ତ ଉପଲବ୍ଧ । ସେହି ସଚ୍ଚିଦାନନ୍ଦ ନିଜ ପିତାଙ୍କ ସମାଧି ସ୍ତମ୍ଭରେ ଜନ୍ମ ଦିବସ ମେ ୧୧, ୧୮୫୧ ବୋଲି ଖୋଦିତ କରିଛନ୍ତି । (ପରିଶିଷ୍ଟ) ଏହି ଜନ୍ମ ଦିବସକୁ ଗ୍ରହଣ କରିନେବା ଅଧିକ ଯୁକ୍ତିଯୁକ୍ତ ମନେହୁଏ ।

ସୁଢ଼ଳଦେବ ୧୮୬୮ ଖ୍ରୀ:ରେ ୧୭ ବର୍ଷ ବୟସରେ ସିଂହାସନ ଆରୋହଣ କଲେ । ଏ ସମୟକୁ ତାଙ୍କୁ ୧୭ ବର୍ଷ ବୟସ । ଇଂରେଜ ଶାସକଙ୍କୁ ସୁଢ଼ଳଦେବଙ୍କ ବୟସ ୧୮ ବର୍ଷ ବୋଲି ଜଣାଇବାପାଇଁ ସମ୍ଭବତଃ ଜନ୍ମ ମସିହାକୁ ୧୮୫୦ ବୋଲି ଦର୍ଶାଯାଇଛି । ବାସୁଦେବ ବାମଣ୍ଡା ରାଜା ବ୍ରଜସୁନ୍ଦର ଦେବଙ୍କ ଭ୍ରାତା ହରିହର ବଡ଼କୁଅଁରଙ୍କ ଏକମାତ୍ର ପୁତ୍ର । ବ୍ରଜସୁନ୍ଦର ଅପୁତ୍ରିକ ଥିବାରୁ ବାସୁଦେବଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ । ବ୍ରଜସୁନ୍ଦରଙ୍କ ଔରସଜାତ ଦାସୀପୁତ୍ର ବୃନ୍ଦାବନ ଚନ୍ଦ୍ର ଦେବ ମଧ୍ୟ ବ୍ରଜସୁନ୍ଦରଙ୍କ ଅନ୍ତେ ସିଂହାସନର ଦାବୀଦାର ଥିଲେ । କିନ୍ତୁ ବ୍ରଜସୁନ୍ଦର ପୋଷ୍ୟପୁତ୍ର ଗ୍ରହଣ କରିବା କଥା ଇଂରେଜ ସରକାରଙ୍କୁ ଜଣାଇଥିବାରୁ ବୃନ୍ଦାବନଙ୍କ ଦାବୀ ଗ୍ରହଣ କରାଗଲା ନାହିଁ । ବାସୁଦେବ 'ସୁଢ଼ଳଦେବ' ଉପାଧି ଗ୍ରହଣ କରି ବ୍ରଜସୁନ୍ଦରଙ୍କ ଅନ୍ତେ ସିଂହାସନ ଆରୋହଣ କଲେ । ବାମଣ୍ଡାର ରାଜପଦ ସହିତ ଦୁଇଟି ଉପାଧି ଜଡ଼ିତ – 'ତ୍ରିଭୁବନ ଦେବ' ଓ 'ସୁଢ଼ଳଦେବ' । ଜଣେ ରାଜା ତ୍ରିଭୁବନଦେବ ହେଲେ ତାଙ୍କ ପୁତ୍ର ସୁଢ଼ଳଦେବ ଉପାଧି ଗ୍ରହଣ କରନ୍ତି । ବ୍ରଜସୁନ୍ଦର ତ୍ରିଭୁବନଦେବଙ୍କ ପରେ ବାସୁଦେବ ସୁଢ଼ଳଦେବ, ତାଙ୍କ ପରେ ସଚ୍ଚିଦାନନ୍ଦ ତ୍ରିଭୁବନଦେବ ଓ ତାଙ୍କ ପରେ ଦିବ୍ୟଶଙ୍କର ସୁଢ଼ଳଦେବ ରାଜା ହୋଇଥିଲେ । ସୁଢ଼ଳଦେବ କହିଲେ ବାମଣ୍ଡାର ଅନେକ ରାଜାଙ୍କୁ ବୁଝାଇଥାଏ । କିନ୍ତୁ ଉତ୍କଳୀୟ ବାଙ୍ମୟରେ ସୁଢ଼ଳଦେବ କହିଲେ ବାସୁଦେବଙ୍କୁ ହିଁ ଚିହ୍ନିତ କରାଯାଏ । ଏଣୁ ବକ୍ଷ୍ୟମାଣ ପ୍ରବନ୍ଧରେ ସୁଢ଼ଳଦେବ ରୂପେ ଅନେକତ୍ର ବାସୁଦେବ ସୁଢ଼ଳଦେବଙ୍କୁ ହିଁ ସଂବୋଧନ କରାଯାଇଛି ।

ବ୍ରଜସୁନ୍ଦରଙ୍କ ମୃତ୍ୟୁ ସମ୍ପର୍କରେ ଏକ ଚମତ୍କାର ଲୋକକଥା ଶୁଣାଯାଏ । ବ୍ରଜସୁନ୍ଦରଙ୍କୁ ବାମଣ୍ଡାର ବୟଃବୃଦ୍ଧ ବ୍ୟକ୍ତିମାନେ 'ସାପୁଆ ରାଜା' ରୂପେ ଅଭିହିତ କରିଥାନ୍ତି । ଯେଉଁଠି ସାପ ସଂଧାନ ପାଉଥିଲେ ତାକୁ ଧରିବାକୁ ସେ ତତ୍ପର ହେଉଥିଲେ । ସେହି ସର୍ପ-ବିଶାରଦ ନୃପତି ସର୍ପ ଦଂଶନରେ ପ୍ରାଣ ହରାଇଲେ ।

ସୁଢ଼ଳଦେବ ରାଜ୍ୟ ଶାସନରେ ଅନଭିଜ୍ଞ ଓ କୋମଳମତି ଥିବାରୁ ତାଙ୍କ ପିତା ବଡ଼କୁମାର ହରିହର ଦେବଙ୍କୁ ତତ୍ତ୍ୱାବଧାରକ ରୂପେ ଇଂରେଜ ସରକାର ନିଯୁକ୍ତି ଦେଇଥିଲେ । ଗଡ଼ଜାତ ଅଞ୍ଚଳରେ ରାଜାଙ୍କ ପ୍ରଥମ ପୁତ୍ର ରାଜା ଓ ଦ୍ୱିତୀୟ ପୁତ୍ର ବଡ଼କୁମାର ରୂପେ ସଂବୋଧିତ ହୋଇଥାନ୍ତି । ବାସୁଦେବ ଧୀର, ସ୍ଥିର ଓ କର୍ମଠ ଥିଲାବେଳେ ତାଙ୍କ ପିତା ହରିହର ବିଳାସପ୍ରିୟ ଓ ଅତ୍ୟାଚାରୀ ଥିଲେ । ପିତା ଓ ପୁତ୍ରଙ୍କ

ମଧ୍ୟରେ ମନୋମାଳିନ୍ୟ ଦେଖାଯାଇଥିଲା । ବାସୁଦେବ ଥିଲେ ପ୍ରଜାନୁରଞ୍ଜକ ନୃପତି । ସେ ରାଜ୍ୟର ଉନ୍ନତି ପ୍ରତି ସର୍ବାଗ୍ରେ ଦୃଷ୍ଟି ଦେଇଥିଲେ । ତାଙ୍କର ଲୋକାଭିମୁଖୀ ଦୃଷ୍ଟିଭଙ୍ଗୀକୁ ସହ୍ୟ କରି ନ ପାରି ହରିହର ଦେବ ବାମଣ୍ଡା ପରିତ୍ୟାଗ କରିଥିଲେ ।

ନିଜର ପ୍ରତିଦ୍ୱନ୍ଦ୍ୱୀ ବୃନ୍ଦାବନଚନ୍ଦ୍ର ଦେବଙ୍କୁ ସୁଢ଼ଳଦେବ ନିଜର ସହୋଦର ଜ୍ଞାନ-କରୁଥିଲେ । ବୃନ୍ଦାବନଙ୍କୁ ବାମଣ୍ଡାରେ ରାଜାତୁଲ୍ୟ ସମ୍ମାନ ପ୍ରଦାନ କରାଯାଉଥିଲା । ବୃନ୍ଦାବନ ବାମଣ୍ଡା ପ୍ରେସ୍ ସେକ୍ରେଟାରୀ ଥିଲେ ଏବଂ ସୁଢ଼ଳଦେବଙ୍କ ସାରସ୍ୱତ ଆଭିମୁଖ୍ୟକୁ ଉଚିତ ସାମର୍ଥ୍ୟ ପ୍ରଦାନ କରିଥିଲେ । ସୁଢ଼ଳଦେବଙ୍କ କକେଇ ଦେବଦୁର୍ଲ୍ଲଭ ଦେବ ବୃନ୍ଦାବନଚନ୍ଦ୍ର ଦେବଙ୍କୁ ବାମଣ୍ଡାର ରାଜା କରିବାପାଇଁ ସମ୍ବଲପୁରର ରାଜପ୍ରତିନିଧି କର୍ଣ୍ଣେଲ ବ୍ରୁଶଙ୍କଠାରେ ଦାବୀ ଉପସ୍ଥାପିତ କରିଥିଲେ । ଏ ଦାବୀ ପ୍ରତ୍ୟାଖ୍ୟାତ ହୋଇଥିଲା । ତଥାପି ବାସୁଦେବ ବୃନ୍ଦାବନ ଓ ନିଜ କକେଇଙ୍କୁ ସ୍ନେହ ଓ ସମ୍ମାନ ପ୍ରଦର୍ଶନରେ ଅବହେଳା କରିନଥିଲେ ।

ବ୍ରଜସୁନ୍ଦର ଜୀବିତ ଥିଲାବେଳେ ବାସୁଦେବଙ୍କ ବିବାହ କଳାହାଣ୍ଡି ମହାରାଜା ଉଦିତ ପ୍ରତାପଙ୍କ ମଧ୍ୟମା କନ୍ୟା ଗିରିରାଜକୁମାରୀଙ୍କ ସହିତ ନିର୍ଦ୍ଦିଷ୍ଟ କରିଥିଲେ । ବ୍ରଜସୁନ୍ଦରଙ୍କ ପ୍ରସ୍ତାବକୁ ସମ୍ମାନ ଜଣାଇ ବାସୁଦେବ ଗିରିରାଜକୁମାରୀଙ୍କୁ ବିବାହ କରିଥିଲେ । ଗିରିରାଜକୁମାରୀଙ୍କର ସଂସ୍କୃତ ଓ ଓଡ଼ିଆରେ ଅଗାଧ ପାଣ୍ଡିତ୍ୟ ଥିଲା । ତାଙ୍କର ସଂସ୍କୃତ-ଜ୍ଞାନରେ ବାସୁଦେବ ମୁଗ୍ଧଚକିତ ହୋଇଥିଲେ । ଅନେକ କାଳିଦାସ ଓ ବିଦ୍ୟାବତୀଙ୍କ ଉପାଖ୍ୟାନକୁ ଏ ପ୍ରସଙ୍ଗରେ ସ୍ମରଣ କରିଥାନ୍ତି । ସେ ଯା'ହେଉ ରାଣୀଙ୍କ ସାନ୍ନିଧ ଯୋଗୁଁ ବାସୁଦେବଙ୍କ ସାରସ୍ୱତ ପ୍ରୀତି ବହୁଗୁଣିତ ହୋଇଥିଲା । ୧୮୭୨, ମେ ୩ ତାରିଖରେ ରାଣୀଙ୍କ ଗର୍ଭରୁ ରାଜକୁମାର ସଚ୍ଚିଦାନନ୍ଦ ଜନ୍ମ ଲାଭ କରନ୍ତି । ବାମଣ୍ଡା ରାଜ୍ୟ ଆନନ୍ଦମୁଖର ହୋଇଉଠେ । ଗଡ଼ଜାତର ପ୍ରଥା .ଅନୁସାରେ ରାଜ୍ୟର ଭାବୀ ଉତ୍ତରାଧିକାରୀଙ୍କ ଆବିର୍ଭାବ ଉପଲକ୍ଷେ ପ୍ରଜା ଓ ରାଜକର୍ମଚାରୀଙ୍କର ପ୍ରଚୁର ଅର୍ଥ ଟୀକା କରିବା କଥା । ଏହି ପ୍ରଥାକୁ ରାଣୀଙ୍କ ପ୍ରରୋଚନାରେ ବାସୁଦେବ ନିଷିଦ୍ଧ କରନ୍ତି । ରାଜକୁମାରଙ୍କୁ ଏକ ବର୍ଷ ବୟସରେ ୧୮୭୩ ଖ୍ରୀ:ରେ ରାଣୀ ପରଲୋକ ଗମନ କରନ୍ତି । ରାଣୀଙ୍କ ତିରୋଧାନ ପରେ ବିଷଣ୍ଣ ହୃଦୟ ବାସୁଦେବ ମାନସିକ ଶାନ୍ତି ପ୍ରାପ୍ତି ପାଇଁ ତୀର୍ଥ ପର୍ଯ୍ୟଟନ ଓ ଦେଶ ଭ୍ରମଣରେ ଯାଆନ୍ତି ।

ସୁଢ଼ଳଦେବ ତୀର୍ଥ .ଓ ଦେଶ ପର୍ଯ୍ୟଟନରୁ ଫେରିବା ପରେ ଅନେକେ ତାଙ୍କୁ ପୁନଶ୍ଚ ଦାର ପରିଗ୍ରହ ପାଇଁ ଅନୁରୋଧ କରିଥିଲେ । ନିଃସଙ୍ଗ ଜୀବନ ଅତିବାହିତ କରି ରାଜ୍ୟ ଶାସନରେ ଉପଯୁକ୍ତ ନ୍ୟାୟ ହୁଏତ ପ୍ରଦାନ କରିପାରିବେ ନାହିଁ, ଏଣୁ ସମସ୍ତଙ୍କ ଅନୁରୋଧକୁ ସମ୍ମାନ ଜଣାଇ ମୟୂରଭଞ୍ଜ ରାଜବଂଶର ଶାଖା ରରୁଆଁ ଜମିଦାରଙ୍କ ଦୁଇ କନ୍ୟା କମଳାକୁମାରୀ ଓ ଲାବଣ୍ୟ ଦେବୀଙ୍କୁ ଏକସଙ୍ଗରେ ବିବାହ

କଲେ । ପରେ ସିଂହଭୂମି ଅନ୍ତର୍ଗତ ଖରସୁଆଁର ଠାକୁର ନୀଳମଣି ବାହାଦୁରଙ୍କ ଭାଣିଜୀ ନୀଳମଣିପ୍ରିୟା ଦେବୀଙ୍କ ପାଣି ଗ୍ରହଣ କରିଥିଲେ । ବାସୁଦେବଙ୍କ ଚାରି ରାଣୀଙ୍କ ଗର୍ଭରୁ ନଅଜଣ ପୁତ୍ର ଏବଂ ଏଗାର ଜଣ କନ୍ୟା ଜନ୍ମଲାଭ କରିଥିଲେ ।

ପ୍ରଥମା ରାଣୀ ଗିରିରାଜକୁମାରୀଙ୍କ ଗର୍ଭରୁ ଯୁବରାଜ ସଚ୍ଚିଦାନନ୍ଦ ଜନ୍ମଲାଭ କରିଥିଲେ ।

ଦ୍ୱିତୀୟା ରାଣୀ କମଳା କୁମାରୀଙ୍କ ଗର୍ଭରୁ ଦୁଇ ପୁତ୍ର ଓ ତିନି କନ୍ୟା ଜନ୍ମ ଲାଭ କରିଥିଲେ । ପୁତ୍ର ଦୟାନିଧି ଦେବ ଓ ଜୟନାରାୟଣ ଦେବ । କନ୍ୟା ଦମୟନ୍ତୀ ଦେବୀ ସୁରଗୁଜ ଯୁବରାଜଙ୍କୁ ବିବାହ କରି ଅଳ୍ପ ଦିନରେ ବିଧବା ହୋଇଥିଲେ, ଦ୍ରୌପଦୀ ଦେବୀ ତାଳଚେର ରାଜା କିଶୋରଚନ୍ଦ୍ରଙ୍କୁ ଓ ପ୍ରିୟମ୍ବଦା ପାଲଲହଡ଼ା ରାଜାଙ୍କୁ ବିବାହ କରିଥିଲେ ।

ତୃତୀୟା ରାଣୀ ଲାବଣ୍ୟ କୁମାରୀ ତିନି ପୁତ୍ର ଓ ପାଞ୍ଚ କନ୍ୟାଙ୍କୁ ଜନ୍ମ ଦେଇଥିଲେ । ପୁତ୍ର ବଳଭଦ୍ର ଦେବ (ବଡ଼କୁମାର), ଦୁଷ୍ମନ୍ତ ଦେବ ଓ ରାଜୀବ ଲୋଚନ ଦେବ । କନ୍ୟା ନିଶାମଣି ଦେବୀ (ଜ୍ୟେଷ୍ଠା) ଖଡ଼ିଆଳ ରାଜା ବୀରବିକ୍ରମ ସିଂହଙ୍କୁ, ଦିଲ୍ଲୀ କୁମାରୀ ସରେଇକଳା ପଟ୍ଟାୟତ ବୀର ରାଜକୁମାର ସିଂହ ଦେଓଙ୍କୁ, କୁସୁମଲତା ବସ୍ତର ରାଜାଙ୍କୁ, ଗୋଦାବରୀ ସିଂହଭୂମି କେରା ଠାକୁର କାଳିକିଙ୍କର ସିଂହଙ୍କୁ ବିବାହ କରିଥିଲେ ଏବଂ ସୁଲୋଚନା ଜେମା ବାଲ୍ୟକାଳୁ ମୃତ୍ୟୁବରଣ କରିଥିଲେ ।

ଚତୁର୍ଥୀ ରାଣୀ ନୀଳମଣିପ୍ରିୟାଙ୍କ ଗର୍ଭରୁ ତିନି ପୁତ୍ର ଓ ତିନି କନ୍ୟା ଜନ୍ମଗ୍ରହଣ କରିଥିଲେ । ପୁତ୍ର ଲଳିତମୋହନ ଦେବ, ପଦ୍ମଲୋଚନ ଦେବ ଓ ମୋହନ ଦେବ । କନ୍ୟା ଅମରାବତୀ ବଣାଇଁ ରାଜା ଧରଣୀଧର ଦେଓଙ୍କୁ, କୁମୁଦବତୀ ଦେବୀ ପଞ୍ଚକୋଟ କାଶିପୁର ଲାଲ ରାଜେନ୍ଦ୍ର ସିଂହଦେଓଙ୍କୁ ଓ ଚିତ୍ରୋତ୍ପଳା ଦେବୀ ଟିକାଲି ରାଜାଙ୍କୁ ବିବାହ କରିଥିଲେ ।

ସୁଢ଼ଳଦେବଙ୍କ ପୁତ୍ର କନ୍ୟାଗଣ ପିତାଙ୍କ ଆଦର୍ଶମୟ ପ୍ରଭାବରେ ଉପଯୁକ୍ତ ଜୀବନ ଅତିବାହିତ କରିଥିଲେ । କନ୍ୟାଗଣ ଶ୍ୱଶୁର ଘରକୁ ନିଜ ଆଦର୍ଶରେ ଗଢ଼ି-ତୋଳିଥିଲେ ।

ଦେଶ ପର୍ଯ୍ୟଟନ ମାଧ୍ୟମରେ ବାସୁଦେବ ବୈଷୟିକ ଓ ବ୍ୟବହାରିକ ଜ୍ଞାନ ଲାଭ କରିଥିଲେ । ବାସୁଦେବଙ୍କ ଶିକ୍ଷା ଗ୍ରାମ ଚାଟଶାଳୀ ଶିକ୍ଷାରେ ହିଁ ସୀମିତ ଥିଲା । ପାଞ୍ଚ-ବର୍ଷ ବୟସରେ ଖଡ଼ିଛୁଇଁ ସେ ବିଦ୍ୟାରମ୍ଭ କରିଥିଲେ । ପଣ୍ଡିତ ଆନନ୍ଦ ବ୍ରହ୍ମା, ପୁରୁଷୋତ୍ତମ ତର୍କାଳଙ୍କାର ଓ ଭୁବନେଶ୍ୱର ବଡ଼ପଣ୍ଡା ପ୍ରମୁଖ ବାସୁଦେବଙ୍କୁ ଓଡ଼ିଆ ଓ ସଂସ୍କୃତ ଶିକ୍ଷା ପ୍ରଦାନ କରିଥିଲେ । କାବ୍ୟ, ନାଟକ, ଅଳଙ୍କାର, ନ୍ୟାୟ, ବେଦ-

ବେଦାନ୍ତ, ଭାଗବତ, ମନୁ, ପରାଶର, ଦାୟଭାଗ, ମିତାକ୍ଷରା ଓ ଶୁକ୍ରନୀତି ତାଙ୍କ ପାଠ୍ୟବସ୍ତୁ ଅନ୍ତର୍ଭୁକ୍ତ ଥିଲା । ଇଂରାଜୀ ଶିକ୍ଷାଲାଭର ସୁଯୋଗ ସେ ପାଇନଥିଲେ । ନିଜର ପ୍ରଜ୍ଞା ଓ ଅନୁଭୂତି ବଳରେ ସେ ଆଧୁନିକ ସମାଜର ସମସ୍ତ ଜ୍ଞାନ ଆହରଣ କରିଥିଲେ । ପୋଥିଗତ ଜ୍ଞାନ ଅପେକ୍ଷା ପ୍ରକୃତ ଜ୍ଞାନର ସେ ଥିଲେ ପୂଜାରୀ ।

ଅଗଷ୍ଟାଇନଙ୍କ ମତରେ – 'The world is a great book of which they who never stir from home read only a page.' ପୃଥିବୀ ଏକ ବିରାଟ ଗ୍ରନ୍ଥ । ଘରୁ ଗୋଡ଼ କାଢ଼ି ନଥିବା ମଣିଷ ଏ ବିଶାଳ ଗ୍ରନ୍ଥର ଗୋଟିଏ ପୃଷ୍ଠା ମାତ୍ର ଅଧ୍ୟୟନ କରିଥାଏ । ଭ୍ରମଣଦ୍ୱାରା ବ୍ୟକ୍ତିଚିତ୍ତ ସଂପ୍ରସାରିତ ହୁଏ । ବ୍ୟକ୍ତିକୁ କୂପମଣ୍ଡୁକତ୍ୱରୁ ମୁକ୍ତ କରି ବହିର୍ଜଗତ ସହିତ ତାହା ସମ୍ପର୍କିତ କରେ । ସୀମିତ ଜୀବନଚର୍ଯ୍ୟାକୁ ପରିହାର କରି ମହାମାନବର ଆବାହନ କରେ । ଅନନ୍ତ ଜ୍ଞାନ-ପିପାସାର ରୁଦ୍ଧ ଦ୍ୱାର ଉନ୍ମୋଚନ କରେ । ଏକ ବ୍ୟାପକ ଓ ପରିବ୍ୟାପ୍ତ ଜ୍ଞାନରାଜ୍ୟର ଭାବ ସଂପ୍ରସାରଣରେ ଭ୍ରମଣର ଭୂମିକା ଅପରିହାର୍ଯ୍ୟ । ଏ ପ୍ରସଙ୍ଗରେ ବାସୁଦେବଙ୍କ ମାନସିକତା ପର୍ଯ୍ୟଟନ-ଜ୍ଞାନର ଆହରଣରେ କିପରି ଋଦ୍ଧିମନ୍ତ ହୋଇଥିଲା, ତାହା ବିଚାର୍ଯ୍ୟ ।

ପ୍ରଥମା ପତ୍ନୀଙ୍କ ବିୟୋଗ ପରେ ବାସୁଦେବ ଦେଶପର୍ଯ୍ୟଟନରେ ବାହାରି-ଥିଲେ । ହାତୀ ପିଠିରେ ବନଭୂମି ଅତିକ୍ରମକରି ସମ୍ବଲପୁରଠାରୁ ମହାନଦୀ ପଥରେ ନୌକାଦ୍ୱାରା କଟକ ଅଭିମୁଖେ ଯାତ୍ରା କଲେ । ବାସୁଦେବଙ୍କ ସହଯାତ୍ରୀ ଥିଲେ ପଣ୍ଡିତ ବଳରାମ ବିଦ୍ୟାରତ୍ନ, ପୂର୍ଣ୍ଣାନନ୍ଦ ମହାନ୍ତି, ଚକ୍ରଧର ଦାସ ଓ ଶମ୍ଭୁପତି ପ୍ରମୁଖ । ମହାନଦୀ ବକ୍ଷରେ ନୌକାରେ ଗତି କଲାବେଳେ ଉଭୟ ତୀରର ପ୍ରାକୃତିକ ସୌନ୍ଦର୍ଯ୍ୟ ବାସୁଦେବଙ୍କ କବିଚିତ୍ତକୁ ଆକୃଷ୍ଟ କରିଥିଲା । ସ୍ରଷ୍ଟାପ୍ରାଣର ଆବେଗମୟ ବକ୍ତବ୍ୟ ସୂକ୍ଷ୍ମ କାବ୍ୟବାଣୀ ରୂପେ ପ୍ରକଟିତ ହୋଇଥିଲା । ଆତ୍ମାନୁଭୂତି ବହିର୍ଜଗତର ଅବଲୋକନରେ ଗଭୀର ଓ ପ୍ରାଣବନ୍ତ ରସ ସୃଷ୍ଟିକରେ । ବ୍ୟାପକ ଓ ବିସ୍ତୃତ ଜୀବନର ସ୍ୱଚ୍ଛ ପ୍ରତିବିମ୍ବ ପ୍ରକୃତି ମାଧ୍ୟମରେ ସୂକ୍ଷ୍ମ ରୂପ ନିଏ । ଏମିତି ଏକ ଉର୍ଜସ୍ୱଳ କାବ୍ୟଭାବର କଳାତ୍ମକ ଗୁମ୍ଫନ 'ଚିତ୍ରୋତ୍ପଳା' କାବ୍ୟ ।

କଟକର ଚୌଧୁରୀବଜାରଠାରେ ବାସୁଦେବ ସପ୍ତାହବ୍ୟାପୀ ଅବସ୍ଥାନ କରିଥିଲେ । ସେଠାରେ ଅବସ୍ଥାନ ସମୟରେ କଟକର ଅନେକ ବୁଦ୍ଧିଜୀବୀଙ୍କ ସହିତ ତାଙ୍କର ସଂପର୍କ ସ୍ଥାପିତ ହୋଇଥିଲା । 'ଉତ୍କଳ ଦୀପିକା' ସଂପାଦକ ଗୌରୀଶଙ୍କର ରାୟଙ୍କ ସାହଚର୍ଯ୍ୟରେ 'କଟକ ପ୍ରିଣ୍ଟିଂ କଂପାନୀ' ଓ 'ମିଶନ୍ ପ୍ରେସ୍'ର କାର୍ଯ୍ୟ ପଦ୍ଧତି ସେ ଅନୁଧ୍ୟାନ କରିଥିଲେ । ଏଇଠି ମୁଦ୍ରାଯନ୍ତ୍ର ପ୍ରତିଷ୍ଠା ଓ ପୁସ୍ତକ ପ୍ରକାଶନର ପ୍ରାରମ୍ଭିକ ବୀଜ ତାଙ୍କ ମାନସକ୍ଷେତ୍ରରେ ବପନ ହେଲା ।

କଟକରୁ ଚାନ୍ଦବାଲି ଦେଇ ସେ କୋଲକତା ଅଭିମୁଖେ ଯାତ୍ରା କରିଥିଲେ । କୋଲକତାରେ ବିଦ୍ୟାସାଗରଙ୍କ ସହିତ ସଂସ୍କୃତ ସାହିତ୍ୟ, ଧର୍ମ ଓ ଦର୍ଶନ ଉପରେ ଆଲୋଚନା ହୋଇଥିଲା । ବାସୁଦେବଙ୍କ ପ୍ରଜ୍ଞା ବିଦ୍ୟାସାଗରଙ୍କୁ ଆକୃଷ୍ଟ କରିଥିଲା । ଉଭୟଙ୍କର ଆତ୍ମୀୟତା ଗଭୀର ଓ ଦୃଢ଼ ହୋଇଥିଲା । ବିଦ୍ୟାସାଗରଙ୍କ ସହିତ ଆଲୋଚନା କରି ସେ ବଙ୍ଗସାହିତ୍ୟର ଉନ୍ନତିର କାରଣସମୂହ ହୃଦୟଙ୍ଗମ କରିଥିଲେ । ବଙ୍ଗସାହିତ୍ୟ ମାଧ୍ୟମରେ ଆଧୁନିକତାକୁ ଆବାହନ କରିବା ଅଧିକ ଯୁକ୍ତି ସଂଗତ ବୋଲି ସେ ଅନୁଭବ କରିଥିଲେ । ଅନୁସନ୍ଧିତ୍ସୁ ବାସୁଦେବ କୋଲକତାର ସଂସ୍କୃତ କଲେଜ, ହିନ୍ଦୁ ଓ ହେୟାର ସ୍କୁଲ, ପ୍ରେସିଡେନ୍ସୀ କଲେଜ, ରୟେଲ୍ ଏସିଆଟିକ୍ ସୋସାଇଟିର ସଭାଗୃହ, ଚିଡିୟାଖାନା, ଯାଦୁଘର, ଉଦ୍ଭିଦ ବିଜ୍ଞାନ ଉଦ୍ୟାନ ପ୍ରଭୃତି ପରିଦର୍ଶନ କରି ପ୍ରତ୍ୟକ୍ଷ ଜ୍ଞାନ ଲାଭ କରିଥିଲେ । ଶିକ୍ଷାମନ୍ଦିର ସମୂହର ସୁପରିଚାଳନା ତାଙ୍କର ଜ୍ଞାନଲିପ୍ସାକୁ ପରିବ୍ୟାପ୍ତ କରିଥିଲା । ବାମଣ୍ଡାରେ ଶିକ୍ଷାର ଉନ୍ନତି ସାଧନ ପାଇଁ ସେ ବଦ୍ଧପରିକର ହୋଇଥିଲେ । ଉଦ୍ଭିଦ ବିଜ୍ଞାନ ଉଦ୍ୟାନ ତାଙ୍କର ପ୍ରକୃତି-ପ୍ରୀତିକୁ ନୂତନ ରୂପ ପ୍ରଦାନ କଲା । ନିଜ ରାଜଧାନୀର ଶ୍ରୀବୃଦ୍ଧି ସାଧନ ପାଇଁ ସେ ଏକ ପ୍ରମୋଦ-ଉଦ୍ୟାନର ପରିକଳ୍ପନା କରିଥିଲେ । ଯେଉଁଥିରେ ତାଙ୍କର ସୃଜନଶୀଳ ମାନସିକତାର ଅପୂର୍ବ ପ୍ରତିଫଳନ ସୁସ୍ପଷ୍ଟ । ପ୍ରମୋଦ ଉଦ୍ୟାନ ବିଭିନ୍ନ ଜାତିର ଫୁଲ, ଫଳ ଗଛ ସହିତ ପୌରାଣିକ ଓ ଐତିହାସିକ ବୀର ପୁରୁଷଙ୍କ ମୂର୍ତ୍ତିରେ ସୁସଜ୍ଜିତ ହୋଇଥିଲା ।

ଶ୍ରୀରାମପୁରସ୍ଥ ଝୋଟକଳ, କାଗଜକଳ ଓ ଫ୍ଲାୟସଟଲ ଯନ୍ତ୍ରଦ୍ୱାରା ଲୁଗାବୁଣା କୌଶଳକୁ ବାସୁଦେବ ନିରୀକ୍ଷଣ କରିଥିଲେ । ଅଳ୍ପଖର୍ଚ୍ଚରେ କାରଖାନା ସ୍ଥାପନ କରି ପ୍ରଜାଙ୍କ ମଙ୍ଗଳ ସାଧନ ଉଦ୍ଦେଶ୍ୟରେ ସେ କପଡା କଳ ନିଜ ରାଜ୍ୟରେ ସ୍ଥାପନ-କରିଥିଲେ । କୋଲକତା ଭ୍ରମଣ ଅନ୍ତରାଳରେ ନିଜ ରାଜ୍ୟକୁ ସୌଷ୍ଠବମୟ କରିବା ହିଁ ତାଙ୍କର ଉଦ୍ଦେଶ୍ୟ ଥିଲା ।

କୋଲକତା ପରେ ବାସୁଦେବ କାଶୀ ଯାତ୍ରା କଲେ । କାଶୀର ମାନମନ୍ଦିର ତାଙ୍କୁ ଆକୃଷ୍ଟ କରିଥିଲା । ଏହି ମାନମନ୍ଦିର ଅନୁରୂପ ଏକ ବିଜ୍ଞାନାଗାର ସେ ଦେବଗଡ଼ରେ ପ୍ରତିଷ୍ଠା କରିଥିଲେ । ଏଥିରେ ବିଭିନ୍ନ ବୈଜ୍ଞାନିକ ଯନ୍ତ୍ରପାତି ସଂଯୁକ୍ତ କରିଥିଲେ । ବିଭିନ୍ନ ଉପକରଣର ବ୍ୟବହାର କୌଶଳ ଜାଣିବା ପାଇଁ ଅନେକ ବୈଜ୍ଞାନିକ ଗ୍ରନ୍ଥ ମଧ୍ୟ କ୍ରୟ କରିଥିଲେ । ବିଜ୍ଞାନାଗାରକୁ ସ୍ୱୟଂସଂପୂର୍ଣ୍ଣ କରିବା ପାଇଁ ବାସୁଦେବ ଅକାତରେ ଅର୍ଥବ୍ୟୟ କରିଛନ୍ତି । କାଶୀ ଓ ମିଥିଳାରୁ ଜ୍ୟୋତିଷ ଶାସ୍ତ୍ରର ପଣ୍ଡିତମାନଙ୍କୁ ଅଣାଇ ଜ୍ୟୋତିଷମାନଙ୍କ ଚଳନ ଉପରେ ବିଜ୍ଞାନ ଜ୍ଞାନକୁ ଉପଯୋଗ କରିଥିଲେ । ଏହି ବିଜ୍ଞାନାଗାରକୁ ମୁଖ୍ୟତଃ ସଚ୍ଚିଦାନନ୍ଦ ଓ ଜଳନ୍ଧର ଦେବ ଉପଯୁକ୍ତ ବ୍ୟବହାରରେ ଲଗାଇଛନ୍ତି । କଟକ ରେଭେନ୍‌ସା କଲେଜର ବିଜ୍ଞାନ ଅଧ୍ୟାପକ

ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧି ବହୁବାର ବାମଣ୍ଡା ଆସି ସଚ୍ଚିଦାନନ୍ଦଙ୍କୁ ବିଜ୍ଞାନ ଉପକରଣର ବ୍ୟବହାର ଓ ବିଜ୍ଞାନର ଜଟିଳ ସମସ୍ୟାର ସମାଧାନ ଦିଗରେ ସାହାଯ୍ୟ କରୁଥିଲେ । ବିଜ୍ଞାନଗାରରେ ଏକ ଟେଲିସ୍କୋପ ମଧ୍ୟ ସ୍ଥାପନ କରାଯାଇଥିଲା । ତା'ରି ସାହାଯ୍ୟରେ ଜଳନ୍ଧର ଓ ସଚ୍ଚିଦାନନ୍ଦ ବିଭିନ୍ନ ଗ୍ରହନକ୍ଷତ୍ରର ଗତିବିଧି ନିରୀକ୍ଷଣ କରୁଥିଲେ । ଏହି ଜ୍ଞାନକୁ ସାରସ୍ୱତ କ୍ଷେତ୍ରରେ କଳାତ୍ମକ ଭାବେ ବିନିଯୋଗ କରାଯାଇଛି । ସଚ୍ଚିଦାନନ୍ଦଙ୍କ ବୃଷ୍ଟିବିଜ୍ଞାନ, ଜଳନ୍ଧର ଦେବଙ୍କ ଗ୍ରହଣବିଚାର, ବାର, ଶକ୍ତି ସମନ୍ୱିତ ବସ୍ତୁସମଷ୍ଟି ନିତ୍ୟ, ବସ୍ତୁ ଓ ଶକ୍ତି ଅବିନାଶୀ, ଜ୍ୟୋତିର୍ବିଦ୍ୟାର ଜୟ, ଧ୍ରୁବ, ନକ୍ଷତ୍ର ଓ ସୂର୍ଯ୍ୟ ପ୍ରଭୃତି ପ୍ରବନ୍ଧରେ ଏହି ଜ୍ଞାନର ପ୍ରତିଫଳନ ସୁସ୍ପଷ୍ଟ । ଜ୍ୟୋତିର୍ବିଜ୍ଞାନ ସଂବଳିତ ଏହି ପ୍ରବନ୍ଧସମୂହ ପ୍ରତ୍ୟକ୍ଷ ଜ୍ଞାନ ଦ୍ୱାରା ସଂଜୀବିତ । 'ଗ୍ରହଣ ବିଚାର' ପ୍ରବନ୍ଧରେ ଜଳନ୍ଧର ଦୃଢ଼ଭାବରେ ଘୋଷଣା କରନ୍ତି, ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ପରି ମହାଜାଗତିକ ଦୃଶ୍ୟ ଅବଲୋକନ କରିବାକୁ ପାଶ୍ଚାତ୍ୟବାସୀ ଉତ୍ସାହୀ ହେଲାବେଳକୁ ଭାରତୀୟମାନେ ମହାମୃତକ ଦୋଷ ଲାଗିବ ବୋଲି ବିମର୍ଷ । ସେମାନେ ଜ୍ଞାନ ଆହରଣ ପାଇଁ ଉଦ୍‌ବିଗ୍ନ ମାତ୍ର ଆମେ ଦାନ ସ୍ନାନ ପ୍ରଭୃତି କୁସଂସ୍କାର ନେଇ ବ୍ୟସ୍ତ (ସ:ହି-୧୬.୯.୧୮୯୬) ।

ଜ୍ୟୋତିର୍ବିଜ୍ଞାନ ସଂବଳିତ ଜ୍ଞାନକୁ ସଚ୍ଚିଦାନନ୍ଦ ''ତାରାଶଶାଙ୍କ'' କାବ୍ୟରେ ଉପଯୋଗ କରିଛନ୍ତି । ସଚ୍ଚିଦାନନ୍ଦଙ୍କ ପ୍ରଦର୍ଶିତ ଭାବ ଆହରଣ କରି ପଣ୍ଡିତ ମଧୁସୂଦନ ତର୍କ ବାଚସ୍ପତି 'ତାରାଶଶାଙ୍କ' କାବ୍ୟକୁ ସଂସ୍କୃତ ଓ ଓଡିଆରେ ରଚନା କରିଥିଲେ । ଏହି କାବ୍ୟରେ ବିଭିନ୍ନ ରାଶିନକ୍ଷତ୍ର ଦେଇ ଚନ୍ଦ୍ର ଚାଳନାକୁ ଏକ ନୂତନ ରୂପ-ଦିଆଯାଇଛି ।

କାଶୀ ପରେ ବାସୁଦେବ ଅଯୋଧ୍ୟାଦେଇ ଲକ୍ଷ୍ନୌ ଯାତ୍ରା କରିଥିଲେ । ଲକ୍ଷ୍ନୌପରେ ଦିଲ୍ଲୀ, ଆଗ୍ରା, ମଥୁରା, ବୃନ୍ଦାବନ, ପ୍ରୟାଗ, ଗୟାତୀର୍ଥ, ବୈଦ୍ୟନାଥ ଦେଇ ଦେବଗଡ଼ ପ୍ରତ୍ୟାବର୍ତ୍ତନ କଲେ । ଏ ପର୍ଯ୍ୟଟନ କାଳରେ ଦିଲ୍ଲୀ ଓ କାନପୁର ଦେଶୀୟ କାର୍ପାସ ଶିଳ୍ପ ତାଙ୍କୁ ଆକୃଷ୍ଟ କରିଥିଲା । ଝାନ୍‌ସୀରାଣୀ ଲକ୍ଷ୍ମୀବାଈଙ୍କ ବୀରତ୍ୱ ଗାଥା । ବାସୁଦେବଙ୍କ କବିପ୍ରାଣକୁ ଆନ୍ଦୋଳିତ କରିଥିଲା । ଏହି ଆନ୍ଦୋଳନର ବାଙ୍‌ମୟ ରୂପ ବୀରବାମା କାବ୍ୟ । ଜାତୀୟ ଚରିତ୍ରର ଅପରୂପ ବ୍ୟାଖ୍ୟାନ ମାଧ୍ୟମରେ ଜାତୀୟତାବୋଧ ଜାଗ୍ରତ କରିବା ଏ କାବ୍ୟର ପରମ ଲକ୍ଷ୍ୟ ।

ପୁତ୍ର ପ୍ରତି ଅଭିମାନ କରି ଅଜ୍ଞାତବାସରେ ଅବସ୍ଥାନ କରୁଥିବା ପିତା ହରିହରଦେବ ସଂବଲପୁର ଠାରେ ରୋଗଶଯ୍ୟାରେ ପଡିଥିଲେ । ଉଲ୍ଲିଖିତ ପର୍ଯ୍ୟଟନରୁ ଫେରିବା ପରେ ବାସୁଦେବ ପିତାଙ୍କୁ ସାନ୍ତ୍ୱନା ପ୍ରଦାନ କରି ନିଜ ସହ ଦେବଗଡ ଆଣିଥିଲେ । ସେ କେବଳ ପିତୃସେବା ପ୍ରତି ଉନ୍ମୁଖ ନଥିଲେ, ପିତାରୂପେ

ନିଜ ସନ୍ତାନମାନଙ୍କ ପ୍ରତି ନିଜର କର୍ତ୍ତବ୍ୟ ମଧ ସୁଚ୍ଛଳଦେବ ପାଳନ କରିଥିଲେ । ସନ୍ତାନମାନଙ୍କୁ ଉପଯୁକ୍ତ କର୍ମୀ ରୂପେ ଗଢ଼ିଥିଲେ । ନିଜର ପ୍ରଥମା କନ୍ୟା ଶ୍ରୀମତୀ ଦେବୀ ସୁରୁଗୁଜା ରାଜପରିବାରରେ ବିବାହ କରି ଅଳ୍ପ ବୟସରେ ବିଧବା ହେଲେ । ବିଧବା କନ୍ୟାର କଷ୍ଟରେ ବାସୁଦେବ ବିଚଳିତ ହୋଇ କ୍ଷତ୍ରୀୟ ତଥା ରାଜପରିବାରରେ ପ୍ରଚଳିତ ରୀତିକୁ ଖାତିର୍ ନକରି କନ୍ୟାକୁ ପିତ୍ରାଳୟକୁ ଆଣିବାକୁ ଚେଷ୍ଟା କଲେ । ଏଥିରେ ସୁରଗୁଜା ରାଜପରିବାର ବାଧା ପ୍ରଦାନ କରିବାରୁ ଇଂରେଜ ସରକାରଙ୍କ ହସ୍ତକ୍ଷେପ ଦ୍ୱାରା ବାସୁଦେବ ନିଜର ଉଦ୍ଦେଶ୍ୟ ସାଧନ କରିଥିଲେ ।

୧୮୯୦ଖ୍ରୀ :ରେ ପୁନଶ୍ଚ ବାସୁଦେବ ମୁମ୍ବାଇ ଓ ଦାକ୍ଷିଣାତ୍ୟ ଭ୍ରମଣରେ ବାହାରିଲେ । ତାଙ୍କ ସହିତ ସଚ୍ଚିଦାନନ୍ଦ, ଜଳନ୍ଧର, କେଶବଚନ୍ଦ୍ର ଦେବ, ରାମଭଦ୍ର ସାହାଦେଓ, ରାଜଚିକିତ୍ସକ ଲକ୍ଷ୍ମୀନାରାୟଣ ନାୟକ, ନୀଳମଣି ବିଦ୍ୟାରତ୍ନ, ଈଶ୍ୱରଚନ୍ଦ୍ର ମିତ୍ର, ରାମଚନ୍ଦ୍ର ପାଲ ଓ ଭୃତ୍ୟଗଣ ଯାଇଥିଲେ । ସଂବଲପୁର ଠାରୁ ନାଗପୁର ଦେଇ ମୁମ୍ବାଇଠାରେ ପହଞ୍ଚିଥିଲେ । ନାଗପୁର ଠାରେ ଅମ୍ବାଚାରି ଜଳାଶୟ ନିର୍ମାଣ ପ୍ରଣାଳୀ ଓ ଜଳସେଚନ ପଦ୍ଧତି ବାସୁଦେବଙ୍କୁ ନିଜ ରାଜ୍ୟରେ ଜଳସେଚନର ସୁବିଧା କରିବାପାଇଁ ଅନୁପ୍ରେରିତ କରିଥିଲା । ଯା'ଫଳରେ ବଳମ ନିକଟସ୍ଥ କଳାଜିରା ଓ ମତୁଆଲୀ ନାଳର ଜଳସ୍ରୋତରେ ଆନିକଟ ବସାଇ ଜଳସେଚନର ସୁବିଧା-କରିଥିଲେ । ବଳମ ତତ୍‌କାଳୀନ ଓଡ଼ିଶାର ଏକ ପ୍ରସିଦ୍ଧ କୃଷି ପ୍ରୟୋଗଶାଳା ରୂପେ ଖ୍ୟାତି ଅର୍ଜନ କରିଥିଲା । ୧୩୬ ପ୍ରକାର ଧାନ ଅଣାଇ ପରୀକ୍ଷା କରାଯାଇଥିଲା । ବିଭିନ୍ନ ପ୍ରକାର ସାର ପ୍ରୟୋଗ ଉପରେ ବଳମଠାରେ ଗବେଷଣା ହୋଇଥିଲା । ବାସୁଦେବଙ୍କ ପ୍ରୋତ୍ସାହନ ଓ ବିଦ୍ୟାରତ୍ନଙ୍କ ଯତ୍ନରେ କୃଷି ସଂପର୍କିତ ଅନେକ ପୁସ୍ତକ ଓ ଜ୍ଞାତବ୍ୟ ତଥ୍ୟ ସଂବଲପୁର ହିତୈଷିଣୀରେ ପ୍ରକାଶ ପାଇଥିଲା । ନାଗପୁରର କମଳା-ଚାଷ ଦେଖି ବାସୁଦେବ ବାମଣ୍ଡାରେ କମଳା ଚାଷ ପ୍ରବର୍ତ୍ତନ କରିଥିଲେ । ଏବେ ମଧ ଦେବଗଡ଼ ଅଞ୍ଚଳର କମଳା ନିଜସ୍ୱ ଖ୍ୟାତି ବଜାୟ ରଖିଛି । ଦାକ୍ଷିଣାତ୍ୟ ଭ୍ରମଣ ସମୟରେ ବାସୁଦେବ ଅନେକ ଉତ୍କୃଷ୍ଟ ଆମ୍ବଚାରା ଆଣି ବଳମ, ନୂଆ ଡିହି, ଟୁଣ୍ଡୁଲା ପ୍ରଭୃତି ଅଞ୍ଚଳରେ ଲଗାଇଥିଲେ । ବଳମ ପାହାଡ ଶୀର୍ଷରେ ଏକ ସୁଦୃଶ୍ୟ ବିଶ୍ରାମ-ଭବନ ନିର୍ମାଣ କରାଯାଇଥିଲା । ପାର୍ଶ୍ୱରେ ଏକ ଦେବାଳୟ ପ୍ରତିଷ୍ଠା କରାଯାଇଥିଲା । ଦେବାଳୟ ଗାତ୍ରରେ ନିମ୍ନୋକ୍ତ ସଂସ୍କୃତ ଶ୍ଳୋକ ସଂଯୁକ୍ତ ହୋଇଛି— ''ରାଜ୍ଞା ଶ୍ରୀ ବାସୁଦେବନ ରାମଗୋବିନ୍ଦ ମନ୍ଦିରଂ ଉନବିଂଶ ଶତଂସ୍ୟାତେ ଖ୍ରୀଷ୍ଟାବ୍ଦେ ନିର୍ମିତମୟା ।''

ବଳମ ଖମାରକୁ ପ୍ରଶଂସା କରି ସମକାଳୀନ ସାରସ୍ୱତ ମଣ୍ଡଳୀ ପ୍ରଗଲ୍‌ଭ ହୋଇଉଠିଥିଲେ । ରାଧାନାଥ, ବ୍ରଜବନ୍ଧୁ ମିଶ୍ର, ଫକୀରମୋହନ, ବିଶ୍ୱନାଥ କର, ଭୋଳାନାଥ ସାମନ୍ତରାୟ ପ୍ରମୁଖ ନିଜର ଲେଖନୀ ମୁନରେ ବଳମକୁ ଅମର କରିଛନ୍ତି ।

ମୁମ୍ବାଇ ଅବସ୍ଥାନ ସମୟରେ ବାସୁଦେବ ଅନେକ ଆଦର୍ଶ ବ୍ୟକ୍ତିଙ୍କ ସହିତ ସାକ୍ଷାତ୍ ଆଲୋଚନା କରିଥିଲେ । ପଣ୍ଡିତା ରମାବାଈଙ୍କ ସହିତ ତାଙ୍କର ଆଲୋଚନା ଏକ ଯୁଗାନ୍ତକାରୀ ଅଧ୍ୟାୟ । ଏଥିରୁ ବାସୁଦେବଙ୍କ ଆଧ୍ୟାତ୍ମିକ ଜ୍ଞାନ ଓ ସଂସ୍କୃତ ଜ୍ଞାନର ଗଭୀରତା ପ୍ରମାଣିତ ହୋଇଥାଏ । ମୁମ୍ବାଇର ଏଲିଫ୍ୟାଣ୍ଟୋ ପର୍ବତଗୁହା, ବାଣିଜ୍ୟ-ପୋତ, ରାଜୋଦ୍ୟାନ ପ୍ରଭୃତି ବାସୁଦେବ ଦର୍ଶନ କରିଥିଲେ ।

ମୁମ୍ବାଇରୁ ସୁଢ଼ଳଦେବ ଅହମଦାବାଦ ଯାତ୍ରା କରିଥିଲେ । ସେଠାରେ ଦେଶୀୟ ଲୋକମାନଙ୍କ ଦ୍ୱାରା ପରିଚାଳିତ କପଡା କାରଖାନା ତାଙ୍କ ପ୍ରଲୁବ୍ଧ କରିଥିଲା । ପୁନା-ଠାରେ ଶିବାଜୀଙ୍କ କୀର୍ତ୍ତି ଓ ନାରୀମାନଙ୍କ ସ୍ୱାଧୀନ ବିଚରଣ ତାଙ୍କୁ ଆମୋଦିତ କରିଥିଲା । କୁସଂସ୍କାର ବିବର୍ଜିତ ନାରୀମାନଙ୍କର ରୀତିନୀତି ସଂସ୍କାରକ ବାସୁଦେବଙ୍କ ଆତ୍ମିକ ସମର୍ଥନ ଲାଭକରିଥିଲା । ପୁନାରୁ ବାଙ୍ଗାଲୋର ସେ ଗମନ କରିଥିଲେ । ସହରର ସୁଦୃଶ୍ୟ ରାଜପଥ, ଅଟ୍ଟାଳିକା ଓ ଶ୍ରେଣୀବଦ୍ଧଗୃହ ବାସୁଦେବଙ୍କ ଦୃଷ୍ଟି ପଥାରୂଢ଼ ହୋଇଥିଲା । ଏହି ରାଜପଥର ଅନୁକରଣରେ ବାସୁଦେବ ଦେବଗଡର ରାଜପଥ ପ୍ରସ୍ତୁତକରି ଓ ବାଙ୍ଗାଲୋର ସହର ତୁଲ୍ୟ ଦେବଗଡକୁ ସୁସଜ୍ଜିତ କରିଥିଲେ ।

ବାଙ୍ଗାଲୋର ପରେ ମହୀଶୂର, ତ୍ରିଭାଙ୍କୋର, ରାମେଶ୍ୱର, ତାଞ୍ଜୋର, ତ୍ରିଚିନାପଲ୍ଲୀ ଦେଇ ମାନ୍ଦ୍ରାଜ (ଚେନ୍ନାଇ)ରେ ବାସୁଦେବ ପ୍ରବେଶକରିଥିଲେ । ଏ ସମୟରେ ସେ କିଷ୍କିନ୍ଧ୍ୟା ଭ୍ରମଣକରି ବାଳିରାଜାର ରାଜପ୍ରାସାଦ, ପଂପା ସରୋବର, ଋଷ୍ୟମୂକ ପର୍ବତ ଓ ତୁଙ୍ଗଭଦ୍ରାନଦୀ ଦର୍ଶନ କରିଥିଲେ । ଏହି ଭ୍ରମଣକାଳୀନ ଅନୁଭୂତି କିଷ୍କିନ୍ଧ୍ୟା କାବ୍ୟରଚନା ପାଇଁ ତାଂକୁ ଅନୁପ୍ରେରିତ କରିଥିଲା ।

ପରେ ପରେ କାଞ୍ଚି, ମଦୁରାଇର ମିନାକ୍ଷୀ ମନ୍ଦିର ତଥା ରାଜମାହେନ୍ଦ୍ରୀ ଦେଇ ୱାଲଟିୟରରେ ସେ ପ୍ରବେଶ କରିଥିଲେ । ଉତ୍କଳ ସମ୍ରାଟ୍ ପୁରୁଷୋତ୍ତମ ଦେବଙ୍କ ଅମର କୀର୍ତ୍ତି ସୀମାଚଳ ତୀର୍ଥ ଦର୍ଶନ କରି ବିଜୟନଗର ଠାରୁ ଭାରତ ବିଖ୍ୟାତ ଆମ୍ରଚାରା ଦେବଗଡ଼ ପ୍ରେରଣ କରିଥିଲେ । ବିଜୟୱାଡା ଦେଇ ସେ ହାଇଦ୍ରାବାଦରେ ପହୁଞ୍ଚିଥିଲେ । ସେଠାର ରାଜ୍ୟ ପରିଚାଳନା ଉପରେ ଜ୍ଞାନ ଆହରଣ କରିଥିଲେ । ଗୋଲକୁଣ୍ଡାର ହୀରାଖଣି ଦେଖି ଭୁଷାବଲି ପଥରେ ଜଗଦଲପୁର ଯାତ୍ରାକଲେ । ଏଠାରେ ନର୍ମଦାର ଶୋଭା ଉପଭୋଗ କରି କଟନି ଓ ବିଳାସପୁର ଦେଇ ଦେବଗଡ ପ୍ରତ୍ୟାବର୍ତ୍ତନ କରିଥିଲେ ।

ବାସୁଦେବଙ୍କ ଭ୍ରମଣ କେବଳ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ନଥିଲା ବରଂ ଥିଲା ପ୍ରତ୍ୟକ୍ଷ ଜ୍ଞାନ ଆହରଣର ପ୍ରକୃଷ୍ଟ ମାଧ୍ୟମ । ବିଭିନ୍ନ ସଂସ୍କୃତି ଓ ସଭ୍ୟତାର ସମନ୍ୱୟରେ ବିଶ୍ୱ ମାନବିକ ଐକ୍ୟ ପ୍ରତିଷ୍ଠା ପାଇଁ ସେ ଏହି ଭ୍ରମଣାନୁଭୂତିରୁ ପ୍ରେରଣା ଲଭିଥିଲେ । ଓଡ଼ିଶାର ସୀମା ସରହଦ ଡେଇଁ ତାଙ୍କର ମାନସିକତା ମହାଭାରତୀୟ ମନ୍ତ୍ରରେ ଦୀକ୍ଷିତ

ହୋଇଥିଲା । ବିଶ୍ୱ ବାତାୟନ ପ୍ରତି ଉନ୍ମୁଖ ହୋଇଥିଲା ତାଙ୍କର ଦୃଷ୍ଟିଭଙ୍ଗୀ । ଏ ଦୃଷ୍ଟିଭଙ୍ଗୀ ଅନେକ ସାରସ୍ୱତ କୃତିକୁ ଜନ୍ମଦେଲା, ରୁଦ୍ଧିମନ୍ତ କଲା ବାସୁଦେବଙ୍କ ସଂସ୍କାରାଚ୍ଛନ୍ନ ହୃଦୟକୁ । ବାମଣ୍ଡାରାଜ୍ୟର ସାମଗ୍ରିକ ବିକାଶ ସାଧନରେ ବାସୁଦେବଙ୍କ ଏହି ବହୁପ୍ରସାରିତ ଦୃଷ୍ଟି ପ୍ରମୁଖ ଭୂମିକା ନେଇଥିଲା ।

— ୨ —

ବାସୁଦେବଙ୍କ ଆବିର୍ଭାବ ବେଳକୁ ବାମଣ୍ଡା ଥିଲା ସଭ୍ୟଜଗତରୁ ବିଚ୍ଛିନ୍ନ, ଶିକ୍ଷାର ସୁଯୋଗରୁ ବଞ୍ଚିତ ଏବଂ ଅନ୍ଧକାରାଚ୍ଛନ୍ନ । ବାସୁଦେବଙ୍କ ସିଂହାସନ ଆରୋହଣ ବେଳକୁ ତାଙ୍କ ଚେତନାକୁ ଗଭୀର ଭାବେ ଉଦ୍‌ବେଳିତ କରେ ବଙ୍ଗାଳୀମାନଙ୍କ ଆହ୍ୱାନ ''ଉଡିୟା ସ୍ୱତନ୍ତ୍ର ଭାଷା ନହେ'' ଏବଂ ଏହାର ଠିକ୍ ଚାରିବର୍ଷ ପୂର୍ବରୁ ନଅଙ୍କ ଦୁର୍ଭିକ୍ଷ ଜନିତ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ । ଏପରି ଏକ ସଂଧିକ୍ଷଣରେ ସୁଢ଼ଳଦେବ ନିରୀକ୍ଷଣ କଲେ ନିଜର ଚତୁଃପାର୍ଶ୍ୱସ୍ଥ ପରିବେଶକୁ, ଅବହେଳିତ ଅଶିକ୍ଷିତ ପ୍ରଜାପୁଞ୍ଜକୁ ଏବଂ ବିଚ୍ଛିନ୍ନ ଓଡିଶାର ବିଖଣ୍ଡିତ ରୂପକୁ । ସମଗ୍ର ଓଡ଼ିଆ ଭାଷୀ ଅଞ୍ଚଳର ଉନ୍ନତି କଳ୍ପେ ବାସୁଦେବ ବଦ୍ଧପରିକର ହେଲେ ।

ଅନୁନ୍ନତ ମଣିଷ ଅନ୍ୟର ଉନ୍ନତି ସାଧନ କରିପାରେ ନାହିଁ । ସେହିପରି ଅନ୍ଧକାରାଚ୍ଛନ୍ନ ବାମଣ୍ଡାର ନୃପତି ସମଗ୍ର ଓଡ଼ିଶାର ସଂସ୍କାର କାମନା କରିବା ବିଡମ୍ବନା ମାତ୍ର । ବାସୁଦେବଙ୍କ ରାଜ୍ୟପ୍ରାପ୍ତିପରେ ତାଙ୍କର ପ୍ରଥମ ଉଦ୍ୟମ ହୋଇଥିଲା କିପରି ରାଜ୍ୟକୁ ସର୍ବାଙ୍ଗ ସୁନ୍ଦର କରି ଗଢ଼ି ତୋଳିବେ । ଯା' ଫଳରେ ଲୋକେ ସଭ୍ୟ ନିରାପଦ, ଶିକ୍ଷିତ ଜୀବନଯାପନ କରିବେ । ତାଙ୍କର ଏ ଅଭିପ୍ରାୟର ସଫଳତା ଅଭିଯାନ ନିମ୍ନପ୍ରକାରେ ଆଲୋଚନା କରାଯାଇପାରେ ।

(କ) ପ୍ରଶାସନ :

ବାସୁଦେବ ରାଜ୍ୟକୁ ତିନିଗୋଟି ତହସିଲ(ବାରକୋଟ, କୁଚିଣ୍ଡା ଓ ଦେବଗଡ) ରେ ବିଭକ୍ତ କରି ପ୍ରତ୍ୟେକ ତହସିଲକୁ ଜଣେ ଜଣେ ତହସିଲଦାରଙ୍କ ହସ୍ତରେ ନ୍ୟସ୍ତ କରିଥିଲେ । ଏମାନେ ଉଭୟ ଦେୱାନୀ ଓ ଫୌଜଦାରୀ ମୋକଦ୍ଦମା ବିଚାର କରିବା ପାଇଁ କ୍ଷମତାପ୍ରାପ୍ତ ହୋଇଥିଲେ । ଦେବଗଡ ଓ କୁଚିଣ୍ଡା ତହସିଲଦାର ପ୍ରଥମ ଶ୍ରେଣୀ ଓ ବାରକୋଟ ତହସିଲଦାର ଦ୍ୱିତୀୟ ଶ୍ରେଣୀ ମାଜିଷ୍ଟ୍ରେଟ୍ କ୍ଷମତାପ୍ରାପ୍ତ ହୋଇଥିଲେ । ଦେବଗଡ, କୁଚିଣ୍ଡା, ବାରକୋଟ, ନଈକୂଳ, ଗୋଡପାଲି ଓ ଗୋବିନ୍ଦପୁର ଠାରେ ପୁଲିସ୍ ଥାନା ପ୍ରତିଷ୍ଠିତ ହୋଇଥିଲା ।

ପୂର୍ବରୁ ପ୍ରଚଳିତ ପ୍ରଶାସନିକ ବ୍ୟବସ୍ଥା ସମୟକ୍ରମେ ଏକ ସ୍ଥାଣୁ ଅବସ୍ଥାକୁ ଆସିଯାଇଥିଲା । ପ୍ରଶାସନିକ ସଂସ୍ଥାସମୂହରେ ବାସୁଦେବ ସଂସ୍କାର କରି ସେଗୁଡିକୁ

ସେ କର୍ମକ୍ଷମ କରିଥିଲେ । ଦରବାର ପରିବର୍ତ୍ତେ କାଉନସିଲ ଶବ୍ଦ ବ୍ୟବହାର ନିମନ୍ତେ ସେ ଆଦେଶ ଦେଇଥିଲେ । ତାଙ୍କ କାଉନସିଲରେ ନଅଜଣ ସଭ୍ୟଥିଲେ । ତାଙ୍କର ପ୍ରାଇଭେଟ୍ ସେକ୍ରେଟାରୀ କାଉନସିଲର ସେକ୍ରେଟାରୀ ରୂପେ କାର୍ଯ୍ୟ ନିର୍ବାହ କରୁଥିଲେ । ଏହି କାଉନସିଲରେ ବିଭିନ୍ନ ସମୟରେ ଅନେକ ସୁଯୋଗ୍ୟ ବ୍ୟକ୍ତି ରହୁଥିଲେ । ସେମାନଙ୍କ ମଧ୍ୟରେ ବୃନ୍ଦାବନଚନ୍ଦ୍ର ଦେବ, ଯୋଗେଶଚନ୍ଦ୍ର ଦାସ, ଦକ୍ଷିଣା ରଞ୍ଜନ ବିଦ୍ୟାରତ୍ନ, ନୀଳମଣି ବିଦ୍ୟାରତ୍ନ, ଶ୍ରୀନିବାସ ଗୁରୁ, କାଳିଚରଣ ଦ୍ୱିବେଦୀ, ଗିରୀଶଚନ୍ଦ୍ର ଘୋଷ, ନାରାୟଣଚନ୍ଦ୍ର ଦାସ ପ୍ରମୁଖ ପ୍ରଧାନ ।(ସ:ହି: ୫୨୪) କାଉନସିଲ ପ୍ରଶାସନିକ କ୍ଷେତ୍ରରେ ରାଜାଙ୍କୁ ଉପଯୁକ୍ତ କରାମର୍ଶ ଦେଉଥିଲେ ।

ବାସୁଦେବ ସିଂହାସନ ଆରୋହଣର ପରବର୍ଷ ରାଜ୍ୟର ସମସ୍ତ ଜମିର ନୂତନ ବନ୍ଦୋବସ୍ତ (Land Settlement) କରି କୃଷି ଉପଯୋଗୀ ଜମିକୁ ପ୍ରଧାନ ତିନି-ଭାଗରେ ବିଭକ୍ତ କରି କିସମୱାରି ରାଜକର ନିର୍ଦ୍ଧାରଣ କଲେ । ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗ ସୃଷ୍ଟିକଲେ । ତାଙ୍କର ସ୍ୱୟଂ ଉଦ୍ଭାବିତ ଶାସନ ପ୍ରଣାଳୀରେ ଇଂରେଜ ସରକାର ସନ୍ତୋଷ ପ୍ରକାଶ କରିଥିଲେ –

> The Raja of Bamra, in this as in all branches of administration prefers his own independent method of working, and in view of the generally excellent result which he produces, there is certainly no occasion to subject those methods to any disparaging criticism. (Adm. Report –1895)

(ଖ) ଯୋଗାଯୋଗ :

ଅରଣ୍ୟବେଷ୍ଟିତ ବାମଣ୍ଡାର ପର୍ବତ କଟାଇ ସୁଡ଼ଙ୍ଗଦେବ ରାସ୍ତା ତିଆର-କରିଥିଲେ । ବେଙ୍ଗଲ-ନାଗପୁର ରେଳପଥକୁ ନିଜ ରାଜ୍ୟ ଭିତରେ ଯିବାପାଇଁ ଅନୁମତି ପ୍ରଦାନ ସହିତ ଅଠର ମାଇଲ ଦୀର୍ଘ ଜମି ବିନା ରାଜସ୍ୱରେ ଛାଡି-ଦେଇଥିଲେ । ବାସୁଦେବଙ୍କ ସର୍ତ୍ତ ଥିଲା ଏ ବାଟଦେଇ ଯାଉଥିବା ସମସ୍ତ ରେଳଗାଡି ବାମରା ଷ୍ଟେସନରେ ରହିବ । ବାମରାଠାରୁ ଦେବଗଡର ଦୁର୍ଗମ ଅଠାବନ ମାଇଲ ରାସ୍ତାକୁ ବାସୁଦେବ ମଟରଗାଡି ଚାଲିବାର ଯୋଗ୍ୟ କରିଥିଲେ । ଅନେକ କଷ୍ଟ-ସ୍ୱୀକାର କରି ପାହାଡ କଟାଇ ସେ ପଥ ପ୍ରସ୍ତୁତ କରିଥିଲେ । ହାୱଡା ପୋଲ ଶୈଳୀରେ କୁଚିଣ୍ଡା ନିକଟସ୍ଥ ଭେଡେନ ନଦୀରେ ଝୁଲାପୋଲ ନିର୍ମିତ ହୋଇଥିଲା । ନିଜସ୍ୱ ଜ୍ଞାନ କୌଶଳରେ ନିର୍ମିତ ଏହି ପୋଲ କାର୍ଯ୍ୟର ନେତୃତ୍ୱ ନେଇଥିଲେ ଜଳନ୍ଧର ଦେବ । ବାସୁଦେବଙ୍କ ସ୍ଥପତିବିଦ୍ୟାରେ ଗଭୀର ପ୍ରବେଶ ଦେଖି ରାୟପୁରର ପଲଟିକାଲ୍ ଏଜେଣ୍ଟ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ :

> During the year the construction of the road connecting Deogarh, the chief town of the state with the Bengal Nagpur Railway; which passes through the Tahsil head-quarters of Kuchinda, had been pushed with vigour. Near Kuchinda there is a very difficult Ghat and this has now been made practicable for wheeled traffic by a really skilful piece of engineering, directed and super-vised by the Raja himself, who spent three weeks in camp at this place at a very unhealthy season of the year. (Adm. Report – 1891)

ବାମରା ରେଳପଥ ସହିତ ସଂଯୁକ୍ତ ହୋଇ ଦେବଗଡ ସଭ୍ୟଜଗତର ଆଲୋକ ପାଇଲା । ଗମନାଗମନ ପଥର ଉନ୍ନତି ସହିତ ବାଣିଜ୍ୟ ବ୍ୟବସାୟର ବିକାଶ ସାଧିତ-ହେଲା । ବାସୁଦେବଙ୍କ ଆତ୍ମଜ ସଚ୍ଚିଦାନନ୍ଦଙ୍କ ସମୟରେ ରମ୍ଭାଦେବୀ ପର୍ବତମାଳା ପଠାର ଆଠପଡା ପ୍ରଗଣା ଓ ରେଢ଼ାଖୋଲ ସହିତ ରାଜପଥ ସଂଯୁକ୍ତ ହୋଇଥିଲା ।

ବାମଣ୍ଡାର ଡାକ ବିଭାଗ ବାସୁଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଚଳିତ-ଥିଲା । ରାଜ୍ୟ ଭିତରେ ପତ୍ର ପ୍ରେରଣ ପାଇଁ ଦୁଇ ପଇସାର ଟିକଟ ଏବଂ ରାଜ୍ୟ-ବାହାରକୁ ଏକ ଅଣାର ଟିକଟ ବ୍ୟବସ୍ଥା ଥିଲା । ସରକାରଙ୍କ ପ୍ରସ୍ତାବ କ୍ରମେ ଏବଂ ନିଜ ପ୍ରଜାଙ୍କୁ ଅଧିକ ବ୍ୟୟରୁ ମୁକ୍ତ କରିବା ପାଇଁ ବାସୁଦେବ ଡାକ ବିଭାଗକୁ ସରକାରଙ୍କୁ ହସ୍ତାନ୍ତର କରିଥିଲେ । ବ୍ରିଟିଶ୍ ସରକାର ଉପଯୁକ୍ତ ଡାକସେବା ପ୍ରଦାନ ଓ ରାଜାଙ୍କ ଠାରୁ କୌଣସି ମୂଲ୍ୟ ନ ନେବାକୁ ଅଙ୍ଗୀକାର ପ୍ରଦାନ କରିଥିଲେ । ଏହି ନୂତନ ଯୋଜନା ୧୮୯୫ ଜାନୁୟାରୀ ପହିଲାରୁ କାର୍ଯ୍ୟକାରୀ ହୋଇଥିଲା ।

ଟେଲିଫୋନ ଉଦ୍ଭାବନ ହେବାର କୋଡିଏ ବର୍ଷ ମଧ୍ୟରେ ବାସୁଦେବଙ୍କ ଉଦ୍ୟମ ବଳରେ ବାମରାଠାରୁ ବାରକୋଟ ପର୍ଯ୍ୟନ୍ତ ଦୀର୍ଘ ୮୦ ମାଇଲ ଟେଲିଫୋନ ତାର ସଂଯୋଗ ହୋଇଥିଲା । ବାମରା, କୁଚିଣ୍ଡା, ଦେବଗଡ ଓ ବାରକୋଟ ରାଜ୍ୟର ଚାରୋଟି ପ୍ରଧାନ ପ୍ରଶାସନିକ କେନ୍ଦ୍ରକୁ ଏହା ସଂଯୋଗ କରୁଥିଲା । କେଶେଇ ବାହାଲ ଓ ମହୁଲପାଲି ଅଞ୍ଚଳରେ ଦସ୍ୟୁଭୟ ପ୍ରବଳ ଥିବାରୁ ସେହିସବୁ ସ୍ଥାନରେ ଏକ ଏକ ଶାଖା ଟେଲିଫୋନ୍ ଲାଇନ ସଂଯୋଗ କରାଯାଇଥିଲା । ଏ କାର୍ଯ୍ୟ ୧୯୦୦ଖ୍ରୀ.ରେ ଆରମ୍ଭ ହୋଇ ୧୯୦୧ ଶେଷଭାଗକୁ ସର୍ବମୋଟ ଆଠହଜାର ଟଙ୍କା ବ୍ୟୟରେ ସଂପନ୍ନ ହୋଇଥିଲା । ସମ୍ବଲପୁର ହିତୈଷିଣୀ ପୃଷ୍ଠାରୁ (୧୦-୭-୧୯୦୧) ଏ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସୂଚନା ମିଳେ । ତତ୍କାଳୀନ ଷ୍ଟେଟସ୍‌ମେନ ସଂବାଦ ପତ୍ର ଏହାକୁ ଭାରତର ଦୀର୍ଘତମ ଟେଲିଫୋନ ସଂଯୋଗ ରୂପେ ଘୋଷଣା କରିବା କଥା ଶଶିଭୂଷଣ ରାୟ ବର୍ଣ୍ଣନା କରନ୍ତି । (ନବୀନ ୭/୮)

**(ଗ) ସ୍ୱାସ୍ଥ୍ୟ :**

ଜନସାଧାରଣଙ୍କ ସ୍ୱାସ୍ଥ୍ୟ ରକ୍ଷା ହିଁ ଶାସକର ପ୍ରଧାନ କର୍ତ୍ତବ୍ୟ । ବାମଣ୍ଡା ରାଜ୍ୟରେ ଦେବଗଡ ଓ କୁଚିଣ୍ଡା ଠାରେ ଦୁଇଟି ଚିକିତ୍ସାଳୟ ସ୍ଥାପିତ ହୋଇଥିଲା । ରେକର୍ଡରୁ ଜଣାଯାଏ ୧୮୯୧ରେ ୪୭୭୮ ରୋଗୀ ଚିକିତ୍ସିତ ହୋଇଥିବା ସ୍ଥଳେ ୧୮୯୨ରେ ୭୯୨୨ ଜଣ ଚିକିତ୍ସିତ ହୋଇଥିଲେ । (ସ.ହି. ୪/୧୧) । ଏତଦ୍‌ବ୍ୟତୀତ ବାସୁଦେବ ସେ ସମୟର ଗୁଣୀ ଉତ୍ସାହୀ ଡାକ୍ତରମାନଙ୍କୁ ଆଣି ରଖିଥିଲେ । ବିଭିନ୍ନ ରୋଗର ପ୍ରତିକାର ତଥା ପ୍ରତିଷେଧକ ବ୍ୟବସ୍ଥା ପାଇଁ ବିଭିନ୍ନ ପୁସ୍ତକ ପ୍ରଣୟନ କରି ଲୋକଙ୍କ ମଧ୍ୟରେ ବିନାମୂଲ୍ୟରେ ବିତରିତ ହେଉଥିଲା । ଏହାର ଏକ ସଫଳ ଉଦାହରଣ ନୀଳମଣିବିଦ୍ୟାରତ୍ନ ପ୍ରଣୀତ 'ବିସୂଚିକା ଚିକିତ୍ସା' । ଏହି ପୁସ୍ତକ ମୋଫସଲ ଲୋକଙ୍କର ବିଶେଷ ଉପଯୋଗୀ ହୋଇଥିବାର ସୁଦ୍ଧଳଦେବ ସ୍ୱୀକାର କରିଛନ୍ତି ଏବଂ ଲୋକଙ୍କୁ ପୁସ୍ତକଟି ଉପହାର ରୂପେ ପ୍ରଦାନ କରିଛନ୍ତି । (ସ.ହି. ୫/୪) । ଜନସାଧାରଣଙ୍କ ଚିକିତ୍ସା ସହିତ ପଶୁଚିକିତ୍ସା, ଗୋ-ଚିକିତ୍ସା ପ୍ରଭୃତି ଉପରେ ଗୁରୁତ୍ୱ ପ୍ରଦାନକରି ପୁସ୍ତକ ପ୍ରଣୀତ ହୁଏ । ବିଦ୍ୟାରତ୍ନଙ୍କ 'ଜ୍ୱରଚିକିତ୍ସା' 'ସର୍ବବିଷ ଚିକିତ୍ସା' ପ୍ରଭୃତି ପୁସ୍ତକ ଏ ପ୍ରସଙ୍ଗରେ ସ୍ମରଣଯୋଗ୍ୟ ।

ବାମଣ୍ଡା ଜେଲ୍‌ରେ କଏଦୀମାନଙ୍କର ସ୍ୱାସ୍ଥ୍ୟ ନିୟମିତ ପରୀକ୍ଷା କରାଯାଇ ଉପଯୁକ୍ତ ଖାଦ୍ୟ ଏବଂ ଔଷଧ ରାଜ୍ୟତରଫରୁ ମାଗଣାରେ ଯୋଗାଇ ଦିଆଯାଉଥିଲା । ବାମଣ୍ଡାରେ ନିଯୁକ୍ତ ଡାକ୍ତରମାନେ ମହାମାରୀ ସମୟରେ ଗ୍ରାମ ଗ୍ରାମ ଗସ୍ତକରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ପ୍ରତିଷେଧକ ବ୍ୟବସ୍ଥାର ପର୍ଯ୍ୟାଲୋଚନା କରୁଥିଲେ । ଏଣୁ ଏମାନେ ନାମକୁମାତ୍ର ଡାକ୍ତର ନଥିଲେ । ରାଧାନାଥଙ୍କ ଭାଷାରେ :

> ବାମଣ୍ଡାର ଚିକିତ୍ସାଳୟର ବନ୍ଦୋବସ୍ତ ଅତି ସୁନ୍ଦର । ଔଷଧ, ପଥ୍ୟଦ୍ରବ୍ୟ ଏବଂ ଯନ୍ତ୍ରାଦିର ଅଭାବ ନାହିଁ । ମଫସଲରେ ଲୋକମାନଙ୍କୁ ବସନ୍ତରୋଗରୁ ରକ୍ଷା କରିବା ନିମନ୍ତେ ଟିକାଦାତାମାନେ ଗ୍ରାମେ ଗ୍ରାମେ ଭ୍ରମଣ କରୁଅଛନ୍ତି । ଚିକିତ୍ସାଳୟରେ ରେଜିଷ୍ଟରୀ ଦୃଷ୍ଟିରେ ଜଣାଗଲା ଯେ, ଏଠାରେ ଡାକ୍ତରମାନେ ନିତାନ୍ତ ରାଜ ମୋସାହେବ ନୁହନ୍ତି; ବାସ୍ତବିକ ଏମାନଙ୍କୁ ମୁଣ୍ଡ ତତାଇ ହାଣ୍ଡି ତତାଇବାକୁ ହୁଏ । — 'ଭ୍ରମଣକାରୀର ପତ୍ର'

ଏହା ସହିତ ବାମଣ୍ଡାରୁ ପ୍ରକାଶିତ ସଂବଲପୁର ହିତୈଷିଣୀ ଓ ଉତ୍କଳ ମଧୁପରେ ନିୟମିତ ସ୍ୱାସ୍ଥ୍ୟ ପ୍ରସଙ୍ଗ ଓ ବିଭିନ୍ନ ରୋଗର ସହଜ ଚିକିତ୍ସା ପ୍ରକାଶିତ ହେଉଥିଲା ।

**(ଘ) ଶିଳ୍ପ ଓ ବାଣିଜ୍ୟ :**

ଅରଣ୍ୟ-ସଂପଦ ବାମଣ୍ଡାର ଅନ୍ୟତମ ଆକର୍ଷଣ । ବାମଣ୍ଡାର ଅର୍ଥନୈତିକ-ଅବସ୍ଥାର ଉନ୍ନତି ପାଇଁ ବାସୁଦେବ ବିଲାତରୁ କରତକଳ ଆଣି ରେଲୱେ କଂପାନୀକୁ

ସ୍ଲିପର୍ ଯୋଗାଇଥିଲେ । ସ୍ଲିପର୍ ବ୍ୟବସାୟରେ ବାସୁଦେବ ପ୍ରଚୁର ଆୟ କରିଥିଲେ । ହସ୍ତି ଉପଦ୍ରବରୁ ଚାଷଜମି ରକ୍ଷା କରିବାପାଇଁ ସେ ହାତୀ ଧରୁଥିଲେ । ହାତୀଗୁଡ଼ିକୁ କାଠବୋହିବା ଓ ଚାଷଜମି ପ୍ରସ୍ତୁତ କରିବାରେ ବ୍ୟବହାର କରାଯାଉଥିଲା । ହାତୀ ବିକ୍ରୟ ଗଡଜାତର ଅନ୍ୟତମ ମୁଖ୍ୟ ଆମଦାନୀ ଥିଲା । ବାମଣ୍ଡାର ପାଉଡି, ମଣ୍ଡାଶିଳା, କଂସର, ରମ୍ଭାଦେବୀ ପ୍ରଭୃତି ଜଙ୍ଗଲରୁ ହାତୀଧରା ଯାଉଥିଲା ।

ଦେବଗଡ ଜେଲର କଏଦୀମାନଙ୍କ ଦ୍ୱାରା ପାଟ, ଟସର, ମଠା, ଉତ୍କୃଷ୍ଟ ସତରଞ୍ଜି, ଧୋତି, ଚାଦର, ଗାମୁଛା ପ୍ରଭୃତି ବୁଣିବାର ଆୟୋଜନ କରାଯାଇଥିଲା । ବାହାରୁ କାରିଗର ଆଣି କଏଦୀମାନଙ୍କୁ ତାଲିମ ଦିଆଯାଉଥିଲା । ଏହି ବସ୍ତ୍ରର ଆଦର ଦେଖି ରମ୍ଭେଇଠାରେ ଛଅଟି ବୟନ କଳ ବସାଯାଇଥିଲା । ଏଥି ସହିତ ଚିନିକଳ ଓ ଜଳ ଉଠାଇବା କଳ ମଧ୍ୟ ସ୍ଥାପିତ ହୋଇଥିଲା ।

ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟଯୋଗୁଁ ବାସୁଦେବଙ୍କ ରାଜତ୍ୱ ସମୟରେ ରାଜ୍ୟର ରାଜସ୍ୱ ୧୮୬୮ରେ ଟ୬୦୦୦/- ରୁ ୧୯୦୨ରେ ଟ୧,୭୨,୩୧୦/- କୁ ବୃଦ୍ଧି ପାଇଥିଲା । ବାସୁଦେବଙ୍କ ସ୍ଥାପିତ କଳକାରଖାନା ଓ ବାଣିଜ୍ୟ ସଚ୍ଚିଦାନନ୍ଦଙ୍କ ସମୟରେ ପ୍ରସାରିତ ହୋଇଥିଲା ।

ବାସୁଦେବଙ୍କ ସମୟରେ ବ୍ରାହ୍ମଣୀ ନଦୀପଥକୁ ସୁନାବ୍ୟା କରାଯାଇ କଟକ ସହିତ ବାଣିଜ୍ୟ ସମ୍ବନ୍ଧ ସ୍ଥାପନ କରାଯାଇଥିଲା । ଶାଳକାଠ, ତିସି, ରାଶି, ସୋରିଶ ପ୍ରଭୃତି ତୈଳବୀଜ କଟକକୁ ରପ୍ତାନୀ ହୋଇ ସେଠାରୁ କପଡା, ଲୁଣ ଓ ଅନ୍ୟାନ୍ୟ ପ୍ରୟୋଜନୀୟ ପଦାର୍ଥ ବାମଣ୍ଡାକୁ ଆମଦାନୀ ହେଉଥିଲା । କଲିକତାର ନିମତାଲା ଘାଟଠାରେ ବାସୁଦେବ ଏକ ସ୍ୱତନ୍ତ୍ର କାଠ ବିକ୍ରୟ କେନ୍ଦ୍ର ଖୋଲି କାରବାର ବୃଦ୍ଧିକରିଥିଲେ । ଦୀନବନ୍ଧୁ ଗଡନାୟକ, ରସାନନ୍ଦ ସାହୁ ପ୍ରମୁଖ ବାସୁଦେବଙ୍କ ସ୍ଲିପର୍ ବ୍ୟବସାୟକୁ ପରିଚାଳନା କରୁଥିଲେ ।

### (ଡ) ସଂସ୍କାରମୂଳକ କାର୍ଯ୍ୟ :

ବାସୁଦେବ ସୁଶୃଙ୍ଖଳ କାରାପଦ୍ଧତି ପ୍ରଚଳନ କରିଥିଲେ । ପକ୍କା ଗୃହରେ କଏଦୀମାନେ ରହୁଥିଲେ । ତାଙ୍କୁ ବିଭିନ୍ନ ବୈଷୟିକ ଶିକ୍ଷା ଦିଆଯାଉଥିଲା । କେବଳ ଶିଳ୍ପଶିକ୍ଷା ନୁହେଁ; କଏଦୀମାନଙ୍କୁ ସମ୍ବଲପୁର ହିତୈଷିଣୀ ଭଳି ମହାନ୍ ପତ୍ରିକାର ମୁଦ୍ରଣକାର୍ଯ୍ୟରେ ନିଯୁକ୍ତି ଦିଆଯାଉଥିଲା । ଗଠନମୂଳକ ଶିକ୍ଷାଦ୍ୱାରା କଏଦୀମାନେ ପରବର୍ତ୍ତୀ ଜୀବନରେ ସୁନାଗରିକ ହୋଇ ସମାଜରେ ଚଳୁଥିଲେ ।

ମାଦକ ଦ୍ରବ୍ୟ ନିଷେଧ ବାସୁଦେବଙ୍କର ଏକ ବଳିଷ୍ଠ ପଦକ୍ଷେପ । ବାମଣ୍ଡାର ହିତାକାଂକ୍ଷୀ ନୃପତି ବେଶ୍ ହୃଦୟଙ୍ଗମ କରିଥିଲେ— ରାଜ୍ୟରେ ଉନ୍ନତି ପଥରେ ନିଶାଦ୍ରବ୍ୟ ସେବନ ଏକ ପ୍ରଧାନ ଅନ୍ତରାୟ । ଏଣୁ ସେ କଠୋରଭାବେ ନିଶାନିବାରଣ ଆଇନ୍

ପ୍ରଣୟନ କରିଥିଲେ । ବାମଣ୍ଡା ରାଜ୍ୟରେ ନିଶାଦ୍ରବ୍ୟ ଚାଲାଣର ସମସ୍ତ କାର୍ଯ୍ୟକ୍ରମ ନିଷିଦ୍ଧ କରାଯାଇଥିଲା । ଅଭ୍ୟାସଯୁକ୍ତ ଅଫିମଖୋର୍‌ମାନଙ୍କର ନାମ ପୋଲିସ ଷ୍ଟେସନ୍‌ରେ ଲିପିବଦ୍ଧ ହୋଇ ସେମାନଙ୍କୁ ନିୟମିତ ପରିମାଣର ଅଫିମ କ୍ରୟ କରିବାର ଆଦେଶ ପ୍ରଦତ୍ତ ହୋଇଥିଲା । ନିମ୍ନଶ୍ରେଣୀର ଲୋକଙ୍କ ପର୍ବପର୍ବାଣୀ ଉପଲକ୍ଷେ ସାମୟିକ ସୁରାପାନର ଅନୁମତି ପ୍ରଦାନକରାଯାଉଥିଲା । ଏତଦ୍‌ବ୍ୟତୀତ ନିଶାସେବନ ସର୍ବାଦୌ ନିଷିଦ୍ଧଥିଲା । (ସ.ହି. ୪/୧୬) । ନିଶାସେବୀଙ୍କୁ ବେତ୍ରାଘାତ ଠାରୁ ରାଜ୍ୟାନ୍ତର ପର୍ଯ୍ୟନ୍ତ ରାଜଦଣ୍ଡରେ ଦଣ୍ଡିତ କରିବାର ନିୟମ ପ୍ରଚଳିତ ହୋଇଥିଲା । ଏପରିକି ନିଶାସେବନ ସଂପର୍କିତ ଦଣ୍ଡରୁ ରାଜବଂଶୀୟମାନେ ମଧ୍ୟ ନିଷ୍କୃତି ପାଉ-ନଥିଲେ । ଅନ୍ୟ ଏକ ଗଡଜାତର ରାଜା ଏବଂ ସୁଚ୍ଛଳଦେବଙ୍କ ଜାମାତା ମଧ୍ୟ ମଦ୍ୟପାନ ଯୋଗୁଁ ବାସୁଦେବଙ୍କ ଦ୍ୱାରା ତିରସ୍କୃତ ହୋଇ ଆଜୀବନ ବାମଣ୍ଡାର ସୀମା-ସ୍ପର୍ଶ କରିନଥିଲେ ।

ଏ ପ୍ରସଙ୍ଗରେ ବ୍ରିଟିଶ୍ ସରକାରଙ୍କ ପ୍ରଶଂସା ପ୍ରଣିଧାନଯୋଗ୍ୟ—

The smuggling of ganja of which there is so much complaint in other states in Eastern Frontier is said to be almost unknown here. The Raja considers that his arrangement for punishing offenders and rewarding informers afford him all the protection he need. (Adm. Report.1893)

ବାସୁଦେବଙ୍କ ନିର୍ଦ୍ଦେଶକ୍ରମେ ସଂବଲପୁର ହିତୈଷିଣୀର ଅନେକ ସଂଖ୍ୟାରେ ମଦ, ଗଞ୍ଜେଇ, ଅହିଫେନ ବିରୁଦ୍ଧରେ ସଂବାଦ ପ୍ରକାଶ ପାଇଥିଲା । ସ.ହି. (୪/୧୬)ରେ ଅହିଫେନ ସେବନ ନିଷେଧ ସମ୍ବନ୍ଧରେ ଆଦେଶ ପ୍ରକାଶ ପାଇଥିଲା । ଏହି ବିଜ୍ଞପ୍ତି ଅନୁସାରେ ଅହିଫେନ ସେବନକାରୀ ଅହିଫେନ ତିନି ମାସ ମଧ୍ୟରେ ନଛାଡିଲେ କର୍ମଚ୍ୟୁତ ହେବ । କମ୍ମୁ ଖାଁ ନାମକ ହେଡ କନେଷ୍ଟବଲ ଅଫିମ ନଛାଡିବାରୁ କାର୍ଯ୍ୟରୁ ନିଲମ୍ବିତ ହୋଇଥିଲା (ସ.ହି. ୫/୧୮) । ଏପରିକି ବାମଣ୍ଡା ଆଲୋଚନା ସଭାରେ 'ମଦ୍ୟର ଦୋଷଗୁଣ' ଉପରେ ବିଶେଷ ଆଲୋଚନା ହୋଇ ମଦ୍ୟ ବିରୁଦ୍ଧରେ ମତ ପ୍ରକାଶ ପାଇଥିଲା (ସ.ହି. ୧୪/୪୧) । ବାସୁଦେବଙ୍କ ମଦ୍ୟବିରୋଧୀ ଆଭିମୁଖ୍ୟକୁ ବିଦ୍ୟାରତ୍ନ ସମ୍ବଲପୁର ହିତୈଷିଣୀ ଓ ଉତ୍କଳ ମଧୁପ ମାଧ୍ୟମରେ ବହୁପ୍ରସାରୀ କରିଥିଲେ ।

ଇଂରେଜ ସରକାରଙ୍କ ପ୍ରଶାସନିକ ବିବରଣୀସମୂହରେ ବାସୁଦେବଙ୍କର ନୀତିକୁ ଉଦାତ୍ତକଣ୍ଠରେ ପ୍ରଶଂସା କରାଯାଇଥିଲା । ବାସୁଦେବଙ୍କର ସମାଜସଂସ୍କାର ଓ ଶାସନ-ପଦ୍ଧତି ଊନବିଂଶ ଶତାବ୍ଦୀର ଅନେକ ବୁଦ୍ଧିଜୀବୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ଏ ପର୍ଯ୍ୟାୟରେ ବାସୁଦେବଙ୍କର ନିଶାବିନାଶ ନୀତିକୁ ଅନେକେ ଆନ୍ତରିକ ସ୍ୱୀକୃତି ପ୍ରଦାନ କରିଥିଲେ । ଏହାର ଏକ ବଳିଷ୍ଠ ନିଦର୍ଶନ P.E.Heberletଙ୍କର An Anti-opium

Indian State (1891) ପ୍ରବନ୍ଧ । ଉଲ୍ଲିଖିତ ପ୍ରବନ୍ଧରେ ସେ ବାମଣ୍ଡାର ତଥା ବାସୁଦେବଙ୍କୁ ଭୂୟସୀ ପ୍ରଶଂସା କରିଯାଇଛନ୍ତି –

> ..... the Raja, seeing how runious the opium habit is, has strictly prohibited its use by any, save those who have long been adicted to it and whose names have been entered on a police register as habitual consumers. These can obtain the drug only in moderate quantities at certain police station, three in number I believe. And no one known to be adicted to opium is eligible for employment in the state service.
>
> The adoption of this prohibitive measures has effectually checked an evil that threatened to attain large proportions. And when the registered consumers have passed away the state will be wholly freed from the reproach of using opium for any save medical purpose.
>
> The wise and enlightened policy of this Indian prince in thus preserving his people from a great danger is worthy of all praise and should be published as an example to others. The British Government might learn a lesson from him in this matter.

ବାସୁଦେବଙ୍କ ସମୟରେ ଅଫିମଖୋର୍‌ମାନଙ୍କ ନାମ ଥରେ ରେଜେଷ୍ଟ୍ରିଭୁକ୍ତ ହେଲାପରେ ନୂତନ ବ୍ୟକ୍ତିଙ୍କୁ ରେଜେଷ୍ଟ୍ରିଭୁକ୍ତ କରାନଯାଇ ବେନିୟମ ସାବ୍ୟସ୍ତ କରାଯାଉଥିଲା ଏବଂ ଏଥିପାଇଁ କଠୋର ଦଣ୍ଡ ବ୍ୟବସ୍ଥା ରହିଥିଲା । ଫଳତଃ ରେଜେଷ୍ଟ୍ରିଭୁକ୍ତ ଅଫିମଖୋର୍‌ଙ୍କ ଅବସାନ ପରେପରେହିଁ ବାମଣ୍ଡାରୁ ଏକପ୍ରକାର ଅଫିମସେବୀମାନଙ୍କର ସଂଖ୍ୟା ଲୋପପାଇଯାଇଥିଲା ।

ଦୂରଦ୍ରଷ୍ଟା ସୁଚ୍ଚଳଦେବଙ୍କ ନିଶାବିନାଶ ନୀତି ନିଜ ପ୍ରଜାମାନଙ୍କର ମଙ୍ଗଳସାଧନ ସହିତ ଆଣିଦିଏ ଅମ୍ଳାନ ପ୍ରଶଂସାର ଧାରା । ତାଙ୍କର ଏହି ବିଜ୍ଞ ଏବଂ ହିତକାରୀ ନୀତି ଏକ ବଳିଷ୍ଠ ଦୃଷ୍ଟାନ୍ତ ରୂପେ ଯୁଗଯୁଗ ଧରି ସମଗ୍ର ମାନବଜାତି ତଥା ସରକାରଙ୍କଦ୍ୱାରା ଅନୁସୃତହେବ ଏଥିରେ ସନ୍ଦେହ ନାହିଁ । ଆଜିର ଏ ଘୋର ଦୁଃସମୟରେ ଏ ନୀତିର ଅନୁସରଣରେ ସମଗ୍ର ମାନବଜାତିର ତଥା ଦେଶର ମଙ୍ଗଳ ନିହିତ ।

ଊନବିଂଶ ଶତାବ୍ଦୀର ସ୍ତୂପୀକୃତ ଅଂଧକାର ଓ କୁସଂସ୍କାର ଦୂରୀକରଣ ପାଇଁ ବାସୁଦେବ ବଦ୍ଧପରିକର ଥିଲେ । କୁସଂସ୍କାର ଦୂରୀକରଣ ବିନା ସମାଜ ତଥା ମାନବର ଉନ୍ନତି ଅସଂଭବ, ଏହା ସେ ହୃଦୟଙ୍ଗମ କରିଥିଲେ । ତାଙ୍କର ଏଉ ଆଭିମୁଖ୍ୟକୁ

ତାଙ୍କର ମାନସ-ସନ୍ତାନ ସମ୍ବଲପୁରହିତୈଷିଣୀ ବହୁପ୍ରସାରୀ କରିଥିଲା । ନରବଳି, ଜାତିଭେଦ, ସତୀଦାହ ପ୍ରଥା, ବାଲ୍ୟବିବାହ, ବୃଦ୍ଧବିବାହ, କନ୍ୟାସୁନା ପ୍ରଭୃତି କୁପ୍ରଥା ବିରୁଦ୍ଧରେ ହିତୈଷିଣୀ ତଥା ବାସୁଦେବ ଆଜୀବନ ସଂଗ୍ରାମ କରିଛନ୍ତି । ନାରୀଶିକ୍ଷା ଉପରେ ସୁଢ଼ଳଦେବ ଗୁରୁତ୍ୱ ପ୍ରଦାନ କରିଥିଲେ । ନାରୀଜାତିର ଉନ୍ନତି ବିନା ସମାଜ-ସଂସ୍କାର ଅସମ୍ଭବ । ନାରୀ ଶିକ୍ଷିତ ହେଲେ ଦେଶ ଓ ଜାତିର ସମୃଦ୍ଧି ସାଧିତ ହୁଏ ।

ବାଲ୍ୟବିବାହ ଏକ ଉତ୍କଟ ସମସ୍ୟା । ବୃଦ୍ଧ ବ୍ୟକ୍ତିମାନଙ୍କର ବାଳିକା ବିବାହ ହିଁ ବିଧବା ସମସ୍ୟା ସୃଷ୍ଟିକରେ । ବୃଦ୍ଧସ୍ୟ ତରୁଣୀ ଭାର୍ଯ୍ୟା ଶୀର୍ଷକରେ ହିତୈଷିଣୀ ବୃଦ୍ଧ ବିବାହକୁ କଟାକ୍ଷ କରେ । ଏ ପ୍ରସଙ୍ଗରେ ହିତୈଷିଣୀ ମତ ପ୍ରଣିଧାନ ଯୋଗ୍ୟ ''ବାଲ୍ୟ ବିବାହ ବିଧବା ଆମଦାନୀର ଗୋଟିଏ ପ୍ରଶସ୍ତ ପଥ ସ୍ୱରୂପ ହୋଇ ବାଳିକାମାନଙ୍କୁ ବୈଧବ୍ୟ ଯନ୍ତ୍ରଣାରେ ନିକ୍ଷେପିତ କରୁଅଛି ।'' (ସମ୍ବଲପୁର ହିତୈଷିଣୀ – ୨/୧)

୧୮୯୩ରେ ବାସୁଦେବ ନିଜ ରାଜ୍ୟରେ ବୃଦ୍ଧ ବିବାହ ନିଷିଦ୍ଧ କରିଥିଲେ । ୧୯୦୩ରେ ଏକ ବିଜ୍ଞପ୍ତି ବଳରେ କନ୍ୟାର ୧୨ ବର୍ଷ ଓ ବରର ୧୪/୧୫ ବର୍ଷରୁ କମ୍‌ରେ ବିବାହ କରାଯାଇ ପାରିବ ନାହିଁ ବୋଲି ଘୋଷଣା କରିଥିଲେ । ୧୮୯୦ରେ ବମ୍ବେ ଜାତୀୟ ସମିତି ବିଧବା ବିବାହ ପ୍ରବର୍ତ୍ତନ ଓ ବାଲ୍ୟବିବାହ ଉଚ୍ଛେଦ ସମ୍ବନ୍ଧେ ପ୍ରସ୍ତାବ ଗ୍ରହଣ କରନ୍ତି । ଏ ପ୍ରସ୍ତାବକୁ ବାମଣ୍ଡା ହିତୈଷିଣୀ ମାଧ୍ୟମରେ ସ୍ୱାଗତ କରେ । ସେହିବର୍ଷ ସୁଢ଼ଳଦେବ ବାମଣ୍ଡା ରାଜ୍ୟର ବାସୁଦେବପୁର ଗ୍ରାମରେ ଏକ ଅଶି ବର୍ଷର ବୃଦ୍ଧର ୨୫୦ଟଙ୍କା ବିନିମୟରେ ସାତ ଆଠ ବର୍ଷର ବୃଦ୍ଧର କନ୍ୟା ବିବାହକୁ ନିଷିଦ୍ଧ କରନ୍ତି । ବୃଦ୍ଧଙ୍କୁ ଟଙ୍କା ନଫେରାଇ ଦେଇ ଥଟ୍ଟା କରି କହନ୍ତି, ଦୋଳମୁକୁଟ ପିନ୍ଧି ଆପଣ ମହାଯାତ୍ରାର ପଥିକ ହୋଇଛନ୍ତି ଏ ଅଳୀକ ମୋହରେ ଘାରିହେଉଛନ୍ତି କାହିଁକି ? ପରେ ଏକ ଯୁବକ ସହ ସେହି ବାଳିକାର ବିବାହ ବାସୁଦେବଙ୍କ ତତ୍ତ୍ୱାବଧାନରେ ହୁଏ ।

ବାସୁଦେବଙ୍କର ଲୋକହିତକର ଆଦର୍ଶବାଦୀ ଚିନ୍ତାଧାରାକୁ ସଚ୍ଚିଦାନନ୍ଦ ଓ ଜଳନ୍ଧର ପ୍ରମୁଖ ଉଚିତ ସମ୍ମାନ ପ୍ରଦର୍ଶନ କରନ୍ତି । ସଚ୍ଚିଦାନନ୍ଦ ନିଜ ରାଜତ୍ୱ ସମୟରେ ବୃଦ୍ଧବିବାହ, ବାଲ୍ୟବିବାହକୁ କଠୋର ଭାବେ ବିରୋଧ କରିଥିଲେ । ଜଳନ୍ଧରଙ୍କ ପ୍ରଣୀତ ବିବାହ ବିଚାର (୧୯୨୮) ଏହି ଆଦର୍ଶ ବିଚାରର କଳାତ୍ମକ ପରିଣତି । ଏହି ପୁସ୍ତକରେ ବିବାହର ଶାସ୍ତ୍ରୀୟ ଓ ବୈଜ୍ଞାନିକ ସଂଜ୍ଞା ପ୍ରଦାନ ସହିତ ବାଲ୍ୟବିବାହ ବିରୁଦ୍ଧରେ ଏବଂ ଯୁବତୀ ଓ ବିଧବା ବିବାହ ସପକ୍ଷରେ ଦୃଢ଼ ମତ ପ୍ରକାଶ ପାଇଛି ।

ଦକ୍ଷଯଜ୍ଞରେ ସତୀଙ୍କର ଅଗ୍ନିରେ ଝାସ ଦେବା ପ୍ରସଙ୍ଗର ବିକୃତିକରଣ ହିଁ ସତୀଦାହ ପ୍ରଥା । ସ୍ୱାମୀର ମୃତ୍ୟୁପରେ ପତ୍ନୀଙ୍କୁ ଚିତାରେ ଆରୋହଣ କରି ପୁଣ୍ୟ-ଅର୍ଜନ କରିବାକୁ ବାଧ କରାଯାଉଥିଲା । ଏହି କୁସଂସ୍କାର ବିରୁଦ୍ଧରେ ଇଂରେଜମାନେ ପ୍ରଥମେ ସ୍ୱର ଉତ୍ତୋଳନ କରିଥିଲେ । ପୂର୍ବରୁ ଅବଶ୍ୟ ମୋଗଲ୍ ସମ୍ରାଟ୍ ଆକବର ଓ

ମହମ୍ମଦ ବିନ୍ ତୋଗଲକ୍ ଏ ପ୍ରଥାକୁ ରଦ୍ଦ କରିଥିଲେ କିନ୍ତୁ ଏହା ବିରୁଦ୍ଧରେ ଦୃଢ଼-କାର୍ଯ୍ୟାନୁଷ୍ଠାନ ଗ୍ରହଣକଲେ ଲର୍ଡ ବେଣ୍ଟିକ୍। ବେଣ୍ଟିକ୍‌ଙ୍କ ଏଭଳି ଉଦ୍ୟମକୁ ଆନ୍ତରିକ-ସମର୍ଥନ ଜଣାଇଥିଲେ ସୁଢ଼ଳଦେବ। ସେ ଯୁଗର ରକ୍ଷଣଶୀଳ ସମାଜ ଏହାକୁ ଗ୍ରହଣ କରିପାରିନଥିଲା। ସୁଢ଼ଳଦେବ ଏହି ସହ-ମରଣ ରୀତିକୁ ନିଷିଦ୍ଧ କରିଥିଲେ ଏବଂ ଯେଉଁଠି ଏହା ସଂଘଟିତ ହେଉଥିଲା ଆସାମୀମାନଙ୍କୁ ଉପଯୁକ୍ତ ଦଣ୍ଡ ପ୍ରଦାନ କରୁଥିଲେ। (ଉତ୍କଳ-ଦୀପିକା—୨୫/୨୯) ଅକ୍ଷତଯୋନି ବିଧବା-ବିବାହ ଦୋଷାବହ ନୁହେଁ ଏବଂ ଶାସ୍ତ୍ରସମ୍ମତ ବୋଲି ବାସୁଦେବ ଗ୍ରହଣ କରିଥିଲେ। ବାମଣ୍ଡା ଆଲୋଚନା ସଭାରେ ବାଲ୍ୟବିବାହ ଉପରେ ବହୁବାର ଆଲୋଚନା ହୋଇଛି। ଅନେକ ଅଧିବେଶନରେ ବାଦାନୁବାଦ ପରେ ଶାସ୍ତ୍ରୀୟ ପ୍ରମାଣର ଦ୍ୱାହିଦେଇ ଆଲୋଚକଗଣ ଯୁବତୀ-ବିବାହ ସପକ୍ଷରେ ଏକମତ ହୋଇଥିଲେ। ଦେଶର ଶାସ୍ତ୍ରସମୂହକୁ କାଳାନୁସାରେ ପରିବର୍ତ୍ତନ କରି ନିଜ ସମାଜରେ ଯୁବତୀ-ବିବାହ ପ୍ରଚଳନ କରିବାକୁ ସମସ୍ତେ ସ୍ୱୀକୃତ ହୋଇଥିଲେ। ବାଲ୍ୟବିବାହ ସମାଜର କଳଙ୍କ ହୋଇଥିବାରୁ ରହିତ-କରାଯାଇଥିଲା। କୃତବିଦ୍ୟ ପଣ୍ଡିତ-ଗଣଙ୍କ ସଂଯୁକ୍ତ ନିର୍ଦ୍ଧାରଣକୁ ସୁଢ଼ଳଦେବ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। (ସ.ହି. – ୧୧/୪୯)

ଜାତିଭେଦ ସମାଜ-ଜୀବନର ଅନ୍ୟତମ ଅନ୍ତରାୟ। ବାସୁଦେବ ଜାତିଭେଦ ଉତ୍ପାଟନ ଦିଗରେ କଠୋର ପଦକ୍ଷେପ ନେଇନଥିଲେ ମଧ ସବୁଶ୍ରେଣୀର ମଣିଷଙ୍କୁ ଆଦର କରୁଥିଲେ। ଜାତିଭେଦର ସପକ୍ଷ ଓ ବିପକ୍ଷ ମତାମତକୁ ସେ ଯତ୍ନସହକାରେ ବିଶ୍ଳେଷଣ କରୁଥିଲେ। କର୍ମ ଅନୁଯାୟୀ ଜାତିକୁ ସେ ସ୍ୱୀକାର କରୁଥିଲେ। କୌଣସି ମଣିଷକୁ ଅଛୁଆଁ କହି ଘୃଣା କରିବା ତାଙ୍କର ଅଭିପ୍ରାୟ ନଥିଲା। ବାମଣ୍ଡା ଆଲୋଚନା ସଭାରେ ତଥା ହିତୈଷିଣୀ ପୃଷ୍ଠାରେ ଜାତିଭେଦ ବିରୁଦ୍ଧରେ ମତ ପ୍ରକାଶ ପାଇଥିଲା।

ତା ୩-୬-୧୮୯୫ରିଖରେ ବିଶ୍ୱନାଥକରଙ୍କ ଆଗମନ ଫଳରେ ଅନୁଷ୍ଠିତ ଆଲୋଚନୀ ସଭାରେ ମଧୁସୂଦନ ମିଶ୍ର ତର୍କ ବାଚସ୍ପତି 'ଜାତିଭେଦ' ସପକ୍ଷରେ ଆଲୋଚନୀ କରିଥିଲେ। ଏହି ପ୍ରବନ୍ଧର ବିପକ୍ଷରେ ବିଶ୍ୱନାଥ କରଙ୍କ ପ୍ରବନ୍ଧ ହିତୈଷିଣୀରେ ପ୍ରକାଶପାଇ ବାଦାନୁବାଦ ସୃଷ୍ଟି ହୁଏ। ତା ୨୯-୯-୧୮୯୫ରିଖରେ ଆଲୋଚନାସଭାରେ ପୁରୀର ପଣ୍ଡିତ ମାର୍କେଣ୍ଡେୟ ପଞ୍ଚାନନ 'ପୌରଳିକତା ଓ ଜାତିଭେଦ ବିରୁଦ୍ଧେ' ଆଲୋଚନୀ କରନ୍ତି।

ହିତୈଷିଣୀ ସୁଢ଼ଳଦେବଙ୍କ ନିର୍ଦ୍ଦେଶକ୍ରମେ ଜାତିଭେଦ ବିରୁଦ୍ଧରେ ସଂଗ୍ରାମ କରୁଥିଲା। ଆଲୋଚନା ସଭାର ଉଲ୍ଲିଖିତ ଆଲୋଚନା ପୂର୍ବରୁ ୧୮୯୩ ମସିହାରେ ହିତୈଷିଣୀ ପୃଷ୍ଠାରେ ଜାତିଭେଦ ଶୀର୍ଷକରେ ବାଦାନୁବାଦ ଆନ୍ଦୋଳନାତ୍ମକ ରୂପ ଗ୍ରହଣ କରିଥିଲା। ଶ୍ରୀ ଶର୍ମାଙ୍କ ଜାତିଭେଦ ପ୍ରବନ୍ଧ (ସ.ହି. ୪/୫୨)ର ପ୍ରତିବାଦ ହିତୈଷିଣୀ

(୫/୭)ର ତା୧୯-୭-୧୮୯୩ରେ ବିଶ୍ୱନାଥ କର ରଚନା କରନ୍ତି । ହିତୈଷିଣୀ ସଂପାଦକ ଘୋଷଣା କରନ୍ତି, ''ଜାତିଭେଦ ଶୀର୍ଷକରେ ଶ୍ରୀ ଶର୍ମା ଓ ବିଶ୍ୱନାଥ କରଙ୍କର ଯୁକ୍ତି ଲାଗିଛି ଯେକୌଣସି ଲେଖକ ଯେକୌଣସି ପକ୍ଷର·ଲେଖାଦେଇପାରନ୍ତି ।'' ଏହି ଅମୀମାଂସିତ ବିତର୍କ ଆଲୋଚନା ସଭାରେ ନୂତନ ରୂପ ଗ୍ରହଣ କରିଥିଲା ।

ଜାତିଭେଦ ବିତର୍କ ଜଳନ୍ଧର ଦେବଙ୍କ 'ବର୍ଣ୍ଣ ଓ ଜାତି ବିଚାର' (ଉତ୍କଳ ସାହିତ୍ୟ-୩୭/୪) 'ଶୂଦ୍ରଜାତି କେଉଁଟା' (ଉପହାର-୧୯୩୭) ପରି ଉଚ୍ଚକୋଟୀର ପ୍ରବନ୍ଧକୁ ଜନ୍ମଦେଇଥିଲା । ଋଗ୍‌ବେଦର ପୁରୁଷସୂକ୍ତରେ ବର୍ଣ୍ଣିତ ନିମ୍ନୋକ୍ତ ଶ୍ଳୋକକୁ ବାମଣ୍ଡା ଆଲୋଚନା ସଭା ଖଣ୍ଡନ କରି ଜାତିଭେଦ ମୂଳରେ କୁଠାରଘାତ କରିଥିଲା ।

''ବ୍ରାହ୍ମଣୋଽସ୍ୟ ମୁଖମାସୀଦ୍ ବାହୂ ରାଜନ୍ୟ କୃତଃ
ଊରୂତଦସ୍ୟ ଯଦ୍ ବୈଶ୍ୟଃ ପଦ୍‌ଭ୍ୟାଂ ଶୂଦ୍ରୋ ଅଜାୟତ ।''

ସୁଢ଼ଳଦେବଙ୍କ ସମୟରୁ ବାମଣ୍ଡାରେ ଜାତିଭେଦ ବିରୁଦ୍ଧରେ ଏକ କ୍ଷୀଣ ଓ ବଳବତ୍ ଆନ୍ଦୋଳନ ସୃଷ୍ଟିହୋଇ ପରବର୍ତ୍ତୀ ସମୟରେ ସଫଳ ହୋଇଥିଲା । ସୁଢ଼ଳଦେବ ସମାଜର ଭାରସାମ୍ୟ ରକ୍ଷାକରି ମନ୍ଥର ଗତିରେ ଜାତିଭେଦପ୍ରଥାର ଉନ୍ମୂଳନର ପକ୍ଷପାତୀ ଥିଲେ ।

ବାସୁଦେବଙ୍କ ସମୟରେ ବାମଣ୍ଡାରେ କୁଲିଚାଲାଣ ପ୍ରବଳ ଥିଲା । ପଲିଟିକାଲ୍ ଏଜେଣ୍ଟଙ୍କ ସ୍ୱୀକୃତି ପାଇ କୁଲି ସର୍ଦ୍ଦାରମାନେ ନିରୀହ ଲୋକଙ୍କୁ ନାନା ପ୍ରଲୋଭନ ଦେଖାଇ ଆସାମକୁ ଚାଲାଣ କରୁଥିଲେ । ଏହି କୁଲିମାନେ ନାନାପ୍ରକାର ଶାରୀରିକ ନିର୍ଯ୍ୟାତନାର ଶୀକାର ହେଉଥିଲେ । ସୁଢ଼ଳଦେବ ପଲିଟିକାଲ ଏଜେଣ୍ଟଙ୍କୁ କୁଲି-ଚାଲାଣ ପ୍ରତି ନିଜର ଅସମ୍ମତି ଜଣାଇ ରାଜ୍ୟରେ ନିଷିଦ୍ଧାଦେଶ ଘୋଷଣା କରିଥିଲେ । ଏହି ଘୋଷଣାର ବିରୁଦ୍ଧାଚରଣ କଲେ ୫୦୦ଟଙ୍କା ପର୍ଯ୍ୟନ୍ତ ବା ଛ'ମାସ ପର୍ଯ୍ୟନ୍ତ ଜେଲଦଣ୍ଡର ବ୍ୟବସ୍ଥା ଥିଲା । ସଂପୃକ୍ତ ନିଷିଦ୍ଧାଦେଶ ଡିସେମ୍ବର ପହିଲା ୧୯୦୨ମସିହାରୁ ଲାଗୁ କରାଯାଇଥିଲା ।

ବାସୁଦେବ ସମଦର୍ଶୀ ଥିଲେ । ପ୍ରତ୍ୟେକ ଧର୍ମକୁ ସେ ସମାନ ଦୃଷ୍ଟିରେ ଦେଖୁଥିଲେ । କାୟୋମନୋବାକ୍ୟରେ ସେ ଆର୍ଯ୍ୟଥିଲେ ଏବଂ ସାରା ବିଶ୍ୱକୁ ଆର୍ଯ୍ୟ-ଭାବାପନ୍ନ କରିବାର ଆଶା ପୋଷଣ କରୁଥିଲେ । ନିଜ ରାଜ୍ୟରେ ଅନେକ ଜୀର୍ଣ୍ଣ-ମନ୍ଦିରର ଉଦ୍ଧାର କାର୍ଯ୍ୟ ସେ ଗ୍ରହଣ କରିଥିଲେ । ତାଙ୍କର ବଂଶଧରମାନଙ୍କୁ ହିନ୍ଦୁ ମନ୍ଦିର ନିର୍ମାଣ କରିବାରେ ସାହାଯ୍ୟ କରିଥିଲେ । କେବଳ ହିନ୍ଦୁମନ୍ଦିର ନୁହେଁ ସେ କୁଚିଣ୍ଡାର ମସଜିଦ୍ ନିର୍ମାଣ କରିଥିଲେ ଏବଂ ବାଲେଶ୍ୱର ବ୍ରାହ୍ମମନ୍ଦିରକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

ହିନ୍ଦୁ ଧର୍ମଗ୍ରନ୍ଥ ସହିତ ସେ ବ୍ରାହ୍ମ ଖ୍ରୀଷ୍ଟିୟାନ୍ ବୌଦ୍ଧ ମୁସଲମାନ ପ୍ରଭୃତି ଧର୍ମଗ୍ରନ୍ଥକୁ ଅନ୍ତଃଦୃଷ୍ଟି ସହିତ ଅଧ୍ୟୟନ କରିଥିଲେ । ଯେ କୌଣସି ଧର୍ମ ହେଉ ତାର ସାରବସ୍ତୁ ଗ୍ରହଣ କରି ଭ୍ରାନ୍ତିଗୁଡ଼ିକୁ ଲୋକଲୋଚନକୁ ଆଣିବାରେ ପଶ୍ଚାତ୍‌ପଦ ହେଉନଥିଲେ । ଖ୍ରୀଷ୍ଟିୟାନ ଧର୍ମପ୍ରଚାରକ P.E. Heberletଙ୍କ ହିନ୍ଦୁ ଦେବାଦେବୀଙ୍କ ଉପରେ ଥିବା ଭ୍ରାନ୍ତ ଧାରଣାକୁ ଦୀପିକା ପୃଷ୍ଠାରେ ଖଣ୍ଡନ କରିବା ସହ ତୀବ୍ର-ସମାଲୋଚନା ମଧ୍ୟ କରିଥିଲେ । ପୁଣି ସେହି ଧର୍ମପ୍ରଚାରକଙ୍କୁ ବାମଣ୍ଡାରେ ଧର୍ମ-ପ୍ରଚାରର ଅଖଣ୍ଡ ସୁଯୋଗ ଦେଇ ଦରବାରରେ ସମ୍ମାନିତ କରିଥିଲେ ।

ବ୍ରାହ୍ମ ଧର୍ମର ଛଦ୍ମତାକୁ ଦୀପିକା (୨୧/୪୫, ୨୧/୪୯, ୨୧/୫୦, ୨୨/୩, ୨୨/୧୧, ୨୨/୧୨, ୨୨/୧୩, ୨୨/୧୬, ୨୨/୨୨) ପୃଷ୍ଠାରେ ନିଷ୍ଠୁର ଭାବେ ସେ ସମାଲୋଚନା କରିଛନ୍ତି । ଅନ୍ୟ ପକ୍ଷରେ ବ୍ରାହ୍ମନେତା କବି ମଧୁସୂଦନ ରାଓ, ବିଶ୍ୱନାଥ କର, ପଣ୍ଡିତ ପ୍ରସନ୍ନଚନ୍ଦ୍ର ଭଟ୍ଟାଚାର୍ଯ୍ୟ ପ୍ରମୁଖଙ୍କୁ ବାମଣ୍ଡା ଦରବାରରେ ଉଚ୍ଛ୍ୱସିତ ସଂବର୍ଦ୍ଧନା ଦିଆଯାଇଥିଲା ।

ତା ୩-୬-୧୮୯୫ରିଖର ଆଲୋଚନା ସଭାରେ ବିଶ୍ୱନାଥକର "ବ୍ରାହ୍ମଧର୍ମ ଅଭ୍ୟୁତ୍‌ଥାନ ଓ ଦେଶ କାଳପାତ୍ର" ଉପରେ ଅଭିଭାଷଣ ପ୍ରଦାନ କରିଥିଲେ । ଏ ସଭାରେ ସୁଚ୍ଚଳଦେବ ସଭାପତିତ୍ୱ କରିଥିଲେ ଏବଂ ବିଶ୍ୱନାଥକରଙ୍କୁ ସମ୍ମାନିତ କରାଯାଇଥିଲା । (ସ.ହି. ୬-୧୧-୧୮୯୫) ଏ ସମସ୍ତ ବିବରଣୀରୁ ସୁଚ୍ଚଳଦେବଙ୍କ ସର୍ବଧର୍ମ ସମନ୍ୱୟ ଚିନ୍ତାଧାରା ପରିସ୍ଫୁଟ ହୁଏ ।

**(ଚ) କୃଷି :**

ରାଧାନାଥଙ୍କ ମତରେ ସୁଚ୍ଚଳଦେବ ଚଷା ମଧ୍ୟରେ ମହାଚଷା । କୃଷିର ଉନ୍ନତିରେ ହିଁ ରାଜ୍ୟର ଉନ୍ନତି । ବାମଣ୍ଡା ପ୍ରଜାଙ୍କର ପ୍ରଧାନ ଅବଲମ୍ବନ କୃଷି । ଅଶୀଭାଗ ଲୋକ କୃଷି ଉପରେ ନିର୍ଭରକରି ଚଳନ୍ତି । ଏ ସମସ୍ତ ଉକ୍ତିକୁ ଭଲ ଭାବରେ ହୃଦୟଙ୍ଗମ କରିଥିଲେ ସୁଚ୍ଚଳଦେବ । ପ୍ରଜାଙ୍କୁ ଉନ୍ନତ କୃଷି ପଦ୍ଧତି ସଂପର୍କରେ ଶିକ୍ଷା ଦେବାକୁ ବଳମଠାରେ ଏକ ଆଦର୍ଶ କୃଷିକ୍ଷେତ୍ର ସେ ପ୍ରସ୍ତୁତ କରିଥିଲେ । କେଉଁ ଜମିପାଇଁ କେଉଁ ସାର ଓ କେଉଁ ବିହନ ଉପଯୋଗୀ ପରୀକ୍ଷା ପରେ ନିର୍ଦ୍ଦିଷ୍ଟ କରି ଲୋକଙ୍କୁ ବୁଝାଇ ଦିଆଯାଉଥିଲା । ବିଭିନ୍ନ ଖମାରରେ ପରୀକ୍ଷାଲବ୍ଧ ଜ୍ଞାନକୁ ପ୍ରଜାଙ୍କୁ ଜଣାଇ-ଦିଆଯାଉଥିଲା । ଏତଦ୍‌ବ୍ୟତୀତ ପୁରୁଣା ଚାଷୀଙ୍କ ଅଭିଜ୍ଞତାଲବ୍ଧ ଉପାଦେୟ ଚାଷ ପ୍ରଣାଳୀକୁ ମଧ୍ୟ ଆଲୋଚନା ମାଧ୍ୟମରେ ସମସ୍ତ ଚାଷୀଙ୍କୁ ଅବଗତ କରାଯାଉଥିଲା । ୧୮୯୬ରେ ସୁଚ୍ଚଳଦେବଙ୍କ ପ୍ରେରଣା ଫଳରେ ଜଳନ୍ଧର ବିଲାତିଆଳୁ ଆମଦାନୀ କରି ପ୍ରଥମେ ନିଜ ଜମିରେ ପରୀକ୍ଷା ସ୍ୱରୂପ ଲଗାଇଥିଲେ । ସଫଳ ହେଲାପରେ ଇଚ୍ଛୁକ ପ୍ରଜାଙ୍କୁ ଆଳୁ ଚାଷ ପାଇଁ ପ୍ରବର୍ତ୍ତାଇଥିଲେ । (ସ.ହି. ୨୩-୧୨-୧୮୯୬)

କେବଳ ଧାନ ବା ପନିପରିବା ଚାଷ ନୁହେଁ ଅର୍ଥକାରୀ ମାଛଚାଷ, କୁକୁଡ଼ାଚାଷ, ଟସର ଚାଷ ଓ ଲାଖଚାଷ ଉପରେ ସୁଢ଼ଳଦେବ ଗୁରୁତ୍ୱପ୍ରଦାନ କରିଥିଲେ । ବାମଣ୍ଡା ରାଜ୍ୟରେ ରାଜାଙ୍କର କୃଷି ପ୍ରତି ନିଷ୍ଠା ଓ ନିରଳସ ଉଦ୍ୟମ ଦେଖି ଚଷାମାନେ ମଧ୍ୟ ରାଜାଙ୍କୁ କେଉଁ ସମୟରେ କେଉଁ ଚାଷ ହେବ ବୁଝି ଆସୁଥିଲେ । ଏହା ଦର୍ଶନ କରି ରାଧାନାଥ ବାସୁଦେବଙ୍କୁ ଚଷାରଚଷା ମହାଚଷାରୂପେ ସମ୍ମାନ ଜଣାଇଥିଲେ ।

ସୁଢ଼ଳଦେବ ପ୍ରଜାର ବନ୍ଧୁ ଥିଲେ । ୧୮୯୭ମସିହାରେ ଦେଶରେ ପ୍ରବଳ ଦୁର୍ଭିକ୍ଷ ହେବାର ଜାଣି ରାଜ୍ୟରୁ ଚାଉଳ ରପ୍ତାନୀ ବନ୍ଦକଲେ । ବେଙ୍ଗଲ ନାଗପୁର ରେଲକଂପାନୀ ଭାଇସ୍‌ରୟଙ୍କୁ ଅଭିଯୋଗ କରିବାରୁ ପଲଟିକାଲ୍ ଏଜେଣ୍ଟ୍ ମିଃ ସ୍ଲାଏ ତଦନ୍ତରେ ଆସିଲେ । ମିଃ ସ୍ଲାଏ ରାଜାଙ୍କୁ ଚୁକ୍ତିଭଙ୍ଗ କରୁଛନ୍ତି କହିବାରୁ ସୁଢ଼ଳଦେବ ନିର୍ଭୀକ ଚିତ୍ତରେ କହିଲେ ବ୍ରିଟିଶ୍ ସରକାରଙ୍କ ସହିତ ଚୁକ୍ତି ଅପେକ୍ଷା ମୋର ଦେଢ଼ଲକ୍ଷ ପ୍ରଜାଙ୍କର ଜୀବନ ମହତ୍ତର । ଆପଣ ଯଦି ପାହାଡ ପର୍ବତରେ ବାସ କରୁଥିବା ମୋର ପ୍ରଜାଙ୍କୁ ଦୁର୍ଭିକ୍ଷ ବେଳେ ଚାଉଳ ଯୋଗାଇବାର ପ୍ରତିଶ୍ରୁତି ଦେବେ ତେବେ ମୁଁ ବର୍ତ୍ତମାନ ଚାଉଳ ରପ୍ତାନୀ କରିବି । ଫଳରେ ଚାଉଳ ରପ୍ତାନୀ ବନ୍ଦହେଲା । ପରାଧୀନ ଭାରତରେ ବ୍ରିଟିଶ୍ ସରକାରଙ୍କୁ ଏରୂପ ଜବାବ୍ ପ୍ରଦାନ କରିବା ସୁଢ଼ଳଦେବଙ୍କ ପ୍ରଜାହିତୈଷୀ ମନୋଭାବର ପରିଚୟ ଦିଏ ।

ଦୁର୍ଭିକ୍ଷ ସମୟରେ ସାହୁକାରମାନଙ୍କ ଗଚ୍ଛିତ ଚାଉଳ ଦରବାର ତରଫରୁ କ୍ରୟ କରି ସୁଢ଼ଳଦେବ ଟଙ୍କାକୁ ୧୪ ସେର ହିସାବରେ ପ୍ରଜାଙ୍କୁ ଯୋଗାଇଥିଲେ । ବିଭିନ୍ନ ଲୋକହିତକର କାର୍ଯ୍ୟକରାଇ ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଇଥିଲେ । ପ୍ରାୟ ପଚିଶ ହଜାର ଟଙ୍କା ରାଜସ୍ୱ ଛାଡ କରାଇ ପ୍ରଜାଙ୍କର ସମ୍ମାନଭାଜନ ହୋଇଥିଲେ ।

ପ୍ରଜାଙ୍କର ସୁରକ୍ଷା ପାଇଁ ଛାଲ ବାହାଦୁର ଓ ଅବିଲ ଛବିଲ ନାମକ କୁଖ୍ୟାତ ଦସ୍ୟୁଙ୍କୁ ଦମନକରି ରାଜ୍ୟରେ ଶାନ୍ତି ପ୍ରତିଷ୍ଠା କରିଥିଲେ ।

— ୩ —

ଶିକ୍ଷା ସଭ୍ୟତାର ମୂଳ । ଉପଯୁକ୍ତ ଶିକ୍ଷା ବିନା ଦେଶର ଉନ୍ନତି ଅସମ୍ଭବ । ଊନବିଂଶ ଶତାବ୍ଦୀ ବେଳକୁ ଓଡ଼ିଶାର ଶିକ୍ଷାବ୍ୟବସ୍ଥା ଅତି ଶୋଚନୀୟ ଅବସ୍ଥାରେ ଥିଲା । ଗଡ଼ଜାତସମୂହ ଥିଲା ନିବିଡ଼ ଅନ୍ଧାରରେ । ମୋଗଲବନ୍ଦୀ ଅଞ୍ଚଳରେ ଆଧୁନିକ ଶିକ୍ଷାର ବିକାଶ ସାଧିତ ହେଲାବେଳକୁ ଗଡ଼ଜାତ ରାଜ୍ୟଗୁଡ଼ିକୁ ଅଜ୍ଞାନ ଅନ୍ଧକାର ଗ୍ରାସ କରିଥିଲା । ଗଡ଼ଜାତ ଶାସକମାନେ ମନେକରୁଥିଲେ ପ୍ରଜାମାନେ ଶିକ୍ଷିତ ହେଲେ ଶାସକ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବେ । ଅନେକ ଗଡ଼ଜାତୀ ରାଜା ନିଜେ ଅଶିକ୍ଷିତ ଥିଲେ ଏବଂ ପ୍ରଜାଙ୍କୁ ଶିକ୍ଷିତ କରିବାର ସ୍ପୃହା ସେମାନଙ୍କର ନଥିଲା । ବାମଣ୍ଡାରାଜା ସୁଢ଼ଳଦେବ ଥିଲେ ଏସବୁର ଘୋର ବ୍ୟତିକ୍ରମ ।

ମରହଟ୍ଟା ଓ ଇଂରେଜ ଶାସନ କାଳରେ ସମ୍ବଲପୁରର ଗଡ଼ଜାତସମୂହ ବିଭିନ୍ନ ସମୟରେ ବିଭିନ୍ନ ସରକାରଙ୍କ ଅଧୀନରେ ଶାସିତ ହୋଇଥିଲା । ରାଜନୈତିକ ଅସ୍ଥିରତ ମଧ୍ୟରେ ଶିକ୍ଷା ଓ ସଭ୍ୟତାର ବିକାଶ ସୁଦୂର ପରାହତ ଥିଲା । ଏହି ଅଞ୍ଚଳ ଓଡ଼ିଆଭାଷୀ ହୋଇ ମଧ୍ୟ ଦୀର୍ଘ ସମୟ ଧରି ହିନ୍ଦୀ ଭାଷାର ପ୍ରଭାବରେ ନିଜର ସ୍ୱାତନ୍ତ୍ର୍ୟ ହରାଇଥିଲା । ଓଡ଼ିଆଭାଷାର ବିଲୋପ ଚେଷ୍ଟାରେ ପ୍ରାନ୍ତୀୟ ଶାସକବର୍ଗ ଅଧିକ ଉତ୍ସାହ ଦେଖାଇଥିଲେ । ଏହିଭଳି ପ୍ରତିକୂଳ ବାତାବରଣ ଶିକ୍ଷା ପ୍ରଗତିର କଣ୍ଠରୋଧ କରିଥିଲା ।

ସୁଚଳଦେବ ବେଶ୍ ହୃଦୟଙ୍ଗମ କରିଥିଲେ ଉପଯୁକ୍ତ ଶିକ୍ଷା ବିନା ରାଜ୍ୟର ଉନ୍ନତି ଅସମ୍ଭବ । ଏଣୁ ସେ ପ୍ରାଥମିକ ଶିକ୍ଷାକୁ ବାଧ୍ୟତାମୂଳକ କରିଥିଲେ । ୧୮୭୦ ପର୍ଯ୍ୟନ୍ତ ବାମଣ୍ଡାର ଲୋକେ ପ୍ରାଚୀନ ଶିକ୍ଷା ଓ ତାଳପତ୍ର ଲେଖନୀର ବ୍ୟବହାର କରୁଥିଲେ । ବାସୁଦେବଙ୍କ ଉତ୍ସାହକ୍ରମେ ୧୮୭୨ରେ ଗୋଟିଏ ନୂତନ ଧରଣର ବିଦ୍ୟାଳୟ ସ୍ଥାପିତ ହୋଇ ଆଧୁନିକ ଶିକ୍ଷାଲୋକ ପ୍ରସାରିତ କରିଥିଲା । ୧୮୯୪ ମସିହା ବେଳକୁ ବାମଣ୍ଡାରେ ୧୩ଗୋଟି ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା । ଏହି ସବୁ ବିଦ୍ୟାଳୟରୁ ୯୦ଜଣ ଛାତ୍ର ଉତ୍ତୀର୍ଣ୍ଣ ହେବା ଏବଂ ୭୦ଜଣ ବାମଣ୍ଡାର ନାନା ସ୍ଥାନରେ ରାଜ-କର୍ମଚାରୀରୂପେ ନିଯୁକ୍ତି ପାଇବା କଥା ଦୀପିକା ପ୍ରକାଶ କରିଥିଲା । (ସ.ହି. ୬/୩୦)

ବାମଣ୍ଡା ରାଜା ୧୮୬୭ ଖ୍ରୀ:ରେ 'ଫିଉଡେଟେରୀ. ଚିଫ୍' ରୂପେ ସନନ୍ଦ ପାଆନ୍ତି । ଯା' ଫଳରେ ରାଜ୍ୟର ଆଭ୍ୟନ୍ତରୀଣ ବ୍ୟାପାରରେ ସ୍ୱାଧୀନ ଭାବରେ ଶାସନ କରିବାର କ୍ଷମତା ସେ ଲଭିଥିଲେ । ରାଜ୍ୟର ଶିକ୍ଷାବିଭାଗରେ ଉନ୍ନତିସାଧନ କରିବାକୁ ସେ କ୍ଷମତାପ୍ରାପ୍ତ ଥିଲେ । ରାଜବଂଶଜଙ୍କ ସହିତ ଜନସାଧାରଣଙ୍କ ଉଚ୍ଚ ଶିକ୍ଷା ପାଇଁ ସୁଚଳଦେବ ୧୮୮୨ରେ ଦେବଗଡ଼ଠାରେ "ରାଜକୁମାର ହାଇସ୍କୁଲ୍" ପ୍ରତିଷ୍ଠା କରିଥିଲେ । ପ୍ରାରମ୍ଭରେ ସ୍କୁଲରେ ଦୁଇଟି ବିଭାଗ ଥିଲା । ମଧ୍ୟଇଂରାଜୀ ଓ ମଧ୍ୟ- ଭର୍ଣ୍ଣାକୁଲାର୍ । ୧୮୮୬ ବେଳକୁ ଇଂରାଜୀ ବିଭାଗରେ ୩ଜଣ ଓ ଓଡ଼ିଆ ବିଭାଗରେ ୫୨ ଜଣ ଛାତ୍ର ଥିଲେ ।

ବାସୁଦେବ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କୁ ଏକ ଉପଯୁକ୍ତ ଶିକ୍ଷକ ପଠାଇବାକୁ ଅନୁରୋଧ କରିଥିଲେ । ସେ ରାଜାଙ୍କ ଅନୁରୋଧ ରକ୍ଷାକରି ବିଜୟଚନ୍ଦ୍ର ମଜୁମଦାରଙ୍କୁ ପଠାଇଥିଲେ । ବିଜୟଚନ୍ଦ୍ର (୧୮୮୬ ବେଳକୁ) ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାର୍ଯ୍ୟ ନିର୍ବାହ କରିଥିଲେ । ଏତଦ୍‌ବ୍ୟତୀତ ନୀଳମଣି ବିଦ୍ୟାରତ୍ନ, ଦାମୋଦର ମିଶ୍ର, ଦାଶରଥି ରାଉତ, କାଳୀଚରଣ ଦ୍ୱିବେଦୀ, ଯୋଗେଶଚନ୍ଦ୍ର ଦାସ, ଗଣେଶ୍ୱର ପଟ୍ଟନାୟକ ପ୍ରମୁଖ ଶିକ୍ଷକତା କରିଥିଲେ । ସୁଚଳଦେବ ଶିକ୍ଷକମାନଙ୍କର ଜ୍ଞାନର ପରୀକ୍ଷା ସମୟକ୍ରମେ କରୁଥିଲେ ଏବଂ ଶିକ୍ଷକମାନଙ୍କ ମଧ୍ୟରେ ପ୍ରବନ୍ଧ/କାବ୍ୟ ରଚନାର ଉତ୍କର୍ଷତା ସାଧନ ପାଇଁ ପୁରସ୍କାର ଘୋଷଣା କରିଥିଲେ । ସୁଚଳଦେବଙ୍କ

ଶିକ୍ଷାନୀତି ସୁନିୟନ୍ତ୍ରିତ ଏବଂ ଉଚ୍ଚକୋଟୀର ଥିଲା ଯାହାର ପ୍ରଶଂସାରେ ବ୍ରିଟିଶ୍ ସରକାର ଶତମୁଖ ହୋଇ ଉଠିଥିଲେ –

> The headquarter schools at Deogarh, which provide a higher education both in Vernacular & English, and are presided over by highly qualified masters, having long since established a reputation which appears to have fully sustained in the year under report (Adm. Report–1895).

ବାସୁଦେବ ପ୍ରାଥମିକ ଶିକ୍ଷାକୁ ଅବୈତନିକ କରିଥିଲେ । ଛାତ୍ରମାନଙ୍କ ଅନୁପସ୍ଥିତି ପାଇଁ ଅଭିଭାବକମାନଙ୍କୁ ଦଣ୍ଡ ଦିଆଯାଉଥିଲା । ଫଳରେ ପ୍ରଜାମାନେ ନିଜ ସନ୍ତାନମାନଙ୍କୁ ଦଣ୍ଡ ଭୟରେ ସ୍କୁଲ ପ୍ରେରଣ କରୁଥିଲେ । ଶିକ୍ଷକ ସମିତି ଗଠନ କରାଯାଇ, ଉପଯୁକ୍ତ ଶିକ୍ଷକଙ୍କୁ ପୁରସ୍କୃତ କରିବାର ବ୍ୟବସ୍ଥା ପ୍ରଚଳିତ ଥିଲା । ତହସିଲଦାର ତଥା ନାଟ୍ୟକାର ନାରାୟଣଚନ୍ଦ୍ର ଦାସଙ୍କୁ ଛାତ୍ରମାନେ ରୀତିମତ ସ୍କୁଲରେ ଉପସ୍ଥିତ ହେବାର ଉପାୟ ନିର୍ଦ୍ଧାରଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।

ବାମଣ୍ଡା ଶିକ୍ଷା ବିଭାଗ ରାଜାଙ୍କ ଅଧୀନରେ ଥିଲା । ଶିକ୍ଷାର ଉତ୍କର୍ଷତା ସାଧନ ପାଇଁ ରାଜା ଶିକ୍ଷା ବିଭାଗକୁ ୧୮୯୨ରେ ସମ୍ବଲପୁର ଶିକ୍ଷା ବିଭାଗ ସହିତ ଯୋଗ କରିଥିଲେ । ସେହିଦିନଠାରୁ ବାମଣ୍ଡାରେ ସମ୍ବଲପୁରର ପ୍ରଚଳିତ ପାଠ୍ୟପୁସ୍ତକ ପ୍ରଚଳିତ ହେଲା ଏବଂ ଇଂରାଜୀ ସ୍କୁଲଟି ରାଜକୁମାର ହାଇ ଇଂଲିଶ ସ୍କୁଲ ନାମରେ କଲିକତା ବିଶ୍ୱବିଦ୍ୟାଳୟ ଅଧୀନ ହେଲା । (ସ.ହି.– ୩/୪୫)

ସୁଢ଼ଳଦେବ ପ୍ରତିଷ୍ଠିତ ଏହି ସ୍କୁଲଟି ୬.୯.୧୯୫୦ରୁ ତାଙ୍କ ନାମରେ "ରାଜା ବାସୁଦେବ ହାଇସ୍କୁଲ" ରୂପେ ନାମିତ କରିବା ପାଇଁ ତା-୬-୯-୧୯୫୦ରେ ସୁଶୀଳ କୁମାର ଦେବତାଙ୍କ ସଭାପତିତ୍ୱରେ ପ୍ରସ୍ତାବ ଗୃହୀତହୋଇଥିଲା । ଓଡିଶା ସରକାରଙ୍କ ଚିଠିନଂ. ୪୭୪୭ ତା ୩-୮-୧୯୫୧ ଦ୍ୱାରା ଏପ୍ରସ୍ତାବ ଅନୁମୋଦନ ଲାଭକରିଥିଲା ।

ସୁଢ଼ଳଦେବ ଥିଲେ ଯୁକ୍ତିନିଷ୍ଠ ସତ୍ୟପଥର ପଥିକ । ଅଯଥା କୁସଂସ୍କାରକୁ ସେ ପ୍ରଶ୍ରୟ ଦେଉନଥିଲେ । ନାରୀମାନଙ୍କୁ ଶିକ୍ଷାଦେବା ସେଯୁଗରେ ପାପରୂପେ ଗୃହୀତ ହେଉଥିଲା । କିନ୍ତୁ ବାସୁଦେବ ପ୍ରଥମେ ରାଜକୁମାରୀମାନଙ୍କ ଶିକ୍ଷାର ବ୍ୟବସ୍ଥା କରି ପରେ ଅନ୍ୟାନ୍ୟ କୁମାରୀମାନଙ୍କୁ ଶିକ୍ଷା ପ୍ରଦାନର ସୁଯୋଗ ସୃଷ୍ଟି କରିଥିଲେ ।

ପାଠ୍ୟପୁସ୍ତକରେ ଥିବା ଅଶୁଦ୍ଧତାକୁ ପରିହାର କରି ମାର୍ଜିତ ପାଠ୍ୟପୁସ୍ତକ ରଚନା ପାଇଁ ବାସୁଦେବ ପରାମର୍ଶ ଦେଇଥିଲେ । ହିତୈଷିଣୀ ନିୟମିତ ବିଶୁଦ୍ଧ ପାଠ୍ୟପୁସ୍ତକ ପ୍ରଚଳନ ଉପରେ ଗୁରୁତ୍ୱ ଦେଉଥିଲା । ଛାତ୍ରମାନଙ୍କ ଶିକ୍ଷଣୀୟ ପୁସ୍ତକ ରଚନାକୁ ସେ ଅଗ୍ରାଧିକାର ଦେଉଥିଲେ । ଶିକ୍ଷକ ନ ହେଲେ ମଧ୍ୟ ଉପଯୁକ୍ତ ଜ୍ଞାନୀ

ବ୍ୟକ୍ତିଙ୍କୁ ସେ ପରୀକ୍ଷକ ନିଯୁକ୍ତ କରୁଥିଲେ । ଉଦାହରଣ ସ୍ୱରୂପ ୧୮୯୨ ଅପର-ପ୍ରାଇମେରୀ ପରୀକ୍ଷାରେ ନିମ୍ନଲିଖିତ ବ୍ୟକ୍ତିମାନେ ପରୀକ୍ଷକ ନିଯୁକ୍ତ ହୋଇଥିଲେ । ୧ । ସଚ୍ଚିଦାନନ୍ଦ ଦେବ – ବିଜ୍ଞାନ, ୨ । ଜଳନ୍ଧର ଦେବ – ପ୍ରାକୃତିକ ଭୂଗୋଳ ୩ । ନୀଳମଣି ବିଦ୍ୟାରତ୍ନ – ସାହିତ୍ୟ ଓ ବ୍ୟାକରଣ, ୪ । ଜଗନ୍ନାଥ ପଟ୍ଟନାୟକ – ଗଣିତ ୫ । ପଳଉ ଦ୍ୱିବେଦୀ – ଭୂଗୋଳ ଓ ଇତିହାସ (ସମ୍ବଲପୁର ହିତୈଷିଣୀ–୪/୪୧)

ଏମାନଙ୍କ ମଧ୍ୟରୁ ସଚ୍ଚିଦାନନ୍ଦ ଓ ଜଳନ୍ଧର ଶିକ୍ଷକ ନଥିଲେ ମଧ୍ୟ ଯୋଗ୍ୟ-ପରୀକ୍ଷକ ରୂପେ ସୁଢ଼ଳଦେବଙ୍କ ଦ୍ୱାରା ନିଯୁକ୍ତ ହୋଇଥିଲେ ।

ସୁଢ଼ଳଦେବଙ୍କ ସାରସ୍ୱତ ପ୍ରତିଭା ଓ ବିଶୁଦ୍ଧ ପାଠ୍ୟପୁସ୍ତକ ପ୍ରଚଳନ ଦିଗରେ ଉଦ୍ୟମକୁ ବିଚାରକୁ ନେଇ ମଧ୍ୟପ୍ରଦେଶର ଓଡ଼ିଆ ପାଠ୍ୟପୁସ୍ତକ ନିର୍ବାଚନ କମିଟିର ନୂତନ ମେମ୍ବର୍ ରୂପେ ୧୮୯୯ରେ ତାଙ୍କୁ ଗ୍ରହଣ କରାଯାଇଥିଲା (ସ.ହି. ୧୧/୧୬) । ପୂର୍ବରୁ ହିତୈଷିଣୀ ଓଡ଼ିଆ ଅନଭିଜ୍ଞ ମେମ୍ବର୍ ନିର୍ବାଚନରେ ଅସନ୍ତୋଷ ପ୍ରକଟ କରିଥିଲା । ସଂଭ୍ରାନ୍ତ ଓ ପଦାରୂଢ଼ ବ୍ୟକ୍ତି କେବଳ ନୁହେଁ ଓଡ଼ିଆ ଭାଷାଭିଜ୍ଞ ବ୍ୟକ୍ତିଙ୍କୁ ପାଠ୍ୟପୁସ୍ତକ ନିର୍ବାଚନ କମିଟିରେ ମେମ୍ବର ନିଯୁକ୍ତ କରିବାକୁ ହିତୈଷିଣୀରେ ମତ ପ୍ରକାଶ ପାଇଥିଲା । ଏଣୁ ସୁଢ଼ଳଦେବଙ୍କ ନିର୍ବାଚନରେ ସମସ୍ତେ ଆନନ୍ଦ ପ୍ରକାଶ କରିଥିଲେ ।

ସୁଢ଼ଳଦେବ ବିଶ୍ୱାସ କରୁଥିଲେ ଭାଷାର ଉନ୍ନତି ଫଳରେ ଜାତୀୟ ଉନ୍ନତି ସମ୍ଭବ । ଭାଷାହିଁ ସମୃଦ୍ଧ କରେ ସମାଜକୁ । ଏଣୁ ସେ ଓଡ଼ିଆ ଭାଷାକୁ ଋଦ୍ଧିମନ୍ତ କରିବାକୁ ଚାହୁଁଥିଲେ । ୧୮୯୫ ବେଳକୁ ସମ୍ବଲପୁର ଅଞ୍ଚଳରେ ସରକାରୀ ସ୍ତରରେ ଓଡ଼ିଆ ପରିବର୍ତ୍ତେ ହିନ୍ଦୀ ଭାଷା ପ୍ରଚଳନ ବିରୁଦ୍ଧରେ ସୁଢ଼ଳଦେବଙ୍କ ଇଙ୍ଗିତରେ ହିତୈଷିଣୀ ସଂଗ୍ରାମ କରିଥିଲା । କେବଳ ସେତିକି ନୁହେଁ – ବାମଣ୍ଡାର ସରକାରୀ କ୍ଷେତ୍ରରେ ସବୁ ସମୟରେ ଓଡ଼ିଆ ହିଁ ରାଜଭାଷାର ମାନ୍ୟତା ଲଭିଥିଲା । ସମ୍ବଲପୁର ଗଡ଼ଜାତସମୂହ ହିନ୍ଦୀ ଭାଷାର କବଳରେ କିଛି ସମୟ ରହିଥିଲେ କିନ୍ତୁ ବାମଣ୍ଡା ତା'ର ସ୍ୱାତନ୍ତ୍ର୍ୟ ବଜାୟ ରଖିପାରିଥିଲା ।

ଓଡ଼ିଆ ଭାଷା ପ୍ରଚଳନ, ଓଡ଼ିଆ ଭାଷାର ସମୃଦ୍ଧି ଦିଗରେ ସମ୍ବଲପୁର ହିତୈଷିଣୀର ଅବଦାନ ଅନସ୍ୱୀକାର୍ଯ୍ୟ । ଏହାରି ଅନ୍ତରାଳରେ ସୁଢ଼ଳଦେବଙ୍କ ନିରବଚ୍ଛିନ୍ନ ଅନୁପ୍ରେରଣା ରହିଥିଲା । ସମ୍ବଲପୁରରେ ମରହଟ୍ଟା ଶିକ୍ଷକ ନିଯୁକ୍ତି, ଶିକ୍ଷାକ୍ଷେତ୍ରରେ ଅବହେଳା, କଟକ ନର୍ମାଲ ସ୍କୁଲର ଦୂରବସ୍ଥା, ଓଡ଼ିଶାର ଶିକ୍ଷାବ୍ୟବସ୍ଥା ଉପରେ ହିତୈଷିଣୀ ବାରମ୍ବାର ଆଲୋକପାତକରି ଶିକ୍ଷାକ୍ଷେତ୍ରରେ ସଂସ୍କାର ଆନୟନ କରି-ପାରିଛି । ଓଡ଼ିଶାର ଶିକ୍ଷାକ୍ଷେତ୍ରକୁ ହିତୈଷିଣୀର ଦାନ ଅନନ୍ୟ ଓ ଅତୁଳନୀୟ ।

ବାମଣ୍ଡା ତଥା ଓଡ଼ିଶାର ଶିକ୍ଷାକ୍ଷେତ୍ରକୁ ନିଜସ୍ୱ ଦାନରେ ମହିମାନ୍ୱିତ କରିବାରେ ସୁଢ଼ଳଦେବଙ୍କ କ୍ରାନ୍ତିକାରୀ ଭୂମିକା ଉଲ୍ଲେଖଯୋଗ୍ୟ ।

**ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ :**

ସୁଢ଼ଳଦେବଙ୍କ ପ୍ରଭାବପୁଷ୍ଟ ହିତୈଷିଣୀ ସଂପାଦକ ବିଦ୍ୟାରତ୍ନ ହିଁ ହୃଦୟଙ୍ଗମ କରିଥିଲେ ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ବିନା ଏ ଐତିହ୍ୟ– ସଂପନ୍ନ ଜାତିର ଉନ୍ନତି ଅସମ୍ଭବ । ଯଦିଓ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣର ପ୍ରବକ୍ତା ରୂପେ ଆଜି ଅନେକ ମହାପୁରୁଷଙ୍କ ନାମ ଉପସ୍ଥାପନ କରାଯାଏ ତଥାପି ଏ ବିରାଟ ଆନ୍ଦୋଳନର ପ୍ରଥମ- ସଂଯୋଜନା ବିଦ୍ୟାରତ୍ନଙ୍କ ଦ୍ୱାରା ସୁଢ଼ଳଦେବଙ୍କ ସହଯୋଗିତାରେ ଯେ ସଂଘଟିତ ହୋଇଥିଲା ଏ କଥା ଯେକୌଣସି ନିରପେକ୍ଷ ସମାଲୋଚକ ସ୍ୱୀକାର କରିବେ । ('ଉତ୍କଳ ସାହିତ୍ୟ' – ୪୦/୩, ପୃ. ୧୩୨-୧୩୩) ଏ ସତ୍ୟକୁ ଉପଲବ୍ଧିକରି ବ୍ୟାସକବି ଫକୀରମୋହନ ଘୋଷଣା କରନ୍ତି –

"ଭାଷା ଯୋଗେ ଛିନ୍ନ ଭିନ୍ନ ଥିଲା ଏ ଉତ୍କଳ
ବାନ୍ଧିଲ ଏକତା ସୂତ୍ରେ ତୁମେ ହିଁ କେବଳ
X X X
କଳ୍ପଲତା ସମ୍ମିଳନୀ ଉତ୍କଳ ଦେଶରେ
ପ୍ରଥମରେ ଉପ୍ତବୀଜ ତୁମ୍ଭ ହୃଦୟରେ
ତୁମ୍ଭର ପତ୍ରିକା ଲଭିଅଛି ଉଚ୍ଚସ୍ଥାନ
ତୁମ୍ଭେ ଏକା କରିଜାଣ କବିଙ୍କୁ ସମ୍ମାନ ।" –ଅବସର ବାସରେ

ବିଦ୍ୟାରତ୍ନଙ୍କ ମସ୍ତିଷ୍କପ୍ରସୂତ "ଗଞ୍ଜାମ ସମ୍ମିଳନୀ" ହିଁ ପରବର୍ତ୍ତୀ ପର୍ଯ୍ୟାୟରେ ଉତ୍କଳ ସମ୍ମିଳନୀ ରୂପ ନେଇଥିଲା ।

ସୁଢ଼ଳଦେବଙ୍କ ସାରସ୍ୱତ କୃତିତ୍ୱକୁ ସମ୍ମାନ ଜଣାଇ ଉତ୍କଳ ସମ୍ମିଳନୀ କାର୍ଯ୍ୟ ନିର୍ବାହିକା ସମିତିର ତା ୧୫-୧୧-୧୯୦୩ରିଖର ପ୍ରଥମ ଅଧିବେଶନରେ ତାଙ୍କୁ ସଭାପତି କରିବାପାଇଁ ସ୍ଥିରକରାଯାଇଥିଲା । ମଧୁବାବୁ ଏକ ଟେଲିଗ୍ରାମ୍‌ରେ ସୁଢ଼ଳ ଦେବଙ୍କୁ ସଭାପତିତ୍ୱ କରିବାପାଇଁ ଅନୁରୋଧ କରିଥିଲେ । କିନ୍ତୁ ସୁଢ଼ଳଦେବଙ୍କ ଲୋକାନ୍ତର ଗମନରେ କାର୍ଯ୍ୟ ନିର୍ବାହକ ସମିତିର ଦ୍ୱିତୀୟ ଅଧିବେଶନରେ (୨୨-୧୧-୧୯୦୩) ମୟୂରଭଞ୍ଜ ମହାରାଜାଙ୍କୁ ସଭାପତି କରିବାକୁ ସ୍ଥିର କରାଯାଇଥିଲା ।

ବିଧିର ଏ ବିଡ଼ମ୍ବନା ସୁଢ଼ଳଦେବଙ୍କୁ ଓଡ଼ିଆ ଭାଷା ଆନ୍ଦୋଳନ ଓ ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣର ମହାଯଜ୍ଞରେ ପୌରୋହିତ୍ୟ କରିବାର ସୌଭାଗ୍ୟରୁ ବଞ୍ଚିତକରିଥିଲା । ଯେଉଁ ଅଧିବେଶନର (ଡିସେମ୍ବର ୩୦, ୧୯୦୩) ସଭାପତି- ଅଭିଭାଷଣ ସେ ପ୍ରଦାନ କରିଥାନ୍ତେ, ସେହି ଅଭିଭାଷଣରେ ତାଙ୍କର ମହାନ୍ ଆତ୍ମାର ସ୍ମୃତିଚାରଣ କରାଗଲା । ବାମଣ୍ଡାଧିପତି ସାର୍ ସୁଢ଼ଳଦେବ କେ.ସି.ଆଇ.ଇଙ୍କ ସ୍ୱର୍ଗାରୋହଣ

ବାର୍ତ୍ତାରେ ଏହି ଦେଶବାସୀ ସମସ୍ତେ ବିଷଣ୍ଣ ହୋଇଅଛନ୍ତି । ସେ ଜଣେ ପ୍ରଶସ୍ତମନା ବିଜ୍ଞ ନୃପତି ଥିଲେ, ନାନା ସଦ୍‌ଗୁଣ ମାନରେ ଭୂଷିତ ହୋଇ ସର୍ବସାଧାରଣଙ୍କର ମାନ୍ୟାର୍ହ ହୋଇଥିଲେ ଓ ନିଜ ପ୍ରଜାଙ୍କର ଉନ୍ନତି ସାଧନାରେ ସର୍ବଦା ନିଯୁକ୍ତ ଥିଲେ । ସଂସ୍କୃତ ସାହିତ୍ୟ ଓ ବିଶେଷତଃ ଉତ୍କଳଭାଷା ତାହାଙ୍କଠାରେ ଚିରଋଣୀ ଅଟେ । ସେ ଜଣେ ବିଖ୍ୟାତ ଗ୍ରନ୍ଥକର୍ତ୍ତା ଥିଲେ, ସାହିତ୍ୟ ଓ ଶିଳ୍ପ ବିଦ୍ୟାର ଉନ୍ନତି ନିମିତ୍ତ ସର୍ବଦା ଯତ୍ନ କରୁଥିଲେ । ଗୁଣଗ୍ରାହୀ ଗଭର୍ଣ୍ଣମେଣ୍ଟ ତାହାଙ୍କ ପ୍ରତି ଉଚ୍ଚ ମର୍ଯ୍ୟାଦା ଅର୍ପଣ କରିଥିଲେ । ଏପରି ବ୍ୟକ୍ତି ଅଭାବରେ ବର୍ତ୍ତମାନ ଏହି ଦେଶ ଦରିଦ୍ରତର ହୋଇଅଛି । ଉତ୍କଳଦେଶୀୟ ରାଜାଙ୍କର ସେ ଆଦର୍ଶ ଥିଲେ, ତାହାଙ୍କ ଅନୁକାରୀ ହେଲେ ଆମ୍ଭମାନଙ୍କର ଉପକାର ଅଛି । ['ଉତ୍କଳ ସମ୍ମିଳନୀ' ସଭାର ବିବରଣ–୧୯୦୩ କଟକ ପ୍ରିଣ୍ଟିଂ କମ୍ପାନୀ, ୧୯୦୪, ପୃ-୩୦]

ବାସୁଦେବ ନିଜର ଧୀ ଓ ଧୀଷଣା ଯୋଗୁଁ ଓଡ଼ିଆ ସାରସ୍ୱତ କ୍ଷେତ୍ରରେ ସୁପରିଚିତ । ରାଧାନାଥଙ୍କ ଭାଷାରେ କାବ୍ୟତାରା ରୂପେ ସେ ଉତ୍କଳ-ଗଗନରେ ଉଦ୍‌ଭାସିତ ହୋଇଥିଲେ । କବିତ୍ୱ ଓ ବ୍ୟକ୍ତିତ୍ୱର ଅପୂର୍ବ ସମନ୍ୱୟରେ ଋଦ୍ଧିମନ୍ତ ତାଙ୍କର ଜୀବନଚର୍ଯ୍ୟା । ଊନବିଂଶ ଶତକର ଜଣେ ସାର୍ଥକ କାବ୍ୟପୁରୁଷ ରୂପେ ସେ ଉତ୍କଳ ଭାରତୀଙ୍କ ଆରାଧନା କରିଯାଇଛନ୍ତି । କେବଳ କାବ୍ୟରେ ନୁହେଁ କର୍ମରେ ମଧ ତାଙ୍କର ଫୁଟିଉଠିଛି ଅକୁତୋଭୟ ସ୍ରଷ୍ଟାର ସୃଷ୍ଟିକର୍ମ ।

ବାସୁଦେବଙ୍କ ସାରସ୍ୱତ ସୃଷ୍ଟି ଅତି ସୀମିତ । କିନ୍ତୁ ଓଡ଼ିଆ ସାହିତ୍ୟର ଦିଗନ୍ତକୁ ପ୍ରସାରିତ କରିବାରେ ତାଙ୍କର ଭୂମିକା ଥିଲା ଅଧିକ ଗୁରୁତ୍ୱପୂର୍ଣ୍ଣ । ଆଧୁନିକ ଯୁଗରେ ଯେକୌଣସି ସାହିତ୍ୟର ପ୍ରଚାର ସହିତ ଭାଷାକୁ ପ୍ରଚାରିତ ଓ ସଂଗଠିତ କରିବା କ୍ଷେତ୍ରରେ ମୁଦ୍ରାଯନ୍ତ୍ର ଓ ପତ୍ରିପତ୍ରିକାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଓଡ଼ିଆ ସମେତ ପ୍ରତ୍ୟେକ ଭାରତୀୟ ଭାଷା ଓ ସାହିତ୍ୟର ଆଧୁନିକ କାଳରେ ଇତିହାସ ଆଲୋଚନା ପ୍ରସଙ୍ଗରେ ମୁଦ୍ରାଯନ୍ତ୍ରର ପ୍ରତିଷ୍ଠା ଓ ପତ୍ରପତ୍ରିକା ପ୍ରକାଶନର ବିବରଣୀ ଉପସ୍ଥାପିତ ହୋଇଥାଏ ।

ମୁଦ୍ରାଯନ୍ତ୍ର ପ୍ରତିଷ୍ଠା ଓ ଓଡ଼ିଆ ପତ୍ରପତ୍ରିକାର ପ୍ରକାଶନ ସହିତ ପ୍ରାଚୀନ ସଂସ୍କୃତ ଓ ଓଡ଼ିଆ ପୁସ୍ତକର ଶୁଦ୍ଧ ପ୍ରକାଶନ, ବ୍ୟାକରଣ ପୁସ୍ତକ ପ୍ରଣୟନ ଓ ପ୍ରକାଶନ, ଅନ୍ୟ ଭାଷାରୁ ମୁଖ୍ୟତଃ ସଂସ୍କୃତ ଓ ବଙ୍ଗଳାରୁ ଉପାଦେୟ ପୁସ୍ତକର ଅନୁବାଦ, ସାହିତ୍ୟିକଙ୍କୁ ଆର୍ଥିକ ସାହାଯ୍ୟ ଓ ଉତ୍ସାହ ପ୍ରଦାନ ମାଧମରେ ଏକ ରୁଚିଶୀଳ ସାହିତ୍ୟ ଗଠନ ବାସୁଦେବଙ୍କ ଲକ୍ଷ୍ୟ ଥିଲା । ଏହି ଲକ୍ଷ୍ୟରେ ସେ କେତେଦୂର ସଫଳ ହୋଇଥିଲେ ଏବଂ ଉତ୍କଳ ଭାଷାକମଳିନୀ ପ୍ରସ୍ଫୁଟିତ କରିବାରେ ସେ କେତେଦୂର ସହାୟକ ହୋଇଥିଲେ ଏ ପ୍ରସଙ୍ଗରେ ତାହାହିଁ ବିଚାର୍ଯ୍ୟ ।

ବାସୁଦେବ ସଂସ୍କୃତ ସାହିତ୍ୟର ଜଣେ ଏକନିଷ୍ଠ ପୂଜାରୀ । ଓଡ଼ିଶାର ବିଭିନ୍ନ ସ୍ଥାନରୁ ସଂସ୍କୃତଜ୍ଞ ପଣ୍ଡିତମାନଙ୍କୁ ଅଣାଇ ନିଜେ ସେ ସଂସ୍କୃତ ଶିକ୍ଷା କରୁଥିଲେ । ପଣ୍ଡିତ ଭୁବନେଶ୍ୱର ବଡ଼ପଣ୍ଡା, ଆନନ୍ଦ ବ୍ରହ୍ମା, ପୁରୁଷୋତ୍ତମ ତର୍କାଳଙ୍କାରଙ୍କ ସହାୟତାରେ ସଂସ୍କୃତ କାବ୍ୟ, ନାଟକ, ବେଦ, ବେଦାନ୍ତ, ନ୍ୟାୟ, ଅଳଙ୍କାର, ଭାଗବତ ଆଦି ଅଧ୍ୟୟନ କରି ନିଜର·ସଂସ୍କୃତ ଜ୍ଞାନକୁ ସେ ବହୁପ୍ରସାରୀ କରିଥିଲେ ଏବଂ ନିଜସ୍ୱ ପ୍ରଚେଷ୍ଟାରେ ମନୁ, ପରାଶର, ଦାୟଭାଗ, ମିତାକ୍ଷରା, ଶୁକ୍ରନୀତି ପ୍ରଭୃତି ଧର୍ମଶାସ୍ତ୍ର ଆୟତ୍ତ କରିଥିଲେ ।

ସୁଢ଼ଳଦେବଙ୍କ ଦରବାରରେ ସଂସ୍କୃତଜ୍ଞ ପଣ୍ଡିତମଣ୍ଡଳୀ ନବରତ୍ନତୁଲ୍ୟ ଶୋଭା ପାଉଥିଲେ । ଏମାନେ କେବଳ ନାମ୍‌କା ବାସ୍ତେ ପଣ୍ଡିତ ନଥିଲେ ବରଂ ବିଭିନ୍ନ ପ୍ରସଙ୍ଗରେ ଶାସ୍ତ୍ରୀୟ ନିର୍ଦ୍ଧାରଣଗୁଡ଼ିକୁ ପର୍ଯ୍ୟାଲୋଚନା କରି ଉପଯୁକ୍ତ ଦିଗ୍‌ଦର୍ଶନ ଦେଉଥିଲେ । ଆଲୋଚ୍ୟ ପଣ୍ଡିତମଣ୍ଡଳୀରେ କାଳିଦାସଙ୍କ ପରି ପଣ୍ଡିତ ଭୁବନେଶ୍ୱର ବଡ଼ପଣ୍ଡା ଶୀର୍ଷତ୍ୱ ଆରୋହଣ କରିଥିଲେ । ତାଙ୍କ ବ୍ୟତୀତ ମଧୁସୂଦନ ମିଶ୍ର ତର୍କବାଚସ୍ପତି, ଚିନ୍ତାମଣି ମିଶ୍ର, ସୁଦର୍ଶନ ନ୍ୟାୟରତ୍ନ, କାଳୀଚରଣ ଦ୍ୱିବେଦୀ, ବାଚା ଓଝା, ଭାଗିରଥି ରଥ ପ୍ରମୁଖ ପ୍ରଧାନ ଥିଲେ ।

ସମୟକ୍ରମେ ଭାରତ-ମାର୍ତ୍ତଣ୍ଡ ଶିବକୁମାର ଶାସ୍ତ୍ରୀ ବାମଣ୍ଡା ପଣ୍ଡିତ ସଭାରେ ପଦାର୍ପଣ କରିଥିଲେ । ସେ ରାଜା ବାସୁଦେବ ଓ ପଣ୍ଡିତ ଭୁବନେଶ୍ୱର ବଡ଼ପଣ୍ଡାଙ୍କ ସଂସ୍କୃତ ଜ୍ଞାନରେ ବିସ୍ମିତ ହୋଇ ଘୋଷଣା କରିଥିଲେ –

''ବାସୁଦେବ ନୃପତିଃ ପ୍ରବିଭାତି
ଯତ୍ର ସାଂମୃତମହୀ ମର ଭୂମୌ
ସାପି ଚାଦ୍ୟ ଭୁବନେଶ୍ୱର ଯୋଗା–
ଚ୍ଛୋଭିତେବ କମଳାସହ ବାଚା ।''

ସୁଢ଼ଳଦେବଙ୍କ ଦରବାରରେ ପ୍ରାଚୀନପନ୍ଥୀ ପଣ୍ଡିତମଣ୍ଡଳୀଙ୍କ ସହିତ ଆଧୁନିକ ସାରସ୍ୱତ ରଥୀମାନେ ମଧ୍ୟ ସମୁଚିତ ଆସନ ଲଭୁଥିଲେ । ଓଡ଼ିଆ ଭାଷା ଗଠନର ସନ୍ଧିକ୍ଷଣରେ ଆଧୁନିକତାର କ୍ରମଉଦ୍‌ବର୍ତ୍ତନ ଓ ପ୍ରାଚୀନତାର କ୍ରମ-ତିରୋଧାନର ମାହେନ୍ଦ୍ର ବେଳାକୁ ରସସିକ୍ତ କରିବାକୁ ପ୍ରାଚୀନ ଓ ଆଧୁନିକତାର ସଙ୍ଗମ ଅପରିହାର୍ଯ୍ୟ ଥିଲା । ଏ ସଙ୍ଗମର ପବିତ୍ର ରଙ୍ଗଭୂମି ଥିଲା ବାମଣ୍ଡା ଓ ତା'ର ନିୟାମକ ଥିଲେ ସୁଢ଼ଳଦେବ । ଏ ପ୍ରସଙ୍ଗରେ ବାମଣ୍ଡା ଦରବାରର ପଣ୍ଡିତମଣ୍ଡଳୀଙ୍କ ସମ୍ୟକ ପରିଚୟ ପ୍ରଦାନ ନିହାତି ଜରୁରୀ ।

**୧. ଭୁବନେଶ୍ୱର ବଡ଼ପଣ୍ଡା : (୧୮୨୨-୧୯୧୨)**

ଭୁବନେଶ୍ୱର ମିଶ୍ର ତିଗିରିଆ ରାଜ୍ୟରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବିଦ୍ୱତ୍ତାରେ ମୁଗ୍ଧ ହୋଇ ତିଗିରିଆ ରାଜା ତାଙ୍କୁ ବଡ଼ପଣ୍ଡା ଉପାଧି ପ୍ରଦାନ କରିଥିଲେ । ସେ ତତ୍କାଳୀନ ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ପଣ୍ଡିତ ଥିଲେ । ତାଙ୍କର 'ବାମଣ୍ଡା ରାଜବଂଶାନୁଚରିତ ଚମ୍ପୂ' 'ଆନନ୍ଦ ଦାମୋଦର ଚମ୍ପୂ', 'ଚିତ୍ରୋତ୍ପଳା ଚମ୍ପୂ' ପ୍ରଭୃତି କାବ୍ୟ ଓଡ଼ିଶାରେ ତଥା ବାହାରେ ଆଦୃତ ହୋଇଥିଲା । ବଡ଼ପଣ୍ଡା ଥିଲେ ସୁଢ଼ଳଦେବଙ୍କ ଶିକ୍ଷାଗୁରୁ । ବାମଣ୍ଡାର ପ୍ରତିଟି ଅନୁଷ୍ଠାନକୁ ସେ ସସମ୍ମାନେ ବରିତ ହେଉଥିଲେ । ରାଧାନାଥଙ୍କୁ 'କବିବର' ଉପାଧି ପ୍ରଦାନ ସଭାରେ ବଡ଼ପଣ୍ଡା ସଭାପତିତ୍ୱ କରିଥିଲେ । ତାଙ୍କର ଯୁକ୍ତିରେ ମୁଗ୍ଧ ହୋଇ କାଶୀ ପଣ୍ଡିତ ଭାରତମାର୍ତ୍ତଣ୍ଡ ଶିବକୁମାର ଶାସ୍ତ୍ରୀ ମୁକ୍ତ କଣ୍ଠରେ ଘୋଷଣା କରିଥିଲେ, ''ଉତ୍କଳେ ଭୁବନେଶ୍ୱରଃ'' ।

ବଡ଼ପଣ୍ଡା ସଂବଲପୁର ହିତୈଷିଣୀ ପତ୍ରିକାର ନାନ୍ଦୀଶ୍ଳୋକ ରଚନା କରିଥିଲେ । ତାଙ୍କ ଶ୍ଳୋକ ସମୂହରେ ପାଣ୍ଡିତ୍ୟ ଓ ପଦଲାଳିତ୍ୟର ସୁସମନ୍ୱୟ ଉତ୍କର୍ଷତାର କୋଟୀକୁ ସ୍ପର୍ଶ କରିଛି । ସୁଢ଼ଳଦେବଙ୍କ ପୃଷ୍ଠପୋଷକତାରେ ପ୍ରକାଶିତ ବିଭିନ୍ନ ସଂସ୍କୃତ ଗ୍ରନ୍ଥର ଶୁଦ୍ଧ ସଂସ୍କରଣରେ ବଡ଼ପଣ୍ଡାଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ସଂସ୍କୃତ 'ଚନ୍ଦ୍ରାଲୋକ'ର ଓଡ଼ିଆ ଅନୁବାଦ 'ଅଳଙ୍କାରଚନ୍ଦ୍ରିକା' ସେ ପ୍ରସ୍ତୁତ କରିଥିଲେ । ତାଙ୍କର କବିତ୍ୱକୁ ସମ୍ମାନ ଜଣାଇ ବାମଣ୍ଡା ଦରବାର 'ବକୁଳ କବି' ଉପାଧି ପ୍ରଦାନ କରିଥିଲା ।

**୨. ମଧୁସୂଦନ ମିଶ୍ର ତର୍କବାଚସ୍ପତି**

ପୁରୀ ଜିଲ୍ଲାର ବୀରବଳଭଦ୍ରପୁର ଶାସନରେ ମଧୁସୂଦନ ଜନ୍ମଗ୍ରହଣ କରିଥିଲେ । କିନ୍ତୁ ତାଙ୍କ ପ୍ରତିଭାର ଉତ୍ତରଣ ସଂଘଟିତ ହୋଇଥିଲା ବାମଣ୍ଡା ଦରବାରରେ । ସେ ଦୀର୍ଘକାଳ ବାମଣ୍ଡା ସଭାପଣ୍ଡିତ ରୂପେ ରହି ଆଲୋଚନା ସଭାରେ ଅଂଶଗ୍ରହଣ କରୁଥିଲେ ।

ସେ ଗଦାଧର ପଦ୍ଧତି (୧୮୯୮), ସାହିତ୍ୟ ରତ୍ନାକର (୧୯୦୧), ଧ୍ୱନ୍ୟାଲୋକ (୧୯୦୧) ପ୍ରଭୃତି ସଂସ୍କୃତ ଗ୍ରନ୍ଥର ଶୁଦ୍ଧ ସଂସ୍କରଣ ଓ ସମ୍ପାଦନା କରିଥିଲେ । ସେ ରାଜକୁମାର ସଚ୍ଚିଦାନନ୍ଦଙ୍କୁ ଅଭିଜ୍ଞାନ ଶକୁନ୍ତଳା, ସାହିତ୍ୟଦର୍ପଣ, ଅଳଙ୍କାରଚନ୍ଦ୍ରିକା, ମୁରାରୀ ଚନ୍ଦ୍ରାଲୋକ ଏବଂ ବେଦାନ୍ତ ପରିଭାଷା ଶିକ୍ଷାଦେଇଥିଲେ ।

ସେ ଅନେକ ସଂସ୍କୃତ ଓ ଓଡ଼ିଆ କାବ୍ୟ ପ୍ରଣୟନ କରିଛନ୍ତି । ହନୁମତ୍ ସନ୍ଦେଶମ୍, ତାରାଶଶାଙ୍କ, ଲକ୍ଷ୍ମୀ ଶତକମ୍, ହସ୍ତୀ ଶତକମ୍, ସୋମନାଥ ଶତକମ୍, ଅଭିନବାଷ୍ଟକଂ, ଉତ୍ସବ ଚଂପୂ ପ୍ରଭୃତି ତାଙ୍କର ସଂସ୍କୃତ ଜ୍ଞାନର ପରିଚୟ ପ୍ରଦାନକରେ ।

'ସମ୍ବଲପୁର ହିତୈଷିଣୀ' ପତ୍ରିକାରେ ତାଙ୍କର 'ବୃଥା ଜାତି ବରାଟିକା' (୮.୧୦.୧୯୦୨), 'ଅଭିନବାଷ୍ଟକଂ' (୨୪.୬.୧୯୦୩),ଜାତିର ସମାଲୋଚନା, 'ଯାତ୍ରାଦଳ' (୧୭.୯.୧୯୦୨) ପ୍ରଭୃତି ରଚନା ପ୍ରକାଶିତହୋଇ ପ୍ରଶଂସିତ ହୋଇଥିଲା ।

ସଚ୍ଚିଦାନନ୍ଦଙ୍କ ଅନୁରୋଧ କ୍ରମେ ସେ 'ତାରାଶଶାଙ୍କ' କାବ୍ୟକୁ ଓଡ଼ିଆରେ ଅନୁବାଦ କରିଥିଲେ । ଏ କାବ୍ୟରେ ଜ୍ୟୋତିର୍ବିଜ୍ଞାନକୁ କାବ୍ୟ ମର୍ଯ୍ୟାଦା ଦିଆଯାଇଛି ।

୧୯୦୪ରେ ବଡ଼ଖେମୁଣ୍ଡି ଅଧୀଶ୍ୱର ମଧୁସୂଦନଙ୍କୁ 'ତର୍କ ବାଚସ୍ପତି' ଉପାଧି ପ୍ରଦାନ କରିଥିଲେ। ସେ କିଛି ବର୍ଷ ବଡ଼ଖେମୁଣ୍ଡିର ସଭାପଣ୍ଡିତ ରୂପେ ମଧ ଅତିବାହିତ କରିଥିଲେ ।

## ୩. କାଳୀଚରଣ ଦ୍ୱିବେଦୀ (୧୮୩୫–୧୯୨୧)

ବାମଣ୍ଡା ପଣ୍ଡିତସଭାର ଅନ୍ୟତମ ସଦସ୍ୟ କାଳୀଚରଣ ଦ୍ୱିବେଦୀ ୧୮୩୫ ମାଘ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଜନ୍ମଗ୍ରହଣ କରି ୧୯୨୧ ମାଘ ଶୁକ୍ଳ ଅଷ୍ଟମୀରେ ଇହଲୀଳା ସମ୍ବରଣ କରନ୍ତି । ଉତ୍ତରାଧିକାର ସୂତ୍ରରେ ସେ ପାଇଥିଲେ ପାଣ୍ଡିତ୍ୟ । ଜନ୍ମସିଦ୍ଧ ସ୍ରଷ୍ଟା ସେ । ପିତା ପଣ୍ଡିତ ଗଙ୍ଗାଧର ଦ୍ୱିବେଦୀ ବ୍ରଜସୁନ୍ଦର ଦେବଙ୍କ ସମୟର ପଣ୍ଡିତ ଏବଂ ମାତା ରାହୀ ଦେବୀ ।

ପ୍ରଥମରୁ ସେ ସହକାରୀ ଶିକ୍ଷକ ରୂପେ ସାତ ଟଙ୍କା ଦରମାରେ କାର୍ଯ୍ୟ କରୁଥିଲେ । ୧୯୦୮-୦୯ ବେଳକୁ ଓଡ଼ିଆ ଶିକ୍ଷକ ରୂପେ ତାଙ୍କର ଦରମା ଥିଲା ନଅ ଟଙ୍କା । ରାଜକୁମାର ସଚ୍ଚିଦାନନ୍ଦଙ୍କର ସେ ଥିଲେ ଶିକ୍ଷାଗୁରୁ । ସଚ୍ଚିଦାନନ୍ଦ ପରବର୍ତ୍ତୀ ପର୍ଯ୍ୟାୟରେ କାଳୀଚରଣଙ୍କୁ ବାମଣ୍ଡା ମନ୍ଦିର ସମୂହର ମୁଖ୍ୟ ପୁରୋଧାରୂପେ ନିଯୁକ୍ତି ଦେଇଥିଲେ ।

ହିତୈଷିଣୀରେ ପ୍ରକାଶିତ ବିଧବାର ଏକାଦଶୀ ସମୀକ୍ଷା (୧୪.୯.୧୮୯୨) ବୈଦେହୀଶ ବିଳାସ (୨୧.୯.୧୮୯୨) ରୁଚି ସଂସ୍କାର (୨୮.୯.୧୮୯୨) ପାଠ କରନ୍ତୁ (୧୭.୧୨.୧୯୦୪) ଦର୍ପଣର ଦର୍ପଣତ୍ୱ (୧୦.୨.୧୯୦୬) ପ୍ରଭୃତି ଆଲୋଚନା ତାଙ୍କ ବିଦ୍ୱତ୍ତାର ପରିଚୟ ପ୍ରଦାନ କରେ । ବୈଦେହୀଶବିଳାସ ଓ ରୁଚି-ସଂସ୍କାର ପ୍ରବନ୍ଧ ବିଜୁଳୀ-ଇନ୍ଦ୍ରଧନୁ କଳହ ପୃଷ୍ଠଭୂମିରେ ଦୁଇଟି ଉଲ୍ଲେଖନୀୟ ସୃଷ୍ଟି । ସଂପୃକ୍ତ ଆଲୋଚନାଦ୍ୱୟରେ କାଳୀଚରଣଙ୍କ ନିରପେକ୍ଷ ଦୃଷ୍ଟିଭଙ୍ଗୀର ସ୍ୱାକ୍ଷର ବିଦ୍ୟମାନ ।

କାଳୀଚରଣ ସୁଡ଼ଳଦେବଙ୍କ ନିର୍ଦ୍ଦେଶକ୍ରମେ ଚଣ୍ଡୀର ଶୁଦ୍ଧ ସଂସ୍କରଣ (ଜଗନ୍ନାଥ ବଲ୍ଲଭ ପ୍ରେସ୍–୧୮୮୯) ପ୍ରକାଶ କରନ୍ତି । ନୀତିସାର (୧୮୮୬), ନିଆଳୀ ତାଙ୍କର ଦୁଇଟି ପ୍ରକାଶିତ ପୁସ୍ତକ। ନୀତିସାର ଅନେକ ଉପାଦେୟ ସଂସ୍କୃତ ଶ୍ଳୋକର

ଗଦ୍ୟାତ୍ମକ ଓଡ଼ିଆ ଅନୁବାଦ । ନିଆଳୀ ଏକ ସଂସ୍କୃତ କାବ୍ୟ । ଏଥିରେ ବାମଣ୍ଡାର ସୁଦୃଶ୍ୟ ବର୍ଣ୍ଣନା ସଂସ୍କୃତ ଓ ଓଡ଼ିଆ ଭାଷାରେ କରାଯାଇଛି । (ନିଆଳୀ ପୁସ୍ତକ ଲେଖକ ଦେଖି ନାହିଁ । କାଳୀଚରଣଙ୍କ ନାତି ଶ୍ରୀଯୁକ୍ତ ନିରଞ୍ଜନ ଦ୍ୱିବେଦୀ, ଦେବଗଡ଼ଙ୍କ ସୌଜନ୍ୟରୁ ତଥ୍ୟ ପ୍ରାପ୍ତ)

**୪. ଭାଗିରଥି ରଥ :**

ଭାଗିରଥି ରଥଙ୍କ ଜନ୍ମ ପୁରୀରେ ହୋଇଥିଲେ ହେଁ କର୍ମଭୂମି ରୂପେ ସେ ବାମଣ୍ଡାକୁ ଆଦରି ନେଇଥିଲେ । ୧୮୯୩ରେ ବାମଣ୍ଡା ରାଜକୁମାର ସ୍କୁଲର ଶିକ୍ଷକ ରୂପେ ସେ ନିଯୁକ୍ତି ପାଇଥିଲେ । ୧୯୨୦ ପର୍ଯ୍ୟନ୍ତ ବାମଣ୍ଡା ଅବସ୍ଥାନ ହିଁ ତାଙ୍କୁ ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ଆଣିଦେଇଥିଲା ।

ଶରତ ସୁନ୍ଦରୀ (୧୮୯୪) ପ୍ରକୃତି ବର୍ଣ୍ଣନାମୂଳକ ହୃଦୟସ୍ପର୍ଶୀ କାବ୍ୟ, ପଦ୍ମାବତୀ ପରିଣୟ (୧୯୦୬) ପୌରାଣିକ ବିଷୟ ଗର୍ଭିତ କାବ୍ୟ, ଉତ୍କଳ ଚରିତ (୧୯୧୧) ଜାତୀୟତାବୋଧ କାବ୍ୟ । ଏହା ବ୍ୟତୀତ ତାଙ୍କର 'ମାନସ ପ୍ରସାଦିନୀ' ଓ 'ଅଳଙ୍କାର ମୀମାଂସା' ଦୁଇଟି ସଂସ୍କୃତ ଗ୍ରନ୍ଥ ଅପୂର୍ବ ଲୋକପ୍ରିୟତା ଅର୍ଜନ କରିଥିଲା ।

ଭାଗିରଥି ହିତୈଷିଣୀରେ ନିୟମିତ ଲେଖୁଥିଲେ । ବକଚରିତର ସମାଲୋଚନା (୧୬.୫.୧୮୯୪), ସାର୍ ସୁଢ଼ଳଦେବ (କବିତା–୨୭.୧.୧୮୯୫) ଭାଷା ବିଭ୍ରାଟ (୧୩.୨.୧୮୯୫) ରାସରହସ୍ୟ ସମର୍ଥନ (୨୭.୫.୧୮୯୬), ଲାଲା ରାମନାରାୟଣ (୨୨.୭.୧୮୯୬), ଚନ୍ଦ୍ରର ଶରୀରେ ଏହା ନୁହେଁ କଳଙ୍କ (୨୪.୧.୧୯୦୦) ସାହିତ୍ୟ ସମ୍ବନ୍ଧେ (୮.୪.୧୯୦୩) ପ୍ରଭୃତି ରଚନା ହିତୈଷିଣୀରେ ପ୍ରକାଶ ଲଭିଥିଲା ।

ରାଧାନାଥ ଯୁଗୀୟ ଜଣେ ସୃଜନଶୀଳ ସତ୍ ସାହିତ୍ୟିକ ହେଉଛନ୍ତି ଭାଗିରଥି ରଥ ।

**୫. ସୁଦର୍ଶନ ମିଶ୍ର ନ୍ୟାୟରତ୍ନ :**

ସୁଦର୍ଶନ ମିଶ୍ର ବାମଣ୍ଡାରେ ଶିକ୍ଷକତା କରୁଥିଲେ । ତାଙ୍କର ପରିଚୟ ଚଂପୂ, ଶିବସ୍ତବ, ଦେବୀସ୍ତୁତି, ରେଳଯାନ ପ୍ରତି, ଆତ୍ମବୋଧ ବିଳାପ, ମଙ୍ଗଳଗୀତିକା ପ୍ରଭୃତି ସଂସ୍କୃତ ଶ୍ଳୋକ ତାଙ୍କର ପାଣ୍ଡିତ୍ୟକୁ ପ୍ରତିଷ୍ଠା ଆଣିଦିଏ । ହିତୈଷିଣୀର ସେ ଥିଲେ ଜଣେ ନିୟମିତ ଲେଖକ ।

**୬. ଚିନ୍ତାମଣି ମିଶ୍ର ଶର୍ମା :**

ଚିନ୍ତାମଣି ମିଶ୍ର ବାମଣ୍ଡା ଆଲୋଚନା ସଭାର ଅନ୍ୟତମ ସଭ୍ୟ । ବାସୁଦେବଙ୍କ ଚିତ୍ରୋତ୍ପଳା କାବ୍ୟ ଉପରେ ଚିତ୍ରୋତ୍ପଳାର ଦୋଷ ପରିହାର ତାଙ୍କର ଏକ ଉତ୍କୃଷ୍ଟ ରଚନା ।

୭. ବ୍ରଜବନ୍ଧୁ ମିଶ୍ର :

ତାଳଚେର ଜନ୍ମିତ ବ୍ରଜବନ୍ଧୁ ମିଶ୍ର ଓଡ଼ିଆ ସାରସ୍ୱତ କ୍ଷେତ୍ରରେ 'ଉତ୍କଳ ବନ୍ଧୁ' ନାମରେ ପ୍ରସିଦ୍ଧ । ସେ ୧୮୯୯ ଖ୍ରୀ:ରୁ ମୃତ୍ୟୁ ପର୍ଯ୍ୟନ୍ତ ବାମଣ୍ଡାରେ ଶିକ୍ଷକତା ସହିତ ସାରସ୍ୱତ ସାଧନାରେ ଜୀବନ ଅତିବାହିତ କରନ୍ତି । ସେ ସଂବଲପୁର ହିତୈଷିଣୀ (ବିଦ୍ୟାରତ୍ନଙ୍କ ପରେ) ଉତ୍କଳ ସେବକ, ଗଡ଼ଜାତ ବାସିନୀ ପ୍ରଭୃତି ପତ୍ରିକାର ସଂପାଦନା କାର୍ଯ୍ୟ ସାମୟିକ ନିର୍ବାହ କରିଥିଲେ ।

ବ୍ରଜବନ୍ଧୁ ଶତାଧିକ ପୁସ୍ତକର ସ୍ରଷ୍ଟା । ସଦ୍ୟୋଜାତ ସ୍ତବ, ଦୁର୍ଗା ସ୍ତବ, ଛାନ୍ଦମାନସ, କୀଚକବଧ, ଭୀଷ୍ମ ଶରଶଯ୍ୟା, ବାଳୀବଧ, ବାଲ୍ମୀକି, ଶ୍ରୀକୃଷ୍ଣ ସ୍ତବ, ପଞ୍ଚଧାରା, କୁସୁମଲତା, ବସନ୍ତକାନନ, ଶିଶିର ପଲ୍ଲୀ, ବୀଣାପାଣି, ଚିତ୍ର ସମନ୍ୱୟ, ଜୀବନ-ଦର୍ପଣ, ଉତ୍କଳ ମାତା, ଆଲେଖ୍ୟ ଗୀତି, ଉପଦେଶ ସୁଧାନିଧି, ମଦୁଆର ବିଳାପ, ପ୍ରାର୍ଥନା, କୌତୁକ ଗୀତି, ଅଦ୍ଭୁତ ସ୍ୱପ୍ନ ପ୍ରଭୃତି ତାଙ୍କର ଉଲ୍ଲେଖନୀୟ କୃତି । ଏତଦ୍‌ବ୍ୟତୀତ ପ୍ରେମବାଣୀ, ନବସଙ୍ଗୀତ, ସଙ୍ଗିନୀ ଚଉତିଶା, ସୁତ୍କଳ କୋଇଲି, ତାଳଚେର ପ୍ରଶସ୍ତି, ଭ୍ରାନ୍ତ ପଥିକ ପ୍ରଭୃତି କବିତା ମଧ୍ୟ ତାଙ୍କର କାବ୍ୟ ପରାକାଷ୍ଠାର ପରିଚୟ ପ୍ରଦାନ କରେ ।

ଜୀବନ ଦର୍ପଣ, ଚିତ୍ର ସମନ୍ୱୟ ଓ ଭୀଷ୍ମକାବ୍ୟ କବିଙ୍କର ଅନନ୍ୟ ସୃଷ୍ଟି । ବ୍ରଜବନ୍ଧୁ ସଚ୍ଚିଦାନନ୍ଦଙ୍କ ମାୟାଶବରୀ ଓ ଭୀଷ୍ମ କାବ୍ୟର ଯାତ୍ରା ରୂପ ପ୍ରଦାନ କରିଥିଲେ । ଉଭୟ ଓଡ଼ିଶାରେ ଖୁବ୍ ଲୋକପ୍ରିୟ ହୋଇପାରିଥିଲା ।

ବସନ୍ତ ମାଳତୀ (୧୯୦୨), ଉପନ୍ୟାସ, ଉପଧାବିଚାର (୧୯୧୩) ଓ ଉପଧା ଅନିଷ୍ଟଚିନ୍ତା (୧୯୧୪) ଆଲୋଚନା ପୁସ୍ତକ ତାଙ୍କର ବିଶ୍ଳେଷଣଧର୍ମୀ ପ୍ରତିଭାର ପରିଚୟ ପ୍ରଦାନ କରେ ।

ପ୍ରାଚୀନ ଓ ଆଧୁନିକ କାବ୍ୟ ସମନ୍ୱୟ ଧାରାର ଜଣେ ବଳିଷ୍ଠ ସାଧକ ବ୍ରଜବନ୍ଧୁ ବାମଣ୍ଡା ପଣ୍ଡିତ ସଭାର ଅନ୍ୟତମ ସକ୍ରିୟ ସଭ୍ୟ ଥିଲେ ।

୮. ରତ୍ନାକର ଶର୍ମା :

ରତ୍ନାକର ଶର୍ମା ୧୮୭୯ ମସିହାରେ କୋଚିଣ୍ଡାଠାରେ ଜନ୍ମଗ୍ରହଣ କରିଥିଲେ । ଦେବଗଡ଼ଠାରେ ମିଡ଼ିଲ୍ ଭର୍ଣ୍ଣାକ୍ୟୁଲାର୍ ଶିକ୍ଷା ସମାପ୍ତ ପରେ କିଛି ସମୟ ଶିକ୍ଷକତା କରିଥିଲେ । ହିତୈଷିଣୀ ପୃଷ୍ଠାରେ ତାଙ୍କର ପ୍ରାରମ୍ଭିକ ଜୀବନର କାବ୍ୟ କବିତା ପ୍ରକାଶ ପାଏ । ୧୯୧୦ ବେଳକୁ ସେ ସାମୟିକ ଭାବେ ଉକ୍ତ ପତ୍ରିକାର ସଂପାଦନା ମଧ୍ୟ ଗ୍ରହଣ କରିଥିଲେ ।

ରତ୍ନାକରଙ୍କ କବି-ପ୍ରତିଭାରେ ଅନେକ ଗଡ଼ଜାତି ରାଜା ଆକୃଷ୍ଟ ହୋଇ ପୁରସ୍କୃତ ଓ ସମ୍ମାନିତ କରିଥିଲେ । ନୀତିଦର୍ପଣ ପୁସ୍ତକ ରଚନା ପାଇଁ ଖଡ଼ିଆଳ ଯୁବରାଜ ବୀରବିକ୍ରମ ଦେବ କବିଙ୍କୁ ପୁରସ୍କୃତ କରିଥିଲେ । ବଡ଼ଖେମୁଣ୍ଡି ଦରବାର କବିଙ୍କ କବିତ୍ୱକୁ ସମ୍ମାନଜଣାଇ 'କବିଭୂଷଣ' ଉପାଧି ପ୍ରଦାନ କରିଥିଲେ । ୧୯୦୯ରେ କାଶୀପୁର ଅଧୀଶ୍ୱର ତାଙ୍କୁ 'ସାହିତ୍ୟାଳଙ୍କାର' ଉପାଧିରେ ଭୂଷିତ କରିଥିଲେ । ରତ୍ନାକରଙ୍କର 'ହେମଲତା' (୧୮୯୨), 'ଅଜବିଳାପ' (୧୯୦୦), 'ନୀତିଦର୍ପଣ', 'ନୀତିକୁସୁମ' (୧୯୦୦), 'ସଂଯୁକ୍ତା' (୧୯୦୭), 'ଚମ୍ପାବତୀ' (୧୯୧୦), 'ବପାଳିମାଳି' (୧୯୧୨), 'ଦୁଇ-ସଙ୍ଗାତ' (୧୯୧୦) ପ୍ରଭୃତି ସଂକଳନ ପ୍ରଶଂସା ଦାବୀ କରେ । ଏତଦ୍‌ବ୍ୟତୀତ ତାଙ୍କର ଅନେକ କବିତା ଓ ପ୍ରବନ୍ଧ ହିତୈଷିଣୀରେ ପ୍ରକାଶିତ । ତାଙ୍କର 'ଅଜବିଳାପ' ସଂସ୍କୃତ ରଘୁବଂଶ କାବ୍ୟର ଏକ ମାର୍ମିକ ଅନୁବାଦ, 'ପାର୍ବତୀ' ରାଧାନାଥଙ୍କ 'ପାର୍ବତୀ' କାବ୍ୟ ଉପସଂହାରର ଅବଲମ୍ବନରେ ରଚିତ ।

ବାମଣ୍ଡା ଆଲୋଚନା ସଭାର ଜଣେ ନିୟମିତ ସଭ୍ୟ ରୂପେ ସେ ସମ୍ମାନିତ । ପୌରାଣିକ କଥାବସ୍ତୁର ଜୀର୍ଣ୍ଣ ନିର୍ମୋକ ଉନ୍ମୋଚନ କରି ସେ ଆଧୁନିକତାର ଦୁକୂଳ ପିନ୍ଧାଇଥିଲେ । ଅନେକ ସଂସ୍କୃତ ସାହିତ୍ୟ ଅଧ୍ୟୟନ କରି ସେ ଓଡ଼ିଆରେ ଅନୁବାଦ କରିଥିଲେ ।

ଏତଦ୍‌ବ୍ୟତୀତ ନୀଳମଣି ବିଦ୍ୟାରତ୍ନ, ନାରାୟଣଚନ୍ଦ୍ର ଦାସ, ଦାମୋଦର ମିଶ୍ର ପ୍ରମୁଖ ସାହିତ୍ୟିକ ପଣ୍ଡିତସଭାର ଆଲୋଚନାରେ ଭାଗ ନେଉଥିଲେ । ବାହ୍ୟ ଆଗତ ଅନେକ ପଣ୍ଡିତ ଏ ସଭାକୁ ବରିତ ହେଉଥିଲେ । ଶାସ୍ତ୍ର ଆଲୋଚନା ସହିତ ସମସ୍ୟା-ପୂରଣ, ପାଦପୂରଣ, ବିଭିନ୍ନ ବନ୍ଧର ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯାଉଥିଲା । ଏକ ବିଷୟକୁ ନେଇ ଯୌଥ କବିତା ରଚନାର ପରଂପରା ଏଇଠୁ ସୃଷ୍ଟି ହେଲା । ଜନ୍ମନେଲା 'ଜହ୍ନମାମୁଁ' ପରି କବିତା ପୁସ୍ତକ । ପୂର୍ବରୁ ରାଜକୁମାର ସଚ୍ଚିଦାନନ୍ଦଙ୍କ ଉଦ୍ୟମରେ ୧୮୯୪ରେ ପ୍ରକାଶ ପାଇଥିଲା 'ପାରିଜାତମାଳା' କବିତା ପୁସ୍ତକ । ଏହି ପୁସ୍ତକରେ ଛଅ ଋତୁର କାବ୍ୟିକ ବର୍ଣ୍ଣନା ସ୍ଥାନିତ । ସଚ୍ଚିଦାନନ୍ଦ, ଜଳନ୍ଧର ଓ ଦାମୋଦର ମିଶ୍ର ପ୍ରତ୍ୟେକେ ଦୁଇଟି ଋତୁକୁ ନେଇ କବିତା ରଚନା କରିଛନ୍ତି । ପରେ ପରେ ୧୮୯୯-୧୯୦୦ ବେଳକୁ ସୁଚ୍ଚଳଦେବଙ୍କ ଦ୍ୱିତୀୟ ପୁତ୍ର ବଳଭଦ୍ର ଦେବ 'ଚନ୍ଦ୍ରର ଶରୀରେ ଏହା ନୁହେଁ କଳଙ୍କ' ପାଦ ପୂରଣପାଇଁ ଦିଅନ୍ତି । ଏହି ଶୀର୍ଷକରେ ଅଜସ୍ର କବିତା ସୃଷ୍ଟି ହୋଇ ଓଡ଼ିଶାର ବିଭିନ୍ନ ସ୍ଥାନରୁ ହିତୈଷିଣୀକୁ ପ୍ରକାଶପାଇଁ ଆସେ । ଏଣୁ ବାମଣ୍ଡା ସଭାର ପ୍ରତିଟି ସାରସ୍ୱତ କୃତି ସଂବଳପୁର ହିତୈଷିଣୀ ମାଧ୍ୟମରେ ଜଗତ୍‌ବ୍ୟାପିନୀ ହୁଏ । ଆଧୁନିକ ହେଉ ବା ପ୍ରାଚୀନ ହେଉ ପ୍ରତିଟି ରଚନା ପଣ୍ଡିତ ସଭାଦ୍ୱାରା

ସୁଢ଼ଳଦେବଙ୍କ ତତ୍ତ୍ୱାବଧାନରେ ପରୀକ୍ଷିତ ତଥା ଆଲୋଚିତ ହେଲା ପରେ ପ୍ରକାଶ ପାଇଥାଏ ।

ସଂସ୍କୃତ ଭାଷା ଓ ସାହିତ୍ୟର ଚର୍ଚ୍ଚା ଫଳରେ ଏକ ମାର୍ଜିତ ଓ ଶୁଦ୍ଧ ବାତାବରଣ ସୃଷ୍ଟି ସୁଢ଼ଳଦେବଙ୍କ ଉଦ୍ଦେଶ୍ୟ ଥିଲା । ସେ ବ୍ରାହ୍ମଣମାନଙ୍କୁ ସଂସ୍କୃତ ପଢ଼ିବାର ବ୍ୟବସ୍ଥା କରିଥିଲେ । ନିଜ ରାଜ୍ୟରେ ବିଭିନ୍ନ ପୂଜା ଅର୍ଚ୍ଚନା ତଥା ବ୍ରତ ବିବାହାଦି କର୍ମ ଶୁଦ୍ଧ ବୈଦିକରୀତିରେ କରିବାପାଇଁ ସେ ବ୍ରାହ୍ମଣମାନଙ୍କୁ ଶାସ୍ତ୍ରଶିକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ନିଜେ ବ୍ରାହ୍ମଣମାନଙ୍କୁ ପରୀକ୍ଷା କରିବା ପରେ ଉପଯୁକ୍ତ ଶାସ୍ତ୍ରଜ୍ଞ ବ୍ରାହ୍ମଣଙ୍କୁ ବିଭିନ୍ନ ବୈଦିକ କର୍ମ କରିବାକୁ ଅନୁମତି ପ୍ରଦାନ କରାଯାଉଥିଲା । ଏପରିକି ଅନଭିଜ୍ଞ ବ୍ରାହ୍ମଣ ପ୍ରଜାମାନଙ୍କର ଗାର୍ହସ୍ଥ୍ୟ ଧର୍ମାନୁଷ୍ଠାନରେ ପୌରୋହିତ୍ୟ କରିବା ରାଜାଦେଶରେ ନିଷିଦ୍ଧ ଥିଲା । ଏହା ଅମାନ୍ୟ କଲେ କଲେ ଦଣ୍ଡବିଧାନ ହେବାର ଘୋଷଣା କରାଯାଇଥିଲା । ଏ ରାଜାଦେଶ ୧୩ ଏପ୍ରିଲ ୧୮୯୬ରେ ଘୋଷିତ ହୋଇଥିଲା ଏବଂ 'ବାମଣ୍ଡାରେ ପୁରୋହିତ ପରୀକ୍ଷା' ଶୀର୍ଷକରେ ସଂବଲପୁର ହିତୈଷିଣୀ ଏହାକୁ ଘୋଷଣା କରିଥିଲା । (ସ.ହି. ୯/୪୭)

ସଂସ୍କୃତ ସାହିତ୍ୟର ଉନ୍ନତିପାଇଁ ବାସୁଦେବ ପୁରୀ ଜିଲ୍ଲାରେ ଯେଉଁମାନେ ସଂସ୍କୃତ ଉପାଧି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ସେମାନଙ୍କୁ ଏକଯୋଡ଼ ସୁବର୍ଣ୍ଣ କୁଣ୍ଡଳ ପ୍ରଦାନ କରିବାର ପ୍ରଥା ପ୍ରଚଳନ କରିଥିଲେ । ତଦନୁସାରେ ପ୍ରତିବର୍ଷ ପାଞ୍ଚଯୋଡ଼ ସୁବର୍ଣ୍ଣ କୁଣ୍ଡଳ ପୁରୀକୁ ପଠାଇଦେଉଥିଲେ । (ସମ୍ବଲପୁର ହିତୈଷିଣୀ – ୧୪/୩୦)

ଯେକୌଣସି ସଂସ୍କୃତ ପୁସ୍ତକ ବାମଣ୍ଡାରେ ବା ବାହାରେ ପ୍ରକାଶ ଲଭୁ ତାକୁ କ୍ରୟ କରି ବାସୁଦେବ ବ୍ରାହ୍ମଣମାନଙ୍କୁ ପ୍ରଦାନ କରୁଥିଲେ । ଏ ପ୍ରସଙ୍ଗରେ ଶତାଧିକ ଶ୍ରୀମଦ୍‌ଭଗବତ୍ ଗୀତା ଟୀକା ସହ କଲିକତାରୁ ଆଣି ବ୍ରାହ୍ମଣମାନଙ୍କୁ ବଣ୍ଟନ କରିବା କଥା ହିତୈଷିଣୀ ଘୋଷଣା କରିଥିଲା । (ସମ୍ବଲପୁର ହିତୈଷିଣୀ – ୩/୪୪)

ବାସୁଦେବଙ୍କ ସଂସ୍କୃତ ଜ୍ଞାନର ଗଭୀରତା ତାଙ୍କର ପ୍ରତିଟି ସାରସ୍ୱତ କୃତିରେ ପ୍ରତିଫଳିତ । ସେ 'ମୁକ୍ତିକେନୋପନିଷଦ' ଓ 'ମଣିରତ୍ନମାଳାକୁ' ସଂସ୍କୃତ ଭାଷାରୁ ଓଡ଼ିଆରେ ଅନୁବାଦ କରି ପ୍ରଚାର କରିଥିଲେ । ଏହି ଦୁଇ ପୁସ୍ତକର ଅନୁବାଦରେ ସୁଢ଼ଳଦେବଙ୍କ ସାବଲୀଳ ଗଦ୍ୟରଚନା ପରିଦୃଶ୍ୟମାନ । ତତ୍‌କାଳୀନ ଗଦ୍ୟର କୁଟିଳତା ସୁଢ଼ଳଦେବଙ୍କ ବକ୍ତବ୍ୟରେ ନାହିଁ; ବରଂ ତାଙ୍କର ଅନୁବାଦ ଶୈଳୀ ସ୍ୱଚ୍ଛନ୍ଦ ଓ ସରଳ । ଗୂଢ଼ ତତ୍ତ୍ୱ ସଂବଳିତ ମୁକ୍ତିକ ଉପନିଷଦକୁ ସରଳ ଭାଷାରେ ଅନୁବାଦ କରିବା ତାଙ୍କର ପାଣ୍ଡିତ୍ୟର ପରିଚାୟକ । ମୁକ୍ତିକୋପନିଷଦ୍‌ର ପ୍ରାରମ୍ଭରୁ ଏକ ଦୃଷ୍ଟାନ୍ତ ଗ୍ରହଣ କରାଯାଇପାରେ – ପବନ ତନୟ ହନୁମାନ୍, ସର୍ବାନ୍ତର୍ଯ୍ୟାମୀ ନିର୍ବିକାର ନିରଞ୍ଜନ ଓ ସ୍ୱ ସ୍ୱ ରୂପ ଧ୍ୟାନରେ ନିରତ ରାମଚନ୍ଦ୍ରଙ୍କୁ ଧ୍ୟାନ ବିରାମରେ ଅବସର ଜାଣି ପ୍ରଗାଢ଼ ଉକ୍ତି

ଓ ବିବିଧ ଶୁଶ୍ରୂଷାଦ୍ୱାରା ସ୍ତବ କରି ଜିଜ୍ଞାସା କଲେ । ହେ ରାମ ! ତୁମ୍ଭେ ପରମାତ୍ମା ସ୍ୱରୂପ, ଭୌତିକ ଦେହଶୂନ୍ୟ ଅଥଚ ସାକାର, ନିତ୍ୟ ଜ୍ଞାନମୟ ଓ ଆନନ୍ଦ ସ୍ୱରୂପ । ହେ ରଘୁବର ! ଏହିକ୍ଷଣି ଆମ୍ଭେ ତୁମ୍ଭଙ୍କୁ ପୁନଃ ପୁନଃ ନମସ୍କାର କରୁଅଛୁଁ । ଆମ୍ଭେ ତୁମ୍ଭର ସ୍ୱରୂପ ଜାଣିବାକୁ ଅଭିଳାଷୀ ହୋଇଅଛୁଁ । ଯଥାର୍ଥତଃ ତୁମ୍ଭର ସ୍ୱରୂପ ଜାଣିଲେ କେବଳ ଆମ୍ଭେ ମୁକ୍ତିପଦ ଲାଭରେ ସମର୍ଥ ହେବୁ । [ମୁକ୍ତିକୋପନିଷଦ, ପୃ—୧-୨]

ମଣିରତ୍ନମାଳା ଉତ୍କଳୀୟ ପାଠକଙ୍କୁ ସଂସ୍କୃତ ସାହିତ୍ୟର ମଣିମୟ ଉପଦେଶାବଳୀ ପ୍ରଶ୍ନୋତ୍ତର ଛଳରେ ଭେଟି ଦେବାରେ ସମର୍ଥ ହୋଇଛି ।

ଅଳଙ୍କାର ବୋଧୋଦୟ ସୁଢ଼ଳଦେବଙ୍କର ଏକ ଅପୂର୍ବ ସୃଷ୍ଟି । ଏହା ତାଙ୍କର ସଂସ୍କୃତ ଜ୍ଞାନର ପ୍ରକୃଷ୍ଟ ପ୍ରତିଫଳନ ବହନ କରେ । ବାକ୍ୟ ରଚନା ପାଟବକୁ ବିଶୁଦ୍ଧ କରିବାପାଇଁ ସେ ଏହି ପୁସ୍ତକ ପ୍ରଣୟନ କରିଥିବାର ଘୋଷଣା କରନ୍ତି (... ବର୍ତ୍ତମାନ ଆମ୍ଭ ଉତ୍କଳ ଦେଶରେ ସଂସ୍କୃତଜ୍ଞ ବିରଳ ଥିବାରୁ ପ୍ରାୟ ଭାଷାଜ୍ଞମାନଙ୍କର ରଚନାରେ ଅନେକ ଅସୁବିଧା ଘଟେ । ଯେ ହେତୁ ଆମ୍ଭେ ଏହି ସାହିତ୍ୟ ଦର୍ପଣକୁ ଭାଷା କରିବାରେ ପ୍ରବୃତ୍ତ ହେଲୁଁ ଯେ, ସ୍କୁଲସ୍ଥ ଛାତ୍ରମାନେ ଯେବେ ଏହାକୁ ଅଧ୍ୟୟନ କରନ୍ତି, ତେବେ ଅନାୟାସରେ ନିର୍ଦ୍ଦୋଷ ବାକ୍ୟ ରଚନା କରିବାରେ ସମର୍ଥ ହେବେ । (ଭୂମିକା)) ଆଲୋଚ୍ୟ ପୁସ୍ତକଟି ତତ୍କାଳୀନ ବାମଣ୍ଡାରେ ଶିକ୍ଷାବିଭାଗରେ ପ୍ରଚଳିତ ଥିଲା ଏବଂ ମଧ୍ୟପ୍ରଦେଶର ଲାଇବ୍ରେରୀ ଓ ପ୍ରାଇଜ୍ ପୁସ୍ତକ ରୂପେ ମନୋନୀତ ହୋଇଥିଲା ।

'ଅଳଙ୍କାର ବୋଧୋଦୟ'ର ଲୋକପ୍ରିୟତା ହିଁ ଏହାର ମୂଲ୍ୟାୟନ କରେ । ରାଧାନାଥ ଏରୂପ ପୁସ୍ତକ ଉତ୍କଳ ଭାଷା କ'ଣ ବଙ୍ଗ ଭାଷାରେ ମଧ୍ୟ ଦେଖି ନଥିବା ସ୍ୱୀକାର କରନ୍ତି । ବିଶିଷ୍ଟ ସମାଲୋଚକ ନଟବର ସାମନ୍ତରାୟଙ୍କ ମତ ଏ ପ୍ରସଙ୍ଗରେ ପ୍ରଣିଧାନଯୋଗ୍ୟ : "ପୁରାତନ ସାହିତ୍ୟର କ୍ରମ ତିରୋଧାନ ଓ ଆଧୁନିକ ସାହିତ୍ୟର କ୍ରମ ଉଦ୍‌ବର୍ତ୍ତନ ଏଇ ଯୁଗ-ସନ୍ଧିବେଳେ ଓଡ଼ିଆ ଭାଷାରେ ଏପରି ଏକ ସାହିତ୍ୟ ସମାଲୋଚନାତ୍ମକ ଅଳଙ୍କାର ଗ୍ରନ୍ଥର ଐତିହାସିକ ଆବଶ୍ୟକତା ଯେ ଯଥେଷ୍ଟ ଥିଲା, ତାହା ଆଦୌ ଅସ୍ୱୀକାର କରାଯାଇ ନପାରେ ।" (ଓଡ଼ିଆ ସାହିତ୍ୟର ଇତିହାସ)

ସୁଢ଼ଳଦେବ ଥିଲେ ଜଣେ ଦୂରଦର୍ଶୀ ଯୁଗପୁରୁଷ । ସେ ଜାଣିଥିଲେ ଆଧୁନିକତାର ମହାପ୍ଳାବନକୁ ଆଦରିନେବା ପୂର୍ବରୁ ନିଜସ୍ୱ ସଂସ୍କୃତି ଓ ଐତିହ୍ୟର ସୁବିସ୍ତୀର୍ଣ୍ଣ ବେଳାଭୂମିରୁ ସାରସ୍ୱତ ରତ୍ନସମୂହକୁ ସଂଗ୍ରହ କରିବା ସର୍ବାଦୌ କର୍ତ୍ତବ୍ୟ । ଅତୀତ ପ୍ରତି ଦୃଷ୍ଟିପାତରେ ଭବିଷ୍ୟତର ଯୋଜନା ସୁପରିକଳ୍ପିତ ହୋଇପାରେ । ସୁଢ଼ଳଦେବଙ୍କ ବ୍ୟକ୍ତିସତ୍ତା ଥିଲା ଏହି ଦ୍ୱୈତଧାରାର ଉପାସକ । ଉପରୋକ୍ତ ଦ୍ୱୈତସତ୍ତାର ଅନୁଧ୍ୟାନ ବିନା ସୁଢ଼ଳଦେବ ସୃଷ୍ଟିମାନସକୁ ଅଧ୍ୟୟନ କରିବା ଏକାନ୍ତ

ଅସମ୍ଭବ । ଏ ଦ୍ୱୈତଧାରାର ପ୍ରତିଫଳନ ତାଙ୍କର ସୃଷ୍ଟି ସଂପଦରେ ଅତି ବିଚକ୍ଷଣ-ଭାବେ ସୁରକ୍ଷିତ ।

ସୁଢ଼ଳଦେବଙ୍କ ସୃଷ୍ଟି ସ୍ୱଳ୍ପ । ସେ ଭିତରେ ମଧ୍ୟ ସ୍ରଷ୍ଟାର ଅଭିନବ ସୃଷ୍ଟି ସଂପଦ କଳାତ୍ମକ କାରିଗରୀ ସୁସ୍ପଷ୍ଟ । ପ୍ରାଚୀନରୁ ଆଧୁନିକତାକୁ ପଦଯାତ୍ରା କରିବାର ସଂଧିକ୍ଷଣରେ ପ୍ରାଚୀନ ସାହିତ୍ୟର ବ୍ୟାକରଣ ସୂତ୍ରଗୁଡ଼ିକ ଆଧୀତ କରିବା ସର୍ବପ୍ରଥମ କର୍ତ୍ତବ୍ୟ । ଏଣୁ ସୁଢ଼ଳଦେବଙ୍କ ପ୍ରଥମ ପ୍ରକାଶିତ ପୁସ୍ତକ 'ଅଳଙ୍କାର ବୋଧୋଦୟ' ବିଶୁଦ୍ଧ ଭାଷା ଗଠନ ପାଇଁ ଅଭିପ୍ରେତ । ଏହା ପ୍ରଥମ ଆଧୁନିକ ଓଡ଼ିଆ ଅଳଙ୍କାର ଗ୍ରନ୍ଥର ଗୌରବ ବହନ କରେ ।

ସୁଢ଼ଳଦେବ ନିଜସ୍ୱ ତତ୍ତ୍ୱାବଧାନରେ 'ସଟୀକ ଚଣ୍ଡୀ', 'ଗଦାଧର ପଦ୍ଧତି', 'ଦଶକର୍ମ ପଦ୍ଧତି', 'ଜଗନ୍ନାଥ ଅଷ୍ଟକ', 'ସାହିତ୍ୟ ରତ୍ନାକର', 'ତିଥିକୃତ୍ୱ' ବ୍ୟବସ୍ଥା ପ୍ରଭୃତି ପୁସ୍ତକର ଶୁଦ୍ଧ ସଂସ୍କରଣ ପ୍ରକାଶ କରିଥିଲେ ।

**ମୁଦ୍ରାଯନ୍ତ୍ର ପ୍ରତିଷ୍ଠା :**

ଉପରୋକ୍ତ ସମସ୍ତ ପ୍ରକାଶନ ସହିତ ନିଜର ମତକୁ ପରିବ୍ୟାପ୍ତ କରିବାପାଇଁ ମୁଦ୍ରାଯନ୍ତ୍ର ପ୍ରତିଷ୍ଠା ବାସୁଦେବଙ୍କ ପାଇଁ ଅପରିହାର୍ଯ୍ୟ ହୋଇ ପଡ଼ିଥିଲା । ଫଳରେ ସୁଢ଼ଳଦେବ ୧୮୮୬ ଖ୍ରୀ:ରେ ନିଜ ରାଜଧାନୀ ଦେବଗଡ଼ଠାରେ 'ଜଗନ୍ନାଥବଲ୍ଲଭ ପ୍ରେସ୍' ପ୍ରତିଷ୍ଠା କରିଥିଲେ । ପୂର୍ବରୁ ସେ କଟକଠାରେ ଗୌରୀଶଙ୍କର ରାୟଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ 'ସୁଢ଼ଳ ପ୍ରେସ୍' ସ୍ଥାପନ କରିଥିଲେ । ଏହି ପ୍ରେସ୍‌ରୁ ଚତୁର୍ଭୁଜ ପଟ୍ଟନାୟକଙ୍କ ସଂପାଦନାରେ ସମାଜ ସଂସ୍କାର ଉଦ୍ଦେଶ୍ୟ ନେଇ 'ସଂସ୍କାରକ' ପ୍ରକାଶ ଲଭୁଥିଲା । ଭାବଗ୍ରାହୀ ଦାସଙ୍କ ସଂପାଦନାରେ ପ୍ରକାଶିତ 'ସେବକ' ପତ୍ରିକା ସଂସ୍କାରକ ସହିତ ଯୋଗହେଲା । ଏ ଦୁଇ ପତ୍ରିକା ବାସୁଦେବଙ୍କର ଆର୍ଥିକ ସହାୟତା ଲାଭ କରିଥିଲା । ସଂସ୍କାରକର କିଛି ଆପତ୍ତିଜନକ ଲେଖା ଉପରେ ଓଡ଼ିଶାରେ ବିବଦମାନ ପରିସ୍ଥିତି ସୃଷ୍ଟି ହେଲା । ଫଳରେ ପ୍ରେସ୍‌ର ପରିଚାଳକ ସୀତାନାଥ ରାୟଙ୍କୁ ଏକ ଅଂଶ ପ୍ରଦାନ କରି ଅନ୍ୟ ଅଂଶ ବାସୁଦେବ ୧୮୮୬ରେ ଦେବଗଡ଼କୁ ସ୍ଥାନାନ୍ତରୀତ କଲେ । ଏ ପ୍ରେସ୍ ଜଗନ୍ନାଥବଲ୍ଲଭ ପ୍ରେସ୍ ସହ ସଂଯୁକ୍ତ ହେଲା । ପ୍ରେସ୍ କାର୍ଯ୍ୟର ସୁଚାରୁ ସଂପାଦନପାଇଁ ୧୮୮୯ରେ କଳିକା ପ୍ରେସ୍ ଏଥିସହିତ ସଂଯୁକ୍ତ ହେଲା । ଜଗନ୍ନାଥବଲ୍ଲଭ ପ୍ରେସ୍‌ରୁ ୧୮୮୯ରେ ଯୁଗାନ୍ତକାରୀ ପତ୍ରିକା 'ସଂବଲପୁର ହିତୈଷିଣୀ' ପ୍ରକାଶ ଲଭିଲା ।

ଅନେକ ଉତ୍ସାହୀ ବ୍ୟକ୍ତି ବିଭିନ୍ନ ସମୟରେ ପ୍ରେସ୍ ସେକ୍ରେଟାରୀ ରୂପେ କାର୍ଯ୍ୟ ସଂପାଦନ କରିଛନ୍ତି । ପ୍ରଥମରୁ ୧୯୦୦ ପର୍ଯ୍ୟନ୍ତ ବୃନ୍ଦାବନଚନ୍ଦ୍ର ଦେବ, ୧୯୦୨

ପର୍ଯ୍ୟନ୍ତ ବିଶ୍ୱନାଥ ପାଣିଗ୍ରାହୀ ପରେ ପରେ ରସାନନ୍ଦ ପ୍ରଧାନ, କୁମୁଦବନ୍ଧୁ ସେନ, ନବଘନ ନାୟକ, ଦୀନବନ୍ଧୁ ପ୍ରଧାନ, ଦୀନବନ୍ଧୁ ଗଡ଼ନାୟକ, ଲିଙ୍ଗରାଜ ପାଣିଗ୍ରାହୀ ପ୍ରମୁଖ ପ୍ରେସ୍ ପରିଚାଳନା କରିଥିଲେ । ସ୍ୱାଧୀନତା ପରେ ପ୍ରେସ୍‌ଟିକୁ ସରକାର ଗ୍ରହଣ କରି ଏ ପର୍ଯ୍ୟନ୍ତ 'ସରକାରୀ ମୁଦ୍ରଣାଳୟ' ରୂପେ ଚଳାଇନ୍ତି ।

**ପତ୍ରପତ୍ରିକା ପ୍ରକାଶ :**

ସମ୍ବାଦପତ୍ର ଆଧୁନିକ ଜୀବନର ସାଂସ୍କୃତିକ ବାର୍ତ୍ତାବହ । ଜାତି, ଧର୍ମ ଓ ଦେଶର ପାର୍ଥକ୍ୟକୁ ଏହା ସଂକୁଚିତ କରି ସଂହତିର ବାର୍ତ୍ତା ପ୍ରଚାର କରେ । ରାଜା ପ୍ରଜାର ଯୋଗାଯୋଗରେ ଏହା ଏକ ଅନନ୍ୟ ମାଧ୍ୟମ । ସ୍ୱଚ୍ଛ ଓ ସମୃଦ୍ଧ ସମାଜ ଗଠନରେ ସମ୍ବାଦପତ୍ର ନିୟାମକ ଭୂମିକା ସଂପାଦନ କରେ ।

ସୁଢ଼ଳଦେବ ଶିକ୍ଷା ଓ ସଭ୍ୟତାର ପ୍ରସାର ପାଇଁ ସମ୍ବାଦପତ୍ର ପ୍ରକାଶ କରିଥିଲେ । ଶାସକୀୟ ବାଣୀକୁ ପ୍ରଜା ନିକଟରେ ପହଞ୍ଚାଇବା, ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ ଓ ଗତିଶୀଳ କରିବା ତଥା ଉତ୍କଳୀୟଙ୍କ ମନରେ ଜାତୀୟତାବୋଧର ଉଦ୍ରେକ କରିବା ହିଁ ଥିଲା ସୁଢ଼ଳଦେବଙ୍କ ପତ୍ରିକା ପ୍ରକାଶର ଆଭିମୁଖ୍ୟ । ବ୍ରିଟିଶ ସରକାରଙ୍କୁ ରାଜ୍ୟର ସମସ୍ୟା ଅବଗତ କରାଇବାପାଇଁ ସେ ପ୍ରଥମେ ଏକ ଇଂରାଜୀ ଓଡ଼ିଆ ଦ୍ୱିଭାଷୀ ପତ୍ରିକା ୧୮୮୭ରେ ପ୍ରକାଶ କରିଥିବା ଅନୁମିତ ହୁଏ । ଏ ପତ୍ରିକାର ଦୁଷ୍ପ୍ରାପ୍ୟତା ସତ୍ତ୍ୱେ 'ଶଂଖ' ଫାଲଗୁନ–୧୯୪୮ ସଂଖ୍ୟାରେ ଶ୍ରୀ–ଦେବଗଡ଼ଙ୍କ ପ୍ରକାଶିତ 'ଭାଷାଧୂଆଁ' ପ୍ରବନ୍ଧର ନିମ୍ନ ତଥ୍ୟକୁ ଏଡ଼ାଇଦିଆଯାଇ ନପାରେ ।

> ସମ୍ବଲପୁର ଓ ଓଡ଼ିଶାର ଉନ୍ନତି ଏବଂ ସଂସ୍କାର କଳ୍ପେ ଗୋଟିଏ ସାପ୍ତାହିକ କାଗଜର ନିତାନ୍ତ ପ୍ରୟୋଜନ ମନେକରି ପ୍ରଥମେ ଗୋଟିଏ ଦ୍ୱିଭାଷୀ ଅର୍ଥାତ୍ ଇଂରେଜ ଓ ଓଡ଼ିଆ ପତ୍ରିକା ପ୍ରଚାର କଲେ । ଶ୍ରୀ ଗଣେଶ୍ୱର ପଟ୍ଟନାୟକ ବି.ଏ. ହେଲେ ଇଂରେଜୀ ଅଂଶର ଓ ଶ୍ରୀ ନୀଳମଣି ବିଦ୍ୟାରତ୍ନ ହେଲେ ଓଡ଼ିଆ ଅଂଶର ସମ୍ପାଦକ । ଏହି କାଗଜ ଦୁଇ ଚାରି ସଂଖ୍ୟା ପ୍ରକାଶ ପରେ ଏଥିରେ ମନଃପୁତ ହେଲା ନାହିଁ । ତତ୍ପରେ ସଂବଲପୁର ହିତୈଷିଣୀର ଅଭ୍ୟୁଦୟ ।

ଉଲ୍ଲିଖିତ ପତ୍ରିକାର ଦୁଷ୍ପ୍ରାପ୍ୟତା ଯୋଗୁଁ ଏ ସମ୍ପର୍କରେ ଅଧିକ ଆଲୋଚନା ସମ୍ଭବ ନୁହେଁ ।

**୧. ସମ୍ବଲପୁର ହିତୈଷିଣୀ :**

ସଂବଲପୁର ଗଡ଼ଜାତସମୂହର ହିତସାଧନ କଳ୍ପେ ସୁଢ଼ଳଦେବ ପତ୍ରିକାର ନାମକରଣ 'ସଂବଲପୁର ହିତୈଷିଣୀ' କରିଥିଲେ । ସଂବଲପୁର ବିଶେଷଣ ଘେନି

ପତ୍ରିକାର ଜନ୍ମ ହୋଇଥିଲେ ମଧ୍ୟ ଏହା ସମଗ୍ର ଓଡ଼ିଆ ଭାଷୀ ଅଞ୍ଚଳର ହିତୈଷଣାର ଉତ୍ସର୍ଗୀକୃତ । ୧୮୮୯ ମେ ୩୦ରେ ନୀଳମଣି ବିଦ୍ୟାରତ୍ନଙ୍କ ସଂପାଦନରେ ଏ ପତ୍ରିକା ପ୍ରକାଶପାଇଥିଲା । ଏଥିସହିତ ଓଡ଼ିଆ ଭାଷାସାହିତ୍ୟର ନବଜନ୍ମ ହୋଇଥିଲା ।

ହିତୈଷିଣୀ ଥିଲା ନବୀନ ସାହିତ୍ୟିକଙ୍କ ଭୂସ୍ୱର୍ଗ ଓ ପ୍ରବୀଣ ସାହିତ୍ୟିକଙ୍କ ଆକର୍ଷଣ ଭୂମି । ଏ ପତ୍ରିକା ତିନି ପୀଢ଼ିର ସାହିତ୍ୟିକ ସୃଷ୍ଟି କରିଥିଲା । ୧୮୯୭ରେ ଉତ୍କଳ ସାହିତ୍ୟ ପତ୍ରିକା ପ୍ରକାଶ ପର୍ଯ୍ୟନ୍ତ ଏହାହିଁ ଥିଲା ଓଡ଼ିଆ ସାହିତ୍ୟିକମାନଙ୍କର ଏକମାତ୍ର ନିୟମିତ ଆଶ୍ରୟସ୍ଥଳ । କ୍ଷଣସ୍ଥାୟୀ ଉତ୍କଳଦର୍ପଣ, ଉତ୍କଳମଧୁପ ଓ ଉତ୍କଳପ୍ରଭା ଓଡ଼ିଆ ସାହିତ୍ୟର ଏକ ରୁଚିପୂର୍ଣ୍ଣ ଧାରା ନିର୍ମାଣରେ ଅସଫଳ ଥିଲେ । ଦୀପିକା, ବାହିକା ସଂବାଦପତ୍ର ଥିବାରୁ ସାହିତ୍ୟ ପ୍ରତି ଥିଲେ ବୀତସ୍ପୃହ । ବିଶେଷ କାରଣବଶତଃ ଏଥିରେ ସାହିତ୍ୟିକ ରଚନା ପ୍ରକାଶ ଲଭୁଥିଲା । କିନ୍ତୁ ହିତୈଷିଣୀ ଆଜୀବନ ନିଜର ଅର୍ଦ୍ଧାଂଶ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଉତ୍ସର୍ଗୀ ଦେଇଥିଲା ।

'ଉତ୍କଳସାହିତ୍ୟ' ପ୍ରକାଶ ପୂର୍ବରୁ ବିଶ୍ୱନାଥ କର, ରାଧାନାଥ ରାୟ, ମଧୁସୂଦନ ରାଓ, ଫକୀରମୋହନ, ଭୋଳାନାଥ ସାମନ୍ତରାୟ ଓ ଚନ୍ଦ୍ରମୋହନ ମହାରଣା ପ୍ରମୁଖଙ୍କର ଅନେକ ରଚନା ହିତୈଷିଣୀରେ ପ୍ରକାଶ ଲଭିଥିଲା । ଗଙ୍ଗାଧର, ନନ୍ଦକିଶୋର, ଚିନ୍ତାମଣି, ସଚ୍ଚିଦାନନ୍ଦ, ରାମକୃଷ୍ଣ, ଜଳନ୍ଧର ପ୍ରମୁଖଙ୍କୁ ହିତୈଷିଣୀ ସାହିତ୍ୟକ୍ଷେତ୍ରରେ ପ୍ରତିଷ୍ଠା ଆଣିଦେଇଥିଲା । ଆଧୁନିକ-ପ୍ରାଚୀନ ସାହିତ୍ୟ ବିତର୍କର ଅଭିନୟସ୍ଥଳୀ ଥିଲା ହିତୈଷିଣୀ । ଏହାରି ମାଧ୍ୟମରେ ଆଧୁନିକ ସାହିତ୍ୟର ପ୍ରାଣ ପ୍ରତିଷ୍ଠା ହେଲା; ଯା'ର ଅନ୍ତରାଳରେ ସୁତ୍ପଳଦେବଙ୍କ ପ୍ରଚ୍ଛନ୍ନ ପୃଷ୍ଠପୋଷକତା ନିହିତ ଥିଲା । ଆଧୁନିକ ଓଡ଼ିଆ ସାହିତ୍ୟର ଉନ୍ମେଷ ଦର୍ପଣ, ମଧୁପ, ପ୍ରଦୀପ ଓ ପ୍ରଭା ଦେଇ ସଂଘଟିତ ହୋଇଥିଲେ ମଧ୍ୟ ପ୍ରତିଷ୍ଠା ଲଭିଲା ହିତୈଷିଣୀ ମାଧ୍ୟମରେ ।

୧୮୯୭ ମସିହା ପରେ 'ଉତ୍କଳ ସାହିତ୍ୟ'ରେ କୃତବିଦ୍ୟ ସାରସ୍ୱତ ସାଧକଗଣ ସ୍ଥାନ ପାଉଥିଲେ । ନବୀନ ସାହିତ୍ୟିକମାନଙ୍କୁ ହିତୈଷିଣୀର ଦ୍ୱାରସ୍ଥ ହେବାକୁ ପଡୁଥିଲା । ସାହିତ୍ୟିକ ଅଭିମତର ସାର୍ବଜନୀନ ପରିପ୍ରଚାର ସହିତ ଆଦର୍ଶ ସମାଜ ଗଠନ ଥିଲା ହିତୈଷିଣୀର ଲକ୍ଷ୍ୟ । ଏ ଲକ୍ଷ୍ୟ ସାଧନପାଇଁ ସମୟେ ସମୟେ ନବୀନ କବି ଲେଖକଙ୍କର ଅପରିଣତ ସୃଷ୍ଟିକୁ ହିତୈଷିଣୀ ଆଗ୍ରହରେ ସ୍ଥାନ ଦେଉଥିଲା । ହିତୈଷିଣୀରେ ବିଶ୍ୱନାଥ କରଙ୍କ କଟକ ନର୍ମାଲ ସ୍କୁଲ, ବାଲ୍ୟଶିକ୍ଷା, ଅନଧିକାର ଚର୍ଚ୍ଚା, ରାକ୍ଷସୀ ଲୀଳା, ବାଈନାଚ ଓ ଗବର୍ଣ୍ଣମେଣ୍ଟ, ସାହିତ୍ୟ ଓ ସମାଲୋଚନା, ସାହିତ୍ୟଚର୍ଚ୍ଚା, କବି ଉପେନ୍ଦ୍ର ଭଞ୍ଜ, ଗୋଟିଏ ଉତ୍ତର, ଶରୀରଂ ବ୍ରହ୍ମ ମନ୍ଦିର, ବ୍ରାହ୍ମ ଧର୍ମର ଅଭ୍ୟୁତ୍ଥାନ ଓ ଦେଶ କାଳ ପାତ୍ର, ଭାଷାର ଅପବ୍ୟବହାର, ଜାତିଭେଦ, ଏକ ପୁରୁଷିଆ କର୍ତ୍ତା, ପୁରାତନ, ଇତିହାସ ପ୍ରଭୃତି ପ୍ରବନ୍ଧ ସହିତ ଏକ ଦୁର୍ଲଭ 'ଭ୍ରମଣ ବୃତ୍ତାନ୍ତ' ପ୍ରକାଶିତ ।

ଫକୀରମୋହନଙ୍କ ଉତ୍କଳ ଭ୍ରମଣଂ, ରାଧାନାଥଙ୍କ ପାର୍ବତୀ, ଯଯାତିକେଶରୀ ପ୍ରଭୃତି କାବ୍ୟ ହିତୈଷିଣୀରେ ପ୍ରକାଶ ଲଭିଥିଲା । କିନ୍ତୁ ଉତ୍କଳ ସାହିତ୍ୟ ପ୍ରକାଶ ପରେ ଏ ପ୍ରବୀଣ ସାରସ୍ୱତ ସ୍ରଷ୍ଟାଗଣ ହିତୈଷିଣୀରେ ପ୍ରାୟତଃ ଦେଖାଯାନ୍ତି ନାହିଁ । ଅପରପକ୍ଷେ ନନ୍ଦକିଶୋର, ଗଙ୍ଗାଧର, ଚିନ୍ତାମଣି, ଲକ୍ଷ୍ମୀନାରାୟଣଙ୍କ ରଚନା ହିତୈଷିଣୀରେ ଶେଷ ପର୍ଯ୍ୟନ୍ତ ଦୃଷ୍ଟିଗୋଚର ହୋଇଥାଏ ।

ହିତୈଷିଣୀ କେବଳ ଓଡ଼ିଆ ସାହିତ୍ୟକୁ ପ୍ରତିଷ୍ଠା ଆଣିଦେଇଥିଲା ନୁହେଁ ବରଂ ନିମ୍ନ ପ୍ରସଙ୍ଗଗୁଡ଼ିକରେ ସଂଗ୍ରାମୀ ଭୂମିକା ସଂପାଦନ କରିଥିଲା ।

(କ) ଆଧୁନିକ ସାହିତ୍ୟର ପ୍ରସାର ଓ ରାଧାନାଥ ସାହିତ୍ୟର ପ୍ରତିଷ୍ଠା ସହିତ ଶିକ୍ଷାର ପ୍ରସାର ଓ ଶିକ୍ଷାକ୍ଷେତ୍ରରୁ କୁସଂସ୍କାର ଦୂରୀକରଣରେ ସାହାଯ୍ୟ କରିଥିଲା ।

(ଖ) ଓଡ଼ିଶାରେ ରେଳରାସ୍ତା ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

(ଗ) ଓଡ଼ିଆ ଭାଷା ଆନ୍ଦୋଳନରେ ନେତୃତ୍ୱ ନେଇ ସଂବଲପୁର ଅଞ୍ଚଳରୁ ଓଡ଼ିଆ ଭାଷା ଉଚ୍ଛେଦ ବିରୁଦ୍ଧରେ ସଂଗ୍ରାମ କରିଥିଲା । ହିତୈଷିଣୀର ନିରବଚ୍ଛିନ୍ନ ଉଦ୍ୟମ ଫଳରେ ସମ୍ବଲପୁରରେ ଓଡ଼ିଆ ଭାଷାର ପୁନଃ ପ୍ରଚଳନ ସମ୍ଭବପର ହୋଇଥିଲା ।

(ଘ) ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ତଥା ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣ ଦିଗରେ ପ୍ରଥମ ସ୍ୱର ଉତ୍ତୋଳନ କରିଥିଲା ।

(ଙ) ଶୁଦ୍ଧ ସମାଜ ଗଠନ ପାଇଁ କୁସଂସ୍କାର ସମୂହର ଉନ୍ମୂଳନ ଓ ନିଶାଦ୍ରବ୍ୟ ବିରୁଦ୍ଧରେ ଜନ ସଚେତନତା ସୃଷ୍ଟିରେ ହିତୈଷିଣୀ ସଫଳ ହୋଇଥିଲା ।

ବିଭିନ୍ନ ବିଷୟର ଆଲୋଚନା ଦ୍ୱାରା ଉତ୍କଳୀୟ ଜନସମାଜର ଜ୍ଞାନବୃଦ୍ଧି ଓ ବୁଦ୍ଧିବୃତ୍ତିର ବିକାଶ ସାଧନ ନିମନ୍ତେ ଏଥିରେ ନାନା ପ୍ରସଙ୍ଗ ଓ ସେଗୁଡ଼ିକର ମୀମାଂସା ପ୍ରକାଶିତ ହେଉଥିଲା । ଉତ୍କଳର ପ୍ରାଚୀନ ଗୌରବ ଗାଥାର ଆଲୋଚନା ଦ୍ୱାରା ଶିକ୍ଷିତ ସମାଜ ମଧରେ ଆତ୍ମମର୍ଯ୍ୟାଦା, ଆତ୍ମଚିନ୍ତା, ଜ୍ଞାନସଂଚାର ସହ ସ୍ୱଦେଶାନୁରାଗ ଓ ସ୍ୱଦେଶ ସେବାର ମାନସିକତା ଜାତ ନିମନ୍ତେ ଏ ପତ୍ରିକା ଉଦ୍‌ବୋଧନ ଦେଉଥିଲା । ହିତୈଷିଣୀ ଥିଲା ସୁତ୍ରଳ ମାନସର ଆଦର୍ଶ ପ୍ରତିଫଳନ । ଉତ୍କଳୀୟ ସଂସ୍କୃତି ସହିତ ଏକାତ୍ମ ହୋଇଥିଲା ଏ ପତ୍ରିକା । ଜନଜୀବନକୁ ନିୟନ୍ତ୍ରିତ କରିଥିଲା ଆଧୁନିକତାର ପରିପ୍ରେକ୍ଷୀରେ । ସର୍ବୋପରି ସୁତ୍ରଳଦେବଙ୍କ ଆଭିମୁଖ୍ୟ ସଫଳ ହୋଇଥିଲା ଏ ପତ୍ରିକା ପ୍ରକାଶନ ସହିତ ।

ତା. ୩.୩.୧୯୨୩ରିଖ ସଂଖ୍ୟା ସହିତ ହିତୈଷିଣୀ ପ୍ରକାଶନ ବନ୍ଦ-ହୋଇଗଲା । କିନ୍ତୁ ଏପର୍ଯ୍ୟନ୍ତ ହିତୈଷିଣୀର ପ୍ରଭାବ ଓଡ଼ିଆ ସାରସ୍ୱତ କ୍ଷେତ୍ରରେ ଅନୁଭୂତ ହୁଏ ।

**୨. ବିଜୁଳି :**

'ବିଜୁଳି' ପତ୍ରିକା* ଇନ୍ଦ୍ରଧନୁର ମତ ଖଣ୍ଡନ ଓ ଆଧୁନିକ ସାହିତ୍ୟର ଗୌରବ ପ୍ରଖ୍ୟାପନ ପାଇଁ ଅଭିପ୍ରେତ । ବିଜୁଳି ପ୍ରକାଶରେ ଆନନ୍ଦ ପ୍ରକାଶ କରି ''ଇନ୍ଦ୍ରଧନୁ ଓ ବିଜୁଳି'' ଶୀର୍ଷକରେ ସଂବଲପୁର ହିତୈଷିଣୀ ଘୋଷଣା କରେ –

> ଆଜିକାଲି ଉତ୍କଳରେ 'ଇନ୍ଦ୍ରଧନୁ' ଓ 'ବିଜୁଳି' ନାମକ ଦୁଇଖଣ୍ଡି ଅସାମୟିକ ପତ୍ର ଆଡ଼ମ୍ବରର ସହିତ ପ୍ରକାଶିତ ହେବାକୁ ଆରମ୍ଭ ହୋଇଅଛି । ଏକା ଉପେନ୍ଦ୍ର ଭଞ୍ଜ ବିଷୟ ନେଇ ପତ୍ରିକାଦ୍ୱୟ ପ୍ରକାଶିତ ହେଉଥିଲେ ହେଁ ଉଭୟ ପତ୍ରର ଉଦ୍ଦେଶ୍ୟଗତ ପାର୍ଥକ୍ୟ ରହିଅଛି । ଏକ ପକ୍ଷ ଉପେନ୍ଦ୍ର ଭଞ୍ଜଙ୍କ ଦୋଷଗୁଡ଼ିକ ଦେଖାଇଦେବାକୁ ଉଦିତ, ଅପରପକ୍ଷ ତାଙ୍କ ଦୋଷକୁ ଗୁଣରୂପେ ବ୍ୟକ୍ତ କରିବାକୁ ବଦ୍ଧପରିକର । ସ:ହି:୫/୧୫–୧୩.୯.୧୮୯୩)

ବିଜୁଳି ସୁଢ଼ଳଦେବଙ୍କ ପୃଷ୍ଠପୋଷକତାରେ ଦାଶରଥି ରାଉତଙ୍କ ସଂପାଦନରେ ପ୍ରକାଶ ପାଉଥିଲା । ହିତୈଷିଣୀ ପୃଷ୍ଠାରେ ଆତ୍ମକଥା ଶୀର୍ଷକରେ ଦାଶରଥି ରାଉତ ବର୍ଣ୍ଣନା କରନ୍ତି ।

ହେ ଗୋଲକଧନ୍ଦେ ! ଯେତେବେଳେ ତୁମ୍ଭେ ସତ୍ୟ ଭଗ୍ନ କରିଅଛ ଆମ୍ଭେ ଜାଣିଲୁଣି ତୁମ୍ଭେ ସାମାନ୍ୟ ପିତୁଳୀ ନୁହଁ । ତୁମ୍ଭେ ଯେପରି ଉନ୍ମତ୍ତ ହୋଇଅଛ ଏବଂ ବର୍ତ୍ତମାନ ଯେପରି ତୁମ୍ଭର ଦଶା ହୋଇଅଛି ସେଥିପ୍ରତି ତୁମ୍ଭଙ୍କୁ ତୀବ୍ରତର ଔଷଧ ପ୍ରୟୋଗ ନ କଲେ ତୁମ୍ଭେ ପ୍ରକୃତିସ୍ଥ ହେବ ନାହିଁ । ତେଣୁ ତୁମ୍ଭର ରୋଗର ଉପଯୁକ୍ତ ବ୍ୟବସ୍ଥା ହେଉଅଛି । ତୁମ୍ଭର ପ୍ରକୃତ ଶତ୍ରୁ ଗୋପରେ ସଜ୍ଜିଭୂତ ହେଉଅଛି । ତୁମ୍ଭେ ଯେଉଁ ସତ୍ୟ ଭାଙ୍ଗିଅଛ, ସେଥିକି ଆଉ ଆମ୍ଭେ ଏହି ହିତୈଷିଣୀ କ୍ଷେତ୍ରରେ ରହି ତୁମ୍ଭ ସଙ୍ଗରେ ବଚସା କରିବାକୁ ଇଚ୍ଛା କରୁନାହୁଁ । ସ୍ୱର୍ଗରୁ ପୁଷ୍ପକ ବିମାନ ଅଣାଇବାକୁ ପଡ଼ିଲାଣି ।'' ('ସମ୍ବଲପୁର ହିତୈଷିଣୀ' ୫/୧୬ ତା.୨୦.୯.୧୮୯୩, ପୃ.୬୨)

---

* ଉତ୍କଳ-ଦୀପିକାର ୧୬.୯.୧୮୯୩ ସଂଖ୍ୟାରେ ବିଜୁଳି ପ୍ରଥମସଂଖ୍ୟାର ପ୍ରାପ୍ତି ସ୍ୱୀକାର କରାଯାଇଛି । ଏହି ତାରିଖକୁ ନଟବର ସାମନ୍ତରାୟ ସମେତ ଅନେକ ସମାଲୋଚକ ବିଜୁଳିର ଜନ୍ମ ତାରିଖ ରୂପେ ଗ୍ରହଣକରିନେଇଛନ୍ତି । ସମ୍ବଲପୁର ହିତୈଷିଣୀ (୫/୧୫) ତା ୧୩.୯.୧୮୯୩ ସଂଖ୍ୟାରେ ବିଜୁଳିକୁ ସ୍ୱାଗତ କରାଯିବା ପୂର୍ବରୁ ହିତୈଷିଣୀ (୫/୧୪) ତା୬.୯.୧୮୯୩ ସଂଖ୍ୟାର ବାମଣ୍ଡା ସଂବାଦରେ ଘୋଷଣା କରାଯାଇଛି – ''ବିଜୁଳି ନାମକ ଖଣ୍ଡିଏ ଅସାମୟିକ ପତ୍ରିକା ବାମଣ୍ଡା ପ୍ରେସ୍‌ରେ ପ୍ରଚାରିତ ହେବା ଆରମ୍ଭ ହୋଇଛି ।'' ହିତୈଷିଣୀ ୬.୯.୧୮୯୩ର ଏ ଘୋଷଣାରୁ ସ୍ପଷ୍ଟ ହୁଏ ବିଜୁଳି ସେପ୍ଟେମ୍ବର ୬ ତାରିଖ ଦିନ ବା ତା'ର କିଛିଦିନ ପୂର୍ବରୁ ପ୍ରକାଶିତ । ସେପ୍ଟେମ୍ବର ୧୬କୁ 'ବିଜୁଳି'ର ଜନ୍ମତିଥିରୂପେ ଗ୍ରହଣ କରିବା ସମୀଚୀନ ନୁହେଁ ।

ଉତ୍କଳ ପ୍ରଭାରେ ପ୍ରକାଶିତ ଲାଲା ରାମନାରାୟଣଙ୍କ "କବି ଉପେନ୍ଦ୍ର ଭଞ୍ଜ"କୁ ନେଇ ଓଡ଼ିଶାରେ ବିତର୍କର ଝଡ଼ ସୃଷ୍ଟି ହୋଇଥିଲା । ଫଳରେ ଦୀପିକା ଅନ୍ତରାଳରେ ପ୍ରାଚୀନପନ୍ଥୀମାନେ ଭଞ୍ଜକାବ୍ୟର ଗୌରବ ଗାନକଲାବେଳେ ହିତୈଷିଣୀ ଅନ୍ତରାଳେ ଆଧୁନିକ ସାରସ୍ୱତ ରଥିଗଣ ଭଞ୍ଜୀୟ ଦୋଷ ଦର୍ଶାଇ ଆଧୁନିକ ସାହିତ୍ୟର ପ୍ରତିଷ୍ଠାପାଇଁ ବଦ୍ଧ ପରିକର ଥିଲେ ।

ଅକ୍ଟୋବର ୧୮୯୪ ସୁଦ୍ଧା ବିଜୁଳିର ୧୪ଟି ସଂଖ୍ୟା ପ୍ରକାଶ ପାଇ ବିଜୁଳି ପ୍ରକାଶନ ବନ୍ଦ ହୋଇଥିଲା । ବିଜୁଳି-ଇନ୍ଦ୍ରଧନୁ କଳହ ସହିତ ଆଧୁନିକ ଓଡ଼ିଆ ସାହିତ୍ୟର ଭିତ୍ତି ସ୍ଥାପିତ ହୋଇଥିଲା । ବିଜୁଳି ପ୍ରଦର୍ଶିତ ଦୋଷସମୂହକୁ ଏକତ୍ରିତ କରି ତଥା ଅନ୍ୟ କିଛି ଦୋଷ ସଂଯୋଗ କରି ଦାମୋଦର ମିଶ୍ର 'ଦୋଷଦର୍ଶନ' (୧୮୯୫) ପୁସ୍ତକ ପ୍ରଣୟନ କରିଥିଲେ । ଏ ପୁସ୍ତକ କେବଳ ଭଞ୍ଜ ଆଲୋଚନା ସମ୍ପର୍କିତ ନୁହେଁ, ଓଡ଼ିଆ ସାହିତ୍ୟର ପ୍ରଥମ ସମୀକ୍ଷାମୂଳକ ପ୍ରକାଶିତ ପୁସ୍ତକ । ଏ ପୁସ୍ତକ ପ୍ରକାଶନ ସହିତ ସୁଢ଼ଳଦେବ ଏକ ଐତିହାସିକ କାର୍ଯ୍ୟ ସଂପାଦନ କରିଥିଲେ ।

**୩. ଆଲୋଚନା :**

୧୮୯୦ ଖ୍ରୀ:ରେ ବାମଣ୍ଡାରେ ଆଲୋଚନା ସଭା ପ୍ରତିଷ୍ଠା ଲାଭ କରିଥିଲା । ଏ ଅନୁଷ୍ଠାନର ମୁଖପତ୍ର ରୂପେ 'ଆଲୋଚନା' ୧୯୦୦ ଖ୍ରୀ: ମାର୍ଚ୍ଚ ମାସରେ ପ୍ରକାଶ ପାଏ । ରାଜକୁମାର ସ୍କୁଲର ପ୍ରଧାନ ଶିକ୍ଷକ ଏହାକୁ ପୂର୍ଣ୍ଣ ଆର୍ଥିକ ସାହାଯ୍ୟ ଯୋଗାନ୍ତି । ଚବିଶ ପୃଷ୍ଠାର ଏ ପତ୍ରିକାର ଡାକ ମାସୁଲ ସମେତ ବାର୍ଷିକ ମୂଲ୍ୟ ସର୍ବସାଧାରଣଙ୍କ ପାଇଁ ଏକ ଟଙ୍କା ମାତ୍ର ରଖାଯାଇଥିଲା । ଏ ପତ୍ରିକାର ସଂପାଦକ ଥିଲେ ଜଳନ୍ଧର ଦେବ ।

ଏ ପତ୍ରିକାର ଆଭିମୁଖ୍ୟ ଥିଲା ପ୍ରବନ୍ଧ ସାହିତ୍ୟର ଉନ୍ନତି ଏବଂ ଉତ୍କଳ ଶିକ୍ଷିତ ଲୋକମାନଙ୍କୁ ରଚନା ଶିକ୍ଷାରେ ସହାୟତା କରିବା । ପତ୍ରିକାଟି ସମାଜନୀତି, ବିଜ୍ଞାନ, ସାହିତ୍ୟ, ଚିକିତ୍ସା ପ୍ରଭୃତି ହିତକର ବିଷୟରେ ଆଲୋଚନାକୁ ଅଗ୍ରାଧିକାର ଦେଇଥିଲା ।

**୪. ଉତ୍କଳ ମଧୁପ :**

ଆଲୋଚନା ପ୍ରକାଶର ତିନି ମାସ ପରେ ୧୯୦୦ ଖ୍ରୀ: ଜୁନ୍ ମାସରେ 'ଉତ୍କଳ ମଧୁପ' ବାମଣ୍ଡା ସୁଢ଼ଳ ପ୍ରେସ୍‌ରୁ ପ୍ରକାଶ ଲଭେ । ଏହାର ସଂପାଦନା କରୁଥିଲେ ନୀଳମଣି ବିଦ୍ୟାରତ୍ନ ।

ମଧୁପ ବିବିଧ ବିଷୟକ ପତ୍ରିକା । ଏଥିରେ ବିଭିନ୍ନ ଜ୍ଞାତବ୍ୟ ତଥ୍ୟ ମୁଦ୍ରିତ ହେଉଥିଲା । ଏହା ଥିଲା ଏକ ବିଶ୍ୱକୋଷ ଓ ବିବିଧ ଜ୍ଞାନର ଭଣ୍ଡାର । ଜ୍ଞାନ ବ୍ୟତୀତ

ଏଥିରେ ଥିଲା ବିଭିନ୍ନ ସମସ୍ୟାର ସମାଧାନ ବିଭିନ୍ନ, ରୋଗର ନିଦାନ। ସବୁ ଶ୍ରେଣୀର ପାଠକଙ୍କ ପାଇଁ ଏହା ଉଦ୍ଦିଷ୍ଟ ଥିଲା।

ବିଦ୍ୟାରତ୍ନଙ୍କ ବାମଣ୍ଡା ପରିତ୍ୟାଗ ସହିତ ଏ ପତ୍ରିକା ମଧ୍ୟ ଖଲ୍ଲିକୋଟ, ବଡ଼ଖେମୁଣ୍ଡି ଦେଇ ଶେଷରେ କଟକରୁ ପ୍ରକାଶ ଲଭିଥିଲା। ଏପରିକି ବିଦ୍ୟାରତ୍ନଙ୍କ ତିରୋଧାନ ପରେ ମଧ୍ୟ ଉତ୍କଳ ସାହିତ୍ୟ ପ୍ରେସ୍‌ରୁ ଏହା ପ୍ରକାଶ ପାଇଛି।

ସୁତ୍ରଳଦେବଙ୍କ ଜୀବିତାବସ୍ଥାରେ ଉପରୋକ୍ତ ଚାରୋଟି ପତ୍ରିକା ପ୍ରକାଶ ଲଭି ବାମଣ୍ଡାକୁ ବୁଧ-ହଂସ-କେଳି-ସରର ମର୍ଯ୍ୟାଦା ଆଣିଦେଇଥିଲା। ୧୯୦୩ରେ ସୁତ୍ରଳଦେବଙ୍କ ଦେହାନ୍ତ ହୋଇଥିଲେ ମଧ୍ୟ ତାଙ୍କର କଳାତ୍ମକ ପ୍ରଭାବ ସ୍ୱାଧୀନତା ପର୍ଯ୍ୟନ୍ତ ଅନୁଭୂତ ହୁଏ। ପରବର୍ତ୍ତୀ ପର୍ଯ୍ୟାୟରେ ସୁତ୍ରଳଦେବ ପ୍ରତିଷ୍ଠିତ ଧାରାକୁ ଉଜ୍ଜୀବିତ ରଖିବାପାଇଁ ବାମଣ୍ଡାରୁ 'ଉପହାର' (୧୯୩୫-୧୯୪୫) ଓ 'ଶଂଖ' (୧୯୪୫-୧୯୪୮) ପ୍ରକାଶ ଲଭେ।

**ଆଲୋଚନା ସଭା ଓ ଉପାଧି ପ୍ରଦାନ :**

ବାମଣ୍ଡା ଦରବାରର ସାରସ୍ୱତ ଆଲୋଚନାକୁ ଉଚିତ ଦିଗ୍‌ଦର୍ଶନ ଦେବାପାଇଁ ସଚ୍ଚିଦାନନ୍ଦଙ୍କ ସଭାପତିତ୍ୱରେ ଆଲୋଚନା ସଭା ଗଠିତ ହୁଏ। ଦରବାର ସଭା ଓ ଆଲୋଚନା ସଭା ଭିତରେ ପାର୍ଥକ୍ୟ ବିଶେଷ ନଥିଲା। ଦରବାର ପଣ୍ଡିତମାନଙ୍କ ଶାସ୍ତ୍ରାଲୋଚନା, ସମସ୍ୟାପୂରଣରେ ମସ୍‌ଗୁଲ ଥିଲାବେଳେ ଆଲୋଚନା ସଭାରେ ବାହ୍ୟ ଆଗତ ବୁଦ୍ଧିଜୀବୀ ଓ ସାହିତ୍ୟିକମାନଙ୍କୁ ସ୍ୱାଗତ କରାଯାଉଥିଲା ଏବଂ ବିଭିନ୍ନ ବିଷୟରେ ଆଲୋଚନା ହେଉଥିଲା। ବାମଣ୍ଡା ସାହିତ୍ୟସମାଜ ସହିତ ବିଦେଶାଗତ ସାହିତ୍ୟିକଙ୍କ ଭାବସମନ୍ୱୟରେ ସାହିତ୍ୟ ଆଲୋଚନା ସରଗରମ ହୋଇ ଉଠୁଥିଲା।

ଆଲୋଚନାସଭାକୁ ବିଭିନ୍ନ ସମୟରେ ରାଧାନାଥ, ଫକୀରମୋହନ, ମଧୁସୂଦନ ରାଓ, ବିଶ୍ୱନାଥ କର, ବାରିଷ୍ଟର ବିଶ୍ୱନାଥ ମିଶ୍ର, ମଧୁବାବୁ, ଗୌରୀଶଙ୍କର, ଭୋଳାନାଥ ସାମନ୍ତରାୟ, P.E. Heberlet, ମାର୍କଣ୍ଡେୟ ତର୍କପଞ୍ଚାନନ, ଶଶି ଭୂଷଣ ରାୟ, କୃପାସିନ୍ଧୁ ମିଶ୍ର, ବିଜୟଚନ୍ଦ୍ର ମଜୁମଦାର, ଯୋଗେଶଚନ୍ଦ୍ର ରାୟ, ଗଙ୍ଗାଧର ମେହେର, ବିପିନବିହାରୀ ରାୟ. ବଲାଇ ବାନାର୍ଜୀ ପ୍ରମୁଖ ଅଳଙ୍କୃତ କରିଥିବାର ଜଣାପଡ଼େ।

ଦରବାରରେ ଗଢ଼ି ଉଠିଥିବା ସାରସ୍ୱତ ଆସର ହିଁ ପରବର୍ତ୍ତୀ ପର୍ଯ୍ୟାୟରେ ଆଲୋଚନା ସଭାର ରୂପ ନେଇ ସାହିତ୍ୟାଲୋଚନାକୁ ଗତିଶୀଳ କରିଥିଲା।

ଆଲୋଚନା ସଭାରେ ମୂର୍ତ୍ତିପୂଜା, ବାଲ୍ୟବିବାହ, ବିଧବାବିବାହ, ଜାତିଭେଦ, ନାରୀଶିକ୍ଷା, ପୁରାଣାଦି ପ୍ରଣେତା ବ୍ୟାସ ଜଣେ ନା ଏକାଧିକ ବ୍ୟକ୍ତି, ଅଭିବ୍ୟକ୍ତିବାଦ,

ସ୍ୱର୍ଗ ଓ ନରକ, ବିବିଧ ସଂପ୍ରଦାୟର ଧର୍ମଶାସ୍ତ୍ର, ବ୍ରାହ୍ମଧର୍ମ ପ୍ରଭୃତି ସଂବେଦନଶୀଳ ବିଷୟ ଉପରେ ପୁଂଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଏଥିସହିତ ବିଜୟଚନ୍ଦ୍ର ମଜୁମଦାରଙ୍କ ରହଣୀ ଓ ଶିକ୍ଷାଦାନ ଏବଂ ବିଜ୍ଞାନ ଅଧ୍ୟାପକ ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧିଙ୍କ ବାରମ୍ବାର ଆଗମନ ଯୁକ୍ତିମୂଳକ ସିଦ୍ଧାନ୍ତ ଉପରେ ବିଶ୍ୱାସ କରିବାକୁ ବାଧ କରିଥିଲା । ଅଯଥା କଳ୍ପନା ବିଳାସରେ ନ ଭାସି ଏକ ହେତୁବାଦୀ ଦୃଷ୍ଟିଭଙ୍ଗୀ ବାମଣ୍ଡାରେ ସୃଷ୍ଟି ହୋଇଥିଲା । ଏ ଦୃଷ୍ଟିଭଙ୍ଗୀ ଲାଳିତ, ପାଳିତ ଓ ପ୍ରସାରିତ କରିଥିଲେ ସୁଢ଼ଳଦେବ । ତେଣୁ ତାଙ୍କର ବୈଦିକ ପ୍ରସ୍ତାବ ବା ବ୍ରାହ୍ମଧର୍ମର କୂଟୀଳାର୍ଥ ପ୍ରଦର୍ଶନ ସମୟେ ଏହି ବାସ୍ତବବାଦୀ ଦୃଷ୍ଟିଭଙ୍ଗୀର ପରିଚୟ ମିଳେ ।

ନାରୀଜାତିର ନିର୍ଯ୍ୟାତନା, ଭାରତୀୟଙ୍କ ଦୁର୍ଗତି ଉପରେ ଆଲୋଚନା ସମାଜର ବାସ୍ତବ ଚିତ୍ରକୁ ଧରି ତୋଳେ । ସାହିତ୍ୟିକଗଣ କେବଳ କଳ୍ପନା ଚକ୍ଷୁ ନୁହେଁ ବାସ୍ତବ ଅନୁଭୂତି ଉପରେ ସାହିତ୍ୟ ସୃଷ୍ଟି ପାଇଁ ଆଗଭର ହୁଅନ୍ତି । ଏହାରି ଫଳରେ ସୃଷ୍ଟି ହୁଅନ୍ତି ଜଳନ୍ଧର ଦେବ, ସଚ୍ଚିଦାନନ୍ଦ ଦେବ, ବଳଭଦ୍ରଦେବ, ଲିଙ୍ଗରାଜ ପାଣିଗ୍ରାହୀ, ହରିହର ମହାପାତ୍ର, ବୃନ୍ଦାବନ ନାଥଶର୍ମାଙ୍କ ପରି ସାହିତ୍ୟିକଗଣ ।

ଆଲୋଚନାସଭା ସହିତ ସମାନ୍ତରାଳ ଭାବରେ ଛାତ୍ରସମିତି (୧୮୯୨) ଛାତ୍ରବନ୍ଧୁ ସମିତି (୧୯୦୩), କର୍ତ୍ତବ୍ୟବୋଧିନୀ ନାମରେ ତିନୋଟି ଛାତ୍ରମାନଙ୍କର ଅନୁଷ୍ଠାନ ଗଢ଼ି ଉଠିଥିଲା । ଏ ଅନୁଷ୍ଠାନଗୁଡ଼ିକ ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ସାହିତ୍ୟସ୍ପୃହା ଜାଗ୍ରତରେ ସଫଳ ହୋଇଥିଲା ।

ସୁଢ଼ଳଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାମଣ୍ଡାର ସାହିତ୍ୟ ଚର୍ଚ୍ଚା ପରିବ୍ୟାପ୍ତ ହୋଇ ଓଡ଼ିଶା ତଥା ଓଡ଼ିଶା ବାହାରର ସାହିତ୍ୟିକମାନଙ୍କୁ ଆକୃଷ୍ଟ କରିଥିଲା । ବାମଣ୍ଡାର ସାରସ୍ୱତ ପରଂପରାକୁ ଦିଗନ୍ତପ୍ରସାରୀ କରିବା ପାଇଁ ସୁଢ଼ଳଦେବ ରାଧାନାଥଙ୍କୁ ନିମନ୍ତ୍ରଣ କରିଥିଲେ । ୧୮୮୬ରେ ରାଧାନାଥ ଦଶ ଦିନ ଛୁଟି ଗ୍ରହଣ କରି ବାମଣ୍ଡା ଆଗମନ କରିଥିଲେ । ରାଧାନାଥଙ୍କୁ ବାମଣ୍ଡା ରାଜ୍ୟରେ ଏଗାରଥର ତୋପ ଧ୍ୱନି ସହିତ ମହାସମାରୋହରେ ସ୍ୱାଗତ କରାଯାଇଥିଲା । ଦରବାରରେ ଏକ ବିରାଟ ସାରସ୍ୱତ ସଭାରେ ସଂସ୍କୃତ ପଣ୍ଡିତ ବଡ଼ପଣ୍ଡାଙ୍କ ସଭାପତିତ୍ୱରେ ରାଧାନାଥଙ୍କୁ 'କବିବର' ଉପାଧି ପ୍ରଦାନ କରାଯାଇଥିଲା । ରାଧାନାଥଙ୍କ ରହଣିକୁ ସାରସ୍ୱତ ମହୋତ୍ସବ ଭାବେ ବାମଣ୍ଡା ପାଳନ କରିଥିଲା । ସଭାରେ ରାଧାନାଥ ତୋଷାମଦ ଉପରେ ପାଞ୍ଚ ପଦର କବିତା ଆବୃତ୍ତି କରିଥିଲେ । ଏ କବିତା ଯଦିଓ ଉଚ୍ଚାଙ୍ଗ କଳାତ୍ମକ ସ୍ୱାକ୍ଷର ବହନ କରେନା ତଥାପି ରାଧାନାଥଙ୍କ ସାମଗ୍ରିକ କବିକୃତିକୁ ଉପଲକ୍ଷ୍ୟ କରି 'କବିବର' ଉପାଧି ପ୍ରଦତ୍ତ ହୋଇଥିଲା । ତୋଷାମଦକୁ ଇଙ୍ଗିତ କରି ରାଧାନାଥ ଯେଉଁ କବିତା ପଢ଼ିଥିଲେ ପରବର୍ତ୍ତୀ ପର୍ଯ୍ୟାୟରେ ବାମଣ୍ଡା ଦରବାରର

ସ୍ୱଚ୍ଛତା ତାଙ୍କୁ ଲଜ୍ଜିତ କରିଥିଲା, ଯାହାକି ତାଙ୍କର ପରବର୍ତ୍ତୀ କୃତିରେ ସହଜଲଭ୍ୟ । ରାଧାନାଥ ସପ୍ତାହବ୍ୟାପୀ ବାମଣ୍ଡାରେ ଅବସ୍ଥାନ କରି ବିଭିନ୍ନ ଆଲୋଚନା ସଭାରେ ଅଂଶଗ୍ରହଣ କରିଥିଲେ । ଅନେକବାର ବାମଣ୍ଡା ଆଗମନ ତାଙ୍କ ସାରସ୍ୱତ ଜୀବନକୁ ଋଦ୍ଧିମନ୍ତ କରିଥିଲା ।

୧୮୯୭ରେ ରାଧାନାଥ ବ୍ରିଟିଶ ସରକାରଙ୍କଠାରୁ 'ରାୟ ବାହାଦୂର' ଉପାଧି ପାଆନ୍ତି । ଏଥିରେ ଉଲ୍ଲସିତ ବାମଣ୍ଡା ସାରସ୍ୱତ ସମାଜ ୧୬.୬.୧୮୯୭ରେ ଏକ ସଂବର୍ଦ୍ଧନାସଭା ସଚ୍ଚିଦାନନ୍ଦଙ୍କ ସଭାପତିତ୍ୱରେ କରନ୍ତି । ଅସୁସ୍ଥତା ଯୋଗୁଁ ସୁଢ଼ଳଦେବ ଅନୁପସ୍ଥିତ ଥିଲେ ମଧ୍ୟ ତାଙ୍କରି ନିର୍ଦ୍ଦେଶକ୍ରମେ ସଂବର୍ଦ୍ଧନାସଭା ଅନୁଷ୍ଠିତ ହୁଏ । ଏଥିରେ ଜଳନ୍ଧର, ବିଦ୍ୟାରତ୍ନ, ଜଗଦାନନ୍ଦ ଦାସ, କାଳୀଚରଣ ଦ୍ୱିବେଦୀ, ମଧୁସୂଦନ ମିଶ୍ର, ବଳଭଦ୍ର ଦେବ ପ୍ରମୁଖ ରାଧାନାଥଙ୍କ ସାମଗ୍ରିକ କୃତିତ୍ୱର ଆଲୋଚନା କରନ୍ତି । ଏ ସଂବର୍ଦ୍ଧନାସଭାର ସମ୍ପୂର୍ଣ୍ଣ ବିବରଣୀ ରାଧାନାଥଙ୍କ ପାଖକୁ ପ୍ରେରଣ କରାଯାଏ । ଉତ୍ତରରେ ରାଧାନାଥ ଲେଖନ୍ତି "ରାଜଦତ୍ତ ଉପାଧି ପରି ଏ ସମ୍ମାନ ମଧ୍ୟ ମୋହର ଆଶାତୀତ ଓ କଳ୍ପନାତୀତ ଅଟେ ।" ସୁଢ଼ଳଦେବ ତଥା ବାମଣ୍ଡାର ପୃଷ୍ଠପୋଷକତାକୁ ମହନୀୟଭାବେ ରାଧାନାଥ ଏ ପତ୍ରରେ ସ୍ୱୀକାର କରନ୍ତି –

(ମାତ୍ର ମୋହଦ୍ୱାରା ଯେବେ ଉତ୍କଳ ସାହିତ୍ୟର କଣାମାତ୍ର ଉନ୍ନତି ସାଧିତ ହୋଇଥାଏ, ସେଥିରେ ମୂଳଭୂତ କାରଣ ବାମଣ୍ଡା, ଅଥବା ବାମଣ୍ଡାର ପରମ ମାନନୀୟ ଅଧୀଶ୍ୱର ମହାରାଜ ସୁଢ଼ଳଦେବ ଅଟନ୍ତି । ଓଡ଼ିଆ ସାହିତ୍ୟ ପ୍ରତି ଆବାଲ୍ୟ ମୋହର ପ୍ରଗାଢ଼ ଅନୁରାଗ ଥିଲା । ଅତି ଅଳ୍ପ ବୟସରୁ ମୁଁ ସେହି ସାହିତ୍ୟର ଅନୁଶୀଳନରେ ବ୍ରତୀ ହୋଇଥିଲି । ୨/୩ ବର୍ଷ ପରେ ନାନା କାରଣରୁ ବିଶେଷତଃ ସାହିତ୍ୟିକ ସହାନୁଭୂତିର ଅଭାବ ହେତୁରୁ ଉତ୍କଳ ସାହିତ୍ୟର ଚର୍ଚ୍ଚା ମୁଁ ପ୍ରାୟ ପରିତ୍ୟାଗ କରିଥିଲି ଏବଂ ପ୍ରାୟ ୮/୧୦ ବର୍ଷ କାଳ ସେ ବିଷୟରେ ସଂପୂର୍ଣ୍ଣ ଉଦାସୀନ ଥିଲି । ବିଦ୍ୟୋତ୍ସାହିପ୍ରବର ଶ୍ରୀଯୁକ୍ତ ସୁଢ଼ଳଦେବଙ୍କ ସହିତ ମୋର ପୂର୍ବରୁ ପରିଚୟ ହୋଇଥିଲେ ମୋହର ଜୀବନର ଉତ୍କୃଷ୍ଟତମ ଅଂଶ ଏପରି ବନ୍ଧ୍ୟ ହୋଇନଥାନ୍ତା । ['ସମ୍ବଲପୁର ହିତୈଷଣୀ' – (୯/୮) ୨୧.୭.୧୮୯୭])

ରାଧାନାଥଙ୍କ ବାମଣ୍ଡା ପ୍ରେମର ଅପରୂପ ନିର୍ଯ୍ୟାସ ତାଙ୍କର ପ୍ରତିଟି ବାକ୍ୟରେ ପ୍ରତିଫଳିତ । ଏପରିକି 'ଭ୍ରମଣକାରୀର ପତ୍ର' ଓ 'ସାର୍ ବାସୁଦେବ ସୁଢ଼ଳଦେବ K.C.I.E., ପ୍ରବନ୍ଧରେ ସୁଢ଼ଳଦେବଙ୍କୁ ସେ ମୁକ୍ତ କଣ୍ଠରେ ପ୍ରଶଂସା କରିଛନ୍ତି ।

ରାଧାନାଥାଦି ଆଧୁନିକ ସାହିତ୍ୟିକଙ୍କ ସହିତ ଅନେକ ପ୍ରାଚୀନପନ୍ଥୀ ସଂସ୍କୃତଜ୍ଞ ପଣ୍ଡିତଙ୍କୁ ମଧ୍ୟ ସମଧିକ ସମ୍ମାନ ପ୍ରଦର୍ଶନ କରାଯାଉଥିଲା । ବଡ଼ପଣ୍ଡା ମହାଶୟଙ୍କୁ 'ବକୁଳିକବି' ଉପାଧି ପ୍ରଦାନ କରାଯାଇଥିଲା । ବିଖ୍ୟାତ ପଣ୍ଡିତ ଶିବକୁମାର ଶାସ୍ତ୍ରୀଙ୍କୁ

ବିଦ୍ୱତ୍ତାରେ ମୁଗ୍ଧ ହୋଇ ସୁଢ଼ଳଦେବ ତାଙ୍କୁ ପାଞ୍ଚଶତ ମୁଦ୍ରା, ପାଟଯଥା ସହ ଏକ 'ଶିଲ୍ଡ଼' ପ୍ରଦାନକରିଥିଲେ । ଶିଲ୍ଡ଼ରେ 'ଅତ୍ରେବ ବିଦ୍ୟାରସଃ' ଖୋଦିତ ହୋଇଥିଲା । ବିଦ୍ୟାରତ୍ନଙ୍କ କନିଷ୍ଠଭ୍ରାତା ଦାମୋଦର ମିଶ୍ରଙ୍କୁ ''ପଦ୍ୟାଳଙ୍କାର'' ଉପାଧି ପ୍ରଦତ୍ତ ହୋଇଥିଲା । ୧୯୦୧ରେ ବାମଣ୍ଡା ଦରବାରରୁ ପଦ୍ମଲୋଚନ ଦାସଙ୍କୁ ''କଥକ-ଶିରୋମଣି'' ଉପାଧି ପ୍ରଦାନ କରାଯାଇଥିଲା । (ସ.ହି. ୨୦.୩.୧୯୦୧)

ସୁଢ଼ଳଦେବ ଅନେକ ସାରସ୍ୱତ ପୁରୁଷଙ୍କୁ ପୃଷ୍ଠପୋଷକତା ଯୋଗାଇଛନ୍ତି । ଏପରିକି ପାଞ୍ଚ ଟଙ୍କା ବେତନରେ କ୍ଲର୍କ କାମ କରୁଥିବା ଦୁର୍ଯ୍ୟୋଧନ ନାୟକଙ୍କର ଏକ ଗୀତିନାଟ୍ୟ ଦେଖି ତାଙ୍କୁ କୋଡ଼ିଏ ଟଙ୍କା ବେତନରେ ବ୍ୟକ୍ତିଗତ ସହକାରୀ ରୂପେ ନିଯୁକ୍ତି ଦେଇଥିଲେ । ସୁଢ଼ଳ ପ୍ରେସ୍‌ର ପ୍ରୁଫ୍ ରିଡ଼ର୍ ନାରାୟଣଚନ୍ଦ୍ର ଦାସଙ୍କ ବିଦ୍ୱତ୍ତା ଓ ନାଟ୍ୟପ୍ରତିଭାରେ ମୁଗ୍ଧ ହୋଇ ତାଙ୍କୁ ସଚ୍ଚିଦାନନ୍ଦଙ୍କ ଗୃହଶିକ୍ଷକ ଓ ପରେ ତହସିଲଦାର ରୂପେ ନିଯୁକ୍ତି ଦେଇଥିଲେ । ନାରାୟଣଚନ୍ଦ୍ର ଦାସ ମଧୁବାବୁଙ୍କର କକେଇପୁଅ ଭାଇ । ସେ ଅନେକ ଗୀତିନାଟ୍ୟର ରଚକ । ବାମଣ୍ଡା ତଥା ବାମଣ୍ଡା ବାହାରର ଅନେକ ଲେଖକଙ୍କ ପୁସ୍ତକକୁ ସେ ନିଜ ପ୍ରେସ୍‌ରେ ପ୍ରକାଶ କରିଛନ୍ତି, ଅଥଚ ତାଙ୍କର ପୁସ୍ତକ ଓ ରଚନାବଳୀ ଲୋକଲୋଚନ ଅଗୋଚରରେ ରହିଯାଇଛି । ସୁଢ଼ଳଦେବ ଓଡ଼ିଆ ସାରସ୍ୱତ ଧାରାକୁ ଋଦ୍ଧିମନ୍ତ କରିଥିଲେ ଅଥଚ ନିଜସ୍ୱ ରଚନା ପ୍ରତି ବିତସ୍ପୃହ ଥିଲେ । ନିଜର ମୂଲ୍ୟାୟନ କରିବାପାଇଁ ସେ ଉତ୍ତର ପୁରୁଷଙ୍କୁ ଛାଡ଼ି ଯାଇଥିଲେ ।

**ସଂପାଦକ ସୃଷ୍ଟି :**

ସୁଢ଼ଳଦେବ ଥିଲେ ପରଶମଣି । ତାଙ୍କ ସ୍ପର୍ଶରେ ଲୁହା ସୁନାରେ ରୂପାନ୍ତରିତ ହୋଇଯାଉଥିଲା । ବାଙ୍କୀର ସାମାନ୍ୟ ସ୍କୁଲ ଶିକ୍ଷକ ନୀଳମଣି ବିଦ୍ୟାରତ୍ନ ସୁଢ଼ଳଦେବଙ୍କ ସଂସ୍ପର୍ଶରେ ଆସି ଓଡ଼ିଶାର ବିଖ୍ୟାତ ସଂପାଦକ ଭାବରେ ସର୍ବମାନ୍ୟ ହୋଇପାରିଥିଲେ । ଏହାକୁ ଉପଲକ୍ଷ୍ୟ କରି ଫକୀରମୋହନ ଲେଖନ୍ତି –

''ଜଗାଶିର ଧରି ଏକା ପଡ଼ିଅଛି ନନା
ପରଶ ମଣିକୁ ଧରି ଲୁହା ହୁଏ ସୁନା ।'' (ଉତ୍କଳ ଭ୍ରମଣଂ)

ବିଦ୍ୟାରତ୍ନ 'ସଂବଲପୁର ହିତୈଷିଣୀ'ରୁ ସଂପାଦକ ଜୀବନ ଆରମ୍ଭ କରିଥିଲେ । ପରେ ପରେ 'ଉତ୍କଳ ମଧୁପ', 'ପ୍ରଜାବନ୍ଧୁ', 'ଗଞ୍ଜାମ ଗୁଣଦର୍ପଣ' ଏବଂ ଶେଷ ସମୟରେ 'ଉତ୍କଳଦୀପିକା'ର ସପାଂଦନା ଦାୟିତ୍ୱ ଗ୍ରହଣ କରିଥିଲେ ।

ବାମଣ୍ଡା ଥିଲା ସଂପାଦକ ସୃଷ୍ଟିର କାରଖାନା । ଏଥିରୁ ଅନେକ ସଂପାଦକ ତାଲିମ ଲଭି ଓଡ଼ିଶା ବାଙ୍ମୟରେ ପ୍ରତିଷ୍ଠା ଲଭିଥିଲେ ଏବଂ ଓଡ଼ିଆ ପତ୍ରିକା ସଂପାଦନା କ୍ଷେତ୍ରକୁ ଋଦ୍ଧିମନ୍ତ କରିଥିଲେ ।

ବିଦ୍ୟାରତ୍ନଙ୍କ କନିଷ୍ଠ ଭ୍ରାତା ଦାମୋଦର ମିଶ୍ର ହିତୈଷିଣୀ ସଂପାଦନାରେ ସହାୟତା କରୁଥିଲେ । 'ବିଜୁଳି'ର ସେ ମ୍ୟାନେଜର ଥିଲେ ଏବଂ ସହଯୋଗ କରୁଥିଲେ । ବାମଣ୍ଡା ପରିତ୍ୟାଗ ପରେ ସେ ଇଚ୍ଛାପୁରରୁ ପ୍ରକାଶିତ 'ଉତ୍କଳବାସୀ'ର ସଂପାଦନା ଗ୍ରହଣ କରିଥିଲେ ।

ବ୍ରଜବଂଧୁ ମିଶ୍ର ତାଳଚେର ଜନ୍ମିତ ଜଣେ ଅନନ୍ୟ କାବ୍ୟପୁରୁଷ । ସେ ଶେଷ ପର୍ଯ୍ୟନ୍ତ ବାମଣ୍ଡାରେ ଅବସ୍ଥାନ କରୁଥିଲେ । 'ଉତ୍କଳବନ୍ଧୁ'ର ସେ ସଂପାଦକ ଥିଲେ । ବିଦ୍ୟାରତ୍ନଙ୍କ ପରେ ସେ ହିତୈଷିଣୀର ସଂପାଦନା ଗ୍ରହଣ କରିଥିଲେ । ସଂବଲପୁରରୁ ପ୍ରକାଶିତ ଉତ୍କଳସେବକ (୧୯୧୩)ର ପ୍ରଥମ ସଂପାଦକ ଥିଲେ ବ୍ରଜବନ୍ଧୁ । ୧୯୩୩ ବେଳକୁ ସେ ତାଳଚେରରୁ ପ୍ରକାଶିତ 'ଗଡ଼ଜାତବାସିନୀ'ର ସଂପାଦନ । ଭାର ନିର୍ବାହ କରନ୍ତି ।

ଜଳନ୍ଧର ଦେବ 'ହିତୈଷିଣୀ' ଓ 'ଉତ୍କଳ ମଧୁପ' ସଂପାଦନାରେ ସହଯୋଗ କରିବା ସହିତ 'ଆଲୋଚନା' (୧୯୦୦) ଓ 'ଶଂଖ'ର ସଂପାଦନା ଗ୍ରହଣ କରିଥିଲେ ।

ଦାଶରଥି ରାଉତ ଶିକ୍ଷକତା ସହିତ 'ବିଜୁଳି'ର ସଂପାଦକ ପଦକୁ ଉନ୍ନୀତ ହୋଇଥିଲେ । ଏତଦ୍‌ବ୍ୟତୀତ ବଳଭଦ୍ର ଦେବ, ଭାଗିରଥି ରଥ, ଜଗନ୍ନାଥ ପଟ୍ଟନାୟକ, ଦୀନବଂଧୁ ପ୍ରଧାନ, ଦୀନବଂଧୁ ଗଡ଼ନାୟକ ପ୍ରମୁଖ ସାହିତ୍ୟିକ ହିତୈଷିଣୀ ସଂପାଦନାରେ ସମୟ କ୍ରମେ ସଂପୃକ୍ତ ଥିଲେ ।

**କାବ୍ୟ ନାଟକର ସୃଷ୍ଟି :**

ସୁବ୍ରଳଦେବଙ୍କ ପୃଷ୍ଠପୋଷକତାରେ ଉତ୍କୃଷ୍ଟ କାବ୍ୟସମୂହକୁ ନାଟ୍ୟରୂପ ପ୍ରଦାନରେ ବାମଣ୍ଡା ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା । ସଚ୍ଚିଦାନନ୍ଦଙ୍କ ରଚିତ 'ମାୟାଶବରୀ' ଓ 'ଭୀଷ୍ମ' କାବ୍ୟକୁ ବ୍ରଜବନ୍ଧୁ ମିଶ୍ର ନାଟ୍ୟରୂପ ପ୍ରଦାନ କରିଥିଲେ । ରାଧାନାଥଙ୍କ 'ଚନ୍ଦ୍ରଭାଗା' କାବ୍ୟକୁ ସୁର୍ଯ୍ୟୋଧନ ନାୟକ ନାଟ୍ୟରୂପ ଦେଇଥିଲେ । ଏଗୁଡ଼ିକ ୧୯୦୨ରେ ନାଟ୍ୟରୂପ ଲଭି ବିଭିନ୍ନ ସ୍ଥାନରେ ମଞ୍ଚସ୍ଥ ହୋଇଥିଲା । ତାଳଚେର, ମାହାଙ୍ଗା, ବାଲିଅନ୍ତା ପ୍ରଭୃତି ନାଟ୍ୟଦଳ ଆସି ବାମଣ୍ଡାରେ ଏହିସବୁ ନାଟକ ଶିକ୍ଷାକରି ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରୁଥିଲେ । (ସ:ହି: ୧୯୦୨-୧୯୦୩)

**ସୁବ୍ରଳଦେବଙ୍କ ସୃଜନ କର୍ମ :**

ସୁବ୍ରଳଦେବଙ୍କର ସୃଜନାତ୍ମକ ପ୍ରତିଭାର ପରାକାଷ୍ଠା ଚିତ୍ରୋତ୍ପଳା, ବୀରବାମା ଓ କିଷ୍କିନ୍ଧ୍ୟା କାବ୍ୟ ତଥା ଜହ୍ନମାମୁଁ, ବସନ୍ତ ବର୍ଣ୍ଣନା ଓ ଜଣାଣ କବିତାରୁ ପ୍ରକାଶ

ଲଭିଥାଏ । ଜାତୀୟ ଗୀତି ରଚନା କବିଙ୍କର ଉଦ୍ଦେଶ୍ୟ ଭାରତୀୟ ପରଂପରାର ଐଶ୍ୱର୍ଯ୍ୟମଣ୍ଡିତ ଐତିହ୍ୟକୁ କବିଦୃଷ୍ଟି ଆଧୁନିକ ବାଙ୍ମୟରେ ଆରାଧନା କରିଛି । ସେଠି କାବ୍ୟର କଳାତ୍ମକ ରୂପ ଗୌଣ ହୋଇପାରେ, କିନ୍ତୁ କାବ୍ୟର ଅକ୍ଷୟ ସଂପଦ ରୂପେ ଭାବକୁ କବି ଅନଶ୍ୱର ମର୍ଯ୍ୟାଦା ପ୍ରଦାନ କରିଛନ୍ତି ।

**ଚିତ୍ରୋତ୍ପଳା :**

ପର୍ଯ୍ୟଟନ କ୍ରମେ ନୌକାଦ୍ୱାରା ସୁଢ଼ଳଦେବ ସଂବଲପୁରରୁ କଟକ ଯାଆନ୍ତି । ଏ ରୋମାଞ୍ଚକର ଏବଂ ବିପଦସଙ୍କୁଳ ଯାତ୍ରା କିପରି ତାଙ୍କର କବି-ହୃଦୟକୁ ଉତ୍‌ଫୁଲ୍ଲିତ କରିଛି ତାହାରି ଇତିବୃତ୍ତି ହିଁ ଏହି କବିତା । ଉତ୍କଳଭ୍ରମଣଂକୁ ପର୍ଯ୍ୟଟନ ସାହିତ୍ୟ ରୂପେ ଗ୍ରହଣ କଲେ ଚିତ୍ରୋତ୍ପଳାକୁ କାବ୍ୟାକାରେ ପର୍ଯ୍ୟଟନ-ସାହିତ୍ୟର ଦ୍ୱିତୀୟ ନମୂନାରୂପେ ଗ୍ରହଣ କରାଯାଇପାରେ । ସୁଢ଼ଳ ମାନସର ଯଥାର୍ଥ ପ୍ରତିଫଳନ ହିଁ ଚିତ୍ରୋତ୍ପଳା । ଚିତ୍ରୋତ୍ପଳା କବିଙ୍କ ଗଭୀର ମର୍ମସ୍ଥଳକୁ ସ୍ପର୍ଶ କରିଥିଲା । ଦରଦୀ କବି ତେଣୁ ନିଜର ଏକ କନ୍ୟାର ନାମ ମଧ୍ୟ ଚିତ୍ରୋତ୍ପଳା ରଖିଥିଲେ ।

ଚିତ୍ରୋତ୍ପଳା ପ୍ରାଚୀନ ଆଧୁନିକ କାବ୍ୟସମନ୍ୱୟର ସାର୍ଥକ ପ୍ରତିଭୂ । ଚିତ୍ରୋତ୍ପଳାର ଆଙ୍ଗିକ ଓ ଆତ୍ମିକ ବିଭବକୁ ଚତୁରଭାବେ ଚିତ୍ରିତ କରିଛନ୍ତି ରାଜକବି । ଏହାର ପ୍ରେମାନୁଭୂତି ଓ ସୌନ୍ଦର୍ଯ୍ୟବୋଧ ଅଭିମନ୍ୟୁ ସାମନ୍ତସିଂହାରଙ୍କ କୋଟୀକୁ ସ୍ପର୍ଶ କରେ । ଜାତୀୟ ଚେତନା ଓ ପ୍ରକୃତିପ୍ରୀତି ରାଧାନାଥୀ କାବ୍ୟଚର୍ଯ୍ୟାସହ ସାମ୍ୟ ପ୍ରଦର୍ଶନ କରେ । କଳ୍ପନା ପ୍ରବଣତା କବି ଯଦୁମଣିଙ୍କ ସମକକ୍ଷ । ଏହା ସହିତ ମର୍ତ୍ତ୍ୟ-ପ୍ରୀତି ଓ ଅଧିଭୌତିକ ଚେତନା କବିଙ୍କର ନିଜସ୍ୱ ।

ମହାନଦୀ ସ୍ରୋତର ଅନୁକୂଳରେ ଯେଉଁ ଭାବନାରାଜି କବି ମନରେ ସୃଷ୍ଟି ହୋଇଥିଲା, ତାହାହିଁ ଶିଳ୍ପରୂପ ଲଭିଛି । ଅଳଙ୍କାର ଏବଂ ଶବ୍ଦାଡ଼ମ୍ବରପୂର୍ଣ୍ଣ ଆଙ୍ଗିକ ଅଥଚ ଆତ୍ମିକ ଯୁଗୋପଯୋଗୀ ଆଧୁନିକତାର ବାର୍ତ୍ତାବହ । ସୁନିୟନ୍ତ୍ରିତ ଶବ୍ଦସଜ୍ଜା ଅତି ପରିଚିତ ଚିତ୍ରକଳ୍ପ, ବୌଦ୍ଧିକ ଅବତାରଣା ମାଧ୍ୟମରେ ପ୍ରକୃତି ବର୍ଣ୍ଣନା ଚିତ୍ତାକର୍ଷକ ହୋଇଛି । ସାବଲୀଳଭାବେ ପ୍ରକୃତି କାବ୍ୟଗର୍ଭିତ ହୋଇଛି । ଭାଷା ସ୍ୱତଃସ୍ଫୂର୍ତ୍ତ ଓ ସ୍ୱଚ୍ଛନ୍ଦ ମାଧ୍ୟମରେ ଦୃଷ୍ଟି ସୀମାସ୍ଥ ସମସ୍ତ ଶୋଭାକୁ ଧରି ରଖିପାରିଛି;

''ମନ୍ଦବାତେ ବୀଚି—ମାଳା ବିସ୍ତାରୁଛି କମଳ ଅବୟବିନୀ
କୁଞ୍ଚିତ ସୁନୀଳ—ବସନରେ ମଣ୍ଡି ପୁଳିନ କାନ୍ତି-ଦାୟିନୀ
ମୌକ୍ତିକ-ମାଣିକ୍ୟ ମଣି-ଚୂର୍ଣ୍ଣ-ମଞ୍ଜୁ-ବାଲୁକା-ପୂର୍ଣ୍ଣ-ଉଦର
ଯେତେଦୂର ଧାଇଁ ପାରୁଅଛି ଚକ୍ଷୁ ନଛାଡ଼େ ଶୋଭା ଆଦର ।'' (ଚିତ୍ରୋତ୍ପଳା)

ପ୍ରକୃତି ଅଧ୍ୟୟନରେ କବିଙ୍କର ପାରଦର୍ଶିତା କବିତାର ପ୍ରତି ଛତ୍ରେ ଛତ୍ରେ ଫୁଟି

ଉଠିଛି । ନିଜର ଅନୁଭୂତିସିଦ୍ଧ ଅନେକ ମୌଳିକ ଚିତ୍ର ପ୍ରଦାନରେ କବିତା କଳାତ୍ମକ ସିଦ୍ଧି ଲଭିଛି । ଯେପରି –

– 'ଆଘାତିତ ସର୍ପପରି ତଟିନୀର ଧାର'

– 'ଫାଶି ଦେଉଛନ୍ତି ଧୀବରେ ମୀନକୁ ବଡ଼ୀଶ ରଜ୍ଜୁ ଲଗାଇ'

– 'କପୋଳ ସିନ୍ଦୂର ଶିରୀଟି ସଦୃଶ କାହିଁ ତଟିନୀ ସିକତା'

– 'ପଲାଶ-ସ୍ତବକ-ଦୀପେ କରାଉଛି ବାତହାତେ ବନ୍ଦାପନା'

ଏ ମୌଳିକ ପ୍ରୟୋଗ ସୁଢ଼ଳଦେବଙ୍କ କାବ୍ୟସିଦ୍ଧିକୁ ପ୍ରମାଣିତ କରେ । ମର୍ତ୍ତ୍ୟ-ପ୍ରୀତିର ଅପୂର୍ବ ମହକ ଆଣିଦିଏ କବିତାର ଅନେକ ପଙ୍କ୍ତି । ରାଜପୁରୁଷଠାରୁ କବିପୁରୁଷ ମହତ୍ତର ଭାବେ ଉଭାହୁଏ । ସଂବେଦନଶୀଳ ଏ ରାଜକବି ଗ୍ରାମ୍ୟ ଲଳନାଙ୍କ ନଦୀରେ ସ୍ନାନ ଏବଂ ଜଳ ଆନୟନର ସୁଦୃଶ୍ୟ ବର୍ଣ୍ଣନାକୁ କଳାତ୍ମକ ବ୍ୟାପ୍ତି ପ୍ରଦାନ କରନ୍ତି –

''ଉଷା କାଳେ ସ୍ନାନଶୀଳା ନାରୀବୃନ୍ଦେ   ତୀର ହୋଇଯାଏ ଘନ
ଅମଳ ତରଙ୍ଗେ ଦଳି ଦେଉଥାଏ   ରମଣୀ-ଲାବଣ୍ୟ-ବନ
ମୁଗ୍ଧା ମଧ୍ୟା ବୃଦ୍ଧା ପ୍ରଭୃତି ଲଳନା   ଶ୍ରେଣୀ ଶ୍ରେଣୀ ମାଳ ମାଳ
ଘଟାଙ୍କିତ ଶିର କଟି-ହସ୍ତ ହୋଇ   ଯାଉଛନ୍ତି ବାମା ଜାଳ ।''

ନିଜସ୍ୱ ମାତୃଭୂମିର ଉତ୍କର୍ଷତା ପ୍ରତିପାଦନ ପାଇଁ କବି ମହାନଦୀକୁ ଗଙ୍ଗାର ସମପର୍ଯ୍ୟାୟବାଚୀ ରୂପେ ସ୍ୱପ୍ନ ଦେଖିଛନ୍ତି । କବି ଚକ୍ଷୁରେ ମହାନଦୀ ମହୀୟାନ ଗରୀୟାନ ହୋଇ ଉଠିଛି । ''କଳୌ ଚିତ୍ରୋତ୍ପଳା ଗଙ୍ଗା'' ରୂପେ କବି ନିଜ ପ୍ରାଣର ପବିତ୍ର ଆକୂତି ଜଣାଇଛନ୍ତି, ''ନଦୀ ତତ୍ର ମହାପୁଣ୍ୟା ବିନ୍ଧ୍ୟପାଦ ବିନିର୍ଗତା ଚିତ୍ରେତ୍ପଳେତି ବିଖ୍ୟାତା ସର୍ବପାପହରାଶୁଭା ।'' ରାଜପଦର ବିପର୍ଯ୍ୟସ୍ତ ମାନସିକତା ନିଷ୍ଠୁର କର୍ତ୍ତବ୍ୟର ତାଡ଼ନା ଭିତରେ କବି ହୃଦୟ ତାଙ୍କର କିଛିଟା ଆଶ୍ୱସ୍ତି, କିଛିଟା ସଂବେଦନା ଲୋଡ଼ିଛି । ଗତାନୁଗତିକ ଜୀବନର ଧାରାରୁ କିଛିଟା ମୁକ୍ତି କିଛିଟା ବିଚ୍ୟୁତି ହିଁ ସୁଢ଼ଳଦେବଙ୍କୁ କବି କରିଛି ।

ରାଧାନାଥଙ୍କ ଚିଲିକା କାବ୍ୟର ''କ୍ଷୁଦ୍ର ସିପ୍ରା-ସ୍ରୋତ ବିଖ୍ୟାତ ଜଗତେ/ ମହାନଦୀ ନାମ ରହିଲା ଗୁପତେ''ର ନିରାଶା ବାଣୀ ରାଜକବିଙ୍କୁ ପ୍ରବୋଧିତ କରିଥିବା ମନେହୁଏ । ରାଧାନାଥଙ୍କ ବାଣୀକୁ ସ୍ମରଣ କରି ରାଜକବି କହନ୍ତି –

''ତୋ ତୀର ବିହାରୀ – ରାୟ କବିବର ଚିନ୍ତାଶୀଳ ଅବିରତେ
'ମହାନଦୀ ନାମ ରହିଲା ଗୁପତେ' ବୋଲି ବାବୁଥାନ୍ତି ତୋତେ ।''

(ଚିତ୍ରୋତ୍ପଳା)

ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରସିଦ୍ଧ ହିନ୍ଦୀ କବି ଲୋଚନ ପ୍ରସାଦ ପାଣ୍ଡେୟ ତାଙ୍କର

ମହାନଦୀ (୧୯୧୫) କାବ୍ୟରେ ରାଧାନାଥ ଏବଂ ସୁଜ୍ଞଳଦେବଙ୍କ ଏ କୃତିତ୍ୱକୁ ସମ୍ମାନର ସହ ସ୍ମରଣ କରିଛନ୍ତି ।

''କ୍ଷୁଦ୍ର ସିପ୍ରାସ୍ରୋତ ବିଖ୍ୟାତ ଜଗତେ
ମହାନଦୀ ନାମ ରହିଲା ଗୁପତେ
ଚିଲିକାର କବି ଅମର ଅକ୍ଷରେ
ନଚିତ୍ରି - ତୋଚିତ୍ର ସାହିତ୍ୟ ପଟରେ
କି ଭାବି ତୋ' ପାଇଁ ଦୁଇ ଧାଡ଼ି ମାତ୍ର
ଲେଖିଲେ, (ଆଶ୍ଚର୍ଯ୍ୟ ଅସ୍ଥିର ମୋ ଗାତ୍ର) ।
ଶୁଣି ସେ କ୍ରନ୍ଦନ ରାଜର୍ଷି ସୁକବି
କୌଶଳେ ଚିତ୍ରିଲେ ଚିତ୍ରୋତ୍ପଳା ଛବି ।'' (ମହାନଦୀ)

ଆଳଙ୍କାରିକ କବି ଚିତ୍ରୋତ୍ପଳାର ପ୍ରତି ଅଂଶରେ ଅଳଙ୍କାର ସଂଯୁକ୍ତ କରି ଅଳଙ୍କାର-ଶ୍ରଦ୍ଧାଳୁ ଛାତ୍ରଙ୍କ ପାଇଁ ଫୁଟ୍‌ନୋଟ୍‌ରେ ପ୍ରଦର୍ଶିତ କରିଛନ୍ତି । ଚିତ୍ରୋତ୍ପଳା ୧୮୯୨ରେ ସଂବଲପୁର ହିତୈଷିଣୀରେ ପ୍ରଥମେ ପ୍ରକାଶ ଲଭି ଲୋକପ୍ରିୟତା ଅର୍ଜନ କରେ । ପରେ ପରେ ଏହାର ଅନେକ ସଂସ୍କରଣ ପ୍ରକାଶ ଲଭେ । ଚିତ୍ରୋତ୍ପଳା ଉପରେ ଅନେକ ସମାଲୋଚନା ତଥା ପ୍ରତି-ସମାଲୋଚନା ସଂବଲପୁର ହିତୈଷିଣୀ 'ଉତ୍କଳସାହିତ୍ୟ' ପ୍ରଭୃତି ପତ୍ରପତ୍ରିକାରେ ପ୍ରକାଶିତ ।

**ବୀରବାମା :**

'ଚିତ୍ରୋତ୍ପଳା'ର ଶୈଳ୍ପିକ ସିଦ୍ଧି 'ବୀରବାମା' କବିତାରେ ଉତ୍କର୍ଷତାର କୋଟୀକୁ ସ୍ପର୍ଶ କରିପାରି ନାହିଁ । ଏ କବିତାରେ ଜଣେ ଅବଳା ନାରୀ କିପରି ମାତୃଭୂମିର ଦାୟରେ ଜାତୀୟତାବୋଧରେ ଅନୁପ୍ରାଣିତ ହୋଇ ରଣତାଣ୍ଡବିନୀ ସାଜିଛି, ତା'ର ବର୍ଣ୍ଣନା ରହିଛି । ସୁଜ୍ଞଳଦେବଙ୍କର ଓଡ଼ିଆ ପାଠକଙ୍କୁ କହିବାର କଥା ମାତ୍ର ଏତିକି । କିନ୍ତୁ ଏହାରି ଅନ୍ତରାଳରେ ଯେଉଁ ଜାତୀୟତାବୋଧର ଚେଙ୍ଗା ରହିଛି, ତାହାହିଁ ତାଙ୍କର ସୃଷ୍ଟି ଆଭିମୁଖ୍ୟ । ସୁଜ୍ଞଳଦେବଙ୍କ ସ୍ୱୀକାରୋକ୍ତି ପ୍ରଣିଧାନଯୋଗ୍ୟ – ''ଆମ୍ଭର କୌଣସି ଉଦ୍ଦେଶ୍ୟ ନୁହେଁ, କେବଳ ଲକ୍ଷ୍ମୀବାୟୀ ଯାହା ହିନ୍ଦୁକୁଳ ଲାବଣ୍ୟ-ସରଃ-ସରୋଜିନୀରେ କୁଳିଶ ସହିଷ୍ଣୁତାର ଅପୂର୍ବ ଛଟା ଦେଖାଇଛନ୍ତି ତାହାହିଁ ପାଠକମାନଙ୍କୁ ଜଣାଇବାର ବାସନା ମାତ୍ର ।'' (ଭୂମିକା) – ଏତିକି କହିବା ଭିତରେ ଅନେକ ଅକୁହା ରହିଗଲା । ଦୃଷ୍ଟାନ୍ତ ମାତ୍ର ପାଠକ ସମ୍ମୁଖରେ ଉପସ୍ଥାପିତ କରାଗଲା, ବାକି କାମ ପାଠକର– ଓଡ଼ିଆର, ଭାରତୀୟର । ଏହାହିଁ ଜାତୀୟତାବୋଧର ମର୍ମବାଣୀ । ଲୋକଙ୍କୁ ଚେତେଇଦେବା ହିଁ କବିର କର୍ମ । ଇଂରେଜ ରାଜତ୍ୱରେ ଏକ ପ୍ରାନ୍ତୀୟ

ରାଜ୍ୟର କର୍ତ୍ତା ହୋଇ ଇଂରେଜ ବିରୋଧୀ ଲକ୍ଷ୍ମୀବାଈଙ୍କ ଅପୂର୍ବ ସାହାସକୁ ବାହାବା ଜଣାଇବା ମାତୃପ୍ରେମର ଉଜ୍ଜ୍ୱଳ ଦୃଷ୍ଟାନ୍ତ । ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ ଦେଖାଯାଏ ଏ କାବ୍ୟରେ ସୁଢ଼ଳଦେବ ଇଂରେଜ ଶାସନର ନୀରବ ପ୍ରତିବାଦ ମାତ୍ର କରିଛନ୍ତି । କବି ରାଜା ହୋଇପାରନ୍ତି ତଥାପି ସେ ଭାରତୀୟ । ସେହି ଆର୍ଯ୍ୟ ରକ୍ତ ତାଙ୍କ ଧମନୀରେ ପ୍ରବାହିତ । ଏ ପରିପ୍ରେକ୍ଷୀରେ 'ବୀରବାମା' ଏକ ସାର୍ଥକ ଜାତୀୟ କବିତା । ପ୍ରବଳ ପ୍ରତାପୀ ଇଂରେଜ ଶାସନ ବିରୁଦ୍ଧରେ କେବଳ ଏତିକି ନୁହେଁ ବରଂ ଅକୁତୋଭୟ ସୁଢ଼ଳଦେବ ନିଜର ରାଜୋଦ୍ୟାନରେ ଲକ୍ଷ୍ମୀବାଈଙ୍କର ଏକ ଅଶ୍ୱାରୋହିଣୀ ପ୍ରତିମା ଗଠନକରି ସ୍ଥାପନକରିଥିଲେ ଏବଂ ଇଂରେଜ ରାଜପୁରୁଷମାନଙ୍କୁ ବିହାରପାଇଁ ଉଦ୍ୟାନକୁ ନିମନ୍ତ୍ରଣ କରାଯାଉଥିଲା ।

'ବୀରବାମା' କାବ୍ୟ ପରାଧୀନ ଭାରତବର୍ଷର ଜାତୀୟତାର ବୀଜ ବପନ କରିଥିଲା । ବ୍ରିଟିଶ ଅଧୀନସ୍ଥ ଏକ ପ୍ରାନ୍ତୀୟ ଶାସକ ହୋଇ ମଧ୍ୟ ସେ ଇଂରେଜ ରାଜତ୍ୱକୁ ସମାଲୋଚନା କରିବାକୁ ପଶ୍ଚାତ୍‌ପଦ ହୋଇ ନଥିଲେ । ମାତୃଭୂମିର ମହାନତା ପ୍ରଦର୍ଶନ ସମୟେ ଇଂରେଜମାନଙ୍କୁ ଗୌଣଭାବେ ସେ ଚିତ୍ରଣ କରିଛନ୍ତି ।

''ସବୁକାଳେ ଭୂମାତାର ଧର୍ମ୍ମ ଏକାସାକ୍ଷୀ
ଅଧର୍ମ ହୋଇଲେ ଉଠେ ସେ ରୁଧିର ମାଖି ।
ଧର୍ମହାନିରେ ଉତ୍ତପ୍ତ ହୁଅଇ ରୁଧିର
ଛାତି ଫୁଲାଇ ଉଠନ୍ତି ଭାରତ ପ୍ରବୀର ।
ବ୍ରିଟିଶ କେଶରୀ ବିପକ୍ଷରେ ଶସ୍ତ୍ର ଧରି
ବାହାରିଲେ ହେଲେ ପଛେ କୃତାନ୍ତରେ ବରି ।'' (ବୀରବାମା)

ଲକ୍ଷ୍ମୀବାଈଙ୍କ ରଣତାଣ୍ଡବିନୀ ବେଶକୁ ଓଜସ୍ୱିନୀ ଭାଷାରେ ବର୍ଣ୍ଣନା କରିଛନ୍ତି ରାଜକବି –

''ଇଂରାଜ-ସୈନ୍ୟ-ଅଟବୀ-ବସନ୍ତ-ବିହାରୀ,
ମୃଗୟା କରୁଛି ନରସିଂହ ମାରି ମାରି ।
କିବା ରକ୍ତାଂଶୁକ ପରିଧାନୀ ବନଦେବୀ
ବୀରବେଶେ ଖେଳୁଛନ୍ତି ଅଶ୍ୱପୃଷ୍ଠ-ସେବୀ ।
ସୃକ୍‌କଣୀ ଲେହନ କରି ସେ ରମଣୀ-ବ୍ୟାଘ୍ରୀ
କୃପାଣ ଶୋଣିତ ଧାରେ ହୋଇଛି ରକ୍ତାଂଘ୍ରି ।'' (ବୀରବାମା)

ଐତିହାସିକ ଚରିତ୍ରକୁ ନେଇ ଗୁରୁଗମ୍ଭୀର ଧ୍ୱନିରେ କାବ୍ୟ ରଚନାର ପରଂପରା ଏଇଠୁ ଆରମ୍ଭ ହେଲା । 'ବୀରବାମା' ସମ୍ବଲପୁର ହିତୈଷିଣୀ (୬.୯.୧୮୯୩) ପୃଷ୍ଠାରେ ପ୍ରଥମେ ପ୍ରକାଶ ପାଇଥିଲା । ପରେ ପରେ ପୁସ୍ତକାକାରେ ପ୍ରକାଶ

ଲଭିଥିଲା । ଏହା ଏକ ଅସଂପୂର୍ଣ୍ଣ କାବ୍ୟ । ଏହାକୁ ସମ୍ପୂର୍ଣ୍ଣ କରିବାପାଇଁ ଉଦ୍ୟମ କରି ମଧ୍ୟ ବିଭିନ୍ନ କାର୍ଯ୍ୟୋପଲକ୍ଷେ ରାଜକବି ସମ୍ପୂର୍ଣ୍ଣ କରିପାରି ନଥିଲେ । ଏ କାବ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ସେ ମହାରାଷ୍ଟ୍ରୀୟ ଭାଷାରେ ଲିଖିତ ଲକ୍ଷ୍ମୀବାଈ ଚରିତ ଆଣି ଉତ୍କଳାନୁବାଦ କରିବାକୁ ଇଚ୍ଛା କରିଥିଲେ । ଉକ୍ତ ପୁସ୍ତକକୁ ସେ ଭକ୍ତକବି ମଧୁସୂଦନ ରାଓଙ୍କୁ ଦେଖାଇବା କଥା ବିଶ୍ୱନାଥ କର ସ୍ୱୀକାର କରନ୍ତି (ଭ୍ରମଣ ବୃତ୍ତାନ୍ତ – ସ:ହି: ୭/୨୪) । ଏ କାବ୍ୟଟି ଅସମ୍ପୂର୍ଣ୍ଣ ରହିଲେ ମଧ୍ୟ ତା' ମଧ୍ୟରେ ଦିବଂଗତ ଶାଶ୍ୱତ କାବ୍ୟପ୍ରାଣର ସୂକ୍ଷ୍ମ ଦୃଷ୍ଟିଭଙ୍ଗୀ ପ୍ରତିଫଳିତ ହୁଏ ।

**କିଷ୍କିନ୍ଧ୍ୟା :**

ଦାକ୍ଷିଣାତ୍ୟ ଭ୍ରମଣ ସମୟରେ ପ୍ରତ୍ୟକ୍ଷ ଅନୁଭୂତିକୁ ନେଇ ଏ କାବ୍ୟ ରଚିତ । ଏ କାବ୍ୟ ଜଣେ ଦର୍ଶକ ଛଦ୍ମନାମରେ ସଂବଲପୁର ହିତୈଷିଣୀର ୨୬.୪.୧୮୯୩ ସଂଖ୍ୟାରେ ପ୍ରକାଶିତ ।

ଭ୍ରମଣ ସମୟରେ ସୁବ୍ରକଳଦେବ ବଳୀରାଜାର ରାଜଧାନୀ, ଋଷ୍ୟମୂକ ପର୍ବତ, ପଂପା ସରୋବର ପ୍ରଭୃତି ପରିଦର୍ଶନ କରିଥିଲେ । ସେହି ଭ୍ରମଣଲବ୍ଧ ଅନୁଭୂତିକୁ କାବ୍ୟ ଦୁକୂଳ ପିନ୍ଧାଇଛନ୍ତି କବି । ସାବଲୀଳ ଶବ୍ଦଚୟନ, ସ୍ୱାଭାବିକ ପ୍ରକୃତିଚିତ୍ର, ପ୍ରାଣବାନ ଆଙ୍ଗିକ କବିତାଟିକୁ ରୁଚିଶୀଳ କରିଛି । ଚିତ୍ରୋତ୍ପଳାରେ ଶବ୍ଦାଡ଼ମ୍ବର ଓ ଅଳଙ୍କାରର ଆତିଶଯ୍ୟ ସମାଲୋଚିତ ହୋଇଥିଲା । ଏଣୁ ଏ କାବ୍ୟରେ ଅଳଙ୍କାରର ଅଯଥା ସମାବେଶ ଅନୁପସ୍ଥିତ । ଗୋଟିଏ ସରଳ ପ୍ରୟୋଗ ମାଧ୍ୟମରେ କାବ୍ୟୋତ୍କର୍ଷକୁ ପରୀକ୍ଷା କରାଯାଇପାରେ ।

"ମହାଗଣ୍ଡ ଶୈଳ ମଧ୍ୟରେ ତୁଙ୍ଗଭଦ୍ରା ବାହିନୀ
ବାହିତ ହେଉଛି ସତତ ଶିଳାସଙ୍ଗ ସ୍ପର୍ଦ୍ଧିନୀ ।
ନୀଳମଣି ପ୍ରାୟେ ନିର୍ମଳ ସୁଧାସମ ମଧୁର
ପାନ କରି ଦେଲା ଲୋକର ତୃଷା ହୁଅଇ ଦୂର ।
X X X X
ତଟିନୀ ସଲୀଳ ଉପଳ ଅନ୍ତରାଳେ ଭ୍ରମୁଛି
ତରଙ୍ଗ କରରେ ରଞ୍ଜିତ-କରି ସଦା ମାଜୁଛି ।"

'ତୃଷା ହୁଅଇ ଦୂର'ର ଆରୋପ ରାଜାଧିରାଜ ବାସୁଦେବଙ୍କ ସାଧାରଣ ଜନୋଚିତ ଅନୁଭୂତିର ପ୍ରମାଣ ଦିଏ । ଏ ଦୃଷ୍ଟିଭଙ୍ଗୀ ହିଁ ରାଜାକୁ କବି କରିଛି । ଜନସାଧାରଣର ପ୍ରେମାସ୍ପଦ, ସମ୍ମାନାସ୍ପଦ କରିଛି ।

**ଅନ୍ୟାନ୍ୟ କବିତା :**

ସୁଢ଼ଳଦେବଙ୍କ କବିତା ମଧ୍ୟରେ ଜହ୍ନମାମୁଁ, ଜଣାଣ ଏବଂ ବସନ୍ତ ବର୍ଣ୍ଣନ ହିଁ ଲୋକଲୋଚନକୁ ଆସିଛି । ଜହ୍ନମାମୁଁ ଶୀର୍ଷକରେ ବାମଣ୍ଡାର କବିମାନଙ୍କଠାରୁ ସୁଢ଼ଳଦେବ କବିତା ଆହ୍ୱାନ କରିଥିଲେ । ବା'ର ଜଣ କବିଙ୍କର ଏକ ଶହ ଚାରି ପଦ ବିଶିଷ୍ଟ କବିତା ପୁସ୍ତକ ରୂପେ ଜଗନ୍ନାଥବଲ୍ଲଭ ପ୍ରେସ୍‌ରୁ ପ୍ରକାଶ ଲଭିଥିଲା । ଏ ପୁସ୍ତକର ପ୍ରଥମ ବାର ପଦ ସୁଢ଼ଳଦେବଙ୍କ ଦ୍ୱାରା ରଚିତ । ଏ କବିତାରେ କବିଙ୍କ କଳ୍ପନାବିଳାସ ପ୍ରତିଫଳିତ । ପ୍ରାଚୀନ କାବ୍ୟରୀତିର ଏହା ପ୍ରତିନିଧି । ଜହ୍ନମାମୁଁଙ୍କୁ କବିଦୃଷ୍ଟି ସରହାଣ୍ଡି, ଉପବନର ଫୁଲ, ସୁବର୍ଣ୍ଣ ପିଠା, ଆକାଶ ପଣାର ସାଚି ରୂପେ କଳ୍ପନା କରିଛି । ମନୋରଞ୍ଜନ ଧର୍ମୀ ଏ କବିତା କାବ୍ୟ-ସମସ୍ୟାପୂରଣର ନିଛକ ପ୍ରତିଛବି । ଯୌଥ କବିତା ରଚନାର ପରଂପରା ବାମଣ୍ଡାରୁ ୧୮୯୫ରୁ ପାରିଜାତମାଳା ପୁସ୍ତକ ସହିତ ଆରମ୍ଭ ହୁଏ । ଏ ପରଂପରାକୁ ଏ ପୁସ୍ତକ ପରିପୁଷ୍ଟ କରିଛି ।

'ଜଣାଣ' କବିତା କବିଙ୍କର ଆଧ୍ୟାତ୍ମିକ ଦୃଷ୍ଟିର ପରିଚୟ ଦିଏ । ପରମପୁରୁଷ ନିକଟରେ ସମର୍ପଣ କରିଦେବାର ଭାବ ହିଁ କବିତାର ଧ୍ୟେୟ ।

'ବସନ୍ତ ବର୍ଣ୍ଣନ' କବିଙ୍କ ପ୍ରକୃତି ପ୍ରୀତିର ଅନନ୍ୟ ପ୍ରତିଫଳନ । ସରଳ ବୋଧଗମ୍ୟ ଭାଷାରେ ବସନ୍ତ ଋତୁର ଚିତ୍ର ପ୍ରଦତ୍ତ ।

**ସମ୍ମାନ ପ୍ରାପ୍ତି :**

ଉତ୍କଳର ଅନ୍ୟତମ ବିଶିଷ୍ଟ ସମ୍ମାନିତ ବ୍ୟକ୍ତି ଥିଲେ ସୁଢ଼ଳ ଦେବ । ଦେଶ-ବିଦେଶରେ ତାଙ୍କ ଖ୍ୟାତି ପ୍ରଚାରିତ ହୋଇଥିଲା । ୧୯୦୧ରେ ସୁଢ଼ଳଦେବଙ୍କ ପ୍ରତିମୂର୍ତ୍ତି ଲଣ୍ଡନର ଅଲବର୍ଟ ଟଫ୍‌ଙ୍କ ଦ୍ୱାରା ତିଆରି ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ସୁଢ଼ଳଦେବଙ୍କ ମହନୀୟ ପ୍ରତିଭା ଓ ବ୍ୟକ୍ତିତ୍ୱ ଦେଶ ବାହାରେ ମଧ୍ୟ ପ୍ରତିଷ୍ଠା ଅର୍ଜନ କରିଥିଲା ।

ଓଡ଼ିଶାର ନବୀନରୁ ପ୍ରବୀଣ ପ୍ରତିଟି ସାହିତ୍ୟିକ ନିଜର ସାରସ୍ୱତ କୃତିରେ ସୁଢ଼ଳଦେବଙ୍କୁ ଉଚ୍ଚ ସମ୍ମାନ ଜଣାଇଥିଲେ । ସେ ଥିଲେ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ସଂଯୋଗ ସେତୁ, ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତିର ମିଳନଭୂମି ଓ ମୁଗଲ-ବନ୍ଦୀ ଛତିଶଗଡ଼ ମିଳନର ନିୟାମକ ।

ଫକୀରମୋହନ 'ଉତ୍କଳ ଭ୍ରମଣଂ'ରେ ସମ୍ମାନ ଜଣାନ୍ତି —

''ହେ ସୁଢଳ ମହାରାଜା କରେଁ ନମସ୍କାର
ହିତୈଷିଣୀ ତୁମ୍ଭ ଯଶ କରୁଛି ପ୍ରଚାର ।
ମୁଗଲବନ୍ଦି ଛତିଶଗଡ଼ ବହୁତ ଅନ୍ତର

ଦୁହିଙ୍କୁ ମିଳାଇ ଦେଇଅଛ ପରସ୍ପର ।
ବାମଣ୍ଡା ରାଜ୍ୟରେ କରୁଅଛ ରାଜପଣ
ମାତ୍ର ଜ୍ଞାନ ରାଜ୍ୟେ ଅଟ ନୃପତି ଆପଣ ।''

କବି ରାଧାନାଥ ତାଙ୍କର ପ୍ରତିଟି କାବ୍ୟରେ ସୁଚ୍ଚଳଦେବଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି । ଚିଲିକାରେ ଓଡ଼ିଶାର ଅଜ୍ଞାନ କାଳିମା ଦୂରୀଭୂତ କରିବାପାଇଁ କାବ୍ୟତାରା ରୂପେ ଉଦିତ ହୋଇଥିବାର ପ୍ରକାଶ କରିଛନ୍ତି । ମହାନ୍ କାବ୍ୟ ମହାଯାତ୍ରାର ଷଷ୍ଠ ସର୍ଗ ପ୍ରାରମ୍ଭରେ ସୁଚ୍ଚଳଦେବଙ୍କୁ ସ୍ୱାଗତ କରିଛନ୍ତି ରାଧାନାଥ –

''ଦିବ୍ୟ ଅବଧାନେ ଆସୁ ଏ ଗୀତ ତୁମ୍ଭର,
ହେ ରାଜେନ୍ଦ୍ର, ମନ୍ଦ୍ରନାଦି ପ୍ରପାତର ପତି,
ବାମଣ୍ଡା ମଣ୍ଡଳେଶ୍ୱର, ଉତ୍କଳ ମଣ୍ଡନ;
ତୁମ୍ଭ ଶୁଭ ଆବିର୍ଭାବେ ହୋଇଛି ଉତ୍କଳ,
ଦେବଦୁର୍ଗ, ଦେବ, ଏବେ ତୀର୍ଥ ସାରସ୍ୱତ ।''

କବିଶେଖର ଚିନ୍ତାମଣି ମହାନ୍ତି 'ଉତ୍କଳ କମଳା' କାବ୍ୟରେ 'ଉତ୍କଳ ବାଣୀ କମଳା ମିଳନ ମନ୍ଦିର' ରୂପେ ସମ୍ମାନ ଜଣାଇଛନ୍ତି । ସୁଚ୍ଚଳଦେବଙ୍କ ଅବର୍ତ୍ତମାନରେ ଉତ୍କଳ ଭୂମିର ଦକ୍ଷହସ୍ତ ଛିଣ୍ଡିଯିବାର ଦୁଃଖ ପ୍ରକାଶ କରନ୍ତି ।

ଭକ୍ତକବି ମଧୁସୂଦନ ରାଓ 'ଶୋକଲହରୀ' କବିତାରେ ଭାଷା ଯୋଗେ ଉତ୍କଳ ମିଳନର ପୁରୋଧା ରୂପେ ସୁଚ୍ଚଳଦେବଙ୍କୁ ସମ୍ମାନ ପ୍ରଦାନ କରନ୍ତି । ଗଙ୍ଗାଧର ମେହେର ସୁଚ୍ଚଳଦେବଙ୍କୁ ଶାପଭ୍ରଷ୍ଟ ଦେବତା ରୂପେ ତୁଳନା କରିଛନ୍ତି ।

ବାମଣ୍ଡା ପ୍ରଜାଙ୍କର ସେ ଥିଲେ ଆଦରର ଧନ । ବାମଣ୍ଡା କାହିଁକି ସମଗ୍ର ଉତ୍କଳରେ ସୁଚ୍ଚଳଦେବ କହିଲେ ହିଁ ଊନବିଂଶ ଶତାବ୍ଦୀର ଚିର ଜାଗ୍ରତ ଏକ ସାରସ୍ୱତ ଅନୁଷ୍ଠାନକୁ ବୁଝାଏ ।

ସୁଚ୍ଚଳଦେବଙ୍କ ଶାସକୀୟ ସିଦ୍ଧି, ଜନହିତକର କାର୍ଯ୍ୟ ଏବଂ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ବ୍ରିଟିଶ ସରକାର ତାଙ୍କୁ ୧୮୮୯ରେ "C.I.E." ଉପାଧି ଏବଂ ୧୮୯୫ରେ "K.C.I.E." ଉପାଧିରେ ସମ୍ମାନିତ କରନ୍ତି । ଏ ପ୍ରସଙ୍ଗରେ General Review-1895 ଉଦାତ୍ତ କଣ୍ଠରେ ଘୋଷଣା କରେ –

> ...The advancement of the Raja to the dignity of K.C.I.E. on 1st January, 1895 and his subsequent investiture with the insignia at Calcutta, were noticed in the last year's review. The prudent and statesman like administration of which this was the reward continues to

distinguish Raja Sir Sudhal Deb above his fellows and to be a model for other States...

ବିସ୍ମୟର ବିଷୟ, ବାମଣ୍ଡାରେ ଅନେକ ରାଜା ରାଜୁତି କରିଛନ୍ତି କିନ୍ତୁ ବାମଣ୍ଡାର ରାଜା କହିଲେ, ଲୋକମୁଖରୁ ସ୍ଫୁରିତହୁଏ ସୁଢ଼ଳଦେବଙ୍କ ନାମ । ଅନେକ ପରିଦର୍ଶକ ଯେକୌଣସି ରାଜା ମୂର୍ତ୍ତି ଦେଖନ୍ତୁ ସ୍ୱତଃ ପ୍ରଶ୍ନ କରନ୍ତି ସୁଢ଼ଳଦେବ ତ ? ସୁଢ଼ଳଦେବ ବାମଣ୍ଡା ରାଜାଙ୍କ ଏକ ଉପାଧି । କିନ୍ତୁ ବହୁ ପ୍ରଚାରିତ ଏ ଉପାଧି ଜନମାନସରେ ଏପରି ବସିଯାଇଛି ତାକୁ ବିଚ୍ଛିନ୍ନ କରିବା ସମ୍ଭବ ନୁହେଁ । ଏଣୁ ଏ ନିବନ୍ଧର ଅନେକତ୍ର ବାସୁଦେବଙ୍କୁ ସୁଢ଼ଳଦେବ ରୂପେ ହିଁ ଚିହ୍ନିତ କରାଯାଇଛି ।

ସୁଢ଼ଳଦେବଙ୍କ ମହନୀୟ ଚରିତ୍ରର କ୍ଷୀଣାଂଶ ମାତ୍ର ଏ ଅବସରରେ ଆଲୋକିତ କରିବାର ପ୍ରଚେଷ୍ଟା କରାଯାଇଛି ।

## ଉପସଂହାର

ପାରଂପରିକତା ମଧ୍ୟରେ ନୂତନତା କ୍ୱଚିତ ଦେଖାଯାଏ । ପ୍ରାଚୀନ ପ୍ରୀତି ମଧ୍ୟରେ ବିକାଶର ବହମାନ ଧାରା ଶିଥିଳ ହୁଏ । କିନ୍ତୁ ପରଂପରାର ସତ୍ୟନିଷ୍ଠ ପୂଜାରୀ ସାଜି ଅଳୀକତାର ଅନ୍ଧବିଶ୍ୱାସକୁ ଧ୍ୱଂସ କରି ଆଧୁନିକତାର ସୃଜନସ୍ୱପ୍ନରେ ସମଗ୍ର ବିଶ୍ୱକୁ ସ୍ତବ୍ଧ ଚକିତ କରିଦେବାର ସାମର୍ଥ୍ୟ ସୁଢ଼ଳଦେବଙ୍କର ଥିଲା । ପାରଂପରିକତାର ଭିତ୍ତିରେ ସେ ନୂତନର ଆବାହନ କରିଥିଲେ । ପ୍ରାଚୀନ ଓ ଆଧୁନିକର ଦ୍ୱୈତଧାରାର ସମନ୍ୱୟରେ ଏକ ପୁଷ୍କଳ ଓଡିଆ ସାହିତ୍ୟ ସେ ସୃଷ୍ଟି କରିଥିଲେ । ତେଣୁ ତାଙ୍କର ସାହିତ୍ୟ ଛିନ୍ନମୂଳ ନଥିଲା ବରଂ ଥିଲା ସଂସ୍କୃତିପୁଷ୍ଟ । ପାଶ୍ଚାତ୍ୟ ସଂସ୍କୃତିକୁ ସେ ପ୍ରାଚ୍ୟରୀତିରେ ଗ୍ରହଣ କରିଥିଲେ । ଆଧୁନିକତାର ସ୍ଫୁରଣ ଇଂରେଜ ଓ ବଙ୍ଗଳା ଭାଷା ଦେଇ ବାମଣ୍ଡାର ସଂସ୍କୃତାୟିତ ଭିତ୍ତିରେ ସମାହିତ ହୋଇଥିଲା ।

ପରୀକ୍ଷା ନିରୀକ୍ଷା, ବାଦାନୁବାଦ, ଆଲୋଚନା ପ୍ରତି ଆଲୋଚନା ମଧ୍ୟରେ ସତ୍ୟ ପ୍ରତିଷ୍ଠା ପାଉଥିଲା । ବିଜୁଳୀ-ଇନ୍ଦ୍ରଧନୁ କଳହ ପ୍ରେକ୍ଷାପଟରେ ସୁଢ଼ଳଦେବ ଆଧୁନିକତାର ପକ୍ଷପାତୀ ଥିଲେ । କିନ୍ତୁ ବାମଣ୍ଡା ପ୍ରେସରୁ 'ଅବନାରସତରଙ୍ଗ' ପ୍ରକାଶ କରି ଭଞ୍ଜୀୟ ପ୍ରୀତିର ଅକପଟ ନିର୍ଯ୍ୟାସ ସୂଚାଇଥିଲେ ସୁଢ଼ଳଦେବ । ଏ ମାଟିରେ ପଣ୍ଡିତଗଣ ଭଞ୍ଜକାବ୍ୟର ଗୁଣାଦର୍ଶ ପ୍ରତିପାଦନ କଲାବେଳେ, ପ୍ରେସ୍‌ରୁ 'ଦୋଷଦର୍ଶନ' ପ୍ରକାଶ ଲଭି ଭଞ୍ଜୀୟ କାବ୍ୟର ଦୁର୍ବଳତା ଘୋଷଣା କରୁଥିଲା । ରାଧାନାଥ ''କବିବର'' ଉପାଧି ପାଇଲାବେଳେ ବଡପଣ୍ଡାଙ୍କୁ ଦିଆଯାଉଥିଲା ''ବକୁଳ କବି''ର ଉପାଧି । ରାଧାନାଥଙ୍କୁ ସଂବର୍ଦ୍ଧିତ କରୁଥିଲେ ପ୍ରାଚୀନପନ୍ଥୀ ପଣ୍ଡିତ

ବଡପଣ୍ଡା । ବଡପଣ୍ଡାଙ୍କୁ ସଂବର୍ଦ୍ଧିତ କରୁଥିଲେ ଆଧୁନିକତାର ଭାଷ୍ୟକାର ବିଜୟଚନ୍ଦ୍ର ମଜୁମଦାର । ଏ ପରସ୍ପର ବିରୋଧି ମତ ମଧ୍ୟରେ ପ୍ରତିଷ୍ଠା ପାଉଥିଲା ଓଡିଆ ସାହିତ୍ୟ । ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହେଉଥିଲା ସୁଢ଼ଳ ଚରିତ୍ର ।

ସର୍ବକାଳର ସତ୍‌ଶିଳ୍ପୀଙ୍କର ଆଭିମୁଖ୍ୟ ସତ୍ୟ ଓ ସୁନ୍ଦରର ପରିପ୍ରକାଶ । ପ୍ରବଞ୍ଚନା ଓ ଆତ୍ମପ୍ରତାରଣା ଉର୍ଦ୍ଧ୍ୱରେ ସାହିତ୍ୟରେ ସତ୍ୟ-ଶିବ-ସୁନ୍ଦରର ପ୍ରତିଷ୍ଠା ହିଁ ସୁଢ଼ଳଦେବଙ୍କର ଥିଲା ଆଭିମୁଖ୍ୟ । ସେ ଲେଖନୀ ଧରିଥିଲେ ସମାଜକୁ ସ୍ୱଚ୍ଛ ସୁନ୍ଦର କରି ଗଢ଼ିବାକୁ, ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାକୁ । ବାସ୍ତବତାର ଦୃଷ୍ଟିଭଙ୍ଗୀ ନେଇ ସେ ଜଗତକୁ ନିରୀକ୍ଷଣ କରିଛନ୍ତି, କଳ୍ପନାପ୍ରବଣତାରେ ଭାସିଯାଇ ନାହାନ୍ତି । ସୁଢ଼ଳଙ୍କ ସାହିତ୍ୟ ପ୍ରକୃତିରୁ, ବାସ୍ତବ ଅନୁଭୂତିରୁ ଉଦ୍‌ଭୂତ । ଏଣୁ ଏହା ପ୍ରକୃତି ପରି ସତ୍ୟ, ମାଟିପରି ସୁନ୍ଦର ଓ ଆକାଶପରି ସଞ୍ଚରଣଶୀଳ ।

ଓଡିଆ ସାହିତ୍ୟକୁ ପ୍ରତିଷ୍ଠା ଆଣିଦେବା ଥିଲା ସୁଢ଼ଳଦେବଙ୍କ ପ୍ରଥମ କର୍ତ୍ତବ୍ୟ । ଏ କର୍ତ୍ତବ୍ୟରେ ସେ ଏତେଦୂର ନିଷ୍ଠାପର ଯେ ନିଜ ରଚନା ପ୍ରତି ତାଙ୍କର ନଜର ନଥିଲା । ଏଣୁ ଆଜୀବନ ସୃଜନସ୍ୱପ୍ନରେ ମସ୍‌ଗୁଲ ଏ ଶିଳ୍ପୀର ସୃଷ୍ଟିଶିଳ୍ପ ଏତେ ଅଳ୍ପ । ସୁଢ଼ଳଦେବ ବେନାମୀ ଭାବେ ଅନେକ ଲେଖିଛନ୍ତି । ଅନେକ ପାଣ୍ଡୁଲିପି ସ୍ତରରେ ବିନଷ୍ଟ । 'ସଂବଲପୁର ହିତୈଷିଣୀ'ର ଅନେକ ସଂଖ୍ୟା ଦୁଷ୍ପ୍ରାପ୍ୟ । 'ଆଲୋଚନା' ଓ 'ବିଜୁଳୀ' ପତ୍ରିକା ଦୁର୍ଲଭ୍ୟ । ଏ ପ୍ରେକ୍ଷାପଟରେ ସୁଢ଼ଳଦେବଙ୍କ ରଚନାସମଗ୍ର ସଂଗ୍ରହ ଏକ ଅସମ୍ଭବ ବ୍ୟାପାର । ତଥାପି ବି ସଂକଳିତ ରଚନାରୁ ସୁଢ଼ଳ ଦେବ ପ୍ରତିଭାର ଏକ ସ୍ପଷ୍ଟ ରୂପ ଆକଳନ କରାଯାଇପାରେ ।

# ଗଦ୍ୟ ବିଭାଗ

# ALANKARA BODHODYA

# ଅଲଂକାରବୋଧୋଦୟ,

ଶ୍ରୀ ବିଶ୍ୱନାଥକବିରାଜ୍ କୃତ ସାହିତ୍ୟଦର୍ପଣ ଗ୍ରନ୍ଥ ଶ୍ରୀଯୁତ
ଶ୍ରୀମୁ ବଳଦେବୋ ପାଧ୍ୟାୟ ବାସୁଦେବାଭଧେୟ
ବାମଣ୍ଡାଧିପତିଙ୍କ
ଦ୍ୱାରା
ଉତ୍କଳ ଭାଷାରେ ଅନୁବାଦିତ ଏବଂ ଶ୍ରୀଯୁକ୍ତ ପଣ୍ଡିତବର
ଭୁବନେଶ୍ୱର ବଡ଼ପଣ୍ଡାଙ୍କ ଦ୍ୱାରା ସଂଶୋଧିତ ହୋଇ
ପ୍ରଚାରିତ ହେଲ

ସାହିତ୍ୟ ସଙ୍ଗୀତ ରସାନଭିଜ୍ଞଃ
ସାକ୍ଷାତ୍ପଶୁଃ ପୁଚ୍ଛବିଷାଣହୀନଃ ।
ତୃଣନ୍ନଖାଦନ୍ନପି ଜୀବମାନ-
ସ୍ତଦ୍ଭାଗଧେୟଂ ପରମଂ ପଶୂନାମ୍ ।

ବାମଣ୍ଡା

ଦେବଦୁର୍ଗସ୍ଥ ଜଗନ୍ନାଥବଲ୍ଲଭ ପ୍ରେସରେ ମୁଦ୍ରିତ ହେଲ

BAMRA

JAGANNATHA BALLABHA PRESS

1886

ମୂଲ୍ୟ ୧୦ ୯ ମାତ୍ର
ଡାକ ମାହାସୁଲ ୵୦

# ପ୍ରାକ୍-ସୂଚନା

ଅଳଙ୍କାର ବୋଧୋଦୟ ଏକ ଅନନ୍ୟ ଅଳଙ୍କାର ପୁସ୍ତକ । ଏହାର ପ୍ରଶଂସାରେ ରାଧାନାଥ ପ୍ରମୁଖ ଶତମୁଖ । ସେ ବଙ୍ଗଳାରେ ମଧ୍ୟ ଏରୂପ ପୁସ୍ତକ ଦେଖିନଥିବାର ସ୍ୱୀକାର କରନ୍ତି । ଏ ପ୍ରସଙ୍ଗରେ ଡକ୍ଟର ନଟବର ସାମନ୍ତରାୟଙ୍କ ମତ ପ୍ରଣିଧାନଯୋଗ୍ୟ – "ପୁରାତନ ସାହିତ୍ୟର କ୍ରମ ତିରୋଧାନ ଓ ଆଧୁନିକ ସାହିତ୍ୟର କ୍ରମ ପରିବର୍ତ୍ତନ, ଏଇ ଯୁଗ-ସନ୍ଧିବେଳେ ଓଡ଼ିଆ ଭାଷାରେ ଏପରି ଏକ ସାହିତ୍ୟ-ସମାଲୋଚନାତ୍ମକ ଅଳଙ୍କାର ଗ୍ରନ୍ଥର ଐତିହାସିକ ଆବଶ୍ୟକତା ଯେ ଯଥେଷ୍ଟ ଥିଲା, ତାହା ଆଦୌ ଅସ୍ୱୀକାର କରାଯାଇନପାରେ ।" (ଓଡ଼ିଆ ସାହିତ୍ୟର ଇତିହାସ) ଏ ପୁସ୍ତକଟି ପ୍ରଥମେ ବାମଣ୍ଡା ଜଗନ୍ନାଥ ବଲ୍ଲଭ ପ୍ରେସ୍‌ରେ ୧୮୮୬ରେ ପ୍ରକାଶ ପାଇଥିଲା । ସମକାଳୀନ ପତ୍ରିକା ଉତ୍କଳଦୀପିକା ଏ ଗ୍ରନ୍ଥକୁ ସ୍ୱାଗତ କରିଛି ।

ଅଳଙ୍କାର ବୋଧୋଦୟର ଅନେକ ଆଲୋଚନା ମଧ୍ୟରୁ ଉତ୍କଳଦୀପିକା – ୧୦.୭.୧୮୮୬ ; ବାଲେଶ୍ୱର ସଂବାଦ ବାହିକା (୧୯/୨୮) ଓ ଶିକ୍ଷାବନ୍ଧୁ (୨/୬-୭)ରେ ପ୍ରକାଶିତ ମଧୁସୂଦନ ରାଓଙ୍କ ଆଲୋଚନା ଏଥିସହିତ ପତ୍ରସ୍ଥ କରାଗଲା । ଅଳଙ୍କାର ବୋଧୋଦୟର ବିଜ୍ଞାପନ ସୁଢ଼ଳ ଦେବଙ୍କ ନିଜସ୍ୱ ଲେଖା ହୋଇଥିବାରୁ ଉତ୍କଳଦୀପିକା (୨୧/୨୬)ରୁ ଉଦ୍ଧୃତ କରାଗଲା । ବାହିକାରେ ପ୍ରକାଶିତ ଅଳଙ୍କାର ବୋଧୋଦୟର ସମାଲୋଚନାର ପ୍ରତି-ସମାଲୋଚନା ଶ୍ରୀ-ବାମଣ୍ଡା ସଂସ୍କାରକ ୩୨ ସଂଖ୍ୟାରେ କରନ୍ତି । ଏହାରି ଉପରେ ବାହିକା ପ୍ରକାଶିତ ମତକୁ ପାଠକଙ୍କ ଅବଗତି ପାଇଁ ସ୍ଥାନିତ କରାଗଲା । ସଂସ୍କାରକର ଲେଖାଟି ସଂଗ୍ରହ ହୋଇପାରିନଥିବାରୁ ଦୁଃଖିତ ।

ଅଳଙ୍କାର ବୋଧୋଦୟର ଉତ୍ତର ସୃଷ୍ଟି ରୂପେ ବାମଣ୍ଡାରୁ ସୁଢ଼ଳଦେବଙ୍କ ପ୍ରରୋଚନାରେ ଭୁବନେଶ୍ୱର ବଡ଼ପଣ୍ଡା ଅଳଙ୍କାର ଚନ୍ଦ୍ରିକା (୧୮୮୭) ରଚନା କରନ୍ତି । ଏଥିରେ ବିଭିନ୍ନ ଅଳଙ୍କାରର ସ୍ୱରୂପ ପଦ୍ୟାକାରେ ପ୍ରଦତ୍ତ । ଏତଦ୍‌ବ୍ୟତୀତ ସୁଢ଼ଳଦେବଙ୍କ ଆତ୍ମଜ ସଚ୍ଚିଦାନନ୍ଦ ଦେବ 'ଅଳଙ୍କାର ସାର' ରଚନା କରି ପିତୃଦେବଙ୍କ ଅସଂପୂର୍ଣ୍ଣ କାର୍ଯ୍ୟକୁ ସଂପୂର୍ଣ୍ଣ କରନ୍ତି ।

— ସଂପାଦକ ।

# 'ଅଲଂକାରବୋଧୋଦୟ'ର ସୂଚୀପତ୍ର


| | ବିଷୟ | ପୃଷ୍ଠା |
|---|---|---|
| | ଭୂମିକା | ୮୨ |
| | ମନ୍ତବ୍ୟ (ରାଧାନାଥ ରାୟ) | ୮୪ |
| (୧) | ପ୍ରଥମ ପରିଚ୍ଛେଦ : (କାବ୍ୟସ୍ୱରୂପ ନିରୂପଣ) କାବ୍ୟଫଳ, କାବ୍ୟସ୍ୱରୂପ ନିରୂପଣ, ରସଲକ୍ଷଣ | ୮୫ |
| (୨) | ଦ୍ୱିତୀୟ ପରିଚ୍ଛେଦ : (ବାକ୍ୟସ୍ୱରୂପ ନିରୂପଣ) ବାକ୍ୟଲକ୍ଷଣ, ଯୋଗ୍ୟତା, ଆକାଂକ୍ଷା, ଆସତ୍ତି, ବାକ୍ୟସ୍ୱରୂପ, ମହାବାକ୍ୟ ସ୍ୱରୂପ, ପଦସ୍ୱରୂପ, ବାଚ୍ୟାର୍ଥ, ଲକ୍ଷଣା, ବ୍ୟଞ୍ଜନା, ଅଭିଧାମୂଳା ଶାବ୍ଦୀବ୍ୟଞ୍ଜନା, ଲକ୍ଷଣାମୂଳା ଶାବ୍ଦୀବ୍ୟଞ୍ଜନା, ଆର୍ଥୀବ୍ୟଞ୍ଜନା, ବାଚ୍ୟାର୍ଥ ବ୍ୟଞ୍ଜନା, ଲକ୍ଷାର୍ଥ ବ୍ୟଞ୍ଜନା, ବ୍ୟଙ୍ଗ୍ୟାର୍ଥ ବ୍ୟଞ୍ଜନା, ତାତ୍ପର୍ଯ୍ୟାଖ୍ୟାବୃତ୍ତି । | ୮୬ |
| (୩) | ତୃତୀୟ ପରିଚ୍ଛେଦ : (ରସ ନିର୍ଣ୍ଣୟ) ରସନିର୍ଣ୍ଣୟ, ବିଭାବ, ନାୟକ ଲକ୍ଷଣ ଓ ଭେଦ, ନାୟକର ସାତ୍ତ୍ୱିକ ଗୁଣ, ନାୟିକା ଲକ୍ଷଣ ଓ ତଦୀୟଭେଦ, ଉଦ୍ଦୀପନ, ଅନୁଭାବ, ସାତ୍ତ୍ୱିକାନୁଭାବ, ବ୍ୟଭିଚାରୀ, ସ୍ଥାୟିଭାବ, ରସଭେଦ, ଶୃଙ୍ଗାର, ହାସ, କରୁଣ, ରୌଦ୍ର, ବୀର, ଭୟାନକ, ବୀଭତ୍ସ, ଅଦ୍ଭୁତ, ଶାନ୍ତ, ବତ୍ସଳ, ରସବିରୋଧୀ । | ୯୩ |
| (୪) | ଚତୁର୍ଥ ପରିଚ୍ଛେଦ : (ଦୋଷ ନିରୂପଣ) ଦୁଃଶ୍ରବତା, ବ୍ରୀଡା ଅଶ୍ଳୀଳତା, ଜୁଗୁପ୍ସା ଅଶ୍ଳୀଳତା, ଅମଙ୍ଗଳ ଅଶ୍ଳୀଳତା, ଅନୁଚିତାର୍ଥତା, ଗ୍ରାମ୍ୟତା, ଅପ୍ରତୀତତ୍ୱ, ନେୟାର୍ଥତା, ନିହତାର୍ଥତା, କ୍ଲିଷ୍ଟତ୍ୱ, ବିରୁଦ୍ଧ ମତିକାରିତା, ଅପ୍ରଯୁକ୍ତତା, ସନ୍ଦିଗ୍ଧତା, ଅବାଚକତା, ଅବିମୃଷ୍ଟବିଧେୟାଂଶ । | ୧୦୧ |

ବାକ୍ୟଦୋଷ — ଦୁଃଶ୍ରବତ୍ୱ, ଜୁଗୁପ୍ସା ବ୍ୟଞ୍ଜକାଶ୍ଳୀଳତା, ଅନୁଚିତାର୍ଥ ।
ପଦାଂଶ ଦୋଷ — ଦୁଃଶ୍ରବତ୍ୱ, ଅଶ୍ଳୀଳତା, ନିହତାର୍ଥତା, ଅବାଚକତ୍ୱ, ନେୟାର୍ଥ ।
କେବଳ ବାକ୍ୟଗତଦୋଷ— ପ୍ରତିକୂଳବର୍ଣ୍ଣତା, ଅଧିକପଦତା ନ୍ୟୂନ ପଦତା, କଥିତପଦତା, ସମାପ୍ତପୁନରାତ୍ତତା, ଅର୍ଦ୍ଧାନ୍ତରୈ-କପଦତା, ସନ୍ଧିରେ କଷ୍ଟତା, ଅକ୍ରମତା, ଭଗ୍ନ ପ୍ରକ୍ରମତା, ବାଚ୍ୟାଭିଧାନ ଅଭବନ୍ମତସମ୍ବନ୍ଧିତା, ଅମତ ପରାର୍ଥତା, ପ୍ରସିଦ୍ଧିତ୍ୟାଗ, ଅସ୍ଥାନପଦତା, ସଂକୀର୍ଣ୍ଣତ୍ୱ, ସନ୍ଧିରେ ଅଶ୍ଳୀଳ, ପତତ ପ୍ରକର୍ଷତା, ସନ୍ଧି ବିଶ୍ଳେଷତା, ହତ ବୃତ୍ତତା, ଆହତ ବିସର୍ଗତା, ଲୁପ୍ତବିସର୍ଗତା, ଗର୍ଭିତତା, ଅସ୍ଥାନ ସମାସତା ।
ଅର୍ଥ ଦୋଷ— ଅପୁଷ୍ଟତା, ପୁନରୁକ୍ତତା, ବିଦ୍ୟାବିରୁଦ୍ଧତା, ଖ୍ୟାତି-ବିରୁଦ୍ଧତା, ସାକାଂକ୍ଷତା, ସହଚରଭିନ୍ନତା, ଦୁଃକ୍ରମତା, ଗ୍ରାମ୍ୟତା, ବ୍ୟାହତତା, ଅନବୀକୃତତା, ନିର୍ହେତୁତା, ପ୍ରକାଶିତ ବିରୁଦ୍ଧତା, ସନ୍ଦିଗ୍ଧତା, ଅବିଶେଷେ ବିଶେଷ, ବିଶେଷେ ଅବିଶେଷ, ବିଧି-ଯୁକ୍ତତା, ଅନୁବାଦାଯୁକ୍ତତା, ଅଶ୍ଳୀଳତା, କଷ୍ଟତା, ଆସ୍ଥାନଯୁକ୍ତତା, ନିର୍ମୁକ୍ତ ପୁନରୁକ୍ତତା, ନିୟମେ ଅନିୟମ, ଅନିୟମେ ନିୟମ ।
ରସ ଦୋଷ— ରସର ସ୍ୱଶବ୍ଦରେ ଉକ୍ତି, ସ୍ଥାୟୀଭାବର ସ୍ୱଶବ୍ଦ-ବାଚ୍ୟତା, ସଞ୍ଚାରୀସ୍ୱଶବ୍ଦବାଚ୍ୟତା, ଅନୁଭାବର କଷ୍ଟରେ କଳ୍ପିତାକ୍ଷେପ, ବିଭାବର କଷ୍ଟରେ କଳ୍ପିତାକ୍ଷେପ, ପରିପନ୍ଥିରସର ଅଙ୍ଗ ଓ ବିଭାବାଦିର ପରିଗ୍ରହ, ଅକାଣ୍ଡେ ପ୍ରଥନ, ଅକାଣ୍ଡେ ଛେଦ, ପୁନଃପୁନଃଦୀପ୍ତି, ଅଙ୍ଗୀର ଅନନୁସନ୍ଧାନ, ଅନଙ୍ଗର କୀର୍ତ୍ତନ, ଅଙ୍ଗର ଅତିବିସ୍ତାର, ପ୍ରକୃତି ବିପର୍ଯ୍ୟୟ, ଅର୍ଥର ଅନୌଚିତ୍ୟ ।
ଅଳଙ୍କାର ଦୋଷ— ଉପମାରେ ଅସାଦୃଶ୍ୟ, ଉପମାରେ ଅସମ୍ଭବ, ଜାତିନ୍ୟୂନତା, ପ୍ରମାଣନ୍ୟୂନତା, ଜାତିପ୍ରମାଣନ୍ୟୂନତା, ପଦତ୍ରୟ ଯମକରେ ଅପ୍ରଯୁକ୍ତତ୍ୱ, ଶବ୍ଦର ଉତପ୍ରେକ୍ଷାଦ୍ୟୋତକତ୍ୱ ବିଷୟରେ ଅବାଚକତ୍ୱ, ଅନୁପ୍ରାସରେ ବୃତ୍ତିବିରୁଦ୍ଧ ପ୍ରତିକୂଳ ବର୍ଣ୍ଣତ୍ୱ, ଉପମାଳଙ୍କାର ସାଧାରଣ ଧର୍ମର କୌଣସି ସ୍ଥଳରେ ଅଧିକତା ଓ ନ୍ୟୂନତା, ଉପମା, ଉପମେୟ ଦୁହିଁକର ଲିଙ୍ଗାଦିଭେଦ ଦୋଷ, ଅନୁପ୍ରାସର ବୈଫଲ୍ୟେ ଅପୁଷ୍ଟତା, ସମାସୋକ୍ତି ଅଳଙ୍କାରେ ପୁନରୁକ୍ତି, ଅନୁପ୍ରାସରେ ଖ୍ୟାତିବିରୁଦ୍ଧ, ବକ୍ତାର କ୍ରୋଧରେ ଦୁଃଶ୍ରବତ୍ୱଗୁଣ, ସୁରତାରମ୍ଭ ଗୋଷ୍ଠ୍ୟାଦିରେ ଅଶ୍ଳୀଳତ୍ୱ ଦୋଷ,

ନିହତାର୍ଥତା ଓ ଅପ୍ରଯୁକ୍ତତା ଏ ଦୁହେଁ ଶ୍ଳେଷାଦିରେ ଅଦୋଷ, ବକ୍ତା ଓ ବାଚ୍ୟ ଏ ଦୁହେଁ ସ୍ପଷ୍ଟସ୍ଥଳେ ଅପ୍ରତୀତ୍ୱ ଗୁଣ, ଆପଣାଦ୍ୱାରା ପରାମୃଷ୍ଟସ୍ଥଳେ ଅପ୍ରତୀତ୍ୱ ଗୁଣ, ପୁନରୁକ୍ତତା ଗୁଣ, ବୈୟାକରଣ ବକ୍ତାରେ କଷ୍ଟତ୍ୱ ଗୁଣ, ବୈୟାକରଣ ବାକ୍ୟାର୍ଥରେ ଦୁଃଶ୍ରବତ୍ୱ ଗୁଣ, ଅଧମୋକ୍ତିରେ ଗ୍ରାମ୍ୟତ୍ୱ ଗୁଣ, ନିର୍ହେତୁତା, ଖ୍ୟାତାର୍ଥରେ ଗୁଣ, କବିମାନଙ୍କର ବ୍ୟବହାରରେ ଖ୍ୟାତିବିରୁଦ୍ଧ ଗୁଣ, ଧନୁର୍ଜ୍ୟାଦି ଶବ୍ଦରେ ପୁନରୁକ୍ତି ଗୁଣ, ଆନନ୍ଦାଦି ଉକ୍ତିରେ ନ୍ୟୂନପଦତା ଗୁଣ, ନ୍ୟୂନପଦତା କୌଣସିଠାରେ ଅଦୋଷ ଓ ଅଗୁଣ, ଅଧିକ ପଦତାଗୁଣ, ପୁନରାତ୍ତତା କୌଣସିଠାରେ ଅଦୋଷ ଓ ଅଗୁଣ, ବାକ୍ୟ ମଧ୍ୟ ପ୍ରବିଷ୍ଟ ଗର୍ଭିତତା ଦୋଷ ବାକ୍ୟାର୍ଥ ପୁଷ୍ଟସ୍ଥଳେ ଗୁଣ, ପତତି ପ୍ରକର୍ଷତା, କୌଣସି ସ୍ଥଳରେ ଗୁଣ, ଅନୁଭାବାଦି ଦ୍ୱାରା ରଚନାର ଅନୁଚିତସ୍ଥଳେ ବ୍ୟଭିଚାରୀମାନେ ସ୍ୱଶବ୍ଦବାଚ୍ୟତା ଦୋଷରେ ଅଦୂଷିତ, ବ୍ୟଭିଚାରୀମାନେ ଯାହା ସହିତରେ ବିରୁଦ୍ଧ ହୋଇଥିବେ ତାକୁ ବାଧ କରି କହିଲେ ଗୁଣ ହେବେ । ଦୁଃଶ୍ରବତ୍ୱାଦିମାନଙ୍କର ଅନୁକରଣ ବର୍ଣ୍ଣନରେ ଅଦୋଷ ।

(୫) ପଞ୍ଚମ ପରିଚ୍ଛେଦ : ୧୨୭

(ଗୁଣ ନିରୂପଣ)

ଗୁଣ ନିରୂପଣ, ମାଧୁର୍ଯ୍ୟ ଗୁଣ, ଓଜ ଗୁଣ, ପ୍ରସାଦ ଗୁଣ ।

(୬) ଷଷ୍ଠ ପରିଚ୍ଛେଦ : ୧୨୮

(ଅଳଙ୍କାର ନିରୂପଣ)

ଶବ୍ଦାଳଙ୍କାର — ପୁନରୁକ୍ତବଦାଭାସ, ବୃତ୍ତ୍ୟନୁପ୍ରାସ, ଛେକାନୁପ୍ରାସ, ଲାଟାନୁପ୍ରାସ, ଯମକ, ବକ୍ରୋକ୍ତି, କାକୁ ବକ୍ରୋକ୍ତି, ଭାଷାସମ, ଅଭଙ୍ଗ ଶ୍ଳେଷ, ସଭଙ୍ଗ, ଶ୍ଳେଷ, ଭଙ୍ଗାଭଙ୍ଗ ଶ୍ଳେଷ, ଚୂତାକ୍ଷର, ଦତ୍ତାକ୍ଷର, ଚୂତଦତ୍ତାକ୍ଷର ।

ଅର୍ଥାଳଙ୍କାର— ଉପମାଳଙ୍କାର, ଅନନ୍ୱୟାଳଂ, ଉପମେୟୋପମାଳଂ, ପ୍ରତୀପାଳଂ, ରୂପକାଳଂ, ପରିଣାମାଳଂ, ଉଲ୍ଲେଖାଳଂ, ସ୍ମରଣାଳଂ, ଭ୍ରାନ୍ତିମଦଳଂ, ସନ୍ଦେହାଳଂ, ଅପହ୍ନୁତ୍ୟଳଂ, ଉତ୍ପ୍ରେକ୍ଷା, ଅତିଶୟୋକ୍ତି, ତୁଲ୍ୟଯୋଗିତା, ଦୀପକାଳଂ, ପ୍ରତିବସ୍ତୁପମାଳଂ, ଦୃଷ୍ଟାନ୍ତାଳଂ, ନିଦର୍ଶନାଳଂ, ବ୍ୟତିରେକାଳଂ, ସହୋକ୍ତିଅଳଂ, ବିନୋକ୍ତିଅଳଂ, ସମାସୋକ୍ତି ଅଳଂ, ପରିକରାଳଂ, ପରିକରାଙ୍କୁରାଳଂ, ଅପ୍ରସ୍ତୁତ ପ୍ରଶଂସାଳଂ, ପ୍ରସ୍ତୁତାଙ୍କୁରାଳଂ,

ପର୍ଯ୍ୟାୟୋକ୍ତି ଅଳଂ, ବ୍ୟାଜସ୍ତୁତି ଅଳଂ, ଆକ୍ଷେପାଳଂ, ବିରୋଧା ଭାସାଳଂ, ବିଭାବ ନାଳଂ, ବିଶେଷୋକ୍ତ୍ୟଳଂ ଅସମ୍ଭବାଳଂ, ଅସଙ୍ଗତି ଅଳଂ, ବିଷମାଳଂ, ସମାଳଂ, ବିଚିତ୍ରାଳଂ, ଅଧିକାଳଂ, ଅଳ୍ପାଳଂ, ଅନ୍ୟୋନ୍ୟାଳଂ, ବିଶେଷାଳଂ, ବ୍ୟାଘାତାଳଂ, କାରଣମାଳଂ, ଏକାବଳୀ ଅଳଂ, ମାଳଦୀପକାଳଂ, ସାରାଳଂ, ଯଥାସଂଖ୍ୟାଳଂ, ପର୍ଯ୍ୟାୟାଳଂ, ପରିବୃତ୍ତ୍ୟଳଂ, ପରସଂଖ୍ୟାଳଂ, ବିକଳ୍ପାଳଂ, ସମୁଚ୍ଚୟାଳଂ, ସମାଧିଅଳଂ, ପ୍ରତ୍ୟନିକାଳଂ, କାବ୍ୟାର୍ଥାପତ୍ତ୍ୟଳଂ, କାବ୍ୟଲିଙ୍ଗାଳଂ ଅର୍ଥାନ୍ତର ନ୍ୟାସାଳଂ, ବିକସ୍ୱରାଳଂ, ପ୍ରୌଢ଼ୋକ୍ତ୍ୟଳଂ, ସମ୍ଭାବନାଳଂ, ମିଥ୍ୟାଧ୍ୟ-ବସିତାଳଂ, ଲଳିତାଳଂ, ପ୍ରହର୍ଷଣାଳଂ, ବିଷାଦାଳଂ, ଉଲ୍ଲାସାଳଂ, ଅବଜ୍ଞାଳଂ, ଅନୁଜ୍ଞାଳଂ, ଲୋଳଂ, ତଦ୍‌ଗୁଣାଳଂ, ପୂର୍ବରୂପାଳଂ, ଅତଦ୍‌ଗୁଣାଳଂ, ଅନୁଗୁଣାଳଂ, ମିଳିତାଳଂ, ସମାନ୍ୟାଳଂ, ଉନ୍ମୀଳିତାଳଂ ବିଶେଷକାଳଂ, ଚିତ୍ରୋତ୍ତରାଳଂ, ସ୍ୱଭାବୋକ୍ତ୍ୟଳଂ, ଅତ୍ୟୁକ୍ତିଅଳଂ, ନିରକ୍ତିଅଳଂ, ହେତ୍ୱଳଂ ।

(୭) ସପ୍ତମ ପରିଚ୍ଛେଦ : ୧୫୦
(ଧ୍ୱନି ନିରୂପଣ)
ଧ୍ୱନି ନିରୂପଣ, ଅର୍ଥାନ୍ତର ସଂକ୍ରମିତ ବାଚ୍ୟଧ୍ୱନି, ଅତ୍ୟନ୍ତ ତିରସ୍କୃତ ବାଚ୍ୟଧ୍ୱନି, ସଂଲକ୍ଷକ୍ରମ୍ୟ ବ୍ୟଙ୍ଗ୍ୟ, ବସ୍ତୁରୂପ ଶବ୍ଦଶକ୍ତ୍ୟୁଭବ, ଅଳଂକାରରୂପ ଶବ୍ଦଶକ୍ତ୍ୟୁଭବ, ସ୍ୱତଃସମ୍ଭବୀ ବସ୍ତୁଦ୍ୱାରା ବସ୍ତୁଧ୍ୱନି, ଅଳଙ୍କାରଧ୍ୱନି, ସ୍ୱତଃସମ୍ଭବୀ ଅଳଙ୍କାରଦ୍ୱାରା ବସ୍ତୁଧ୍ୱନି, ଅଳଙ୍କାର ଧ୍ୱନି, କବିପୌଢ଼ୋକ୍ତି ସିଦ୍ଧ ବସ୍ତୁଦ୍ୱାରା ବସ୍ତୁଧ୍ୱନି, ଅଳଙ୍କାରଧ୍ୱନି, କବିପୌଢ଼ୋକ୍ତି ସିଦ୍ଧ ଅଳଙ୍କାର ଦ୍ୱାରା ବସ୍ତୁଧ୍ୱନି, ଅଳଙ୍କାର ଧ୍ୱନି, କବିନିବଦ୍ଧ ବସ୍ତୁଦ୍ୱାରା ବସ୍ତୁଧ୍ୱନି, ଅଳଙ୍କାର ଧ୍ୱନି କବିନିବଦ୍ଧ ଅଳଙ୍କାର ଦ୍ୱାରା ବସ୍ତୁଧ୍ୱନି, ଅଳଙ୍କାର ଧ୍ୱନି, ଉଭୟ ଶକ୍ତ୍ୟୁଭବଧ୍ୱନି
ଧ୍ୱନି ୫୩୫୫ ପ୍ରକାର
ଗୁଣୀଭୂତ ବ୍ୟଙ୍ଗ୍ୟ— ଇତରାଙ୍ଗ ଗୁଣୀଭୂତ, କାକ୍ୱାକ୍ଷିପ୍ତ, ବାଚ୍ୟସିଦ୍ଧ୍ୟଙ୍ଗ, ସନ୍ଦିଗ୍ଧ ପ୍ରାଧାନ୍ୟ, ତୁଲ୍ୟ ପ୍ରାଧାନ୍ୟ, ଅସ୍ଫୁଟ, ଅଗୂଢ଼, ଅସୁନ୍ଦର ।

# ଭୂମିକା

ସାହିତ୍ୟୋ ଦରଦର୍ପଣ ପ୍ରବିଲ ସଦ୍‌ବାକ୍ୟାର୍ଥ ଭାଷା କୃତି-
ପ୍ରତ୍ୟାସକ୍ତଧିୟା ବିବିସ୍ତୁ ହୃଦୟାହ୍ଲାଦ ପ୍ରଦାନାର୍ଥିନା ।
ବାମଣ୍ଡା ବସୁଧା ଧିପେନ କୃତିନା ଶ୍ରୀ ବାସୁଦେବେନ ଚ
ପ୍ରାୟଃସାର ବିବୋଧନାୟ ବିଦଧେଽଲଂକାର ବୋଧୋଦୟଃ ।

ଅଧ୍ୟୟନ ବିଧିରେ ପଦଜ୍ଞାନ ଓ ପଦାର୍ଥଜ୍ଞାନ ଓ ବାକ୍ୟାର୍ଥଜ୍ଞାନ ଏ ତ୍ରିତୟ ପ୍ରଧାନ । ଏତନ୍ମଧ୍ୟରେ ପଦଜ୍ଞାନ ବ୍ୟାକରଣ ଶାସ୍ତ୍ରରେ, ପଦାର୍ଥଜ୍ଞାନ ତର୍କ ଶାସ୍ତ୍ରରେ, ପଦପଦାର୍ଥୋଭୟ ଘଟିତ ବାକ୍ୟାର୍ଥଜ୍ଞାନ ଅଳଙ୍କାର ଶାସ୍ତ୍ରରେ ହୁଏ ।

ବ୍ୟାକରଣର ପ୍ରଧାନ ସୂତ୍ରକାର ପାଣିନି, ତର୍କରେ ଗୌତମ, ଅଳଙ୍କାରରେ ବାମନ ।

ଅଳଙ୍କାର ଶାସ୍ତ୍ରରେ ପ୍ରାଚୀନ ଏବଂ ନବୀନ ପ୍ରବନ୍ଧମାନଙ୍କ ମଧ୍ୟରେ ପ୍ରଧାନଗ୍ରନ୍ଥ– ଦଣ୍ଡିକୃତ –''କାବ୍ୟାଦର୍ଶ'', ଭୋଜଦେବକୃତ – ''ସରସ୍ୱତୀ-କଣ୍ଠା-ଭରଣ'', ମମ୍ମଟାଚାର୍ଯ୍ୟକୃତ – ''କାବ୍ୟ-ପ୍ରକାଶ'', ମହିମଭଟ୍ଟକୃତ – ''ବ୍ୟକ୍ତି-ବିବେକ'', ଅପ୍ୟୟଦୀକ୍ଷିତକୃତ – ''ଚିତ୍ରମୀମାଂସା'' ଓ ତତ୍କୃତ ''କୁବଳୟାନନ୍ଦ'', ପୀୟୂଷବର୍ଷ (ଜୟଦେବ)କୃତ – ''ଚନ୍ଦ୍ରାଲୋକ'', କେଶବ ମିଶ୍ରକୃତ – ''ଅଳଂକାର ଶେଖର'', ଜଗନ୍ନାଥ କୃତ – ''ରସଗଙ୍ଗାଧର'', ବିଶ୍ୱନାଥ କବିରାଜକୃତ – ''ସାହିତ୍ୟ ଦର୍ପଣ'' ଇତ୍ୟାଦି ମଧ୍ୟରେ ପାଠ୍ୟ ଗ୍ରନ୍ଥ କାବ୍ୟ ପ୍ରକାଶାଦିରେ ସୂତ୍ର, ବୃତ୍ତି ଓ ଉଦାହରଣ ଅତୀବ କଠିନ ।

ରସ ଗଙ୍ଗାଧର ପ୍ରଭୃତିରେ ତର୍କଦ୍ୱାରା ଦୂଷଣ ଭୂଷଣାଦି ହେବାରୁ ସେ ମଧ୍ୟ ଅତିଶୟ କଠିନ ପ୍ରାୟ, କେବଳ ସାହିତ୍ୟଦର୍ପଣ ସାର ରୂପରେ କଳିତ ହୋଇଥିବାରୁ ତହିଁରେ ବୁଦ୍ଧିର ପ୍ରବେଶ ହୋଇପାରେ ।

ପରନ୍ତୁ ଅଳଙ୍କାର ଶାସ୍ତ୍ର ସମାଲୋଚନା କରି ନଥିବା ବ୍ୟକ୍ତିମାନଙ୍କର ଦୋଷ ଗୁଣାଳଂକାର ଜ୍ଞାନ ନଥିବାରୁ ବାକ୍ୟରଚନା ପାଟବ କଦାପି ଜାତ ହୋଇ ନପାରେ । ଅତଏବ ବର୍ତ୍ତମାନ ଆମ୍ଭ ଉତ୍କଳ ଦେଶରେ ସଂସ୍କୃତଜ୍ଞ ବିରଳ ଥିବାରୁ ପ୍ରାୟ ଭାଷାଜ୍ଞମାନଙ୍କର ରଚନାରେ ଅନେକ ଅସୁବିଧା ଘଟେ । ଯେହେତୁ ଆମ୍ଭେ ଏହି ସାହିତ୍ୟଦର୍ପଣକୁ ଭାଷା କରିବାରେ ପ୍ରବୃତ୍ତ ହେଲୁଁ ଯେ, ସ୍କୁଲସ୍ଥ ଛାତ୍ରମାନେ ଯେବେ ଏହାକୁ ଅଧ୍ୟୟନ କରନ୍ତି, ତେବେ ଅନାୟାସରେ ନିର୍ଦ୍ଦୋଷ ବାକ୍ୟ ରଚନା କରିବାରେ ସମର୍ଥ ହେବେ ।

ଏହି ସାହିତ୍ୟଦର୍ପଣ, ଅତିଶୟ ସରସ ଓ ସ୍ଥାନେ ସ୍ଥାନେ ଯୁକ୍ତିତର୍କ ଘଟିତ ହେବାରୁ, ତହିଁରୁ ଆମ୍ଭେ ଯେ ସବୁ କଠିନାଂଶ ଓ ଅଶ୍ଳୀଳ ଦୃଷ୍ଟାନ୍ତମାନଙ୍କୁ ତ୍ୟକ୍ତ କରି, କେବଳ ସୁବୋଧ ହେବା ନିମିତ୍ତ ସାର ସାର ପଦାର୍ଥମାନଙ୍କୁ ଉଦ୍ଧୃତ କଲୁ, ଏବଂଚ ଅଶ୍ଳୀଳ ପ୍ରକରଣରେ ଯାହା କିଛି ଅଶ୍ଳୀଳ ଦେଇଅଛୁଁ ତାହା କେବଳ ବୋଧନିମିତ୍ତ ଦେଇଅଛୁଁ । ଅଥଚ ଧ୍ୱନି ପ୍ରକରଣରେ ଯେ କି ସରସ ଦୃଷ୍ଟାନ୍ତ ଦିଆହୋଇଅଛି ତାହା କେବଳ ରସଶାସ୍ତ୍ର, ଧ୍ୱନିପ୍ରଧାନ ଥିବା ପ୍ରଯୁକ୍ତ ସ୍ପଷ୍ଟବୋଧ ନିମିତ୍ତ ଦିଆହୋଇଅଛି । ପୁନଶ୍ଚ ନାଟକ, ବ୍ୟଞ୍ଜନା ଓ ରୀତି ଏହି ତିନି ପରିଚ୍ଛେଦ, ବିଶେଷରେ ଭାଷାର ଅନୁପଯୋଗୀ ହେବାରୁ ତ୍ୟାଗକଲୁଁ ଓ ଦର୍ପଣର ଅଳଙ୍କାର ପରିଚ୍ଛେଦ ବିସ୍ତୃତ ଥିବାରୁ ତଦୀୟ ଲକ୍ଷଣମାନଙ୍କର କଠିନତା ପ୍ରଯୁକ୍ତ ପ୍ରଥମ ପାଠ୍ଠ ଶିଷ୍ୟମାନଙ୍କର ଦୁର୍ବୋଧତା ଶଙ୍କା କରି, କେବଳ ଜୟଦେବ କୃତ ଚନ୍ଦ୍ରାଲୋକରୁ ଉପମାଦି ଅଳଙ୍କାରମାନଙ୍କୁ ପ୍ରଦର୍ଶିତ କଲୁଁ ।

ଏହି ଗ୍ରନ୍ଥ ଅଂନୁବାଦ କଲା ସମୟରେ ତିଗିରିୟା ରାଜଧାନୀର ଶ୍ରୀଯୁତ ପଣ୍ଡିତବର ଭୁବନେଶ୍ୱର ବଡ଼ପଣ୍ଡାଙ୍କଦ୍ୱାରା ଅନେକ ସାହାଯ୍ୟ ପ୍ରାପ୍ତ ହୋଇଅଛୁଁ ।

ଉପସଂହାରରେ ବକ୍ତବ୍ୟ ଏହି ଯେ, ଏତଦ୍ ଗ୍ରନ୍ଥ ବିନିର୍ଗତ, ମଧୁଲେଶମାନେ, ଉତ୍କଳ ସାହିତ୍ୟ ରସିକମାନଙ୍କ ରସନାଦ୍ୱାରା ଅସାରାଂଶ ପରିତ୍ୟାଗପୂର୍ବକ ଲେଲୀହମାନ ହେବା ଆଶାରେ, ଏହି ଅଳଂକାର ବୋଧୋଦୟକୁ ମୁଦ୍ରାଯନ୍ତ୍ର ଭାଜନରେ ପ୍ରବିଷ୍ଟ କରାଇଲୁଁ । ଇତି ।

BAMRA
FEUDATORY STATE
1886

ଶ୍ରୀଯୁତ ସୁତ୍ଵଳଦେବୋପାଧିକ
ବାସୁଦେବାଭିଧେୟ ବାମଣ୍ଡାଧିପତି

# ମନ୍ତବ୍ୟ

ପରମ ମାନ୍ୟବର, ଶ୍ରୀଲ ଶ୍ରୀଯୁକ୍ତ ବାମଣ୍ଡାଧିପତି ମହାରାଜ ସୁଢ଼ଳଦେବ
ମହୋଦୟ ମହନୀୟ ଚରିତେଷୁ

ସବିନୟ ନିବେଦନମିଦଂ –

ମହାରାଜ !

ଭବତ୍‌ପ୍ରେରିତ ଅଳଂକାର ବୋଧୋଦୟର ପାଣ୍ଡୁଲେଖ୍ୟ ଆଦ୍ୟୋପାନ୍ତ ପାଠକରି ଅତ୍ୟନ୍ତ ପ୍ରୀତ ହେଲି ।

ସାହିତ୍ୟ ଦର୍ପଣକୁ ଆଦର୍ଶରୂପେ ଅବଲମ୍ବନ କରି ଉକ୍ତ ଗ୍ରନ୍ଥ ରଚିତ ହୋଇଥିବାର ବୋଧହୁଅଇ । ଓଡ଼ିଆ ଭାଷାର କଥା ଦୂରେ ଥାଉ ମୁଁ, ବଙ୍ଗଳାରେ ସୁଦ୍ଧା ଏପରି ଅଳଂକାର ଗ୍ରନ୍ଥ ଅଦ୍ୟାବଧି ଦେଖିନାହିଁ । ଏହାର ରଚୟିତା ସଂସ୍କୃତ ଏବଂ ଓଡ଼ିଆ ଭାଷାରେ ବିଶେଷ ବ୍ୟୁତ୍ପନ୍ନ । ପରନ୍ତୁ ଏହି ଗ୍ରନ୍ଥ ପ୍ରଣୟନରେ କେତେ ପ୍ରୟାସ ସ୍ୱୀକୃତ ଓ କେତେ ଗ୍ରନ୍ଥ ଆଲୋଡ଼ିତ ହୋଇଅଛି ତାହା ଅନୁଭବ ବ୍ୟତୀତ ଅନ୍ୟଲୋକେ ବୁଝିପାରିବେ ନାହିଁ । କି ପ୍ରାଚୀନ କି ନବ୍ୟ ଉଭୟ ସାହିତ୍ୟ ଗ୍ରନ୍ଥରୁ ଉପଯୁକ୍ତ ଉଦାହରଣମାନ ସଂକଳନ କରି ଗ୍ରନ୍ଥକାର ଗ୍ରନ୍ଥକୁ ଉପଯୋଗୀ କରିବା ବିଷୟରେ ଅଣୁମାତ୍ର ତ୍ରୁଟି କରିନାହାନ୍ତି । ଅଧିକାଂଶ ଉଦାହରଣ ଉତ୍କଳ ଗ୍ରନ୍ଥରୁ ସଂକଳିତ ଏବଂ ଚ ଲକ୍ଷଣମାନଙ୍କର ଭାଷା ଆହୁରି ସହଜ ହୋଇଥିଲେ ଗ୍ରନ୍ଥ ଅଧିକତର ଉପଯୋଗୀ ହୁଅନ୍ତା ସତ୍ୟ – ମାତ୍ର ଭାଷା ଗ୍ରନ୍ଥରେ ସର୍ବ ପ୍ରକାର ଅଳଂକାରର ଓ ବିଶେଷତଃ ଶବ୍ଦାଳଂକାରର ଉଦାହରଣ ସୁଲଭ ନୁହେଁ; ତେଣୁ ଗ୍ରନ୍ଥକାର ଅଗତ୍ୟା ସଂସ୍କୃତ ଗ୍ରନ୍ଥର ଆଶ୍ରୟ ଗ୍ରହଣ କରିଅଛନ୍ତି, ପୁଣି ତଜ୍ଜନିତ ଅସୁବିଧା ନିରାକରଣାର୍ଥ ପ୍ରାୟ ପ୍ରତ୍ୟେକ ସ୍ଥଳରେ ସଂସ୍କୃତ ଶ୍ଳୋକମାନଙ୍କର ଅର୍ଥ ବିଶଦରୂପେ ବ୍ୟକ୍ତ କରିଅଛନ୍ତି ।

ଏହି ଗ୍ରନ୍ଥ ସମ୍ପୂର୍ଣ୍ଣ ହେଲେ ଉତ୍କଳ ଭାଷାର ଗୋଟିଏ ଅମୂଲ୍ୟ ସମ୍ପତ୍ତି ହେବ ଏହା ମୁଁ ମୁକ୍ତ କଣ୍ଠରେ କହିବାକୁ ପ୍ରସ୍ତୁତ ଅଛି । ମୋହର କେବଳ ଏତିକି ବକ୍ତବ୍ୟ ଯେ ଗ୍ରନ୍ଥର ଅବଶିଷ୍ଟ ପରିଚ୍ଛେଦମାନଙ୍କରେ ପର୍ଯ୍ୟାପ୍ତମାଣରେ ଉତ୍କଳ ଉଦାହରଣରେ ସନ୍ନିବେଶ ନିତାନ୍ତ ବାଞ୍ଛନୀୟ ।

ସଦା ବଶମ୍ବଦ

ଶ୍ରୀ ରାଧାନାଥ ରାୟ

JOINT INSPECTOR

OF SCHOOLS, ORISSA

କଟକ

୫-୨-୮୬

# ପ୍ରଥମ ପରିଚ୍ଛେଦ

## କାବ୍ୟସ୍ୱରୂପ ନିରୂପଣ

### ଶ୍ରୀ ଗଣେଶାୟ ନମଃ

ସତ୍କବି ପ୍ରଣୀତ ଗଦ୍ୟପଦ୍ୟମୟ କାବ୍ୟାଦିର (ରଘୁବଂଶ, କୁମାର ସଂଭବ ପ୍ରଭୃତିର) ବାକ୍ୟାର୍ଥ ନିଶ୍ଚୟ ଏହି ଅଳଂକାର ଗ୍ରନ୍ଥ ବ୍ୟତିରେକେ ହୋଇନପାରେ; ଅତଏବ ଏହାକୁ କାବ୍ୟାଦିର ଗୋଟିଏ ଅଙ୍ଗ ବୋଲିବାକୁ ହେବ, ଏହା ହେଲେ କାବ୍ୟ-ଫଳଦ୍ୱାରା ଏହାର ଫଳବତ୍ତା; ତେବେ ପ୍ରଥମତଃ କାବ୍ୟଫଳ ଜିଜ୍ଞାସ୍ୟ । (କବିରଚିତ ପ୍ରବନ୍ଧକୁ କାବ୍ୟ ବୋଲି)

କାବ୍ୟାଦି ଶାସ୍ତ୍ର ଅଧ୍ୟୟନ କଲେ ଧର୍ମ, ଅର୍ଥ, କାମ, ମୋକ୍ଷ, ଏପରି ଚତୁର୍ବର୍ଗ ପ୍ରାପ୍ତିହୁଏ, ଯଥା, ରାମଚନ୍ଦ୍ରଙ୍କପରି ସତ୍କାର୍ଯ୍ୟମାନ କରିବ, ରାବଣପରି ଅସତ୍କାର୍ଯ୍ୟମାନ କରିବନାହିଁ ଇତ୍ୟାଦି କାର୍ଯ୍ୟାକାର୍ଯ୍ୟରେ ପ୍ରବୃତ୍ତ ହେବା ଓ ନିବୃତ୍ତ ହେବା ଉପଦେଶ ଦ୍ୱାରା କାବ୍ୟରୁ କେବଳ ଚତୁର୍ବର୍ଗପ୍ରାପ୍ତି ଉତ୍ତମରୂପେ ହୁଏ ଯଥା –

ଈଶ୍ୱରଙ୍କର ଗୁଣବର୍ଣ୍ଣନ ସ୍ତବାଦିଦ୍ୱାରା ଧର୍ମପ୍ରାପ୍ତି ହୁଏ । ଅର୍ଥପ୍ରାପ୍ତି (ଦ୍ରବ୍ୟ-ପ୍ରାପ୍ତି) ପ୍ରତ୍ୟକ୍ଷସିଦ୍ଧ ।

ଅର୍ଥପ୍ରାପ୍ତି ହେଲେ ସୁତରାଂ କାମପ୍ରାପ୍ତି (ଇନ୍ଦ୍ରିୟପ୍ରୀତି) ହୁଏ ।

କାବ୍ୟରୁ ଧର୍ମଫଳର ଅନୁସନ୍ଧାନ ଦ୍ୱାରା ଓ ମୋକ୍ଷୋପଯୋଗୀ କାବ୍ୟାର୍ଥ ଜ୍ଞାନଦ୍ୱାରା ମୋକ୍ଷପ୍ରାପ୍ତି ହୁଏ ।

ନୀରସ ବେଦଶାସ୍ତ୍ରରୁ ପରିଣତବୁଦ୍ଧି ବ୍ୟକ୍ତିମାନଙ୍କର କେବଳ ଦୁଃଖରେ ଚତୁର୍ବର୍ଗ ପ୍ରାପ୍ତି ହୁଏ ।

ସୁକୁମାରବୁଦ୍ଧି ରାଜକୁମାରମାନଙ୍କର ପରମାନନ୍ଦ ଜନକ କାବ୍ୟଶାସ୍ତ୍ରରୁ ଚତୁର୍ବର୍ଗ ପ୍ରାପ୍ତି ହୁଏ । ଅତଏବ କାବ୍ୟସ୍ୱରୂପ ନିରୂପଣ କରାକର୍ତ୍ତବ୍ୟ ।

କାବ୍ୟସ୍ୱରୂପ କି ? ଦୋଷରହିତ ଓ ଗୁଣସହିତ ଏବଂଚ କୌଣସି ସ୍ଥଳରେ ବ୍ୟକ୍ତାବ୍ୟକ୍ତାଳଂକାର ବିଶିଷ୍ଟ ଶବ୍ଦାର୍ଥ ଦ୍ୱୟକୁ କାବ୍ୟ ବୋଲି ।

ସେ କାବ୍ୟରେ ଅନିତ୍ୟ ଦୋଷ ଦେଖାଯାଏ ଯେ ଯେବେ ଧ୍ୱନିରେ ଭୂଷିତ ହୋଇଥିବ ତେବେ ତାକୁ ଉତ୍ତମକାବ୍ୟ କୁହାଯିବ; କାରଣ ଏତତ୍ସମ୍ବନ୍ଧେ ଧ୍ୱନିକାର କହିଅଛନ୍ତି କି କାବ୍ୟର ଆତ୍ମାଭୂତ ଧ୍ୱନି ଥିଲେ ତାହାର ଦୋଷ ଧର୍ତ୍ତବ୍ୟ ନୁହେଁ;

ଯେପରି ରତ୍ନମାନେ କୀଟାନୁବିଦ୍ଧ ହେଲେ ତାଙ୍କର ରତ୍ନତ୍ୱ ପରିହାର ନ ହୋଇ ଉପାଦେୟତ୍ୱର ତାରତମ୍ୟ ହୋଇପାରେ; ସେହିପରି ଶ୍ରୁତିକଟ୍ୱାଦି ଦୋଷମାନେ, କାବ୍ୟର କାବ୍ୟତ୍ୱ ହାନି କରିନପାରନ୍ତି ?

ଏହି ଲକ୍ଷଣକୁ ଦର୍ପଣକାର ଅସ୍ୱୀକାରପୂର୍ବକ ରସାତ୍ମକ ବାକ୍ୟକୁ କାବ୍ୟ ବୋଲି ଅଙ୍ଗୀକାର କରିଅଛନ୍ତି ।

ଏହାହେଲେ ରସ ସ୍ୱରୂପ କି ?

ରସ ଓ ଭାବ ଓ ରସାଭାବ ଇତ୍ୟାଦିକୁ ରସ ବୋଲି । ଯଥା, ଶୃଙ୍ଗାରାଦି ରସ । ଭଗବଦ୍‌ବିଷୟକ ରତି (ପ୍ରୀତି) ପ୍ରଭୃତି ଭାବ । ଶୃଙ୍ଗାରାଦି ରସମାନେ ପଶ୍ୱାଦି ବିଷୟ ହେଲେ ରସାଭାସ ହୁଅନ୍ତି ।

ଏମାନଙ୍କର ବିବରଣ ପଶ୍ଚାତ୍ ହେବ ।

କାବ୍ୟରେ ଶ୍ରୁତିକଟ୍ୱାଦି ଦୋଷମାନେ, କାଣତ୍ୱ ଖଞ୍ଜତ୍ୱାଦି ପରି ରସର ମାଳିନ୍ୟ କରନ୍ତି; ଗୁଣ, ଅଳଙ୍କାର ଓ ରୀତି ଏମାନେ ଉତ୍କର୍ଷ କରନ୍ତି; କାବ୍ୟର ଶବ୍ଦାର୍ଥ ସ୍ୱରୂପ ଶରୀରରେ ଗୁଣମାନେ, ମନୁଷ୍ୟର ଶୌର୍ଯ୍ୟାଦି ପରି ଓ ଅଳଙ୍କାର, କଟକ କୁଣ୍ଡଳାଦି ପରି, ରୀତିମାନେ ଅବୟବ ସଂସ୍ଥାନ ବିଶେଷ ପରି (ରୁଚିରାକୃତି) ହୁଅନ୍ତି ।

ଏମାନେ ରସର ଉତ୍କର୍ଷ କରିବାରୁ ବାକ୍ୟର ମଧ୍ୟ ଉତ୍କର୍ଷ କରନ୍ତି ।

ଏମାନଙ୍କର ଲକ୍ଷଣ, ଉଦାହରଣାଦି ଅଗ୍ରେ ବକ୍ତବ୍ୟ ହେବ ।

କାବ୍ୟସ୍ୱରୂପ ନିରୂପଣନାମ ପ୍ରଥମଃ ପରିଚ୍ଛେଦଃ ।

# ଦ୍ୱିତୀୟ ପରିଚ୍ଛେଦ

## ବାକ୍ୟସ୍ୱରୂପ ନିରୂପଣ

ଯୋଗ୍ୟତା, ଆକାଙ୍‌କ୍ଷା, ଆସତ୍ତି ଯୁକ୍ତ ପଦସମୂହକୁ ବାକ୍ୟ ବୋଲି ।

ପଦାର୍ଥମାନଙ୍କର ପରସ୍ପର ସମ୍ବନ୍ଧ ବିଷୟରେ ବାଧର ଅଭାବକୁ ଯୋଗ୍ୟତା ବୋଲି, ଯଥା, ''ବହ୍ନି ସିଞ୍ଚୁଅଛି'' ଏସ୍ଥଳରେ ବହ୍ନି ସହିତରେ ସେଚନର ପରସ୍ପର ସମ୍ବନ୍ଧର ବାଧହେବାରୁ ଯୋଗ୍ୟତା ରହିପାରିଲା ନାହିଁ ।

''ଜଳ ସିଞ୍ଚୁଅଛି'' ଏ ସ୍ଥଳରେ ଜଳର ସେଚନ ସହିତରେ ପରସ୍ପର ସମ୍ବନ୍ଧ ରହିବାରୁ ଯୋଗ୍ୟତା ରହିଲା ଓ ବାକ୍ୟ ମଧ୍ୟରେ ଗଣ୍ୟ ହେଲା ।

ଏକପଦ ବ୍ୟକ୍ତକଲେ କ୍ରମାନ୍ୱୟ ଅନ୍ୟ ପଦମାନ ଜାଣିବାର ଇଚ୍ଛାକୁ ଆକାଙ୍‌କ୍ଷା ବୋଲି । ଯଥା, ''ଦେବଦତ୍ତ ଗ୍ରାମକୁ ଯାଉଅଛି'' ଏସ୍ଥଳରେ ଜାଣିବାକୁ ପ୍ରତି ଜ୍ଞାନର କୌଣସି ବିରାମ ନ ହେବାରୁ ସୁତରାଂ ''ଦେବଦତ୍ତ ଗ୍ରାମକୁ ଯାଉଅଛି'' ବୋଲି ଜ୍ଞାନ ହୋଇଗଲା । ଯଦ୍ୟପି ''ଦେବଦତ୍ତ ଯାଉଅଛି'' ବୋଲାଯିବ, ତେବେ କେହି କହିବ

ଯେ ଦେବଦତ୍ତ କାହିଁ ଯାଉଅଛି, ଏଥିରେ 'ଗ୍ରାମକୁ' ଏହି ପଦ ନଥିବାରୁ ତାହାର ସ୍ପଷ୍ଟଜ୍ଞାନ ନ ହୋଇ ଜ୍ଞାନର ବିରାମ ହେବାରୁ 'ଦେବଦତ୍ତ ଯାଉଅଛି' ଏ ବାକ୍ୟଟି ନିରାକାଙ୍କ୍ଷକ ହେଲା ଏବଂଚ ଗୌ, ଅଶ୍ୱ, ପୁରୁଷ, ହସ୍ତୀ, ଏହିପରି ଉଚ୍ଚାରଣରେ ବାକ୍ୟତା ହୋଇ ନପାରେ; କାରଣ ଯେଉଁ ହେତୁରୁ ପରସ୍ପରରେ କାହାରି ଆକାଙ୍‌କ୍ଷା କାହାରିଠାରେ ରହୁନାହିଁ ।

ବାକ୍ୟ ମଧ୍ୟରେ ପଦର ବ୍ୟବଧାନ ନ ହୋଇ ବୁଦ୍ଧିର ଅବିଚ୍ଛେଦକୁ ଆସତ୍ତି ବୋଲି, ଯଥା, "ଦେବଦତ୍ତ ଭୋଜନ କରୁଅଛି", "ପର୍ବତ ବହ୍ନିମାନ୍ ହୋଇଅଛି"

ଏ ସ୍ଥଳରେ କୌଣସି ପଦ ବ୍ୟବଧାନ ହୋଇ ବୁଦ୍ଧିର ବିଚ୍ଛେଦ ନହେବାରୁ ଆସକ୍ତି ରହିଲା ଓ ବାକ୍ୟ ବୋଲି ଗଣ୍ୟ କରାଗଲା ।

ଯଦ୍ୟପି ପର୍ବତ ଭୋଜନ କରୁଅଛି 'ବହ୍ନିମାନ୍ ଦେବଦତ୍ତ" ବୋଲି କୁହାଯାଏ ତେବେ ଏସ୍ଥଳରେ ପର୍ବତ ଓ ବହ୍ନି ଏଦୁହିଙ୍କ ମଧ୍ୟରେ "ଭୋଜନ କରୁଅଛି" ପଦ ବ୍ୟବଧାନ ହେବାରୁ ବୁଦ୍ଧିର ବିଚ୍ଛେଦ ହୋଇ ଆସତ୍ତିର ଭଙ୍ଗ ହେଲା । ଏହା ବାକ୍ୟମଧ୍ୟରେ ଗଣ୍ୟ ହେଲାନାହିଁ ।

ଏହିପରି ଯୋଗ୍ୟତା, ଆକାଙ୍‌କ୍ଷା, ଆସତ୍ତି ଯୁକ୍ତ ବାକ୍ୟ ସମୂହକୁ ମହାବାକ୍ୟ ବୋଲାଯାଏ । ଅତଏବ ବାକ୍ୟ ଦୁଇ ପ୍ରକାର; ବାକ୍ୟ ଓ ମହାବାକ୍ୟ ।

ବାକ୍ୟ ଯଥା,

ଦେବଦତ୍ତ କାର୍ଯ୍ୟାର୍ଥୀ ହୋଇ ଅଶ୍ୱଦ୍ୱାରା ଗ୍ରାମକୁ ଯାଉଅଛି ଇତ୍ୟାଦି ।

ମହାବାକ୍ୟ ଯଥା,

ରାମାୟଣ, ମହାଭାରତ, ରଘୁବଂଶାଦି ଏମାନେ ଅନେକ ବାକ୍ୟରେ ସଂଯୁକ୍ତ ଥିବାରୁ ମହାବାକ୍ୟରେ ଗଣ୍ୟ ହେଲେ ।

ପଦ ଯଥା,

ଅର୍ଥବୋଧକ ବର୍ଣ୍ଣକୁ ପଦ ବୋଲି ।

ଅର୍ଥ ତିନିପ୍ରକାର ଯଥା, ବାଚ୍ୟ, ଲକ୍ଷ୍ୟ ଓ ବ୍ୟଙ୍ଗ୍ୟ,

ଅଭିଧାଶକ୍ତିଦ୍ୱାରା ଯେଉଁ ଅର୍ଥ ଜଣାଯାଏ ତାକୁ ବାଚ୍ୟାର୍ଥ ବୋଲି ।

ଲକ୍ଷଣାଶକ୍ତିଦ୍ୱାରା ଯେଉଁ ଅର୍ଥ ଜଣାଯାଏ ତାକୁ ଲକ୍ଷାର୍ଥ ବୋଲି ।

ବ୍ୟଞ୍ଜନା ବୃତ୍ତିଦ୍ୱାରା ଯେଉଁ ଅର୍ଥ ଜଣାଯାଏ ତାକୁ ବ୍ୟଙ୍ଗ୍ୟାର୍ଥ ବୋଲି ।

ବାଚ୍ୟାର୍ଥ ଯଥା,

ଜଣେ ବୃଦ୍ଧ ଅନ୍ୟ ଏକଜଣ ବୃଦ୍ଧକୁ ଗୌ ଆଣ ବୋଲି କହିବାରୁ ସେ ଗବାନୟନ ବିଷୟରେ ପ୍ରବୃତ୍ତ ହେଲା ଏବଂଚ ଏହିକଥା ଶୁଣୁଥିଲା ଯେଉଁ ବାଳକ, ତାହାର "ଗୌଆଣ" ଏହି ସଂକେତଯୁକ୍ତ ଗୌ, ଶବ୍ଦରୁ ଗଳକମ୍ବଳବନ୍ତପିଣ୍ଡକୁ ଗୌ,

କୁହାଯାଏ ବୋଲି ଜ୍ଞାନ ହେଲା । ଏହିପରି ଗୋ ଶବ୍ଦର ବାଚ୍ୟାର୍ଥ ଗଳକମ୍ବଳବନ୍ତପିଣ୍ଡ ଓ ଆନୟନ ଶବ୍ଦର ବାଚ୍ୟାର୍ଥ ଆହରଣ, ଏହିପରି ଘଟଶବ୍ଦର ବାଚ୍ୟାର୍ଥ କମ୍ବୁଗ୍ରୀବାଦିମନ୍ତ ଦ୍ରବ୍ୟ, ଏବଂଚ ମନୁଷ୍ୟ ଶବ୍ଦର ବାଚ୍ୟାର୍ଥ ନରବ୍ୟକ୍ତି, ପଟଶବ୍ଦର ବାଚ୍ୟାର୍ଥ ତନ୍ତୁମୟ ପରିଧେୟ ପଦାର୍ଥ, ଇତ୍ୟାଦି ।

କୌଣସି ସ୍ଥଳରେ ପ୍ରସିଦ୍ଧ ପଦର ସମଭିବ୍ୟାହାରରୁ ବାଚ୍ୟାର୍ଥ ବୋଧହୁଏ, ଯଥା, ''ପ୍ରଫୁଲ୍ଲ କମଳ ମଧ୍ୟରୁ ମଧୁକର ମଧୁ ପାନ କରୁଅଛି'' ଏସ୍ଥଳରେ ''ପ୍ରଫୁଲ୍ଲକମଳ'' ପଦ ପ୍ରସିଦ୍ଧ ରୂପରେ ଥିବାରୁ ମଧୁକର ଶବ୍ଦ ମଦ୍ୟକରକୁ ନବୁଝାଇ ଭ୍ରମର ବ୍ୟକ୍ତିକୁ ବୁଝାଇବାକୁ ଯୋଗ୍ୟ ହେଲା ଏବଂଚ ଆର୍ଯ୍ୟବଚନରୁ (ପ୍ରାମାଣିକ ବଚନରୁ) ଓ ସଂକେତିତାର୍ଥରୁ ମଧ୍ୟ ବାଚ୍ୟାର୍ଥ ବୋଧହୁଏ; ଏହି ସଂକେତ ଜାତିରେ ଓ ଗୁଣରେ ଦ୍ରବ୍ୟରେ ଗ୍ରହଣ କରାଯାଏ, ଯଥା, ଗୋତ୍ୱ ଜାତିରେ ସଂକେତ ଥିବାରୁ ଗୋ ପଦରୁ ଗୌ ର ଜ୍ଞାନ ହୁଏ; ଶୁକ୍ଳ, ରକ୍ତ, ନୀଳ, ପୀତାଦି ଗୁଣରେ ସଙ୍କେତ ଥିବାରୁ ଶୁକ୍ଳପଟ, ରକ୍ତଘଟ ଇତ୍ୟାଦି ଜଣାଯାଏ ଏବଂଚ ଶୁକ୍ଳଗୌ ଶବ୍ଦରୁ ରକ୍ତାଦି ଗୌ ର ଅଗ୍ରହଣ ହୁଏ ।

ଦ୍ରବ୍ୟ ଶବ୍ଦ ଏକ ବ୍ୟକ୍ତି ବାଚି, ତହିଁରେ ମଧ୍ୟ ସଂକେତ ଗ୍ରହଣ କରାଯାଏ, ଯଥା; ହରି, ହର, ଡିଥିଥ, ଡବିଥିଥ * ଇତ୍ୟାଦି ।

କ୍ରିୟାପଦ (ପାକାଦି) ତହିଁରେ ସଙ୍କେତ କରାଯାଏ ।

### ଅର୍ଥ ଲକ୍ଷଣା,

ମୁଖ୍ୟ ଅର୍ଥର ବାଧ ହୋଇ ମୁଖ୍ୟାର୍ଥ ସମ୍ବନ୍ଧ ଅନ୍ୟ ଅର୍ଥ ଯେଉଁ ଆରୋପିତ ଶକ୍ତିଦ୍ୱାରା ରୂଢ଼ି ପ୍ରୟୋଜନରୁ ଜଣାଯାଏ ତାକୁ ଲକ୍ଷଣା କୁହାଯାଏ ।

ରୂଢ଼ିରେ ଲକ୍ଷଣା ଯଥା,

''କଳିଙ୍ଗ ସାହସିକ'' ଏହି ବାକ୍ୟରେ କଳିଙ୍ଗ ଶବ୍ଦର ମୁଖ୍ୟାର୍ଥ ଦେଶ ବିଶେଷରୂପ ଅର୍ଥ, ତହିଁରେ ସାହସିକତ୍ୱ ଅସଙ୍ଗତ ହେବାରୁ ତାହାର ମୁଖ୍ୟାର୍ଥ ବାଧ ହୋଇ କଳିଙ୍ଗ ଦେଶ ସମ୍ବନ୍ଧି ପୁରୁଷମାନଙ୍କଠାରେ ଲକ୍ଷଣାଦ୍ୱାରା ଅର୍ଥ ବୋଧ କରାଗଲା । (କଳିଙ୍ଗ ଦେଶ ପୁରୁଷ ସାହସିକ ଏପରି ଅର୍ଥ ଜ୍ଞାତ ହେଲା) ।

ପୂର୍ବପ୍ରସିଦ୍ଧ ପଦମାନଙ୍କୁ ରୂଢ଼ କୁହାଯାଏ, ଯଥା; କଳିଙ୍ଗ, ପଙ୍କଜ, ମଣ୍ଡପ, ସନ୍ଦେଶ, ମୋତିଚୂର ଇତ୍ୟାଦି ।

### ପ୍ରୟୋଜନେ ଲକ୍ଷଣା ଯଥା,

''ଗଙ୍ଗାରେ ଗୋପଗ୍ରାମ'' ଏସ୍ଥଳରେ ଗଙ୍ଗା ଶବ୍ଦର ମୁଖ୍ୟାର୍ଥ ଜଳପ୍ରବାହ, ତହିଁରେ ଗୋପଗ୍ରାମ ରହିବାର ଅସଙ୍ଗତ ବୋଧ ହେବାରୁ ଗଙ୍ଗା ଶବ୍ଦର ମୁଖ୍ୟାର୍ଥ ବାଧ ହୋଇ ତାହାର ନୈକଟ୍ୟ ସମ୍ବନ୍ଧି ତୀରରେ ଗୋପଗ୍ରାମ ଥିବାର ଲକ୍ଷଣାଶକ୍ତି ଦ୍ୱାରା ଜଣାଗଲା; ଏବଂଚ ଶୀତଳତା ଓ ପବିତ୍ରତା ଏ ସ୍ଥଳରେ ପ୍ରୟୋଜନ ।

* ଡିଥିଥଃକାଷ୍ଠମୟୋହସ୍ତୀ, ଡବିଥିଥ ସ୍ତନ୍ମୟୋମୃଗଃ

ଏହି ଲକ୍ଷଣା ରୂଢ଼ିରେ ଆଠ ପ୍ରକାର ଓ ପ୍ରୟୋଜନରେ ବତିଶ ପ୍ରକାର, ଏପରି ଚାଳିଶ ପ୍ରକାର ।

ଏ ପଦରେ ଚାଳିଶ ପ୍ରକାର ଓ ବାକ୍ୟରେ ଚାଳିଶ ପ୍ରକାର ଏପରି ସର୍ବସୁଦ୍ଧା ଅଶୀତି ପ୍ରକାର ହୁଏ ।

ପଦଗତ ଯଥା,

''ଗଙ୍ଗାରେ ଗୋପଗ୍ରାମ'' ଇତ୍ୟାଦି ।

ବାକ୍ୟଗତ ଯଥା,

''ଆପଣ ଯେଉଁ ଉପକାର କଲ ତାହା କଣ କହିବା'' । ଏ ବାକ୍ୟରେ ଉପକାର ଅର୍ଥ ବୋଧ ନ ହୋଇ ଅପକାରାର୍ଥ ଜଣାଗଲା ।

ଅତଃପର ସମଗ୍ର ଲକ୍ଷଣା ଦୁରୂହ ଓ ଗ୍ରନ୍ଥ ବାହୁଲ୍ୟ ଭୟରୁ ଉଲ୍ଲେଖ ନକଲୁଁ ।

ଅଥ ବ୍ୟଞ୍ଜନା,

ବାଚ୍ୟାର୍ଥ ଲକ୍ଷାର୍ଥ ନିବୃତ୍ତ ହୋଇ ଯେଉଁ ବୃତ୍ତିଦ୍ୱାରା ଅନ୍ୟ ଅର୍ଥ ଶବ୍ଦରେ ଓ ଅର୍ଥରେ ଜଣାଯାଏ ସେହି ବୃତ୍ତି ନାମ ବ୍ୟଞ୍ଜନା ।

ଏହି ବ୍ୟଞ୍ଜନାଦ୍ୱାରା ଯେଉଁ ଯେଉଁ ଅର୍ଥ ଜଣାଯାଏ ତାକୁ ବ୍ୟଙ୍ଗ୍ୟାର୍ଥ କୁହାଯାଏ ।

ବ୍ୟଞ୍ଜନା ଦୁଇପ୍ରକାର ଯଥା, ଶାବ୍ଦୀ ବ୍ୟଞ୍ଜନା ଓ ଆର୍ଥୀ ବ୍ୟଞ୍ଜନା, ଅର୍ଥାତ୍ ଶବ୍ଦାଶ୍ରୟ ଓ ଅର୍ଥାଶ୍ରୟ ହୋଇ ବ୍ୟଞ୍ଜନା ଦୁଇପ୍ରକାର ହୁଏ ଏବଂଚ ଶବ୍ଦଜନ୍ୟ ଯେଉଁ ବ୍ୟଞ୍ଜନା ସେ ଦୁଇପ୍ରକାର ହୁଏ, ଯଥା, ଅଭିଧାମୂଳା ଶାବ୍ଦୀବ୍ୟଞ୍ଜନା ଓ ଲକ୍ଷଣା-ମୂଳାଶାବ୍ଦୀ ବ୍ୟଞ୍ଜନା ।

ଅଭିଧାମୂଳା ଶାବ୍ଦୀବ୍ୟଞ୍ଜନା ଯଥା,

ସଂଯୋଗାଦିଦ୍ୱାରା ଅନେକାର୍ଥ ଶବ୍ଦରେ ଯାହାଦ୍ୱାରା ଆପଣାର ଉଦ୍ଦେଶ୍ୟାର୍ଥ ଜଣାଯାଏ ତାକୁ ଅଭିଧାମୂଳା ଶାବ୍ଦୀବ୍ୟଞ୍ଜନା ବୋଲାଯାଏ ।

ସଂଯୋଗରୁ ଯଥା,

''ହରି ଶଙ୍ଖଚକ୍ର ସହିତ ହୋଇ ଅଛନ୍ତି'' ଏ ସ୍ଥଳରେ ଅନେକାର୍ଥ ହରି ଶବ୍ଦରେ ଶଙ୍ଖଚକ୍ରର ସଂଯୋଗ ଥିବାରୁ ଇନ୍ଦ୍ରାଦି ଅର୍ଥକୁ ନ ବୁଝାଇ ବକ୍ତାର ଉଦ୍ଦେଶ୍ୟ ବିଷ୍ଣୁ ରୂପାର୍ଥକୁ ବୁଝାଇଲା ।

ବିପ୍ର ଯୋଗରୁ ଯଥା,

''ଅଶଙ୍ଖଚକ୍ରହରି'' ଏ ସ୍ଥଳରେ ପୂର୍ବରୁ ଶଙ୍ଖଚକ୍ର ଥିବା ହେତୁରୁ ଇଦାନୀଂ ଶଙ୍ଖଚକ୍ରର ବିଯୋଗରୁ ମଧ୍ୟ ହରି ଶବ୍ଦ, ଅନ୍ୟ ଅର୍ଥ ନ ହୋଇ ବିଷ୍ଣୁରୂପାର୍ଥ ହେଲା ।

ସାହଚର୍ଯ୍ୟରୁ ଯଥା,

''ଭୀମାର୍ଜ୍ଜୁନ'' ଏ ସ୍ଥଳରେ ଅର୍ଜ୍ଜୁନ ଶବ୍ଦ ବୃକ୍ଷବାଚି ହୋଇଥିଲେ ମଧ୍ୟ ବୃକ୍ଷକୁ ନ

ବୁଝାଇ ଭୀମ ଶବ୍ଦର ସାହଚର୍ଯ୍ୟରୁ କୁନ୍ତୀପୁତ୍ର ଅର୍ଜ୍ଜୁନଙ୍କୁ ବୁଝାଇଲା ଏବଂ ଭୀମ ଶବ୍ଦ ଭୟଙ୍କରକୁ ନ ବୁଝାଇ ଅର୍ଜ୍ଜୁନଙ୍କର ସାହଚର୍ଯ୍ୟରୁ ଭୀମସେନଙ୍କୁ ବୁଝାଇଲା ।

ବିରୋଧରୁ ଯଥା,

''କର୍ଣ୍ଣାର୍ଜ୍ଜୁନ'' ଏ ସ୍ଥଳରେ କର୍ଣ୍ଣଶବ୍ଦ ଶ୍ରବଣବାଚି ହୋଇଥିଲେ ମଧ୍ୟ ଅର୍ଜ୍ଜୁନ ଶବ୍ଦର ବିରୋଧୀ ଜ୍ଞାପକତ୍ୱ ହେତୁରୁ ସୂତପୁତ୍ର କର୍ଣ୍ଣଙ୍କୁ ବୁଝାଇଲା ।

ଅର୍ଥରୁ ଯଥା,

''ସ୍ଥାଣୁଙ୍କୁ ନମସ୍କାର'' ଅତ୍ର ସ୍ଥାଣୁଶବ୍ଦ ଲଣ୍ଡାବୃକ୍ଷ ବାଚି ହେଲେ ସୁଦ୍ଧା ନମସ୍କାର ରୂପାର୍ଥ ଥିବାରୁ ଶିବଙ୍କୁ ବୁଝାଇଲା ।

ପ୍ରକରଣରୁ ଯଥା,

''ସର୍ବ ଜାଣନ୍ତି ଦେବ'' ଏ ସ୍ଥଳରେ ଦେବଶବ୍ଦ ଦେବତାବାଚି ହେଲେ ମଧ୍ୟ ପ୍ରକରଣ ବଶରୁ ଯୁଷ୍ମଦାର୍ଥକୁ ବୁଝାଇଲା; ଅର୍ଥାତ୍ ଆପଣ ସବୁ ଜାଣନ୍ତି ଏପରି ଅର୍ଥ ଜ୍ଞାତ ହେଲା ।

ଲିଙ୍ଗରୁ ଯଥା,

''କୁପିତ ମକରଧ୍ୱଜ'' ଅତ୍ର ମକର ଚିହ୍ନ ପ୍ରସିଦ୍ଧ ଥିବାରୁ ଅନ୍ୟକୁ ନ ବୁଝାଇ ମକରଧ୍ୱଜ ଶବ୍ଦ କନ୍ଦର୍ପକୁ ବୁଝାଇଲା ।

ଅନ୍ୟ ଶବ୍ଦ ସନ୍ନିଧିରୁ ଯଥା,

''ଦେବପୁରାରି'' ଅତ୍ର ପୁରାରି ଶବ୍ଦର ସାନ୍ନିଧ ଥିବାରୁ ଦେବଶବ୍ଦ ଅନ୍ୟ ଦେବତାକୁ ନ ବୁଝାଇ ମହାଦେବଙ୍କୁ ବୁଝାଇଲା ।

ସାମର୍ଥ୍ୟରୁ ଯଥା,

''ମଧୁମତ୍ତ ପିକ'' ଏ ସ୍ଥଳରେ ପିର ମତ୍ତତାକୁ ପ୍ରତି ବସନ୍ତର ସାମର୍ଥ୍ୟ ଥିବାରୁ ମଧୁଶବ୍ଦ ମଦ୍ୟକୁ ନ ବୁଝାଇ ବସନ୍ତକୁ ବୁଝାଇଲା ।

ଔଚିତିରୁ ଯଥା,

''ମାଷ୍ଟରଙ୍କର ମୁହଁକୁ ଯାଅ'' ଏ ସ୍ଥଳରେ ମାଷ୍ଟରଙ୍କ ମୁହଁକୁ ଯିବାର ଉଚିତ ନ ହେବାରୁ ମୁହଁ ଶବ୍ଦ ମୁଖକୁ ନ ବୁଝାଇ ସମ୍ମୁଖକୁ ବୁଝାଇଲା ।

ଦେଶରୁ ଯଥା,

''ଗଗନରେ ଚନ୍ଦ୍ର ପ୍ରକାଶ ହୋଇଅଛନ୍ତି'' ଅତ୍ର ଗଗନଦେଶରେ ଚନ୍ଦ୍ର ଭିନ୍ନ କର୍ପୂରାଦି ପ୍ରକାଶ ହେବାର ଅସମ୍ଭବ; ଅତଏବ ଦେଶବଳରୁ ଚନ୍ଦ୍ର ଶବ୍ଦ ଶଶୀକୁ ବୁଝାଇଲା ।

କାଳରୁ ଯଥା,

''ରାତ୍ରରେ ଚିତ୍ରଭାନୁ'' ଅତ୍ର ରାତ୍ରକାଳରେ ସୂର୍ଯ୍ୟ ରହିବାର ଅସଙ୍ଗତ ହେତୁରୁ ଚିତ୍ରଭାନୁ ଶବ୍ଦ ସୂର୍ଯ୍ୟକୁ ନ ବୁଝାଇ ଅଗ୍ନିକି ବୁଝାଇଲା ।

ବ୍ୟକ୍ତିରୁ ଯଥା,

‘‘ରଥାଙ୍ଗ ଶୋଭା ପାଉଅଛି’’ ରଥାଙ୍ଗ ଶବ୍ଦ ଯେଉଁ ଲିଙ୍ଗରେ ବ୍ୟକ୍ତ ହେବ ସେହି ପଦାର୍ଥକୁ ବୁଝାଇବ, ଅର୍ଥାତ୍ ପୁଂଲିଙ୍ଗ ହେଲେ ଚକ୍ରବାକ ପକ୍ଷୀକୁ ବୁଝାଇବ । ନପୁଂସକ ଲିଙ୍ଗ ହେଲେ ରଥଚକ୍ରକୁ ବୁଝାଇବ ।

ସ୍ୱରରୁ ଯଥା,

ଏହି ସ୍ୱର ବେଦରେ ବିଶେଷ ବ୍ୟବହାର ହୁଏ, ଏଣୁ ଉଦାହରଣ ଅନାବଶ୍ୟକ ।

ଏହି ସ୍ୱର କାକୁ ହେଲେ ଯଥା,

‘‘ମୁଁ କି ଏହାକୁ ପଢ଼ିପାରିବି ନାହିଁ’’ ଅତ୍ର କାକୁଦ୍ୱାରା ଜଣାଗଲା ଯେ ଅବଶ୍ୟ ପଢ଼ିପାରିବି ।

ଏହିପରି ମଧ୍ୟ ଅନେକାର୍ଥ ଶବ୍ଦସ୍ଥଳରେ ଅଭିଧାଦ୍ୱାରା ଏକ ଅର୍ଥ ଜ୍ଞାତ ହେଲାରୁ ପୁନଶ୍ଚ ଶବ୍ଦ ଯେବେ ଅନ୍ୟ ଅର୍ଥ କହିବାକୁ ସମର୍ଥ ହୁଏ ତାକୁ ଅଭିଧାମୂଳା ବ୍ୟଞ୍ଜନାବୃତ୍ତି ବୋଲାଯାଏ, ଯଥା, ‘‘ଉମାବଲ୍ଲଭ ଶୋଭିତ ହୋଇଅଛନ୍ତି’’ ।

ଏସ୍ଥଳରେ ଉମାବଲ୍ଲଭ ଶବ୍ଦ ନୃପତି ରୂପାର୍ଥ କହିଲା ଉତ୍ତାରୁ ବ୍ୟଞ୍ଜନାଦ୍ୱାରା ଶିବରୂପାର୍ଥ କହିବାକୁ ସମର୍ଥ ହେବ ।

ଲକ୍ଷଣାମୂଳା ଶାବ୍ଦୀବ୍ୟଞ୍ଜନା,

ଯେଉଁ ପ୍ରୟୋଜନକୁ ଜାଣିବା ପାଇଁ ଲକ୍ଷଣାର ଆଦର ହୁଏ ସେହି ପ୍ରୟୋଜନ ଯେଉଁ ବୃତ୍ତି ଦ୍ୱାରା ଜଣାଯାଏ, ତାକୁ ଲକ୍ଷଣାମୂଳା ଶାବ୍ଦୀ ବ୍ୟଞ୍ଜନା ବୋଲାଯାଏ ଯଥା, ‘‘ଗଙ୍ଗାରେ ଗୋପଗ୍ରାମ’’

ଏଠାରେ ଗଙ୍ଗାଶବ୍ଦରୁ ଜଳପ୍ରବାହ ରୂପାର୍ଥକୁ, ଅଭିଧା ଶକ୍ତି ବୁଝାଇ ନିବୃତ୍ତ ହେଲା ଏବଂ ଲକ୍ଷଣା ତଟାର୍ଥକୁ ବୁଝାଇ ନିବୃତ୍ତ ହେଲା; କେବଳ ଶୀତଳତା ଓ ପବିତ୍ରତାକୁ ଲକ୍ଷଣମୂଳା ବ୍ୟଞ୍ଜନା ବୁଝାଇଲା ।

ଆର୍ଥୀ ବ୍ୟଞ୍ଜନା,

ବକ୍ତା ଓ ବୋଧନୀୟ ଏବଂ ବାକ୍ୟ ଓ ଅନ୍ୟସନ୍ନିଧି ଓ ବାଚ୍ୟ ଓ ପ୍ରସ୍ତାବ, ଦେଶ, କାଳ, କାକୁ, ଚେଷ୍ଟାଦି ଏମାନଙ୍କ ସମ୍ବନ୍ଧରୁ ଯେଉଁ ଶକ୍ତି ଅନ୍ୟ ଅର୍ଥକୁ ବୋଧକରେ ତାକୁ ‘‘ଆର୍ଥୀ ବ୍ୟଞ୍ଜନା’’ ବୋଲାଯାଏ ।

ବକ୍ତୃ, ବାକ୍ୟ, ପ୍ରସ୍ତାବ, ଦେଶ, କାଳ ଏମାନଙ୍କ ସମ୍ବନ୍ଧରୁ ଯଥା,

ଏକଜଣ ଛାତ୍ରକୁ, ଅନ୍ୟ ଏକଜଣ ଛାତ୍ର କହୁଅଛି, ମହାଶୟ ! ବର୍ତ୍ତମାନ ଫେବୃଏରି ମାସ ହେଲାଣି, ଆମ୍ଭେ ପରୀକ୍ଷା ନଦେଲେ ପିତାଙ୍କର କ୍ରୋଧ ହେବ, ଅନ୍ୟ ଛାତ୍ରମାନେ ତାଙ୍କର ମାଷ୍ଟରଙ୍କଠାରୁ ପ୍ରାୟ ଅଭ୍ୟାସ କଲେଣି, ଆମ୍ଭ ମାଷ୍ଟର ଛୁଟି ନେଇ ଦୂରରେ ଅଛନ୍ତି, ବର୍ତ୍ତମାନ ଆମ୍ଭେ କି କରିବା ? ଏଠାରେ ଛାତ୍ର ବକ୍ତା, ତତ୍କଥିତ

ବାକ୍ୟ, ସମୂହାର୍ଥ ପ୍ରସ୍ତାବ, ଅଧ୍ୟାପକର ଦୂରଦେଶ ସ୍ଥିତି ଦେଶ, ଫେବୃଏରି ମାସ କାଳ, ଏହିମାନଙ୍କର ସମ୍ବନ୍ଧ ଥିବାରୁ ବ୍ୟଙ୍ଗ୍ୟାର୍ଥଦ୍ୱାରା ଅନ୍ୟ ଏକଜଣ ମାଷ୍ଟର ନିଯୋଗ କରିବାର ବକ୍ତାର ଇଚ୍ଛା ଜଣାଯାଏ ।

ବୋଧବ୍ୟ ସମ୍ବନ୍ଧରୁ ଯଥା,

ଛାତ୍ର ପ୍ରତି ଅଧ୍ୟାପକ, ହେ ରାମ ! ତୁମ୍ଭର ଅଙ୍ଗ ଧୂଳି ଧୂସର, ମୁଖ ଅତିଶୟ ମ୍ଳାନ, ଚକ୍ଷୁ ରକ୍ତବର୍ଣ୍ଣ ଏବଂଚ ଶ୍ୱାସ ପ୍ରଖର ହୋଇଅଛି; ଅତଏବ ତୁମ୍ଭେ ଗୃହକୁ ଯାଇଥିଲ; ଖେଳିବାକୁ ଯାଇନାହଁ । ଏଠାରେ ଧୂଳି ଧୂସରାଦି ବୋଧବ୍ୟ ଅର୍ଥ ବଶରୁ ଆର୍ଥୀ ବ୍ୟଞ୍ଜନା ଦ୍ୱାରା ଜଣାଗଲା ଯେ ତୁମ୍ଭେ ଖେଳିବାକୁ ଯାଇଥିଲ ବୋଲି ମାଷ୍ଟରଙ୍କର ଉଦ୍ଦେଶ୍ୟାର୍ଥ ବାକ୍ୟ ।

ଅନ୍ୟ ସନ୍ନିଧି ସମ୍ବନ୍ଧରୁ ଯଥା,

ଏକଜଣ ପୁରୁଷକୁ ଆଉ ଏକଜଣ ସ୍ତ୍ରୀ କହୁଅଛି, ଏହି ପ୍ରଦେଶରେ ବଳାକା ନିଶ୍ଚଳ ହୋଇ ପଦ୍ମ ପତ୍ରରେ ବସିଅଛି । ଏସ୍ଥଳରେ ବଳାକାର ନିଶ୍ଚଳତ୍ୱ ସମ୍ବନ୍ଧିରୁ ଲକ୍ଷଣାମୂଳା ବ୍ୟଞ୍ଜନା ଦ୍ୱାରା ଦେଶର ବିଜନତ୍ୱ ସହିତ ସଙ୍କେତ ସ୍ଥାନ ଜଣାଯାଏ, କାରଣ ଜନଗହଳ ହୋଇଥିଲେ କଦାଚ ବକ ନିଶ୍ଚଳ ହୋଇ ବସି ନଥାନ୍ତା ।

କାକୁ ସମ୍ବନ୍ଧରୁ ଯଥା,

ବର୍ତ୍ତମାନ ପ୍ରାୟ ପରୀକ୍ଷା ଦେବାର ସମୟ ଉପସ୍ଥିତ ହୋଇଅଛି, ଏ ସମୟରେ ଅଧ୍ୟାପକ ନ ଆସିବେ ? ଏଠାରେ କାକୁ ଦ୍ୱାରା ଆସିବାର ବକ୍ତାର ଉଦ୍ଦେଶ୍ୟ ।

ଚେଷ୍ଟା ସମ୍ବନ୍ଧରୁ ଯଥା,

କେହି ଜଣେ ଗୁରୁଜନ ନିକଟରେ ଜୁଆ ଖେଳିବା ଅଭିପ୍ରାୟରେ ଅନ୍ୟ ଜଣକଠାରୁ ସେ ହାସ ସହିତ ହସ୍ତରେ ଧରିଥିବା ପଦ୍ମକୁ ନିମୀଳିତ କରିଦେଲା, ଏସ୍ଥଳରେ ପଦ୍ମ ନିମୀଳନାଦି ଚେଷ୍ଟାରୁ ରାତ୍ରିରେ ଦ୍ୟୂତ କ୍ରୀଡ଼ା କରିବାର ସଙ୍କେତ ଜଣାଗଲା । ପୁନଶ୍ଚ ଏହି ଆର୍ଥୀ ବ୍ୟଞ୍ଜନା ତିନି ପ୍ରକାର ଯଥା – ବାଚ୍ୟାର୍ଥ ବ୍ୟଞ୍ଜନା, ଲକ୍ଷାର୍ଥ ବ୍ୟଞ୍ଜନା, ବ୍ୟଙ୍ଗ୍ୟାର୍ଥ ବ୍ୟଞ୍ଜନା ।

ବାଚ୍ୟାର୍ଥ ବ୍ୟଞ୍ଜନା ଯଥା,

ମହାଶୟ ଫେବୃଆରି ମାସ ଉପସ୍ଥିତ ହେଲା ଇତ୍ୟାଦି ।

ଲକ୍ଷାର୍ଥ ବ୍ୟଞ୍ଜନା ଯଥା,

ତୁମ୍ଭର ଅଙ୍ଗଧୂଳି ଧୂସର ହୋଇଅଛି ଇତ୍ୟାଦି ।

ବ୍ୟଙ୍ଗ୍ୟାର୍ଥ ବ୍ୟଞ୍ଜନା ଯଥା,

ଏହି ପ୍ରଦେଶରେ ବଳାକା ପଦ୍ମପତ୍ରରେ ନିଶ୍ଚଳ ହୋଇ ବସିଅଛି ।

ଶବ୍ଦ, ବ୍ୟଙ୍ଗ୍ୟାର୍ଥ କହିଲା ସମୟରେ ଅର୍ଥକୁ ଅପେକ୍ଷା କରେ । ଅର୍ଥ ବ୍ୟଙ୍ଗ୍ୟାର୍ଥ

କହିଲା ସମୟରେ ଶବ୍ଦକୁ ଅପେକ୍ଷା କରେ । ଅତଏବ ପରସ୍ପର ସହକାରିତା ଅବଶ୍ୟ ସ୍ୱୀକାର କରିବାକୁ ହେବ ।

ଅଭିଧା, ଲକ୍ଷଣା, ବ୍ୟଞ୍ଜନା, ଏ ତ୍ରିତୟ ଉପାଧି ହେବାରୁ ଶବ୍ଦ ତିନି ପ୍ରକାର ହୁଏ ଯଥା, ବାଚକ, ଲକ୍ଷକ ଓ ବ୍ୟଞ୍ଜକ ।

ତତ୍ପର୍ଯ୍ୟାଖ୍ୟା ବୃତ୍ତି,

ଅଭିଧା ଏକ ଏକ ପଦାର୍ଥ ବୋଧ କରି ନିବୃତ୍ତ ହେଲା ଉତ୍ତାରୁ ବାକ୍ୟର ଅର୍ଥ ସ୍ୱରୂପ ପଦାର୍ଥାନ୍ୱୟର ବୋଧ ନିମିତ୍ତ ତାତ୍ପର୍ଯ୍ୟନାମକ ଗୋଟିଏ ବୃତ୍ତି ସ୍ୱୀକାର କରାଯାଏ, ଯଥା,

''ଭୋଜନ ସମୟରେ ସୈନ୍ଧବ ଆଣ'' ଏଠାରେ ସୈନ୍ଧବ ଶବ୍ଦର ଅଶ୍ୱରୂପାର୍ଥ ଅଭିଧା ଦ୍ୱାରା ବୋଧିତ ହେଲାଉତ୍ତାରୁ ତାତ୍ପର୍ଯ୍ୟ ଦ୍ୱାରା ଲବଣ ରୂପାର୍ଥ ବୋଧ ହେଲା ।

ଇତି ବାକ୍ୟସ୍ୱରୂପ ନିରୂପଣନାମ ଦ୍ୱିତୀୟ ପରିଚ୍ଛେଦଃ ।

# ତୃତୀୟ ପରିଚ୍ଛେଦ

## ରସ ନିର୍ଣ୍ଣୟ

ବିଭାବ, ଅନୁଭାବ, ବ୍ୟଭିଚାରୀ, ଏମାନେ ପ୍ରଥମରେ ଏକ ଏକ ପ୍ରତୀତ ହୁଅନ୍ତି, ପରିଶେଷରେ ଏକତ୍ର ହୋଇ ଅଖଣ୍ଡତାକୁ ପ୍ରାପ୍ତ ହୁଅନ୍ତି । ଯେପରି ପ୍ରପାନକ-ରସରେ ଖଣ୍ଡ ମରିଚାଦିମାନେ ଏକ ଏକ ହୋଇ ଥାନ୍ତି ପରେ ମିଳିତ ହେଲେ ପ୍ରପାନକ ରସ ହୋଇ ପେୟ ହୁଅନ୍ତି, ସେହିପରି ବିଭାବାଦି ମାନେ ଏକ ଏକ ରୂପରେ ପ୍ରତୀତ ହେଲାପରେ ଅଖଣ୍ଡ ରସତାକୁ ପ୍ରାପ୍ତହୋଇ ଆସ୍ୱାଦନୀୟ ହୁଅନ୍ତି । ଯଦ୍ୟପି ବିଭାବାଦି-ମାନଙ୍କଦ୍ୱାରା ରସୋଦ୍‌ଗମ ହୁଏ ତେବେ ବିଭାବାଦି କାହାକୁ କୁହାଯାଏ ?

ବିଭାବ ଯଥା,

ରତ୍ୟାଦିର ଉଦ୍‌ବୋଧ କାରଣ ନାୟିକାଦିମାନେ ଯେବେ କାବ୍ୟ ନାଟକରେ ବର୍ଣ୍ଣିତ ହୁଅନ୍ତି ତାକୁ ବିଭାବ କୁହାଯାଏ । ବିଭାବ ଦୁଇ ପ୍ରକାର ଯଥା, ଆଲମ୍ୱନ ବିଭାବ ଓ ଉଦ୍ଦୀପନ ବିଭାବ ।

ଆଲମ୍ୱନ ବିଭାବ ଯଥା,

ଆଲମ୍ୱନ ନାୟିକାଦିମାନେ ହୁଅନ୍ତି । ତାହାଙ୍କର ଅବଲମ୍ୱନରେ ରସୋଦ୍‌ଗମ ହୁଏ, ଅର୍ଥାତ୍ ଯେଉଁ ରସରେ ଯେ ବିଭାବ ସେ ସେହି ରସରେ କଥିତ ହେବ, ଯଥା,

ଶୃଙ୍ଗାରରେ ନାୟିକାଦି, ବୀରରେ ବୀରପୁରୁଷ ଆଦି, କରୁଣରେ ଶୋଚନୀୟ ବ୍ୟକ୍ତି ଇତ୍ୟାଦି ।

ଏହିପରି ଅଗ୍ରେ ନବରସରେ କୁହାଯିବ ।

ଶୃଙ୍ଗାରରେ ଆଲମ୍ବନନାୟକର ସାମାନ୍ୟ ଗୁଣ ଯଥା,

ଦାତା, କୁଶଳ ସଦ୍‌ବଂଶଜ, ଧନଶାଳୀ, ରୂପଯୌବନଉତ୍ସାହୀ, ଶୀଘ୍ର କାର୍ଯ୍ୟକାରୀ, ଲୋକରଞ୍ଜକ, ତେଜସ୍ୱୀ ଓ ଚତୁର ଏବଂ ସୁଶୀଳ ଏହିପରି ଗୁଣ ବିଶିଷ୍ଟ ବ୍ୟକ୍ତିକୁ ''ନାୟକ'' ବୋଲାଯାଏ । ଏହି ନାୟକ ବିଶେଷ ଗୁଣ ବିଶିଷ୍ଟ ହୋଇ ଚାରିପ୍ରକାର ହୁଏ ।

ଯଥା, ଧୀରୋଦାତ୍ତ, ଧୀରୋଦ୍ଧତ, ଧୀରଲଳିତ, ଧୀରପ୍ରଶାନ୍ତ

ଆତ୍ମପ୍ରଶଂସା ରହିତ, ସହିଷ୍ଣୁ, ଅତିଗମ୍ଭୀର, ହର୍ଷ ଶୋକାଦିରେ ଅନଭିଭୂତ ସ୍ୱଭାବ, ସ୍ଥିରସ୍ୱଭାବ, ବିନୟଚ୍ଛନ୍ନ ଗର୍ବ ଅଙ୍ଗୀକୃତ ନିର୍ବାହକ, ଏପରି ବ୍ୟକ୍ତିତ୍ୱକୁ, ''ଧୀରୋଦାତ୍ତ'' କୁହାଯାଏ, ଯଥା, ରାମଚନ୍ଦ୍ର, ଯୁଧିଷ୍ଠିରାଦି ।

ମାୟାବି, ଅତିତେଜସ୍ୱୀ, ଅତିଚଞ୍ଚଳ, ଅହଙ୍କାରୀ, ଆତ୍ମପ୍ରଶଂସାରତ ଏପରି ବ୍ୟକ୍ତିକୁ ''ଧୀରୋଦ୍ଧତ'' କୁହାଯାଏ, ଯଥା, ଭୀମସେନ, ଦୁଃଶାସନାଦି ।

ଚିନ୍ତାରହିତ, ସର୍ବଦା କୋମଳ ବ୍ୟବହାର, ନୃତ୍ୟଗୀତାଦିରେ ଅନୁରକ୍ତ ଯେ ତାକୁ ''ଧୀରଲଳିତ'' କୁହାଯାଏ । ଯଥା, ରତ୍ନାବଲ୍ୟାଦି ନାଟକରେ ବତ୍ସରାଜାଦି ।

ସାମାନ୍ୟ ଗୁଣ ବିଶିଷ୍ଟ ବ୍ରାହ୍ମଣକୁ ''ଧୀର ପ୍ରଶାନ୍ତ'' କୁହାଯାଏ । ଯଥା, ମାଳତୀମାଧବାଦି ନାଟକରେ ମାଧବାଦି । ଏମାନେ ଶୃଙ୍ଗାର ରସ ରୂପତ୍ୱଭେଦରେ ପ୍ରତ୍ୟେକରେ ଚାରିପ୍ରକାର ହୋଇ ଷୋଡ଼ଶ ପ୍ରକାର ହୁଅନ୍ତି, ଯଥା, ଧୀରୋଦାତ୍ତ – ଦକ୍ଷିଣ, ଧୃଷ୍ଟ, ଅନୁକୂଳ, ଶଠ ରୂପରେ ଚାରିପ୍ରକାର । ଏହିପରି ଧୀରୋଦ୍ଧତ, ଧୀରଲଳିତ, ଧୀରପ୍ରଶାନ୍ତ ।

ଆପଣାର ନାୟିକାମାନଙ୍କଠାରେ ସମାନ ସ୍ନେହଥିବା ବ୍ୟକ୍ତିକୁ ''ଦକ୍ଷିଣ-ନାୟକ'' ବୋଲାଯାଏ ।

ନାୟିକାଠାରେ ନିର୍ଲଜ୍ଜବ୍ୟବହାରୀ ବ୍ୟକ୍ତିକୁ ''ଧୃଷ୍ଟନାୟକ'' କୁହାଯାଏ ।

ଏକନାୟିକାଠାରେ ଆସକ୍ତ ବ୍ୟକ୍ତିକୁ ''ଅନୁକୂଳନାୟକ'' ବୋଲାଯାଏ ।

ଗୂଢ଼ାପକାରୀ ଧୂର୍ତ୍ତପୁରୁଷକୁ ''ଶଠନାୟକ'' କୁହାଯାଏ ।

ଏହି ଷୋଡ଼ଶପ୍ରକାର ନାୟକମାନେ, ଉତ୍ତମ, ମଧ୍ୟମ, ଅଧମ ଭେଦରେ ଅଠଚାଳିଶପ୍ରକାର ହୁଅନ୍ତି ।

ନାୟକର ସାତ୍ତ୍ୱିକଗୁଣ ଆଠପ୍ରକାର, ଯଥା, ଶୋଭା, ବିଳାସ, ମାଧୁର୍ଯ୍ୟ, ଗାମ୍ଭୀର୍ଯ୍ୟ, ଧୈର୍ଯ୍ୟ, ତେଜ, ଲଳିତ, ଔଦାର୍ଯ୍ୟ ।

ଶୋଭା – ଶୂରତା, ସମର୍ଥତା, ସତ୍ତ୍ୱ, ମହୋତ୍ସାହ, ଅନୁରାଗିତା, ନୀଚ-ଲୋକରେ ଘୃଣା, ଉତ୍ତମଲୋକରେ ଶ୍ରଦ୍ଧା ଥିବାର ନାମ ।

ବିଳାସ – ଧୀରଦୃଷ୍ଟି, ବିଚିତ୍ରଗତି, ମନ୍ଦହାସ, ହିତବଚନର ନାମ ।

ମାଧୁର୍ଯ୍ୟ – କ୍ଷୋଭ ବିଷୟରେ ଉଦ୍‌ବେଗ ନୋହିବାର ନାମ ।

ଗାମ୍ଭୀର୍ଯ୍ୟ – ଭୟ, କ୍ରୋଧ, ହର୍ଷାଦିରେ ନିର୍ବିକାରତାର ନାମ ।

ଧୈର୍ଯ୍ୟ – ମହାବିଘ୍ନ ହେଲେ ମଧ୍ୟ ବ୍ୟବସାୟରୁ ମନ ନଚଳାଇବାର ନାମ ।

ତେଜ – ତିରସ୍କାରକୁ ନ ସହିବାର ନାମ ।

ଲଳିତ – ମନୋହର ବଚନ ଓ ମନୋହର ବେଶ ଓ ରସାନୁଭବର ନାମ ।

ଔଦାର୍ଯ୍ୟ – ଦାନଦେବା ଓ ପ୍ରିୟକହିବା ଓ ଶତ୍ରୁ ମିତ୍ରଠାରେ ସମଭାବ ରଖିବାର ନାମ ।

ଅଥ ନାୟିକା ତ୍ରିବିଧା ଯଥା,

ସ୍ୱକୀୟା, ପରକୀୟା, ସାଧାରଣୀ ।

ଏହି ନାୟିକା, ଉପରୋକ୍ତ ନାୟକର ଦାତା ପ୍ରଭୃତି ସାମାନ୍ୟ ଗୁଣରେ ଯୁକ୍ତା-ହୁଏ ।

ସ୍ୱକୀୟା – ବିନୟ ଓ ସରଳତାଦିରେ ଯୁକ୍ତା ଓ ଗୃହକାର୍ଯ୍ୟରେ ତତ୍‌ପରା ଏବଂ ପବିତ୍ରତାର ନାମ ।

ଏହି ସ୍ୱକୀୟା ମୁଗ୍ଧା, ମଧ୍ୟା, ପ୍ରଗଲ୍ଭା ଭେଦରେ ତିନିପ୍ରକାର ।

ମଧ୍ୟା ଓ ପ୍ରଗଲ୍ଭା ଏ ଦୁହେଁ ଧୀରା ଓ ଅଧୀରା ଓ ଧୀରାଧୀରା ଏପରି ଭେଦରେ ଛ'ପ୍ରକାର ହୁଅନ୍ତି ।

ଏମାନେ ନାୟକର ଅଳ୍ପ ଓ ବହୁପ୍ରଣୟ ଭେଦରେ ପ୍ରତ୍ୟେକରେ ଦୁଇପ୍ରକାର ହୋଇ ଦ୍ୱାଦଶ ପ୍ରକାର ହୁଅନ୍ତି, ଏବଂଚ ସ୍ୱକୀୟା କେବଳ ମୁଗ୍ଧା ରୂପରେ ଏକ ପ୍ରକାର । ପୂର୍ବୋକ୍ତ ମଧ୍ୟା, ପ୍ରଗଲ୍‌ଭା ଦ୍ୱୟ ବାରପ୍ରକାର, ଏପରି ତେର ପ୍ରକାର ।

ପରକୀୟା – ପରୋଢ଼ା ଓ କନ୍ୟକା ଭେଦରେ ଦୁଇପ୍ରକାର ।

ସାଧାରଣୀ (ବେଶ୍ୟା) ଅନୁରକ୍ତା (ଅନୁରାଗବତୀ) ବିରକ୍ତା (ବିରାଗବତୀ) ଭେଦରେ ଦୁଇପ୍ରକାର ।

ପୂର୍ବୋକ୍ତ ନାୟିକାମାନେ ପ୍ରତ୍ୟେକରେ ନିମ୍ନଲିଖିତ ଅବସ୍ଥା ଭେଦରେ ଆଠ-ପ୍ରକାର ହୁଅନ୍ତି । ଯଥା, ସ୍ୱାଧୀନ, ଭର୍ତ୍ତୃକା, ଖଣ୍ଡିତା, ଅଭିସାରିକା, କଳହାନ୍ତରିତା, ବିପ୍ରଲବ୍ଧା, ପ୍ରୋଷିତଭର୍ତ୍ତୃକା, ବାସକସଜ୍ଜା, ବିରହୋତ୍କଣ୍ଠିତା । ଏମାନେ ରକ୍ତା ବିରକ୍ତା ଭେଦରେ ଷୋହଳ ପ୍ରକାର ହୁଅନ୍ତି ।

ଏହି ନାୟିକାମାନଙ୍କର ଯୌବନାବସ୍ଥାରେ ଅଠାଇଶ ପ୍ରକାର ଅଳଙ୍କାରମାନେ ହୁଅନ୍ତି । ଯଥା,

ଭାବ, ହାବ, ହେଳା, ଶୋଭା, କାନ୍ତି, ଦୀପ୍ତି, ମାଧୁର୍ଯ୍ୟ, ପ୍ରଗଲ୍‌ଭତା, ଔଦାର୍ଯ୍ୟ, ଧୈର୍ଯ୍ୟ, ଲୀଳା, ବିଳାସ, ବିଚ୍ଛିତ୍ତି, ବିବ୍ୱୋକ, କିଲକିଞ୍ଚିତ, ମୋଟାୟିତ, କୁଟ୍ଟମିତ, ବିଭ୍ରମ, ଲଳିତ, ମଦ, ବିହୃତ, ତପନ, ମୌଗ୍ଧ୍ୟ, ବିକ୍ଷେପ, କୁତୂହଳ, ହସିତ, ଚକିତ, କେଳି । ଏଥିମଧ୍ୟରୁ ଭାବାଦିତ୍ରୟକୁ ଅଙ୍ଗଜ ବୋଲାଯାଏ । ଶୋଭାଦି ସପ୍ତକୁ ଅଯତ୍ନଜ ବୋଲାଯାଏ । ବିଶେଷତଃ ଭାବାଦି ଦଶପର୍ଯ୍ୟନ୍ତ ପୁରୁଷମାନଙ୍କର ମଧ୍ୟ ହୁଏ ।

ଧୀରୋଦ୍ଧତ, ପାପକାରୀ, ବ୍ୟସନୀ ଯେ ତାହାକୁ ପ୍ରତିନାୟକ ବୋଲାଯାଏ । ଯଥା, ରାମଚରିତେ ରାବଣ ।

ଅଥ ଉଦ୍ଦୀପନ,

ଚେଷ୍ଟା, ରୂପ, ଭୂଷଣ, ଦେଶ, କାଳ, ଚନ୍ଦ୍ର, ଚନ୍ଦନ, କୋକିଳାଳାପ, ଭ୍ରମର ଝଙ୍କାରାଦିମାନେ ନାୟକର ରସକୁ ଉଦ୍ଦୀପିତ କରନ୍ତି, ଏଣୁ ଏମାନଙ୍କୁ ଉଦ୍ଦୀପନ ବିଭାବ ବୋଲାଯାଏ ।

ଯେଉଁ ରସରେ ଯେ ଉଦ୍ଦୀପନ ବିଭାବ ହେବ, ସେ ସେହି ରସର ସ୍ୱରୂପ ବର୍ଣ୍ଣନରେ ଅଗ୍ରେ କୁହାଯିବ ।

ଅଥାନୁଭାବ,

କାବ୍ୟ ନାଟ୍ୟରେ ଆଲମ୍ବନୋଦ୍ଦୀପନ ଦ୍ୱାରା ପ୍ରକାଶିତ ରତ୍ୟାଦି ଭାବକୁ ବାହ୍ୟରେ ପ୍ରକାଶକରି କାର୍ଯ୍ୟରୂପରେ ପରିଣତ ଯେ କଟାକ୍ଷାଦି ତାକୁ ଅନୁଭାବ ବୋଲି ।

ସାତ୍ତ୍ୱିକାନୁଭାବ ଯଥା,

ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ସ୍ୱରଭଙ୍ଗ, ବେପଥୁ, ବୈବର୍ଣ୍ଣ, ଅଶ୍ରୁ, ପ୍ରଳୟ ।

ଅଥ ବ୍ୟଭିଚାରୀ,

ରସର ଉଦୟ କାଳରେ ଅଭିମୁଖରେ ସଞ୍ଚାର କରିବାରୁ ନିର୍ବେଦାଦିମାନେ ବ୍ୟଭିଚାରିଭାବ କୁହାଯା'ନ୍ତି । ବ୍ୟଭିଚାରିଭାବ ତେତିଶ ପ୍ରକାର ହୁଅନ୍ତି, ଯଥା, ନିର୍ବେଦ, ଆବେଗ, ଦୈନ୍ୟ, ଶ୍ରମ, ମଦ, ଜଡ଼ତା, ଔଗ୍ର୍ୟ, ମୋହ, ବିବୋଧ, ସ୍ୱପ୍ନ, ଅପସ୍ମାର, ଗର୍ବ, ମରଣ, ଅଳସତା, ଅମର୍ଷ, ନିଦ୍ରା, ଅବହିଥ୍ଥା, ଔତ୍ସୁକ୍ୟ, ଉନ୍ମାଦ, ଶଙ୍କା, ସ୍ମୃତି, ମତି, ବ୍ୟାଧି, କ୍ରୀଡ଼ା, ସଂତ୍ରାସ, ହର୍ଷ, ଅସୂୟା, ବିଷାଦ, ଧୃତି, ଚପଳତା, ଗ୍ଲାନି, ଚିନ୍ତା, ବିତର୍କ, ଏମାନେ ନବରସମାନଙ୍କରେ ବ୍ୟଭିଚାରୀ ହୁଅନ୍ତି, ଏବଂ ରତ୍ୟାଦିମାନେ ଶୃଙ୍ଗାରାଦିରେ ସ୍ଥାୟୀ ଭାବ ହୁଅନ୍ତି, ଅନ୍ୟ ବୀରାଦି ରସରେ ବ୍ୟଭିଚାରୀ ହୁଅନ୍ତି ଯଥା,

ଶୃଙ୍ଗାରରେ ହାସ, ବୀରରସରେ ହାସ ଓ କ୍ରୋଧ, ଶାନ୍ତି ରସରେ ଜୁଗୁପ୍ସା ଇତ୍ୟାଦି ।

ଅଥ ସ୍ଥାୟିଭାବ,

ଅବିରୋଧିଭାବ ଓ ବିରୋଧିଭାବ ଯାହାକୁ ଆଚ୍ଛାଦିତ କରିବାକୁ ଅସମର୍ଥ ହୁଅନ୍ତି ସେହି ଆସ୍ୱାଦାଙ୍କୁରର ମୂଳଭୂତ ଯେ ରତ୍ୟାଦିକୁ ତାକୁ ସ୍ଥାୟୀଭାବ ବୋଲାଯାଏ, ଯଥା,

ଶୃଙ୍ଗାରରେ ରତି ସ୍ଥାୟିଭାବ, ହାସ୍ୟରସରେ ହାସ, କରୁଣରେ ଶୋକ, ରୌଦ୍ରରେ କ୍ରୋଧ, ବୀରରେ ଉତ୍ସାହ, ଭୟାନକରେ ଭୟ, ବୀଭତ୍ସରେ ଜୁଗୁପ୍‌ସା, ଅଦ୍ଭୁତରେ ବିସ୍ମୟ, ଶାନ୍ତରସରେ ଶମ ସ୍ଥାୟି ଭାବ ହୁଏ ।

ଅଥ ରସଭେଦ,

ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବୀଭତ୍ସ, ଅଦ୍ଭୁତ, ଶାନ୍ତି ।

ଅଥ ଶୃଙ୍ଗାର,

ଆଲମ୍ବନ – ନାୟକ,*ନାୟିକାମାନେ ।

ଉଦ୍ଦୀପନ – ଚନ୍ଦ୍ର, ଚନ୍ଦନ, ରୋଲମ୍ବରତାଦି ।

ଅନୁଭାବ – ଭ୍ରୂବିକ୍ଷେପ, କଟାକ୍ଷାଦିମାନେ ।

ବ୍ୟଭିଚାରୀ – ଔଗ୍ର୍ୟ, ମରଣ, ଆଳସ୍ୟ, ଜୁଗୁପ୍‌ସା ଏମାନଙ୍କ ଭିନ୍ନ ଆଉସବୁ ନିର୍ବେଦାଦିମାନେ ।

ଶୃଙ୍ଗାରରସ ଦୁଇପ୍ରକାର, ବିପ୍ରଲମ୍ଭ ଶୃଙ୍ଗାର ଓ ସମ୍ଭୋଗ ଶୃଙ୍ଗାର । ରତି ଉତ୍କୃଷ୍ଟହେଲେ ମଧ୍ୟ ନାୟିକା ନାୟକର ଅପ୍ରାପ୍ତିରେ ବିପ୍ରଲମ୍ଭ ହୁଏ ।

ପୂର୍ବରାଗ, ମାନ, ପ୍ରବାସ ଓ କରୁଣରୁ ବିପ୍ରଲମ୍ଭ ଚାରି ପ୍ରକାର ହୁଏ । ନାୟକ, ନାୟିକାର ଅନ୍ୟୋନ୍ୟାନୁରାଗଦ୍ୱାରା ଦର୍ଶନ, ସ୍ପର୍ଶନ, ଚୁମ୍ବନାଦିକୁ ସମ୍ଭୋଗ ଶୃଙ୍ଗାର କୁହାଯାଏ ।

ପୂର୍ବୋକ୍ତ ପୂର୍ବରାଗ, ମାନ, ପ୍ରବାସ, କରୁଣ, ଏହାର ଉତ୍ତାରୁ ମଧ୍ୟ ସମ୍ଭୋଗ ଶୃଙ୍ଗାର ହୁଏ । ଅର୍ଥାତ୍ ପୂର୍ବରାଗାଦି ଉତ୍ତାରୁ ଯେଉଁ ମେଳନ୍ତ, ତାକୁ ସମ୍ଭୋଗ ଶୃଙ୍ଗାର କୁହାଯାଏ, ଇତ୍ୟାଦି ।

ଅଥ 'ହାସ,

ସ୍ଥାୟିଭାବ – ହାସ ।

ଆଲମ୍ବନ – ବିକୃତାକାର ବଚନ ଚେଷ୍ଟାବନ୍ତ ବ୍ୟକ୍ତି ।

ଉଦ୍ଦୀପନ – ତଦୀୟ ବିକୃତାକାର ଚେଷ୍ଟାଦି ।

ଅନୁଭାବ – ଅକ୍ଷି ସଂକୋଚ ଓ ମନ୍ଦ ହାସାଦି ।

ବ୍ୟଭିଚାରୀ – ନିଦ୍ରା ଆଳସ୍ୟ ଅବହିତ୍‌ଥା । [ଆକାର ସଂଗୋପନ]

ହାସ ଛ'ପ୍ରକାର ଯଥା,

ଉତ୍ତମମାନଙ୍କର – ସ୍ମିତ ଓ ହସିତ ହୁଏ ।

ମଧ୍ୟମମାନଙ୍କର – ବିହସିତ ଓ ଅବହସିତ ।

ଅଧମମାନଙ୍କର – ଅପହସିତ ଓ ଅତିହସିତ ।

ଏମାନଙ୍କର ଲକ୍ଷଣ ଯଥା,

ସ୍ମିତ – ନେତ୍ରର ଅଳ୍ପ ବିକାଶ ଓ ଅଧରର କିଞ୍ଚିତ୍ ସ୍ଫୁରଣ ।

ହସିତ – ଉକ୍ତ ସ୍ମିତରେ କିଞ୍ଚିଦ୍ଦନ୍ତ ଦର୍ଶନ ।

ବିହସିତ – ହାସରେ ମଧୁର ସ୍ୱର ଉତ୍ପତ୍ତି ।

ଅବହସିତ – ଶିରଃସ୍କନ୍ଧ କମ୍ପନ ସହିତ ହାସ ।

ଅପହସିତ – ନେତ୍ରରୁ ଲୋତକ ବହିବା ପର୍ଯ୍ୟନ୍ତ ହାସ ।

ଅତିହସିତ – ଅଙ୍ଗ ବିକ୍ଷେପ ସହିତ ହାସ ।

ଅଥ କରୁଣ,

ସ୍ଥାୟିଭାବ – ଶୋକ ।

ଆଲମ୍ବନ – ଶୋଚନୀୟ ବ୍ୟକ୍ତି ।

ଉଦ୍ଦୀପନ – ଶୋଚନୀୟ ବ୍ୟକ୍ତି ଓ ଶୋକକରିବା ବ୍ୟକ୍ତିର ଚେଷ୍ଟା ।

ଅନୁଭାବ – ଦୈବନିନ୍ଦା, ଭୂମିପତନ, କ୍ରନ୍ଦିତ ଇତ୍ୟାଦି ।

ବ୍ୟଭିଚାରୀ – ବୈବର୍ଣ୍ଣ୍ୟ, ଦୀର୍ଘଶ୍ୱାସ, ଊର୍ଦ୍ଧ୍ୱଶ୍ୱସିତ, ସ୍ତମ୍ଭ, ପ୍ରଲପନ, ନିର୍ବେଦ, ମୋହ, ଅପସ୍ମାର, ବ୍ୟାଧି, ଗ୍ଲାନି, ସ୍ମୃତି, ଶ୍ରମ, ବିଷାଦ, ଜଡ଼ତା, ଉନ୍ମାଦ, ଚିନ୍ତା ଇତ୍ୟାଦି । ଏ ରସର ଶୋକ ସ୍ଥାୟିଭାବ ହେବାରୁ କରୁଣ; ବିପ୍ରଲମ୍ଭରୁ ଭେଦ ହେଲା କାରଣ ବିପ୍ରଲମ୍ଭରେ ରତି ସ୍ଥାୟିଭାବ ।

ଅଥ ରୌଦ୍ର,

ସ୍ଥାୟିଭାବ – କ୍ରୋଧ ।

ଆଲମ୍ବନ – ଶତ୍ରୁ ପ୍ରଭୃତି ।

ଉଦ୍ଦୀପନ – ଶତ୍ରୁ ଚେଷ୍ଟାଦି (ମୁଷ୍ଟି ପ୍ରହାର, ପତନ, ମୁଖବିକୃତ, ଛେଦନ, ବିଦାରଣ, ସଂଗ୍ରାମ ଇତ୍ୟାଦି) ।

ଅନୁଭାବ – ଭ୍ରୂବିକ୍ଷେପ, ଓଷ୍ଠନିଦର୍ଶନ, ବାହୁସ୍ଫୋଟନ, ତର୍ଜନ, ଆତ୍ମ-ଶ୍ଳାଘାକଥନ, ଆୟୁଧୋତ୍କ୍ଷେପଣ ଇତ୍ୟାଦି ।

ବ୍ୟଭିଚାରୀ – ଉଗ୍ରତା, ଆବେଗ (ତ୍ୱରା), ରୋମାଞ୍ଚ, ଖେଦ, ବେପଥୁ, ମଦ, ମୋହ, ଅମର୍ଷ (ଉତ୍କଟାପକାର ବାଞ୍ଛା) ଇତ୍ୟାଦି ।

ଏ ରସରେ ମୁଖ ନେତ୍ରର ରକ୍ତତା ହେତୁରୁ ଯୁଦ୍ଧ ବୀରରୁ ଭେଦ ହୁଏ, କାରଣ ଯୁଦ୍ଧ ବୀରରେ ମୁଖ ନେତ୍ରରେ ରକ୍ତତା ବର୍ଣ୍ଣନ ନାହିଁ ।

ଅଥ ବୀର,

ସ୍ଥାୟିଭାବ – ଉତ୍ସାହ ।

ଆଲମ୍ବନ – ଜେତବ୍ୟ ବ୍ୟକ୍ତି ପ୍ରଭୃତି ।

ଉଦ୍ଦୀପନ – ଜେତବ୍ୟ ବ୍ୟକ୍ତିର ଚେଷ୍ଟାଦି ।

ଅନୁଭାବ – ସହାୟାନ୍ୱେଷଣ ।

ବ୍ୟଭିଚାରୀ – ଧୃତି (ସନ୍ତୋଷ), ମତି (ଅର୍ଥ ନିର୍ଦ୍ଧାରଣ), ଗର୍ବ, ତର୍କ, ସ୍ମୃତି, ରୋମାଞ୍ଚ ।

ଏହି ବୀର ରସ ଚାରି ପ୍ରକାର ଯଥା, ଦାନବୀର, ଧର୍ମବୀର, ଦୟାବୀର, ଯୁଦ୍ଧବୀର ।

ଦାନବୀର – ପରଶୁରାମ ।

ଧର୍ମବୀର – ଯୁଧିଷ୍ଠିର ।

ଦୟାବୀର – ଜୀମୂତବାହନ ।

ଯୁଦ୍ଧବୀର – ରାମଚନ୍ଦ୍ର ।

ଅଥ ଭୟାନକ,

ସ୍ଥାୟିଭାବ – ଭୟ ।

ଆଲମ୍ବନ – ଯାହାଠାରୁ ଭୟ ଉତ୍ପନ୍ନ ହୁଏ ସେହି ବ୍ୟକ୍ତି ।

ଉଦ୍ଦୀପନ – ସେହି ବ୍ୟକ୍ତିର ଭୟଙ୍କର ଚେଷ୍ଟା ।

ଅନୁଭାବ – ମୁଖାଦିର ବୈବର୍ଣ୍ଣ୍ୟ, ଗଦ୍‌ଗଦ ସ୍ୱର ସହିତ ଭାଷଣ, ପ୍ରଳୟ, ସ୍ୱେଦ, ରୋମାଞ୍ଚ, କମ୍ପ, ଦିଗନ୍ତପ୍ରେକ୍ଷଣାଦି ।

ବ୍ୟଭିଚାରୀ – ଜୁଗୁପ୍‌ସା, ଆବେଗ (ସଂଭ୍ରମ), ସମ୍ମୋହ, ସଂତ୍ରାସ, ଗ୍ଲାନି, ଦୀନତା, ଶଙ୍କା, ଅପସ୍ମାର, ସଂଭ୍ରାନ୍ତି, ସ୍ମରଣାଦି ।

ଅଥ ବୀଭତ୍ସ,

ସ୍ଥାୟିଭାବ – ଜୁଗୁପ୍‌ସା (ଘୃଣା) ।

ଆଲମ୍ବନ – ଦୁର୍ଗନ୍ଧ, ମାଂସ, ରକ୍ତ, ବସାଦି ।

ଉଦ୍ଦୀପନ – ମାଂସପେଶୀରେ କୃମିପାତାଦି ।

ଅନୁଭାବ – ନିଷ୍ଠୀବନ (ଥୂତ୍କାର), ମୁଖଚଳନ, ନେତ୍ରସଂକୋଚ ।

ବ୍ୟଭିଚାରୀ – ମୋହ, ଅପସ୍ମାର, ଆବେଗ, ବ୍ୟାଧି, ମରଣାଦି ।

ଅଥ ଅଦ୍ଭୁତ,

ସ୍ଥାୟିଭାବ – ବିସ୍ମୟ ।

ଆଲମ୍ବନ – ଲୋକାତୀତ ପଦାର୍ଥ ।

ଉଦ୍ଦୀପନ –ଲୋକୋତ୍ତର ପଦାର୍ଥ ଚମତ୍କାରିଗୁଣମାନେ ।

ଅନୁଭାବ – ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ଗଦ୍‌ଗଦସ୍ୱର, ସଂଭ୍ରମ, ନେତ୍ର-ବିକାଶାଦି ।

ବ୍ୟଭିଚାରୀ – ବିତର୍କ, ଆବେଗ, ସଂଭ୍ରାନ୍ତି, ହର୍ଷାଦି ।

ଅଥ ଶାନ୍ତ,

ସ୍ଥାୟିଭାବ – ଶମ ।

ଆଲମ୍ବନ – ପରମାତ୍ମାଙ୍କର ସ୍ୱରୂପ ।

ଉଦ୍ଦୀପନ – ପୁଣ୍ୟାଶ୍ରମ, ହରିକ୍ଷେତ୍ର, ତୀର୍ଥ, ରମ୍ୟବନ, ମହାପୁରୁଷ-ସଙ୍ଗାଦି ।

ଅନୁଭାବ – ରୋମାଞ୍ଚ, ବିବୋଧ, ଧୃତ୍ୟାଦି ।

ବ୍ୟଭିଚାରୀ – ନିର୍ବେଦ, ହର୍ଷ, ସ୍ମରଣ, ମତି, ଭୂତଦୟା । (ନିରହଂକାରତା ଥିବାରୁ ଦୟାବୀରରୁ ଭିନ୍ନ ଅଟେ, କାରଣ ଦୟାବୀର ସାହଂକାର ଅଟେ ।)

ମୁନିମାନଙ୍କ ମତରେ ବତ୍ସଳକୁ ଦଶମରସ କରି ବର୍ଣ୍ଣିତ କରିଅଛନ୍ତି । ଏଥିରେ –

ସ୍ଥାୟିଭାବ – ସ୍ନେହ ।

ଆଲମ୍ବନ – ପୁତ୍ରାଦି ।

ଉଦ୍ଦୀପନ – ପୁତ୍ରଚେଷ୍ଟା (ବିଦ୍ୟାସୌନ୍ଦର୍ଯ୍ୟାଦି) ।

ଅନୁଭାବ – ଆଲିଙ୍ଗନ, ଅଙ୍ଗସଂସ୍ପର୍ଶ, ଶିରଶ୍ଚୁମ୍ବନ, ଇକ୍ଷଣ, ପୁଲକ, ଆନନ୍ଦବାଷ୍ପାଦି ।

ପୂର୍ବୋକ୍ତରସମାନଙ୍କର ଅନ୍ୟୋନ୍ୟ ବିରୋଧିତା ଯଥା, କରୁଣ, ବିଭତ୍ସ, ରୌଦ୍ର, ବୀର, ଭୟାନକ ଏମାନଙ୍କର ଶୃଙ୍ଗାରରସ ବିରୋଧୀ ।

ଭୟାନକ, କରୁଣ ଏଦୁହିଙ୍କର ହାସ୍ୟରସ ବିରୋଧୀ ।

ହାସ୍ୟ, ଶୃଙ୍ଗାର ଏଦୁହିଁଙ୍କର କରୁଣ ବିରୋଧୀ ।

ହାସ୍ୟ, ଶୃଙ୍ଗାର, ଭୟାନକ ଏମାନଙ୍କର ରୌଦ୍ରରସ ବିରୋଧୀ ।

ଭୟାନକ, ଶାନ୍ତ, ଏଦୁହିଙ୍କର ବୀରରସ ବିରୋଧୀ ।

ଶୃଙ୍ଗାର, ବୀର, ରୌଦ୍ର, ହାସ୍ୟ, ଶାନ୍ତି ଏମାନଙ୍କର ଭୟାନକ ରସ ବିରୋଧୀ ।

ବୀର, ଶୃଙ୍ଗାର, ରୌଦ୍ର, ହାସ୍ୟ ଭୟାନକ ଏମାନଙ୍କର ଶାନ୍ତରସ ବିରୋଧୀ ।

ବିଭତ୍ସ, ଶୃଙ୍ଗାରର ବିରୋଧୀ ।

ଅଦ୍ଭୁତର କୌଣସି ରସମାନେ ବିରୋଧୀ ନୁହନ୍ତି ।

ଅଥ ରସ, ଭାବ ଓ ତଦାଭାସାଦି –

ରସ, ଭାବ, ରସାଭାସ, ଭାବାଭାସ, ଭାବଶାନ୍ତି, ଭାବୋଦୟ, ସନ୍ଧି, ଶବଳତା ଏମାନେ ରସନ ଧର୍ମରୁ ରସ ସଂଜ୍ଞାକୁ ପ୍ରାପ୍ତ ହୁଅନ୍ତି ।

ଇତି ରସନିରୂପଣଂ ନାମ ତୃତୀୟ ପରିଚ୍ଛେଦଃ ।

# ଚତୁର୍ଥ ପରିଚ୍ଛେଦ

## ଦୋଷ ନିରୂପଣ

ରସର ଅପକର୍ଷକାରୀକୁ ଦୋଷ ବୋଲି ।

ଏହି ଦୋଷ ନାନାପ୍ରକାର ହୋଇ ପଦରେ, ପଦାଂଶରେ, ବାକ୍ୟରେ, ଅର୍ଥରେ ଓ ରସରେ ଏପରି ପଞ୍ଚ ସ୍ଥଳରେ ହୁଏ ।

ପ୍ରଥମତଃ ସାମାନ୍ୟରେ ନିମ୍ନଲିଖିତ ଦୋଷମାନେ ପଦରେ ଓ ବାକ୍ୟରେ ପ୍ରତୀତ ହେବେ । ଯଥା,

ଦୁଃଶ୍ରବତା, ବ୍ରୀଡ଼ା ଅଶ୍ଳୀଳତା, ଜୁଗୁପ୍‌ସା ଅଶ୍ଳୀଳତା, ଅମଙ୍ଗଳ ଅଶ୍ଳୀଳତା, ଅନୁଚିନ୍ତାର୍ଥତା, ଗ୍ରାମ୍ୟତ୍ୱ, ଅପ୍ରତୀତତା, ନେୟାର୍ଥତା, ନିହିତାର୍ଥତା, କ୍ଳିଷ୍ଟତ୍ୱ, ବିରୁଦ୍ଧ-ମତିକାରିତା, ଅପ୍ରଯୁକ୍ତତା, ସନ୍ଦିଗ୍ଧତା, ଅବାଚକତା, ଅବିମୃଷ୍ଟବିଧେୟାଂଶ ଭାବ ।

ଉଲ୍ଲିଖିତ ଦୋଷମାନଙ୍କ ମଧ୍ୟରୁ କେତେକ ପଦାଂଶରେ ହୁଅନ୍ତି । ନିରର୍ଥକତା, ଅସମର୍ଥତା, ଚ୍ୟୁତସଂସ୍କାରତା ଏହି ତିନିଗୋଟି ଦୋଷ କେବଳ ପଦରେ ହେବ ।

ଉକ୍ତ ଦୁଃଶ୍ରବତାଦି ପଞ୍ଚଦଶ ପ୍ରକାର ଦୋଷମାନେ ପଦରେ ଯେପରି ପ୍ରକାଶ ହୁଅନ୍ତି, ତାହାର ଉଦାହରଣ ନିମ୍ନରେ ଦିଆଯାଉଅଛି ।

ଦୁଃଶ୍ରବତା – ପରୁଷବର୍ଣ୍ଣନ ଦ୍ୱାରା ଯେ ଶ୍ରୁତିର ଦୁଃଖାବହତାକୁ ଦୁଃଶ୍ରବ ବୋଲି । ଯଥା, ଆପଣଙ୍କଦ୍ୱାରା ଆମ୍ଭେ କାର୍ତ୍ତାର୍ଥ୍ୟକୁ ପ୍ରାପ୍ତ ହେଲୁଁ । ଅତ୍ର କାର୍ତ୍ତାର୍ଥ୍ୟ ପଦ ଦୁଃଶ୍ରବ ।

ବ୍ରୀଡ଼ାଅଶ୍ଳୀଳତା – ଯଥା,

ତୁମ୍ଭର ବିଜୟ ବିଷୟରେ ମହତ୍ ସାଧନ ଅଛି । ଅତ୍ର ସାଧନ ଶବ୍ଦ ଅଧମାଙ୍ଗର ବ୍ୟଞ୍ଜକ ହେବାରୁ ବ୍ରୀଡ଼ାକର ହେଲା ।

ଜୁଗୁପ୍‌ସା ଅଶ୍ଳୀଳତା – ଯଥା, (କବିତାବଳୀର ୧୫ ପୃଷ୍ଠାରେ)

"ଯେଦିନୁ ହିନ୍ଦୁଏ ଏକତା ଛାଡ଼ିଲେ
ପ୍ରମାଦ ପାଡ଼ିଲେ ଦୁଷ୍ଟ ଯବନେ ।"

ଅତ୍ର ପାଡ଼ିଲେ ଶବ୍ଦ ଜୁଗୁପ୍‌ସା ।

ଅମଙ୍ଗଳ ଅଶ୍ଳୀଳତା – ଯଥା, (କବିତାବଳୀର ୭ ପୃଷ୍ଠାରେ)

"ତରୁଣ ସଙ୍ଗେ ମିଳି ନାନା ରଙ୍ଗରେ
ଗମନ୍ତି କାଳ ଆହା କି ଆମୋଦରେ ।"

ଅତ୍ର କାଳ ଶବ୍ଦର ସହଯୋଗରେ ଗମନ୍ତି ଶବ୍ଦ ମରଣାର୍ଥର ସୂଚକ ହେବାରୁ ଅମଙ୍ଗଳ ହେଲା ।

ଅନୁଚିତାର୍ଥ – ଯଥା, କଳଶା ରାଗେ

ପଶୁଭୂତ ହୋଇ ବୀରମାନେ ରଣାଧ୍ୱରେ
ଅମରତାକୁ ଲଭନ୍ତି ମହା ଆନନ୍ଦରେ ।

ଅତ୍ର ପଶୁ ଶବ୍ଦ କାତରତା ରୂପ ଅର୍ଥକୁ କହିବାରୁ ଅନୁଚିତାର୍ଥ ହେଲା ।

ଗ୍ରାମ୍ୟତା – ଯଥା,

ମନକୁ ହରୁଛି ତୁମ ଚାରୁ ସରୁ ଅଣ୍ଟା ।

ଅତ୍ର ଅଣ୍ଟା ଶବ୍ଦ ଗ୍ରାମ୍ୟ ।

ଅପ୍ରତୀତତ୍ୱ – ଯଥା, କବି : ପୃ ୧୩ ଷ୍ଟା

"ତେଜିଣ ବେଗେ ପହୁଡ଼, ଗୋଧନ ଘେନି ଗଉଡ଼, ବଜାଇ ବଜାଇ ବଂଶୀ ସୁଲଳିତ ସ୍ୱନେ ।"

ଅତ୍ର ପହୁଡ଼ ଶବ୍ଦ କେବଳ ବଡ଼ଲୋକଙ୍କର ନିଦ୍ରାରେ ପ୍ରତୀତ; ଅନ୍ୟଠାରେ ଅପ୍ରତୀତ ।

ନେୟାର୍ଥତା – ରୂଢ଼ି, ପ୍ରୟୋଜନ ବ୍ୟତିରେକେ ଲକ୍ଷ୍ୟାର୍ଥ ବୋଧକ ଯେ ଶବ୍ଦ ତାକୁ ନେୟାର୍ଥ ବୋଲି । ଯଥା,

ତୋ ମୁଖ କଲା ପଙ୍କଜେ ଚରଣ ପ୍ରହାର ।

ଅତ୍ର ତୋ ମୁଖ ପଙ୍କଜକୁ ଜିଣିଲା । ଏହିପରି ଅର୍ଥ କୌଣସି ରୂଢ଼ି ବା ପ୍ରୟୋଜନରୁ ପ୍ରାପ୍ତ ନ ହୋଇ, କେବଳ ବିଚାରପୂର୍ବକ ଜୟାର୍ଥ ବୁଝାଇବାରେ ପ୍ରଯୁକ୍ତ ହେବାରୁ ନେୟାର୍ଥ ହେଲା ।

ନିହତାର୍ଥ – ଉଭୟାର୍ଥ ଶବ୍ଦର ଅପ୍ରସିଦ୍ଧ ଅର୍ଥରେ ଯେ ପ୍ରୟୋଗ ତାକୁ ନିହତାର୍ଥତା ବୋଲି । ଯଥା,

ଯମୁନା ଶମ୍ବର ବ୍ୟାପିଲା ଅମ୍ବର ।

ଅତ୍ର ଶମ୍ବର ଶବ୍ଦର ପ୍ରସିଦ୍ଧ ଅର୍ଥ ଅସୁର, ଜଳରୂପ ଅର୍ଥ ଅପ୍ରସିଦ୍ଧ ।

କ୍ଲିଷ୍ଟତ୍ୱ ଯଥା,

ପାର୍ବତୀ-ପତି-ବଇରି-ତାତଙ୍କ ଚରଣ
ସେବା-ବିହୀନ ଲୋକର ଜନ୍ମ ଅକାରଣ ।

ବିରୁଦ୍ଧମତିକାରିତା ଯଥା,

ଭବାନୀ ପତି ତୁମର ମଙ୍ଗଳ କରନ୍ତୁ

ଅତ୍ର ଭବାନୀ ଶବ୍ଦରୁ ଭବ ପତ୍ନୀ ରୂପ ଅର୍ଥ ପ୍ରାପ୍ତ ହେବାରୁ ପାର୍ବତୀଙ୍କର ପତି ମହାଦେବ ଏପରି ଅର୍ଥ ବୋଧହେଲା । ପୁନର୍ବାର ପତି ଶବ୍ଦ କେବଳ ମତି-ବିରୁଦ୍ଧକାରୀ ।

ଅପ୍ରଯୁକ୍ତତା ଯଥା,

ଭାତି ପଦ୍ମଃ ସରୋବରେ ।

ଅତ୍ର ପଦ୍ମ ଶବ୍ଦ ପୁଂଲିଙ୍ଗରେ ପ୍ରସିଦ୍ଧ ଥିଲେ ମଧ କବିମାନଙ୍କର ଅନାଦୃତ ।

ସନ୍ଦିଗ୍ଧତା – ଯଥା,

ବନ୍ଦ୍ୟାଂ କୃପାଂ କୁରୁ ।

ଅତ୍ର ବନ୍ଦ୍ୟ ଶବ୍ଦର ଅର୍ଥ ବନ୍ଦନୀୟା କି ବନ୍ଦିସ୍ଥିତା, ଏହିପରି ସନ୍ଦେହ ହୁଏ ।

ଅବାଚକତା – ଯଥା,

ପ୍ରଭୁଙ୍କ ଗୀତରେ କର୍ଣ୍ଣ ଆଦାନ କରିବ । ଅତ୍ର ଆଙ ପୂର୍ବ ଦା ଧାତୁ ଆଣିବା ଅର୍ଥରେ ବାଚକ, ଦେବା ଅର୍ଥରେ ଅବାଚକ ।

ଅବିମୃଷ୍ଟବିଧେୟାଂଶ – ଯଥା,

ସ୍ୱର୍ଗ ଗ୍ରାମଟିକା ବିଲୁଣ୍ଠନ ବୃଥୋ ସ୍ଥୁନୈଃ କିମେଭି ର୍ଭୁଜୈଃ ।।

ଅତ୍ର ବୃଥାତ୍ୱ ବିଧେୟ, ଏହି ବିଧେୟ ସମାସରେ ଗୁଣୀଭୂତ ହେବାରୁ ଭୁଜମାନେ ବୃଥା, ଏପରି ଅର୍ଥ କରି ନପାରିଲା ।

ପୂର୍ବୋକ୍ତ ଦୋଷମାନେ ଯେପରି ବାକ୍ୟଗତ ହେବେ ସେପରି କେତେକ ନିମ୍ନରେ ପ୍ରକାଶ କରାଗଲା ।

ଦୁଃଶ୍ରବତ୍ୱ – ଯଥା,

ହେ ସଖି ! ସ୍ମରାର୍ତ୍ତ୍ୟନ୍ଧବ୍ୟକ୍ତି, ତୁମ୍ଭର ବିରହରେ କିପରି କାର୍ତ୍ତାର୍ଥ୍ୟକୁ ଲଭିବ ।

ଜୁଗୁପ୍‌ସାବ୍ୟଞ୍ଜକାଶ୍ଳୀଳତା – ଯଥା,

ପରକୃତ ଅର୍ଥକୁ କବି ଯେବେ ଆପଣା ରଚନାରେ ପ୍ରଯୁକ୍ତ କରେ, ତେବେ ତାକୁ ବାନ୍ତାସୀ ବୋଲାଯାଏ ଅତ୍ର ବାନ୍ତ ଶବ୍ଦ ଅଶ୍ଳୀଳ ।

ଅନୁଚିତାର୍ଥତା – ଯଥା,

ବକ୍ରାମାନେ କମଳଲୌହିତ୍ୟ ଦ୍ୱାରା ତନୁକୁ ଭୂଷିତ କଲେ ।

ଅତ୍ର ବକ୍ରା ପଦରେ ବାମା, କମଳଲୌହିତ୍ୟ ପଦରେ ପଦ୍ମରାଗମଣି, ଏପରି ଅର୍ଥ ଅନୁଚିତ । ଏପରି ବାକ୍ୟମାନଙ୍କରେ ଯଥାସମ୍ଭବରେ ବିଚାର କରିବ ।

ପଦାଂଶରେ ଯଥା,

ଦୁଃଶ୍ରବତ୍ୱ – ଯଥା,

ଆମ୍ଭର ବାର୍ଦ୍ଧକ୍ୟ ପ୍ରାପ୍ତ ହେଲା ।

ଅତ୍ର 'ବାର୍ଦ୍ଧକ୍ୟ' ପଦର ଏକ ଅଂଶ ଯେ ର୍ଦ୍ଧ ରୂପ ଅକ୍ଷର ସେ ଶ୍ରୁତିକଟୁ ହେଲା ।

ଅଶ୍ଳୀଳତା – ଯଥା,

ଆପଣଙ୍କ ହସ୍ତ ପଲ୍ଲବ ପରି ପେଲବ ହୋଇଅଛି । ଅତ୍ର ପେଲବ ପଦରେ

ଆଦ୍ୟାକ୍ଷର ଦ୍ୱୟ ଅଶ୍ଳୀଳ ।

ନିହତାର୍ଥତା – ଯଥା,

ଧାତୁମତ୍ତାକୁ ଗିରି ଧାରଣ କରିଅଛି ।

ଅତ୍ର ମତ୍ତାଂଶ, ମତ୍ତତାରେ ନିହତ ହେଲା ।

ଅବାଚକତ୍ୱ – ଯଥା,

କାର୍ତ୍ତିକେୟ ତାରକାସୁରକୁ ବିଜେୟ କଲେ । ଅତ୍ର ବିଜେୟ ରୂପ ପଦାଂଶ ବିଜିତାର୍ଥକୁ ନ କହିବାରୁ ଅବାଚକ ହେଲା । ଯଦ୍ୟପି ବିଜିତ କଲେ ବୋଲା ହୋଇଥାନ୍ତା ତେବେ ବାଚକ ହୋଇଥାନ୍ତା ।

ନେୟାର୍ଥ – ଯଥା,

ସଂଗ୍ରାମରେ ଶୂରମାନେ ନିହତ ହେବାରୁ ବଚୋ ବାଣତ୍ୱକୁ ପାଇଲେ ଅର୍ଥାତ୍ ଗୀର୍ବାଣତ୍ୱକୁ ଲଭିଲେ ।

ଅତ୍ର ବଚ ଶବ୍ଦ ଗୀର ଶବ୍ଦାର୍ଥ କହିବା ବିଷୟରେ ନେୟାର୍ଥ (ଅନୁସନ୍ଧେୟାର୍ଥ) ହେଲା । ଅର୍ଥାତ୍ ଯେଉଁ ସ୍ଥାନରେ ଶବ୍ଦମାନଙ୍କର ପରିବର୍ତ୍ତନ ସତ୍ତ୍ୱେ ସେହି ସ୍ଥଳରେ ଶବ୍ଦମାନଙ୍କର ପରିବର୍ତ୍ତନ ହୁଏ; ଗୀର୍ବାଣ ହେଲା ବୋଲି ବଚୋବାଣ ହେବ ଏପରି ନୁହେଁ । ଯଥା, ପଦ୍ମାଳୟା, କମଳାଳୟା, ଅମ୍ଭୋଜାଳୟା, ଜଳଜାଳୟା ଇତ୍ୟାଦି ହୁଏ ବୋଲି ଯେ ପଦ୍ମଭବନା ଜଳଜଗୃହା, ଅମ୍ଭୋଜସଦନା, କମଳନିକେତନା, ଏପରି ପରିବର୍ତ୍ତନ ହେବ ତାହା କଦାଚ କବିସମ୍ମତ ନୁହେଁ * । ଏହିପରି ଯଥାସମ୍ଭବରେ ପଦାଂଶ ଦୋଷମାନେ ହେବେ ।

ପୂର୍ବୋକ୍ତ ଦୋଷମାନେ ପଦରେ ଓ ବାକ୍ୟରେ ଉଭୟତ୍ର ସମ୍ଭବିପାରନ୍ତି; କିନ୍ତୁ ନିମ୍ନଲିଖିତ ଦୋଷମାନେ କେବଳ ବାକ୍ୟଗତ ହେବ । ଯଥା,

ପ୍ରତିକୂଳବର୍ଣ୍ଣତା, ଅଧିକପଦତା, ନ୍ୟୂନପଦତା, କଥିତପଦତା, ସମାପ୍ତ-ପୁନରାତ୍ତତା, ଅର୍ଦ୍ଧାନ୍ତରୈକପଦତା, ସନ୍ଧିରେ କଷ୍ଟତା, ଅକ୍ରମତା, ଭଗ୍ନପ୍ରକ୍ରମତା, ବାଚ୍ୟାନଭିଧାନ, ଅଭବନ୍ମତ ସମ୍ବନ୍ଧତା, ଅମତପରାର୍ଥତା, ପ୍ରସିଦ୍ଧିତ୍ୟାଗ, ଅସ୍ଥାନ-ପଦତା, ସଂକୀର୍ଣ୍ଣତ୍ୱ, ସନ୍ଧିରେ ଅଶ୍ଳୀଳତ୍ୱ, ପତତ୍ପ୍ରକର୍ଷତା, ସନ୍ଧିବିଶ୍ଳେଷତା, ହତ-ବୃତ୍ତତା, ଆହତବିସର୍ଗତା, ଲୁପ୍ତବିସର୍ଗତା, ଗର୍ଭିତତା, ଅସ୍ଥାନସମାସତା ।

ପ୍ରତିକୂଳବର୍ଣ୍ଣତା – ରସର ଅନନୁରୂପ ବର୍ଣ୍ଣବିନ୍ୟାସକୁ ପ୍ରତିକୂଳବର୍ଣ୍ଣତା ବୋଲି । ଯଥା – ଏ ନଟୀ କଟାକ୍ଷ ଛଟାର ପରିପାଟୀଦ୍ୱାରା ପାଟବକୁ ପ୍ରକଟିତ କରିଅଛି ।

ଅତ୍ର ଟକାର ଶୃଙ୍ଗାର ରସର ପ୍ରତିକୂଳବର୍ଣ୍ଣ ହେବାରୁ ଏହି ବାକ୍ୟଟି ଦୋଷଯୁକ୍ତ

---

* ଯଥା ଶୂଳୀ ତଥା ସର୍ପୀ ନଶଶୀ ହରିଣୀ ତଥା । ଯଥେନ୍ଦୁ ମୌଳିର୍ନ ତଥା ଗଙ୍ଗା ମୌଳି ସ୍ତୁବାଚକଃ ।। ୦ ।। ଇତ୍ୟାଦି ଅପ୍ରୟୋଗେ ଦୃଷ୍ଟାନ୍ତଃ ।

ହେଲା । କିନ୍ତୁ ଏହି ପ୍ରତିକରଙ୍କ ବର୍ତ୍ତମାନଙ୍କର ତିନି ଚାରି ପ୍ରୟୋଗରେ ଦୋଷ ଗ୍ରାହ୍ୟ ହୁଏ ନାହିଁ ।

ଅଧିକପଦତା – ଯଥା, କବିତା କଳାପ ପୃ୨ଷ୍ଠା

ଦେଖନ୍ତି ପ୍ରକୃତି ଶୋଭା ନୟନେ ।
ଅତ୍ର ନୟନେ ଏହିପଦ ଅଧିକ ।**

ନ୍ୟୂନପଦତା – ଯଥା, କବିତାବଳୀ ପୃ୧୩ଷ୍ଠା

ଉଠ ଉଠ ଆହେ ସମଯୋଧା ଗଣ
କରେ କରବାଳ ପଶ ସମରେ ।

ଅତ୍ର କରବାଳ ଧରିନବୋଲିବାରୁ ଧରି ପଦନ୍ୟୂନ ହେଲା । କିନ୍ତୁ କରବାଳକରେ, ଏପରି ବୋଲିଥିଲେ ଧରି ଶବ୍ଦ ନ ଦେଇଥିଲେ ମଧ ଦୋଷ ହୋଇ ନଥାନ୍ତା ।

କଥିତପଦତା – ଯଥା, କବିତା କଳାପ ପୃ ୩୧ଷ୍ଠା

ଯେହ୍ନେ କୁମୁଦିନୀ ଦେଖି ଦିନମଣି
ଅନୁରକ୍ତା ନୋହି ହୁଏ ଅନ୍ତର,
ତେହ୍ନେ ଧନୀ ଦେଖି ସେ ନୃପବର
ଅନୁରକ୍ତା ନୋହି ହେଲେ ଅନ୍ତର ।

ଅତ୍ର "ଅନୁରକ୍ତା ନୋହି" ଏହି ଦ୍ୱିତୀୟ ପଦ ପୁନରୁକ୍ତ ।

ସମାପ୍ତପୁନରାବୃତ୍ତତା – କ୍ରିୟା, କର୍ତ୍ତା, କର୍ମ ସମାପ୍ତ ହେଲାପରେ ପୁନଶ୍ଚ କର୍ତ୍ତା ବା କର୍ମର ବିଶେଷଣ ଶେଷରେ ଦିଆଗଲେ ତାକୁ ସମାପ୍ତପୁନରାତ୍ତତା ବୋଲି । ଯଥା, କବିତାବଳୀ ପୃ୨୧ଷ୍ଠା

ବିଷ୍ଣୁ ପ୍ରାୟେ ନୀଳ ନୀରଦବର
ବନମାଳା ପ୍ରାୟେ ଚାପ ଇନ୍ଦ୍ରର
ଯା ଦେହେ ଶୋଭଇ ଯା କୋଳେ ଥରଇ
ଚପଳା ଅବଳା ଦୀପ୍ତି ଅମ୍ବର
ଶ୍ୟାମ ସୀମନ୍ତିନୀ ସମ ସୁନ୍ଦରେ ।

ଅତ୍ର "ଶ୍ୟାମ ସୀମନ୍ତିନୀ ସମ ସୁନ୍ଦର" ଏହି ବିଶେଷଣଟି ଦୁଷ୍ଟ ହେଲା ।

ଅର୍ଥାନ୍ତରୈକପଦତା – ଯଥା,

କିରଣ ଶୋଭାରେ ଚନ୍ଦ୍ର ଧବଳିତ କଲେ,
ଜଗତକୁ ମାନ ଛାଡ଼ ଶୋଭାଙ୍ଗି ! ଚଞ୍ଚଳେ ।

** ବଚନକୁ କହୁଅଛି, ଚକ୍ଷୁରେ ଦେଖୁଅଛି, ଇତ୍ୟାଦି –
– ଅଧିକପଦ; କିନ୍ତୁ ପ୍ରୟୋଜନସ୍ଥଳେ ଅଧିକ ପଦତା ଦୋଷ ହେବ ନାହିଁ, ଯଥା, ମଧୁର ବଚନେ କହୁଅଛି । ଚର୍ମ ଚକ୍ଷୁରେ ଅଥବା ଜ୍ଞାନ ଚକ୍ଷୁରେ ଦେଖୁଅଛି ଇତ୍ୟାଦି ।

ଅତ୍ର ''ଜଗତକୁ'' ଏହି ପଦ ଦ୍ୱିତୀୟ ପାଦରେ ରହିବାରୁ ଦୋଷ ହେଲା ।

ସନ୍ଧିରେ କଷ୍ଟତା – ଯଥା,

ରାମଚନ୍ଦ୍ରଙ୍କର ଚାର୍ବଙ୍ଗଙ୍କୁ ଦେଖି ତର୍ବାଳୀମାନେ ସାଧ୍ୱବସ୍ଥିତିକି ପ୍ରାପ୍ତ ହେଲେ ।

ଅତ୍ର ଚାରୁ-ଅଙ୍ଗ, ତରୁ-ଆଳୀ, ସାଧୁ-ଅବସ୍ଥିତି ଏମାନଙ୍କୁ ସନ୍ଧି କରିବାରୁ ଦୁଃଶ୍ରାବ୍ୟ ହେଲା ।

ଅକ୍ରମତା – ଯଥା, କଳଶା ରାଗେ ପାଣ୍ଡବଙ୍କ ପ୍ରତି କୃଷ୍ଣ

ସୁଖେ ରାଜ୍ୟ ଭୋଗକର ଧର୍ମକୁ ସୁମରି,
କହିକରି ଏମନ୍ତ ଦ୍ୱାରକା ଗଲେ ହରି ।

ଅତ୍ର ଏମନ୍ତ କହିକରି ନ ବୋଲି, କହିକରି ଏମନ୍ତ ବୋଲିବାରୁ ଅକ୍ରମ ହେଲା ।

ଭଗ୍ନପ୍ରକ୍ରମତା – ଯଥା, ଉକ୍ତ ରାଗେ

ଯୁଦ୍ଧ ନୋହୁ ବୋଲି ମନ୍ତ୍ରୀ ଉତ୍ତରକୁ ଦେଲେ
କ୍ରୋଧରେ ରାବଣ ପ୍ରତିଭାଷଣକୁ ଗଲେ ।

ଅତ୍ର ଉତ୍ତରର ପ୍ରକ୍ରମ ପ୍ରତ୍ୟୁତ୍ତର; ଏହା ନ କହି ପ୍ରତିଭାଷଣ ବୋଲିବାରୁ ପ୍ରକ୍ରମ ଭଙ୍ଗହେଲା ।

ବାଚ୍ୟାନଭିଧାନ – ଯଥା, କଳଶାରାଗେ

ମହାରାଜ ! ଆପଣଙ୍କ ପାଦେ ଏ ବିନୀତ,
ତଥାପି କୋପ କରିବା ନୁହଇ ଉଚିତ ।

ଅତ୍ର ବିନୀତ ଉତ୍ତାରୁ 'ହୋଇଅଛି' କ୍ରିୟାପଦର ଅନଭିଧାନ (ଅକଥନ) ହେଲା ।

ଅଭବନ୍ମତସମ୍ବନ୍ଧତା – ଯଥା, ଚକ୍ରକେଳି ରାଗେ

ଯାହା କଟାକ୍ଷରେ ତୁମ୍ଭେ ଦେଖିଲ ।
ସେହିକାଳୁ ଦୁଃଖ ହେଲା ବିରଳ ।

ଅତ୍ର ଯାହା ଶବ୍ଦ ସହିତରେ ''ସେହିକାଳୁ'' ଶବ୍ଦର ଅସମ୍ବନ୍ଧ ହେଲା । ଅର୍ଥାତ୍ ଯତ୍ ସହିତରେ ତତ୍ ଓ ଯଦା ସହିତରେ ତଦାର ସମ୍ବନ୍ଧ, ଏଠାରେ ଏହାର ଅଭାବରୁ ଦୋଷ ହେଲା ।

ଅମତପରାର୍ଥତା – ଯଥା, ଚକ୍ରକେଳି ରାଗେ

ରାମ ମନ୍ମଥ ଶରରେ ତାଡ଼ିତା,
ତାଡ଼କା ନିଶାଚରୀ ସେ ପୀଡ଼ିତା,
ଗନ୍ଧ ରୁଧିର ଚନ୍ଦନରେ ଲିପ୍ତା,
ଜୀବିତେଶ ବସତିରେ ମିଳିତା ।

ଅତ୍ର ବୀର ଓ ଶୃଙ୍ଗାର ଉଭୟ ରସର ବୋଧକ ହୋଇଅଛି ଯେ ଅର୍ଥ, ସେ

ବୀରରସ ବର୍ଣ୍ଣନକାଳରେ ଶୃଙ୍ଗାରରସ ବିରୋଧୀ ହେବାରୁ ଦ୍ୱିତୀୟ ଅର୍ଥ ଅମତ ହେଲା ।

ପ୍ରିସିଦ୍ଧିତ୍ୟାଗ – ଯଥା, କଳଶାରାଗେ

ଦେଖ ମେଘ ଘୋରରବ କରୁଅଛି ଆଜ,
ବିରହୀ ପ୍ରାଣ ନେବାକୁ ହେଉଛି କି ସଜ ?

ଅତ୍ର ରବ, ମେଘରେ ଅପ୍ରସିଦ୍ଧ, ମଣ୍ଡୂକାଦିରେ ପ୍ରସିଦ୍ଧ ।*

ଅସ୍ଥାନପଦତା – ଯଥା, କବିତାବଳୀ ପୃ୧୮ସ୍ଥା

ଯାବତ ଦେହରେ ବହେ ପ୍ରାଣବାୟୁ
ଶୂରେ ! ନ ବିମୁଖ ହୁଅ ସମରେ ।

ଅତ୍ର ନଞପଦ ହୁଅ କ୍ରିୟାର ପୂର୍ବରେ ରହିବାର ଉଚିତ; ତାହା ନ ହୋଇ ବିମୁଖ ପଦର ପୂର୍ବରେ ରହିବାରୁ ଅସ୍ଥାନରେ ରହିଲା ।

ସଂକୀର୍ଣ୍ଣତ୍ୱ – ଯଥା, କଳଶା ରାଗେ

ଚନ୍ଦ୍ରକୁ ଛାଡ଼ ମାନକୁ ଦେଖରେ ଶୋଭାଙ୍ଗି !

ଅତ୍ର ଚନ୍ଦ୍ରକୁ ଦେଖ, ମାନକୁ ଛାଡ଼ ବୋଲିଥିଲେ ସଂକୀର୍ଣ୍ଣ ହୋଇ ନ ଥାନ୍ତା ।

ସନ୍ଧିରେ ଅଶ୍ଳୀଳ – ଯଥା, କଳଶା ରାଗେ

ସିଂହାଣି ରଖିବା ଯେବେ ସୁଦୃଢ଼ ପଞ୍ଜରେ,
ଭୟ ନ ଲଭିବେ ତହୁଁ କି ମତ୍ତକୁଞ୍ଜରେ !

ଅତ୍ର ସିଂହ-ଆଣି ରଖିବା ବୋଲିଥିଲେ ଜୁଗୁପ୍‌ସା ଅଶ୍ଳୀଳ ହୋଇ ନଥାନ୍ତା ।

ପତତ୍‌ପ୍ରକର୍ଷତା – ଯଥା, କ: ବ: ପୃ୨୩ସ୍ଥା

ଘୋର ଘର୍ଘର ଘୋଷେ ପୂରି କାନନ,
ଚଳିଲା ହାହା ରବେ ଯେହ୍ନେ ସ୍ୟନ୍ଦନ ।

ଅତ୍ର ପ୍ରଥମ ପାଦରେ ଅନୁପ୍ରାସରେ ଯେପରି ପ୍ରକର୍ଷ ଥିଲା, ଦ୍ୱିତୀୟ ପାଦରେ ସେପରି ନହୋଇ ଶୋଭାର ପତନ ହେଲା ।

ସନ୍ଧିବିଶ୍ଳେଷତା – ଯଥା,

ଦଳିତେ ଉତ୍ପଳେ ଏତେ
ଅକ୍ଷିଣୀ ଅମଳାଙ୍ଗି ତେ ।

ଅତ୍ର ସନ୍ଧିର ବିଶ୍ଳେଷ, କିନ୍ତୁ ଏକବାର ସନ୍ଧି ବିଶ୍ଳେଷରେ ତାଦୃଶ ଦୋଷ ହେବ ନାହିଁ, ତଥାପି ସୂତ୍ରାନୁଶାସନକୁ ଲଂଘନ କରି ବୃତ୍ତଭଙ୍ଗ ଭୟରେ ଏକବାର ସନ୍ଧିବିଶ୍ଳେଷ କଲେ ମଧ୍ୟ ଦୋଷ ହୁଏ ।

---

* ମଞ୍ଜୀରାଦିଷୁ ରଣିତ ପ୍ରାୟଂ ପକ୍ଷିଷୁଚ କୂଜିତ ପ୍ରଭୃତି ।
ସ୍ତନିତ ମଣିତାଦି ସୁରତେ ମେଘାଦିଷୁ ଗର୍ଜିତ ପ୍ରମୁଖଂ ।

ହତବୃତ୍ତତା – ଯଥା, ଚକ୍ରକେଳି ରାଗେ,
ପିତାଙ୍କଠାରୁ ମେଲାଣି ହୋଇଲେ
କୃଷ୍ଣ ମଥୁରାକୁ ବିଜେ କରି ଗଲେ ।

ଚକ୍ରକେଳି ରାଗ ଏଗାର ଅକ୍ଷରରେ ପାଦ ହୁଏ । ଅତ୍ର ଦ୍ୱିତୀୟ ପାଦଟି ବାର ଅକ୍ଷର ହେବାରୁ ବୃତ୍ତ ନଷ୍ଟ ହେଲା ।

ଆହତବିସର୍ଗତା – ଯଥା,
ଧୀରୋ ବରୋ ନରୋ ଯାତି ।

ଅତ୍ର ବିସର୍ଗ ଓ ତ୍ୱକୁ ସର୍ବତ୍ର ପ୍ରାପ୍ତହେବାରୁ ଦୋଷ ହେଲା ।

ଲୁପ୍ତବିସର୍ଗତା – ଯଥା,
ଗତା ନିଶା ଇମା ବାଳେ ।

ଅତ୍ର ଏକବାକ୍ୟରେ ଅନେକ ଲୁପ୍ତ ବିସର୍ଗ ହେବାରୁ ଦୋଷ ହେଲା ।

ଗର୍ଭିତତା – ଅନ୍ୟବାକ୍ୟ ମଧ୍ୟରେ ଅନ୍ୟବାକ୍ୟର ଯେ ପ୍ରବେଶ ତାକୁ ଗର୍ଭିତତା ବୋଲି – ଯଥା, କଳଶା ରାଗେ

ମହାରାଜ ତୁମ୍ଭ ପାଦେ ହୋଇଛି ପ୍ରଣତ
ତତ୍ତ୍ୱରେ କହୁଛିଁ କ୍ରୋଧ ନୁହଇ ଉଚିତ ।

ଅତ୍ର "ତତ୍ତ୍ୱରେ କହୁଛିଁ" ଏହି ବାକ୍ୟ, ବାକ୍ୟ ମଧ୍ୟରେ ରହିଲା ।

ଅସ୍ଥାନସମାସତା – ଯଥା,

ଅଦ୍ୟାପି ସ୍ତନ ଶୈଳ ଦୁର୍ଗ ବିଷମେ ସୀମନ୍ତିନୀ ନାଂହୃଦି ସ୍ଥାତୁଂ ବାଞ୍ଛିତି ମାନ ଏଷଧିଗିତି କ୍ରୋଧାଦିବା ଲୋହିତାଃ । ପ୍ରୋଦ୍ଧ ଦୂରତର ପ୍ରସାରିତ କରଃ କର୍ଷତ୍ୱସୌତତ୍କ୍ଷଣାତ୍ ଫୁଲ୍ଲକୈରବ କୋଷେ ନିଃ ସରଦଳି ଶ୍ରେଣୀକୃପାଣଂ ଶଶୀ ।

ଅତ୍ର କୃଦ୍ଧ ଉକ୍ତିରେ ସମାସ ନହୋଇ କବି ଉକ୍ତିରେ (ଚତୁର୍ଥ ପାଦରେ) ସମାସ ହେବାରୁ ଅସ୍ଥାନସମାସତା ହେଲା ।

ଅଥ ଅର୍ଥ ଦୋଷ

ନିମ୍ନଲେଖିତ ଦୋଷମାନେ ଅର୍ଥରେ ଗୃହୀତ ହେବେ । ଯଥା, ଅପୁଷ୍ଟତା, ପୁନରୁକ୍ତତା, ବିଦ୍ୟାବିରୁଦ୍ଧତା, ଖ୍ୟାତିବିରୁଦ୍ଧତା, ସାକାଙ୍‌କ୍ଷତା, ସହଚରଭିନ୍ନତା, ଦୁଷ୍ତ୍ରମତା, ଗ୍ରାମ୍ୟତା, ବ୍ୟାହତତା, ଅନବୀକୃତତା, ନିର୍ହେତୁତା, ପ୍ରକାଶିତ ବିରୁଦ୍ଧତା, ସନ୍ଦିଗ୍ଧତା, ଅବିଶେଷେ ବିଶେଷ, ବିଶେଷେ ଅବିଶେଷ, ବିଧ୍ୟୁକ୍ତତା, ଅନୁବାଦାଯୁକ୍ତତା, ଅଶ୍ଳୀଳତା, କଷ୍ଟତା, ଅସ୍ଥାନଯୁକ୍ତତା, ନିର୍ମୁକ୍ତପୁନରୁକ୍ତତା, ନିୟମେ ଅନିୟମ, ଅନିୟମେ ନିୟମ ।

ଅପୁଷ୍ଟତା – ଯଥା, କବିତାବଳି ପୃଶଷ୍ଠା

"ଅସ୍ତ ହେଲେ ରବି ଗ୍ରହରାଜ ଦିନମଣି ।"

ଅତ୍ର ଗ୍ରହରାଜପଦ ସୂର୍ଯ୍ୟଙ୍କର ଅସ୍ତକୁ ପ୍ରତି କୌଣସି ଅର୍ଥ ପୁଷ୍ଟ ନକଲା ।

ପୁନରୁକ୍ତତା – ଯଥା, କବିତା କଳାପ ପୃ ୧ ଷ୍ଠା

"ନିସ୍ତବ୍ଧ ସକଳ ନାହିଁ ଗଣ୍ଡଗୋଳ,
ସରିତର ଜଳ ହୁଏ କଳ କଳ,
ସୁନିର୍ମଳ ବିଧୁ ମଣ୍ଡଳ ରାଜେ ।"

ଅତ୍ର ନିସ୍ତବ୍ଧ ସକଳ ଏହାର ଅର୍ଥଦ୍ୱାରା ଗଣ୍ଡଗୋଳ ନଥିବାର ପ୍ରକାଶ ହୁଏ; ପୁନଶ୍ଚ ଗଣ୍ଡଗୋଳ ନାହିଁ ବୋଲିବାର ଅଧିକ ।

ବିଦ୍ୟାବିରୁଦ୍ଧତା – ଯଥା, କବିତା କଳାପ ପୃ୯ଷ୍ଠା ପ୯ଦ

"ତା' ନିର୍ଝର ବନ କଲେକ ଲୋକନ
ଉଦର ଆନନ୍ଦେ ଯାଉଛି ପୂରି ।"

ଅତ୍ର ଉଦର ଆନନ୍ଦରେ ପୂରିବାର ଶାସ୍ତ୍ର ବିରୁଦ୍ଧ । କାରଣ ଆନନ୍ଦର ଅଭିବ୍ୟକ୍ତି ସ୍ଥାନ ମୁଖ ନେତ୍ରାଦି ।

ଖ୍ୟାତିବିରୁଦ୍ଧତା – ଯଥା, କଳଶା ରାଗେ

ଶୂଳ ଧରି ହରି ସଂଗ୍ରାମକୁ ବିଜେ କଲେ ।

ଅତ୍ର ଶୂଳ ଶିବଙ୍କଠାରେ ବିଖ୍ୟାତ, ହରିଙ୍କଠାରେ ଅବିଖ୍ୟାତ ।

ସାକାଙ୍କ୍ଷତା – ଯଥା, କଳଶା ରାଗେ

ଶିବ ଧନୁ ଭଙ୍ଗ କ୍ଷତ୍ରିୟଙ୍କ ସମୁନ୍ନତି
ନାରୀରତ୍ନ କିପରି ସହିବେ ଭୃଗୁପତି ।

ଅତ୍ର ଉପେକ୍ଷା କରିବାକୁ ଏହି ପଦ ନଥିବାରୁ ବାକ୍ୟ ସାକାଙ୍କ୍ଷ ହୋଇ ପ୍ରକୃତାର୍ଥର ଅବୋଧକ ହେଲା ।

ସହଚରଭିନ୍ନତା – ଯଥା, ବଙ୍ଗଳାଶ୍ରୀ ରାଗେ

ଦରିଦ୍ର ସଜ୍ଜନ, ଗଳିତ ଉରଜା କାମିନୀ, ନିଷ୍ପଦ୍ମ ସର,
ସଭା ପୂଜିତ ଖଳ, ନିଶ୍ଚେ କରନ୍ତି ହୃଦୟ ଖେଦ ମୋହର ।

ଅତ୍ର ସଜ୍ଜନ, କାମିନୀ, ପଦ୍ମ, ଖଳ, ଏମାନଙ୍କର ଶୋଭନାଶୋଭନ ଭେଦରେ ସହଚର ବିରୋଧ ରହିଲା । ଅର୍ଥାତ୍ ସଜ୍ଜନ, କାମିନୀ, ପଦ୍ମ ଏମାନେ ଏକ ପ୍ରକରଣରେ ରହିବାକୁ ଶୋଭନ, କିନ୍ତୁ ଏହି ପ୍ରକରଣରେ ଖଳ ରହିବାର ଅଶୋଭନ ।

ଦୁଷ୍କ୍ରମତା – ଯଥା,

ହେ ରାଜନ୍, ଆପଣ ଗୋଟିଏ ଅଶ୍ୱ ଦେବାହେଉନ୍ତୁ, ନୋଚେତ୍ ଗୋଟିଏ ମତ୍ତହସ୍ତୀ ଦେବା ହେଉନ୍ତୁ ।

ଅତ୍ର ପ୍ରଥମେ ହସ୍ତୀ ନମାଗି ଅଶ୍ୱ ମାଗିବାର ଅନୁଚିତ ହେଲା; କାରଣ ପ୍ରଥମରେ ଉତ୍କୃଷ୍ଟ ପଦାର୍ଥ ମାଗି ତା'ର ଅଭାବରେ ନିକୃଷ୍ଟ ପଦାର୍ଥ ମାଗିବାର ଉଚିତ ।

ଗ୍ରାମ୍ୟତା – ଯଥା, କଳଶା ରାଗେ

ମୁଁ ଏଠାରେ ଶୋଉଅଛି ତୁମ୍ଭେ ତହିଁ ଶୁଅ,
ପିଢ଼ା ଉପରରେ ନେଇ ପୋଥି ପତ୍ର ଥୁଅ ।

ଅତ୍ର ଅର୍ଥ ଗ୍ରାମ୍ୟ ।

ବ୍ୟାହତତା – ପ୍ରଥମରେ କାହାରି ଉତ୍କର୍ଷ ବା ଅନୁତ୍କର୍ଷକୁ କହି ପଶ୍ଚାତ୍ ତାହାର ଯେ ଅନ୍ୟଥାକରଣ ତାକୁ ବ୍ୟାହତତା ବୋଲି । ଯଥା, ବଙ୍ଗଳାଶ୍ରୀ ରାଗେ –

ନବଇନ୍ଦୁ କଳାମାନେ ନ ହରନ୍ତି ଯୁବାମାନଙ୍କର ଚିତ୍ତ,
ଏ ଲୋକ ଲୋଚନ ଚନ୍ଦ୍ରିକା ବାଳାକୁ ଯେ କରନ୍ତି ଦୃଷ୍ଟିଗତ ।

ଅତ୍ର ପ୍ରଥମତଃ ଇନ୍ଦୁକଳାମାନେ ଯୁବାଚିତ୍ତକୁ ନ ହରିବାର ଉକ୍ତ କରି ପୁନଶ୍ଚ ସ୍ତ୍ରୀଠାରେ ଚନ୍ଦ୍ରିକାତ୍ୱ ଆରୋପଣପୂର୍ବକ ଯେ ମନୋହରତ୍ୱ ବର୍ଣ୍ଣନ ହେଲା ସେ ବ୍ୟାହତି ମାତ୍ର, ଅର୍ଥାତ୍ ବଦତୋ ବ୍ୟାଘାତଃ ।

ଅନବୀକୃତତା – ଯଥା, ଚକ୍ରକେଳି ରାଗେ

ସଦା ଆକାଶରେ ଭାନୁ ସଞ୍ଚରେ,
ସଦା ଯେମନ୍ତ ବହନ୍ତି ସମୀରେ,
ସଦା ଶେଷ ଧରା ଧରନ୍ତି ଶିରେ,
ସଦା ସୁଜନ ଗର୍ବକୁ ନ କରେ ।

ଅତ୍ର ସଦା ଶବ୍ଦ ବାରମ୍ବାର କହିବାରୁ ଅନବୀକୃତ ହେଲା, କିନ୍ତୁ ନିମ୍ନଲିଖିତ ମତେ କହିଲେ ନବୀକୃତ ହୋଇଥାନ୍ତା, ଯଥା ଉକ୍ତ ରାଗେ,

ସଦା ଆକାଶେ ଗମନ୍ତି ଭାସ୍କର,
ରାତ୍ର ଦିବାରେ ବହଇ ସମୀର,
ସତତ ଶେଷ ଧରନ୍ତି ଧରଣୀ,
ନିତ୍ୟେ ଧୀର କହେ ଅଗର୍ବବାଣୀ ।

ନିର୍ହେତୁତା – ଯଥା, ଉକ୍ତ ରାଗେ

ଆଜ୍ଞା ଭଙ୍ଗରୁ କରିଥିଲି ତ୍ୟକ୍ତ,
ପୁଣି ତୋ ସୌଜନ୍ୟେ କଲି ପାଳିତ,
ଈଶ୍ୱର ମଙ୍ଗଳ କରନ୍ତୁ ତୋର,
ଆରେ ଭୃତ୍ୟ ଏବେ ହୁଅ ତୁ ଦୂର ।

ଅତ୍ର ପ୍ରଥମରେ ଆଜ୍ଞାଭଙ୍ଗ ହେତୁରୁ ତ୍ୟକ୍ତ ହୋଇଥିଲା । ଦ୍ୱିତୀୟତଃ ତ୍ୟକ୍ତ

ହେବାର କୌଣସି ହେତୁ ଉଲ୍ଲେଖ ନ ହେବାରୁ ନିର୍ହେତୁକ ହେଲା ।

ପ୍ରକାଶିତ ବିରୁଦ୍ଧତା – ଯଥା,

ହେ ମହାରାଜ, ତୁମ୍ଭର କୁମାର ସମ୍ୟକ୍ ପ୍ରକାରେ ଶ୍ରୀକି ପ୍ରାପ୍ତ ହେଉନ୍ତୁ ।

ଅତ୍ର ଏହି ଆଶୀର୍ବାଦ ବାକ୍ୟରୁ ଜଣାଗଲା ଯେ, ତୁମ୍ଭେ ନାଶକୁ ପ୍ରାପ୍ତ ହୁଅ, ଅତଏବ ଏ ବାକ୍ୟ ବିରୁଦ୍ଧାର୍ଥକୁ ପ୍ରକାଶିତ କଲା ।

ସନ୍ଦିଗ୍ଧତା – ଯଥା, ଚକ୍ରକେଳି ରାଗେ

ଅଚଳା ଅବଳା କେ ଅବା ସେବ୍ୟ
ବିଳମ୍ବ ନ କରି କହ ହେ ଭବ୍ୟ !

ଅତ୍ର କୌଣସି ପ୍ରକରଣ ନ ଥିବାରୁ ଉତ୍ତର ଦାନ ବିଷୟରେ ସନ୍ଦିଗ୍ଧତା ରହିଲା ।

ଅବିଶେଷେ ବିଶେଷ – ଯଥା, ମଙ୍ଗଳବରାଡ଼ୀ ରାଗେ

ହୀରକ ନିଧିର ସିଦ୍ଧି
ବର୍ଣ୍ଣିବ କେ ବା ସୁବୁଦ୍ଧି
ଲଭି ଯହିଁରୁ ଅମୃତ
ଦେବେ ଅମୃତ ଯେ ।

ଅତ୍ର ରତ୍ନନିଧି ବୋଲିଥିଲେ ବିଶେଷରେ ଉତ୍କର୍ଷ ହୋଇଥାନ୍ତା, ତାହା ନବୋଲି ରତ୍ନମାନଙ୍କ ମଧ୍ୟରୁ ବିଶେଷରେ ଏକ ହୀରକ ନିଧି ବୋଲିବାର ଅନୁତ୍କର୍ଷ ହେଲା ।

ବିଶେଷେ ଅବିଶେଷ – ଯଥା, କଳଶାରାଗେ

ନୀଳବସ୍ତ୍ର ପିନ୍ଧି ଅଭିସାରିକା ନାଗରୀ
ରଜନୀରେ ଯାଏ ମନେ ଭୟକୁ ନକରି ।

ଅତ୍ର ବିଶେଷ ଶବ୍ଦ ତମିସ୍ରା, ଏହାକୁ ଉଲ୍ଲେଖ କରିଥିଲେ ଅଭିସାରିକା ଗମନର ସାଧକ ହୋଇଥାନ୍ତା; କିନ୍ତୁ ତାହା ନ ହୋଇ ଅବିଶେଷରେ ଅର୍ଥାତ୍ ସାମାନ୍ୟରେ ରଜନୀ ଶବ୍ଦର ଉଲ୍ଲେଖ କରିବାରୁ ବିଶେଷ ଅର୍ଥର ଉତ୍କର୍ଷ ନକଲା ।

ବିଧ୍ୟଯୁକ୍ତତା – ଯଥା, କଳଶାରାଗେ

ସ୍ୱପକ୍ଷର ଆନନ୍ଦକୁ କରିବେ ସତ୍ୱର
ପରପକ୍ଷକୁ ବିନାଶି ଏହି ନୃପବର ।

ଅତ୍ର ପରପକ୍ଷକୁ ନାଶକଲେ ସ୍ୱପକ୍ଷର ଆନନ୍ଦ ହେବାର ବିଧି; ତାହା ନ ବୋଲି ଆଦ୍ୟରେ ସ୍ୱପକ୍ଷ ଆନନ୍ଦ କରିବେ ବୋଲିବାର ଅଯୁକ୍ତ ।

ଅନୁବାଦାଯୁକ୍ତତା – ଯଥା, କଳଶାରାଗେ ଚନ୍ଦ୍ରଙ୍କ ପ୍ରତି

ଶିବଚୂଡ଼ାଭରଣ ହେ ଲୋକତମୋହର !
ବିରହିପ୍ରାଣହରଣ ! ପୀଡ଼ିତ ନକର ।

ଅତ୍ର ପୀଡ଼ିତ ନକର ବୋଲି ପ୍ରାର୍ଥନା କାଳରେ ବିରହିପ୍ରାଣହରଣ ! ବୋଲି ଅନୁବାଦ କରା ଅଯୁକ୍ତ ।

ଅଶ୍ଳୀଳତା – ଯଥା, ଚକ୍ରକେଳି ରାଗେ

ଉଡ଼ିବାରୁଁ ବାଳା ଜାନୁ ବସନ
ଦୃଶ୍ୟ ହୋଇଲା ଅପୂର୍ବ ସଦନ ।

ଅତ୍ର ଅର୍ଥ ଅଶ୍ଳୀଳ ।

କଷ୍ଟତା – ଯେଉଁଠାରେ ପ୍ରବନ୍ଧର ପ୍ରସ୍ତୁତାର୍ଥ ଦୁର୍ବୋଧ ହୁଏ ତାକୁ ଅର୍ଥକଷ୍ଟତା ବୋଲି । ଯଥା, ଆଷାଢ଼ଶୁକ୍ଳ ରାଗେ

ଜଳଦ ରବି, ନ ବରଷେ ଘନ,
ଧାମରେ ସ୍ଥିତ ଏ ସ୍ୱଚ୍ଛ ଜୀବନ,
ଭାନୁର ସୁତା ସେ ସତ୍ୟବଚନ,
ଗଙ୍ଗା ପ୍ରବାହ କରେ ଆପ୍ଳାବନ,
ବିଶ୍ୱାସ ବିସ୍ତାରି,
ନଜାଣେ ମୃଗୀ ମରୀଚିରେ ବାରି* ।

ଅସ୍ଥାନଯୁକ୍ତତା – ଯଥା, କଳଶା ରାଗେ

ଶକ୍ରେ ଆଜ୍ଞା ଶାସ୍ତ୍ରଚକ୍ଷୁ ସଦାଶିବେ ଭକ୍ତି,
ଲଙ୍କାପୁରୀ ସୁରଜ୍ୟେଷ୍ଠ ବଂଶରେ ଉତ୍ପତ୍ତି,
ଦୁର୍ଲ୍ଲଭ ଏ ବରବ୍ୟକ୍ତି ନୋହିଲେ ରାବଣ,
କାହିଁ ପୁଣି ସବୁଠାରେ ଥିବା ସର୍ବଗୁଣ ।

ଅତ୍ର ଶେଷରେ ରାବଣ ଶବ୍ଦ ଥିଲେ ଏତାଦୃଶ ସର୍ବଗୁଣ ରାବଣଙ୍କଠାରେ ପ୍ରାପ୍ତ ହୋଇଥାନ୍ତା, ରାବଣ ଶବ୍ଦକୁ ମଧ୍ୟରେ ରଖି ବାକ୍ୟ ସମାପ୍ତ କରିବାରୁ ଅର୍ଥାନ୍ତରନ୍ୟାସ ଦ୍ୱାରା ସବୁଠାରେ ସବୁଗୁଣ କାହୁଁ ପ୍ରାପ୍ତ ହେବ ? ଏପରି ଅର୍ଥ ପ୍ରକାଶ ହେବାରୁ ରାବଣଠାରେ ମଧ୍ୟ ସବୁଗୁଣ ନ ଥିବାର ଅର୍ଥ ଲାଭ ହେଲା ।

ନିର୍ମୁକ୍ତପୁନରୁକ୍ତତା – ଯଥା, ଆଷାଢ଼ଶୁକ୍ଳ ରାଗେ

ରାଗବତୀ ହୋଇ ଯେ ଅସିଲତା

---

* ରବି ଜଳଦାତା, ମେଘ ଜଳଜ ନୁହେଁ, ରବିଙ୍କ କିରଣରେ ଏ ସ୍ୱଚ୍ଛଜଳ ପ୍ରକାଶ ହୋଇଅଛି, ସେହି ଜଳ ଯମୁନାରୂପରେ ମଧ୍ୟ ପ୍ରକାଶ ହୋଇଅଛି ଏହା ସତ୍ୟ, ସେହି ଜଳ ଗଙ୍ଗା ପ୍ରବାହକୁ ଆପ୍ଳାବିତ କରୁଅଛି; ଅତଏବ ମୃଗୀର ଶାସ୍ତ୍ର ବିଜ୍ଞାନ ନଥିବାରୁ ମୃଗତୃଷ୍ଣାରେ ଲୌକିକ ଜଳବୁଦ୍ଧି କରୁଅଛି, ଅଲୌକିକ ଜଳବୁଦ୍ଧି କରୁନାହିଁ ।

ଏହାର ତାତ୍ପର୍ଯ୍ୟ ଏହି – ନିଶ୍ଚୟ ନଜାଣିଲା ଲୋକର ଭ୍ରାନ୍ତି ଯିବର୍ଣ୍ଣେ ନାହିଁ ।

ଶତ୍ରୁ କଣ୍ଠେ ହୋଇଛି ଅନୁରତା
ପର ଆଗେ ମାତଙ୍ଗରେ ପତିତା
ତା ସଙ୍ଗୁ କିଛି ନଗଣଇ ଭର୍ତ୍ତା
ଜାଣ ଏ ଦୁର୍ବୃତ୍ତି
ଭୃତ୍ୟେ ଲକ୍ଷ୍ମୀ; ସମୁଦ୍ରେ କହେ କୀର୍ତ୍ତି ।

ଅତ୍ର ଜାଣ ଏ ଦୁର୍ବୃତ୍ତି ବୋଲି କହି ଅର୍ଥ ଶେଷ କଲା ପରେ ପୁନଶ୍ଚ ଭୃତ୍ୟେ ଲକ୍ଷ୍ମୀ ବୋଲି କହିବାର ଅର୍ଥ ନିର୍ମୁକ୍ତ ହୋଇ ପୁନର୍ବାର ଉକ୍ତ ହେଲା ।

ନିୟମେ ଅନିୟମ – ଯଥା,

ଆପାତ ସରସେ ଭୋଗେ ନିମଗ୍ନାଃ କିଂ ନ କୁର୍ବତେ ।

ଅତ୍ର ଆପାତ ଏବ ସରସେ, ଏପରି ଏକବାର କହିବାର ନିୟମ ଥିଲା । ସେହି ଏକବାର ନଥିବାରୁ ନିୟମରେ ଅନିୟମ ହେଲା ।

ଅନିୟମେ ନିୟମ – ଯଥା,

ଆବର୍ତ୍ତ ଏବ ନାଭିସ୍ତେ ନେତ୍ରେ ନୀଳ ସରୋରୁହେ ।

ଅତ୍ର ଆବର୍ତ୍ତ ପରେ ଏବକାର ନିୟମ ବାଚ୍ୟ ନୁହେ ।

ଅଥ ରସଦୋଷ

ନିମ୍ନଲିଖିତ ଦୋଷମାନେ ରସରେ ଗୃହୀତ ହେବେ – ଯଥା,

ରସର ସ୍ୱଶବ୍ଦରେ ଉକ୍ତି, ସ୍ଥାୟିଭାବର ସ୍ୱଶବ୍ଦବାଚ୍ୟତା, ସଞ୍ଚାରିର ସ୍ୱଶବ୍ଦ-ବାଚ୍ୟତା, ଅନୁଭାବର କଷ୍ଟରେ କଳ୍ପିତାକ୍ଷେପ, ବିଭାବର କଷ୍ଟରେ କଳ୍ପିତାକ୍ଷେପ, ପରିପନ୍ଥୀ ରସର ଅଙ୍ଗ ଓ ବିଭାବାଦିର ପରିଗ୍ରହ, ଅକାଣ୍ଡେ ପ୍ରଥନ, ଅକାଣ୍ଡେ ଛେଦ, ପୁନଃ ପୁନଃ ଦୀପ୍ତି, ଅଙ୍ଗୀର ଅନନୁସନ୍ଧାନ, ଅନଙ୍ଗର କୀର୍ତ୍ତନ, ଅନଙ୍ଗର ଅତିବିସ୍ତାର, ପ୍ରକୃତିବିପର୍ଯ୍ୟୟ, ଅର୍ଥର ଅନୌଚିତ୍ୟ ।

ରସର ସ୍ୱଶବ୍ଦରେ ଉକ୍ତି – ଯଥା, କଳଶା ରାଗେ
ଚନ୍ଦ୍ର ଦେଖି ଶୃଙ୍ଗାରରେ ଚିତ୍ତ ମଗ୍ନ ହେଲା ।

ଅତ୍ର ଶୃଙ୍ଗାର ରସର ସ୍ୱଶବ୍ଦ ଶୃଙ୍ଗାର ।

ସ୍ଥାୟିଭାବର ସ୍ୱଶବ୍ଦବାଚ୍ୟତା – ଯଥା, ଏହି ରାଗେ
ତୁମ୍ଭ ଦର୍ଶନରେ ତାର ରତି ଜାତ ହେଲା ।

ଅତ୍ର ଶୃଙ୍ଗାର ରସରେ ସ୍ଥାୟିଭାବ ରତି ତାହାର କଥନ ହେଲା ।

ସଞ୍ଚାରିର ସ୍ୱଶବ୍ଦବାଚ୍ୟତା – ଯଥା, କଳଶା ରାଗେ
ପ୍ରିୟ ଚୁମ୍ବନରୁ କାନ୍ତା ଲଜ୍ଜାବତୀ ହେଲା ।

ଅତ୍ର ଲଜ୍ଜା ସଞ୍ଚାରୀ, ତାହାର କଥନ ହେଲା । ଲଜ୍ଜାବତୀ ନ ବୋଲିଥିଲେ ଏ

ଦୋଷ ହୁଅନ୍ତା ନାହିଁ ।

ଅନୁଭାବର କଷ୍ଟରେ କଳ୍ପିତାକ୍ଷେପ – ଯଥା, ବଙ୍ଗଳାଶ୍ରୀ ରାଗେ

ଅମୃତ ଦୀଧିତି ଭୁବନ ତଳକୁ କରୁଛନ୍ତି ଧବଳିତ,
କଟାକ୍ଷ ପ୍ରକାଶେ ସ୍ମିତମୁଖୀ ବାଳା ଦେଖ କିପରି ଶୋଭିତ ।

ଅତ୍ର ଅମୃତ ଦୀଧିତି ଉଦ୍ଦୀପନ, ବାଳା ଆଲମ୍ବନ, ଏଦୁହେଁ ଥିଲେ ଅନୁଭାବ ଯେ କଟାକ୍ଷ ସେ ବଳାତ୍କାରରେ ଆକ୍ଷେପ ହୋଇ ପାରେ ବୋଲି ଯେ କଟାକ୍ଷାଦିକୁ ଆକ୍ଷେପ କରି ଶବ୍ଦରୂପରେ କହିବାର, ସେ ଦୋଷ, ମାତ୍ର ଦେଖ କିପରି ବୀଚି ତରଙ୍ଗ ନ୍ୟାୟରେ ନେତ୍ରରେ ବିଳାସମାନ ହେଉଅଛି, ବୋଇଲେ କଟାକ୍ଷର ଆକ୍ଷେପ ହୁଅନ୍ତା ନାହିଁ, ସାକ୍ଷାତ୍ ଅନୁଭବ ହୁଅନ୍ତା ।

ବିଭାବର କଷ୍ଟରେ କଳ୍ପିତାକ୍ଷେପ – ଯଥା, ଉକ୍ତରାଗେ

ବିଷୟେ ଅରୁଚି ଚିତ୍ତ ଅସ୍ଥିରତା ଗତି ସ୍ଖଳନ ପ୍ରଭୃତି,
ଏତୋର ବିଷମଦଶା ତାହାଙ୍କର ଅତ୍ୟନ୍ତେ ହରୁଛି ଧୃତି ।

ଅତ୍ର କାମିନୀରୂପ ବିଭାବର ଏ ବିଷମଦଶା ବୋଲି କଷ୍ଟରେ ଆକ୍ଷେପ କରି ଅର୍ଥ କରାଯିବ, କାରଣ ଏହି ଦଶା ଅନ୍ୟ ବ୍ୟକ୍ତିର ମଧ୍ୟ କରୁଣ ରସରେ ହୋଇପାରେ । ଅତଏବ ଏସ୍ଥଳରେ ତାହା ନ ହୋଇ ଶୃଙ୍ଗାର ରସରେ କେବଳ କାମିନୀର ଆକ୍ଷେପ କଳ୍ପିତ ହେବ ।

ପରିପନ୍ଥୀ ରସର ଅଙ୍ଗ ଓ ବିଭାବାଦିର ପରିଗ୍ରହ – ଯଥା, କଳଶା ରାଗେ

ଯୌବନ ଅସ୍ଥିର ଜାଣି ମାନ ତେଜ ବାଳା ।

ଅତ୍ର ଶୃଙ୍ଗାର ରସର ବିରୋଧୀ, ଶାନ୍ତ ରସର ଅଙ୍ଗ ଯେ ଯୌବନଅସ୍ଥିରତା ସେ ଉକ୍ତ ହେଲା ଏବଂ ଏହି ଯୌବନ-ଅସ୍ଥିରତା ଶାନ୍ତ ରସର ବିଭାବ ।

ଏହାର ତାତ୍ପର୍ଯ୍ୟ ଏହି, ଯେଉଁ ରସର ଯେ ବିରୋଧୀ ତାହାର ବିଭାବ ଓ ଅଙ୍ଗ ପରିଗୃହୀତ ହେବ ନାହିଁ ।

ଅକାଣ୍ଡେ ପ୍ରଥନ – ଯଥା, ବେଣୀସଂହାର ଦ୍ୱିତୀୟାଙ୍କେ

ଅନେକ ବୀରମାନଙ୍କର କ୍ଷୟ କାଳରେ ଦୁର୍ଯ୍ୟୋଧନଙ୍କର ଭାନୁମତୀଙ୍କ ସହିତରେ ଯେଉଁ ଶୃଙ୍ଗାର ପ୍ରଥନ (କଥନ) ।

ଅତ୍ର ଶୃଙ୍ଗାର ରସ ପ୍ରକାଶର କାଳ ନୁହେ ।

ଅକାଣ୍ଡରେ ଛେଦ – ଯଥା, ବୀର ଚରିତେ

ଯେଉଁ ସମୟରେ ସିଂହଦ୍ୱାରରେ ସଂଗ୍ରାମ ଉପସ୍ଥିତ ହେଲା ସେହି ସମୟରେ କଙ୍କଣ ମୋଚନ ନିମିତ୍ତ ଯାଉଅଛି ବୋଲି ରାଘବଙ୍କର ଯେଉଁ ଉକ୍ତି ।

ଅତ୍ର ଏହି ଉକ୍ତି ଅନବସରରେ ହେବାରୁ ବୀର ରସର ଛେଦ ହେଲା ।

ପୁନଃ ପୁନଃ ଦୀପ୍ତି – ଯଥା, କୁମାର ସମ୍ଭବ ରତି ବିଳାପେ ।

ଅଙ୍ଗୀର ଅନନୁସନ୍ଧାନ – ଯେଉଁ ରସରେ ଯେ ଅଙ୍ଗୀ ତାହାର ଅନୁସନ୍ଧାନ ନ କରି ଯେ ଉକ୍ତି ବା ବର୍ଣ୍ଣନ ତାକୁ ଅଙ୍ଗୀର ଅନନୁସନ୍ଧାନ ବୋଲି । ଯଥା ରତ୍ନାବଳୀର ଚତୁର୍ଥ ଅଙ୍କରେ ।

ବାଭ୍ରବୀଙ୍କର ଆଗମନରେ ସାଗରିକାଙ୍କୁ ବିସ୍ମରଣ କରିବାର ।

ଅନଙ୍ଗର କୀର୍ତ୍ତନ – ଯେଉଁ ରସରେ ଯେ ଅଙ୍ଗ ତାହାର ପ୍ରଶଂସା କଥନକୁ ଅନଙ୍ଗର କୀର୍ତ୍ତନ ବୋଲି, ଯଥା କର୍ପୂର ମଞ୍ଜରୀରେ

ରାଜା ନାୟିକାକୃତ ବସନ୍ତବର୍ଣ୍ଣନକୁ ଆଦର ନକରି ବନ୍ଦୀ (ଭାଟ) ବର୍ଣ୍ଣନକୁ ପ୍ରଶଂସା କଲେ ।

ଅଙ୍ଗର ଅତିବିସ୍ତାର – ଯଥା, କିରାତାର୍ଜୁନୀୟେ
ସୁରାଙ୍ଗନା ବିଳାସାଦି ବର୍ଣ୍ଣନ ।

ପ୍ରକୃତି ବିପର୍ଯ୍ୟୟ – ପ୍ରକୃତିମାନେ, ଦିବ୍ୟ, ଅଦିବ୍ୟ, ଦିବ୍ୟାଦିବ୍ୟ ଭେଦରେ ହୁଅନ୍ତି, ସେମାନଙ୍କର ଧୀରୋଦାତ୍ତାଦି ଓ ଉତ୍ତମାଧମ ମଧ୍ୟମତ୍ୱ ହୁଏ । ସେମାନଙ୍କ ମଧ୍ୟରେ ଯେ ଯଥାଭୂତ ତାକୁ ସେପରି ବର୍ଣ୍ଣନ ନକରି ଅନ୍ୟଥା ବର୍ଣ୍ଣନ କଲେ ତାକୁ ପ୍ରକୃତିବିପର୍ଯ୍ୟୟ ବୋଲି; ଯଥା,

ବାଳି ବଧରେ ଧୀରୋଦାତ୍ତ ରାମଚନ୍ଦ୍ରଙ୍କର ଧୀରୋଦ୍ଧତ ବ୍ୟବହାର ବର୍ଣ୍ଣନ, ଏବଂଚ କୁମାରସମ୍ଭବରେ ଉତ୍ତମ ଦେବତା ପାର୍ବତୀ ପରମେଶ୍ୱର ଦୁହିଁଙ୍କର ସମ୍ଭୋଗ ଶୃଙ୍ଗାର ବର୍ଣ୍ଣନ ଇତ୍ୟାଦି ।

ଅର୍ଥର ଅନୌଚିତ୍ୟ – ଦେଶକାଳାଦିମାନଙ୍କର ଅନ୍ୟଥା ବର୍ଣ୍ଣନକୁ ଅର୍ଥାନୌଚିତ୍ୟ ବୋଲି ।

ଦେଶରୁ – ଯଥା,
କର୍ଣ୍ଣାଟଦେଶ ମହିମା କେ କରେ ବର୍ଣ୍ଣନ,
ଯହିଁ କୁଙ୍କୁମ କସ୍ତୂରୀ ହୁଅଇ ଉତ୍ପନ୍ନ ।
କାଳରୁ – ଯଥା,
ପ୍ରବେଶ ହୋଇଲା ବରଷା କାଳ,
କୋକିଳ ଧ୍ୱନିରେ ବନ ମଞ୍ଜୁଳ ।

କୁଙ୍କୁମ, କସ୍ତୂରୀ କାଶ୍ମୀରଦେଶ ଓ ନେପାଳଦେଶ ଭିନ୍ନ ଅନ୍ୟଠାରେ ଉତ୍ପନ୍ନ ହେବାର ବର୍ଣ୍ଣନ ନାହିଁ । ଅତଏବ ଅତ୍ର ଦେଶର ଅନ୍ୟଥା ବର୍ଣ୍ଣନ ହେଲା । ଏବଂଚ ବର୍ଷା କାଳରେ କୋକିଳ ଧ୍ୱନି ବର୍ଣ୍ଣିତ ହେବାରୁ କାଳର ଅନ୍ୟଥା ବର୍ଣ୍ଣନ ହେଲା ।

ଏହି ପୂର୍ବୋକ୍ତ ଦୋଷମାନଙ୍କରୁ ଭିନ୍ନରୂପରେ ଅଳଂକାର ଦୋଷର ସମ୍ଭବ ନାହିଁ ଅର୍ଥାତ୍ ଏହି ଦୋଷଦ୍ୱାରା ଅଳଂକାରମାନଙ୍କର ଦୋଷକୁ ଜାଣିବ । ଯଥା, ଉପମାରେ ଅସାଦୃଶ୍ୟ ଓ ଅସମ୍ଭବ ଏ ଦୁହିଁଙ୍କର ଉପମାନର ଜାତି ଓ ପ୍ରମାଣଦ୍ୱାରା ଯେ ନ୍ୟୂନତ୍ୱ ଓ ଅଧିକତ୍ୱ ଏ ଦୁହିଙ୍କର ଅର୍ଥାନ୍ତର ନ୍ୟାସରେ ଯେଉଁ ଉତ୍ପ୍ରେକ୍ଷିତାର୍ଥ ସମର୍ଥନ ଏମାନଙ୍କର ଅନୁଚିତାର୍ଥତା ଦୋଷ କେବଳ ହେବ । କ୍ରମରେ ଯଥା,

ଉପମାରେ ଅସାଦୃଶ୍ୟ – ଯଥା,

କାବ୍ୟ ଶଶୀକୁ ଗ୍ରଥନ କରୁଅଛି ।

ଅତ୍ର କାବ୍ୟ ସହିତରେ ଶଶୀର ଅସାଦୃଶ ।

ଉପମାରେ ଅସମ୍ଭବ – ଯଥା,

ତୁମ୍ଭର ଶରମାନେ ଜଳିଲା ଜଳଧାରାପରି ପଡୁଅଛନ୍ତି ।

ଅତ୍ର ଜଳରେ ଜ୍ୱଳନର ଅସମ୍ଭବ ।

ଜାତିନ୍ୟୂନତା – ଯଥା,

ଚଣ୍ଡାଳପରି ରାଜା ସଂଗ୍ରାମରେ ସାହସୀ ହୋଇଅଛନ୍ତି ।

ଅତ୍ର ରାଜାଙ୍କ ସହିତରେ ଚଣ୍ଡାଳ ଜାତିର ଅସାଦୃଶ୍ୟ ହେତୁରୁ ନ୍ୟୂନତା ହେଲା ।

ପ୍ରମାଣନ୍ୟୂନତା – ଯଥା,

କର୍ପୂରଖଣ୍ଡ ପରି ଚନ୍ଦ୍ରବିମ୍ବ ଶୋଭା ପାଉଅଛି ।

ଅତ୍ର ଚନ୍ଦ୍ରବିମ୍ବ ସହିତରେ କର୍ପୂରଖଣ୍ଡର ପ୍ରମାଣ ନ୍ୟୂନତା ।

ଜାତି ପ୍ରମାଣନ୍ୟୂନତା – ଯଥା,

ନୀଳକଣ୍ଠ (ମୟୂର) ହରଙ୍କ ପରି ଶୋଭା ପାଉଅଛି ।

ଅତ୍ର ହରଙ୍କ ଅପେକ୍ଷା ମୟୂର ଜାତି ଓ ପ୍ରମାଣ ଉଭୟଥା ନ୍ୟୂନ ।

ପଦତ୍ରୟ ଯମକରେ ଅପ୍ରଯୁକ୍ତତ୍ୱ ଦୋଷ – ଯଥା,

କଳହଂସ କେଦାର ରାଗେ

ଏଥୁଅନ୍ତେ ପ୍ରବେଶ ହେଲା ସୁରଭି,
କୋକିଳ କଳରବ ଯହିଁ ସୁରଭି,
ଭ୍ରମରେ ମକରନ୍ଦ ହୋଇଲେ ଲୋଭୀ,
ପୁଷ୍ପ ବିକାଶେ ବନ ଅତି ସୁରଭି ଯେ ।

ଅତ୍ର ତୃତୀୟ ପାଦ ଯମକ ନହେବାରୁ ଅପ୍ରଯୁକ୍ତତା ଦୋଷରେ ଗଣ୍ୟ ହେଲା ।

ଶବ୍ଦର ଉତ୍ପ୍ରେକ୍ଷା ଦ୍ୟୋତକତ୍ୱ ବିଷୟରେ ଅବାଚକତ୍ୱ – ଯଥା, ଚକ୍ରକେଳି ରାଗେ

ଦେଖ ଏ ପାଳକ ଧରାଧିପତି,
ଧର୍ମ ଯଥା ହୋଇଅଛି ମୂରତି ।

ଅତ୍ର ଉତ୍କର୍ଷ ନିମିତ୍ତ ଗମ୍ୟୋତ୍ପ୍ରେକ୍ଷା କରିବାର ଉଦ୍ଦେଶ୍ୟ ଥିଲା, କିନ୍ତୁ ଯଥା ଶବ୍ଦ ଗମ୍ୟୋତ୍ପ୍ରେକ୍ଷାର ଦ୍ୟୋତକ ନହେବାରୁ ଅବାଚକ ହେଲା, କିନ୍ତୁ ବାଚ୍ୟୋତ୍ପ୍ରେକ୍ଷାର ବାଚକ ହେଲା ।

ଅନୁପ୍ରାସରେ ବୃତ୍ତିବିରୁଦ୍ଧ ପ୍ରତିକୂଳବର୍ଣ୍ଣତ୍ୱ – ଯଥା, ବଙ୍ଗଳାଶ୍ରୀ ରାଗେ

ପରଶୁରାମ ପରବେଶ ହୋଇଲେ ପରମ ରୋଷରେ ପୂରି,
ସୁକୁମାର ରାଜକୁମାରଙ୍କ ଶିର-ହରଣ ବ୍ରତ ଆଚରି ।

ଅତ୍ର ବୀର ରସ ପ୍ରସ୍ତାବରେ କୋମଳ ବର୍ଣ୍ଣ ବିନ୍ୟାସ ହେବାରୁ ଆରଭଟୀ* ବୃତ୍ତ୍ୟନୁପ୍ରାସର ପ୍ରତିକୂଳବର୍ଣ୍ଣ ହେଲା ।

ଉପମାଳଂକାରର ସାଧାରଣ ଧର୍ମର କୌଣସି ସ୍ଥଳରେ ଅଧିକତା ଓ ନ୍ୟୂନତା ଦୋଷ ।

ଅଧିକତା – ଯଥା, ବଙ୍ଗଳାଶ୍ରୀ ରାଗେ

ନୟନ ତେଜରେ ବିରାଜିତ ଶମ୍ଭୁ ଶିତବିଭୂତି ସୁନ୍ଦର,
ଚପଳାଯୁକ୍ତ ଶାରଦ ଘନପରି ନୀଳ ମେଘ ଖଣ୍ଡଧର ।

ଅତ୍ର ଉପମେୟ ଶମ୍ଭୁଙ୍କଠାରେ ନୀଳକଣ୍ଠତ୍ୱ ବିଶେଷଣ ନଥିବାରୁ ''ନୀଳମେଘ ଖଣ୍ଡଧର'' ଏହିପଦ ଅଧିକ ହେଲା ।

ନ୍ୟୂନତା – ଯଥା, ବଙ୍ଗଳାଶ୍ରୀ ରାଗେ

କମଳାଳିଙ୍ଗିତ ମୁକ୍ତାହାର ଯୁକ୍ତ ଶ୍ୟାମସୁନ୍ଦର ଅଚ୍ୟୁତ,
ବିଦ୍ୟୁତ ଭୂଷିତ ନୀଳ ମେଘ ପରି ଦିଶୁଛନ୍ତି ସୁଶୋଭିତ ।

ଅତ୍ର ଉପମେୟସ୍ଥିତ ମୁକ୍ତାହାର ବିଶେଷଣ ଅନୁରୂପରେ ଉପମାନ ଭୂତ ମେଘରେ ବଳାକାବଳି ବିଶେଷଣ ନ ଥିବାରୁ ନ୍ୟୂନତା ହେଲା ।

ଏହି ଉପମା ଉପମେୟ ଦୁହିଙ୍କର ଲିଙ୍ଗ, ବଚନ, କାଳ, ପୁରୁଷ, ବିଧାଦି ଏମାନଙ୍କର ଭେଦ ହେବାରୁ ଯେଉଁ ଦୋଷ, ସେ ଭଗ୍ନପ୍ରକ୍ରମତା ଦୋଷର ଅନ୍ତର୍ଭୁକ୍ତ ।

ଲିଙ୍ଗଭେଦ – ଯଥା,

ସୁଧେବ ଧବଳ ଶ୍ଚନ୍ଦ୍ରଃ ।

ଅତ୍ର ସୁଧା ଶବ୍ଦ ସ୍ତ୍ରୀଲିଙ୍ଗ ଓ ଚନ୍ଦ୍ର ଶବ୍ଦ ପୁଂଲିଙ୍ଗ ହେବାରୁ ଲିଙ୍ଗ ଭେଦ ହେଲା ।

ବଚନ ଭେଦ – ଯଥା,

ଜ୍ୟୋସ୍ନାଇବ ଶିତା କୀର୍ତ୍ତିଃ ।

ଅତ୍ର ଜ୍ୟୋସ୍ନାଃ ବହୁବଚନ ଓ କୀର୍ତ୍ତିଃ ଏକବଚନ ହେବାରୁ ଭେଦ ହେଲା ।

କାଳଭେଦ – ଯଥା,

ସୁଦକ୍ଷିଣା ଦିଳୀପ ଉତ୍ତମ ବେଶକୁ ଧାରଣ କରି ଗମନ କଲା କାଳରେ ହିମ-

* ବିକଟାକ୍ଷର ବନ୍ଧ ।

କାଳାନନ୍ତର ଚିତ୍ରା ଚନ୍ଦ୍ରମା ଦୁହିଙ୍କପରି ଶୋଭିତ ହେଲେ ।

ଅତ୍ର ଚିତ୍ରା ନକ୍ଷତ୍ରରେ ଚନ୍ଦ୍ର ସର୍ବଦା ଶୋଭିତହୁଅନ୍ତି, ସୁଦକ୍ଷିଣା ଦିଲୀପ ଦୁହିଁଙ୍କର ଗମନକାଳୀନ ଶୋଭା କାଦାଚିତ୍କ, ଅତଏବ ଏକକାଳୀନ ଉପମାନ ହେବାରୁ କାଳଭେଦ ହେଲା ।

ପୁରୁଷଭେଦ — ଯଥା,

ଲତେବ ରାଜସେ ତନ୍ୱି !

ଅତ୍ର ଲତା ଯଥା ରାଜତେ ତଥା ତ୍ୱଂତୁ ରାଜସେ ଏପରି ହେବାରୁ ପୁରୁଷ ଭେଦ ହେଲା ।

ବିଧିଭେଦ — ଯଥା,

ଚିରଂ ଜୀବତୁ ତେ ସୂନୁ, ମାର୍କଣ୍ଡେୟ ମୁନିର୍ଯଥା ।

ଅତ୍ର ମାର୍କଣ୍ଡେୟ ମୁନି ଚିରଂଜୀବୀ, ବର୍ତ୍ତମାନ ତାଙ୍କ ସହିତରେ ଉପମାଦ୍ୱାରା ଜୀବତୁ କ୍ରିୟାର ଅନ୍ୱୟ ଅଘଟନା ହେଲା; ଅତଏବ ବିଧିର ଭଙ୍ଗ ହେଲା ।

ଏହି ଉପମାରେ ଲିଙ୍ଗ, ବଚନ ଭେଦ ହେଲେ ମଧ୍ୟ ଯେଉଁଠାରେ ସାଧାରଣ ଧର୍ମର ଅନ୍ୟଥାକରଣ ନ ହୁଏ, ସେଠାରେ ଦୋଷ ହୁଏ ନାହିଁ; ଯଥା —

ମୁଖଂ ଚନ୍ଦ୍ର ଇବାଭାତି ।

ଅତ୍ର ଆଭାତି ରୂପ ସମାନ ଧର୍ମ ମୁଖରେ ଓ ଚନ୍ଦ୍ରରେ ରହିଥିବାରୁ ମୁଖଶବ୍ଦ ନପୁଂସକ ଲିଙ୍ଗ ଓ ଚନ୍ଦ୍ର ଶବ୍ଦ ପୁଂଲିଙ୍ଗ ହେଲେ ମଧ୍ୟ ଦୋଷ ହେବ ନାହିଁ ।

ଅନୁପ୍ରାସର ବୈଫଲ୍ୟ ହେଲେ ସେ ଅପୁଷ୍ଟାର୍ଥତା ଦୋଷର ଅନ୍ତର୍ଭୁକ୍ତ — ଯଥା, ବଙ୍ଗଳାଶ୍ରୀ ରାଗେ ।

ପରଶୁରାମ ପରବେଶ ହୋଇଲେ ପରମ ରସରେ ପୂରି,
ସୁକୁମାର ରାଜକୁମାରଙ୍କ ଶିର-ହରଣ ବ୍ରତ ଆଚରି ।

ଅତ୍ର ଏହି ଅନୁପ୍ରାସରେ ବୀରରସ ବିରୋଧୀ ବର୍ଣ୍ଣନ ପ୍ରୟୋଗ ହେବାରୁ ଆରଭଟୀ ବୃତ୍ୟନୁପ୍ରାସର ବୈଫଲ୍ୟ ହେଲା ।

ସମାସୋକ୍ତି ଅଳଂକାରରେ ସାଧାରଣ ବିଶେଷଣ ବଶରୁ ପଦାର୍ଥର ପ୍ରତୀତି ହେଲେ ମଧ୍ୟ ପୁନର୍ବାର ଶବ୍ଦଦ୍ୱାରା ଯେ ପଦାର୍ଥର କଥନ, ସେ ପୁନରୁକ୍ତି ଦୋଷର ଅନ୍ତର୍ଭୁକ୍ତ — ଯଥା, ଆଷାଢ଼ଶୁକ୍ଳ ରାଗେ

ଅନୁରାଗ ଯୁକ୍ତ ସୁନ୍ଦର ତନୁ,
ନୟନାନନ୍ଦ କରୁଛନ୍ତି ଭାନୁ,
କେବଳ ହେବାରୁ ବସୁ* ବିହୀନ,
ପ୍ରତିଚୀ ଗଣିକା ନରଖି ମାନ,

* କିରଣ, ଦ୍ରବ୍ୟ ।

ଅତି ରୋଷଭରୁଁ
ତଡ଼ି ଦେଉଛି ଆକାଶ ଗୃହରୁ ।

ଅତ୍ର ଗଣିକା ଶବ୍ଦ ଦେବାରୁ ବାଚ୍ୟ ହେଲା; କାରଣ ଗଣିକା ଶବ୍ଦ ଦେଇ ନଥିଲେ ମଧ ସମାସୋକ୍ତିଦ୍ୱାରା ଗଣିକା ଶବ୍ଦର ପ୍ରତୀତି ହେଉଥିଲା ।

ଅପ୍ରସ୍ତୁତ ପ୍ରଶଂସା ବ୍ୟଞ୍ଜନାଦ୍ୱାରା ଅର୍ଥାବଗତି ହେଲେ ମଧ ଶବ୍ଦଦ୍ୱାରା ଯେ ପୁନର୍ବାର ଅର୍ଥକଥନ ସେ ପୁନରୁକ୍ତି ଦୋଷର ଅନ୍ତର୍ଭୁକ୍ତ – ଯଥା, ଆଷାଢ଼ଶୁକ୍ଳ ରାଗେ

ବିହଙ୍ଗମେ ମଶକର ଖେଳନ,
ରତ୍ନ ସଙ୍ଗେ କାଚର ସଂକଳନ,
ତେଜସ୍ୱୀ ମଧ୍ୟେ ଖଦ୍ୟୋତ ମେଳନ,
ଭଦ୍ର ଅଭଦ୍ରର ସମ ତୁଳନ,
ଧିକ ଏ ତୁଲ୍ୟତା,
ଅବିବେକୀ ଠାରେ ଯଥା ପ୍ରଭୁତା ।

ଅତ୍ର ଅପ୍ରସ୍ତୁତ ପ୍ରଶଂସା ବ୍ୟଞ୍ଜନଦ୍ୱାରା ''ପ୍ରଭୁ ଅବିବେକୀ'' ଏହି ଅର୍ଥ ପ୍ରାପ୍ତ ହେଉଥିଲା । ପୁନଶ୍ଚ ଅବିବେକୀଠାରେ ଯଥା ପ୍ରଭୁତା ବୋଲିବାର ପୁନରୁକ୍ତି ଦୋଷ ହେଲା ।

ଅନୁପ୍ରାସରେ ଯେ ପ୍ରସିଦ୍ଧ ଭାବ ଦୋଷ ଅଛି ସେ ଖ୍ୟାତିବିରୁଦ୍ଧ ଦୋଷର ଅନ୍ତର୍ଭୁକ୍ତ – ଯଥା, ଆଷାଢ଼ଶୁକ୍ଳ ରାଗେ,

ଚକ୍ରୀ ଦେଲେ ରାଜ ଚକ୍ରରେ ସ୍ଥାନ,
ଗୋତ୍ରଭେଦୀ ଦେଲେ ଗୋତ୍ରେ ସମ୍ମାନ,
ବୃଷଭକେତୁ ବଢ଼ାଇଲେ ବୃଷ,
ରାଜା ରାଜ୍ୟେ ସୁଖୀ ହେଲେ ବିଶେଷ,
ହୋଇଲେ ସୁଧର୍ମା,
ସଭା ଶୋଭାରେ ଜିଣିଲା ସୁଧର୍ମା ।

ଅତ୍ର ଏହି ଅନୁପ୍ରାସରେ କୌଣସି ପ୍ରସିଦ୍ଧି ନଥିବାରୁ ଖ୍ୟାତିବିରୁଦ୍ଧ ଦୋଷ ହେଲା । ଅର୍ଥାତ୍ ହରି ଚକ୍ରୀ ହେବାରୁ ରାଜ ଚକ୍ରକୁ ଦେବେ ଓ ଇନ୍ଦ୍ର ଗୋତ୍ରଭିତ୍ ହେବାରୁ ଗୋତ୍ରେ ସମ୍ମାନକୁ ଦେବେ ଓ ବୃଷଭକେତୁ ବୃଷ (ସୁକୃତ)କୁ ଦେବେ, ଏପରି ପ୍ରସିଦ୍ଧ୍ୟଭାବ ବର୍ଣ୍ଣନକୁ ଖ୍ୟାତିବିରୁଦ୍ଧତା ଦୋଷ ବୋଲିବାକୁ ହେବ ।

ଏହି ଉପରୋକ୍ତ ଦୋଷମାନେ କୌଣସିଠାରେ ଅଦୋଷ ହେବେ ଓ କୌଣସି ଠାରେ ଗୁଣ ମଧ ହେବେ । ଯଥା,

ବକ୍ତା କ୍ରୋଧଯୁକ୍ତ ହୋଇଥିବ ଓ ବାଚ୍ୟାର୍ଥ ଉଦ୍ଧତ ହୋଇ ରୌଦ୍ରାଦି ଦୋଷମାନେ ହୋଇଥିଲେ ଦୁଃଶ୍ରବତ୍ୱ ଗୁଣ ହେବ । ଅର୍ଥାତ୍ ଏମାନଙ୍କ ଆସ୍ୱାଦ ରୂପ ଯେ ମୋକ୍ଷଗୁଣ

ପ୍ରକର୍ଷ ତାହାର ଉତ୍କର୍ଷ କରିବାରୁ ଗୁଣ ବୋଲି ବ୍ୟପଦେଶ (କଥନ) ହେବ ।

ବକ୍ତା କ୍ରୋଧଯୁକ୍ତ – ଯଥା, ଚୋଖିରାଗେ

ବିଚ୍ଛେଦେ କୃଶ ଶରୀର, କଣ୍ଠେ ମୋ ପ୍ରାଣ ଅଥିର,
ତଥାପି ଏ ପଞ୍ଚଶର ଅତ୍ୟନ୍ତ କ୍ରୁର,
ପେଷି ଅତି ତୀକ୍ଷ୍ଣ ଶର, ହୃଦୟ ଭେଦେ ନିର୍ଭର,
ଶମ୍ଭୁ ନେତ୍ରାନଳେ ହେଉ ଭସ୍ମ ବିକାର,
ଯେତେ ଅବା କୀର୍ତ୍ତି ପ୍ରସାର,
ଦୁଷ୍କର୍ମ ଯୋଗରୁ ଭ୍ରଷ୍ଟ ହୁଅନ୍ତୁ ତାର ।

ଅତ୍ର ଶୃଙ୍ଗାରରସରେ ବକ୍ତା କୁପିତ ହେବାରୁ ଦୁଃଶ୍ରବତ୍ୱ ଗୁଣ ହେଲା ।

ବାଚ୍ୟାର୍ଥ ଉଦ୍ଧତ – ଯଥା, ଆଷାଢ଼ ଶୁକ୍ଳ ରାଗେ

ପଦ୍ଧତି ନିରୁଦ୍ଧ କଲା ବିରାଧ,
ସାଧ୍ୱସେ ବିଧ୍ୱଂସି ମାନବ ବୋଧ,
ଊର୍ଦ୍ଧ୍ୱେ ରୁଧିର ଧାରାଲିପ୍ତ ବ୍ୟାଧ,
ବିନ୍ଧ୍ୟ ମହୀଧ୍ର ଧାତୁଶୃଙ୍ଗେ ସଧ,
ଧରିଛି ତ୍ରୀଶୂଳେ,
ବରାହ ମୃଗ ଗୁଛି ବାହୁବଳେ ।

ଅତ୍ର ଅସୁର ବର୍ଣ୍ଣନ ରୂପ ବାଚ୍ୟାର୍ଥ ଉଦ୍ଧତ ହେବାରୁ ଦୁଃଶ୍ରବତ୍ୱ ଗୁଣ ହେଲା ।

ଏହିପରି ଦୁଃଶ୍ରବତ୍ୱ ଦୋଷ ରୌଦ୍ର, ବିଭତ୍ସାଦି ରସରେ ଅତ୍ୟନ୍ତ ଗୁଣ ହେବ ।

ସୁରତାରମ୍ଭ ଗୋଷ୍ଠ୍ୟାଦିରେ ଅଶ୍ଳୀଳତ୍ୱ ଗୁଣ ହୁଏ – ଯଥା,

ପ୍ରେମସୁଧାନିଧି ଚତୁର୍ଥ ଛାନ୍ଦ

ଅତନୁ ଆଜ ଅନୁକୂଳ ଥୋଇଲା ତରୁଣକୁଳ ଆକୁଳକୁ,
ରଙ୍ଗକେତନ, ନିକେତନ କଲା ବନ୍ଧନ ।

ନିହତାର୍ଥତା ଓ ଅପ୍ରଯୁକ୍ତତା ଏ ଦୁହେଁ ଶ୍ଳେଷାଦିରେ ଅଦୋଷ – ଯଥା,

ପର୍ବତ ଭେଦି ପବିତ୍ରଂ ଜୈତ୍ରଂ ନରକସ୍ୟ ବହୁ ମତଙ୍ଗ ହନଂ,
ହରିମିବ ହରିମିବ ସୁରସରିଦମ୍ଭଃ ପତନ୍ନମତ ।*

ଅତ୍ର ଇନ୍ଦ୍ରପକ୍ଷେ ପବିତ୍ର ଶବ୍ଦ ନିହତାର୍ଥ ଓ ମତଙ୍ଗ ଶବ୍ଦ ମାତଙ୍ଗାର୍ଥେ ଅପ୍ରଯୁକ୍ତ ।

ବକ୍ତା ଏବଂ ବାଚ୍ୟ ଏ ଦୁହେଁ ଯେଉଁଠାରେ ସ୍ପଷ୍ଟ ରୂପରେ ଜ୍ଞାତ ହେଉଥିବେ ସେ

---

* ପର୍ବତ ଭେଦନଶୀଳ ବଜ୍ରହସ୍ତ ପରି (ଇନ୍ଦ୍ର)ଙ୍କପରି ଓ ନରକଜେତା ହରି (ବିଷ୍ଣୁ)ଙ୍କ ପରି ଏବଂଚ ବହୁ ମାତଙ୍ଗହନନକାରୀ ହରି (ସିଂହ) ପରି ଅଟନ୍ତି ଯେ ପର୍ବତ ଭେଦନକାରୀ ଓ ପବିତ୍ର ନରକ ନିବର୍ତ୍ତକ ଏବଂଚ ବହୁସମ୍ମତ ଓ ପୂର୍ଣ୍ଣ, ସୁରସରି ଦମ୍ଭ (ଗଙ୍ଗାଜଳ) ତାଙ୍କୁ ନମସ୍କାର ।

ସ୍ଥଳରେ ଅପ୍ରତିତତ୍ୱ ଗୁଣ – ଯଥା,

ତ୍ୱାମାମନନ୍ତି ପ୍ରକୃତିଂ ପୁରୁଷାର୍ଥ ପ୍ରବର୍ତ୍ତିନୀଂ,
ତଦ୍‌ଦର୍ଶନ ମୁଦାସୀନଂ ତ୍ୱାମେବ ପୁରୁଷଂ ବିଦୁଃ ।

ଅତ୍ର ବକ୍ତା ଶାନ୍ତିରସପ୍ରଧାନ ଏକ ବ୍ୟକ୍ତି, ବାଚ୍ୟ ଈଶ୍ୱରପଦାର୍ଥ, ଏଦୁହେଁ ଜ୍ଞାତ ହେବାରୁ ପ୍ରକୃତି ପୁରୁଷାଦି ପଦାର୍ଥ ଅପ୍ରତୀତ ହେଲେ ମଧ ଗୁଣ ହେଲା, ଯେଉଁ ହେତୁରୁ ବେଦାନ୍ତ ଭିନ୍ନ ପ୍ରକୃତି ପୁରୁଷାଦି ପଦାର୍ଥମାନେ ପ୍ରତୀତି ହୋଇନପାରନ୍ତି ।

ଯେଉଁଠାରେ ଆପଣାଦ୍ୱାରା ପରାମର୍ଶ ହୁଏ ସେଠାରେ ମଧ ଅପ୍ରତୀତତ୍ୱ ଗୁଣ ହୁଏ – ଯଥା, କଳଶା ରାଗେ

କଳା* ପୂର୍ଣ୍ଣ ହେବାରୁ ଯେ ତମ** ବୃଦ୍ଧିକାରୀ,
କଳା କ୍ଷୀଣ ହେଲେ ତାକୁ ଦିଅନ୍ତି ନିବାରି ।
ନିରାଲମ୍ବ ପଦରେ ଯେ ଅଛନ୍ତି ବିତତ,
ସେହି ଆତ୍ମଚନ୍ଦ୍ରଙ୍କୁ ମୁଁ ଭାବୁଛି ସନ୍ତତ ।

ଅତ୍ର ଏକ ଶାନ୍ତ ବ୍ୟକ୍ତି ସ୍ୱୟଂ ବିଚାର କରିବାରୁ ଅପ୍ରତୀତତ୍ୱ ଗୁଣ ହେଲା । କାରଣ ଏ ବ୍ୟକ୍ତି ପରକୁ ପ୍ରତୀତ ନ କରାଇ ସ୍ୱୟଂ ବ୍ୟତିରେକ ଅଳଂକାର*** ଦ୍ୱାରା ଅର୍ଥ ଜାଣୁଅଛି ।

ନିମ୍ନଲିଖିତ ସ୍ଥଳମାନଙ୍କରେ କଥିତପଦତା (ପୁନରୁକ୍ତତା) ଗୁଣ ହୁଏ । ଯଥା,

ବିହିତାନୁବାଦ୍ୟତାରେ, ବିଷାଦରେ, ବିସ୍ମୟରେ, କ୍ରୋଧରେ, ଦୈନ୍ୟରେ, ଲାଟାନୁପ୍ରାସରେ, ଅନୁକମ୍ପାରେ, ପ୍ରସାଦନେ, ଅର୍ଥାନ୍ତର ସଂକ୍ରମିତ ବାଚ୍ୟରେ, ହର୍ଷରେ, ଅବଧାରଣରେ ।

ବିହିତାନୁବାଦ୍ୟତାରେ – ଯଥା, ବଙ୍ଗଳାଶ୍ରୀ ରାଗେ

ତାମ୍ର ହୋଇ ଉଦେହେଲେ ଦିବାକର, ତାମ୍ରହୋଇ ଅସ୍ତହେଲେ ।

ଅତ୍ର ତାମ୍ର ହୋଇ ବୋଲି ଯେପରି ଅନୁବାଦ କରା ହୋଇଥିଲା ସେହିପରି ତାମ୍ର ହୋଇ ବୋଲି ବିଧି କରିବାରୁ ଦୋଷ ହେଲାନାହିଁ ।

ବିଷାଦରେ – ଯଥା,

ହରି ହରି ଶିବ ଶିବ ଇତ୍ୟାଦି

ବିସ୍ମୟରେ – ଯଥା,

ହେ ସଖେ ! ଆକାଶରେ ଚନ୍ଦ୍ରମା ଉଦିତ ହୋଇ ଅଛନ୍ତି । ଦେଖ ଦେଖ କି ଆଶ୍ଚର୍ଯ୍ୟ କି ଆଶ୍ଚର୍ଯ୍ୟ !

---

* ଚନ୍ଦ୍ରପକ୍ଷେ ଷୋଡ଼ଶ କଳା, ଆତ୍ମପକ୍ଷେ ମାୟାଂଶ ।

** ଚନ୍ଦ୍ରପକ୍ଷେ ଅନ୍ଧକାର, ଆତ୍ମପକ୍ଷେ ଅଜ୍ଞାନ ।

*** ଉପମେୟଠାରେ ବିଶେଷ ଧର୍ମ କଥନକୁ ବ୍ୟତିରେକାଳଂକାର ବୋଲି ।

କ୍ରୁଦ୍ଧରେ — ଯଥା,
ମାର ମାର ଧର ଧର ।
ଦୈନ୍ୟରେ — ଯଥା,
କିଛି ଦେବାହେଉ, କିଛି ଦେବାହେଉ ।
ଲାଟାନୁପ୍ରାସରେ — ଯଥା, କଳଶା ରାଗେ
ସୁନୟନେ ଶୟନେ ତୁ ଦେଖ ମୋତେ ବାରେ
ଅନୁକମ୍ପାରେ — ଯଥା,
ଏହାକୁ ରକ୍ଷ ରକ୍ଷ ।
ପ୍ରସାଦନରେ — ଯଥା,
ଦୁଃଖକୁ ଛାଡ଼ ଛାଡ଼ ।
ଅର୍ଥାନ୍ତରସଂକ୍ରମିତ ବାଚ୍ୟରେ — ଯଥା,
ତାହାରି ନୟନ ଏକା ନୟନ ।
ଅତ୍ର ଦ୍ୱିତୀୟ ନୟନ ଶବ୍ଦ ଉତ୍ତମତ୍ୱର ଜ୍ଞାପକ ।
ହର୍ଷରେ — ଯଥା,
ଆସ ଆସ ନୃତ୍ୟ ଦେଖିବ ।
ଅବଧାରଣେ — ଯଥା,

ଏକ ବ୍ୟକ୍ତି କହିଲା ଏ ମୁଦ୍ରିକାରେ କାଚ ବସିଅଛି, ଅନ୍ୟ ଜଣେ କହିଲା ନା ଏ ହୀରକ ହୀରକ ।

ସନ୍ଦିଗ୍ଧତ୍ୱ ଯେଉଁଠାରେ ବ୍ୟାଜସ୍ତୁତିରୂପ ଫଳକୁ ଜାତକରୁଥିବ ସେହିଠାରେ ଗୁଣ ହେବ । ଯଥା,

ପୃଥୁକାର୍ତ୍ତ ସ୍ୱରପାତ୍ରଂ ଭୂଷିତ ନିଃଶେଷ ପରିଜନଂ ଦେବ,
ବିଳସତ୍କରେଣୁ ଗହନଂ ସମ୍ପ୍ରତି ସମମାବୟୋଃ ସଦନଂ* ।

ଅତ୍ର ବ୍ୟାଜସ୍ତୁତି ବର୍ଣ୍ଣନ ଥିବାରୁ ପୃଥୁକାର୍ତ୍ତ ସ୍ୱରାଦିରେ ଶ୍ଳେଷବଳରୁ ଯେ ସମାନଧର୍ମ ସନ୍ଦେହ ତାହାର ଗୁଣତ୍ୱ ହେଲା ।

---

* ହେ ରାଜନ୍, ଆପଣଙ୍କର ଗୃହ, ମୋ ଗୃହ ସମାନ; କାରଣ ଆପଣଙ୍କ ଗୃହ ପୃଥୁଳ କାର୍ତ୍ତସ୍ୱର (ସୁବର୍ଣ୍ଣ) ପାତ୍ରରେ ଶୋଭିତ ହୋଇଅଛି । ମୋ ଗୃହ ମଧ୍ୟ ପୃଥକ (ବାଳକ)ମାନଙ୍କ ଆର୍ତ୍ତ ସ୍ୱରରେ ଯୁକ୍ତ ହୋଇଅଛି । ଏବଂଚ ଆପଣଙ୍କ ଗୃହରେ ସମଗ୍ର ପରିଜନମାନେ ଭୂଷିତ (ଅଳଂକୃତ) ହୋଇଅଛନ୍ତି । ମୋ ଗୃହର ପରିଜନମାନେ ମଧ୍ୟ ଭୂଷିତ (ଭୂମିଶାୟୀ) ହୋଇଅଛନ୍ତି । ଏବଂଚ ଆପଣଙ୍କ ଗୃହ ଉତ୍ତମ କରେଣୁ (ହସ୍ତିନୀ)ମାନଙ୍କରେ ଗହନ ହୋଇଅଛି; ମୋ ଗୃହ ମଧ୍ୟ ବିଳସତ୍ (ମୂଷିକାଦି) କ (ବୃଷ୍ଟିଜଳ) ରେଣୁ (ଧୂଳି)ରେ ଗହନ ହୋଇଅଛି ।

ବକ୍ତା ଯେବେ ବୈୟାକରଣ ହୋଇଥିବ ଓ ବାକ୍ୟାର୍ଥ ଯେବେ ବ୍ୟାକରଣାର୍ଥ ପ୍ରତିପାଦ୍ୟ ହୋଇଥିବ ତେବେ କଷ୍ଟତ୍ୱ, ଦୁଃଶ୍ରବତ୍ୱ ଗୁଣ ହେବ ।

ବୈୟାକରଣ ବକ୍ତାରେ କଷ୍ଟତ୍ୱ ଗୁଣ – ଯଥା,

ଦିଧୀ ବେବୀ ସମଃ କଶ୍ଚିଦଗୁଣ ବୃଧୋରଭାଜନଂ,
କ୍ୱିପ୍ ପ୍ରତ୍ୟୟ ନିଭଃ କଶ୍ଚିତ୍ ଯତ୍ର ସନ୍ନିହତତେ ତ୍ୱୟି ।*

ବାକ୍ୟାର୍ଥର ବ୍ୟାକରଣାର୍ଥ ପ୍ରତିପାଦ୍ୟତ୍ୱରେ ଦୁଃଶ୍ରବତ୍ୱ ଗୁଣ – ଯଥା,

ଅତ୍ରାତାପ୍ସ ମୁପାଧ୍ୟାୟ ! ତ୍ୱାମହଂ ନ କଦାଚନ ।**
ଅତ୍ର ଅତାପ୍ସଂ ଏହି ଦୁଃଶ୍ରବ ପଦ ଗୁଣ ।

ଅଧମୋକ୍ତିମାନଙ୍କରେ ଗ୍ରାମ୍ୟତ୍ୱଦୋଷ ଗୁଣ ହେବ – ଯଥା,

କଳଶା ରାଗେ, ବିଦୂଷକୋକ୍ତି
ଚନ୍ଦ୍ରମଣ୍ଡଳ ଲହୁଣି ପିଣ୍ଡ ପରି ଦିଶେ,
ତାହାଙ୍କ କିରଣ ଦୁଧ ଧାରା ପରି ଖସେ ।

ନିର୍ହେତୁତା ଦୋଷ ଖ୍ୟାତି ଅର୍ଥରେ ଗୁଣ ହୁଏ – ଯଥା,

ବର୍ତ୍ତମାନ ସନ୍ଧ୍ୟା ସମୟ, ଚକ୍ରବାକ ଦ୍ୱନ୍ଦ୍ୱର ବିଚ୍ଛେଦ କରୁଅଛି ।

ଅତ୍ର ସନ୍ଧ୍ୟା ହେଲେ ଚକ୍ରବାକର ବିଚ୍ଛେଦ ହୁଏ ଏ ଅର୍ଥ ଖ୍ୟାତ ଥିବାରୁ ନିର୍ହେତୁତା ଦୋଷ ହେଲା ନାହିଁ ।

କବିମାନଙ୍କର ସମୟରେ (ବ୍ୟବହାରରେ) ଖ୍ୟାତିବିରୁଦ୍ଧ ଦୋଷ, ଗୁଣ ହୁଏ ।

କବିମାନଙ୍କର ବ୍ୟବହାର – ଯଥା,

ମାଳିନ୍ୟ, ବ୍ୟୋମରେ ଓ ପାପରେ; ଧବଳତା, ଯଶରେ ଓ ହାସରେ ଏବଂ କୀର୍ତ୍ତିରେ; ରକ୍ତତା, କ୍ରୋଧରେ ଓ ରାଗରେ (ଅନୁରାଗରେ); ପଙ୍କଜ ଓ ଇନ୍ଦିବର ସମୁଦ୍ର ଓ ନଦୀରେ; ମରାଳାଦିମାନେ ସମଗ୍ର ଜଳସ୍ଥାନରେ ବର୍ଣ୍ଣିତ ହେବେ । ଏବଂଚ ଚକୋର କର୍ତ୍ତୃକ ଜ୍ୟୋସ୍ନାପାନ; ଜଳଧର ସମୟରେ ହଂସମାନଙ୍କର ମାନସ ଗମନ; ପାଦଘାତରୁ ଅଶୋକର ବିକଶନ; ସ୍ତ୍ରୀମାନଙ୍କ ଗଣ୍ଡୁଷ ମଦିରାଦି ଦ୍ୱାରା ବକୁଳୋଦ୍‌ଗମ; ବିପ୍ରୟୋଗତାପ ଦ୍ୱାରା ଯୁବାମାନଙ୍କର ଅଙ୍ଗସ୍ଥ ହାରମାନଙ୍କ ସ୍ଫୁଟନ; କନ୍ଦର୍ପର ରୋଳମ୍ବ ମାଳାରେ ଧନୁର୍ଗୁଣତ୍ୱ ଓ କୁସୁମ ସମ୍ବନ୍ଧ ଧନୁ ଏବଂ ତତ୍ସମ୍ବନ୍ଧୀ ଶର ବର୍ଣ୍ଣନ; କନ୍ଦର୍ପ ବାଣଦ୍ୱାରା ଓ ସ୍ତ୍ରୀକଟାକ୍ଷ ଦ୍ୱାରା ଯୁବଜନର ହୃଦୟ ଭେଦନ । ଦିବସରେ ଅମ୍ଭୋଜ,

---

* ହେ ରାଜନ୍, ଆପଣ ଦିଗ୍‌ବିଜୟ କରନ୍ତେ କେତେକ ଲୋକମାନେ ଦିଧି, ବେବୀ ଧାତୁ ଦ୍ୱୟପରି ଗୁଣ ବୃଦ୍ଧି ରହିତ ହୋଇଅଛନ୍ତି ଏବଂଚ କେତେକ ଲୋକ କ୍ୱିପ୍ ପ୍ରତ୍ୟୟ ପରି ସର୍ବାପହାରୀ ଲୋପକୁ ପାଇଅଛନ୍ତି ।

** ହେ ଉପାଧ୍ୟାୟ, ମୁଁ ତୁମ୍ଭଙ୍କୁ କଦାଚିତ୍ ପରିତପ୍ତ କରିନାହିଁ ।

ନିଶାରେ କୁମୁଦ, ଶୁକ୍ଳପକ୍ଷରେ ଚନ୍ଦ୍ରିକା, ମେଘଧ୍ୱନିରେ ମୟୂର ନୃତ୍ୟ, ଅଶୋକରେ ଫଳାଭାବ, ବସନ୍ତରେ ଜାତିକୁସୁମର ଅଭାବ, ଚନ୍ଦନଦ୍ରୁମରେ ଫଳ ପୁଷ୍ପର ଅଭାବ, ଇତ୍ୟାଦି ସତ୍କବିମାନଙ୍କ ପ୍ରବନ୍ଧରେ ସ୍ପଷ୍ଟ ବର୍ଣ୍ଣିତ ହୁଏ ।

ଏମାନଙ୍କ ଉଦାହରଣମାନେ ଯଥାସ୍ଥାନରେ ସ୍ପଷ୍ଟ ଅଟନ୍ତି ।

ଧନୁର୍ଜ୍ୟାଦି ଶବ୍ଦମାନଙ୍କର ପୁନଶ୍ଚ ଧନୁରାଦି ଶବ୍ଦର ଯେ ପ୍ରୟୋଗ, ସେ ଆରୂଢ଼ତ୍ୱାଦି ବୋଧନିମିତ୍ତ ହୋଇଅଛି, ପୁନରୁକ୍ତି ଦୋଷନୁହେଁ – ଯଥା,

ଧନୁର୍ଜ୍ୟାସ୍ଫାଳନୋଦ୍ଭବ ଧ୍ୱନିଦ୍ୱାରା ଦ୍ୟାବା ପୃଥିବୀ ଦୁହେଁ ପୂରିତ ହେଲେ ।

ଅତ୍ର ଜ୍ୟା ଶବ୍ଦମାତ୍ରରେ ଧନୁର ବୋଧ ହେଲେ ମଧ୍ୟ ପୁନଶ୍ଚ ଯେ ଧନୁଶବ୍ଦର ଉପାଦାନ ସେ ଧନୁରେ ଗୁଣର ଅରୋପଣ ବୋଧନିମିତ୍ତ ହୋଇଅଛି, ଅତଏବ ଦୋଷ ନୁହେଁ ।

ଆଦି ଶବ୍ଦରୁ – ଯଥା,
ଭାତିକର୍ଣ୍ଣାବତଂସସ୍ତେ ।

ଅତ୍ର କର୍ଣ୍ଣସ୍ଥିତତ୍ୱର ବୋଧନିମିତ୍ତ କର୍ଣ୍ଣଶବ୍ଦର ପ୍ରୟୋଗ ହେଲା ।

ଏହିପରି ଶ୍ରବଣକୁଣ୍ଡଳ ଓ ଶିରଃଶେଖର ପ୍ରଭୃତି ଶବ୍ଦମାନଙ୍କୁ ଜାଣିବ । ଏବଂଚ ମାଳାଶବ୍ଦ ଯେବେ, ବିଶେଷଣଶୂନ୍ୟ ହୋଇଥିବ ତେବେ କେବଳ ପୁଷ୍ପମାଳାକୁ ବୁଝାଇବ । କିନ୍ତୁ 'ପୁଷ୍ପମାଳାବିଭାତିତେ'' ଅତ୍ର ପୁଷ୍ପଶବ୍ଦ ଉତ୍କୃଷ୍ଟ ପୁଷ୍ପର ବୋଧକ, ଏବଂଚ ''ମୁକ୍ତାହାର'' ଅତ୍ର ମୁକ୍ତାଶବ୍ଦ ଅନ୍ୟ ରତ୍ନରେ ଅମିଶ୍ରିତତ୍ୱର ବୋଧକ ।

ଏହିମାନେ ସତ୍କବି ସମ୍ମତ ହେବାରୁ ପ୍ରୟୋଗାର୍ହ ହେଲେ । ଏବଂଚ ଜଘନକାଞ୍ଚୀ, କରକଙ୍କଣ ଇତ୍ୟାଦି ଶବ୍ଦମାନେ କବିଙ୍କ ସମ୍ମତ ନୋହିବାରୁ ପ୍ରୟୋଗାର୍ହ ନୁହନ୍ତି ।

ଆନନ୍ଦମଗ୍ନାଦି ଉକ୍ତିରେ ନ୍ୟୂନପଦତା ଗୁଣ ହୁଏ – ଯଥା, କବିତାବଳୀ ପୃ ୧୩ ସ୍ଥା ।

ଉଠ ଉଠ ଆହେ ସମ ଯୋଧ ଗଣ,
କରେ କରବାଳ ପଶ ସମରେ ।

ଅତ୍ର ଆନନ୍ଦ ନଥିଲେ ମଧ୍ୟ ଆଦିଶବ୍ଦରୁ ଉତ୍ସାହରେ ମଗ୍ନ ହୋଇ ଉକ୍ତି କରିବାରୁ ନ୍ୟୂନପଦତା ଗୁଣ ହେଲା ।

ଏହି ନ୍ୟୂନପଦତା କୌଣସିଠାରେ ଦୋଷ ବା ଗୁଣ ଉଭୟଥା ହୋଇ ନପାରେ – ଯଥା, ଚୋଖି ରାଗେ, ଉର୍ବଶୀଙ୍କ ପ୍ରତି ପୁରୋରବାଙ୍କର ବିତର୍କ ।

ରୋଷେ ସ୍ଥିତ ହେବ କ୍ଷଣେ, ନିଜ ଗର୍ବ ଆବରଣେ
ଦେଖିନାହିଁ ଅତି କୋପା କେବେ ବାଳାର,

କିବା ହେବ ସ୍ୱର୍ଗେ ମତି, ମୋଠାରେ ସେ ପ୍ରୀତିମତୀ,
ମୋର ତହୁଁ ନପାରନ୍ତି ନେଇ ଅସୁର
ସର୍ବସୁଖ ଏବେ ନିରୋଧି,
ନୟନରୁଁ ଦୂର ହେଲା ଏ କିବା ବିଧି ।

ଅତ୍ର ''ନିଜ ଗର୍ବ ଆବରଣେ'' ଏପଦ ଉତ୍ତାରୁ ''ଏପରି ନୁହଇ ଯେଉଁ ହେତୁରୁ'' ଏହି ପଦମାନେ ନ୍ୟୂନ ହେଲେ ମଧ ବିତର୍କର କୌଣସି ଉତ୍କର୍ଷ ନ କରିବାରୁ ଗୁଣ ନ ହେଲା । ଏବଂଚ ''ଦେଖିନାହିଁ ଅତି କୋପ କେବେ ବାଳାର'' ଏହି ବାକ୍ୟଦ୍ୱାରା ''ରୋଷେ ସ୍ଥିତ ହେବ'' ଇତ୍ୟାଦିର ବାଧ ପ୍ରକାଶ ହେବାରୁ ଦୋଷ ନହେଲା ।

କୌଣସିଠାରେ ଅଧିକପଦତା ମଧ ଗୁଣ ହୁଏ – ଯଥା, ଲାବଣ୍ୟବତୀ

ଏକୁଁ ତ ଖିନ୍ନ ଦିନ, ହେଲା ଦୁର୍ଦ୍ଦିନ ଦିନ
ନଳଭୁଁ ବଲ୍ଲଭ ମେଳକୁ ।

ମେଘାଚ୍ଛନ୍ନ ଦିନକୁ ଦୁର୍ଦିନ ବୋଲି, ପୁନଶ୍ଚ ଦିନଶବ୍ଦ ଦେବାର ଅଧିକପଦତା ବୋଧ ହେଉଥିଲା; କିନ୍ତୁ ଏଠାରେ ବର୍ଷାକାଳ ବର୍ଣ୍ଣନ ହେବାରୁ ଅନ୍ୟକାଳୀନ ଦୁର୍ଦିନକୁ ନବୁଝାଇ କେବଳ ବର୍ଷା କାଳର ଜ୍ଞାପକ ହୋଇ ଗୁଣ ହେଲା ଓ ମଧ ଚିରକାଳସ୍ଥାୟୀ ହେବାରୁ ପ୍ରତିକାରର ଅଶକ୍ୟ ହେଲା ।

ସମାପ୍ତ ପୁନରାତ୍ତତା କୌଣସିଠାରେ ଦୋଷ ବା ଗୁଣ ହୁଏ ନାହିଁ ଯଥା, ବଙ୍ଗଳାଶ୍ରୀ ରାଗେ

ଧନ୍ୟ ସେହୁ କ୍ଷିତି ଯାହାର ସୁମତି ପାର୍ଥିବ ହୁଅଇ ପତି,
ଯହିଁ ପ୍ରଜାଜନ ନକରି ଶୋଚନ ନିଜ ଭାଗ୍ୟେ ବିଳସନ୍ତି ।

ଯେଉଁଠାରେ କର୍ତ୍ତା କର୍ମର ବିଶେଷଣ କ୍ରିୟା ବହିର୍ଭୂତ ହୋଇ ପୁନର୍ବାର ଗୃହୀତ ହୁଏ ସେହିଠାରେ ସମାପ୍ତ ପୁନରାତ୍ତତା ଦୋଷ ହୁଏ; ଅତ୍ର ବାକ୍ୟ ସମାପ୍ତି ଉତ୍ତାରୁ ପୁନର୍ବାର ଯେ ବାକ୍ୟାନ୍ତରର ଆଦାନ ସେ ଦୋଷ ନୋହିଲା; ଏବଂଚ ପୂର୍ବବାକ୍ୟର ଉତ୍କର୍ଷ ନକରିବାରୁ ଗୁଣ ନହେଲା ।

ବାକ୍ୟ ମଧରେ ବାକ୍ୟାନ୍ତର ପ୍ରବିଷ୍ଟ ହେଲେ ଯେ ଗର୍ଭିତତା ଦୋଷ ସେ ଯେବେ ବାକ୍ୟାର୍ଥକୁ ପୁଷ୍ଟ କରେ ତେବେ ଗୁଣ ହୁଏ – ଯଥା, କଳଶା ରାଗେ

ସପ୍ତଦ୍ୱୀପବତୀ ଭୂମି ବିପ୍ରେ ଦେଇ ଦାନ,
ଭୃଗୁପତିଙ୍କର ଯଶ କେ ଅର୍ଜିବ ଆନ ।
ସାଧାରଣ ବୁଦ୍ଧି ଅବା କରନ୍ତୁ ଅଜ୍ଞାନ,*

---

* ଅଜ୍ଞାନୀ

କେବଳ ପରଶୁରାମ ଅଦ୍ଭୁତର ସ୍ଥାନ ।

ଅତ୍ର ତୃତୀୟପାଦ ଗର୍ଭିତ ହେଲେ ମଧ୍ଧ ଅର୍ଥକୁ ପୁଷ୍ଟ କରିବାରୁ ଗୁଣ ହେଲା ।

ପତତ୍‌ପ୍ରକର୍ଷତା ମଧ୍ଧ କୌଣସିଠାରେ ଗୁଣ ହୁଏ – ଯଥା, ବେଣୀସଂହାର ୧ମ ଅଙ୍କେ –

ଚଞ୍ଚଦ୍‌ଭୁଜ ଭ୍ରମିତ ଚଣ୍ଡ ଗଦାଭିଘାତ
ସଞ୍ଚୂର୍ଣ୍ଣିତୋରୁ ଯୁଗଳସ୍ୟ ସୁଯୋଧନସ୍ୟ
ସ୍ତ୍ୟାନା ବନଦ୍ଧ ଘନ ଶୋଣିତ ଶୋଣପାଣି
ରୁତ୍ତାଂ ସୟିଷ୍ୟତି କଚାଂ ସ୍ତବଦେବି ! ଭୀମଃ ।

ଅର୍ଥ ଚତୁର୍ଥ ପାଦରେ ସୁକୁମାରାର୍ଥ ପ୍ରଯୁକ୍ତ ଶବ୍ଦାଡ଼ମ୍ବର ତ୍ୟାଗ ଗୁଣ ହେଲା ।

ସେ ସ୍ଥଳରେ ଅନୁଭାବ ବିଭାବ ଦ୍ୱାରା ରଚନା ଉଚିତ ହୋଇ ନ ପାରେ ସେହି ସ୍ଥଳରେ ବ୍ୟଭିଚାରୀ ଭାବମାନେ ସ୍ୱଶବ୍ଦବାଚ୍ୟତା ଦୋଷରେ ଦୂଷିତ ହୁଅନ୍ତି ନାହିଁ – ଯଥା, ଆଷାଢ଼ଶୁକ୍ଳ ରାଗେ ।

ଔତ୍ସୁକ୍ୟ ତ୍ୱରା ଭଙ୍ଗ କନ୍ତୁଁ ଲାଜ
କୋପେ ତର୍ଜିଲା ବନ୍ଧୁ ବଧୂବ୍ରଜ,
ନବସଙ୍ଗମେ ବାଳାର ସାଧ୍ୱସ
ପ୍ରିୟ ସଂଶ୍ଳେଷେ ଭାଙ୍ଗିଲା ହରଷ,
ପୁଲକ ନିକର;
କେବଳ ଆବୃତ କଲା ଶରୀର ।

ଅତ୍ର ବ୍ୟଭିଚାରୀମାନଙ୍କର ସ୍ୱଶବ୍ଦ ବ୍ୟତିରେକେ ରଚନା ଅଶକ୍ୟ ହେବାରୁ ଲଜ୍ଜା ପ୍ରଭୃତି ବ୍ୟଭିଚାରୀମାନେ ସ୍ୱଶବ୍ଦରେ ବାଚ୍ୟ ହେଲେ ।

ସଞ୍ଚାରିମାନେ ଯାହା ସହିତରେ ବିରୁଦ୍ଧ ହୋଇଥିବେ ତାକୁ ବାଧ କରି କହିଲେ ଗୁଣ ହେବ – ଯଥା, ଆଷାଢ଼ଶୁକ୍ଳ ରାଗେ

ଅକାର୍ଯ୍ୟ କାହିଁ ଏଚନ୍ଦ୍ର ବଂଶରେ,
ଅବଶ୍ୟ ପ୍ରିୟା ଦେଖାଦେବ ବାରେ,
ଶୁଣିଛି ଦୋଷ ହରେ କାନ୍ତାମୁଖ,
କି କହିବେ ଧୀରେ ସ୍ୱପ୍ନେ ସେ ସୁଖ,
ଦୁର୍ଲ୍ଲଭରେ ଚେତ;
ଧୈର୍ଯ୍ୟ ଧର ଧନ୍ୟ ନାହିଁ ବିଦିତ ।

ଅତ୍ର ଶାନ୍ତିର ଅଙ୍ଗ ଯେ ବିତର୍କ, ମତି, ଶଙ୍କା, ଧୃତି, ଏହି ବ୍ୟଭିଚାରୀମାନେ, ଅଭିଳାଷର ଅଙ୍ଗୀଭୂତ ଯେ ଔତ୍ସୁକ୍ୟ, ସ୍ମୃତି, ଦୈନ୍ୟ, ଚିନ୍ତା ଏମାନଙ୍କଦ୍ୱାରା ବାଧିତକରି ଚିନ୍ତାପ୍ରଧାନ ଆସ୍ୱାଦ ପ୍ରକର୍ଷକୁ ଆବିର୍ଭୂତ କରୁଅଛନ୍ତି ।

ବିରୋଧୀ ରସର ସ୍ମରଣରେ ଅଥବା ସାମ୍ୟ କଥନରେ ଏବଂଚ ବୀରରସ ଅଙ୍ଗୀ

ହୋଇଥିବ, ଶାନ୍ତ ଶୃଙ୍ଗାର ଅଙ୍ଗ ହେଲେ ବିରୋଧ ହେବ ନାହିଁ ।

ସବୁ ଦୁଃଶ୍ରବତ୍ୱାଦି ଦୋଷମାନଙ୍କର ଅନୁକରଣ ବର୍ଣ୍ଣନରେ ଦୋଷ ହେବ ନାହିଁ; ଯଥା, ଜଣେ କହିଲା ଦୁଶ୍ଚବନ (ଇନ୍ଦ୍ର)କୁ ନମସ୍କାର; ଅନ୍ୟ ଜଣେ ପରିହାସପୂର୍ବକ କହିଲା ଦୁଶ୍ଚବନକୁ ନମସ୍କାର ବୋଇଲେ ଦୋଷ ହେବ ନାହିଁ, ଏପରି ଦୋଷମାନଙ୍କର ବର୍ଣ୍ଣନର ଔଚିତ୍ୟ ହେତୁରୁ କୌଣସି ସ୍ଥଳରେ ଅଦୋଷତା ଏବଂ କୌଣସି ସ୍ଥଳରେ ଗୁଣତା ଏବଂ କୌଣସି ସ୍ଥଳରେ ଅନୁଭୟମୃତା (ଅଦୋଷ ଗୁଣତା) ହୁଏ ।

ଇତି ଦୋଷ ନିରୂପଣନାମ ଚତୁର୍ଥ ପରିଚ୍ଛେଦଃ ।

# ପଞ୍ଚମ ପରିଚ୍ଛେଦ

## ଗୁଣ ନିରୂପଣ

ରସର ମାଧୁର୍ଯ୍ୟାଦି ଗୁଣମାନେ, ଆତ୍ମାର ଶୌର୍ଯ୍ୟାଦି ଗୁଣପରି କାବ୍ୟର ଶୋଭା ସମ୍ପାଦନ କରନ୍ତି । ଏହି ଗୁଣମାନେ ତିନିପ୍ରକାର ଯଥା, ମାଧୁର୍ଯ୍ୟ, ଓଜ, ପ୍ରସାଦ ।

### ଅଥ ମାଧୁର୍ଯ୍ୟ

ଚିତ୍ତର ଦ୍ରବତ୍ୱକାରୀ ଆହ୍ଲାଦକୁ ମାଧୁର୍ଯ୍ୟ ବୋଲି ।

ଏହି ମାଧୂର୍ଯ୍ୟ ସଂଭୋଗ, କରୁଣ, ବିପ୍ରଲମ୍ଭ ଓ ଶାନ୍ତରେ କ୍ରମାନ୍ୱୟ ଅଧିକ ହୁଏ ।

ସ୍ୱବର୍ଗୀୟ ଅନ୍ତ୍ୟବର୍ଣ୍ଣରେ ଯୁକ୍ତ ଅର୍ଥାତ୍ ଙ୍କ ଞ୍ଚ ଣ୍ଟ ମ୍ପ ଇତ୍ୟାଦି ଏବଂ ଚ ଟ ଠ ଡ ଢ ଓ ଲଘୁ ର, ଣ ଏତଦ୍‌ବର୍ଜିତ ବର୍ଣ୍ଣମାନେ ଓ ଅସମାସ, ଅଳ୍ପସମାସ ଓ ମଧୁର ରଚନା ଏମାନେ ମାଧୂର୍ଯ୍ୟ ରସର ବ୍ୟଞ୍ଜକ । ଯଥା,

ଅନଙ୍ଗ ମଙ୍ଗଳ ଭୁବ ସ୍ତଦପାଙ୍ଗସ୍ୟଭଙ୍ଗୟଃ
ଜନୟନ୍ତି ମୁହୂର୍ଯୂନା ମନ୍ତଃ ସନ୍ତାପ ସନ୍ତତିଂ ।

ଗୀତ ଯଥା, ବଙ୍ଗଳାଶ୍ରୀ ରାଗେ

ତା ଅପାଙ୍ଗ ଭଙ୍ଗି ଅନଙ୍ଗ ମଙ୍ଗଳ ଆଳୟ ରୂପେ ବିଖ୍ୟାତ,
ଯୁବାଚିତ୍ତ ଗତ ସନ୍ତାପ ସନ୍ତତି ଜାତକରେ ଅବିରତ ।

### ଅଥ ଓଜ

ଚିତ୍ତ ବିସ୍ତାର ରୂପ ଦୀପ୍ତିତ୍ୱକୁ ଓଜ ବୋଲି ।

ବୀର, ବୀଭତ୍ସ, ରୌଦ୍ରମାନଙ୍କରେ ଏହାର କ୍ରମରେ ଆଧିକ୍ୟ ।

ବର୍ଗର ଆଦ୍ୟ, ତୃତୀୟ ଅକ୍ଷରମାନେ, ଆପଣାର ଅନ୍ତ୍ୟବର୍ଣ୍ଣ ଅର୍ଥାତ୍ ଖ, ଘ

ଇତ୍ୟାଦି ବର୍ଣ୍ଣରେ ଯୁକ୍ତ ହୋଇଥିବେ । ଯଥା, କଖ୍‌ଖଟ, ବାଗ୍‌ଘର, ଏବଂଚ ଅଧ ଉର୍ଦ୍ଧ୍ୱରେ ରେଫ ଯୁକ୍ତ ହୋଇଥିବ ଯଥା, ଅର୍କ, ବକ୍ର, ଅର୍ଘ, ବ୍ୟାଘ୍ର ଏବଂଚ ଟ ଠ ଡ ଢ ଓ ଶ ଷ ଓ ସମାସ ବାହୁଲ୍ୟ ଓ ଉଦ୍ଧତ ଘଟନା ଏମାନେ ଓଜଗୁଣର ଦ୍ୟୋତକ ହୁଅନ୍ତି । ଯଥା,

ଚଞ୍ଚ ଭୁଜ ଭ୍ରମିତ ଚଣ୍ଡ ଗଦା ଭିଘାତ
ସଂଚୂର୍ଣ୍ଣିତୋରୁ ଯୁଗଳ ସ୍ୟ ସୁଯୋଧନସ୍ୟ ।
ସ୍ତ୍ୟାନା ବନଦ୍ଧ ଘନଶୋଣିତ ଶୋଣ ପାଣି
ରୁତ୍ତଂସୟିଷ୍ୟତି କଚାଂ ସ୍ତବ ଦେବି ଭୀମଃ ।

ଗୀତ, ଯଥା, କବିତାବଳୀ ପୃ୨୯ଷ୍ଠା

ପ୍ରଚଣ୍ଡ ପାଣ୍ଡବ ଯୋଧେ ଆୟୁଧ ଭାସ୍ୱର,
ଧରି କ୍ରୋଧେ ମହାଯୁଦ୍ଧେ ଧାଇଁଲେ ସତ୍ୱର ।

ଅଥ ପ୍ରସାଦ

ଅଗ୍ନି ଯେପରି ଶୁଷ୍କ କାଷ୍ଠରେ ବ୍ୟାପ୍ତହୁଏ ସେହିପରି ଯେଉଁ ଗୁଣ, ଚିତ୍ତକୁ ଶୀଘ୍ର ପ୍ରବିଷ୍ଟ ହୁଏ ଏବଂ ସମସ୍ତ ରଚନାରେ ଓ ରସରେ ସାଧାରଣ ରୂପରେ ରହେ ତାକୁ ପ୍ରସାଦ ବୋଲି । ଏବଂଚ ଶ୍ରବଣ ମାତ୍ରରେ ଅର୍ଥ ବୋଧକ ଶବ୍ଦମାନେ ପ୍ରସାଦ ଗୁଣର ବ୍ୟଞ୍ଜକ । ଯଥା,

ସୂଚୀ ମୁଖେନ ସକୃଦେବ କୃତ ବ୍ରଣସ୍ତ୍ୱଂ
ମୁକ୍ତାକଳାପ ! ଲୁଠସି ସ୍ତନୟୋଃ ପ୍ରିୟାୟାଃ ।
ବାଣୈଃ ସ୍ମରସ୍ୟ ଶତଶୋ ବିନି କୃନ୍ତମର୍ମା,
ସ୍ୱପ୍ନେଽପିତାଂ କଥମହଂ ନ ବିଲୋକୟାମି ।

ଗୀତ ଯଥା, କବିତାବଳୀ ପୃ୨ଷ୍ଠା

ତୁମ୍ଭ ପରିମଳ ଘେନି ମଳୟ ପବନ,
ବିଭୁଙ୍କ ପ୍ରସାଦ ବୋଲି କରେ ବିତରଣ ।

ଇତି ଗୁଣନିରୂପଣନାମ ପଞ୍ଚମ ପରିଚ୍ଛେଦଃ ।

## ଷଷ୍ଠ ପରିଚ୍ଛେଦ

## ଅର୍ଥାଳଂକାର

ଅଳଂକାରମାନେ ଶବ୍ଦ ଅର୍ଥରେ ଅସ୍ଥିର ସ୍ୱରୂପେ ରହି, କଟକ କୁଣ୍ଡଳାଦି ପରି ଶରୀର ଶୋଭାକୁ ଅତିଶୟିତ କରି, ରସାଦିର ଉପକାର କରନ୍ତି । ଏହି ଅଳଙ୍କାର ଦୁଇପ୍ରକାର : —

## ଶବ୍ଦାଳଂକାର ଓ ଅର୍ଥାଳଂକାର

### ଶବ୍ଦାଳଂକାର ଯଥା

ପୁନରୁକ୍ତ ବଦାଭାସ – ଯେଉଁଠାରେ ସାମାନ୍ୟରେ ଅର୍ଥର ପୁନରୁକ୍ତି ଆଭାସ ହୁଏ, ତାକୁ ପୁନରୁକ୍ତ ବଦାଭାସ ବୋଲାଯାଏ, ଯଥା ବୈଦେହୀଶବିଳାସ ।

"ବିହି ବିଧି ମଦନ କନ୍ଦର୍ପ କରିଣ,
ବର କାନ୍ତ ପତି ମୋର ହୁଅନ୍ତେ ପୁଣ ।"

ଅତ୍ର ବିହି, ବିଧି, ମଦନ, କନ୍ଦର୍ପ, ବର, କାନ୍ତ, ପତି ଏମାନେ ଏକ ଅର୍ଥପରି ଭାସମାନ ହେଲେ ମଧ୍ୟ ଭିନ୍ନ ଭିନ୍ନ ଅର୍ଥବୋଧ ହେବ, ଅର୍ଥାତ୍ ବିହି=ବିଧାନକରି, ବିଧି=ବିଧାତା, ମଦନ=ଗର୍ବହୀନ, କନ୍ଦର୍ପ=ସ୍ମର, ବର=ଶ୍ରେଷ୍ଠ, କାନ୍ତ=ସୁନ୍ଦର, ପତି=ସ୍ୱାମୀ ।

ବୃତ୍ତ୍ୟନୁପ୍ରାସ – ବର୍ଣ୍ଣର ଆବୃତ୍ତିକୁ, ଯଥା, କବିତାବଳୀ ପୃ୨୯ଷ୍ଠା

"ପ୍ରଚଣ୍ଡ ପାଣ୍ଡବ ଯୋଧେ ଆୟୁଧ ଭାସ୍ୱର,
ଧରି କ୍ରୋଧେ ମହାଯୁଦ୍ଧେ ଧାଇଁଲେ ସତ୍ୱର ।"

ଛେକାନୁପ୍ରାସ – ସସ୍ୱର ବ୍ୟଞ୍ଜନ ସମୂହର ଏକ କିବା ଅନେକ ବାର ସାମ୍ୟକୁ, ଯଥା, ଲାବଣ୍ୟବତୀ

"ଦେଖି ନବ କାଳିକା ବକାଳିକା ମାଳିକା
ଆଳି କାଳିକା କାନ୍ତ ସ୍ମରି ।"

ଲାଟାନୁପ୍ରାସ – ଭିନ୍ନାଭିପ୍ରାୟ ପୁନରୁକ୍ତିକି, ଯଥା,

"ଫୁଟିଲେ ନିଆଳୀ । ଜଳପି ଜଳପି
ତୋତେ ଫୁଟିଲେ ନି ଆଳୀ" ।

ଯମକ* – ଭିନ୍ନାର୍ଥ ସସ୍ୱର ବ୍ୟଞ୍ଜନ ସଂହତିର କ୍ରମରେ ଆବୃତ୍ତିକୁ, ଯଥା, ବୈ.ବି. ।

"ବିଭାବରି ସାରି ବିଳମ୍ବ ଶୁଣି,
ବିଭାବରୀ ହେଉଁ ରମଣୀମଣି,
ବିଭାବରୀଚରୀ ଘୋଟିଲା ତ୍ରାସେ,
ବିଭାବରୀତିରୁ ନିଦ୍ରା ନ ଆସେ,
ବିରହେ ଭାସେ ସେ
ବୀର ହେ ଭାଷେ ସେ ତାଡ଼କୀଦ୍ରାସେ ।"

ବକ୍ରୋକ୍ତି – ଅନ୍ୟଲୋକ, ଅନ୍ୟ ଅର୍ଥକୁ ଅନ୍ୟ ପ୍ରକାରେ କାକୁ ଶ୍ଳେଷଦ୍ୱାରା ଯୋଜନା କଲେ ଯଥା,

---

* ଏହି ଯମକ, ଅନେକ ପ୍ରକାର । ଯଥା, ଆଦ୍ୟଯମକ, ପ୍ରାନ୍ତଯମକ, ମଧ୍ୟ ଯମକ, ସର୍ବଯମକ ଇତ୍ୟାଦି ।

କିଏ କବାଟ ଫିଟାଉଅଛ ? କୃଷ୍ଣ କହିଲେ ଆମ୍ଭେ ମାଧବ । ରାଧା କହିଲେ ବସନ୍ତ କି ? ନା, ଚକ୍ରୀ । ତେବେ କୁଲାଳ କି ? ଇତ୍ୟାଦି ।

କାକୁବକ୍ରୋକ୍ତି – ଯଥା,

ବସନ୍ତକାଳରେ କାହା ଚିତ୍ତ ପରିତପ୍ତ ହେଉନାହିଁ ।

ଅତ୍ର କାକୁଦ୍ୱାରା ସମସ୍ତଙ୍କ ଚିତ୍ତ ପରିତପ୍ତ ହେଉଥିବାର ଜଣାଗଲା ।

ଭାଷାସମ – ଯେଉଁ ବାକ୍ୟରେ ଶବ୍ଦମାନେ ବର୍ଣ୍ଣିତ ହେଲେ ଭାଷାରେ ସମାନ ହୁଅନ୍ତି ଯଥା, ମଞ୍ଜୁଳମଣି, ମଞ୍ଜୀର କଳ, ଗମ୍ଭୀର, ବିହାର, ସରସୀ, ତୀର ଇତ୍ୟାଦି ।

ଏହି ଶବ୍ଦମାନେ ସଂସ୍କୃତ, ପ୍ରାକୃତ, ସୌରାଷ୍ଟ୍ରୀ, ମାଗଧୀ, ତୈଲଙ୍ଗୀ, ଦ୍ରାବିଡ଼ୀ ଇତ୍ୟାଦିରେ ସମାନ ।

## ଶ୍ଳେଷ

ଶ୍ଳେଷଯୁକ୍ତ ପଦଦ୍ୱାରା ଅନେକାର୍ଥ କଥନକୁ ଶ୍ଳେଷ ବୋଲି ।

ଏହି ଶ୍ଳେଷ ଆଠପ୍ରକାର – ଯଥା,

ବର୍ଣ୍ଣ, ପ୍ରତ୍ୟୟ, ଲିଙ୍ଗ, ପ୍ରକୃତି, ପଦ, ବିଭକ୍ତି, ବଚନ, ଭାଷା ଇତ୍ୟାଦି ପ୍ରଭେଦରେ ହୁଅନ୍ତି ।

ଏମାନଙ୍କ ଉଦାହରଣ ଭାଷାରେ ବିଶେଷ ଉପକାରୀ ନହେବାରୁ ତ୍ୟାଗ କଲୁଁ ।

ବିଶେଷତଃ ଏହି ଶ୍ଳେଷ ଅଭଙ୍ଗ, ସଭଙ୍ଗ, ଭଙ୍ଗାଭଙ୍ଗ ଭେଦରେ ତିନି ପ୍ରକାର ।

ଅଭଙ୍ଗ – ଯଥା, ବୈଦେହୀଶ ବିଳାସ

''ବାବୁ ନାକଶିରୀଦାନ ଯୋଗ୍ୟ ଯୋଷାକୁ ।''

ଅତ୍ର ''ନାକଶିରୀଦାନ'' ପଦ, ଭଙ୍ଗ ନ ହୋଇ ପକ୍ଷେ ସ୍ୱର୍ଗସମ୍ପତ୍ତି ପ୍ରଦାନ, ପକ୍ଷେ ନାସା ଶୋଭା ଖଣ୍ଡନ ।

ସଭଙ୍ଗ – ଯଥା, ବୈ: ବି: ଉକ୍ତ ଛାନ୍ଦେ

''ବିହର କାନନ କରି ଆଲିଙ୍ଗନକୁ'' ।

ଅତ୍ର ପକ୍ଷେ ଆଲିଙ୍ଗନକୁ କରି କାନନରେ ବିହାର କର । ଅପର ପକ୍ଷେ ଆଲିଙ୍ଗନକୁ ନ କରି କାନକୁ ବିଶେଷରେ ହର । ଏପରି ଶବ୍ଦଭଙ୍ଗ ହେଲା ।

ଭଙ୍ଗାଭଙ୍ଗ – ଯେଉଁଠାରେ ଶବ୍ଦମାନଙ୍କର ଭଙ୍ଗାଭଙ୍ଗ ଦ୍ୱାରା ଅନେକାର୍ଥରେ ଗୂଢ଼ଶ୍ଳେଷାର୍ଥ କଥନ ହୁଏ – ଯଥା, ନଳିଣୀଗୌଡ଼ା ରାଗେ

''ହରି * ଶ୍ରୀକଳିତ କାନ୍ତି, କୃତଗିରିବରଧୃତି,

* ବିଷ୍ଣୁପକ୍ଷେ – ଲକ୍ଷ୍ମୀବର୍ଦ୍ଧିତକାନ୍ତି, ଗୋବର୍ଦ୍ଧନଧାରୀ ଏବଂଚ ହରିହର ସ୍ୱରୂପ ହେବାରୁ ଗୌରୀପତିଙ୍କଠାରେ ଶୁଦ୍ଧ ପ୍ରୀତି ଏପରି ହରି (ବିଷ୍ଣୁ) ଗତି ଦେଉନ୍ତୁ । ଶିବପକ୍ଷେ – ହରି (ସର୍ପ) ଶ୍ରୀ (ଗରଳ) ତଦ୍ୱାରା ବର୍ଦ୍ଧିତ କାନ୍ତି । କୈଳାସେ କୃତସନ୍ତୋଷ, ଏବଂଚ ପାର୍ବତୀପତି ଓ ନିର୍ମଳାନ୍ତଃକରଣ ଏପରି ସଦାଶିବ ଗତି ଦେଉନ୍ତୁ । ଦୁର୍ଗାପକ୍ଷେ – ନିବିଡ଼ ସୌନ୍ଦର୍ଯ୍ୟବତୀ, ହିମାଳୟ ସନ୍ତୋଷ କାରିଣୀ, ପତିବ୍ରତା, ଏପରି ଗୌରୀଗତିକି ଦେଉନ୍ତୁ ।

ଗୌରୀ ପତି ଶୁଦ୍ଧ ପ୍ରୀତି ଦିଅନ୍ତୁ ଗତି ଯେ ।''

ଅତ୍ର ''ଗୌରୀ ପତି ଶୁଦ୍ଧ ପ୍ରୀତି'', ଏପଦ ଦୁର୍ଗାପକ୍ଷେ ସଭଙ୍ଗ, ବିଷ୍ଣୁ ଶିବ-ପକ୍ଷେ ଅଭଙ୍ଗ ହୋଇ ଉଭୟାତ୍ମକ ହେଲା । ଏହାର ବିଶେଷ ବିବରଣ କୁବଲୟାନନ୍ଦ ଗ୍ରନ୍ଥରୁ ଜାଣିବାକୁ ହେବ ।

ପଦ୍ମ, ଖଡ୍ଗ, ମୁରଜ, ଚକ୍ରମାନଙ୍କରେ ବର୍ଣ୍ଣ ବିନ୍ୟାସ ହେଲେ ତାକୁ ଚିତ୍ରକାବ୍ୟ ବୋଲି । ଏହା କାବ୍ୟରେ ଗ୍ରନ୍ଥୀଭୂତ ହେବାରୁ ବର୍ଣ୍ଣନା ନୋହିଲା ଏବଂଚ ପ୍ରହେଳିକା ମଧ, ରସର ବିରୋଧୀ ହେବାରୁ ଅଳଙ୍କାରରେ ଗଣନା କରାନଗଲା; କିନ୍ତୁ ଚ୍ୟୁତ ଦତ୍ତାକ୍ଷରାଦି ଭେଦରେ କାବ୍ୟ ଉକ୍ତିର ବୈଚିତ୍ର୍ୟ ଥିବାରୁ ନିମ୍ନେ ପ୍ରକାଶକଲୁଁ ।

ଚ୍ୟୁତାକ୍ଷର – ଯଥା, ଚକ୍ରକେଳି ରାଗେ

''ଯୌବନେ କୁସୁମ ମାନେ ଫୁଟିଲେ ।''

ଅତ୍ର ଯୌବନରେ କୁସୁମ ଫୁଟିବାର ଅସଙ୍ଗତ ବୋଧ ହେବାରୁ ''ଯୌ'' ଅକ୍ଷରକୁ ଚ୍ୟୁତ କରାଗଲା ।

ଦତ୍ତାକ୍ଷର – ଯଥା, ଚକ୍ରକେଳି ରାଗେ

''ସାଳେ କୋକିଳ ଧ୍ୱନିକି ରଚିଲେ ।''

ଅତ୍ର ସାଳ ବୃକ୍ଷରେ କୋକିଳଧ୍ୱନି, କବିସମ୍ପ୍ରଦାୟ ସିଦ୍ଧ ନୁହେଁ; ଅତଏବ ''ସାଳେ'' ଏହି ଶବ୍ଦପୂର୍ବରେ ରକାର ଦତ୍ତ କରିବାର ଆବଶ୍ୟକ ହେଲା ।

ଚ୍ୟୁତଦତ୍ତାକ୍ଷର – ଯଥା, ଉକ୍ତ ରାଗେ

ବଦନ ପୀଡ଼ାରେ ମୃଗଲୋଚନା

ପତି ବିଚ୍ଛେଦରେ କଲା ଶୋଚନା ।

ଅତ୍ର ପତି ବିଚ୍ଛେଦରେ ବଦନପୀଡ଼ା ହେବାର ଅସଙ୍ଗତ ଜାଣି ''ବଦନ'' ଶବ୍ଦରୁ ବକାର ଚ୍ୟୁତକରି ମକାର ଦତ୍ତ କରାଗଲା ।

## ଅଥ ଅର୍ଥାଳଂକାର

### ଉପମାଳଂକାର

ଉପମାନ ଉପମେୟ ଦୁହିଙ୍କର ଯେଉଁଠାରେ ସାଦୃଶ୍ୟ ଉତ୍ତମରୂପେ ଉଲ୍ଲସିତ* ହୁଏ, ତାକୁ ଉପମାଳଂକାର ବୋଲି – ଯଥା, କବିତାବଳୀ ପୃ ୨୧ ଷ୍ଠା

''ବିଷ୍ଣୁ ପ୍ରାୟେ ନୀଳନୀରଦ ବର;

ବନମାଳାପ୍ରାୟେ ଚାପ ଇନ୍ଦ୍ରର ।''

ଅତ୍ର ନୀଳନୀରଦ, ଉପମେୟ ବିଷ୍ଣୁ, ଉପମାନ ପ୍ରାୟ ଶବ୍ଦ, ବାଚକ ନୀଳଗୁଣ, ସମାନଧର୍ମ ।

* ଉଲ୍ଲସିତ ଅର୍ଥାତ୍ ଉପମାନ, ଉପମେୟ, ସମାନଧର୍ମ, ବାଚକ, ଏତତ୍ସାମଗ୍ରୀ ବିଶିଷ୍ଟ । ବାଚକର ଅର୍ଥ ଯଥା, ପରି, ପ୍ରାୟ ।

ଲୁପ୍ତୋପମା

ଏ ଆଠପ୍ରକାର, ଯଥା, ବାଚକ ଲୁପ୍ତୋପମା, ଧର୍ମ ଲୁପ୍ତୋପମା, ଧର୍ମବାଚକ ଲୁପ୍ତୋପମା, ବାଚକୋପମେୟ ଲୁପ୍ତୋପମା, ଉପମାନ ଲୁପ୍ତା, ବାଚକୋପମାନଲୁପ୍ତା, ଧର୍ମୋପମାନ ଲୁପ୍ତା, ଧର୍ମୋପମାନ ବାଚକ ଲୁପ୍ତା ।

ବାଚକଲୁପ୍ତୋପମା — ଯଥା, ତଡ଼ିଦ୍‌ଗୌରୀ ।

ଅତ୍ର ବାଚକ (ଇବ ଶବ୍ଦ) ଲୋପ ହୋଇଅଛି ।

ଧର୍ମଲୁପ୍ତୋପମା — ଯଥା, ଇନ୍ଦୁତୁଲ୍ୟମୁଖୀ

ଅତ୍ର କାନ୍ତି ରୂପ ସମାନ ଧର୍ମର ଲୋପ ହୋଇଅଛି ।

ଧର୍ମବାଚକଲୁପ୍ତୋପମା — ଯଥା, କର୍ପୂରନ୍ତୀ ଦୃଶୋର୍ମମ ।*

ଅତ୍ର ଧର୍ମ (ଶୈତ୍ୟ), ବାଚକ (ଇବ) ଏ ଦୁହିଁଙ୍କର ଲୋପହେଲା ।

ବାଚକୋପମେୟ ଲୁପ୍ତୋପମା — ଯଥା, କାନ୍ତ୍ୟାସ୍ମରବଧୂୟନ୍ତୀ ।**

ଅତ୍ର ବାଚକ (ଇବ), ଉପମେୟ (ଆତ୍ମାନଂ) ଏ ଦୁହିଁଙ୍କର ଲୋପହେଲା ।

ଅପର ଚାରିଗୋଟି ବିଶେଷ ଦୁର୍ବୋଧ ହେବ ବୋଲି ଉଲ୍ଲେଖ ନ କଲୁଁ ।

ଅନନ୍ୱୟାଳଂକାର — ଏକ ପଦାର୍ଥର ଯେଉଁଠାରେ ଉପମାନ ଉପମେୟ ଭାବ ହୁଏ — ଯଥା ।

ଇନ୍ଦୁ, ଇନ୍ଦୁଙ୍କପରି, ସୁନ୍ଦରସାଗର, ସାଗରପରି ଇତ୍ୟାଦି ।

ଅତ୍ର ଏହାଙ୍କପରି ଅନ୍ୟ ପଦାର୍ଥର ଅପ୍ରାପ୍ତି ହେତୁରୁ ଅନ୍ୱୟର ଅଭାବ ।

ଉପମେୟୋପମାଳଂ — ଦୁଇବ୍ୟକ୍ତିଙ୍କର ବାକ୍ୟଭେଦରେ ଯେବେ ଉପମାନ ଉପମେୟ ଭାବ ହୁଏ [ଏକ ବାକ୍ୟରେ ଯେ ଉପମାନ ହୋଇଥାଏ, ସେ ଅନ୍ୟ ବାକ୍ୟରେ ଉପମେୟ ହୁଏ] — ଯଥା,

ଧର୍ମ, ଅର୍ଥପରି ପୂର୍ଣ୍ଣଶ୍ରୀ ହୋଇଅଛି ।

ଅର୍ଥ, ଧର୍ମପରି ପୂର୍ଣ୍ଣଶ୍ରୀ ହୋଇଅଛି ।

ଅତ୍ର ଏହି ଦୁଇବାକ୍ୟରେ ଧର୍ମବ୍ୟକ୍ତି, ଅର୍ଥବ୍ୟକ୍ତି, ପ୍ରତ୍ୟେକରେ ଉପମାନୋପମେୟଭାବ ଘଟିତ ହୋଇଅଛନ୍ତି ।

ପ୍ରତୀପାଳଂ — ଯେଉଁଠାରେ ଉପମାନର ଉପମେୟତ୍ୱ କଳ୍ପନା ହୁଏ, ଯଥା,

ତୁମ୍ଭର ଲୋଚନସମାନ ପଦ୍ମ ଓ ମୁଖପରି ଚନ୍ଦ୍ର ।

ଅତ୍ର ପଦ୍ମ ଓ ଚନ୍ଦ୍ର ଏହି ଦୁଇ ଉପମାନର ଉପମେୟତ୍ୱ କଳ୍ପନା ହେଲା ।

ଦ୍ୱିତୀୟ ପ୍ରତୀପାଳଂ — ଅନ୍ୟୋପମେୟ ଲାଭଦ୍ୱାରା ଯେଉଁଠାରେ ବର୍ଣ୍ଣ୍ୟବ୍ୟକ୍ତିର

* ଶୈତ୍ୟେନ ଆତ୍ମାନଂ କର୍ପୂରମିବ ଆଚରନ୍ତୀ ।

** କାନ୍ତ୍ୟା ସ୍ମରବଧୂମିବ ଆତ୍ମାନଂ ଆଚରନ୍ତୀ ।

ଅନାଦର ହୁଏ – ଯଥା,

ହେ ମୁଖ ! ତୋର ଗର୍ବ କରିବାର ବୃଥା;
କାନ୍ତିଦ୍ୱାରା ଚନ୍ଦ୍ର ତ ତୋହ ସମାନରେ ଅଛନ୍ତି ।

ଅତ୍ର ବର୍ଣ୍ଣ୍ୟ ଯେ ମୁଖ, ତାହାର ଅନାଦର କରି, ଉପମେୟ ଚନ୍ଦ୍ରର ଲାଭହେଲା ।

ତୃତୀୟ ପ୍ରତୀପାଳଂ – ବର୍ଣ୍ଣ୍ୟବ୍ୟକ୍ତିର ଉପମାନ ଲାଭଦ୍ୱାରା ସେହି ବର୍ଣ୍ଣ୍ୟବ୍ୟକ୍ତିର ତିରସ୍କାରକୁ – ଯଥା,

ହେ ଶମନ, ତୁମର କ୍ରୌର୍ଯ୍ୟଦର୍ପ କାହିଁ, ତୁମ୍ଭ ଉପମାନରେ ତ ସ୍ତ୍ରୀମାନେ ଅଛନ୍ତି ।

ଅତ୍ର ବର୍ଣ୍ଣ୍ୟବ୍ୟକ୍ତି ଶମନ, ତାହାର ଉପମାନଭୂତ ସ୍ତ୍ରୀମାନଙ୍କ ଦ୍ୱାରା ସେହି ଶମନର ତିରସ୍କାର ହେଲା ।

ଚତୁର୍ଥ ପ୍ରତୀପାଳଂ – ବର୍ଣ୍ଣ୍ୟବ୍ୟକ୍ତି ସହିତରେ ଅନ୍ୟ ବ୍ୟକ୍ତିର ଯେଉଁଠାରେ ଉପମାର ଅନିଷ୍ପତ୍ତି କଥନ ହୁଏ – ଯଥା,

ହେ ମୃଗାକ୍ଷି ! ତୋହ ମୁଖ ସଦୃଶ ଅମ୍ବୁଜ ଅଛି ବୋଲି ଯେ ପ୍ରବାଦ, ସେ ମିଥ୍ୟାବାଦ ମାତ୍ର ।

ଅତ୍ର ବର୍ଣ୍ଣ୍ୟ ଯେ ମୁଖ, ତାହା ସହିତରେ ଅନ୍ୟବ୍ୟକ୍ତି ଅମ୍ବୁଜର ଉପମା ନିଷ୍ପତ୍ତିର ଅକଥନ ହେଲା ।

ପଞ୍ଚମ ପ୍ରତୀପାଳଂ – ଯେଉଁଠାରେ ଉପମାନର ତୁଚ୍ଛତା କଥନ ହୁଏ – ଯଥା,

ତୁମ୍ଭର ବଦନକୁ ଦେଖିଲେ, ପଦ୍ମ ଓ ଇନ୍ଦୁ ଦର୍ଶନରେ ଆମ୍ଭର ବିରକ୍ତି ଜାତହୁଏ ।

ଅତ୍ର ଉପମାନ ଭୂତ ପଦ୍ମ ଇନ୍ଦୁ ଦୁହିଙ୍କର ତୁଚ୍ଛତା କରଣ ହେଲା ।

## ରୂପକାଳଂକାର

ଉପମାନ ସହିତରେ, ଉପମେୟର ଅଭେଦ ଓ ତଦ୍ରୂପତା ଏ ଦୁଇ ପ୍ରକାରକୁ ରୂପକାଳଂକାର ବୋଲି । ଏହି ରୂପକ ଆଧିକ୍ୟ, ନ୍ୟୂନତା, ଅନୁଭୟୋକ୍ତି ଭେଦରେ ତିନି ପ୍ରକାର ।

ଅଭେଦରେ ଆଧିକ୍ୟ – ଯଥା,

ରାଜଶମ୍ଭୁ ସମଦୃଷ୍ଟିତାକୁ ପ୍ରକାଶକରି ସ୍ୱରାଜ୍ୟ ପାଳନ କରୁଅଛନ୍ତି ।

ଅତ୍ର ଶମ୍ଭୁଙ୍କର ବିଷମଦୃଷ୍ଟି, ତ୍ରିନେତ୍ରରେ ପାଳନ, ଏହି ରାଜରୂପ ଶମ୍ଭୁଙ୍କର ସମଦୃଷ୍ଟିରେ ପାଳନ, ଅତଏବ ରାଜା ଶମ୍ଭୁ ହେଲେ, ଏହି ଅଭେଦରେ ସମଦୃଷ୍ଟିତା ରୂପ ଆଧିକ୍ୟ ।

ଅଭେଦରେ ନ୍ୟୂନତା – ଯଥା,

ଏହି ରାଜା, ତୃତୀୟ ଲୋଚନ ହୀନହୋଇ, ଶମ୍ଭୁସ୍ୱରୂପରେ ବିରାଜିତ ହୋଇ-ଅଛନ୍ତି ।

ଅତ୍ର ରାଜାଙ୍କ ତୃତୀୟ ଲୋଚନ ଧାରଣର ନ୍ୟୂନତାପୂର୍ବକ ଶମ୍ଭୁଙ୍କ ସହିତରେ ଅଭେଦ । ଅଭେଦରେ ଅନୁଭୟୋକ୍ତି – ଯଥା,

ଯେ କ୍ଷଣମାତ୍ରରେ ପୁରମାନଙ୍କୁ ଦହନ କଲେ ସେହି ପୁରାରି ଏ ।

ଅତ୍ର ପୁରାରିଙ୍କଠାରୁ ନ୍ୟୂନତା ବା ଅଧିକତା ଉଭୟଥା ସୂଚିତ ନୋହିଲା ।

ତଦ୍ରୂପତାରେ ଅଧିକତା – ଯଥା,

କଳଙ୍କ ଚନ୍ଦ୍ରଠାରୁ ଏହି ମୁଖଚନ୍ଦ୍ର ଅଧିକ ଅଟେ ।

ଅତ୍ର ମୁଖର ନିଷ୍କଳଂକତା ପ୍ରଯୁକ୍ତ, ଆଧିକ୍ୟ ହେଲା ।

ତଦ୍ରୂପତାରେ ନ୍ୟୂନତା – ଯଥା,

ଏହି ସାଧ୍ୱୀ ସ୍ତ୍ରୀ, କ୍ଷୀରସାଗର ଜନ୍ମ ବ୍ୟତିରେକେ ଅପରା ଲକ୍ଷ୍ମୀ ଅଟେ ।

ଅତ୍ର ସାଗରରୁ ଅନୁତ୍ପତ୍ତି ରୂପ ନ୍ୟୂନତା ।

ତଦ୍ରୂପତାରେ ଅନୁଭୟୋକ୍ତି – ଯଥା, ଏହାର ମୁଖଚନ୍ଦ୍ର ଦ୍ୱାରା ଆନନ୍ଦଲାଭ ହେଲେ ଚନ୍ଦ୍ରରେ କି ପ୍ରୟୋଜନ !

ଅତ୍ର ମୁଖଚନ୍ଦ୍ର, ପ୍ରସିଦ୍ଧ ଚନ୍ଦ୍ରରୁ ନ୍ୟୂନ ବା ଅଧିକ ନାହିଁ ।

ପରିଣାମାଳଂ – ଉପମାନ, ଉପମେୟ ସ୍ୱରୂପରେ ଯେଉଁଠାରେ କାର୍ଯ୍ୟ ସାଧନ କରେ – ଯଥା,

ଏହି ରାଜା ପ୍ରସନ୍ନ ନେତ୍ରପଦ୍ମରେ ଦେଖୁ ଅଛନ୍ତି ।

ଅତ୍ର ଉପମାନ ପଦ୍ମ, ସେ, ଉପମେୟ ନେତ୍ର ରୂପରେ ପରିଣତ ହେବାରୁ (ନେତ୍ର ଭାବକୁ ପ୍ରାପ୍ତ ହେବାରୁ) ଦର୍ଶନ କ୍ରିୟା ନିଷ୍ପନ୍ନ ହେଲା । ନୋଚେତ୍ ପଦ୍ମରୂପରେ, ଦର୍ଶନ କ୍ରିୟା ହେବାର ଅସମ୍ଭବ; ଅତଏବ ଏହି ଅଳଙ୍କାର ଦ୍ୱାରା ଜଣାଗଲା ଯେ, ପଦ୍ମନେତ୍ରରେ ଦେଖୁଅଛନ୍ତି ।

ଉଲ୍ଲେଖାଳଂ – ଏକ ବ୍ୟକ୍ତିର ଅନେକ ବ୍ୟକ୍ତି କର୍ତ୍ତୃକ ଉଲ୍ଲେଖନ – ଯଥା,

ଏକ ରଜାଙ୍କୁ ସ୍ତ୍ରୀମାନେ କନ୍ଦର୍ପ ରୂପରେ ଗଣିତ କଲେ । ଅର୍ଥୀମାନେ କଳ୍ପଦ୍ରୁମ କରି ଉଲ୍ଲେଖନ କଲେ । ଶତ୍ରୁମାନେ କାଳସ୍ୱରୂପ କରି ନିରୀକ୍ଷଣ କଲେ ।

ଦ୍ୱିତୀୟ ଉଲ୍ଲେଖାଳଂ – ଏକବ୍ୟକ୍ତି, ଯେବେ ଏକବ୍ୟକ୍ତିକୁ ବିଷୟ ଭେଦରୁ ବହୁପ୍ରକାରରେ ଉଲ୍ଲେଖିତ କରେ – ଯଥା,

ଏହି ରାଜା ବଚନରେ ବୃହସ୍ପତି, କୀର୍ତ୍ତିରେ ଅର୍ଜ୍ଜୁନ, ଧନୁର୍ବିଦ୍ୟାରେ ଭୀଷ୍ମ ।

ସ୍ମୃତି, ଭ୍ରାନ୍ତି, ସନ୍ଦେହ, ଏହି ତ୍ରିତୟଦ୍ୱାରା, ସ୍ମରଣାଳଂକାର, ଭ୍ରାନ୍ତିମଦଳଂକାର ଓ ସନ୍ଦେହାଳଂକାରମାନେ ହୁଅନ୍ତି ।

ସ୍ମରଣାଳଂ – ଯଥା,

ପଙ୍କଜକୁ ଦେଖିବାରୁ ମୋ ମନରେ ରାମଚନ୍ଦ୍ରଙ୍କ ନେତ୍ର ସ୍ମରଣ ହେଉଅଛି ।

ଭ୍ରାନ୍ତିମଦଳଂ – ଯଥା,

ଏହି ମତ୍ତମଧୁପ ତୁମ୍ଭ ମୁଖକୁ ପଙ୍କଜ ବିଚାରି ନିକଟରେ ଭ୍ରମୁଅଛି ।

ସନ୍ଦେହାଳଂ – ଯଥା,

ଏ ମୁଖ ପଙ୍କଜ କି ଚନ୍ଦ୍ର ? ଏହା ନିର୍ଣ୍ଣୟ କରିବା ଆମ୍ଭ ବୁଦ୍ଧିର ଅଗମ୍ୟ ।

ନିଶ୍ଚୟାନ୍ତ ସନ୍ଦେହାଳଂ – ଯଥା, କବିତାବଳୀ ୫୪ ପୃଷ୍ଠା

ଆକାରେ ତରଙ୍ଗ ସମ ଅଜଗର ଗଣ,
ବାହାରି ଅଛନ୍ତି ପିଇବାକୁ ସମୀରଣ ।
ଦୂରକରେ, ଫଣାମଣି, ତରଙ୍ଗର ଭ୍ରାନ୍ତି,
ରବିକର ଯୋଗୁଁ ଯାର ବଢ଼ିଅଛି କାନ୍ତି ।

ଅତ୍ର ଫଣାମଣିଦ୍ୱାରା ଅଜଗର ନିଶ୍ଚୟ ହେବାରୁ ତରଙ୍ଗ ସନ୍ଦେହର ନିବୃତ୍ତି ହେଲା ।

ଶୁଦ୍ଧାପହ୍ନୁତ୍ୟଳଂ – ଅନ୍ୟର ଆରୋପ ନିମିତ୍ତରେ ଅନ୍ୟ ତତ୍ସଦୃଶ ବ୍ୟକ୍ତିର ମିଥ୍ୟାତ୍ୱ କରଣକୁ – ଯଥା,

ଏ ଚନ୍ଦ୍ର ନୁହନ୍ତି, କିନ୍ତୁ ଆକାଶଗଙ୍ଗାର ସରୋରୁହ ।

ହେତ୍ୱପହ୍ନୁତ୍ୟଳଂ – ସେହି ପୂର୍ବୋକ୍ତ ଅପହ୍ନୁତି ଯେବେ ଯୁକ୍ତ ପୂର୍ବକ ହୁଏ – ଜଣେ ଚନ୍ଦ୍ରଙ୍କୁ କହୁଅଛି । ଯଥା,

ଏ ତୀବ୍ର ହୋଇଥିବାରୁ ଚନ୍ଦ୍ର ନୁହନ୍ତି, ଏବଂଚ ନିଶାରେ ଉଦିତ ହୋଇଥିବାରୁ ସୂର୍ଯ୍ୟ ନୁହନ୍ତି, କିନ୍ତୁ ସମୁଦ୍ରରୁ ବଡ଼ବାନଳ ଉତ୍ଥିତ ହୋଇଅଛି ।

ପର୍ଯ୍ୟାସ୍ତାପହ୍ନୁତ୍ୟଳଂ – ଅନ୍ୟ ଧର୍ମ ଅନ୍ୟଠାରେ ଆରୋପଣ କରିବା ନିମିତ୍ତ ଯେବେ ଅପହ୍ନୁତ (ମିଥ୍ୟାତ୍ୱ) ଦ୍ୱାରା ନିରାକରଣ କରାଯାଏ – ଯଥା,

ଏ ସୁଧାଂଶୁ ନୁହେ, ରାମଚନ୍ଦ୍ରଙ୍କର ମୁଖ ଏକା ସୁଧାଂଶୁ ।

ଅତ୍ର ରାମଚନ୍ଦ୍ରଙ୍କ ମୁଖରେ ଚନ୍ଦ୍ରଧର୍ମର ଆରୋପଣନିମିତ୍ତ ଚନ୍ଦ୍ରତ୍ୱର ମିଥ୍ୟାତ୍ୱ କଥନ ହେଲା ।

ଭ୍ରାନ୍ତାପହ୍ନୁତ୍ୟଳଂ – ଅନ୍ୟ ଶଙ୍କାରେ ଯେଉଁ ଭ୍ରାନ୍ତି ହୁଏ ତାହାର ନିବାରଣ ବିଷୟରେ ଅନ୍ୟର ମିଥ୍ୟାତ୍ୱ କଥନକୁ – ଯଥା

ଜଣେ କହିଲା ଦୁଇପାଖରେ ପୁଚ୍ଛଥିବା କିପରି ମହିଷ ଏ ? ଅନ୍ୟ ଜଣେ କହିଲା ଏ କରିକଳଭ, ଏହାର ଅଗ୍ରଭାଗରେ ଶୁଣ୍ଡାଦଣ୍ଡ ପ୍ରକାଶ ହୋଇଅଛି, ପୁଚ୍ଛ ନୁହେଁ ।

*ଛେକାପହ୍ନୁତ୍ୟଳଂ – ଅନ୍ୟ ଶଙ୍କାରୁ ତଥ୍ୟର ଅପହ୍ନୁତି ହେଲେ – ଯଥା,

ଜଣି, ମୋ ପାଦରେ ଲାଗିଅଛି କାନ୍ତ କି ? ସଖୀ କହିଲା ନା ନୁପୁର ।

* ଚତୁର

ଅତ୍ର କାନ୍ତର ତଥ୍ୟତାକୁ ନୂପୁରଦ୍ୱାରା ଅପହ୍ନୁତ କରାଗଲା ।

କୈତବାପହ୍ନୁତ୍ୟଲଂ – ବ୍ୟାଜ, କୈତବ, ଛଳ ପ୍ରଭୃତି ପଦଦ୍ୱାରା ବର୍ଣ୍ଣ୍ୟ ବ୍ୟକ୍ତିର ମିଥ୍ୟାତ୍ୱ କରଣକୁ – ଯଥା,

କାନ୍ତା ଦୃକ୍‌ପାତ କୈତବ, କିନ୍ତୁ ସ୍ମରନାରାଚ ମାନେ ନିର୍ଗତ ହେଉଅଛନ୍ତି ।

ଉତ୍‌ପ୍ରେକ୍ଷାଲଂ – ଅନ୍ୟଧର୍ମ ସମ୍ବନ୍ଧକୁ ନିମିତ୍ତ କରି ଅନ୍ୟରେ ଅନ୍ୟତାଦାତ୍ମ୍ୟ ସମ୍ଭାବନାକୁ – ଯଥା, କବିତାବଳୀ ୫୪ ପୃଷ୍ଠା

ସିନ୍ଧୁଜଳ ପିଇବାକୁ ପ୍ରବର୍ତ୍ତିଣ ଘନ;
ଭଉଁରି ବେଗରେ ଦେଖ ଭ୍ରମୁଛି କେସନ ।
ଏ ଛବି ଦେଖି ମନକୁ ଏମନ୍ତ ଆସୁଛି;
ସିନ୍ଧୁକୁ ମନ୍ଦରଗିରି କିଅବା ମନ୍ଥୁଛି ।

ଅତ୍ର ବର୍ଣ୍ଣନୀୟ ମେଘ, ତହିଁରୁ ଅନ୍ୟ ଯେ ମନ୍ଦରଗିରି ତଦୀୟଧର୍ମ ସମୁଦ୍ରମଧ୍ୟଭ୍ରମଣ, ତାକୁ ନିମିତ୍ତକରି ମେଘଠାରେ ମନ୍ଦରଗିରି ତାଦାତ୍ମ୍ୟର ସମ୍ଭାବନା ହେଲା । ଏଠାରେ ପରିଭ୍ରମଣ ଉତ୍‌ପ୍ରେକ୍ଷାବୀଜ ।

ଏହି ଉତ୍‌ପ୍ରେକ୍ଷା, ବସ୍ତୁ, ହେତୁ, ଫଳ ଭେଦରେ ତିନି ପ୍ରକାର, ଅର୍ଥାତ୍ ଅବସ୍ତୁରେ ବସ୍ତୂତ୍‌ପ୍ରେକ୍ଷା, ଅହେତୁରେ ହେତୂତ୍‌ପ୍ରେକ୍ଷା, ଅଫଳରେ ଫଳୋତ୍‌ପ୍ରେକ୍ଷା ।

ପୁନଶ୍ଚ ବସ୍ତୂତ୍‌ପ୍ରେକ୍ଷା, ଉକ୍ତାନୁକ୍ତ ବିଷୟଭେଦରେ ଦୁଇପ୍ରକାର, ଅର୍ଥାତ୍ ଉକ୍ତ ବିଷୟାବସ୍ତୂତ୍‌ପ୍ରେକ୍ଷା ଓ ଅନୁକ୍ତବିଷୟାବସ୍ତୂତ୍‌ପ୍ରେକ୍ଷା ।

ପୁନଶ୍ଚ ହେତୁ ଓ ଫଳ ଏହି ଉତ୍‌ପ୍ରେକ୍ଷାଦ୍ୱୟ ସିଦ୍ଧବିଷୟା ଓ ଅସିଦ୍ଧବିଷୟା ଭେଦରେ ଦୁଇପ୍ରକାର; ଅର୍ଥାତ୍ ସିଦ୍ଧବିଷୟାହେତୂତ୍‌ପ୍ରେକ୍ଷା ଓ ଅସିଦ୍ଧବିଷୟା-ହେତୂତ୍-ପ୍ରେକ୍ଷା, ସିଦ୍ଧ ବିଷୟାଫଳୋତ୍‌ପ୍ରେକ୍ଷା ଓ ଅସିଦ୍ଧବିଷୟାଫଳୋତ୍‌ପ୍ରେକ୍ଷା ।

ଉକ୍ତ ବିଷୟାବସ୍ତୂତ୍‌ପ୍ରେକ୍ଷାଲଂ – ଯଥା,

ମୁଁ ଶଙ୍କା କରୁଅଛି ଏହି ଅନ୍ଧକାର ଚକ୍ରବାକୀ ବିରହାଗ୍ନିର ଧୂମ ସମୂହ ।

ଅତ୍ର ଅନ୍ଧକାର ରୂପ ବସ୍ତୁ ବିଷୟ ରୂପରେ ଉକ୍ତ ହୋଇଅଛି, କିନ୍ତୁ ଧୂମସମୂହ ନୁହେଁ, ଧୂମ ରୂପରେ ଉତ୍‌ପ୍ରେକ୍ଷା କରାଗଲା ।

ଅନୁକ୍ତବିଷୟାବସ୍ତୂତ୍‌ପ୍ରେକ୍ଷାଲଂ – ଯଥା,

ଆକାଶ ଅଞ୍ଜନକୁ ବର୍ଷଣ କରୁଅଛି ।

ଅତ୍ର ବିଷୟରୂପ ତମ, ଉକ୍ତନହୋଇ ଅଞ୍ଜନତ୍ୱ ରୂପରେ ଉତ୍‌ପ୍ରେକ୍ଷା କରାଗଲା ।

ସିଦ୍ଧବିଷୟାହେତୂତ୍‌ପ୍ରେକ୍ଷା – ଯଥା,

ତୁମ୍ଭର ମୃଦୁଳ ଅଙ୍ଘ୍ରିଦ୍ୱୟ ଭୂମିରେ ବିକ୍ଷିପ୍ତ ହେବାରୁ ନିଶ୍ଚେ ରକ୍ତବର୍ଣ୍ଣ ହୋଇଅଛି ।

ଅତ୍ର ପାଦର ରକ୍ତତ୍ୱ ସିଦ୍ଧ ଅଛି, ଭୂମିପତନ ହେତୁରୁ ରକ୍ତ ନୁହେଁ; କିନ୍ତୁ ରକ୍ତତ୍ୱର ଉତ୍‌ପ୍ରେକ୍ଷା କରାଗଲା ।

ଅସିଦ୍ଧବିଷୟାହେତୂତ୍‌ପ୍ରେକ୍ଷା – ଯଥା,

ତୁମ୍ଭ ମୁଖ ଶୋଭାପାଇବା ନିମିତ୍ତ ସୁଧାକର ପଦ୍ମଠାରେ ବୈର କରୁଅଛି ।

ଅତ୍ର ବୈରର କାରଣରୂପ ବିଷୟ ସିଦ୍ଧ ନାହିଁ, ଏବଂଚ ମୁଖ ଶୋଭାପାଇବା ଇଚ୍ଛା ବାସ୍ତବିକ ଅହେତୁ, କିନ୍ତୁ ହେତୁ ରୂପରେ ଉତ୍‌ପ୍ରେକ୍ଷା କରାଗଲା ।

ସିଦ୍ଧବିଷୟାଫଳୋତ୍‌ପ୍ରେକ୍ଷା – ଯଥା,

ପଥଶ୍ରାନ୍ତ ଦିନମଣିଙ୍କ ବିଶ୍ରାମ ନିମିତ୍ତି ଅସ୍ତାଚଳ ସ୍ଥାପିତ ହୋଇଅଛି କି ?

ଅତ୍ର ଦିନମଣିଙ୍କ ବିଶ୍ରାମ ନିମିତ୍ତ ଅସ୍ତାଚଳ ସ୍ଥାପିତ ହେବା ବାସ୍ତବିକ ଫଳ ନୁହେଁ, କିନ୍ତୁ ଫଳ ରୂପରେ ଉତ୍‌ପ୍ରେକ୍ଷା କରାଗଲା । ଏବଂଚ ଅସ୍ତାଚଳ ବିଷୟ ରୂପରେ ସିଦ୍ଧ ହୋଇଅଛି ।

ଅସିଦ୍ଧବିଷୟାଫଳୋତ୍‌ପ୍ରେକ୍ଷା – ଯଥା,

ପଙ୍କଜ ତୁମ୍ଭ ପାଦରୂପରେ ଜନ୍ମଲଭିବା ଆଶାରେ ଜଳରେ ତପସ୍ୟା କରୁଅଛି ।

ଅତ୍ର ତପସ୍ୟାକରଣ ସାମଗ୍ରୀରୂପ ବିଷୟ ଅସିଦ୍ଧ ଏବଂ ପଦ ସାଯୁଜ୍ୟ (ଐକ୍ୟ) ପ୍ରାପ୍ତିରୂପ ଫଳର ଉତ୍‌ପ୍ରେକ୍ଷା ହେଲା; କିନ୍ତୁ ବାସ୍ତବିକ ଫଳ ନୁହେଁ ।

## ଅତିଶୟୋକ୍ତି ଅଳଂକାର

ରୂପକାତିଶୟୋକ୍ତ୍ୟଳଂ – ଉପମେୟ ଯେବେ ଉପମାନ ପଦରେ ନିଗୀର୍ଣ୍ଣତ୍ୱ (ତଦେକତ୍ୱ) ରୂପରେ ପ୍ରାପ୍ତ ହୁଏ – ଯଥା,

ଦେଖ ନୀଳୋତ୍ପଳ ଯୁଗଳରୁ ତୀକ୍ଷ୍ଣ ଶରମାନେ ନିର୍ଗତ ହେଉଅଛନ୍ତି ।

ଅତ୍ର ଉପମାନ ଯେ ନୀଳୋତ୍ପଳ ଯୁଗଳ, ତହିଁରେ ଉପମେୟ ନେତ୍ରଦ୍ୱୟ ନିର୍ଗୀର୍ଣ୍ଣ (ଅନ୍ତର୍ଭୂତ) ହୋଇଅଛି; ଏବଂଚ ଉପମାନଭୂତ ଶରମାନଙ୍କରେ, ଉପମେୟ ରୂପ କଟାକ୍ଷମାନେ ନିଗୀର୍ଣ୍ଣ (ଗିଳିତ) ହୋଇଅଛନ୍ତି ।

ସାପହ୍ନବାତିଶୟୋକ୍ତି – ଅତିଶୟୋକ୍ତି ଯେବେ ଅପହ୍ନୁତିଗର୍ଭ ହୁଏ – ଯଥା,

ହେ ରାଜନ୍, ଆପଣଙ୍କ ବଚନରେ ସୁଧା ଅଛି; ବୃଥାରେ ଭ୍ରାନ୍ତ-ଲୋକମାନେ ଚନ୍ଦ୍ରମଣ୍ଡଳରେ ଅନୁସନ୍ଧାନ କରୁଅଛନ୍ତି ।

ଭେଦକାତିଶୟୋକ୍ତି – ଏକପଦାର୍ଥର ଅନ୍ୟତ୍ୱ କଥନକୁ – ଯଥା,

ଏ ରାଜାଙ୍କର ଗାମ୍ଭୀର୍ଯ୍ୟ ଭିନ୍ନ ଏବଂ ଧୈର୍ଯ୍ୟ ମଧ୍ୟ ଭିନ୍ନ; ଅର୍ଥାତ୍ ଏହାଙ୍କର ଭିନେ ଗାମ୍ଭୀର୍ଯ୍ୟ ଓ ଭିନେ ଧୈର୍ଯ୍ୟ; ଏହାର ତାତ୍ପର୍ଯ୍ୟ ଏହି – ଏହାଙ୍କ ଗାମ୍ଭୀର୍ଯ୍ୟ ଓ ଧୈର୍ଯ୍ୟ ଅନ୍ୟ ବ୍ୟକ୍ତିର ଗାମ୍ଭୀର୍ଯ୍ୟ ଓ ଧୈର୍ଯ୍ୟରୁ ଅଧିକ ଅଟେ ।

ସମ୍ବନ୍ଧାତିଶୟୋକ୍ତି – ଅସମ୍ବନ୍ଧରେ ସମ୍ବନ୍ଧ କଥନକୁ – ଯଥା,

ଏହି ନଗରର ସୌଧାଗ୍ରମାନେ ଚନ୍ଦ୍ରମଣ୍ଡଳକୁ ସ୍ପର୍ଶ କରୁଅଛନ୍ତି ।

ଅସମ୍ବନ୍ଧାତିଶୟୋକ୍ତି – ସମ୍ବନ୍ଧରେ ଅସମ୍ବନ୍ଧ କଥନକୁ – ଯଥା,

ହେ ମହାରାଜ, ଆପଣ ଦାତା ହେବାରୁ ଆମ୍ଭମାନଙ୍କର କଳ୍ପଦ୍ରୁମରେ ଆଦର ହେଉନାହିଁ ।

ଅତ୍ର କଳ୍ପଦ୍ରୁମରେ ଆଦରର ସମ୍ବନ୍ଧ ଥିଲେ ମଧ୍ୟ ଅନାଦର ରୂପ ଅସମ୍ବନ୍ଧ କୁହାଗଲା ।

ଅତ୍ୟନ୍ତାତିଶୟୋକ୍ତି – ହେତୁ ପ୍ରଧାନ ରୂପରେ ବଳବତ୍ତର ହୋଇ କାର୍ଯ୍ୟକୁ ଜାତକଲେ – ଯଥା,

କରପଲ୍ଲବର କନିଷ୍ଠ ମୁଦ୍ରିକା କଙ୍କଣ ହେଲାଣି ଭୁଜକୁ,
ଉଦ୍ଧବ, କହିବଟି ଗୋପୀନାଥଙ୍କୁ ।

ଅତ୍ର ବିରହରୂପ ହେତୁ ବଳବତ୍ତର ହୋଇ କୃଶତାରୂପ କାର୍ଯ୍ୟ ଜାତକଲା ।

ଅକ୍ରମାତିଶୟୋକ୍ତି – ହେତୁ କାର୍ଯ୍ୟ ଦୁହିଁଙ୍କର ଏକକାଳୀନତାକୁ – ଯଥା,

ହେ ରାଜନ୍, ଆପଣଙ୍କ ଶର ଓ ଶତ୍ରୁମାନେ ଏକକାଳରେ ଜ୍ୟାକୁ ଆଲିଙ୍ଗନ କରୁଅଛନ୍ତି ।

ଅତ୍ର ଶରମାନେ ଜ୍ୟା (ଧନୁର୍ଗୁଣ)କୁ, ଶତ୍ରୁମାନେ ଜ୍ୟା (ପୃଥ୍ୱୀ)କୁ ଆଲିଙ୍ଗନ କରୁଅଛନ୍ତି; ଅର୍ଥାତ୍ ଶର ସନ୍ଧାନ କାରଣ, ଶତ୍ରୁ ପତନ କାର୍ଯ୍ୟ ଏ ଦୁହେଁ ଏକକାଳୀନ ହେଲେ ।

ଚପଳାତିଶୟୋକ୍ତ୍ୟଲଂ – ପୂର୍ବାପରର ବ୍ୟତିକ୍ରମକୁ – ଯଥା,

ପ୍ରଥମତଃ ମାନଶାନ୍ତି ହେଲା, ତଦନନ୍ତର ନାୟିକାକୁ ଅନୁନୀତକଲା ।

ପ୍ରଥମରେ ଅନୁନୀତ ହୋଇ ପଶ୍ଚାତ୍ ମାନଶାନ୍ତ ହୁଏ । ଅତ୍ର ତାହାର ବ୍ୟତିକ୍ରମ ହେଲା ।

ତୁଲ୍ୟଯୋଗିତାଲଂ – ବର୍ଣ୍ଣ୍ୟବ୍ୟକ୍ତି ଅବର୍ଣ୍ଣ୍ୟବ୍ୟକ୍ତି ଏ ଦୁହିଙ୍କର ସମାନ ଧର୍ମ କଥନକୁ – ଯଥା, ରାତ୍ରି ହେବାରୁଁ ସରୋଜମାନେ, ସ୍ୱୈରଣୀ (ସ୍ୱେଚ୍ଛାଚାରିଣୀ) ବଦନମାନେ ସଂକୋଚିତ ହେଲେ ।

ଅତ୍ର ସରୋଜମାନେ ବର୍ଣ୍ଣ୍ୟ, ସ୍ୱୈରିଣୀବଦନ ଅବର୍ଣ୍ଣ୍ୟ, ଏଦୁହିଁଙ୍କର ସଂକୋଚରୂପ ଏକ ଧର୍ମ କଥନ ହେଲା ।

କେବଳ ଅବର୍ଣ୍ଣ୍ୟତୁଲ୍ୟଯୋଗିତାଲଂ – ଯଥା,

ତୁମ୍ଭ ଅଙ୍ଗମାର୍ଦ୍ଦବ ଦୃଷ୍ଟ ହେବାରୁ ମାଳତୀ, ଚନ୍ଦ୍ରଲେଖା, କଦଳୀ ଏମାନଙ୍କର କଠୋରତା ଜଣାଗଲା ।

ଅତ୍ର ଅବର୍ଣ୍ଣ୍ୟ ମାଳତ୍ୟାଦିଙ୍କର କଠୋରତା ରୂପ ସମାନ ଧର୍ମ କଥନ ହେଲା ।

ଅପରାତୁଲ୍ୟଯୋଗିତା – ହିତାହିତରେ ସମାନ ବ୍ୟବହାରକୁ – ଯଥା,

ଆପଣ ମିତ୍ର ଶତ୍ରୁ ଦୁହିଙ୍କୁ ପରାଭୂତି ଦେଉଅଛ ।

ଅତ୍ର ମିତ୍ରପକ୍ଷେ ପରାଭୂତି (ଉତ୍କୃଷ୍ଟ ସମ୍ପତ୍ତି), ଶତ୍ରୁପକ୍ଷେ ପରାଭୂତି (ପରାଭବ); ଅତଏବ ହିତାହିତରେ ଶ୍ଳେଷ ଦ୍ୱାରା ତୁଲ୍ୟ ବ୍ୟବହାର ହେଲା ।

ଅନ୍ୟତୁଲ୍ୟଯୋଗିତା ଗୁଣୋତ୍କୃଷ୍ଟ ବ୍ୟକ୍ତି ସହିତରେ ତୁଲ୍ୟତ୍ୱ କଥନକୁ – ଯଥା,

ହେ ରାଜନ୍, ଆପଣ ଧର୍ମରାଜ ଓ ବରୁଣ ଏବଂ ଶ୍ରୀଦ ଓ ଶକ୍ର ।

ଅତ୍ର ଇନ୍ଦ୍ରାଦି ଲୋକପାଳଙ୍କ ସହିତ ବର୍ଣ୍ଣନୀୟ ରାଜାଙ୍କର ତୁଲ୍ୟ ଯୋଗିତା କଥନ ହେଲା ।

ଦୀପକାଳଂକାର – ବର୍ଣ୍ଣ୍ୟ ଅବର୍ଣ୍ଣ୍ୟ ଦୁହିଙ୍କର ଏକଧର୍ମ କଥନକୁ – ଯଥା,

ମଦରେ କରି କଲଭ ଓ ପ୍ରତାପରେ ରାଜା ଶୋଭା ପାଆନ୍ତି ।

ଅତ୍ର ଉଭୟନିଷ୍ଠ ଶୋଭାରୂପ ଧର୍ମ ଏକତ୍ର କଥିତ ହେଲା ।

ପ୍ରତିବସ୍ତୂପମାଳଂ – ଦୁଇ ବାକ୍ୟରେ ଯେବେ ଗୋଟିଏ ସାମାନ୍ୟ ଧର୍ମ ଥାଏ – ଯଥା– ତାପଦ୍ୱାରା ସୂର୍ଯ୍ୟ ଯେପରି ଶୋଭିତ ହୁଅନ୍ତି, ସେହିପରି ଚାପଦ୍ୱାରା ଶୂରବ୍ୟକ୍ତି ଏକା ଶୋଭିତ ହୁଏ ।

ଅତ୍ର ଦୁଇ ବାକ୍ୟରେ ବସ୍ତୁପ୍ରତି ବସ୍ତୁଘଟିତ ଉପମାଦ୍ୱାରା ଶୋଭାରୂପ ସାମାନ୍ୟ ଧର୍ମର କଥନ ହେଲା ।

ଦୃଷ୍ଟାନ୍ତାଳଂ – ବିମ୍ବ ପ୍ରତିବିମ୍ବ ଭାବ ବର୍ଣ୍ଣନକୁ – ଯଥା,

ଆପଣଙ୍କ ପରି କୀର୍ତ୍ତିମନ୍ତ କେହି ନାହାନ୍ତି ଓ ଚନ୍ଦ୍ରଙ୍କ ପରି କାନ୍ତିମନ୍ତ କେହି ନାହିଁ । ଅତ୍ର କୀର୍ତ୍ତି ବିମ୍ବସ୍ଥାନି, କାନ୍ତି ପ୍ରତିବିମ୍ବସ୍ଥାନି ।

ନିଦର୍ଶନାଳଂ – ସମାନ ବାକ୍ୟଦ୍ୱୟର ଐକ୍ୟାରୋପକୁ – ଯଥା,

ଦାତାର ଯେ ସୌମ୍ୟତା (ସାଧୁତା) ସେହି କେବଳ ପୂର୍ଣ୍ଣେନ୍ଦୁର ଅକଳଂକତା ।

ଅଥବା ଦୁର୍ଜନର ଯେ ସେବା ସେହି କେବଳ ମୃତ୍ୟୁ ।

ଅନ୍ୟପ୍ରକାର ନିଦର୍ଶନାଳଂ – କୌଣସିମାନଙ୍କ ମତରେ ପଦାର୍ଥ ଦୁହିଙ୍କର ଏକତ୍ୱାରୋପକୁ – ଯଥା,

ତୁମ୍ଭର ନେତ୍ର ଯୁଗଳ ନୀଳପଦ୍ମ ଲୀଳାକୁ ଧାରଣ କରିଅଛି ।

ଅତ୍ର ନେତ୍ର ଓ ପଦ୍ମ ଏ ଦୁଇ ପଦାର୍ଥ ଐକ୍ୟାରୋପ ହେଲା ।

ଅପରା ନିଦର୍ଶନାଳଂ – କ୍ରିୟାଦ୍ୱାରା ସଦସତ୍ ଅର୍ଥ ଦୁହିଙ୍କର ବୋଧନକୁ – ଯଥା–ରାଜବିରୋଧୀ ନାଶକୁ ପ୍ରାପ୍ତହୁଏ ବୋଲି ଚନ୍ଦ୍ରୋଦୟରେ ତମଃ କ୍ଷୀଣ ହେଉଅଛି ।

ଅତ୍ର ଯେ ରାଜ ବିରୋଧୀ ହେବ ସେ ମୋ ପରି କ୍ଷୟକୁ ଲଭିବ, ତମ ଏହା କହି ନିଦର୍ଶନାସ୍ୱରୂପ ହେଲା ।

ବ୍ୟତିରେକାଳଂ – ଉପମେୟର ବିଶେଷ କଥନକୁ – ଯଥା,

ହେ ମହାରାଜ ! ଆପଣଙ୍କ କର ଏବଂ କଳ୍ପତରୁ ପଲ୍ଲବ ଏ ଦୁହିଙ୍କର ଏତିକି ବ୍ୟତିରେକ (ଭେଦ) ଅଛି; ଯେହେତୁ କଳ୍ପତରୁ ପଲ୍ଲବ କର୍ଣ୍ଣକୁ ଭୂଷିତ କରେ; ଆପଣଙ୍କ କର କର୍ଣ୍ଣ (କର୍ଣ୍ଣଦାତା)କୁ ତିରସ୍କୃତ କରୁଅଛି ।

ଅତ୍ର କଳ୍ପତରୁ ପଲ୍ଲବ ଉପମାନ, କର ଉପମେୟ, ଅତଏବ କରର ଉତ୍କର୍ଷ କୁହାଗଲା ।

ସହୋକ୍ତ୍ୟଳଂ – ସହଯୋଗ କଥନ ଯେବେ ଜନରଞ୍ଜନ ହୁଏ – ଯଥା,

ଶତ୍ରୁମାନଙ୍କ ସହିତରେ ଆପଣଙ୍କ କୀର୍ତ୍ତି ଦିଗନ୍ତକୁ ଗତ ହେଲା ।

ଏହାର ତାତ୍ପର୍ଯ୍ୟ ଏହି – କୀର୍ତ୍ତି ଦିଗନ୍ତବ୍ୟାପିନୀ ହେଲା ଓ ଶତ୍ରୁମାନେ ଦିଗନ୍ତକୁ ପଳାୟନ କଲେ ।

ଅତ୍ର ଏହି ଏକ ଉକ୍ତିଦ୍ୱାରା ଜନମନୋହର ଅର୍ଥ ପ୍ରକାଶହେଲା; କିନ୍ତୁ ପୁତ୍ର ସହିତରେ ପିତା ଉପଗତ ହେଲା, ଏହି ସହୋକ୍ତି ଜନରଞ୍ଜନ ନୁହେଁ ।

ବିନୋକ୍ତ୍ୟଳଂ – କିଛି ବ୍ୟତିରେକରେ ଯେବେ ପ୍ରସ୍ତୁତ ପଦାର୍ଥ ହୀନରୂପରେ କୁହାଯାଏ – ଯଥା,

ବିଦ୍ୟା ସ୍ପୃହଣୀୟ ପଦାର୍ଥ, କିନ୍ତୁ ବିନୟ ସମ୍ପତ୍ତି ବିନା ସଦୋଷ ଅଟେ ।

ଅତ୍ର ବିନୟ ସମ୍ପତ୍ତି ବ୍ୟତିରେକରେ ବିଦ୍ୟାର ହୀନତା କଥିତ ହେଲା ।

ସମାସୋକ୍ତ୍ୟଳଂ – ପ୍ରସ୍ତୁତାର୍ଥରେ ଅପ୍ରସ୍ତୁତାର୍ଥର ପ୍ରକାଶନକୁ – ଯଥା,

ଦେଖିବାହେଉ ଏହି ରକ୍ତଚନ୍ଦ୍ରମା, ଐନ୍ଦ୍ରୀମୁଖକୁ ଚୁମ୍ବିତ କରୁଅଛି ।

ଅତ୍ର ପ୍ରସ୍ତୁତାର୍ଥ ଚନ୍ଦ୍ରମା, ଐନ୍ଦ୍ରୀ [ପ୍ରାଚୀଦିଗ], ଏହାଙ୍କ ବର୍ଣ୍ଣନରୁ ଚୁମ୍ବନଦ୍ୱାରା ଅପ୍ରସ୍ତୁତାର୍ଥ ନାୟିକା ନାୟକ ରୂପ ଅର୍ଥ ପ୍ରତୀତ ହେଲା ।

ପରିକରାଳଂ – ବିଶେଷଣ ସାଭିପ୍ରାୟ ହେଲେ – ଯଥା,

ସୁଧାଂଶୁ କଳିତୋତ୍ତଂସଶିବ ଆପଣଙ୍କର ତାପକୁ ହରଣ କରନ୍ତୁ ।

ଅତ୍ର ''ସୁଧାଂଶୁ କଳିତୋତ୍ତଂସ'' ଏହି ବିଶେଷଣ ତାପ ହରଣ ସାମର୍ଥ୍ୟର ସୂଚକ ହେବାରୁ ସାଭିପ୍ରାୟ ହେଲା ।

ପରିକରାଙ୍କୁରାଳଂ – ବିଶେଷଣ ସାଭିପ୍ରାୟ ହେଲେ – ଯଥା,

ଚତୁର୍ଭୁଜ ଦେବତା ଚାରିପୁରୁଷାର୍ଥ (ଧର୍ମାର୍ଥ କାମ ମୋକ୍ଷ)ମାନଙ୍କର ଦାତା ।

ଅତ୍ର ଭୁଜ ଚତୁଷ୍ଟୟ ଧାରଣ ଚତୁର୍ବର୍ଗ ଦାନାଭିପ୍ରାୟ ।

ଅପ୍ରସ୍ତୁତ ପ୍ରଶଂସାଳଂ – ପ୍ରସ୍ତୁତାର୍ଥକୁ ଆଶ୍ରୟକରି ଅପ୍ରସ୍ତୁତାର୍ଥର କଥନକୁ– ଯଥା,

ଯେ ମେଘଭିନ୍ନ ଅନ୍ୟକୁ ପ୍ରାର୍ଥନା ନ କରେ, ସେ ପକ୍ଷୀମାନଙ୍କ ମଧ୍ୟରେ କୁଶଳ ।

ଏହାର ତାତ୍ପର୍ଯ୍ୟ ଏହି – ହୀନ ପ୍ରାର୍ଥନା କରଣୀୟ ନୁହେଁ ।

ଅତ୍ର ''ହୀନପ୍ରାର୍ଥନା କରଣୀୟ ନୁହେଁ'' ଏହି ପ୍ରସ୍ତୁତୋଦ୍ଦେଶ୍ୟରେ ''ଯେ ମେଘଭିନ୍ନ ଅନ୍ୟକୁ ପ୍ରାର୍ଥନା ନ କରେ'' ଏତଦ୍ରୂପ ଅପ୍ରସ୍ତୁତ କଥନଦ୍ୱାରା ''ହୀନପ୍ରାର୍ଥନା କରଣୀୟ ନୁହେଁ'' ଏହି ପ୍ରସ୍ତୁତାର୍ଥ ଲାଭହେଲା ।

ପ୍ରସ୍ତୁତାଙ୍କୁରାଳଂ – ପ୍ରସ୍ତୁତଦ୍ୱାରା ପ୍ରସ୍ତୁତର ପ୍ରକାଶନକୁ – ଯଥା,

ହେ ଭୃଙ୍ଗ ! ମାଳତୀ ଥାଉଁ ଥାଉଁ କଣ୍ଟକାବୃତ୍ତ କେତକୀରେ କି ପ୍ରୟୋଜନ ?

ଏହାର ତାତ୍ପର୍ଯ୍ୟ ଏହି – ସ୍ୱନାୟିକା ଥାଉଁ ଥାଉଁ ଅମଙ୍ଗଳକାରିଣୀ ପରନାୟିକାରେ କି ପ୍ରୟୋଜନ ?

ଅତ୍ର ସ୍ୱନାୟିକା ଥାଉଁ ଥାଉଁ ଇତ୍ୟାଦି ପ୍ରସ୍ତୁତୋଦ୍ଦେଶ୍ୟରେ ''ହେ ଭୃଙ୍ଗ'' ଇତ୍ୟାଦି ପ୍ରସ୍ତୁତ କଥନଦ୍ୱାରା ଫଳତଃ ସ୍ୱନାୟିକା ଥାଉଁ ଥାଉଁ ଇତ୍ୟାଦି ପ୍ରସ୍ତୁତାର୍ଥ ଲାଭହେଲା ।

ପର୍ଯ୍ୟାୟୋକ୍ତ୍ୟଳଂ – ଗମ୍ୟାର୍ଥ ଯେବେ ବଚନ ଭଙ୍ଗୀଦ୍ୱାରା କଥିତ ହୁଏ – ଯଥା,

ଯେଉଁ ରାଜା ଶତ୍ରୁ ସ୍ତ୍ରୀମାନଙ୍କର ସିନ୍ଦୂରବିନ୍ଦୁ ଧାରଣରେ ବିରୋଧୀ ହେଲେ, ସେହି ରାଜା ଏକା ଧନ୍ୟ ।

ଅତ୍ର ଶତ୍ରୁ ନାଶକରିବାର ଗମ୍ୟାର୍ଥ ବଚନ ଭଙ୍ଗୀଦ୍ୱାରା କଥିତ ହେଲା ।

### ବ୍ୟାଜସ୍ତୁତି ଅଳଂକାର

ନିନ୍ଦାସ୍ତୁତି ଏଦୁହିଙ୍କ ଦ୍ୱାରା ସ୍ତୁତିନିନ୍ଦା ଦୁହିଙ୍କର କଥନକୁ ବ୍ୟାଜସ୍ତୁତି ଅଳଂକାର ବୋଲି ।

ନିନ୍ଦାସ୍ତୁତ୍ୟଳଂ – ଯଥା,

ହେ ସ୍ୱର୍ଗଙ୍ଗେ, ଆପଣ ପାପୀମାନଙ୍କୁ ସ୍ୱର୍ଗକୁ ନେଉଅଛ ଏ କି ବିବେକ ?

ଅତ୍ର ନିନ୍ଦାକଥନଦ୍ୱାରା ପତିତପାବନୀରୂପ ସ୍ତୁତି ପ୍ରାପ୍ତ ହେଲା ।

ସ୍ତୁତିନିନ୍ଦାଳଂ – ଯଥା,

ଆପଣଙ୍କର ବଡ଼ ବୁଦ୍ଧି, ପର୍ବତ ଅପେକ୍ଷା ବଡ଼ ବୋଇଲେ ଅତ୍ୟୁକ୍ତି ହୁଏ ନାହିଁ ।

ଅତ୍ର ଏହି ସ୍ତୁତିଦ୍ୱାରା ମୋଟାବୁଦ୍ଧ୍ୟା ହେବାର ଜଣାଯାଏ ।

ବ୍ୟାଜନିନ୍ଦାଳଂ – ନିନ୍ଦାଦ୍ୱାରା ନିନ୍ଦାର ପ୍ରକାଶନକୁ – ଯଥା,

ହେ ବିଧାତଃ, ପୂର୍ବରେ ଆପଣଙ୍କର ଏକଶିରକୁ ଯେ ଛେଦନ କଲେ ସେ ନିନ୍ଦ୍ୟ ।

ଏହାର ତାତ୍ପର୍ଯ୍ୟ, ଏହି ଚାରିଶିରକୁ ଛେଦନ କରିଥିଲେ ନିନ୍ଦ୍ୟ ହୋଇନଥାନ୍ତେ ।

ଅତ୍ର ହରନିନ୍ଦାଦ୍ୱାରା ବିଷମ ସଂସାର ପ୍ରବର୍ତ୍ତକ ପ୍ରଜାପତିଙ୍କର ନିନ୍ଦା ହେଲା; କାରଣ ସମଗ୍ର ଶିର ଛେଦନ କରିଥିଲେ ଆମ୍ଭମାନଙ୍କର ଏପରି ବିଷମ ସଂସାର ଯାତନା ହୁଅନ୍ତା ନାହିଁ ।

ଆକ୍ଷେପାଳଂକାର – ସ୍ୱକୀୟ ଉକ୍ତିର ବିଚାରଦ୍ୱାରା ପ୍ରତିଷେଧକୁ – ଯଥା,

ହେ ଚନ୍ଦ୍ର ! ଆପଣ ସ୍ୱରୂପକୁ ଦେଖାଅ ନୋଚେତ୍ ପ୍ରିୟାମୁଖ ତ ଅଛି, ଆପଣଙ୍କ ରୂପ ଦେଖିବାର ଆବଶ୍ୟକ ନାହିଁ ।

ଅତ୍ର ଚନ୍ଦ୍ର ନିନ୍ଦାର ଆକ୍ଷେପ ହେଲା ।

ବିରୋଧାଭାସାଳଂ – ବିରୋଧର ଆଭାସକୁ – ଯଥା,

ବିସର୍ଜଇ ଯେ ବଡ଼ ଆନନ୍ଦରେ ଜୀବନ ।

ବ୍ରହ୍ମପୁତ୍ରକୁ ଭକ୍ଷିବା ଇଚ୍ଛାକଲେ ବିଯୋଗୀ ହୋଇଥିବା ଜନ । ବୈ:ଶ:

ଅତ୍ର ଜୀବନ ଶବ୍ଦ ଜଳବାଚକ ଓ ବ୍ରହ୍ମପୁତ୍ର ଶବ୍ଦ ବିଷବାଚକ ହେଲେ ବିରୋଧର ପରିହାର ହେବ ।

ବିଭାବନାଳଂ – କାରଣ ବ୍ୟତିରେକରେ କାର୍ଯ୍ୟୋତ୍ପତ୍ତିକୁ – ଯଥା,

ତୁମ୍ଭର ଚରଣ, ଲାକ୍ଷାରସ ବ୍ୟତିରେକରେ ରକ୍ତ ହୋଇଅଛି ।

ଅତ୍ର ଲାକ୍ଷାରସ କାରଣ ବ୍ୟତିରେକରେ ରକ୍ତିମାକାର୍ଯ୍ୟୋତ୍ପତ୍ତି ହେଲା ।

୨ୟା ବିଭାବନାଳଂ – ଅସମ୍ପୂର୍ଣ୍ଣ ହେତୁଦ୍ୱାରା କାର୍ଯ୍ୟୋତ୍ପତ୍ତିକୁ – ଯଥା,

କନ୍ଦର୍ପ, ଅତୀକ୍ଷ୍ଣ ଓ ଅକଠିନ ଅସ୍ତ୍ରଦ୍ୱାରା ଜଗତକୁ ଜିଣୁଅଛି ।

ଅତ୍ର ଅସ୍ତ୍ର ହେତୁରୂପରେ ଅଛି କିନ୍ତୁ ତାହାର ତୀକ୍ଷ୍ଣତାଦି ଧର୍ମ ସମ୍ପୂର୍ଣ୍ଣ ରୂପରେ ନାହିଁ ।

୩ୟା ବିଭାବନାଳଂ – ପ୍ରତିବନ୍ଧକଯୁକ୍ତ କାର୍ଯ୍ୟୋତ୍ପତ୍ତିକୁ – ଯଥା,

ରାଜନ୍ ! ଆପଣଙ୍କ ଅସି-ଭୁଜଙ୍ଗମ ନରେନ୍ଦ୍ରମାନଙ୍କୁ ଦଂଶନ କରୁଅଛି ।

ଅତ୍ର ନରେନ୍ଦ୍ର ଶବ୍ଦର ଅପର ଅର୍ଥ ବ୍ୟାଳଗ୍ରାହୀ, ତାକୁ ଭୁଜଙ୍ଗମ ଦଂଶନ କରିବା ବିଷୟରେ ପ୍ରତିବନ୍ଧକତା ଅଛି, ତଥାପି ନରେନ୍ଦ୍ର ଶବ୍ଦ ରାଜାବାଚକ ହୋଇ କାର୍ଯ୍ୟୋତ୍ପତ୍ତି କଲା ।

୪ର୍ଥୀ ବିଭାବନାଳଂ – ଅନ୍ୟ କାରଣରୁ କାର୍ଯ୍ୟୋତ୍ପତ୍ତିକୁ – ଯଥା,

ଶଙ୍ଖରୁ ବୀଣାଧ୍ୱନି ଉଦିତ ହେଲା ।

ଏହାର ତାତ୍ପର୍ଯ୍ୟ ଏହି – କଣ୍ଠଧ୍ୱନି ବୀଣାଧ୍ୱନିସଦୃଶ ହୋଇଅଛି ।

ଅତ୍ର ଶଙ୍ଖ, ବୀଣାଧ୍ୱନି ଉତ୍ପତ୍ତିର କାରଣ ନୁହେଁ ।

୫ମୀ ବିଭାବନାଳଂ – ବିରୁଦ୍ଧ କାର୍ଯ୍ୟୋତ୍ପତ୍ତିକୁ – ଯଥା,

ହେ ତନ୍ୱି, ଶୀତାଂଶୁକିରଣମାନେ ମୋତେ ପରିତପ୍ତ କରୁଅଛନ୍ତି ।

ଶୀତାଂଶୁକିରଣ ତାପଜନକ ନୁହେଁ, କିନ୍ତୁ ଅତ୍ର ବିରହୀର ତାପଜନକ ହୋଇ ବିରୁଦ୍ଧ କାର୍ଯ୍ୟ କଲା ।

୬ଷ୍ଠୀ ବିଭାବନାଳଂ – କାର୍ଯ୍ୟ ଯେବେ କାରଣ ଉତ୍ପନ୍ନ ହୁଏ – ଯଥା,

ହେ ରାଜନ୍ ଆପଣଙ୍କ କରକଳ୍ପଦ୍ରୁମରୁ ଯଶସମୁଦ୍ର ଜାତ ହେଲା ।

ସମୁଦ୍ରରୁ କଳ୍ପଦ୍ରୁମ ଜାତହୁଏ, ଅତ୍ର କଳ୍ପଦ୍ରୁମରୂପ କାର୍ଯ୍ୟରୁ ସମୁଦ୍ରରୂପ କାରଣ ଜାତ ହେଲା ।

ବିଶେଷୋକ୍ତ୍ୟଳଂ – ସମ୍ପୂର୍ଣ୍ଣ କାରଣ ଥାଇ କାର୍ଯ୍ୟର ଅନୁପ୍ରତ୍ତିକୁ – ଯଥା,

ସ୍ମରଦୀପ ଜଳିଲେ ମଧ ହୃଦୟରୁ ସ୍ନେହ କ୍ଷୟ ନୋହିଲା ।

ଅତ୍ର ଦୀପଜ୍ୱଳନରୂପ କାରଣ ଥାଇ, ସ୍ନେହକ୍ଷୟରୂପ କାର୍ଯ୍ୟର ଅନୁପ୍ରତ୍ତି ହେଲା ।

ଅସମ୍ଭବାଳଂ – ଅର୍ଥନିଷ୍ପତ୍ତିର ଅସମ୍ଭାବନୀୟତ୍ୱ ବର୍ଣ୍ଣନକୁ – ଯଥା,

ଗୋପଶିଶୁ ଶୈଳୋତ୍ପାଟନ କରିବେ ଏହା କିଏ ଜାଣିଥିଲା !

ଅତ୍ର ଶିଶୁଦ୍ୱାରା ଶୈଳୋତ୍ପାଟନ ଅସମ୍ଭବ ।

ଅସଙ୍ଗତ୍ୟଳଂ – କାର୍ଯ୍ୟ ଓ ହେତୁ, ଦୁହିଙ୍କ ବିରୁଦ୍ଧ, ଭିନ୍ନଦେଶାବସ୍ଥାନ ବର୍ଣ୍ଣନକୁ – ଯଥା,

ଜଳଧରମାନେ ବିଷ ପାନ କଲେ, ପଥିକାଙ୍ଗନାମାନେ ମୂର୍ଚ୍ଛିତ ହେଲେ ।

ଯେ ବିଷ ପାନକଲା ସେ ମୂର୍ଚ୍ଛିତ ହେବାର ଉଚିତ, ଅତ୍ର ତାହା ନ ହେବାରୁ ଅସଙ୍ଗତି ହେଲା ।

ବିଷମାଳଂ – ଅନନୁରୂପ ପଦାର୍ଥ ଦୁହିଙ୍କର ଘଟନା ଯେଉଁଠାରେ ବର୍ଣ୍ଣିତ ହେବ – ଯଥା,

ଶିରୀଷ କୋମଳ ସୀତାଙ୍କ ଚରଣ ତଳ କେଉଁଠାରେ, ଅତିକଠିନ ଦୁର୍ଗମବନ ପ୍ରଦେଶ କେଉଁଠାରେ ?

ଅତ୍ର କୋମଳ କଠିନ ଏ ଦୁହିଁଙ୍କର ଅନନୁରୂପତା ବର୍ଣ୍ଣିତ ହେଲା ।

୨ୟ ବିଷମାଳଂ – ଭିନ୍ନରୂପ କାର୍ଯ୍ୟୋତ୍ପତ୍ତିକୁ – ଯଥା,

ଆପଣଙ୍କର ଶ୍ୟାମା କୃପାଣିକା [ଖଡ୍ଗ] ଧବଳ କୀର୍ତ୍ତିକି ଜାତକରୁଅଛି ।

୩ୟ ବିଷମାଳଂ – ଇଷ୍ଟାର୍ଥ ଉଦ୍ୟମରୁ ଅନିଷ୍ଟାର୍ଥପ୍ରାପ୍ତିକି – ଯଥା,

ଭକ୍ଷଦ୍ରବ୍ୟ ପାଇବା ଇଚ୍ଛାରେ ମୂଷିକ ସର୍ପପେଟିକୁ ଦଂଶନ କରିବାରୁ ସର୍ପଦ୍ୱାରା ଭକ୍ଷିତ ହେଲା ।

ସମାଳଂ – ଦୁଇ ଅନୁରୂପ ପଦାର୍ଥର ବର୍ଣ୍ଣନକୁ – ଯଥା,

ଗଙ୍ଗା ମହାଦେବଙ୍କ ମସ୍ତକକୁ ଆପଣାର ଅନୁରୂପ ସ୍ଥାନ କରି ପାଇଅଛନ୍ତି ।

୨ୟ ସମାଳଂ – କାରଣ ସହିତରେ କାର୍ଯ୍ୟର ସମାନ ରୂପତାକୁ – ଯଥା,

ହେ ଲକ୍ଷ୍ମୀ ! ଆପଣ ଜଳରୁ ଜାତ ହୋଇଥିବାରୁ ନୀଚଗାମୀ ହୋଇଅଛ, ଏହା ଆପଣଙ୍କର ଉଚିତ ।

ଅତ୍ର କାରଣ ଜଳ ନୀଚଗାମୀ ହେବାରୁ, କାର୍ଯ୍ୟ ଲକ୍ଷ୍ମୀ ନୀଚ [ନୀଚଲୋକ]

ଗାମୀ ହେବାର ସମାନ ବର୍ଣ୍ଣନ ହେଲା ।

୩ୟ ସମାଳଂ – ଯେଉଁ ଅର୍ଥର ଉଦ୍ୟମ ହୋଇଥାଏ ସେ ଯେବେ ଅନିଷ୍ଟ ବ୍ୟତିରେକରେ ସିଦ୍ଧ ହୁଏ – ଯଥା,

ହେ ମିତ୍ର, ଆପଣ ଯାହା ବାରଣାର୍ଥୀ ହୋଇଥିଲ ତୁମ୍ଭର ବାରଣ ଲାଭଟି ଯୁକ୍ତ ହେଲା ।

ଅତ୍ର ଏ ନିବାରଣଦ୍ୱାରା ଶ୍ଳେଷବଳରୁ ହସ୍ତିପ୍ରାପ୍ତି ହେବାର ସୂଚିତ ହେଲା ।

ଏହାର ତାତ୍ପର୍ଯ୍ୟ ଏହି – ରାଜଦ୍ୱାର ବିଳମ୍ବକାର୍ଯ୍ୟସାଧକ ହୁଏ ।

ବିଚିତ୍ରାଳଂ – ଫଳେଚ୍ଛାଦ୍ୱାରା ବିପରୀତ ପ୍ରଯତ୍ନକୁ – ଯଥା,

ସଜ୍ଜନମାନେ ଉନ୍ନତିକି ଲଭିବା ପାଇଁ ନମ୍ର ହୁଅନ୍ତି ।

ଅଧିକାଳଂ – ପୃଥୁଳାଧାରରୁ ଆଧେୟର ଆଧିକ୍ୟ ବର୍ଣ୍ଣନକୁ – ଯଥା,

ଯେଉଁ ମହାଜଳୌଘରେ ଅନେକ ବ୍ରହ୍ମାଣ୍ଡମାନେ ବର୍ତ୍ତିଅଛନ୍ତି ତହିଁରେ ଆପଣଙ୍କ ଗୁଣମାନେ ସମ୍ଭବୁନାହାନ୍ତି ।

ଅତ୍ର ଜଳ ଆଧାର, ଗୁଣ ଆଧେୟ ।

ଅଳ୍ପାଳଂ – ଆଧେୟର ସୂକ୍ଷ୍ମତ୍ୱ ହେତୁରୁ ଆଧାରର ସୂକ୍ଷ୍ମତା ବର୍ଣ୍ଣନକୁ – ଯଥା,

ମଣିଖଚିତ ମୁଦ୍ରିକା ବିରହିଣୀ କରରେ ଜପମାଳିକା ପରି ହୋଇଅଛି ।

ଅନ୍ୟୋନ୍ୟାଳଂ – ପରସ୍ପର ଉପକାର ବର୍ଣ୍ଣନକୁ – ଯଥା,

ତ୍ରିଯାମା ଶଶୀଦ୍ୱାରା ଶୋଭିତ, ଶଶୀ ତ୍ରିଯାମା ଦ୍ୱାରା ଶୋଭିତ ହୋଇଅଛନ୍ତି ।

ବିଶେଷାଳଂ – ପ୍ରସିଦ୍ଧ ଆଧାର ବ୍ୟତିରେକେ ଆଧେୟର ବର୍ଣ୍ଣନକୁ – ଯଥା,

ସୂର୍ଯ୍ୟ, ଅସ୍ତ ହେଲା ଉତ୍ତାରୁ ତାଙ୍କ କିରଣମାନେ ଦୀପରେ ରହି, ଅନ୍ଧକାରକୁ ହରଣ କରୁ ଅଛନ୍ତି ।

ଅତ୍ର ସୂର୍ଯ୍ୟ ଆଧାର ।

୨ୟ ବିଶେଷାଳଂ – ଏକ ପଦାର୍ଥ ଯେବେ ଅନେକ ସ୍ଥାନରେ ବର୍ଣ୍ଣନା କରିବାକୁ ହୁଏ – ଯଥା,

ସେହି ନନ୍ଦସୁତ ମୋହୋର ଅନ୍ତରେ, ବାହ୍ୟରେ, ଅଗ୍ରରେ, ପୃଷ୍ଠରେ, ସର୍ବ ଦେଶରେ ଦୃଶ୍ୟ ହେଉଅଛନ୍ତି ।

୩ୟ ବିଶେଷାଳଂ – କିଞ୍ଚିତ୍ ଆରମ୍ଭରୁ ଅଶକ୍ୟ ପଦାର୍ଥାନ୍ତର ଲାଭକୁ – ଯଥା,

ହେ ରାଜନ୍, ଆପଣଙ୍କୁ ଦେଖିବାରୁ ମୁଁ କଳ୍ପବୃକ୍ଷକୁ ଦେଖିଲି ।

ବ୍ୟାଘାତାଳଂ – ଯାହାଦ୍ୱାରା ଯେଉଁ କାର୍ଯ୍ୟ ନ ହୁଏ, ତାହାଦ୍ୱାରା ସେହି କାର୍ଯ୍ୟ କରଣକୁ – ଯଥା,

ଯେଉଁ କୁସୁମଦ୍ୱାରା ଜଗତ୍ ପ୍ରୀତ ହୁଏ, ଅର୍ଥାତ୍ କାହାରି ପୀଡ଼ା ନ ହୁଏ, ସେହି କୁସୁମଦ୍ୱାରା କନ୍ଦର୍ପ, ବିରହୀକି ପୀଡ଼ିତ କରୁଅଛି ।

୨ୟ ବ୍ୟାଘାତାଳଂ – ସୁକରତା ନିମିତ୍ତ କର୍ତ୍ତବ୍ୟ କ୍ରିୟା ଯେବେ କାର୍ଯ୍ୟବିରୋଧିନୀ ହୁଏ – ଯଥା,

ରାଜା ସ୍ୱପୁତ୍ରକୁ କହିଲେ, ଆମ୍ଭେ ବିଦେଶକୁ ଯାଉଅଛୁଁ, ତୁମ୍ଭେ ବାଳକ ଅଟ, ଗୃହରେ ଥାଅ । ପୁତ୍ର କହିଲେ ବାଳକ ବୋଲି ଯେବେ ଜାଣୁଅଛ, ତେବେ ତ୍ୟାଗ କରିଯିବାର ବିଧେୟ ନୁହେଁ ।

କାରଣମାଳାଳଂ – କାରଣମାନେ ଯଥାପୂର୍ବରେ ଥିଲେ – ଯଥା,

ନ୍ୟାୟ ଦ୍ୱାରା ଶ୍ରୀ, ଶ୍ରୀ ଦ୍ୱାରା ତ୍ୟାଗ, ତ୍ୟାଗ ଦ୍ୱାରା ଯଶ ହୁଏ ।

୨ୟ କାରଣମାଳାଳଂ – କାରଣମାନେ, ଉତ୍ତରରେ ଥିଲେ – ଯଥା,

ନରକ, ପାପରୁ ପାପ, ଦାରିଦ୍ର୍ୟରୁ ଦାରିଦ୍ର୍ୟ, ଅପ୍ରଦାନରୁ ହୁଏ ।

ଏକାବଳୀ ଅଳଂ – ପୂର୍ବରୁ ଗୃହୀତ ହୋଇ ପଶ୍ଚାତ୍ ତ୍ୟକ୍ତ ହେବା ଅର୍ଥଶ୍ରେଣୀକୁ – ଯଥା,

ନେତ୍ରଦ୍ୱୟ କର୍ଣ୍ଣପର୍ଯ୍ୟନ୍ତ ବିଶାଳ ହୋଇଅଛି, କର୍ଣ୍ଣଦ୍ୱୟ, ବାହୁସ୍ତମ୍ଭ ପର୍ଯ୍ୟନ୍ତ ଦୋଳିତ ହେଉଅଛନ୍ତି; ଦୋ ସ୍ତମ୍ଭଦ୍ୱୟ ଜାନୁ ପର୍ଯ୍ୟନ୍ତ ଲମ୍ବାୟମାନ ହୋଇ ଅଛନ୍ତି; ଜାନୁଦ୍ୱୟ ରତ୍ନଦର୍ପଣ ପରି ହୋଇ ଅଛନ୍ତି ।

ମାଳାଦୀପକାଳଂ – ଏକାବଳୀ ଓ ଦୀପକ ଏ ଦୁହିଙ୍କର ଯୋଗକୁ – ଯଥା,

ହେ କୃଷ୍ଣ ! ଧର୍ମ ସାଧୁମାନଙ୍କ ହୃଦୟରେ ସ୍ଥିତି କଲା, ସେହି ହୃଦୟ ତୁମ୍ଭଠାରେ ରହିଲା ।

ସାରାଳଂକାର – ଉତ୍ତରୋତ୍ତର ଉତ୍କର୍ଷକୁ – ଯଥା,

ମଧୁ ମଧୁର, ତଦପେକ୍ଷା ପୀୟୂଷ, ତଦପେକ୍ଷା କବିବଚନ ମଧୁର; ଅଥବା*

ଯଥାସଂଖ୍ୟାଳଂ – କ୍ରମଦ୍ୱାରା କ୍ରମିକମାନଙ୍କର ଅନ୍ୱୟକୁ – ଯଥା,

ଶତ୍ରୁ, ମିତ୍ର, ବିପତ୍ତିକୁଜିତ, ରଞ୍ଜିତ ଭଗ୍ନ, କର ।

ଅତ୍ର ଶତ୍ରୁକୁ ଜିତକର ଇତ୍ୟାଦି କ୍ରମ

ପର୍ଯ୍ୟାୟାଳଂ – ଏକ ବ୍ୟକ୍ତିର କ୍ରମରେ ଯେବେ ଅନେକ ସଂଶ୍ରୟ ହୁଏ – ଯଥା,

କାମିନୀର ବଦନ ଶୋଭା ପଦ୍ମକୁ ଛାଡ଼ି ଚନ୍ଦ୍ରଠାକୁ ଗଲା ।

ପରିବୃତ୍ତ୍ୟଳଂ – ନ୍ୟୂନ ଓ ଅଧିକ ଏଦୁହିଙ୍କର ପରସ୍ପର ବିନିମୟକୁ ଯଥା,

ଏ ରାଜା, ଏକଶରକୁ ତ୍ୟକ୍ତ କରି ରିପୁଶ୍ରୀର କଟାକ୍ଷମାନଙ୍କୁ ଗ୍ରହଣ କଲେ ।

ଏହାର ତାତ୍ପର୍ଯ୍ୟ ଏହି ରିପୁସମ୍ପତ୍ତିମାନଙ୍କୁ ଗ୍ରହଣ କଲେ ।

---

* ତୃଣାଲ୍ଲଘୁତର ସ୍ତୂଳ, ସ୍ତୂଳାଦପି ଚ ଯାଚକଃ
ବାୟୁନା କିଂ ନନୀତୋଽସୌ ମାମୟଂ ପ୍ରାର୍ଥୟେଦିତି ।

ଅତ୍ର ଅଳ୍ପ ତ୍ୟାଗ କରି ବହୁତ ଗ୍ରହଣ କଲେ ।

ପରିସଂଖ୍ୟାଳଂ – ଏକଠାରେ ନିଷେଧ କରି, ଅନ୍ୟଠାରେ ଯେଉଁ ପଦାର୍ଥ ସ୍ଥାପନ, ତାକୁ – ଯଥା,

ପ୍ରଦୀପମାନଙ୍କରୁ ସ୍ନେହ କ୍ଷୟ ହେଲା, ସ୍ତ୍ରୀମାନଙ୍କ ଅନ୍ତଃକରଣରୁ କ୍ଷୟ ହେଲା ନାହିଁ ।

ବିକଳ୍ପାଳଂ – ସମାନ ବଳ ଦୁହିଙ୍କର ବିରୋଧକୁ – ଯଥା,

ପ୍ରତିପକ୍ଷମାନେ ତତ୍କାଳରେ ଚାପ କିବା ଶିରକୁ ନମ୍ର କରନ୍ତୁ ।

ଏହାର ତାତ୍ପର୍ଯ୍ୟ ଏହି – ଯେବେ ଚାପ ନମ୍ର କରିବେ ତେବେ ଶିର ନମ୍ର ନ କରନ୍ତୁ; ଶିର ନମ୍ର କଲେ ଚାପ ନମ୍ର ନ କରନ୍ତୁ ।

ସମୁଚ୍ଚୟାଳଂ – ଏକକାଳପ୍ରଯୁକ୍ତ ଅନେକ କ୍ରିୟାମାନଙ୍କର କଥନକୁ – ଯଥା,

ତୁମ୍ଭ ଶତ୍ରୁମାନେ ପ୍ରଥମରେ ଦର୍ଶନକୁ ଦେଉନାହାନ୍ତି, ପଶ୍ଚାତ୍ ଦର୍ଶନକୁ ଦେଉଅଛନ୍ତି, ପୁନଶ୍ଚ ପଳାୟନ କରୁଅଛନ୍ତି ।

ଅତ୍ର ଦେଉନାହାନ୍ତି, ଦେଉଅଛନ୍ତି, କରୁଅଛନ୍ତି ଏହି କ୍ରିୟାମାନଙ୍କର ଏକକାଳୀନ କଥନ ହେଲା ।

ସମାଧି ଅଳଂକାରଣାନ୍ତର ସନ୍ନିଧାନରୁ ଯେବେ କାର୍ଯ୍ୟର ସୁକରତା ହୁଏ – ଯଥା,

କୁଳଟା ଉତ୍କଣ୍ଠିତା ହୋଇଥିଲା, ଭାନୁମାନ୍ (ସୂର୍ଯ୍ୟ) ଅସ୍ତକୁ ଗତ ହେଲେ ।

ପ୍ରତ୍ୟନିକାଳଂ – ବଳବନ୍ତ ଶତ୍ରୁକୁ ଜିଣି ନପାରି ତଦୀୟ ସହାୟଠାରେ ପରାକ୍ରମ ଦେଖାଇବାକୁ – ଯଥା,

ଜୟକାରୀ ନେତ୍ରଦ୍ୱୟର ଅନୁଗତ କର୍ଣ୍ଣଦୁଇଙ୍କୁ ଉତ୍ପଳଦ୍ୱୟ ଅଧଃକୃତ କଲେ ।

ଅତ୍ର ଉତ୍ପଳ ନେତ୍ରଦ୍ୱୟକୁ ଜିଣିନପାରି ତାହାର ଅନୁଗତ କର୍ଣ୍ଣ ଦୁହିଙ୍କ ଉପରେ ରହି ଅଧଃକୃତ କଲା ।

କାବ୍ୟାର୍ଥାପତ୍ତ୍ୟଳଂ – କୌମୁତିକ* ନ୍ୟାୟରେ ଯେବେ ଅର୍ଥ ସିଦ୍ଧ ହୁଏ – ଯଥା,

ତୁମ୍ଭ ମୁଖ ଯେବେ ପ୍ରସିଦ୍ଧ ଇନ୍ଦୁଙ୍କୁ ଜିଣିଲା ତେବେ ପଦ୍ମକୁ ଜିଣିବାର କି ଆଶ୍ଚର୍ଯ୍ୟ ?

କାବ୍ୟଲିଙ୍ଗାଳଂ – ସମର୍ଥନୀୟ ଅର୍ଥର ସମର୍ଥନକୁ – ଯଥା,

ମୋ ଚିତ୍ତରେ ତ ତ୍ରିଲୋଚନ ଅଛନ୍ତି; ଅତଏବ ହେ କନ୍ଦର୍ପ ତୁ ଜିତ ହେଲୁ ।

ଅତ୍ର ତ୍ରିଲୋଚନ ପଦ, କନ୍ଦର୍ପ ଜୟର ଜ୍ଞାପକ ହୋଇ ଅର୍ଥ ସମର୍ଥନ କଲା ।

ଅର୍ଥାନ୍ତରନ୍ୟାସାଳଂ – ସାମାନ୍ୟ ବିଶେଷ ଦୁହିଙ୍କର ଉକ୍ତିକୁ – ଯଥା,

ହନୁମାନ୍ ଅବଧିକି ତରିଲେ, ଅତଏବ ମହାତ୍ମାମାନଙ୍କର ଦୁସ୍ତର କି ?

---

* ଯତ୍ର ମୂଷିକୈର୍ଦଣ୍ଡୋ ଭକ୍ଷତେ ତତ୍ର ପୂପଭକ୍ଷଣେ କିମାଶ୍ଚର୍ଯ୍ୟଂ ।

ଅତ୍ର ମହାତ୍ମାମାନଙ୍କର ଦୁସ୍ତର କି ? ଏ ସାମାନ୍ୟ ଉକ୍ତି, ହନୁମାନ୍ ଅବ୍ଧିକି ତରିଲେ ଏ ବିଶେଷୋକ୍ତି ।

୨ୟ ଅର୍ଥାନ୍ତରନ୍ୟାସାଳଂ – ଗୁଣବନ୍ତ ସଂସର୍ଗରୁ ଅଜ୍ଞବ୍ୟକ୍ତିର ଗୌରବପ୍ରାପ୍ତିକୁ – ଯଥା,

ପୁଷ୍ପମାଳା ସଂସର୍ଗରୁ ସୂତ୍ର ଶିରରେ ଧୃତ ହେଲା ।

ବିକସ୍ୱରାଳଂ – ଯେଉଁଠାରେ ବିଶେଷ କଥନାନନ୍ତର ସାମାନ୍ୟ କଥନ ହୋଇ, ତତ୍ସିଦ୍ଧି ନିମିତ୍ତ ପୁନର୍ବିଶେଷ କଥନ ହୁଏ – ଯଥା,

ନେପାଳ ରାଜା ଜିତ ନୋହିଲେ, ମହଦ୍‌ବ୍ୟକ୍ତିମାନେ ଦୁର୍ଦ୍ଧର୍ଷ, ଯଥା ସମୁଦ୍ରମାନେ ।

ଅତ୍ର ପ୍ରଥମରେ ଜିତ ନୋହିବାର ବିଶେଷ, ମହଦ୍ ବ୍ୟକ୍ତିମାନେ ଜିତ ନୋହିବାର ସାମାନ୍ୟ, ସମୁଦ୍ର ଉଦାହରଣ ପୁନର୍ବିଶେଷ କଥନ ହେଲା ।

ପ୍ରୌଢ଼ୋକ୍ତି ଅଳଂ – ଉତ୍କର୍ଷର ଅହେତୁରେ ତଦ୍ଧେତୁତ୍ୱ କଳ୍ପନାକୁ – ଯଥା,

କେଶମାନେ, କଳିନ୍ଦଜା ତୀର ତମାଳ ସ୍ତୋମ ପରି ମେଚକ (କଳା) ହୋଇଅଛନ୍ତି ।

ଅତ୍ର କଳିନ୍ଦଜା ବିଶେଷଣ, କାଳିମାଉତ୍କର୍ଷର ଅହେତୁ, ତହିଁରେ ସେହି କାଳିମାର ଉତ୍କର୍ଷ ହେତୁତ୍ୱ କଳ୍ପନା, କବି ପ୍ରୌଢ଼ୋକ୍ତି ମାତ୍ର । ଏବଂଚ କଳିନ୍ଦଜାଦି ବିଶେଷଣରେ କବି ପ୍ରୌଢ଼ୋକ୍ତି ଏହିକି କଳିନ୍ଦଜା (ଯମୁନା) ସ୍ୱଭାବନୀଳ, ତାଙ୍କ ତୀର ତମାଳ ବୋଲିବାରୁ ଅତି ନୀଳତାର ଦ୍ୟୋତକ, ତହିଁରେ ସ୍ତୋମ ଶବ୍ଦ ତତୋଽଧିକ ଦ୍ୟୋତକ ।

ସମ୍ଭାବନାଳଂ – ଅନ୍ୟର ସିଦ୍ଧି ନିମିତ୍ତ ଏପରି ହେଲେ ଏପରି ହୁଅନ୍ତା; ଏତାଦୃଶ ତର୍କଣାକୁ – ଯଥା,

ଯେବେ ଶେଷଦେବ ବକ୍ତା ହୁଅନ୍ତେ ତେବେ ଆପଣଙ୍କ ଗୁଣମାନେ କୁହାଯାନ୍ତେ । ଯଥା ବା ଯେବେ ମୁଁ, ବିଧାତା ହୋଇଥାନ୍ତି, ତେବେ କସ୍ତୁରି ମୃଗନାଭିରେ କସ୍ତୂରି ନ ରଖି ଖଳଜିହ୍ୱାରେ ରଖିଥାନ୍ତି ଯେ ଲୋକମାନେ ତା' ଜିହ୍ୱାକୁ ଛେଦନ କରି, କସ୍ତୂରି ଆଣୁଥାନ୍ତେ ।

ମିଥ୍ୟାଧ୍ୟବସିତାଳଂ – କିଛି ମିଥ୍ୟା ସିଦ୍ଧିନିମିତ୍ତ ମିଥ୍ୟାନ୍ତର କଳ୍ପନାକୁ – ଯଥା,

ଏହାଙ୍କର ଅନ୍ଧକାର ସଦୃଶ କୀର୍ତ୍ତିକୁ ବନ୍ଧ୍ୟାଗର୍ଭ ସମ୍ଭୂତ ମୂକବ୍ୟକ୍ତିମାନେ ଅଷ୍ଟମ ସ୍ୱରଦ୍ୱାରା, କୂର୍ମସ୍ତ୍ରୀଦୁଗ୍ଧସମୁଦ୍ରତୀରରେ ଗାନ କରୁଅଛନ୍ତି ।

ଲଳିତାଳଂ – ପ୍ରସ୍ତୁତାର୍ଥରେ ବର୍ଣ୍ଣ୍ୟବାକ୍ୟାର୍ଥର ପ୍ରତିବିମ୍ବ ବର୍ଣ୍ଣନକୁ – ଯଥା,

ଏକବ୍ୟକ୍ତି ଉଦ୍ଦେଶ୍ୟରେ ଏକବ୍ୟକ୍ତି କହୁଅଛି –

ନୀର ଗତ ହେଲା ଉତ୍ତାରୁ ସେତୁ ବନ୍ଧନ କରୁଅଛି; ଅତ୍ର ଯୌବନ ଗଲା ଉତ୍ତାରୁ

ବିବାହ ହେଉଅଛି; ଏପରି ବାକ୍ୟ ନ କହି ତାହାରି ପ୍ରତିବିମ୍ବରୂପରେ ଏହି ବାକ୍ୟାନ୍ତର ବର୍ଣ୍ଣନ କଲା ।

ପ୍ରତ୍ୟର୍ଷଣାଳଂ – ଉପାୟସିଦ୍ଧ୍ୟର୍ଥ ପ୍ରଯତ୍ନରୁ ସାକ୍ଷାତ ଫଳ ଲାଭକୁ – ଯଥା,

ନିଧିପ୍ରାପ୍ତ ନିମିତ୍ତ ଅଞ୍ଜନୌଷଧି ଖୋଳିବା ସ୍ଥାନରେ ନିଧି ପ୍ରାପ୍ତ ହେଲା ।

ବିଷାଦାଳଂ – ଇଷ୍ଟାର୍ଥରୁ ବିରୁଦ୍ଧାର୍ଥ ସଂପ୍ରାପ୍ତିକୁ – ଯଥା,

ଦୀପ ଉଦ୍ଦୀପ୍ତକର ବୋଲିବା ସମୟରେ ଦୀପ ନିର୍ବାପିତ ହେଲା ।

ଉଲ୍ଲାସାଳଂ – ଏକ ବ୍ୟକ୍ତିର ଗୁଣ ଦୋଷଦ୍ୱାରା ଅନ୍ୟବ୍ୟକ୍ତିର ଗୁଣଦୋଷ କଥନକୁ – ଯଥା,

ସାଧ୍ୱୀସ୍ତ୍ରୀ ସ୍ନାନକଲେ ମୁଁ ପବିତ୍ର ହେବି ବୋଲି ଜାହ୍ନବୀ ଇଚ୍ଛା କରୁଅଛନ୍ତି ।

### ଅବଜ୍ଞାଳଂକାର

ଗୁଣଦୋଷଦ୍ୱାରା ଗୁଣଦୋଷ ନହେବାରୁ ଅବଜ୍ଞାଳଂକାର ବୋଲି ।

ଗୁଣରେ ଗୁଣାଭାବ – ଯଥା,

ଘଟ ସମୁଦ୍ରକୁ ଗଲେ ମଧ୍ୟ ଅଳ୍ପଜଳକୁ ଗ୍ରହଣ କରେ ।

ଦୋଷରେ ଦୋଷାଭାବ ଯଥା,

ପଦ୍ମମାନେ ଯେବେ ମୁଦ୍ରିତ ହୋଇଗଲେ ତେବେ ଅମୃତଦିଧିତିଙ୍କ କି ହାନି ? ।

ଅନୁଜ୍ଞାଳଂ – ଗୁଣଦର୍ଶନରୁ ପ୍ରାର୍ଥନାକୁ – ଯଥା,

ହେ ହନୁମନ୍, ଯାହା ଆପଣ ଉପକାର କଲ ତାହା ମୋହରିଠାରେ ଜୀର୍ଣ୍ଣ ହେଉ । ଯେଉଁ ହେତୁରୁ ପ୍ରତ୍ୟୁପକାରାର୍ଥୀ ନର, ବିପତ୍ତିକି ବାଞ୍ଛାକରେ; ଅର୍ଥାତ୍ ପରର ବିପତ୍ତି ନୋହିଲେ ପ୍ରତ୍ୟୁପକାର ଘଟି ନପାରେ ।

### ଲେଶାଳଂକାର

ଦୋଷ ଗୁଣ ଦୁଇରେ ଗୁଣ ଦୋଷ କଳ୍ପନାକୁ ଲେଶାଳଂକାର ବୋଲି ।

ଦୋଷରେ ଗୁଣ – ଯଥା,

ହେ ଶୁକ, ଅଖିଳ ବିହଙ୍ଗମମାନେ ସ୍ୱେଚ୍ଛାଚାରୀ ହେଲେ; ତୁ ଯାହା ବନ୍ଧନରେ ପଡ଼ିଲୁ ଏହା ତୋହର ମଧୁର ବଚନର ଫଳ ।

ଗୁଣରେ ଦୋଷ – ଯଥା,

ହେ ରାଜନ୍, ଆପଣ ସର୍ବଦାତା ବୋଲି ବୁଧମାନେ ମିଥ୍ୟାରେ କହୁଅଛନ୍ତି । ଯେଉଁ ହେତୁରୁ ଅରିମାନଙ୍କୁ ପୃଷ୍ଠ ନଦେଲ ଏବଂଚ ପରଯୋଷିତ୍‌ମାନଙ୍କୁ ବକ୍ଷସ୍ଥଳ ନ ଦେଲ ।

ତଦ୍‌ଗୁଣାଳଂକାର – ସ୍ୱଗୁଣତ୍ୟାଗରୁ ଅନ୍ୟସମ୍ବନ୍ଧିଗୁଣ ଗ୍ରହଣକୁ – ଯଥା,

ନାସା ମୌକ୍ତିକ, ତୁମ୍ଭର ଅଧର କାନ୍ତିଦ୍ୱାରା ପଦ୍ମରାଗମଣି ପରି ହୋଇଅଛି ।

ପୂର୍ବରୂପାଳଂ – ସ୍ୱଗୁଣତ୍ୟାଗାନନ୍ତର ପୁନଃ ସ୍ୱଗୁଣ ପ୍ରାପ୍ତିକୁ – ଯଥା,

ହରକଣ୍ଠକାନ୍ତିଦ୍ୱାରା ଲିପ୍ତ ହେଲେ ମଧ୍ୟ ଶେଷଦେବ ତୁମ୍ଭ ଯଶଦ୍ୱାରା ପୁନଃଶୁକ୍ଳ ହେଲେ ।

୨ୟ ପୂର୍ବରୂପାଳଂ – ବିକୃତଦ୍ରବ୍ୟର ପୂର୍ବାବସ୍ଥାଲାଭକୁ – ଯଥା,

ଦୀପ ନିର୍ବାପିତ ହେଲେ ମଧ୍ୟ କାଞ୍ଚୀରତ୍ନଦ୍ୱାରା ମହତ୍ ପ୍ରକାଶ (ଆଲୋକ) ହେଲା ।

ଅତଦ୍‌ଗୁଣାଳଂ – ଅନ୍ୟସଂସର୍ଗୀ ବ୍ୟକ୍ତି ଗୁଣର ଅନଙ୍ଗୀକାରକୁ – ଯଥା,

ଚିରକାଳାନୁରାଗୀ ମୋ ଚିତ୍ତରେ ନିହିତ ହେଲେ ମଧ୍ୟ ତୁ ରକ୍ତ* ହେଉନାହୁଁ ?

ଅନୁଗୁଣାଳଂ – ପରସନ୍ନିଧିରୁ ପୂର୍ବସିଦ୍ଧ ସ୍ୱଗୁଣୋତ୍କର୍ଷକୁ – ଯଥା,

ନୀଳୋତ୍ପଳମାନେ, କଟାକ୍ଷଦ୍ୱାରା ଅତି ନୀଳ ହେଲେ ।

ମିଳିତାଳଂ – ସାଦୃଶ୍ୟ ହେତୁରୁ ଭେଦର ଅଦର୍ଶନକୁ – ଯଥା,

ସହଜାରୁଣ ଚରଣରେ ଲାକ୍ଷାରସ ଦୃଷ୍ଟ ନୋହିଲା ।

ସାମାନ୍ୟାଳଂ – ସାଦୃଶ୍ୟ ଦ୍ୱାରା ଭେଦର ଅଦର୍ଶନକୁ – ଯଥା,

ପଦ୍ମାକର (ପୁଷ୍କରିଣୀ) ମଧ୍ୟଗତ ସ୍ତ୍ରୀମାନଙ୍କ ମୁଖ ଦୃଶ୍ୟ ନୋହିଲା ।

ଉନ୍ମୀଳିତାଳଂ – ଭେଦସ୍ଫୂର୍ତ୍ତିକି – ଯଥା,

ଆପଣଙ୍କ ଯଶରେ ଶ୍ୱେତବର୍ଣ୍ଣ ହିମାଦ୍ରି ମଗ୍ନ ହେବାରୁ ଜ୍ଞାତ ନୋହିଲା; କେବଳ ଶୀତ ଗୁଣରୁ ଜଣାପଡ଼ିଲା ।

ବିଶେଷକାଳଂ – ବୈଶିଷ୍ଟ୍ୟ ସ୍ଫୂର୍ତ୍ତିକି – ଯଥା,

କାକଃ କୃଷ୍ଣଃ ପିକଃ କୃଷ୍ଣଃ
କୋଭେଦଃ ପିକ କାକୟୋଃ ।
ବସନ୍ତ କାଳେ ସଂପ୍ରାପ୍ତେ
କାକଃ କାକଃ ପିକଃ ପିକଃ ।

ଚିତ୍ରୋତ୍ତରାଳଂ – ପ୍ରଶ୍ନୋତ୍ତର ଦୁହିଙ୍କର ଅଭେଦ ଉତ୍ତରକୁ – ଯଥା,

କା କାଳୀ କା ମଧୁରା କା ଶୀତଳବାହିନୀ ଗଙ୍ଗା
କଂ ସଂଜଘାନ କୃଷ୍ଣଃ କଂ ବଳବନ୍ତଂ ନବାଧତେ ଶୀତଃ ।

ସ୍ୱଭାବୋକ୍ତ୍ୟଳଂ – ଜାତ୍ୟାଦିର ସ୍ୱଭାବ ବର୍ଣ୍ଣନକୁ – ଯଥା,

କୁରଙ୍ଗମାନେ ଚଞ୍ଚଳନେତ୍ର ଓ ସ୍ତବ୍ଧକର୍ଣ୍ଣ ହୋଇ ଦେଖୁଅଛନ୍ତି ।

ଅତ୍ୟୁକ୍ତି ଅଳଂ – ଅଦ୍ଭୁତ ଓ ଅତଥ୍ୟ ଓ ଶୌର୍ଯ୍ୟ ଓ ଔଦାର୍ଯ୍ୟାଦି ବର୍ଣ୍ଣନକୁ ଅତ୍ୟୁକ୍ତି ଅଳଂକାର ବୋଲି ।

---

* ରକ୍ତ ଶବ୍ଦ ପକ୍ଷେ ରକ୍ତବର୍ଣ୍ଣ, ପକ୍ଷେ ସ୍ନେହଯୁକ୍ତ ।

ଶୌର୍ଯ୍ୟରେ ଯଥା,

ହେ ମହାରାଜ ! ଆପଣଙ୍କ ପ୍ରତାପାଗ୍ନିରେ ସମସ୍ତ ସମୁଦ୍ରମାନେ ଶୁଷ୍କ ହୋଇଥିଲେ, ପୁନଶ୍ଚ ଆପଣଙ୍କ ବୈରିସ୍ତ୍ରୀମାନଙ୍କ ଲୋତକଦ୍ୱାରା ପୂରିତ ହୋଇଗଲେ ।

ଦାନରେ ଯଥା,

ହେ ରାଜନ୍, ଆପଣ ଦାତା ହେବାରୁ ଯାଚକମାନେ କଳ୍ପଦ୍ରୁମ ହେଲେଣି ।

ନିରୁକ୍ତି ଅଳଂ — ଶବ୍ଦଯୋଗରୁ ନାମମାନଙ୍କର ଅନ୍ୟାର୍ଥତ୍ୱ କଳ୍ପନାକୁ ଯଥା,

ହେ ରାଜନ୍, ଇଦୃଶ ଚରିତଦ୍ୱାରା ଜାଣୁଅଛୁଁ ଯେ ଆପଣ ସତ୍ୟ ଦୋଷାକର ।

ଅତ୍ର ଦୋଷାକର ଶବ୍ଦ ଚନ୍ଦ୍ର ଉଦ୍ଦେଶ୍ୟରେ କହୁଁ କହୁଁ ଦୋଷର ସ୍ଥାନରୂପ ଅର୍ଥକୁ ବୁଝାଇଲା ।

ହେତ୍ୱଳଂ — ହେତୁ ହେତୁମନ୍ତ ଦୁହିଙ୍କର ଐକ୍ୟକୁ — ଯଥା,

ବେଙ୍କଟ ପ୍ରଭୁଙ୍କର କଟାକ୍ଷମାନେ, ବିଦ୍ୱଜ୍ଜନମାନଙ୍କର ଲକ୍ଷ୍ମୀବିଳାସମାନେ ହୋଇଅଛନ୍ତି ।

'ଇତି ଅଳଂକାର ନିରୂପଣନାମ ଷଷ୍ଠଃ ପରିଚ୍ଛେଦଃ ।

## ସପ୍ତମ ପରିଚ୍ଛେଦ

## ଅଥ ଧ୍ୱନି

କାବ୍ୟ ଦୁଇପ୍ରକାର । ଧ୍ୱନି ଓ ଗୁଣୀଭୂତ ବ୍ୟଙ୍ଗ୍ୟ । ବ୍ୟଙ୍ଗ୍ୟ ବାଚ୍ୟାର୍ଥରୁ ଅଧିକ ଚମତ୍କାରୀ ହେଲେ, ଧ୍ୱନି ନାମକ ଉତ୍ତମକାବ୍ୟ ହୁଏ ।

ଏହି ଧ୍ୱନି ଦୁଇପ୍ରକାର; ଲକ୍ଷଣାମୂଳ ଓ ଅଭିଧାମୂଳ । ଅବିବକ୍ଷିତ ବାଚ୍ୟକୁ ଲକ୍ଷଣାମୂଳ ବୋଲାଯାଏ । [ଧ୍ୱନି] ଲକ୍ଷଣାମୂଳ ହେବାରୁ ବାଚ୍ୟାର୍ଥ ଅବିବକ୍ଷିତ (ଅନାଦୃତ) ହୁଏ ।

ବିବକ୍ଷିତାନ୍ୟପର ବାଚ୍ୟକୁ ଅଭିଧାମୂଳ ବୋଲାଯାଏ । ଅର୍ଥାତ୍ ବାଚ୍ୟାର୍ଥ ବ୍ୟଙ୍ଗ-ପରହୋଇ ଆଦୃତହୁଏ । (ବାଚ୍ୟାର୍ଥ ସ୍ୱାର୍ଥକୁ ପ୍ରକାଶକରି ବ୍ୟଙ୍ଗ୍ୟାର୍ଥକୁ ପ୍ରକାଶ କରେ) ।

ଯଥା, ପ୍ରଦୀପ ଆପଣାକୁ ପ୍ରକାଶକରି, ଘଟାଦି ପଦାର୍ଥକୁ ପ୍ରକାଶ କରେ ।

ଅବିବକ୍ଷିତବାଚ୍ୟ ଲକ୍ଷଣାମୂଳ ଧ୍ୱନି ଦୁଇପ୍ରକାର — ଅର୍ଥାନ୍ତର ସଂକ୍ରମିତବାଚ୍ୟ ଓ ଅତ୍ୟନ୍ତ ତିରସ୍କୃତ ବାଚ୍ୟ ।

ଅର୍ଥାନ୍ତର ସଂକ୍ରମିତବାଚ୍ୟ — ଯହିଁରେ ମୁଖ୍ୟାର୍ଥ ଉପଯୋଗକୁ ନପାଇ ଆପଣାର ବିଶେଷ ରୂପ ଅର୍ଥାନ୍ତରରେ ପରିଣତ ହୁଏ, ତାକୁ ଅର୍ଥାନ୍ତର ସଂକ୍ରମିତ

ବାଚ୍ୟ ବୋଲାଯାଏ । ଯଥା,

କଦଳୀ କଦଳୀ କରଭଃ କରଭଃ
କରିରାଜକରଃ କରିରାଜକରଃ ।
ଭୁବନ ତ୍ରିତୟେଽପି ବିଭର୍ତ୍ତି ତୁଳା
ମିଦମୂରୁଯୁଗଂ ନ ଚମୂରୁଦୃଶଃ । ୦ ।

ଅର୍ଥ – ଏହି ଚମୂରୁଦୃକ୍ ସ୍ତ୍ରୀର ଉରୁଯୁଗ, ଭୁବନତ୍ରୟରେ, କାହାରି ସହିତରେ ସାମ୍ୟକୁ ଧାରଣ କରୁ ନାହିଁ ।

ଯଦ୍ୟପି କଦଳୀ ସହିତରେ ତୁଳନାକୁ ଲଭିବ ବୋଲିବ ସେ ତ ଅତ୍ୟନ୍ତ ଜଡ଼ତା (ଶୀତଳତା) ବିଶିଷ୍ଟ; କରଭଃ* ବୋଲିବ ସେ ହ୍ରସ୍ୱ ପରିମାଣବିଶିଷ୍ଟ; କରିରାଜକର ବୋଲିବ ସେ ତ କର୍କଶତାଦିଗୁଣବିଶିଷ୍ଟ ।

ଅତ୍ର ଦ୍ୱିତୀୟ କଦଲ୍ୟାଦି ଶବ୍ଦ ପୁନରୁକ୍ତି ଭୟରୁ, ସାମାନ୍ୟ କଦଳୀରୂପ ବାଚ୍ୟାର୍ଥରେ ବାଧିତ ହୋଇ, ଜାଡ୍ୟାଦି ଗୁଣବିଶିଷ୍ଟ କଦଳୀ ରୂପାର୍ଥକୁ ବୋଧକଲା, ଜାଡ୍ୟାଦି ଗୁଣ ଏଠାରେ ବ୍ୟଙ୍ଗ୍ୟ; ଏହିପରି କରିରାଜକର ପ୍ରଭୃତିରେ ଜାଣିବ ।

ଅତ୍ୟନ୍ତ ତିରସ୍କୃତବାଚ୍ୟ – ଯେ ସ୍ୱାର୍ଥକୁ ସର୍ବଥା ପରିତ୍ୟାଗ କରି ଅନ୍ୟ ଅର୍ଥରେ ପରିଣତ ହୁଏ ତାକୁ – ଯଥା,

ନିଶ୍ୱାସାନ୍ଧଇବାଦର୍ଶ ଶ୍ଚନ୍ଦ୍ରମା ନ ପ୍ରକାଶତେ ।

ଅର୍ଥ – ନିଶ୍ୱାସ ଅନ୍ଧ ଦର୍ପଣ ପରି ଚନ୍ଦ୍ରମା ପ୍ରକାଶ ହେଉ ନାହାନ୍ତି ।

ଅତ୍ର ଅନ୍ଧଶବ୍ଦ, ନୟନହୀନ ରୂପାର୍ଥକୁ ନ ବୁଝାଇ ଧ୍ୱନିଦ୍ୱାରା ଅପ୍ରକାଶାର୍ଥକୁ ବୁଝାଇଲା ।

ବିବକ୍ଷିତାନ୍ୟପର ବାଚ୍ୟ ଦୁଇ ପ୍ରକାର । ଅସଂଲକ୍ଷକ୍ରମବ୍ୟଙ୍ଗ୍ୟ ଓ ସଂଲକ୍ଷକ୍ରମ-ବ୍ୟଙ୍ଗ୍ୟ ।

ଅସଂଲକ୍ଷ୍ୟକ୍ରମବ୍ୟଙ୍ଗ୍ୟ, ବିଭାବାଦି ଦ୍ୱାରା ଜାତ ହେବାରୁ ତହିଁରେ କ୍ରମ* ଅବଶ୍ୟ ଅଛି, କିନ୍ତୁ ଉତ୍ପଳଶତପତ୍ରର ଏକକାଳୀନ ଭେଦ ପରି ସୂକ୍ଷ୍ମ ହେବାରୁ ସଂଲକ୍ଷ ହୋଇ ନପାରେ । ଅତଏବ ରସଭାବାଦି ଏହାର କେବଳ ବ୍ୟଙ୍ଗ୍ୟ ହେବାରୁ ବିବରଣ କରା ନଗଲା ।

ସଂଲକ୍ଷ୍ୟକ୍ରମବ୍ୟଙ୍ଗ୍ୟ ତିନି ପ୍ରକାର । ଶବ୍ଦଶକ୍ତ୍ୟୁଦ୍ଭବ, ଅର୍ଥଶକ୍ତ୍ୟୁଦ୍ଭବ ଓ ଉଭୟଶକ୍ତ୍ୟୁଦ୍ଭବ ।

ଶବ୍ଦଶକ୍ତ୍ୟୁଦ୍ଭବଧ୍ୱନି ବସ୍ତୁ ଅଳଂକାର ଭେଦରେ ଦୁଇ ପ୍ରକାର, ଯଥା, ବସ୍ତୁରୂପ

* ମଣିବନ୍ଧାଦାକନିଷ୍ଠଂ କରସ୍ୟ କରଭୋବହିଃ ।

* ଏକ ଶବ୍ଦାର୍ଥର ସମ୍ବନ୍ଧଦ୍ୱାରା ଅପରାର୍ଥ ବୋଧନକୁ କ୍ରମ ବୋଲି ।

ଶବ୍ଦଶକ୍ତ୍ୟୁଦ୍ଭବଧ୍ୱନି, ଅଳଂକାରରୂପ ଶବ୍ଦଶକ୍ତ୍ୟୁଦ୍ଭବଧ୍ୱନି ।

ବସ୍ତୁରୂପଶବ୍ଦଶକ୍ତ୍ୟୁଦ୍ଭବ — ଯଥା, ସ୍ୱୟଂଦୂତୀ ।

ହେ ପଥିକ ! ବର୍ତ୍ତମାନ ଉନ୍ନତ ପୟୋଧର ହୋଇଅଛି, ଏବଂ ଗ୍ରାମ ପ୍ରସ୍ତରମୟ ହୋଇଅଛି; ଏଥିରେ ଆସ୍ତରଣବସ୍ତ୍ର ଦୁର୍ଲ୍ଲଭ; ଏହା ଜାଣି ତୁମ୍ଭର ରହିବାକୁ ଇଚ୍ଛା ଥିଲେ ରହ ।

ଅତ୍ର ଉନ୍ନତ ପୟୋଧରାଦି, ଶବ୍ଦ ଶକ୍ତିଦ୍ୱାରା ଉପଭୋଗ ରୂପ ବସ୍ତୁ ବ୍ୟଙ୍ଗ୍ୟ ହେଲା ।

ଅଳଂକାରରୂପଶବ୍ଦଶକ୍ତ୍ୟୁଦ୍ଭବ — ଯଥା,

ଦୁର୍ଗାଲଂଘିତ ବିଗ୍ରହୋ ମନସିଜଂ ସମ୍ମିଳୟଂ ସ୍ତେଜସା<br>
ପ୍ରୋଦ୍ଧ ଦ୍ରାଜକଳୋ ଗୃହୀତ ଗରିମା ବିଶ୍ୱଗ୍‌ବୃତୋ ଭୋଗିଭିଃ ।<br>
ନକ୍ଷତ୍ରେଶ କୃତେ କ୍ଷଣୋ ଗିରି ଗୁରୌ ଗାଢ଼ାଂ ରୁଚିଂ ଧାରୟନ୍<br>
ଗ୍ରାମାକ୍ରମ୍ୟ ବିଭୂତିଭୂଷିତ ତନୁ ରାଜତ୍ୟୁମା ବଲ୍ଲଭଃ ।। ୦ ।।

ଅର୍ଥ — ରାଜା ପକ୍ଷେ — ଦୁର୍ଗଦ୍ୱାରା ଯାହାଙ୍କର ରଣ ଅଲଂଘନୀୟ ହୋଇଅଛି; ତେଜ (ଶୋଭା) ଦ୍ୱାରା କନ୍ଦର୍ପଜୟକାରୀ ଓ ପ୍ରକାଶମାନ ରାଜବିଭୂତି ଓ ପ୍ରାପ୍ତ ଗୌରବ, ଭୋଗିଜନ ବେଷ୍ଟିତ, କ୍ଷତ୍ରିୟ ତୁଚ୍ଛୀକରଣକାରୀ, ଗମ୍ଭୀରବାକ୍, ପୃଥିବ୍ୟାକ୍ରମଣଶାଳୀ ଓ ସମ୍ପତ୍ତିଯୁକ୍ତ ଉମାବଲ୍ଲଭରାଜା ।

ଈଶ୍ୱର ପକ୍ଷେ — ପାର୍ବତୀଙ୍କ ଦ୍ୱାରା ଆଶ୍ଳିଷ୍ଟଶରୀର; ତୃତୀୟ ନେତ୍ରତେଜଦ୍ୱାରା କନ୍ଦର୍ପ ଦହନକାରୀ ଓ ପ୍ରକାଶମାନ ଚନ୍ଦ୍ରକଳାଧାରୀ ଓ ପ୍ରାପ୍ତଗୌରବ ଓ ସର୍ପଭୂଷିତ, ଚନ୍ଦ୍ରନେତ୍ର, କୈଳାସକୃତାଭିଳାଷ, ବୃଷଭାରୂଢ଼ ଓ ଭସ୍ମଲିପ୍ତତନୁ । ପାର୍ବତୀପତି (ଉମାବଲ୍ଲଭ) ଏହି ପ୍ରକରଣରେ ଅଭିଧାଦ୍ୱାରା ଉମାନାମ୍ନୀ ମହାଦେବୀ, ତାଙ୍କର ବଲ୍ଲଭ ଭାନୁଦେବ ନୃପତି ରୂପ ଅର୍ଥ ପ୍ରକାଶିତ ହୋଇ ବ୍ୟଞ୍ଜନଦ୍ୱାରା ପାର୍ବତୀବଲ୍ଲଭ ରୂପ ଅର୍ଥ ଜ୍ଞାତ ହେଲା । ଏହି ଅର୍ଥ ସଙ୍ଗତହେବା ଅଭିପ୍ରାୟରେ ଈଶ୍ୱର ଓ ଉମାବଲ୍ଲଭ ରାଜାଙ୍କର ଉପମାନୋପମେୟଭାବ କଳ୍ପିତ ହୋଇ ଉପମାଳଂକାର ବ୍ୟଙ୍ଗ୍ୟ ହେଲା; ଅର୍ଥାତ୍ ଉମାବଲ୍ଲଭ ରାଜା ଉମାବଲ୍ଲବଙ୍କ ପରି ।

ବସ୍ତୁ ଅଳଂକାର ଭେଦରେ ଅର୍ଥଶକ୍ତ୍ୟୁଦ୍ଭବ ଦୁଇପ୍ରକାର — ଯଥା,

ବସ୍ତୁରୂପ ଅର୍ଥଶକ୍ତ୍ୟୁଦ୍ଭବ, ଅଳଂକାରରୂପ ଅର୍ଥଶକ୍ତ୍ୟୁଦ୍ଭବ । ଏ ଦୁହେଁ ସ୍ୱତଃସମ୍ଭବୀ ଓ କବିପ୍ରୌଢ଼ୋକ୍ତି ଓ କବିନିବଦ୍ଧ ଭେଦରେ ଛଅପ୍ରକାର ଯଥା,

ସ୍ୱତଃସମ୍ଭବି-ବସ୍ତୁଧ୍ୱନି । ସ୍ୱତଃସମ୍ଭବି-ଅଳଂକାରଧ୍ୱନି । କବି ପ୍ରୌଢ଼ୋକ୍ତି ବସ୍ତୁଧ୍ୱନି । କବିପ୍ରୌଢ଼ୋକ୍ତି ଅଳଂକାରଧ୍ୱନି । କବିନିବଦ୍ଧ ବସ୍ତୁଧ୍ୱନି । କବିନିବଦ୍ଧ ଅଳଂକାର ଧ୍ୱନି ।

ଏହି ଛଅମାନେ ପୁନଶ୍ଚ ବସ୍ତୁ ଅଳଂକାର ଦୁହିଙ୍କୁ ବ୍ୟଞ୍ଜନଦ୍ୱାରା ପ୍ରକାଶିତ

କରାଇବାରୁ ବାରପ୍ରକାର ।

ସ୍ୱତଃସମ୍ଭବି-ବସ୍ତୁଦ୍ୱାରା ବସ୍ତୁଧ୍ୱନି । ସ୍ୱତଃସମ୍ଭବି-ବସ୍ତୁଦ୍ୱାରା ଅଳଂକାରଧ୍ୱନି । ସ୍ୱତଃସମ୍ଭବି-ଅଳଂକାର ଦ୍ୱାରା ବସ୍ତୁଧ୍ୱନି । ସ୍ୱତଃସମ୍ଭବି-ଅଳଂକାରଦ୍ୱାରା ଅଳଂକାର ଧ୍ୱନି । କବିପ୍ରୌଢ଼ୋକ୍ତିସିଦ୍ଧ ବସ୍ତୁଦ୍ୱାରା ବସ୍ତୁଧ୍ୱନି । କବିପ୍ରୌଢ଼ୋକ୍ତିସିଦ୍ଧ ବସ୍ତୁଦ୍ୱାରା ଅଳଂକାର ଧ୍ୱନି । କବିପ୍ରୌଢ଼ୋକ୍ତିସିଦ୍ଧ ଅଳଂକାର ଦ୍ୱାରା ବସ୍ତୁଧ୍ୱନି । କବିପ୍ରୌଢ଼ୋକ୍ତିସିଦ୍ଧ ଅଳଂକାରଦ୍ୱାରା ଅଳଂକାର ଧ୍ୱନି । କବିନିବଦ୍ଧ ବସ୍ତୁଦ୍ୱାରା ବସ୍ତୁଧ୍ୱନି । କବିନିବଦ୍ଧ ବସ୍ତୁଦ୍ୱାରା ଅଳଂକାର ଧ୍ୱନି । କବିନିବଦ୍ଧ ଅଳଂକାରଦ୍ୱାରା ବସ୍ତୁଧ୍ୱନି । କବିନିବଦ୍ଧ ଅଳଂକାରଦ୍ୱାରା ଅଳଙ୍କାରଧ୍ୱନି ।

କ୍ରମରେ ଉଦାହରଣ – ଯଥା,

ସ୍ୱତଃସମ୍ଭବି-ବସ୍ତୁଦ୍ୱାରା ବସ୍ତୁଧ୍ୱନି – ଯଥା,

ଦୃଷ୍ଟିଂ ହେ ପ୍ରତିବେଶିନି ! କ୍ଷଣମିହା ପ୍ୟସ୍ମଦ୍‌ଗୃହେ ଦାସ୍ୟସି
ପ୍ରାୟେଣାସ୍ୟ ଶିଶୋଃ ପିତା ନ ବିରସାଃ କୌପୀରପଃ ପାସ୍ୟତି ।
ଏକାକୀ ନ୍ୟପିଯାମି ସତ୍ୱରମିତଃ ଶ୍ରୋତସ୍ତମାଳାକୁଳଂ
ନୀରନ୍ଧ୍ରା ସ୍ତନୁମାଲିଖନ୍ତୁ ଜରଠ ଚ୍ଛେଦାନଳଗ୍ରନ୍ଥୟଃ ।

ଅର୍ଥ – ହେ ପ୍ରତିବେଶିନି, (ପଡ଼ୋଶିନୀ) କ୍ଷଣମାତ୍ର ଆୟ ଗୃହରେ ଦୃଷ୍ଟି ଦେଇଥିବ, ଆମ୍ଭେ ଏକାକିନୀ ହୋଇ ଶୀଘ୍ର ଏଠାରୁ ତମାଳକୂଳ ସ୍ରୋତକୁ (ନଦୀକୁ) ଯାଉଅଛୁଁ; ସେଠାରେ କଠିନ ନଳ (ତୃଣବିଶେଷ) ଗ୍ରନ୍ଥିମାନେ ନୀରନ୍ଧ୍ର ହୋଇ ଅଛନ୍ତି, ତଦ୍ୱାରା ଆମ୍ଭ ଦେହ ଖଣ୍ଡିତ ହେବ ପଛେ, ତଥାପି ଏହି ବାଳକର ପିତା ଅସ୍ୱାଦୁ କୂପଜଳ ପାନ ନକରୁଥିବା ହେତୁରୁ ଅବଶ୍ୟ ଆମ୍ଭଙ୍କୁ ଯିବାକୁ ହେବ ।

ଅତ୍ର ''ଏକାକିନୀ ହୋଇ ନଦୀତୀର ଗମନ କରିବା'' ଏହି ସ୍ୱତଃସମ୍ଭବି ବସ୍ତୁଦ୍ୱାରା ''ନଳ ଗ୍ରନ୍ଥି ହେତୁକ ଦେହ ବିଦାରଣ ହେବ'' ଏହି ଉକ୍ତିରେ ସ୍ତ୍ରୀର ଭାବୀ ପର ପୁରୁଷୋପଭୋଗ ଜନିତ ନଖ କ୍ଷତାଦି ଗୋପନ ରୂପ ବସ୍ତୁ, ବ୍ୟଞ୍ଜିତ ହେଲା ।

ସ୍ୱତଃସମ୍ଭବି-ବସ୍ତୁଦ୍ୱାରା ଅଳଂକାରଧ୍ୱନି – ଯଥା,

ଦିଶି ମନ୍ଦାୟତେ ତେଜୋ ଦକ୍ଷିଣସ୍ୟାଂ ରବେ ରପି ।
ତ୍ରସ୍ୟାମେବ ରଘୋଃ ପାଣ୍ଡ୍ୟାଃ ପ୍ରତାପଂ ନ ବିସେ ହିରେ ॥

ଅର୍ଥ – ଯେଉଁ ଦକ୍ଷିଣ ଦିଗରେ ରବିଙ୍କର ତେଜ ମନ୍ଦ ହୁଏ, ସେହି ଦିଗରେ ରଘୁଙ୍କର ପ୍ରତାପକୁ ପାଣ୍ଡ୍ୟ ଦେଶସ୍ଥ ଜନମାନେ ସହି ନପାରିଲେ ।

ଅତ୍ର ଦକ୍ଷିଣ ଦିଗରେ ରବି ତେଜ ମନ୍ଦ ହେବା, ରଘୁ ପ୍ରତାପ ଅଧିକ ହେବା ଏହି ସ୍ୱତଃସମ୍ଭବି-ବସ୍ତୁଦ୍ୱାରା ରବିଙ୍କ ତେଜ ଅପେକ୍ଷା ରଘୁଙ୍କର ପ୍ରତାପ ଅଧିକ ଏପରି ବ୍ୟତିରେକାଳଂକାର ବ୍ୟଙ୍ଗ୍ୟ ହେଲା ।

ସ୍ୱତଃସମ୍ଭବି-ଅଳଂକାରଦ୍ୱାରା ବସ୍ତୁଧ୍ୱନି – ଯଥା,

ଆପତନ୍ତଃ ମମୁଂଦୂରା ଦୂରୀକୃତ ପରାକ୍ରମଃ ।
ବଳୋଽବଲୋକୟାମାସ ମାତଙ୍ଗ ମିବ କେଶରୀ ।।

ଅର୍ଥ – ପରାକ୍ରମଶାଳୀ ବଳଦେବ, ବେଣୁଦାରି ନାମକ ରାଜାଙ୍କୁ, କେଶରୀ, ହସ୍ତୀକୁ ଦେଖିଲା ପରି ଅବଲୋକନ କଲେ ।

ଅତ୍ର ହସ୍ତୀକି ସିଂହ ଦେଖିଲାପରି ଏହି ସ୍ୱତଃସମ୍ଭବୀ ଉପମାଳଂକାର ରୂପ ଅର୍ଥଦ୍ୱାରା ବଳଦେବ କ୍ଷଣ ମାତ୍ରରେ ବେଣୁଦାରିଙ୍କର କ୍ଷୟ କରିବେ ଏହି ବସ୍ତୁ ଧ୍ୱନିତ ହେଲା ।

ସ୍ୱତଃସମ୍ଭବି-ଅଳଂକାରଦ୍ୱାରା ଅଳଂକାରଧ୍ୱନି – ଯଥା,

ଗାଢ଼କାନ୍ତ ଦଶନକ୍ଷତବ୍ୟଥା ସଙ୍କଟାଦରି ବଧୂଜନସ୍ୟ ଯଃ ।
ଓଷ୍ଠ ବିଦ୍ରୁମ ଦଳାନ୍ୟମୋଚୟନ୍ନିର୍ଦଶନ୍ ଯୁଧିରୁଷା ନିଜାଧରଂ ।।

ଅର୍ଥ – ରାଜା ଯୁଦ୍ଧରେ ନିଜାଧରକୁ ଦଂଷ୍ଟକରି, ଶତ୍ରୁ ସ୍ତ୍ରୀମାନଙ୍କର ଓଷ୍ଠ ବିଦ୍ରୁମଦଳମାନଙ୍କୁ କାନ୍ତର ନିବିଡ଼ ଦନ୍ତକ୍ଷତ ବ୍ୟଥା ସଂକଟରୁ ମୁକ୍ତ କରାଇଲେ ।

ଅତ୍ର ନିଜାଧରକୁ ଦଂଷ୍ଟକରିବା; ଶତ୍ରୁ ସ୍ତ୍ରୀ ଅଧରକୁ, କାନ୍ତଦନ୍ତକ୍ଷତ ପୀଡ଼ାରୁ ମୁକ୍ତ କରାଇବା ଏପରି ସ୍ୱତଃସମ୍ଭବୀ ବିରୋଧାଳଂକାର ଦ୍ୱାରା ଅଧର ନିର୍ଦଂଷ୍ଟ ହେଲା; ଶତ୍ରୁମାନେ ବ୍ୟାପାଦିତ ହେଲେ; ଏପରି ସମୁଚ୍ଚୟାଳଂକାର ବ୍ୟଙ୍ଗ୍ୟ ହେଲା ।

କବିପ୍ରୌଢ଼ୋକ୍ତି ସିଦ୍ଧ ବସ୍ତୁଦ୍ୱାରା ବସ୍ତୁଧ୍ୱନି – ଯଥା,

ସଜ୍ଜୟତି ସୁରଭି ମସୋନଭ ଆପଣୟତି ଯୁବତିଜନ ଲକ୍ଷସହାନ୍ ।
ଅଭିନବ ସହକାର ମୁଖାନ ନବ ପଲ୍ଲବ ପତ୍ର କାନନଙ୍ଗସ୍ୟଶରାନ୍ ।

ଅର୍ଥ – ଏହି ସୁରଭି ମାସ ଆକାଶକୁ ହଟ୍ଟ (ହାଟ) ପରି କରୁଅଛି ।

ଏବଂଚ ଯୁବତୀଜନ ହୃଦୟ ଭେଦନ ସମର୍ଥ ନବ ପଲ୍ଲବ ପତ୍ର (ପକ୍ଷ) ବନ୍ତ ଅଭିନବ ସହକାର ପ୍ରମୁଖ ଅନଙ୍ଗ ଶରମାନଙ୍କୁ ନିର୍ମାଣ କରୁଅଛି ।

ଅତ୍ର ବସନ୍ତ ଶରନିର୍ମାଣକାରୀ କନ୍ଦର୍ପ ଧନ୍ୱୀ, ଯୁବତୀମାନେ ଲକ୍ଷ, ପୁଷ୍ପମାନେ ଶର, ଏହି କବିପ୍ରୌଢ଼ୋକ୍ତିସିଦ୍ଧ ବସ୍ତୁଦ୍ୱାରା ମଦନ ବିଜୃମ୍ଭଣ ରୂପ ବସ୍ତୁ ବ୍ୟଙ୍ଗ୍ୟ ହେଲା ।

କବିପ୍ରୌଢ଼ୋକ୍ତି ସିଦ୍ଧ ବସ୍ତୁଦ୍ୱାରା ଅଳଂକାରଧ୍ୱନି – ଯଥା,

ରଜନୀଷୁ ବିମଳ ଭାନୋଃ କରଜାଳେନ ପ୍ରକାଶିତଂ ବୀର !
ଧବଳୟତି ଭୁବନମଣ୍ଡଳ ମଖିଳଂ ତବ କୀର୍ତ୍ତିସନ୍ତତିଃ ସତତଂ ।

ଅର୍ଥ – ହେ ବୀର ! ରଜନୀମାନଙ୍କରେ କେବଳ ନିର୍ମଳ ଚନ୍ଦ୍ର କିରଣ ସମୂହଦ୍ୱାରା ପ୍ରକାଶିତ ଭୂବନ ମଣ୍ଡଳକୁ ଆପଣଙ୍କ କୀର୍ତ୍ତିସନ୍ତତି ସର୍ବଦା ଧବଳିତ

କରୁଅଛି ।

ଅତ୍ର ବାକ୍ୟାର୍ଥ କବିପ୍ରୌଢ଼ୋକ୍ତି ସିଦ୍ଧବସ୍ତୁ; ତଦ୍ଦ୍ୱାରା କୀର୍ତ୍ତି ସନ୍ତତି ଚନ୍ଦ୍ରକରରୁ ଅଧିକ ଏପରି ବ୍ୟତିରେକାଳଂକାର ବ୍ୟଙ୍ଗ୍ୟ ହେଲା ।

କବିପ୍ରୌଢ଼ୋକ୍ତିସିଦ୍ଧ ଅଳଂକାରଦ୍ୱାରା ବସ୍ତୁଧ୍ୱନି – ଯଥା,

ଦଶାନନ କିରୀଟେଭ୍ୟ ସ୍ତତ୍କ୍ଷଣଂ ରାକ୍ଷସ ଶ୍ରିୟଃ ।
ମଣିବ୍ୟାଜେନ ପର୍ଯ୍ୟାସ୍ତାଃ ପୃଥିବ୍ୟାମଶ୍ରୁବିନ୍ଦବଃ ।

ଅର୍ଥ – ରାମଚନ୍ଦ୍ରଙ୍କର ଜନ୍ମକାଳରେ ରାବଣଙ୍କ ମୌଳି-ସ୍ଥିତ କିରୀଟ ରତ୍ନମାନଙ୍କର ଯାହା ପତନ ହେଲା, ତାହା ବ୍ୟାଜ ମାତ୍ର; କିନ୍ତୁ ପ୍ରକୃତରେ ସେହିମାନେ କେବଳ ରାକ୍ଷସଲକ୍ଷ୍ମୀଙ୍କର ଅଶ୍ରୁବିନ୍ଦୁସ୍ୱରୂପ ତତ୍କ୍ଷଣାତ୍ ପୃଥ୍ୱୀରେ ପଡ଼ିଲେ ।

ଅତ୍ର ରାବଣମୌଳି କିରୀଟରତ୍ନ ପତନ ବ୍ୟାଜରୂପ କବି ପ୍ରୌଢ଼ୋକ୍ତିସିଦ୍ଧ ଅପହ୍ନବାଳଂକାରଦ୍ୱାରା ଭାବୀ ରାକ୍ଷସଶ୍ରୀବିନାଶ ରୂପ ବସ୍ତୁଧ୍ୱନି ହେଲା ।

କବିପ୍ରୌଢ଼ୋକ୍ତିସିଦ୍ଧ ଅଳଂକାରଦ୍ୱାରା ଅଳଂକାରଧ୍ୱନି – ଯଥା,

ଧମ୍ମିଲ୍ଲେ ନବମଲ୍ଲିକା ସମୁଦୟୋ ହସ୍ତେ ସିତାମ୍ଭୋରୁହଂ
ହାରଃ କଣ୍ଠତଟେ ପୟୋଧରଯୁଗେ ଶ୍ରୀଖଣ୍ଡ ଲେପୋଘନଃ ।
ଏକୋଽପି ତ୍ରିକଳିଙ୍ଗ ଭୂମିତିଳକ ! ତ୍ୱତ୍କୀର୍ତ୍ତି ରାଶିର୍ଯୟୌ
ନାନାମଣ୍ଡନତାଂ ପୁରନ୍ଦରପୁରୀ ବାମଭ୍ରୁବାଂ ବିଗ୍ରହେ ।। ୦ ।।

ଅର୍ଥ – ହେ ତ୍ରିକଳିଙ୍ଗ ଭୂମିତିଳକ ! ଆପଣଙ୍କର ଏକ କୀର୍ତ୍ତି ପୁରନ୍ଦରପୁର ସ୍ତ୍ରୀମାନଙ୍କ ବିଗ୍ରହରେ ନାନାପ୍ରକାର ମଣ୍ଡନତାକୁ ପ୍ରାପ୍ତ ହେଲା; ଯଥା, ଧମ୍ମିଲ୍ଲ (କେଶପାଶ)ରେ ନବମଲ୍ଲିକାସମୂହ, ହସ୍ତରେ ଶ୍ୱେତପଦ୍ମ, କଣ୍ଠରେ ମୁକ୍ତାହାର, ପୟୋଧରଯୁଗରେ ସାନ୍ଦ୍ରଚନ୍ଦନ ଲୋପ ହେଲା ।

ଅତ୍ର କୀର୍ତ୍ତି ଧମ୍ମିଲ୍ଲରେ ନବମଲ୍ଲିକାସମୂହ ହେଲା; ଇତ୍ୟାଦି କବିପ୍ରୌଢ଼ୋକ୍ତିସିଦ୍ଧ ରୂପକାଳଂକାରଦ୍ୱାରା, ଆପଣ ଭୂଲୋକରେ ସ୍ଥିତ ହୋଇ ସ୍ୱର୍ଗସ୍ଥ ଲୋକମାନଙ୍କର ଉପକାର କରୁଅଛ ଏପରି ବିଭାବନାଳଂକାର ବ୍ୟଞ୍ଜିତ ହେଲା ।

କବିନିବଦ୍ଧ ବସ୍ତୁଦ୍ୱାରା ବସ୍ତୁଧ୍ୱନି – ଯଥା,

ଶିଖରିଣି କ୍ୱନୁନାମ କିୟଚ୍ଚିରଂ
କିମଭିଧାନ ମସାବକ ରୋତ୍ତପଃ ।
ସୁମୁଖି ! ଯେନ ତବାଧରପାଟଳଂ
ଦଶତି ବିମ୍ବଫଳଂ ଶୁକଶାବକଃ ।।

ଅର୍ଥ – ହେ ସୁମୁଖି ! ଏହି ଶୁକଶାବକ, କେଉଁ ପର୍ବତରେ କେତେକାଳ ବିଳମ୍ବକରି କେଉଁ ତପସ୍ୟା କରିଥିଲା ଯଦ୍ଦ୍ୱାରା ତ୍ୱଦୀୟ ଅଧରବତ୍ ପାଟଳ ବିମ୍ବଫଳକୁ

ଚକ୍ଷୁଦ୍ୱାରା ପୀଡ଼ିତ କରୁଅଛି ।

ଅତ୍ର କବିନିବଦ୍ଧ କୌଣସି କାମୀପୁରୁଷ ସମ୍ବନ୍ଧି ପ୍ରୌଢ଼ୋକ୍ତିସିଦ୍ଧ ବସ୍ତୁଦ୍ୱାରା ତ୍ୱଦୀୟ ଅଧର ପୁଣ୍ୟାତିଶୟ ଲଭ୍ୟ, ଏହି ବସ୍ତୁ ପ୍ରତୀତ ହେଲା ।

କବିନିବଦ୍ଧ ବସ୍ତୁଦ୍ୱାରା ଅଳଂକାରଧ୍ୱନି – ଯଥା,

ସୁଭଗେ କୋଟି ସଂଖ୍ୟତ୍ୱ ମୁପେତ୍ୟ ମଦନାଶୁଗୈଃ
ବସନ୍ତେ ପଞ୍ଚତା ତ୍ୟକ୍ତା ପଞ୍ଚତାସୀଦ୍‌ବିୟୋଗିନାଂ ।

ଅର୍ଥ – ହେ ସୁଭଗେ ! ବସନ୍ତରେ କନ୍ଦର୍ପ ଶରମାନେ, କୋଟି ସଂଖ୍ୟକ ହୋଇ ପଞ୍ଚତାକୁ (ପଞ୍ଚସଂଖ୍ୟାକୁ) ତ୍ୟାଗକରିବାରୁ ବିୟୋଗୀମାନଙ୍କର ପଞ୍ଚତା (ମରଣ) ହେଲା ।

ଅତ୍ର କବିନିବଦ୍ଧ ବକ୍ତୃ ପ୍ରୌଢ଼ୋକ୍ତିସିଦ୍ଧ, କାମଶରମାନଙ୍କର କୋଟିସଂଖ୍ୟକତ୍ୱ ପ୍ରାପ୍ତି ହେତୁକ, ଅଖିଳ ବିୟୋଗିମରଣରୂପ ବସ୍ତୁଦ୍ୱାରା ଶରମାନଙ୍କରେ ଥିବା ପଞ୍ଚତା, ବିୟୋଗୀମାନଙ୍କଠାରେ ରହିଲା କି ? ଏପରି ଉତ୍‌ପ୍ରେକ୍ଷାଳଂକାର ବ୍ୟଜ୍ୟମାନ ହେଲା ।

କବିନିବଦ୍ଧ ଅଳଂକାରଦ୍ୱାରା ବସ୍ତୁଧ୍ୱନି – ଯଥା,

ମଲ୍ଲିକା ମୁକୁଳେ ଚଣ୍ଡି ! ଭାତି ଗୁଞ୍ଜନ୍ମଧୁବ୍ରତଃ ।
ପ୍ରୟାଣେ ପଞ୍ଚବାଣସ୍ୟ ଶଙ୍ଖ ମା ପୂରୟନ୍ନିବ ।

ଅର୍ଥ – ହେ ଚଣ୍ଡି [କୋପନେ] ମଲ୍ଲିକା ମୁକୁଳରେ ଏହି ମଧୁବ୍ରତ ଯାହା ଧ୍ୱନି କରୁଅଛି, ତାହା ପଞ୍ଚବାଣର ପ୍ରୟାଣ ସମୟରେ ଶଙ୍ଖ ବାଦନ କରୁଅଛି ।

ଅତ୍ର କବିନିବଦ୍ଧ ବକ୍ତୃ ପ୍ରୌଢ଼ୋକ୍ତିସିଦ୍ଧ "ଶଙ୍ଖବାଦନ କରୁଅଛି କି ?" ଏହି ଉତ୍‌ପ୍ରେକ୍ଷାଳଂକାରଦ୍ୱାରା କନ୍ଦର୍ପର ଉନ୍ମାଦକାଳ ପ୍ରାପ୍ତହେଲା, ମାନ କରିବାର ଉଚିତ ନୁହେଁ, ଏତାଦୃଶ ବସ୍ତୁ ବ୍ୟଙ୍ଗ୍ୟ ହେଲା ।

କବିନିବଦ୍ଧ ଅଳଂକାରଦ୍ୱାରା ଅଳଂକାରଧ୍ୱନି – ଯଥା,

ମହିଳା ସହସ୍ର ଭରିତେ ତବ ହୃଦୟେ ସୁଭଗ ! ସା ଅମାନ୍ତୀ ଅନୁଦିନ ମନନ୍ୟ କର୍ମା ତନ୍ୱପ୍ୟଙ୍ଗ ତନୂ କରୋତି ।

ଅର୍ଥ – ହେ ସୁଭଗ ! ତୁମ୍ଭ ହୃଦୟ ସହସ୍ର ସଂଖ୍ୟକ ମହିଳାଦ୍ୱାରା ପୂର୍ଣ୍ଣ ହେବାରୁ, ମୋ ସଖୀ ସ୍ଥାନ ନପାଇ ପ୍ରତିଦିନରେ ସର୍ବକର୍ମ ପରିତ୍ୟାଗ କରି ଆପଣା ତନୁକୁ କୃଶ କରୁଅଛି ।

ଅତ୍ର କବିନିବଦ୍ଧ ବକ୍ତୃ ପ୍ରୌଢ଼ୋକ୍ତିସିଦ୍ଧ "ତୁମ୍ଭ ହୃଦୟ ସହସ୍ର ମହିଳାଦ୍ୱାରା ପୂର୍ଣ୍ଣ ହେବାରୁ ମୋ ସଖୀ ସ୍ଥାନ ନ ପାଇଲା" ଏପରି କାବ୍ୟଲିଙ୍ଗାଳଂକାର ଦ୍ୱାରା ତନୁକୁ କୃଶ କଲା ଉତାରୁ ମଧ୍ୟ ତୁମ୍ଭ ହୃଦୟରେ ନ ରହିଲା, ଏପରି ବିଶେଷୋକ୍ତି ଅଳଂକାର

ପ୍ରତ୍ୟାୟିତ ହେଲା ।

ଉଭୟ ଶକ୍ତ୍ୟୁଭବ ଧ୍ୱନି ବାକ୍ୟମାତ୍ରରେ ଏକ – ଯଥା,

ହିମମୁକ୍ତଚନ୍ଦ୍ରରୁଚିରଃ ସପଦ୍ମକୋ ମଦୟନ୍ ଦ୍ୱିଜାନ୍ ଜନିତ ମୀନକେତନଃ ।
ଅଭବତ୍ପ୍ରସାଦିତ ସୁରୋ ମହୋତ୍ସବଃ ପ୍ରମଦାଜନସ୍ୟ ସଚିରାୟ ମାଧବଃ ॥

ଅର୍ଥ – ବିଷ୍ଣୁପକ୍ଷେ – ଆହ୍ଲାଦକତ୍ୱ ହେତୁରୁ, ହିମମୁକ୍ତ ଚନ୍ଦ୍ରବତ୍ ରୁଚିର ଓ ପଦ୍ମହସ୍ତ ଓ ବ୍ରାହ୍ମଣାନନ୍ଦକାରୀ, କନ୍ଦର୍ପପିତା, ପ୍ରମୋଦିତ ଦେବବୃନ୍ଦ ଏତାଦୃଶ ବିଷ୍ଣୁପ୍ରମଦା [ଗୋପୀ] ଜନର ଆନନ୍ଦକର ହେଲେ । ବସନ୍ତ ପକ୍ଷେ – ହିମମୁକ୍ତ ଚନ୍ଦ୍ରଦ୍ୱାରା ରୁଚିର ଜଳଯୁକ୍ତ, ପକ୍ଷି-ପ୍ରମୋଦଜନକ, କାମଉତ୍ପାଦକ, ଉତ୍ପାଦିକ ମାଧ୍ୱିକ, ଏତାଦୃଶ ବସନ୍ତ ପ୍ରମଦା ଜନର ଆନନ୍ଦକର ହେଲା ।

ଅତ୍ର ହିମମୁକ୍ତ ଇତ୍ୟାଦି ବିଶେଷଣଗତ ଶବ୍ଦ ଦ୍ୱାରା ଓ ଅର୍ଥଦ୍ୱାରା ଉପମାଳଂକାର ବ୍ୟଙ୍ଗ୍ୟ ହେବାରୁ ଉଭୟ ଶକ୍ତ୍ୟୁଭବ ହେଲା ।

ଏ ପର୍ଯ୍ୟନ୍ତ ଧ୍ୱନି ଅଠର ପ୍ରକାର । ଅର୍ଥାତ୍ ଅବିବକ୍ଷିତ ବାଚ୍ୟ, ଅର୍ଥାନ୍ତର ସଂକ୍ରମିତ ବାଚ୍ୟ ଓ ଅତ୍ୟନ୍ତ ତିରସ୍କୃତ ବାଚ୍ୟ ଭେଦରେ ଦୁଇ ପ୍ରକାର । ବିବକ୍ଷିତାନ୍ୟପରବାଚ୍ୟ ଏକ, ଏପରି ତିନି ପ୍ରକାର ।

ସଂଲକ୍ଷକ୍ରମବ୍ୟଙ୍ଗ୍ୟ – ଶବ୍ଦ, ଅର୍ଥ, ଉଭୟ ଶକ୍ତି ଭେଦରେ ତିନି ପ୍ରକାର; ଏ ମଧ୍ୟରୁ ଅର୍ଥ ଶକ୍ତ୍ୟୁଭବ ବାର ପ୍ରକାର, ଏପରି ଅଠର ପ୍ରକାର ।

ଏପରି ଉଭୟ ଶକ୍ତ୍ୟୁଭବ [ଶବ୍ଦାର୍ଥଶକ୍ତ୍ୟୁଭବ] ଧ୍ୱନି କେବଳ ଏକ ରୂପରେ ବାକ୍ୟରେ ହୁଏ । ଅନ୍ୟ ସପ୍ତଦଶ ପଦରେ ବାକ୍ୟରେ ହୋଇ ଚଉତ୍ରିଂଶ ପ୍ରକାର ହୁଅନ୍ତି । ପ୍ରବନ୍ଧରେ ଅର୍ଥ ଶକ୍ତ୍ୟୁଭବ ଧ୍ୱନି ଏକ ହୁଏ ।

ସଂଲକ୍ଷକ୍ରମଧ୍ୱନି – ପଦାଂଶ, ବର୍ଣ୍ଣ, ରଚନା, ପ୍ରବନ୍ଧ ଭେଦରେ ଚାରିପ୍ରକାର । ପୁନଶ୍ଚ ଏହି ଚାରି ପ୍ରକାର ଅଭିଧାମୂଳା, ଲକ୍ଷଣାମୂଳା ଭେଦରେ ଆଠ ପ୍ରକାର । ଏମାନେ ବସ୍ତୁଧ୍ୱନି ଓ ଅଳଂକାରଧ୍ୱନି ଭେଦରେ ଷୋହଳ ପ୍ରକାର, ଏପରି ଏକପଞ୍ଚାଶତ୍ ଧ୍ୱନି ହେଲା ।

ଏହି ଧ୍ୱନିମାନେ ସଂକର ସଂସୃଷ୍ଟ୍ୟାଦି ଭେଦରେ ୫୩୫୫ ପ୍ରକାର ହୁଅନ୍ତି ।

ଏମାନେ ଅତି ସୂକ୍ଷ୍ମ ହେବାରୁ, ଗ୍ରନ୍ଥବାହୁଲ୍ୟ ଭୟରୁ, ଦୃଷ୍ଟାନ୍ତ ଦିଆ ନଗଲା ।

### ଗୁଣୀଭୂତ ବ୍ୟଙ୍ଗ୍ୟ

ବ୍ୟଙ୍ଗ୍ୟ, ବାଚ୍ୟାର୍ଥ ଅପେକ୍ଷା ଉତ୍କୃଷ୍ଟନହେଲେ ତାକୁ ଗୁଣୀଭୂତ ବ୍ୟଙ୍ଗ୍ୟ ବୋଲାଯାଏ ।

ଏହାର ଆଠ ପ୍ରକାର ଭେଦ ଦେଖାଯାଏ – ଯଥା,

| | | |
|---|---|---|
| ୧ | ଇତରାଙ୍ଗ | ଗୁଣୀଭୂତ ବ୍ୟଙ୍ଗ୍ୟ |
| ୨. | କାକ୍ୱାକ୍ଷିପ୍ତ | ଗୁଣୀଭୂତ ବ୍ୟଙ୍ଗ୍ୟ |

| | | |
|---|---|---|
| ୩. | ବାଚ୍ୟସିଦ୍ଧ୍ୟଙ୍ଗ | ଗୁଣୀଭୂତ ବ୍ୟଙ୍ଗ୍ୟ |
| ୪. | ସନ୍ଦିଗ୍ଧପ୍ରାଧାନ୍ୟ | ଗୁଣୀଭୂତ ବ୍ୟଙ୍ଗ୍ୟ |
| ୫. | ତୁଲ୍ୟପ୍ରାଧାନ୍ୟ | ଗୁଣୀଭୂତ ବ୍ୟଙ୍ଗ୍ୟ |
| ୬. | ଅସ୍ଫୁଟ | ଗୁଣୀଭୂତ ବ୍ୟଙ୍ଗ୍ୟ |
| ୭. | ଅଗୂଢ଼ | ଗୁଣୀଭୂତ ବ୍ୟଙ୍ଗ୍ୟ |
| ୮. | ଅସୁନ୍ଦର | ଗୁଣୀଭୂତ ବ୍ୟଙ୍ଗ୍ୟ |

ଇତରାଙ୍ଗ ଗୁଣୀଭୂତବ୍ୟଙ୍ଗ୍ୟ – ଯଥା,

ମାନୋନ୍ନତାଂ ପ୍ରଣୟିନୀ ମନୁନେତୁ କାମ
ସ୍ତ୍ୱସୈନ୍ୟ ସାଗର ରବୋଦ୍‌ଗତ କର୍ଣ୍ଣତାପଃ ।
ହାହା କଥଂ ନୁଭବତୋ ରିପୁରାଜଧାନୀ
ପ୍ରାସାଦ ସନ୍ତତିଷୁ ତିଷ୍ଠତି କାମିଲୋକଃ ।।

ଅର୍ଥ – ମାନବତୀ ପ୍ରଣୟିନୀ ସ୍ତ୍ରୀର ଅନୁନୟ-ତତ୍ପର କାମୀ ଜନ, ତ୍ୱଦୀୟ ସୈନ୍ୟ-ସାଗର ଧ୍ୱନିଦ୍ୱାରା କର୍ଣ୍ଣତାପଯୁକ୍ତ ହୋଇ କିପରି ଆପଣଙ୍କ ରିପୁରାଜଧାନୀର ପ୍ରାସାଦ ମଧ୍ୟରେ ସ୍ଥିତ ହୋଇଅଛି ଏହା ବଡ଼ ଦୁଃଖର ବିଷୟ ।

ଅତ୍ର ରାଜବର୍ଣ୍ଣନରେ ଯାହା କାମୀ ଜନ ସମ୍ବନ୍ଧରେ କରୁଣ ରସରୂପ ବ୍ୟଙ୍ଗ୍ୟାର୍ଥ ପ୍ରକାଶ ହେଲା ସେହି ବ୍ୟଙ୍ଗ୍ୟ, ରାଜା ବିଷୟ ରତି (ପ୍ରୀତି)ରେ ଅଙ୍ଗ ଭାବକୁ ଲଭିବାରୁ ଇତରାଙ୍ଗ ସ୍ୱରୂପ ଗୁଣୀଭୂତ ବ୍ୟଙ୍ଗ୍ୟ ହେଲା ।

କାକ୍ୱାକ୍ଷିପ୍ତ ଗୁଣୀଭୂତ ବ୍ୟଙ୍ଗ୍ୟ – ଯଥା, ସହଦେବ ପ୍ରତି ଭୀମ ବାକ୍ୟ

ମଥ୍ନାମି କୌରବ ଶତଂ ସମରେ ନ କୋପାତ୍
ଦୁଃଶାସନସ୍ୟ ରୁଧିରଂ ନ ପିବାମ୍ୟୁ ରସ୍ତଃ ।
ସଂଚୂର୍ଣ୍ଣୟାମି ଗଦୟା ନ ସୁଯୋଧନୋରୁ
ସନ୍ଧିଂ କରୋତୁ ଭବତାଂ ନୃପତିଃ ପଣେନ । ୦ ।

ଅର୍ଥ – ହେ ସହଦେବ, ମୁଁ ଯୁଦ୍ଧରେ କୌରବଶତକୁ ନ ମନ୍ଥିବି ? ଦୁଃଶାସନର ରୁଧିର ଉର ସ୍ଥଳରୁ ନ ପିଇବି ? ଦୁର୍ଯ୍ୟୋଧନର ଉରୁକୁ ଗଦାଦ୍ୱାରା ଚୂର୍ଣ୍ଣିତ ନ କରିବି ? ଅବଶ୍ୟ ତ କରିବି; ଆପଣଙ୍କ ନୃପତି (ଯୁଧିଷ୍ଠିର) ପଞ୍ଚ ଗ୍ରାମ ନିମିତ୍ତ ସନ୍ଧି କରନ୍ତୁ ।

ଅତ୍ର ମନ୍ଥନ କରିବି କେବଳ ଏହି ବ୍ୟଙ୍ଗ୍ୟାର୍ଥ, ମନ୍ଥନ ନ କରିବି କି ? ଏପରି ନିଷେଧ ସହିତରେ ରହିବାରୁ କାକୁଦ୍ୱାରା ଆକ୍ଷିପ୍ତ ହେଲା, ଅତଏବ ଗୁଣୀଭୂତ ହେଲା ।

ବାଚ୍ୟସିଦ୍ଧ୍ୟଙ୍ଗ ଗୁଣୀଭୂତବ୍ୟଙ୍ଗ୍ୟ – ଯଥା,

ଦୀପୟନ୍ ରୋଦସୀ ରନ୍ଧ୍ରେ ମେଷଜ୍ୱଳିତ ସର୍ବତଃ ।
ପ୍ରତାପ ସ୍ତବ ରାଜେନ୍ଦ୍ର ! ବୈରିବଂଶ ଦାବାନଳଃ ।

ଅର୍ଥ—ହେ ରାଜେନ୍ଦ୍ର ଆପଣଙ୍କ ପ୍ରତାପ ଦ୍ୟାବା ପୃଥିବୀ ରନ୍ଧ୍ରକୁ ଦୀପିତ କରି ବୈରିବଂଶ (ବାଉଁଶ ଗଛ)କୁ ଦହନ କରିବା ବିଷୟରେ ଦାବାନଳ ସ୍ୱରୂପ ହୋଇ ସର୍ବତ୍ର ଜ୍ୱଳୁଅଛି ।

ଅତ୍ର ଶତ୍ରୁକୁଳରେ ବେଣୁତ୍ୱାରୋପଣ ରୂପ ବ୍ୟଙ୍ଗ୍ୟ ପ୍ରତାପର ଦାବାନଳତ୍ୱାରୋପଣସିଦ୍ଧିର ଅଙ୍ଗ ହେଲା, ଅର୍ଥାତ୍ ପ୍ରତାପରେ ରୂପକଦ୍ୱାରା ଅନଳତ୍ୱାରୋପ ବାଚ୍ୟ ହେବାରୁ ଶୁଦ୍ଧ ବ୍ୟଙ୍ଗ୍ୟନ ହୋଇ ବାଚ୍ୟ ସିଦ୍ଧ୍ୟଙ୍ଗ ସ୍ୱରୂପ ଗୁଣୀଭୂତ ହେଲା ।

ସନ୍ଦିଗ୍ଧପ୍ରାଧାନ୍ୟ ଗୁଣୀଭୂତବ୍ୟଙ୍ଗ୍ୟ—ଯଥା,

ହରସ୍ତୁକିଞ୍ଚିତ୍ପରିବୃତ୍ତଧୈର୍ଯ୍ୟ
ଶ୍ଚନ୍ଦ୍ରୋଦୟାରମ୍ଭଇବାମ୍ବୁରାଶିଃ ।
ଉମାମୁଖେ ବିମ୍ବଫଳାଧରୌଷ୍ଠେ
ବ୍ୟାପାରୟାମାସ ବିଲୋଚନାନି ।।

ଅର୍ଥ—ଚନ୍ଦ୍ରୋଦୟରେ ସମୁଦ୍ର ପରି କିଞ୍ଚିତ୍ପରିବୃତ୍ତଧୈର୍ଯ୍ୟ ମହାଦେବ, ବିମ୍ବଫଳ ତୁଲ୍ୟ ଅଧର ଓଷ୍ଠ ଶୋଭୀ ଉମା ମୁଖରେ ନେତ୍ରପାତ କଲେ ।

ଅତ୍ର ଚୁମ୍ବନାଭିଳାଷରେ କି ମୁଖସୌନ୍ଦର୍ଯ୍ୟ ଦର୍ଶନାଭିଳାଷରେ ନେତ୍ରପାତ କଲେ, ଏହି ଉଭୟ ପ୍ରାଧାନ୍ୟ ବିଷୟରେ ସନ୍ଦେହ ହେବାରୁ ସନ୍ଦିଗ୍ଧପ୍ରାଧାନ୍ୟ ବ୍ୟଙ୍ଗ୍ୟ ହେଲା ।

ତୁଲ୍ୟପ୍ରାଧାନ୍ୟ ଗୁଣୀଭୂତବ୍ୟଙ୍ଗ୍ୟ—ଯଥା, ରାବଣପ୍ରତି ମନ୍ତ୍ରିବାକ୍ୟ

ବ୍ରାହ୍ମଣାତିକ୍ରମତ୍ୟାଗୋ ଭବତାମେବଭୂତୟେ
ଜାମଦଗ୍ନ୍ୟଶ୍ଚ ବୋମିତ୍ର ମନ୍ୟଥାଦୁର୍ମନାୟତେ ।

ଅର୍ଥ—ହେ ଲଙ୍କେଶ, ବ୍ରାହ୍ମଣମାନଙ୍କର ଅବମାନନା ନକଲେ ଆପଣଙ୍କର ବଡ଼ମଙ୍ଗଳ ହେବ, ନୋଚେତ୍ ଆପଣଙ୍କ ମିତ୍ର ଜାମଦଗ୍ନ୍ୟ ବିମନା ହେବେ ।

ଅତ୍ର ଜାମଦଗ୍ନ୍ୟ ପଦରୁ ସ୍ୱପିତୃପରାଭବ ହେତୁକ କ୍ଷତ୍ରିୟ କୁଳ କ୍ଷୟପରି ରକ୍ଷକୁଳକ୍ଷୟରୂପ ବ୍ୟଙ୍ଗ୍ୟାର୍ଥ ଓ ବାକ୍ୟର ବାଚ୍ୟାର୍ଥ ଏ ଦୁହିଙ୍କର ସମାନ ପ୍ରାଧାନ୍ୟ (ବାକ୍ୟରେ ଯେଉଁ ବାଚ୍ୟାର୍ଥ ବ୍ୟଙ୍ଗ୍ୟରେ ସେହି ଅର୍ଥ) ହେବାରୁ ତୁଲ୍ୟପ୍ରାଧାନ୍ୟ ଗୁଣୀଭୂତ ବ୍ୟଙ୍ଗ୍ୟ ହେଲା ।

ଅସ୍ଫୁଟ ଗୁଣୀଭୂତବ୍ୟଙ୍ଗ୍ୟ—ଯଥା,

ସନ୍ଧୌସର୍ବସ୍ୱହରଣଂ ବିଗ୍ରହେ ପ୍ରାଣନିଗ୍ରହଂ ।

ଅନ୍ୟାପଦିନ ନୃପତୌ ନ ସନ୍ଧିର୍ନଚ ବିଗ୍ରହଃ ।।

ଅର୍ଥ—ଅନ୍ୟାପଦିନ ରାଜାଙ୍କଠାରେ ସନ୍ଧିକଲେ ସର୍ବସ୍ୱ ହରଣ କରିବେ, ବିରୋଧ କଲେ ପ୍ରାଣନିଗ୍ରହ କରିବେ; ଅତଏବ ଏହାଙ୍କଠାରେ ବିଗ୍ରହ କିବା ସନ୍ଧି ଉଭୟଥା ସମ୍ଭବେ ନାହିଁ ।

ଅତ୍ର ଅନ୍ୟାପଦିନ ନୃପତିଙ୍କଠାରେ ଦାନ ସାମାଦି ଉପାୟ ବ୍ୟତିରେକେ ଆଉ ଶାନ୍ତିର ଉପାୟ ନାହିଁ; ଏହି ଅର୍ଥ ଶୀଘ୍ର ବୋଧହେବା କଷ୍ଟ; ଅତଏବ ଅସ୍ଫୁଟ ବ୍ୟଙ୍ଗ୍ୟ ହେବାରୁ ଗୁଣୀଭୂତ ହେଲା ।

ଅଗୂଢ଼ ଗୁଣୀଭୂତ ବ୍ୟଙ୍ଗ୍ୟ—ଯଥା,

ଅନେକ ଲୋକଗୁରୁଣା ସତାଂ ଧର୍ମୋପଦର୍ଶିନା ।
ଅହଂ ବ୍ରତବତୀ ସ୍ୱୈର ମୁକ୍ତେନ କିମତଃ ପରଂ ।।

ଅର୍ଥ— ଆମ୍ଭେ ବ୍ରତବତୀ ସ୍ତ୍ରୀ, ଏହି ଶାକ୍ୟମୁନି ଲୋକଗୁରୁ ଓ ଧର୍ମୋପଦେଷ୍ଟା; ଏଥି ଉତ୍ତାରୁ ଆଉ କି କହିବୁଁ ।

ଅତ୍ର ଶାକ୍ୟ ମୁନିଙ୍କର ତୀର୍ଥବାସିନୀ ସ୍ତ୍ରୀର ବଳତ୍କାରୋପଭୋଗ ପ୍ରକାଶ ହେବାରୁ ଅଗୂଢ଼ ବ୍ୟଙ୍ଗ୍ୟ ହେଲା ।

ଅସୁନ୍ଦର ଗୁଣୀଭୂତ ବ୍ୟଙ୍ଗ୍ୟ—ଯଥା,

ବାନୀର କୁଞ୍ଜୋଡ୍‌ଡ୍ଡୀନ ଶକୁନିକୋଳାହଳଂ ଶୃଣ୍ୱନ୍ତ୍ୟାଃ
ଗୃହକର୍ମ ବ୍ୟାପୃତାୟା ବଧ୍ୱାଃ ସୀଦନ୍ତି ଅଙ୍ଗାନି ।।

ଅର୍ଥ— ବେତସି କୁଞ୍ଜୋଡଡ୍ଡୀନ ଶକୁନି କୋଳାହଳ ଶ୍ରବଣ କରିବାରୁ ଗୃହକର୍ମାସକ୍ତ ସ୍ତ୍ରୀର ଅଙ୍ଗମାନେ ଶିଥିଳ ହେଲେ ।

ଅତ୍ର ସଙ୍କେତ ଦେଇଥିବା ପୁରୁଷ ଲତାଗୃହକୁ ପ୍ରବିଷ୍ଟ ହେଲା, ଏହି ବ୍ୟଙ୍ଗ୍ୟରୁ ଅଙ୍ଗମାନେ ଶିଥିଳ ହେଲେ, ଏପରି ବାଚ୍ୟାର୍ଥର ଚମତ୍କାରକୁ ସହୃଦୟଭିନ୍ନ ଅନ୍ୟମାନେ ଜାଣି ନ ପାରନ୍ତି; ଅତଏବ ସାଧାରଣ ଅଗୋଚର ହେବାରୁ ଅସୁନ୍ଦର ହେଲା ।

ଏପର ଦୀପକ ଓ ତୁଲ୍ୟଯୋଗିତାଳଂକାର ମାନଙ୍କରେ ଯାହା ଉପମାଳଂକାର ବ୍ୟଙ୍ଗ୍ୟ ହୁଏ ତାକୁ ମଧ ଗୁଣୀଭୂତ ବ୍ୟଙ୍ଗ୍ୟ ବୋଲିବାକୁ ହେବ ।

ଇତି ଧ୍ୱନି ନିରୂପଣନାମ ସପ୍ତମ ପରିଚ୍ଛେଦଃ ।

ସମାପ୍ତଶ୍ଚାୟ ମଳଂକାରବୋଧୋଦୟଃ ।

# ବାମଣ୍ଡା ବିଜ୍ଞାପନ ।*

## ଅଳଙ୍କାର ବୋଧୋଦୟ ।

ସାହିତ୍ୟ ଶବ୍ଦର ଅର୍ଥ, ସମ୍ୟକ୍‌ହିତ; ହିତ ଶବ୍ଦର ଅର୍ଥ, ବୁଦ୍ଧି ବିଷଦ ହେବା ନିମିତ୍ତ ବାକ୍ୟାର୍ଥଜ୍ଞାନ; ବାକ୍ୟାର୍ଥ ଜ୍ଞାନ, କେବଳ ବାକ୍ୟର ଅର୍ଥ ଜାଣିବାର ନୁହେ; କିନ୍ତୁ ଯୋଗ୍ୟତା ଆକାଂକ୍ଷା, ଆସତ୍ତି ଏମାନଙ୍କଦ୍ୱାରା ବାକ୍ୟ କିପରି ସୁଘଟିତ ହୋଇଛି ଓ ବାକ୍ୟଗତ ଶବ୍ଦମାନେ କିପରି ବାଚକ, ଲକ୍ଷ୍ୟକ, ଓ ବ୍ୟଞ୍ଜକ ହୁଅନ୍ତି ଏବଂ ଅଭିଧା, ଲକ୍ଷଣା, ବ୍ୟଞ୍ଜନା କାହାକୁ ବୋଲି ଓ ବ୍ୟଞ୍ଜନା ଅଭିଧାମୂଳ ହେଲେ କିପରି ହୁଏ, ଲକ୍ଷଣାମୂଳ ହେଲେ କିପରି ହୁଏ ଏବଂ ଅର୍ଥରେ କେତେ ପ୍ରକାର ହୁଏ ଓ କେଉଁ ଶବ୍ଦ ଯୋଗରୁ ଶବ୍ଦମାନଙ୍କର ଅନ୍ୟ ଅର୍ଥ ହୁଏ ଓ ଶବ୍ଦମାନଙ୍କର ତାତ୍ପର୍ଯ୍ୟ କି ଅର୍ଥାତ୍ କେଉଁ ଶବ୍ଦର କେଉଁ ଅର୍ଥରେ ତାତ୍ପର୍ଯ୍ୟ ଏବଂ ବାକ୍ୟଜନ୍ୟ କେତେ ପ୍ରକାର ଦୋଷ ଓ ଦୋଷମାନଙ୍କର କିପରି ନିରାଶ ହୁଏ ଓ କେଉଁ କେଉଁ ଅଳଙ୍କାରରେ ବାକ୍ୟ ମଣ୍ଡିତ ହୁଏ ଓ କିପରି ଶବ୍ଦ ବିନ୍ୟସ୍ତ ହେବାରୁ ନାନାପ୍ରକାର ଅର୍ଥମାନେ ଧ୍ୱନିତ ହୁଅନ୍ତି ଓ କେଉଁ ରସରେ କିପରି ଅକ୍ଷର ବିନ୍ୟାସ ହୁଏ ଇତ୍ୟାଦି ନାନାପ୍ରକାର ଜାଣିବାକୁ ହେବ । ଏପରିସ୍ଥଳେ କେବଳ ସାଧୁଭାଷା ଘଟିତ ଗଦ୍ୟ ପଦ୍ୟନିର୍ମିତ ଗ୍ରନ୍ଥକୁ ସାହିତ୍ୟ ବୋଇଲେ ଏକଥାଟି ବାସ୍ତବିକ ସୁଧାଶ୍ରାବଣୀ ହେବ ବୋଲି ବୋଧ ହୁଏ ନାହିଁ ।

ବାକ୍ୟାର୍ଥ ଜ୍ଞାନ ଅଳଙ୍କାର ଶାସ୍ତ୍ରରେ ପ୍ରାୟ ଭଲ ହୁଏ, ଅତଏବ ଏହି ଅଳଙ୍କାର-ବୋଧୋଦୟ ଅଳଙ୍କାର ଶାସ୍ତ୍ରର ସାରାଂଶ ଉଦ୍ଧୃତ; ଏହା ଭାଷାଭିଳାଷୀ ସ୍କୁଲୀୟ ଛାତ୍ର-ମାନଙ୍କର ବାକ୍ୟାର୍ଥଜ୍ଞାନର ସୋପାନ ବୋଇଲେ ଅତ୍ୟୁକ୍ତି ହେବନାହିଁ; ବିଶେଷତଃ ଏହି ପୁସ୍ତକ ସଂସ୍କୃତାନଭିଜ୍ଞ ଉତ୍କଳୀୟ କବିମାନଙ୍କର ନିତାନ୍ତ ବାଞ୍ଛନୀୟ ହେବ ବୋଲି ଭରସା କରୁଁ ।

ଏହି ପୁସ୍ତକରେ କେତେକ ଅକ୍ଷର ଛାପାକାରିଙ୍କ ଦ୍ୱାରା ବ୍ୟାପାଦିତ ହୋଇଅଛି ତାହା ପାଠକମାନେ ମାର୍ଜ୍ଜନା କରିବେ ।

ଏହି ଗ୍ରନ୍ଥର ଆଦର ଜାଣିବା ନିମିତ୍ତ ୮୦୪ ମାତ୍ର ମୂଲ୍ୟ କରିଦିଆ ଯାଇଅଛି ଯଦ୍ୟପି ସ୍କୁଲରେ ବ୍ୟବହାର ହେବ ତେବେ ଅର୍ଦ୍ଧେକ ମୂଲ୍ୟରେ ଛାତ୍ରମାନଙ୍କୁ ଦିଆଯିବ ।

ଏହି ପୁସ୍ତକ କଟକ ପ୍ରିଣ୍ଟିଂକଂପାନି ଓ ଶ୍ରୀ ରାମପ୍ରସନ୍ନ ମୁଖୋପାଧ୍ୟାୟ କଟକ ଓ ଶ୍ରୀଧରଣୀ ଧର ମିଶ୍ର ସମ୍ବଲପୁରଙ୍କ ଦୋକାନରେ ପ୍ରାପ୍ତବ୍ୟ ।

ଶ୍ରୀଯୁତରାଜା । କି । ବାମଣ୍ଡା ।

କଟକ

---

[* ଉତ୍କଳ ଦୀପିକା ୨୧/୨୬ ତା ୨୬-୬-୧୮୮୬ରିଖ ସଂଖ୍ୟାରୁ ଗୃହୀତ ।]

# ଅଲଙ୍କାର ବୋଧୋଦୟ

ସ୍ଥାନାନ୍ତରେ ପ୍ରକାଶିତ ବାମଣ୍ଡା ବିଜ୍ଞାପନରେ ଏ ପୁସ୍ତକର ଆବଶ୍ୟକୀୟ ପରିଚୟ ପାଠକମାନେ ପାଇ ଅଛନ୍ତି ଏବଂ ପ୍ରଶଂସା ପତ୍ରମାନ ପାଠକରି ଏଥିର ଗୁଣାଗୁଣ ମଧ୍ୟ ବୁଝି ଅଛନ୍ତି । ଏ ପୁସ୍ତକ ମୁଦ୍ରିତ ହେବା ପୂର୍ବେ ଗ୍ରନ୍ଥକାର ଆମ୍ଭମାନଙ୍କ ଜଏଣ୍ଟ ଏନସ୍ପେକ୍ଟର ବାବୁ ରାଧାନାଥ ରାୟଙ୍କୁ ଏହାର ପାଣ୍ଡୁଲିପି ଦେଖାଇଥିଲେ ଏବଂ ସେ ଯେଉଁ ଅନୁକୂଳ ମତ ପ୍ରଦାନ କରିଅଛନ୍ତି ତାହା ମଧ୍ୟ ପୁସ୍ତକ ସଙ୍ଗେ ଛପା ହୋଇଅଛି । ସୁତରାଂ ପୁସ୍ତକ ଖଣ୍ଡିକ ଭଲ ହୋଇଅଛି ବୋଲିବାର ପ୍ରୟୋଜନ ନାହିଁ । ଗଡଜାତ ରାଜାମାନଙ୍କ ମଧ୍ୟରେ ବାମଣ୍ଡାଧିପତି ଜଣେ ବୁଦ୍ଧିମାନ ସୁସଭ୍ୟ ଏବଂ ଉନ୍ନତ ରାଜା ଅଟନ୍ତି । ବିଦ୍ୟାପ୍ରତି ଏହାଙ୍କର କେମନ୍ତ ଅନୁରାଗ ମୁକ୍ତିକୋପନିଷଦ୍ ପୁସ୍ତକ ଭାଷା ଅନୁବାଦ ସହିତ ପ୍ରକାଶ ଓ ବିନାମୂଲ୍ୟରେ ବିତରଣ ଏବଂ ସ୍ୱରାଜ୍ୟରେ ଗୋଟିଏ ମୁଦ୍ରାଯନ୍ତ୍ର ସ୍ଥାପନ କରିବାରୁ ସର୍ବସାଧାରଣ ଉତ୍ତମ ରୂପେ ଜାଣିଅଛନ୍ତି । ସମସ୍ତ ରାଜକାର୍ଯ୍ୟ ସ୍ୱୟଂ ଦେଖି ଶୁଣି ନିର୍ବାହ କରିବା ଏବଂ ସ୍ୱରାଜ୍ୟର ଉନ୍ନତି ଚିନ୍ତାରେ ସର୍ବଦା ବ୍ୟସ୍ତ ଥାଇ ସେ ଦେଶୀୟଭାଷା ଶୁଦ୍ଧ ରୂପେ ଲେଖିବାର ଶିକ୍ଷାଦେବା ଉଦ୍ଦେଶ୍ୟରେ ସଂସ୍କୃତ ଅଳଙ୍କାର ଶାସ୍ତ୍ରର ସାରକଥା ମାନ ଭାଷାରେ ରଚନା କରିବାକୁ ଏବଂ ନାନାଭାଷା ଗ୍ରନ୍ଥରୁ ଉଦାହରଣମାନ ଲୋଡି ତହିଁରେ ସନ୍ନିବେଶ କରିବାକୁ ଅବସର ପାଇ ଅଛନ୍ତି ଏକଥା ଆଉରି ଅଧିକ ପ୍ରଶଂସାର ବିଷୟ ଅଟଇ ସାଧାରଣ ହିତକାର୍ଯ୍ୟରେ ନିତାନ୍ତ ଅନୁରାଗ ନଜନ୍ମିଲେ ରାଜଭୋଗରେ ପହୁଡୁଥିବା ଲୋକ ଏତାଦୃଶ ଶ୍ରମଶୀଳ କାର୍ଯ୍ୟରେ ପ୍ରବର୍ତ୍ତିତ ହୁଅନ୍ତି ନାହିଁ । ଅଲଙ୍କାରର କେତେଗୁଡିଏ ମୂଳସୂତ୍ର ସର୍ବସାର ବ୍ୟାକରଣରେ ପ୍ରକାଶ ହୋଇଥିଲେ ହେଁ ଅଲଙ୍କାର ବୋଧୋଦୟ ଉକ୍ତ ବିଷୟର ଖଣ୍ଡିଏ ସ୍ୱତନ୍ତ୍ର ଗ୍ରନ୍ଥ ହେବାରୁ ଏହାକୁ ଓଡିଆ ଭାଷାର ନୂତନ ଗ୍ରନ୍ଥ ବୋଲାଯାଇପାରେ । ଏଥିରେ ଅନେକ ଗୁଡିଏ ପ୍ରୟୋଜନୀୟ ବିଷୟ ଶୁଦ୍ଧରୂପେ ବୁଝାଇ ଦିଆଯାଇଅଛି ଏବଂ ଶିକ୍ଷାବିଭାଗର କର୍ତ୍ତୃପକ୍ଷମାନେ ଏହାର ପ୍ରୟୋଜନୀୟତା ଅନୁଭବ କରି ନର୍ମାଲ ବିଦ୍ୟାଳୟର ପାଠ୍ୟପୁସ୍ତକର ତାଲିକାରେ ଏହାକୁ ସ୍ଥାନଦେଇ ଅଛନ୍ତି । ଅବଶ୍ୟ ପ୍ରଥମ ଉଦ୍ୟମରେ ଏପରି କଠିନ ପୁସ୍ତକ ସର୍ବାଙ୍ଗ ସୁନ୍ଦର ହେବ ଏପରି ଆଶା କରାଯାଇ ନପାରେ ତେଣୁ ପୁସ୍ତକର ସ୍ଥାନେ ସ୍ଥାନେ କେତେ ଗୁଡିଏ ତ୍ରୁଟି ଲକ୍ଷିତ ହୋଇଅଛି । ଏକଏକ ସ୍ଥଳରେ ଏକ ଏକ ସଂଜ୍ଞାର ଯେ ବ୍ୟାଖ୍ୟା ହୋଇଅଛି ତହିଁର ଅର୍ଥ ସହଜରେ ବୁଝାଯାଉ ନାହିଁ ଓ ବୁଝାଇ ଦେବାର ଚେଷ୍ଟା ହୋଇନାହିଁ । ଯଥା 'ଅଭିଧାଶକ୍ତିଦ୍ୱାରା ଯେଉଁ ଅର୍ଥ ଜଣାଯାଏ ତାହାକୁ ବାଚ୍ୟାର୍ଥ ବୋଲି' । କିନ୍ତୁ ଅଭିଧା

ଶକ୍ତି ବୁଝାଇବାର ଚେଷ୍ଟା ହୋଇନାହିଁ । ଅନେକ ଉଦାହରଣରେ କେବଳ ସଂସ୍କୃତ ବାକ୍ୟ ଭାଷାରେ ଅନୁବାଦ କରି ଦିଆଯାଇଅଛି । ଏ ପ୍ରଣାଳୀ ଆମ୍ଭମାନଙ୍କ ବିବେଚନାରେ ଉତ୍ତମ ନୁହଇ । ଏଥିରୁ କେହି କେହି ଅନୁମାନ କରିପାରନ୍ତି ଯେ ଭାଷାପ୍ରତି ସେ ସବୁ ଖଟଇ ନାହିଁ । ଅବଶ୍ୟ ଆମ୍ଭେମାନେ ସ୍ୱୀକାର କରୁଁ ଯେ ଉଦାହରଣମାନ ଖୋଜି ଆଣିମା ଅଳ୍ପ ସମୟ ସାପେକ୍ଷ ନୁହଇ ଏବଂ ଏଥିପାଇଁ ଆମ୍ଭେମାନେ ଆଶା କରୁଁ କି ରାଜା ମହୋଦୟ ଏହି ସମୟରୁ ପ୍ରସ୍ତୁତ ରହି ଭବିଷ୍ୟତ ସଂସ୍କରଣରେ ବର୍ତ୍ତମାନ ତ୍ରୁଟିମାନ ପୂର୍ଣ୍ଣ କରିବେ ।

[* ଉତ୍କଳ ଦୀପିକା – ତା. ୧୦–୭–୧୮୮୬ ପୃ. ୨୨୧–୨୨୨ ରୁ ଗୃହୀତ ।]

## ଅଳଙ୍କାର ବୋଧୋଦୟ

### (ସମାଲୋଚନା)

ଉକ୍ତ ପୁସ୍ତକ ଏବଂ ସେଥିର ପ୍ରକାଶକ ମହୋଦୟଙ୍କ ସମ୍ବନ୍ଧରେ ଏଥିପୂର୍ବେ କେତେକ କଥା ବୋଲିଅଛୁଁ; କିନ୍ତୁ ସମୟାଭାବରୁ ପୁସ୍ତକର ଦୋଷଗୁଣ ସମ୍ବନ୍ଧରେ କିଛି ବୋଲି ପାରିନଥିଲୁଁ । ଆଜି ସଂକ୍ଷେପରେ କିଛି ବୋଲୁ ଅଛୁଁ –

ପ୍ରଶଂସିତ ପୁସ୍ତକ ଖଣ୍ଡିକ ଉତ୍କଳ ପ୍ରଦେଶରେ ଅଳଙ୍କାର ଶାସ୍ତ୍ରର ପ୍ରଥମ ଆଦର୍ଶ ହେଲା ବୋଲିବାକୁ ହେବ । ବାମଣ୍ଡାଧିପତି ଅଳଙ୍କାର ଶାସ୍ତ୍ରର ଜଣେ ପଥିକ ଏବଂ ରସଜ୍ଞ ବ୍ୟକ୍ତି । ସେ ଓଡ଼ିଶାକୁ ଯେଉଁ ଖଣ୍ଡିଏ ନୂତନ ପୁସ୍ତକ ପ୍ରଦାନ କଲେ ସେଥି ନିମନ୍ତେ ସମସ୍ତ ଓଡ଼ିଶା ତାଙ୍କଠାରେ ଋଣୀ । ଏ ସ୍ଥଳେ ଆମ୍ଭେମାନେ ଚାଟୁକାରିତା ଭୟରୁ ରକ୍ଷାପାଇବା ନିମନ୍ତେ ପଦ୍ମବନରେ ଶମ୍ବୁକ ଖୋଜିଲାତୁଲ୍ୟ କିଛି କହିବୁଁ ।

ମହାରାଜ, ଅନେକ ଭାଷା ଓ ସଂସ୍କୃତ ଗ୍ରନ୍ଥାବଳୀର ଲକ୍ଷସ୍ଥଳମାନ ବହୁ ପରିଶ୍ରମ ପୂର୍ବକ ଲକ୍ଷଣାକ୍ରାନ୍ତ କରିଅଛନ୍ତି । କିନ୍ତୁ ବିଶ୍ୱନାଥ କବିରାଜଙ୍କ କୃତ ସାହିତ୍ୟ ଦର୍ପଣର ଅବିକଳ ଅନୁବାଦ ହୋଇନାହିଁ, ପୁଣି ଅନେକସ୍ଥଳରେ ମୂଳର ସହିତ କିଛିମାତ୍ର ସାମଞ୍ଜସ୍ୟ ନାହିଁ । ପ୍ରଶଂସିତ ଗ୍ରନ୍ଥ ଅଳଙ୍କାରଜ୍ଞ ବ୍ୟକ୍ତିମାନଙ୍କ ଭିନ୍ନ ଅନ୍ୟ ଲୋକଙ୍କର ଅତି ସହଜରେ ବୋଧଗମ୍ୟ ହୋଇପାରିବ ନାହିଁ । ଯେହେତୁ ଲକ୍ଷଣମାନଙ୍କର ଭାଷା ଜଟିଳ ହୋଇଅଛି, ସେହି ଭାଷା ସରଳରୂପେ ରଚିତ ହୋଇଥିଲେ ବଡ ସୁନ୍ଦର ହୋଇଥାନ୍ତା ।

ଗ୍ରନ୍ଥକାର ଲକ୍ଷଣାର ଲକ୍ଷଣ ଲେଖିଅଛନ୍ତି; "ମୁଖ୍ୟ ଅର୍ଥର ବାଧହୋଇ ମୁଖ୍ୟାର୍ଥ ସମ୍ବନ୍ଧ ଅନ୍ୟାର୍ଥ ଯେଉଁ ଆରୋପିତ ଶକ୍ତିଦ୍ୱାରା ରୂଢ଼ି ପ୍ରୟୋଜନରୁ ଜଣାଯାଏ ତାକୁ ଲକ୍ଷଣା କୁହାଯାଏ ।" ଆମ୍ଭେମାନେ ବୋଧକରୁଁ, ସାଧାରଣ ଲୋକେ ଏଥିରୁ ପ୍ରାୟ କିଛି ବୁଝିପାରିବେ ନାହିଁ । ଏହି ଲକ୍ଷଣାର ଲକ୍ଷଣ ଏହି ପ୍ରକାର ଲେଖିଥିଲେ ଭଲ-

ହୋଇଥାନ୍ତା । ଯଥା : ମୁଖ୍ୟାର୍ଥରେ ବାଧହେଲେ ଏବଂ ସେହି ମୁଖ୍ୟାର୍ଥରେ ସମ୍ବନ୍ଧ ଲକ୍ଷାର୍ଥରେ ଥିଲେ ରୂଢ଼ି ବା ପ୍ରୟୋଜନ ହେତୁରୁ ଶବ୍ଦ, ଯେଉଁ ଶକ୍ତି ବା ବ୍ୟାପାର ଦ୍ୱାରା ଅନ୍ୟ ଅର୍ଥକୁ ବୁଝାଏ, ସେହି ଶକ୍ତିକୁ ଲକ୍ଷଣା କୁହନ୍ତି । ଯେହେତୁ ମୂଳରେ ଏହିପରି ଅଛି ଯଥା; ବାଚ୍ୟାର୍ଥ ବାଧେ ତଦ୍‌ଯୋଗେ ଇତ୍ୟାଦି ।

ଅପିଚ । ଉପମାଳଙ୍କାର ଲକ୍ଷଣ । ଉପମାନ, ଉପମେୟ ଦୁହିଁଙ୍କର ଯେଉଁଠାରେ ସାଦୃଶ୍ୟ ଉତ୍ତମରୂପେ ଉଲ୍ଲସିତ ହୁଏ, ତାହାକୁ ଉପମାଳଙ୍କାର ବୋଲି । ଏ ସ୍ଥଳେ କାହାର ସାଦୃଶ୍ୟ କାହାଠାରେ ସ୍ପଷ୍ଟରୂପେ ବିନ୍ୟସ୍ତ ହେବା ଉଚିତଥିଲା । ଏ ସ୍ଥଳେ ଏହିରୂପ ଲେଖିଥିଲେ ଉଚିତ ହୋଇଥାନ୍ତା ଅର୍ଥାତ୍ ଉପମେୟ ପଦ ଉପମାନ ଭିନ୍ନ ହୋଇ ଉପମାନଗତ ଧର୍ମବିଶିଷ୍ଟ ହେଲେ ଉପମାଳଙ୍କାର ହୁଏ । ସଂସ୍କୃତରେ ଏହି ଲକ୍ଷଣ ନିର୍ଦ୍ଦିଷ୍ଟ ଅଛି । ଯଥା : ଚନ୍ଦ୍ର ତୁଲ୍ୟ ମୁଖ କହିଲେ ମୁଖରେ ଚନ୍ଦ୍ର ଭିନ୍ନତ୍ୱ ଥାଇ ଚନ୍ଦ୍ରଗତ ଆହ୍ଲାଦଜନକତ୍ୱାଦି ସାଦୃଶ୍ୟ ମୁଖରେ ଥିବାରୁ ଉପମାଳଙ୍କାର ବୋଧହେଲା ।

ଅପିଚ । ଗ୍ରନ୍ଥର ଆଦ୍ୟରେ ଲେଖାଅଛି ଯେ, କାବ୍ୟାଦି ଶାସ୍ତ୍ର ଅଧ୍ୟୟନକଲେ ଧର୍ମ, ଅର୍ଥ, କାମ, ମୋକ୍ଷ ଏପରି ଚତୁର୍ବର୍ଗ ପ୍ରାପ୍ତହୁଏ । ଏସ୍ଥଳେ 'ଏପରି' ଏହି ପଦ ପ୍ରୟୋଗ କରିବା ଉଚିତ କି ? ''ଏପରି'' ପଦ ଏଠାକୁ କାହୁଁ ଅଇଲା ? ମୂଳରେ ଅଛି ଯଥା :

''ଚତୁର୍ବର୍ଗଫଳାବାପ୍ତିଃ ସୁଖାଦଳ୍ପଧିୟାମପି ।''

ଅପିଚ । ଅଳଙ୍କାର ଦୁଇପ୍ରକାର— ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର । ଶବ୍ଦାଳଙ୍କାର ମଧ୍ୟରେ ଅନୁପ୍ରାସ; ପୁଣି ସେହି ଅନୁପ୍ରାସ ତିନିପ୍ରକାର— ଛେକାନୁପ୍ରାସ, ଲାଟାନୁପ୍ରାସ, ବୃତ୍ତ୍ୟନୁପ୍ରାସ । ଛେକାନୁପ୍ରାସର ଲକ୍ଷଣ ଏହି ଯେ, ଦୁଇଦୁଇ ବ୍ୟଞ୍ଜନବର୍ଣ୍ଣର ନିରନ୍ତର ଅର୍ଥାତ୍ ବ୍ୟବଧାନରହିତ ଆବୃତ୍ତି ଯେଉଁଠାରେ ହୁଏ, ସେହିଠାରେ ଛେକାନୁପ୍ରାସ ହୁଏ ।

ଯଥା : ରାଜରାଜ ସମୈଶ୍ୱର୍ଯ୍ୟଃ ଶାସ୍ତ୍ରଭାସୁର ଧୀରଧୀଃ ।
ରାଜ ରାଜଦ୍ୟଶା ରେଜେ ରାମୋବାଶରଥୀ ରଥୀ ।

ପ୍ରଶଂସିତ ଗ୍ରନ୍ଥରେ ଲେଖାଅଛି; ସସ୍ୱର ବ୍ୟଞ୍ଜନ ସମୂହର ଏକ କିବା ଅନେକବାର ସାମ୍ୟକୁ ଛେକାନୁପ୍ରାସ କୁହନ୍ତି । ଏହି ଲକ୍ଷଣର ଲକ୍ଷସ୍ଥଳ ବୃତ୍ତ୍ୟନୁପ୍ରାସ ହୋଇପାରେ । ବୃତ୍ତ୍ୟନୁପ୍ରାସର ଲକ୍ଷଣ ଏହି :

ଏକଦ୍ୱିତ୍ର୍ୟାଦି ବର୍ଣ୍ଣାନାଂ ପୁନରୁକ୍ତିର୍ଭବେଦ୍ ଯଦି ।
ସଂଖ୍ୟାନିୟମ ମୁଲ୍ଲଂଘ୍ୟ ବୃତ୍ତ୍ୟନୁପ୍ରାସ ଈରୀତଃ ।।

ଏହିରୂପେ ନାନା ସ୍ଥଳରେ ମୂଳ ଗ୍ରନ୍ଥର ସହିତ ସାମଞ୍ଜସ୍ୟ ନଥିଲେ ହେଁ ପ୍ରଶଂସିତ ଗ୍ରନ୍ଥ ଖଣ୍ଡିକ ଯେ ଆଦରଣୀୟ ଓ ରସଜ୍ଞମାନଙ୍କର ଉପଯୋଗୀ ହୋଇଅଛି, ଏଥିରେ କୌଣସି ସନ୍ଦେହ ନାହିଁ । ବାମଣ୍ଡାଧିପତିଙ୍କ ଅନୁଗ୍ରହରୁ ଅଳଙ୍କାର ଶାସ୍ତ୍ରର ଦ୍ୱାର ପ୍ରଥମେ ଉଦ୍‌ଘାଟିତ ହେଲା; ଏଣୁ ଆମ୍ଭେମାନେ ମନର ସହିତ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ ।

['ବାଲେଶ୍ୱର ସଂବାଦ ବାହିକା' (୧୯/୨୮) ତା-୫-୭-୧୮୮୬ ପୃ-୧୧୧]

## ।। ଅଳଙ୍କାର ବୋଧୋଦୟ ସମାଲୋଚନାର ଶ୍ରୀ-ବାମଣ୍ଡାଙ୍କ ଦ୍ୱାରା ପ୍ରତି ସମାଲୋଚନା ଉପରେ ବାହିକାର ମତ ।।

ଗତ ୨୮ ସଂଖ୍ୟକ ବାହିକାରେ ଆମ୍ଭେମାନେ ଅଳଙ୍କାର ବୋଧୋଦୟର ସମାଲୋଚନା କରିଥିଲୁଁ; ଏଥିକୁ ଶ୍ରୀ-ବାମଣ୍ଡା ଗତ ୩୨ ସଂଖ୍ୟକ ସଂସ୍କାରକରେ ସେଥିର ସମାଲୋଚନା କରିଅଛନ୍ତି । ପତ୍ରପ୍ରେରକ ମହାଶୟ, ଆମ୍ଭେମାନେ, ସାହିତ୍ୟ ରତ୍ନାକରକୁ ସାହିତ୍ୟ-ଦର୍ପଣ ବୋଲି ଜାଣି ଅଳଙ୍କାରବୋଧୋଦୟର ସମାଲୋଚନା କରିଥିବା କଥା ଲେଖିଅଛନ୍ତି ଏବଂ କେତେ ଗୁଡିଏ ପ୍ରଶ୍ନର ଉତ୍ତରଦେବା ନିମନ୍ତେ ଅନୁରୋଧ କରିଅଛନ୍ତି । ଆମ୍ଭମାନଙ୍କ ବିବେଚନାରେ ସେଥିର ଉତ୍ତର ଦେଲେ ଫଳ କିସ ହେବ ? ଆମ୍ଭେମାନେ ବାମଣ୍ଡାଧିପତିଙ୍କ ଉକ୍ତ କାର୍ଯ୍ୟକୁ ବଡ ପସନ୍ଦ କରିଅଛୁଁ । ଭରସା କରୁଁ, ସେଥିରେ ଯେଉଁ ଯେଉଁ ଦୋଷ ଏବଂ ଯେଉଁ ଯେଉଁ ଅଭାବ ଅଛି, ବାମଣ୍ଡାଧିପତି ୨ୟ ସଂସ୍କରଣ ସମୟରେ ସେହି ସେହି ଦୋଷରୁ 'ଅଳଙ୍କାର ବୋଧୋଦୟ'କୁ ରକ୍ଷା-କରିବେ ଏବଂ ପ୍ରୟୋଜନୀୟ ଅଭାବ ପୂରଣ କରିବେ ।

['ବାଲେଶ୍ୱର ସଂବାଦ ବାହିକା'— (୧୯/୩୨) ତା-୧୨-୮-୧୮୮[illegible]]

## ଅଳଙ୍କାରବୋଧୋଦୟ ସମାଲୋଚନା (ଶିକ୍ଷାବନ୍ଧୁ) ୨/୬-୭, ଜୁନ୍, ଜୁଲାଇ, ୧୮୮୬

ଏହି ଗ୍ରନ୍ଥଖଣ୍ଡି ପାଠକରି ଆମ୍ଭେ ଅତ୍ୟନ୍ତ ପ୍ରୀତ ହୋଇଅଛୁଁ । ସଂସ୍କୃତ ଅଳଙ୍କାର ଗ୍ରନ୍ଥକୁ ଓଡ଼ିୟା ଭାଷାରେ ଅନୁବାଦ କରିବା ସହଜ କଥା ନୁହେଁ । ରାଧାନାଥବାବୁ ଏ ସମ୍ବନ୍ଧରେ ଯାହା କହିଅଛନ୍ତି, ସେଥିରେ ଆମ୍ଭ ମତର ସମ୍ପୂର୍ଣ୍ଣ ଐକ୍ୟ ଅଛି । ଆହୁରି ଆନନ୍ଦର ବିଷୟ ଯେ ଏହି ଦୁରୂହ କାର୍ଯ୍ୟଟି ଜଣେ ନାନା ରାଜକାର୍ଯ୍ୟବ୍ୟାପୃତ ରାଜାଙ୍କ କର୍ତ୍ତୃକ ସମ୍ପାଦିତ ହୋଇଅଛି । ରାଜନ୍ୟବର୍ଗରେ ବାସୁଦେବାଭିଧେୟ ନରପତିଙ୍କର ପାଣ୍ଡିତ୍ୟ, ସତ୍ ପରିଶ୍ରମ ଏବଂ ଅଧ୍ୟବସାୟର ଉଦାହରଣ ଅତି ବିରଳ ଲକ୍ଷିତ ହୁଏ ।

ପ୍ରାଚ୍ୟ ଅଳଙ୍କାରଶାସ୍ତ୍ର ଏବଂ ପାଶ୍ଚାତ୍ୟ ଅଳଙ୍କାରଶାସ୍ତ୍ର, ଏ ଉଭୟ ମଧ୍ୟରେ ବିସ୍ତର ପ୍ରଭେଦ ଦେଖାଯାଏ । ପାଶ୍ଚାତ୍ୟ ଅଳଙ୍କାରଶାସ୍ତ୍ରର ଆଲୋଚ୍ୟ ବିଷୟ କବିତା ଏବଂ ବକ୍ତୃତା । ପ୍ରାଚ୍ୟ ଅଳଙ୍କାରଶାସ୍ତ୍ରର ଆଲୋଚ୍ୟ ବିଷୟ କେବଳ କବିତା ମାତ୍ର । ପାଶ୍ଚାତ୍ୟ କବିତାର ଜନ୍ମଭୂମି ଗ୍ରୀସ୍ । ଏହି ଦେଶର ପ୍ରାକୃତିକ ଅବସ୍ଥା କବିତାର ଯେପରି ଅନୁକୂଳ ଥିଲା, ରାଜନୈତିକ ଅବସ୍ଥା ମଧ୍ୟ ବକ୍ତୃତାର ସେହିପରି ଅନୁକୂଳ ଥିଲା । ପ୍ରାଚୀନ ଗ୍ରୀସ୍‌ରେ ପ୍ରଜାତନ୍ତ୍ର ପ୍ରଣାଳୀ ପ୍ରଚଳିତ ଥିବାରୁ ବକ୍ତୃତାର ଯଥେଷ୍ଟ ଆଦର ହୋଇଥିଲା ଏବଂ ବାଗ୍ମିମାନେ ନିଜ ନିଜ ଦକ୍ଷତାନୁସାରେ ସାମାଜିକ ସମ୍ମାନ ଲାଭ କରୁଥିଲେ । ଭାରତବର୍ଷରେ ରାଜତନ୍ତ୍ର ପ୍ରଣାଳୀ ପ୍ରଚଳିତ ଥିବାରୁ ବାଗ୍ମିତା ତାଦୃଶ ଉତ୍କର୍ଷ ଲାଭ କରିପାରିନାହିଁ । ସଂପ୍ରତି ସଭ୍ୟତାର ଉନ୍ନତି ସଙ୍ଗେ ସଙ୍ଗେ ଏ

ଦେଶରେ ମଧ୍ୟ ଅଳ୍ପ ବା ଅଧିକ ପରିମାଣରେ ବକ୍ତୃତାର ସ୍ଫୂର୍ତ୍ତି ଦେଖାଯାଉଅଛି । ପରନ୍ତୁ ଏହି ସ୍ଫୂର୍ତ୍ତି ରାଜନୈତିକ ଉନ୍ନତିର ଅବଶ୍ୟମ୍ଭାବୀ ସହଚର । ପ୍ରଚଳିତ ରାଜ୍ୟମାନଙ୍କରେ ଅଳଙ୍କାରଗ୍ରନ୍ଥ ପ୍ରଣୟନ କରିବାକୁ ହେଲେ କେବଳ କବିତାକୁ ଗ୍ରନ୍ଥର ବିଷୟୀଭୂତ ନ କରି କବିତା ଏବଂ ବକ୍ତୃତା, ଉଭୟର ଯଥାଯଥ ଆଲୋଚନା କରିବାର ଆବଶ୍ୟକ ।

ପାଶ୍ଚାତ୍ୟ ଅଳଙ୍କାରଶାସ୍ତ୍ର ସଙ୍ଗେ ତୁଳନା କରି ଦେଖିଲେ, ପ୍ରାଚ୍ୟ ଅଳଙ୍କାରଶାସ୍ତ୍ରର ଆଉ ଗୋଟିଏ ଅଭାବ ପରିଲକ୍ଷିତ ହୁଏ । ସଂସ୍କୃତ ଅଳଙ୍କାରଗ୍ରନ୍ଥରେ କାବ୍ୟମାନଙ୍କୁ ଗୋଟିଏ ଗୋଟିଏ ଶ୍ଳୋକନେଇ ସେଥିର ଦୋଷଗୁଣ, ଉତ୍କର୍ଷାପକର୍ଷ ସମ୍ବନ୍ଧରେ ଅତି ସୂକ୍ଷ୍ମ ବିଚାର କରାଯାଇଅଛି । ମାତ୍ର ଖଣ୍ଡିଏ ସମଗ୍ର କାବ୍ୟ ବା ନାଟକର ବିଚାର କରି ସେଥିର ଦୋଷ ଗୁଣ ପ୍ରଦର୍ଶିତ ହୋଇନାହିଁ । ସମଗ୍ର କାବ୍ୟ ବା ନାଟକର ଶରୀର ଗଠନ କିପରି, ତାହାର ଆଦ୍ୟ, ମଧ୍ୟ, ପ୍ରାନ୍ତ ଏମାନଙ୍କ ମଧ୍ୟରେ ପରସ୍ପର ଅନୁପାତର ସାମଞ୍ଜସ୍ୟ ଅଛି କି ନାହିଁ; ପ୍ରତ୍ୟେକ ବର୍ଣ୍ଣିତ ବିଷୟ ମୂଳ ବିଷୟର ଉପଯୋଗୀ କି ନା, କାବ୍ୟର କେଉଁଅଂଶ ପ୍ରାସଙ୍ଗିକ, କେଉଁ ଅଂଶ ଅପ୍ରାସଙ୍ଗିକ; ନାୟକ-ନାୟିକାଙ୍କର ଚରିତ୍ରଗଠନ କିପରି; ସେମାନଙ୍କର ଉକ୍ତି ପ୍ରତ୍ୟୁକ୍ତି ସେହି ଚରିତ୍ରର ଅନୁରୂପ ଏବଂ ପରିପୋଷକ କି ନା, ଏହିରୀତିର ସମାଲୋଚନା ପ୍ରାୟ କୌଣସି ସଂସ୍କୃତ ଅଳଙ୍କାଗ୍ରନ୍ଥରେ ଦେଖାଯାଏ ନାହିଁ । ପାଶ୍ଚାତ୍ୟ ଅଳଙ୍କାରଶାସ୍ତ୍ରରେ ଏହି ରୀତିର ସମାଲୋଚନା ଅଧିକ ଥିବାରୁ ରୁଚିର ସଂସ୍କରଣ ବିଷୟରେ ତାହା ଅଧିକତର ଉପଯୋଗୀ ବୋଧ ହୁଏ । ପାଶ୍ଚାତ୍ୟ ଅଳଙ୍କାରଶାସ୍ତ୍ର ବ୍ୟଷ୍ଟି ଅପେକ୍ଷା ସମଷ୍ଟି ପ୍ରତି ଅଧିକତର ମନୋଯୋଗୀ, ପ୍ରାଚ୍ୟ ଅଳଙ୍କାରଶାସ୍ତ୍ର ସମଷ୍ଟି ଅପେକ୍ଷା ବ୍ୟଷ୍ଟି ପ୍ରତି ଅଧିକତର ମନୋଯୋଗୀ ।

ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ଉଭୟବିଧ ଅଳଙ୍କାରଶାସ୍ତ୍ରର ଦୋଷଗୁଣ ତୁଳନା କରିବାର ସୁବିଧାସତ୍ତ୍ୱେ, ଆମ୍ଭମାନଙ୍କର ଉଚିତ ଯେ ଉଭୟର ତ୍ରୁଟି ପରିହାରପୂର୍ବକ ଭାରତୀୟ ଭାଷାଳଙ୍କାର ଗ୍ରନ୍ଥରେ ଯେପରି ଉଭୟର ଉତ୍କର୍ଷ ସମବେତ ହୋଇପାରିବ, ସେଥି ପକ୍ଷରେ ଯତ୍ନଶୀଳ ହେବୁଁ ।

ଅଳଙ୍କାର ବୋଧୋଦୟକୁ ଉଲ୍ଲିଖିତଲକ୍ଷଣାନୁସାରେ ବିଚାର କରିବାର ଅନୁଚିତ । ଏହା କେବଳ ଖଣ୍ଡିଏ ଉତ୍କୃଷ୍ଟ ଅଳଙ୍କାର ଗ୍ରନ୍ଥର (ସାହିତ୍ୟଦର୍ପଣର) ଅନୁବାଦମାତ୍ର । ଉପରେ ଆମ୍ଭେମାନେ ଯେଉଁ ଲକ୍ଷଣ ନିର୍ଦ୍ଦେଶ କଲୁଁ, ସେହି ଲକ୍ଷଣା-କ୍ରାନ୍ତ ପୁସ୍ତକ ରଚନା କରିବାର ସମୟ ବହୁ ଦୂରବର୍ତ୍ତୀ । ଓଡ଼ିଆ ଭାଷାର କଥା ଦୂରେ- ଥାଉ, ସମଧିକ ଉନ୍ନତ ଓ ମାର୍ଜ୍ଜିତ ବଙ୍ଗଳା ଭାଷାରେ ସୁଦ୍ଧା ସେ ସମୟ ଉପସ୍ଥିତ ହୋଇଅଛି କି ନାହିଁ ସନ୍ଦେହର ବିଷୟ । ପ୍ରକୃତ ପକ୍ଷରେ ବଙ୍ଗଳାରେ ଏ ଶ୍ରେଣୀର ଗ୍ରନ୍ଥ ଅବଧି ରଚିତହୋଇନାହିଁ । ବରଂ 'କାବ୍ୟନିର୍ଣ୍ଣୟ' ପ୍ରଭୃତି ଯେଉଁ ଅଳଙ୍କାରଗ୍ରନ୍ଥ ବଙ୍ଗଭାଷାରେ ରଚିତହୋଇଅଛି, ତାହା ଏହା (ଅ.ବୋ) ଅପେକ୍ଷା କୌଣସି ଅଂଶରେ ଉତ୍କୃଷ୍ଟ ନୁହେଁ ।

ରାଧାନାଥବାବୁ ଅଳଙ୍କାର ବୋଧୋଦୟ ସମ୍ବନ୍ଧରେ ଯେଉଁ ତ୍ରୁଟିର ଉଲ୍ଲେଖ କରିଅଛନ୍ତି, ତାହା ସଂଶୋଧନ କରିବାର ଉଚିତ । ବାମଣ୍ଡାଧିପତି ମହାରାଜ ବାସୁଦେବ ଏହି ଗ୍ରନ୍ଥ ସଙ୍କଳନରେ ବିଶେଷ ଶ୍ରମ ଏବଂ ଅଧ୍ୟବସାୟର ପ୍ରମାଣ ଦେଇଅଛନ୍ତି ସତ୍ୟ, ମାତ୍ର କିଛି ଅଧିକ ସମୟ ବ୍ୟୟକରି ଅଧିକତର ଶ୍ରମ ସ୍ୱୀକାର କରିଥିଲେ, ପୁସ୍ତକର ଭାଷା ଆହୁରି ସହଜ ହୋଇଥାନ୍ତା ଏବଂ ଉଦାହରଣଗୁଡ଼ିକ ଆହୁରି ଉପଯୋଗୀ ହୋଇଥାନ୍ତା । କେତେକ ସ୍ଥଳରେ ଉଦାହରଣଗୁଡ଼ିକ ସୁବିଚାର ସହିତ ସଙ୍କଳିତ ହୋଇନାହିଁ ଏବଂ କୌଣସି କୌଣସି ସ୍ଥଳରେ ସଂସ୍କୃତ ଶ୍ଳୋକର ପଦ୍ୟାନୁବାଦ ମୂଳଶ୍ଳୋକର ଉପଯୁକ୍ତ ହୋଇନାହିଁ । ସେ ଯାହାହେଉ ସ୍ଥୂଳରେ ପୁସ୍ତକଖଣ୍ଡିକ ଆଶାତୀତ ବୋଲିବାକୁ ହେବ ।

ଅଳଙ୍କାର ବୋଧୋଦୟ ଦ୍ୱାରା ଓଡ଼ିଆ ସାହିତ୍ୟ-ଶିକ୍ଷାର ବିଶେଷ ସାହାଯ୍ୟ ହେବାର ସମ୍ଭାବନା । ରୁଚିର ସଂସ୍କାର ଓଡ଼ିଶାରେ ନିତାନ୍ତ ଆବଶ୍ୟକ ହୋଇଅଛି । ଏ ଦେଶର ପ୍ରାଚୀନ ସାହିତ୍ୟରେ ଯେ ଉତ୍କୃଷ୍ଟ କିଛି ନାହିଁ, ଏହା ଆମ୍ଭେ କହୁ ନାହୁଁ । ମାତ୍ର ଓଡ଼ିଶାର ପ୍ରାଚୀନ ସାହିତ୍ୟ ବୋଲି ଯାହା ଜନ-ସମାଜରେ ପ୍ରତିଷ୍ଠିତ, ସେଥିର ଅଧିକାଂଶ ଯେ ସୁରୁଚି-ସମ୍ଭୂତ ନୁହେଁ, ତାହା ବିନା ଅଳଙ୍କାରଶାସ୍ତ୍ର-ଚର୍ଚ୍ଚାରେ ପାଠକମାନେ ସମୀଚୀନ ରୂପେ ଉପଲବ୍ଧି କରିପାରିବେ ନାହିଁ । ବ୍ୟାକରଣ ଏବଂ ଅଳଙ୍କାରଠାରେ ପ୍ରାଚୀନ ଉତ୍କଳ-ସାହିତ୍ୟ ଯେମନ୍ତ ଅପରାଧୀ, ଏମନ୍ତ ଭାରତବର୍ଷର ଅନ୍ୟ ପ୍ରଦେଶରେ ଅଛି କି ନାହିଁ, ସନ୍ଦେହର ସ୍ଥଳ ।

ମହାରାଜ ବାସୁଦେବଙ୍କର ଗ୍ରନ୍ଥକାର-ସଂସାରରେ ଏହି ପ୍ରଥମ ପ୍ରବେଶ । ଏହି ନବରାଜ୍ୟକୁ ଆମ୍ଭେମାନେ ତାହାଙ୍କୁ ହୃଦୟର ସହିତ ଅଭିନନ୍ଦନ କରୁଅଛୁ । ସଂସାରରେ ଯେତେ ପ୍ରକାର କୀର୍ତ୍ତି ଅଛି, ସେଥିମଧ୍ୟରେ ଲିପିକୀର୍ତ୍ତି ସର୍ବାପେକ୍ଷା ଅଧିକକାଳ ସ୍ଥାୟୀ । ଓଡ଼ିଶାରେ ସହସ୍ର ରାଜା ଆବିର୍ଭୂତ ହୋଇ କାଳଗର୍ଭରେ ତିରୋହିତ ହୋଇଅଛନ୍ତି । ମାତ୍ର ରାଜକବି ଉପେନ୍ଦ୍ରଭଞ୍ଜଙ୍କର ନାମ ଅଦ୍ୟାପି ଦେଦୀପ୍ୟମାନ ଅଛି ଏବଂ ଯେତେଦିନ ଓଡ଼ିୟା ଭାଷାର ଅସ୍ତିତ୍ୱ ଥିବ ଉପେନ୍ଦ୍ରଭଞ୍ଜଙ୍କର କୀର୍ତ୍ତି ଲୋପ ହେବନାହିଁ । ମହାରାଜ ବାସୁଦେବ ସ୍ୱୟଂ ବିଦ୍ୱାନ, ସୁତରାଂ ଲିପିକୀର୍ତ୍ତିର ସାରବତ୍ତା ହୃଦୟଙ୍ଗମ କରିବାକୁ ସମ୍ପୂର୍ଣ୍ଣ ସମର୍ଥ । ଏହି ହେତୁରୁ ଅଧିକାଂଶ ରାଜାଙ୍କ ପରି ସିଂହାସନସୁଲଭ ବିଳାସ-ସୁଖକୁ ଜୀବନର ଲକ୍ଷ୍ୟ ନକରି ଲିପିକୀର୍ତ୍ତି ସ୍ଥାପନ ବିଷୟରେ ଯତ୍ନଶୀଳ ହୋଇଅଛନ୍ତି ଏବଂ ସେହି ଯତ୍ନର ପ୍ରଥମ ଫଳସ୍ୱରୂପ 'ଅଳଙ୍କାର ବୋଧୋଦୟ'କୁ ସାଧାରଣଙ୍କଠାରେ ଉପହାର ଦେଇ ସାଧାରଣର ବିଚାର ପ୍ରାର୍ଥୀ ହୋଇଅଛନ୍ତି । ଏପରି ଗୌରବାନ୍ୱିତ ଦୃଶ୍ୟ ଦେଖି କେଉଁ ସହୃଦୟ ଲୋକର ମନ ଆନନ୍ଦରସରେ ଅଭିଷିକ୍ତ ନ ହେବ ? ଆମ୍ଭେମାନେ ସର୍ବାନ୍ତଃକରଣରେ ସର୍ବସିଦ୍ଧିଦାତାଙ୍କଠାରେ ପ୍ରାର୍ଥନା କରୁଅଛୁଁ ସେ ବାସୁଦେବଙ୍କର ଏହି ସାଧୁବାସନା ଉପରେ ତାହାଙ୍କର ଅମୋଘ ଆଶୀର୍ବାଦ ବର୍ଷଣ କରନ୍ତୁ ଏବଂ ମହାରାଜାଙ୍କର ନିର୍ମଳଯଶଶ୍ଚନ୍ଦ୍ରର ଜ୍ୟୋତ୍ସ୍ନାରେ ସମଗ୍ର ଉତ୍କଳଭୂମି ଆଲୋକିତ ହେଉ ।

# ବୈଦିକ ପ୍ରସ୍ତାବ

# ବୈଦିକ ପ୍ରସ୍ତାବ

**ପ୍ରାକ୍-ସୂଚନା :**

'ବୈଦିକ ପ୍ରସ୍ତାବ' କ୍ରମଶାଃକାରେ 'ଉତ୍କଳ ଦୀପିକା' (୨୧/୨୯) ତା୧୭-୭-୧୮୮୬ରୁ ପ୍ରକାଶିତ । ଏଗୁଡିକ ଶ୍ରୀବାମଣ୍ଡା ଛଦ୍ମନାମରେ ରଚିତ । ଶ୍ରୀବାମଣ୍ଡା ଯେ ସ୍ୱୟଂ ସୁଦ୍ଧଳଦେବ ଏହା ବିଭିନ୍ନ ସୂତ୍ରରୁ ପ୍ରମାଣିତ ହୁଏ । ପ୍ରଥମତଃ ଏଗୁଡ଼ିକ ବାମଣ୍ଡା ବିଜ୍ଞାପନ ସ୍ତମ୍ଭରେ ପ୍ରକାଶିତ । କେବଳ ଚତୁର୍ଥ ପ୍ରସ୍ତାବଟି ପ୍ରେରିତପତ୍ର ସ୍ତମ୍ଭରେ ପ୍ରକାଶିତ (ଦୀପିକା – ୨୧/୩୩) । ବାମଣ୍ଡା ବିଜ୍ଞାପନ ସ୍ତମ୍ଭଟି ସୁଦ୍ଧଳଦେବଙ୍କ ଆର୍ଥିକ-ସହଯୋଗରେ ପ୍ରକାଶିତ । ସୁଦ୍ଧଳଦେବଙ୍କ ଅନୁରୋଧ କ୍ରମେ ଦୀପିକାର ପ୍ରଥମ ପୃଷ୍ଠାଟି ବାମଣ୍ଡା ବିଜ୍ଞାପନ ପାଇଁ ଗୌରୀଶଙ୍କର ପ୍ରଦାନ କରିଥିଲେ । ଏଣୁ ଏ ପୃଷ୍ଠାଟି ସୁଦ୍ଧଳ-ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରକାଶ ପାଉଥିବା ନିଶ୍ଚିତ । ଦୀପିକା (୨୨/୩)ରେ ଏଣୁ ସୁସ୍ପଷ୍ଟ ଭାବରେ ସ୍ୱୀକାର କରାଯାଇଛି ''x x x ଆମ୍ଭେ ବଡ ଦୁଃଖିତ ହେଲୁ ଯେ ଏହି ସମୟରେ ଆମ୍ଭର ନାନାପ୍ରକାର କାର୍ଯ୍ୟବଶତଃ ଭ୍ରମଣ କରିବାକୁ ହେଉଅଛି ଅତଏବ କପଟଭାବଗୁଡିକ ପ୍ରକାଶ କରିପାରୁ ନାହୁଁ ଯେ ହେଉ ବର୍ତ୍ତମାନ ମା/୨ସ ପାଇଁ ଅବସର ପ୍ରାର୍ଥନା କରୁ ।'' ଏଥିରୁ ପ୍ରତିପନ୍ନ ହୁଏ ବାମଣ୍ଡା ସ୍ତମ୍ଭ ସୁଦ୍ଧଳଦେବଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲା ।

ଚତୁର୍ଥ ପ୍ରସ୍ତାବରେ ଖ୍ରୀଷ୍ଟିୟାନ୍ ଧର୍ମଯାଜକ P.E.Heberletଙ୍କ ସହିତ ଆଲୋଚନାର ଅବତାରଣା କରାଯାଇଛି ।

ହେବରଲେଟ ଶ୍ରୀକୃଷ୍ଣଙ୍କ ବହୁ ସ୍ତ୍ରୀ-ହରଣ ପ୍ରସଙ୍ଗକୁ ସମାଲୋଚନା କରିଥିଲେ । ସେ ଅନେକଥର ବାମଣ୍ଡା ଆସି ଖ୍ରୀଷ୍ଟିଆନ୍ ଧର୍ମର ସାରବାଣୀ ପ୍ରଚାର କରିଛନ୍ତି । ଏପରିକି ସୁଦ୍ଧଳଦେବଙ୍କ ଆଗ୍ରହକ୍ରମେ ଧର୍ମତତ୍ତ୍ୱ ଉପରେ ପଣ୍ଡିତସଭାରେ ବକ୍ତୃତା-ଦେଇଛନ୍ତି । ତାଙ୍କ ମତକୁ ସୁଦ୍ଧଳଦେବ ସବୁ ସମୟରେ ମାନି ନିଅନ୍ତି ନାହିଁ ବରଂ ଆଲୋଚନାପରେ ସତ୍ୟ ଉଦ୍‌ଘାଟିତ ହୁଏ । ହେବରଲେଟଙ୍କ ଶ୍ରୀକୃଷ୍ଣଙ୍କୁ ଲଂପଟ ଆଖ୍ୟା

ପ୍ରଦାନରେ ବ୍ୟଥିତ ସୁଦ୍ଧଳଦେବ ଶ୍ରୀକୃଷ୍ଣଙ୍କ ମହନୀୟ ଚରିତ୍ରର ଉପସ୍ଥାପନା କରିଛନ୍ତି। ଶ୍ରୀକୃଷ୍ଣଙ୍କ ବହୁସ୍ତ୍ରୀ ସଂଭୋଗ ଏକ ଅଳୀକ ବର୍ଣ୍ଣନ ମାତ୍ର। ସୁଦ୍ଧଳଦେବଙ୍କ ମତକୁ ପରିପୁଷ୍ଟ କରିବାପାଇଁ ତାଙ୍କର ଜ୍ୟେଷ୍ଠପୁତ୍ର ସଚ୍ଚିଦାନନ୍ଦ ଦେବ "ରାସରହସ୍ୟ" (୧୮୯୬) ପୁସ୍ତକ ରଚନା କରିଥିଲେ। ସୁଦ୍ଧଳଦେବଙ୍କ ମତର ଏହା ପରିବ୍ୟାପ୍ତ ପରିସର ସୃଷ୍ଟି କରିଥିଲା ଯା' ଭିତରେ ଅନୁରଣିତ ହେଉଥିଲା ସୁଦ୍ଧଳଦେବଙ୍କ ସୂକ୍ଷ୍ମ ଯୁକ୍ତି। 'ସମ୍ବଲପୁର ହିତୈଷିଣୀ' ପୃଷ୍ଠାରୁ ସୁଦ୍ଧଳଦେବଙ୍କ ସହିତ ହେବରଲେଟଙ୍କ ବାରମ୍ବାର ଧର୍ମାଲୋଚନାର ସୂଚନା ମିଳିଥାଏ। (ସ. ହି. ୯.୨.୧୮୯୮)

ଶ୍ରୀବାମଣ୍ଡାଙ୍କ 'ଉତ୍କଳ ଦୀପିକା' (୨୧/୪୫) ପ୍ରକାଶିତ 'ବ୍ରାହ୍ମମାନେ ହିନ୍ଦୁ କି ନା' ପ୍ରତିବାଦରେ ଲଳିତ ମୋହନ ଚକ୍ରବର୍ତ୍ତୀ 'ନିବେଦନ' ଶୀର୍ଷକରେ ଏକ ଦୀର୍ଘ ପ୍ରତିବାଦ (ଦୀପିକା ୪-୧୨-୧୮୮୬ରୁ କ୍ରମଶଃ) ପ୍ରକାଶ କରନ୍ତି। ଏ ପ୍ରତିବାଦ-ପତ୍ର ଦୀପିକାରୁ ସଂସ୍କାରକ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିବାର ଜଣାପଡେ। ନିବେଦନ ପ୍ରାରମ୍ଭରେ ଲଳିତ ମୋହନଙ୍କ ମନ୍ତବ୍ୟ ପ୍ରଣିଧାନ ଯୋଗ୍ୟ– "x x x x ଉତ୍କଳ-ଦୀପିକାର ବାମଣ୍ଡା ସ୍ତମ୍ଭରେ ବ୍ରାହ୍ମମାନଙ୍କୁ ଆକ୍ରମଣ କରି ଗୋଟିଏ ପ୍ରବନ୍ଧ ଲେଖା-ହୋଇଅଛି। ଲୋକ ପରଂପରା ଏପରି ଶ୍ରୁତ ହେଲୁଁ କି ଏହି ପତ୍ର ବାମଣ୍ଡାଧିପତି ଶ୍ରୀଯୁକ୍ତ ସୁଦ୍ଧଳଦେବଙ୍କ ଦ୍ୱାରା ଲିଖିତ ହୋଇଅଛି, ଯଦି ଏକଥା ଠିକ ହୁଏ। ତେବେ ବଡ ସୁଖର ବିଷୟ" (ଦୀପିକା, ୪-୧୨-୧୮୮୬) ଲଳିତ ମୋହନଙ୍କ ଏ ଅନୁମାନକୁ ଶ୍ରୀବାମଣ୍ଡା ପ୍ରତିବାଦ ନକରି ମୌନ ସମ୍ମତି ପ୍ରଦାନ କରିଛନ୍ତି। ପୁନଶ୍ଚ ସୁଦ୍ଧଳଦେବ ଯେ ଶ୍ରୀବାମଣ୍ଡା ନୁହନ୍ତି ଏପରି ସ୍ପଷ୍ଟୀକରଣ ମଧ୍ୟ ସୁଦ୍ଧଳଦେବଙ୍କ ତରଫରୁ ଦିଆଯାଇ ନାହିଁ। ଏଣୁ ଏ ଲେଖା ସୁଦ୍ଧଳଦେବଙ୍କର ବୋଲି ଗ୍ରହଣ କରିନେବା ଯୁକ୍ତିଯୁକ୍ତ।

ନିବେଦନରେ ପ୍ରଦର୍ଶିତ ପ୍ରତିବାଦକୁ ଶ୍ରୀବାମଣ୍ଡା ଦୀପିକା ସ୍ତମ୍ଭରେ ଖଣ୍ଡନ-କରିଛନ୍ତି। ଏ ବାଦ-ପ୍ରତିବାଦ ସମୟରେ ଅନେକ ପତ୍ରପ୍ରେରକଙ୍କ ପ୍ରେରିତ ପତ୍ର ଅତୀବ ଗୁରୁତ୍ୱପୂର୍ଣ୍ଣ। ଏ ପତ୍ରଗୁଡିକରେ (ପରିଶିଷ୍ଟ) ଶ୍ରୀବାମଣ୍ଡାଙ୍କୁ ସୁଦ୍ଧଳଦେବ ରୂପେ ନିର୍ବିବାଦରେ ଗ୍ରହଣ କରାଯାଇଛି। (ଦୀପିକା, ୯-୭-୧୮୮୭ ଓ ୨୩-୭-୧୮୮୭)

ଶ୍ରୀବାମଣ୍ଡା ଛଦ୍ମନାମ ବ୍ୟତୀତ ସୁଦ୍ଧଳଦେବ ବାମଣ୍ଡାଧିପତି ନାମରେ ଏ ସମୟରେ ନିମ୍ନଲେଖାଗୁଡ଼ିକ ଦୀପିକାରେ ପ୍ରକାଶ ଲଭିଥିଲା।

୧। ଅଳଙ୍କାର ବୋଧୋଦୟ ବିଜ୍ଞାପନ (ଦୀପିକା, ୨୧/୨୬)

୨। ବାମଣ୍ଡା (ପ୍ରସନ୍ନ ଭଟ୍ଟାଚାର୍ଯ୍ୟଙ୍କ ସହ ଆଲୋଚନା) (ଦୀପିକା-୨୧/୩୯)

ଏ ଲେଖାଗୁଡ଼ିକର ବକ୍ତବ୍ୟ ଓ ଶ୍ରୀବାମଣ୍ଡା ଛଦ୍ମନାମରେ ଲିଖିତ ରଚନାର ଶୈଳୀର ସାମ୍ୟ ବୈଦିକ ପ୍ରସ୍ତାବ ଗୁଡିକ ସୁଦ୍ଧଳଦେବଙ୍କ ରଚନାରୂପେ ପ୍ରତିପନ୍ନ କରେ।

ହିନ୍ଦୁ ଧର୍ମଶାସ୍ତ୍ରସମୂହର ସାରବସ୍ତୁକୁ ବିଭିନ୍ନ ପ୍ରସଙ୍ଗରେ ସୁଢ଼ଳଦେବ ପ୍ରକାଶ-କରିଛନ୍ତି । ଦୀପିକା ପ୍ରକାଶିତ ହିନ୍ଦୁଧର୍ମର ସ୍ୱରୂପ ସହିତ ତାଙ୍କର ହିନ୍ଦୀରେ ରଚିତ ଧର୍ମ-ଶିକ୍ଷାର ସାର ନିର୍ଯ୍ୟାସ ଏକପ୍ରକାର । ଏ ଦୁଇ ରଚନାର ତୁଳନାତ୍ମକ ଅଧ୍ୟୟନ କଲେ ଶ୍ରୀବାମଣ୍ଡା ରଚିତ ଲେଖାଗୁଡ଼ିକ ଯେ ସୁଢ଼ଳଦେବଙ୍କ ନିଜସ୍ୱ, ତାହା ପ୍ରମାଣିତ ହୁଏ । ଦୀପିକା ୨୧/୨୯ ରୁ ୨୧/୩୮ ମଧ୍ୟରେ ବୈଦିକ ପ୍ରସ୍ତାବ କ୍ରମଶାଃକାରେ ପ୍ରକାଶ-ଲଭି ବୁଦ୍ଧିଜୀବୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ପରେ ପରେ ପ୍ରସନ୍ନଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ସହିତ ଧର୍ମ ସଂପର୍କିତ ଆଲୋଚନା ଦୀପିକା-୨୧/୩୯ରେ ପ୍ରକାଶିତ ହୁଏ । 'ବ୍ରାହ୍ମମାନେ ହିନ୍ଦୁ କି ନା' ଶୀର୍ଷକ ରଚନାଟି ଦୀପିକା-୨୧/୪୫ରେ ପ୍ରକାଶ ଲଭିବାପରେ ସାମ୍ୟବାଦୀର ସଂପାଦକ ଲଳିତମୋହନ ଚକ୍ରବର୍ତ୍ତୀ 'ନିବେଦନ' ଶୀର୍ଷକରେ ଏହାର ପ୍ରତି ଆଲୋଚନା କରନ୍ତି । ସୁଢ଼ଳଦେବଙ୍କ ମତର ପ୍ରତିବାଦ କଲେ ନିବେଦନ ଦୀପିକା ୪-୧୨-୧୮୮୬, ୧୧-୧୨-୧୮୮୬, ୨୫-୧୨-୧୮୮୬, ୮-୧-୧୮୮୭, ଓ ୨୩-୪-୧୮୮୭ ସଂଖ୍ୟାରେ ପ୍ରକାଶିତ ହୋଇ ବିତର୍କକୁ ଗତିଶୀଳ କରେ । ନବସଂବାଦ ୧/୨୧, ତା ୧୬.୬.୧୮୮୭ ସଂଖ୍ୟାରେ ''ବେଦ ମନୁଷ୍ୟ କୃତ ରଚିତ କି ନା ?'' ଶୀର୍ଷକରେ ଲଳିତମୋହନ ଚକ୍ରବର୍ତ୍ତୀ ବାମଣ୍ଡାଧିପତିଙ୍କ ସଂସ୍କାରକରେ ପ୍ରକାଶିତ ''ବେଦ ଈଶ୍ୱରଙ୍କର ନିଶ୍ୱାସ ସମ୍ଭୂତ'' ପତ୍ରର ପ୍ରତିବାଦ କରିଛନ୍ତି । ଲଳିତ ମୋହନଙ୍କର ଏ ସମସ୍ତ ପ୍ରତିବାଦ ପାଠକଙ୍କ ଅବଗତି ନିମନ୍ତେ ତଥା ଏ ଆଧ୍ୟାତ୍ମିକ ବିତର୍କର ଧାରାକୁ ସ୍ପଷ୍ଟ କରିବା ଉଦ୍ଦେଶ୍ୟରେ ପରିଶିଷ୍ଟ-୨ କ, ଖରେ ପ୍ରଦତ୍ତ ହୋଇଛି । ୧୮୮୭ର 'ସଂସ୍କାରକ'ର ଦୁଷ୍ପ୍ରାପ୍ୟତା ଯୋଗୁଁ ସୁଢ଼ଳଦେବଙ୍କ କିଛି ରଚନା ସଂଗ୍ରହ ହୋଇପାରିନାହିଁ । ତଥାପି ବି ସ୍ଥାନିତ ରଚନା ସମୂହରୁ ବିତର୍କର ସୂକ୍ଷ୍ମ ବିଶ୍ଳେଷଣ ସଂଭବ । ସେବକ-୧୮୮୬, ୨୧ ସଂଖ୍ୟାରେ ପ୍ରକାଶିତ ''ବ୍ରହ୍ମମାନେ ହିନ୍ଦୁ କି ନା''ର ପ୍ରତିବାଦର ପ୍ରତିବାଦ ଦୀପିକା-୨୧/୪୯ ସଂଖ୍ୟାରେ ସୁଢ଼ଳଦେବ କରିଛନ୍ତି । ଲଳିତବାବୁଙ୍କ ନିବେଦନରେ ଧର୍ମ ଶବ୍ଦର ବ୍ୟୁତ୍ପତ୍ତି ବିରୁଦ୍ଧରେ ଦୀପିକା ୨୧/୫୦, ବେଦ ଯେ ସକଳ ହିନ୍ଦୁର ଅବଲମ୍ବନ ସଂପର୍କରେ ଦୀପିକା-୨୨/୧, ବ୍ରାହ୍ମଧର୍ମ ପୁସ୍ତକ ସଂପର୍କରେ ଦୀପିକା-୨୨/୩, ଶାସ୍ତ୍ର ସଂପର୍କରେ ଦୀପିକା-୨୨/୧୧, ବ୍ରାହ୍ମଧର୍ମ ପୁସ୍ତକର କୁଟୀଳାର୍ଥ ସଂପର୍କରେ ଦୀପିକା-୨୨/୧୧ ଓ ୨୨/୧୩, ଲଳିତବାବୁଙ୍କ ଆଶ୍ରୟ ଓ ଅବଲମ୍ବନ ଶବ୍ଦଦ୍ୱୟକୁ ନେଇ ଭ୍ରାନ୍ତି ସଂପର୍କେ ଦୀପିକା-୨୨/୧୭, ବେଦ ସ୍ୱତଃସିଦ୍ଧ ପ୍ରତିବାଦର ଉତ୍ତର ଦୀପିକା-୨୨/୨୨ ସଂଖ୍ୟାରେ ସୁଢ଼ଳଦେବ ପ୍ରଦାନ କରିଛନ୍ତି ।

ସୁଢ଼ଳଦେବଙ୍କ ସୂକ୍ଷ୍ମ ଗବେଷଣାତ୍ମକ ଦୃଷ୍ଟିଭଙ୍ଗୀର ପରିଚୟ ଏହି ଲେଖା-ସମୂହରୁ ପ୍ରମାଣିତ ହୁଏ । ଏତଦ୍‌ବ୍ୟତୀତ ଫକୀରମୋହନଙ୍କ ଭଗବଦ୍‌ଗୀତାର

ସମାଲୋଚନା ଦୀପିକା-୨୨/୧୬ରେ ପ୍ରକାଶ ପାଇଛି । ଏ ପ୍ରସଙ୍ଗ ସହିତ ଜଡ଼ିତ ପଣ୍ଡିତ ପ୍ରସନ୍ନ ଚନ୍ଦ୍ରଭଟ୍ଟାଚାର୍ଯ୍ୟଙ୍କ ପତ୍ର ଓ ବେଦ ଈଶ୍ୱରଙ୍କ ନିଃଶ୍ୱାସଭୂତ ଉପରେ ଜଣେ ପତ୍ର ପ୍ରେରକଙ୍କ ଦୁଇଟି ପତ୍ର ପରିଶିଷ୍ଟ ୨ଗ, ଘ, ଙ ରେ ସ୍ଥାନିତ କରାଗଲା ।

'ସମ୍ବଲପୁର ହିତୈଷିଣୀ'ରେ ମଧ୍ୟ ଅନେକ ରଚନା ଶ୍ରୀବାମଣ୍ଡା ଛଦ୍ମନାମରେ ପତ୍ରସ୍ଥ । ସୁଢ଼ଳଦେବଙ୍କ ଶବ୍ଦଗୁଣ, ଶବ୍ଦଦୋଷ, ଶବ୍ଦାଳଙ୍କାର ଓ ଚନ୍ଦ୍ରଭାଗାର ସମାଲୋଚନା ରଚନାଗୁଡ଼ିକ ହିତୈଷିଣୀରୁ ସଂଗୃହୀତ । ପ୍ରଥମ ତିନୋଟି ରଚନା ଅଳଙ୍କାର ବୋଧୋଦୟରେ ପ୍ରଦତ୍ତ ବିଷଦ୍‌ବର୍ଣ୍ଣନର ସଂକ୍ଷିପ୍ତ ରୂପ । ବହୁଳ ପ୍ରସାର କଳ୍ପେ ଏଗୁଡ଼ିକ ହିତୈଷିଣୀରେ ପ୍ରକାଶ କରାଯାଇଛି ଏବଂ ଶବ୍ଦାଳଙ୍କାରର ସବିଶେଷ ଜ୍ଞାନ ପାଇଁ ଅଳଙ୍କାର ବୋଧୋଦୟ ପୁସ୍ତକ ଅଧ୍ୟୟନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏ ସମସ୍ତ ପ୍ରକାଶ କରିବାର ଉଦ୍ଦେଶ୍ୟ ଲେଖକୀୟ ପୌଢ଼ି ପ୍ରଦର୍ଶନ ନୁହେଁ ବରଂ କଠିନ ବ୍ୟାକରଣ ଶାସ୍ତ୍ରକୁ ସରଳୀକୃତ ଭାବେ ପାଠକ ସମ୍ମୁଖରେ ଉପସ୍ଥାପିତ କରିବା । ପ୍ରକାଶ ସମୟ ଓ ପ୍ରସଙ୍ଗ ଦୃଷ୍ଟିରୁ ଉଲ୍ଲିଖିତ ରଚନାଗୁଡ଼ିକ ବୈଦିକ ପ୍ରସ୍ତାବର ଅନ୍ତର୍ଭୁକ୍ତ କରାଯାଇଛି । ଦୀପିକା ପ୍ରକାଶିତ 'ଚନ୍ଦ୍ରଭାଗା' ଓ 'ଚନ୍ଦ୍ରଭାଗା ସମସ୍ୟାର ଉତ୍ତର' ମଧ୍ୟ ଏ ପ୍ରସଙ୍ଗରେ ସ୍ଥାନିତ ହେଲା ।

ସୁଢ଼ଳଦେବ ସାହିତ୍ୟିକର ଯଶୋଲିପ୍ସା ନେଇ ଲେଖନୀ ଧାରଣ କରିନଥିଲେ ବରଂ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିବା ଥିଲା ତାଙ୍କର ପରମ ଲକ୍ଷ୍ୟ । ଅଜସ୍ର ପୁସ୍ତକର ପ୍ରକାଶକ ସୁଢ଼ଳଦେବ ନିଜର ଜୀବିତାବସ୍ଥାରେ ନିଜର ରଚନା ସମଗ୍ରଟିଏ ପ୍ରକାଶ କରିପାରିନାହାନ୍ତି । ନିଜ ରଚନା ପ୍ରକାଶ କରିବାରେ ସେ ସର୍ବଦା ପରାଙ୍‌ମୁଖ । ନିଜ ମତବାଦକୁ ଜଣେ ନୃପତିର ପରାକ୍ରମରେ ପ୍ରଚାର କରିବା ଅପେକ୍ଷା ଜଣେ ସୃଜନକର୍ମୀ ରୂପେ ପ୍ରଚାର କରିବାକୁ ସେ ଚାହୁଁଥିଲେ । ଛଦ୍ମନାମରେ ରଚିତ ଲେଖା ମାଧ୍ୟମରେ ସେ ନିରପେକ୍ଷ ସୃଜନାତ୍ମକ ପ୍ରତିକ୍ରିୟାକୁ ଲକ୍ଷ୍ୟ କରିଥିଲେ । ଏ ଦୃଷ୍ଟିରୁ ଶ୍ରୀବାମଣ୍ଡା ଛଦ୍ମନାମ ଯଥାର୍ଥ ମନେହୁଏ ।

ବୈଦିକ ପ୍ରସ୍ତାବ ସମୂହରେ ବେଦର ସ୍ୱରୂପ ବିଶ୍ଳେଷଣ ସହିତ ବ୍ରାହ୍ମଧର୍ମର କୁଟୀଳାର୍ଥକୁ ସମାଲୋଚନା କରାଯାଇଛି । ଏ ପ୍ରସଙ୍ଗରେ ଅନେକ ବାଦାନୁବାଦ ସୃଷ୍ଟି ହୋଇଥିଲା । ଏ ବିବାଦ ଦୀପିକାରୁ ସୃଷ୍ଟିହୋଇ ସେବକ, ସଂସ୍କାରକ ଓ ନବସଂବାଦ ପ୍ରଭୃତି ସମକାଳୀନ ପତ୍ରପତ୍ରିକାକୁ ପ୍ରସାରିତ ହୋଇଥିଲା । ବିଜୁଳି-ଇନ୍ଦ୍ରଧନୁ ସାରସ୍ୱତ କଳହ ପୂର୍ବରୁ ଏ ଆଧ୍ୟାତ୍ମିକ କଳହ ବେଶ୍ ପାଠକୀୟ ସଂବେଦନା ଆକର୍ଷଣ କରିଥିଲା । ସୁଢ଼ଳଦେବ କାୟ ମନୋବାକ୍ୟରେ ଜଣେ ସଂସ୍କାରକ । ଧର୍ମକ୍ଷେତ୍ରରେ ଥିବା କୁସଂସ୍କାର ଦୂରୀକରଣ ଦିଗରେ ବୈଦିକ ପ୍ରସ୍ତାବ ଏକ ବଳିଷ୍ଠ ପଦକ୍ଷେପ ।

— ସଂପାଦକ

## ।। ପ୍ରଥମ ପ୍ରସ୍ତାବ ।।

ହିନ୍ଦୁମାନଙ୍କର ପ୍ରଧାନ ଶାସ୍ତ୍ର ବେଦ ଯେଉଁ ବେଦକୁ ମୁଖପତ୍ର କରି ହିନ୍ଦୁମାନେ ଧର୍ମଯୁଦ୍ଧ କରିବାକୁ ପ୍ରସ୍ତୁତ; ସେହି ବେଦ ପୂର୍ବରେ ନାସ୍ତିକମାନଙ୍କଦ୍ୱାରା ପରିଚାଳିତ ହେଉଥିଲା । ତହିଁରେ ହିନ୍ଦୁମାନେ ନିଃଶଙ୍କ ଚିତ୍ତରେ ମର୍ମଭେଦି ଯୁକ୍ତିଗଣ ବର୍ଷଣ କରି ଜୟଶାଳୀ ହେଉଥିଲେ ଏବଂ ସ୍ୱଧର୍ମପତାକା ସ୍ୱକୁଳର ଅପଯଶକୁ କଂପିତ କରୁଥିଲା; ଆଜିକାଲି ହିନ୍ଦୁଧର୍ମ କଳଙ୍କିତ । ଏହି ଈଶ୍ୱର ସୃଷ୍ଟିରେ ନାନାପ୍ରକାର ଲୋକ, ନାନା ପ୍ରକାର ଧର୍ମ, ନାନା ପ୍ରକାର ଜାତି, ନାନା ପ୍ରକାର ଜୀବ, କେହି କାହାରି ସଙ୍ଗରେ ସମାନ ନାହିଁ ଗୋଟିଏ ଗୋଟିଏ ଜୀବର ଗୋଟିଏ ଗୋଟିଏ ଲକ୍ଷ୍ୟ ଏପରି ପ୍ରତ୍ୟକ୍ଷ କରି ଯେ କହେ ଏକ ଲୋକ, ଏକ ଧର୍ମ, ଏକ ଜାତି, ତାହା କେବଳ ଚକ୍ଷୁରୋଗର କାର୍ଯ୍ୟ ।

ଧର୍ମର କିବା ଜାତିର ସଂସ୍କାର କରିବସିଲେ ହୁଏତ ସଂସ୍କାରକମାନେ ଗୋଟିଏ ହୋଇପଡ଼ିବେ ଅତଏବ ସକଳ ଧର୍ମର ଗୋଟିଏ ଲେଖାଏଁ ଅଲୌକିକ ମହାନୁଭୂତି ସ୍ୱୀକାର କରିବାକୁ ହେବ; ହିନ୍ଦୁଧର୍ମର ଯେ ଅସାଧାରଣ ମହାନୁଭୂତି ତାହା ସଚରାଚର ଜାଣନ୍ତି ତହିଁରେ ଧର୍ମଜିଜ୍ଞାସୁ ହେଲେ ପ୍ରାୟ ବୟସ ଯିବ ଅତଏବ ତାହା ସହଜେ ବୁଝାଯାଏ ନାହିଁ ।

ପରଧର୍ମାବଲମ୍ବିମାନେ ଧର୍ମଦ୍ୱେଷୀ ହେଲେ କୌଣସି ଦୁଃଖ ହୁଏ ନାହିଁ ବରଂ ଆନନ୍ଦର ସହିତ ଯୁକ୍ତିତର୍କ କରିବାକୁ ପ୍ରବୃତ୍ତି ହୁଏ କିନ୍ତୁ ଆପଣା ମଧ୍ୟରେ ଲୋକେ ଆପଣା ଧର୍ମର ଦ୍ୱେଷୀ ହେଲେ ସେହି କେବଳ ହୃଦୟବିଦୀର୍ଣ୍ଣ ଦୁଃଖ !

ବେଦଗତ ଧର୍ମ ବୁଝି ବସିଲେ କି ମନର ଅରମଣୀୟତା ବୋଧହୁଏ ? ବିଶେଷତଃ ବେଦରେ ଯେ ନିବୃତ୍ତି ଧର୍ମ ଅଛି ଏବଂ କ୍ରିୟାକଳାପର ବାହୁଲ୍ୟ ଅଛି, ତାହା ଦେଖି ଛେଳିକି ପାଣିକି ନେଲାପରି, ଲୋକେ ହୁଅନ୍ତି, କ୍ରିୟାକଳାପକୁ ସୂକ୍ଷ୍ମ କଲେ କି ଜାତିଯାମ ହେବ ? ସକଳ ଶ୍ରେଣୀରେ ଭିନ୍ନ ପ୍ରକୃତିର ଲୋକେ ଅଛନ୍ତି, ଜାଣିବା ଲୋକ ତାଙ୍କରି କଥାଟା କି ଧରି ବସିଥିବ ? ନିଜର ସଂସ୍କାର କରାଚାହି; ଅସମର୍ଥ ପକ୍ଷେ ପରିଶେଷରେ ବକ୍ତବ୍ୟ ଏହି ଯେ ବ୍ୟାସଦେବ ଆଖି ବୁଜି କୁଳରକ୍ଷା କଲାପରି କୁଳଧର୍ମଟା ରକ୍ଷା କଲେ ତ ଆପତ୍ତି ଗଲା ତେବେ କାହିଁକି ସ୍ୱକୁଳର ଅପାତ୍ର ହେବ ।

ଅନେକ ଲୋକଙ୍କର ସନ୍ଦେହ ହୁଏ ଯେ ବେଦଗୁଡ଼ିକ କି ପଦାର୍ଥ ? ତାହାର ସୃଷ୍ଟି କି ? ସେ ବାକ୍ୟପୁଞ୍ଜ, କି ଅଭିପ୍ରାୟ ପୁଞ୍ଜ, କି ଶବ୍ଦପୁଞ୍ଜ, କିବା ବର୍ବର ଗୀତ; ଅଥବା ବ୍ରାହ୍ମଣ କଳ୍ପିତ ଜୀବିକା ? ଏହା ଜାଣିବାକୁ ବୈଦିକମାନଙ୍କର ମୀମାଂସା ଦେଖିଲେ ସହଜେ ପାଠକମାନେ ଜାଣିପାରିବେ; ବର୍ତ୍ତମାନ ଜୈମିନ ମୀମାଂସିତ ପ୍ରସ୍ତାବଟି ନିମ୍ନେ-ପ୍ରକାଶ କଲୁ ଯଥା,

ଅପୌରୁଷେୟ ବାକ୍ୟ ବେଦ, ଏହି ବେଦ ମନ୍ତ୍ର ଓ ବ୍ରାହ୍ମଣ ଭେଦରେ

ଦୁଇପ୍ରକାର; ମନ୍ତ୍ରର ଲକ୍ଷଣ, କ୍ରତୁକାରକଦ୍ୱାରା ଦେବତାର ପ୍ରକାଶକ ବାକ୍ୟ ବିଶେଷକୁ ମନ୍ତ୍ର ବୋଲି; ଏହି ମନ୍ତ୍ର ତିନିପ୍ରକାର, ଗାୟତ୍ର୍ୟାଦି ଛନ୍ଦରେ ରଚିତ ମନ୍ତ୍ରକୁ ଋଗ୍‌ବେଦ ବୋଲି, ଗୀତ ଓ ଛନ୍ଦୋଯୁକ୍ତ ମନ୍ତ୍ରକୁ ସାମବେଦ ବୋଲି, ପ୍ରାୟ ଛନ୍ଦ ଓ ଗୀତି ରହିତ ମନ୍ତ୍ରକୁ ଯଜୁର୍ବେଦ ବୋଲି, ବିଧାୟକ ବାକ୍ୟକୁ ବ୍ରାହ୍ମଣ ବୋଲି ଯଥା, ଅଗ୍ନି ହୋତ୍ରଂ ଜୁହୁୟାତ୍ । [ ଉତ୍କଳଦୀପିକା–(୨୧/୨୯) ତା–୧୭-୭-୧୮୮୬ ]

## ।। ଦ୍ୱିତୀୟ ପ୍ରସ୍ତାବ ।।

ପୂର୍ବ ପ୍ରସ୍ତାବରେ ଯାହା ''ଅପୌରୁଷେୟ ବାକ୍ୟ ବେଦ'' ବୋଲି କୁହାଯାଇଅଛି ତହିଁର ମୀମାଂସା ଏହି; ଅପୌରୁଷେୟ ବାକ୍ୟକୁ ପୁରୁଷଭିନ୍ନ ବାକ୍ୟ, ବୋଲି ଅର୍ଥ କଲେ ବନ୍ଧ୍ୟାପୁତ୍ରବତ୍ ଅସଙ୍ଗତ ବୋଧହୁଏ ଅତଏବ ନଞର ସାଦୃଶ ଅର୍ଥକରି ପୁରୁଷ-ସଦୃଶୋଚ୍ଚାରିତ ବାକ୍ୟକୁ ବେଦ ବୋଲିବାକୁ ହେବ । ପୁରୁଷ ସାଦୃଶ୍ୟ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କଠାରେ ସ୍ୱୀକାର କରାଯାଇଅଛି କାରଣ ବେଦରେ ସେହି ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ପୁରୁଷମାନଙ୍କ ସମଷ୍ଟିରୂପରେ ହିରଣ୍ୟଗର୍ଭ ବୋଲି ସ୍ଥିର କରିଅଛନ୍ତି । ଏହାର ବ୍ୟାଖ୍ୟା-କଲେ ପାଠକମାନଙ୍କର ବିରକ୍ତିବୋଧ ହେବ । ଏହି ହେତୁରୁ ସଂକ୍ଷେପରେ କହୁଁ ଯେ ଏହି ଆଶ୍ଚର୍ଯ୍ୟମୟୀ ସୃଷ୍ଟି ରଚୟିତା ପୁରୁଷଶ୍ରେଷ୍ଠ ପରମେଶ୍ୱରଙ୍କର ବାକ୍ୟପୁଞ୍ଜ ବେଦ ।

ବ୍ୟାସ ସୂତ୍ରର ତୃତୀୟ ସୂତ୍ର ''ଶାସ୍ତ୍ର ଯୋନିତ୍ୱାତ୍'' ଏହି ସୂତ୍ରାର୍ଥରୁ ଜଣାଯାଏ ଯେ ଋଗ୍‌ବେଦ ନିର୍ମାଣକର୍ତ୍ତା ବ୍ରହ୍ମ; ସଚରାଚର କହିବେ ଯେ ବ୍ରହ୍ମ, ନିରାକାର ଓ ନିରବୟବ ଏବଂ ନିଷ୍କ୍ରିୟ ସେ କିପରି ବେଦ ରଚନା କଲେ ? ଏହାର ମର୍ମ ଏହି ଯେ ବାସ୍ତବ ଈଶ୍ୱର ନିରାକାର ଓ ନିରବୟବ ଏବଂ ନିଷ୍କ୍ରିୟ କିନ୍ତୁ ସୃଷ୍ଟି କଲା ସମୟରେ ସକ୍ରିୟ ଏବଂ ସାବୟବ ହୁଅନ୍ତି କିବା ତାଙ୍କର ଆଂଶିକ ପୁରୁଷଦ୍ୱାରା ସୃଷ୍ଟି ନିର୍ମାଣ କରାନ୍ତି । ଏହି ଦୁଇପ୍ରକାରରୁ ଏକପ୍ରକାର କୌଣସି ଈଶ୍ୱରବାଦି ମତରେ ବିରୁଦ୍ଧ ହେବ ନାହିଁ, ଏହା ହେଲେ ସୁତରାଂ ନାନା ପ୍ରକାର ସୃଷ୍ଟି ପରିପାଟୀର ଆଶ୍ଚର୍ଯ୍ୟ କୌଶଳ ସମ୍ଭାବିତ ହୁଏ ଏବଂ ତାଙ୍କର ଯେ ବାଣୀ (ଆଦେଶ) ତାହା ଋଗ୍‌ବେଦ ରୂପରେ ପ୍ରଖ୍ୟାତ ।

ପୁରୁଷ ସୂକ୍ତରେ କଥିତ ଅଛି ଯେ, ଯଜ୍ଞସ୍ୱରୂପ ଈଶ୍ୱରଙ୍କଠାରୁ ଋକ୍, ଯଜୁ, ସାମବେଦମାନେ ଜାତହେଲେ; ଏହାର ତାତ୍ପର୍ଯ୍ୟ ଏହି ଯେ ପୂର୍ବୋକ୍ତାନୁସାରେ କ୍ରମାନ୍ୱୟ ଆଚାର୍ଯ୍ୟମାନେ ନାନାପ୍ରକାର ଋଗାଦି ନାମରେ ଏବଂ ନାନାପ୍ରକାର ବାକ୍ୟପାଟବରେ ଓ ଆଶ୍ଚର୍ଯ୍ୟ ଆଶ୍ଚର୍ଯ୍ୟ ଐତିହାସିକ କଥାଦ୍ୱାରା ମନ୍ଦମତିମାନଙ୍କର ମନୋରଞ୍ଜନପୂର୍ବକ ଈଶ୍ୱର ଜ୍ଞାନ ନିମିତ୍ତ ଈଶ୍ୱରୀୟ ବାକ୍ୟକୁ ରଚନା କରିଅଛନ୍ତି, ତାହାରି ନାମ ଋକ୍, ଯଜୁଃ, ସାମ ।

ବୃହଦାରଣ୍ୟକରେ ଉକ୍ତ ଅଛି ଯେ, ନିଶ୍ୱାସ ଯେପରି ଅଯତ୍ନସିଦ୍ଧ, ସେହିପରି

ବେଦ ଅଯତ୍ନସିଦ୍ଧ ଅର୍ଥାତ୍ ଆମ୍ଭେମାନେ ଯେଉଁ ବାଣୀ କହୁଁ ତାହାକୁ ଯତ୍ନସହକାରରେ କହିବାକୁ ହୁଏ; ଈଶ୍ୱରଙ୍କର ଯେଉଁ ବାଣୀ ତହିଁରେ କୌଣସି ଯତ୍ନ ନାହିଁ ତାହା କେବଳ ସ୍ୱତଃ ସିଦ୍ଧ ।

ଉପସଂହାରରେ ବକ୍ତବ୍ୟ ଏହି ଯେ ଯେଉଁମାନେ ଈଶ୍ୱରଙ୍କଠାରୁ କିବା ତଦୀୟ ପୁରୁଷଠାରୁ ସଂସ୍କାରର ଉତ୍ପତ୍ତି ସ୍ୱୀକାର କରନ୍ତି ସେମାନେ ମଧ ଈଶ୍ୱରୀୟ ବାଣୀ (ଆଦେଶ) ସ୍ୱୀକାର କରିବେ ତାହା ହେଲେ ସେହି ବାଣୀ ହିନ୍ଦୁମାନଙ୍କର ବେଦ, ଖ୍ରୀଷ୍ଟିୟାନମାନଙ୍କର ବାଇବଲ୍ ଓ ମୁସଲମାନଙ୍କ କୋରାନ୍ ।

[ ଉତ୍କଳଦୀପିକା–(୨୧/୩୦) ତା–୨୪-୭-୧୮୮୬ ]

## ।। ତୃତୀୟ ପ୍ରସ୍ତାବ ।।

ହିନ୍ଦୁମାନଙ୍କର ବେଦ, ଐଶ୍ୱରୀବାଣୀ ରୂପରେ ପରିକଳ୍ପିତ; ଏଥିରେ କଳଙ୍କ ଦେବା ସହଜ ବୋଲି ମନେ ହୁଏ ନାହିଁ କିନ୍ତୁ ବେଦରେ କେତେଗୁଡ଼ିଏ ଅର୍ଥବାନ୍ ବାକ୍ୟ ଅଛି ଯଥା, ''ବାୟୁର୍ବୈ କ୍ଷେପିଷ୍ଠା ଦେବତା''(୧) ଇତ୍ୟାଦି ଓ କେତେକ ଦମ୍ଭମୂଳକ ବାକ୍ୟ ଅଛି ଯଥା, ''ଊର୍ଦ୍ଧ୍ୱପୁଣ୍ଡ୍ରଂ ମୃଦା କୁର୍ଯ୍ୟାତ୍''(୨) ଇତ୍ୟାଦି, କେତେକ ଲୋଭମୂଳକ ବାକ୍ୟ ଅଛି ଯଥା, ''ବୈସର୍ଜନେ ହୋମୀୟଂ ବାସୋଽଧ୍ୱର୍ଯ୍ୟୁଃ ପରି ଗୃହ୍ଣାତି''(୩) ଇତ୍ୟାଦି ଏବଂ କେତେକ ଲୌକିକ ବାକ୍ୟ ଅଛି ଯଥା, ''ଅଭ୍ୟୁଃ ସୂର୍ଯ୍ୟ ଉଦେତି''(୪) ଇତ୍ୟାଦି ନାନାପ୍ରକାର ପୌରୁଷେୟ ବାକ୍ୟ ଥିବାରୁଁ ତାହା କଳଙ୍କ ରୂପରେ ଅମର୍ଷିତ ହୁଏ, ଏହିପରି ବାକ୍ୟମାନଙ୍କୁ ଏ ତଦ୍ରୂପରେ ବାଦ୍ ଦେଇ ବେଦର ମର୍ମ ବୁଝିଲେ ହିନ୍ଦୁଧର୍ମ ଉପାଦେୟ କି ନା ତାହା ଜଣାଯାଇପାରେ ।

ବାଦ୍ ଦେଲି ବୋଇଲେ ଚଳେ ନାହିଁ ବିବେକୀ ଲୋକ ଯେ ଦେଶହିତୈଷୀ ହେବ ଏବଂ ଜ୍ଞାନଶୂନ୍ୟ ବା ଅଳ୍ପଜ୍ଞମାନଙ୍କ ପ୍ରତି ସଦୟ ହେବ ସେ ଆପଣାର ହିତ-ସାଧନପୂର୍ବକ ପରହିତରେ ଯତ୍ନକରି ବାଦ୍ ଦେବ ଅର୍ଥାତ୍ ମନରେ ବାଦ୍‌ଦେବ ଆଚରଣରେ ବାଦ୍‌ଦେବାର ନୁହେଁ । ନିଜେ ଆଚରଣ ନ କଲେ ଜ୍ଞାନଶୂନ୍ୟ ଲୋକ-ମାନଙ୍କର ପ୍ରବୃତ୍ତି ହୁଏନାହିଁ ଅତଏବ ଶିଷ୍ଟାଚାର ଓ ଶିଷ୍ଟ ବ୍ୟବହାର ଦେଖି ଅଜ୍ଞାନ-ତିମିରାଛନ୍ନ ଲୋକମାନଙ୍କର ଧର୍ମରେ ପ୍ରବୃତ୍ତି ହୁଏ ।

କେହି କହିବ ଯେ ଏହି ଲୋକବ୍ୟବହାରିକ ଯେତେ ବାକ୍ୟ ଅଛି ତାହା ଗ୍ରାହ୍ୟ ନ କରି ଶୁଦ୍ଧ ଅଦ୍ୱୈତ ଧର୍ମ ଆଚରଣ କଲେ କି ତହିଁରେ ଜ୍ଞାନଶୂନ୍ୟ ଲୋକମାନଙ୍କର ପ୍ରବୃତ୍ତି ହେବ ନାହିଁ । ଏଥିରେ ସ୍ପଷ୍ଟରୂପେ କୁହାଯାଇପାରେ ଯେ କୌଣସି ପ୍ରକାରେ ପ୍ରବୃତ୍ତି ହେବାର କାରଣ ନୁହେଁ, ଯେଉଁ ହେତୁରୁ ''ଭିନ୍ନ ରୁଚିର୍ହି ଲୋକଃ'' ସ୍ୱଭାବ ଅନ୍ୱେଷଣ କରି ଧର୍ମରେ ପ୍ରବୃତ୍ତି କରିବାର ଯେ ଅସାଧାରଣ ଯୋଗ୍ୟତାର କାର୍ଯ୍ୟ

ତାହା ହିନ୍ଦୁ ଆଚାର୍ଯ୍ୟମାନଙ୍କଠାରୁ ପରିଚୟ ପାୟାଯାଏ । ପୂର୍ବ ପୂର୍ବ ଆଚାର୍ଯ୍ୟମାନେ ପରର ସ୍ୱଭାବ ଖୋଜି ଧର୍ମବକ୍ତା ହୋଇଅଛନ୍ତି ଏଥିରେ ଆବାଳ ବୃଦ୍ଧ ଧର୍ମରେ ବ୍ୟସ୍ତ ପ୍ରତ୍ୟକ୍ଷରେ ଦେଖାଯାଏ ଅସ୍ପଷ୍ଟବାକ୍ ବାଳକମାନେ ମାଟି ଓ ବାଲିରେ ଦେବତା ନିର୍ମାଣ କରି ଖେଳି ଖେଳି ଧର୍ମଶିକ୍ଷା କରନ୍ତି ଏବଂ 'ସି' ଅକ୍ଷର ବିବର୍ଜିତ ବୁଢ଼ାମାନେ ପ୍ରସାଦ ଖାଇବା ଲୋଭରେ ଈଶ୍ୱର ଆରାଧନା କରନ୍ତି । ଅତଏବ, କୌଣସି ପ୍ରକାରରେ ହିନ୍ଦୁଧର୍ମରେ ଈଶ୍ୱରୋପାସନା ବ୍ୟକ୍ତ ହୁଏ ନାହିଁ ।

ଆଧୁନିକ ନବ୍ୟ ଆଚାର୍ଯ୍ୟମାନେ ନିଜର ସ୍ୱଭାବାନୁଯାୟୀ ଧର୍ମବକ୍ତା ହୁଅନ୍ତି ତାଙ୍କମାନଙ୍କ ବାଳକମାନେ ବିସ୍କୁଟ ଚୋବାଇ ଚୋବାଇ ଉପଦେଶ ଯୋଗ୍ୟ ହୋଇ ଉପଦେଷ୍ଟାର ହୃଦୟଭାବ ଜାଣିଲାବେଳକୁ ଆଉ ଉପଦେଶ ଦେବାକୁ ଆୟାସ ପଡ଼େ ନାହିଁ ସୁତରାଂ ହିନ୍ଦୁଧର୍ମ କଳଙ୍କିତ ହୋଇଉଠେ ।

୧ । ବାୟୁ, ଶୀଘ୍ରଗାମିନୀ ଦେବତା । ଅତଏବ ତଦୀୟକର୍ମ ଶୀଘ୍ର ଫଳଦ ।

୨ । ମୃତ୍ତିକାଦ୍ୱାରା ଉର୍ଦ୍ଧ୍ୱପୁଣ୍ଡ୍ର (ଚିତା) କରିବ ।

୩ । କର୍ମଶେଷେ ହୋମ ସମ୍ବନ୍ଧ ବସ୍ତ୍ର ଅଧ୍ୱର୍ଯ୍ୟୁ ନେବେ ଅନ୍ୟ କେହି ନେବେ ନାହିଁ ।

୪ । ଜଳରୁ ସୂର୍ଯ୍ୟ ଉଦିତ ହେଉଅଛନ୍ତି ।

[ ଉତ୍କଳଦୀପିକା– (୨୧/୩୨) ତା–୭-୮-୧୮୮୬ରୁ ଗୃହୀତ ]

## ॥ ଚତୁର୍ଥ ପ୍ରସ୍ତାବ ॥

ଏଥି ପୂର୍ବେ ଯାହା ଉତ୍କଳ ଦୀପିକାର ୩୦ ସଂଖ୍ୟାରେ ହିନ୍ଦୁ ଆର୍ଯ୍ୟମାନଙ୍କର ସ୍ୱଭାବ ଅନ୍ୱେଷଣ ପୂର୍ବକ ଧର୍ମୋପଦେଶ ବିଷୟର ସୂଚନା କରିଥିଲୁଁ ତହିଁର ବିଶେଷ ବିବରଣ ପାଠକମାନଙ୍କୁ ଜଣାଇବାକୁ ପ୍ରବୃତ୍ତ ହେଲୁଁ ।

ଏକ ସମୟରେ ସମ୍ବଲପୁରରେ Rev. P.E. HEBERLET (ରେଭରେଣ୍ଡ ପି.ଇ. ହେବରଲେଟ) ପାଦ୍ରୀ ସାହେବଙ୍କ ସଙ୍ଗେ ଆମ୍ଭର ତର୍କ ହୋଇଥିଲା; ନାନାପ୍ରକାର ତର୍କ ହେଲା ପରେ ଆମ୍ଭେ କହିଲୁଁ ସାହେବ; ଆପଣ ଯିଶୁଖ୍ରୀଷ୍ଟଙ୍କର ଆଶ୍ଚର୍ଯ୍ୟ ବ୍ୟାପାର ମାତ୍ର ଶୁଣି ଯେଉଁପରି ଈଶ୍ୱରାଂଶ ହେତୁରୁ ସଂପୂର୍ଣ୍ଣ ଈଶ୍ୱର ବୋଲି ସ୍ୱୀକାର କରନ୍ତି ସେହିପରି ଭଗବାନ ଶ୍ରୀକୃଷ୍ଣଙ୍କୁ କହିଲେ କ୍ଷତି କି ?

ସାହେବ କହିଲେ ତାହା ସ୍ୱୀକାର କରାଯାଇପାରେ ନାହିଁ, କୃଷ୍ଣଙ୍କର ଚରିତ୍ର ବଡ଼ ମନ୍ଦ ଯାହାକି ଶ୍ରବଣ ମାତ୍ରରେ ଲଜ୍ଜା ଏବଂ ଘୃଣା ଜାତହୁଏ, ପରଦାର ହରଣଟି କି ଈଶ୍ୱରତ୍ୱର ଜ୍ଞାପକ ହୋଇପାରେ ?

ଏହାର ଉତ୍ତର ସମୟାଭାବରୁ ସାହେବଙ୍କୁ ଦେଇପାରି ନ ଥିଲୁଁ ତାହା ବର୍ତ୍ତମାନ ବୈଦିକ ପ୍ରସ୍ତାବର ଅଙ୍ଗ ହୋଇପଡ଼ିବାରୁ ଅଗତ୍ୟା କହିବାକୁ ହେଲା ।

ଭଗବାନ ଶ୍ରୀକୃଷ୍ଣଙ୍କର ବହୁସ୍ତ୍ରୀ ସଂସର୍ଗସମ୍ବନ୍ଧେ ଯାହା ଶ୍ରୀମଦ୍ଭାଗବତରେ ନାନାପ୍ରକାର କୁହାହୋଇଅଛି ତାହା କଦାଚ ସତ୍ୟ ନୁହେଁ କେବଳ ବର୍ଣ୍ଣନମାତ୍ର କିନ୍ତୁ ହିନ୍ଦୁ ଶାସ୍ତ୍ରର ତାତ୍ପର୍ଯ୍ୟାନଭିଜ୍ଞ ହିନ୍ଦୁ କିବା ଅହିନ୍ଦୁ ସମସ୍ତଙ୍କର ଭ୍ରମ ଅନିବାର୍ଯ୍ୟ ହୋଇପଡ଼ିଅଛି ଏହି ଭ୍ରମ ସଂଶୋଧନ ହେବା ନିତାନ୍ତ ବାଞ୍ଛନୀୟ ।

ହିନ୍ଦୁ ଆଚାର୍ଯ୍ୟ ବେଦବ୍ୟାସ ଯେତେବେଳେ ଧର୍ମୋପଦେଶରେ ବ୍ରତୀ ତେତେବେଳେ ଲୋକମାନଙ୍କର ସ୍ୱଭାବ ଅନ୍ୱେଷଣକରି ଧର୍ମ କହିବାରେ ତ୍ରୁଟି କରି ନାହାନ୍ତି; ବେଦବ୍ୟାସ ନିଜେ ଅଦ୍ୱୈତବାଦୀ ସଦାଚିତ୍ ସୁଧାରସ ଆନନ୍ଦରେ ନିଦ୍ରାୟମାଣ, ସେ ଏପରି ନାନା ପ୍ରକାର ଧର୍ମଗୁଡ଼ିଏ କାହିଁକି ସହିଲେ ଏହା ବିଚାର କଲେ ସହଜେ ଜଣାଯାଇପାରେ ।

ଧର୍ମୋପଦେଶକୁ ପ୍ରତି ଦେଶ କାଳ ପାତ୍ରର ଅନ୍ୱେଷଣ କରା ନିତାନ୍ତ ଆବଶ୍ୟକ ।

ଭାରତବର୍ଷ ସଦା ହିନ୍ଦୁ ଓ ଜବନରେ ପରିପୂର୍ଣ୍ଣ ଏଥିରେ ହିନ୍ଦୁମାନଙ୍କର ଧର୍ମରକ୍ଷା ଦୂରେଥାଉ ନିଶ୍ଚଳରୂପେ ସ୍ଥାୟୀ ହେବାର ସନ୍ଦେହ; କଳିକାଳରେ ନାନା ଅସତ୍କାର୍ଯ୍ୟର ଉଦୟ ଓ ପାତ୍ରଗୁଡ଼ିକ ନାନା ଶ୍ରେଣୀରେ ବିଭକ୍ତ ଅର୍ଥାତ୍ କେତେକ ଲୋକ ଅରାତିକୂଳ କିଲାଲ କଲ୍ଲୋଳରେ ଆପଣା ମନକୁ ଉଦ୍ଵେଳିତ କରି ଅସୀମ ବୀରରସରେ ମତ୍ତ ହୋଇ ସ୍ୱଧର୍ମକୁ ଭୁଲି ଯାଇଅଛନ୍ତି, ଓ କେତେକ ଲୋକ ନିରନ୍ତର ଅଙ୍ଗନାଲିଙ୍ଗନରେ ବ୍ୟସ୍ତ ହୋଇ ସ୍ୱଧର୍ମର ଅଧୋଗତି କରିଅଛନ୍ତି ଓ କେତେକ ଲୋକ ମଦମାଂସରେ ମତ୍ତହୋଇ ସ୍ୱଧର୍ମକୁ ଚଉଦ ପୁରୁଷରୁ ଅନ୍ତର କରିଅଛନ୍ତି ଇତ୍ୟାଦି ଭିନ୍ନ ଭିନ୍ନ ପ୍ରକୃତି ଭାବି ଭଗବାନ ଶ୍ରୀକୃଷ୍ଣଙ୍କର ବହୁ ସ୍ତ୍ରୀ ପ୍ରଣୟରେ ଆଡ଼ମ୍ବର ବର୍ଣ୍ଣନା କରିଅଛନ୍ତି ତଦ୍ୱାରା ସ୍ତ୍ରୈଣ ଲୋକମାନଙ୍କର ଶୃଙ୍ଗାର କଥା ଶୁଣି ଶୁଣି ଈଶ୍ୱର ସେବାରେ ପ୍ରୀତି ହେବ । ଭାଗବତ ୧୦ମ ସ୍କନ୍ଧ ୧୩ଶ ଅଧ୍ୟାୟ ୨ୟ ଶ୍ଳୋକରେ ଏହା ଦୃଷ୍ଟାନ୍ତରୂପରେ ଅନୁମୋଦନ କରାଯାଉଅଛି ଯଥା, "ସ୍ତ୍ରୀୟା ବିଟାନାମିଦ ସାଧୁ..."

ଅର୍ଥ ସ୍ତ୍ରୈଣ କାମୀ ପୁରୁଷମାନଙ୍କର ସ୍ତ୍ରୀ ସମ୍ବନ୍ଧି ମଧୁର କଥାରେ ପ୍ରୀତି ଜନ୍ମେ । ଏବଂ ବୀରତା ବର୍ଣ୍ଣନରେ ବୀରପୁରୁଷମାନେ ବୀରକାର୍ଯ୍ୟ ଶୁଣି ନିତାନ୍ତ ଉତ୍ସାହର ସହିତ ଈଶ୍ୱରୋପାସନାରେ ଅନୁରକ୍ତ ହେବେ ଇତ୍ୟାଦି । ଶାକ୍ତ ସୌର ଗାଣପତ୍ୟ ଶୈବ ପ୍ରଭୃତି ଧର୍ମମାନଙ୍କର ବର୍ଣ୍ଣନ ହୋଇଅଛି କିନ୍ତୁ ଫଳରେ ଦେଖିଲେ ସକଳ ମତର ସ୍ତୁତିମାନ ଅଦ୍ୱୈତ ପର ।

ପରମେଶ୍ୱର "ବିଶ୍ୱତୋମୁଖ" ଅତଏବ ତାହାଙ୍କୁ ଯେଉଁ ରୂପରେ ଉପାସନା କଲେ ସେ, ସେହି ରୂପରେ ଉପାସ୍ୟ ଓ କାମଦ ।

ବେଦବ୍ୟାସଙ୍କର କି ଆଶ୍ଚର୍ଯ୍ୟ କୌଶଳ, ଯେପରି ଉଦ୍ଦେଶ୍ୟରେ କହିଥିଲେ ତାହା

ତଦ୍ରୂପ ଆଜିକାଲି ପ୍ରତ୍ୟକ୍ଷରେ ଦେଖାଯାଉଅଛି ।

ଏହିସବୁ କହିବା କଥା ନୁହେଁ ଶାସ୍ତ୍ର ପ୍ରମାଣ ମଧ୍ୟ ବଳବତ୍ତର ଦେଖାଯାଏ, ଶ୍ରୀକୃଷ୍ଣଙ୍କର ବହୁ ସ୍ତ୍ରୀସଙ୍ଗ ନହେବା ବିଷୟ ରାସପଞ୍ଚାଧ୍ୟାୟର ପ୍ରଥମ ଅଧ୍ୟାୟ ଆଦ୍ୟଟୀକାରେ ଶ୍ରୀଧର ସ୍ୱାମୀ ସୂଚିତ କରିଅଛନ୍ତି ଯଥା :

''ଶୃଙ୍ଗାର କଥୋପଦେଶେନ ବିଶେଷତେ ନିବୃତ୍ତିପରେୟଂ ପଞ୍ଚଧ୍ୟାୟୀତି ବ୍ୟକ୍ତୀକରିଷ୍ୟାମଃ ।'' ଏବଂ ସେହି ରସପଞ୍ଚାଧ୍ୟାୟୀ ୨ୟ ଅଧ୍ୟାୟ ୩୦ ଶ୍ଳୋକରେ କହିଅଛନ୍ତି ଯଥା :

''ରେମେ ତୟା ସ୍ୱାତ୍ମରତି ଆତ୍ମାରାମୋଽପ୍ୟ ଖଣ୍ଡିତଃ ।
କାମିନଂ ଦାର୍ଶୟେନ୍ଦୈନ୍ୟଂ ସ୍ତ୍ରୀଣାଂ ଚୈବ ଦୁରାତ୍ମତାଂ ।''

ଅର୍ଥ– ସ୍ୱତଃ ପରିତୃପ୍ତ ଏବଂ ସ୍ୱକ୍ରୀଡ଼ ଶ୍ରୀକୃଷ୍ଣ ନାରୀ ବିଭ୍ରମରେ (ବିଳାସରେ) ଅନାକୃଷ୍ଟ ହୋଇ କାମିମାନଙ୍କର ଦୈନ୍ୟ ଏବଂ ସ୍ତ୍ରୀମାନଙ୍କର ଦୁରାତ୍ମତା ଦେଖାଇବା ନିମିତ୍ତ ପ୍ରେୟସୀମାନଙ୍କ ସହିତ କ୍ରୀଡ଼ା କରିଥିଲେ । ଏବଂ ଶ୍ରୀକୃଷ୍ଣଙ୍କର କାମଭୋଗ ତ୍ୟାଗକରିବାର ଉକ୍ତି ଶ୍ରୀମଦ୍ଭାଗବତ ୩ସ୍କନ୍ଧ ୩ ଅଧ୍ୟାୟ ୨୩ ଶ୍ଳୋକରେ ଯଥା –

''ଦୈବାଧୀନେଷୁ କାମେଷୁ ଦୈବାଧୀନ ସ୍ୱୟଂ ପୁମାନ ।
କୋ ବିଶମ୍ଭେତି ଯୋଗେନ ଯୋଗେଶ୍ୱର ମନୁବ୍ରତଃ ।''

ଅର୍ଥ– ଭଗବାନ ଶ୍ରୀକୃଷ୍ଣଙ୍କର କାମଭୋଗ ସ୍ୱାଧୀନ ଥିଲା ତହିଁରେ ଯେବେ ତାଙ୍କର ବିରାଗ ଜନ୍ମିଲା ତେବେ ଦୈବାଧୀନ କାମଭୋଗମାନଙ୍କରେ କେଉଁ ଲୋକ ଯୋଗଦ୍ୱାରା ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କୁ ଅନୁଗତ ହୋଇ ବିଶ୍ୱାସ (ପ୍ରୀତି) କରିବ ।

ଇତ୍ୟାଦି ଭୂରି ଭୂରି ପ୍ରମାଣ ଅଛି ପ୍ରବନ୍ଧ ବାହୁଲ୍ୟ ଭୟରୁ ସଂକ୍ଷେପରେ ଉଲ୍ଲେଖକଲୁଁ; ନିଃସନ୍ଦେହ ରୂପେ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଶ୍ରୀକୃଷ୍ଣଙ୍କର ବହୁସ୍ତ୍ରୀ ସମ୍ଭୋଗ, ବର୍ଣ୍ଣନ ମାତ୍ର ।

[ ଉତ୍କଳ ଦୀପିକା– (୨୧/୩୩) ୧୪-୮-୧୮୮୬ ]

## ।। ପଞ୍ଚମ ପ୍ରସ୍ତାବ ।।

ବେଦରେ ଦୁଇଗୋଟି ମାର୍ଗ ଗୁରୁତର ରୂପେ ଲକ୍ଷିତ ହୁଏ, ଯଥା ଜ୍ଞାନ ମାର୍ଗ ଓ କର୍ମ ମାର୍ଗ । କିନ୍ତୁ ଜ୍ଞାନ ଓ କର୍ମ ଏ ଦୁହେଁ ପରସ୍ପର ବିରୋଧୀ ଅର୍ଥାତ କର୍ମ କଲେ ଜ୍ଞାନାଭ୍ୟାସର ବାଧା ହୁଏ, ଏବଂ ଜ୍ଞାନାଭ୍ୟାସ କଲେ କର୍ମର ନିବୃତ୍ତି ହୁଏ । ତଥାଚ ହିନ୍ଦୁମାନେ ଏହି ଦୁଇ ମାର୍ଗରୁ ଜ୍ଞାନମାର୍ଗକୁ ପ୍ରଧାନ ମାର୍ଗ ବୋଲି ସ୍ୱୀକାର କରନ୍ତି; ମାତ୍ର କେବଳ ଜ୍ଞାନମାର୍ଗକୁ ଆଶ୍ରୟ କଲେ ଗୃହଧର୍ମରେ ଅପ୍ରବୃତ୍ତି ହୋଇ ସାଂସାରିକ କାର୍ଯ୍ୟର ଉଚ୍ଛେଦ ହୁଏ ଅତଏବ ବେଦଗତ କର୍ମମାନେ ତିନି ଭାଗରେ ବିଭକ୍ତ ହୋଇ-

ଅଛନ୍ତି ଯେ ତଦ୍ଦ୍ୱାରା ପ୍ରତ୍ୟହ ଈଶ୍ୱରୋପାସନା ପ୍ରାପ୍ତହେବ, ଜ୍ଞାନମାର୍ଗ ଅବରୋଧୀ ହେବ, ଗୃହ କାର୍ଯ୍ୟ ସମ୍ପନ୍ନ ହେବ ଏବଂ ସାଂସାରିକ ବ୍ୟବସ୍ଥା ନିର୍ବାହ ହେବ ଏବଂଚ ସେହି କର୍ମ ହିନ୍ଦୁଧର୍ମର ଚିହ୍ନରୂପରେ ପରିକଳିତ ହେବ ।

ସାମାନ୍ୟତଃ କର୍ମ ତିନି ପ୍ରକାର । ଯଥା : ନିତ୍ୟ, ନୈମିତ୍ତିକ ଏବଂ କାମ୍ୟ, ନିତ୍ୟକର୍ମ (ସନ୍ଧ୍ୟାବନ୍ଦନାଦି) ନୈମିତ୍ତିକର୍ମ (ଜାତକର୍ମାଦି) କାମ୍ୟକର୍ମ (ଅଗ୍ନିଷ୍ଟୋମାଦି) ।

ସନ୍ଧ୍ୟାବନ୍ଦନାଦି କର୍ମ ନକଲେ ହିନ୍ଦୁଧର୍ମର ଚିହ୍ନ ନଷ୍ଟ ହୋଇ ପାପହେବ, ଏବଂ କଲେ କୌଣସି ଫଳକାମ ନାହିଁ କିନ୍ତୁ ଏହା ଗୋଟିଏ ହିନ୍ଦୁ ଧର୍ମର ଅସାଧାରଣ ଚିହ୍ନ ।

ଜାତକର୍ମାଦି ନକଲେ ଗୃହୀମାନଙ୍କର ସ୍ୱଧର୍ମର ମାର୍ଜନା ନହୋଇ ଈଶ୍ୱରୋ-ପାସନାରେ ଅନ୍ତଃକରଣର ବିଶୁଦ୍ଧତା ଜାତ ହୁଏ ନାହିଁ ଏବଂ କଲେ ଅସାଧାରଣ ଫଳ ଅର୍ଥାତ୍ ଈଶ୍ୱରୋପାସନା ପ୍ରାପ୍ତ ହୁଏ ସୁତରାଂ ଜାତକର୍ମାଦି ସକଳ କାର୍ଯ୍ୟମାନଙ୍କର ତାତ୍ପର୍ଯ୍ୟ ଅନ୍ୱେଷଣ କଲେ ଅଖଣ୍ଡ ଈଶ୍ୱରୋପାସନା ଭିନ୍ନ ଅନ୍ୟ କୌଣସି ଫଳ ଦେଖାଯାଏନାହିଁ ।

ଅଗ୍ନିଷ୍ଟୋମାଦି କର୍ମ ନକଲେ କୌଣସି ଦୋଷ ହେବନାହିଁ କଲେ ଅଲୌକିକ ସୁଖ ଲାଭ ହେବ ବୋଲି ଯାଜ୍ଞିକମାନେ ରଟନା କରନ୍ତି ଅତଏବ ଏହା ଇଚ୍ଛାର ଅଧୀନ ଏହି କର୍ମ ଜ୍ଞାନର ପ୍ରତିବନ୍ଧକ ବୋଲି ଜ୍ଞାନକାଣ୍ଡ ପ୍ରସ୍ତାବରେ ଡିଣ୍ଡିମ ହୋଇଅଛି ।

ଫଳତଃ ନିତ୍ୟ କର୍ମ ନକଲେ ଦୋଷ କଲେ କୌଣସି ଫଳକାମ ନାହିଁ; ନୈମିତ୍ତିକ କର୍ମ ନକଲେ ଦୋଷ, କଲେ ଫଳ ଲାଭ ହୁଏ । କାମ୍ୟ କର୍ମ ନକଲେ କୌଣସି ଦୋଷ ନାହିଁ କଲେ ଫଳ ଲାଭ ହୁଏ ଅତଏବ ନିତ୍ୟ ନୈମିତ୍ତିକ କର୍ମ ନକଲେ ଦୋଷଥିବାରୁ ଓ କଲେ ଈଶ୍ୱରୋପାସନା ପ୍ରାପ୍ତ ହେବାରୁ ସନ୍ୟାସ ପର୍ଯ୍ୟନ୍ତ ହିନ୍ଦୁ ମାନଙ୍କର କର୍ତ୍ତବ୍ୟତା ରୂପରେ ପ୍ରତିଷ୍ଠିତ ହୋଇଅଛି ।

ଗୃହକାର୍ଯ୍ୟରେ ବ୍ୟସ୍ତଥିବା ଲୋକମାନଙ୍କର ସାଧାରଣତଃ ଈଶ୍ୱରୋପାସନାରେ ପ୍ରବୃତ୍ତିହୁଏ ନାହିଁ । ଅତଏବ ଜାତ କର୍ମାଦି ଗୋଟିଏ ଗୋଟିଏ ନିମିତ୍ତ ଦେଖାଇ ଈଶ୍ୱରୋପାସନାରେ ପ୍ରବୃତ୍ତ କରାଇ ଅଛନ୍ତି ।

ଜ୍ଞାନକାଣ୍ଡରେ କଥିତ ହୋଇଅଛି ଯେ ନିରନ୍ତର ଉପାସନାର ଅଭ୍ୟାସ ନକଲେ ଈଶ୍ୱରଜ୍ଞାନ ଦୃଢ଼ୀଭୂତ ହୁଏନାହିଁ, ସପ୍ତାହରେ ଥରେ ରବିବାର କି ଶନିବାର ଈଶ୍ୱରୋ-ପାସନା କଲେ ଜ୍ଞାନର ଦାର୍ଢ୍ୟହେବ ତାହା କଦାଚ ସମ୍ଭବ ନୁହେଁ ପ୍ରତ୍ୟକ୍ଷରେ ଦେଖାଯାଏ ପାଠକମାନେ ସପ୍ତାହରେ ଥରେ କୌଣସି ପ୍ରବନ୍ଧ ପଠନ କଲେ କି ତାହା ମୁଖସ୍ଥ ହୋଇପାରେ ? ଏହି ହେତୁରୁ ହିନ୍ଦୁ ଆଚାର୍ଯ୍ୟମାନେ ଗୃହକାର୍ଯ୍ୟରେ ବ୍ୟାପୃତ ଥିବା ବ୍ୟକ୍ତିମାନଙ୍କର ପୁନଃପୁନଃ ଈଶ୍ୱରୋପାସନାଭ୍ୟାସ ନିମିତ୍ତ ଏପରି ଭାବରେ ନିତ୍ୟ, ନୈମିତ୍ତିକ କ୍ରିୟା କରିଦେଇଅଛନ୍ତି ଯେ ତଦ୍ଦ୍ୱାରା ପ୍ରତିଦିନ ଈଶ୍ୱରୋ-

ପାସନାଭ୍ୟାସ ହୋଇ କ୍ରମାନ୍ୱୟେ ଈଶ୍ୱରଜ୍ଞାନ ଦୃଢ଼ହେବ ଏବଂ ଗୃହକାର୍ଯ୍ୟ ମଧ ସମ୍ପନ୍ନହେବ ସ୍ୱଧର୍ମ ପତାକା ଉଡ୍ଡୀୟମାନ ହେବ ।

ହିନ୍ଦୁ ଆଚାର୍ଯ୍ୟମାନେ ଯେତେ ଧର୍ମ ବିଷୟକ ବାକ୍ୟମାନ କହିଅଛନ୍ତି ତାହା ସରଳ ରୂପରେ କହି ନାହାନ୍ତି ସର୍ବତ୍ର ତାତ୍ପର୍ଯ୍ୟ, ବ୍ୟଞ୍ଜନା, ଲକ୍ଷଣା ଓ ଶ୍ଳୋଷମାନ ରଖିଅଛନ୍ତି ଏହି ହେତୁରୁ ମାନେ ହିନ୍ଦୁଧର୍ମର ତାତ୍ପର୍ଯ୍ୟ ନଜାଣି ସୋଜାକଥା ଧରି ହିନ୍ଦୁ ଧର୍ମକୁ କଳଙ୍କିତ ବୋଲି ରଟନା କରନ୍ତି ଏହି ତାତ୍ପର୍ଯ୍ୟକୁ ଜାଣିବା ପ୍ରତି ସକଳ ହିନ୍ଦୁଶାସ୍ତ୍ରର ଆଲୋଡନ କରା ନିତାନ୍ତ ଆବଶ୍ୟକ ।

[ ଉତ୍କଳ ଦୀପିକା – (୨୧/୩୪) ତା- ୨୮.୮.୧୮୮୬ ]

## ।। ଷଷ୍ଠ ପ୍ରସ୍ତାବ ।।

'ପ୍ରୟୋଜନ ମନଦ୍ଧିଶ୍ୟ ନମନ୍ଦୋଅପି ପ୍ରବର୍ତ୍ତତେ ।'

ଇତ୍ୟାଦି ମହତ୍ ପ୍ରୟୋଗ ଥିବାରୁ ଏଥି ପୂର୍ବେ ହିନ୍ଦୁମାନଙ୍କର ନିତ୍ୟ କ୍ରିୟାରେ ଈଶ୍ୱରୋପାସନା ଅଖଣ୍ଡ ପ୍ରୟୋଜନ ରୂପରେ ପ୍ରାପ୍ତହେବାର କୁହାଯାଇଅଛି ।

ଦ୍ୱିତୀୟତଃ ନିତ୍ୟକ୍ରିୟା (ସନ୍ଧ୍ୟାବନ୍ଦନାଦି)ରେ କେବଳ ଈଶ୍ୱରୋପାସନା ପ୍ରାପ୍ତ ହୁଏ ତାହା ନୁହେଁ ତହିଁରେ ସ୍ୱାସ୍ଥ୍ୟରକ୍ଷା ମଧ ପ୍ରୟୋଜନ ରୂପରେ ଗୃହୀତ ହୋଇଅଛି ଅତଏବ ନିତ୍ୟକ୍ରିୟା ନିତ୍ୟ କର୍ତ୍ତବ୍ୟତାରୂପରେ ଶାସିତ ହୋଇଅଛି ।

ସନ୍ଧ୍ୟାବନ୍ଦନାଦିରେ ଯେଉଁ ପ୍ରାଣାୟାମ କରାଯାଏ ତାହାରିଦ୍ୱାରା ସ୍ୱାସ୍ଥ୍ୟରକ୍ଷା ହୁଏ ଅର୍ଥାତ ଦୂଷିତ ବାୟୁ (ଆନ୍ତରୀୟବାୟୁ) ଯାହାକୁ ଅଙ୍ଗାରକ ବାୟୁ ବୋଲି କୁହାଯାଏ ତାକୁ ତ୍ୟାଗକରି ଶୁଦ୍ଧବାୟୁ (ବାହ୍ୟବାୟୁ) ଯାହାକୁ ଅମ୍ଳଜାନ ବାୟୁ ବୋଲାଯାଏ ତାହାକୁ ଆଦାନ କରିବ, ଫଳତଃ ଏହି ଅମ୍ଳଜାନ ବାୟୁକୁ ପ୍ରତ୍ୟହ ନାସିକାର ବାମ ପୁଟରେ ଆଦାନକରି ନିରୁଦ୍ଧ କରିବ ଏବଂ ଅଙ୍ଗାରକ ବାୟୁକୁ ଦକ୍ଷିଣ ନାସାପୁଟରେ ବହିର୍ଗତ କରିବ ଏତଦ୍ଵାରା ବାୟୁର ପରିଷ୍କାର ହୋଇ ଆୟୁର ବୃଦ୍ଧି ହୁଏ ଏବଂ ଦେହର ଅସ୍ୱାସ୍ଥ୍ୟ ହୁଏ ନାହିଁ ଯଥା ଯୋଗଶାସ୍ତ୍ରେ –

''ଚଳେ ବାତେ ଚଳଂ ଚିତ୍ତଂ ନିଶ୍ଚଳେ ନିଶ୍ଚଳଂ ଭବେତ୍ ।
ଯୋଗୀ ସ୍ଥାଣୁତ୍ୱ ମାପ୍ନୋତି ତତୋବାୟୁଂ ନିରୋଧୟେତ୍ ।
ଯାବଦ୍ବାୟୁଃ ସ୍ଥିତେ ଦେହେ ତାବଜ୍ଜୀବନ ମୁଚ୍ୟତେ ।
ମରଣଂତସ୍ୟ ନିଷ୍କ୍ରାନ୍ତି ସ୍ତତୋବାୟୁଂ ନିରୋଧୟେତ୍ ।''

ଯୋଗଶାସ୍ତ୍ରରେ ଦେହସ୍ଥ ବାୟୁକୁ ପାଞ୍ଚପ୍ରକାର ବିଭକ୍ତ କରି ତାହାର ଗତିର ଗୁଣଦୋଷ କହିଅଛନ୍ତି ତାହା ନିମ୍ନରେ ପ୍ରକାଶ କଲୁଁ ଯେ ଏହା କେତେ ପର୍ଯ୍ୟନ୍ତ ସୁସଙ୍ଗତ କି ନା ପାଠକମାନେ ଜାଣିପାରିବେ ।

"ପ୍ରାଣ ଆପାନ ସମାନ ଉଦାନ ବ୍ୟାନ"– ପ୍ରାଣ ନାମକ ଦେହସ୍ଥ ବାୟୁ ମୁଖଗତ କାଳରେ ଅନ୍ନକୁ ଅଭ୍ୟନ୍ତରରେ ପ୍ରବେଶ କରାଏ ଏବଂ ପ୍ରାଣ ସମୂହକୁ ଅବଲମ୍ବନକରେ ସେ କୁପିତ ହେଲେ ହିକ୍କା ଶ୍ୱାସାଦି ରୋଗ ଜନ୍ମାଏ ।

ପକ୍ୱାଶୟସ୍ଥ ଆପାନବାୟୁ ସ୍ୱାଭାବିକ ଅବସ୍ଥାରେ ବିଷ୍ଠା ମୂତ୍ର ଶୁକ୍ର ଏବଂ ଗର୍ଭସ୍ଥ ଆବର୍ତ୍ତକୁ ଅଧୋଗାମୀ କରେ ସେ ଦୁଷ୍ଟ ହେଲେ ଶୁକ୍ରଦୋଷ ପ୍ରମେହ ପ୍ରଭୃତି ସକଳ ଗୁହ୍ୟସମ୍ବନ୍ଧ ଭୟାନକ ରୋଗ ଉତ୍ପାଦନ କରେ ।

ସମାନ ନାମକ ବାୟୁ ଆମ ଓ ପକ୍ୱାଶୟସ୍ଥ ହୋଇ ଅଗ୍ନିଯୋଗେ ଅନ୍ନକୁ ପାକକରେ ଏବଂ ତଜ୍ଜାତି ବିଶେଷ ବିଶେଷ ବସ୍ତୁକୁ ପୃଥକକରେ ଅର୍ଥାତ୍ ଅନ୍ନଗତ ରସ ମଳ ମୂତ୍ରାଦି ରୂପରେ ପୃଥକ ହୁଏ ଏବଂ ଦୁଷ୍ଟ ହେଲେ ଅଗ୍ନିମାନ୍ଦ୍ୟ ଅତିସାର ଗୁଳ୍ମ ପ୍ରଭୃତି ରୋଗ ଜନ୍ମାଏ ।

ଉଦାନ ନାମକ ଉତ୍ତମବାୟୁ ଯେତେବେଳେ ଉର୍ଦ୍ଧ୍ୱଗାମୀ ହୁଏ ତେତେବେଳେ ବହୁ ଭାଷଣ ଓ ଗାନାଦିରେ ପ୍ରବୃତ୍ତି ଜନ୍ମେ ଏବଂ କୁପିତ ହେଲେ ଉର୍ଦ୍ଧ୍ୱ ଜତ୍ରୁତର ପୀଡ଼ା ଜନ୍ମାଏ ।

ଦେହଗତ ବ୍ୟାନ ବାୟୁ ରସସଂବାହକର କାର୍ଯ୍ୟକରେ ଶ୍ରୋଣିତସ୍ରାବ ଓ ସ୍ୱେଦୋଦ୍ଗମ କରାଇ ପାଞ୍ଚପ୍ରକାର କାର୍ଯ୍ୟକରେ ଏବଂ ଗତି ଉପକ୍ଷେପଣ ଉତ୍କ୍ଷେପଣ ନିକ୍ଷେଧ ପ୍ରଭୃତି ପ୍ରାଣିର ତାବତ୍କ୍ରିୟା ଏହାଠାରେ ଆବଦ୍ଧ, ପ୍ରଶ୍ୟନ୍ଦନ ଉଦ୍‌ବମନ ପୂରଣ ବିରେଚନ ଧାରଣ ଏହି ପାଞ୍ଚପ୍ରକାର ବାୟୁର ଚେଷ୍ଟା ଉକ୍ତ ଅଛି ଏହି ବାୟୁ କ୍ଷୁବ୍ଧ (ଦୂଷିତ) ହେଲେ ଦେହରେ ସମସ୍ତ ରୋଗଜନ୍ମେ ।

ସକଳ ବାୟୁ ଏକକାଳରେ ଦୂଷିତ ହେଲେ ନିଶ୍ଚେ ଦେହ ଓ ପ୍ରାଣକୁ ନଷ୍ଟ କରେ ଅତଏବ ପ୍ରତ୍ୟହ ବାୟୁର ଆଦାନ ବିସର୍ଜନ ରକ୍ଷଣ କରୁଥିଲେ ଦେହର କଦାଚ ଅସ୍ୱାସ୍ଥ୍ୟ କିବା ହଠାତ୍ ନାଶ ହୁଏ ନାହିଁ ଏହାର ନିତ୍ୟକ୍ରିୟାର ଅସାଧାରଣ ପ୍ରୟୋଜନ ।

ଈଶ୍ୱରୋପାସନା ଗାୟତ୍ର୍ୟାଦିଦ୍ୱାରା ସୁତରାଂ ଲଭ୍ୟ ହୁଏ ତାହା ବିଶେଷ ବିବୃତ କରିବାର ନିଷ୍ପ୍ରୟୋଜନ ।

[ ଉତ୍କଳ ଦୀପିକା – (୨୧/୩୭) ତା- ୧୧.୯.୧୮୮୬ ]

## ।। ସପ୍ତମ ପ୍ରସ୍ତାବ ।।

ବେଦରେ ଯେଉଁ ଅଦ୍ୱୈତ ମତ ଅଛି ତହିଁରେ କେବଳ ବ୍ରହ୍ମୋପାସନା ପ୍ରାପ୍ତ ହୁଏ, ସେହି ବ୍ରହ୍ମୋପାସନା ନିରବଚ୍ଛିନ୍ନ ରୂପରେ ଅଭ୍ୟାସ କଲେ ମଙ୍ଗଳମୟ ପରଂବ୍ରହ୍ମ ହୃଦୟରେ ଆବିର୍ଭୂତ ହୋଇ ସାଂସାରିକ ମହାତାପରୁ ଉଦ୍ଧାର କରନ୍ତି ଏହା ନବ୍ୟପ୍ରାଚୀନ ସମସ୍ତେ ଜାଣନ୍ତି କିନ୍ତୁ କୁଳଧର୍ମରେ ରହି ବ୍ରହ୍ମୋପାସନା କଲେ ଯେ କେତେ ପର୍ଯ୍ୟନ୍ତ

ମଙ୍ଗଳକର ତାହା ନବ୍ୟମତାବଲମ୍ବିମାନେ ଜାଣନ୍ତି କି ନା ବିଷୟେ ସନ୍ଦେହ ଅତଏବ ଅଖଣ୍ଡ ଅଦ୍ୱୈତ ସିଦ୍ଧାନ୍ତ ପଞ୍ଚଦଶୀରୁ ଚାରିଗୋଟି ଶ୍ଳୋକ ଉଦ୍ଧୃତ କଲୁଁ ଯେ ଏଥିରୁ ପାଠକମାନେ ଈଶ୍ୱରୋପାସାନାର ଗଭୀରଭାବ ଜାଣି ପାରିବେ ଯଥା :

"ତତ୍ତ୍ୱଂ ବୁଦ୍ଧ୍ୱାପି କାମାଦୀନ୍ ନିଃଶେଷଂ ନ ଜ୍ୱହାସିଚେତ୍ ।
ଯଥେଷ୍ଟାଚରଣଂ ତେ ସ୍ୟାତ୍ କର୍ମଶସ୍ତ୍ରାବିଲଂଘିନଃ ।"

**ଅର୍ଥ**– ଯୁଷ୍ମେ ତତ୍ତ୍ୱକୁ ଜାଣି ଯେବେ କାମ କ୍ରୋଧାଦି ମାନଙ୍କୁ ପରିତ୍ୟାଗ କରିନପାର ତେବେ କର୍ମଶାସ୍ତ୍ର ଉଲଂଘନ ପୂର୍ବକ ଯଥେଷ୍ଟାଚାରୀ ହେଲ ବୋଲିବାକୁ ହେବ

"ବୁଦ୍ଧାଦ୍ୱୈତ ସତତ୍ତ୍ୱସ୍ୟ ଯଥେଷ୍ଟାଚରଣଂ
ଯଦି ଶୂନାଂ ତତ୍ତ୍ୱଦୃଶାଂ ଚୈବ କୋ
ଭେଦୋଽଶୁଚିଭକ୍ଷଣେ ।"

**ଅର୍ଥ**– ଅଦ୍ୱୈତ ପରଂବ୍ରହ୍ମତତ୍ତ୍ୱ ପରିଜ୍ଞାତ ହୋଇଯେବେ କାମ କ୍ରୋଧାଦିରେ ଏବଂ ଅଭକ୍ଷଭକ୍ଷରେ ବଶୀଭୂତ ହୋଇ ଯଥେଷ୍ଟାଚାରୀ ହେଲ ତେବେ ତୁମ୍ଭପରି ବ୍ରହ୍ମତତ୍ତ୍ୱପରିଜ୍ଞାନିର ସହିତ ଅଶୁଚିଭୋଜୀ କୁକ୍କୁରର କି ପ୍ରଭେଦ ରହିଲା ? ଏବଂ ବ୍ରହ୍ମତତ୍ତ୍ୱଜ୍ଞ ହୋଇ ଲୋକ ସମାଜରେ କି ପ୍ରାଧାନ୍ୟ ଲାଭ କଲ ?

"ବୋଧାପୂରା ମନୋଦୋଷ ମାତ୍ରାତ୍ କ୍ଳିଷ୍ଟୋଽସ୍ୟଥାଧୂତା
ଅଶେଷ ଲୋକନିନ୍ଦା ଚେବ୍ୟ ହୋତେ ବୋଧବୈଭବଂ ।"

**ଅର୍ଥ**– ପୂର୍ବାବସ୍ଥାରେ ଯେତେବେଳେ ତୁମ୍ଭର ବ୍ରହ୍ମତତ୍ତ୍ୱ ପରିଜ୍ଞାନର ଉଦୟ ହୋଇନଥିଲା ତେତେବେଳେ କାମ କ୍ରୋଧାଦି ଚିତ୍ତବୃତ୍ତି ଦୋଷମାନେ ତୁମ୍ଭଙ୍କୁ କ୍ଳେଶ ଦେଉଥିଲେ ବର୍ତ୍ତମାନ ତତ୍ତ୍ୱଜ୍ଞାନ ଲାଭକରି ପୁନର୍ବାର ଯେବେ ତୁମ୍ଭର ଅଧିକ କ୍ଳେଶ ଉପସ୍ଥିତ ହେଲା ଏବଂ ଲୋକ ସମାଜରେ ଯଥେଷ୍ଟାଚାରୀ ଅର୍ଥାତ୍ ବିୟର ବ୍ରାଣ୍ଡି ଶେରି ଶ୍ୟାଂପିନ୍ ପୋର୍ଟ ଉଲଡଟମ କ୍ରିମ୍ ବିସ୍କୁଟ ପାଉଁରୁଟି ପ୍ରଭୃତି ଖାଇଲ ବୋଲି ଅଶେଷ ଲୋକନିନ୍ଦା ତୁମ୍ଭକୁ ସହ୍ୟ କରିବାକୁ ହେଲା ଆହା ! ତୁମ୍ଭର ତତ୍ତ୍ୱଜ୍ଞାନର କି ଅନିର୍ବଚନୀୟ ମହିମା ପ୍ରକାଶପାଇଲା ଏରୂପ ତତ୍ତ୍ୱଜ୍ଞାନ ତୁମ୍ଭର ଥାଉ ଆମ୍ଭେ ଏପରି ତତ୍ତ୍ୱଜ୍ଞାନ ପ୍ରାର୍ଥନା କରୁନାହୁଁ ।

"ବଡ଼ବରାହାଦି ତୁଲ୍ୟତ୍ୱଂ ମାକାଙ୍କ୍ଷୀସ୍ତତ୍ତ୍ୱବଦ୍ ବଦନ୍ ।
ସର୍ବଧୀଦୋଷ ସତ୍ୟାଗାତିତ୍ ଲୌକୈଃ ପୂଜ୍ୟ ସଦେହବତ୍ ।"

**ଅର୍ଥ**– ଆପଣ ତତ୍ତ୍ୱଜ୍ଞାନୀ ହୋଇ ଯଥେଷ୍ଟାଚାରି ଦୋଷରେ ବଡ଼ବରାହ (ଘୁସୁରି) ତୁଲ୍ୟ ହେବାକୁ କଦାଚ ଅଭିଳାଷ କର ନା ସକଳ କାମ କ୍ରୋଧାଦି ମାନସିକ ଦୋଷ ପରିତ୍ୟାଗ କରି ଦେବତାପରି ସର୍ବଲୋକରେ ପୂଜ୍ୟ ହେବାକୁ ଇଚ୍ଛା କର ।

[ ଉତ୍କଳଦୀପିକା – (୨୧/୩୮) ୧୮.୯.୧୮୮୬ ]

# ବାମଣ୍ଡା*

ପଣ୍ଡିତ ପ୍ରସନ୍ନ ଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଯେ କି ଗଡ଼ଜାତ ଭ୍ରମଣକରି ହିନ୍ଦୁଧର୍ମର ଉପଦେଶ ଦେଉଅଛନ୍ତି ତାଙ୍କର ସହିତ ଆମ୍ଭର ସାକ୍ଷାତ ହୋଇଥିଲା ଏବଂ ତାଙ୍କ ସହିତ ସାମାନ୍ୟରେ କିଛି ତର୍କ କରିଥିଲୁ ପରିଶେଷରେ ଆମ୍ଭେ ତାଙ୍କୁ ପ୍ରଶ୍ନ କଲୁଁ କି ଆଧୁନିକ ନବ୍ୟମାନେ କୌଣସି ପ୍ରୟୋଜନ ନ ଦେଖିଲେ କାର୍ଯ୍ୟକ୍ଷେତ୍ରରେ ପ୍ରବୃତ୍ତ ହେବାକୁ ଚେଷ୍ଟା କରୁନାହାନ୍ତି । ଏପରିସ୍ଥଳେ ହିନ୍ଦୁମାନଙ୍କର ପ୍ରତ୍ୟହ ଯେଉଁ ସନ୍ଧ୍ୟା ବନ୍ଦନାଦି ହୁଏ ତହିଁରେ କେଉଁ ପ୍ରୟୋଜନ ଅଛି ? ଉକ୍ତ ମହାଶୟ ଉତ୍ତର କଲେ ''ଚିତ୍ତେର ପବିତ୍ରତା ଲାଭ କରିୟା ଈଶ୍ୱରେର ପ୍ରତି ମନ ଲୀନ ହଓୟା ଉଦ୍ଦେଶ୍ୟ ।''

ଏହି ପ୍ରୟୋଜନଟି ପାଠକମାନଙ୍କୁ ଜଣାଇଲୁଁ ଯେ ଏହା କେତେ ପର୍ଯ୍ୟନ୍ତ ସୁସଙ୍ଗତ ତାହା ବିଚାର କରିବେ । ଆମ୍ଭଙ୍କୁ ବୋଧହୁଏ ଏହି ପ୍ରୟୋଜନ ଦ୍ୱାରା ନବ୍ୟ ମତାବଲମ୍ବିମାନଙ୍କର ମନ ମାନେ କି ନା ସନ୍ଦେହ ।

ଏ ମହାଶୟ ହିନ୍ଦୁ ଧର୍ମ ସମ୍ବନ୍ଧେ ଯେଉଁଠାରେ ଯାହା ଶୁଣିଅଛନ୍ତି ତାହା ଉପଦେଶ ଦେଉଅଛନ୍ତି ତାତ୍ପର୍ଯ୍ୟ ଅନ୍ୱେଷଣ କରି ଏବଂ ଦେଶ କାଳପାତ୍ର ବିବେଚନା କରି ଉପଦେଶ ଦେଲାପରି ବୋଧ ହେଉନାହିଁ । ମହାଶୟଙ୍କୁ ଉଚିତ ଯେ କାଳର ପରିବର୍ତ୍ତନ ଅନୁସାରେ ଧର୍ମର ମଧ୍ୟ କିଛି ପରିବର୍ତ୍ତନ କରି ଉପଦେଶ ଦେବା ନିତାନ୍ତ ଆବଶ୍ୟକ ତାହା ନହେଲେ ''ଉତ୍ପଦ୍ୟନ୍ତେ ପ୍ରଲୀୟନ୍ତେ'' ପରି ବିଫଳ ହେବାର ସମ୍ଭାବନା । ଯେ ହେଉ ଦୁଃଖର ବିଷୟ ଏହି ଯେ ଏ ମହାଶୟଙ୍କୁ କିଞ୍ଚିତ୍ ଜ୍ୱର ଆକର୍ଷଣ କରିଥିବା ହେତୁରୁ ହିନ୍ଦୁଧର୍ମ ସମ୍ବନ୍ଧେ ବିଶେଷ କଥା ପଚାରିପାରିଲୁଁ ନାହିଁ ଶୀଘ୍ର ଲହଡ଼ାକୁ ପ୍ରସ୍ଥାନ କରିଗଲେ ।

ଗଡ଼ଜାତ ଭ୍ରମଣ ବିଷୟ ଆମ୍ଭଠାରେ କହିବା ସମୟରେ ସର୍ବାପେକ୍ଷା ଆଠ-ମଲ୍ଲିକର ରାଜାଙ୍କୁ ପ୍ରଶଂସା କରିଥିଲେ ଏବଂ ଉକ୍ତ ରାଜାଙ୍କର ବିଦ୍ୱତ୍ତା ଓ ଧାର୍ମିକତା ଓ ସୁଶାସନ ପ୍ରଭୃତି ପ୍ରଶଂସାର କାର୍ଯ୍ୟ ଦେଖି ସନ୍ତୁଷ୍ଟ ହୋଇଥିବାର ପ୍ରକାଶ ପାଇଲା ।

ଗଡ଼ଜାତ ଭ୍ରମଣ କରିବା ସମ୍ବନ୍ଧେ ଶ୍ରୀବାବୁ ଗୌରୀଶଙ୍କର ରାୟ ମୁଃକଟକଙ୍କ-ଠାରୁ ବିଶେଷ ଉତ୍ସାହ ପାଇ ପ୍ରବୃତ୍ତ ହେଲେ ଉତ୍କଳରେ ଶ୍ରୀବାବୁ ଗୌରୀଶଙ୍କର ରାୟଙ୍କର ଭଦ୍ରତା ଏବଂ ମିଷ୍ଟାଳାପ ଓ ଦେଶ ହିତୈଷିତା ଦେଖି ଆନନ୍ଦିତ ହୋଇଅଛନ୍ତି । [ ଉତ୍କଳ ଦୀପିକା (୨୧/୩୯) ତା-୨୫.୯.୧୮୮୬ ]

*ପଣ୍ଡିତ ପ୍ରସନ୍ନଚନ୍ଦ୍ର ଭଟ୍ଟାଚାର୍ଯ୍ୟ ସହ ଆଲୋଚନା

## ବ୍ରାହ୍ମମାନେ ହିନ୍ଦୁ କି ନା ?

ଧ୍ରୀୟନ୍ତେ ବିଧିନିଷେଧ ପ୍ରତିପାଦ୍ୟାନି ସ୍ୱ-ସ୍ୱଶିଷ୍ଟ ବ୍ୟବହୃତାନି ବାକ୍ୟାନି ଯତ୍ର ସ ଏବ ଧର୍ମଃ ଅର୍ଥାତ୍ ବିଧିନିଷେଧାର୍ଥଯୁକ୍ତ ଏବଂ ଆପଣା ଆପଣା ଶିଷ୍ଟମାନଙ୍କଦ୍ୱାରା ପ୍ରକାଶିତ ବାକ୍ୟମାନେ ଯେଉଁ କାର୍ଯ୍ୟରେ ବ୍ୟବହୃତ ହୁଅନ୍ତି ତାକୁ ଧର୍ମବୋଲି । ଏପରିସ୍ଥଳେ କୌଣସି ଗୋଟିଏ ଶାସ୍ତ୍ର ଆଶ୍ରୟ ନ କଲେ ଧର୍ମ ପ୍ରାପ୍ତି ହୁଏ ନାହିଁ ଅତଏବ ଖ୍ରୀଷ୍ଟୀୟମାନେ ବାଇବେଲ, ମୁସଲମାନମାନେ କୋରାନ୍, ହିନ୍ଦୁମାନେ ବେଦ ଆଶ୍ରୟ କରି ଆପଣା ଆପଣା ଧର୍ମର ପରିଚୟ ଦିଅନ୍ତି ।

ଆଧୁନିକ ବ୍ରାହ୍ମମାନେ ହିନ୍ଦୁଧର୍ମରୁ ଏକ ଅଂଶ ଓ ଖ୍ରୀଷ୍ଟଧର୍ମରୁ ଏକ ଅଂଶ ନେଇ ଗୋଟିଏ ବ୍ରାହ୍ମଧର୍ମର ପରିଚୟ ଦିଅନ୍ତି ।

ବ୍ରାହ୍ମସମାଜର ବିରଚିତ ବ୍ରାହ୍ମଧର୍ମ ପୁସ୍ତକ ଆଲୋଚନା କଲେ ପ୍ରତୀତ ହୁଏ ଯେ ସମ୍ପୂର୍ଣ୍ଣ ହିନ୍ଦୁଶାସ୍ତ୍ରର ବେଦ ରୁଚାଗୁଡ଼ିକ ଉଦ୍ଧାର କରାଯାଇଅଛି; କିନ୍ତୁ ସେହି ବେଦଗୁଡ଼ିକର ଅର୍ଥ ଏପରି କପଟ ଭାବରେ କରାଯାଇଅଛି ଯେ, ତହିଁରେ ଅଜ୍ଞଜ୍ଞମାନେ ଅନାୟାସରେ ବଞ୍ଚିତ ହୋଇପଡ଼ିବେ ।

ବ୍ରାହ୍ମଶାସ୍ତ୍ର ସମ୍ବନ୍ଧି ଏହି କପଟ ବିଷୟମାନ ତାହା କ୍ରମରେ ବିବୃତ ହେବ ।

ହିନ୍ଦୁଧର୍ମର ପ୍ରଧାନ ଗ୍ରନ୍ଥ ବେଦ । ଏହି ବେଦ ଦୁଇ ଭାଗରେ ବିଭକ୍ତ, ଯଥା– ଜ୍ଞାନକାଣ୍ଡ ଓ କର୍ମକାଣ୍ଡ; ହିନ୍ଦୁମାନେ ଜ୍ଞାନ ଓ କର୍ମ ଉଭୟ କାଣ୍ଡଦ୍ୱାରା ହିନ୍ଦୁତ୍ୱର ପରିଚୟ ଦେଉଛନ୍ତି; ହିନ୍ଦୁ ସମାଜର ସନ୍ନ୍ୟାସିମାନେ ଶେଷରେ କର୍ମକାଣ୍ଡ ତ୍ୟାଗ କରି ଜ୍ଞାନକାଣ୍ଡକୁ ଅବଲମ୍ବନ କରନ୍ତି; ତହିଁରେ ଗୃହ ହିନ୍ଦୁମାନଙ୍କର କୌଣସି ସମ୍ବନ୍ଧ ନ ଥାଏ ସୁତରାଂ ସେମାନେ ଗୃହଧର୍ମ ଓ ଯଜ୍ଞୋପବୀତାଦି ତ୍ୟାଗ କରନ୍ତି ।

ଅପର ଯେଉଁ ହିନ୍ଦୁମାନେ ଗୃହରେ ଥାଇ ବ୍ରହ୍ମଜ୍ଞାନୀ ହୁଅନ୍ତି ସେମାନେ ଜ୍ଞାନକାଣ୍ଡ ଓ କର୍ମକାଣ୍ଡ ଉଭୟକୁ ଆଶ୍ରୟ କରନ୍ତି ଯଥା; ଜନକ ରାଜା ଓ ଯାଜ୍ଞବଲ୍କ୍ୟ ପ୍ରଭୃତି ।

ଆଧୁନିକ ବ୍ରାହ୍ମମାନେ ବେଦର କେଉଁ ଶ୍ରେଣୀଭୁକ୍ତ ? ଯେବେ ସନ୍ନ୍ୟାସି ଶ୍ରେଣୀଭୁକ୍ତ ତେବେ ସନ୍ନ୍ୟାସୀ-ଧର୍ମ କାହିଁ ? ଯେବେ ଅପର ଜନକ ରାଜାଦି ଶ୍ରେଣୀଭୁକ୍ତ ତେବେ କ୍ରୀୟା କାହିଁ ? ଏପରି ସ୍ଥଳେ ବ୍ରାହ୍ମମାନେ ଯେ ହିନ୍ଦୁ, ତାହା କଦାଚ ସମ୍ଭବ ନୁହେଁ । ହିନ୍ଦୁମାନଙ୍କର ଆଦିଶାସ୍ତ୍ର ଋଗ୍‌ବେଦ, ସେହି ଋଗ୍‌ବେଦର ଭାଷ୍ୟକର୍ତ୍ତା ରମେଶ ଚନ୍ଦ୍ର ଦତ୍ତ; ଏ ମହାଶୟ ଜାତିଭେଦ ନ ଥିବାର ନାନା ପ୍ରକାର କୁଟିଳାର୍ଥ ପ୍ରକାଶ କରିଅଛନ୍ତି । ଏହି କୁଟିଳାର୍ଥକୁ ନେଇ ବ୍ରାହ୍ମମାନେ କହନ୍ତି କି ଆମ୍ଭେ ଯଜ୍ଞୋପବୀତ ତ୍ୟାଗ କରିଅଛୁଁ । ଜାତିଭେଦ ସ୍ୱୀକାର କରୁନାହିଁ ଏବଂ ବିଧବା-ବିବାହର ପକ୍ଷ ସମର୍ଥନ କରୁଁ ତଥାପି ଆମ୍ଭଙ୍କୁ କିଏ ହିନ୍ଦୁ ନ ବୋଲିବ ?

ଏଥିରେ କୁହାଯାଇପାରେଯେ, ରମେଶବାବୁ ଯେପରି ଋଗ୍‌ବେଦର ତାତ୍ପର୍ଯ୍ୟ ନଜାଣି ବିମତକୁ ଆଶ୍ରୟ କରି ଗୁଡ଼ିଏ କୁଟିଳାର୍ଥ କରିଅଛନ୍ତି; ସେହିପରି ବ୍ରାହ୍ମମାନେ ହିନ୍ଦୁଧର୍ମର ତାତ୍ପର୍ଯ୍ୟ ନଜାଣି ବ୍ରାହ୍ମଧର୍ମକୁ ହିନ୍ଦୁଧର୍ମର କଳଙ୍କ ରୂପରେ ପରିଚୟ ଦିଅନ୍ତି ।

[ ଉତ୍କଳଦୀପିକା (୨୧/୪୫) ତା । ୧୩-୧୧-୧୮୮୬ ]

## ସେବକ ୨୧ ସଂଖ୍ୟାର "ବ୍ରାହ୍ମମାନେ ହିନ୍ଦୁ କି ନା" ଏହି ବିଷୟର ପ୍ରତିବାଦର ପ୍ରତିବାଦ

ହିନ୍ଦୁ ଶବ୍ଦକୁ ଲୋକେ ନାନା ଅର୍ଥ କରନ୍ତି ଏବଂ କୋହ୍ଲ, ଭିଲ୍ଲ, ପାଣ, ହାଡ଼ି ମଧ୍ୟ ହିନ୍ଦୁ ପଦବାଚ୍ୟ ହୋଇପାରନ୍ତି । ତେବେ କୁହାଯାଇପାରେ ଯେ ହିନ୍ଦୁ ଶବ୍ଦ ଆର୍ଯ୍ୟ ଅନାର୍ଯ୍ୟ ରୂପରେ ବ୍ୟବହୃତ ହୋଇପାରେ; କିନ୍ତୁ ଯେତେବେଳେ ଧର୍ମକୁ ନେଇ ହିନ୍ଦୁ ଶବ୍ଦର ପରିଚୟ ଦିଆଯାଉଛି ତେତେବେଳେ ହିନ୍ଦୁ ଶବ୍ଦକୁ (ହିନ୍ଦୁ=ଆର୍ଯ୍ୟଜାତି ହିନ୍ଦୁ, ହିନ୍ଦୁ=ହିନ୍ଦୁ ଧର୍ମାବଲମ୍ବୀ) ଏପରି ଦୁଇ ଅର୍ଥରେ ବିଭକ୍ତ କରିବା ଅଧିକ କି ? ଆର୍ଯ୍ୟଜାତି କି ହିନ୍ଦୁଧର୍ମାବଲମ୍ବୀ ନୁହନ୍ତି ? ଯେଉଁ ଆର୍ଯ୍ୟଜାତି ହିନ୍ଦୁଧର୍ମାବଲମ୍ବୀ ନୁହନ୍ତି ସେହି ଆର୍ଯ୍ୟ ଜାତି ହିନ୍ଦୁ ନୁହନ୍ତି, ଏପରି ସ୍ଥଳେ ବ୍ରାହ୍ମମାନେ ଆର୍ଯ୍ୟଜାତି ସମ୍ଭୂତ ହେବାରୁ ହିନ୍ଦୁ, ତାହା ସୁସଙ୍ଗତ ନୁହେଁ ।

ଆଂଶିକ ହିନ୍ଦୁ ବା ଆଂଶିକ ଖ୍ରୀଷ୍ଟାନ ବୋଲିବାର ତାତ୍ପର୍ଯ୍ୟ କି ? କେହି ଧର୍ମରୁ ଅଂଶ ନେଇ ଧାର୍ମିକ ହୋଇପାରନ୍ତି ନାହିଁ କାରଣ "ଧର୍ମସ୍ୟ ସୂକ୍ଷ୍ମା ଗତିଃ" ଅତଏବ ଆଂଶିକ ହିନ୍ଦୁ କୌଣସି ସଙ୍ଗତ ଅର୍ଥର ପ୍ରତିପାଦକ ହେଉନାହିଁ ।

ନାସ୍ତିକମାନେ ଯେ ଆପଣାକୁ ହିନ୍ଦୁ ବୋଲି ପରିଚୟ ଦେଇଅଛନ୍ତି ତାହା ଆଧୁନିକ ବ୍ରାହ୍ମମାନେ ଆପଣା ଆପଣାକୁ ହିନ୍ଦୁ ବୋଲି ପରିଚୟ ଦେଉଥିବା ପରି ବୋଇଲେ ଅସଙ୍ଗତ କି ?

"ବ୍ରାହ୍ମଧର୍ମ ଅତିଶୟ ଉଦାର" – "ଉଦାରଂ ଦାତୃ ମହତୋଃ" କେଉଁ ଅଂଶରେ ଉଦାର ? ହିନ୍ଦୁଧର୍ମରୁ ଏକ ଅଂଶ ନେଇ, କିବା ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟ, ମହମ୍ମଦ ଧର୍ମରୁ ଏକ ଏକ ଅଂଶ ନେଇ ଚାରିପାଦରେ ଉଦାର ? ଏଥିରୁ ଜଣାଯିବ ଯେ ଉପଧର୍ମ ଶାଖା କି ବ୍ରାହ୍ମଧର୍ମ ଶାଖା ।

[ ଉତ୍କଳଦୀପିକା (୨୧/୪୯) ତା–୧୧-୧୨-୧୮୮୬ ]

## ଉତ୍କଳଦୀପିକା ୪୮ ସଂଖ୍ୟା ୩୮୨ ପୃଷ୍ଠା ଲିଖିତ ଧର୍ମ ସମ୍ବନ୍ଧୀୟ ଉତ୍ତର

ଧର୍ମ ଶବ୍ଦ ବ୍ୟୁତ୍ପତ୍ତି ବିରୁଦ୍ଧରେ ଲେଖକ ଯାହା ଅର୍ଥ କରିଅଛନ୍ତି, ତହିଁରୁ ବୋଧ ହେଉଅଛି ସେହି ଅର୍ଥର କେବଳତ । ଜ୍ଞାନ କରି କିଛି ଲେଖିବାକୁ ମନ ବଳାଇଅଛନ୍ତି ।

ଯେତେବେଳେ ଶାସ୍ତ୍ର ବୋଲି କୁହାଯାଇଅଛି ତେତେବେଳେ ଶାସ୍ତ୍ର ଶବ୍ଦର ଲକ୍ଷଣାନୁଯାୟୀ ଯୁକ୍ତି, ତର୍କ, ଭ୍ରମ, ସତ୍ୟ, ପ୍ରମାଣ ପ୍ରଭୃତି ସକଳ କଥା କୁହାଯାଇଅଛି, ସୁତରାଂ ତାହା ଅତିରିକ୍ତ କହିବାର ଗୌରବ ବୋଲି ମନେହୁଏ, ତଥାଚ ଲେଖକ ମହାଶୟ ଯାହା ଭ୍ରମରେ କହିଅଛନ୍ତି ତାହା ଆମ୍ଭେ ଅଯଥାର୍ଥ ବୋଲି ମନେ କରୁ ନାହୁଁ ।

ସ୍ଥଳରେ ଜଣାଯାଏ ଯେ ହିନ୍ଦୁଧର୍ମରେ କେତେକ ସତ୍ୟ ଓ କେତେକ ଭ୍ରମ ଅଛି ବୋଲି ଲେଖକଙ୍କର ଅଭିପ୍ରାୟ; ତେବେ ହେଲା କି ? ବ୍ରାହ୍ମଧର୍ମ ଭ୍ରାନ୍ତ ? କି ହିନ୍ଦୁଧର୍ମ ଭ୍ରାନ୍ତ ? ଲେଖକଙ୍କୁ ଏହାର ମୀମାଂସା କରା ଉଚିତ ।

[ ଉତ୍କଳଦୀପିକା (୨୧/୫୦) ତା ।୧୮-୧୨-୧୮୮୬ ]

## ଉତ୍କଳଦୀପିକା ୪୯ ସଂଖ୍ୟା ୩୯୧ ପୃଷ୍ଠା ୧ମ ସ୍ତମ୍ଭର ଉତ୍ତର

"ସକଳ ହିନ୍ଦୁ ଯେ ବେଦ ଆଶ୍ରୟ କରି ଅଛନ୍ତି, ବେଦ ଉକ୍ତି ଅଭ୍ରାନ୍ତ ଓ ମୁକ୍ତିର ଏକମାତ୍ର ଉପାୟ ଜ୍ଞାନ କରନ୍ତି, ଏହା ଠିକ୍ ନୁହେଁ, ହିନ୍ଦୁ ଗୃହରେ ଅନେକ ଶାସ୍ତ୍ର, ଅନେକ ସଂପ୍ରଦାୟ ପୁଣି ଏକ ଆରେକର ବିରୋଧୀ; ଏହାର ଦୃଷ୍ଟାନ୍ତ ମୁଣ୍ଡକୋପନିଷଦରେ ବେଦ ଅଶ୍ରେଷ୍ଠ ।"

ଏହି ଭ୍ରମ ସମ୍ବନ୍ଧେ ଆମ୍ଭେ ପୂର୍ବେ ପ୍ରସ୍ତାବମାନଙ୍କରେ କହିଅଛୁଁ ଯେ ବ୍ରାହ୍ମମାନେ ହିନ୍ଦୁଶାସ୍ତ୍ରର ତାତ୍ପର୍ଯ୍ୟକୁ ଜାଣି ହିନ୍ଦୁଶାସ୍ତ୍ରରୁ କେତେକ ବାକ୍ୟ ବାଛିନେଇ ଅଜ୍ଞ ଲୋକମାନଙ୍କୁ ବଞ୍ଚିତ କରୁଅଛନ୍ତି ତାହା ଏହି ସ୍ଥଳରେ ଠିକ୍ ପ୍ରମାଣିତ ହୁଏ ।

ମୁଣ୍ଡକୋପନିଷଦରେ ଯାହା ଋଗ୍‌ବେଦାଦିକି ଅପରାବିଦ୍ୟା, ଅଶ୍ରେଷ୍ଠ ବିଦ୍ୟା ବୋଲି ଲେଖକ ମହାଶୟ କହିଅଛନ୍ତି ତାହାର ସେପରି ତାତ୍ପର୍ଯ୍ୟ ନୁହେଁ । ଏହାର ଶଙ୍କରଭାଷ୍ୟ ଓ ଆନନ୍ଦ ଟୀକାର ଏକଠାରୁ ପାଞ୍ଚ ଶ୍ଳୋକ ପର୍ଯ୍ୟନ୍ତ ଦେଖିଲେ ଅନାୟାସରେ ଆଶଙ୍କା ରହିତ ହେବ । ବାହୁଲ୍ୟ ଭୟରୁ ଉକ୍ତ ଟୀକାମାନ ବ୍ୟାଖ୍ୟା

କରିପାରିଲୁ ନାହିଁ ତଥାଚ କିଛି ସାର ସଂକଳିତ କରି କହୁଅଛୁଁ ।

ଋଗ୍‌ବେଦାଦି ଅପରା ଅର୍ଥାତ୍ ସକର୍ମିକା, ଗୃହପ୍ରତିଷ୍ଠା ବେଦ୍ୟ ବିଷୟ ବିଜ୍ଞାନ କଳିକା; ବ୍ରହ୍ମବିଦ୍ୟା ପରା ଅର୍ଥାତ୍ ନିଷ୍କର୍ମିକା ସନ୍ନ୍ୟାସନିଷ୍ଠା ବେଦ୍ୟାକ୍ଷରବିୟବିଜ୍ଞାନ-ରୂପା ନତୁ ଶ୍ରେଷ୍ଠାଶ୍ରେଷ୍ଠା, ଯେ ହେଉ ଏହି ହେତୁରୁ ଆମ୍ଭେମାନେ ସର୍ବଦା ବ୍ରାହ୍ମମାନଙ୍କୁ ଦୋଷୀ ସାବ୍ୟସ୍ତ କରୁଅଛୁଁ ଯେ ବିନା ସନ୍ନ୍ୟାସ ବୈରାଗ୍ୟରେ ପରାବିଦ୍ୟା (ବ୍ରହ୍ମବିଦ୍ୟା) ପ୍ରାପ୍ତ ହୁଏ ନାହିଁ ।

ବ୍ରାହ୍ମମାନେ ମଧୁକରପରି ସାର ସାର ସତ୍ୟ ଗ୍ରହଣ କରୁଥିବା କଦାଚ ଯଥାର୍ଥ ନୁହେଁ; ଏହି ସାରକୁ ଅସାର ବୋଲି ହିନ୍ଦୁମାନଙ୍କର ଆପତ୍ତି; ଏହାକ୍ରମେ ଅବଶ୍ୟ ନିବୃତ୍ତ ହେବ ।

ତେବେ ପ୍ରକୃତରେ ବ୍ରାହ୍ମମାନେ ହିନ୍ଦୁ କି ନା ଏହାର ଇଦାନୀଂତନୀ ମୀମାଂସା ।

ହିନ୍ଦୁମାନଙ୍କର ସାରଗ୍ରହିତା ବିଶେଷ ବିବୃତକରା ଆବଶ୍ୟକ ରଖୁନାହିଁ । ଏ ବିଷୟରେ ଯବନକୃତ ଗଙ୍ଗାଷ୍ଟକ ଦୃଷ୍ଟାନ୍ତ ରୂପେ ରହିଅଛି ।

ଆଧୁନିକ ହିନ୍ଦୁମାନେ କି ? ପୂର୍ବ ହିନ୍ଦୁମାନଙ୍କ ପରି ଗଙ୍ଗାଷ୍ଟକ ଗ୍ରହଣ କରୁ ନାହାନ୍ତି ଯେ ଲେଖକ ସେମାନଙ୍କୁ ସଂକୀର୍ଣ୍ଣ ଓ ଅନୁଦାର ବୋଲି ଜ୍ଞାନ କଲେ, ବର୍ତ୍ତମାନ ମଧ କି ସାର ଗ୍ରହଣ କରୁନାହାନ୍ତି ଦେଖ କେଶବ ଚନ୍ଦ୍ର ସେନ ପ୍ରଣୀତ ମାତୃସ୍ତୋତ୍ରକୁ ପାଚିଲା ହିନ୍ଦୁ ଶ୍ରୀରାମ ଭଦ୍ର ଦେଓ ନିନା ସାହେବ ଲକ୍ଷ୍ମୀସ୍ତୋତ୍ର ସହିତ ଛାପିତ କରି ପ୍ରଚାରିତ କରିଅଛନ୍ତି ଯେହେଉ ଟିକେ ବିବେଚନା କରି ମନ୍ତବ୍ୟ ପ୍ରକାଶ କଲେ ଭଲ ହେବ ।

ବର୍ତ୍ତମାନ ଏହି ଶୀତରତୁରେ ଆମ୍ଭଙ୍କୁ ଦୁଇ ମାସ ଅବକାଶ ନ ଥିବାରୁ କୌଣସି ପ୍ରତିବାଦ କରିପାରିବୁଁ ନାହିଁ ପରେ ଉତ୍ତରର ପ୍ରତ୍ୟୁତ୍ତର ବା ପ୍ରତିବାଦରେ ତ୍ରୁଟି ହେବ ନାହିଁ । କ୍ରମଶଃ... [ ଉତ୍କଳଦୀପିକା (୨୨/୧) ତା ।୧-୧-୧୮୮୭ ]

## ଉତ୍କଳଦୀପିକା ସଂ୫୧ଖ୍ୟା ପୃ.୪୦୬ଷ୍ଠାର ପ୍ରଥମ ସ୍ତମ୍ଭ ସମ୍ବନ୍ଧେ

''ବ୍ରାହ୍ମଧର୍ମ ପୁସ୍ତକ ବ୍ରାହ୍ମସମାଜର ସକଳ ବ୍ରାହ୍ମକର୍ତ୍ତୃକ ବିରଚିତ ହୋଇ ନାହିଁ, କେବଳ ଆଚାର୍ଯ୍ୟ ମହର୍ଷି ଦେବେନ୍ଦ୍ର ନାଥ ଠାକୁରଙ୍କ କର୍ତ୍ତୃକ ବିରଚିତ ହୋଇଅଛି । ଅତଏବ ତନ୍ନିମିତ୍ତ ସମସ୍ତ ବ୍ରାହ୍ମସମାଜ ଦାୟୀ ନୁହନ୍ତି ଇତ୍ୟାଦି''

ଆଚାର୍ଯ୍ୟ ବା ମହର୍ଷି-ପ୍ରକାଶିତ ପୁସ୍ତକକୁ ଅବଲମ୍ବନ କରି ଯେତେବେଳେ ମାଜ ଗଠିତ ହୋଇ ଅନୁମୋଦନ କରାଯାଇଅଛି, ତେତେବେଳେ ''ସମସ୍ତେ ଦାୟୀ ନୁହନ୍ତି'' ଏକଥା କେତେଦୂର ସୁସଙ୍ଗତ ତାହା ଆମ୍ଭେମାନେ ସ୍ପଷ୍ଟ ବୁଝିପାରୁ ନାହୁଁ ।

ବ୍ରାହ୍ମଧର୍ମ ପୁସ୍ତକରେ ଯେଉଁ ଯେଉଁ କପଟଭାବ ପ୍ରକାଶିତ ହୋଇଅଛି, ତାହା ଆମ୍ଭେ ସ୍ପଷ୍ଟରୂପେ ଦର୍ଶାଇବାକୁ ଯେତେ ଅଗ୍ରସର ହୋଇଅଛୁଁ ତେବେ ଶତ ହିନ୍ଦୁଙ୍କଦ୍ୱାରା ସମ୍ମାନିତ ବୋଲି ପ୍ରକୃତପକ୍ଷେ ଡରିବୁଁ କାହିଁକି ?

ହିନ୍ଦୁମାନଙ୍କର କେହି ଅସମ୍ମାନିତ ନୁହନ୍ତି । ନାନା ଭାବରେ ସକଳ ଶ୍ରେଣୀର ଲୋକମାନେ ହିନ୍ଦୁମାନଙ୍କଦ୍ୱାରା ସମ୍ମାନିତ ହେଉଅଛନ୍ତି । ଏଣୁକରି ଏହା ଦୃଢ଼ତର ପ୍ରମାଣ ବୋଲି ଚିନ୍ତିତ ହେବାର କେତେଦୂର ଆବଶ୍ୟକ ବୋଧ କରୁ ନାହୁଁ ।

ବ୍ରାହ୍ମଧର୍ମ ପୁସ୍ତକରେ ଯେ ଭ୍ରମ ଅଛି ତାହା ଆମ୍ଭର ଧର୍ତ୍ତବ୍ୟ ନୁହେଁ କେବଳ ଯେଉଁ ସ୍ଥଳରେ କପଟ ଅଛି ତାହାର ପ୍ରକଟ କରାଯିବ କିନ୍ତୁ ଆମ୍ଭେ ବଡ଼ ଦୁଃଖିତ ହେଲୁଁ ଯେ ଏହି ସମୟରେ ଆମ୍ଭର ନାନାପ୍ରକାର କାର୍ଯ୍ୟବଶତଃ ଭ୍ରମଣ କରିବାକୁ ହେଉଅଛି ଅତଏବ କପଟଭାବଗୁଡ଼ିକ ପ୍ରକାଶ କରିପାରୁଁ ନାହୁଁ ଯେ ହେଉ ବର୍ତ୍ତମାନ ୨ ମାସ ପାଇଁ ଅବସର ପ୍ରାର୍ଥନା କରୁଁ । କ୍ରମଶଃ...

୨-୧-୧୮୮୭ ଶ୍ରୀ—ବାମଣ୍ଡା

[ ଉତ୍କଳଦୀପିକା (୨୨/୩) ତା ।୧୪-୧-୧୮୮୭ ]

## ଉତ୍କଳଦୀପିକା ତା - ୮-୧-୧୮୮୭ ମସିହାର ଶ୍ରୀବାବୁ ଲଳିତ ମୋହନ ଚକ୍ରବର୍ତ୍ତିଙ୍କ ପ୍ରସ୍ତାବ ସମ୍ବନ୍ଧେ

"ସତ୍ୟଂ ଶାସ୍ତ୍ର ମନଶ୍ୱରଂ" ଏହା କେବଳ ବ୍ରାହ୍ମମାନେ କହନ୍ତି ତାହା ନୁହେଁ, ହିନ୍ଦୁମାନେ ମଧ୍ୟ କହନ୍ତି । ବୋଧହୁଏ ହିନ୍ଦୁମାନେ କହନ୍ତି ବୋଲି ବ୍ରାହ୍ମମାନେ ଉଠାଇ ନେଇ ଆପଣାର ଧର୍ମର ପରିଚୟ ଦେଇଅଛନ୍ତି, କିନ୍ତୁ ତାହାର ସେପରି ଅର୍ଥ ନୁହେଁ । ହିନ୍ଦୁମାନେ ଯେତେବେଳେ ପୂର୍ଣ୍ଣଜ୍ଞାନୀ ହୋଇ ଗୃହଧର୍ମ ତ୍ୟାଗପୂର୍ବକ ସନ୍ନ୍ୟାସ ଧର୍ମ ଅବଲମ୍ବନ କରି ବ୍ରହ୍ମଭାବନାରେ ଥାଆନ୍ତି, ତେତେବେଳେ ସେମାନେ ଏପରି ଅଳଙ୍କାରପୂର୍ଣ୍ଣ ବାକ୍ୟମାନଙ୍କୁ ପ୍ରୟୋଗ କରନ୍ତି । ହିନ୍ଦୁ ଶାସ୍ତ୍ରର ମଧ୍ୟ ସେହିପରି ଅନେକାନେକ ବାକ୍ୟ ଦେଖାଯାଏ । ଏହା ବୋଲି ବିଷୟିମାନଙ୍କର ଏଭଳି ଧର୍ମର ପରିଚୟ ଦେବା କେବଳ ଉପହାସ୍ୟ ମାତ୍ର ।

"ହିନ୍ଦୁଧର୍ମର ପ୍ରଧାନ ଗ୍ରନ୍ଥ ବେଦ, ସର୍ବବାଦୀସମ୍ମତ ନୁହେଁ" ଏ ସମ୍ବନ୍ଧେ ଲେଖକ ଯାହା ବ୍ରହ୍ମବୈବର୍ତ୍ତ ପ୍ରଭୃତି କେତେକ ପୌରାଣିକ ଗ୍ରନ୍ଥର ପ୍ରଶଂସାବାଚକ କେତେଗୋଟି ଶ୍ଲୋକ ଉଦ୍ଧୃତ କରିଅଛନ୍ତି, ଏଥିରେ ବକ୍ତବ୍ୟ ଯେ ଲେଖକ ହିନ୍ଦୁ ଶାସ୍ତ୍ରର

[— ଲେଖକ ଯାହା ସତ୍ୟକୁ ଶାସ୍ତ୍ର ବୋଲି କହନ୍ତି ତାହାଙ୍କର ନିତାନ୍ତ ଭ୍ରମ କାରଣ ସେ ଆଜିଯାଏ ଶାସ୍ତ୍ର ଏବଂ ସତ୍ୟର ମର୍ମ ବୁଝିନାହାନ୍ତି ।] — ଉ. ଦୀପିକା (୨୨/୧୧) ତା୧୨-୩-୧୮୮୭

ମର୍ମ ବା ତାତ୍ପର୍ଯ୍ୟ ଆଦୌ ବୁଝିନାହାନ୍ତି କାରଣ ହିନ୍ଦୁ ଶାସ୍ତ୍ରର ବାକ୍ୟମାନେ ଯେଉଁ ଭଙ୍ଗୀରେ ଓ ଯେପରି ତାତ୍ପର୍ଯ୍ୟରେ କଥିତ ହୋଇ ଅଛନ୍ତି, ତତ୍ସମ୍ବନ୍ଧେ ବୈଦିକ ୩ୟ ପ୍ରସ୍ତାବରେ ପ୍ରକାଶ ହୋଇଅଛି ବୋଧହୁଏ ଲେଖକ ତାହା ଅବଶ୍ୟ ଦେଖିଥିବେ ତଥାପି ଅତାତ୍ପର୍ଯ୍ୟକ କଥା କହିବାର କୌଣସି ସୁବିଚାର ବୋଧ ହେଉ ନାହିଁ ।

ପ୍ରଥମରେ ଲେଖକଙ୍କୁ ଉଚିତ ଯେ ଗ୍ରନ୍ଥଗତ ବାକ୍ୟମାନେ ପ୍ରଶଂସାପର କି ନିନ୍ଦାପର କି ଲୌକିକପର ଅବା ଉପଦେଶପର କିମ୍ବା ଲୋଭମୂଳକ ବା ଦମ୍ଭମୂଳକ ଅଥବା ଅର୍ଥମୂଳକ ଇତ୍ୟାଦି ନାନାପ୍ରକାର ହିନ୍ଦୁଶାସ୍ତ୍ରାନ୍ତର୍ଗତ ତାତ୍ପର୍ଯ୍ୟ ଜାଣିବାର ଆବଶ୍ୟକ, ତାହା ନଜାଣି ଯାବଦିଚ୍ଛା ଗୁଡ଼ିଏ ହିନ୍ଦୁଶାସ୍ତ୍ରରୁ ଉଦ୍ଧାର କରିଦେଲେ ଯେ ପ୍ରତିବାଦ ଅସଲ ହେଲା ତାହା କଦାଚ ନୁହେଁ ଯଦ୍ୟପି ଲେଖକଙ୍କର ପ୍ରତିବାଦ କରିବାର ଇଚ୍ଛାଥାଏ, ତେବେ ହିନ୍ଦୁଶାସ୍ତ୍ରର ମର୍ମ ବୁଝି କହନ୍ତୁ ।

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ଓ ଉତ୍ସାହର ସହିତ କହୁଅଛୁଁ ଯେ ବୀର ନରସିଂହପୁରର ଏକଜଣ ଲେଖକ ଆମ୍ଭ ପ୍ରତିବାଦର ସହାନୁଭୂତି କରି ଆମ୍ଭ ମତରେ ଯୋଗଦେଇଅଛନ୍ତି । ଏହା ଅତୀବ ଉପକୃତର ବିଷୟ । ଭରସା କରୁଁ ଉତ୍କଳର ହିନ୍ଦୁ ମହାତ୍ମାମାନେ ଏହିପରି ପରସ୍ପରରେ ଯୋଗ ଦେଲେ ହିନ୍ଦୁ ସନ୍ତାନମାନେ ବିଧର୍ମି ହୋଇ କଦାଚ ପିତାମାତା ଓ ବନ୍ଧୁବର୍ଗଙ୍କର ଅପାତ୍ର ହେବେ ନାହିଁ ।

## ବ୍ରାହ୍ମଧର୍ମର କୁଟିଳତା

(କାଳୀକିଙ୍କର ଚକ୍ରବର୍ତ୍ତୀ କର୍ତ୍ତୃକ ପ୍ରକାଶିତ)

ଏହି ବ୍ରାହ୍ମଧର୍ମ ପୁସ୍ତକରେ ଯେତେ ବେଦରୁଚାଗୁଡ଼ିକ ଉଦ୍ଧୃତ ହୋଇଅଛି, ତାହା ଉପନିଷଦ୍‌ରୁ ବଛାହୋଇ ଯହିଁରେ କି ଲୋକମାନେ ବଞ୍ଚିତ ହେବେ, ସେହିପରି ଉଦ୍ଧୃତ କରାଯାଇଅଛି, କିନ୍ତୁ ଏହି ରୁଚାମାନଙ୍କର ତାତ୍ପର୍ଯ୍ୟାର୍ଥ ତ୍ୟାଗ କରାଯାଇଛି ।

ତେବେ ହିନ୍ଦୁଶାସ୍ତ୍ରର ମର୍ମ ନଜାଣି ଏପରି ଗୁଡ଼ିଏ ହିନ୍ଦୁଶାସ୍ତ୍ରକୁ ଆଦର୍ଶ କରି କପଟାର୍ଥ କରିବାର ପ୍ରୟୋଜନ କ'ଣ ?

ଯେବେ ବ୍ରାହ୍ମଧର୍ମ କରି ଗୋଟିଏ ଅଧିକା ଧର୍ମ ବ୍ୟାଖ୍ୟା କରିବାର ଇଚ୍ଛା ଥିଲା, ତେବେ ହିନ୍ଦୁଶାସ୍ତ୍ରକୁ ଆଦର୍ଶ କରିବାର ଆବଶ୍ୟକ ନ ଥିଲା ।

ଏପରି ପୁସ୍ତକ ମଧ୍ୟରେ ଯେ ଯେ ସ୍ଥଳେ କୁଟିଳାର୍ଥ ଅଛି ତାହା ନିମ୍ନେ ପ୍ରକାଶ କରାଗଲା :

**୧ମ ପୃ ୧୭୫ ଶ୍ଳୋ** ଯଥା – "ଶାନ୍ତୋ ଦାନ୍ତ ଉପରତି ସ୍ତିତିକ୍ଷୁ/ସମାନ ତୋ/ ଭୂତ୍ୱା ଆତ୍ମନେ ବାତ୍ମତିଂ/ପଶ୍ୟତି ।"

**ଟୀକା** – "ଶାନ୍ତଃ ଇନ୍ଦ୍ରିୟ ଲୌଲ୍ୟାତ୍ ଉପଶାନ୍ତଃ କାନ୍ତଃ ଯୁକ୍ତମନା ଉପରତଃ

ବିନିର୍ମୁକ୍ତ'' ।

— ଏପରି ଅର୍ଥ କାହିଁକି କରାଗଲା ଏହା କି ହିନ୍ଦୁ ଶାସ୍ତ୍ରାନ୍ତର୍ଗତ ଅର୍ଥ ?

ବୋଧହୁଏ ହିନ୍ଦୁଶାସ୍ତ୍ରାର୍ଥ ତାଙ୍କର ମତର ଉପଯୋଗୀ ନ ହେବାରୁ ଏପରି କୁଟିଳାର୍ଥ କରିଅଛନ୍ତି ।

ହିନ୍ଦୁଶାସ୍ତ୍ରରେ ଏପରି ଅର୍ଥ ହୁଏ ଯଥା, ଅପରୋକ୍ଷାନୁଭୂତିରେ ।

ସଦୈବ ବାସନା ତ୍ୟାଗ ଶମୋଽୟମିତି ଶବ୍ଦିତଃ ।

ନିଗ୍ରହୋ ବାହ୍ୟବୃତ୍ତୀନାଂ ଦମ ଇତ୍ୟଭିଧୀୟତେ ବିଷୟେଭ୍ୟଃ ପରାବୃତ୍ତିଃ ପରମୋପରତିର୍ହିସା । ସହଙ୍ଗ ସର୍ବଦୁଃଖାନାଂ ତିତିକ୍ଷା ସା ଶୁଭାମତା ।

ଅର୍ଥ — ଶମ ଅନ୍ତରେନ୍ଦ୍ରିୟ ନିଗ୍ରହ ।
ଦମ ବାହ୍ୟେନ୍ଦ୍ରିୟ ନିଗ୍ରହ ।
ଉପରତି ବିଷୟ ନିବୃତ୍ତି ।

**୨ୟ ପୃ ୧୮୨ ଷ୍ଠା,** ଯଥା — ''ଯାନ୍ୟନବଦ୍ୟାନି କର୍ମାଣି ତାନି ସେବିତାନି ନୋ ଇତରାଣି ।''

ଟୀକା — ''ଯାନି ଅନବଦ୍ୟାନି ଅନିନ୍ଦିତା ନି କର୍ମାଣି ତାନି ସେବିତାନି ।''

— ଏହାର ଭାଷ୍ୟ ବ୍ରାହ୍ମମତେ —

''କଲ୍ୟାଣ କର ଯେ ସକଳି କର୍ମ ତାହାର ଅନୁଷ୍ଠାନ କରିବ ।''

ଏଥିରେ ସ୍ୱେଚ୍ଛାଚାରିତାକୁ ପ୍ରତି ଅନୁପଯୋଗିତା ଘଟିବାରୁ ଅନିନ୍ଦିତକୁ କଲ୍ୟାଣ-କର ଅର୍ଥ କରିଅଛନ୍ତି, ଏହା କି କପଟାର୍ଥ ନୁହେଁ ?

**୩ୟ ପୃ ୨୦୨ ଷ୍ଠା,** ଯଥା —''ବ୍ରହ୍ମନିଷ୍ଠୋ ଗୃହସ୍ଥଃ ସ୍ୟାତ୍ ତତ୍ତ୍ୱଜ୍ଞାନପରାୟଣଃ ଯଦ୍ ଯତ୍କର୍ମ ପ୍ରକୁର୍ବୀତ୍ ତଦ୍‌ବ୍ରହ୍ମଣି ସମର୍ପୟେତ୍ ।''

— ଏତତ୍ସମ୍ବନ୍ଧେ ବ୍ୟାଖ୍ୟା ବ୍ରାହ୍ମ ମତେ —

ମାତା, ପିତା, ଭ୍ରାତା, ଭଗିନୀ, ସ୍ତ୍ରୀ, ପୁତ୍ର, ପ୍ରଭୃତି ପରିବାରବର୍ଗ ସହିତ ସମ୍ବନ୍ଧ ପରିତ୍ୟାଗ କରି ସନ୍ନ୍ୟାସୀ ହେବ ନାହିଁ ଇତ୍ୟାଦି ।''

ଏ ଅର୍ଥ କାହୁଁ ଆସିଲା ? ସନ୍ନ୍ୟାସୀ ନହେବାର କି ଏହି ଶ୍ଳୋକର ତାତ୍ପର୍ଯ୍ୟାର୍ଥ ଅଟେ ?

ଏହାରି ଅର୍ଥର ଅନୁକରଣରେ ଭଗବଦ୍ଗୀତାରେ ଉକ୍ତ ଅଛି ଯଥା,

ଯତ୍କରୋଷି ଯଦଶ୍ନାସି ଯଦ୍ ଜୁହୋଷି ଦଦାସି ଯତ୍ ଯତ୍‌ପଶ୍ୟସି କୌନ୍ତେୟ ! ତତ୍କୁରୁଷ୍ୱ ମଦର୍ପଣଂ । ୬/୩/୮୭ [ଉ.ଦୀପିକା (୨୨/୧୨) ୧୯-୭-୧୮୮୭]

'ବ୍ରାହ୍ମଧର୍ମ' ପୁସ୍ତକାନ୍ତର୍ଗତ ପୃ ୧୮୧ ଷ୍ଠା ଯଥା —

''ମାତୃଦେବୋ ଭବ, ପିତୃଦେବୋ ଭବ, ଆଚାର୍ଯ୍ୟଦେବୋ ଭବ'' । ଏହି ରଚାରୁ ଅର୍ଦ୍ଧେକ ନେଇ ଅର୍ଦ୍ଧେକ ଛାଡ଼ିଦିଅନ୍ତି କି ଯହିଁରେ ଲୋକମାନେ ବଞ୍ଚିତ ହେବେ ।

ଏହି ଶ୍ରୁତି ତୈତ୍ତରୀୟ ଉପନିଷଦ୍‌ରେ ପୂର୍ଣ୍ଣରୂପରେ ଉକ୍ତ ଅଛି, ଯଥା;

"ଦେବ ପିତୃକାର୍ଯ୍ୟାଭ୍ୟାଂ ନ ପ୍ରମଦିତବ୍ୟଂ, ମାତୃଦେବୋ ଭବ, ପିତୃଦେବୋ ଭବ, ଆଚାର୍ଯ୍ୟଦେବୋ ଭବ, ଅତିଥିଦେବୋ ଭବ" ।

ଅର୍ଥ – ଦେବାର୍ଚ୍ଚନାଦି ଦେବକାର୍ଯ୍ୟ ଓ ତର୍ପଣ ଶ୍ରାଦ୍ଧାଦି ପୈତୃକ କାର୍ଯ୍ୟରେ ସାବଧାନ ଥାଅ; ଦେବ ପୈତ୍ରକାର୍ଯ୍ୟରେ ଅନାଦର କରିବ ନାହିଁ; ମାତା, ପିତା, ଆଚାର୍ଯ୍ୟ ଅତିଥି ଏହାଙ୍କୁ ଦେବତା ତୁଲ୍ୟ ଜ୍ଞାନକରି ସର୍ବଦା ତାହାଙ୍କର ସେବା କରିବ ।

ଏହି ରୂଚାରେ ଦେବକାର୍ଯ୍ୟ ଓ ପିତୃକାର୍ଯ୍ୟ ଏହାଙ୍କୁ ତ୍ୟକ୍ତ କରି କପଟାର୍ଥ କରିଅଛନ୍ତି ।

ବ୍ରାହ୍ମଧର୍ମ ପୁସ୍ତକାନ୍ତର୍ଗତ ସେହି ପୃ ୧୮୧ ଷ୍ଠାରେ । ଯଥା– "ଶ୍ରଦ୍ଧୟା ଦେୟଂ; ଅଶ୍ରଦ୍ଧୟା ଅଦେୟଂ; ଶ୍ରିୟା ଦେୟଂ; ହ୍ରୀୟାଦେୟଂ; ଭିୟା ଦେୟଂ; ସଂବିଦା ଦେୟଂ" ।

ଅର୍ଥ – ଶ୍ରଦ୍ଧାରେ ଦେବ; ଅଶ୍ରଦ୍ଧାରେ ଦେବନାହିଁ; ଆପଣା ସମ୍ପତ୍ତି ଅନୁଯାୟୀ ଦେବ; ଲଜ୍ଜା ଓ ଭୟକାର୍ଯ୍ୟ ଉପସ୍ଥିତ ହେଲେ ଦେବ; ଏବଂ ମିତ୍ରାଦିର କାର୍ଯ୍ୟ ସାଧନାର୍ଥ ଦାନ କରିବ ।

ଏଥିରେ ଆମ୍ଭମାନଙ୍କର ବକ୍ତବ୍ୟ ଏହି ଯେ ହିନ୍ଦୁଶାସ୍ତ୍ରକୁ ଆଦର୍ଶ କରି ତଦୀୟ ତାତ୍ପର୍ଯ୍ୟ ପରିତ୍ୟାଗପୂର୍ବକ ଆପଣା ମତକୁ ହିନ୍ଦୁଶାସ୍ତ୍ରାନ୍ତର୍ଗତ କରି ହିନ୍ଦୁ ସନ୍ତାନମାନଙ୍କୁ ବଞ୍ଚିତ କରିବା କଦାଚ ମଙ୍ଗଳକର ନୁହେଁ । [ଉ.ଦି. (୨୨/୧୩) ତା୨୬-୩-୧୮୮୭]

## ଲଳିତ ମୋହନ ଚକ୍ରବର୍ତ୍ତୀଙ୍କ ସମାଲୋଚନାର ଉତ୍ତର

ଶ୍ରୀ ବାବୁ ଲଳିତ ମୋହନ ଚକ୍ରବର୍ତ୍ତୀଙ୍କ ସମାଲୋଚନା ଦେଖିଲେ ଅବାକ୍ ହେବାକୁ ହୁଏ, ଉକ୍ତ ମହାଶୟ ପ୍ରବନ୍ଧ ମଧ୍ୟରେ ଯାହା ଦେଖନ୍ତି, ତହିଁରେ କଥାଏ ନ କହିଲେ ତାଙ୍କର ମନଃ ଶାନ୍ତି ହୁଏ ନାହିଁ । ବର୍ତ୍ତମାନ ଉତ୍କଳଦୀପିକା ୧୪ ସଂଖ୍ୟାର ଅତିରିକ୍ତରେ "ଆଶ୍ରୟ ଓ ଅବଲମ୍ବନ" ଶବ୍ଦଦ୍ୱୟକୁ ନେଇ ଯେଉଁ ଲଣ୍ଡଭଣ୍ଡ ହୋଇଅଛନ୍ତି ତାହା ଅତୀବ ହାସ୍ୟାସ୍ପଦର କାର୍ଯ୍ୟ ହୋଇଅଛି । ସେ ଯେବେ ଡିକ୍ସନାରୀ ଦେଖିଥାନ୍ତେ, ତେବେ ଆଶ୍ରୟ ଓ ଅବଲମ୍ବନର ଯୋଡ଼ିଏ ଅର୍ଥ କରି, ଲଜ୍ଜାରେ ପଡ଼ି ନ ଥାନ୍ତେ; ଯେ ହେଉ "ଅକରଣା ନ୍ମନ୍ଦକରଣଂ ଶ୍ରେୟଃ" । ଆଉ ବେଶି କହିବାର ପ୍ରୟୋଜନ କି; "ଆଶ୍ରୟ, ଅବଲମ୍ବନ" ଏକ ଅର୍ଥତାକୁ ଦୁଇ ଅର୍ଥ କରା ଅନଭିଜ୍ଞତାର ଦୋଷ ମାତ୍ର ଅଭିଧାନ ଦେଖ ।

ଏହିପରି କି ବ୍ରହ୍ମମାନେ ହିନ୍ଦୁଶାସ୍ତ୍ରର ଅର୍ଥ ବୁଝି ସାର ବାହାର କରିଅଛନ୍ତି ? ନୁହେଁ କ'ଣ । ହିନ୍ଦୁମାନେ ସାକାର ଈଶ୍ୱରଙ୍କୁ ଦୟାମୟ, କରୁଣାକର କହନ୍ତି ବୋଲି

ତାହା ଶୁଣି ବ୍ରାହ୍ମମାନେ ମଧ୍ୟ ନିରାକାର ଈଶ୍ୱରଙ୍କୁ ଦୟାମୟ ବୋଲି କହୁଅଛନ୍ତି । ବରାହର ଧାନ ଖାଇବା ଦେଖି ଭାଲୁ ଧାନ ଖାଇଲେ ଚଳେ ନାହିଁ ।

ବ୍ରାହ୍ମମାନଙ୍କୁ ଉଚିତ ଯେ ହିନ୍ଦୁମାନେ ଯେଉଁ ଶବ୍ଦ ବ୍ୟବହାର କରୁଅଛନ୍ତି ତାହା ପ୍ରତି ଉତ୍ତମରୂପେ ଦୃଷ୍ଟି କରି ବ୍ୟବହାର କରନ୍ତୁ । ଟିକିଏ ଇଂରାଜୀ ପଢ଼ିଲେ ଯେ ହିନ୍ଦୁଶାସ୍ତ୍ରର ଅର୍ଥଟା ଜଣାପଡ଼ିଗଲା ତାହା କଦାଚ ସମ୍ଭବ ନୁହେଁ; ବୃଥାରେ ଚାତୁରି ଦେଖାଇ ପ୍ରତିବାଦ କଲୁ ବୋଲି ସନ୍ତୁଷ୍ଟ ହେବା ନିରର୍ଥକ ମାତ୍ର ଯେହେତୁ ଶବ୍ଦାର୍ଥ ନ ଜାଣିଥିବା ସ୍ଥଳେ ଆମ୍ଭମାନଙ୍କର ପ୍ରତିବାଦ କରା ଅବିଚାରର କାର୍ଯ୍ୟ ବୋଲି ମନେ କରିଅଛୁଁ ।

[ ଉତ୍କଳଦୀପିକା (୨୨/୧୭) ତା—୨୩-୪-୧୮୮୭ ]

## ବେଦ ସ୍ୱତଃସିଦ୍ଧ — ଏହାର ପ୍ରତିବାଦର ଉତ୍ତର

ଆମ୍ଭେମାନେ ଅନେକବାର ନିଃଶଙ୍କ ହୋଇ କହିଅଛୁଁ ଯେ ବ୍ରାହ୍ମମାନେ ବିଶେଷତଃ ଲେଖକ ମହାଶୟ ଆଦୌ ହିନ୍ଦୁଶାସ୍ତ୍ରର ତାତ୍ପର୍ଯ୍ୟ ଜାଣନ୍ତି ନାହିଁ ଏବଂ ତଦୀୟ ଅନଭିଜ୍ଞତା ସ୍ଥାନେସ୍ଥାନେ ପ୍ରତିବାଦୀୟ ପ୍ରବନ୍ଧମାନଙ୍କରେ ଦର୍ଶାଇଦେଇଅଛୁଁ । ଯେଉଁମାନେ ସାମାନ୍ୟ ସାମାନ୍ୟ ବାକ୍ୟର ତାତ୍ପର୍ଯ୍ୟ ଜାଣିପାରୁ ନାହାନ୍ତି, ସେମାନେ ଯେ ବେଦର ତାତ୍ପର୍ଯ୍ୟ ଜାଣିବେ ତାହା ଆଶାତୀତ ।

''ବେଦ ଈଶ୍ୱର ନିଶ୍ୱାସ ସମ୍ଭୂତ'' — ଏହି ବାକ୍ୟ ଶ୍ରବଣମାତ୍ରେ ଲେଖକ ମନେକଲେ ଯେ ବୈଦିକ ଋଚାମାନେ ଓ ଶ୍ଳୋକମାନେ ଅଥବା ବେଦ ପୋଥିମାନେ ଈଶ୍ୱର ନିଶ୍ୱାସରୁ ବାହାରୁଥିଲେ; ଅତଏବ ଏହାର ବିରୁଦ୍ଧରେ ଋଗ୍‌ବେଦାଦି ଋଷି ପ୍ରଣୀତ ଏବଂ ଶୂଦ୍ରପ୍ରଣୀତ ପର୍ଯ୍ୟନ୍ତ ଦର୍ଶାଇଅଛନ୍ତି, କିନ୍ତୁ ତାହାର ସେପରି ଅର୍ଥ ନୁହେଁ । ଗତ ସନର ଉତ୍କଳଦୀପିକାର ୩୦ ସଂଖ୍ୟାର ବୈଦିକ ପ୍ରସ୍ତାବ ଦେଖିଲେ ତହିଁରେ କିଛି ତାତ୍ପର୍ଯ୍ୟ ଜାଣିପାରିବେ ।

ଲେଖକ ଦର୍ଶାଇଥିବା ବେଦ ପ୍ରଣେତାମାନେ ଗୁପ୍ତନୁହନ୍ତି, ତାହାଙ୍କୁ ଆମ୍ଭେମାନେ ମଧ୍ୟ ଜାଣୁ, କିନ୍ତୁ ସେମାନେ ବେଦ ଉତ୍ପତ୍ତିର କାରଣ ନୁହନ୍ତି କେବଳ ନାନା ପରିପାଟୀ ସହିତ ମନ୍ଦମତିମାନଙ୍କର ସୁଗମ ହେବା ନିମିତ୍ତ ସୁପଚ୍ଛାର କର୍ତ୍ତା । ଗୋଟିଏ ଦୃଷ୍ଟାନ୍ତ ଦେଖ; କାଳିଦାସ ପ୍ରଣୀତ ରଘୁବଂଶକୁ ବିଚ୍ଛନ୍ଦବାବୁ ଉତ୍କଳ ଭାଷାରେ ସୌନ୍ଦର୍ଯ୍ୟାର୍ଥ ରଚନା କରି ପ୍ରଚାର କଲେ ବୋଲି ସେ କି ରଘୁବଂଶ ରଚିତ କଲେ ବୋଲି କହିବାକୁ ହେବ, ସେହିପରି ବେଦର ପରଂପରା ଜାଣିବାକୁ ହେବ; ବେଦ କଦାଚ ଋଷି କିବା ଶୂଦ୍ରପ୍ରଣୀତନୁହେଁ, ଋଷି କିବା ଶୂଦ୍ର ପ୍ରଣୀତ ବୋଲିବା ଅଜ୍ଞାନ ସାଗରର ତରଙ୍ଗ ମାତ୍ର ।

ଏପରି ସଂସ୍କାରକ ୪ର୍ଥ ଖଣ୍ଡ ୧୪ ସଂଖ୍ୟା ୧୧୮-୧୧୯ ପୃଷ୍ଠାରେ ବେଦ

ରଚିତ ହେବାର ଗୋଟିଏ ଐତିହାସିକ ଦୃଷ୍ଟାନ୍ତ ଦିଆଯାଇଅଛି କି "ଖ୍ରୀଷ୍ଟଜନ୍ମ ୧୪୦୦ ବର୍ଷ ପୂର୍ବେ ବେଦ ରଚିତ ହୋଇଅଛି" ।

ଏହା ଏକ ପ୍ରକାର ମନ୍ଦ ନୁହେଁ, କାରଣ ବେଦବ୍ୟାସ ଯେଉଁ ସମୟରେ ବେଦ ବିଭାଗ କଲେ ଏବଂ ସୁଦକ୍ଷ ଜୈମିନି ଯାଜ୍ଞବଲ୍କ୍ୟ ପ୍ରଭୃତି ଶିଷ୍ୟ ପ୍ରଶିଷ୍ୟଦ୍ୱାରା ଶାଖା-ପ୍ରଶାଖା ଏବଂ ନାନା ପ୍ରକାର ରଚନା ପରିପାଟୀରେ ଶୋଭନ କଲେ, ସେହି ସମୟ ହୁଏତ ୩୦୦୦ ବା ୪୦୦୦ ବର୍ଷ ହୋଇପାରେ । ଏହି ମାତ୍ର କି ଇତିହାସ ବିଜ୍ଞାନର ବିଦ୍ୱତ୍ତା ସୀମା ? ଏହା ତ ହିନ୍ଦୁଶାସ୍ତ୍ରର ଇତିହାସ ଦ୍ୱାରା ମଧ୍ୟ ପ୍ରମାଣିତ ହୋଇପାରେ ଓ ମଧ୍ୟ "ଗୋପାଳ ଚନ୍ଦ୍ର ମୁଖୋପାଧ୍ୟାୟ ପ୍ରଣୀତ ଭିକ୍ଟୋରିୟା ରାଜସୂୟ ୧୬ ପୃଷ୍ଠାରେ କଥିତ ହୋଇଅଛି ଯେ ମହାରାଜ ଯୁଧିଷ୍ଠିର ୩ ସହସ୍ର ବର୍ଷ ପୂର୍ବେ ଇନ୍ଦ୍ରପ୍ରସ୍ଥରେ ରାଜତ୍ୱ କରିଥିଲେ", ସେହି ସମୟରେ ବେଦବ୍ୟାସଙ୍କର ପ୍ରାଦୁର୍ଭାବ ମହାଭାରତରେ ସ୍ପଷ୍ଟ ପ୍ରକାଶିତ ହୋଇଅଛି । ସେହି କାଳର ବେଦବିଭାଗ କରିଥିବାର ସନ୍ଦେହ କି ? କିନ୍ତୁ ତାହା ବେଦ ଉତ୍ପତ୍ତିର କାଳନୁହେଁ । ବୈଦିକ ସୁଗମ ପନ୍ଥାର କାଳ ଅଟେ । ବେଦ ଏତେ ବର୍ଷରେ ରଚିତ ହୋଇଥିବାର କୌଣସି ପ୍ରମାଣନାହିଁ, ଅତଏବ ସ୍ୱତଃସିଦ୍ଧ ଅଟେ ।

[ 'ଉତ୍କଳଦୀପିକା'– (୨୨/୨୨) ତା–୨୮-୫-୧୮୮୭ ]

## ଚନ୍ଦ୍ରଭାଗା

ଆଜିକାଲି ଚନ୍ଦ୍ରଭାଗା ନେଇ ଅନେକ ସମାଲୋଚନା ବାହାରିଅଛି, କିନ୍ତୁ ଚନ୍ଦ୍ରଭାଗାରେ କବିଙ୍କର ହୃଦୟ ଜାଣି କେହି ସମାଲୋଚନା କରୁନାହାନ୍ତି । ଆମ୍ଭେ କବିଙ୍କର ହୃଦୟ ଜାଣିବା ନିମିତ୍ତ ଉତ୍କଳୀୟ ପାଠକମାନଙ୍କୁ ଗୋଟିଏ ପ୍ରଶ୍ନ କରୁଅଛୁଁ ଯଥା –

"ଅନୁରାଗ ମନେ ଉପୁଜେ ଯେଉଁ କୁସୁମ ବାଣେ
ଓଲଟା ଯୋଖିଲେ ସେ ବାଣ ପୁଣି ବିରାଗ ଆଣେ ।"

ଏଥିରେ କବି କେଉଁ କୁସୁମ (ଫୁଲ)କୁ ଦୃଷ୍ଟି କରି କହିଅଛନ୍ତି ?

[ଉତ୍କଳଦୀପିକା (୨୨/୪୯) ତା–୧୧-୧୨-୧୮୮୬]

## ଚନ୍ଦ୍ରଭାଗାର ଉତ୍ତର

ଏଥିପୂର୍ବେ ପ୍ରଶ୍ନ ହୋଇଥିଲା ଯେ "ଅନୁରାଗ ମନେ ଉପୁଜେ ଯେଉଁ କୁସୁମ-ବାଣେ । ଓଲଟା ଯୋଖିଲେ ସେ ବାଣ ପୁଣି ବିରାଗ ଆଣେ" । ଏଥିରେ କବି କେଉଁ କୁସୁମପ୍ରତି ଦୃଷ୍ଟି କରିଅଛନ୍ତି; ଏହାର ଉତ୍ତରରେ ଏକଜଣ କାବ୍ୟଶେଖର ନାମକ ଲେଖିଥିଲେ ଯେ କବି "ମଲ୍ଲୀ" କୁସୁମ ପ୍ରତି ଦୃଷ୍ଟି ଦେଇଅଛନ୍ତି । ଉକ୍ତ ମଲ୍ଲୀ ଶବ୍ଦକୁ ଓଲଟା କଲେ ଲିମ ହେଉଅଛି ଇତ୍ୟାଦି । (ଉତ୍କଳଦୀପିକା)

ଏଥିରେ ଆମ୍ଭର ବକ୍ତବ୍ୟ ଯେ ଯେତେବେଳେ କବି କୁସୁମରୂପ ପଦାର୍ଥରେ ଦୃଷ୍ଟି କରିଅଛନ୍ତି, ତେତେବେଳେ କୌଣସି ଗୋଟିଏ କୁସୁମବାଚକ ଶବ୍ଦକୁ ଉଲଟାଇ କରିବାର ସୁସଙ୍ଗତ ଓ ସାଭିପ୍ରାୟ ଉତ୍ତର ବୋଧ ହେଉ ନାହିଁ ଯେ ହେଉ କାବ୍ୟଶେଖର ମହାଶୟ ଯେଉଁ ଯତ୍ନ କରିଅଛନ୍ତି, ତହିଁରେ ଆମ୍ଭେମାନେ ଆନନ୍ଦର ସହିତ ଶତଶତ ଧନ୍ୟବାଦ କରୁଅଛୁଁ ।

ଆମ୍ଭମାନଙ୍କର ମନ ନିତାନ୍ତ ଉତ୍ସୁକ ହେଉଅଛି ଯେ, ଉତ୍କଳ ରାଜପଣ୍ଡିତ କବିବରଙ୍କ ଗଭୀରଭାବପ୍ରସୂ ମନୋଗତ ମହାର୍ଘ କୁସୁମ ପ୍ରସ୍ଫୁଟିତ ହୋଇ ଭାବଗ୍ରାହୀ ରସିକମାନଙ୍କୁ ସୁରଭିତ କରୁ । ଅତଏବ ଆମ୍ଭେ ଗୋଟିଏ ଫୁଲର ନିର୍ଦ୍ଦେଶ କରୁଅଛୁଁ ଯେ ତାହା ଭାବୁକମାନଙ୍କର ମନକୁ ଅବଶ୍ୟ ଭୂଷିତ କରିବ ତାହା ସୁଲଭ ମନେ ହେଉ ନାହିଁ ତଥାଚ ଉତ୍ସୁକ ଯଥା – ''ପଦ୍ମଫୁଲ'' ଏ କନ୍ଦର୍ପର ପଞ୍ଚବାଣଗତ ପ୍ରିୟତମ ଶର, ଏହାର ମୁଖ ଆରକ୍ତବର୍ଣ୍ଣ ସୁତରାଂ ଅନୁରାଗ ବ୍ୟଞ୍ଜକ ଏବଂ ଏହାକୁ ଉଲଟା ଯୋଖିଲେ ଏହାର ମୃଣାଳ ବିଷ* ଶବ୍ଦବାଚ୍ୟ ହୋଇଥିବାରୁ ବିଷଗୁଣର ବ୍ୟଞ୍ଜକତା ଦ୍ୱାରା ନିତାନ୍ତ ବିରାଗର କାରଣ ହେବ ।

ଏପରି ଭରସା କରୁଁ କବି ନିଜେ ଏହାର ସମାଲୋଚନା କଲେ ପରିଶ୍ରମ ସଫଳ ହେବ ।

* ମୃଣାଳଂ ବିଷମିତ୍ୟମରଃ– ବିଷଶବ୍ଦାନ୍ତର୍ଗତ ଷକାର ଦନ୍ତ୍ୟ ମୂର୍ଦ୍ଧଣ୍ୟ ରୂପରେ ଉଭୟଥା ପ୍ରସିଦ୍ଧ ।

[ଉତ୍କଳଦୀପିକା (୨୨/୧୦) ତା–୫-୩-୧୮୮୭]

## ଭଗବଦ୍ଗୀତାର ସମାଲୋଚନା

ଶୀର୍ଷାଙ୍କିତ ପୁସ୍ତକ ଖଣ୍ଡିକ ଶ୍ରୀ ବାବୁ ଫକୀରମୋହନ ସେନାପତିଙ୍କ ଦ୍ୱାରା ଉତ୍କଳଭାଷାର ପଦ୍ୟରେ ଅନୁବାଦିତ ହୋଇଅଛି ।

ଭଗବଦ୍ଗୀତା ହିନ୍ଦୁକୁଳର ଅମୂଲ୍ୟ ରତ୍ନ । ଏହି ରତ୍ନ ଯେଉଁ ମହାତ୍ମାର ହୃଦୟ ସଂପୁଟରେ ଧୃତ ହୁଏ ତାକୁ ଆଉ ସଂସାର ମୁଖ ଦେଖିବାକୁ ହୁଏ ନାହିଁ ।

ଏହି ପୁସ୍ତକର ସାରଭର୍ଗବାଣୀ ହୃଦୟଙ୍ଗମ କରିବାକୁ ଅଗ୍ରସର ହେଲେ ପାଞ୍ଚବର୍ଷ ପରିଶ୍ରମ କରିବାକୁ ହୁଏ, ଆଜି ଏହି ପୁସ୍ତକ ଗୀତ ହୋଇ ସମସ୍ତଙ୍କୁ ଉପହାର ଦେବାରୁ ଉତ୍କଳବାସିମାନେ ଯେ କେତେ ପର୍ଯ୍ୟନ୍ତ କୃତଜ୍ଞତା ପାଶରେ ଆବଦ୍ଧ ତାହା ବଚନାତୀତ ଅଟେ । କିନ୍ତୁ ଭଗବଦ୍ଗୀତାର ଅମୃତମୟ ଅର୍ଥ ଶୁଣିବାକୁ ଯେତେ ପର୍ଯ୍ୟନ୍ତ ଇଚ୍ଛା ହୁଏ, ସେ ଆଶା ଏ ପୁସ୍ତକରେ ସଂପୂର୍ଣ୍ଣ ଫଳବତୀ ହେଉନାହିଁ ହୁଏତ ଅନେକ ସ୍ଥଳରେ ବିମୁଖ ହେବାକୁ ହୁଏ ।

ଉତ୍କଳ ଗ୍ରନ୍ଥକାରମାନଙ୍କୁ ସବିନୟ ପ୍ରାର୍ଥନା ଏହି ଯେ, ଏହିପରି ହିନ୍ଦୁକୁଳର ରତ୍ନ

ଉଦ୍ଧାର କରିବାକୁ ଅଗ୍ରସର ହେଲେ ପ୍ରଥମରେ ଆପଣାର ଜ୍ଞାନ ବୈଭବ ସ୍ଥିର କରା ନିତାନ୍ତ ସ୍ପୃହଣୀୟ ।

ଏହି ପୁସ୍ତକର ଅନୁବାଦ ମାତ୍ର ହୋଇଅଛି, କିନ୍ତୁ ଶବ୍ଦମାନଙ୍କର ବିଷଦାର୍ଥ କୌଣସିଠାରେ ହୋଇନାହିଁ ଯେଉଁ ଶ୍ରେଣୀର ଲୋକମାନଙ୍କ ଜାଣିବା ନିମିତ୍ତ ହୋଇଅଛି, ସେମାନେ ଗୀତାର୍ଥର ଗନ୍ଧମାତ୍ର ପାଇବେ ନାହିଁ । ଆମ୍ଭେ ଦ୍ୱିତୀୟାଧ୍ୟାୟର ୫ମ ଶ୍ଳୋକ ପର୍ଯ୍ୟନ୍ତ ଦେଖିଥିଲୁଁ । ଅନେକ ଜାଗାରେ ଅସଙ୍ଗତ ଓ ଅଶୁଦ୍ଧ ହୋଇଅଛି । ତନ୍ମଧ୍ୟରୁ କେତେକ ନିମ୍ନରେ ପ୍ରକାଶ କଲୁଁ ଯେ ହେଉ ସ୍ୱକୁଳର ଗୌରବ ସଂପାଦନ କରା ଅତୀବ ପ୍ରଶଂସାର କାର୍ଯ୍ୟ । ଏହି ନିମିତ୍ତ ଫକୀରମୋହନ ସେନାପତିଙ୍କୁ ଧନ୍ୟବାଦ ନ ଦେଇ ରହିପାରିଲୁଁ ନାହିଁ ।

| ଅଧ୍ୟାୟ | ଶ୍ଳୋକାର୍ଥ |
|---|---|
| ୧ମ | ୪ର୍ଥ ପ୍ରଧାନ ବ୍ୟକ୍ତି ସାତ୍ୟକିଙ୍କର ନାମ ପରିତ୍ୟାଗ । |
| ୧ମ | ୮ମ ଜଦ୍ରଥ ଶବ୍ଦ ପ୍ରୟୋଗ । |
| ୧ମ | ୩୪ଶ ସମ୍ବନ୍ଧ ସ୍ଥଳରେ ସମ୍ବନ୍ଧିନ ବୋଲି ପ୍ରୟୋଗ ହୋଇଅଛି । |
| ୨ୟ | ୫ମ ଶ୍ଳୋକାର୍ଥ ଠିକ୍ ହୋଇ ନାହିଁ । |

[ଉତ୍କଳଦୀପିକା (୨୨/୧୬) ତା–୧୬-୪-୧୮୮୭]

## ଶବ୍ଦଗୁଣ

ଶବ୍ଦମାନେ ପରସ୍ପରରେ ଯେତେ ସମ୍ମିଳିତ ହୋଇ ସମାସ ଘଟିତ ହେବେ, ତେତେ ସେମାନଙ୍କର ହରିଦ୍ରାଚୂର୍ଣ୍ଣ ସଂସର୍ଗଜନ୍ୟ ଲୌହିତ୍ୟ ପରି ଅପୂର୍ବ ଗୁଣ ଜାତ ହୁଏ । ଗୋଟିଏ ଦୃଷ୍ଟାନ୍ତ ଦେଖ ।

"କଳିନ୍ଦଜା ତୀରତମାଳ ସ୍ତୋମ ସଦୃଶ କେଶ" ଏଠାରେ କେଶର ଅତ୍ୟନ୍ତ ନୀଳତାର ପ୍ରକାଶ ନିମିତ୍ତ ଉକ୍ତ ସମାସ ଘଟିତ ବାକ୍ୟଟି ପ୍ରୟୋଗ କରାଗଲା ଯେ ଏହି ବାକ୍ୟସ୍ଥ ଶବ୍ଦମାନଙ୍କର କ୍ରମରେ ଗୁଣ ଦେଖ । କଳିନ୍ଦଜା (ଯମୁନା) ସ୍ୱଭାବତଃ ନୀଳ, ତୀର ଶବ୍ଦ ସାମାନ୍ୟତଃ ନଦୀର ନିକଟ ଭୂମି, କଳିନ୍ଦଜାତୀର ବୋଲିବାରୁ ନୀଳ ଗୁଣ ସମ୍ବନ୍ଧ ଦ୍ୟୋତିତ ହେଲା, ତମାଳ ସ୍ୱଭାବତଃ ନୀଳ, କଳିନ୍ଦଜାତୀର ତମାଳ ବୋଲିବାରୁ ତମାଳର ଅତ୍ୟନ୍ତ ନୈଲ୍ୟ ଗୁଣ ପ୍ରକାଶିତ ହେଲା; ସ୍ତୋମ ଶବ୍ଦ ସ୍ୱଭାବତଃ ସମୂହବାଚି, ତମାଳ ଶବ୍ଦ ସଂସର୍ଗରୁ ଉତ୍କଟ ନୀଳତାର ଜ୍ଞାପକ ହେଲା । ଅତଏବ ପରସ୍ପର ସଂସର୍ଗରୁ ପ୍ରାୟ ଶବ୍ଦମାନେ ଗୁଣୀ ହୁଅନ୍ତି ପୁନଶ୍ଚ ସାଧାରଣତଃ ସମୀରଣ, ମରୁତ, ବାତ, ନଭସ୍ୱତ୍, ପ୍ରଭଞ୍ଜନ ପ୍ରଭୃତି ପବନବାଚି ଶବ୍ଦ ମଧ୍ୟରୁ ନଭସ୍ୱତ ଏବଂ

ପ୍ରଭଞ୍ଜନ ଶବ୍ଦଦ୍ୱୟ କଠିନାକ୍ଷର ଘଟିତ ଥିବା ପ୍ରଯୁକ୍ତ ବୀର ଅଦ୍ଭୁତାଦି ରସମାନଙ୍କରେ ଗୁଣ ହେବ । ସମୀରଣ, ମରୁତ, ବାତ ପ୍ରଭୃତି ଶବ୍ଦମାନେ କୋମଳାକ୍ଷର ଘଟିତ ହୋଇଥିବାରୁ ଶୃଙ୍ଗାର, କରୁଣ ରସମାନଙ୍କରେ ଗୁଣ ହୁଏ କୌଣସିଠାରେ ପ୍ରାଣୀ ଚେଷ୍ଟା ରୂପ ଅର୍ଥରୁ ମଧ୍ୟ ଶବ୍ଦମାନଙ୍କର ଗୁଣ ହୁଏ ଯଥା, ଜଣେ କହିଲା, ଭ୍ରୁସଂଜ୍ଞା, ହସ୍ତ ପ୍ରସାରଣ ଏବଂ ଶିରୋ ନତି କଲେ ଏ ସ୍ଥଳେ ଭ୍ରୁ, ହସ୍ତ, ଶିର ଗୋଟିଏ ଲେଖାଏଁ ଶବ୍ଦ, ଏମାନେ ଯେତେବେଳେ ସଂଜ୍ଞା, ପ୍ରସାରଣ, ନତି ସହିତ ଯୁକ୍ତ ହେଲେ ସେତେବେଳେ ଗୋଟିଏ ପ୍ରାଣୀ ଚେଷ୍ଟା ରୂପ ନିଗୂଢ଼ାର୍ଥ ଜାତ କଲେ; ସେ ଭ୍ରୁସଂଜ୍ଞା ରୂପ ପ୍ରାଣୀ ଚେଷ୍ଟାରୁ ଜଣାଗଲା ଯେ, କେଉଁଆଡ଼େ ଆସିଲ ବୋଲି କହିଲେ, ତଦ୍ରୂପ ହସ୍ତ ପ୍ରସାରଣରୁ ବାସିବା ହେଉନ୍ତୁ ଏବଂ ଶିରୋନତିରୁ ନମସ୍କାର ବୋଲି ପ୍ରତୀତ ହେଲା, ଏହିପରି ନାନାପ୍ରକାର ଶବ୍ଦଗୁଣ ହୁଏ ।

## ଶବ୍ଦଦୋଷ

ଶବ୍ଦମାନଙ୍କର ଦୁଃଶ୍ରବତ୍ୱାଦି ଓ ଅଶ୍ଳୀଳତ୍ୱ ଦୋଷ ହୁଏ ଯଥା, କର୍ଣ୍ଣାର୍ଥ୍ୟ, ଚାର୍ବଙ୍ଗୀ, ତର୍ବାଳୀ, କ୍ରୌର୍ଯ୍ୟ, ଏ୍ୟଭ୍ୟଃ ପ୍ରଭୃତି ଦୁଃଶ୍ରବ ।

ଗୁହ୍ୟ, ଗାଣ୍ଡିବ, ପେଲବ ପ୍ରଭୃତି ଅଶ୍ଳୀଳ ।

ଉତ୍ତମ ଶବ୍ଦମାନେ ମଧ୍ୟ ଦେଶ ଭେଦରେ ଅଶ୍ଳୀଳତା ରୂପ ଦେବାରେ ଦୂଷିତ ହୁଅନ୍ତି ଯଥା, ବାହ୍ୟ ଶବ୍ଦ ଉତ୍କଳରେ ସାଧୁ, ବଙ୍ଗ ଦେଶରେ ଦୁଷ୍ଟ ଅର୍ଥାତ୍ ବାହ୍ୟକୁ ଯାଅ ବୋଇଲେ ଉତ୍କଳରେ ଗୃହର ବହିର୍ଗତ ହୁଅ ଅର୍ଥ ହୁଏ ଏବଂ ବଙ୍ଗଦେଶରେ ଝାଡ଼ା ଫେରିବାର ଅର୍ଥ ହୁଏ; ରିପୁକୁମାର ଶବ୍ଦ ଅନେକ ଦେଶରେ ସାଧୁ, ତୈଲଙ୍ଗରେ ଦୁଷ୍ଟ । ଗୁହ୍ୟ, ପେଲବାଦି ଶବ୍ଦ ସର୍ବତ୍ର ଦୁଷ୍ଟ । ଦୋଷ ଅନେକ ପ୍ରକାର ଅର୍ଥାତ୍ ଶବ୍ଦଦୋଷ, ଅର୍ଥଦୋଷ, ବାକ୍ୟଦୋଷ, ଅଳଙ୍କାର ଦୋଷ ପ୍ରଭୃତି ନାନା ପ୍ରକାର ଦୋଷ ସାହିତ୍ୟ-ଶାସ୍ତ୍ରମାନଙ୍କରେ ଲିଖିତ ଅଛି । [ସ.ହି. ୧/୯ ତା—୧୪-୮-୧୮୮୯ ପୃ—୩୪]

## ଶବ୍ଦାଳଙ୍କାର

ଗଦ୍ୟ ବା ପଦ୍ୟ ରଚନା କରିବାକୁ ହେଲେ ଶବ୍ଦାଳଙ୍କାର ଅତୀବ ଆବଶ୍ୟକ; କଟକ ତାଟଙ୍କ ଭୂଷିତା ରମଣୀ ଯେପରି ନୟନାକର୍ଷକୀ ହୁଏ ସେପରି ଶବ୍ଦା-ଳଂକାରଯୁକ୍ତ ଗଦ୍ୟ ବା ପଦ୍ୟ କର୍ଣ୍ଣାମୃତ ସ୍ରାବୀ ହୁଏ ।

କେହି କହିପାରନ୍ତି ଯେ ପାଶ୍ଚାତ୍ୟମାନେ କିବା ପାଶ୍ଚାତ୍ୟ ଶିକ୍ଷା ସଂସର୍ଗିମାନେ ଅଳଙ୍କାରର ପକ୍ଷପାତୀ ନୁହନ୍ତି, ତେବେକି ସେମାନେ ବିଲେଇ ? ନା, ତା' ଆମ୍ଭେ

କହୁନାହୁଁ ଅଳଙ୍କାର ପରିଧାନ କଲେ ଅତ୍ୟନ୍ତ ସୌନ୍ଦର୍ଯ୍ୟର ପ୍ରତିପତ୍ତି ହୁଏ; ନୟନ ଯେତେବେଳେ ସୌନ୍ଦର୍ଯ୍ୟ ପିପାସୁ, ସେତେବେଳେ ସୌନ୍ଦର୍ଯ୍ୟ ସଂପାଦନରେ ବୀତରାଗ ହେବାର ରୁଚିଧାରଣ ଭିନ୍ନ ସାର୍ବଜନିକ କାର୍ଯ୍ୟ ନୁହେଁ, ଯେଉଁମାନେ ସ୍ୱକୀୟ ରୁଚି ଧାରଣର ପକ୍ଷପାତୀ ସେମାନଙ୍କଠାରେ ଏହି ସାର୍ବଜନିକ ଚକ୍ଷୁକର୍ଣ୍ଣର ଆନନ୍ଦକାରୀ ଅଳଙ୍କାର ସୌନ୍ଦର୍ଯ୍ୟର ଜଳାଞ୍ଜଳି ପ୍ରଦାନ ।

ପୁନଶ୍ଚ କୁହାଯାଇପାରେ ଯେ ଅନୁପଯୁକ୍ତ (କାଂସ୍ୟ ପିତ୍ତଳାଦି ନିର୍ମିତ) ଅଳଙ୍କାର ପରିଧାନରେ ଯେପରି ଚକ୍ଷୁଶୂଳ ଉତ୍ପନ୍ନ ହୁଏ ସେପରି ଅନୁପଯୁକ୍ତ ଶବ୍ଦ ବିନ୍ୟାସରେ ପଦ୍ୟମାନେ କର୍ଣ୍ଣକୀଳକ ହୁଅନ୍ତି । ଏଣୁକରି ରସାନୁରୂପ ଶବ୍ଦଦ୍ୱାରା ଶବ୍ଦାଳଙ୍କାର ଜଡ଼ିତ କରା ଅତ୍ୟନ୍ତ ବିବେକିତାର କାର୍ଯ୍ୟ; ମଧ୍ୟ ସାହିତ୍ୟକାରମାନେ କହିଛନ୍ତି ବହୁଳ ପରିମାଣରେ ଅଳଙ୍କାର ଘଟିତ କରା କାବ୍ୟ ଏବଂ ବ୍ୟକ୍ତି, ଉଭୟଙ୍କର ସୌନ୍ଦର୍ଯ୍ୟହାରକ ଏଣୁକରି ପଦ୍ୟମାନଙ୍କର ସ୍ଥାନ ବିଶେଷରେ ଯଥାଯୋଗ୍ୟ ରସାନୁରୂପ ଅଳଙ୍କାର ବିନ୍ୟସ୍ତ କରା ବିଧେୟ ।

ଶବ୍ଦାଳଙ୍କାର ନାନାପ୍ରକାର ହୁଏ ଯଥା, ପୁନରୁକ୍ତ ପଦାଭାଷ, ବୃତ୍ତ୍ୟନୁପ୍ରାସ, ଛେକାନୁପ୍ରାସ, ଲାଟାନୁପ୍ରାସ, ଯମକ (ଆଦ୍ୟଯମକ, ମଧ୍ୟଯମକ, ପ୍ରାନ୍ତଯମକ, ସର୍ବଯମକ, ଯୋଡ଼ିଯମକ) ଏବଂ ବକ୍ରୋକ୍ତି, କାକୁବକ୍ରୋକ୍ତି, ଶ୍ଳେଷଣ, ଅଭଙ୍ଗ, ସଭଙ୍ଗ, ଭଙ୍ଗାଭଙ୍ଗ, ଚ୍ୟୁତାକ୍ଷର, ଦତ୍ତାକ୍ଷର, ଚ୍ୟୁତାଦତ୍ତାକ୍ଷର ପ୍ରଭୃତି ଏହି ଅଳଙ୍କାରମାନଙ୍କୁ ବିବୃତ କରି ପାଠକମାନଙ୍କୁ ଜଣାଇଲେ ପ୍ରାୟ ଗୋଟିଏ ପୁସ୍ତକ ହେବ । ଏଣୁକରି କେବଳ ନାମମାତ୍ର ସୂଚିତ କଲୁଁ ଜାଣିବାର ଇଚ୍ଛା ହେଲେ ଅଳଙ୍କାର ବୋଧୋଦୟ ପ୍ରଭୃତି ପୁସ୍ତକମାନ ଦେଖିବାର ଉଚିତ । ଇତି । ତା—୧୭-୮-୧୮୮୯

[ ସମ୍ବଲପୁର ହିତୈଷିଣୀ (୧/୧୦) ତା-୨୧-୮-୧୮୮୯ ପୃ—୩୮ ]

## ଚନ୍ଦ୍ରଭାଗାର ସମାଲୋଚନା

ଏଥିପୂର୍ବେ ଆପଣ ଦୀପିକାର ଚନ୍ଦ୍ରଭାଗା ଓ ନନ୍ଦିକେଶ୍ୱରୀର ସମାଲୋଚକଙ୍କୁ କହିଥିଲେ ଯେ, ପୁସ୍ତକର ସମାଲୋଚନା ଏପରି ଭାବରେ କରା ଉଚିତ କି ଯହିଁରେ ପାଠକମାନଙ୍କର ଉପକାର ହେବ । ଅତଏବ ଆମ୍ଭେ ବର୍ତ୍ତମାନ ଚନ୍ଦ୍ରଭାଗାର ପ୍ରଥମରୁ ଗୋଟିଏ ପଦ୍ୟ ସମାଲୋଚନା କଲୁଁ ଏହି ରୀତିରେ ପୁସ୍ତକର ସମାଲୋଚନା ହେଲେ ପାଠକମାନଙ୍କର ଅବଶ୍ୟ ଉପକାର ଦର୍ଶିବାର ସମ୍ଭାବନା ।

"ଅଭିଷେକୋତ୍ସବ ଦର୍ଶନ ଆଶେ ସିଂହ ଦୁଆରେ
ବିଜେ ଆଜ ଦେବ ଦେବୀଏ ଯେଝା ପୂଜା ସମ୍ଭାରେ ।"

ଗୋଟିଏ ବାକ୍ୟ ରଚନା କରିବାକୁ ହେଲେ ଗ୍ରନ୍ଥାଦ୍ୟରେ ଯେଉଁ ପଦ୍ୟ ବିନ୍ୟସ୍ତ

କରାଯିବ ତାହା ସକଳ ଗୁଣରେ ଭୂଷିତ ହୋଇଥିବ, ଅର୍ଥାତ୍ ମାଙ୍ଗଳିକ ଶବ୍ଦମାନ ଥିବେ, ଦୋଷରହିତ ହୋଇଥିବ ଗୁଣ ଓ ଅଳଙ୍କାରରେ ଭୂଷିତ ହୋଇଥିବ ଧ୍ୱନି ଏବଂ ରସକୁ ପ୍ରକାଶ କରୁଥିବ । ଏହି ପଦ୍ୟରେ ପ୍ରୋକ୍ତ ଗୁଣସକଳ ନିର୍ଦ୍ଦିଷ୍ଟ ହୋଇଅଛି । ଦେବ, ଦେବୀ, ଉତ୍ସବାଦି ମାଙ୍ଗଳିକ ଶବ୍ଦମାନେ ବିନ୍ୟସ୍ତ ହୋଇଅଛନ୍ତି ଆଉ ଶ୍ରୁତିକଟୁ ବା ଅଶ୍ଳୀଳ ଶବ୍ଦାଦି ନ ଥିବାରୁ ନିର୍ଦ୍ଦୋଷ ହୋଇଅଛି ।

ଶୀଘ୍ରାର୍ଥ ବୋଧକ ଏବଂ କୋମଳାକ୍ଷର ବିନ୍ୟସ୍ତ ଥିବାରୁ ପ୍ରସାଦ ଓ ମାଧୁର୍ଯ୍ୟ ଗୁଣରେ ଦ୍ୟୋତିତ ହୋଇଅଛି, ଯକାର, ବକାର, ସକାର ଦ୍ୱାରା ବୃତ୍ୟନୁପ୍ରାସ ହୋଇଥିବାରୁ ଶବ୍ଦାଳଙ୍କାର ପ୍ରକଟିତ ହେଲା ଏବଂ ପ୍ରତିଦିନ ସ୍ନାନକୁ ନ ବୁଝାଇ ଅଭିଷେକ ରୂପ ଉତ୍ସବ (ଯାତ୍ରା) ବର୍ଣ୍ଣିତ ହେବାରୁ ରୂପକାଳଙ୍କାର (ଅର୍ଥାଳଙ୍କାର) ପ୍ରସ୍ଫୁଟିତ ହେଲା । ''ଦର୍ଶନ ଆଶେ'' ''ଯେଝା ପୂଜା ସମ୍ଭାରେ'' ଏହି ବାକ୍ୟଦ୍ୱୟ ବିନ୍ୟସ୍ତ ଥିବାରୁ ଧ୍ୱନିଦ୍ୱାରା ଦେବଦେବୀମାନଙ୍କର ବିଧର୍ମିତ୍ୱର ବାରଣ ହେଲା କାରଣ କେବଳ ଯାତ୍ରା ଦେଖିବାକୁ ସାଧାରଣତଃ କୌତୁକର ସହିତ ବିଧର୍ମିମାନେ ମଧ୍ୟ ଉପସ୍ଥିତ ହୁଅନ୍ତି, କିନ୍ତୁ ଏମାନେ ଦର୍ଶନର ଅତି ତୃଷ୍ଣା ଓ ପୂଜା ସମ୍ଭାରାଦିର ସମ୍ପର୍କୀ ନୁହନ୍ତି ଏବଂ ସିଂହଦ୍ୱାରେ ମିଳିଲେ ବୋଲିବାରୁ ଧ୍ୱନିଦ୍ୱାରା ଦେବଦେବୀମାନଙ୍କର ଧୃଷ୍ଟତା ବାରଣ ହେଲା କାରଣ ଗୃହକର୍ତ୍ତାର ବିନାନୁମତିରେ ଗୃହ ପ୍ରବେଶ ହେବାର ଭଦ୍ରତାର କାର୍ଯ୍ୟ ନୁହେଁ ସୁତରାଂ ସେ ସିଂହଦ୍ୱାରଠାରେ ପ୍ରବେଶ ହେବାର ବର୍ଣ୍ଣନା ଉତ୍ତମ ହୋଇଅଛି । ଆଉ ପୂଜାସମ୍ଭାରଦ୍ୱାରା ଦେବଦେବୀମାନଙ୍କର ଆଗମନ ଉକ୍ତି ରସଜ୍ଞାପକ ସୁତରାଂ ଶାନ୍ତିରସ ପ୍ରକଟିତ ହୋଇଅଛି ।

[ 'ସମ୍ବଲପୁର ହିତୈଷିଣୀ' (୧/୯) ତା—୧୪-୮-୧୮୮୯ ପୃ—୩୫ ]

# ଅନ୍ୟାନ୍ୟ ରଚନା

# ପ୍ରାକ୍‌ସୂଚନା

ଏ ଖଣ୍ଡରେ ସୁଢ଼ଳ ଦେବଙ୍କ ବିଭିନ୍ନ ରଚନାକୁ ପତ୍ରସ୍ଥ କରାଯାଉଛି । ଅଳଙ୍କାର ଚନ୍ଦ୍ରିକା ପୁସ୍ତକର ଉତ୍ସର୍ଗପତ୍ର (ଉପହାର)ରେ ସୁଢ଼ଳଦେବଙ୍କ କବିତ୍ୱ ପ୍ରକାଶିତ । ଅଳଙ୍କାର ଚନ୍ଦ୍ରିକା ରଚନା ପାଇଁ ସୁଢ଼ଳଦେବ ପଣ୍ଡିତ ଭୁବନେଶ୍ୱରଙ୍କୁ ବାଧ କରିଥିଲେ । ଏହା ଛାତ୍ରମାନଙ୍କୁ ବିଭିନ୍ନ ଅଳଙ୍କାର ସମ୍ପର୍କରେ ପଦ୍ୟାକାରେ ସୂଚନା ଦେବାକୁ ଉଦ୍ଦିଷ୍ଟ । ମୁଖ୍ୟତଃ ଚନ୍ଦ୍ରାଲୋକ ପୁସ୍ତକର ଅବଲମ୍ବନରେ ଏହା ରଚିତ ।

ବିସୂଚୀକା ଚିକିତ୍ସା ପୁସ୍ତକ ବିଦ୍ୟାରତ୍ନଙ୍କ ରଚିତ । ଏ ପୁସ୍ତକର ବ୍ୟବହାରିକ ପ୍ରୟୋଗକୁ ସୁଢ଼ଳଦେବ ପ୍ରଶଂସା କରିଛନ୍ତି ।

ଅଳଙ୍କାରସାରର ମୁଖବନ୍ଧରେ ଉକ୍ତ ପୁସ୍ତକର ମହାନତା ପ୍ରଦର୍ଶିତ ହୋଇଛି ।

ଜୀବନଦର୍ପଣ ଏକ ଅନନ୍ୟ ପୁସ୍ତକ । ଏହା ପଣ୍ଡିତ ବ୍ରଜବନ୍ଧୁ ମିଶ୍ରଙ୍କ ରଚିତ । ସୁଢ଼ଳଦେବ ନିଜେ କେବଳ ଏ ପୁସ୍ତକର ପ୍ରଶଂସା କରିନାହାନ୍ତି, ବରଂ ବଙ୍ଗୀୟ ସାହିତ୍ୟିକ ଓ ପାଠକଙ୍କ ଦ୍ୱାରା ମଧ୍ୟ ଏହାର ପ୍ରଶଂସାପତ୍ର ରଚନା କରି ସଂଯୁକ୍ତ କରିଅଛନ୍ତି ।

କୁଲିଚାଲାଣ ବନ୍ଦ ଓ ଯୁବତୀ ବିବାହ ସପକ୍ଷରେ ନୋଟିସ୍ ହିତୈଷିଣୀରେ ପ୍ରକାଶ ପାଇଥିଲା ।

ରାୟପୁର ରାଜକୁମାର କଲେଜ ଅଧ୍ୟକ୍ଷଙ୍କ ଅନୁରୋଧ କ୍ରମେ ବିଭିନ୍ନ ଧର୍ମଶାସ୍ତ୍ରର ଶିକ୍ଷଣୀୟ ଆଖ୍ୟାନକୁ ରାଜକୁମାରମାନଙ୍କ ଶିକ୍ଷା ପାଇଁ ସୁଢ଼ଳଦେବ ରଚନା କରିଥିଲେ । ଏ ରଚନାରୁ ତାଙ୍କର ହିନ୍ଦୀ ଭାଷାରେ ପାଣ୍ଡିତ୍ୟ ପ୍ରମାଣିତ ହୁଏ । ଧର୍ମଶିକ୍ଷା ବାସୁଦେବ ଗ୍ରନ୍ଥାବଳୀ (୧୯୫୬)ରେ ସଂଯୁକ୍ତ ହୋଇଥିଲା ।

— ସଂପାଦକ

## ଉପହାର

[ଅଳଙ୍କାର ଚନ୍ଦ୍ରିକା (ବାମଣ୍ଡା ଜଗନ୍ନାଥ ବଲ୍ଲଭ ପ୍ରେସ୍—୧୮୮୭) ଶ୍ରୀଯୁକ୍ତ ପଣ୍ଡିତ ଭୁବନେଶ୍ୱର ବଡ଼ପଣ୍ଡାଙ୍କଦ୍ୱାରା ରଚିତ ଓ ରାଜା ବାସୁଦେବ ସୁଢ଼ଳ ଦେବଙ୍କ ଦ୍ୱାରା ପ୍ରକାଶିତ । ଏ ପୁସ୍ତକର ଉପହାର ସୁଢ଼ଳ ଦେବଙ୍କଦ୍ୱାରା ରଚିତ ।]

ମା ! ଚନ୍ଦ୍ରଭାଗା ! ତୋହରି ପିତା ରତ୍ନାକର, ତୋ' ଭିନ୍ନ କିଏ ଅଳଙ୍କାର ମର୍ଯ୍ୟାଦା ଜାଣିବ ? ତୋହରି ଅଳଙ୍କାର ଏକା କବି ହୃଦୟକୁ ଚମକାଉଅଛି; ଅତଏବ ଏହି ପୁସ୍ତିକା ତୋହରି ଅଳଙ୍କାରର ରଞ୍ଜ୍ୟକୀ ହୋଇ କବି ହୃଦୟର ଚାକଚକ୍ୟ ବିସ୍ତାର କରତଃ ଦିଗନ୍ତ ବ୍ୟାପିନୀ ହେଉ ଏବଂ ଉତ୍କଳ ସାହିତ୍ୟ ରସିକମାନଙ୍କର ଚିନ୍ତନୀ ଶକ୍ତିର ସହକାରିଣୀ ହୋଇ କବିତାପ୍ରସୂନର ସୁମିଷ୍ଟ ସୁରଭି ପାଠକ ବୃନ୍ଦରେ ବିତରଣ କରିବାକୁ ଅଗ୍ରସର ହେଉ ଏହିମାତ୍ର ଏକାନ୍ତ କାମନା । ଇତି ।

ରାଜଧାନୀ ବାମଣ୍ଡା
ତା. ୫-୧୦-୧୮୮୭

## ବିସୂଚିକା ଚିକିତ୍ସା

''ବିସୂଚିକା ଚିକିତ୍ସା'' ପୁସ୍ତକ ମୋଫସଲୀ ଲୋକମାନଙ୍କ ପକ୍ଷେ ବିଶେଷ ଉପଯୋଗୀ ବୋଧ ହେବାରୁ ତାହା ବାମଣ୍ଡା ମୋଫସଲରେ ପ୍ରଚାର କରିବା ଉଚିତ ବୋଧ କରୁଅଛୁଁ । ଅତଏବ ତହିଁରୁ ୫୦୦ ଖଣ୍ଡ ପୁସ୍ତକ ପଠାଇବେ ।

[ବିଦ୍ୟାରତ୍ନଙ୍କୁ ସୁଢ଼ଳଦେବଙ୍କ ପତ୍ରର ଅଂଶ :
'ସମ୍ବଲପୁର ହିତୈଷିଣୀ' ୫/୪ ତା—୨୮-୬-୧୮୯୩]

# 'ଅଳଂକାର ସାର'ର ମୁଖବନ୍ଧ

[ଶ୍ରୀ ସଚ୍ଚିଦାନନ୍ଦ ଦେବଙ୍କ 'ଅଳଂକାର ସାର' (ବାମଣ୍ଡା ଜଗନ୍ନାଥ ବଲ୍ଲଭ ପ୍ରେସ୍–୧୮୮୯) ପୁସ୍ତକର ମୁଖବନ୍ଧ ।]

ଅସ୍ମତ୍ କୁମାର ଶ୍ରୀ ଟୀକାୟେତ ବାବୁଙ୍କ କୃତ 'ଅଳଂକାର ସାର'ର ପାଣ୍ଡୁଲେଖକୁ ମୁଁ ଆମୂଳ ଦେଖିଅଛି । ଅସ୍ମତ କୃତ 'ଅଳଂକାର ବୋଧୋଦୟ' ଏହାର ସଦୃଶ ଥିଲେ ସୁଦ୍ଧା ଏଥିରେ କେତେ ବିଷୟ ସଂକ୍ଷେପ ଏବଂ ସରଳତାର ପରିଚୟ ଦେଉଅଛି ଏବଂ ପ୍ରାକୃତଭାଷାରେ ଛନ୍ଦ ଯତି ପ୍ରଭୃତି କେତେକ ନୂତନ ବିଷୟ ସନ୍ନିବେଶିତ ହୋଇଥିବାରୁ ଏହାଦ୍ୱାରା ସୁବିଧା ଦୃଷ୍ଟିରେ ନୂତନ ପଦ୍ୟରଚକମାନଙ୍କର ଉପକାରିତା ସାଧିତ ହୋଇପାରିବ ।

ଅଳଙ୍କାର ଗ୍ରନ୍ଥ ନିତାନ୍ତ ସରଳ କରିବାକୁ ଗଲେ ଆପଦଗ୍ରସ୍ତ ହେବାକୁ ହୁଏ; ଏହେତୁ ଅଳଙ୍କାର ସାରରେ ଯେଉଁ କାଠିନ୍ୟାଂଶ ଅଛି; ତାହା ପରିହାର କରିବାକୁ ଗଲେ ନିରାପଦ ହେବ ନାହିଁ । ଯଦିଚ ସାଧାରଣ ଲୋକମାନଙ୍କର ସନ୍ତୋଷଜନକ ହୋଇପାରେ; କିନ୍ତୁ ସାହିତ୍ୟଜ୍ଞ ପଣ୍ଡିତମାନଙ୍କର ଅରୁଚି ସମ୍ପାଦନ କରିବ ଏଥିରେ ସନ୍ଦେହ ନାହିଁ । ବଙ୍ଗଳାରେ ଖଣ୍ଡିଏ 'କାବ୍ୟ ନିର୍ଣ୍ଣୟ' ନାମକ ଅଳଙ୍କାର ଗ୍ରନ୍ଥ ଏହି ରୀତିରେ ରଚିତ ହୋଇଅଛି, ତହିଁରେ ପ୍ରଣେତା ସରଳ ବିନ୍ୟାସ କରି ଅତ୍ୟନ୍ତ ଆପଦଗ୍ରସ୍ତ ହୋଇଅଛନ୍ତି, ସୁତରାଂ କାଠିନ୍ୟାଂଶ ହେତୁ ଅରୁଚି ସଂପାଦନକରା ସ୍ପୃହଣୀୟ ନୁହେଁ ।

କୌଣସିମାନେ କହନ୍ତି, ''ଅଳଙ୍କାରମାନ ମନର ଭାବ ଦ୍ୱାରା ପ୍ରତିପନ୍ନ ହୋଇପାରେ । ଏହା ପୁନଃ ପୁନଃ ନିବନ୍ଧନ କରି ପାଠ୍ୟ କରିବା ଆବଶ୍ୟକ କ'ଣ ?'' ଏହି ମତ ଯଥାର୍ଥ ବୋଲି କହିବାକୁ ଗଲେ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ିବାକୁ ହୁଏ; କାରଣ ଅଳଙ୍କାରାନଭିଜ୍ଞମାନଙ୍କ କବିତା ମାତ୍ରର ଶୋଭା ଦେଖିବାକୁ ଗଲେ ଯେଉଁଠାରେ ଅଳଙ୍କାର ଅଂଶ ବା ଗନ୍ଧ ଅଛି, ସେହି କବିତା ମାତ୍ର ମନକୁ ମୁଗ୍ଧ କରୁଅଛି । ତେବେ ସେହି କବିତାରେ ଥିବା ଅଳଙ୍କାରର ଅଂଶମାନ ସମ୍ପୂର୍ଣ୍ଣତାକୁ ଲାଭ କରିଥିଲେ ଯେ କିପରି ଚମତ୍କାର ସଂପାଦନ କରିଥାନ୍ତା ତାହା ସହଜେ ଏହି ଗ୍ରନ୍ଥ-ମାନଙ୍କଦ୍ୱାରା ଉପଲବ୍ଧି କରାଯାଇପାରେ । ବୋଲା ବାହୁଲ୍ୟ; କାବ୍ୟର ଯେଉଁ ଅଂଶ ଦେଖି ଆହ୍ଲାଦିତ ହେବାକୁ ହୁଏ, ସେହି ଅଂଶର ଆହ୍ଲାଦକରଣ ଅଳଙ୍କାରର ପୂର୍ଣ୍ଣତା ଭିନ୍ନ ଆଉ କିଛି ନୁହେଁ ।

ଉପସଂହାରରେ କହିବାକୁ ଗଲେ ମନର ଭାବ ସୀମାବଦ୍ଧ ହେବା ଯେପରି ଉପକାରୀ; ଉଚ୍ଛୃଙ୍ଖଳ ହେବା ତାଦୃଶ ନୁହେଁ । ସୁତରାଂ ମନର ଭାବକୁ ସୀମାବଦ୍ଧ କରି ବାଗ୍ ଭୂଷଣର ପୂର୍ଣ୍ଣତା ରକ୍ଷାକରା ଅଳଙ୍କାର ଗ୍ରନ୍ଥର ଉଦ୍ଦେଶ୍ୟ, ଅତଏବ ଇଦୃଶ ଗ୍ରନ୍ଥମାନଙ୍କର ପୁନଃ ପୁନଃ ପ୍ରଣୟନ, ପଠନ, ପରିଶୀଳନ ଏବଂ ଉପଯୋଗ କ୍ରମେ ସଂକୋଚ; ପ୍ରସାରଣ ହେବା ବିଫଳ ବୋଲି ବୋଧ ହୁଏ ନାହିଁ । ଇତି ।

ତା–୮/୧୦/୧୮୯୯

## 'ଜୀବନ ଦର୍ପଣ'ର ଅଭିମତ

ଏହି 'ଜୀବନ-ଦର୍ପଣ' ପଦ୍ୟ ଶ୍ରୀ ବ୍ରଜବନ୍ଧୁ ମିଶ୍ରଙ୍କ ଦ୍ୱାରା ରଚିତ, ଏହାର ପାଣ୍ଡୁଲେଖ୍ୟାବଧି ମୋହର ଦୃଷ୍ଟିଗୋଚର ହୋଇ ବିଶୁଦ୍ଧ ଭାବାପନ୍ନ ହେବା ପାଇଁ ବିଶେଷ ରୂପେ ଗ୍ରନ୍ଥକାରଙ୍କୁ ଅନୁରୋଧ ଓ ଉପଦେଶ ଦେଇଅଛି ।

ପ୍ରଥମତଃ, କାବ୍ୟମାଳାରେ ସଂସ୍କୃତ ଚାରୁଚର୍ଚ୍ଚା ନାମକ ଖଣ୍ଡିଏ ପଦ୍ୟଗ୍ରନ୍ଥ ଦେଖି ତାକୁ ଭାଷାରେ ପଦ୍ୟ କରିବାକୁ ବ୍ରଜବନ୍ଧୁ ମିଶ୍ରଙ୍କୁ ଅନୁରୋଧ କରାଯାଏ । ସେ ସେହି ଗ୍ରନ୍ଥକୁ ଲକ୍ଷ୍ୟକରି ଜୀବନଦର୍ପଣ ନାମକ ପାଞ୍ଚୋଟି ଦର୍ପଣରେ ପରିଣତ କରିଅଛନ୍ତି, ଯହିଁରେ କି ସ୍କୁଲ ଛାତ୍ରମାନଙ୍କର ପଠିତ ପୁସ୍ତକର ଉପାଦେୟ ବିଷୟ ଉପଦେଶ ଛଳରେ ବର୍ଣ୍ଣିତ ହୋଇଅଛି ।

ଆମ୍ଭର ଏତେ ପର୍ଯ୍ୟନ୍ତ ଆଶା ନଥିଲା ଯାହାକି ଏଥିରେ ସଂଗୃହୀତ ଓ ସଂଗଠିତ ହୋଇଅଛି । କାରଣ ବିଷୟମାନ ଅତି କଠିନ, ତାହା ଦୃଷ୍ଟାନ୍ତ ଦାର୍ଷ୍ଟାନ୍ତି କଲେ କହିବା ସହଜ ବ୍ୟାପାର ନୁହେଁ । ତେବେ ସ୍ପଷ୍ଟରୂପେ କହିବାକୁ ଗଲେ ଏ ପୁସ୍ତକ ଯେ ପଢ଼ିବାକୁ ଇଚ୍ଛା କରିବ ସେ ପୁସ୍ତକ ଶେଷ ନକରି ରହିପାରିବ ନାହିଁ, ଯେଉଁ ହେତୁରୁକି ଉତ୍ତରୋତ୍ତର ସ୍ପୃହା କୌତୁହଳାକ୍ରାନ୍ତ ହୋଇ ରହିଅଛି । ଏହି ପୁସ୍ତକ ଯଦିଚ ସ୍କୁଲ ପାଠ୍ୟପୁସ୍ତକରେ କାହାରି ଆପତ୍ତି ହୁଏ କିନ୍ତୁ ପୁରସ୍କାର ପୁସ୍ତକରେ ଗୃହିତ ହେବାକୁ ଏପରି ଉତ୍କୃଷ୍ଟ ଉପକାରୀ ଦ୍ୱିତୀୟ ପୁସ୍ତକ ନାହିଁ, ଏପରି ରୀତିର ପୁସ୍ତକ ଭାଷାରେ ଏହିମାତ୍ର ପ୍ରଥମ ମନୋଯୋଗ ସହିତ ଏହାକୁ ଦେଖିଲେ ଆମ୍ଭର କଥାର କୌଣସି ରଞ୍ଜକତା ବୋଧ ହେବ ନାହିଁ ଏବଂ ସ୍ପଷ୍ଟରୂପେ କହିପାରୁ ଯେ ବ୍ରଜବନ୍ଧୁ ମିଶ୍ରଙ୍କର ଗୋଟିଏ ସୁନ୍ଦର ଆକ୍ଷରିକ ଶୁଭ୍ର-ରେଖା ଉତ୍କଳ ବକ୍ଷରେ ଚିରଦିନ ପାଇଁ ଅଙ୍କିତ ହୋଇ ରହିଲା, ଏଥିରେ କୌଣସି ସନ୍ଦେହ ନାହିଁ ।

[୧୯୦୧ – ସୁତ୍କଳ ପ୍ରେସ୍, ବାମଣ୍ଡା, ରଚକ – ବ୍ରଜବଂଧୁ ମିଶ୍ର ସମ୍ପର୍କରେ ସୁତ୍କଳଦେବଙ୍କ ଅଭିମତ ।]

# Important Notice

Rules making it illegal absolutely to assist labourers to emigrate.

1. All persons are hereby prohibited from recruiting, engaging, inducing or assisting any native of the Bamra Feudatory State to emigrate to any of the districts of Lakhmipur Sibsagar, Nowgong, Darrang, Kamrup, Goalpara, Cochar and Sylhet in the province of Assam.

This Prohibition shall take effect on and from the first day of December, 1902.

2. Whoever knowingly recruits, engages induces or assists or attempts to recruit, engage, induce or assist any native of the Bamra Feudatory State to emigrate in contravention of this prohibition shall be punishable with imprisonment for a term which may extend to six months or with fine which may extend to five hundred rupees or with both.

| | |
|---|---|
| Date Deogarh | **Raja Sir Sudhal Dev K.C.I.E.,** |
| The 29th November,1902 | Feudatory Chief of Bamara, C.P. |

['ସମ୍ବଲପୁର ହିତୈଷିଣୀ' – (୧୪/୨୩) ତା–୧୦-୧୨-୧୯୦୨ ସଂଖ୍ୟାରେ ପ୍ରକାଶିତ]

# ପ୍ରଚାର

"ଆମ୍ଭଦ୍ୱାରା ଅନୁମୋଦିତ ହୋଇ ପ୍ରଚାର କରାଗଲା ଯେ କନ୍ୟାର ବୟସ ୧୨ ବର୍ଷରୁ କମ୍‌ରେ କେହି ବିବାହ କରିବ ନାହିଁ । ଯେ କରିବ, ସେ ସମାଜରୁ ଅନ୍ତର ହେବ ।

ଏହି ବିବାହ ନିୟମକୁ ବ୍ରାହ୍ମଣ ପ୍ରଭୃତି ସକଳ ଶ୍ରେଣୀର ଲୋକମାନେ ମଧ୍ୟ ସ୍ୱୀକାର କରିବା ଉଚିତ । ଯେହେତୁ କନ୍ୟାର ୧୨ ବର୍ଷରୁ ନ୍ୟୂନ ବୟସରେ ଓ ବରର ୧୪/୧୫ ବର୍ଷରୁ ନ୍ୟୂନ ବୟସରେ ବାଳରିଷ୍ଟ ଦ୍ୱାରା ବିପଦର ଆଶଙ୍କା ଥାଏ ।

॥ ଇତି ॥

ତା–୧୦-୭-୧୯୦୩

[ ଉଦ୍ଧୃତ –'ବିବାହ ବିଚାର' –ଉତ୍କଳ ସାହିତ୍ୟ ପ୍ରେସ୍, କଟକ –୧୯୨୯ ]

# धर्म्मशिक्षा

# भूमिका

रायपुर राजकुमार कलेजका प्रीन्सपलके
अनुरोध क्रमे
पूजयपाद पितृदेबके द्वारा
इस पुस्तक उपनिषदका उपदेश श्वेतकेतुका
उपाख्यान तक् सङ्कलित हुआथा वाद उनके
स्वर्गारोहण होनेपर रखाहुआथा।
अधुना प्रचार होनेके लिए प्रकाश किआगया।

**राजा श्री सच्चिदानन्द त्रिभुबनदेव।**

ॐ तत् सत्

# धर्म्मशिक्षा

## प्रथम भाग

श्रीहरिं परमानन्द मुपदेष्टार मीश्वर
व्यापक सर्वलोकानां कारणं तं नमाम्यहं ॥

---

जय जय सुरनायक जन सुखदायक प्रणतपाल भगबन्ता
गोद्विजहितकारी जय असुरारि सिन्धुसुता प्रियकान्ता ।
पालय सुरधरणी अद्भुत करणी मर्म्म नजाने कोइ
यो सहजकृपाला दीनदयाला कर अनुग्रह सोइ ॥

---

हे ईश्वर, हम लोगोंका मङ्गल करो, हम लोगोंका अज्ञान दूर करके ज्ञानदान करो, हम लोग इह संसारमें पड़कर जो दुःख भोग करते हैं सो खण्डन करके सुख दानकरो । आप हम लोगोंके वास्ते ज्ञानवान पुरुष जात करके उपदेश देते हो व असत पथसे रक्षा करते हो, एबं दुष्ट लोगोसे निस्तार करते हो, वैसि अनुग्रह हमलोगोंके उपर सर्वदा बितरण करो । आप ज्ञानमय व न्यायवान हो, आपका ज्योति हम लोगोंके उपर प्रकाश करके हम लोगोंका अज्ञानरूप अन्धकार दूरकरो, एवं पापिको दण्ड देके पुण्यवानको सुख देते हो, जो आपके चरनसेवामें मनोनिवेश करता है उसको स्वकीय समीप में स्थानदान करके सुखी कराते हो, और आपकि करुणा रूप पवन, जल एबं अग्नि, शस्य प्रभृति, हम लोगोंका जीवन वं शरीरको शान्ति बिधान करता है, इसलिये आपकि चरनमें हमलोग निहाएत ऋणी हो, यह ऋण परिशोधके वास्ते हम लोगोंका यह प्रणाम ग्रहण किजिये ।

वं ततसत् शान्ति रों ।

---

११– आश्रित लोगोंका यथोचित भरणपोषण करना ।
१२– अपना सामर्थ्यानुसार परोपकार करना ।
यह द्वादश प्रकार रीतिसे धर्मशास्त्रका बिचार लेके अपना सामर्थ्यानुसार चलनेसे हिन्दु धर्मका रक्षा है ।

३य प्र – इस द्वादश प्रकार हिन्दुधर्मका ब्यवस्था संक्षेप में बर्ण्णन करना चाहिये, जिस में उसका ब्वबहार मालुम हो जाए ।

१म प्र – पहले ईश्वर का कैसा पहचान है ।

उत्तर – यह प्रयोजनबती सृष्टिको देखनेसे एक महा ज्ञानबान पुरुष (ईश्वर) है ऐसा सव ज्ञानबान मनुष्यसे अनुमानसिद्ध होता है ईश्वरकि महिमा व सामर्थ्यसे मालुम होता है कि वह सर्वज्ञ, सर्वशक्तिमान, अनन्तगुणशाली, निर्विकार, निराकार, निर्गुण व जिस वखत अपना इच्छा शक्ति (माया)के अधीन होकर संसार सर्जना करनेको इच्छा करते है, उस वखत सगुण व साकाररूप धारण करके ब्रह्मा, बिष्णु, शिब, रूपसे संसारका सर्जन, पालन, संहार करते है ।

२य प्र – निराकार व साकार ईश्वरको कैसे उपासना किया जाता है ?

उत्तर – निराकार ईश्वरको उपासना करना चाहो तो हाथ जोड़कर चक्षु मुद्रितकरके उनका असाधारण गुण व अलौकिक ब्यापार मनमें करके जो कोइ स्तुति पढ़कर भाबना व प्रणाम करना । साकार ईश्वर * राम, कृष्ण, शिव, दुर्गा प्रभृतिक उपासना करना चाहो तो उनलोगोंका मूर्त्ति पूजा करना व उन लोगोंका मन्दिरमें जाके फुल, चन्दन, मिष्टान्न द्वारा पूजा, प्रणाम करना व सामर्थ्यानुसार उपवास करना ।**

---

* तद्वुद्धय स्तदात्मान, स्तन्निष्ठा स्तत्परायणाः,
गच्छन्त्य पुनरावृत्तिं, ज्ञाननिर्द्धूत कल्मषाः ।

** मन्मनाभब मद्भक्तो, मद्याजी मां नमस्कुरुः ।
मामेबैष्यसि युक्त्यैव, मात्मान मत्परायणाः ॥

३य प्र – हम लोग ईश्वरको जान सकते नहिं ?

उ – हमलोगका वेदान्त में लिखा है ईश्वर प्रत्यक्ष है (१)। इसका तात्पर्य्य यह है कि ब्रह्मकि साक्षातकार सब आदमियों के वास्ते नहीं है। जिसका अन्तःकरण विशुद्ध है व वेदवेदान्त द्वारा ज्ञान चक्षु हैं (२) और शमदमादि सम्पन्न होके (३) सर्बदा ईश्वर कि ध्यान करते हैं सोइ ईश्वरको देखने सकता हैं।

४र्थ प्र – निराकार ईश्वरका स्वरूप कुछ वर्णन करने चाहि हैं।

उ – निराकार ईश्वरका स्वरूप सत्, चित् आनन्द हैं (४) यह स्वरूप निर्गुण व निराकारावस्था में रहता हैं।

५म प्र – सगुण साकाराबस्था का कैसा स्वरूप हैं ?

उ – वयि चित् (ज्ञान) जिस वक्त आपना आनन्द रूपद्वारा इच्छाशक्ति (मायाशक्ति) को परिवर्द्धित करके संसार करनेको प्रवृत्त होते है,(५) उस वखत उनका इच्छा (६) (दर्शन) होके बहुत होनेका प्रवृत्त होते हैं। उस वखत वयि ज्ञानमय ईश्वर एक बिराट हिरण्यगर्भ (७) मूर्त्ति होजाते हैं। उस मुर्त्तिसे ब्रह्मा, बिष्णु, महेश्वर प्रभृति अवतार जात होके संसार करते हैं।(८)

---

(१) यच्छाक्षा दपरोक्षात् ब्रह्मा।

(२) बिमूबनानुपश्यन्ति, पश्यन्ति ज्ञानचक्षुषः।

(३) शमोऽन्तरिन्द्रियनिग्रहः, दमो बाह्येन्द्रियनिग्रहः।

(४) अखण्डं सच्चिदानन्द-माबाङ्मानसगोचरं।

(५) अजोऽपि सन्नब्ययात्मा, भूताना मीश्वरोपिसन्,
प्रबृतिं स्वमधिष्ठाय, सम्भवाम्यात्ममायया।

(६) तदैक्षत बहूयां प्रजाएय, तदनु प्रविश्य व्याकरबाणि।

(७) हिरण्यगर्भः समंबर्त्तताग्रे भुतस्यजातः पतिरेक आसीत्।
सदेव सौम्येदमग्र आसित्, सत्यं विज्ञानमानन्दं ब्रह्म।

(८) यदा यदाहि धर्मस्य, ग्लानिर्भबति भारत,
अभ्युत्थान मधर्मस्य, तदात्मानं सृजाम्यहं।
परित्राणाय साधुनां, बिनाशाय च दुश्कृतां।
धर्मसंस्थापनार्थाय, सम्भबामि युगे युगे।

४म प्र – ईश्वरके पहचानने में स्वयं ईश्वरकि औरसे हमको क्या सहायता मिलता हैं ?

उत्तर – ईश्वर स्वांश बिबिध रुप धारण करते हैं। प्रत्येक रूपसे उसके एक अंशका हमको ज्ञान होता है । और इसप्रकारसे धीरे धीरे हम उसके महिमाको कुछ कुछ जानने लगते है । किसी स्वरूप में कम और किसी में अधिक उसकी शक्ती दिखाइ पडती हैं। जितना अधिक हमको ज्ञान होता है उतनी ही अधिक हमारि भक्ति इॅश्वर में वढति है ।

३य प्र – मनको पबित्र रखना उसका कैसा बिधान है ?

उत्तर – मनको सर्वदा बिद्याभ्यास व बैषयिक सद्ब्यबहार एवं ईश्वर बिषयक सत्कथा में डालन, एवं कोइ तरह असद्मार्ग में मन नहिं देना,* हमेशा सद्मार्ग में ब्वबहार करना; इसतरह करनेसे मन कभि खराप नहीं होगा, सदा पबित्र रहेगा ।**

प्रश्न – मनको पबित्र रखनेसे क्या होगा ?

उत्तर – मनको पबित्र रखना नितान्त आबश्यक है; मनको पबित्र नहीं रखनेसे ईश्वर भाव धारण नहीं होता और सज्ञन व ज्ञानबान लोगका मनके साथ नहीं मिलता एबं जो कुछ बिद्याभ्यास करोगे उसका भाब धारण नहीं होगा, सर्बदा हम बडा है, धनी है, ज्ञानी है ऐसा अहङ्कार मन में होता जागाए, और हमेशा गालि गूफतान में मन

---

* मनएब मनुष्याणां कारणं बन्धमोक्षयोः ।

** मनको पबित्र करने वास्ते बाइवेल में अति उमदा बात लिखा है।

"Know ye not, that ye are the temple of God and that the spirit of God dwelleth in you ?

If any man defile the temple of God, him shall God destroy; for the temple of God is holy, which temple ye are."

तुम लोग क्या जानते नहीं हो, तुम लोगोंका बिच में भगवानका शक्ति व भगवानका मन्दिर बिराजमान किया है, यदि कोइ लोग वहि भगवानका मन्दिर अपबित्र करेगा भगवांन उसका बिनाश करेगें, भगवानका जो मन्दिर पबित्र वहि मन्दिर तुम हो ।

दौडता रहेगा ! और गङ्गा, गोदाबरी, नर्मदा प्रभृति पूण्यतोय में स्नान व काशी, प्रयाग, पुस्कर पूण्य स्थानको गमन करके दान पुण्य करनेसे मन पबित्र रहता है, व परकाल में पबित्रासन पाता है ।(१)

३य प्र – ज्ञान उपार्जन करना उसका कैसा निर्णय है ?

उ – ज्ञान उपार्जन करना नितान्त आबश्यक है, लेड़का धनसे बिद्याभ्यास करके ज्ञान उपार्जन करना (२) ज्ञान उपार्जन नहीं करनेसे अन्ध बधीर व मूकके ऐसा बैठना पड़ेगा । अतएब तिनप्रकार ज्ञान तो जरुर चाहिए, शास्त्रीय ज्ञान, ईश्यरीय ज्ञान, वैषयिक ज्ञान । इस तिन प्रकार ज्ञानसे पदार्थका बिज्ञान व ईश्वरकि भाब एवं ग्रहस्थाश्रमकि सद्ब्यबहार सम्पन्न हो जाएगा, और आदमि सभासमिति में मान्यगण्य होके सज्ञनोका प्रीति उत्पादन करेगा ।

४र्थ प्र – धर्मशास्त्र में बिश्वास स्थापन करना व बिचारपूर्बक गृहधर्म पालन करना उसका कैसा ब्यबस्था है ? धर्मशास्त्र में बिचार क्या है ?

उ – धर्मशास्त्र में बिश्वास स्थापन करना, इसका विवृत करना अनावश्यक है, क्योंकि बिश्वास शब्दका अर्थ सबको मालुम है, परन्तु यह धर्मशास्त्र सर्वमान्य एवं पालनीय है ऐसा अकृत्रिम मना होना (३) और मनु, पराशर, याज्ञबल्क्य प्रभृति ३०/४० धर्मशास्त्र है, इस में मुख्य पराशर संहिता (४)। इस पराशर संहिता में जो ब्यबस्था है उसको बिचार करके व्यबहार करना, जिस में कोइ असुबिधा भोग करना न पड़ेगा, अथच स्वधर्मका पालन हो जाएगा मनु शास्त्र में लिखा है कि ''केबल शास्त्रमाश्रित्य

---

(१) कुर्य्यात् तीर्था-धुभिःपूत-मात्मानं सततोज्ज्वलं,
लोमसादीष्टतीर्थेभ्यः प्रापपार्थ कृतार्थतां ।
(महाभारत बनःपर्व ८० अध्याय)

(२) बालाना मध्ययन तपः ।

(३) श्रुति स्मृत्युक्त माचारं न त्यजेत् साधु१सेबितं,
दैत्यानां श्रीबियोगोऽभूत् तत्यधर्म१च्युतात्मनां ।

(४) कलौ पराशरो स्मृतिः ।

न कर्त्तब्याहि निर्ण्णयः । युक्तिहीन विचारेण प्रजायते'' इसका तात्पर्य्य यह है कि देश काल पात्र व्यबहार में ऋषि लोगोंका मतसे अनेक वात फरक होता है, इस वास्ते यथायोग्य बिधान करना ।

प्र – गृहधर्म क्या है ?

उ – गृही लोग गृह में पाकशुद्धि (वैश्वदेव) करके भोजन करना, ईश्वरार्चन पुर्ब्बक (१) निषेकादि श्मशानान्त कर्म करना (२) पिता माताका श्राद्ध करना, अतिथि सत्कार करना ।

प्र – श्राद्ध क्या बास्ते किस प्रयोजनसे किया जाएगा । श्राद्ध में मांस नहीं देनेसे श्राद्ध क्या वास्ते नष्ट होता ?

उ – पितृश्राद्ध करनेसे कुलरक्षा होता है, पुत्रसन्तानादिका मङ्गल होता है (३) और प्रति सम्बत्सर में पिता माताके स्मरण होता है, सुतरां पितृ मातृ भक्ति आमरणान्त दृढ़ रहता है । श्राद्ध में मांस आवश्यक है (४) यदिच कलि में पितृ पात्र में मांस देना निषेध है, तथापि आपना जो आमिष खाता है, उस आमिषसे बन्धु ज्ञातियोंके साथ उस दिन में भोजन करना (५) पल पैतृक अर्थात् (६) पितृपात्र में नहीं देना । और जो मांस नहीं खाता व मांस ब्यबहार न करनेसे कोइ दोष नहीं हैं (७) ।

---

(१) न कूर्बीत क्रियां काञ्चिदनम्यच्चर्य्य महेश्वरं ।
ईशार्च्चनरतंश्वेतं नामूनेतुं यमः क्षमः ॥
(श्वेत मुनिका उपाख्यान लिङ्गपुराण पूर्बार्द्ध ३० अध्याय)

(२) जातकर्म, नामकरण, बहि-र्निष्क्रमण, अन्नप्रासन, चूड़ाकरण, उपनयन, वेदारम्भ, समाबर्त्तन, बिबाह, व मृताह कार्य्य ।

(३) ब्रह्मचर्य्यैण ऋषिभ्यो यज्ञेन देवेभ्यः प्रजया पितृभ्यः ।

(४) हत-श्राद्धं निरामिषं ।

(५) अश्वालम्भं गबालम्भं सन्यासं पलपैतृक ।
देबरेण सतोत्पत्तिः कलौपञ्च बिबर्जयेत् ॥

(६) बयं यदन्नाः पितरस्तदन्नाः ।

(७) देबान् पितृन् समभ्यच्चर्य्य खादन् मांस नदोषभाक् ।

५म प्र – आपना इन्द्रिय संयमनपूर्बक चरित्र संशोधित रखना, इनका क्या बिवरण ?

उत्तर – चक्षु, कर्ण, नासिका जिह्वा चर्म यह पञ्च ज्ञानेन्द्रिय है, बाक्, पणि, पाद, पायु, उपस्थ यह पञ्च कर्मेन्द्रिय है। इन इन्द्रियोंको इसतरह संयत करके रखना कि जिसने कोइ असद् मार्गको जाने न पावे, यान खराप चिह्न (निशाप्रभृति) नहीं खाना व खराप चिह्न नहीं देखना, खराप चिह्न नहीं सुणना इत्यादि। इसि तरह इन्द्रियोंको संयत रखनेसे काम (१) क्रोध (२)(*) लोभ (३) मोह (४) मद (५) मात्सर्य्य (६) प्रभृतिका उच्छृङ्खलता नहीं होने पावेगा।

चरित्र याने चाल चलन जैसे सज्जन लोगोका सन्तोषजनक होगा। सज्जन लोगोंका चाल चलन देखके आपना चाल चलन ठिक रखना। अच्छी बिद्वान होनेसे भि जब चरित्र ठिक नहीं रहेगा तब किसितरह व बिद्वान पूज्य व सभ्य नही होगा। बहुतसा आदमि विद्वान न होके चरित्र ठिक रखके सभ्य व सज्जन प्रीय होते हैं, चरित्र खराप होनेका एक प्रधान कारण 'नशा' है (**)।

---

१ – काम – इन्द्रियप्रीति, २ – क्रोध – गालि गुसान करना,

(*) क्रोधके वारे में बाइबेल बें एक सुन्दर बात है।

"Let not the sun go down upon your wrath".

इसका अर्थ यह है कि तुमारा क्रोध रहते रहते सूर्य्यको अस्त होने मत देव, अर्थात् धूप रहते रहते तुमारा क्रोध जैसि चला जाएगा ऐसा चेष्टा करना।

न क्रोधो यातुधानस्य धीमान्१गच्छे१दधोनतां।
पपोराक्षस१बद्भोमः क्षतजं रिपु बक्षसः॥

(महाभारत)

३ – लोभ – अधिक इच्छा, ४ – मोह – मायामें आबद्ध।

५ – मद – गर्व अभिमान, ६ – मात्सर्य्य – परोत्कर्षा सहन।

(**) मनद्य ब्यसनीक्षीबः कुर्याद् वेताल – चेष्टित।
बृष्ण्योहि ययुः क्षीबास्तृणप्रहरणा तक्षयं॥

(भागबत)

६८ प्र – स्नानादि द्वारा देह शौच रखना,१इसका कैसा निर्णय है ?

उत्तर – रोज तैल लगाके स्नान करना, उससे देहको सर्वप्रकार दुर्गन्ध नष्ट होता है, मन प्रफुल्लित रहता है, स्नानानन्तर आप सामर्थ्यानुसार सन्ध्या वन्दन करना चाहिए। इस सन्ध्या वन्दन में मनका पवित्रता व शरीरका स्वास्थ्य एबं ईश्वरकि उपासना हो जाते हैं।

प्र – किस तरह सन्ध्या वन्दनसे इस तिनकार्य्य कोन कोन बातसे सम्पन्न होगा ?

उ – राजसन्ध्या करनेका तो बेदका प्रेरणा हैं (१) इसि में प्रसिद्ध होके मार्जन, प्राणायाम, गायत्री जप एसा तिन वात है। यह तिन में अत्यन्त स्वार्थ है। देखो मन्त्रद्वारा मार्जन करनेसे मन पबित्र वोध होता है, और कोइ रोज स्नान करनेको असक्त हो, एवं किस वक्त रास्ता चलने में या रेल में जानेसे स्नान मुताबिक पानि न मिले तो लोटा में पानि लेके वहि मन्त्रद्वारा मार्जन करनेसे स्नानके गाफिक कार्य्य हो जाएगा व मनतुष्ट हो जाएगा, दुसरे हामलोगोंका निश्वास प्रश्वास में जो अङ्गारक बायु (Carbon Dioxide) व अम्लजान बायु (Oxygen) हैं उसका आदान विसर्जन में अर्थात् प्राणायाम द्वारा अत्यन्त स्वास्थ्यसाधन होता हैं। और गायत्री जपनेसे ईश्वरकि उपासना हो जाता है, कारण गायत्री सम्पूर्ण ईश्वरार्थक है।

७ प्र – सत्य कहना सत्य ब्यबहार करना१इसका कैसा रीति है ?

उ – सत्य कहनेको बेदका आदेश है (२) सत्य नहीं कहनेसे मिथ्याबादी होता है, मिथ्या नितान्त पाप है (३) और सबसे जाहिर हो जाएगाकि यह आदमि मिथ्या कहता है तब उस आदमि सच्चि कहेगा तो बी झोठी समझा जाएगा, इस वास्ते सत्य कहना नितान्त आबश्यक है। सत्य ब्यबहार करना याने जिसको जो चिज देनेको बोलोगे और जिसको जो बात कहके कोइ प्रतिबन्धक करोगे सो बराबर ठीक रखना और उलटाना नहीं (४)।

---

(१) अहरहः सन्ध्या मुपासीत् , (२) सत्यांबाच ब्रूयात्।
(३) न मिथ्या पातकात्परं।
(४) नचलति खलुबाक्यं सज्जनानां कदाचित्।

८ प्र – सत्सङ्ग करना इसका कैसा बिवरण है ?

उ – सत्सङ्ग याने सज्ञन लोगोंका सङ्ग करना,(१) सज्ञन सङ्ग करनेसे दुष्ट ब खल लोगोंका जो दुश्चरित्र शोना जाएगा उससे रहित हो जाएगा। और साधु सन्त पण्डित लोगोंका सङ्ग करनेसे हरेक धर्म सम्बधी वात और ईश्वरतत्त्व एवं उत्तम नीति मालुम होगा और आदमि उचस्थानको प्राप्त होगा (२)।

९ प्र – पितृ, मातृ, गुरूजन व प्रभुवर्ग में भक्ति करना इसका कैसा ब्यबहार है ?

उ – माता पिताका भक्ति याने स्नेहपूर्बक सेवाकरना (३) भरणपोषण करना, पिता माताको सन्तोष व सेवा करनेसे 'पुत्र' यह नामका सार्थक हो जाएगा (४) और उनके सेवा करनेसे तपस्याका फल हो जाएगा व उनका क्लेश एबं असन्तोष होनेसे पुत्रको पाप भोगकरना पडेगा (५) उसितरह गुरू (आचार्य्य) का भक्ति सेवा करके उनका सन्तोष करना (६) और प्रभुवर्ग जोकि आपना उपर अधिकृत है, उसका आज्ञा पालन करना व बिनय सहित उनके साथ बात करना।

---

(१) सत्सङ्गान्मुक्त दुःसङ्गः। (भागबत)

(२) कुर्बीत सङ्गतिं सद्भि र्नासद्भि र्गुणबर्जितैः।
प्रपराधब सङ्गत्था प्राज्यं राज्यां बिभीषणः॥ (रामायण)

(३) मातरं पितरं भक्त्या तोषयन्न प्रकोपयेत्।
मातृथापेन नगानां सर्पशत्रेऽभबत् क्षयं।
(तत्कथा महाभारत आदिपर्ब २० अध्याय)

(४) पुँनाम नरकात्त्रायत इति पुत्रः।

(५) यन्माता पितरौ कलेशं सहेने सम्भबे नृणां,
न तस्य निष्कृतिः शाक्याकर्त्तं बर्षशतरपि।
तयोर्नित्य प्रियं कुर्य्या दाचार्यस्य न सर्बदा,
तेष्वेबत्रिषु तुष्टेषु तपः सर्वसिमाप्यते॥

(६) बिद्योद् योगी गतोद्बेगः सेवया तोषयेद् गुरुः।
गुरूसेबा परःसेहे कायके शदशांकचः॥
(महाभारत आदिपर्ब ७९ अं)

१० प्र – पुत्र, दुहिता, भगिनी एवं सुहृद बन्धु वर्गसे वात्सल्य व सद्भाव रखना इसका क्या बिवरण है ।

उ – वात्सल्यके अर्थ अत्यन्त स्नेह; पुत्र दुहिताको स्नेह करनेसे उनका प्रति स्नेह भोग करना पड़ेगा । उनको स्नेह नहीं करनेसे वह लोग स्नेह नहीं करेगें । ऐसा होनेसे गृह में जो सुख है उससे बञ्चित होना पड़ेगा । किन्तु पुत्र दुहिताके जो भावि उपकार हैं याने विद्याशिक्षा देना, उनका चरित्र संशोधन करना, उस में स्नेह नहीं करना, कठोर ताडनादि व्यबहार करना, ऐसा नहीं करनेसे व पिता माता शत्रु समझा जाएगा (१) तथा भ्रातृ भगिनीसे सद्ब्यवहार करके पुत्रबत् परीपालना व उपकार करना । सुहृद वन्धुबर्गसे सद्भाब याने निष्पकट हृदयसे व्यबहार करना जिससे उनका सुख दुःखका भागी होता जाए (२) । मित्र बन्धु लोगोंके अपमान नहीं करना,(३) बन्धु लोगों कृतज्ञ रहनेसे बिशेष उपकार साधित होगा, किसि बखत कोइ आपत बिपद पड़ेगा तो उन लोगोंका साहाय्य लेके उद्धार होना पड़ेगा है ।(४)

११ प्र – आश्रित लोगोंका यथोचित भरणपोषण करना, इसका क्या बिधान है ?

उ – आश्रित लोग याने जो बेतनभोगी और स्वगृह में रहके ग्रासाच्छादन करता है उन लोगोंका बराबर बेतन व अन्नबस्त्र देने जाना व नहीं देनेसे व लोग कार्य्य में बात्सल्य जात करेंगे व आपनाको कष्ट भोग करना पड़ेगा ।

१२ प्र – आपना सामर्थ्यानुसार परोपकार करना उसका कैसा निर्णय है ?

---

(१) मातावैरी पिताशत्रु र्येनबालो न पाठितः ।

(२) बन्धुनां सुख दुःखेषु बान्धबाः फलभागिनः ।

(३) न बन्धु सम्बन्धिजनं, दुषयेन्नापि बजयेत् ।
दक्ष यक्ष क्षयायाभूत्, त्रिनेत्रस्य बिमानता ॥
(भागबत चतुर्थस्कन्द चतुर्थ अध्याय)

(४) अल्पाना मपि बस्तुनां संहतिः कार्य्यसाधिका ।

उ – गरिब, दुःखी, अन्ध, बधीर, खञ्ज प्रभृतिको यथाशक्ति साहाय्य करना, उनको भिक्षा देना, कोइ आदमि बिपत्ति में पड़ा होगा तो उसिको उसि बिपत्तिसे उद्धार'करना एवं बिद्यादान पूर्वक आजन्म सुखी करके उसिसे उपकृत होना * और उपकारिको हिंसा नहीं करना (१)(२)।

४ प्र – इसि स्मार्त्तधर्म ब्यवस्थाका यथार्थ स्वीकार करनेसे देशबिदेशमें नानाप्रकार ब्यवहार होता है, इसवास्ते इस धर्मका यथार्थ तत्त्व कैसा है ?

उ – यह हिन्दुधर्मको देखनेसे उसका अनेक मार्ग (पद्धति) होगया है, अनेक मत, मतान्तर होगया है, यह सवको विचार करनेसे कौन मत व पद्धति ठिक है उसिका ठिकाना करना सहज बात नहीं है। इस वास्ते हमारि यह स्मार्त्तधर्म अपना अपना पितृ पितामहसे सदूप में जो चला आया है उसिके उपर विश्वास स्थापन करके हिन्दुधर्मका रक्षा करना। **

५ प्र – इस हिन्दुधर्मसे कोइ कारणसे जो कोइ विपत्तिसे धर्मभ्रष्ट होगा तो कैसा करना ?

उ – धर्मसे भ्रष्ट होके जबकि स्वधर्म में बिश्वास पूर्वक मनस्ताप व अकृत्रिम ब्यबहार करके स्वधर्मको आने चाहे तो आर्य्यलोगोंके आज्ञासे धर्मशास्त्रकि शासनानुसार पुनर्बार हिन्दुधर्मको आ सकता है।

---

(*) परोपकारः स्वर्गाय, पापाय परपीडनं।

(१) परोपकारं संसारसारं कुर्बीत सत्त्वबान्।
निदधे भगबान् वुद्धः सर्बसत्व हिते धीयं।

(२) अबिस्मृतोपकारः स्यान्न कुर्बीत कृतध्नतां,
हत्त्वोपकारिणं बिप्रो नाडि यङ्ग मधःच्युतः।
(महाभारत शान्दिपर्व आपतधर्म १६८ अः)

(**) श्रुतिश्च भिन्ना स्मृतयश्च भिन्ना, नाना मुनिनां मतयश्च भिन्नाः।
धर्मस्य तत्त्वं निहितं गुहायां, महाजनो जेन गतः स पन्थाः॥
येनास्य पितरो ज़ाताः, येन याताः पितामहाः।
तेन याया छतांमार्ग मेषधर्मः सनातना॥

कोइ आदमि काल नियमानुसार कोइ देशान्तर गमन करेगा तो जिस देशको जानेसे आचार ब्यबहार व खाद्द में हिन्दुधर्म नहीं रह सकता, उस वारे में कहना यह है कि उस देशका ब्यबहार्य्य हिन्दुधर्मका निषिद्ध खाद्द पदार्थ परित्यक्त करके ब्यबहार करे । पुनश्च स्वदेशको आके स्पर्शादि दोषके वास्ते धर्मशास्त्रका शाशना स्वीकार करके अकृत्रिमके साथ स्वधर्म में रहना कृत्रिम कार्य्य धर्मका अनिष्टकरी होता है, देखो महा दुभिक्ष पड़नेसे चण्डाल गृह में अन्नभोजन करे किन्तु पानि न पिवे कारण पानिका दुर्भिक्ष नहीं है ।

इस तरह धर्मकि अकृत्रिम ब्यबहार करनेसे बिश्वास पूर्बक धर्म संस्थापना होता है ।*

---

* ''एक एब सुहृद्धर्मो निधनेप्यनुयातियः ।
शरीरेण समंनाशं, सर्वमन्यत्तु गच्छति ।''
''स्वधर्मे निधनं श्रेयः, परधर्मो भयाबहः'' ।

तृतीय भाग

# व्यबहारिक धर्म (जातिधर्म)

धर्मको तिन प्रकार करके कहाजाता है ।

पारमार्थिक धर्म,* पारलौकिक धर्म ** व व्याबहारिक धर्म (जातिधर्म । इसका प्रथम दो धर्म दुसरी भाग में कहा गया हैं ।)

तिसरि धर्म याने जाति धर्म इसि भाग में प्रकाश करते हैं, इस व्याबहारिक धर्म जो कि जाति में आवश्यकके साथ ब्यबहार होता है उसिका बिवरण यहां है, ब्राह्मणधर्म, क्षत्रीयधर्म, वैश्यधर्म, शुद्रधर्म ।

ब्राह्मणधर्म – यजन, याजन, अध्ययन, उध्यापन, दान, प्रतिग्रह प्रभृति षट्कर्म पालन ।

क्षत्रीयधर्म – (राजधर्म) प्रजापालन, युद्ध, अध्ययन, यजन, दान ।

वैश्यधर्म – बाणिज्य, कृषि, अध्ययन, दान व पूजन ।

शुद्रधर्म – बिद्याशिक्षा, दान, इश्वरसेबा, कृषि व कर्म राजधर्मको विशेष करके कहा जाता है ।

राजाका प्रजापालन प्रधान धर्म है (१) और प्रजालोगोंका पीड़न करनेसे अनिष्ट उत्पादन होता है (२) एबं प्रजा लोगांसे उचित राजस्व लेना, प्रजालोगोंको विद्या पढाके स्वकीय हितकर कार्य्य में नियुक्त करना, इस में एक महान उपकार यह है कि देशीय लोगोंका वाध्यता, कृतज्ञता, अत्यन्त भक्ति पूर्बक रहता है । दोषीको दण्डदेना, निर्द्दोषीको

---

* पारमार्थिक धर्म, निराकार धर्म ।

** पारलौकिक धर्म, साकारकाम्य उपासना व गृहधर्म ।

१. प्रजानरञ्जयेद् यस्तु, राजारक्षादिभि र्गुणैः
अजागलस्तनस्यैब, तस्य राज्यं निरर्थकं ।

२. प्रजापीड़न सन्तापात्, समुद्भूतो हुताशनः,
राज्ञः श्रीयं कुलं प्राणान्नादग्ध्या बिनिबर्त्तते ।

मुक्त करना(३) दुष्ट को ताडना करना, सन्थको पालन करना, आश्रित लोगोंको भरण पोषण करना (४) निरलस होके कार्य्य करना, प्रजा लोगोंको शस्त्रपाणि होके शत्रुसे उद्धार करना, अपना आयको देखके ब्यय करना (५) आय अपेक्षा ब्यय अधिक होनेसे पश्चात् नाना आपद में पड़ना होता है। आपद बिपदके वास्ते धन सञ्चय करना (६) सकल सज्जन लोगोंका प्रियपात्र होना, मर्म वात कहके किसिको उत्तेजना नहीं करना (७) कोइ ब्यसन में कालक्षेप नहीं करना (८) अपना पुत्रको प्रातःकाल में ब्यायाम शिक्षा अर्थात् कुस्ति, अश्वारोहण, बन्धुक चालन प्रभृति शिक्षा देना।

---

३. अदण्ड्यान् दण्डयन् राजा, दण्ड्याश्चैबाप्यदण्डयन्,
अयशो महदाप्नोति, नरकं चैब गच्छति।

४. असदनुशासनं, सत्प्रतिपालन माश्रितभरणानि
राजचिह्नानि, अभिषेकः पट्टबन्धो, बाब्यजनं ब्रणस्यापि।

५. आयाधिको ब्ययो यस्य सोऽचिराद्भ्रश्यते श्रियः,
स पूज्यः सततं लोके यस्य नायाधिको ब्ययः।
अतिदाने बलिर्बद्धः।

६. आपदर्थे धनं रक्षेत्।

७. पानंस्त्री मृगया द्यूत मर्थदूषणमें बच,
बाग्दण्डयोश्च पार्श्यञ्चब्यसनानि महीभूजां।

८. न गीतबाद्याभिरति बिंलास व्यसनी भवेत्,
बीणाबिनोदी व्यसनी बत्सॅशः शत्रुणाहुतः।
(कतासरित् सागर १२श तरङ्ग)

कालान्तर ब्यबहारको आपना धर्म शास्त्रका अनुकरण में निर्बाचित करनेसे न्यायधर्म होता है अर्थात् एकधर्म देखके युक्ति अनुसार यो समकक्ष धर्म निर्बाचित करा जाता है उसका नाम न्यायधर्म ।

देखिये धर्मशास्त्र में उक्त है कि "बहु काष्ठ, बहु तृण, बहु जल, नौका, गजपृष्ठ व देबयात्रा" प्रभृति में स्पर्शदोष नहीं होता(*) । इस बाक्यके अनुसार रेलयानेके साथ निर्वाचन (विचार) करनेसे बहु काष्ठ द्वारा निर्मित हुआ; इस कारणसे स्पर्शदोष न होनेका स्पष्ट प्रतीति होता है; सुतरां रेल, जाहाज प्रभृति महायान में स्पर्शदोष ग्राह्य नहीं है ।

खाद्यपानादि में वि इस तरह न्यायधर्म अवलम्बनीय है, धर्म शास्त्र में उक्त है कि औषधके वास्ते सुरा पिना (**) यह बातको निर्बाचन करनेसे स्वास्थ्यके वास्ते सुरापर्य्यन्त ग्रहण किया जाता है, यो सुराको स्पर्श करनेसे हाम लोगोंका प्रायश्चित्तका कारण होता है वहि स्वास्थ्यके वास्ते खाते हैं, इस कारणसे बिकारान्तर प्राप्त जल बरफ, सुड़ा वाटर, लेमोनेट प्रभृति स्वास्थ्यके वास्ते व्यबहार करनेसे कोइ दोष नहीं होगा । उसि तरह डाक्तरखानाका औषधि सुरा सम्मिलित होनेसे बि उसका खाना दोष नहीं है । आवर उसतिरह अन्यान्य स्वास्थ्यबिधायक पदार्थ में न्यायधर्म अबलम्बन करके चलना ।

बिदेश गमनकालीन पन्था में यथार्थ धर्म अवलम्बन करके चलनेसे देहका अश्वास्थ्य होगा (१) एवं धर्मका क्षति होगा; आवर उद्देश्य फल सिद्धि में व्याघात घटेगा । अतएब उस बखत आपना सामर्थ्यानुसार स्वधर्मका अनुष्ठान करके चलना (२) ।

---

(*) बहुतृण जले, काष्ठे नौकायां गजपृष्ठके,
देबयात्रा कुरुक्षेत्रे न दोषो मनुरब्रबीत् ।

(**) औषधार्थे सुरां पिबेत् ।

(१) शरीरमाद्यं खलुधर्मसाधनं ।

(२) पथि शुद्र बदाचरेत् ।

यो देशको आदमि जाएगा उस देशका आर्य्यलोग जिसके हस्त में जलपान करने है, आवर न्यायधर्म में यो यो पदार्थ भोजन करते हैं उसतिरह पान भोजन करनेसे कोइ दोष नहीं (३) है।

स्वधर्माबलम्बि, उपनीत, ब्राह्मणका हस्त में बिदेशकालीन भोजन करनेसे कोइ दोष नहीं है (४)।

युद्धके वखत धर्म में जड़िभूत होना अधर्म है, कारण धर्मको लक्ष्य करनेसे शत्रुद्वारा आक्रान्त होके कष्ट भोग होगा एबं बीरधर्मसे स्खलित होगा, स्वकीय यश कलङ्कित होगा।

---

# बेद

हिन्दुलोगोंका बेद प्रधान धर्मशास्त्र है, यह बेदोंसे मनु यज्ञबल्क्य प्रभृति स्मृतिशास्त्र व भागबत प्रभृति अष्टादश पुराण हुआ है। यह बेद प्रथमतः ऋगबेद रूपसे एक होके था, उसके बाद त्रेतायुग में ऋषिलोग अग्निको तिनभाग में अर्थात् दक्षिणाग्नि, गार्हपत्य, आहबनीय में बिभक्त किए।

उसि दिनसे अग्निका नाम त्रेता हुआ ५ आवर अग्नि तिनभाग होनेसे बेद बि ऋक्, यजु, साम् में तिनभाग हुआ; ब्राह्मण लोग बि ऋक्बेदी, यजुर्बेदी व सामबेदी ऐसा तिन प्रकार हो गये। इससे वरावर प्रतीति होता है कि वइ बिभाग कालके नाम त्रेतायुग हुआ है।

वइ तिनो बेद मन्त्रभाग व ब्राह्मणभागसे दो भाग में बिभक्त हुआ, मन्त्रभा ऋग्बेद संहिता यजुर्बेद संहिता सामबेद संहिता इसमें केबल मन्त्रोंका ब्यबहार है।

---

(३) यस्मिन् देशे यआचारः पारम्पर्य्यात् बिधीयते।

(४) ब्राह्मणस्य गृहेचान्न पबित्रञ्च युगे युगे।

(*) त्रिधा प्रणीतो ज्वलनो मुनिभि र्बेदपारगैः।
अतस्त्रेतात्वमापन्नो यदेक स्त्रिबिधः कृतः।

ब्राह्मणभाग में अश्वलायन शाखा, तैत्तिरीय शाखा, काण्व शाखा कुथ्मशाखा प्रभृति है। इस में ऐतिहासिक उपदेश एव कर्माङ्ग बिधि बिधान है। आवर दशोपनिषद प्रभृति ज्ञान काण्डको बि ब्राह्मण भाग कहा याता है, उपदेश प्रभृति में निराकार ब्रह्मका ब्याख्या व उपासना एवं सृष्टि आदिका बिबरण है।

अथर्ब बेद उससे परवर्त्ती समय में सृष्टहोके आज काल चारिबेद में ख्यात है।

धर्मशास्त्र अनेक प्रकार ब्यबहृत है, इस में मुख्य २ कै एकटि नीचे लिखा याता है।

मनु, यज्ञबल्क्य, पराशर, शंख, लिखित, गौतम, शातातप, अङ्गिरा, वृहष्पति, बिष्णु, आपस्तम्ब, बशिष्ठ, आत्रेय प्रभृति, यह सब स्मृति में गृहधर्मका ब्यवस्था बर्णित हुआ है।

पुराण अष्टादश प्रकार में व्यवहृत है, उनका नाम मत्स्य, मार्कण्डेय, भाबिष्य, भागबत, बह्नि, वामन, वाराह, ब्रह्मवैवर्त्त, ब्रह्माण्ड, ब्रह्म, आग्नेय, पद्म, नारदीय, गारुड़, लिङ्ग, कूर्म, स्कन्द है। यह पुराणसे गृही लोगोंका ब्रत उपबास प्रभृति नाना प्रकार धर्म सम्बन्धीय उपाख्यान एवं पूजा नीति प्रभृति बर्णित है आवरं कितने उप पुराण बि देखा याता है। यथा बिष्णु, कल्कि, आत्म, नृसिंह प्रभृति है।

महाभारत, रामायण, प्रभृति महापुराण है, यह सबसे बि उसि तरह धर्म सम्बन्धी एवं ऐतिहासिक घटना सव बर्णित है।

---

# अबतार

ईश्वरकि अबतार वहुत है, उस में दशअबतार प्रसिद्ध है, उसका बिबरण यह है। मत्स्य, कच्छप, बराह, नृसिंह, बामन, पर्शुराम, राम, बलराम, बौद्ध व कल्कि।

सत्ययुग में शङ्खासुर बेद हरण करके समुद्र में छिपा था। भगबान मत्स्य अबतार होके बेदको उद्धार किए।

समुद्र मन्थनका वखत मन्दर पर्बत रसातल होने लगा, उस वखत भगवान कच्छप रूप होके आपना पृष्ठ में मन्दर पर्बत व पृथिबीको धरलिए।

हिरण्य दैत्यको विनाश करने वास्ते भगवान वराह अबतार होके पृथिबीको दन्त में धरके हिरण्यको बध किए।

हिरण्यकश्यप ईश्यरविद्वेषी था, उनका पुत्र प्रहलाद ईश्वरभक्त थे, प्रहलादको ईश्वर भक्तिसे हटाने वखत उनको मारनेके वास्ते चेष्टा किए। एकरोज उनको वोले "तुमारा भगवान कहाँ है बोल"; प्रहलाद एकठो स्तम्भको देखाके बोले "इस स्तम्भ में है" शुनके हिरण्य कश्यपु ओयि स्तम्भको पदाघात किए, उससे भगवान नृसिंह रूप धरके हिरण्य कश्यपुका वक्षस्थल विदारण करलिए।

वलिनामक दैत्य याग करके इन्द्र होनेका मतलब किया। इस में देवता लोगंको आतङ्क हुआ, उस में भगवान वामन रूप धारण करके दोपाद भूमि माङ्गके दोपादसे स्वर्ग, मर्त्त्य आच्छन्न करके तिसरे पाओं निकालके बलिका शिर में देके पातान में डालदिऐ।

त्रेता युग में हैहय वंशीय राजन्यगण अत्यन्त दृप्त होके प्रजा पीड़न किए तो भगवान पर्शुराम अबतार होके उन लोगोंको दमन किए।

रावण अत्यन्त उद्धत होके स्वर्ग लुण्ठन किआ व देव लोगोंके कष्ट दिआ तो भगवान राम अबतार होके राबणको विनाश किए।

द्वापर में कंस व प्रलम्बादि दैत्यगण अत्यन्त उद्धत होके देब लोगोंका पीड़ा करनेसे भगवान रामकृष्ण अबतार होके उन लोगोंको नष्ट किए।

भगवान कल्कि अबतार होके म्लेच्छ लोगोंके ध्वंस करेङ्गे, यह अबतार सबको लेके हमारे आर्य्यलोग प्रतिमाद्वारा मूर्त्ति स्थापन करके हिन्दु लोगोंके वास्ते प्रतिष्ठित किए है। आवर बहुत स्तुति स्तोत्र बनाया है। उसको पढके साकार बर्णनके ज्ञानसे निराकार इश्वरको प्राप्त होजाते हैं।

---

# हिन्दु संप्रदाय

हिन्दु लोगोंका उपासक सम्प्रदाय बहुत है। उसके बिचे में ब्रह्मा, बिष्णु, महेश्वर वयि तिनका उपासना व तीर्थ बहुत है। ब्रह्माका उपासना केबल पुस्कर तीर्थ में होता है, शिबका उपासना वैद्यनाथ, काशी, केदारनाथ, श्वेतबन्ध रामेश्वर, व काञ्ची प्रभृति स्थान में होता है। बिष्णुका उपासना पुरी, काञ्ची, रङ्गजी, द्वारका व बद्रिनायाणादि में होता है। वयि बिष्णुके उपासना गृहिलोग राम, कृष्ण, शिब, गणपति, सूर्य्य व दुर्गा वइ पञ्चदेबता द्वैताद्वैत भाबसे उपासना करते हैं। आवर सन्न्यासी, दण्डी, ब्रह्मचारी लोग केबल निराकार ईश्वरको उपासना करते हैं। बैष्णब जीव गोस्वामी, रूप गोस्वामी व चैतन्यजी प्रभृति हैं, व सब द्वैतवादी राधाकृष्णका उपासक है। रामानुज स्वामी प्रभृति बिशिष्टाद्वैतबादी है व सब आचारी होते हैं वराम, लक्ष्मण, सीताका उपासक है। इन लोगोंका दण्डीको त्रिदण्डी कहायाता है।

आवर बहुत सम्प्रदाय है, व सब सम्प्रदाय अन्यान्य साधारण लोग करता है।

# परकाल

जन्मसे मरणतक यो समय है उसको इहकाल वोलायाता है। मरणानन्तर जीव यो काल में अबस्थान करता है उसको परकाल कहते है। वइ परकाल में जीवात्मा आपना पाप पुण्यके अनुसार सुख, दुःख शरीर लाभ करता है अर्थात् पुण्यके प्रभावसे वड आदमि होना, धनी होना, विद्यावान होना, आवर स्वर्गभोग करना। पापका प्रभावसे यमदण्ड भोग करना, पशु योनी में जन्म होना, अन्ध, वधिर प्रभृति होके दुःख भोग करना (क)। परकाल में किस तरह पाप पुण्यका फल देखा याता है, दो पौरानिक कथा नीचे देखिए।

सत्य युग में अनङ्क नामक व्राह्मण शासन में आत्रेय बंशज देबशर्म्मा नामधेय एक ब्राह्मणका कन्या मातृ पितृ व पतिहीना होके बहुकाल सद्गतिका वास्ते तपस्या किया। एकादशी ब्रत, कार्त्तिककृत्य, तुलसी सेवादि विष्णुका सेवा करके मरणान्ते वैकुण्ठ में बास किया।

---

(क) पापकारी पापो भबति, पुण्यकारी पुण्यो भबति।

इसके बाद द्वापर युग में पूर्ब पुण्यका प्रभाबसे कृष्णजिका प्रियबती सत्यभामा रूप में अबतीर्ण हुए। इसका वयि पूर्ब पुण्यका प्रभाबसे उसका पिता देबशर्मा व उसका पति चन्द्रहोत्र भगवानका करुणा लाभ करके वइ युग में शक्राजित एवं अक्रुर होके जन्म हुआ था।

(कार्त्तिक माहात्म्य)

पूर्बकाल में कनाउज देश में दामोदर पति नामधेय एक धार्मिक ब्राह्मण था, तीर्थभ्रमण करके सो बहुत पुण्य अर्जन किए, शेष में एक बेश्यासक्त होके खानापिनादि में धर्म पथसे भ्रष्ट होके मरणान्ते परजन्म में श्रृगाल रूप धरके जन्म हुए। (माघ माहात्म्य )

# जीबात्माका कर्त्तव्य ईश्वर सेबा

ईश्वरोपासना करनेको हाम लोग बाध्य। हामलोगका जीबात्मा ईश्वरका अंश है। इस वास्ते जीबात्मा जीतना अन्नति लाभ करना जाएगा, इतने हि ईश्वरका तरफको ढलता जाएगा। उसि तरह ईश्वरकि अनुग्रह भोग पाता जाएगा। हामलोगका ईश्वर प्राप्त होनेका यो प्रतिबन्धक (अज्ञान जनित पापाबरण) हैं, वइ प्रतिबन्धक हाम लोगोंको ईश्वर आराधनासे अन्तर करता है। इस वास्ते ईश्वर सम्बन्धी धर्म बिषयक ज्ञान उपार्जन करके ईश्वरकि तरफ ध्यान देते याना। इस वारे में गीता में क्रिष्णजी कहे कि यो जिस तरह हमको उपासना करेगा उसि तरह उसको हम प्रसन्न होगे, क्यों कि मनुष्य मात्र सर्बप्रकार में हमारि मार्गको अनुसरण करता है। आवर सब मनुष्यका हृदय में हम रहता है। हामसे सवका स्मरण ज्ञान प्रभृती होता है बेद में हाम ज्ञात हैं। और आपनि २ कर्म में नियोजित होनेसे अबश्य मनुष्य सिद्धिको पाता है। इस में साफ मालुम होता है कि मनुष्य ज्ञान सम्पन्न होके ईश्वर सेबा करनेको बाध्य है।(ख)

---

(ख) ये यथा मां प्रपद्यन्ते तां स्तथैब भजाम्यह।
मम बर्त्मानुबर्त्तन्ते मनुष्याः पार्थ सर्बशः॥
सर्बस्य चाहं हृति सन्निबिष्टो मत्तः स्मृतिर्ज्ञानमपोहनञ्च।
बेदैश्व सर्बै रहमेब बेद्यो बेदान्तकृत् बेदबिदेब चाहं॥
स्वे स्वे कर्मणयभिरतः संसिद्धि लभते नरः॥

# जीबात्मा

यह जीबात्मा सब जीब शरीर में अनुभूत होता है। यह जीबात्मा नहीं रहनेसे शरीरका चाञ्चल्य नहीं होगा। सुतरां जीबात्मा एक ज्ञानमय पदार्थ है।

ज्ञानमय पदार्थका यह निर्णय है कि एक ज्ञानका कार्य; में यो निगुढ भाब प्रयोजनके साथ है, उसको यो दुसरा ज्ञान जानता हैं। व ज्ञान उस ज्ञानसे भिन्न नहीं होगा।

देखिए, ईश्वर ज्ञानमय पदार्थ, जीबात्मा ज्ञानमय पदार्थ, यब कि ईश्वरीय कार्य्यका भाव प्रयोजनके साथ जीबात्मा जानेगा तब ईश्वरसे जीबात्मा भिन्न नहीं होगा। वैसेहि एक जीबात्मा अन्य जीबात्माका कार्य्य भाब प्रयोजनके साथ जाननेसे जीबात्मा जीबात्मा एक समझा जाता है।

यह जीबात्मा मनुष्य शरीर में अत्यन्त ज्ञानशील देखा जाता है। मनुष्य शरीर में अधिष्ठित होके इस तरह कार्य्य करते है जिससे ईश्वरीय कार्य्यका साथ समकक्षता देखलाता है। आवर यह संसारका अद्भुत सृष्टितत्त्वको इस तरह जानता है कि इहजगत सृष्टि जिस ज्ञान द्वारा निर्मित हुआ है, उसि ज्ञानका अविरोध भावसे सृष्टि तत्त्वको जान लेता है।

देखिए, आधुनिक प्राणीत्त्वबित् व विज्ञान तत्त्वबित् पण्डित लोग ईश्वर ज्ञानजन्य कार्य्य में आपना ज्ञानका सम्मिलन करलेते हैं अर्थात् ईश्वर सृष्टिका तत्त्व एबं प्रयोजन जान लेता है।

उस में साफ मालुम होता है कि हाम लोगोंको जीवात्मा ईश्वरका एक अंश बोलने में कोई विरोध नही होगा किन्तु उपाधि अनुसार ईश्वरज्ञान व हाम लोगोंका ज्ञान अबश्य न्युनाधिक होगा।

यब कि ईश्वरसे जीवात्मा भिन्न होगा तब ईश्वरीय ज्ञान, जीबात्मा सम्बन्धी ज्ञान भिन्न होके जीबात्मा ईश्वरीय कार्य्यका प्रयोजन नहीं जान सर्कगा।

शेष कर्त्तब्य यह है कि जीबात्मा में यव कि जानना, पहिचानना (विशेषज्ञान) व भावना करके आविस्कार करना प्रभृति धर्म यो है सो ईश्वरके कार्य्य में यबकि देख याता है तव क्यों जीबात्मा परमात्माका अंश नहीं होगा ? अर्थात् एक जीबात्माका कार्य्य जानके यबकि अन्य जीबात्मा एकत्व प्रतिपादन करता है तब ईश्वरका कार्य्यका जीबात्मा जाननेसे क्यों ईश्वरका साथ जीबात्मा एक नहीं होगा ?*

# उपनिषदका उपदेश
# श्वेतकेतुका उपाख्यान

एकान्त अभाबात्मक असत् पदार्थसे यह सदात्मक संसार प्रादुर्भुत होने नहीं सकता है। यह तत्व पिता अरुणिपुत्र श्वेतकेतुको समझा दिए बाद उससे दुसरे रोज वइ युक्ति सब हृदय में करके पिताके पाश आके विनीत भाब में पुछने लगे। कहेकि ''हे पित, नित्य, निरबयव व्रह्मसे यह अनित्य सावयव जगत जन्म हुआ''। अरुणि कहे, ''तुमको उसिदिन यो व्रह्म पदार्थका वात बोलेथे, वह अद्वितीय सत व्रह्म चैतन्य सर्जना इछासे बहुत होनेका इछा किए। पूर्ब प्रलय में यो सब वस्तु उस में सुक्ष्म शक्ति रूप में बिलीन था, उसका ज्ञान में वइ सवका आलोचनाके नाम ब्रह्मका इछा, या इक्षा। वइ सर्जनेच्छु अद्वितीय ज्ञानमय ब्रह्मका कामनासे व मायाका जोरसे संसार प्रादुर्भूत है।

---

* ईसका तत्त्व पञ्चदशी तत्त्व दीपिका पहिले लिखा है।

# ଅନୁବାଦ ସାହିତ୍ୟ

# ପ୍ରାକ୍-ସୂଚନା

ସୁରଙ୍ଗଦେବ ବାମଣ୍ଡା ପ୍ରେସ୍‌ରୁ ସଂସ୍କୃତ ସାହିତ୍ୟର ଅନେକ କ୍ରାନ୍ତିକାରୀ ପୁସ୍ତକର ଶୁଦ୍ଧ ସଂସ୍କରଣ କରାଇଥିଲେ । ଏ ଭିତରେ ଦେବୀ ମହାତ୍ମ୍ୟ ଚଣ୍ଡି, ତିଥିକୃତ୍ୟ ବ୍ୟବସ୍ଥା, ଗଦାଧର ପଦ୍ଧତି, ସାହିତ୍ୟ ରତ୍ନାକର, ଦଶକର୍ମ ପଦ୍ଧତି ପ୍ରଭୃତି ପ୍ରଧାନ । ଏତଦ୍‌ବ୍ୟତୀତ ସେ ମୁକ୍ତିକୋପନିଷଦ୍ ଓ ମଣିରତ୍ନମାଳା ଶୁଦ୍ଧ ସଂସ୍କରଣ ସହ ଗଦ୍ୟାନୁବାଦ କରିଥିଲେ । ମୁକ୍ତିକୋପନିଷଦ୍ ୧୮୮୩ରେ ଓ ମଣିରତ୍ନମାଳା ୧୮୮୬ରେ ପ୍ରକାଶ ପାଏ । ଏ ପୁସ୍ତକ ଦ୍ୱୟରୁ ତାଙ୍କର ସଂସ୍କୃତ ଜ୍ଞାନର ପରିଚୟ ମିଳିଥାଏ । ମଣିରତ୍ନମାଳା ଅନୁବାଦ ପରେ ସେ ନୀଳମଣି ବିଦ୍ୟାରତ୍ନଙ୍କୁ ଏହାର ପଦ୍ୟାନୁବାଦ ପାଇଁ ଅନୁରୋଧ କରନ୍ତି ଏବଂ ବିଦ୍ୟାରତ୍ନଙ୍କ ପ୍ରଚେଷ୍ଟାରେ ମଣିରତ୍ନମାଳା ପଦ୍ୟାନୁବାଦ ପ୍ରକାଶ ପାଏ ।

ବାମଣ୍ଡାରେ ଅନୁବାଦର ଧାରାକୁ ଜଳନ୍ଧରଦେବ (ମହରମର ଇତିବୃତ୍ତ- ବଙ୍ଗଳା), ସଚ୍ଚିଦାନନ୍ଦ ଦେବ (କାଦମ୍ବରି ସଂସ୍କୃତ), ବଳଭଦ୍ରଦେବ (ରଘୁବଂଶ, ଋତୁସଂହାର, କାଦମ୍ବରି) ପ୍ରମୁଖ ପରିପୁଷ୍ଟ କରନ୍ତି । ପରୀକ୍ଷାମୂଳକଭାବେ ବଙ୍ଗଳା, ହିନ୍ଦି ଓ ସଂସ୍କୃତ ସାହିତ୍ୟର ବିଭିନ୍ନ ରଚନାବଳୀକୁ ବାମଣ୍ଡାରେ ଅନୁବାଦ କରାଯାଇ ସାଧାରଣ ପାଠକଙ୍କୁ ପରିବେଷଣ କରାଯାଉଥିଲା ।

— ସଂପାଦକ

# ମୁକ୍ତିକୋପନିଷତ୍

ବାସୁଦେବ ସୁଢ଼ଳଦେବଙ୍କ
ଦ୍ୱାରା
ଅନୂବାଦିତ ଓ ପ୍ରକାଶିତ

ବାମଣ୍ଡା
୧୮୮୩

# ବିଜ୍ଞାପନମିଦଂ ।

ଏହି 'ମୁକ୍ତିକୋପନିଷତ୍' ଆମ୍ଭମାନଙ୍କର ଏକ ପ୍ରକାର ଶ୍ରେୟସ୍କର ବୋଇଲେ କୌଣସି ଅତ୍ୟୁକ୍ତି ହେବ ନାହିଁ । ମୁକ୍ତିପଥାଭିଳାଷିମାନେ ଏହି ଗ୍ରନ୍ଥକୁ ଆମୂଳ ପାଠ କଲେ ତହିଁରୁ ଯେ ଶ୍ରେୟ ହେବ ତାହା ସେମାନେ ଅନାୟାସରେ ବୁଝିପାରିବେ ଓ ଏହି ମାନନୀୟ ପୁସ୍ତକ ବଙ୍ଗାନୁବାଦ ଓ ବଙ୍ଗାକ୍ଷରରେ ସମ୍ବଳିତ ଥିବାରୁ ଆମ୍ଭମାନଙ୍କ ଉତ୍କଳ ଦେଶରେ ସମସ୍ତ ବ୍ୟକ୍ତିମାନଙ୍କର ପାଠୋପଯୋଗୀ ହେବାର ବିରଳତା ଦେଖି ଆମ୍ଭେ ଉତ୍କଳଭାଷାରେ ଅନୁବାଦ କରି ପ୍ରକାଶ କରିବାରେ ସାହସୀ ହେଲୁଁ ଭରସା କରୁଁ ଏହା ଆମ୍ଭମାନଙ୍କର ଉତ୍କଳ ଦେଶରେ ଆଦରଣୀୟ ହେଲେ ଚରିତାର୍ଥ ହେବୁଁ । ଇତି ।

ତା ୧ ରିଖ ଡିସେମ୍ବର
ସନ ୧୮୮୩ ବର୍ଷ

ଶ୍ରୀଯୁତ ରାଜା ଶ୍ରୀ ବାସୁଦେବାଭିଧେୟ
ବାମଣ୍ଡାଭୂପତେଃ
ସୁତ୍ୱକଦେବୋପାଧିକସ୍ୟ

ମୁକ୍ତ୍ୟାଖ୍ୟୋପନିପଷଦ୍‌ବିଚାରପଟଳି ପୀୟୂଷଧାରାଭର
ପ୍ରତ୍ୟୁନ୍ମୂଳିତ ତାପସଞ୍ଚୟତୟା ସ୍ୱାସ୍ଥ୍ୟଂ ସମାଲମ୍ବିତାଃ ।
ପୂର୍ଣ୍ଣଜ୍ଞାନମହାମ୍ବୁଧୌ ପ୍ରବିଳସସିଦ୍ଧାନ୍ତ ଶଯ୍ୟାଂ ଗତା
ନିଦ୍ରାଂ ମୋଦମୟୀଂ ବ୍ରଜନ୍ତୁ ସୁଧିୟୋ ନିର୍ବାସନା ସନ୍ତତଂ ।। ୧ ।।
ବାମଣ୍ଡାବସୁଧାଧିନାଥ କଳିତା ପ୍ରାଗ୍‌ବଙ୍ଗଭାଷାଶ୍ରିତା
ସଂପ୍ରତ୍ୟୁତ୍କଳଦର୍ଶିତା ଧୃତିକରୀ ଶ୍ରୀମୁକ୍ତିକାଖ୍ୟାଦ୍ୱିୟଂ ।
ଭଦ୍ରାତୋପନିକ୍ୱଚିକ୍ୱଚିଦଥୋ ବୋଧସ୍ୟ ଦୂରଂ ଗତା
ଭାଷ୍ୟା ଭାବବଶାତ୍ପରଂ ସୁଖୟତୁ ବ୍ରହ୍ମୈକ୍ୟବାକାଂକ୍ଷତଃ ।। ୨ ।।

॥ ଓଁ ତତ୍ ସତ୍ ଓଁ ॥

ଶୁକ୍ଳ-ଯଜୁର୍ବେଦୀୟ

## ମୁକ୍ତିକୋପନିଷତ୍

॥ ଓଁ ॥ ପରମାତ୍ମନେ ନମଃ ॥ ହରିଃ ॥ ଓଁ ॥
ଓଁ ॥ ଅଯୋଧ୍ୟାନଗରେ ରମ୍ୟେ ରତ୍ନମଣ୍ଡପମଧ୍ୟମେ ।
ସୀତାଭରତ ସୌମିତ୍ରିଶତ୍ରୁଘ୍ନାଦ୍ୟୈଃ ସମନ୍ୱିତଂ ॥ ୧ ॥
ସନକାଦ୍ୟୈର୍ମୁନିଗଣୈର୍ବଶିଷ୍ଠାଦ୍ୟୈଃ ଶୁକାଦିଭିଃ ।
ଅନ୍ୟୈର୍ଭାଗବତୈଶ୍ଚାପି ସ୍ତୂୟମାନମହର୍ନିଶଂ ॥ ୨ ॥
ଧୀବିକ୍ରିୟାସହସ୍ରାଣାଂ ସାକ୍ଷିଣଂ ନିର୍ବିକାରିଣଂ ।
ସ୍ୱରୂପଧ୍ୟାନନିରତଂ ସମାଧିବିରମେ ହରିଂ ॥ ୩ ॥
ଭକ୍ତ୍ୟା ଶୁଶ୍ରୂଷୟା ରାମଂ ସ୍ତୁବନ୍ ପପ୍ରଚ୍ଛ ମାରୁତିଃ ।
ରାମ ! ତ୍ୱଂ ପରମାତ୍ମାସି ସଚ୍ଚିଦାନନ୍ଦବିଗ୍ରହଃ ॥ ୪ ॥
ଇଦାନୀଂ ତ୍ୱାଂ ରଘୁଶ୍ରେଷ୍ଠ ! ପ୍ରଣମାମି ମହୁର୍ମୁହୁଃ ।
ତଦ୍ରୂପଂ ଜ୍ଞାତୁମିଚ୍ଛାମି ତତ୍ତ୍ୱତୋ ରାମ ! ମୁକ୍ତୟେ ॥ ୫ ॥

---

ଏକଦା ରଘୁକୁଳାଧିପତି ରାମଚନ୍ଦ୍ର ଅଯୋଧ୍ୟାନଗରରେ ରମଣୀୟ ରତ୍ନମଣ୍ଡପ ମଧ୍ୟରେ ସୀତା, ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନ ପ୍ରଭୃତି ଭାତୃଗଣ ଓ ଅମାତ୍ୟବର୍ଗରେ ପରିବେଷ୍ଟିତ ହୋଇ ରତ୍ନସିଂହାସନରେ ବସି ଅଛନ୍ତି ଏବଂ ସନକ, ସନାତନ, ବଶିଷ୍ଠ, ଜାବାଳି,କଶ୍ୟପ, ଶୁକ ପ୍ରଭୃତି ଭଗବଦ୍ଭକ୍ତ ମହର୍ଷିଗଣ ପରଂବ୍ରହ୍ମ ଜ୍ଞାନରେ ତାହାଙ୍କୁ ସ୍ତବ କରୁଅଛନ୍ତି ॥ ୧-୨ ॥

ପବନତନୟ ହନୁମାନ୍, ସର୍ବାନ୍ତର୍ଯ୍ୟାମୀ ନିର୍ବିକାର ନିରଞ୍ଜନ ଓ ସ୍ୱସ୍ୱରୂପଧ୍ୟାନରେ ନିରତ ରାମଚନ୍ଦ୍ରଙ୍କୁ ଧ୍ୟାନବିରାମରେ ଅବସର ଜାଣି ପ୍ରଗାଢ଼ ଭକ୍ତି ଓ ବିବିଧ ଶୁଶ୍ରୂଷାଦ୍ୱାରା ସ୍ତବ କରି ଜିଜ୍ଞାସା କଲେ । ହେ ରାମ । ତୁମ୍ଭେ ପରମାତ୍ମାସ୍ୱରୂପ, ଭୌତିକଦେହଶୂନ୍ୟ ଅଥଚ ସାକାର, ନିତ୍ୟଜ୍ଞାନମୟ ଓ ଆନନ୍ଦସ୍ୱରୂପ ॥ ୩-୪ ॥

ହେ ରଘୁବର ! ଏହିକ୍ଷଣି ଆମ୍ଭେ ତୁମ୍ଭଙ୍କୁ ପୁନଃ ପୁନଃ ନମସ୍କାର କରୁଅଛୁଁ । ଆମ୍ଭେ ତୁମ୍ଭର ସ୍ୱରୂପ ଜାଣିବାକୁ ଅଭିଳାଷୀ ହୋଇଅଛୁଁ । ଯଥାର୍ଥତଃ ତୁମ୍ଭର ସ୍ୱରୂପ ଜାଣିପାରିଲେ କେବଳ ଆମ୍ଭେ ମୁକ୍ତିପଦ ଲାଭରେ ସମର୍ଥ ହେବୁଁ ॥ ୫ ॥

ଅନାୟାସେନ ଯେନାହଂ ମୁଚ୍ୟେୟଂ ଭବବନ୍ଧନାତ୍ ।
କୃପୟା ବଦ ମେ ରାମ ! ଯେନ ମୁକ୍ତୋ-ଭବାମ୍ୟହଂ ॥ ୬ ॥
ସାଧୁ ପୃଷ୍ଟଂ ମହାବାହୋ ! ବଦାମି ଶୃଣୁ ତତ୍ତ୍ୱତଃ ।
ବେଦାନ୍ତେ ସୁପ୍ରତିଷ୍ଠୋଽହଂ ବେଦାନ୍ତଂ ସମୁପାଶ୍ରୟ ॥ ୭ ॥
ବେଦାନ୍ତାଃ କେ ରଘୁଶ୍ରେଷ୍ଠ ! ବର୍ତ୍ତନ୍ତେ କୁତ୍ର ତେ ବଦ ।
ହନୁମନ୍ ! ଶୃଣୁବକ୍ଷାମି ବେଦାନ୍ତସ୍ଥିତିମଞ୍ଜସା ॥ ୮ ॥
ନିଶ୍ୱାସଭୂତା ମେ ବିଷ୍ଣୋର୍ବେଦା ଜାତାଃ ସୁବିସ୍ତରାଃ ।
ତିଳେଷୁ ତୈଳବଦ୍‌ବେଦେ ବେଦାନ୍ତଃ ସୁପ୍ରତିଷ୍ଠିତଃ ॥ ୯ ॥
ରାମ ! ବେଦାଃ କତିବିଧାସ୍ତେଷାଂ ଶାଖାଶ୍ଚ ରାଘବ !
ତାସୂପନିଷଦଃ କାଃ ସ୍ୟୁଃ କୃପୟା ବଦ କତ୍ତ୍ୱତଃ ॥ ୧୦ ॥

ଶ୍ରୀରାମ ଉବାଚ ।

ଋଗ୍‌ବେଦାଦିବିଭାଗେନ ବେଦାଶ୍ଚତ୍ୱାର ଈରିତାଃ ।
ତେଷାଂ ଶାଖାହ୍ୟନେକାଃ ସ୍ୟୁସ୍ତାସୂପନିଷଦସ୍ତଥା ॥ ୧୧ ॥

---

ହେ ରାମ ! କୃପାପ୍ରଦର୍ଶନପୂର୍ବକ ତୁମ୍ଭର ସ୍ୱରୂପ ପ୍ରକାଶ କର । ତୁମ୍ଭର ସ୍ୱରୂପ ଜାଣିଲେ ଆମ୍ଭେ ଭବବନ୍ଧନ ଛେଦନ କରି ଅନାୟାସରେ ମୁକ୍ତ ହୋଇପାରୁଁ ॥ ୬ ॥

ଶ୍ରୀରାମଚନ୍ଦ୍ର ବୋଇଲେ, ମହାତ୍ମନ୍ ! ତୁମ୍ଭେ ଅତି ସତ୍-ପ୍ରଶ୍ନ କରିଅଛ, ଆମ୍ଭେ ଯଥାର୍ଥତଃ ବୋଲୁଅଛୁଁ ଶ୍ରବଣ କର । ଆମ୍ଭର ସ୍ୱରୂପ ବେଦାନ୍ତରେ ସବିଶେଷ ବର୍ଣ୍ଣିତ ଅଛି, ଏହି ନିମିତ୍ତ ତୁମ୍ଭେ ବେଦାନ୍ତ ଶାସ୍ତ୍ର ଆଶ୍ରୟ କର ॥ ୭ ॥

ହନୁମାନ୍ କହିଲେ ରାଘବ ! ବେଦାନ୍ତ କ'ଣ ? ଏବଂ ତାହା କେଉଁ ସ୍ଥାନରେ ଅଛି, ଆମ୍ଭ ନିକଟରେ ସବିଶେଷ ବର୍ଣ୍ଣନ କର । ଶ୍ରୀରାମଚନ୍ଦ୍ର ବୋଇଲେ ହନୁମାନ୍ ! ଶ୍ରବଣ କର, ଆମ୍ଭେ ସମ୍ୟକ୍ ବେଦାନ୍ତ ନିର୍ଣ୍ଣୟ ବୋଲିବୁଁ ॥ ୮ ॥

ହନୁମାନ୍ ! ଆମ୍ଭେ କେବଳ ସ୍ୱୟଂ ବିଷ୍ଣୁ, ଆମ୍ଭର ନିଶ୍ୱାସରୁ ସୁବିସ୍ତୃତ ବେଦ-ଚତୁଷ୍ଟୟ ଉତ୍ପନ୍ନ ହୋଇଅଛି । ଯେରୂପେ ତିଳାଭ୍ୟନ୍ତରରେ ଅପରିସ୍ଫୁଟରୂପେ ତୈଳ ବିଦ୍ୟମାନ ଅଛି, ସେହିରୂପେ ବେଦଚତୁଷ୍ଟୟର ଅଭ୍ୟନ୍ତରରେ ବେଦାନ୍ତ ନିହିତ ରହିଅଛି ॥ ୯ ॥

ହନୁମାନ୍ ବୋଇଲେ, ରଘୁବର ! ବେଦ କେତେ ପ୍ରକାର ? ସେହି ସକଳ ବେଦର ଶାଖା ଅବା କେତେ ? ଏବଂ ବେଦଶାଖାନ୍ତର୍ଗତ ଉପନିଷଦ୍ ଅବା କେତେ ପ୍ରକାର ଅଛି, ଏହି ସକଳ ଯଥାର୍ଥତଃ ଆମ୍ଭ ନିକଟରେ ବୋଲ ॥ ୧୦ ॥

ଶ୍ରୀରାମଚନ୍ଦ୍ର କହୁଅଛନ୍ତି, ଋକ୍‌ବେଦାଦିଭେଦରେ ବେଦ ଚାରି ପ୍ରକାର ଯଥା— ଋଗ୍‌ବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବବେଦ ଏହି ବେଦଚତୁଷ୍ଟୟ କଥିତ ଅଛି, ଉକ୍ତ ବେଦଚତୁଷ୍ଟୟାନ୍ତର୍ଗତ ଶାଖା ଏବଂ ସେହି ସକଳ ବେଦଶାଖାନ୍ତର୍ନିବିଷ୍ଟ ଉପନିଷଦ୍ ବହୁବିଧ, ଏହିକ୍ଷଣି ଉପନିଷଦର ନାମ ଓ ଶାଖା କଥିତ ହେବ ॥ ୧୧ ॥

୨୧
ରଗ୍‌ବେଦସ୍ୟ ତୁ ଶାଖାଃ ସ୍ୟୁରେକବିଂଶତିସଂଖ୍ୟକାଃ ।
୧୦୯
ନବାଧିକଶତଂ ଶାଖା ଯଜୁଷୋ ମରୁତାତ୍ମଜ ! ॥ ୧୨ ॥
୧୦୦୦
ସହସ୍ରସଂଖ୍ୟୟା ଜାତାଃ ଶାଖାଃ ସାମ୍ନଃ ପରନ୍ତପ ! ।
୫୦
ଅଥର୍ବଣସ୍ୟ ଶାଖାଃ ସ୍ୟୁଃ ପଞ୍ଚାଶଭେଦତୋ ହରେ ! ॥ ୧୩ ॥
ଏକୈକସ୍ୟାସ୍ତୁ ଶାଖାୟା ଏକୈକୋପନିଷନ୍ମତା ।
ତାସାମେକମୃଚଂ ଯେନ ପଠ୍ୟତେ ଭକ୍ତିତୋ ମୟି ।
ସ ମତ୍‌ସାଯୁଜ୍ୟପଦବୀଂ ପ୍ରାପ୍ନୋତି ମୁନିଦୁର୍ଲଭାଂ ॥ ୧୪ ॥
ମାରୁତିରୁବାଚ ।
ରାମ ! କେଚିନ୍ମୁନିଶ୍ରେଷ୍ଠା ମୁକ୍ତିରେକେତି ଚକ୍ଷିରେ ।
କେଚିତ୍ ତ୍ୱନ୍ନାମ ଭଜନାତ୍ କାଶ୍ୟାଂ ତାରୋପଦେଶତଃ ॥ ୧୫ ॥
ଅନ୍ୟେ ତୁ ସାଂଖ୍ୟଯୋଗେନ ଭକ୍ତିଯୋଗେନ ଚାଥରେ ।

---

ରଗ୍‌ବେଦର ଅନ୍ତର୍ଗତ ୨୧ ଏକବିଂଶତିସଂଖ୍ୟକ ଶାଖା ଅଛି । ହେ ମାରୁତନନ୍ଦନ ! ଯଜୁର୍ବେଦର ଶାଖା ସଂଖ୍ୟା ୧୦୯ ଏକଶତ ନଅ, ହେ ପରନ୍ତପ ! ସାମବେଦରେ ୧୦୦୦ ସହସ୍ର ସଂଖ୍ୟକ ଶାଖା ଅଛି । ହେ ହନୁମାନ୍ ! ଅଥର୍ବବେଦର ଶାଖାର ସଂଖ୍ୟା ୫୦ ପଞ୍ଚାଶତ ॥ ୧୨-୧୩ ॥

ଶାସ୍ତ୍ରରେ କଥିତ ଅଛି ଯେ, ପ୍ରତ୍ୟେକ ଶାଖାର ଅନ୍ତର୍ଗତ ଏକ ଏକ ଖଣ୍ଡ ଉପନିଷଦ୍ ଅଛି । ଯେଉଁ ବ୍ୟକ୍ତି ଉକ୍ତ ଉପନିଷଦର ଅନ୍ତର୍ଗତ ଗୋଟିଏ ମାତ୍ର ମନ୍ତ୍ର ଭକ୍ତିସହକାରେ ଅଭ୍ୟାସ କରେ, ସେହି ବ୍ୟକ୍ତି ମୁନିଗଣର ଦୁଷ୍ପ୍ରାପ୍ୟ ସାଯୁଜ୍ୟ ମୁକ୍ତିପଦ ଲାଭ କରେ ॥ ୧୪ ॥

ହନୁମାନ୍ ବୋଇଲେ, ହେରାମ ! କେଉଁ କେଉଁ ମୁନିସମ୍ପ୍ରଦାୟ ଏକମାତ୍ର ମୁକ୍ତି ବୋଲନ୍ତି । ଅନ୍ୟ କୌଣସି ମୁନିଗଣ ବୋଲନ୍ତି ଯେ, କେବଳ ତୁମ୍ଭର ନାମ ଭଜନା କଲେ ମୁକ୍ତି ହୁଏ, ଆହୁରି କେହି କେହି ବୋଲନ୍ତି ଯେ, କାଶୀରେ ମରଣ ହେଲେ ଭଗବାନ୍ ତାରକବ୍ରହ୍ମନାମ ଉପଦେଶ ଦିଅନ୍ତି, ତହିଁରେ କେବଳ ମନୁଷ୍ୟଗଣ ମୁକ୍ତିପଦ ପାନ୍ତି । କେହି ବୋଲନ୍ତି ସାଂଖ୍ୟଯୋଗରେ, କେହି ବା ବୋଲନ୍ତି ଭକ୍ତିଯୋଗରେ ମୁକ୍ତି ହୁଏ । ଅନ୍ୟାନ୍ୟ ମହର୍ଷିଗଣ ବୋଲନ୍ତି ଯେ, ବେଦାନ୍ତ ବାକ୍ୟର ଅର୍ଥସମୁଦାୟ ବିଚାରକରି କାର୍ଯ୍ୟକଲେ ମନୁଷ୍ୟର ମୁକ୍ତି ହୁଏ । ବାସ୍ତବିକ ସାଲୋକ୍ୟାଦି ଭେଦରେ ମୁକ୍ତି ଚାରିପ୍ରକାର କଥିତ ଅଛି, ଯଥା— ସାଲୋକ୍ୟ, ସାଯୁଜ୍ୟ, ସାରୂପ୍ୟ ଓ ନିର୍ବାଣ ॥ ୧୫-୧୬ ॥

ଅନ୍ୟେ ବେଦାନ୍ତବାକ୍ୟାର୍ଥବିଚାରାତ୍ ପରମର୍ଷୟଃ ।
ସାଲୋକ୍ୟାଦିବିଭାଗେନ ଚତୁର୍ଦ୍ଧା ମୁକ୍ତିରୀରିତା ॥ ୧୬ ॥
ସହୋବାଚ ଶ୍ରୀରାମଃ ।
*କୈବଲ୍ୟମୁକ୍ତିରେକୈବ ପରମାର୍ଥିକରୂପିଣୀ ।
ଦୁରାଚାରରତୋବାପି ମନ୍ନାମଭଜନାତ୍ କପେ ! ॥ ୧୭ ॥
ସାଲୋକ୍ୟମୁକ୍ତିମାପ୍ନୋତି ନ ତୁ ଲୋକାନ୍ତରାଦିକଂ ।
କାଶ୍ୟାନ୍ତୁ ବ୍ରହ୍ମନାଳେଽସ୍ମିନ୍ ମୃତୋ ମତ୍ତାରମାପ୍ନୁୟାତ୍ ॥ ୧୮ ॥
ପୁନରାବୃତ୍ତିରହିତାଂ ମୁକ୍ତିଂ ପ୍ରାପ୍ନୋତି ମାନବଃ ।
ଯତ୍ର କୁତ୍ରାପି ବା କାଶ୍ୟାଂ ମରଣେ ସ ମହେଶ୍ୱରଃ ॥ ୧୯ ॥
ଜନ୍ତୋର୍ଦକ୍ଷିଣକର୍ଣ୍ଣେ ତୁ ମତ୍ତାରଂ ସମୁପାଦିଶତ୍ ।
ନିର୍ଦ୍ଧୂତାଶେଷପାପୌଘା ମତ୍‌ସାରୂପ୍ୟଂ ଭଜତ୍ୟୟଂ ।
ସୈବ ସାଲୋକ୍ୟସାରୂପ୍ୟମୁକ୍ତିରିତ୍ୟଭିଧୀୟତେ ॥ ୨୦ ॥
ସଦାଚାରରତୋ ଭୂତ୍ୱା-ଦ୍ୱିଜୋ-ନିତ୍ୟମନନ୍ୟଧୀଃ ।
ମୟି ସର୍ବାତ୍ମକେ ଭାବୋ-ମତ୍‌ସାମୀପ୍ୟଂ ଭଜତ୍ୟୟଂ ।
ସୈବ ସାଲୋକ୍ୟସାରୂପ୍ୟସାମୀପ୍ୟା ମୁକ୍ତିରୀଷ୍ୟତେ ॥ ୨୧ ॥

---

ଶ୍ରୀରାମଚନ୍ଦ୍ର ବୋଇଲେ, କପିବର ! ସର୍ବଦା ଦୁଷ୍କ୍ରିୟାଶକ୍ତ ବ୍ୟକ୍ତି ସୁଦ୍ଧା ଯେବେ ଭକ୍ତିସହକାରେ ଆମ୍ଭର ନାମରେ ଭଜନା କରେ, ତାହା ହେଲେ ସେହି ବ୍ୟକ୍ତି ପରକାଳରେ ଅନନ୍ତ ଓ ନିତ୍ୟସୁଖଦାୟୀ ନିର୍ବାଣାଖ୍ୟ ମୁକ୍ତିଧନର ଅଧିକାରୀ ହୁଏ ॥ ୧୭ ॥

ଯେଉଁ ବ୍ୟକ୍ତି ସାଲୋକ୍ୟ ମୁକ୍ତିର ଅଧିକାରୀ ହୁଏ, ତାହାର ସଂସାରରେ ପୁନରାବୃତ୍ତି ହୁଏ ନାହିଁ। ଯେଉଁ ବ୍ୟକ୍ତିର କାଶୀକ୍ଷେତ୍ରରେ ବ୍ରହ୍ମନାଳରେ ମୃତ୍ୟୁ ହୁଏ ସେ ଆମ୍ଭର ତାରକବ୍ରହ୍ମନାମର ପ୍ରଭାବରେ ମୁକ୍ତିପଦବୀରେ ପଦାର୍ପଣ କରିପାରେ । ତାହାକୁ ପୁନର୍ବାର ସଂସାରରେ ଜନ୍ମପରିଗ୍ରହ କରିବାକୁ ହୁଏ ନାହିଁ । କାଶୀକ୍ଷେତ୍ରର ଯେ କୌଣସି ସ୍ଥାନରେ ମୃତ୍ୟୁ ହେଉନା କାହିଁକି ମରଣ ମାତ୍ରେ ମହେଶ୍ୱର ଜୀବର ଦକ୍ଷିଣ କର୍ଣ୍ଣରେ ଆମ୍ଭର ତାରକବ୍ରହ୍ମନାମ ଉପଦେଶ କରନ୍ତି, ତହିଁରେ ସେହି ଜୀବ ସ୍ୱଶରୀରଗତ ଅଶେଷ ପାପରାଶି ଧୌତ କରି ଆମ୍ଭର ସାରୂପ୍ୟ ପ୍ରାପ୍ତ ହୁଏ । ଉକ୍ତ ମୁକ୍ତିଦ୍ୱୟକୁ ସାଲୋକ୍ୟ ଓ ସାରୂପ୍ୟ ମୁକ୍ତି ବୋଲନ୍ତି ॥ ୧୮-୨୦ ॥

ଆମ୍ଭେ ସର୍ବାନ୍ତରାତ୍ମସ୍ୱରୂପ, ଯେଉଁ ବ୍ରାହ୍ମଣ ଶୁଦ୍ଧାଚାରତତ୍ପର ହୋଇ ଅନନ୍ୟଚିତ୍ତରେ ଆମ୍ଭଙ୍କୁ ସର୍ବଦା ଧ୍ୟାନ କରେ ସେହି ଦ୍ୱିଜବର ମତ୍‌ସାମୀପ୍ୟ ଲାଭ କରେ । ଏହି ସାମୀପ୍ୟ କେବଳ ସାଲୋକ୍ୟ ଓ ସାରୂପ୍ୟ ମୁକ୍ତିସ୍ୱରୂପ ॥ ୨୧ ॥

---

* କୈବଲ୍ୟମୂର୍ତ୍ତିଃ ।

ଗୁରୂପଦିଷ୍ଟମାର୍ଗେଣ ଧ୍ୟାୟନ୍ ମଦ୍ଗୁଣମବ୍ୟୟଂ ।
ମତ୍ସାଯୁଜ୍ୟଂ ଦ୍ୱିଜଃ ସମ୍ୟଗ୍ ଭଜେଦ୍‌ଭ୍ରମରକୀଟବତ୍ ।
ସୈବ ସାଯୁଜ୍ୟମୁକ୍ତିଃ ସ୍ୟାଦ୍‌ବ୍ରହ୍ମାନନ୍ଦକରୀ ଶିବା ।। ୨୨ ।।
ଚତୁର୍ବିଧା ତୁ ଯା ମୁକ୍ତିର୍ମଦୁପାସନୟା ଭବେତ୍ ।
ଇୟଂ କୈବଲ୍ୟମୁକ୍ତିସ୍ତୁ କେନୋପାୟେନ ସିଧ୍ୟତି ।। ୨୩ ।।
ମାଣ୍ଡୁକ୍ୟମେକମେବାଲଂ ମୁମୁକ୍ଷୂଣାଂ ବିମୁକ୍ତୟେ ।
ତଥାପ୍ୟସିଦ୍ଧଂ ଚେଜ୍‌ଜ୍ଞାନଂ ଦଶୋପନିଷଦଂ ପଠ ।। ୨୪ ।।
ଜ୍ଞାନଂ ଲବ୍ଧ୍ୱାଚିରାଦେବ ମାମେକଂ ଧାମ ଯାସ୍ୟସି ।
ତଥାପି ଦୃଢ଼ତା ନୋଚେଦ୍‌ବିଜ୍ଞାନସ୍ୟାଞ୍ଜନାସୁତ ! ।।
ଦ୍ୱାତ୍ରିଂଶାଖ୍ୟୋପନିଷଦଂ ସମଭ୍ୟସ୍ୟ ନିବର୍ତ୍ତୟ ।। ୨୫ ।।
ବିଦେହମୁକ୍ତାବିଚ୍ଛା ଚେଦଷ୍ଟୋତ୍ତରଶତଂ ପଠ ।
ତାସାଂ କ୍ରମଂ ସଶାନ୍ତିଞ୍ଚ ଶୃଣୁ ବକ୍ଷାମି ତତ୍ତ୍ୱତଃ ।। ୨୬ ।।

---

ଯଦି କୌଣସି ବ୍ରାହ୍ମଣ ଗୁରୁର ଉପଦିଷ୍ଟ ନିୟମାନୁସାରେ ଭ୍ରମର କୀଟପରି ଆମ୍ଭର ସନାତନରୂପ ଚିନ୍ତା କରେ, ତାହା ହେଲେ ସେହି ବ୍ରାହ୍ମଣ ଆମ୍ଭର ସାଯୁଜ୍ୟ ପ୍ରାପ୍ତ ହୁଏ । ଏହାର ନାମ ବ୍ରହ୍ମାନନ୍ଦକରୀ । ଜୀବବର୍ଗର ମଙ୍ଗଳପ୍ରଦାୟନୀ ସାଯୁଜ୍ୟ ମୁକ୍ତି ।।୨୨।।

ସୁସଂଯତ ହୋଇ ଅନନ୍ୟଚିତ୍ତରେ ନିରନ୍ତର ଆମ୍ଭର ଉପାସନା କଲେ ଜୀବବୃନ୍ଦର ଯେ ସାଯୁଜ୍ୟ, ସାରୂପ୍ୟ, ସାଲୋକ୍ୟ ଓ ନିର୍ବାଣ ଏହି ଚାରିପ୍ରକାର ମୁକ୍ତି ହୁଏ, ତନ୍ମଧ୍ୟରେ କି ଉପାୟ ଅବଲମ୍ବନ କଲେ ନିର୍ବାଣ ମୁକ୍ତି ସୁସିଦ୍ଧ ହୁଏ ତାହା କେବଳ କଥିତ ହେବ ।।୨୩।।

- ପୂର୍ବେ ବର୍ଣ୍ଣିତ ହୋଇଅଛି ଯେ ଉପନିଷତ୍ ପାଠରେ ଜ୍ଞାନର ନିର୍ମଳତ୍ୱ ଜନ୍ମଇ ଏବଂ ଜ୍ଞାନର ନିର୍ମଳତା କେବଳ ମୁକ୍ତିର ଆଦି କାରଣ । ମୁକ୍ତି କାମିବ୍ୟକ୍ତିମାନଙ୍କ ପକ୍ଷରେ ଏକମାତ୍ର ମାଣ୍ଡୁକ୍ୟ ଉପନିଷତ୍ ମୁକ୍ତି ପ୍ରଦାନରେ ସମର୍ଥ, ସେହି ମାଣ୍ଡୁକ୍ୟ ଉପନିଷତ୍ ପାଠରେ ସୁଦ୍ଧା ଯେବେ ଜ୍ଞାନର ପରିପାକ ନ ଜନ୍ମେ, ତେବେ ଦଶବିଧ ଉପନିଷତ୍ ପାଠ କର ।। ୨୪ ।।

ହେ ଅଞ୍ଜନାନନ୍ଦନ ! ଦଶବିଧ ଉପନିଷତ୍ ପାଠ କଲେ ନିଶ୍ଚୟ ଅଚିରକାଳ ମଧ୍ୟରେ ଜ୍ଞାନର ବିଶୁଦ୍ଧି ହେବ ଏବଂ ଜ୍ଞାନ ବିଶୁଦ୍ଧି ହେଲେ ମତ୍ସାଯୁଜ୍ୟ ପଦଲାଭରେ ଅଧିକାରୀ ହେବ । ହନୁମାନ୍ ! ତହିଁରେ ମଧ୍ୟ ଯେବେ ତୁମ୍ଭର ଜ୍ଞାନର ଦୃଢ଼ତା ନ ଥାଏ, ତାହା ହେଲେ ଦ୍ୱାତ୍ରିଂଶତ୍ ସଂଖ୍ୟକ ଉପନିଷତ୍ ଅଭ୍ୟାସ କରି ସଂସାରରୁ ନିବୃତ୍ତ ହୁଅ ।।୨୫।।

ହନୁମାନ୍ ! ତୁମ୍ଭର ଯଦି ଦେହ ବିମୁକ୍ତିରେ ଇଚ୍ଛା ଥାଏ ଅର୍ଥାତ୍ ପୁନଃ ପୁନଃ ସଂସାରରେ ଗତାୟାତ ନ କରି ଆନନ୍ଦଧାମରେ ନିତ୍ୟସୁଖସମ୍ଭୋଗ କେବଳ ତୁମ୍ଭର ଅଭିଳଷିତ ହୁଏ, ତେବେ ଅଷ୍ଟୋତ୍ତରଶତ ଉପନିଷତ୍ ପାଠ କର । ସେହି ସକଳ ଉପନିଷଦର ନାମ ଓ କ୍ରମ ଓ ଶାନ୍ତି ବୋଲିବୁଁ, ତୁମ୍ଭେ ଶ୍ରବଣ କର ।। ୨୬ ।।

୧। ୨। ୩।୪। ୫। ୬। ୭।
ଈଶ କେନ କଠ ପ୍ରଶ୍ନ ମୁଣ୍ଡ ମାଣ୍ଡୁକ୍ୟ ତିତ୍ତିରିଃ।
୮। ୯। ୧୦।
ଐତରେୟଞ୍ଚ ଛାନ୍ଦୋଗ୍ୟଂ ବୃହଦାରଣ୍ୟକଂ ତଥା ॥ ୨୭ ॥
୧୧। ୧୨। ୧୩। ୧୪। ୧୫। ୧୬।
ବ୍ରହ୍ମ କୈବଲ୍ୟ ଜାବାଳ ଶ୍ୱେତାଶ୍ୱୋ ହଂସ ଆରୁଣିଃ।
୧୭। ୧୮। ୧୯। ୨୦। ୨୧। ୨୨।
ଗର୍ଭୋ ନାରାୟଣୋ ହଂସୋ (୧) ବିନ୍ଦୁ (୨) ର୍ନାଦଃ (୩) ଶିରଃ (୪)
୨୩।
ଶିଖା (୫) ॥ ୨୮ ॥

୨୪। ୨୫। ୨୬। ୨୭।
ମୈତ୍ରାୟଣୀ କୌଷୀତକୀ ବୃହଜ୍ଜାବାଳ ତାପନୀ (୬)
୨୮। ୨୯। ୩୦। ୩୧।୩୨।
କାଳାଗ୍ନିରୁଦ୍ର ମୈତ୍ରେୟୀ ସୁବାଳ କ୍ଷୁରି ମନ୍ତ୍ରିକା ॥ ୨୯ ॥
୩୩। ୩୪। ୩୫। ୩୬।
ସର୍ବସାରଂ ନିରାଳମ୍ବଂ ରହସ୍ୟଂ(୭) ବଜ୍ରସୂଚିକଂ ॥
୩୭। ୩୮। ୩୯। ୪୦। ୪୧। ୪୨।
ତେଜୋ(୮) ନାଦୋ(୯) ଧ୍ୟାନ(୧୦) ବିଦ୍ୟା(୧୧) ଯୋଗତତ୍ତ୍ୱାତ୍ମବୋଧକଂ ॥ ୩୦ ॥

---

ଅଷ୍ଟୋତ୍ତର ଉପନିଷଦର ନାମ ଏହି – ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡ, ମାଣ୍ଡୁକ୍ୟ, ତିତ୍ତିରି, ଐତରେୟ, ଛାନ୍ଦୋଗ୍ୟ, ବ୍ରହ୍ମଦାରଣ୍ୟକ ॥ ୨୭ ॥

ବ୍ରହ୍ମ, କୈବଲ୍ୟ, ଜାବାଳ, ଶ୍ୱେତାଶ୍ୱ, ହଂସ, ଆରୁଣି, ଗର୍ଭ, ନାରାୟଣ, ପରମହଂସ, ଅମୃତବିନ୍ଦୁ, ଅମୃତନାଦ, ଅଥର୍ବଶିରଃ, ଅଥର୍ବଶିଖା ॥ ୨୮ ॥

ମୈତ୍ରାୟଣୀ, କୌଷୀତକୀ, ବୃହଜ୍ଜାବାଳ, ନୃସିଂହତାପନୀ, କାଳାଗ୍ନିରୁଦ୍ର, ମୈତ୍ରେୟୀ, ସୁବାଳ, କ୍ଷୁରି, ମନ୍ତ୍ରିକା ॥ ୨୯ ॥

ସର୍ବସାର, ନିରାଲମ୍ବ, ଶୁକରହସ୍ୟ, ବଜ୍ରସୂଚିକ, ତେଜୋବିନ୍ଦୁ, ନାଦବିନ୍ଦୁ, ଧ୍ୟାନବିନ୍ଦୁ, ବ୍ରହ୍ମବିଦ୍ୟା, ଯୋଗତତ୍ତ୍ୱ, ଆତ୍ମବୋଧକ ॥ ୩୦ ॥

---

(୧) ହଂସ–ପରମହଂସୋପନିଷଦ୍ । (୨) ବିନ୍ଦୁ–ଅମୃତବିନ୍ଦୂପନିଷଦ୍ । (୩) ନାଦଃ–ଅମୃତନାଦଃ । (୪) ଶିରଃ–ଅଥର୍ବଶିରଃ । (୫) ଶିଖା–ଅଥର୍ବଶିଖା । (୬) ତାପନୀ–ନୃସିଂହତାପନୀ । (୭) ରହସ୍ୟଂ–ଶୁକରହସ୍ୟଂ । (୮) ତେଜଃ–ତେଜବିନ୍ଦୁଃ । (୯) ନାଦଃ–ନାଦବିନ୍ଦୁଃ । (୧୦) ଧ୍ୟାନଂ–ଧ୍ୟାନବିନ୍ଦୁଃ । (୧୧) ବିଦ୍ୟା–ବ୍ରହ୍ମବିଦ୍ୟୋପନିଷଦ୍ ।

୪୩ । ୪୪ । ୪୫ । ୪୬ । ୪୭ । ୪୮ ।
ପରିବ୍ରାଟ୍(୧) ତ୍ରିଶିଖୀ(୨) ସୀତା ଚୂଡ଼ା(୩) ନିର୍ବାଣ ମଣ୍ଡଳଂ(୪)
୪୯ । ୫୦ । ୫୧ । ୫୨ । ୫୩ ।
ଦକ୍ଷିଣା(୫) ଶରଭଂ ସ୍କନ୍ଦଂ ମହାନାରାୟଣାଦ୍ୱୟଂ(୬) ॥ ୩୧ ॥
୫୪ । ୫୫ । ୫୬ । ୫୭ ।
ରହସ୍ୟଂ(୭) ରାମତପନଂ ବାସୁଦେବଞ୍ଚ ମୁଦ୍ଗଳଂ ।
୫୮ । ୫୯ । ୬୦ । ୬୧ । ୬୨ । ୬୩ ।
ଶାଣ୍ଡିଲ୍ୟଂ ପୈଙ୍ଗଳଂ ଭିକ୍ଷୁଂ ମହଚ୍ଛା(୮) ରୀରକଂ(୯) ଶିଖା(୧୦) ॥ ୩୨ ॥
୬୪ । ୬୫ । ୬୬ । ୬୭ ।
ତୁରୀୟାତୀତ ସଂନ୍ୟାସ ପରିବ୍ରାଜା(୧୧) କ୍ଷମାଳିକା ।
୬୮ । ୬୯ । ୭୦ । ୭୧।୭୨।୭୩ । ୭୪ ।
ଅବ୍ୟକ୍ତୈକାକ୍ଷରଂ ପୂର୍ଣ୍ଣା(୧୨) ସୂର୍ଯ୍ୟାକ୍ଷ୍ୟଧାମ୍ କୁଣ୍ଡିକା ॥ ୩୩ ॥
୭୫।୭୬ । ୭୭ । ୭୮ । ୭୯ ।
ସାବିତ୍ର୍ୟାତ୍ମା ପାଶୁପତଂ ପରବ୍ରହ୍ମାବଧୂତକଂ ॥
୮୦ । ୮୧ । ୮୨ । ୮୩ । ୮୪ ।
ତ୍ରିପୁରାତପନଂ ଦେବୀ ତ୍ରିପୁରା କଠ(୧୩) ଭାବନା ॥ ୩୪ ॥

---

ନାରଦପରିବ୍ରାଟ, ତ୍ରିଶିଖୀବ୍ରାହ୍ମଣ, ସୀତା, ଯୋଗଚୂଡ଼ାମଣି, ନିର୍ବାଣ, ମଣ୍ଡଳ, ଦକ୍ଷିଣାମୂର୍ତ୍ତି, ଶରଭ, ସ୍କନ୍ଦ, ମହାନାରାୟଣ, ତାରକ ॥ ୩୧ ॥

ରାମରହସ୍ୟ, ରାମତପନ, ବାସୁଦେବ, ମୁଦ୍ଗଳ, ଶାଣ୍ଡିଲ୍ୟ, ପୈଙ୍ଗଳ, ଭିକ୍ଷୁ, ମହତ୍, ଶାରୀରକ, ଯୋଗଶିକ୍ଷା ॥ ୩୨ ॥

ତୁରୀୟାତୀତ, ସନ୍ନ୍ୟାସ, ପରମହଂସପରିବ୍ରାଜ, ଅକ୍ଷମାଳିକା, ଅବ୍ୟକ୍ତ, ଏକାକ୍ଷର, ଅନ୍ନପୂର୍ଣ୍ଣା, ସୂର୍ଯ୍ୟ, ଅକ୍ଷି, ଅଧ୍ୟାତ୍ମ, କୁଣ୍ଡିକା ॥ ୩୩ ॥

ସାବିତ୍ର୍ୟା, ଆତ୍ମା, ପାଶୁପତ, ପରବ୍ରହ୍ମ, ଅବଧୂତ, ତ୍ରିପୁରାତପନ, ଦେବୀ, ତ୍ରିପୁରା, କଠରୁଦ୍ର, ଭାବନା ॥ ୩୪ ॥

---

(୧) ପରିବ୍ରାଟ୍—ନାରଦପରିବ୍ରାଡୁପନିଷଦ୍ । (୨) ତ୍ରିଶିଖୀ—ତ୍ରିଶିଖୀବ୍ରାହ୍ମଣୋପନିଷଦ୍ । (୩) ଚୂଡ଼ା—ଯୋଗଚୂଡ଼ାମଣ୍ୟୁପନିଷଦ୍ । (୪) ମଣ୍ଡଳଂ—ମଣ୍ଡଳବ୍ରାହ୍ମଣୋପନିଷଦ୍ । (୫) ଦକ୍ଷିଣା—ଦକ୍ଷିଣାମୂର୍ତ୍ତ୍ୟୁପନିଷଦ୍ । (୬) ଅଦ୍ୱୟଂ—ତାରକୋପନିଷଦ୍ । (୭) ରହସ୍ୟ—ରାମରହସ୍ୟୋପନିଷଦ୍ । (୮) ମହତ୍—ମହୋପନିଷଦ୍ । (୯) ଶାରୀରକଂ—ଶାରୀରକୋପନିଷଦ୍ । (୧୦) ଶିଖା—ଯୋଗଶିଖୋପନିଷଦ୍ । (୧୧) ପରିବ୍ରାଜଃ—ପରମହଂସ ପରିବ୍ରାଜକୋପନିଷଦ୍। (୧୨) ପୂର୍ଣ୍ଣା—ଅନ୍ନପୂର୍ଣ୍ଣୋପନିଷଦ୍ (୧୩) କଠଃ—କଠରୁଦ୍ରୋପନିଷଦ୍ ।

୮୫। ୮୬। ୮୭। ୮୮। ୮୯। ୯୦।
ହୃଦୟଂ କୁଣ୍ଡଳୀ(୧) ଭସ୍ମ(୨) ରୁଦ୍ରାକ୍ଷ ଗଣ(୩) ଦର୍ଶନଂ(୪)।
୯୧। ୯୨। ୯୩। ୯୪।
ତାରସାର ମହାବାକ୍ୟ ପଞ୍ଚବ୍ରହ୍ମାଗ୍ନିହୋତ୍ରକଂ(୫) ॥ ୩୫ ॥
୯୫। ୯୬। ୯୭। ୯୮।
ଗୋପାଳତପନଂ କୃଷ୍ଣଂ ଯାଜ୍ଞବଲ୍କ୍ୟଂ ବରାହକଂ।
୯୯। ୧୦୦। ୧୦୧। ୧୦୨।
ଶାଟ୍ୟାୟନୀ ହୟଗ୍ରୀବଂ ଦତ୍ତାତ୍ରେୟଂ ଚ ଗାରୁଡ଼ଂ।
୧୦୩। ୧୦୪। ୧୦୫। ୧୦୬। ୧୦୭। ୧୦୮।
କଳି(୬) ଜାବାଳି ସୌଭାଗ୍ୟ ରହସ୍ୟ(୭) ଋଚ ମୁକ୍ତିକାଃ ॥ ୩୬ ॥
ଏବମଷ୍ଟୋତ୍ତରଶତଂ ଭାବନାତ୍ରୟନାଶନଂ।
ଜ୍ଞାନବୈରାଗ୍ୟଦଂ ପୁଂସାଂ ବାସନାତ୍ରୟନାଶନଂ ॥ ୩୭ ॥
ପୂର୍ବୋତ୍ତରେଷୁ ବିହିତସ୍ତତ୍ତଚ୍ଛାନ୍ତିପୂରଃସରଂ।
ବେଦବିଦ୍ୟାବ୍ରତସ୍ନାତଦେଶିକସ୍ୟ ମୁଖାତ୍ ସ୍ୱୟଂ ॥ ୩୮ ॥

---

ହୃଦୟ, ଯୋଗକୁଣ୍ଡଳୀ, ଭସ୍ମଜାବାଳ, ରୁଦ୍ରାକ୍ଷ, ଗଣପତି, ଜାବାଳ, ଦର୍ଶନ, ତାରସାର, ମହାବାକ୍ୟ, ପଞ୍ଚବ୍ରହ୍ମ, ପ୍ରାଣାଗ୍ନି ହୋତ୍ର ॥ ୩୫ ॥

ଗୋପାଳତପନ, କୃଷ୍ଣ, ଯାଜ୍ଞବଲ୍କ୍ୟ, ବରାହକ, ଶାଟ୍ୟାୟନୀ, ହୟଗ୍ରୀବ, ଦତ୍ତାତ୍ରେୟ, ଗାରୁଡ଼, କଳିସନ୍ତରଣ, ଜାବାଳି, ସୌଭାଗ୍ୟ, ସରସ୍ୱତୀରହସ୍ୟ, ଋଚ ଓ ମୁକ୍ତିକୋପନିଷଦ୍ ॥ ୩୬ ॥

ଉକ୍ତ ଅଷ୍ଟୋତରଶତ ଉପନିଷଦ୍ ମନୁଷ୍ୟବର୍ଗର ଆଧିଦୈବିକ, ଆଧିଭୌତିକ ଓ ଆଧ୍ୟାତ୍ମିକ, ଏହି ତାପତ୍ରୟ ବିନାଶ କରେ ।ଅଷ୍ଟୋତ୍ତରଶତ ଉପନିଷଦ୍‌ର ଗୂଢ଼ ଓ ତାତ୍ପର୍ଯ୍ୟାଦି ସମୁଦାୟ ହୃଦୟଙ୍ଗମ କରିପାରିଲେ ମାନବଗଣର ଦିବ୍ୟଜ୍ଞାନ ଉଦିତ ହୁଏ, ସଂସାର ବୈରାଗ୍ୟ ଜନ୍ମେ ଏବଂ ଅସାର ସଂସାରର ବାସନା ନିବାରଣ ହୁଏ ॥ ୩୭ ॥

ଯେଉଁମାନେ ବେଦବିଦ୍ୟା ବିଶାରଦ, ବ୍ରତପରାୟଣ, ସ୍ନାନବିଶୁଦ୍ଧଦେହ ଏବଂ ଆତ୍ମତତ୍ତ୍ୱବିଦ୍ ସଦ୍‌ଗୁରୁର ମୁଖକମଳରୁ ପୂର୍ବପଶ୍ଚାତ୍ ବିହିତ ସ୍ୱ ସ୍ୱ ଶାନ୍ତିମନ୍ତ୍ରର ସହିତ

---

(୧) କୁଣ୍ଡଳୀ—ଯୋଗକୁଣ୍ଡଲ୍ୟୁପନିଷଦ୍ । (୨) ଭସ୍ମ—ଭସ୍ମଜାବାଳୋପନିଷଦ୍ । (୩) ଗଣଃ—ଗଣପତ୍ୟୁପନିଷଦ୍ । (୪) ଦର୍ଶନଂ—ଜାବାଳଦର୍ଶନୋପନିଷଦ୍ । (୫) ଅଗ୍ନିହୋତ୍ରକଂ—ପ୍ରାଣାଗ୍ନିହୋତ୍ରୋପନିଷଦ୍ । (୬) କଳିଃ—କଳିସନ୍ତରଣୋପନିଷଦ୍ । (୭) ରହସ୍ୟଂ ସରସ୍ୱତୀରହସ୍ୟୋପନିଷଦ୍ ।

ଗୃହୀତ୍ୱାଷ୍ଟୋତ୍ତରଶତଂ ଯେ ପଠନ୍ତି ଦ୍ୱିଜୋତ୍ତମାଃ ।
ପ୍ରାରବ୍ଧକ୍ଷୟପର୍ଯ୍ୟନ୍ତଂ ଜୀବନ୍ମୁକ୍ତା ଭବନ୍ତି ତେ ।। ୩୯ ।।
ତତଃ କାଳବଶାଦେବ ପ୍ରାରବ୍ଧେ ତୁ କ୍ଷୟଂ ଗତେ ।
ବୈଦେହୀଂ ମାମକୀଂ ମୁକ୍ତିଂ ଯାନ୍ତି ନାସ୍ତ୍ୟତ୍ର ସଂଶୟଃ ।। ୪୦ ।।
ସର୍ବୋପନିଷଦାଂ ମଧ୍ୟେ ସାରମଷ୍ଟୋତ୍ତରଂ ଶତଂ ।
ସକୃତ୍ ଶ୍ରବଣମାତ୍ରେଣ ସର୍ବାଘୌଘନିକୃନ୍ତନଂ ।। ୪୧ ।।
ମୟୋପଦିଷ୍ଟଂ ଶିଷ୍ୟାୟ ତୁଭ୍ୟଂ ପବନନନ୍ଦନ ! ।
ଇଦଂ ଶାସ୍ତ୍ରଂ ମୟାଦିଷ୍ଟଂ ଗୁହ୍ୟମଷ୍ଟୋତ୍ତରଂ ଶତଂ ।। ୪୨ ।।
ଜ୍ଞାନତୋଽଜ୍ଞାନତୋ ବାପି ପଠତାଂ ବନ୍ଧମୋଚକଂ ।
ରାଜ୍ୟଂ ଦେୟଂ ଧନଂ ଦେୟଂ ଯାଚତଃ କାମପୂରଣଂ ।। ୪୩ ।।
ଇଦମଷ୍ଟୋତ୍ତରଶତଂ ନ ଦେୟଂ ଯସ୍ୟ କସ୍ୟଚିତ୍ ।
ନାସ୍ତିକାୟ କୃତଘ୍ନାୟ ଦୁରାଚାରରତାୟ ବୈ ।। ୪୪ ।।

---

ଅଷ୍ଟୋତ୍ତରଶତ ଉପନିଷଦ୍ ଶ୍ରବଣ କରି ତତ୍ ପ୍ରସଙ୍ଗରେ ଆଲୋଚନା କରନ୍ତି, ସେମାନେ ପୂର୍ବସଞ୍ଚିତ ପାପପୁଣ୍ୟ କ୍ଷୟ ପର୍ଯ୍ୟନ୍ତ ଜୀବନ୍ମୁକ୍ତ ହୁଅନ୍ତି ।। ୩୮-୩୯ ।।

ଅନନ୍ତର ପୂର୍ବାର୍ଜିତ ଧର୍ମାଧର୍ମ ପରିକ୍ଷୟ ପ୍ରାପ୍ତ ହେଲେ ଦେହ ବିସର୍ଜନ କରି ମତ୍‌ସାଯୁଜ୍ୟାଦି ମୁକ୍ତିପଦ ଲାଭ କରନ୍ତି, ଏଥିରେ ଅଣୁମାତ୍ର ସଂଶୟ ନାହିଁ ।। ୪୦ ।।

ଯେତେ ପ୍ରକାର ଉପନିଷଦ୍ ଅଛି, ତନ୍ମଧ୍ୟରେ ପୂର୍ବକଥିତ ଅଷ୍ଟୋତରଶତ ଉପନିଷଦ୍ କେବଳ ସାରତମ, ଏହି ଅଷ୍ଟୋତ୍ତରଷତ୍ ଉପନିଷଦ୍ ଥରେ ମାତ୍ର କର୍ଣ୍ଣକୁହରରେ ପ୍ରବିଷ୍ଟ ହେଲେ, ଶ୍ରୋତୃବର୍ଗର ସର୍ବପ୍ରକାର ପାପରାଶି ବିନଷ୍ଟ ହୁଏ ।। ୪୧ ।।

ପବନନନ୍ଦନ ! ତୁମ୍ଭେ ଆମ୍ଭର ପ୍ରିୟଶିଷ୍ୟ, ଆମ୍ଭେ ତୁମ୍ଭଙ୍କୁ ଏହି ଅଷ୍ଟୋତ୍ତରଶତ ଉପନିଷଦ୍ ଉପଦେଶ କଲୁଁ । ଆମ୍ଭର ଉପଦିଷ୍ଟ ସେହି ଅଷ୍ଟୋତ୍ତରଶତ ଉପନିଷଦ୍ ଅତି ଗୋପନୀୟ ଏବଂ ତୁମ୍ଭେସୁଦ୍ଧା ଉକ୍ତ ଉପନିଷଦ୍ ସକଳ ଅତି ଗୋପନରେ ରଖିବ ।। ୪୨ ।।

ଯେ ବ୍ୟକ୍ତି ଜ୍ଞାନତଃ କିମ୍ବା ଅଜ୍ଞାନତଃ ପ୍ରସଙ୍ଗ କ୍ରମରେ ମଧ୍ୟ ଯଦି ଥରେ ମାତ୍ର ମଦୁକ୍ତ ଅଷ୍ଟୋତ୍ତରଶତ ଉପନିଷଦ୍‌ର ମନ୍ତ୍ରାଦିସମୁଦାୟ ଅଭ୍ୟାସ କରେ, ସେହି ବ୍ୟକ୍ତି ଭବବନ୍ଧନରୁ ମୁକ୍ତ ହୁଏ । ଯେବେ କେହି ରାଜ୍ୟ କିମ୍ବା ଧନ ପ୍ରାର୍ଥନା କରେ ତେବେ ଯାଚକର କାମନାନୁସାରେ ତାହାକୁ ସେହି ଅଭିଳଷିତ ରାଜ୍ୟ ଓ ଧନ ପ୍ରଦାନ କରିବ, ତଥାପି ସାଧାରଣ ମନୁଷ୍ୟକୁ ଏହି ଅଷ୍ଟୋତ୍ତରଶତ ଉପନିଷଦ୍ ପ୍ରଦାନ କରିବ ନାହିଁ ।। ୪୩ ।।

ଯେଉଁମାନେ ଈଶ୍ୱର ସ୍ୱୀକାର କରନ୍ତି ନାହିଁ, ଯେଉଁମାନେ ପରକୃତ ଉପକାରକୁ ଉପକାର ବୋଲି ମାନନ୍ତି ନାହିଁ, ଯେଉଁମାନେ ଦୁଷ୍କ୍ରିୟାରେ ଆସକ୍ତ, ଯେଉଁମାନେ ମଦ୍‌ଭକ୍ତିବିହୀନ

ମଭକ୍ତିବିମୁଖାୟାପି ଶାସ୍ତ୍ରଗର୍ତ୍ତେଷୁ ମୁହ୍ୟତେ ।
ଗୁରୁଭକ୍ତିବିହୀନାୟ ଦାତବ୍ୟଂ ନ କଦାଚନ ॥ ୪୫ ॥
ସେବାପରାୟ ଶିଷ୍ୟାୟ ହିତପୁତ୍ରାୟ ମାରୁତେ !
ମଭକ୍ତାୟ ସୁଶୀଳାୟ କୁଳୀନାୟ ସୁମେଧସେ ॥ ୪୬ ॥
ସମ୍ୟକ୍ ପରୀକ୍ଷ୍ୟ ଦାତବ୍ୟମେବମଷ୍ଟୋତ୍ତରଂଶତଂ ।
ଯଃ ପଠେଚ୍ଛୃଣୁୟାଦ୍ୱାପି ସ ମାମେତି ନ ସଂଶୟଃ ॥ ୪୭ ॥
ତଦେତଦୃଚାଭ୍ୟୁକ୍ତଂ ।
ବିଦ୍ୟାହବୈ ବ୍ରାହ୍ମଣମାଜଗାମ ଗୋପାୟ ମାସେବଧିଷ୍ଟେହମସ୍ମି ।
ଅସୂୟକାୟାନୃତବେ ଶଠାୟ ମାମାବ୍ରୂୟାଦ୍‌ବୀର୍ଯ୍ୟବତୀ ତଥାସ୍ୟାଂ ॥ ୪୮ ॥
ଯମେବୈଷ ବିଦ୍ୟା ଶ୍ରୁତମପ୍ରମତ୍ତଂ ମେଧାବିନଂ ବ୍ରହ୍ମଚର୍ଯ୍ୟୋପପନ୍ନଂ ।
ଅସ୍ମାଇମାମୁପସନ୍ନାୟ ସମ୍ୟକ୍ ପରୀକ୍ଷ୍ୟ ଦଦ୍ୟାଦ୍ୱୈଷ୍ଣବୀମାତ୍ମନିଷ୍ଠାମିତି ॥ ୪୯ ॥
ଅଥ ହୈନଂ ଶ୍ରୀରାମଚନ୍ଦ୍ରଂ ମାରୁତିଃ ପପ୍ରଚ୍ଛ ।
ଋଗ୍‌ବେଦାଦିବିଭାଗେନ ପୃଥକ୍ ଶାନ୍ତି ମନ୍ତ୍ରବ୍ରୂହୀତି ॥ ୫୦ ॥

---

ହୋଇ କେବଳ ଶାସ୍ତ୍ରଚର୍ଚ୍ଚାରେ ନିରତ ଥାନ୍ତି, ଯେଉଁମାନେ ଗୁରୁଦେବଙ୍କଠାରେ ଭକ୍ତି କରନ୍ତି ନାହିଁ, ସେମାନଙ୍କୁ କଦାଚ ଏହି ଉପନିଷଦ୍ ପ୍ରଦାନ କରିବ ନାହିଁ ॥୪୪-୪୫॥

ହେ ମାରୁତନନ୍ଦନ ! ଯେ ସକଳ ଶିଷ୍ୟ ମତ୍‌ସେବାପରାୟଣ, ଶୁଭକାର୍ଯ୍ୟରେ ତତ୍ପର, ମଭକ୍ତିରେ ଏକାନ୍ତ ଅନୁରକ୍ତ, ସତ୍‌ସ୍ୱଭାବଯୁକ୍ତ, କୁଳୀନ ଓ ତୀକ୍ଷ୍ଣମେଧାବିଶିଷ୍ଟ ସେମାନଙ୍କୁ ଉତ୍ତମରୂପେ ପରୀକ୍ଷା କରି ଏହି ଅଷ୍ଟୋତ୍ତରଶତ ଉପନିଷଦ୍ ପ୍ରଦାନ କରିବ । ଯେ ବ୍ୟକ୍ତି ଏହି ଉପନିଷଦ୍ ସକଳ ଭକ୍ତିସହକାରେ ଅଭ୍ୟାସ ବା ଶ୍ରବଣ କରେ ସେହି ବ୍ୟକ୍ତି ନିଶ୍ଚୟ ଆମ୍ଭଙ୍କୁ ପ୍ରାପ୍ତ ହୁଏ ॥ ୪୬-୪୭ ॥

ବେଦରେ କଥିତ ଅଛି ଯେ ବ୍ରାହ୍ମଣ କେବଳ ବେଦବିଦ୍ୟାର ଅଧିକାରୀ, ବ୍ରାହ୍ମଣ ଉକ୍ତ ବିଦ୍ୟାକୁ ସର୍ବଦା ଗୋପନ କରି ରଖିବ । ଯେଉଁମାନେ ସର୍ବଦା ପରନିନ୍ଦା କରନ୍ତି ଏବଂ ଯେ ସକଳ ଲୋକ କପଟଚାରୀ ଓ ଶଠ ସେମାନଙ୍କ ନିକଟରେ ଉକ୍ତ ବିଦ୍ୟା ପ୍ରକାଶ କରିବ ନାହିଁ । ଏହିରୂପେ କଲେ କେବଳ ସେହି ବିଦ୍ୟା ବୀର୍ଯ୍ୟବତୀ ହୁଏ ॥ ୪୮ ॥

ଶାସ୍ତ୍ରାନୁଶୀଳନରେ ତତ୍ପର, ଅପ୍ରମତ୍ତ, ମେଧାବୀ ଓ ବ୍ରହ୍ମଚର୍ଯ୍ୟବ୍ରତପରାୟଣ ଏହି ରୂପ ବ୍ୟକ୍ତି ବେଦ ଅଭ୍ୟାସ କରିବା ନିମନ୍ତେ ଗୁରୁ ସମୀପରେ ଉପସ୍ଥିତ ହେଲେ ଗୁରୁଦେବ ଆସନ୍ନ ଶିଷ୍ୟଙ୍କୁ ସମ୍ୟକ୍‌ରୂପେ ପରୀକ୍ଷା କରି ବୈଷ୍ଣବୀ ଦୀକ୍ଷା ପ୍ରଦାନ କରିବେ ॥ ୪୯ ॥

ଅନନ୍ତର ପବନତନୟ ହନୁମାନ୍ ଶ୍ରୀରାମଚନ୍ଦ୍ରଙ୍କୁ ପୁନର୍ବାର ଜିଜ୍ଞାସା କଲେ । କେଉଁ କେଉଁ ବେଦର କି କି ଶାନ୍ତି ମନ୍ତ୍ର ଅଛି ତାହା ଅନୁଗ୍ରହ କରି ଆମ୍ଭ ନିକଟରେ ବୋଲନ୍ତୁ ॥୫୦॥

ସହୋବାଚ ଶ୍ରୀରାମଃ ।

୧ । ୨ । ୩ । ୪ । ୫ । ୬ ।
ଐତରେୟ କୌଷୀତକୀ ନାଦବିନ୍ଦ୍ୱାତ୍ମପ୍ରବୋଧ ନିର୍ବାଣ ମୁଦ୍ଗଲା-
୭ । ୮ । ୯ । ୧୦ ।
କ୍ଷମାଳିକା ତ୍ରିପୁରା ସୌଭାଗ୍ୟ ବହ୍ବୃଚାନା ମୃଗ୍‌ବେଦଗତାନାଂ ଦଶସଂଖ୍ୟକା-
ନାମୁପନିଷଦଂ ବାଙ୍ମେ(୧) ମନସୀତି ଶାନ୍ତିଃ ॥ ୫୧ ॥

୧ । ୨ । ୩ । ୪ । ୫ । ୬ ।
ଈଶାବାସ୍ୟ ବୃହଦାରଣ୍ୟକ ଜାବାଳ ହଂସ ପରମହଂସ ସୁବାଳ
୭ । ୮ । ୯ । ୧୦ । ୧୧ । ୧୨ । ୧୩ ।
ମନ୍ତ୍ରିକା ନିରାଳମ୍ବ ତ୍ରିଶିଖୀ ବ୍ରାହ୍ମଣମଣ୍ଡଳ ବ୍ରାହ୍ମଣଦ୍ୱୟତାରକ ପୈଙ୍ଗଳ ଭିକ୍ଷୁ
୧୪ । ୧୫ । ୧୬ । ୧୭ । ୧୮ । ୧୯ ।
ତୁରୀୟାତୀତାଧାମ୍ ତାରସାର ଯାଜ୍ଞବଲ୍କ୍ୟ ଶାଟ୍ୟାୟନୀ ମୁକ୍ତିକାନାଂ ଶୁକ୍ଳ-
ଯଜୁର୍ବେଦ-ଗତାନାମେକୋନବିଂଶତିସଂଖ୍ୟକାନାମୁପନିଷଦାଂ ପୂର୍ଣ୍ଣମଦଃ(୨) ଇତି
ଶାନ୍ତିଃ ॥ ୫୨ ॥

୧ । ୨ । ୩ । ୪ । ୫ । ୬ ।
କଠବଲ୍ଲୀ ତୈତ୍ତିରୀୟକ ବ୍ରହ୍ମ କୈବଲ୍ୟ ଶ୍ୱେତାଶ୍ୱତର ଗର୍ଭ

---

ଶ୍ରୀରାମଚନ୍ଦ୍ର ବୋଇଲେ, ଐତରେୟ, କୌଷୀତକୀ, ନାଦବିନ୍ଦୁ, ଆତ୍ମପ୍ରବୋଧ, ନିର୍ବାଣ, ମୁଦ୍‌ଗଳା, ଅକ୍ଷମାଳିକା, ତ୍ରିପୁରା ଓ ବହ୍ବୃଚ ଋଗ୍‌ବେଦାନ୍ତର୍ଗତ ଉକ୍ତଦଶୋପନିଷଦର ବାଙ୍ମେ ମନସି ଇତ୍ୟାଦି ଶାନ୍ତି ମନ୍ତ୍ର ॥ ୫୧ ॥

ଈଶ, ବୃହଦାରଣ୍ୟକ, ଜାବାଳ, ହଂସ, ପରମହଂସ, ସୁବାଳ, ମନ୍ତ୍ରିକା, ନିରାଳମ୍ବ, ତ୍ରିଶିଖୀ, ବ୍ରାହ୍ମଣମଣ୍ଡଳ, ବ୍ରାହ୍ମଣଦ୍ୱୟତାରକ, ପୈଙ୍ଗଳ, ଭିକ୍ଷୁ, ତୁରୀୟ, ଅତୀତାଧାମ୍, ତାରସାର, ଯାଜ୍ଞବଲ୍କ୍ୟ, ଶାଟ୍ୟାୟନୀ ଓ ମୁକ୍ତିକା ଶୁକ୍ଳଯଜୁର୍ବେଦାନ୍ତର୍ଗତ ଉକ୍ତ ଏକୋନବିଂଶତି ସଂଖ୍ୟକ ଉପନିଷଦ୍‌ର ପୂର୍ଣ୍ଣ ମଦଃ ଇତ୍ୟାଦି ଶାନ୍ତିମନ୍ତ୍ର ॥ ୫୨ ॥

---

(୧) ଓଁ ବାଙ୍ମେ ମନସି ପ୍ରତିଷ୍ଠିତା ମନୋ ମେ ବାଚି ପ୍ରତିଷ୍ଠିତ ମାବିରାବୀର୍ମ୍ମଏଧି ବେଦସ୍ୟ ମଶ୍ରାଣୀସ୍ୟଃ ଶ୍ରୁତଂ ମେ ମା ପ୍ରହାସୀରନେନାଧି ତେ ନାହୋରାତ୍ରାନ୍ ସନ୍ଦଧାମୃତଂ ବଦିଷ୍ୟାମି ସତ୍ୟଂ ବଦିଷ୍ୟାମି ତନ୍ମାମବତୁ ତଦ୍‌ବକ୍ତାର ମବତ୍ୱବତୁ ମାମବତୁ ବକ୍ତାରଂ । ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ । ହରିଃ ଓଁ ।

(୨) ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ । ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ । ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ । ହରି ଓଁ ।

୭। ୮। ୯। ୧୦। ୧୧। ୧୨। ୧୩।
ନାରାୟଣାମୃତବିନ୍ଦ ମୃତନାଦ କାଳାଗ୍ନିରୁଦ୍ର କ୍ଷୁରିକା ସର୍ବସାର ଶୁକରହସ୍ୟ
୧୪। ୧୫। ୧୬। ୧୭। ୧୮। ୧୯। ୨୦।
ତେଜୋବିନ୍ଦୁ ଧ୍ୟାନବିନ୍ଦୁ ବ୍ରହ୍ମବିଦ୍ୟା ଯୋଗତତ୍ତ୍ୱ ଦକ୍ଷିଣାମୂର୍ତ୍ତି ସ୍କନ୍ଦ ଶାରୀରକ
୨୧। ୨୨। ୨୩। ୨୪। ୨୫। ୨୬। ୨୭। ୨୮।
ଯୋଗଶିଖୈକାକ୍ଷରାକ୍ଷ୍ୟବଧୂତ କଠରୁଦ୍ର ହୃଦୟ ଯୋଗକୁଣ୍ଡଳିନୀ ପଞ୍ଚବ୍ରହ୍ମ
୨୯। ୩୦। ୩୧। ୩୨।
ପ୍ରାଣାଗ୍ନିହୋତ୍ର ବରାହ କଳିସନ୍ତରଣ ସରସ୍ୱତୀରହସ୍ୟାନାଂ କୃଷ୍ଣଯଜୁର୍ବେଦ-
ଗତାନାଂ ଦ୍ୱାତ୍ରିଂଶତ୍‌ସଂଖ୍ୟକାନାମୁପନିଷଦାଂ ସହନାବବତ୍ୱିତି(୧) ଶାନ୍ତିଃ ॥୫୩॥
୧। ୨। ୩। ୪। ୫। ୬।
କେନ ଛାନ୍ଦୋଗ୍ୟାରୁଣି ମୈତ୍ରାୟଣୀ ମୈତ୍ରେୟୀ ବଜ୍ରସୂଚିକ
୭। ୮। ୯। ୧୦। ୧୧। ୧୨। ୧୩। ୧୪।
ଯୋଗଚୂଡ଼ାମଣି ବାସୁଦେବ ମହତ୍ ସଂନ୍ୟାସାବ୍ୟକ୍ତ କୁଣ୍ଡିକା ସାବିତ୍ରୀ ରୁଦ୍ରାକ୍ଷ
୧୫। ୧୬।
ଜାବାଲଦର୍ଶନ ଜାବାଲୀନାଞ୍ଚ ସାମବେଦଗତାନାଞ୍ଚ ଷୋଡ଼ଶସଂଖ୍ୟକାନାମୁପ-
ନିଷଦାମାପ୍ୟାୟନ୍ତ୍ୱିତି(୨) ଶାନ୍ତିଃ ॥ ୫୪ ॥

---

କଠବଲ୍ଲୀ, ତୈତ୍ତିରୀୟକ, ବ୍ରହ୍ମ, କୈବଲ୍ୟ, ଶ୍ୱେତାଶ୍ୱତର, ଗର୍ଭ, ନାରାୟଣ, ଅମୃତବିନ୍ଦୁ, ଅମୃତନାଦ, କାଳାଗ୍ନିରୁଦ୍ର, କ୍ଷୁରିକା, ସର୍ବସାର, ଶୁକରହସ୍ୟ, ତେଜୋବିନ୍ଦୁ, ଧ୍ୟାନବିନ୍ଦୁ, ବ୍ରହ୍ମବିଦ୍ୟା, ଯୋଗତତ୍ତ୍ୱ, ଦକ୍ଷିଣାମୂର୍ତ୍ତି, ସ୍କନ୍ଦ, ଶାରୀରକ, ଯୋଗଶିଖା, ଏକାକ୍ଷର, ଅକ୍ଷି, ଅବଧୂତ, କଠରୁଦ୍ର, ହୃଦୟ, ଯୋଗକୁଣ୍ଡଳିନୀ, ପଞ୍ଚବ୍ରହ୍ମ, ପ୍ରାଣାଗ୍ନିହୋତ୍ର, ବରାହ, କଳିସନ୍ତରଣ ଓ ସରସ୍ୱତୀରହସ୍ୟ, କୃଷ୍ଣ ଯଜୁର୍ବେଦାନ୍ତର୍ଗତ ଉକ୍ତ ଦ୍ୱାତ୍ରିଂଶତ୍ ସଂଖ୍ୟକ ଉପନିଷଦ୍‌ର ସହନାବବତୁ ଇତ୍ୟାଦି ଶାନ୍ତି ମନ୍ତ୍ର ॥ ୫୩ ॥

କେନ, ଛାନ୍ଦୋଗ୍ୟ, ଆରୁଣି, ମୈତ୍ରାୟଣୀ, ମୈତ୍ରେୟୀ, ବଜ୍ରସୂଚିକ, ଯୋଗ-ଚୂଡ଼ାମଣି, ବାସୁଦେବ, ମହତ୍, ସଂନ୍ୟାସ, ଅବ୍ୟକ୍ତ, କୁଣ୍ଡିକା, ସାବିତ୍ରୀ, ରୁଦ୍ରାକ୍ଷ, ଜାବାଳଦର୍ଶନ ଓ ଜାବାଳୀ ସାମବେଦାନ୍ତର୍ଗତ ଉକ୍ତ ଷୋଡ଼ଶସଂଖ୍ୟକ ଉପନିଷଦ୍‌ର ଆପ୍ୟାୟନ୍ତୁ ଇତ୍ୟାଦି ଶାନ୍ତିମନ୍ତ୍ର ॥ ୫୪ ॥

---

(୧) ଓଁ ସହନାବବତୁ ସହନୌ ଭୁନକ୍ତୁ ସହବୀର୍ଯ୍ୟଂ କରବାବହୈ । ତେଜସ୍ୱିନାବଧୀତମସ୍ତୁ ମାବିଦ୍ୱିଷାବହୈ ॥ ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥ ହରି ଓଁ ॥

(୨) ଓଁ ଆପ୍ୟାୟନ୍ତୁ ମମାଙ୍ଗାନି ବାକ୍‌ପ୍ରାଣଶ୍ଚକ୍ଷୁଃ ଶ୍ରୋତ୍ରମଥୋବଳମିନ୍ଦ୍ରିୟାଣି ଚ ସର୍ବାଣି ସର୍ବଂ ବ୍ରହ୍ମୋପନିଷଦଂ । ମାହଂ ବ୍ରହ୍ମ ନିରାକୁର୍ଯ୍ୟାଂ ମାମାବ୍ରହ୍ମନିରାକରୋଦନିରାକରଣ-ମସ୍ତ୍ୱନିରାକରଣମେଽସ୍ତୁ ତଦାତ୍ମନି ନିରତେୟ ଉପନିଷତ୍‌ସୁଧର୍ମାସ୍ତେ ମୟି ସନ୍ତୁ ॥ ଓଁ ଶାନ୍ତିଃ ଓଁ ଶାନ୍ତିଃ ଓଁ ଶାନ୍ତିଃ । ହରିଃ ଓଁ ।

୧। ୨। ୩। ୪। ୫। ୬।
ପ୍ରଶ୍ନ ମୁଣ୍ଡକ ମାଣ୍ଡୁକ୍ୟାଥର୍ବଶିରୋଽଥର୍ବଶିଖା ବୃହଜ୍ଜାବାଳ
୭। ୮। ୯। ୧୦। ୧୧। ୧୨।
ନୃସିଂହତାପନୀ ନାରଦପରିବ୍ରାଜକ ସୀତା ସରଭ ମହାନାରାୟଣ ରାମରହସ୍ୟ
୧୩। ୧୪। ୧୫। ୧୬। ୧୭। ୧୮।
ରାମତାପନୀ ଶାଣ୍ଡିଲ୍ୟ ପରମହଂସ ପରିବ୍ରାଜକାନ୍ନପୂର୍ଣ୍ଣା ସୂର୍ଯ୍ୟାତ୍ମ ପାଶୁପତ
୧୯। ୨୦। ୨୧। ୨୨। ୨୩। ୨୪। ୨୫।
ପରବ୍ରହ୍ମ ତ୍ରିପୁରାତପନ ଦେବୀ ଭାବନା ଭସ୍ମ ଜାବାଳ ଗଣପତି ମହା-
୨୬। ୨୭। ୨୮। ୨୯। ୩୦। ୩୧।
ବାକ୍ୟ ଗୋପାଳତାପନ କୃଷ୍ଣ ହୟଗ୍ରୀବ ଦତ୍ତାତ୍ରେୟ ଗାରୁଡ଼ାନାମାଥର୍ବ-
ବେଦଗତାନାମେକତ୍ରିଂଶତ୍ସଂଖ୍ୟକାନାମୁପନିଷଦାଂ ଭଦ୍ରଂ କର୍ଣ୍ଣେଭିରିତି (୧)
ଶାନ୍ତି ॥ ୫୫ ॥

ମୁମୁକ୍ଷବଃ ପୁରୁଷାଃ ସାଧନଚତୁଷ୍ଟୟସମ୍ପନ୍ନାଃ ଶ୍ରଦ୍ଧାବନ୍ତଃ ସତ୍କୁଳଭବଂ ଶ୍ରୋତ୍ରିୟଂ ଶାସ୍ତ୍ରବାତ୍ସଲ୍ୟଂ ଗୁଣବନ୍ତମକୁଟିଳଂ ସର୍ବଭୂତହିତେ ରତଂ ଦୟାସମୁଦ୍ରଂ ସଦ୍ଗୁରୁଂ ବିଧିବଦୁପସଙ୍ଗମ୍ୟୋପହାରପାଣୟୋଽଷ୍ଟୋତ୍ତରଶତୋପନିଷଦଂ ବିଧିବଦଧୀତ୍ୟ

---

ପ୍ରଶ୍ନ, ମଣ୍ଡୁକ, ମାଣ୍ଡୁକ୍ୟ, ଅଥର୍ବଶିରଃ, ଅଥର୍ବଶିଖା, ବୃହଜ୍ଜାବାଳ, ନୃସିଂହତାପନୀ, ନାରଦପରିବ୍ରାଜ, ସୀତା, ସରଭ, ମହାନାରାୟଣ, ରାମରହସ୍ୟ, ରାମତାପନୀ, ଶାଣ୍ଡିଲ୍ୟ, ପରମହଂସପରିବ୍ରାଜ, ଅନ୍ନପୂର୍ଣ୍ଣା, ସୂର୍ଯ୍ୟାତ୍ମ, ପାଶୁପତ, ପରବ୍ରହ୍ମ, ତ୍ରିପୁରାତପନ, ଦେବୀ, ଭାବନା, ଭସ୍ମ, ଜାବାଳ, ଗଣପତି, ମହାବାକ୍ୟ, ଗୋପାଳତାପନ, କୃଷ୍ଣ, ହୟଗ୍ରୀବ, ଦତ୍ତାତ୍ରେୟ, ଓ ଗାରୁଡ଼, ଅଥର୍ବ ବେଦାନ୍ତର୍ଗତ ଏହି ଏକତ୍ରିଂଶତ୍ ଉପନିଷଦର ଭଦ୍ରଂକର୍ଣ୍ଣେଭିଃ ଇତ୍ୟାଦି ଶାନ୍ତିମନ୍ତ୍ର ॥ ୫୫ ॥

---

(୧) ଓଁ ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦବାଭଦ୍ରଂ ପଶ୍ୟେମ ଅକ୍ଷଭିର୍ଯଜତ୍ରା । ସ୍ଥିରୈ ରଙ୍ଗୈସ୍ତୁଷ୍ଟୁବାଂସସ୍ତନୂଭିର୍ବ୍ୟଶମଦେବହିତଂ ଯଦାୟୁଃ ॥ ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥ ହରିଃ ଓଁ ॥

ଶ୍ରବଣମନନନିଦିଧ୍ୟାସନାନି ନୈରନ୍ତର୍ଯ୍ୟେଣ କୃତ୍ୱା ପ୍ରାରବ୍ଧକ୍ଷୟାଦ୍ଦେହତ୍ରୟଭଙ୍ଗଂ ପ୍ରାପ୍ୟୋପାଧିବିନିର୍ମୁକ୍ତଘଟାକାଶବତ୍ ପରିପୂର୍ଣ୍ଣତା ବିଦେହମୁକ୍ତିଃ ସୈବ କୈବଲ୍ୟମୁକ୍ତିରିତି । ଅତଏବ ବ୍ରହ୍ମଲୋକସ୍ଥା ଅପି ବ୍ରହ୍ମମୁଖାଦ୍ବେଦାନ୍ତ ଶ୍ରବଣାଦିଂ କୃତ୍ୱା ତେନ ସହ କୈବଲ୍ୟଂ ଲଭନ୍ତେ । ଅତଃ ସର୍ବେଷାଂ କୈବଲ୍ୟମୁକ୍ତିର୍ଜ୍ଞାନମାତ୍ରେଣୋକ୍ତା । ନ କର୍ମସାଂଖ୍ୟ-ଯୋଗୋପାସନାଦିଭିରିତ୍ୟୁପନିଷତ୍ ॥ ୫୬ ॥

ଇତି ପ୍ରଥମୋଽଧ୍ୟାୟଃ ।

ଯେଉଁମାନେ ମୁକ୍ତି ଅଭିଳାଷ କରନ୍ତି ସେମାନେ ଚତୁଷ୍ଟୟ ସାଧନ* ଯୁକ୍ତ ହୋଇ ଶ୍ରଦ୍ଧାବାନ୍ ସତ୍‌କୁଳସମ୍ଭୂତ, ବ୍ରାହ୍ମଣ, ଶାସ୍ତ୍ରାନୁରକ୍ତ ଗୁଣବାନ୍ ସରଳାନ୍ତଃକରଣ, ପ୍ରାଣିବର୍ଗର ହିତକାର୍ଯ୍ୟରେ ନିରତ ଓ ଦୟାଶୀଳ ସଦ୍‌ଗୁରୁଙ୍କ ନିକଟରେ ବିଧିପୂର୍ବକ ଗମନ କରି କୃତାଞ୍ଜଳିପୂଟରେ ଯଥାବିଧି ଅଷ୍ଟୋତ୍ତରଶତ ଉପନିଷତ୍ ଅଭ୍ୟାସ କରି ଯାବତ୍‌କାଳ ପୂର୍ବ ସଞ୍ଚିତ ପାପ ପୁଣ୍ୟ କ୍ଷୟ ନ ହୁଏ, ତାବତ୍‌କାଳ ନିରନ୍ତର ଶ୍ରବଣ, ମନନ ଓ ନିଦିଧ୍ୟାସନ କରିବ, ଅନନ୍ତର ଯେତେବେଳେ ପୂର୍ବାର୍ଜିତ ପାପ ପୁଣ୍ୟ କ୍ଷୟ ହେବ ତତ୍କାଳରେ ସ୍ଥୂଳ, ସୂକ୍ଷ୍ମ ଏବଂ ଅତିବାହିକ ଏହି ତିନି ଦେହ ଭଙ୍ଗ ହୋଇ ଜୀବ ଓ ଆତ୍ମାର ଐକ୍ୟ ଜ୍ଞାନ ଜନ୍ମିବ, ଯେମନ୍ତ ଯାବତ୍‌କାଳ ଘଟ ବିଦ୍ୟମାନ ଥାଏ, ତାବତ୍‌କାଳ ସେହି ଘଟ ମଧ୍ୟଗତ ଆକାଶକୁ ପୃଥକ୍ ବୋଲି ବୋଧହୁଏ, ଯେତେବେଳେ ଉକ୍ତ ଘଟ ନଷ୍ଟ ହୋଇଯାଏ ତତ୍କାଳରେ ଆଉ ସେହି ଘଟାକାଶର ପାର୍ଥକ୍ୟ ପ୍ରତୀତି ହୁଏ ନାହିଁ, କେବଳ ଏକମାତ୍ର ନିରୁପାଧି ମହାକାଶ ପ୍ରତୀତି ହୁଏ । ତେମନ୍ତ ହୃଦୟାକାଶର ଅଦ୍ୱିତୀୟ ପୂର୍ଣ୍ଣ ବ୍ରହ୍ମଜ୍ଞାନ ଆବିର୍ଭୂତ ହୁଅଇ । ଏହାକୁ କେବଳ ବିଦେହ ମୁକ୍ତି ଅର୍ଥାତ୍ କୈବଲ୍ୟ ମୁକ୍ତି ବୋଲି । ଅତଏବ ଯେଉଁମାନେ ବ୍ରହ୍ମଲୋକରେ ଅବସ୍ଥିତି କରନ୍ତି, ସେମାନେ ମଧ୍ୟ ବ୍ରହ୍ମମୁଖରୁ ବେଦାନ୍ତାଦି ଶ୍ରବଣ କରି ସେହି ବେଦାନ୍ତ ପ୍ରସାଦରେ କେବଳ କୈବଲ୍ୟ ଲାଭ କରନ୍ତି । ଏହି ନିମିତ୍ତ ବ୍ରହ୍ମଜ୍ଞାନ କେବଳ ବିଦେହମୁକ୍ତିର କାରଣ । କଦାଚ ବ୍ରହ୍ମଜ୍ଞାନ ବ୍ୟତିରେକେ କର୍ମଯୋଗୋପାସନାଦିଦ୍ୱାରା ବିଦେହମୁକ୍ତି ହୁଏ ନାହିଁ ॥ ୫୬ ॥

ପ୍ରଥମ ଅଧ୍ୟାୟ ସମାପ୍ତ ।

---

*[୧] ନିତ୍ୟ ଓ ଅନିତ୍ୟବସ୍ତୁ ବିଚାର, [୨] ଇହକାଳରେ ଓ ପରକାଳରେ ଫଳ ଭୋଗର ଇଚ୍ଛାଭାବ, [୩] ଶମ, ଦମ, ଉପରତି, ତିତିକ୍ଷା, ସମାଧାନ ଓ ଶ୍ରଦ୍ଧା ଏହି ସକଳ ସମ୍ପତ୍ତି, [୪] ମୋକ୍ଷାଭିଳାଷ ।

## ଦ୍ୱିତୀୟୋଽଧ୍ୟାୟଃ ।

ତଥାହୈନଞ୍ଚ ଶ୍ରୀରାମଚନ୍ଦ୍ରଂ ମାରୁତିଃ ପପ୍ରଚ୍ଛ ।
କେୟଂ ଜୀବନ୍ମୁକ୍ତିଃ କେୟଂ ବିଦେହମୁକ୍ତିଃ କିମ୍ବା ତତ୍ର ପ୍ରମାଣଂ
କଥଂ ବା ତତ୍ସିଦ୍ଧିଃ ସିଦ୍ଧ୍ୟା ବା କିଂ ପ୍ରୟୋଜନମିତି ॥ ୧ ॥

ସହୋବାଚ ଶ୍ରୀରାମ ।

ପୁରୁଷସ୍ୟ କର୍ତ୍ତୃତ୍ୱ-ଭୋକ୍ତୃତ୍ୱ ସୁଖଦୁଃଖାଦିଲକ୍ଷଣଶ୍ଚିତ୍ତଧର୍ମଃ କ୍ଲେଶରୂପତ୍ୱାଦ୍‌ବନ୍ଧୋ ଭବତି । ତନ୍ନିରୋଧନଂ ଜୀବନ୍ମୁକ୍ତିଃ । ଉପାଧିବିନିର୍ମୁକ୍ତ ଘଟାକାଶବତ୍ ପ୍ରାରବ୍ଧକ୍ଷୟାଦ୍‌ବିଦେହମୁକ୍ତିଃ । ଜୀବନ୍ମୁକ୍ତି ବିଦେହମୁକ୍ତ୍ୟୋରଷ୍ଟୋତ୍ତରଶତୋପନିଷଦଃ ପ୍ରମାଣଂ । କର୍ତ୍ତୃତ୍ୱାଦି ଦୁଃଖନିବୃତ୍ତିଦ୍ୱାରା ନିତ୍ୟାନନ୍ଦାବାପ୍ତିଃ ପ୍ରୟୋଜନଂ ଭବତି । ତତ୍‌ପୁରୁଷପ୍ରଯତ୍ନସାଧ୍ୟଂ ଭବତି । ଯଥା ପୁତ୍ରକାମେଷ୍ଟିନା ପୁତ୍ରଂ ବାଣିଜ୍ୟାଦିନା ବିତ୍ତଂ ଜ୍ୟୋତିଷ୍ଟୋମେନ ସ୍ୱର୍ଗଂ ତଥା ପୁରୁଷପ୍ରଯତ୍ନସାଧ୍ୟ ବେଦାନ୍ତ ଶ୍ରବଣାଦିଜନିତସମାଧିନା ଜୀବନ୍ମୁକ୍ତ୍ୟାଦିଲାଭୋ ଭବତି । ସର୍ବବାସନା କ୍ଷୟାତ୍ତଲ୍ଲାଭଃ ॥ ୨ ॥

---

ଅନନ୍ତର ପବନତନୟ ହନୁମାନ୍ ଶ୍ରୀରାମଚନ୍ଦ୍ରଙ୍କୁ ପୁନର୍ବାର ଜିଜ୍ଞାସା କଲେ, ପ୍ରଭୋ ! ଜୀବନ୍ମୁକ୍ତି କି ? ଏବଂ ବିଦେହମୁକ୍ତି ବା କାହାକୁ ବୋଲି ? ଉକ୍ତ ମୁକ୍ତିଦ୍ୱୟର କି ପ୍ରମାଣ ଅଛି ? କି କାରଣରେ ବା ସେହି ମୁକ୍ତି ହୁଏ ? ଏବଂ ମୁକ୍ତି ହେଲେ ବା କି ପ୍ରୟୋଜନ ସିଦ୍ଧ ହୁଏ ॥ ୧ ॥

ଶ୍ରୀରାମଚନ୍ଦ୍ର ବୋଇଲେ, ଆମ୍ଭେ କର୍ତ୍ତା, ଆମ୍ଭେ ଭୋକ୍ତା, ଏହି ସୁଖ, ଏହି ଦୁଃଖ ଇତ୍ୟାଦି ଜ୍ଞାନ କେବଳ ମନୁଷ୍ୟବର୍ଗର ଚିତ୍ତବୃତ୍ତିଧର୍ମ, ଉକ୍ତ ଧର୍ମ ମନୁଷ୍ୟଗଣଙ୍କୁ ଅଶେଷ କ୍ଲେଶରେ ନିପତିତ କରି ବଦ୍ଧ ରଖିଅଛି । ଯତ୍‌କାଳରେ ଉକ୍ତ ଜ୍ଞାନ ସକଳ ଲୟ ହୋଇ ଆତ୍ମାରେ ଏକମାତ୍ର ବ୍ରହ୍ମଜ୍ଞାନ ଉଦିତ ହୁଏ, ସେହି କାଳରେ ମନୁଷ୍ୟ ମୁକ୍ତି ଲାଭ କରେ, ସେହି ମୁକ୍ତିକି ଜୀବନ୍ମୁକ୍ତି ବୋଲନ୍ତି । ଯେମନ୍ତ ଘଟାକାଶ ମହାକାଶ ମିଶ୍ରିତ ହେଲେ ନିରୁପାଧି ଆକାଶ ପ୍ରତୀତ ହୁଏ, ତଦ୍ରୂପ ପୂର୍ବକୃତ ଶୁଭାଶୁଭ ଅଦୃଷ୍ଟ ବିନଷ୍ଟ ହୋଇ ଜୀବ ଓ ଆତ୍ମାର ଐକ୍ୟ ଜ୍ଞାନ ଜନ୍ମେ । ତାହାକୁ କେବଳ ବିଦେହମୁକ୍ତି ବୋଲନ୍ତି । ଅଷ୍ଟୋତ୍ତରଶତ ଉପନିଷତ୍‌ରେ ଉକ୍ତ ଜୀବନ୍ମୁକ୍ତି ଓ ବିଦେହମୁକ୍ତିଦ୍ୱୟର ପ୍ରମାଣ ପ୍ରାପ୍ତ ହୁଏ । କର୍ତ୍ତୃତ୍ୱ ଭୋକ୍ତୃତ୍ୱାଦି ଜ୍ଞାନର ନିବୃତ୍ତି ହୋଇ ସର୍ବଦା ସୁଖାନୁଭବ କେବଳ ମୁକ୍ତିର ପ୍ରୟୋଜନ । ମୁକ୍ତ ପୁରୁଷର କୌଣସି ଦୁଃଖାନୁଭବ ହୁଏ ନାହିଁ, ସର୍ବଦା ପରମାନନ୍ଦ ଅନୁଭୂତ ହୁଏ । ଏହି ହେତୁରୁ ଲୋକମାନେ ମୁକ୍ତି କାମନା କରନ୍ତି । ସେହି ମୁକ୍ତି ମଧ୍ୟ ପୁରୁଷର ଯତ୍ନର ଅନାୟତ୍ତ ନୁହେଁ । ମନୁଷ୍ୟଗଣ ସବିଶେଷ ଯତ୍ନ କଲେ ମୁକ୍ତିପଦ ପାଇପାରନ୍ତି । ଯେମନ୍ତ ପୁତ୍ରକାମୀବ୍ୟକ୍ତି ପୁତ୍ରେଷ୍ଟିଯଜ୍ଞ କରି ପୁତ୍ର ଲାଭ

ଅତ୍ର ଶ୍ଳୋକା ଭବନ୍ତି ।

ଉଚ୍ଛାସ୍ତ୍ରଞ୍ଚ ଶାସ୍ତ୍ରିତଂ ଚେତି ପୌରୁଷଂ ଦ୍ୱିବିଧଂ ମତଂ ।
ତତ୍ରୋଚ୍ଛାସ୍ତ୍ରମନର୍ଥାୟ ପରମାର୍ଥାୟ ଶାସ୍ତ୍ରିତଂ ॥ ୩ ॥
ଲୋକବାସନୟା ଜନ୍ତୋଃ ଶାସ୍ତ୍ରବାସନୟାପି ଚ ।
ଦେହବାସନୟା ଜ୍ଞାନଂ ଯଥାବନ୍ନୈବ ଜାୟତେ ॥ ୪ ॥
ଦ୍ୱିବିଧୋ ବାସନାବ୍ୟୂହଃ ଶୁଭଶ୍ଚୈବାଶୁଭଶ୍ଚ ତୌ ।
ବାସନୌଘେନ ଶୁଦ୍ଧେନ ତତ୍ର ଚେଦନୁମୀୟସେ ॥୫॥
ତତ୍ କ୍ରମେଣାଶୁ ତେନୈବ ମାମକଂ ପଦମାପ୍ନୁହି ।
ଅଥ ଚେଦଶୁଭୋଭାବସ୍ତ୍ୱାଂ ଯୋଜୟତ୍ୟତିସଙ୍କଟେ ॥୬॥
ପ୍ରାକ୍ତନସ୍ତଦସୌ ଯତ୍ନାଜ୍ଜେତବ୍ୟୋ ଭବତା କପେ ! ।
ଶୁଭାଶୁଭାଭ୍ୟାଂ ମାର୍ଗାଭ୍ୟାଂ ବହନ୍ତୀ ବାସନାସରିତ୍ ।
ପୌରୁଷେଣ ପ୍ରଯତ୍ନେନ ଯୋଜନୀୟା ଶୁଭେ ପଥି ॥ ୭ ॥

---

କରେ, ଧନାର୍ଥୀ ବାଣିଜ୍ୟାଦିଦ୍ୱାରା ଧନ ପ୍ରାପ୍ତ ହୁଏ, ସ୍ୱର୍ଗାଭିଳାଷୀ ଜ୍ୟୋତିଷ୍ଟୋମାଦି-ଦ୍ୱାରା ସ୍ୱର୍ଗ ପାଏ, ତେମନ୍ତ ମନୁଷ୍ୟଗଣ ଆତ୍ମତତ୍ତ୍ୱବିଦ୍ ପଣ୍ଡିତଗଣଙ୍କ ନିକଟରେ ଯତ୍ନପୂର୍ବକ ବେଦାନ୍ତାଦି ଶ୍ରବଣ କରି ସମାଧିଦ୍ୱାରା ଜୀବନ୍ମୁକ୍ତି ପ୍ରଭୃତି ଅଭିଳଷିତ ମୁକ୍ତି ଲାଭରେ ଅଧିକାରୀ ହୋଇପାରନ୍ତି । ସର୍ବପ୍ରକାର ବାସନା ପରିତ୍ୟାଗ କରିପାରିଲେ ମୁକ୍ତିଲାଭ ହୁଏ ॥ ୨ ॥

ଆତ୍ମତତ୍ତ୍ୱବିଦ୍ ପଣ୍ଡିତଗଣ ବୋଲନ୍ତି ପୁରୁଷର ଶକ୍ତି ଦୁଇ ପ୍ରକାର, ପ୍ରଥମ ଶାସ୍ତ୍ରବିଗର୍ହିତ, ଦ୍ୱିତୀୟ ଶାସ୍ତ୍ରାନୁଯାୟିନୀ, ସେହି ଦ୍ୱିବିଧ ଶକ୍ତି ମଧ୍ୟରେ ଶାସ୍ତ୍ରବିଗର୍ହିତ ଶକ୍ତି ମନୁଷ୍ୟମାତ୍ରର ଅନର୍ଥ ସଂଘଟନ କରେ, ଶାସ୍ତ୍ରାନୁସାରିଣୀ ଶକ୍ତି ପରମାର୍ଥ ପ୍ରଦାନ କରେ ॥ ୩ ॥

ଲୋକବାସନା, ଶାସ୍ତ୍ରବାସନା ଓ ଦେହବାସନା ଏହି ତ୍ରିବିଧ ବାସନା ମଧ୍ୟରୁ କୌଣସି ବାସନାଦ୍ୱାରା ମନୁଷ୍ୟର ଯଥାର୍ଥ ଈଶ୍ୱର ଜ୍ଞାନ ଜନ୍ମିପାରେ ନାହିଁ ॥ ୪ ॥

ମନୁଷ୍ୟର ବାସନା ଦୁଇପ୍ରକାର, ଶୁଭବାସନା ଓ ଅଶୁଭବାସନା, ଶୁଭବାସନା-ଦ୍ୱାରା କେବଳ ମନୁଷ୍ୟ ଈଶ୍ୱରଙ୍କୁ ଜାଣିପାରେ । ହନୁମାନ୍ ! ତୁମ୍ଭେ ସେହି ଶୁଭବାସନାର ଅନୁବର୍ତ୍ତୀ ହୋଇ କାର୍ଯ୍ୟାନୁଷ୍ଠାନ କର, ତାହା ହେଲେ ଆମ୍ଭର ନିତ୍ୟଧାମ ପାଇବ । ଅଶୁଭବସନା ତୁମ୍ଭଙ୍କୁ ମହାଶଙ୍କଟରେ ନିୟୋଜିତ କରିବ ॥ ୫—୬ ॥

କପିବର ! ତୁମ୍ଭେ ଯତ୍ନପୂର୍ବକ ପୂର୍ବାର୍ଜିତ ପାପ ପୁଣ୍ୟ ଜୟ କର, ବାସନାନଦୀ ଅନବରତ ଶୁଭାଶୁଭ ପଥରେ ବହୁଅଛି । ତୁମ୍ଭେ ସ୍ୱୀୟ ପୁରୁଷତ୍ୱଦ୍ୱାରା ସବିଶେଷ ଯତ୍ନ କରି ବାସନାନଦୀକୁ ଶୁଭପନ୍ଥାରେ ପ୍ରବାହିତ କର ॥ ୭ ॥

ଅଶୁଭେଷୁ ସମାବିଷ୍ଟଂ ଶୁଭେଷ୍ୱେବାବତାରୟେତ୍ ।
ଅଶୁଭାଚ୍ଚାଳିତଂ ଯାତି ଶୁଭଂ ତସ୍ମାଦପୀତରମ୍ ॥୮ ॥
ପୌରୁଷେଣ ପ୍ରୟତ୍ନେନ ଲାଳୟେଚ୍ଚିତ୍ତବାଳକଂ ।
ଦ୍ୱାଗଭ୍ୟାସବଶାଦ୍ୟାତି ଯଦା ତେ ବାସନାଦ୍ୱୟଂ ।
ତଦାଭ୍ୟାସସ୍ୟ ସାଫଲ୍ୟଂ ବିଦ୍ଧି ତ୍ୱମରିମର୍ଦ୍ଦନ ! ॥ ୯ ॥
ସନ୍ଦିଗ୍ଧାୟାମପି ଭୃଶଂ ଶୁଭାମେବ ସମାଚର ।
ଶୁଭାୟାଂ ବାସନାବୃଦ୍ଧୌ ନ ଦୋଷାୟ ମରୁତ୍ସୁତ ! ॥ ୧୦ ॥
ବାସନାକ୍ଷୟବିଜ୍ଞାନ ମନୋନାଶା ମହାମତେ ! ।
ସମକାଳଂ ଚିରାଭ୍ୟସ୍ତା ଭବନ୍ତି ଫଳଦା ମତାଃ ॥ ୧୧ ॥
ତ୍ରୟମେବ ସମଂ ଯାବନ୍ନାଭ୍ୟସ୍ତଞ୍ଚ ପୁନଃପୁନଃ ।
ତାବନ୍ନ ପଦସଂପ୍ରାପ୍ତିର୍ଭବତ୍ୟପି ସମାଶତୈଃ ॥ ୧୨ ॥

---

ଯେ ବାସନା ଅଶୁଭ ପଥରେ ପ୍ରବିଷ୍ଟ ହୋଇଅଛି, ସେହି ବାସନାକୁ ଶୁଭକାର୍ଯ୍ୟରେ ନିୟୋଜିତ କରିବ । ଅଶୁଭବାସନା ଚିତ୍ତକୁ ପରିଚାଳିତ କରେ ଏହି ନିମିତ୍ତ ସର୍ବଦା ଶୁଭବାସନାରେ ଚିତ୍ତାର୍ପଣ କର ॥୮ ॥

ମନୁଷ୍ୟ ଯତ୍ନପୂର୍ବକ ସ୍ୱୀୟ ପୌରୁଷଦ୍ୱାରା ଚିତ୍ତରୂପ ବାଳକକୁ ଲାଳନ କରିବ । ଚିତ୍ତ ବଶୀଭୂତ ହେଲେ କେବଳ ସର୍ବକାର୍ଯ୍ୟ ସିଦ୍ଧ ହୁଏ । ଯେତେବେଳେ ବାସନା ଉଭୟ ପଥରେ ପରିଚାଳିତ ହେଉଥାଏ, ତେତେବେଳେ ଅଭ୍ୟାସବଶତଃ ଅଶୁଭପଥରୁ ନିବର୍ତ୍ତିତ କରି ଶୁଭପଥରେ ପ୍ରେରଣ କରିବ । ହେ ପରନ୍ତପ ! ଏହାଦ୍ୱାରା ବାସନା ସଫଳ ହୁଏ ॥ ୯ ॥

ହେ ପବନନନ୍ଦନ ! ଯତ୍କାଳରେ ବାସନାଦ୍ୱୟର ସନ୍ଦେହ ଉପସ୍ଥିତ ହେବ, ତେତେବେଳେ ଯହିଁରେ ଶୁଭବାସନାର ଉଭବ ହୁଏ, ସେହିରୂପ କାର୍ଯ୍ୟ କରିବ । ଶୁଭବାସନାର ବୃଦ୍ଧି ହେଲେ କଦାଚ ଦୋଷାଶଙ୍କା ନଥାଏ ॥ ୧୦ ॥

ବାସନାକ୍ଷୟ, ବିଜ୍ଞାନ ଓ ମନୋନାଶ ଏହି ତିନୋଟି କାର୍ଯ୍ୟ ସମକାଳରେ ଅଭ୍ୟାସ କରିବ । ଏହି ପ୍ରକାରେ ବହୁକାଳ ଅଭ୍ୟାସ କଲେ କେବଳ ଉକ୍ତ କାର୍ଯ୍ୟତ୍ରୟର ଫଳ ପ୍ରାପ୍ତ ହୁଏ ॥୧୧॥

ପୂର୍ବୋକ୍ତ କାର୍ଯ୍ୟ ତିନୋଟି ସମକାଳରେ ଅଭ୍ୟାସ କରିବ, ବହୁ କାଳ ଏହିରୂପ ଅଭ୍ୟାସ କଲେ କେବଳ କାର୍ଯ୍ୟତ୍ରୟ ଫଳପ୍ରଦ ହୁଏ । କିନ୍ତୁ ସମକାଳରେ ବହୁ ଦିବସ ପର୍ଯ୍ୟନ୍ତ ପୁନଃ ପୁନଃ ଅଭ୍ୟାସ ନକଲେ କଦାଚ ଫଳ ପ୍ରଦାନ କରେ ନାହିଁ ॥୧୨॥

ଏକୈକଶୋ ନିଷେବ୍ୟନ୍ତେ ଯଦ୍ୟେତେ ଚିରମପ୍ୟଳଂ ।
ତନ୍ନ ସିଦ୍ଧିଂ ପ୍ରୟଚ୍ଛନ୍ତି ମନ୍ତ୍ରାଃ ସଂକୀର୍ଣ୍ଣତା ଇବ ।। ୧୩ ।।
ତ୍ରିଭିରେତୈଶ୍ଚିରାଭ୍ୟସ୍ତୈର୍ହୃଦୟଗ୍ରନ୍ଥୟୋ ଦୃଢ଼ାଃ ।
ନିଃଶଙ୍କମେବ ନଶ୍ୟନ୍ତି ବିସଚ୍ଛେଦାଦଗୁଣା ଇବ ।। ୧୪ ।।
ଜନ୍ମାନ୍ତରଶତାଭ୍ୟସ୍ତା ମିଥ୍ୟା ସଂସାରବାସନା ।
ସା ଚିରାଭ୍ୟାସଯୋଗେନ ବିନା ନ କ୍ଷୀୟତେ କ୍ୱଚିତ୍ ।। ୧୫ ।।
ତସ୍ମାତ୍ ସୌମ୍ୟ ! ପ୍ରଯତ୍ନେନ ପୌରୁଷେଣ ବିବେକିନା ।
ଭୋଗେଚ୍ଛାଂ ଦୂରତସ୍ତ୍ୟକ୍ତ୍ୱା ତ୍ରୟମେବ ସମାଶ୍ରୟ ।। ୧୬ ।।
ତସ୍ମାଦ୍‌ବାସନୟା ତ୍ୟକ୍ତଂ ମନୋବଦ୍ଧଂ ବିଦୁର୍ବୁଧାଃ ।।
ସମ୍ୟଗ୍‌ବାସନୟା ତ୍ୟକ୍ତଂ ମୁକ୍ତମିତ୍ୟଭିଧୀୟତେ ।। ୧୭ ।।
ମନୋ ନିର୍ବାସନୀଭାବମାଚରାଶୁ ମହାକପେ ! ।
ସମ୍ୟଗାଲୋଚନାତ୍‌ସତ୍ୟାଦ୍‌ବାସନା ପ୍ରବିଲୀୟତେ ।।୧୮।।

---

ଯଦି ଉକ୍ତ କାର୍ଯ୍ୟତ୍ରୟ ଏକଦା ସମକାଳରେ ଅଭ୍ୟାସ ନକରି ଗୋଟିଏ ଗୋଟିଏ କରି ପୃଥକ୍ ପୃଥକ୍ ଅଭ୍ୟାସ କରାଯାଏ ତାହା ହେଲେ ପଦ ପ୍ରାପ୍ତିର ଅଶା ନଥାଏ । ଯେରୂପ ଜନସମାଜରେ ପ୍ରକାଶିତ ମନ୍ତ୍ର ଜପ କଲେ ସେହି ଜପ୍ତମନ୍ତ୍ର କୌଣସି ଫଳ ପ୍ରଦାନ କରି ନପାରେ, ସେହିରୂପ ପୂର୍ବୋକ୍ତ କାର୍ଯ୍ୟତ୍ରୟ ସମକାଳାଭ୍ୟସ୍ତ ନହେଲେ ବାଞ୍ଛିତ ଫଳ ଦେଇପାରେ ନାହିଁ ।। ୧୩ ।।

ଯେରୂପ ମୃଣାଳ ଛେଦନ କଲେ ତଦନ୍ତର୍ଗତ ସୂତ୍ରସକଳ ଛିନ୍ନ ହୋଇଯାଏ ସେହିରୂପ ପୂର୍ବୋକ୍ତ କାର୍ଯ୍ୟତ୍ରୟ ପୁନଃପୁନଃ ଅଭ୍ୟାସ କଲେ ନିଶ୍ଚୟ ସଂସାରବାସନା ବିନଷ୍ଟ ହୁଏ ।। ୧୪ ।।

ଯେ ମିଥ୍ୟା ସଂସାରବାସନା ପୂର୍ବ ପୂର୍ବ ଶତ ଶତ ଜନ୍ମରୁ ଚଳି ଆସୁଅଛି, ସେହି ଅସାର ସଂସାରବାସନା ଉକ୍ତ କାର୍ଯ୍ୟତ୍ରୟର ଚିରାଭ୍ୟାସ ବ୍ୟତୀତ କ୍ଷୟ ହୁଏ ନାହିଁ ।। ୧୫ ।।

ହନୁମାନ୍ ! ଏହି ନିମିତ୍ତ ତୁମ୍ଭେ ସର୍ବ ପ୍ରଯତ୍ନରେ ସ୍ୱୀୟ ବିବେକଶକ୍ତି ଦ୍ୱାରା ଭୋଗବାସନାକୁ ଦୂରରେ ପରିତ୍ୟାଗ କରି ପୂର୍ବୋକ୍ତ କାର୍ଯ୍ୟତ୍ରୟ ଆଶ୍ରୟ କର ।।୧୬।।

ଏହି କାରଣରୁ ଆତ୍ମତତ୍ତ୍ୱବିଦ୍ ପଣ୍ଡିତଗଣ ବାସନାଯୁକ୍ତ ମନକୁ ବଦ୍ଧ ଓ ବାସନାବିହୀନ ମନକୁ ସମ୍ୟକ୍ ମୁକ୍ତ ବୋଲନ୍ତି ।। ୧୭ ।।

କପିବର ! ମନକୁ ବାସନାବିହୀନ କର । ପୂର୍ବୋକ୍ତ କାର୍ଯ୍ୟତ୍ରୟର ସମ୍ୟକ୍ ଆଲୋଚନାଦ୍ୱାରା ବାସନା ବିଳୟ ପ୍ରାପ୍ତ ହୋଇଯାଏ । ୧୮ ।।

ବାସନାବିଲୟେ ଚେତଃ ଶମମାୟାତି ଦୀପବତ୍ ।
ବାସନାଂ ଚ ସଂପରିତ୍ୟଜ୍ୟ ମୟି ଚିନ୍ମାତ୍ରବିଗ୍ରହେ ।
ଯସ୍ତିଷ୍ଠତି ଗତବ୍ୟଗ୍ରଃ ସୋଽହଂ ସଚ୍ଚିତ୍‌ସୁଖାତ୍ମକଃ ॥ ୧୯ ॥
ସମାଧିମଥ କର୍ମାଣି ମାକରୋତୁ କରୋତୁ ବା ।
ହୃଦୟେନାଶ୍ତ ସର୍ବେହୋ ମୁକ୍ତ ଏବୋତ୍ତମାଶୟଃ ॥ ୨୦ ॥
ନୈଷ୍କର୍ମ୍ୟେଣ ନ ତସ୍ୟାର୍ଥସ୍ତସ୍ୟାର୍ଥୋଽସ୍ତି ନ କର୍ମଭିଃ ।
ନ ସମାଧାନ ଜାପ୍ୟାଭ୍ୟାଂ ଯସ୍ୟ ନିର୍ବାସନଂ ମନଃ ॥ ୨୧ ॥
ସନ୍ତ୍ୟକ୍ତବାସନାନ୍ମୌନାଦୃତେ ନାସ୍ତ୍ୟୁତ୍ତମଂ ପଦଂ ।
ବାସନାହୀନମପ୍ୟେତଚ୍ଚକ୍ଷୁରାଦୀନ୍ଦ୍ରିୟଞ୍ଚ ସ୍ୱତଃ ।
ପ୍ରବର୍ତ୍ତତେ ବହିଃସ୍ୱାର୍ଥେ ବାସନାମାତ୍ରକାରଣଂ ॥ ୨୨ ॥
ଅଯତ୍ନୋପନ ତେଷ୍ୱକ୍ଷି ଦୃକ୍ ଦ୍ରବ୍ୟେଷୁ ଯଥା ପୁନଃ ।
ନିରାଗମେବ ପତତି . ତଦ୍ୱତ୍ କାର୍ଯ୍ୟେଷୁ ଧୀରଧୀଃ ॥ ୨୩ ॥

---

ବାସନା ବିଲୟ ପ୍ରାପ୍ତ ହେଲେ ଚିତ୍ତର ଶମତା ହୁଏ, ଯେ ବ୍ୟକ୍ତି ସଂସାରବାସନା ସମ୍ୟକ୍ ପରିତ୍ୟାଗ କରି ଆମ୍ଭର ସେହି ସଚ୍ଚିଦାନନ୍ଦମୟ ନିରାକାର ରୂପରେ ଆଶକ୍ତ ହୁଏ, ସେହି ବ୍ୟକ୍ତି ନିତ୍ୟସୁଖର ଅଧିକାରୀ ହୋଇପାରେ ॥ ୧୯ ॥

ସମାଧି ଅଥବା କ୍ରିୟାନୁଷ୍ଠାନ କରୁ ବା ନକରୁ ଯେ ବ୍ୟକ୍ତିର ହୃଦୟରେ କୌଣସିରୂପ ବାସନା ଉଦିତ ହୁଏ ନାହିଁ, ସେହି ବ୍ୟକ୍ତି ମୁକ୍ତ ଓ ମହାଶୟ ॥ ୨୦ ॥

ସମାଧି ଓ ଜପଦ୍ୱାରା ଯାହାର ମନର ବାସନା ନିବୃତ୍ତି ହୁଏ ନାହିଁ, କ୍ରିୟାନୁଷ୍ଠାନ ନ କଲେ ସୁଦ୍ଧା ତାହାର ଅଭିଳଷିତ ଅର୍ଥ ଲାଭ ହୁଏ ନାହିଁ, ଏବଂ କ୍ରିୟାର ଆଚରଣ କଲେ ମଧ୍ୟ କୌଣସି ଫଳ ଦର୍ଶେ ନାହିଁ । ଅତଏବ ସମାଧି ଓ ଜପଦ୍ୱାରା ଚିତ୍ତର ସ୍ଥୈର୍ଯ୍ୟ ସମ୍ପାଦନ କରିବା କର୍ତ୍ତବ୍ୟ ॥ ୨୧ ॥

ସର୍ବପ୍ରକାର ଅଶୁଭବାସନା ପରିତ୍ୟାଗ ପୂର୍ବକ ମୌନାବଲମ୍ବନ କରି ଏକାଗ୍ର ଚିତ୍ତରେ ଈଶ୍ୱରଙ୍କ ଉପାସନା ନକଲେ କଦାଚ ପରମପଦ ଲାଭ ହୁଏ ନାହିଁ । ଅଶୁଭବାସନା ମନକୁ ସଂସାରରେ ଆକୃଷ୍ଟ କରି ରଖେ । ସ୍ୱଭାବତଃ ବାସନାବିହୀନ ଚକ୍ଷୁରାଦି ଇନ୍ଦ୍ରିୟ ଯେ ବାହ୍ୟ ବିଷୟରେ ସମାକୃଷ୍ଟ ହୁଏ, ବାସନା କେବଳ ତାହାର କାରଣ ॥ ୨୨ ॥

ଯେମନ୍ତ ଅଯତ୍ନସୁଲଭ ଦ୍ରଷ୍ଟବ୍ୟ ବିଷୟରେ ଚକ୍ଷୁ ନିପତିତ ହୁଏ, ସେହିରୂପେ ସ୍ଥିରଧୀ ବ୍ୟକ୍ତି ସୁଦ୍ଧା ବାସନା ପ୍ରେରିତ ହୋଇ ବୈଷୟିକ କାର୍ଯ୍ୟରେ ଅନବରତ ନିଯୁକ୍ତ ଥାଏ ॥ ୨୩ ॥

ଭାବସଞ୍ଚିତ୍ପ୍ରକଟିତାମନୁରୂପାଞ୍ଚ ମାରୁତେ ।।
ଚିତ୍ତସ୍ୟୋତ୍ପତ୍ତିପରମାଂ ବାସନାଂ ମୁନୟୋ ବିଦୁଃ ।। ୨୪ ।।
ଦୃଢ଼ାଭ୍ୟସ୍ତପଦାର୍ଥୈକଭାବନାଦତିଚଞ୍ଚଳଂ ।
ଚିତ୍ତଂ ସଂଜାୟତେ ଜନ୍ମଜରାମରଣକାରଣଂ ।।୨୫ ।।
ବାସନାବଶତଃ ପ୍ରାଣସ୍ପନ୍ଦସ୍ତେନ ଚ ବାସନା ।
କ୍ରିୟତେ ଚିତ୍ତବୀଜସ୍ୟ ତେନ ବୀଜାଙ୍କୁରକ୍ରମଃ ।। ୨୬ ।।
ଦ୍ୱେ ବୀଜେ ଚିତ୍ତବୃକ୍ଷସ୍ୟ ପ୍ରାଣସ୍ପନ୍ଦନବାସନେ ।
ଏକସ୍ମିଂଶ୍ଚ ତୟୋଃ କ୍ଷୀଣେ କ୍ଷିପ୍ରଂ ଦ୍ୱେ ଅପି ନଶ୍ୟତଃ ।। ୨୭ ।।
ଅସଙ୍ଗବ୍ୟବହାରତ୍ୱାଭବଭାବନବର୍ଜନାତ୍ ।
ଶରୀରନାଶଦର୍ଶିତ୍ୱାଦ୍ୱାସନା ନ ପ୍ରବର୍ତ୍ତତେ ।
ବାସନାସଂପରିତ୍ୟାଗାଚ୍ଚିତ୍ତଂ ଗଚ୍ଛତ୍ୟଚିତ୍ତତାଂ ।। ୨୮ ।।

---

ଆତ୍ମତତ୍ତ୍ୱଜ୍ଞ ପଣ୍ଡିତଗଣ ଚିତ୍ତର ଅନୁରୂପ ଅବସ୍ଥା ଓ ଜ୍ଞାନଦ୍ୱାରା ପ୍ରକାଶିତ ମାନସିକ ଭାବବିଶେଷକୁ ବାସନା ବୋଲନ୍ତି ।। ୨୪ ।।

ଚିରପରିଚିତ ପଦାର୍ଥର ଏକମାତ୍ର ଭାବନାଦ୍ୱାରା ଚିତ୍ତର ଚାଞ୍ଚଲ୍ୟ ଜନ୍ମେ, ସେହି ଚିତ୍ତଚଞ୍ଚଳତା କେବଳ ଜରାମରଣାଦିର ଆଦିକାରଣ ।। ୨୫ ।।

ପ୍ରାଣ ବାସନାର ବଶୀଭୂତ ହୋଇ ଚଞ୍ଚଳ ହୁଏ, ପ୍ରାଣର ଚଞ୍ଚଳତାରେ ପୁନର୍ବାର ବିଷୟବାସନା ଜନ୍ମେ । ବାସନା ଜନ୍ମିଲେ ମନଃ ସେହି ବାସନାର ଅନୁଗତ ହୋଇ କାର୍ଯ୍ୟରେ ପ୍ରବୃତ୍ତ ହୁଏ ଏବଂ ଚିରକାଳ ବିଷୟଭୋଗଜନିତ ଅକିଞ୍ଚିତ୍କର ସୁଖରେ ଲୁବ୍ଧ ହୋଇ ଆବଦ୍ଧ ଥାଏ । ଯତ୍କାଳରେ ପ୍ରାଣର ଚାଞ୍ଚଲ୍ୟ ଓ ବାସନା କ୍ଷୀଣ ହୁଏ, ସେହି ସମୟରେ ଉଭୟ ବିନିଷ୍ଟ ହୋଇଯାଏ । ବାସନା ଓ ପ୍ରାଣ ଏହି ଉଭୟ ମଧ୍ୟରେ ବାସନା କ୍ଷୀଣ ହେଲେ ପ୍ରାଣ ମଧ୍ୟ କ୍ଷୀଣ ହୁଏ ଏବଂ ପ୍ରାଣର କ୍ଷୟ ହେଲେ ବାସନାର ମଧ୍ୟ କ୍ଷୟ ହୁଏ । ଏହିରୂପେ ଉଭୟ ମଧ୍ୟରେ ପରସ୍ପର ଏକର ବିନାଶରେ ଅପରର ବିନାଶ ହୁଏ ।। ୨୬-୨୭ ।।

ଜନ ସମାଜର ସହିତ ସର୍ବଦା ଆଳାପାଦି ପରିତ୍ୟାଗ ପୂର୍ବକ ଅର୍ଥାତ୍ ନିର୍ଲିପ୍ତ ହୋଇ ବ୍ୟବହାର କଲେ ସଂସାରର ଭାବନା ପରିତ୍ୟକ୍ତ ହୁଏ । ଅନନ୍ତର ଯତ୍କାଳରେ ସଂସାର ଭାବନା ଦୂରୀଭୂତ ହୁଏ, ସେହି ସମୟରେ ଶରୀର ବିନଶ୍ୱର ବୋଲି ବୋଧ ଜନ୍ମେ, ଶରୀର ବିନଶ୍ୱର ବୋଲି ପ୍ରତୀତି ହେଲେ ଆଉ ଅସାର ସଂସାରରେ ବାସନା ଜନ୍ମେ ନାହିଁ । ବାସନା ନିବୃତ୍ତି ହେଲେ ଚିତ୍ତର ଚିନ୍ତା ବିଦୂରିତ ହୋଇ ସ୍ଥୈର୍ଯ୍ୟ ଉତ୍ପନ୍ନ ହୁଏ ।। ୨୮ ।।

ଅବାସନତ୍ୱାଦ୍ ସତତଂ ଯଦାନ ମନୁତେ ମନଃ ।
ଅମନସ୍ତ୍ୱାତ୍ ତଦୋଦେତି ପରମୋପଶମପ୍ରଦା ॥ ୨୯ ॥
ଅବ୍ୟୁତ୍ପନ୍ନମନା ଯାବଦଭବାନଜ୍ଞାତତତ୍ପଦଃ ।
ଗୁରୁଶାସ୍ତ୍ରପ୍ରମାଣୈସ୍ତୁ ନିର୍ଣ୍ଣୀତଂ ତାବଦାଚର ॥ ୩୦ ॥
ତତଃ ପକ୍ୱକଷାୟେଣ ନୂନଂ ବିଜ୍ଞାତ ବସ୍ତୁନା ।
ଶୁଭୋଽପ୍ୟସୌ ତ୍ୱୟା ତ୍ୟାଜ୍ୟୋ ବାସନୌଘୋ ନିରାଧିନା ॥୩୧ ॥
ଦ୍ୱିବିଧଶ୍ଚିତ୍ତନାଶୋଽସ୍ତି ସରୂପାରୂପ ଏବ ଚ ।
ଜୀବନ୍ମୁକ୍ତଃ ସରୂପଃ ସ୍ୟାଦରୂପୋ ଦେହମୁକ୍ତିଗଃ ॥ ୩୨ ॥
ଅସ୍ୟ ନାଶମିଦାନୀଂ ତ୍ୱଂ ପାବନେ ! ଶୃଣୁ ସାଦରଂ ॥
ଚିତ୍ତନାଶାଭିଧାନଂ ହି ଯଦା ତେ ବିଦ୍ୟତେ ପୁନଃ ।
ମୈତ୍ର୍ୟାଦିଭିର୍ଗୁଣୈର୍ଯୁକ୍ତଂ ଶାନ୍ତିମେତି ନ ସଂଶୟଃ ॥ ୩୩ ॥
ଭୂୟୋଜନ୍ମବିନିର୍ମୁକ୍ତଂ ଜୀବନ୍ମୁକ୍ତସ୍ୟ ତନ୍ମନଃ ।
ସରୂପୋଽସୌମନୋନାଶୋ ଜୀବନ୍ମୁକ୍ତସ୍ୟ ବିଦ୍ୟତେ ।
ଅରୂପସ୍ତୁ ମନୋନାଶୋ ବୈଦେହୀମୁକ୍ତି ଗୋ ଭବେତ୍ ॥ ୩୪ ॥

---

ଯତ୍‌କାଳରେ ମନଃ ବାସନାବିହୀନ ହୋଇ ନିଶ୍ଚେଷ୍ଟ ହୁଏ, ତତ୍ କାଳରେ ପରମ ଶାନ୍ତିପ୍ରଦ ବିବେକର ଉତ୍ପତ୍ତି ହୁଏ ॥ ୨୯ ॥

ହନୁମନ୍ ! ଯାବତ୍ ତୁମ୍ଭର ବିଦ୍ୟାଜ୍ଞାନର ଉତ୍ପତ୍ତି ନ ହୁଏ ଓ ଯେତେ ଦିନ ଭଗବତ୍‌ପଦବିଜ୍ଞାନରେ ଅସମର୍ଥ ଥାଅ, ତାବତ୍‌କାଳ ଗୁରୁବାକ୍ୟ ଓ ଶାସ୍ତ୍ରପ୍ରମାଣଦ୍ୱାରା କର୍ତ୍ତବ୍ୟ ନିର୍ଦ୍ଧାରଣ କରି ସତପଥରେ ବିଚରଣ କରିବାକୁ ପ୍ରବୃତ୍ତ ହୁଅ ॥ ୩୦ ॥

ଅନନ୍ତର ଯତ୍‌କାଳରେ ଜ୍ଞାନର ପରିପାକ ହୋଇ ତତ୍ତ୍ୱଜ୍ଞାନର ଉଦୟ ହେବ, ତତ୍‌କାଳରେ ଶୁଭବାସନାସକଳ ମଧ୍ୟ ବିନଷ୍ଟ ହୋଇଯିବ ॥୩୧ ॥

ପୂର୍ବେ ଲିଖିତ ହୋଇଅଛି ଯେ, ମନୋବିନାଶ ଗୋଟିଏ ମୁକ୍ତିର କାରଣ, ଉକ୍ତ ମନୋବିନାଶ ଦୁଇପ୍ରକାର, ସ୍ୱରୂପ ଓ ଅରୂପ, ତନ୍ମଧ୍ୟରେ ଜୀବନ୍ମୁକ୍ତିକୁ ସରୂପ ଏବଂ ବିଦେହମୁକ୍ତିକୁ ଅରୂପ ବୋଲି ॥ ୩୨ ॥

ପବନନନ୍ଦନ ! ଏହିକ୍ଷଣି ଏକାଗ୍ରଚିତ୍ତରେ ମନୋବିନାଶ ଶ୍ରବଣ କର । ଯତ୍‌କାଳରେ ଚିତ୍ତର ବାସନା ନିବାରିତ ହୋଇ ତତ୍ତ୍ୱଜ୍ଞାନର ଆବିର୍ଭାବ ହୁଏ, ତତ୍‌କାଳରେ ସାଧକ ଈଶ୍ୱର ପ୍ରେମରେ ଆଶକ୍ତ ହୋଇ ନିଃସଂଶୟ ପରମାଶାନ୍ତି ଲାଭ କରେ ॥ ୩୩ ॥

ଯେ ମୁକ୍ତିରେ ମାନସରେ ପୁନର୍ବାର ସଂସାରରେ ଜନ୍ମପରିଗ୍ରହର ଅଭିଳାଷ ନଥାଏ, ସେହି ମୁକ୍ତିକୁ ଜୀବନ୍ମୁକ୍ତି ଓ ସେହିରୂପ ମନର ଅଭିଳାଷାଭାବକୁ ସରୂପ ମନୋବିନାଶ

ସହସ୍ରାଙ୍କୁରଶାଖାତ୍ୱକ୍‌ଫଳପଲ୍ଲବଶାଳିନଃ ।
ଅସ୍ୟ ସଂସାରବୃକ୍ଷସ୍ୟ ମନୋ ମୂଳମିଦଂ ସ୍ଥିତଂ ।। ୩୫ ।।
ସଙ୍କଳ୍ପ ଏବ ତନ୍ମନ୍ୟେ ସଙ୍କଳ୍ପୋପଶମେନ ତତ୍ ।
ଶୋଷୟାଶୁ ଯଥା ଶୋଷମେତି ସଂସାରପାଦପଃ ।। ୩୬ ।।
ଉପାୟ ଏକ ଏବାସ୍ତି ମନସଃ ସ୍ୱସ୍ୟ ନିଗ୍ରହେ ।
ମନସୋଽଭ୍ୟୁଦୟୋ ନାଶୋ ମନୋନାଶୋ ମହୋଦୟଃ ।। ୩୭ ।।
ଜ୍ଞମନୋନାଶମଭ୍ୟେତି ମନୋଽଜ୍ଞସ୍ୟ ହିଶୃଙ୍ଖଳା ।
ତାବନ୍ନିଶୀବ ବେତାଳା ବଳନ୍ତି ହୃଦି ବାସନାଃ ! ।। ୩୮ ।।
ଏକତତ୍ତ୍ୱ ଦୃଢ଼ାଭ୍ୟାସାଦ୍‌ଯାବନ୍ନ ବିଜିତଂ ମନଃ ।
ପ୍ରକ୍ଷୀଣଚିତ୍ତଦର୍ପସ୍ୟ ନିଗୃହୀତେନ୍ଦ୍ରିୟଦ୍ୱିଷଃ ।
ପଦ୍ମିନ୍ୟ ଇବ ହେମନ୍ତେ କ୍ଷୀୟନ୍ତେ ଭୋଗବାସନାଃ ।। ୩୯ ।।

---

ବୋଲନ୍ତି । ଜୀବନ୍ମୁକ୍ତ ପୁରୁଷର ଉକ୍ତରୂପ ମନୋବିନାଶ ହୁଏ । ବିଦେହମୁକ୍ତ ପୁରୁଷର ଯେ ମାନସିକ ବିଷୟବାସନାର ଅଭାବ ହୁଏ, ତାହାକୁ ଅରୂପ ମନୋବିନାଶ ବୋଲାଯାଏ ।୩୪ ।।

ସଂସାରସ୍ୱରୂପ ମହାବୃକ୍ଷର ସହସ୍ର ସହସ୍ର ଅଙ୍କୁର, ଶାଖା, ତ୍ୱକ୍, ଫଳ ଓ ପଲ୍ଲବ ଅଛି, କିନ୍ତୁ ମନଃ କେବଳ ଉକ୍ତ ବୃକ୍ଷର ମୂଳ ।। ୩୫ ।।

ବାସନା କେବଳ ଉକ୍ତ ସଂସାର ମହାବୃକ୍ଷର ଆଦିକାରଣ, ହନୁମନ୍ ! ବାସନାର ନିବୃତ୍ତି କରି ସଂସାର ମହୀରୁହକୁ ଶୋଷଣ କର ।। ୩୬ ।।

ପବନନନ୍ଦନ ! ମନୋନିଗ୍ରହର ଗୋଟିଏ ମାତ୍ର ଉପାୟ ଅଛି । ମାନସିକ ଉନ୍ନତି ଅର୍ଥାତ୍ ସଂସାରରେ ମନର ଅଧିକ ଅନୁରାଗ କେବଳ କ୍ଲେଶର କାରଣ ଓ ମନୋବିନାଶ କେବଳ ମହୋଦୟ ଅର୍ଥାତ୍ ପାରତ୍ରିକ ମହାସୁଖର ଉପାୟ ।। ୩୭ ।।

ମନୁଷ୍ୟର ତତ୍ତ୍ୱଜ୍ଞାନ ଉଦୟ ହେଲେ ମାନସିକ ବାସନାର ହ୍ରାସ ହୁଏ । ଅଜ୍ଞାନୀ ମନୁଷ୍ୟ ମନରେ ସଂସାର ବାସନାର ବୃଦ୍ଧି ହୁଏ, ସେହି ବାସନା ଶୃଙ୍ଖଳାସ୍ୱରୂପ ହୋଇ ମନକୁ ବିଷୟରେ ଆବଦ୍ଧ ରଖେ । ଯେମନ୍ତ ରାତ୍ରୀରେ ନିଶାଚରଗଣ ପ୍ରବଳ ହୁଅନ୍ତି, ସେହିରୂପେ ଅଜ୍ଞ ମନୁଷ୍ୟର ବାସନା ବଳବତୀ ହୁଏ ।। ୩୮ ।।

ମୁକ୍ତିକାମି-ବ୍ୟକ୍ତିର ଯାବତ୍ ମନଃ ପରାଜିତ ନହୁଏ, ତାବତ୍ ଚିରାଭ୍ୟାସଦ୍ୱାରା ମନର ସ୍ଥୈର୍ଯ୍ୟ ସମ୍ପାଦନ କରି ଚିତ୍ତ ଓ ଅହଂକାରର କ୍ଷୟ ଓ ଇନ୍ଦ୍ରିୟଗଣର ନିଗ୍ରହ ସାଧନ କରିବ । ତାହା ହେଲେ ଯେମନ୍ତ ହେମନ୍ତ କାଳରେ ପଦ୍ମ ସକଳ କ୍ଷୟ ପ୍ରାପ୍ତ ହୁଏ ଅର୍ଥାତ୍ ଜଳସମାଗମ ଅଳ୍ପ ହୁଅଇ ସେହିରୂପେ ଭୋଗବାସନାର ପରିକ୍ଷୟ ହୁଏ ।। ୩୯ ।।

ହସ୍ତଂ ହସ୍ତେନ ସଂପୀଡ୍ୟ ଦନ୍ତୈର୍ଦନ୍ତାନ୍ବିଚୂର୍ଣ୍ୟଚ ।
ଅଙ୍ଗାନଙ୍ଗୈଃ ସମାକ୍ରମ୍ୟ ଜୟେଦାଦୌ ସ୍ୱକଂ ମନଃ ॥ ୪୦ ॥
ଉପବିଶ୍ୟୋପବିଶ୍ୟୈକାଗ୍ରତତ୍ କେନ ମୁହୁର୍ମୁହୁଃ ।
ନ ଶକ୍ୟତେ ମନୋ ଜେତୁଂ ବିନାଯୁକ୍ତିମନିନ୍ଦିତାଂ ॥ ୪୧ ॥
ଅଙ୍କୁଶେନ ବିନା ମତ୍ତୋ ଯଥା ଦୁଷ୍ଟମତଙ୍ଗଜଃ ।
ଅଧ୍ୟାତ୍ମବିଦ୍ୟାଧିଗମଃ ସାଧୁସଙ୍ଗତିରେବ ଚ ॥ ୪୨ ॥
ବାସନାସଂପରିତ୍ୟାଗଃ ପ୍ରାଣସ୍ପନ୍ଦନିରୋଧନଂ ।
ଏତାସ୍ତା ଯୁକ୍ତୟଃ ପୁଷ୍ଟାଃ ସନ୍ତି ଚିତ୍ତଜୟେ କିଲ ॥ ୪୩ ॥
ସତୀଷୁ ଯୁକ୍ତିଷ୍ୱେତାସୁ ହଠାନ୍ନିୟମୟନ୍ତି ଯେ ।
ଚେତସୋ ଦୀପମୁତ୍ସୃଜ୍ୟ ବିଚିନ୍ୱନ୍ତି ତମୋଜନୈଃ ॥ ୪୪ ॥
ବିମୂଢ଼ାଃ କର୍ତୁମୁଦ୍ୟୁକ୍ତା ଯେ ହଠାଚ୍ଚେତସୋ ଜୟଂ ।
ତେ ନିବଧ୍ନନ୍ତି ନାଗେନ୍ଦ୍ରମୁନ୍ମତ୍ତଂ ବିସତନ୍ତୁଭିଃ ॥ ୪୫ ॥
ଦ୍ୱେ ବୀଜେ ଚିତ୍ତବୃକ୍ଷସ୍ୟ ନିବୃତ୍ତିବ୍ରତଧାରିଣଃ ॥
ଏକଂ ପ୍ରାଣପରିସ୍ପନ୍ଦୋ ଦ୍ୱିତୀୟଂ ଦୃଢ଼ଭାବନା ॥
ସା ହି ସର୍ବଗତା ସମ୍ବିତ୍ ପ୍ରାଣସ୍ପନ୍ଦେନ ଚାଲ୍ୟତେ ॥ ୪୬ ॥

---

ଅଗ୍ରେ ହସ୍ତଦ୍ୱାରା ହସ୍ତ ମର୍ଦ୍ଦନ, ଦନ୍ତଦ୍ୱାରା ଦନ୍ତଚର୍ବଣ ଓ ଅଙ୍ଗଦ୍ୱାରା ଅଙ୍ଗ ଆକ୍ରମଣ କରି ସ୍ୱୀୟ ମନଃକୁ ପରାଜିତ କରିବ ॥ ୪୦ ॥

ବାରମ୍ବାର ସାବଧାନରେ ଉପବେଶନ କରି ପୁନଃ ପୁନଃ ଚିତ୍ତର ସ୍ଥୈର୍ଯ୍ୟ ସମ୍ପାଦନ ଓ ସଦ୍ୟୁକ୍ତି ଅବଲମ୍ବନ ବ୍ୟତିରେକେ ମନୋବିଜୟ କରିବାକୁ ଶକ୍ତି ନାହିଁ ॥ ୪୧ ॥

ଯେରୂପେ ଅଙ୍କୁଶ ବ୍ୟତିରେକେ ମଦମତ୍ତ ହସ୍ତୀକୁ ଶାସିତ କରାଯାଇନପାରେ ସେହିରୂପେ ଚିତ୍ତମାତଙ୍ଗ ଅନ୍ୟ ଉପାୟରେ ପରାଜିତ ହୁଏ ନାହିଁ । ଅଧ୍ୟାତ୍ମ ବିଦ୍ୟାର ଅଭ୍ୟାସ, ସାଧୁସଙ୍ଗ, ସଂସାରର ବାସନା ପରିତ୍ୟାଗ ଓ ପ୍ରାଣବାୟୁନିରୋଧନ ଏହି ସକଳ ଦୁଷ୍ଟଚିତ୍ତ ବିଜୟର ପ୍ରଧାନ ଉପାୟ ॥ ୪୨-୪୩ ॥

ଯେଉଁମାନେ ପୂର୍ବୋକ୍ତ ସଦ୍ୟୁକ୍ତି ଅବଲମ୍ବନ କରି ହଠାତ୍ ଚିତ୍ତକୁ ବିଜିତ କରିପାରନ୍ତି ସେମାନେ ଚିତ୍ତର ମୋହ ବିନଷ୍ଟ କରି ଉଜ୍ଜ୍ୱଳତା ସମ୍ପାଦନ କରନ୍ତି ॥ ୪୪ ॥

ଯେଉଁ ବିମୂଢ଼ବ୍ୟକ୍ତି ଯୋଗାଦିଦ୍ୱାରା ଚିତ୍ତକୁ ନିଗ୍ରହ କରିବାକୁ ଉଦ୍ୟୁକ୍ତ ହୁଏ ସେହି ବ୍ୟକ୍ତିର ଯତ୍ନ ମୃଣାଳସୂତ୍ରଦ୍ୱାରା ମଦମତ୍ତମାତଙ୍ଗକୁ ବନ୍ଧନ ଚେଷ୍ଟାର ନ୍ୟାୟ ବିଫଳ ହୁଏ ॥୪୫॥

ନିବୃତ୍ତିଶୀଳ ଚିତ୍ତବୃକ୍ଷର ଦୁଇଗୋଟି ବୀଜ,—ତାହା ମଧ୍ୟରେ ପ୍ରଥମ ପ୍ରାଣବାୟୁ ସଞ୍ଚାଳନ ଓ ଦ୍ୱିତୀୟ ଦୃଢ଼ଭାବନା । ପ୍ରାଣବାୟୁ ସଞ୍ଚାଳନଦ୍ୱାରା ସର୍ବପ୍ରକାର ବିଷୟ ଭାବନା ପରିଚାଳିତ ହୁଏ ॥ ୪୬ ॥

ଚିତ୍ତୈକାଗ୍ର୍ୟାଦ୍‌ଯତୋଜ୍ଞାନଂ ମୁକ୍ତିଶ୍ଚ ସମୁପଜାୟତେ ।
ତତ୍‌ସାଧନମଥୋ ଧ୍ୟାନଂ ଯଥାବଦୁପଦିଶ୍ୟତେ ।। ୪୭ ।।
ବିନାପ୍ୟବିକୃତିଂ କୃତ୍ସ୍ନାଞ୍ଚ ସମ୍ଭବବ୍ୟତ୍ୟୟକ୍ରମାତ୍ ।
ଯଶୋଽରିଷ୍ଟଞ୍ଚ ଚିନ୍ମାତ୍ରଂ ଚିଦାନନ୍ଦଂ ବିଚିନ୍ତୟ ।। ୪୮ ।।
ଅପାନେଽସ୍ତଂ ଗତେ ପ୍ରାଣୋ ଯାବନ୍ନାଭ୍ୟୁଦିତୋ ହୃଦି ।
ତାବତ୍ ସା କୁମ୍ଭକାବସ୍ଥା ଯୋଗିଭିର୍ଯାଽନୁଭୂୟତେ ।। ୪୯ ।।
ବହିରସ୍ତଂ ଗତେ ପ୍ରାଣେ ଯାବନ୍ନାପାନ ଉଦ୍‌ଗତଃ ।
ତାବତ୍ ପୂର୍ଣ୍ଣାଂ ସମାବସ୍ଥାଂ ବହିଷ୍ଠଂ କୁମ୍ଭକଂ ବିଦୁଃ ।। ୫୦ ।।
ବ୍ରହ୍ମାକାରମନୋବୃତ୍ତିପ୍ରବାହୋଽହଂକୃତିଂ ବିନା ।
ସମ୍ପ୍ରଜ୍ଞାତସମାଧିଃସ୍ୟାଦ୍‌ଧ୍ୟାନାଭ୍ୟାସପ୍ରକର୍ଷତଃ ।। ୫୧ ।।
ପ୍ରଶାନ୍ତବୃତ୍ତିକଂ ଚିତ୍ତଂ ପରମାନନ୍ଦଦାୟକଂ ।
ଅସମ୍ପ୍ରଜ୍ଞାତନାମାୟଂ ସମାଧିର୍ଯୋଗିନାଂ ପ୍ରିୟଃ ।। ୫୨ ।।

---

ଯେହେତୁ ଚିତ୍ତର ଏକାଗ୍ରତା ହେଲେ ମନୁଷ୍ୟର ଜ୍ଞାନ ସମୁତ୍ପନ୍ନ ହୁଏ ଏବଂ ସେହି ଜ୍ଞାନରୁ ମୁକ୍ତି ହୁଅଇ । ଅତଏବ କିରୂପେ ଜୀବଗଣ ମୁକ୍ତ ହୋଇପାରନ୍ତି ଓ କି ଉପାୟରେ ପରାତ୍ପର ପରମେଶ୍ୱରଙ୍କୁ ଧ୍ୟାନ କରାଯାଏ, ସେହି ସକଳ ଉପାୟ ଯଥାବିଧି ସଦ୍‌ଗୁରୁଙ୍କ ନିକଟରେ ଉପଦିଷ୍ଟହେବ ।। ୪୭ ।।

ନିଖିଳ ସଂସାରରେ ବିରକ୍ତ ଓ ପୁନର୍ବାର ଆତ୍ମସମ୍ଭବରେ ଅନିଚ୍ଛୁକ ହୋଇ ଐହିକ ଯଶୋଭିଳାଷ ପରିତ୍ୟାଗ ପୂର୍ବକ ସେହି ଚିନ୍ମୟ ନିତ୍ୟାନନ୍ଦମୟ ଜଗଦୀଶ୍ୱର ଚିନ୍ତାରେ ଅନୁରକ୍ତ ହୁଅ ।। ୪୮ ।।

ଯାବତ୍ ଅପାନ ବାୟୁ ଅସ୍ତମିତ ହୋଇ ସ୍ୱହୃଦୟରେ କେବଳ ପ୍ରାଣବାୟୁମାତ୍ର ପ୍ରକାଶିତ ଥାଏ ତାବତ୍‌କାଳ ମନୁଷ୍ୟର ଯେ ଅବସ୍ଥା ଥାଏ, ସେହି ଅବସ୍ଥାକୁ କୁମ୍ଭକାବସ୍ଥା ବୋଲି । ଏହି ଅବସ୍ଥାକୁ କେବଳ ଯୋଗିଗଣ ଅନୁଭବ କରନ୍ତି ।। ୪୯ ।।

ଯାବତ୍ ବାହ୍ୟରେ ପ୍ରାଣବାୟୁର ଅର୍ଥାତ୍ ଶ୍ୱାସ ପ୍ରଶ୍ୱାସାଦିର କୌଣସି ଲକ୍ଷଣ ଲକ୍ଷିତ ନହୋଇ ଅପାନ ବାୟୁ ପ୍ରକାଶିତ ନହୁଏ, ତାବତ୍‌କାଳମ ନୁଷ୍ୟର ପୂର୍ଣ୍ଣାବସ୍ଥା ଥାଏ ଏବଂ ସେହି ବାହ୍ୟାବସ୍ଥାକୁ କୁମ୍ଭକାବସ୍ଥା ବୋଲି ।। ୫୦ ।।

ବହୁକାଳ ଧ୍ୟାନ ଓ ଅଭ୍ୟାସ କଲେ ଅହଙ୍କାର ବିଲୁପ୍ତ ହୋଇ ବ୍ରହ୍ମଜ୍ଞାନ ବିଷୟରେ ଯେ ମନର ଏକାଗ୍ରତା ଜନ୍ମେ, ସେହିରୂପ ଅବସ୍ଥାକୁ ସମାଧି ବୋଲି ।। ୫୧ ।।

ଚିତ୍ତ ପ୍ରଶାନ୍ତ ହେଲେ ମନୁଷ୍ୟ ପରମ ଆନନ୍ଦ ଅନୁଭବ କରେ । ଏହିରୂପ ସୁଖାନୁଭବକୁ ଅସମ୍ପ୍ରଜ୍ଞାତ (ସମ୍ୟକ୍ ପ୍ରକାର ବାହ୍ୟଜ୍ଞାନଶୂନ୍ୟ) ସମାଧି ବୋଲନ୍ତି । ଏହି ସମାଧି ଯୋଗିବୃନ୍ଦଙ୍କର ଅତିପ୍ରାୟ ।। ୫୨ ।।

ପ୍ରଭାଶୂନ୍ୟଂ ମନଃଶୂନ୍ୟଂ ବୁଦ୍ଧିଶୂନ୍ୟଂ ଚିଦାତ୍ମକଂ ।
ଅତଦ୍ବ୍ୟାବୃତ୍ତିରୂପୋଽସୌ ସମାଧିର୍ମୁନିଭାବିତଃ ॥ ୫୩ ॥
ଊର୍ଦ୍ଧ୍ୱଂ ପୂର୍ଣ୍ଣମଧଃପୂର୍ଣ୍ଣଂ ମଧ୍ୟପୂର୍ଣ୍ଣଂ ଶିବାତ୍ମକଂ ।
ସାକ୍ଷାଦ୍ବିଧିମୁଖୋ ହ୍ୟେଷ ସମାଧିଃ ପାରମାର୍ଥିକଃ ॥ ୫୪ ॥
ଦୃଢ଼ଭାବନୟା ତ୍ୟକ୍ତପୂର୍ବାପରବିଚାରଣଂ ।
ଯଦାଦାନଂ ପଦାର୍ଥସ୍ୟ ବାସନା ସା ପ୍ରକୀର୍ତ୍ତିତା ॥ ୫୫ ॥
ଭାବିତଂ ତୀବ୍ରସଂବେଗାଦାତ୍ମନା ଯତ୍ତଦେବ ସଃ ।
ଭବତ୍ୟାଶୁ କପିଶ୍ରେଷ୍ଠ ! ବିଗତେତରବାସନଃ ॥ ୫୬ ।
ତାଦୃଗ୍ରୂପୋ ହି ପୁରୁଷୋ ବାସନାବିବଶୀକୃତଃ ।
ସଂପଶ୍ୟତି ଯଦୈବୈତଦ୍ ସଦ୍‌ବସ୍ତ୍ୱିତି ବିମୁହ୍ୟତି ॥ ୫୭ ॥
ବାସନାବେଗବୈଚିତ୍ର୍ୟାଦ୍ ସ୍ୱରୂପଂ ନ ଜହାତି ତତ୍ ।
ଭ୍ରାନ୍ତଃ ପଶ୍ୟତି ଦୁର୍ଦୃଷ୍ଟିଃ ସର୍ବଂ ମଦବଶାଦିବ ॥ ୫୮ ॥

---

ସମାଧି କାଳରେ ଶରୀର ପ୍ରଭାଶୂନ୍ୟ ହୋଇ ନିଶ୍ଚଳ ଥାଏ, ମନଃବିଷୟଶୂନ୍ୟ ହୁଏ, ଏବଂ ବୁଦ୍ଧି ଅନ୍ୟ ବିଷୟରେ ଅନାସକ୍ତ ହୋଇ କେବଳ ଚିଦାନନ୍ଦ ରୂପରେ ନିମଗ୍ନ ଥାଇ ତନ୍ନ ତନ୍ନ ରୂପେ ଈଶ୍ୱର ନିର୍ଣ୍ଣୟରେ ସମାଶକ୍ତ ହୁଏ । ମୁନିଗଣ ଏହି ସମାଧିକି କେବଳ ଯଥାର୍ଥ ସମାଧି ବୋଲନ୍ତି ॥ ୫୩ ॥

ସମାଧି ସମୟରେ ଊର୍ଦ୍ଧ୍ୱ, ମଧ୍ୟ ଓ ଅଧୋଭାଗରେ ମଙ୍ଗଳମୟ ପରମେଶ୍ୱର ଅନୁଭୂତ ହୁଅନ୍ତି । ଏହି ସମାଧି ପରକାଳରେ ଅଶେଷ ମଙ୍ଗଳ ପ୍ରଦାନ କରେ ॥ ୫୪ ॥

ସର୍ବଦା ବିଷୟଭୋଗର ଭାବନାଦ୍ୱାରା ପୂର୍ବାପର ଓ ହିତାହିତ ବିବେଚନା-ଶକ୍ତିହୀନ ହେଲେ, ସଂସାର ସୁଖର ଅଭିଳାଷ ବୃଦ୍ଧି ହୋଇ ନାନାପ୍ରକାର ପ୍ରୟୋଜନୀୟ ପଦାର୍ଥ ପ୍ରାପ୍ତିର ଇଚ୍ଛା ଜନ୍ମେ, ଏହି ଇଚ୍ଛାକୁ ବାସନା ବୋଲି । ୫୫ ।

ହେ କପିବର ! ଯେ ବ୍ୟକ୍ତି ସଂସାରରୁ ମନର ବେଗ ନିବାରଣ କରି ସ୍ୱାଧୀନ ହୋଇପାରେ ସେହି ବ୍ୟକ୍ତିର ସଂସାର ବାସନା ପରିତ୍ୟକ୍ତ ହୋଇଅଛି ଜଣାଯାଏ ॥୫୬॥

ବାସନାର ବଶୀଭୂତ ପୁରୁଷ ଯତ୍‌କାଳରେ ତର୍କଦ୍ୱାରା ସଦସଦ୍‌ବସ୍ତୁ ବିଚାର କରେ, ସେହିକ୍ଷଣି ଯେ ବିମୋହିତ ହୁଏ, କଦାପି ସେହି ପୁରୁଷ ତତ୍ତ୍ୱଜ୍ଞାନରେ ସମର୍ଥ ହୋଇପାରେ ନାହିଁ ॥ ୫୭ ॥

ବାସନାର ମାହାତ୍ମ୍ୟ ଅତି ବିଚିତ୍ର, ବାସନା କଦାଚ ତାହାର ସ୍ୱଭାବ ପରିତ୍ୟାଗ କରେନାହିଁ । ସେ ଦୁର୍ବୁଦ୍ଧି ବାସନାର ବଶୀଭୂତ ହୁଏ, ସେ ସଦସଦ୍‌ବିବେଚନାରେ ବିମୋହିତ ମନୁଷ୍ୟର ତୁଲ୍ୟ ଭ୍ରାନ୍ତ ହୁଏ । ସଦସଦ୍‌ବିବେଚନାରେ ତାହାର ଶକ୍ତି ନଥାଏ ॥୫୮ ॥

ବାସନା ଦ୍ୱିବିଧା ପ୍ରୋକ୍ତା ଶୁଦ୍ଧା ଚ ମଳିନା ତଥା ।
ମଳିନା ଜନ୍ମହେତୁଃ ସ୍ୟାଚ୍ଛୁଭା ଜନ୍ମବିନାଶିନୀ ॥ ୫୯ ॥
ଅଜ୍ଞାନସୁଘନାକାରା ଘନାହଙ୍କାରଶାଳିନୀ ।
ପୁନର୍ଜନ୍ମକରୀ ପ୍ରୋକ୍ତା ମଳିନା ବାସନା ବୁଧୈଃ ॥ ୬୦ ॥
ପୁନର୍ଜନ୍ମାଙ୍କୁରଂ ତ୍ୟକ୍ତ୍ୱା ସ୍ଥିତିଃ ସଂଭୃଷ୍ଟବୀଜବତ୍ ।
ବହୁଶାସ୍ତ୍ରକଥାକନ୍ଥାରୋମନ୍ଥେନ ବୃଥୈବ କିଂ ॥ ୬୧ ॥
ଅନ୍ୱେଷ୍ଟବ୍ୟଂ ପ୍ରଯତ୍ନେନ ମାରୁତେ ! ଜ୍ୟୋତିରାନ୍ତରଂ ।
ଦର୍ଶନାଦର୍ଶନେ ହିତ୍ୱା ସ୍ୱୟଂ କେବଳରୂପତଃ ॥ ୬୨ ॥
ଯ ଆସ୍ତେ କପିଶାର୍ଦ୍ଦୂଳ ! ବ୍ରହ୍ମ ନ ବ୍ରହ୍ମବିଦ୍ ସ୍ୱୟଂ ।
ଅଧୀତ୍ୟ ଚତୁରୋ ବେଦାନ୍ ସର୍ବଶାସ୍ତ୍ରାଣ୍ୟନେକଶଃ ।
ବ୍ରହ୍ମତତ୍ତ୍ୱଂ ନ ଜାନାତି ଦର୍ବୀ ପାକରସଂ ଯଥା ॥ ୬୩ ॥

---

ବାସନା ଦୁଇପ୍ରକାର—ଶୁଦ୍ଧ ବାସନା ଓ ମଳିନ ବାସନା । ମଳିନ ବାସନାଜନ୍ମ ହେତୁ, ଅର୍ଥାତ୍ ମଳିନବାସନାବାନ୍ ବ୍ୟକ୍ତି ପୁନଃପୁନଃ ସଂସାରରେ ଜନ୍ମ ପରିଗ୍ରହ କରେ । ଆଉ ଶୁଦ୍ଧବାସନା ମନୁଷ୍ୟର ପୁନଃପୁନଃ ସଂସାରାବୃତ୍ତି ନିବାରଣ କରେ ॥ ୫୯ ॥

ମଳିନ ବାସନା ଅଜ୍ଞାନର ଆକର ଏବଂ ଅହଙ୍କାରର ମୂଳସ୍ୱରୂପ, ଏହି ହେତୁରୁ ପଣ୍ଡିତଗଣ ମଳିନ ବାସନାକୁ ଜନ୍ମକାରିଣୀ ବୋଲି ଅଛନ୍ତି ॥ ୬୦ ॥

ଯେରୂପ ଭୃଷ୍ଟ ବୀଜରେ ଅଙ୍କୁରୋତ୍ପତ୍ତିର ସମ୍ଭବ ନ ଥାଏ, ସେହିରୂପ ସଂସାର ବାସନାରେ କୌଣସି ସୁଖର ଆଶା ନାହିଁ, ଅତଏବ ସଂସାରରେ ପୁନର୍ବାର ଜନନାଶା ପରିତ୍ୟାଗ କରି ତତ୍ତ୍ୱଜ୍ଞାନୋପାର୍ଜନରେ ସର୍ବଦା ଯତ୍ନବାନ୍ ଥିବ । ନୋଚେତ୍ ଚର୍ବିତଚର୍ବଣର ନ୍ୟାୟ କେବଳ ବିବିଧ ଶାସ୍ତ୍ର ପୁନଃପୁନଃ ପର୍ଯ୍ୟାଲୋଚନା କଲେ କୌଣସି ଫଳ ଦର୍ଶେ ନାହିଁ ॥ ୬୧ ॥

ହେ ପବନତନୟ ! ଯହିଁରେ ଆନ୍ତରିକ ଜ୍ୟୋତିଃ ପ୍ରକାଶିତ ହୁଏ, ସର୍ବଦା ଯତ୍ନ ସହକାରେ ସେହିରୂପ କାର୍ଯ୍ୟ କରିବାକୁ ଚେଷ୍ଟା କରିବ । ଦର୍ଶନାଦି ଶାସ୍ତ୍ର ପରିତ୍ୟାଗ କରି କେବଳ ସେହି ସଚ୍ଚିଦାନନ୍ଦ ରୂପରେ ଚିତ୍ତକୁ ନିରତ ରଖିଲେ ଅଭୀଷ୍ଟସିଦ୍ଧି ହୋଇପାରେ ॥ ୬୨ ॥

ହେ କପିବର ! ଯେ ବ୍ୟକ୍ତି ବ୍ରହ୍ମନିର୍ଣ୍ଣୟରେ ଅନୁସନ୍ଧାନ ନ କରି କେବଳ ଚତୁର୍ବେଦ ଓ ଶାଖାଦି ଅନ୍ୟାନ୍ୟ ଶାସ୍ତ୍ର ଅଧ୍ୟୟନରେ ତତ୍ପର ଥାଏ, ସେହି ବ୍ୟକ୍ତି ବ୍ରହ୍ମତତ୍ତ୍ୱ ଜାଣିପାରେ ନାହିଁ । ଯେରୂପ ଦର୍ବୀ (ଚଟୁ) ପାକର ଆସ୍ୱାଦ ଜାଣି ନପାରେ, ସେହିରୂପ

ସ୍ୱଦେହାଶୁଚିଗନ୍ଧେନ ନ ବିରଜ୍ୟେତ ଯଃ ପୁମାନ୍ ।
ବିରାଗକାରଣନ୍ତସ୍ୟ ବିମନ୍ୟଦୁପଦିଶ୍ୟତେ ॥ ୬୪ ॥
ଅତ୍ୟନ୍ତମଳିନୋ ଦେହୋ ଦେହୀ ଚାତ୍ୟନ୍ତନିର୍ମଳଃ ।
ଉଭୟୋରନ୍ତରଂ ଜ୍ଞାତ୍ୱା କସ୍ୟ ଶୌଚଂ ବିଧୀୟତେ ॥ ୬୫ ॥ !
ବନ୍ଧୋ ହି ବାସନାବନ୍ଧୋ ମୋକ୍ଷଂ ସ୍ୟାଦ୍ବାସନାକ୍ଷୟଃ ।
ବାସନାଂ ସଂପରିତ୍ୟଜ୍ୟ ମୋକ୍ଷାର୍ଥିତ୍ୱମପି ତ୍ୟଜ ॥ ୬୬ ॥
ମାନସୀର୍ବାସନାଃ ପୂର୍ବଂ ତ୍ୟକ୍ତ୍ୱା ବିଷୟବାସନାଃ ।
ଭବ୍ୟାଦିବାସନାନାମ୍ନୀର୍ଗୃହାଣାମଳବାସନାଃ ॥ ୬୭ ॥
ଭବ୍ୟାଦିବାସନାନାମ୍ନୀର୍ଗୃହାଣାମଳବାସନାଃ ॥ ୬୭ ॥
ତା ଅପ୍ୟନ୍ତଃ ପରିତ୍ୟଜ୍ୟ ତାଭିର୍ବ୍ୟବହରନ୍ନପି ।
ଅନ୍ତଃଶାନ୍ତଃ ସମସ୍ନେହୋ ଭବ ଚିନ୍ମାତ୍ରବାସନଃ ॥ ୬୮ ॥

---

ବ୍ରହ୍ମାନୁସନ୍ଧାନରେ ବିରତ ହୋଇ କେବଳ ଶାସ୍ତ୍ରଚର୍ଚ୍ଚା କଲେ ମନୁଷ୍ୟ ବ୍ରହ୍ମବିଜ୍ଞାନର ଅଧିକାରୀ ହୁଏ ନାହିଁ ॥ ୬୩ ॥

ଯେ ପୁରୁଷ ସ୍ୱୀୟ ଦେହର ଅଶୁଚିଗନ୍ଧରେ ବିରକ୍ତ ନ ହୁଏ, ତାହାର ବିରକ୍ତିର କାରଣ ଆଉ କି ଅଛି ? ତାହାକୁ କେଉଁ ଉପଦେଶଦ୍ୱାରା ବିରାଗୀ କରାଯାଇ-ପାରେ ? ॥ ୬୪ ॥

ଦେହ ଅତିଶୟ ମଳିନ ଏବଂ ଆତ୍ମା ନିର୍ମଳ ଏହି ଦୁହିଙ୍କର ଇତରବିଶେଷ ବିବେଚନା କରି କାହାର ଶୁଦ୍ଧି ସମ୍ପାଦନ ଆବଶ୍ୟକ, ତାହା ନିଶ୍ଚୟ କରିବ । ଯେ ବ୍ୟକ୍ତି ବାସନାର ବଶୀଭୂତ ହୋଇଅଛି ତାହାକୁ ବଦ୍ଧ ଓ ଯେ ବାସନା ପରିତ୍ୟାଗ କରିଅଛି, ତାହାକୁ ମୁକ୍ତ ବୋଲାଯାଏ, ଅତଏବ ଅସାର ସଂସାରରେ ବାସନା ପରିତ୍ୟାଗ କର, କଦାଚ ମୋକ୍ଷ କାମନା ପରିତ୍ୟାଗ କର ନାହିଁ ॥ ୬୫ ॥ ୬୬ ॥

ଅଗ୍ରେ ମାନସିକ ବାସନା ପରିତ୍ୟାଗ କରି ବିଷୟ ବାସନା ପରିତ୍ୟାଗ କର ଏବଂ ଯେ ବାସନାରେ ପରକାଳରେ ଅଶେଷ ମଙ୍ଗଳସାଧନ ହେବ, ସେହିରୂପ ନିର୍ମଳ ବାସନାର ଆଶ୍ରୟ ନେଇ ଦୁର୍ଲ୍ଲଭ ମାନବଜନ୍ମ ସଫଳ କରିବାକୁ ପ୍ରବୃତ୍ତ ହୁଅ ॥ ୬୭ ॥

ହନୁମନ୍ ! ପୂର୍ବୋକ୍ତ ସକଳ ବାସନା ପରିତ୍ୟାଗ କର, ଅନ୍ତଃକରଣରେ ଶାନ୍ତି ଲାଭ କର, ସର୍ବ ବିଷୟରେ ସମପକ୍ଷପାତୀ ହୋଇ ସମସ୍ତଙ୍କ ପ୍ରତି ସମାନ ସ୍ନେହ ପ୍ରଦର୍ଶନ କର, ଏବଂ ସେହି ସଚ୍ଚିଦାନନ୍ଦରୂପରେ କେବଳ ବାସନାକୁ ସ୍ଥାପିତ କର ॥ ୬୮ ॥

ତାମପ୍ୟଥ ପରିତ୍ୟଜ୍ୟ ମନୋବୁଦ୍ଧିସମନ୍ୱିତଂ ।
ଶେଷସ୍ଥିରସମାଧାନୋ ମୟି ତ୍ୱଂ ଭବ ମାରୁତେ ! ॥ ୬୯ ॥
ଅଶବ୍ଦମସ୍ପର୍ଶମରୂପମବ୍ୟୟଂ ଯଥାରସଂ ନିତ୍ୟମଗନ୍ଧବଚ୍ଚଯତ୍ ।
ଅନାମଗୋତ୍ରଂ ମମ ରୂପମୀଦୃଶଂ ଭଜସ୍ୱନିତ୍ୟଂ ପବନାତ୍ମଜାର୍ତ୍ତିହଂ ॥ ୭୦ ॥
ଦୃଶିସ୍ୱରୂପଂ ଗଗନୋପମମ୍ପରଂ ସକୃଦ୍‌ବିଭାତଂ ତ୍ୱଜମେକମକ୍ଷରଂ ।
ଅଲେପକଂ ସର୍ବଗତଂ ଯଦଦ୍ୱୟଂ ତଦେବଚାଽହଂ ସକଳଂ ବିମୁକ୍ତଓଂ ॥ ୭୧ ॥
ଦୃଶିସ୍ତୁଶୁଦ୍ଧୋହମବିକ୍ରିୟାତ୍ମକୋନମେଽସ୍ତି କଶ୍ଚିଦ୍‌ବିଷୟଃ ସ୍ୱଭାବତଃ ।
ପୁରସ୍ତିରଶ୍ଚୋର୍ଦ୍ଧ୍ୱମଧଶ୍ଚ ସର୍ବତଃ ସୁପୂର୍ଣ୍ଣଭୂମାହମିତୀହ ଭାବୟ ॥ ୭୨ ॥
ଅଜୋଽମରଶ୍ଚୈବ ତଥାଜରୋଽମୃତଃ ସ୍ୱୟଂପ୍ରଭଃ ସର୍ବଗତୋହମବ୍ୟୟଃ ।
ନ କାରଣଂ କାର୍ଯ୍ୟମତୀତ୍ୟ ନିର୍ମଳଃ ସଦୈବ ତୃପ୍ତୋଽହମିତୀବ ଭାବୟ ॥ ୭୩ ॥

---

ହେ ମରୁତ୍‌ସୁତ ! ସମସ୍ତ ବାସନା ପରିହାରପୂର୍ବକ ସ୍ଥିରପ୍ରତିଜ୍ଞ ହୋଇ ଆମ୍ଭଠାରେ ଅନୁରକ୍ତ ହୁଅ ଏବଂ ଆମ୍ଭପ୍ରତି ମନଃ ଓ ବୁଦ୍ଧି ସମର୍ପଣ କର ॥ ୬୯ ॥

ହେ ପବନନନ୍ଦନ ! ଆମ୍ଭର ସଚ୍ଚିଦାନନ୍ଦରୂପ ଶବ୍ଦଦ୍ୱାରା ବ୍ୟକ୍ତ ହୁଏ ନାହିଁ, ସ୍ପର୍ଶଦ୍ୱାରା ଅନୁଭୂତ ହୁଏ ନାହିଁ, ଚକ୍ଷୁଦ୍ୱାରା ବିଲୋକିତ ହୁଏ ନାହିଁ, ରସନାଦ୍ୱାରା ତାହାର ଆସ୍ୱାଦ ପାଆ ଯାଏ ନାହିଁ ଓ ଆଘ୍ରାଣ କରି ମଧ ତାହା ଜଣାଯାଏ ନାହିଁ, ସେହି ନାମଗୋତ୍ରବିହୀନ ଓ ଅବ୍ୟୟ ସନାତନ ମତ୍‌ସ୍ୱରୂପ ଭଜନା କର । ଏହି ଭଜନାରେ ସର୍ବ ପୀଡ଼ା ନିବାରିତ ହେବ ॥ ୭୦ ॥

ହନୁମନ୍ ! ଆମ୍ଭେ କେବଳ ବ୍ରହ୍ମସ୍ୱରୂପ, ଆମ୍ଭର ରୂପ ଗଗନତୁଲ୍ୟ ଅନନ୍ତ ଅଦ୍ୱିତୀୟରୂପେ ସର୍ବବିଷୟରେ ନିର୍ଲିପ୍ତ, ଶ୍ରେଷ୍ଠ, ସର୍ବରୂପୀ, ଅଦ୍ୱିତୀୟ ଏବଂ ଆକାର ଉକାର ଓ ମକାରାତ୍ମକ ବ୍ରହ୍ମ, ବିଷ୍ଣୁ, ଶିବସ୍ୱରୂପ ॥ ୭୧ ॥

ଆମ୍ଭେ ଶୁଦ୍ଧ, ବିକାରରହିତ, ଆମ୍ଭର ବିଷୟ କିଛି ନାହିଁ, ପୂର୍ବ ପଶ୍ଚାତ୍, ଊର୍ଦ୍ଧ୍ୱ ଓ ଅଧଃ ସକଳ ସ୍ଥାନରେ ଆମ୍ଭେ ପୂର୍ଣ୍ଣରୂପେ ବିଦ୍ୟମାନ ଅଛୁଁ, ଅତଏବ ଆମ୍ଭଙ୍କୁ ସର୍ବଦା ଚିନ୍ତା କର ॥ ୭୨ ॥

ଆମ୍ଭେ ଜନ୍ମ, ମୃତ୍ୟୁ ଓ ଜରାବିହୀନ, ସର୍ବତ୍ର ସ୍ୱୟଂ ପ୍ରକାଶିତ ହେଉଁ, ଆମ୍ଭେ ସର୍ବବ୍ୟାପୀ, ଅବ୍ୟୟ, ଆମ୍ଭର କାରଣ ନାହିଁ, ଆମ୍ଭେ ସର୍ବ କାର୍ଯ୍ୟ ଅତିକ୍ରମ କରି ନିର୍ମଳ ଜ୍ଞାନମୟ ଦେହ ଧାରଣ କରିଅଛୁଁ । ଆମ୍ଭେ ସର୍ବଦା ପରିତୃପ୍ତ ରହିଅଛୁଁ । ଆମ୍ଭଙ୍କୁ ଭାବନା କର ॥ ୭୩ ॥

ଜୀବନ୍ମୁକ୍ତପଦଂ ତ୍ୟକ୍ତ୍ୱା ସ୍ୱଦେହେ କାଳସାତ୍କୃତେ ।
ବିଶତ୍ୟଦେହମୁକ୍ତତ୍ୱଂ ପବନସ୍ପନ୍ଦତାମିବ ।। ୭୪ ।।
ତଦେତଋଦ୍ଦୃଚାଭ୍ୟୁକ୍ତଂ ତଦ୍ବିଷ୍ଣୋ ପରମଂ ପଦ ।
ସଦା ପଶ୍ୟନ୍ତି ସୂରୟଃ ଦିବୀବ ଚକ୍ଷୁରାତତଂ ।। ୭୫ ।।
ତଦ୍ବିପ୍ରାସୋ ବିପନ୍ୟବୋ ଜାଗୃବାଂସ ସଃ ସମିନ୍ଧତେ ।
ବିଷ୍ଣୋର୍ଯତ୍ ପରମଂ ପଦମୋଂ ସତ୍ୟମିତ୍ୟୁପଦିଶତ୍ ସତ୍ୟମିତ୍ୟୁପନିଷତ୍ ।। ୭୬ ।।
।। ଓଁ ।। ପୂର୍ଣମଦ ଇତି ଶାନ୍ତିଃ ।। ଓଁ ତତ୍ସତ୍ ।।
ଇତି ଶୁକ୍ଲଯଜୁର୍ବେଦଗତା ମୁକ୍ତିକୋପନିଷତ୍ ସମାପ୍ତା ।।

---

ସ୍ୱୀୟ ଦେହ କାଳର ଅଧୀନ, ଚିରସ୍ଥାୟୀ ନୁହେଁ, ବାୟୁର ସ୍ପନ୍ଦନ ତୁଲ୍ୟ କାଳର ଅବଶ୍ୟ ଏହି ଭୌତିକଦେହ ବିନଷ୍ଟ ହେବ, ଅତଏବ ଜୀବନ୍ମୁକ୍ତ ପଦ ପରିତ୍ୟାଗ କରି ନିର୍ବାଣ ମୁକ୍ତିପଥରେ ପ୍ରବେଶ କର ।। ୭୪ ।।

ବେଦରେ କଥିତ ଅଛି ଯେ ଦେବଗଣ ସେହି ବିଷ୍ଣୁଙ୍କ ପରମପଦ ସର୍ବଦା ଚିନ୍ତା କରନ୍ତି । ଏହି ପଦ ବିସ୍ତୃତଚକ୍ଷୁଃସ୍ୱରୂପ । ଉକ୍ତ ବିଷ୍ଣୁପଦ ଚିନ୍ତନେ ସକଳ ଅପ୍ରତ୍ୟକ୍ଷୀଭୂତ ବିଷୟ ସୁଦ୍ଧା ପ୍ରତ୍ୟକ୍ଷବତ୍ ପ୍ରତୀୟମାନ ହୁଏ ।। ୭୫ ।।

ଇତି ଶୁକ୍ଲଯର୍ଜୁର୍ବେଦୀୟ ମୁକ୍ତିକୋପନିଷତ୍
ସମ୍ପୂର୍ଣ୍ଣା ।
।। * ।। ଓଁ ହରିଃ ଓ ତତ୍ସତ୍ ।। * ।।

---

## ମୁକ୍ତିକୋପନିଷଦ୍

କଲିକତା "ନିରପେକ୍ଷ ଧର୍ମ ସଞ୍ଚାରିଣୀ ସଭା"ରୁ ଶ୍ରୀ ମହେଶ ଚନ୍ଦ୍ର ପାଲ ଅବୈତନିକ କାର୍ଯ୍ୟାଧକ୍ଷ କର୍ତ୍ତୃକ ସଂକଳିତ ଓ ପ୍ରକାଶିତ; ଇଦାନୀଂ ଶ୍ରୀଯୁତ ବାମଣ୍ଡା ରାଜାଙ୍କ ଦ୍ୱାରା ଉତ୍କଳ ଭାଷାରେ ଅନୁବାଦିତ ହେଲା । ଏହି ପୁସ୍ତକ ବର୍ତ୍ତମାନ ବିନା ମୂଲ୍ୟରେ ବିତରିତ ହେଉଅଛି । ରଘୁକୁଳାଧିପତି ଶ୍ରୀରାମଚନ୍ଦ୍ର ଅଯୋଧ୍ୟାନଗରସ୍ଥ ରତ୍ନ ସିଂହାସନରେ ବସି ସନକ, ସନାତନ, ବଶିଷ୍ଠ ପ୍ରଭୃତି ଭଗବଦ୍ ଭକ୍ତ ମହର୍ଷିମାନଙ୍କୁ ଯେଉଁ ତତ୍ତ୍ୱ କଥା ବୁଝାଇ ଦେଇଥିଲେ, ତାହା ଏଥିରେ ବର୍ଣ୍ଣିତ ହୋଇଅଛି । ବାମଣ୍ଡାଧିପତି ସୁଢ଼ଳଦେବଙ୍କ ଏହି ପ୍ରୀତିପଦ କାର୍ଯ୍ୟରେ ଆମ୍ଭେମାନେ ତୁଷ୍ଟ ହୋଇଅଛୁଁ ।

# ମଣିରତ୍ନ ମାଳା

ଶ୍ରୀଯୁତ ଶ୍ରୀ

ବାମଣ୍ଡା ରାଜାଙ୍କ

ଦ୍ୱାରା

ଅନୁବାଦିତ ଓ ପ୍ରକାଶିତ

ହେଲା

ଜଗନ୍ନାଥବଲ୍ଲଭ ପ୍ରେସ୍‌ରେ

ମୁଦ୍ରିତ

BAMRA

1886

# ମଣିରତ୍ନ ମାଳ

ଶ୍ରୀଯୁକ୍ତ ଶ୍ରୀ

ବାମଣ୍ଡା ରାଜାଙ୍କ

ଦ୍ୱାରା

ଅନୁବାଦିତ ଓ ପ୍ରକାଶିତ

ହେଲା

ଜଗନ୍ନାଥବଲ୍ଲଭ ଯନ୍ତ୍ରରେ

ମୁଦ୍ରିତ

BAMRA

1886.

ଶ୍ରୀ ଗଣେଶାୟ ନମଃ

ଅପାର ସଂସାର ସମୁଦ୍ର ମଧ୍ୟେ,
ସଂମଜ୍ଜତୋ ମେ ଶରଣଂ କିମସ୍ତି ॥
ଗୁରୋ କୃପାଳୋ ! କୃପୟା ବଦୈତ,
ଦ୍ୱିଶ୍ୱେଶ ପାଦାମ୍ବୁଜ ଦୀର୍ଘନୌକା ॥ ୧ ॥

ବଦ୍ଧୋହି କୋ ଯୋ ବିଷୟାନୁରାଗଃ,
କୋବା ବିମୁକ୍ତୋ ବିଷୟେ ବିରକ୍ତଃ ॥
କୋବାଽସ୍ତି ଘୋରୋ ନରକଃ ସ୍ୱଦେହ,
ତୃଷ୍ଣା କ୍ଷୟଃ ସ୍ୱର୍ଗପଦଂ କି ମସ୍ତି ॥ ୨ ॥
ସଂସାର ହୃତ୍କଃ ଶ୍ରୁତି ଜାତ୍ମବୋଧଃ,
କୋ ମୋକ୍ଷ ହେତୁଃ ପ୍ରଥିତଃ ସଏବ ॥
ଦ୍ୱାରଂ କିମେକଂ ନରକସ୍ୟ ନାରୀ,
କା ସ୍ୱର୍ଗଦା ପ୍ରାଣଭୃତା ମହିଂ ସା ॥ ୩ ॥

---

ହେ କୃପାଳୋ ଗୁରୋ ! ଆମ୍ଭେ ଏହି ଅପାର ସଂସାର ସମୁଦ୍ର ମଧ୍ୟରେ ମଗ୍ନ ହୋଇ ଅଛୁଁ ଆପଣ ଅନୁଗ୍ରହ ସହିତ ଆଜ୍ଞାଦେବା ହେଉନ୍ତୁ ଆମ୍ଭମାନଙ୍କର ଶରଣକି ?

ଏହି ପ୍ରଶ୍ନର ଉତ୍ତରରେ ଗୁରୁ କହୁ ଅଛନ୍ତି ଜଗତ୍କର୍ତ୍ତା ପରମେଶ୍ୱରଙ୍କର ପାଦପଦ୍ମରୂପ ମହା ନୌକା କେବଳ ଶରଣ ॥ ୧ ॥

ବଦ୍ଧ କିଏ ? ଯେଉଁମାନେ ସର୍ବଦା ବିଷୟରେ ଅନୁରକ୍ତ ଥାନ୍ତି ।
ମୁକ୍ତ କିଏ ? ଯେଉଁମାନେ ବିଷୟରୁ ନିବୃତ୍ତ ହୁଅନ୍ତି ।
ଭୟଙ୍କର ନରକ କିଏ ? ଆପଣାର ଦେହ ।
ସ୍ୱର୍ଗ ପଦ କି ? ତୃଷ୍ଣାର ନାଶ ॥ ୨ ॥

ସଂସାର ହାରକ କିଏ ? ଶ୍ରୁତିଜନ୍ୟ ଆତ୍ମଜ୍ଞାନ ।
ମୋକ୍ଷର କାରଣ କି ? ସେହି ଆତ୍ମଜ୍ଞାନ ।
ନରକର ପ୍ରସିଦ୍ଧ ଦ୍ୱାର କିଏ ? ନାରୀ ।
ପ୍ରାଣିମାନଙ୍କର ସ୍ୱର୍ଗଦାତା କିଏ ? ଅହିଂସା ॥ ୩ ॥

ଶେତେ ସୁଖଂ କସ୍ତୁ ସମାଧି୍ ତିଷ୍ଠୋ,
ଜାଗର୍ତ୍ତି କୋବା ସଦ ସଦ୍‌ବିବେକୀ ।
କେ ଶତ୍ରବଃ ସନ୍ତି ନିଜେନ୍ଦ୍ରିୟାଣି,
ତାନ୍ୟେବ ମିତ୍ରାଣି ଜିତାନି କାନି ॥ ୪ ॥

କୋବା ଦରିଦ୍ରୋହି ବିଶାଳ ତୃଷ୍ଣଃ,
ଶ୍ରୀମା ଶ୍ଚ କୋ ଯସ୍ୟ ସମସ୍ତ ତୋଷଃ ॥
ଜୀବନ୍ମୃତଃ କସ୍ତୁ ନିରଦ୍ୟମୋ ଯଃ,
କାବାମୃତାସ୍ୟାସୁଖଦା ନିରାଶା ॥ ୫ ॥

ପାଶୋହି କୋ ଯୋମମତା ଭିଧାନଃ,
ସମ୍ମୋହୟତ୍ୱେବ ସୁରେବ କା ସ୍ତ୍ରୀ ॥
କୋବା ମହାନ୍ଧୋ ମଦନାତୁରୋଯୋ,
ମୃତ୍ୟୁଶ୍ଚ କୋବାଽପଯଶଃ ସ୍ୱକୀୟଂ ॥ ୬ ॥

କୋବାଗୁର ର୍ୟୋହି ହିତୋପଦେଷ୍ଟା,
ଶିଷ୍ୟସ୍ତୁ କୋ ଯୋ ଗୁରଭକ୍ତଏବ ॥

---

ସୁଖପୂର୍ବକ କିଏ ଶୟନକରେ ? ଯେସମାଧିରେ ତତ୍ପର ଥାଏ ।
ଶୟନ ନକରେ କିଏ ? ସଦସଦ୍‌ବିବେକକାରୀ ।
ଶତ୍ରୁ କିଏ ? ଆପଣାର ଇନ୍ଦ୍ରିୟମାନେ ।
ମିତ୍ର କିଏ ? ସେହି ଇନ୍ଦ୍ରିୟମାନଙ୍କର ଜୟ ॥ ୪ ॥

ଦରିଦ୍ର କିଏ ? ଯାହାରମହତୀ ତୃଷ୍ଣା ଅଛି ।
ଲକ୍ଷ୍ମୀଙ୍କର ପାତ୍ର କିଏ ? ଯେ ପୂର୍ଣ୍ଣସନ୍ତୋଷ ।
ଜୀବିତଥାଇ ମୃତସମାନ କିଏ ? ଉଦ୍ୟମରହିତ ବ୍ୟକ୍ତି
ଅମୃତର ବଳି ସୁଖଦାୟକ କିଏ ? ନିରାଶା ॥ ୫ ॥

ପାଶ କିଏ ? ମମତା
ମଦିରାପରି କିଏ ମୋହ କରାଏ ? ସ୍ତ୍ରୀ ।
ମହା ଅନ୍ଧ କିଏ ? କାମାତୁର ।
ମୃତ୍ୟୁ କିଏ ? ଆପଣାର ଅପଯଶ ॥ ୬ ॥

ଗୁର କିଏ ? ଯେ ହିତ ଉପଦେଶ ଦିଏ ।
ଶିଷ୍ୟ କିଏ ? ଯେ ଗୁରୁଭକ୍ତ ।

କୋ ଦୀର୍ଘରୋଗୋ ଭବଏବ ସାଧୋ !
କିମୌଷଧଂ ତସ୍ୟ ବିଚାରଏବ ॥ ୭ ॥

କିଂ ଭୂଷଣାଭୂଷଣ ମସ୍ତି ଶୀଳଂ,
ତୀର୍ଥଂ ପରଂ କିଂ ସ୍ୱମନୋବିଶୁଦ୍ଧଂ ॥
କିମତ୍ର ହେୟଂ କନକଂ ଚ କାନ୍ତା,
ସେବ୍ୟଂସଦାକିଂ ଗୁରୁ ବେଦବାକ୍ୟଂ ॥ ୮ ॥

କେ ହେତବୋ ବ୍ରହ୍ମ ଗତେ ସ୍ତୁସନ୍ତି,
ସସଙ୍ଗତି ର୍ଦାନ୍ତ ବିଚାର ତୋଷଃ ।
କେ ସନ୍ତି ସନ୍ତଃ କିଳବୀତରଗା,
ଅଥାସ୍ତମୋହାଶିବତତ୍ତ୍ୱ ନିଷ୍ଠାଃ ॥ ୯ ॥
କୋବାଜ୍ୱରଃ ପ୍ରାଣଭୃତାଂ ହିଚିନ୍ତା,
ମୂର୍ଖସ୍ତୁ କୋ ଯସ୍ତୁ ବିବେକ ହୀନଃ ।
କାର୍ଯ୍ୟା ମୟା କା ଶିବ ବିଷ୍ଣୁଭକ୍ତିଃ,
କିଂ ଜୀବନଂ ଦୋଷ ବିବର୍ଜିତଂ ଯତ୍ ॥ ୧୦ ॥

---

ମହାରୋଗ କିଏ ? ହେ ସାଧୋ ! ସଂସାର ।
ଔଷଧ କି ? ସଂସାରତତ୍ତ୍ୱର ବିଚାର ॥ ୭ ॥

ଭୂଷଣମାନଙ୍କରେ ଉତ୍କୃଷ୍ଟ ଭୂଷଣ କିଏ ? ଶୀଳ (ସୁସ୍ୱଭାବ)
ପରମତୀର୍ଥ କିଏ ? ଶୁଦ୍ଧମନ ।
ଏହି ସଂସାରରେ ତ୍ୟାଗ କରିବା ଯୋଗ୍ୟ କିଏ ? ସୁବର୍ଣ୍ଣ ଏବଂ ସ୍ତ୍ରୀ ।
ସର୍ବଦା ସେବ୍ୟ କି ? ଗୁରୁ ଏବଂ ବେଦ ବାକ୍ୟ ॥ ୮ ॥
ବ୍ରହ୍ମ ପ୍ରାପ୍ତିର ହେତୁ କିଏ ? ସତ୍ସଙ୍ଗ ଓ ଇନ୍ଦ୍ରିୟମାନଙ୍କର ବଶକରା ଏବଂ ଶାସ୍ତ୍ର ବିଚାର ଓ ସନ୍ତୋଷ ।
ସଜ୍ଜନ କେଉଁମାନେ ? ଯେଉଁମାନଙ୍କର ରାଗ ମୋହ ଦୂର ହୋଇଅଛି ଏବଂ ଶିବ ତତ୍ତ୍ୱରେ ନିଷ୍ଠା ରଖିଅଛନ୍ତି ॥ ୯ ॥
ପ୍ରାଣିମାନଙ୍କର ଜ୍ୱର କି ? ଚିନ୍ତା ।
ମୂର୍ଖ କିଏ ? ଯେ ବିବେକହୀନ ।
ଆମ୍ଭମାନଙ୍କର କାର୍ଯ୍ୟ କି ? ଶିବ, ବିଷ୍ଣୁ ଭକ୍ତି ।
ଜୀବନ କି ? ଦୋଷ ରହିତ ହେବା ॥ ୧୦ ॥

ବିଦ୍ୟାହି କା ବ୍ରହ୍ମଗତିପ୍ରଦେୟା,
ବୋଧୋଽସ୍ତି କୋ ଯସ୍ତୁବିମୁକ୍ତି ହେତୁଃ ।
କୋଲାଭ ଆତ୍ମାବଗମୋହି ଯୋବୈ,
ଜୀତଂ ଜଗତ୍କେନ ମନୋହିଯେନ ॥ ୧୧ ॥
ଶୂରାନ୍ମହା ଶୂରତମୋଽସ୍ତି କୋବା,
ମନୋଜ ବାଣୈ ର୍ବ୍ୟଥିତୋ ନଯସ୍ତୁ ।
ପ୍ରାଜ୍ଞୋଽତି ଧୀରଶ୍ଚ ସମଶ୍ଚକୋବା,
ପ୍ରାପ୍ତୋ ନ ମୋହଂ ଲଲନାକଟାକ୍ଷୈଃ ॥ ୧୨ ॥
ବିଷାଦ୍‌ବିଷଂ କିଂ ବିଷୟାଃ ସମସ୍ତା,
ଦୁଃଖୀ ସଦାକୋ ବିଷୟାନୁରାଗୀ ।
ଧନ୍ୟୋଽସ୍ତି କୋ ଯସ୍ତୁ ପରୋପକାରୀ,
କଃ ପୂଜନୀୟୋ ନନୁ ତତ୍ତ୍ୱନିଷ୍ଠଃ ॥ ୧୩ ॥
ସର୍ବାସ୍ୱବସ୍ଥା ସ୍ୱପି କିଂ ନ କାର୍ଯ୍ୟଂ,
କିଂବାବିଧେୟଂ ବିଦୁଷାଂ ପ୍ରଯତ୍ନାତ୍ ।
ସ୍ନେହଶ୍ଚ ପାପଂ ପଠନଶ୍ଚ ଧର୍ମଃ,
ସଂସାର ମୂଳଂ ହିକିମସ୍ତ୍ୟବିଦ୍ୟା ॥ ୧୪ ॥

---

ବିଦ୍ୟା କ'ଣ ? ବ୍ରହ୍ମଗତି ଦାନକର୍ତ୍ତ୍ରୀ ।
ବୋଧ କି ? ଯେ ମୁକ୍ତିର କାରଣ ।
ଲାଭ କ'ଣ ? ଆତ୍ମଜ୍ଞାନ ।
ସଂସାରକୁ କିଏ ଜୟ କରିଅଛି ? ଯେ ଆପଣା ମନକୁ ଜୟ କରିଅଛି ॥ ୧୧ ॥

ଶୂରମାନଙ୍କଠାରୁ ଅତ୍ୟନ୍ତରେ ମହାଶୂର କିଏ ? ଯେ କନ୍ଦର୍ପ ମହାଶରଦ୍ୱାରା ପୀଡ଼ିତ ହୋଇନାହିଁ ।

ପ୍ରାଜ୍ଞ (ପଣ୍ଡିତ) ଧୀର ଓ ସମଦର୍ଶୀ କିଏ ? ଯେ ସ୍ତ୍ରୀ କଟାକ୍ଷରେ ମୋହିତ ହୋଇନାହିଁ ॥ ୧୨ ॥

ବିଷଠାରୁ ବଳି ବିଷ କିଏ ? ବିଷୟ ସକଳ ।
ସର୍ବଦା ଦୁଃଖୀ କିଏ ? ସକଳ ବିଷୟରେ ଯାହାର ଅନୁରାଗ ।
ଧନ୍ୟପୁରୁଷ କିଏ ? ଯେ ପରୋପକାର କରେ ।
ପୂଜ୍ୟ କିଏ ? ଯେ ବ୍ରହ୍ମତତ୍ତ୍ୱ ନିଷ୍ଠ ହୁଏ ॥ ୧୩ ॥

ସକଳ ଅବସ୍ଥାରେ ବିଦ୍ୱାନ୍‌ମାନଙ୍କର କେଉଁ କାର୍ଯ୍ୟ ଅଯୋଗ୍ୟ ଓ କେଉଁ କାର୍ଯ୍ୟ ଯୋଗ୍ୟ ? ସ୍ନେହରୂପ ପାପ ଅକାର୍ଯ୍ୟ; ପଠନ ରୂପ ଧର୍ମକାର୍ଯ୍ୟ ।

ସଂସାରର ମୂଳ କିଏ ? ଅବିଦ୍ୟା (ମହା ମୋହ) ॥ ୧୪ ॥

ବିଜ୍ଞାନ୍ମହାବିଜ୍ଞତମୋଽସ୍ତି କୋବା,
ନାର୍ଯ୍ୟାପିଶାଚ୍ୟା ନଚବଞ୍ଚିତୋୟଃ ।
କା ଶୃଙ୍ଖଳା ପ୍ରାଣଭୃତାଂ ଚନାରୀ,
ଦିବ୍ୟଂ ବ୍ରତଂ କିଂ ଚ, ସମତ୍ୟଦୈନ୍ୟଂ ॥ ୧୫ ॥
ଜ୍ଞାତୁଂ ନଶକ୍ୟଂ ହି କିମସ୍ତି ସର୍ବୈ,
ର୍ଯୋଷିନ୍ମ ନୋୟଶ୍ଚରିତଂ ତଦୀୟଂ ।
କାଦୁସ୍ତ୍ୟଜାସର୍ବ ଜନୈ ର୍ଦୁରାଶା,
ବିଦ୍ୟାବିହୀନଃ ପଶୁରସ୍ତି କୋବା ॥ ୧୬ ॥
ବସୋ ନ ସଙ୍ଗଃ ସହ କୈର୍ବିଧେୟୋ,
ମୂର୍ଖୈଶ୍ଚ ପାପୈଶ୍ଚ ଖଳୈଶ୍ଚ ନୀଚୈଃ ॥
ମୁମୁକ୍ଷୁଣାଂକିଂ ତ୍ୱରିତଂ ବିଧେୟଂ,
ସତ୍ସଙ୍ଗତି ନିର୍ମମତେଶ ଭକ୍ତିଃ ॥ ୧୭ ॥
ଲଘୁତ୍ୱମୂଳଂ ଚ କି ମର୍ଥିତୈବ,
ଗୁରତ୍ୱ ବୀଜଂଯଦ ଯାଚନଂ କିଂ ।
ଜାତୋଽସ୍ତିକୋ ଯସ୍ୟପୁନର୍ନଜନ୍ମ,
କୋବା ମୃତୋ ଯସ୍ୟପୁନର୍ନ ମୃତ୍ୟୁଃ ॥ ୧୮ ॥

---

ଜ୍ଞାନିମାନଙ୍କଠାରୁ ମହାଜ୍ଞାନୀ କିଏ ? ଯେ ସ୍ତ୍ରୀ ପୀଶାଚି ଦ୍ୱାରା ବଞ୍ଚିତ ହୋଇନାହିଁ ।
ମନୁଷ୍ୟମାନଙ୍କର ଶୃଙ୍ଖଳା (ବେଡ଼ୀ) କିଏ ? ନାରୀ ।
ଦିବ୍ୟ ବ୍ରତ କାହାକୁ ବୋଲି ? ଅଦୀନତା ॥ ୧୫ ॥
ସମସ୍ତେ କ'ଣ ଜାଣିବାକୁ ସମର୍ଥ ହୋଇନପାରନ୍ତି ? ସ୍ତ୍ରୀର ମନ ଏବଂ ଚରିତ୍ର ।
ସମସ୍ତ ଲୋକମାନେ କାହାକୁ ତ୍ୟାଗ କରିନପାରନ୍ତି ? ଦୁଷ୍ଟ ଆଶା ।
ପଶୁ କିଏ ? ବିଦ୍ୟାହୀନ ବ୍ୟକ୍ତି ॥ ୧୬ ॥

କେଉଁମାନଙ୍କ ସହିତ ବାସ ଏବଂ ସଙ୍ଗକରା ଉଚିତ ନୁହେଁ ? ମୂର୍ଖ, ପାପୀ, ଖଳ ଏବଂ ନୀଚ ଏମାନଙ୍କ ସହିତ ।

ମୁମୁକ୍ଷୁମାନଙ୍କର ସର୍ବଦା କି କରା ଉଚିତ ? ସତ୍ସଙ୍ଗ, ନିର୍ମମତା ଏବଂ ଈଶ୍ୱର ଭକ୍ତି ॥ ୧୭ ॥

ଲଘୁତାର କାରଣ କିଏ ? ମାଗିବା ।
ଗୁରୁତାର ମୂଳ କିଏ ? କାହାକୁ ନମାଗିବା ।
କାହାର ଜନ୍ମହୋଇ ଅଛି ? ଯାହାର ଆଉଥରେ ଜନ୍ମ ନହୁଏ ।
ମୃତ କିଏ ? ଯାହାର ପୁନର୍ବାର ମୃତ୍ୟୁ ହୁଏ ନାହିଁ ॥ ୧୮ ॥

ମୂକୋଽସ୍ତିକୋବା ବଧିରଶ୍ଚକୋବା,
ଯୁକ୍ତଂନ ବକ୍ତୁଂ ସମୟେ ସମର୍ଥଃ ।
ତଥ୍ୟଂ ସୁପଥ୍ୟଂ ନ ଶୃଣୋତି ବାକ୍ୟଂ,
ବିଶ୍ୱାସ ପାତ୍ରଂ ନ କିମସ୍ତି ନାରୀ ॥ ୧୯ ॥
ତତ୍ତ୍ୱଂ କିମେକଂ ଶିବମଦ୍ୱିତୀୟଂ,
କିମୁତ୍ତମଂ ସଚ୍ଚରିତଂ ଯଦସ୍ତି ।
କିଂକର୍ମ କୃତ୍ୱା ନଚଶୋଚନୀୟଂ,
କାମାରି କଂସାରି ସମର୍ଚ୍ଚନାଖ୍ୟଂ ॥ ୨୦ ॥
ଶତ୍ରୋର୍ମହା ଶତ୍ରୁ ତମୋଽସ୍ତିକୋବା,
କାମଃ ସକୋପା ନୃତଲୋଭ ତୃଷ୍ଣଃ ।
ନ ପୂର୍ଯ୍ୟତେ କୋ ବିଷୟୈଃ ସଏବ,
କିଂ ଦୁଃଖ ମୂଳଂ ମମତାଭି ଧାନଃ ॥ ୨୧ ॥
କିଂ ମଣ୍ଡନଂ ସାକ୍ଷରତା ମୁଖସ୍ୟ,
ସତ୍ୟଂଚ କିଂ ଭୂତହିତଂ ତଦେବ ।
ତ୍ୟକ୍ତ୍ୱାସୁଖଂ କିଂ ସ୍ତ୍ରିୟମେବ ସମ୍ୟକ୍,
ଦେୟଂ ପରଂ କିଂ ତ୍ୱଭୟଂ ସଦୈବ ॥ ୨୨ ॥

---

ମୂକ କିଏ ? ସମୟରେ ଯେ ଯଥାର୍ଥ କହିବାକୁ ଅସମର୍ଥ ।
ବଧିର କିଏ ? ଯେ ସତ୍ୟ ଏବଂ ହିତବାକ୍ୟ ନ ଶୁଣେ ।
କିଏ ବିଶ୍ୱାସପାତ୍ର ନୁହେଁ ? ନାରୀ ॥ ୧୯ ॥
ମୋକ୍ଷତତ୍ତ୍ୱ କିଏ ? ଅଦ୍ୱିତୀୟ ଶିବ ।
ଉତ୍ତମ ପଦାର୍ଥ କିଏ ? ସଦାଚାର ।
କେଉଁ କର୍ମକଲେ ଶୋଚନା ହୁଏ ନାହିଁ ? ଶିବ ଏବଂ ବିଷ୍ଣୁଙ୍କର ଅର୍ଚ୍ଚନା ॥ ୨୦ ॥
ଶତ୍ରୁଠାରୁ ଅଧିକ ଶତ୍ରୁ କିଏ ? କାମ, କ୍ରୋଧ, ମିଥ୍ୟା, ଲୋଭ ଏବଂ ତୃଷ୍ଣା ।
ବିଷୟରେ କାହାର ତୃପ୍ତି ନ ହୁଏ ? ସେହି କାମ କ୍ରୋଧାଦିର ।
ଦୁଃଖର ମୂଳ କିଏ ? ମମତା ॥ ୨୧ ॥
ମୁଖର ଭୂଷଣ କିଏ ? ବିଦ୍ୟା ଏବଂ ସତ୍ୟ ।
ପ୍ରାଣିମାନଙ୍କର ହିତ କିଏ ? ସେହି ବିଦ୍ୟା ଏବଂ ସତ୍ୟ ।
କି ତ୍ୟାଗକଲେ ସମ୍ପୂର୍ଣ୍ଣ ସୁଖହୁଏ ? ସ୍ତ୍ରୀ ।
ସର୍ବଦା ଉତ୍ତମରୂପେ ଦେବାଯୋଗ୍ୟ କିଏ ? ଅଭୟ ॥ ୨୨ ॥

କସ୍ୟାସ୍ତି ନାଶୋ ମନସୋହି ମୋକ୍ଷଃ,
କ୍ୱସର୍ବଥା ନାସ୍ତି ଭୟଂ ବିମୁକ୍ତୌ ।
ଶଲ୍ୟଂ ପରଂ କିଂ ନିଜମୂର୍ଖତୈବ,
କେକେହ୍ୟୁ ପାସ୍ୟା ଗୁରବଶ୍ଚ ବୃଦ୍ଧାଃ ।। ୨୩ ।।
ଉପସ୍ଥିତେ ପ୍ରାଣହୃତେ କୃତାଂତେ,
କିମାଶୁ କାର୍ଯ୍ୟଂ ସୁଧିୟା ପ୍ରଯତ୍ନାତ୍ ।
ବାକ୍କାୟ ଚିତ୍ତୈଃ ସୁଖଦଂ ଯମଘ୍ନଂ,
ମୁରାରି ପଦାମ୍ବୁଜ ମେବ ଚିନ୍ତ୍ୟଂ ।। ୨୪ ।।
କେ ଦସ୍ୟବଃ ସନ୍ତି କୁବାସନାଖ୍ୟାଃ,
କଃ ଶୋଭତେଯଃ ସଦସି ପ୍ରବିଦ୍ୟଃ ।
କ୍ଷାନ୍ତେ ବ କା ଯା ସୁଖଦାସ୍ତି ବିଦ୍ୟା,
କିମେଧତେ ଦାନ ବସାସୁ ବିଦ୍ୟା ।। ୨୫ ।।
କୁତୋହ ଭୀତିଃ ସତତଂ ବିଧେୟା,
ଲୋକାପବାଦାଭବ କାନନାଚ୍ଚ ।
କୋବାସ୍ତି ବନ୍ଧୁଃ ପିତରୌଚ କୌବା,
ବିପ୍ୟସହାୟଃ ପରିପାଳ କୋ ଯଃ ।। ୨୬ ।।

---

କିଏ ନଷ୍ଟ ହେଲେ ମୋକ୍ଷହୁଏ ? ମନ ।

କାହାର ସର୍ବଦା ଭୟ ନ ହୁଏ ? ମୁକ୍ତପୁରୁଷର ।

ଉତ୍କୃଷ୍ଟ ଶୂଳ କିଏ ? ନିଜ ମୂର୍ଖତା ।

କିଏ କିଏ ଉପାସନାର ଯୋଗ୍ୟ ? ଗୁରୁ ଏବଂ ବୃଦ୍ଧ ।। ୨୩ ।।

ପ୍ରାଣହର ଯମ ପ୍ରାପ୍ତ ହେବା କାଳେ ବୁଦ୍ଧିମାନ ଲୋକର ଶୀଘ୍ର ଯତ୍ନପୂର୍ବକ କି କରା ଉଚିତ ?

କାୟ ମନୋବାକ୍ୟରେ ସୁଖଦାୟକ ଓ ଯମ ନାଶକ ମୁରାରି (ବିଷ୍ଣୁ)ଙ୍କର ଚରଣ କମଳ ଚିନ୍ତନକରା ଉଚିତ ।। ୨୪ ।।

ଚୋର କିଏ ? କୁବାସନା ।

କିଏ ସଭାରେ ଶୋଭିତ ହୁଏ ? ଉତ୍ତମ ବିଦ୍ୱାନ ।

ଶାନ୍ତି ଓ ସୁଖଦାତା କିଏ ? ସୁବିଦ୍ୟା ।

ଦାନଦେଲେ କିଏ ବୃଦ୍ଧିକି ପ୍ରାପ୍ତ ହୁଏ ? ବିଦ୍ୟା ।। ୨୫ ।।

ସର୍ବଦା କାହାଠାରୁ ଭୟ ହୁଏ ? ଲୋକାପବାଦ ଏବଂ ସଂସାରରୂପ ବନରୁ ।

ବନ୍ଧୁ ମାତା ଏବଂ ପିତା କିଏ ? ବିପତ୍କାଳେ ସହାୟକ ଏବଂ ପ୍ରତିପାଳକ ।।୨୬।।

ବୁଦ୍ଧ୍ୱାନୁ ବୋଧଂ ପରିଶିଷ୍ୟତେ କିଂ,
ଶିବଂ ପ୍ରଶାନ୍ତଂ ସୁଖବୋଧ ରୂପଂ ।
ଜ୍ଞାତେତୁ କସ୍ମିନ୍ ବିଦିତଂ ଜ ଗସ୍ୟା,
ସର୍ବାତ୍ମକେ ବ୍ରହ୍ମଣି ପୂର୍ଣ୍ଣରୂପେ ।। ୨୭ ।।
କିଂ ଦୁର୍ଲ୍ଲଭଂ ସଦ୍‌ଗୁରୁ ରସ୍ତିଲୋକେ,
ସତ୍ସଂଗତି ର୍ବ୍ରହ୍ମ ବିଚାରଣା ଚ ।
ତ୍ୟାଗୋହି ସର୍ବସ୍ୟ ଶିବାତ୍ମବୋଧ,
କିଂ ଦୁର୍ଜ୍ଜୟଂ ସର୍ବଜନେ ର୍ମନୋଜଃ ।। ୨୮ ।।
ପାଶୋଃ ପଶୁଃ କୋ ନକରୋତି ଧର୍ମଂ,
ପ୍ରାଧୀତଶାସ୍ତ୍ରୋପି ନଚାତ୍ମ ବୋଧଃ ।
କିଂ ତଦ୍‌ବିଷଂ ମାତି ସୁଧୋପମଂ ସ୍ତ୍ରୀ,
କେ ଶତ୍ରବୋ ମିତ୍ରବଦାତ୍ମଜାଦ୍ୟାଃ ।। ୨୯ ।।
ବିଦ୍ୟୁଚ୍ଚଳଂ କିଂ ଧନ ଯୌବନାୟ,
ର୍ଦାନଂ ପରଂ କିଂ ଚ ସୁପାତ୍ର ଦତ୍ତଂ ।

---

କି ଜାଣିଲେ ପୁନର୍ବାର ଜାଣିବାର ଆବଶ୍ୟକ ନହୁଏ ?
ଜ୍ଞାନରୂପୀ ସୁଖରୂପୀ ଶାନ୍ତରୂପୀ ଶିବଙ୍କୁ ଜାଣିଲେ ।
କାହାକୁ ଜାଣିଲେ ସମ୍ପୂର୍ଣ୍ଣ ଜଗତର ଜ୍ଞାନହୁଏ ?
ସର୍ବାତ୍ମକ ଓ ପୂର୍ଣ୍ଣ ରୂପ ବ୍ରହ୍ମଙ୍କୁ ।। ୨୭ ।।
ଲୋକରେ ଦୁର୍ଲ୍ଲଭ କେଉଁ କେଉଁ ପଦାର୍ଥ ?
ସଦ୍‌ଗୁରୁ, ସତ୍ସଙ୍ଗ, ବ୍ରହ୍ମବିଚାର, ସଂସାର ତ୍ୟାଗ ଏବଂ ବ୍ରହ୍ମଜ୍ଞାନ ।
କାହାକୁ ଜୟ କରାଯାଇନପାରେ ? କାମଦେବଙ୍କୁ ।। ୨୮ ।।
ପଶୁଠାରୁ ବଳି ଅଧିକ ପଶୁ କିଏ ? ଯେ ଧର୍ମ ନକରେ ଏବଂ ଶାସ୍ତ୍ରାଧ୍ୟୟନ କରି ଆତ୍ମବିଚାର ନକରେ ।
ଅମୃତପରି ଆଭାସୁଥିବା ବିଷ କିଏ ? ସ୍ତ୍ରୀ ।
ମିତ୍ରପରି ଶତ୍ରୁ କେଉଁମାନେ ? ପୁତ୍ରାଦି ।। ୨୯ ।।
ବିଜୁଳିଠାରୁ ବଳି ଶୀଘ୍ରଗାମୀ କିଏ ? ଧନ, ଯୌବନ, ଆୟୁଷ ।
ଉତ୍କୃଷ୍ଟ ଦାନ କିଏ ? ସୁପାତ୍ରରେ ଯାହା ଦିଆଯାଏ ।

କଣ୍ଠଂ ଗତୈରପ୍ୟ ସୁଭିର୍ନ କାର୍ଯ୍ୟ,
କିଂ କିଂ ବିଧେୟଂ ମଳିନଂ ଶିବାର୍ଚା ।। ୩୦ ।।
କିଂକର୍ମ ତତ୍‌ପ୍ରୀତିକରଂ ମୁରାରେ,
ରାସ୍ଥାନ କାର୍ଯ୍ୟା ସତତଂ ଭବାବ୍ଧୌ ।
ଅହର୍ନିଶଂ କିଂ ପରିଚିନ୍ତନୀୟଂ,
ସଂସାର ମିଥ୍ୟାତ୍ମ୍ ଶିବାତ୍ମ୍ ତତ୍ତ୍ୱଂ ।। ୩୧ ।।
କଣ୍ଠଂ ଗତାବା ଶ୍ରବଣଂ ଗତାବା,
ପ୍ରଶ୍ନୋତ୍ତରାଖ୍ୟା ମଣିରତ୍ନମାଳା ।
ତନୋତୁ ମୋଦଂ ବିଦୁଷାଂ ପ୍ରଯତ୍ନାତ୍,
ରମେଶ ଗୌରୀଶ କଥୈବ ସଦ୍ୟଃ ।। ୩୨ ।।

---

ପ୍ରାଣକଣ୍ଠଗତ ହେଲେ କେଉଁ କାମ କର୍ତ୍ତବ୍ୟ ଏବଂ କେଉଁ କାମ ଅକର୍ତ୍ତବ୍ୟ ? ମଳିନକାମ ନ କରିବା, ଶିବପୂଜା କରିବା ।। ୩୦ ।।

କେଉଁ କାର୍ଯ୍ୟ କଲେ ବିଷ୍ଣୁଙ୍କର ପ୍ରୀତି ହୁଏ ? ସଂସାର ସମୁଦ୍ରରେ ଅନବରତ ବିଶ୍ୱାସ ନକରା ।

ରାତ୍ରୀ ଦିବା କାହାର ଚିନ୍ତାକରା ଉଚିତ ? ସଂସାର ମିଥ୍ୟା ଆତ୍ମସତ୍ୱ ଇତ୍ୟାଦି ତତ୍ତ୍ୱଚିନ୍ତା ।। ୩୧ ।।

ଏହି ପ୍ରଶ୍ନୋତ୍ତରାଖ୍ୟ ମଣିରତ୍ନମାଳା କଣ୍ଠଗତ ହେଉ ବା ଶ୍ରବଣଗତ ହେଉ ତହିଁରେ କୌଣସି ଚିନ୍ତା ନାହିଁ କିନ୍ତୁ ଏଥିରେ ଯେଉଁ ବିଷ୍ଣୁ ଏବଂ ଶିବଙ୍କର କଥା ଅଛି ସେ ତତ୍କାଳରେ ଯତ୍ନପୂର୍ବକ ପଣ୍ଡିତମାନଙ୍କର ଆନନ୍ଦ ବର୍ଦ୍ଧନ କରୁ ।। ୩୨ ।।

ଇତି ପ୍ରଶ୍ନୋତ୍ତର 'ମଣିରତ୍ନମାଳା' ସମାପ୍ତଂ ।

# ପଦ୍ୟ ବିଭାଗ

# ଚିତ୍ରୋତ୍ପଳା ।

ଶ୍ରୀ ବାମଣ୍ଡାଧିପତି
ବିରଚିତ
ଓ
ପ୍ରକାଶିତ ।

*Printed at the*
JAGANNATH BALLAVA PRESS
BAMRA

1893

# ପ୍ରାକ୍‌ସୂଚନା

'ଚିଲ୍ରୋତ୍ପଳା' ସୁତ୍ରଳ ଦେବଙ୍କ ସର୍ବଶ୍ରେଷ୍ଠ ସୃଜନକର୍ମ । ଏ କାବ୍ୟରେ ପ୍ରକୃତିକୁ ଏକ ଅନବଦ୍ୟ ରୂପମଞ୍ଜରୀ ପ୍ରଦାନ କରାଯାଇଛି । ଚିତ୍ରୋତ୍ପଳା ପ୍ରଥମେ ସମ୍ବଲପୁର ହିତୈଷିଣୀ (୪/୧୦) ତା-୧୦-୮-୧୮୯୨ ପୃଷ୍ଠା ୩୮-୪୦ରେ ପ୍ରକାଶିତ ହୋଇ ଅପୂର୍ବ ପାଠକୀୟତା ଅର୍ଜନ କରିଥିଲା । ହିତୈଷିଣୀ ପୃଷ୍ଠାରେ ଚିତ୍ରୋତ୍ପଳାର ଅନେକ ସମାଲୋଚନା, ପ୍ରତି-ସମାଲୋଚନା ପ୍ରକାଶ ପାଇଛି । ଅନେକ ସମାଲୋଚନା କେବଳ ରାଜକବିଙ୍କ ପ୍ରଶଂସା କରିବାକୁ ଉଦ୍ଦିଷ୍ଟ । ଏହାର ସ୍ୱାଭାବିକ ଚିତ୍ରଣକୁ କେହି କେହି ଓଡିଶାର ଶ୍ରେଷ୍ଠ କୃତିର ସମ୍ମାନ ଦିଅନ୍ତି । ଏପରିକି ଚିତ୍ରୋତ୍ପଳାର ଏକ ଅଦ୍ଭୁତ ସମାଲୋଚନା ଉତ୍କଳ ସାହିତ୍ୟ (୧/୩) ଚୈତ୍ର—୧୩୦୪ ସଂଖ୍ୟାରେ ଦାମୋଦର ପଟ୍ଟନାୟକ ନାଟକାକାରେ ପ୍ରକାଶକରନ୍ତି । ଏ ସମାଲୋଚନାର ଏକ ପ୍ରତି ସମାଲୋଚନା ମଧ୍ୟ ହିତୈଷିଣୀ ତା-୧୪-୪-୧୮୯୭ ସଂଖ୍ୟାରେ ପ୍ରକାଶପାଏ । ଏ ସମସ୍ତ ସମାଲୋଚନାରୁ ଆଧୁନିକ ଓଡ଼ିଆ ସମାଲୋଚନା ସାହିତ୍ୟର ଆଦି ସ୍ୱରୂପ ଠାବ କରାଯାଇପାରେ । ଚିତ୍ରୋତ୍ପଳାର ଅଜସ୍ର ସମାଲୋଚନା ଭିତରୁ ଲାଲା ରାମନାରାୟଣ ରାୟଙ୍କ ସମାଲୋଚନା ଅଧିକ ଯୁକ୍ତିଯୁକ୍ତ ଓ ବିଜ୍ଞାନସିଦ୍ଧ ମନେହୁଏ । ସେ ଯଥାର୍ଥରେ କାବ୍ୟସ୍ୱରୂପ ଓ ଯୁଗୀୟ ଆବେଦନର ଯଥାଯଥ ବିଶ୍ଳେଷଣ କରିପାରିଛନ୍ତି । ଉଲ୍ଲିଖିତ କାରଣରୁ ଚିତ୍ରୋତ୍ପଳା କାବ୍ୟସହ ଲାଲା ରାମନାରାୟଣଙ୍କ 'ଚିତ୍ରୋତ୍ପଳାର ସମାଲୋଚନା' (ସ.ହି. ୪/୨୬) ଓ ପ୍ରତିବାଦ ସମ୍ବନ୍ଧେ ବକ୍ତବ୍ୟ (ସ.ହି. ୪/୩୩) ଏବଂ ଚିନ୍ତାମଣି ମିଶ୍ରଙ୍କ 'ଚିତ୍ରୋତ୍ପଳାର ଦୋଷ ପରିହାର' (ସ.ହି.୧୨.୭.୧୮୯୩) ଆଲୋଚନାର ଅଂଶ ସଂଯୁକ୍ତ କରାଗଲା । ଶେଷୋକ୍ତ ଆଲୋଚନାକୁ ପତ୍ରସ୍ଥ କରିବାର ଉଦ୍ଦେଶ୍ୟ ସମକାଳୀନ ସାହିତ୍ୟରେ ଦୋଷ ଦର୍ଶନ ଓ ଦୋଷ ପରିହାରର ପରଂପରାକୁ ଲୋକଲୋଚନକୁ ଆଣିବା । ସମକାଳୀନ ସାହିତ୍ୟରେ ଚିତ୍ରୋତ୍ପଳାକୁ କିପରି ଗ୍ରହଣ କରାଯାଇଥିଲା ତା'ର ସାମଗ୍ରିକ ଭାବ ଆବେଦନକୁ ସ୍ପଷ୍ଟ କରିବାପାଇଁ ଦାମୋଦର ପଟ୍ଟନାୟକଙ୍କ 'ଚିତ୍ରୋତ୍ପଳା ଓ ସମାଲୋଚକେ'କୁ ପତ୍ରସ୍ଥ କରାଯାଇଛି ।

ଓଡ଼ିଶା ପ୍ରକୃତିର ଅମ୍ଳାନ ଧାରା ଚିତ୍ରୋତ୍ପଳା କାବ୍ୟରେ ମର୍ମରିତ । ମହାନଦୀର ଅପରୂପ ଦୃଶ୍ୟ, ସୁନିୟନ୍ତ୍ରିତ ଶବ୍ଦସଜ୍ଜା, ପରିଚିତ ଚିତ୍ରକଳ୍ପ, ବୌଦ୍ଧିକ ଅବତାରଣା ଏବଂ ଅଳଙ୍କାରର ସମାବେଶ ଚିତ୍ରୋତ୍ପଳାକୁ ପ୍ରାଚୀନ ଓ ଆଧୁନିକ କାବ୍ୟଧାରାର ଏକ

ସଂଯୋଗ ସେତୁ ରୂପେ ପ୍ରତିଷ୍ଠିତ କରେ । ଏ କାବ୍ୟରେ ଆଳଙ୍କାରିକ କବି ସୁଢ଼ଳ ଦେବ କାବ୍ୟର ପ୍ରତିଛନ୍ଦ୍ରେ ଛନ୍ଦ୍ରେ ବିଭିନ୍ନ ଅଳଙ୍କାରର ସୂଚନା ଦେଇଛନ୍ତି ।

ଏ କାବ୍ୟର ୧୯୧୨ ସୁଦ୍ଧା ତିନୋଟି ସଂସ୍କରଣ ସମାପ୍ତ ହୋଇଥିଲା । ଏଥିରୁ ଏହାର ଲୋକପ୍ରିୟତା ଅନୁମେୟ । ତୃତୀୟ ସଂସ୍କରଣର ଭୂମିକା ଏଥିସହିତ ପାଠକଙ୍କ ଅବଗତି ପାଇଁ ସଂଯୁକ୍ତ ହେଲା–

– ସଂପାଦକ

## ୩ୟ ସଂସ୍କରଣ

### [ପ୍ରକାଶକଙ୍କ ନିବେଦନ]

ମୋର ପରମାରାଧ୍ୟ ସ୍ୱର୍ଗୀୟ ପିତା ରାଜା ସାର୍ ବାସୁଦେବ ସୁଢ଼ଳ ଦେବ C.I.E.: K.C.I.E ଙ୍କର ବିରଚିତ 'ଚିତ୍ରୋତ୍ପଳା'ର ୩ୟ ସଂସ୍କରଣ ପ୍ରକାଶିତ ହେଲା । ଏଥିରେ କିପରି ପରିପାଟୀରେ ପ୍ରାକୃତିକ ବର୍ଣ୍ଣନା, ରଚନା-ଚାତୁରୀ, ଭାବ ମାଧୁରୀ ଓ ଭାଷାର ଶ୍ରୀବୃଦ୍ଧି ସାଧକ ବିବିଧ ଅଳଙ୍କାର ସନ୍ନିତ କରି ରଖାଯାଇଅଛି ତାହା ପ୍ରତ୍ୟେକ ଉଚ୍ଚ ଶିକ୍ଷିତ ମାତ୍ରେ ଅବଗତ ଅଛନ୍ତି । ପୁସ୍ତିକାର ଅଧିକ ପରିଚୟ ଦେବା ଅନାବଶ୍ୟକ ।

ଦେବଗଡ, ବାମଣ୍ଡା
୨୧ । ୫ । ୧୯୧୨

ଶ୍ରୀ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ
ରାଜା (କି) ବାମଣ୍ଡା

# ଭୂମିକା

ବର୍ତ୍ତମାନ ଆମ୍ଭେ "ଚିତ୍ରୋତ୍ପଳା" ନାମ୍ନୀ ଏହି ପୁସ୍ତିକାରେ ମହାନଦୀର ଚିତ୍ରାଂଶମାନ ବର୍ଣ୍ଣନାକରି ଉତ୍କଳୀୟ ସାହିତ୍ୟ-ରସିକମାନଙ୍କ ହସ୍ତରେ ଅର୍ପଣ କଲୁଁ । ଅନୁଗ୍ରହକରି ଥରେ ମନୋଯୋଗ ସହିତ ପଠନକଲେ ଶ୍ରମସଫଳ ବୋଧକରିବୁଁ ।

ମହାନଦୀର ନାମ "ଚିତ୍ରୋତ୍ପଳା" ଥିବାର ପ୍ରାଚୀନମାନଙ୍କ ମୁଖରୁ ଓ ପୁରାଣ ବାକ୍ୟରୁ ସ୍ପଷ୍ଟ ପ୍ରତୀତିହୁଏ ଏବଂ ମହାନଦୀରେ ସ୍ନାନକାଳୀନ ନୈଷ୍ଠିକମାନେ ଏହି ବାକ୍ୟ ବୋଲି ସ୍ନାନ କରନ୍ତି ଯଥା,

"ବିନ୍ଧ୍ୟାପାଦ-ସମୁଦ୍ଭୁତେ ପୂର୍ବସାଗର-ଗାମିନି !
ହର ଚିତ୍ରୋତ୍ପଳେ ପାପଂ ମଜ୍ଜୟାମି ତବାମ୍ଭସି" ।

ଏବଂ କଥିତ ଅଛି ଯେ "କଳୌ ଚିତ୍ରୋତ୍ପଳା ଗଙ୍ଗା"
ଏବଂ ଚ ବ୍ରହ୍ମପୁରାଣସ୍ୟ ପୁରୁଷୋତ୍ତମ ମାହାତ୍ମ୍ୟେ–

"ନଦୀ ତତ୍ର ମହାପୁଣ୍ୟା ବିନ୍ଧ୍ୟପାଦ ବିନିର୍ଗତା ।
ଚିତ୍ରୋତ୍ପଳେତି ବିଖ୍ୟାତା ସର୍ବପାପ-ହରା ଶୁଭା" ।
ଚିତ୍ରୋତ୍ପଳା ମହାନଦୀତି ରଘୁନନ୍ଦନ ବ୍ୟାଖ୍ୟା ।

ରଘୁନନ୍ଦନ ଭଟ୍ଟାଚାର୍ଯ୍ୟ କୃତ ଅଷ୍ଟାବିଂଶତି ତତ୍ତ୍ୱ ନାମ ଧର୍ମଶାସ୍ତ୍ରୀୟ ପୁରୁଷୋତ୍ତମ ତତ୍ତ୍ୱର ପୃ ୬୬ ଷ୍ଠାରେ ଦ୍ରଷ୍ଟବ୍ୟ ।

ଇତ୍ୟାଦି ପ୍ରମାଣରୁ ମହାନଦୀ ଚିତ୍ରୋତ୍ପଳା ଥିବାର ସ୍ପଷ୍ଟ ପ୍ରମାଣିତ ହୁଏ । ତେବେ କଟକ ତଳ ଶାଳିପୁର ହୋଇ ଯେଉଁ ଶାଖା ଯାଇଅଛି, ସେ ଆଜିକାଲି ଚିତ୍ରୋତ୍ପଳା ନାମରେ ଅଭିହିତ ହେଉଅଛି । ଏ ସମ୍ବନ୍ଧେ କହିବାର ଏହି ଯେ ଚିତ୍ରୋତ୍ପଳା ନାମ ସେହି ଶାଖାରେ ଆଜି ପର୍ଯ୍ୟନ୍ତ ବିଦ୍ୟମାନ ହୋଇଅଛି, ସେହି ଶାଖାରୁ ଊର୍ଦ୍ଧ୍ୱକୁ ମହାନଦୀ ଅଭିଧାରେ ବିଖ୍ୟାତ ହୋଇଅଛି ବୋଲିବାକୁ ହେବ । ଚିତ୍ରୋତ୍ପଳା ପଦ୍ୟର ନିମ୍ନରେ କେତେକ ଗୂଢ଼ଥିବା ଅଳଙ୍କାରମାନ ପ୍ରଦର୍ଶିତ କରାହୋଇଅଛି । ତାହା ଅଳଙ୍କାରଶ୍ରଦ୍ଧାଳୁ ଛାତ୍ରମାନେ ଅଳଙ୍କାରର ପ୍ରକାର ସରଳ ଭାବରେ ଜାଣିବେ ତନ୍ନିମିତ୍ତ ପ୍ରଦର୍ଶିତ କରାହୋଇଅଛି ।

– ପ୍ରଣେତା

# ଚିତ୍ରୋତ୍ପଳା ।

ଜଗତ-ଜନକ ଜଳମୟୀ-ଲୋକ- ଅନୁକମ୍ପା-ସ୍ରୋତଶ୍ରେଣୀ (୧)
ଧରଣୀ ଜନନୀ- କୋଳରେ ଲୋଟୁଛି ବିସ୍ତାରି ଲହରୀ-ବେଣୀ ।
ସେହି ଏ ପ୍ରବାହ- ଧାରା ଶତ ଶତ ବିଭାଗେ ଖ୍ୟାତ ବାହିନୀ,
କାହିଁ କେଉଁ ନାମ ବହି ବିହରୁଛି ହୋଇ ଚିତ୍ତ ଆହ୍ଲାଦିନୀ ।
ମଧ୍ୟ ପ୍ରଦେଶର କିୟଦଂଶ ନେଇ ଉତ୍କଳର ବକ୍ଷସ୍ଥଳେ,
ପ୍ରବାହିତ ହେଉ ଅଛି ଚିତ୍ରୋତ୍ପଳା ମହାନଦୀ ନାମ ଛଳେ ।
କୁଟିଳ କୁନ୍ତଳ- ଆଡ଼ମ୍ବର ବେଶେ ଲହରୀ-ମାଳ ରଚଇ,
ଫେନପୁଞ୍ଜ ହାସ- ରସେ ତରଙ୍ଗିଣୀ, ଭ୍ରମରୀ ରଙ୍ଗେ କ୍ରୀଡ଼ଇ । (୨)
ଦାକ୍ଷିଣାତ୍ୟ ନୃତ୍ୟ- ଶିକ୍ଷା-ପାଟବରେ ଉତ୍ପ୍ଲୁତ ଗତି ବିହାରୀ,
ନତାନତ-ଶିଳା- ସଂଘ-ସଂଘଟନ, ଯାହାର ପାଣ୍ଡିତ୍ୟକାରୀ । (୩)
ସୁପୁଷ୍ପିତ ନାନା ବୃକ୍ଷଲତା ଚୟ ତୀରେ ଥିଲେ ଯେତେ ରହି,
ନୃତ୍ୟ ଦେଖି ଅତି- ପ୍ରଫୁଲ୍ଲ ଚିତ୍ତରେ ପୁଷ୍ପାଞ୍ଜଳି ଦେଲେ ତହିଁ ।
ଉଚ୍ଚ ଶୀର୍ଷୋପଳ- ଆଲିଙ୍ଗନେ ଜଳ ଓଢ଼ଣୀ ଶୋଭା ପ୍ରକାଶେ,
ସ୍ଥାନେ ସ୍ଥାନେ ଦେଖି ଦେଲେ ଶତ ଶତ ବଧୂ ପରାଏ ଆଭାସେ ? (୪)
ଚିତ୍ରୋତ୍ପଳା ବକ୍ଷ- ସ୍ଥଳ-ଇନ୍ଦ୍ରନୀଳ- ମଣିରୁଚିର-ଚତ୍ୱର,
ଲାବଣ୍ୟ ନୀଳିମା- ତରଙ୍ଗେ କମ୍ପିତ ହେଉଅଛି ନିରନ୍ତର । (୫)
ସୁନୀଳ ଅମ୍ବର- ସହୋଦର ଗାତ୍ର- ସଙ୍କୁଳ ଉଭୟ ତଟ,
ବୟନ ପାଇଁ କି ? ତାନ କାଢ଼ିଅଛି ତନ୍ତୁବାୟ, ନୀଳପଟ । (୬)
ଅଶିଳା ପ୍ରଦେଶେ କୁଟିଳ ସୁଗତି ବିରଚି ଲେଖିଛି ଚିତ୍ର,
ସରଳ ବକ୍ରିମା- ପ୍ରବାହେ ପୁଳିନ ହୋଇଛି ଅଳକା ମିତ୍ର ।
କପୋଳ ସିନ୍ଦୂର ଶିରୀଟି ସଦୃଶ କାହିଁ ତଟିନୀ ସିକତା,
ନାସା ଗୋରଚନା କଳିଟି ପରାୟେ ଦିଶଇ କାହିଁ ଚିତ୍ରତା ।

---

(୧) ବ୍ୟଙ୍ଗ୍ୟ ରୂପକ । ନଦୀରୂପ ଦୁହିତୃତ୍ୱ ବ୍ୟଙ୍ଗ୍ୟ । (୨) ରୂପକାଳଂକାର । (୩) ନୈପୁଣ୍ୟକାରୀ । (୪) ଉତ୍ପ୍ରେକ୍ଷାଳଙ୍କାରୋପମା । (୫) ରୂପକାନୁପ୍ରାଣିତୋତ୍ପ୍ରେକ୍ଷା । (୬) ଉତ୍ପ୍ରେକ୍ଷା ।

କଳ କଳ ମଞ୍ଜୁ ହୃଦୟ ବିନୋଦି- ଶବ୍ଦ-ପୂର୍ଣ୍ଣ-କର୍ଣ୍ଣପାତ୍ର,
ବିପଞ୍ଚୀ ଷଟ୍‌ପଦ- ଧ୍ୱନି ନିନ୍ଦିବାକୁ ଅଛି ସିନା ଏହି ମାତ୍ର ।
ମନ୍ଦବାତେ ବୀଚି- ମାଳା ବିସ୍ତାରୁଛି କମଳ (୧) ଅବୟବିନୀ,
କୁଞ୍ଚିତ ସୁନୀଳ- ବସନରେ ମଣ୍ଡି ପୁଳିନ-କାନ୍ତି-ଦାୟିନୀ ।
ମୌକ୍ତିକ-ମାଣିକ୍ୟ- ମଣି-ଚୂର୍ଣ୍ଣ-ମଞ୍ଜୁ ବାଲୁକା-ପୂର୍ଣ୍ଣ-ଉଦର,
ଯେତେ ଦୂର ଧାଇଁ ପାରୁଅଛି ଚକ୍ଷୁ ନଛାଡ଼େ ଶୋଭା-ଆଦର ।
ଏକ ଏକ ସ୍ଥାନେ ପୁଳିନ ସମତା ପ୍ରକାଣ୍ଡ ରୂପେ ରହିଛି,
ଜୀବ ସକଳର ମନୋମୟ ଅଶ୍ୱ ଖେଳିବା ସ୍ଥାନ ଦେଇଛି ।
ଶିଶିର କିରଣ- କର ନିକରରେ ଶୀତଳ ବାଲୁକାବଳୀ,
ଭ୍ରମଣଶୀଳର ହୃଦୟ ବିଷାଦ- କନ୍ଦଳ ଦିଅଇ ଦଳି ।
ଜଳୀୟ ଶିଶିର (୨) ସଂସକ୍ତ ଚନ୍ଦ୍ରିକା ମନ୍ଦବାତ ସହଚରୀ, (୩)
ଜଳ ବିନୋଦୀର ହୃଦୟ-କାସାରେ ସୃଜଇ ମୃଦୁ-ଲହରୀ ।
କ୍ରୋଶାଧିକ ଭୂମି ଆଚ୍ଛାଦି ରହିଛି ଜଳସିକ୍ତ କାୟ ଯାର,
କାହିଁ ହ୍ରଦାକାର କାହିଁ ସର୍ପାକାର କାହିଁ ରମ୍ୟ-କଚ୍ଛା(୪)କାର ।
ଉପଳ ମାଳାରେ ଭୂଷିତ ହୋଇଛି କାହିଁ ସୌମ୍ୟ-ଉରସ୍ଥଳ,
ମନେ ହୁଏ କରି କଳଭ କୂଳରେ ହୋଇଛି ଅତି ଗହଳ । (୫)
ଗଣ୍ଡଶୈଳ ଗଣ୍ଡ- ଭେରଣ୍ଡ କି ଆସି ରହିଛି ବକ୍ଷ ଉପରେ,
କୁଞ୍ଜର ନନ୍ଦନ ଗିଳିବା ପାଇଁ କି ? ଜଗିବସିଛି ସାଦରେ । (୬)
ଦ୍ୱିକୋଣ ତ୍ରିକୋଣ ବର୍ତ୍ତୁଳ ବିବିଧ ଉପଳେ ଉଦର ଭରି,
ନାନା ସ୍ଥାନମାନ ଆବୃତ କରିଛି ନାନା ରଙ୍ଗ-ଶିରୀ ହରି ।
ପାଷାଣ ନିକର କାହିଁ ପୀଠରୂପ କାହିଁ ପଲ୍ୟଙ୍କର ପରି,
ଦେଉଳ ପରାଏ କାହିଁ ଦିଶୁଅଛି କାହିଁ ମଣ୍ଡପର ସରି । (୭)
ନିଦାଘ ସନ୍ତାପ- ପ୍ରତପ୍ତ-ହୃଦୟା ଚିତ୍ରୋତ୍ପଳା ମନ୍ଦେ ବହେ,
ଜନ୍ମରୋଗ କ୍ଷୀଣ- ତନୁ-ଜରତୀର କୁଟିଳା ଛବିକି ବହେ ।
ପ୍ରଚଣ୍ଡ ମାର୍ତ୍ତଣ୍ଡ- ମୟୂଖ ସମ୍ପାତ ଜ୍ୱର ଉପତାପେ ଜୀର୍ଣ୍ଣ,
ଶିଳାଧାଡ଼ି ଅସ୍ଥି- ଜାଳରେ ବିଗ୍ରହ ହୋଇଛି ଅତି ସଂକୀର୍ଣ୍ଣ ।
ତରୁବ୍ରଧ୍ନ(୮) ରାଜି ଧମନୀ ଆବଳୀ ଦିଶୁଛି ଶରୀର ଭେଦି, (୯)

---

(୧) ଜଳ । (୨) ଶୀତଳ । (୩) ମନ୍ଦବାତ ସଂସର୍ଗବତୀ । (୪) ଜଳପ୍ରାୟ ଦେଶ ।
(୫) ଉତ୍‌ପ୍ରେକ୍ଷାଳଂ । (୬) ରୂପକୋତ୍‌ପ୍ରେକ୍ଷାଳା । (୭) ମାଳୋପମାଳଂ ।
(୮) ବୃକ୍ଷଚେର । (୯) ରୂପକାଳଂ ।

ଜୀବନ ଟୋକାପ ବହି ଆସିବାରୁ ଜୀବନ ସଂଶୟ ଛେଦି ।
ତରଣୀର ଗତି ସ୍ଥଗିତ ହୋଇଲା ବଢ଼ିଲା ତରଣି ଗତି,
ଜୀବନ ଛାଡ଼ନ୍ତେ ପୁଳିନ-ଆବଳୀ ହୋଇଲା ସୁକାନ୍ତିମତୀ, (୧)
ଚକ୍ରାକାରେ ବାତ୍ୟା ଉଡ଼ାଉଛି ବାଲି ସ୍ତୂପମାନ ସ୍ତମ୍ଭାକାର,
ଆଘାତିତ ସର୍ପ- ପ୍ରାୟେ ଯାଉଅଛି ତଟିନୀର ବାରି-ଧାର ।
ପ୍ରସ୍ତର ମସ୍ତକ- ଉପରେ ଚରଣ ଦେଇ ଚଳଇ ଯେ ଖରେ,
ଆଜି ସେହୁ ଆସି ତା ପାଦତଳକୁ ଧୋଉଅଛି ନିରନ୍ତରେ ।
ଜୀବନ ହରିଲେ ତଟିନୀ ଦେହରୁ ଦିନମଣି ଶୂନ୍ୟେ ଥାଇ,
ଫାଶି ଦେଉଛନ୍ତି ଧୀବରେ ମୀନକୁ ବଡ଼ୀଶ ରଜ୍ଜୁ ପକାଇ । (୨)
ନିଦାଘ-ଶମନୀ- ଆସାର-ଶ୍ରେଣୀରେ ଉତ୍ପ୍ଳାବିତ ସ୍ରୋତସ୍ୱତୀ,
ଭଙ୍ଗ-ଓଘ ନଗ ଆକାରେ ନାଚଇ ଯା ନୃତ୍ୟ ଶିକ୍ଷା ଶାଶ୍ୱତୀ ।
କଲ୍ଲୋଳାବଳୀରେ ଆଲୋଡ଼ିତ ନୀର ଗଭୀର ନାଦରେ ପୂରି,
ଆବର୍ତ୍ତ ଘୂର୍ଣ୍ଣନ ଘୁ ଘୁ ଧ୍ୱନି ଧାରା ଧାଉଁଅଛି ଭୂରି ଭୂରି ।
ବେଗବତୀ ମହା ବେଗଭରେ ଚଳେ ଉଚ୍ଛୁଳି ତୀର କାନନ,
ଭଙ୍ଗୋପରି ଭଙ୍ଗ ତା ପରେ ଉଲ୍ଲୋଳ ଜାଳରେ ବେଲ୍ଲିତ ବନ ।
ମହାନିନାଦରେ ମଥ୍ୟମାନ ଜଳ ଆବର୍ତ୍ତେ ହୁଅଇ ବକ୍ର,
ଆଲୋଡ଼ନେ ତ୍ରସ୍ତ ହେଉଛନ୍ତି ଯହିଁ ମତ୍ସ୍ୟ କୂର୍ମ ନକ୍ର ଚକ୍ର ।
ହୋଇ ଅସ୍ତବ୍ୟସ୍ତ ଅତ୍ୟନ୍ତ ଦୁର୍ବଳ କେତେ କେତେ ଜୀବକୁଳ,
ଭାସମାନ କାଷ୍ଠ କାଷ୍ଠୀପରେ ବସି ଯୋଗରେ ଲଭିଲେ କୂଳ ।
ନୀରଜାଳ ମାଡ଼ି- ପଡ଼ିବାରୁ ଆସି ଲଭିଲା ସୈକତୀ ଛଟା,
ସେକାଳ କାକଳୀ ବୀଚି-ପରିପାଟୀ ଏବେ ହୋଇଛି କୂଳଟା ।(୩)
ଧାବିତ ହେଉଛି ପ୍ରଖରେ ପ୍ରବାହ ଟୀଳ ଶିଳୀଶିର ମାଡ଼ି,
ଧରାଶାୟୀ ହୋଇ ପଡ଼ି ଯାଉଛନ୍ତି ତରୁ ଗୁଳ୍ମ ଧାଡ଼ି ଧାଡ଼ି ।(୪)
ସୁକାନ୍ତିତନୁଜେ !(୫) ଋଷିପୁତ୍ରୀ ହୋଇ କପାଳେ ତୋର କି ଥିଲା,
ପ୍ରତି ଅବ୍ଦ ଘନ- କାଳ ଉଦୟରେ ବୀରସ୍ତ ବିହି ବିହିଲା ।

---

(୧) ବିରୋଧାଭାଷ (ତରଣି ପଦରେ ସୂର୍ଯ୍ୟ, ନୌକା ଅର୍ଥ କଲେ ବିରୋଧର ପରିହାର ହେବ, ତଦ୍ରୂପ ଜୀବନ ପଦରେ ଜଳ, ପ୍ରାଣ । (୨) ଶ୍ଳେଷମୂଳା ଅସଙ୍ଗତ୍ୟଳଂ । (୩) ତଗୌତିରିକ୍ତା । (୪) ଅସଙ୍ଗତି ଅଳଙ୍କାର । (୫) ସୁକାନ୍ତି ଋଷିଙ୍କର ଦୁହିତା ମହାନଦୀ ଥିବାର କିଂବଦନ୍ତୀ ଅଛି ।

ଭାସମାନ ଶବ- ସଂକୁଳ ପ୍ରବାହ- ଆକ୍ରାନ୍ତ ତୋହର ତୀର
ଫେନିଳ ଆବିଳ- କଷାୟିତ ଗାତ୍ର, ଅସ୍ୱାଦୁ ଅପେୟ ନୀର ।
ସପୂୟ ସକୀଟ ବ୍ରଣପୂର୍ଣ୍ଣ-ଗାତ୍ର ଅତି ପୂତି ଯୁକ୍ତ ଶବ,
ତା ପରେ ଆରୋହି ଗୃଧ୍ର କଙ୍କ ବୃନ୍ଦ ଆନନ୍ଦେ କରନ୍ତି ରବ ।
ଚଞ୍ଚୁରେ ଚଞ୍ଚଳେ ଲୋଚି ଲୋଚି କୃମୀ ଝାଡ଼ି ମାଂସ ଖାଉଥାନ୍ତି,
ଅତି ରଭସରେ ପୂୟ ପାନ କରି ଊର୍ଦ୍ଧ୍ୱଚଞ୍ଚୁ କରୁଥାନ୍ତି ।(୧)
ମୃତ୍ତିକା ଚର୍ଚ୍ଚିତ- କରିବର ପ୍ରାୟେ ଭାସୁଛନ୍ତି ଫେନାବଳୀ,
ନୃଶଂସ ଉରଗ ଉଦରେ ପୂରାଇ ଆସୁଛନ୍ତି ଢଳି ଢଳି ।
ଆବର୍ତ୍ତ ଭ୍ରମଣ- ସଫେନ ଭାନୋର୍ମି- ପ୍ରବାହ ଗର୍ବରେ ମାତି,
ଉତ୍ତରଙ୍ଗ ହୋଇ ଉଲଟି ପଡୁଛି ଉଲସି ଉଠଇ ଛାତି ।
ଈଶ୍ୱର ପ୍ରଦତ୍ତ ଅବିଶ୍ରାନ୍ତ ସୁଖ- ସମ୍ଭୋଗେ ହୋଇ ଅବଶ,(୨)
ଲହରୀ ଦୋଳିରେ ବସି ଖେଳୁଅଛି ସୁପ୍ରେମୀ ମାନସ-ହଂସ ।
ଚିତ୍ରୋତ୍ପଳା ଜନ୍ମ ରାୟପୁର ଜିଲା ସାହବା ଗ୍ରାମ ପାଶରୁ,
ମନୋହର ଧାରା ବାହିତ ହେଉଛି ଦିଶୁଅଛି ଅତି ସରୁ ।
ପବିତ୍ର-ହୃଦୟା ପୁଣ୍ୟାଶ୍ରମ ଦେଖି ଚଳୁଥାଇ ଧୀରେ ଧୀରେ,
ରାଜୀବ ନଗର ନିକଟରେ ଯାଇ ମିଳିଲା ସ୍ୱଚ୍ଛ ମତିରେ ।
ରାଜୀବ-ଲୋଚନ ପ୍ରଭୁ ବିରାଜିତ ସୁନ୍ଦର ବୈଷ୍ଣବୀ ଛବି,
ଚରଣ ପଖାଳି କୃତାର୍ଥ କରୁଛି ନଗ ନଗର ଅଟବୀ ।
ଶୌରୀନାରାୟଣ- ବିଷ୍ଣୁ ପ୍ରତିମୂର୍ତ୍ତି ବାମ ତଟେ ପ୍ରତିଷ୍ଠିତ,
ତାହାଙ୍କ ନାମରେ ସୁବିଖ୍ୟାତ ହୋଇ ନଗର ଅତି ଶୋଭିତ ।
ବୈଷ୍ଣବୀ-ପ୍ରତିମା- ଶ୍ରୀଅଙ୍ଗ ଧଉତେ ପବିତ୍ର ପ୍ରବାହ ରାଜି,
ଯାହାର ମାହାତ୍ମ୍ୟ (୩) ଦିନେ ସ୍ନାନଶୀଳ- ପାପ ହୋଇଯାଏ ମାଜି ।
ଗୋଧୂମ ତଣ୍ଡୁଳ ନାବ ନାବ କରି ଚିତ୍ରୋତ୍ପଳା ସେ ନଗରୁ,
ଆଣି ଯୋଗାଉଛି ସହର ମାନଙ୍କୁ ଦୁଃଖ ହରୁଛି ଦେଶରୁ ।
ପ୍ରସାଦ ଲାଳସେ ଶିବନଦୀ ଆସି ମିଳିଅଛି ଏହିଠାରେ,
ନିଜ ତରଙ୍ଗକୁ ମିଳାଉଛି ନେଇ ଅତ୍ୟନ୍ତ ସୁହୃଦାକାରେ ।
ଚନ୍ଦ୍ରପୁରେ ଚନ୍ଦ୍ରା- ସନୀ, ପଦ୍ମପୁରେ- ପଦ୍ମାସନୀ ଦେବୀଙ୍କର,
ଚରଣ-ପଙ୍କଜ- ମଧୁ ନିଃସ୍ୟନ୍ଦରେ ପବିତ୍ର ନଦୀ ଉଦର ।

---

(୧) ବୀଭତ୍ସରସ ସଂକ୍ରମିତ ସ୍ୱଭାବୋକ୍ତ୍ୟଳଂ । (୨) ଅନାୟତ୍ତ (୩) ଶୌରୀନାରାୟଣ ମେଳା ।

ମାତୃସ୍ନେହ ପରି- ପ୍ଲୁତା ଇବନଦୀ ଲହରୀ-କର ପ୍ରସାରି,
ଆଲିଙ୍ଗନ ସୁଖେ ଜନନୀ କୋଳରେ ରହିଲା ନୋହିଲା ବାରି ।
ଜନନୀବତ୍ସଳା- ଇବ ବିନୋଦିନୀ ବଘରା ଗ୍ରାମ ବସତି,
ଉଭୟ ନଦୀର ସ୍ୱାଦୁ ଜଳପାନେ ହୁଅଇ ଆମୋଦବତୀ ।
ଚିତ୍ରୋତ୍ପଳା ଅସ୍ଥି କଙ୍କାଳ ସ୍ୱରୂପେ ରହିଅଛି ହୀରା-କୁଦ,
ବିଷମ ପ୍ରସ୍ତରେ ଘଟିତ ହୋଇଛି ନାବିକଙ୍କ ନାଶି ମୁଦ ।
ପ୍ରପାତ ଉତ୍ପ୍ଲାବ ଭୀଷଣ-କଲ୍ଲୋଳ ଦେଖି ଜାନୁ ଯାଏ ଥରି,
ଛାଗଳ ମନାସି ତରଣୀ ଆଣନ୍ତି ଧୀରେ ଧୀରେ ଧରି ଧରି ।
ଦ୍ୟୁମଣି-ପ୍ରତିମ- ହୀରା ଜାତହୁଏ କୈବର୍ତ୍ତ ବୁଦ୍ଧି କୌଶଳେ,
ସମଲାଇପୁର- ମଣ୍ଡନ-ଭୂପତି- କପୋଳ ଉପରେ ଝଳେ ।
ନିର୍ମଳ ଶୀତଳ ପ୍ରବାହ ସ୍ୱର୍ଦ୍ଧିନୀ ସୁପୂଜିତ ରକ୍ତ କାୟା,
ସମ୍ବଲ ପୁରର ଅଧିଷ୍ଠାତ୍ରୀ ଦେବୀ ସମଲାଇ ମହାମାୟା ।
ଦେବୀ ଅଭିଧାରେ ଖ୍ୟାତ ହୋଇଅଛି ସମ୍ବଲପୁର ସହର,
ଧନୁ ଆକାରରେ ଗବ୍ୟୂତି (୧) ପ୍ରମାଣେ ନଗର ଅତି ସୁନ୍ଦର ।
ସଉଧ ମାଳାରେ ମଣ୍ଡିତ ହୋଇଛି ରୁଚିର-ତୀର-ସରଣୀ,
ମହା ଉତ୍ସବରେ ଧବଳ ତୋରଣେ ହୋଇ ଅଛି କି ବରଣୀ ?(୨)
ନିଜ ରୂପ ଚିତ୍ର ନିତି ଯା ଦେଖୁଛି ନଗର ହ୍ରଦ-ଦର୍ପଣେ,
ସ୍ୱକୀୟ ମୂରତି ଦ୍ୱିଗୁଣିତ କରି ଦେଖାଏ ସୁନ୍ଦରପଣେ ।
ସଉଧାବଳୀରେ ରମଣୀୟକତା ସ୍ତରେ ସ୍ତରେ କରେ ଖେଳା,
ଅର୍ଦ୍ଧାଙ୍ଗ ଭୂଷିତ ହେଲାପରି ଦିଶେ ତଟିନୀର ସବ୍ୟବେଳା ।
ସ୍ଥାନୀୟ ଶାସନ- କରତାଙ୍କ(୩) ଯତ୍ନେ ନଗର-ରଞ୍ଜନୀ-ସଭା,(୪)
ଭିକ୍ଟୋରିଆ ଘାଟ ନାମ ଦେଇଛନ୍ତି ସୋପାନେ କରି ସୁପ୍ରଭା ।
ବୈଦ୍ୟନାଥ ମିଶ୍ର ଆଦି ଧନୀଗଣ କଲେ ଏହାର ସାହାଯ୍ୟ,
ସୁଧାମୟୀ(୫)କୀର୍ତ୍ତି ରଖିବାର ସିନା ଧନାଧିକାରୀର କାର୍ଯ୍ୟ(୬)
ରାଜଘାଟ ରାଜ- ବଂଶିଙ୍କ ଶ୍ରୀଅଙ୍ଗ- ମାଜଣା ପାଇଁ ରଚିତ,
ଚୌହାଣ ତିଳକ- ଭୂପତି ନିକର ଯହିଁରେ ସଦା କ୍ଷାଳିତ ।

---

(୧) କ୍ରୋଶ ପରିମିତ ଭୂମିକୁ ଗବ୍ୟୂତି ବୋଲାଯାଏ । (୨) ପୂଜନୀୟା । J.P. Goodridge (୩) କ୍ରୋଶ । (୪) ମ୍ୟୁନିସିପାଲଟି । (୫) ଚୂର୍ଣ୍ଣମୟୀ । (୬) ଲୋକୋକ୍ତ୍ୟଳଂ ।

ଅଧୁନା ସେ ଘାଟ ଶ୍ମଶାନ ହୋଇଛି ସେ ଜଳ ଏବେ ଗରଳ,(୧)
ଈଶ୍ୱର ଘଟନା କେ ଆନ କରିବ ସାଗର ହେଉଛି ସ୍ଥଳ ।
ସ୍ୱର୍ଣ୍ଣ କଳଶରେ ଶୋଭମାନ ବ୍ରହ୍ମ- ପୂରୀ ମନ୍ଦିର ବିଦିତ,
ଦାରୁ ବ୍ରହ୍ମ ରୂପ ଅରବିନ୍ଦ-ନେତ୍ର ତହିଁ ସଦା ବିରାଜିତ ।
ମନ୍ଦିର ଦୁଆରୁଁ ନଦୀ ଗର୍ଭଯାଏ ଚୂନ ପାବଚ୍ଛ ଗଠିତ,
ଚିତ୍ରୋତ୍ପଳା ନୀର- ତରଙ୍ଗ-କରରେ ପରିଷ୍କୃତ ସୁରଞ୍ଜିତ ।
ଉଷା କାଳେ ସ୍ନାନ- ଶୀଳା ନାରୀ ବୃନ୍ଦେ ତୀର ହୋଇଯାଏ ଘନ,
ଅମଳ ତରଙ୍ଗେ ଦଳି ହେଉଥାଏ ରମଣୀ-ଲାବଣ୍ୟ-ବନ ।
ମୁଗ୍ଧା ମଧ୍ୟା ବୃଦ୍ଧା ପ୍ରଭୃତି ଲଳନା ଶ୍ରେଣୀ ଶ୍ରେଣୀ ମାଳ ମାଳ,
ଘଟାଙ୍କିତ ଶିର- କଟି-ହସ୍ତ ହୋଇ(୨) ଯାଉଛନ୍ତି ବାମା ଜାଳ ।
ଉଦନ୍ୱତୀ-ହ୍ରଦ ଦର୍ପଣେ ଦିଶନ୍ତି ଶତ ଶତ ନାରୀ କୂଳ,
କବି ଭାବୁଥାଇ ଯେଉଁ ଉପମାକୁ ହ୍ରଦ ଭିତରେ ସେ ଠୁଳ ।
ଚନ୍ଦ୍ର ପଦ୍ମକଳୀ ଖଞ୍ଜନ ପାଟଳୀ ପଳାଶ-କୁସୁମ ଦଳ,
ରମଣୀ-ଉପମା, ଉପମେୟ ଶିରୀ ଦିଶୁଥାଇ ଜଳସ୍ଥଳ ।
ଅପଘନ ଲିପ୍ତ ହରିଦ୍ରା-ଧୌତରେ କର୍ବୁରିତ(୩) ନୀରଜାଳ,
ପ୍ଲବନ ମଜ୍ଜନେ ବାରିହୁଏ ନାହିଁ ତରୁଣୀ, ତରଙ୍ଗମାଳ ।
ଜଳେ ଅପଘନ ମଜ୍ଜାଇ ରହନ୍ତି ଦିଶୁଥାଇ ମାତ୍ର ମୁଖ,
ତା ଦେଖି ମଧୁପ ପଙ୍କଜ ଲୋଭରେ ବେଢ଼ନ୍ତି ନୋହି ବିମୁଖ ।
କେଶକୁ ଶୈବାଳ ମନେକରି ମୀନା- ବଳୀ ଧାଆନ୍ତି ସତ୍ୱରେ,
ବରଟା ସହିତ(୪) ମରାଳ ଆସଇ ବାହୁ-ମୃଣାଳ ଧାନରେ ।(୫)
ତଟ ବାଟିକାରୁ ଉପହାର ପୁଷ୍ପ ତରଙ୍ଗ-କରରେ ଧରି,
ତୁରୁମ୍ଭ ସମୀପେ ଅଙ୍ଗନଦୀ ଆସି ଭେଟିଲା ସେବକୀ ପରି ।
ଦକ୍ଷିଣ କୂଳରେ ରହିଅଛି ସ୍ୱର୍ଣ୍ଣ- ପୁର ସୁନ୍ଦର ନଗର,
ନାଦେୟ ପାନୀୟ ବିହାର ଆସ୍ୱାଦେ ପ୍ରମୋଦିତ ସର୍ବ ନର ।
ପୁର ଅନ୍ତେ ସ୍ୱଚ୍ଛ ନୀରା ତେଲନଦୀ ସପତ୍ନୀ ଭାବରେ ମିଶେ,
ରୋଷଭରେ ଦେହ ଫୁଲାଇ ରହିଛି ନଚଳିଲା ପରି ଦିଶେ ।

---

(୧) ଅଶୁଚି ହେତୁ ଗରଳବତ୍ ଅବ୍ୟବହାର୍ଯ୍ୟ ।
(୨) ଜଣେ ଜଣେ ସ୍ତ୍ରୀ ତିନିମାଠିଆ ଲେଖାଏଁ ଜଳ ଆଣନ୍ତି ।
(୩) ହରିଦ୍ରାବର୍ଣ୍ଣ । (୪) ହଂସସ୍ତ୍ରୀ । (୫) ଭ୍ରାନ୍ତିମଦଳଙ୍କ ।

ବଳହୀନ ଦେଖି ଘନକାଳେ ନିଜ ପ୍ରବଳ ବେଗ ଭଙ୍ଗରେ(୧)
ଚିତ୍ରୋତ୍ପଳା ରୁନ୍ଧି ସ୍ୱପତି (୨) ପାଶକୁ ଚଳଇ ଅତି ରଙ୍ଗରେ ।
ନ ବୁଝି କଳୁଷ- ଉଦରୀ (୩) ସରାଗେ ଆଗ ହେଉଥାଇ ଖରେ,
ସତେ କି ପତିଙ୍କି ପାଇ ପ୍ରିୟବତୀ (୪) ହେବ ସପତ୍ନୀ ମଧ୍ୟରେ ।
ଉଦାର-ହୃଦୟା ଚିତ୍ରୋତ୍ପଳା ନିଜ ସପତ୍ନୀ ମାନଙ୍କୁ ଧରି,
ସ୍ୱପତି ଜଳଧି ପାଶକୁ ଯାଉଛି ଦ୍ୱେଷଭାବ ପରିହରି ।
ମହତ ଲୋକର ଏହିପରି ସିନା ମହତ ଅଟେ ବେଭାର,
କ୍ଷୁଦ୍ର ହୋଇ କିଛି କ୍ଷମତା ପାଇଲେ ହିଂସା ବହେ ଭାର ଭାର ।
ତେଲନଦୀ ତୀର ନିବାସୀ ସୁବର୍ଣ୍ଣ- ମେରୁ ଶିବଲିଙ୍ଗ ରୂପ,
ସ୍ୱର୍ଣ୍ଣପୁର ବାସି- ମନୋରଥ ସିଦ୍ଧି କରୁଛନ୍ତି ଅନୁରୂପ ।
ପ୍ରତି ସପ୍ତାହରେ ଭୂପତ ମୁକୁଟ- ମଣି ଆଳତି ଜାଳରେ,
ପାର୍ବତୀ-ପତିଙ୍କ ପାଦ ନୀରାଜନା ହେଉଛି ଯଥାକାଳରେ ।
ସମ୍ବଲ-ପୁରର ଧରାମଣି ମଧୁ- କର ସାଏ ନରପତି,
ତାହାଙ୍କ ଅଂଶରୁ ଖ୍ୟାତ ହୋଇଅଛି ସ୍ୱର୍ଣ୍ଣପୁର ରାଜପଂକ୍ତି ।
ଚିତ୍ରୋତ୍ପଳା କୂଳେ ସୁଖେ ବିହରନ୍ତି ସୁପାନ ସ୍ନାନ ଲାଳସେ,
ଜଳକେଳି, ନାବ- କେଳି କରି ଦିନ ହରନ୍ତି ଅତି ହରଷେ ।
ବାମେ ଶୋଭେ ଅଷ୍ଟ- ମଲ୍ଲିକ ଭୂରେଖା ଦକ୍ଷେ ବୌଦ ଜନପଦ,
ଉଭୟ ତଟକୁ କରିଛି ନଗାଳି ଅଗାଳି ଶୋଭା ଆସ୍ପଦ ।
ବଉଦ ନିକଟ ଉପରେ ଗହନ ଅତିଶୟ ଅସମାନ,
କୀଲାଳ ସରଣୀ ବିଷମ ପ୍ରସ୍ତର- ରାଶିପରେ ବିଦ୍ୟମାନ ।
କାହାର ମସ୍ତକ ଉପରେ କାହାର ସ୍କନ୍ଧତଳେ ପାଦତଳେ,
ପତନ ଉତ୍ପାତ ଝାଙ୍କାର ଧାଙ୍କାର ଛିଙ୍କାର ଘୁଙ୍କାରେ ଚଳେ ।
ଶିଳାଗହ୍ୱରରେ ପଡ଼ି ଭ୍ରମୁଅଛି ଇତସ୍ତତେ ପୟସ୍ୱିନୀ,
ନିରୁଦ୍ଧ ପଦବୀ ହେବାରୁ ପ୍ରଖର- ବେଗା ଭୈରବ ନାଦିନୀ
କାହିଁ ଘୁଘୁ କାହିଁ ଧୁଧୁ କାହିଁ ହୁହୁ କାହିଁ ବାରି-ବାହ ଧ୍ୱାନ,
ବୌଦବାସୀମାନେ ଯେପରି ଭାବନ୍ତି ଶୁଣନ୍ତି ତଦ୍ରୂପ ତାନ ।
ନୀଳାକାଶ ସମ ନୀଳ ତରଙ୍ଗରେ ଘନାଳି ଛଟା ବିସ୍ତାରି,
ସପ୍ତକ୍ରୋଶୀ ଗଣ୍ଡ ସପ୍ତକ୍ରୋଶ ଯାଏ ହୋଇଛି ଅତଳଚାରୀ ।

---

(୧) ମହାନଦୀ ବଢ଼ି ନଥିବାବେଳେ ତେଲନଦୀ ବଢ଼ିଲେ ମହାନଦୀକୁ ରୁଦ୍ଧକରି ପକାଏ । (୨) ସମୁଦ୍ର । (୩) ଆବିଳଗର୍ଭା । (୪) ପତିପ୍ରଶସ୍ତା ।

ଉଭୟ ତଟକୁ    ଆଲିଙ୍ଗନ କରି    ଚଳୁଅଛି ଧୀରେ ଧୀରେ,
ତଟଜୀବୀ ତରୁ    ବିନମ୍ର ମସ୍ତକେ    ବନ୍ଦୁଛନ୍ତି ସବିଧିରେ ।
ତଳାତଳସ୍ପର୍ଶୀ    କୀଲାଳ କୋଳରେ    ଖେଳୁଛନ୍ତି ଝସ ଦଳ,
ଧୀବର ଧୀଷଣା    ଧୂଳି ହେଉଅଛି    ଧରିବାକୁ ନାହିଁ ବଳ । (୧)
ସ୍ଥିରତର ଜଳେ    ହିଣ୍ଡୀର-ପଟଳ (୨)    ଏକତ୍ର ହୋଇଲେ ରୁଣ୍ଡ,
ବଳହୀନ ଯେତେ    ଜଳଚର କୁଳ    ତହିଁ ଲୁଚାଇଲେ ମୁଣ୍ଡ ।
ଏହି ଗଣ୍ଡ ମଧ୍ୟେ    ଠୁଳ ହୋଇଛନ୍ତି    ମୀନାଳୀ ହୋଇ ନିର୍ଭୟ,
ନାବିକ ନିଚୟ    ଭାବନ୍ତି ମନରେ    ଏହି କଳ୍ପଜୀବୀ ଚୟ ।
ପିତୃଭାବେ ନଦୀ(୩)    ମଣିଭଦ୍ରା ଗିରି-    ପାଦ ଧୋଇଲା ସତ୍ୱରେ,
ଦୁହିତା ସଂସର୍ଗେ    ପୁଲକିତ ହେଲା    ତରୁ ପଲ୍ଲବ ବ୍ୟାଜରେ ।
ପ୍ରତିବିମ୍ବ ଛଳେ    ଆଲିଙ୍ଗନ କରେ    ବସ୍ଥଳତା ହୃଦେ ବହି
କଦମ୍ବ କୁସୁମ    ଫୁଟି ଜଣାଉଛି    ଅନୁରାଗ ଚିହ୍ନ ଯହିଁ ।
ଗିରିବର ମହା-    ସୌଭାଗ୍ୟ ସମ୍ଭାରେ    କରୁଅଛି ଅଭ୍ୟର୍ଥନା,
ପଳାଶ-ସ୍ତବକ-    ଦୀପେ କରାଉଛି    ବାତ ହାତେ(୪) ବନ୍ଦାପନା
ପଳାଶ ଥାଳୀରେ    ପୁଷ୍ପଗୁଚ୍ଛ ରଖି    ଦେଉଛି ଶାଖା-ହସ୍ତରେ,
ଲୂତା ସୂତା ଗୁଚ୍ଛା    ପ୍ରସୂନ ମାଳିକା    ଝୁଲାଏ ଉର ଉପରେ ।
ଗାଉଛନ୍ତି ଯହିଁ    ପଞ୍ଚମ ସ୍ୱରରେ    କୋକିଳ ମଧୁପ ଆଳୀ,
ଭୂଧର ଶିଖରେ    ବାଜୁଛି ସୁସ୍ୱରେ    ମୟୂର-ଗଳ-କାହାଳୀ ।
କେକୀ ପୁଚ୍ଛ ଟେକି    ଶିଖରୀ ବକ୍ଷରେ    ନାଚୁଅଛି ଫେରି ଫେରି,
ଗରି କନ୍ଦରାରୁ    ଉଛୁଳି ପଡୁଛି    କୁକ୍କୁଟ-ବଦନ-ଭେରୀ ।
ଉପହାର ପ୍ରାପ୍ତ    ନାନା ଜାତି ଫଳ    ପ୍ରବାହେ ଆସଇ ଭାସି,
ପକ୍ୱ ଜମ୍ବୁଫଳ    ନୟନେ ବାହିନୀ    ଦେଖେ ପିତୃ ଶୋଭା ରାଶି ।
କଣ୍ଟିଲୋ ଗ୍ରାମରେ    ଶ୍ରୀନୀଳ-ମାଧବ    ଦକ୍ଷ ତୀରେ ବିରାଜିତ,
ଖଣ୍ଡପଉନର-    ଧରିତ୍ରୀ ପାଳକ    ଧନ ଗୌରବେ ପୂଜିତ ।
ନଦୀ ଗର୍ଭୋତ୍‌ଥିତ    ଶୀତଳ ସମୀର    ମନ୍ଦେ ମନ୍ଦେ ଯାଉଅଛି,
ଶ୍ରୀଅଙ୍ଗ ତୁଳସୀ    ସୁରଭି ପ୍ରସାଦ    ଘରେ ଘରେ ଦେଉଅଛି ।
ବାମପାର୍ଶ୍ୱେ ଗିରି    ତଳେ ବସିଛନ୍ତି    ବଡ଼ମ୍ବା-ଶ୍ରୀଭଟ୍ଟାରିକା,
ଧନଦ ତଟସ୍ଥ    ତିଗିରିଆ ରାଜ୍ୟେ    ବିଜୟେ ଆଦି ଚର୍ଚ୍ଚିକା ।

---

(୧) ବୃତ୍ୟନୁପ୍ରାସ । (୨) ଫେନ ସମୂହ । (୩) ନଦୀମାତ୍ର ଗିରିଜା, ଅତଏବ ଗିରିରେ ପିତୃତାରୋପ । (୪) ପବନଦ୍ୱାରା ।

ଏହି ତିଗିରିୟା ଚମ୍ପୂ(୧) ପୃଷ୍ଠେ ବସି ଭାରତେ ହେଲା ପ୍ରକାଶ,
ମୃଗ ନାଭିଟିଏ ଧରିବାରୁ ସିନା ଚହଟି ଗଲା ତା ବାସ। (୨)
ସେ ଚମ୍ପୂ ରଚକ ତୋ ଅଙ୍ଗ ବର୍ଣ୍ଣନ- କରିଛନ୍ତି ସ୍ରୋତସ୍ୱତି ! (୩)
ସୁଧା ବାହିନୀର ତରଙ୍ଗ-ଜୟିନୀ ଯାହାଙ୍କର ସରସ୍ୱତୀ।
ନଦୀ ମଧ୍ୟେ, ତଟେ, ଶୈଳେ, ସିଂହନାଥ ରାମନାଥ ବୈଦ୍ୟନାଥ(୪)
ତ୍ରିଭୁଜ କ୍ଷେତ୍ରରେ ବିରାଜି ଅଛନ୍ତି ଅନାଥ ମାନଙ୍କ ନାଥ।
ଯମଦିଗ ତଟ- କ୍ଷୁଦ୍ରଗିରି କୂଟେ ରଣ ଚର୍ଚ୍ଚିକାଙ୍କ ବାସ,
ବାଙ୍କୀ ଦେଶବାସୀ ବଳିଦାନ କରି ସଂକଟ କରନ୍ତି ନାଶ।
ବାମେ ସ୍ୱପ୍ନେଶ୍ୱର ବିଜେ କରିଛନ୍ତି ଅଟାଗଡ଼ ଗିରି ଶିରେ,
ଜଳୀୟ ଶୀକର ନେଇ ସମୀରଣ ଅଭିଷେକ କରେ ଧୀରେ।
ସୁବର୍ଣ୍ଣ ପୁରର ତୀର ଅଧିଦେବ ମାଧବ ତୃତୀୟା ଦେବ,
ସୁବର୍ଣ୍ଣ କେତକୀ(୫) ନାମରେ କେତକୀ- ପ୍ରିୟ ସେହି ମହାଦେବ।
ଡମ ପତ୍ତନର ନଦୀ ଦକ୍ଷ ତୀର ପଟୋଳମା ଗିରି ତଟେ,
ମହା ସମାରୋହେ ଚୈତ୍ର ପୌର୍ଣ୍ଣମାସୀ ଦିନେ ଉତ୍ସବ ପ୍ରକଟେ।
ଦେବୀ ରାମଚଣ୍ଡୀ ଦକ୍ଷତୀର ମଣ୍ଡି (୬) ହୋଇଛନ୍ତି ଦୌବାରିକା,
ଦେଉଛନ୍ତି ଯେଉଁ ଅନୁଗ୍ରହ ଫଳ ହେଉଅଛି ତହିଁ ବିକା।

---

(୧) ପଣ୍ଡିତ ଶ୍ରୀ ଭୁବନେଶ୍ୱର ବଡ଼ପଣ୍ଡାଙ୍କ ଆନନ୍ଦଦାମୋଦର ଚମ୍ପୂ।

(୨) ରୂପକାତିଶୟୋକ୍ତ୍ୟଳଂ (ଉପମେୟ ଚମ୍ପୂକାରୀ କବି, ଉପମାନ—ମୃଗନାଭିରେ ନିଗୀର୍ଣ୍ଣ ହୋଇଅଛି।)

(୩) ତିଗିରିୟା ରାଜା ଚମ୍ପୂପତି ସିଂହଙ୍କ ବଂଶାବଳୀ ଚମ୍ପୂରେ ଯଥା;
ତଦୁତ୍ତରେ କ୍ରୋଶଦଶ ଦ୍ୱୟାନ୍ତେ, ଚିତ୍ରୋତ୍ପଳାଖ୍ୟାଽସ୍ତି ସରିତ୍ପ୍ରଶସ୍ତା
ଯାମ୍ବାବିନୀମାହୁରନେକବିଜ୍ଞା, ଗଙ୍ଗାମିମାଂ ତାଂ ସରିତଂନମାମି।

ଯେୟଂ ଘୋରତର ଶିତ୍କାର ସ୍ୱର ଶ୍ରବଣମାତ୍ର ଥରଥରାୟ-ମାଣ-ତିତୀର୍ଷୁଗଣ-ହୃତ୍କମ୍ପ-ବିଧାନ ପ୍ରୋଦ୍ଧୁରତର ବିବିଧ ମତ୍ସ୍ୟଜାଳ ପୁଚ୍ଛଘାତୋଚ୍ଛଳିତ ଜଳକଣା ପତନମାତ୍ର ପ୍ଲାବିତା ଶେଷଜନନିବହା ପ୍ରସରତି।

(୪) ସିଂହନାଥ ବଡାମ୍ବା ସୀମାରେ, ରାମନାଥ, ବୈଦ୍ୟନାଥ ବାଙ୍କୀର ବୈଦ୍ୟେଶ୍ୱର ଠାରେ। (୫) ସୁବର୍ଣ୍ଣ ପୁରର ମହାଦେବଙ୍କ ନାମ ସୁବର୍ଣ୍ଣ କେତକୀ। ଏ କେତକୀପ୍ରିୟ ବୋଲି ଲୋକମାନେ କେତକୀରେ ପୂଜା କରନ୍ତି। (୬) ଡୋମପଡ଼ା ଇଲାକା ଦେବୀଦ୍ୱାରଠାରେ ସ୍ଥିତ।

ବାଙ୍କୀ ଶେଷ ସୀମା ଅଚଳେ ମହିମା ପ୍ରକାଶି ଅମାଙ୍ଗୀ ନାମ,
ସର୍ବ ଦୁଃଖ ରାଶି ଦେଉଛନ୍ତି ନାଶି ନଦୀ ମଧ୍ୟେ କରି ଧାମ ।
ବାମ ତଟ ଅଷ୍ଟ- ଦୁର୍ଗେ ମହାଦେବ ସର୍ପେଶ୍ୱର * ଦୟାମୟ, (୧)
ଦେଇ ଜ୍ଞାନଞ୍ଜନ ଭକତ-ନୟନ କରୁଛନ୍ତି ସୁଖମୟ । (୨)
ନାରାୟଣୀ ଦେବୀ ରହି ବାମ ଭାଗେ ଆମ୍ର-କାନନ-ବାସିନୀ, (୩)
ସାଧକ ମାନଙ୍କ ସ୍ତୁତିପ୍ରିୟା ହୋଇ ସର୍ବ-ବିପଦ-ନାଶିନୀ ।
ମହାନଦୀ ଜଳ- ଅଭିଷେକ ପ୍ରିୟ ବାମେ ମଞ୍ଚେଶ୍ୱର ଦେବ,(୪)
ନିତ୍ୟ ଅଭିଷେକ- କାରିର କିପାଇଁ ଦୁଃଖ ବିନାଶ ନ ହେବ ।
ନଦୀ ଉଦରରେ ଧବଳ ଈଶ୍ୱର ଗୁହାରି-ଜନ-ପୂଜିତ,
କଳା ବଳଦକୁ ଧଳା କରିବାରୁ ଧବଳ ନାମ ଉଦିତ(୫)
ଦୁଇ ତୀରେ ଯେତେ ଦେବ ଦେବୀମାନେ ରହିଛନ୍ତି ଆମୋଦରେ,
ଚିତ୍ର ଉପ୍‌କାର ପୁଣ୍ୟ ପବିତ୍ରତା ପ୍ରକାଶୁ ଅଛି ଲୋକରେ ।
କଟକ ଛଟକ ଦେଖି ଅଟକିଲା ଦ୍ୱୀପବତୀର ସୁମନ,
କାଠଯୋଡ଼ି ବାହୁ ବିସ୍ତାରି କୁତୁକେ କରିଅଛି ଆଲିଙ୍ଗନ ।
ଭୁଜ ଅନ୍ତରାଳେ ଆଦରେ ଧରିଛି ପ୍ରକୃତି ସାଧୁ ସ୍ୱଭାବ ।
କାହିଁ ବ୍ରାହ୍ମସଭା କାହିଁ ଖ୍ରୀଷ୍ଟସଭା କାହିଁ ହରିଭକ୍ତି ଭାବ ।
ଶ୍ୱେତାଙ୍ଗ-ସଦନ- ଶୁଭ୍ର-ଅଟ୍ଟାଳିକା- ମଣ୍ଡିତ ତୀର-ବିପଣୀ,
ବିଭବ ସଂଭାରେ ନଗର ହୋଇଛି ଅମରାବତୀ-ବରଣୀ । (୬)
କାଠଯୋଡ଼ି ତୀରୁ ବିଡ଼ାନାଶି ଯାଏ ଉପଳରେ ରୋଧସଜ୍ଜା,
ତୋ ଅଙ୍ଗେ କୀରତି ରଖିଯାଇଛନ୍ତି ମର୍କତ କେଶରୀ ରଜା ।
ତୋ ତୀର ବିହାରି- ରାୟ କବିବର ଚିନ୍ତାଶୀଳ ଅବିରତେ,
"ମହାନଦୀ ନାମ ରହିଲା ଗୁପତେ"(୭) ବୋଲି ଭାବୁଥାନ୍ତି ତୋତେ ।

---

* ଆଠଗଡ଼ ସାପୁଆ ନଦୀ ମୁହାଣରେ ସ୍ଥିତ । (୧) ଦୟାପ୍ରଚୁର । (୨) ସୁଖସ୍ୱରୂପ । (୩) ଆଠଗଡ଼ କିଲ୍ଲାର ଏକ ଆମ୍ର ବଗିଚାରେ ସ୍ଥିତ । (୪) ଆଠଗଡ ସୀମାସ୍ଥିତ । (୫) ଜଣେ ଗୋଟିଏ କଳା ବଳଦ ଚୋରିକରି ନେଉଥିଲା, ତାକୁ ଲୋକେ ଧରିବାକୁ ଆସିବାରୁ ସେ ବିପଦାପନ୍ନ ହୋଇ ଧବଳେଶ୍ୱରଙ୍କୁ ଜଣାଇବାରୁ ତହୁଁ ସେହି ବଳଦ ଧଳା ହୋଇଗଲା । କିମ୍ବଦନ୍ତୀ । (୬) ଆମନ୍ତ୍ରିତ । (୭) ରାଧାନାଥବାବୁ "ଚିଲିକା" ନାମକ କାବ୍ୟର ୩୮ ପୃଷ୍ଠାରେ କହିଅଛନ୍ତି ।

ତୋ ଦେହରୁ ଶୈତ୍ୟ ନେଇ ଗନ୍ଧବାହ ତୀରବାସିଙ୍କୁ ଦେଇଛି,
ତାହାଙ୍କ ସନ୍ତାପ ନେଇ ଅବ୍‌ଧି ଗର୍ଭେ ବାଡ଼ବଛଳେ ଥୋଇଛି ।(୧)
ସିନ୍ଧିକରି ଜଳ ଚୋରାଇ ବଣିକେ ବିକନ୍ତି ପ୍ରଜା ବର୍ଗରେ, (୨)
ବନ୍ଧା ହୋଇ ପଡ଼ିଅଛି ଚିଲ୍କା ପୂଲା ଯୋବରା ଘାଟ ମଧ୍ୟରେ ।(୩)
କଟକୁଁ ବାହାରି ବହୁଶାଖା ହୋଇ ଚଳଇ ଉଲ୍ଲାସଭରେ,
ଶାଳିପୁର ଯାଇ ଭଗବତୀ ପାଦେ ଖଟଇ ଭକ୍ତି ବେଗରେ ।
ସରିପୂତି ନାଦ ଶ୍ରବଣେ ପଡ଼ନ୍ତେ ଗତି ହୋଇଲା ସ୍ଖଳିତ,
ଅବସର ପାଇଁ ବାଟ ଦେଖୁଅଛି ମାନସ କରି ଚକିତ ।
ମହାଗିରିରାଜ୍ ସଦୃଶ ଅସଂଖ୍ୟ- କଲ୍ଲୋଳ ବାହୁ ପ୍ରସାରି,
କୂଆର ଛଳରେ ପାଛୋଟି ଆସଇ ସେ ପାଶ୍ଚାତ୍ୟ ସଭ୍ୟଚାରୀ । (୪)
ତରଙ୍ଗେ ତରଙ୍ଗ ସ୍ୱଭଙ୍ଗରେ ଭଙ୍ଗ ଉର୍ମ୍ମି ଉର୍ମ୍ମି ମିଶାମିଶି (୫)
ଉଭୟ ମିଳନ ଈଶ୍ୱର କୀରତି ରହିଅଛି ଦିବା ନିଶି ।

(ସମାପ୍ତ)

---

(୧) ଅପହ୍ନୁତିଗର୍ଭକ ପରିବୃତ୍ତିଅଳଙ୍କାର ସଂକୀର୍ଣ୍ଣ ପ୍ରତୀୟ ମାନୋତ୍‌ପ୍ରେକ୍ଷାଳଙ୍କ

(୨) କେନାଲଦ୍ୱାରା ଜଳାନୟନ ।

(୩) ଅସଙ୍ଗତ୍ୟଳଙ୍କ । (ଚୋର ବନ୍ଧାନହୋଇ ଅନ୍ୟ ବନ୍ଧା ହେଲା ।)

(୪) ଇଂଲଣ୍ଡୀୟ ସଭ୍ୟସଂସର୍ଗୀ ହେତୁରୁ ସ୍ତ୍ରୀ ସମ୍ଭାବନା କର୍ତ୍ତୃତ୍ୱ । (୫) ତରଙ୍ଗାଦିମାନଙ୍କର ଅର୍ଥବୈଶିଷ୍ଟ୍ୟରେ ନ୍ୟୂନାଧିକତା ହେତୁରୁ ଭେଦ ନିର୍ଦ୍ଦେଶ କରାହୋଇଅଛି ।

# ଚିତ୍ରୋତ୍ପଳାର ସମାଲୋଚନା

ଲାଲା ରାମନାରାୟଣ ରାୟ
ତା-୧୩-୧୦-୧୮୯୨,କଟକ।

ପ୍ରାୟ ତିନି ଶତାବ୍ଦୀ ପରେ ଆଜି ଆମ୍ଭେମାନେ ଅକସ୍ମାତ୍ ଜାତୀୟ ସାହିତ୍ୟୋଦ୍ୟାନର ଦ୍ବିତୀୟ ରାଜକବିଙ୍କର ସୁମଧୁର ବୀଣା ଝଂକାର ଶ୍ରବଣ କରି ବିମୋହିତ ହୋଇଅଛୁଁ। ଯେଉଁ ଦେଶର ରାଜନ୍ୟମଣ୍ଡଳୀ ବିଳାସିତାର ସୁକୋମଳ ଅଙ୍କରେ ପରିବର୍ଦ୍ଧିତ, ରୂପ ଲାବଣ୍ୟ ସମ୍ପନ୍ନା କିଶୋର ବୟସ୍କା ମଦାଳସୀମାନଙ୍କର ଅଧରାମୃତ ପାନ ଯେଉଁମାନଙ୍କର ନିତ୍ୟବ୍ରତ କମ୍ବୁକଣ୍ଠୋଦ୍ଭୂତ ବୀଣା ଝଙ୍କାର ତୁଲ୍ୟ ସୁମଧୁର ପଦାବଳୀ ଯେଉଁମାନଙ୍କର ଶ୍ରବଣୀୟ ମର୍ତ୍ତ୍ୟସ୍ବରାଙ୍କ ଦୋଳାୟମାନ ବିଶାଳ ନିତମ୍ବଦ୍ବୟ, ଈଷତ୍ ଦର୍ଶିତ ପୀନ ପୟୋଧର, ମୃଣାଳ ନିନ୍ଦିତ ଭୁଜ ଯୁଗଳ, ଚଂପକକଳିକା କରାଙ୍ଗୁଳି, ହାବଭାବଯୁକ୍ତ ନର୍ତ୍ତନା ଯେଉଁମାନଙ୍କର ଦର୍ଶନୀୟ, ବିଚିତ୍ର ହାର କେୟୂର କୁଣ୍ଡଳାଦି ଯେଉଁମାନଙ୍କର ଗାତ୍ରାଭରଣ, ଜଗଦ୍‌ବନ୍ଧ୍ୟା ବୀଣାପାଣିଙ୍କ ସହ ଯେଉଁମାନଙ୍କର ଚିରଶତ୍ରୁତା ସନନ୍ଦାଦିରେ ହରେକୃଷ୍ଣ, ରାଧାକୃଷ୍ଣ ପ୍ରଭୃତି ନାମସ୍ବାକ୍ଷର କରିବା ଯେଉଁମାନଙ୍କ ବିଦ୍‌ବତ୍ତାର ଚୂଡ଼ାନ୍ତ ନିଦର୍ଶନ, ଆଳସ୍ୟ ଯେଉଁମାନଙ୍କର ଚିରସଙ୍ଗୀ, ନିରକ୍ଷର ଚାଟୁକାର ବର୍ଗ ଯେଉଁମାନଙ୍କର ମନ୍ତ୍ରଣାଦାତା ସେହି ମହାଶ୍ମଶାନତୁଲ୍ୟ ଜାଙ୍ଗଲ ଉତ୍କଳ ଭୂମିରେ ଏକପ୍ରାନ୍ତରେ ଜ୍ଞାନରୂପ ଅପାର୍ଥିବ ଭୂଷଣାଳଙ୍କୃତି, କାବ୍ୟରୂପ ପାରିଜାତମାଳା ପ୍ରଲମ୍ବିତ ରାଜର୍ଷିଙ୍କୁ ମହାଦେବୀ ବୀଣାପାଣିଙ୍କର ଚରଣକମଳରେ ଚିତ୍ରୋତ୍ପଳା ତୁଲ୍ୟ ପୁଷ୍ପାଞ୍ଜଳୀ ପ୍ରଦାନ କରିବାର ଅବଲୋକନ କରି କିଏ କହିବ ନାହିଁ ଯେ ଆଜି ଓଡିଶାର ଏକ ଶୁଭଯୋଗ ଓ ଶୁଭମୁହୂର୍ତ୍ତର ଆବିର୍ଭାବ ହୋଇଅଛି। x x x

ଆଜି ଏହି ଓଡ଼ିଶା ଅଜ୍ଞାନାନ୍ଧକାରରେ ଅବସ୍ଥିତ। ଯେଉଁମାନେ କୃତବିଦ୍ୟ ବୋଲି ଅଭିହିତ ହେଉଅଛନ୍ତି ସେମାନେ ଜାତୀୟ ସଙ୍ଗୀତରେ ସଂପୂର୍ଣ୍ଣ ଅନାସ୍ଥା ପ୍ରଦର୍ଶନ ପୂର୍ବକ ବିଜାତୀୟ ବିଧର୍ମୀମାନଙ୍କର ସଙ୍ଗୀତ ସୁଧା ପାନକରି କୃତାର୍ଥମନ୍ୟ ହେଉଅଛନ୍ତି ଏବଂ ସ୍ବୀୟ ସ୍ବୀୟ୍ ପ୍ରାଣମାନଙ୍କୁ ବୈଦେଶିକ ବାଗ୍ଦେବୀଙ୍କ ଚରଣ ସରୋଜରେ ଉତ୍ସର୍ଗ କରି କାଳହରଣ କରୁଅଛନ୍ତି। ଜାତୀୟ ସଙ୍ଗୀତ ଯେ ସେମାନଙ୍କ କର୍ଣ୍ଣରେ ବିଷଧାର ବର୍ଷଣ କରୁଥିବ ସେଥିରେ ଆଉ ବିଚିତ୍ର କି ଅଛି ? ଆଜି ଇଂଲଣ୍ଡପରି ସଭ୍ୟତମ ଦେଶମାନଙ୍କରେ ଯଦ୍ୟପି ଏହିପରି କୌଣସି ରାଜକବି

ଜାତୀୟ ସଙ୍ଗୀତରେ ସ୍ୱର୍ଗାଦପୀ-ଗରୀୟସୀ ମାତୃଭୂମିର ଚରଣ ବନ୍ଦନାରେ ପ୍ରବୃତ୍ତ ହୋଇଥାନ୍ତେ ତାହାହେଲେ ଶତସହସ୍ର କଣ୍ଠରୁ ଯେ ତାଙ୍କର ଯଶୋଗୀତି ଉଦ୍ଘୋଷିତ ହୋଇ ଗଗନମାର୍ଗକୁ ସ୍ପର୍ଶ କରୁଥାନ୍ତା ତାହା କହିବା ବାହୁଲ୍ୟ ମାତ୍ର । x x x

ଚିତ୍ରୋତ୍ପଳା ବର୍ଣ୍ଣନାତ୍ମକ କାବ୍ୟ– ସୁତରାଂ ଖଣ୍ଡକାବ୍ୟ ବୋଇଲେ ଅତ୍ୟୁକ୍ତି ହେବନାହିଁ । ଏହି କାବ୍ୟର ଆଲମ୍ବନ ବିଭାବ ଚିତ୍ରୋତ୍ପଳା ନଦୀ । x x x

ଆମ୍ଭେମାନେ ରାମାୟଣରେ ଗଙ୍ଗାଦେବୀଙ୍କ ମର୍ତ୍ତ୍ୟାବତରଣ ସମ୍ବନ୍ଧରେ କବି କୌଶଳର ମନୋହାରିତ୍ୱ ସନ୍ଦର୍ଶନ କରି ଚମତ୍କୃତ ହୋଇଥାଉଁ । ମେଘଦୂତରେ ମଧ ମେଘର ବର୍ଣ୍ଣନା ଛଳରେ ମହାକବି କାଳିଦାସଙ୍କ ଲେଖନୀର ନାନାବିଧସୁନ୍ଦର ବର୍ଣ୍ଣନା ବିବୃତ ହୋଇଅଛି । ଚିତ୍ରୋତ୍ପଳା ସେହିପରି ରଚନାର ସ୍ମାରକ କହିଲେ ଅତ୍ୟୁକ୍ତି ହେବନାହିଁ । ବିଶେଷତଃ ନିମ୍ନୋକ୍ତ କେତେକ ପଂକ୍ତି ଆମ୍ଭମାନଙ୍କ ଉକ୍ତିର ସଂପୂର୍ଣ୍ଣ ସମର୍ଥକ ବୋଲି ଗୃହୀତ ହୋଇପାରେ । ପ୍ରାଚୀନ କବିମାନେ ଗଙ୍ଗାଦେବୀଙ୍କୁ ହରିପଦ ନିଃସୃତା ବୋଲି ବର୍ଣ୍ଣନା କରିଅଛନ୍ତି ମାତ୍ର ଆମ୍ଭମାନଙ୍କ ଆଲୋଚ୍ୟମାନ କବି ଆଧୁନିକ ରୁଚିରେ ଚିତ୍ରୋତ୍ପଳାକୁ ଈଶ୍ୱରଙ୍କ କୃପାନିଃସୃତ ବୋଲି କହି ଅଛନ୍ତି ଯଥା :

ଜଗତ-ଜନକ ଜଳମୟୀ-ଲୋକ ଅନୁକଂପା-ସ୍ରୋତ ଶ୍ରେଣୀ
ଧରଣୀ ଜନନୀ- କୋଳରେ ଲୋଟୁଛି ବିସ୍ତାରି ଲହରୀ-ବେଣୀ ।
ସେହି ଏ ପ୍ରବାହ- ଧାରା ଶତଶତ ବିଭାଗେ ଖ୍ୟାତ ବାହିନୀ
କାହିଁ କେଉଁ ନାମ ବହି ବିହରୁଛି ହୋଇ ଚିତ୍ତ ଆହ୍ଲାଦିନୀ ।
ମଧ୍ୟ ପ୍ରଦେଶର କିୟଦଂଶ ନେଇ ଉତ୍କଳର ବକ୍ଷସ୍ଥଳେ
ପ୍ରବାହିତ ହେଉ ଅଛି ଚିତ୍ରୋତ୍ପଳା ମହାନଦୀ ନାମଛଳେ ।
x x x x x x x x x

ସ୍ୱଭାବ ଚିତ୍ରଣରେ କବି କିପରି ପାରଦର୍ଶିତା ଲାଭ କରିଅଛନ୍ତି ତାହା ପ୍ରଦର୍ଶନ କରିବାଲାଗି ଆମ୍ଭେମାନେ ୨/୪ ପଂକ୍ତି ଉଦ୍ଧୃତ କରିଦେଲୁଁ ଯଥା :—

"କ୍ରୋଶାଧିକ ଭୂମି ଆଚ୍ଛାଦି ରହିଛି ଜଳସିକ୍ତ କାୟଯାର
କାହିଁ ହ୍ରଦାକାର କାହିଁ ସର୍ପାକାର କାହିଁ ରମ୍ୟ କଚ୍ଛାକାର ।
ଉପଳ ମାଳାରେ ଭୂଷିତ ହୋଇଛି କାହିଁ ସୌମ୍ୟ-ଉରସ୍ଥଳ
ମନେହୁଏ କରି କଳଭ କୂଳରେ ହୋଇଛି ଅତି ଗହଳ ।
ଗଣ୍ଡଶୈଳ ଗଣ୍ଡ- ଭେରଣ୍ଡ କି ଆସି ରହିଛି ବକ୍ଷ ଉପରେ
କୁଞ୍ଜର ନନ୍ଦନ ଗିଳିବା ପାଇଁ କି ? ଜଗି ବସିଛି ସାଦରେ ।
ଦ୍ୱିକୋଣ ତ୍ରିକୋଣ ବର୍ତ୍ତୁଳ ବିବିଧ ଉପଳେ ଉଦର ଭରି

ନାନା ସ୍ଥାନମାନ ଆବୃତ୍ତ କରିଛି ନାନା-ରଙ୍ଗ-ଶିରୀ ହରି ।
ପାଷାଣ ନିକର କାହିଁ ପୀଠରୂପ କାହିଁ ପଲ୍ୟଙ୍କର ପରି,
ଦେଉଳ ପରାଏ କାହିଁ ଦିଶୁଅଛି କାହିଁ ମଣ୍ଡପର ସରି ।''

ଚିତ୍ରୋତ୍ପଳା ଉତ୍କଳ ସାହିତ୍ୟ ଭଣ୍ଡାରର ଗୋଟିଏ ଉଜ୍ଜ୍ୱଳତମ ରତ୍ନ ରୂପେ ସୃଷ୍ଟି ହୋଇଅଛି । ତହିଁର ଉପାଦେୟତା ଓ ସ୍ଥାୟିତ୍ୱ ସମ୍ବନ୍ଧରେ ବୋଧହୁଏ କୌଣସି କାବ୍ୟବିନୋଦ-ସୁଧି-ବ୍ୟକ୍ତି ଆମ୍ଭମାନଙ୍କ ସହିତ ଭିନ୍ନମତ ହେବେ ନାହିଁ । ଏପରି ଉତ୍କୃଷ୍ଟ କାବ୍ୟର ସମାଲୋଚନା ନହୋଇ ତାହା ଅରଣ୍ୟ ମାଳତୀବତ୍ ଅଦୃଷ୍ଟ ଓ ଅଜ୍ଞାତ ଭାବରେ ଲୋକଲୋଚନର ଅନ୍ତରାଳରେ ଅବସ୍ଥିତି କରିବ ଏହା କଦାପି ଯୁକ୍ତି ସଙ୍ଗତ ନୁହେଁ । ସମାଲୋଚନା ଯୋଗ୍ୟ କାବ୍ୟକୁ ସମାଲୋଚନା ନକଲେ ବରଂ ତାହାର ଅବମାନନା କରାହୁଏ । ସମାଲୋଚନା ହିଁ କାବ୍ୟାଦିର କଷ୍ଟି ପଥର ତୁଲ୍ୟ, ସୁବର୍ଣ୍ଣକୁ କଷ୍ଟି ପ୍ରସ୍ତରରେ ପରୀକ୍ଷାକଲେ ଯେପରି ତାହାର ଦୋଷଗୁଣ ଜଣାଯାଏ ସେହିପରି ସମାଲୋଚନା ତୁଲ୍ୟ କଷ୍ଟି ପ୍ରସ୍ତରରେ କାବ୍ୟାଦିର ଦୋଷାଦୋଷ ସହଜରେ ଉପଲବ୍ଧ ହୁଏ । ଆମ୍ଭେମାନେ ଚିତ୍ରୋତ୍ପଳା ପାଠ କରୁଁ କରୁଁ ଅଧିକାଂଶ ସ୍ଥଳରେ ତାହାର ରଚନା ଚାତୁର୍ଯ୍ୟ ଓ ଭାବ ମାଧୁର୍ଯ୍ୟ ସନ୍ଦର୍ଶନ କରି ବିସ୍ମିତ ଓ ଚମତ୍କୃତ ହୋଇଅଛୁଁ । ବର୍ଣ୍ଣନା ସ୍ଥଳରେ ସ୍ୱଭାବ ଚିତ୍ରଟି ଯେପରି ରୀତିରେ ଅଙ୍କିତ ହୋଇଅଛି ତାହା ଅତି ସୁନ୍ଦର ଓ ସ୍ୱାଭାବିକ । ତାହାର ଅଧିକାଂଶ ସ୍ଥଳ କବିଙ୍କର ଉଚ୍ଚ ଚିନ୍ତାଶୀଳତା, ସାରଗ୍ରାହିତା ଓ କଳ୍ପନାବିଳାସର ସାକ୍ଷ୍ୟପ୍ରଦାନ କରୁଅଛି । କବିବର ବାବୁ ରାଧାନାଥ ରାୟଙ୍କ ବୈଚିତ୍ର୍ୟମୟୀ ଲେଖନୀ ପ୍ରସୂତ ସ୍ୱଭାବଚିତ୍ର ବ୍ୟତୀତ ଅପର କୌଣସି ଓଡ଼ିଆ କାବ୍ୟରେ ଏପରି ମନୋହର ଚିତ୍ର ଅବଲୋକନ କରିନାହିଁ । ଅବଶ୍ୟ ଏହା କହୁନାହୁଁ ଯେ କାବ୍ୟଟି ଏକାବେଳକେ ନିର୍ଦ୍ଦୋଷ ଭାବରେ ରଚିତ ହୋଇଅଛି । ମାତ୍ର ତହିଁରେ ଯେଉଁସବୁ ଦୋଷ ଅଛି ଗୁଣଭାଗ ତୁଳନାରେ ତାହା ଅକିଞ୍ଚିତକର ବୋଲି ପ୍ରତୀୟମାନ ହେବ ।

ମାତ୍ର ଯେଉଁମାନେ ଉପଳମାଳିନୀ ପାର୍ବତୀୟ ନଦୀବୃନ୍ଦର ଏତାଦୃଶୀ ମନୋହାରିଣୀ ଶୋଭାବଲୋକନ କରିଅଛନ୍ତି ସେମାନେ ଏହି ରଚନାର ମନୋହାରିତ୍ୟ ସହଜରେ ହୃଦୟଙ୍ଗମ କରିପାରିବେ । ଭଞ୍ଜୀୟ କବିତା ରସାସ୍ୱାଦିମାନଙ୍କୁ ପଚାରୁଅଛୁଁ ସେମାନେ ସମଗ୍ର ଭଞ୍ଜୀୟ କାବ୍ୟମାନଙ୍କରୁ ଏପରି ଗୋଟିଏ ନଦୀଚିତ୍ର ଦେଖାଇ ପାରିବେ କି ? x x x

ସେ ଯାହା ହେଉ କବି ଯେ ନଦୀର ଭୀଷଣତା ବର୍ଣ୍ଣନା କରି ନିଶ୍ଚିନ୍ତ ଅଛନ୍ତି ତାହା ନୁହେଁ । ପ୍ରସଙ୍ଗକ୍ରମେ ଆଦିରସର ମଧ୍ୟ ସାର୍ଥକତା ସଂପାଦନ କରି ଅଛନ୍ତି ।

ନିମ୍ନୋକ୍ତ ପଂକ୍ତି ମାନଙ୍କରେ ଆଦିରସ ସମ୍ବନ୍ଧରେ କିପରି ବିଶୁଦ୍ଧ ରୁଚିର ପରିଚୟ ଦେଇଅଛନ୍ତି ଏବଂ ତାହା କେତେ ସ୍ୱଭାବ ସଙ୍ଗତ ହୋଇଅଛି ତାହା ପ୍ରଦର୍ଶନ କରିବା ଲାଗି କେତେକ ପଂକ୍ତି ଉଦ୍ଧୃତ କଲୁଁ ।

ଉଷାକାଳେ ସ୍ନାନ– ଶୀଳା ନାରୀବୃନ୍ଦେ ତୀର ହୋଇଯାଏ ଘନ,
ଅମଳ ତରଙ୍ଗେ ଦଳି ହେଉଥାଏ ରମଣୀ ଲାବଣ୍ୟବନ ।
ମୁଗ୍ଧା ମଧ୍ୟା ବୃଦ୍ଧା ପ୍ରଭୃତି ଲଳନା ଶ୍ରେଣୀ ଶ୍ରେଣୀ ମାଳମାଳ
ଘଟାଙ୍କିତ ଶିର– କଟି-ହସ୍ତ ହୋଇ ଯାଉଛନ୍ତି ବାମାଜାଳ ।
ଉଦନ୍ୱତୀ-ହ୍ରଦ ଦର୍ପଣେ ଦିଶନ୍ତି ଶତଶତ ନାରୀକୁଳ
କବି ଭାବୁଥାଇ ଯେଉଁ ଉପମାକୁ ହ୍ରଦ ଭିତରେ ସେ ଠୁଳ ।
ଚନ୍ଦ୍ର ପଦ୍ମକଳୀ ଖଞ୍ଜନ ପାଟଳୀ ପଳାଶ-କୁସୁମ ଦଳ
ରମଣୀ-ଉପମା ଉପମେୟ ଶିରୀ ଦିଶୁଥାଇ ଜଳସ୍ଥଳ ।
ଅପଘନ ଲିପ୍ତ ହରିଦ୍ରା ଧୌତରେ କର୍ବୁରିତ ନୀରଜାଳ
ପ୍ଳବନ ମଜ୍ଜନେ ବାରିହୁଏ ନାହିଁ ତରୁଣୀ, ତରଙ୍ଗମାଳ ।
ଜଳେ ଅପଘନ ମଜ୍ଜାଇ ରହନ୍ତି ଦିଶୁଥାଇ ମାତ୍ର ମୁଖ
ତା ଦେଖି ମଧୁପ ପଙ୍କଜ ଲୋଭରେ ବେଢ଼ନ୍ତି ନୋହି ବିମୁଖ ।
କେଶକୁ ଶୈବାଳ ମନେକରି ମୀନା- ବଳୀ ଧାଆନ୍ତି ସତ୍ୱରେ
ବରଟା ସହିତ ମରାଳ ଆସଇ ବାହୁ ମୃଣାଳ ଧ୍ୟାନରେ ।

ଏପରି ବିଶୁଦ୍ଧ ରୀତିରେ ଆଦିରସ ବର୍ଣ୍ଣିତ ହୋଇଅଛି ଯେ କେହି ଏଥିରେ ଲେଶମାତ୍ର ଦୋଷ ଦେଖାଇ ପାରିବେ ନାହିଁ । ଯେଉଁମାନେ ଆମ୍ଭମାନଙ୍କୁ (ମନରେ ଯାହାଥାଉ ମୁଖରେ ଆଦିରସ ଇତ୍ୟାଦି ବୋଲି) ବିଦ୍ରୁପ କରନ୍ତି ସେମାନେ ଏହି ରାଜକବିଙ୍କ ଲେଖନୀ ନିଃସୃତ ଉକ୍ତ ପଦାବଳୀକୁ ମନୋନିବେଶ କରି ପାଠ କରନ୍ତୁ, ଉତ୍କଳ ପ୍ରଭାରେ କବି ଉପେନ୍ଦ୍ର ଭଞ୍ଜ ଶୀର୍ଷକ ପ୍ରବନ୍ଧରେ ଆମ୍ଭମାନଙ୍କ ଲିଖିତ ଆଦିରସ ସହିତ ଏହି ରାଜକବିଙ୍କ ରଚିତ ଆଦିରସର କେତେ ପାର୍ଥକ୍ୟ ଲକ୍ଷିତ ହେବ ଏହା ଦେଖୁଁ ଦେଖୁଁ ସେମାନେ ଅନ୍ଧ ହୋଇ ରହିବେ ତେବେ ସେ କାହାର ଚାରା ?

x x x x x x x

॥—ଦୋଷ—॥

"ନତାନତ—ଶିଳା—ସଂଘ—ସଂଘଟନ, ଯାହାର ପାଣ୍ଡିତ୍ୟକାରୀ"
ପ୍ରସାଦ ଗୁଣର ଖର୍ବତା ପ୍ରକାଶ ପାଇଛି ।

x x x x x x x

"ସ୍ଥାନେ ସ୍ଥାନେ ଦେଖିଦେଲେ" ଦେଖିଦେଲେ ଅପେକ୍ଷା ଚାହିଁ ଦେଲେ ସମ୍ଭବତଃ ଭଲ ହୁଅନ୍ତା x x x

ବୟନ ପାଇଁ କି ? ତାନ କାଢ଼ିଅଛି ତନ୍ତୁବାୟ, ନୀଳପଟ"

—ଏଠାରେ କର୍ତ୍ତା ସ୍ଥାନୀୟ କିଏ ଜଣାଗଲା ନାହିଁ । ଏଠାରେ ତନ୍ତୁବାୟ ସ୍ଥାନୀୟ କିଏ ।

"ଅଶିଳା ପ୍ରଦେଶେ କୁଟିଳ ସୁଗତି ବିରଚି ଲେଖିଛି ଚିତ୍ର" —ଲେଖିଛି କ୍ରିୟାର କର୍ତ୍ତା କିଏ ? ଅଶିଳା ପ୍ରଦେଶ ? ଯଦି ତାହା ହୁଏ କିପରି ସେ ଚିତ୍ର ଲେଖିଲା ।

"କଳକଳ ମଞ୍ଜୁ ହୃଦୟ ବିନୋଦି-ଶବ୍ଦପୂର୍ଣ୍ଣ-କର୍ଣ୍ଣପତ୍ର"—କ୍ଲିଷ୍ଟାର୍ଥଯୁକ୍ତ ହୋଇଛି । ପାତ୍ର ଶବ୍ଦ ଅକାରଣ ବ୍ୟବହୃତ ହୋଇଛି ।

"ଏକ ଏକ ସ୍ଥାନେ ପୁଳିନ ସମତା ପ୍ରକାଣ୍ଡ ରୂପେ ରହିଛି" ପ୍ରକାଣ୍ଡ ସ୍ଥାନେ ବିସ୍ତୀର୍ଣ୍ଣ ରୂପେ ଭଲ ହୁଅନ୍ତା । x x x

"ଜଳୀୟ ଶିଶିର" ପରିବର୍ତ୍ତେ ଜଳୀୟ ଶୀକର ଭଲ ହୁଅନ୍ତା ।

"ଜୀବନ ହରିଲେ ତଟିନୀ ଦେହରୁ ଦିନମଣି ଶୂନ୍ୟେ ଥାଇ ।"

ଏହି ସମସ୍ତପଦଟି ନିରର୍ଥକ ଦିଆହୋଇଥିବାର ବୋଧହୁଏ ।

x x x "ଗୋଧୁମ ତଣ୍ଡୁଳ ...... ବହି ବହି" —କାବ୍ୟରେ ବୁଟଚଣା ଇତ୍ୟାଦି ନଦେଇଥିଲେ ଭଲ ହୁଅନ୍ତା*

x x x "ତଦୀୟ ମହାତ୍ମ୍ୟ ..... ବିରାଜ" —ବିରାଜି ବ୍ୟାକରଣ ମତେ ଅସମାପିକା କ୍ରିୟା ମାତ୍ର ଏଠାରେ ସମାପିକା ରୂପେ ବ୍ୟବହୃତ । ଭଞ୍ଜ କବିତାରେ ବହୁଳ ଦୃଷ୍ଟାନ୍ତ ଅଛି ମାତ୍ର ରାଜକବିଙ୍କ ପରି ବ୍ୟାକରଣିକଙ୍କ ପକ୍ଷେ ସ୍ପୃହଣୀୟ ନୁହେଁ **। x x x

"ରମଣୀୟକତା" —ଶବ୍ଦଟି ସୁଶ୍ରାବ୍ୟ ବୋଲି ବୋଧ ହେଲାନାହିଁ ।

---

['ସମ୍ବଲପୁର ହିତୈଷିଣୀ' —(୪/୨୬) ତା-୩୦-୧୧-୧୮୯୨ ]

---

* ଉକ୍ତ ପଦଟି ବୋଧେ ୧ମ ସଂସ୍କରଣ ତଥା ପରବର୍ତ୍ତୀ ସଂସ୍କରଣ ତଥା ଗ୍ରନ୍ଥାବଳୀ (୧୯୫୬)ରେ ସଂଶୋଧନ କରାଯାଇଛି ।

** ଏ ପଂକ୍ତିଟି ମଧ୍ୟ ଦୃଷ୍ଟିଗୋଚର ହୁଏ ନାହିଁ । ଉଲ୍ଲିଖିତ ପଂକ୍ତିଦ୍ୱୟ ସଂବଲପୁର ହିତୈଷିଣୀରେ ପ୍ରକାଶ ପାଇଥିଲା । ପୁସ୍ତକାକାରେ ପ୍ରକାଶ ପାଇଲାବେଳେ ସଂଶୋଧିତ ହୋଇଛି । — ସଂପାଦକ

# ପ୍ରତିବାଦ ସମ୍ବନ୍ଧେ ବକ୍ତବ୍ୟ

**ଲାଲା ରାମନାରାୟଣ ରାୟ**

['ସମ୍ବଲପୁର ହିତୈଷିଣୀ' (୪/୨୬)ରେ ଲାଲା ରାମନାରାୟଣ ରାୟ "ଚିତ୍ରୋତ୍ପଳାର ସମାଲୋଚନା" ପ୍ରକାଶ କରିଥିଲେ । ଶ୍ରୀଯୁକ୍ତ ଜଗନ୍ନାଥ ପଟ୍ଟନାୟକ ଲାଲା ପ୍ରଦର୍ଶିତ ଦୋଷ ସମୂହକୁ ନିରର୍ଥକ ଓ ସୁଡ଼ଳ ଦେବଙ୍କ ବର୍ଣ୍ଣନାକୁ ଯଥାର୍ଥ ବର୍ଣ୍ଣନା କରିଥିଲେ । ଲାଲା ସଂବଲପୁର ହିତୈଷିଣୀ (୪/୩୩) ପୃଷ୍ଠାରେ "ପ୍ରତିବାଦ ସମ୍ବନ୍ଧେ ବକ୍ତବ୍ୟ" ଶୀର୍ଷକରେ ନିଜର ମତର ବଳିଷ୍ଠତା ପ୍ରତିପାଦନ କରନ୍ତି । ଏଠି ଲାଲାଙ୍କ ଉକ୍ତ ଲେଖାର ଅଂଶ ବିଶେଷ ପାଠକଙ୍କ ଅବଗତି ନିମନ୍ତେ ଉଦ୍ଧୃତ କରାଗଲା ।]

ଚିତ୍ରୋତ୍ପଳାର ସମାଲୋଚନା ସମୟରେ ତହିଁର କେତେକ ସ୍ଥଳ ଆମ୍ଭମାନଙ୍କ ହୃଦୟକୁ ଆଘାତ କରିଥିବାରୁ ସେଗୁଡିକ ପ୍ରକାଶ କରି, ତାହା ଯେ ଅତି ସାମାନ୍ୟ ଓ ଅକିଞ୍ଚିତକର ସେକଥା ବ୍ୟକ୍ତ କରିଥିଲୁଁ– ମାତ୍ର ଏତେ ସୁନ୍ଦର କବିତାଟି ସାମାନ୍ୟ ଦୋଷଯୁକ୍ତ ହୋଇ ରହିବ ତାହା ଆମ୍ଭମାନଙ୍କ ମନକୁ ଆସିଲା ନାହିଁ; ସେଥିପାଇଁ ଆମ୍ଭେମାନେ ମହାମାନ୍ୟ ଶ୍ରୀଯୁକ୍ତ ରାଜକବି ମହୋଦୟଙ୍କୁ ପ୍ରକାରାନ୍ତରେ ଅନୁରୋଧ କରିଥିଲୁଁ ଏବଂ ସେଥି ସମ୍ବନ୍ଧରେ ମହାମାନ୍ୟଙ୍କର ଅନୁକୂଳ ମତ ଦେଖି ଆଶ୍ୱସ୍ତ ମଧ୍ୟ ହୋଇଥିଲୁ । ମାତ୍ର ଗତ ୨୮ ସଂଖ୍ୟକ ହିତୈଷିଣୀରେ ବାମଣ୍ଡାସ୍କୁଲ ତତ୍ତ୍ୱାବଧାରକ ଶ୍ରୀଯୁକ୍ତ ବାବୁ ଜଗନ୍ନାଥ ପଟ୍ଟନାୟକ ମହାଶୟ ଆମ୍ଭମାନଙ୍କ ପ୍ରଦର୍ଶିତ ଦୋଷମାନଙ୍କ ମଧ୍ୟରୁ ଅଧିକାଂଶ ଦୋଷ ଖଣ୍ଡନକରି ଗୋଟିଏ ଅନତିଦୀର୍ଘ ପ୍ରତିବାଦ ପ୍ରବନ୍ଧ ପ୍ରକାଶ କରିଥିବାରୁ ଏବଂ ଉକ୍ତ ଦୋଷ ଖଣ୍ଡନସ୍ଥଳମାନଙ୍କର ଦୁଇ ସ୍ଥଳରେ ଆମ୍ଭମାନଙ୍କର ପ୍ରକୃତ ଭ୍ରମଥିବାର ଓ ଅନ୍ୟ ଏକ ସ୍ଥଳରେ ମୁଦ୍ରିତ ଦୋଷରୁ ଭ୍ରମରେ ପତିତ ହୋଇଥିବାର ଅବଗତ ହୋଇ ତାଙ୍କୁ ଶତଶତ ଧନ୍ୟବାଦ ପ୍ରଦାନ କରୁଅଛୁଁ । ମାତ୍ର ନିମ୍ନଲିଖିତ କେତେକ ସ୍ଥଳରେ ଆମ୍ଭମାନଙ୍କ ଭ୍ରମ ଦୂରୀକୃତ ନହୋଇ ଏବଂ ତାହା ସ୍କୁଲ ସମୂହର ତତ୍ତ୍ୱାବଧାରକ ମହାଶୟଙ୍କ ଲେଖନୀ ପ୍ରସୂତ ଥିବାର ଅବଲୋକନ କରି ଅଧିକରେ ଭ୍ରମରେ ପଡିଅଛୁଁ । x x x x

ପାଠକାଳୀନ ଯେଉଁଭାବ ସ୍ୱତଃ ହୃଦୟ ପ୍ରବିଷ୍ଟନ ହୁଏ, ସେଥିପାଇଁ ବହୁ ଚିନ୍ତା କରିବାକୁ ବା ଟଣାଟଣି କରି ଅର୍ଥ ପ୍ରକାଶ କରିବାକୁ ହୁଏ, ଆମ୍ଭେମାନେ ସେପରି ଲେଖାକୁ ପ୍ରସାଦ ଗୁଣହୀନ ବୋଲି ନିର୍ଦ୍ଦେଶ କରୁଁ ।

(ଚିତ୍ରୋତ୍ପଳାର ଦାକ୍ଷିଣାତ୍ୟ ନୃତ୍ୟ-ଶିକ୍ଷା ପଟନରେ ଉତ୍ପ୍ଲୁତ ଗତି ବିହାରୀ/ ନତାନତ-ଶିଳା-ସଂଘ-ସଂଘଟନ, ଯାହାର ପାଣ୍ଡିତ୍ୟକାରୀ" ପଂକ୍ତିକୁ ଟଣାଟଣି ନକଲେ ଅର୍ଥ ବାହାରେ ନାହିଁ)

x x  x x  x x  x x

ଉପସଂହାରରେ ବକ୍ତବ୍ୟ ଏହି ଯେ ସମାଲୋଚକ ମହାଶୟ ମହାମାନ୍ୟ ରାଜକବିଙ୍କର ପ୍ରିୟପାତ୍ର ହେବା କାରଣ ହେଉ ଅଥବା ଅନ୍ୟକୌଣସି କାରଣରୁ ହେଉ, ଆମ୍ଭମାନଙ୍କ ପ୍ରଦର୍ଶିତ ଅତି ସାମାନ୍ୟ ଦୋଷଗୁଡିକୁ ଦୋଷ ମଧ୍ୟରେ ଗଣ୍ୟ ନକରି ସେ ସମସ୍ତଙ୍କୁ ଅଭ୍ରାନ୍ତ ବୋଲି ପ୍ରତିପନ୍ନ କରିବା କାରଣ ଏବଂ ନାନା ପ୍ରକାର କୂଟାର୍ଥ ପ୍ରୟୋଗ ଦ୍ୱାରା ଆମ୍ଭମାନଙ୍କ ମୁଖରୋଧ କରିବାପାଇଁ ଚେଷ୍ଟା କରୁଅଛନ୍ତି । ମାତ୍ର ତାଙ୍କର ଏହା ସ୍ମରଣ କରିବା ଉଚିତ ଯେ ତଦ୍ଦ୍ୱାରା ସେ ଭବଷ୍ୟତକୁ କବିଙ୍କର ସୁନିର୍ମଳ ଯଶୋରୂପିଣୀ ମନୋହର କବିତାଟିରେ କଳଙ୍କ ପ୍ରକ୍ଷଣ କରି ରଖିଦେଇ ଅଛନ୍ତି ମାତ୍ର ।

"ଏତ କାହି ଦୋଷୋ ଗୁଣ ସନ୍ନିପାତେ
ନିମଜ୍ଜତିନ୍ଦୋକଙ୍କର ଶେଷ୍ୱିବାଙ୍କ ।"

ଆମ୍ଭମାନଙ୍କ ବିବେଚନାରେ ଏହି ରୀତିରେ ପ୍ରତ୍ୟେକ ସୁକବିତାର ସମାଲୋଚନା କରିବା ଉଚିତ ମାତ୍ର ତାହାବୋଲି ଦୋଷକୁ ଗୁଣରୂପେ ପ୍ରତିପନ୍ନ କରିବା କଦାଚ ଉଚିତ ନୁହେଁ ।

## ଚିତ୍ରୋତ୍ପଳାର ଦୋଷ ପରିହାର

**ଚିନ୍ତାମଣି ମିଶ୍ର ଶର୍ମା**

ପଣ୍ଡିତ ଗଦାଧର ବିଦ୍ୟାଭୂଷଣ ବାମଣ୍ଡାଧିପତି ମହୋଦୟଙ୍କ କୃତ ଚିତ୍ରୋତ୍ପଳାର ଦୋଷ ନିଦର୍ଶନ କରି ବାମଣ୍ଡାଧିପତିଙ୍କୁ ଜଣାଇଥିଲେ, ସେହି ଦୋଷମାନ ବୃଥାଥିବାର ଜାଣି ତହିଁର ପରିହାର ଜଣାଇଦେବାକୁ ଆମ୍ଭେ ଆଦିଷ୍ଟ ହୋଇଥିବାରୁ ନିମ୍ନଲିଖିତମତେ ଭିନ୍ନଭିନ୍ନ ରୂପେ ଦୋଷ ଏବଂ ତାର ପରିହାର ପାଠକମାନଙ୍କ ଓ ପଣ୍ଡିତଙ୍କ ଅବଗତାର୍ଥେ ପ୍ରଦର୍ଶିତ କଲୁଁ । ଯଥା–

ପ୍ରଥମ ଦୋଷ :– ଜଗତ ଜନକ (୧ମ ପୃଷ୍ଠା)– ଯଦି ଜଗତ ଜନକ ଅଟେ ସେ ଜଳ ତନ୍ମୟୀ ଅଟେ ଏବଂ ଲୋକରେ ଅନୁକଂପା ଯାହାର ଏମନ୍ତ ଯେ ସ୍ରୋତ ଶ୍ରେଣୀ ଏହା ଅର୍ଥ ହୁଏ, ତେବେ ଜଗତ ଶବ୍ଦ ଭୁବନ ବାଚକ, ଧରଣୀ ଯେ ଭୁବନାନ୍ତର୍ଗତ ତଜ୍ଜନକତ୍ୱ ଜଳରେ ଆରୋପିତ ଥାଉ । ଅଥବା ଜଗତ ଜନକ ଯଦି ପରମେଶ୍ୱର ତାହାଙ୍କ ଜଳମୟ ଅନୁକଂପା ସ୍ରୋତ ଶ୍ରେଣୀ, ଏମନ୍ତ ଅର୍ଥ ହୁଏ ତେବେ ଜନକଙ୍କ କୃପାକୁ ପତିଜନ୍ୟ ଧରଣୀର ଜନନୀଦ୍ୱାରୋପ ବିରୋଧାସ୍ପଦ (ଅତଃ ଶାସ୍ତ୍ର ବିରୁଦ୍ଧତା ଦୋଷ)

ପ୍ରଥମ ଦୋଷ ପରିହାର : ପ୍ରଥମୋକ୍ତ ଅର୍ଥ ପ୍ରଣେତାଙ୍କର ଉଦ୍ଦେଶ୍ୟ ନୁହେଁ, କିନ୍ତୁ ଦ୍ୱିତୀୟ ଅର୍ଥ ଉଦ୍ଦେଶ୍ୟ, ଏହି ଅର୍ଥରେ ପଣ୍ଡିତଙ୍କ ଶଙ୍କାରୁ ବୋଧ ହେଉଅଛି ଯେ ଯେପରି ଧରଣୀ ଈଶ୍ୱରଙ୍କ ଠାରୁ ଜାତ ହୋଇଅଛି । ଅତଏବ ଧରଣୀ ଓ ଜଳ ଉଭୟଙ୍କର ସହୋଦରତା ଥିବା ସ୍ଥଳେ ଜନନୀତ୍ୱାରୋପ ବିରୋଧାସ୍ପଦ, ଏ ସମ୍ବନ୍ଧେ ବକ୍ତବ୍ୟ ଏହି ଯେ ପଦ୍ୟାଦ୍ୟରେ ଯେତେବେଳେ ଈଶ୍ୱରଙ୍କୁ ଜଗତଜନକ ବୋଲି କୁହାଯାଇଛି, ସେତେବେଳେ ଜଗତାନ୍ତର୍ଗତ ଯାବତୀୟ ପଦାର୍ଥର ଜନକତା ଈଶ୍ୱରଙ୍କଠାରେ ପ୍ରସିଦ୍ଧ ଥିଲେ ସୁଦ୍ଧା ଜଗତାନ୍ତର୍ଗତ ପଦାର୍ଥ ମାତ୍ରଇ କି ପରସ୍ପରରେ ଜନ୍ୟଜନକତା ନାହିଁ ? ପିତାପୁତ୍ରରେ ପ୍ରସିଦ୍ଧ ରୂପରେ ଜନ୍ୟଜନକତା ଥିବା ସ୍ଥଳେ ଧରଣୀର ଏବଂ ଅନୁକଂପା ରୂପା ସ୍ରୋତ ଶ୍ରେଣୀର ଜନ୍ୟ ଜନନୀତାରୋପ କାହିଁକି ବିରୋଧ ହେବ ? ତେବେ ଏ ପ୍ରକାର ମୀମାଂସା କଲେ ହୋଇପାରେ ଉକ୍ତ ଅଛି ଯେ "ଭୂପୁତ୍ରୀ ଯସ୍ୟ ପତ୍ନୀ ସତୁଭବତି କଥଂ ଭୂପତି ରାମଚନ୍ଦ୍ରଃ" ଏହି ମୀମାଂସାରେ କି ରାମଚନ୍ଦ୍ର ରାଜ୍ୟ ପରିତ୍ୟାଗ କଲେ ? ପୁଣି ଶାସ୍ତ୍ର ବିରୁଦ୍ଧତା ଦୋଷ ଏଠାରେ କିପରି ହେଲା ଆମ୍ଭେ ବୁଝିପାରିଲୁ ନାହିଁ ।

[ଏପରି ଅଠରଟି ଦୋଷ ଓ ତାର ପରିହାର ବର୍ଣ୍ଣିତ ହୋଇଛି– 'ସମ୍ବଲପୁର ହିତୈଷିଣୀ' ତା-୧୨-୭-୧୮୯୩ ପୃ-୨୨ ଏବଂ ୨୩]

## ଚିତ୍ରୋତ୍ପଳା ଓ ସମାଲୋଚକ

– ଦାମୋଦର ପଟ୍ଟନାୟକ

ଚି– (ଉଚ୍ଚୈସ୍ୱରେ) ସମାଲୋଚକ ସାମନ୍ତ ଘରେ ନାହାନ୍ତି କି ?

ସ– କିଏ ସେ ?

ଚି– ଏଣେ ଆସିବେ ନାହିଁ କି ? ମୁଁ ତ ଚିତ୍ରୋତ୍ପଳା ?

ସ– ଚିତ୍ରୋତ୍ପଳା କିଏ ସେ ?

ଚି– ମୋର ଅନ୍ୟନାମ ପରା ମହାନଦୀ ।

ସ– ମହାନଦୀ ଏତେ ଉଚ୍ଚସ୍ଥାନକୁ କିପରି ଆସିଲ ?

ଚି– ପୁସ୍ତକ ରୂପରେ ।

ସ– ହଁ, ହଁ ବସନ୍ତୁ । ଚଉପାଢ଼ିରେ, ମୋ ବସିବାସ୍ଥାନରେ ଯେଉଁ ମେଜ ପଡ଼ିଛି ତା ଉପରେ ବସନ୍ତୁ । ମୁଁ ଟିକିଏ କାର୍ଯ୍ୟରେ ବ୍ୟସ୍ତ ଅଛି । ଅଧଘଣ୍ଟାଏ ମାତ୍ର ବିଳମ୍ବ ହେବ ।

ଚି– ସ୍ୱାଗତ ।

"ଯେ ଯେତେ ହେଉନା ବଡ ପରୀକ୍ଷା ସମୟେ
ମାଡଇ ଚିତ୍ତରେ ଭୀତି । ପରୀକ୍ଷା ସ୍ଥାନର
ଦେଖିଲେ ନୟନେ ପୁଣି ନିଜେ ପରୀକ୍ଷକେ
କାହିଁକି ଆସିଲି ହାୟ । ଆସିଛି କି ଏବେ
ଚିନ୍ତିଲେ କି ହେବ ଗତ କଥାକୁ ସୁମରି
କୃତ ବା ଅକୃତକାର୍ଯ୍ୟ ହେଲେ ହେବ ଯାହା;
ସନ୍ଦେହ, ବିଳମ୍ବ ଦହେ ହୃଦେ ଯେହ୍ନେ ସ୍ୱାହା ।
ସମାଲୋଚକ ଚକ୍ଷୁରେ ସମସ୍ତେ ସମାନ,
ବଡଲୋକେ ତାର ଟିକେ ନାହିଁ ଉପରୋଧ
ରାଜବଂଶେ ହୋଇ ଜନ୍ମ ଆଜି ଅବରୋଧେ ।"

ସ— କି ଗୋ ଚିତ୍ରୋତ୍ପଳା ! କୁଆଡେ ଆସିବା ହେଲେ ?

ଚି— ଆପଣଙ୍କ ଛାମୁକୁ ।

ସ— ଆପଣଙ୍କ ପରି ଲୋକ ଆମ୍ଭ ନିକଟକୁ ଆସିବା ଉଚିତ ନ ଥିଲା ।

ଚି— କାହିଁକି ?

ସ— କାଳେ ମନଦୁଃଖ କରିବ । ଆମର କାର୍ଯ୍ୟ ବଡ ଅପ୍ରୀତିକର । କାହାକୁ ବଢ଼େଇ କରି କହିଲେ ଲୋକେ ଆମକୁ ନିନ୍ଦା କରନ୍ତି ଏବଂ ନିନ୍ଦାକରି କହିଲେ ଲୋକେ ତ ନିନ୍ଦା କରିବା କଥା । ସୁତରାଂ ମଧ୍ୟପଥ ଅବଲମ୍ବନ କରି ଯାହା ପ୍ରକୃତ ସତ ତାହା କହିଥାଉଁ । ମାତ୍ର ସେଥିରେ ସୁଦ୍ଧା କେହି କେହି ଆମକୁ ଅପ୍ରିୟସତ୍ୟ କହିଲୁଁ ବୋଲି ନିନ୍ଦା କରିଥାନ୍ତି । ପୁଣି ତୁମେ ଅବଳା ?

ଚି— ଅବଳା ହେଲେ କଣ ହେଲା ?

ସ— କଥିତ ଅଛି ପରା ।

"ନାରୀ, ନଦୀ, ନିଆଁ, ନାଗ, ନରେଶଙ୍କୁ
ନିରନ୍ତରେ ଥିବ ଦକା,
ନିମେଷ ମାତ୍ରକେ ଉତ୍ପ୍ରୋଧ ଛାଡିଏ
ନିଶ୍ଚୟେ କରନ୍ତି ଡକା ।"

ଚି— (ରାଗରେ) ଆମେ କଣ ଖରାପ ?

ସ— (ସହର୍ଷେ) ନାନା, ତେବେ—

ଚି— ମୋ ଭାଷା ଆପଣଙ୍କୁ ସୁଖ ଲାଗୁ ନାହିଁ, ମୁଁ କହିଲା ମାତ୍ରକେ ଆପଣ କିପରି ବିରକ୍ତ ହେଉଛନ୍ତି ।

ସ— ବିରକ୍ତ ହେବାରତ କଥା । ପ୍ରଣବରୁ ଅପ୍ରୀତିକର । ସଂସ୍କୃତ ଶବ୍ଦଗୁଡିଏ

ପେଟରେ ଠେଁସିଛ, କିନ୍ତୁ ସଂସ୍କୃତ ଓ ମାତୃଭାଷା କାହାକୁ କହନ୍ତି ତାହାକି ଜଣା ନାହିଁ ? ମୋଟରେ ଭାଷା ସୁଲଳିତ ହୋଇନାହିଁ ।

ଚି— ଆଚ୍ଛା ? ଦୃଷ୍ଟାନ୍ତଦେଇ କହନ୍ତୁ ତ ।

ସ— ଶୁଣ । ''ଜଗତ ଜନକ ଜଳମୟୀଲୋକ ଅନୁକଂପାସ୍ରୋତଶ୍ରେଣୀ'' ଇତ୍ୟାଦି ।

ଚି— ମୋ ଭାଷା ମଧ୍ୟରେ ସରଳ ଓ ସୁଲଳିତ କାହାକୁ କହୁଛନ୍ତି ?

ସ— ''କଟକ ଛଟକ ଦେଖି ଅଟକିଲା'' ଇତ୍ୟାଦି ।

ଚି— ଭାଷା ତେବେ କାହାକୁ କହନ୍ତି ।

ସ— ଯଦ୍ବାରା ଲୋକମାନେ କଥାବାର୍ତ୍ତା କହନ୍ତି ତାହାକୁ ଭାଷା କହନ୍ତି ।

ଚି— ଯଦ୍ୟପି ଏହା ହେଲା ତାହାହେଲେତ ସଂସ୍କୃତକୁ ସୁଲଳିତ ଭାଷା କହନ୍ତି ଏବଂ ଓଡ଼ିଆ ଭାଷାରେ ସଂସ୍କୃତ ଶବ୍ଦ ଗୁଡିଏ ମିଶାଇ ଦେଲେ ଓଡିୟାଭାଷା ସୁଲଳିତ ହେବ । ତେବେ ନିନ୍ଦାକର କାହିଁକି ?

ସ— ନା, ନା, ସଂସ୍କୃତ ବର୍ତ୍ତମାନ କହିବା ଭାଷା ନୁହେଁ, ଏହା ଏକ ସମୟରେ ଥିଲା, ପୁଣି ସବୁ ସଂସ୍କୃତ ଶବ୍ଦଯେ ସରଳ ଓ ସୁଲଳିତ ତାହା ନୁହେଁ । ବର୍ତ୍ତମାନ ଲୋକମାନେ ଯେଉଁ ଓଡିୟା ଭାଷାରେ କଥାବାର୍ତ୍ତା କହନ୍ତି ସେହି ଭାଷାରେ ସୁଲଳିତ ସଂସ୍କୃତ ଶବ୍ଦ ବ୍ୟବହାର କଲେ ତାହା ମଧୁର ହୋଇଥାଏ ।

ଚି— ମୋ ରୂପ କଣ ଭଲ ନୁହେ ?

ସ— ଯେପରି ହେବା ଉଚିତ ସେପରି ହୋଇନାହିଁ ଏବଂ ଆପଣଙ୍କ ନିଜ ରୂପ ଯେ ଦେଖିଚି ସେ ଏ ରୂପରେ କଦାପି ସନ୍ତୁଷ୍ଟ ହେବନାହିଁ । ଅନେକ ଭଲଭଲ ସ୍ଥାନର ବର୍ଣ୍ଣନା ଆପଣଙ୍କଠାରେ ନାହିଁ ।

ଚି— ମୋ ଅଳଙ୍କାର କିପରି ?

ସ— ଦେଖାଇ ହେଉଚ ।

ଚି— କଦାପି ନୁହେଁ । କେବଳ କେଉଁ ଅଳଙ୍କାରକୁ କଣ କହନ୍ତି ଏକଥା ପିଲାମାନେ ଜାଣିବେ ବୋଲି ପ୍ରତ୍ୟେକ ଅଳଙ୍କାରର ନାମ ତଳେ ଟିପା ହୋଇଅଛି ।

ସ— ହୁଁ, ହୁଁ, ତେବେ ଟିକିଟ ମରା ହୋଇଛି ।

ଚି— ମୋ ଦାକ୍ଷିଣାତ୍ୟ ନାଟ କିପରି ?

ସ— ବେଶ, କିନ୍ତୁ ନାଟ ଦେଖିବାକୁ ମଜିଲିସ କାହିଁ ଓ ଦର୍ଶକମାନେ କିଏ ? ତାହା କିଛି ଲେଖା ହୋଇନାହିଁ ।

ଚି- ସଚକିତେ (ସ୍ୱଗତ, କେଉଁମାନେ) ଆପଣମାନେ,

ସ— ନା, ନା ।

ଚି— ଆଉ କିପରି ଭାବରେ ଲେଖା ହୋଇଥିଲେ ଭଲ ହୋଇଥାନ୍ତ ?

ସ— ଏହିପରି ଯଥା—

ଶୌରୀ ନାରାୟଣ ଚନ୍ଦ୍ର ପଦ୍ମାସନୀ
ସମଲାଇ, ସିଂହନାଥ,
ଶ୍ରୀନୀଳ ମାଧବ ଭଣ୍ଡାରିକା, ସ୍ୱର୍ଣ୍ଣ—
ମେରୁ ରାମ ବୈଦ୍ୟନାଥ ।
ଚର୍ଚ୍ଚିକା, ସ୍ୱପନ ଈଶ୍ୱର, ସୁବର୍ଣ୍ଣ
କେତକୀ ଯେ ସର୍ପେଶ୍ୱର
ରାମଚଣ୍ଡୀ, ନାରା— ୟଣୀ, ମଞ୍ଜେଶ୍ୱର,
ଧବଳେଶ୍ୱର ଆବର ।
ଅମର ଅପ୍ସରା ମଜଲିସ ପୂରି
ରହିଛନ୍ତି ଠାବେ ଠାବେ
ଦକ୍ଷିଣାତ୍ୟ ନାଟ ଦେଖି ଛଇଳାର
ଠାକିଛନ୍ତି ହାବଭାବେ ।

ଚି— ହୁଁ ହୁଁ । ଯାହା କହିଲେ ତାହା ହୋଇଥିଲେ ଭଲ ହୋଇଥାନ୍ତା ଏବଂ ଲୋକେ କହନ୍ତେ—

ଏ ସୁଖ ସଂପଦ କବିତା ଆଗରେ
ଯତନେ ରଖି ଉତ୍କଳେ,
ନବୀନ କୀରତି ରଖିଲେ ନୃପତି
ସରସ୍ୱତୀ ସେବାଫଳେ ।

ସ— ଏବଂ ଆହୁରି ମଧ୍ୟ କହନ୍ତେ—

ବୋହି ଯାଉଥିଲା ନମାନି କାହାକୁ
ଚିତ୍ରୋତ୍ପଳା ଗରବିନୀ,
ନିଜ ସୌନ୍ଦର୍ଯ୍ୟକୁ ବକ୍ଷନ୍ତେ ପୂରାଇ
ସୁଖଦା ପୁରଶୋଭିନୀ ।
କଟକ ଛଟକି ଦେଖି ଅଟକିଲା
ସେ ମହାନଦୀ ଲୋଭରେ
ତୀର ଶୋଭାରାଶି ଝଟକ ବିକାଶି
ପ୍ରକଟିଲା ଏ ଲୋକରେ ।

ଚି— ଏବଂ ଆପଣ ଭାଷା ବିଷୟରେ ଯାହା କହିଲେ ସେପରି ଲେଖା ହୋଇଥିଲେ କେହି କହନ୍ତେ ନାହିଁ ଯେ—

ବହୁଳ ସଂସ୍କୃତ ଶବ୍ଦ-ଉପଳ
ଲୀଳା କରେ ଯିବା ବାଟେ,
ଦେଖାଣାହାରୀଙ୍କ ପାଦେ ବାଜି, ଦୃଷ୍ଟି
ଭାଗ୍ୟେ ଯେତେବେଳେ ଛାଟେ ।

ସ— ହଁ, ଏବେ ବୁଝିପାରୁଚ, ନ ବୁଝିବ ବା କାହିଁକି ?
ତାହାହେଲେ କହନ୍ତୁ—

''ଧନ୍ୟ ହେ ସୁତ୍କଳ ସୁତ୍କଳିତ ଏକା
କଞ୍ଜ ପୟରେ
ହୃଦସରୋବରୁ ଆନନ୍ଦ ସରୋଜ
ଭେଟୁଛୁଁ ଆଜ ଛାମୁରେ ।

ଏବଂ ଆହୁରି ମଧ ଜହନ୍ତୁ—

ରାଜ ସିଂହାସନ ଐଶ୍ୱର୍ଯ୍ୟ ମୁକୁଟ
ବୀଣାପାଣି କଞ୍ଜପାଦ
କେତେକେତେ ସୁଖଦ ଜାଣିଚ ରସିକ
ରାଜନ ! ନୋହି ବିଷାଦ ।

ଚି— ''ତୋ ତୀର ବିହାରି ରାୟ କବିବର
ଚିନ୍ତାଶୀଳ ଅବିରତେ
'ମହାନଦୀ' ନାମ ରହିଲା ଗୁପତେ
ବୋଲି ଭାବୁଥାନ୍ତି ତତେ ।''

ଏପରି ମୋଠାରେ କାହିଁକି ଲେଖାଅଛି ? ତାହା ଆପଣ ବୁଝିଛନ୍ତି ତ ?

ସ— ନା, କଣ କହିଲ ?

ଚି— ଏକ ପଂକ୍ତି ଖେଦୁଁ ନାନା ପଂକ୍ତିସୁଖ
ବର୍ଣ୍ଣିଛ କିପରି ଆଣି
ବାମଣ୍ଡା ମଣ୍ଡନ ସାହିତ୍ୟ ରସିକେ
ତୋଷିଲେ ହୃଦୟ ଜାଣି ।

ସ— ନା ନା, କେବେ ନୁହେ । ସେ ଏପରି ମନେ କରିଥିଲେ ତାହା ଭୁଲ । ଚିଲିକାରେ ରାଧାନାଥ ବାବୁ ''ମହାନଦୀ ନାମ ରହିଲା ଗୁପତେ'', ଏ କଥାକୁ ଭିନ୍ନ ଭାବରେ ବ୍ୟବହାର କରିଅଛନ୍ତି ଏବଂ ସେଥିଯୋଗୁଁ ଦେବୀ ବୀଣାପାଣିଙ୍କୁ ସମ୍ବୋଧି କହିଛନ୍ତି କି—

''ତୋର କୃପାବଳେ କ୍ଷୁଦ୍ର ମହୀୟାନ

ତୋ କୃପା ବିହୁନେ ବଡ଼ ହୁଏ ସାନ;
କ୍ଷୁଦ୍ର ସିପ୍ରା ସ୍ରୋତ ବିଖ୍ୟାତ ଜଗତେ,
ମହାନଦୀ ନାମ ରହିଲା ଗୁପତେ;
ଦେବୀ ବୀଣାପାଣି ! କେଉଁ ପାପ ଫଳେ
କରୁଣା ତୋହର ଊଣା ଏ ଉତ୍କଳେ ।''

ପୁନଶ୍ଚ, ରାଧାନାଥ ବାବୁ 'ତୋ ତୀର ବିହାରୀ' ନୁହନ୍ତି ।

ଚି— ଆଉ କେଉଁ ତୀର ?

ସ— ଚିଲିକାର ତୀର – ବିହାରି ରସିକ କବି ରାଧାନାଥ ରାୟ;

ଚି— ତେବେ 'ମହାନଦୀ ନାମ ରହିଲା ଗୁପତେ
ଦେଖ ନ ଯାଇଛି ହାୟ ।

ସ— ବାକି, ଭାବ ଭଙ୍ଗି କଥାଟା ଛାଡ଼ିଗଲ ଯେ ।

ଚି— ଆଚ୍ଛା, ମୋ' ଭାବଭଙ୍ଗୀ କିପରି ?

ସ— ଅନେକାଂଶରେ ଭଲ ।

ଚି— ତେବେ ମୁଁ ସ୍ଥୂଳରେ ଭଲ କି ନା ?

ସ— ସେଥିରେ କି ଭଲ ।

ଚି— ଝଙ୍କାର ଲଳିତ ନିନାଦରେ ଏବେ କବିତା କୁସୁମ ବନେ,
ହେ ରାଜଭ୍ରମର ! ତୋଷ ହରଷରେ ସାହିତ୍ୟ ରସିକ ଜନେ ।

(ଚିତ୍ରୋତ୍ପଳାର ପ୍ରସ୍ଥାନ)

['ଉତ୍କଳ ସାହିତ୍ୟ' – ୧/୩ – ଚୈତ୍ର – ୧୩୦୪ ପୃ—୫୩-୫୫]

# କିଷ୍କିନ୍ଧ୍ୟା

# ପ୍ରାକ୍‌ସୂଚନା

'କିଷ୍କିନ୍ଧ୍ୟା' ସୁଢ଼ଳଦେବଙ୍କର ଏକ ଅନାଲୋଚିତ କୀର୍ତ୍ତି । ଏହା ''ଜଣେ ଦର୍ଶକ-ବାମଣ୍ଡା'' ଛଦ୍ମନାମରେ 'ସମ୍ବଲପୁର ହିତୈଷିଣୀ' (୪/୪୭) ତା-୨୬-୪-୧୮୯୩ ସଂଖ୍ୟାରେ ପ୍ରକାଶିତ । ୧୮୯୦ରେ ସୁଢ଼ଳଦେବ ଦାକ୍ଷିଣାତ୍ୟ ଭ୍ରମଣରେ ଯାଇଥିଲେ । ପ୍ରାଚୀନ ସମୟରେ ଦାକ୍ଷିଣାତ୍ୟର ଏକାଂଶ କିଷ୍କିନ୍ଧ୍ୟା ରାଜ୍ୟ ରୂପେ ବିଦିତ ଥିଲା । ଦାକ୍ଷିଣାତ୍ୟ ଭ୍ରମଣ ସମୟେ ରାଜା ସୁଢ଼ଳ ଦେବ ବାଳୀ ରାଜାର ରାଜ୍ୟ ଓ ରାଜଧାନୀ ଦେଖିଯାଇଥିଲେ । ଏହାର ଅନତିଦୂରରେ ପଂପାସରୋବରର ଚିହ୍ନମାତ୍ର ଅନୁଭୂତ ହୁଏ । ବାଳୀ ରାଜାର ସମାଧି ସ୍ଥାନ ରୂପେ ଚିହ୍ନିତ ସ୍ଥାନ ମଧ ସେ ଦେଖିଥିଲେ । ଏଠାରେ ମାଲ୍ୟବାନ ପର୍ବତ ଗାତ୍ରେ କେତୋଟି ଗୁହା ବିଦ୍ୟମାନ । ସୀତାହରଣ ପରେ ଏ ଗୁହାରେ ରାମଲକ୍ଷ୍ମଣ ବାସ କରିଥିବାର ବିଶ୍ୱାସ ପ୍ରଚଳିତ । ବାଳୀ ରାଜାର ଭଣ୍ଡାର ରୂପେ ଏକ ବୃହତ୍ ପର୍ବତ ଗୁହାକୁ ଚିହ୍ନିତ କରାଯାଏ । ଏଠାରେ ଋଷ୍ୟମୁଖ ପର୍ବତ ଓ ତୁଙ୍ଗଭଦ୍ରାନଦୀ ଦର୍ଶନ କରିଥିଲେ । ଏ ସମସ୍ତ ବିବରଣୀ କିଷ୍କିନ୍ଧ୍ୟା କବିତାରେ ବର୍ଣ୍ଣିତ । ['ସାର୍ ବାସୁଦେବ ଜୀବନୀ' (ବଙ୍ଗଳା) ପୃ-୧୪୬୯] ବାସୁଦେବ ଜୀବନୀରୁ ସେ କିଷ୍କିନ୍ଧ୍ୟା କାବ୍ୟ ରଚନା କରିଥିବାର ଜଣାପଡ଼େ । ଏ କାବ୍ୟଟି ଗ୍ରନ୍ଥାବଳୀ (୧୯୫୬)ରେ ଅନ୍ତର୍ଭୁକ୍ତ ହୋଇପାରିନଥିଲା । ଦ୍ୱିତୀୟତଃ ସୁଢ଼ଳ ଦେବ ଅନେକ ରଚନା ହିତୈଷିଣୀରେ ଶ୍ରୀ ବାମଣ୍ଡା ଓ ଅନ୍ୟାନ୍ୟ ଛଦ୍ମନାମରେ ଲେଖିଥିବାର ପ୍ରମାଣିତ ହୁଏ । କିଷ୍କିନ୍ଧ୍ୟା କାବ୍ୟର ବର୍ଣ୍ଣନା ଶୈଳୀ ଚିତ୍ରୋତ୍ପଳାର କୋଟୀକୁ ସ୍ପର୍ଶ କରିପାରିନଥିଲେ ମଧ ବୀରବାମା ଓ ବସନ୍ତ ବର୍ଣ୍ଣନ ସହିତ ଏହାର ସାମ୍ୟ ପରିଲକ୍ଷିତ ହୁଏ । ପୁନଶ୍ଚ ସମ୍ବଲପୁର ହିତୈଷିଣୀ (୫/୧) ନବବର୍ଷ ସଂଖ୍ୟାରେ ସଂପାଦକ ଗତବର୍ଷ (୧୮୯୩) ସୁଢ଼ଳ ଦେବଙ୍କ ଅନେକ ଗଦ୍ୟପଦ୍ୟ ପ୍ରକାଶର ସୂଚନା ଦିଅନ୍ତି । ଏ ସମସ୍ତ ବିବରଣୀକୁ ବିଶ୍ଳେଷଣ କରି 'କିଷ୍କିନ୍ଧ୍ୟା' କାବ୍ୟକୁ ସୁଢ଼ଳଦେବଙ୍କ ରଚନା ରୂପେ ଗ୍ରହଣ କରିନେବା ଯୁକ୍ତିଯୁକ୍ତ ହେବ ।

— ସଂପାଦକ

ଶ୍ରୀରାମଚନ୍ଦ୍ରଙ୍କର ବିହାର ଭୂମି ବାଳ ପାଳିତ
ମହାଖଣ୍ଡ ଶୈଳ ବ୍ରଜରେ ପୂର ଅତି ଶୋଭିତ
ଦେଖିଛ ବାନ୍ଧବ ଯେ ନଗ ଝର କନ୍ଦରା ମାନ
ସେପରି କିଷ୍କିନ୍ଧ୍ୟା ଶଇଳ ଗୁହା ନୁହଇ ଜାଣ
ସୌଧ ବୃକ୍ଷ ଗୁହାମାନଙ୍କ ପ୍ରାୟ ଉଚ୍ଚପ୍ରସ୍ତର
ଦୁଇତିନି ଶିଳା ଯୋଗରେ ଏକ ଏକ ଭୂଧର ।
କାହିଁ କରିବର ଆକୃତି ଶତ ସହସ୍ର ଶିଳା
ମର୍କଟ ମର୍କଟୀ ଆନନ୍ଦେ ଯହିଁ କରନ୍ତି ଲୀଳା
ଉପଳ ନିକର ଧରିଛି ତହିଁ ଭୂଧର ଛଟା
କଉଣସି କାଳେ ସେନଗ ନୁହେ ତୂରରେ ଲଟା
ବିଂଶତି କ୍ରୋଶର ବୃତ୍ତରେ ଦିଶେ ପ୍ରସ୍ତର ରାଶି
ଉପଳ କାନନ ଶୋଭାକୁ ଦେଉଅଛି ପ୍ରକାଶି ।
ଏହିବୃତ୍ତ ମଧ୍ୟେ ରହିଛି ରାମାୟଣ ଲିଖିତ
ଋଷ୍ୟମୂକ ଗିରି ଅଞ୍ଜନି- ଗିରି ପଂପା ସହିତ
ମାତଙ୍ଗ ଋଷିଙ୍କ ଆଶ୍ରମ ମାଲ୍ୟବନ୍ତ ପର୍ବତ
କିଷ୍କିନ୍ଧ୍ୟା ନଗର ପ୍ରଭୃତି ରମ୍ୟସ୍ଥାନ ଅତ୍ୟନ୍ତ ।
ମହାଗଣ୍ଡ ଶୈଳ ମଧ୍ୟରେ ତୁଙ୍ଗଭଦ୍ରା ବାହିନୀ
ବାହିତ ହେଉଛି ସତତ ଶିଳାସଙ୍ଗ ସ୍ପର୍ଦ୍ଧିନୀ ।
ନୀଳମଣି ପ୍ରାୟେ ନିର୍ମ୍ମଳ ସୁଧାସମ ମଧୁର
ପାନ କରିଦେଲା ଲୋକର ତୃଷା ହୁଅଇ ଦୂର ।
ଋଷ୍ୟମୂକ ଗିରି ମେଖଳା ପ୍ରାୟ ଚତୁର୍ଦ୍ଦିଗରେ
ବେଢ଼ି ଚଳୁଅଛି ସଧୀରେ ମହାଶିଳା ମଧ୍ୟରେ ।
ତଟିନୀ ସଲୀଳ ଉପଳ ଅନ୍ତରାଳେ ଭ୍ରମୁଛି
ତରଙ୍ଗ କରରେ ରଞ୍ଜିତ କରି ସଦା ମାଜୁଛି ।
ଉତ୍ତର ରୋଧରେ ଅଞ୍ଜନି ଗିରି ପଂପାକାସାର
କିଷ୍କିନ୍ଧ୍ୟା ବାନର ଆଶ୍ରମ ଅଛିଶୈଳ ଅପାର ।
କିଷ୍କିନ୍ଧ୍ୟା ନିବାସୀ ନିଚୟ ଏହି ନଦୀ ଆମୋଦେ
ଦିନ ହରୁଛନ୍ତି ଦୁଃଖକୁ ସୁଖ କରି ବିନୋଦେ ।
ବେତ୍ର କିବା ବଂଶ କୁଣ୍ଡଳୀ କରିଛତ୍ର ସଦୃଶ୍ୟ
ପୃଷ୍ଠେ ଚର୍ମ୍ମାବୃତ୍ତ କରାଇ ନାବ ସମାନ ଦୃଶ୍ୟ ।
ଗତାଗତ ଜଳମାର୍ଗରେ ସଦା ସେସ୍ଥାନ ଜନ
ଚକ୍ର ପ୍ରାୟ ଭ୍ରମି ଚଳନ୍ତି କରି ଉର୍ମି ଭେଦନ ।

ମଣ୍ଡଳାକାରରେ ବସନ୍ତି ତହିଁ ଚରଣଶୀଳ
ମଧ୍ୟେ ଜଣେ ମାତ୍ର ବସଇ ମନେ ବହି ଆବିଳ ।
ଦକ୍ଷିଣ ରୋଧରେ ଈଶ୍ୱର- ପଂପାପତି ନାମରେ
ବିରାଜି ଅଛନ୍ତି ଅତ୍ୟନ୍ତ ଅନୁଗ୍ରହ କାମରେ
ପଂପାନାମା ଏକ ଗଣିକା ଶିବସଙ୍ଗ ଇଚ୍ଛାରେ
କଠୋର ତପସ୍ୟା କରନ୍ତେ କିଛିଦିନ ସେଠାରେ ।
ବରଦ ପ୍ରବର ମହେଶ ଅତି ପ୍ରସନ୍ନ ମନେ
ତୋଷି ଗଣିକାର ମାନସ ବାସ କଲେ ସେ ବନେ ।
ପଂପାପତି ନାମେ ସେଦିନୁ ଶିବଲିଙ୍ଗ ଉଦିତ
କିଷ୍କିନ୍ଧ୍ୟା ଅବଧି ସେ ସ୍ଥାନ ପଂପାନାମେ ବିଦିତ ।
ପଂପା ଅଧିକୃତ ସ୍ଥାନରେ ଯେଣୁ ସ୍ଥିତ ସେ ସର
ରାମାୟଣେ ଖ୍ୟାତ ହୋଇଛି ନାମେ ସେ ପଂପାସର ।
ଆୟତନ ହେବ ଦ୍ୱିଶତ ହସ୍ତ ସମାନ ପ୍ରତି
ଚତୁଃଶତ ହସ୍ତ ମାନରେ ଦୀର୍ଘ ହୁଏ ପ୍ରତୀତି ।
ତିନି ଭାଗେ ଶିଳା ନିର୍ମିତ ଗିରିଆବୃତ୍ତ ବୃନ୍ଦ**
ଦକ୍ଷିଣାଂଶ ତୁଙ୍ଗଭଦ୍ରାର- ତୀରେ ହୋଇଛି ରୁଦ୍ଧ
ସମୟେ ସେ ତୀର ଭଗନ ହୋଇଯିବାରୁ ଜାଣ
ନାହିଁ ସେହିସର ସେ ଶୋଭା ଦିଶେ ଭୂମି ସମାନ ।
ନିବାର ତୃଣରେ ବିସ୍ତୃତ ହୋଇ ଦିଶେ ହରିତ
କ୍ରମେକ୍ରମେ ରଘୁନାଥଙ୍କ କୀର୍ତ୍ତି ହୁଏ ଲୋପିତ ।
ଭାବି ଏକ ଭକ୍ତ ସେ ସ୍ଥାନେ ଶତ ହସ୍ତ ବର୍ଗରେ
ଖୋଳିଦିଏ ଏକ କାସାର ଭକ୍ତି ଭାବାବେଗରେ ।
ତେଣୁଟି ଅସ୍ତିତ୍ୱ ରହିଛି ସେହି ପଂପାସରର
ଯାଦେଖି ଶ୍ରୀରାମ ସେବକ ହୁଏ ଭକ୍ତି ତତ୍ପର ।
ଏସର ପଶ୍ଚିମ ଭାଗରେ ପ୍ରାୟ ସହସ୍ର ହସ୍ତେ
ସ୍ଥିତ ହୋଇଅଛି ଅଞ୍ଜନି– ଗିରି ଅତି ପ୍ରଶସ୍ତେ ।
ଏ ଗିରି କନ୍ଦରେ ଅଞ୍ଜନା ସହବାସେ ସମୀର
ମହାମଲ୍ଲରୂପୀ ପାଇଲେ ଏକ ପୁତ୍ର ପ୍ରବୀର ।
ଶ୍ରୀରାମ ସେବକ ସେ ପୁତ୍ର ହନୁମାନ ନାମରେ
ପରିଚିତ ହୋଇ ଅଛନ୍ତି ରାମାୟଣ ଗ୍ରନ୍ଥରେ ।
ଯେଉଁକାଳେ ସେହି ବାୟୁଜ ଏଥିଜନ୍ମ ହୋଇଲେ
ପିତାଙ୍କ ସଦୃଶ ବିଷମ ବଳ ଦେହେ ବୋହିଲେ

କ୍ଷୁଧାର୍ତ୍ତେ ସେ ସୁତ ମାଗନ୍ତେ ଜନକଙ୍କୁ ଭୋଜନ
ପକ୍ୱଫଳ ବୋଲି ଦେଖାନ୍ତି ବାଳାର୍କକୁ ପବନ ।
ଉତ୍‌ପ୍ଳୁତ ଗତିରେ ଧାଇଲେ ଯାଇତପନ ରଥ
ଅଭୟ ଅକାଟ୍ୟ ବରରେ ତୃପ୍ତ ସୁମନୋରଥ ।
ଆଞ୍ଜନୀ ଦକ୍ଷିଣ ଦିଗରେ ଋଷ୍ୟମୂକ ଭୂଧର
ପାଷାଣ କୁଟରେ ନିର୍ମିତ ପାଦଠାରୁ ଶିଖର ।
ମହାଗଣ୍ଡ ଶୈଳ ଉପରେ ଗଣ୍ଡ ଶୈଳ ସ୍ଥାପିତ
ତଥି ମଧ୍ୟେ ନାନା କନ୍ଦରା ଗୁହାବିଳ ବିଦିତ ।
ପ୍ରସ୍ତରର ସ୍ତୁପ ସମାନ ଦିଶେ ଗିରି ସକଳ
ଯେଣେ ଅନାଇଲେ ସଉଧ ସମ ମହାଉପଳ ।
ଋଷ୍ୟମୂକ ଗିରି ଦକ୍ଷିଣ ଦିଗେ ଗବ୍ୟୁତି ଦୂରେ
ମାଲ୍ୟବନ୍ତ ଗିରି ରହିଛି ଶିଳା ବେଷ୍ଟିତ ପରେ ।
ସେହିପରି ଶିଳା ଉପରେ ହୋଇଅଛି ମଣ୍ଡିତ
କେବଳ ମଧ୍ୟରେ ସାମାନ୍ୟ ସ୍ଥଳ ପ୍ରସ୍ଥରାୟିତ ।
ମଧ୍ୟେ ବିରାଜିତ ଦ୍ୱିଚାରି ଗଣ୍ଡ ଶୈଳ ସଂହତି
ତଥି ମଧ୍ୟ ଗୁହା ଭିତରେ ରାମଚନ୍ଦ୍ର ବସତି ।
ନିକଟେ ପ୍ରସ୍ଥର କ୍ରୋଡରେ ଦିବ୍ୟ ସ୍ୱାଦୁ ସଲୀଳ
ଚାରିମାସ କାଳ କାଟିଲେ ଜାଣିହୃଦ ଆବିଳ ।
ବାଣମାରି ନା କି ଗଙ୍ଗାଙ୍କୁ ଜାତ କଲେ ଶ୍ରୀରାମ
ଈଶ୍ୱର ପୁରୁଷମାନଙ୍କ ଦ୍ୱାରା ନୁହେକି କାମ ?
ଶତହସ୍ତ ଦୂରେ ରହିଛି ଲକ୍ଷ୍ମଣଙ୍କ ନିବାସ
ତଦ୍ରୁପ ପ୍ରସ୍ଥର ମଧ୍ୟରେ ଦିଶେ ଗୁହା ସଙ୍କାଶ ।
ଦିନ ହରିବାକୁ ସେ ସ୍ଥାନ ଅତି ସୁମନୋ
ଚତୁର୍ମାସ୍ୟାଯାକ ହରିଲେ ସୁଖେ ରଘୁ ପ୍ରବର ।
ମାଲ୍ୟବନ୍ତ ଶିଖ ଉପରେ ସମଶିଳା ଚତ୍ୱର
ତହିଁ ବସିଥିଲେ ଦିଶଇ ନାନାସ୍ଥାନ ସୁନ୍ଦର ।
ଋଷ୍ୟମୂକ ଗିରି, ଆଞ୍ଜନୀ କିଷ୍କିନ୍ଧ୍ୟାର ପ୍ରାଚୀର
ନିତି ଦେଖି ମନ ତୋଷନ୍ତି ରାମଲକ୍ଷ୍ମଣ ବୀର
କିଷ୍କିନ୍ଧ୍ୟାର ପୂର୍ବଦକ୍ଷିଣ ତୁଙ୍ଗଭଦ୍ରା ବାହିନୀ
ନଗର ପୟର ପଖାଳି ଚାଲେ ଚିତ୍ତାହ୍ଲାଦିନୀ ।
ତାହାର ଅପର ରୋଧରେ କାଳୀ ସମାଧିସ୍ଥିତ
ରହିଅଛି ଶତହସ୍ତର ମିଳେ ଅସ୍ଥି ସଂଚିତ ।
ସଂପ୍ରତି ସେ ସ୍ଥାନ ଅରଣ୍ୟ ପ୍ରାୟ ହୋଇ ରହିଛି

ଅଙ୍ଗାର ପାଉଁଶ ମୃର୍ତ୍ତିକା ସଙ୍କାଶକୁ ବହିଛି ।
ଅସ୍ଥି ପ୍ରାୟ ସେହି ମୃର୍ତ୍ତିକା ବିଶେ ଖନନ କଲେ
ଅସ୍ଥି ଖଣ୍ଡେ ଖଣ୍ଡେ ମିଳଇ ତହିଁ ସନ୍ଧାନ କଲେ ।
ଦେଖି ଅଛୁଁ ଆମ୍ଭେ ଚକ୍ଷୁରେ ନିଶ୍ଚେ ଅସ୍ଥି ନିକର
ଈଶ୍ୱର ଜାଣନ୍ତି କିଅବା ଅଛି ତହିଁ ଭିତର ।
କିଷ୍କିନ୍ଧ୍ୟା ସମାନ ସୁଦୃଶ୍ୟ ଶିଳାମୟ ଅରଣ୍ୟ
ନିର୍ଜନ ନିର୍ଭୟ ହୋଇଛି ନୁହେଁ କାହିଁରେ ଗଣ୍ୟ ।
ଭାବିବ ଯେ ତତ୍ତ୍ୱ ବ୍ରହ୍ମର ସେହି ସ୍ଥାନକୁ ଯାଅ
ଉପଳ ଗହ୍ୱରେ ନିଶ୍ଚିନ୍ତେ ରସିତା ଭାବୁଥାଅ ।
ଦେଖିଏ ନିର୍ଣ୍ଣିତ କାନନ ବିଦ୍ୟାରଣ୍ୟ ମୁନୀଶ
(ସାୟନ ଆଚାର୍ଯ୍ୟ କହନ୍ତି ଏହାଙ୍କୁ ହି ଭୂରୀଶ ।
ବଲ୍ଲରି ନୃପତି ଏହାଙ୍କୁ କରିଥିଲେ ଦିଆନ
ସେହି କାଳେ କଲେ ଏ ଯତି ବେଦ ଟୀକା ଭିଆଣ ।)
ସଂସାର ବିରାଗ ଦେଖାଇ ବାସ କରି ଏଠାରେ
ଚିତ୍ତ ନିବେଶିଲେ ତନ୍ମତେ ଦେବ ଦେବା ଚିନ୍ତାରେ
ଏହାଙ୍କୁ ସୁକୀର୍ତ୍ତି ସେ ସ୍ଥାନେ ନାନା ଋଷି ଆଶ୍ରମ
ପ୍ରସ୍ଥରେ ନିର୍ମ୍ମିତ ହୋଇଛି ବିଶେ ଉଜ୍ଜ୍ୱଳତମ ।
ଧାଡ଼ି ଧାଡ଼ି ହୋଇ ରହିଛି ବୃକ୍ଷ ନିକର ତହିଁ
ଅଟାଳି ପ୍ରସାଦ ମନ୍ଦିର ଦିବ୍ୟ ଗୋପୁର ଯହିଁ ।
କୋଟୀଦ୍ରବ୍ୟ ବିତରଣରେ ନିର୍ମ୍ମାଣିଛି ନିୟତ
ସୁନ୍ଦର ଶିଳ୍ପରେ ନିର୍ମିତ କାରୁକାର୍ଯ୍ୟ ଅତ୍ୟନ୍ତ ।
ଅଛି କିମ୍ବଦନ୍ତୀ ସେଠାରେ ଏହି ମୁନି ସାୟନ
ଅଢ଼ାଇ ଘଟିକା ସୁବର୍ଣ୍ଣ କରାଇଲେ ବର୍ଷଣ ।
ଏହି ଅର୍ଥେ କୀର୍ତ୍ତି ନିଚୟ ଶତ ଚନ୍ଦ୍ର ସମାନେ
ଉଦିଅଛି ଆଜି ଯାଏତ ଯାଇ ଦେଖ ସେ ସ୍ଥାନେ ।
ସେ କାଳେ କିଷ୍କିନ୍ଧ୍ୟା ଋଷିରେ ପୂର୍ଣ୍ଣାବସ୍ଥାରେ ଥିଲା
'ରାମ ରାମ' ମହା ନିର୍ଘୋଷ ସଦା ପ୍ରସରୁଥିଲା ।
ବିଦ୍ୟାରଣ୍ୟଙ୍କର ସ୍ୱରୂପ ପଂପାପତି ମନ୍ଦିର
ପର୍ଷ୍ଣମଣ୍ଡି ଭାଷରେ ରାଜିଛି ବେଶେ ଋଷି ଛବିର ।
ଦେଖିଲେ ସେ ଦୃଶ୍ୟ ମନରେ ହୁଏ ଭକ୍ତି ସଞ୍ଚାର
ଯେ ସ୍ମରେ ପ୍ରାଚୀନ ଘଟଣା ଲଭେ ଦୁଃଖ ଅପାର ।
ବହୁ କ୍ଷଣ ଭ୍ରମି ଭ୍ରମି ମୁଁ ରାମ ବିହାର ସ୍ଥଳ
ବାହୁଡ଼ିଲି ଏବେ ହୃଦୟେ ଲଭି ପ୍ରୀତି ବିମଳ ।

# ବୀର-ବାମା

ଶ୍ରୀଯୁତ ବାମଣ୍ଡାଧିପତି

ବିରଚିତ

ସୁତ୍କଳ ଯନ୍ତ୍ରରେ,

ଦ୍ୱିତୀୟବାର ମୁଦ୍ରିତ

# ଶ୍ୟାମା ।

( ଖଣ୍ଡ କାବ୍ୟ )

ବାମଣ୍ଡାଧିପତି

ରଚିତ

ସୁଚଳଯନ୍ତ୍ରରେ

ଦ୍ୱିତୀୟବାର ମୁଦ୍ରିତ ।

ବାମଣ୍ଡା ଗଡ଼ଧାମ ।

୧୮୯୬ ଇ.

ଶ୍ୟାମା - ଶ୍ୟାମା

ଶ୍ରୀ ଯୁକ୍ତ ବାମଣ୍ଡା ଅଧିପତି

ବିରଚିତ

ସୁଚଳ ଯନ୍ତ୍ରରେ, ଦ୍ୱିତୀୟବାର ମୁଦ୍ରିତ

# ବୀର-ବାମା

**ପ୍ରାକ୍‌ସୂଚନା :**

ବୀରବାମା କାବ୍ୟ ହିତୈଷିଣୀ ୬-୯-୧୮୯୩ ସଂଖ୍ୟାରେ ପ୍ରଥମେ ପ୍ରକାଶ ଲଭିଥିଲା । ଏହା ଏକ ଜାତୀୟ ଉଦ୍‌ବୋଧନମୂଳକ କାବ୍ୟ । ଲକ୍ଷ୍ମୀବାଈଙ୍କ ବୀରତ୍ୱର ଜଣେ ଅକପଟ ପ୍ରଶଂସକ ସୁଢ଼ଳଦେବ । ସେ କେବଳ ଲକ୍ଷ୍ମୀବାଈଙ୍କୁ କାବ୍ୟ ସମ୍ମାନ ପ୍ରଦାନ କରି ନଥିଲେ ବରଂ ଲକ୍ଷ୍ମୀବାଈଙ୍କ ଏକ ଅଶ୍ୱାରୋହିଣୀ ମୂର୍ତ୍ତି ନିଜ ପ୍ରମୋଦ ଉଦ୍ୟାନ (ବଡ଼ ବଗିଚା)ରେ ପ୍ରତିଷ୍ଠା କରିଥିଲେ । ଏ ସଂପର୍କରେ ଇଂରେଜ ସରକାରଙ୍କୁ କୈଫିୟତ ଦେବାକୁ ମଧ୍ୟ ପଡ଼ିଥିଲା । ଏ କାବ୍ୟଟିକୁ ଅନ୍ୟ ଏକ ସର୍ଗରେ ସମାପ୍ତ କରିବାର ଅଭିଳାଷ ପୋଷଣ କରିଥିଲେ କବି । କିନ୍ତୁ ତାଙ୍କର ଉଦ୍ଦେଶ୍ୟ ସଫଳ ହୋଇପାରି ନାହିଁ ।

ଊନବିଂଶ ଶତାବ୍ଦୀର ନବଜାଗରଣ ସମୟରେ ବୀରବନ୍ଦନା ଏକ ମୁଖ୍ୟ ବିଭାବ ରୂପେ ଦେଖାଦେଇଥିଲା । ଏ ପ୍ରସଙ୍ଗରେ ଫକୀର ମୋହନଙ୍କ ଭାରତବର୍ଷ ଇତିହାସ ୨ୟ ଭାଗରେ ଲକ୍ଷ୍ମୀବାଈଙ୍କ ଚରିତ୍ରର ଭୂୟସୀ ପ୍ରଶଂସା କରାଯାଇଛି । ଅନ୍ୟପକ୍ଷରେ ଇଂରେଜମାନଙ୍କୁ ସମାଲୋଚନା କରାଯାଇଛି । "ଲର୍ଡ ଡେଲହୌସୀ ଝାନସିରାଣୀ ଲକ୍ଷ୍ମୀବାଈଙ୍କ ପ୍ରତି ଯେ ଅତ୍ୟାଚାର କରିଥିଲେ ତାହା ତାହାଙ୍କର ହୃଦୟପଟରେ ଅଙ୍କିତ ଥିଲା ଓ ସେହିଦିନଠାରୁ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ଅମଙ୍ଗଳ ଚିନ୍ତା କରି ଆସୁଥିଲେ । ବର୍ତ୍ତମାନ ସମୟ ବୁଝି ସ୍ୱୟଂ ଖଡ୍‌ଗ ଧାରଣ ପୂର୍ବକ ସମରରେ ପ୍ରବୃତ୍ତ ହେଲେ । ଝାନସିରେ ଯେ ସକଳ ଇୟୁରୋପୀୟ ବାସ କରୁଥିଲେ ରାଣୀ ସେମାନଙ୍କୁ ବଧ କଲେ । ଗୋୟାଲିୟର ରାଜ୍ୟର ବିଦ୍ରୋହୀ ସିପାହିମାନେ ଓ ଲକ୍ଷ୍ନୌର ପଳାୟିତ ବିଦ୍ରୋହିମାନେ ରାଣୀଙ୍କ ସେନା ସହିତ ମିଳିତ ହେଲେ । ନାନାସାହେବଙ୍କ ପ୍ରଧାନ ସେନାପତି ଟାଣ୍ଟିଆଟୋପି ମଧ୍ୟ ରାଣୀଙ୍କ ସହିତ ମିଳିତ ହେଲେ ।

ରାଣୀ ଏହି ରୂପେ ବର୍ଦ୍ଧିତସାମର୍ଥ୍ୟ ହୋଇ ଅଶ୍ୱାରୋହୀ ବେଶରେ ଅସ୍ତ୍ରଧାରଣ ପୂର୍ବକ ଅପ୍ରେଲ ମାସ ୩୦ ତାରିଖରେ ବ୍ରିଟିସ ସେନାପତିଙ୍କୁ ଆକ୍ରମଣ କଲେ । ଇଂରେଜମାନେ ଯାହାଙ୍କୁ ଅଯୋଗ୍ୟ ମଣି ତାହାଙ୍କ ହସ୍ତରୁ ରାଜ୍ୟଭାର ଛଡ଼ାଇ ନେଇଥିଲେ ବର୍ତ୍ତମାନ ତାହାଙ୍କୁ ପ୍ରକୃତିପ୍ରଦତ୍ତ ଅଧିନାୟକ ଗୁଣରେ ବିଭୂଷିତ ଦେଖିବାକୁ ପାଇଲେ । ରାଣୀଙ୍କ ଅସାଧାରଣ ସୈନ୍ୟଚାଳନା ନୈପୁଣ୍ୟରେ ବ୍ରିଟିସସେନାମାନେ ଅସ୍ଥିର ହୋଇଥିଲେ; ମାତ୍ର ଯୁଦ୍ଧ ଶେଷଭାଗରେ ରାଣୀଙ୍କ

ସେନାମାନେ ଭଙ୍ଗଦେଇ ପଳାୟନ କଲେ । ପରେ କୁଞ୍ଚି ନାମକ ସ୍ଥାନରେ ପୁନର୍ବାର ଯୁଦ୍ଧ ହେଲା । ଏହି ଯୁଦ୍ଧରେ ରାଣୀ ସମ୍ପୂର୍ଣ୍ଣରୂପେ ପରାଜିତ ହେଲେ; କିନ୍ତୁ ତଥାପି ସେ ଭଗ୍ନୋତ୍ସାହା ହେଲେ ନାହିଁ । ସେ ଗୋୟାଲିୟର ରାଜ୍ୟରେ ପୁନର୍ବାର ଯୁଦ୍ଧାରମ୍ଭ କଲେ ମାତ୍ର ସରହିଉ ରୋଜ ଉଷ୍ଟ୍ରାରୋହୀ ସେନା ସହିତ ଯାଇ ରାଣୀଙ୍କ ସେନାମାନଙ୍କୁ ଛତ୍ରଭଙ୍ଗ କରାଇଦେଲେ । କୌଣସି ବ୍ରିଟିସସେନା ରାଣୀଙ୍କୁ ପଡ଼ିଆରେ ଏକାକିନୀ ପାଇ ତାହାଙ୍କ ଗଳାରେ ଲମ୍ବିତ ରତ୍ନମାଳା ଲୋଭରେ ତୁରକସଓୟାର (ମୁସଲମାନ ଆରୋହୀ) ମନରେ କରି ତାହାଙ୍କୁ ବଧ କଲା । ରାଣୀଙ୍କ ଏପରି ଭୟାବହ ପରିଣାମ ଅତ୍ୟନ୍ତ ଦୁଃଖର ବିଷୟ । ବ୍ରିଟିସ୍ ସେନାପତି ହିଉରୋଜ ରାଣୀଙ୍କର ବିପକ୍ଷ ଥିଲେ, ସେ ମଧ୍ୟ ତାହାଙ୍କର ଯଥେଷ୍ଟ ପ୍ରଶଂସା କରି ଯାଇଅଛନ୍ତି ।''

ଏ ପୁସ୍ତକ ସମ୍ଭବତଃ ସୁଢ଼ଳଦେବଙ୍କୁ ଅନୁପ୍ରେରିତ କରିଛି । ବୀରବାମାରେ ସୁଢ଼ଳଦେବ ଭାରତୀୟ ଚରିତ୍ରଙ୍କୁ ଯେତିକି ଉତ୍କର୍ଷତାର ସହିତ ବର୍ଣ୍ଣନା କରିଛନ୍ତି ଇଂରେଜ ସେନାପତିଙ୍କୁ ସେତେଟା ଗୁରୁତ୍ୱ ଦେଇନାହାଁନ୍ତି ।

— ସଂପାଦକ

# ଭୂମିକା

ଭାରତ ରମଣୀମାନଙ୍କର ଦୁର୍ଲ୍ଲଭ ପୁରୁଷୋଚିତ ଗୌରବର ଅପମୃତ୍ୟୁହାରିଣୀ, ରଣତାଣ୍ଡବିନୀ ଲକ୍ଷ୍ମୀ ବାୟୀ ଯେତେବେଳେ ଭାରତୀୟ ଐତିହାସିକ ବାଗ୍-ବୈଭବର ଭୂସମ୍ପତ୍ତି ସ୍ୱରୂପା ହୋଇଅଛି, ତେତେବେଳେ ତହିଁରେ କବିମାନେ ଜନକାଙ୍କ୍ଷିତ ଭୂମି ପରି ଆପଣାର ସ୍ୱତ୍ୱ ସ୍ଥାପନା କରିବାପାଇଁ ସ୍ୱକୀୟ ସରସ୍ୱତୀ ବୈଚିତ୍ର୍ୟର ଚରିତାର୍ଥତା ସମ୍ପାଦନ କରିବାକୁ କୁଣ୍ଠିତ ହେବେ କି ? ଏପରି ସ୍ଥଳେ ଆମ୍ଭର ଏତାଦୃଶୀ ସହୃଦ-ୟାହ୍ଲାଦିନୀ ପ୍ରବୃତ୍ତି ଜନସମାଜରେ ବିଷୋଦ୍ଗାରିଣୀ ହେବନାହିଁ । ଆମ୍ଭର କୌଣସି ଉଦ୍ଦେଶ୍ୟ ନୁହେଁ, କେବଳ ଲକ୍ଷ୍ମୀ ବାୟୀ ଯାହା ହିନ୍ଦୁ କୁଳଲାବଣ୍ୟ ସରଃ ସରୋଜିନୀରେ କୁଳିଶ ସହିଷ୍ଣୁତାର ଅପୂର୍ବଛଟା ଦେଖାଇଅଛି ତାହାହିଁ ପାଠକମାନଙ୍କୁ ଜଣାଇବାର ବାସନା ମାତ୍ର । ଲକ୍ଷ୍ମୀ ବାୟୀର ଗୁଆଲିୟର ଅଧିକୃତ ଓ ସେଠା ଯୁଦ୍ଧ ଏବଂ ତହିଁର ଦେହତ୍ୟାଗାଦି ଆଉ ଗୋଟିଏ ସର୍ଗରେ ବର୍ଣ୍ଣିତ ହେବାକୁ ସମୟାପେକ୍ଷୀ ହୋଇଅଛି ।

। ଇତି ।

— ରଚକ

# ପ୍ରଥମ ସର୍ଗ ।

ପ୍ରକୃତି ପୁରୁଷ ବ୍ରହ୍ମାଣ୍ଡର ବିକାଶକ,
ଉଭୟ ଧର୍ମ୍ମ ଉଭୟେ ସଦା ନିୟାମକ । ୧ ।
ବୀରତା ପୁରୁଷେ ମୃଦୁଲତା ନାରୀଠାରେ,
ସ୍ୱତଃସିଦ୍ଧ ରଞ୍ଜକତା ଦିଶଇ ବାହାରେ । ୨ ।
ବୀରରସ ପୁରୁଷର ସର୍ବତ୍ର ବର୍ଣ୍ଣିତ,
ନାରୀଠାରେ ବୀରଧର୍ମ ବିରଳ କଥିତ । ୩ ।
ସ୍ୱଭାବ ରମଣୀୟତା ଯେତେ ମନ ହରେ,
ବିପରୀତ ହେଲେ ପ୍ରାୟ ତତୋଽଧିକ କରେ । ୪ ।
ଅବୀରେ ବୀରତା ଉକ୍ତି ହୁଏ ଚମତ୍କାର,
ତେଣୁ ଭାରତ ବଧୂର ବୀରତ୍ୱ ପ୍ରକାର । ୫ ।
କହିବାକୁ ସହୃଦୟେ ହୃଦୟ ସହିତ,
ଉତ୍ସାହିତ ହେଲି ବାରେ ଶୁଣ ଏ ଚରିତ । ୬ ।
ଭାରତ ଚିତ୍ରର ଏକ ମନୋହର ସ୍ଥାନ,
ବୁନ୍ଦେଲଖଣ୍ଡ ମଧ୍ୟରେ ସେ ବିରାଜମାନ । ୭ ।
ଝାନ୍ସୀନାମେ ବସୁମତୀ ମର୍ହଟ୍ଟା ପାଳିତ,
ରାଓ ବଂଶୀୟ ଭୂପତି ଦୋର୍ଦ୍ଦଣ୍ଡ ଶାସିତ । ୮ ।
ପର୍ବତମାଳା ଯାହାର ପ୍ରାଚୀର ପ୍ରକାର,
ତରୁଶ୍ରେଣୀ ରୁଚିରତା ଉଦ୍ୟାନ ଆକାର । ୯ ।
ଦକ୍ଷିଣ ଉତ୍ତରେ ଯେଉଁ ମହା ଗିରିରାଜି,
ନିଜ ଦର୍ପ ଦେଖାଅଛି ଉତ୍ତମାଙ୍ଗ ସାଜି । ୧୦ ।
ଉନ୍ନତ ମଧ୍ୟରେ ଯାହା ବିଶ୍ୱ ଆଦର୍ଶକ,
ଭୂପତି କୁଳର ଏକା ଗୌରବ ଦର୍ଶକ । ୧୧ ।
ଅରିଗର୍ବ ବିମର୍ଦ୍ଦନ କରି ଧରାଧର,
ଛାତି ଫୁଲାଇ ଅଛି କି ବାନ୍ଧି ପରିକର ?। ୧୨ ।
ଶତ୍ରୁ ଶସ୍ତ୍ର ନାଶିବାକୁ ପାତିଛି କି ବକ୍ଷ ?
କାଠିନ୍ୟରେ ହୋଇଅଛି ବଜ୍ରଠାରୁ ଦକ୍ଷ । ୧୩ ।

ଶତପର୍ବ୍ବ ଶତ ଶତ ପଡ଼ି ଯା ହୃଦୟେ,
ଧୂଳି ହୋଇ ଯାଇ ତହିଁ ଅଣୁଭାବେ ରହେ । ୧୪ ।
ଗିରି-ଦୁର୍ଗ ଅଧିପତି ମର୍ହଟ୍ଟା ନୃପତି,
ଚକ୍ରବର୍ତ୍ତୀ ସଙ୍ଗେ ସଦା ସଖ୍ୟ ଆଚରନ୍ତି । ୧୫ ।
ଯେତେବେଳେ କମ୍ୱରମିୟର୍ ଭାରତ ଭୂଷଣ,
ଭରତ ପୁର ଦୁର୍ଗକୁ କଲେ ଆକ୍ରମଣ । ୧୬ ।
ଅଭେଦ୍ୟ ଅଜେୟ ଦୁର୍ଗ ଉନ୍ନତ ପ୍ରାଚୀର,
ଧନେ, ମାନେ, ବୀରପଣେ ଟେକିଛି କି ଶିର । ୧୭ ।
ବେଢ଼ିଲେ ଶ୍ୱେତାଙ୍ଗ ସେନା ଚତୁଃପୁର କରି,
ପିପୀଲିକା ଗତି ତହିଁ ନୋହିଲା ସଞ୍ଚରି । ୧୮ ।
ଅଶନିସମ ନିର୍ଘୋଷେ ଛୁଟିଲା କମାଣ,
ବିଘୂର୍ଣ୍ଣିତ ହେଲା ବାସୁକିର ଶିରମାନ । ୧୯ ।
ଗୋଲାଘାତରେ ପ୍ରାଚୀର ନୋହିଲା କମ୍ପିତ,
ତାହା ଦେଖି ସେନାପତି ହୋଇଲେ ଚକିତ । ୨୦ ।
ଏକାଳେ ନାନା ପଣ୍ଡିତ ବହୁସେନା ସାଜି,
ଧାଇଁଲା ଲର୍ଡ଼ ଉଦ୍ଦେଶ୍ୟେ ନିଜ ଶସ୍ତ୍ର ମାଜି । ୨୧ ।
କାଛିଦୁର୍ଗ ଚତୁଃସୀମା ବେଢ଼ିଲା ସତ୍ୱରେ,
ବ୍ରିଟିଶବାହିନୀ ପତି ଖେଦ ମନେ ଧରେ । ୨୨ ।
ଏହି ଅବସରେ ଝାନ୍‌ସୀ ନର-ଅଧିପତି,
ରାମଚନ୍ଦ୍ର ବୀରବର ମହା ଚମୂପତି । ୨୩ ।
ଉଭଟ ଦୁର୍ଦ୍ଧର୍ଷ ମହା ରଣଧୂରନ୍ଧର,
ପଦାତି ସାଜି ହୋଇଲେ ଦୃଢ଼ପରିକର । ୨୪ ।
ବଲ୍‌ଗିତ ଦୁର୍ମ୍ମଦ ଅଶ୍ୱ ସେନାହିଁ ତହିଁରେ,
ନିଯୋଜିତ କଲେ ଅତିପ୍ରଚଣ୍ଡ ଗତିରେ । ୨୫ ।
ଶ୍ୱେତ ସେନାପତିଙ୍କର ହେଲେ ପୃଷ୍ଠଚର,
କାଛିଦୁର୍ଗୁ ନାନାଜୀଙ୍କୁ ତଡ଼ିଲେ ସତ୍ୱର । ୨୬ ।
ସେହି ଦିନୁ ବ୍ରିଟିଶ-କେଶରୀ ପ୍ରିୟପାତ୍ର,
ହୋଇ ନିଜ ଭୂମଣ୍ଡଳେ ଅକମ୍ପିତ ଗାତ୍ର । ୨୭ ।
ଚକ୍ରବର୍ତ୍ତୀ ସମ୍ମାନିତ ରାଜ ବିଭୂଷାରେ,
ବିମଣ୍ଡିତ ହୋଇ ଚିନାକିଲେ ସ୍ୱଧରାରେ । ୨୮ ।

କିଛିଦିନ ଅନ୍ତେ ରାମଚନ୍ଦ୍ର ମହୀପତି,
ଧରାଧାମ ତେଜି ଗଲେ ଛାଡ଼ି ସ୍ୱସମ୍ପତ୍ତି । ୨୯ ।
ଭ୍ରାତୃଷ୍ପୁତ୍ର ରଘୁନାଥ ରାଓ୍ ବୀରବର,
ପିତୃବ୍ୟ ସିଂହାସନରେ ବସିଲେ ସତ୍ୱର । ୩୦ ।
କେତେଦିନ ପରେ ସେହୁ ଧରାକୁ ତେଜିଲେ,
ଗଙ୍ଗାଧର ରାଓ ସିଂହାସନେ ବିରାଜିଲେ । ୩୧ ।
ଝାନ୍‌ସୀରାଜଲକ୍ଷ୍ମୀ ଆଲିଙ୍ଗନେ ବିଭୂଷିତ,
ହୋଇ ମହା ମର୍ଯ୍ୟାଦାରେ ସ୍ୱଜନତୋଷିତ । ୩୨ ।
ଜରାବ୍ୟାଧି ସଞ୍ଚରିଲା ସ୍ୱକୀୟ ଶରୀରେ,
କରାଳ କାଳ ଆକ୍ରାନ୍ତ କଲା ଧୀରେ ଧୀରେ । ୩୩ ।
ପୁତ୍ରହୀନ ନୃପତିଙ୍କ ମୁମୂର୍ଷୁ କାଳରେ,
ଦତ୍ତକ ଗ୍ରହଣ ଇଚ୍ଛା ହୋଇଲା ମନରେ । ୩୪ ।
ଡେଲହୌସୀ ନିକଟରେ କଲେ ନିବେଦନ,
ଦତ୍ତକ ଦେବାକୁ ସେହୁ ନୋହିଲେ ପ୍ରସନ୍ନ । ୩୫ ।
ହତାଶ ହୋଇ ଭୂପତି ଭଜିଲେ ସ୍ତମ୍ଭନ,
ଅପୁତ୍ରିକ ଭାବେ ସେହୁ ଛାଡ଼ିଲେ ଜୀବନ । ୩୬ ।
ନିଜ ପତ୍ନୀ ଲକ୍ଷ୍ମୀ ବାୟୀ ଦୁର୍ଭଗା ମାତର,
ଝାନ୍ସୀ ମହାସମୃଦ୍ଧିର ହୋଇଲେ ପାତର । ୩୭ ।
ସପତ୍ନୀ ଗଙ୍ଗା ବାୟୀକୁ ଭଗିନୀ ଭାବରେ,
ସଙ୍ଗେ କରି ·ଦିନ ନେଲେ ବିଦୀର୍ଣ୍ଣ ହୃଦରେ । ୩୮ ।
ଏଣେ ଭାରତ ଶାସକ ଶୁଣି ଏ ଚରିତ,
ଝାନ୍‌ସୀ ଧରଣୀ ଗ୍ରହଣେ ହୋଇ ଲାଳାୟିତ । ୩୯ ।
ପେଷିଲେ ଶ୍ୱେତାଙ୍ଗ ଦୂତ ଝାନ୍ସୀ ଅଭିମୁଖେ,
ନିର୍ଭୟେ ସେ ସେହିରାଜ୍ୟେ ବିହରିଲେ ସୁଖେ । ୪୦ ।
ରାଜସ୍ତ୍ରୀ ଦ୍ୱୟଙ୍କ ଗାତ୍ରାଭରଣ ସହିତ,
ସମଗ୍ର ସମ୍ପତ୍ତି କରି ସ୍ୱକର କଳିତ । ୪୧ ।
ଚିତ୍ରିତ ବ୍ରିଟିଶ ମହାଧ୍ୱଜା ଧୀରେ ଧୀରେ,
ଉଡ଼ାଇ ଶାସନା କଲେ ଅତ୍ୟୁଗ୍ର ବିଧିରେ । ୪୨ ।
ଦେଖି ଏ ଗର୍ହିତ ବିଧି ଲକ୍ଷ୍ମୀ ବାୟୀ ରାଣୀ,
ଜଳିଲେ କ୍ରୋଧରେ ଦାବାନଳ ପରିମାଣି । ୪୩ ।

ପୁରୁଷୋଚିତ କାର୍ଯ୍ୟକୁ ଅକ୍ଷମ ପ୍ରକୃତି,
ତୁଷାଗ୍ନି ଭାବେ ରହିଲା ନୋହି ଆବିର୍ଭୂତି । ୪୪ ।
ପତିନାଶ ରାଜ୍ୟଭ୍ରଂଶ ସମ୍ପତ୍ତିଲୁଣ୍ଠନ,
ଏଥୁଁ ବଳି ମହୀତଳେ ଅଛି କି କଷଣ ?। ୪୫ ।
ନିଜ କୁଳ ଗୌରବରେ ଆଶ୍ୱାସି ହୃଦୟ,
ସୁଖେଦୁଃଖେ ଦିନ ନେଲେ ସେ ରମଣୀଦ୍ୱୟ । ୪୬ ।
ଦିନୁଦିନୁ ବହ୍ନି ପୁଞ୍ଜ ଲଭନ୍ତେ ସଂସୃଷ୍ଟି,
ଦଗ୍ଧ ହେଲା ରମଣୀ ସୁଲଭ ମୃଦୁ ସୃଷ୍ଟି । ୪୭ ।
ବୀର ରସ ଆଲମ୍ବନ କ୍ରୋଧ ଯେଣୁ ଅଛି,
ସେହି କ୍ରୋଧ ଅନଳ ଭାବକୁ ବହିଅଛି । ୪୮ ।
ତେଣୁ ବୈର ଧୀରେ ଧୀରେ ହୃଦେ ସଞ୍ଚରିଲା,
ସକଳ ପ୍ରକୃତି ବୀର ଗର୍ବରେ ନାଚିଲା । ୪୯ ।
ଭାରତ କମ୍ପିଲା ଯହୁଁ ସମର ତରଙ୍ଗେ,
ବୀରବାଜା ନାନାସ୍ଥାନେ ବାଜେ ନାନା ରଙ୍ଗେ । ୫୦ ।
ସବୁକାଳେ ଭୂମାତାର ଧର୍ମ୍ମ ଏକା ସାକ୍ଷୀ,
ଅଧର୍ମ ହୋଇଲେ ଉଠେ ସେ ରୁଧିର ମାଖି । ୫୧ ।
ଧର୍ମହାନିରେ ଉତ୍ତପ୍ତ ହୁଅଇ ରୁଧିର,
ଛାତି ଫୁଲାଇ ଉଠନ୍ତି ଭାରତ ପ୍ରବୀର । ୫୨ ।
ବ୍ରିଟିଶ କେଶରୀ ବିପକ୍ଷରେ ଶସ୍ତ୍ର ଧରି,
ବାହାରିଲେ ହେଲେ ପଛେ କୃତାନ୍ତରେ ବରି । ୫୩ ।
ଭୂତଳ କ୍ଷତଜଧାରେ ହୋଇଲା ପିଚ୍ଛିଳ,
ବସା, ମସ୍ତିଷ୍କମେଦରେ ଅତ୍ୟନ୍ତ ପଙ୍କିଳ । ୫୪ ।
ଦେଖୁଁ ଦେଖୁଁ ଧର୍ମମଦେ ମାତିଲା ଭାରତ,
କ୍ରୋଧାନ୍ଧ ହୋଇ ସକଳେ ହେଲେ ଯୁଦ୍ଧେ ରତ । ୫୫ ।
ରଣରେଣୁ ଧୂସରିତ ରାଜନ୍ୟ ଯବନ,
ସାହସ କେଳି ତଳପେ ଶୋଇଲେ ବହନ । ୫୬ ।
ଶ୍ମଶ୍ରୁ ଫୁଲାଇ ଉଠିଲେ ଖଡ୍ଗ ଧରି କରେ,
ଚକ୍ଷୁ ବୁଜି ରଣାଗ୍ନିରେ ପଶିଲେ ସତ୍ୱରେ । ୫୭ ।
ଘରେ ଘରେ ଗ୍ରାମେ ଗ୍ରାମେ ସମର ଚହଳ,
ଯେଣେ ଅନାଇଁଲେ ଦିଶେ ଯୋଦ୍ଧା ଦଳ ଦଳ । ୫୮ ।

ଲର୍ଡ଼୍ କମ୍ବର୍ ମିୟର୍ ରାଜପ୍ରତିନିଧି,
ମହାକ୍ରୋଧ-ତରଙ୍ଗରେ ହେଲେ ଜଳନିଧି । ୫୯ ।
ଅହିବତ ଉଠାଇଲେ ନିଜ ବାହୁଫଣା,
ଚତୁର୍ଦ୍ଦିଗେ ବୁଣିଦେଲେ ଶୌର୍ଯ୍ୟବିଷକଣା । ୬୦ ।
ସାଜିଲେ ସୈନ୍ୟ ନିକର ଶ୍ୱେତାଙ୍ଗ ପଦାତି,
ନିଜ ନିଜ ଗର୍ବ ମଦେ ଉଠିଛନ୍ତି ମାତି । ୬୧ ।
ପଂକ୍ତିମ ନାରଙ୍ଗ ସମ ଦିଶେ ମୁଖ ରାଜି,
ସମସୂତ୍ରେ ରହିଛନ୍ତି ହେଲାପରି ସାଜି । ୬୨ ।
ପୃତନା ସୁନୀଳ ବସ୍ତ୍ରେ ହୋଇ ବିଭୂଷିତା,
ଚଳନ୍ତେ ନୀଳତରଙ୍ଗ ପରାଏ କମ୍ପିତା । ୬୩ ।
ଭାରତ ବକ୍ଷ ସାଗର ପରାୟେ କମ୍ପିଲା,
ସୈନ୍ୟସଜ୍ଜା ଆଲୋଡ଼ନ ବେଗରେ ଭ୍ରମିଲା । ୬୪ ।
ଶୋଭଇ ବନ୍ଧୁକୋପରି ସୁତୀକ୍ଷ୍ଣ ସଙ୍ଗିନ,
କରିବ ଏ କି ଶତ୍ରୁଙ୍କ ଭେଦ ସର୍ବାଙ୍ଗୀନ ?। ୬୫ ।
ଅରି ମର୍ଦ୍ଦନ କମାଣ ଭୈରବ ନାଦରେ,
ନଗ, ନଗର, ଧରଣୀ କମ୍ପିଗଲେ ଦରେ । ୬୬ ।
ଅସ୍ତ ହେଲା ଭାରତର ଶୌର୍ଯ୍ୟ-ଦିନକର,
ଫୁଟିଲା ସୌଭାଗ୍ୟ-କୁମୁଦିନୀ ଲର୍ଡ଼ଙ୍କର । ୬୭ ।
ଶ୍ରବଣ-ଭୀଷଣ ଜୟ ଡିଣ୍ଡିମ ବଜାଇ,
ବିଜୟ ଘୋଷଣା ଦେଲେ ପ୍ରତିଦିଗେ ଯାଇ । ୬୮ ।
ଜୟଲକ୍ଷ୍ମୀ ଆଲିଙ୍ଗିତା ଭିକ୍ଟୋରିୟା ରାଣୀ,
ସର୍ବତ୍ର ପ୍ରଚାର କଲେ ଧର୍ମ ସୁଧା ବାଣୀ । ୬୯ ।
"ବିଦ୍ରୋହୀମାନଙ୍କ ଦୋଷ ଧର୍ତ୍ତବ୍ୟ ନ ହେବ,
ଧର୍ମ୍ମପ୍ରତି ହସ୍ତକ୍ଷେପ କଦାଚ ନୋହିବ" । ୭୦ ।
ଶୁଣି ସ୍ୱର୍ଗୀୟ ରସନା-ନର୍ତ୍ତକୀ ସୁବାଣୀ,
କର୍ଣ୍ଣ ମୁଖେ ପିଇଲେ ପୀୟୁଷ ଝରି ଜାଣି । ୭୧ ।
ଭାରତ ପ୍ରବୀରେ ନିଜ ମୁକୁଟ ରତ୍ନରେ,
ନିରାଜନା କଲେ ମହାରାଣୀଙ୍କୁ ଯତ୍ନରେ । ୭୨ ।
ଅବନତ ଶିରେ ସେବାଞ୍ଜଳି ଦେଇ ଖରେ,

ସୁନୀତି-ଭାଗ୍ୟପର୍ଯ୍ୟଙ୍କେ ବସିଲେ ସତ୍ୱରେ । ୭୩ ।
ଏହି ଅବସରେ ଝାନ୍ସୀ ସିପାହି ନିକର,
କାଲେଖାଁର ଉତ୍ତେଜରେ ହେଲେ ଅସ୍ତ୍ରକର । ୭୪ ।
ଝାନ୍ସୀଭୂମି ସ୍ୱାଧୀନରେ ରହିବାକୁ ସର୍ବେ,
ମାତି ଉଠିଲେ ସଶସ୍ତ୍ରେ ନିଜ ନିଜ ଗର୍ବେ । ୭୫ ।
ଦିନେ ଦୁର୍ଗମଣ୍ଡପରେ ଫିରିଙ୍ଗି ସକଳ,
ଆମୋଦେ ବସି ଅଛନ୍ତି ହୋଇ ଦଳଦଳ । ୭୬ ।
ଦେଖୁଛନ୍ତି ପ୍ରଭାତର ଅପୂର୍ବ ସୁଷମା,
ବାଳ ଅରୁଣ କିରଣେ ମନୋହରତମା । ୭୭ ।
ଶ୍ୱେତାଙ୍ଗ ରମଣୀ ଶୁଭ୍ର ତନୁ ଚାରୁ ଚିତ୍ର,
ପ୍ରଭାତ ମାଧୁର୍ଯ୍ୟ ଲକ୍ଷ୍ମୀ ତରଙ୍ଗେ ପବିତ୍ର । ୭୮ ।
ପ୍ରେମାଞ୍ଜନ ଶଳାକାର ସଦୃଶ ତରଣୀ,
ନୟନ ପୁଞ୍ଜ ତହିଁରେ ହୋଇଛନ୍ତି ଋଣୀ । ୭୯ ।
ଚୋଷ୍ୟ ଚର୍ବ୍ୟ ଲେହ୍ୟ ପେୟ ଭୋଜନ ସମ୍ଭାର,
ଠାବେ ଠାବେ ରହିଅଛି ହେବାକୁ ଆହାର । ୮୦ ।
ପ୍ରେୟସୀ କରରେ ନିଜ କରକୁ ସମର୍ପି,
ଭ୍ରମନ୍ତି ଆନନ୍ଦଭରେ ହୋଇ ମହାଦର୍ପୀ । ୮୧ ।
ଚକ୍ରାନ୍ତକାରୀ ଦଳରୁ ହୃଦୟ ମର୍ଦ୍ଦିନୀ,
ଶୁଭିଲା ଏକାଳେ ହଠାତ୍ ଦୁଡୁମ୍ ଦୁଡୁମ୍ ଧ୍ୱନି । ୮୨ ।
ଉତ୍କର୍ଣ୍ଣ ହୋଇ ସକଳେ ସଚକିତ ମନେ,
ଜାଣିଲେ ଉଠିଲା ଦ୍ୱେଷ ସିପାହି ସଦନେ । ୮୩ ।
ଦେଖୁଁ ଦେଖୁଁ ହତ୍ୟାକାଣ୍ଡ ଆକ୍ରମିଲା ଆସି,
ଶସ୍ତ୍ର ଧରି ସଜ ହେଲେ ଶ୍ୱେତଦ୍ୱୀପବାସୀ । ୮୪ ।
ଅଟଳ ନିଷ୍କମ୍ପ ସେନା ବ୍ରିଟିଶସିଂହର,
ଶୃଗାଳ ମୁଖରବରେ ହେବ କି କାତର ?। ୮୫ ।
କିଲ୍ଲା ଚାରିପାଶେ ରହି ଗୋଳା ବରଷିଲେ,
ଛାତି ଫୁଲାଇ ଶତ୍ରୁଙ୍କ ସହିତ ଯୁଝିଲେ । ୮୬ ।
ଦୁର୍ମଦ ଝାନ୍ସୀସିପାହି ମାରି ଅକାତରେ,
ଶୁଭ୍ର କଲେ ରଣକ୍ଷେତ୍ର ଶ୍ୱେତାଙ୍ଗ ଶବରେ । ୮୭ ।

ନିଜ ସେନା ଅଙ୍ଗୀୟସୀ ଦେଖି କମିଶ୍ନର,
କିଲ୍ଲା ଭିତରୁ ଯିବାକୁ ହେଲେ ତରତର । ୮୮ ।
କିଲ୍ଲାରୁ ବାହାରି ରାତ୍ରେ ଶ୍ୱେତାଙ୍ଗ ସକଳେ,
ବାଳକ ମହିଳା ସଙ୍ଗେ ଚଳିଲେ ଚପଳେ । ୮୯ ।
ଚଳନ୍ତେ ମାର୍ଗରେ ସର୍ବ ବିଦ୍ରୋହୀ ନୃଶଂସ,
ସତ୍ୱରେ ମାଇଲେ ଘେରି ହୋଇ କ୍ରୋଧବଶ । ୯୦ ।
ଦୁଗ୍ଧକଣ୍ଠ ଶିଶୁ, ନାରୀ କିଛି ନ ରଖିଲେ,
ହୃଦୟ ବିଦୀର୍ଣ୍ଣ ହତ୍ୟା କାଣ୍ଡ ବିରଚିଲେ । ୯୧ ।
"ଜୟ ମା ଜୟ ମା ଲକ୍ଷ୍ମୀ ବାୟୀ ଜୟ ଜୟ"
ବୋଲି ବୋଲି ରାଣୀଠାକୁ ଗଲେ ସୈନ୍ୟଚୟ । ୯୨ ।
ଏ କାଣ୍ଡ କିଛି ମାତର ନ ଜାଣନ୍ତି ରାଣୀ,
ତତ୍କାଳେ ଶୁଣିଲେ ନିଜ ଜୟ ଜୟ ବାଣୀ । ୯୩ ।
ସାହେବ ମାନଙ୍କ ମହା ହତ୍ୟାହିଁ ଶୁଣିଲେ,
ମନେ ମନେ ଧରାଧାମୁଁ ସ୍ୱଆଶା ତେଜିଲେ । ୯୪ ।
ସିପାହି ସର୍ଦ୍ଦାର ସର୍ବେ ରାଣୀକୁ ରାଜ୍ୟରେ,
ବସାଇ ଝାନ୍‌ସୀ ରାଜ୍ୟକୁ କଲେ ସ୍ୱାଧୀନରେ । ୯୫ ।
ଶୁଣିଲେ ଭାରତ ଚକ୍ରବର୍ତ୍ତୀ ଏ ଚହଳ,
ଫିରିଙ୍ଗି ଶୂନ୍ୟ ହୋଇଲା ଝାନ୍‌ସୀ ଭୂମଣ୍ଡଳ । ୯୬ ।
ନେତ୍ର କୋଣରୁ କ୍ରୋଧାଗ୍ନି ସ୍ଫୁଲିଙ୍ଗ ସ୍ଫୁରିଲା,
ଜବାକୁସୁମ ଛଟାରେ ଶରୀର କମ୍ପିଲା । ୯୭ ।
ମନେକଲେ ରକ୍ତମୟୀ ହେବ ଝାନ୍‌ସୀ ଉର୍ବୀ,
ଲକ୍ଷ୍ମୀ ବାୟୀ ହେତୁ ହତ୍ୟା ହୋଇଅଛି ଗୁର୍ବୀ । ୯୮ ।
ଏକାଳେ କାନପୁରରେ ବିଦ୍ରୋହ ଉଠିଲା,
ପୁଣି ଆର୍ଯ୍ୟାବର୍ତ୍ତ ଯୁଦ୍ଧ-ତରଙ୍ଗେ ଭାସିଲା । ୯୯ ।
ଝାନ୍‌ସୀ ଉଦ୍ଧାରେ ଲର୍ଡ଼ଙ୍କ ହେଲା ଗତିରୋଧ,
ତୁଷାନଳ ସମଭାବେ ବିରମିଲା କ୍ରୋଧ । ୧୦୦ ।
କାନପୁର ବିଦ୍ରୋହରେ ବ୍ୟୂହ ବିରଚିଲେ,
ନାନା ସ୍ଥାନେ ସୈନ୍ୟମାନେ ସଦର୍ପେ ରାଜିଲେ । ୧୦୧ ।
ଏହି ଅବସରେ ଲକ୍ଷ୍ମୀବାୟୀ ନିରାପଦେ,
ଦଶ ମାସ ବିହରିଲେ ନିଜ ଜନପଦେ । ୧୦୨ ।

## ଦ୍ୱିତୀୟ ସର୍ଗ

ପ୍ରବଳ-ପ୍ରତାପ ଲର୍ଡ୍ ଭାରତ ମିହିର,
ଅକମ୍ପ ହୃଦୟେ କଟାଇଲେ ଶତ୍ରୁଶିର । ୧ ।
ଅଭୟ, ବିଦ୍ରୋହହୀନ ହେଲା ଆର୍ଯ୍ୟାବର୍ତ୍ତ,
ଝାନ୍‌ସୀ ବିଦ୍ରୋହାଗ୍ନି ପୁଣି ହେଲା ପରାବର୍ତ୍ତ । ୨ ।
ଦୁର୍ଦ୍ଧର୍ଷ ଶ୍ୱେତାଙ୍ଗ ଚମୂ ତହିଁ ନିଯୋଜିଲେ,
ସୈନ୍ୟାଧକ୍ଷ ''ହିଉରୋଜ'' ସସୈନ୍ୟେ ଚଳିଲେ । ୩ ।
ଚୈତ୍ର ମାସ ତପ୍ତଧାରା ତିଗ୍ମାଂଶୁ ସଙ୍ଗିନୀ,
ସତେଜେ ଚଳଇ ତହିଁ ଇଂରାଜ ବାହିନୀ । ୪ ।
ଝାନ୍‌ସୀ ରାଜ୍ୟ ସୈନ୍ୟରାଶି ତ୍ରଙ୍ଗ ବେଗରେ,
ବିଦଳିତ ହୋଇଗଲା ଅତ୍ୟନ୍ତ କ୍ଷୋଭରେ । ୫ ।
ଝାନ୍‌ସୀ ଦୁର୍ଗ ଚତୁଃସୀମା ବେଢ଼ିଲେ ଚଞ୍ଚଳେ,
ସ୍କନ୍ଧାବାର ଆଡ଼ମ୍ବରେ ଉଦ୍‌ବିଗ୍ନ ସକଳେ । ୬ ।
ଶତସିଂହ ମଧ୍ୟଗତ କୁରଙ୍ଗୀ ସଦୃଶା,
ଲକ୍ଷ୍ମୀବାୟୀ ରହିଅଛି ବଳେ ନୋହି କୃଶା । ୭ ।
ଧନ୍ୟ ସେ ରମଣୀ ! ଧନ୍ୟ ମୃଦୁଳ ପ୍ରକୃତି !,
ଦେଖୁଁ ଦେଖୁଁ ବୀରରସେ ଭଜିଲା ସଂସ୍କୃତି । ୮ ।
ଶୁଣି ଇଂରାଜ ଆକ୍ରମ ଅବଳା-ମଣ୍ଡନୀ,
ବୀରତେଜେ ହୋଇଗଲା ସବଳା ବନ୍ଦନୀ । ୯ ।
ଝାନ୍‌ସୀର ପରମବନ୍ଧୁ ପ୍ରତାପୀ ତାନ୍ତିଆ,
କବଚିତ କରି ତନୁ ଶୀଘ୍ରେ ହେଲା ଠିଆ । ୧୦ ।
ସଜାଇ ନିଜ ସେନାନୀ ଦେଖିଲା ହରଷେ,
ଲକ୍ଷ୍ମୀ ବାୟୀ ସାହାଯ୍ୟକୁ ଚଳିଲା ରଭସେ । ୧୧ ।
ଝାନ୍‌ସୀ ରାଜ୍ୟ ଅନ୍ତରାଳେ ପଶିଲା ସତ୍ୱରେ,
ବଜାଇଲା ବୀରବାଜା ଅତି ଭୟଙ୍କରେ । ୧୨ ।
ଇଂରାଜ ଚମୂନାୟକ ସସୈନ୍ୟେ ଧାଇଁଲେ,
ତାନ୍ତିଆ ତପିକୁ ଯାଇ ବାଟେ ଓଗାଳିଲେ । ୧୩ ।
ଗୋଳାଘାତେ ତପିସୈନ୍ୟ କଲେ ଛିନ୍ନ ଭିନ୍ନ,

ପଳାଇଗଲା ତାନ୍ତିଆ ମନ କରି ଖିନ୍ନ । ୧୪ ।
ଲେଉଟି ଶ୍ୱେତାଙ୍ଗ ବୀରେ ବରଷିଲେ ଗୁଳି,
କିଲ୍ଲା ପ୍ରାଚୀରରେ ସବୁ ହେଉଅଛି ଧୂଳି । ୧୫ ।
କମାଣ ନାଦରେ ଝାନ୍‌ସୀ ମହୀ ଥରହର,
ନଗରବାସୀଙ୍କ ହୃଦ ହୋଇଲା ପଥର । ୧୬ ।
ରାଣୀଙ୍କ ପକ୍ଷ 'କାଲେଖାଁ' ଅଶ୍ୱ ସୈନ୍ୟ ନେତା,
ଦୁଇଦମ୍ ଟାଣିଦେଇ ହେଲା ଦୃଢ଼ଚେତା । ୧୭ ।
ଗୁରୁ ବକ୍‌ସ ଆଦି ଚମୂ-ନାୟକ ସକଳ,
ସୈନ୍ୟ ସାଜି ସିଂହଦ୍ୱାରେ ହୋଇଲେ ଗହଳ । ୧୮ ।
ସପତ୍ନୀକି ସହରଷେ କହେ ଲକ୍ଷ୍ମୀବାୟୀ,
ନିଜ ବେଶ ଛାଡ଼ି ଯୁଦ୍ଧ ବେଶ ହୁଅଁ ଯାଇ । ୧୯ ।
ଶୁଣି ଗଙ୍ଗାବାୟୀ ଯୁଦ୍ଧ ବେଶେ ହେଲା ସାଜି,
ଆଜ୍ଞା ପ୍ରମାଣେ ପ୍ରବେଶ ହେଲା ନିଜ ବାଜୀ । ୨୦ ।
ଉଲଙ୍ଗ କୃପାଣ କରେ ଅଶ୍ୱେ ବିଜେ କଲା ।
ନିଜ ବାହିନୀ ପାଶକୁ ଧୀରେ ଧୀରେ ଗଲା । ୨୧ ।
ଲକ୍ଷ୍ମୀବାୟୀ ବୀରଭୂଷା ସୁଦୃଢ଼େ ବାନ୍ଧିଲା,
ମୂର୍ତ୍ତିମତୀ ବୀରଲକ୍ଷ୍ମୀ ପରାୟେ ରାଜିଲା । ୨୨ ।
ଲଲାଟ ପଟରେ ଶୋଭେ ଶୁଭ୍ର ତ୍ରିପୁଣ୍ଡ୍ରକ,
ସୁବର୍ଣ୍ଣେ ରଜତ ରେଖା ପରି ଝକ ଝକ । ୨୩ ।
ରଣଶାୟିଙ୍କର କିବା ସ୍ୱର୍ଗ ସୋପାନିକା,
ଶୈବିନୀ ଭାବ ଦେଖାଏ ସ୍ୱଚ୍ଛ କପାଳିକା । ୨୪ ।
ରଣସଙ୍ଗୀ ସପତ୍ନୀର ସଦୃଶ ବାଜୀରେ,
ଆରୋହି ପଶିଲା ଯାଇ ସ୍ୱସୈନ୍ୟ ରାଜିରେ । ୨୫ ।
ଟହ ଟହ ହାସ ମୁଖ ଚନ୍ଦ୍ରରେ ଶୋଭୁଛି,
ଶଶୀ କିବା ଶିତସ୍ରୋତ ତରଙ୍ଗେ ଭାସୁଛି । ୨୬ ।
କୃତାନ୍ତ ରସନାସମ ଅସି କରେ ଧରି,
ବୀରବେଶ ଆଡ଼ମ୍ବରେ ହୋଇଅଛି ବରି । ୨୭ ।
ବାନ୍ଧିଛି ଛୁରିକା କଟିତଟେ ଦୃଢ଼ କରି,
ପୃଷ୍ଠେ ଲମ୍ବିଛି ଫଳକ ସୂର୍ଯ୍ୟବିମ୍ବ ପରି । ୨୮ ।

କୋଷମୁକ୍ତ ଅସି ଝଲକରେ ତେଜସ୍ୱିତା,
ବଢ଼ିଛି ନିଜ-ଲାବଣ୍ୟ ଦ୍ୟୁତି ଦ୍ୱିଗୁଣିତା । ୨୯ ।
ଝକ ଝକ କରେ ସୌର କିରଣେ ସୁଦତୀ,
ସୂର୍ଯ୍ୟମଣି ଚାଲେ କିବା ହୋଇ ମୂର୍ତ୍ତିମତୀ । ୩୦ ।
ଭ୍ରମୁଛି କରରେ ସଦା ମହା ଅସିବର,
ଅଲାତ ଚକ୍ର ଶୋଭାକୁ ବହି ନିରନ୍ତର । ୩୧ ।
ଦେଖିଦେଲେ ବୁଜି ହୋଇଯାଏ ଚକ୍ଷୁଦ୍ୱୟ,
ମନେ ବାମାଠାରେ ନାହିଁ ଦୟୋଦୟ । ୩୨ ।
ଅଶ୍ୱ ହ୍ରେଷାରବେ ଶତ୍ରୁ ହୃଦ ଦକ ଦକ,
ହୁଏ ଅବିରତେ ଦେହ ସ୍ୱେଦେ ଜକ ଜକ । ୩୩ ।
ସୌଦାମିନୀ ପରି ବାଜୀ ଖେଳୁଛି ଆଜିରେ,
ଲୁଚିଯାଏ ମେଘସମ ସିପାହି ରାଜିରେ । ୩୪ ।
ଚତୁର୍ଦ୍ଦିଗେ ଫୁଟୁଅଛି ଭୀଷଣ ବନ୍ଧୁକ,
ନିର୍ଭୟେ ହାଣି ମସ୍ତକ ଖେଳଇ କନ୍ଦୁକ । ୩୫ ।
ପଚେଲିମ ଫଳ ପରି କାୟରୁ ମସ୍ତକ,
ଝଲି ପଡ଼ି ବାହାରୁଛି ରକ୍ତ ଭକ ଭକ । ୩୬ ।
ରକ୍ତ ଫୁହାରା ବସିଲା ରଣ ଚଉପାଶେ,
ସାଜିଛି କି ବୀରଲକ୍ଷ୍ମୀ ମାଜଣା ସକାଶେ । ୩୭ ।
ଦେଖୁଁ ଦେଖୁଁ ରକ୍ତମୟୀ ଅଖିଳ ଧରଣୀ,
ବାସନ୍ତୀ କିଂଶୁକ ପୁଷ୍ପେ ହେଲା କି ବରଣୀ ?। ୩୮ ।
ମରଣ-ବରଣୀ-ମଉହାସ-ଆଡ଼ମ୍ବରେ,
ମୋହିତ ହୋଇ ପଡ଼ନ୍ତି ବୀରମାନେ ଖରେ । ୩୯ ।
ସ୍ଫୁଲିଙ୍ଗ ଉଦ୍‌ଗାରି ନେତ୍ରେ ଦେଖଇ ସଦର୍ପେ,
ଫୁତ୍କାରି କ୍ଷ୍ୱେଡ଼ ଉଦ୍‌ଗାର କରନ୍ତି କି ସର୍ପେ ?। ୪୦ ।
ଫଣା ଟେକି ବିଷଧର ଗର୍ଜିଲା ପରାୟେ,
କରେ କରବାଳ ଧରି ଧାଇଁ ଆସୁଥାଏ । ୪୧ ।
କବଚରେ ଗୁଳି ବାଜି ଶୁଭେ ଝଣତ୍କାର,
ଝଲକି ପଡ଼ଇ ତହୁଁ ସ୍ଫୁଲିଙ୍ଗ ଅପାର । ୪୨ ।

କୁଳିଶ ସଂକାଶ ଗୁଳି ଆସୁଥିଲେ ଘନେ,
ପାତଇ ଛାତି ରମଣୀ ସହାସ୍ୟ ବଦନେ । ୪୩ ।
କାଳାନ୍ତ ଜ୍ୱଳନ ସମ ଭ୍ରମଇ ନୟନ,
ମୂର୍ଚ୍ଛିତ ହୋଇ ପଡ଼ିବ ଦେଖିଲେ ଶମନ । ୪୪ ।
ପୃଷ୍ଠଚରୀ ଗଙ୍ଗାବାୟୀ ଅକ୍ଷୋଭ ପ୍ରହାର,
କରଇ କଳ୍ପାଗ୍ନି ସମ ଧରି ଶସ୍ତ୍ରବାର । ୪୫ ।
ଘୋଟକ ଖୁରାଘାତରେ ଯେତେ ବିମର୍ଦ୍ଦିତ,
ଦେଖୁଁ ଦେଖୁଁ ହେଉଛନ୍ତି କୃତାନ୍ତ ଚର୍ବିତ । ୪୬ ।
ଇଂରାଜ-ସୈନ୍ୟ-ଅଟବୀ-ବସନ୍ତ-ବିହାରୀ,
ମୃଗୟା କରୁଛି ନରସିଂହ ମାରି ମାରି । ୪୭ ।
କିବା ରକ୍ତାଂଶୁକ ପରିଧାନୀ ବନଦେବୀ,
ବୀରବେଶେ ଖେଳୁଛନ୍ତି ଅଶ୍ୱପୃଷ୍ଠ-ସେବୀ । ୪୮ ।
ସୃକ୍‌କଣୀ ଲେହନ କରି ସେ ରମଣୀ-ବ୍ୟାଘ୍ରୀ,
କୃପାଣ ଶୋଣିତଧାରେ ହୋଇଛି ରକ୍ତାଂଘ୍ରି । ୪୯ ।
ସମର ଶ୍ଳାଘିନୀ ବାମା ନିଃଶଙ୍କରେ ଧାଏଁ,
ନିକୃତ୍ତ-ବୀରମସ୍ତକ ଭାଲରେ ଉଠାଏ । ୫୦ ।
କଳାମେଘେ ପଶେ ଯଥା ବିଜୁଳୀ ଝଟକ,
ସିପାହି ଗହଳେ ତଥା ରାମାର ଛଟକ । ୫୧ ।
ମହେନ୍ଦ୍ରାଶନି-ନିଃସ୍ୱନ ଜିଘାଂସୁ ଆୟୁଧ,
ଘନଘନ ଆସୁଅଛି ମାର୍ଗ କରି ରୁଦ୍ଧ । ୫୨ ।
କାଲେଖାଁର ଅଶ୍ୱ ଚମୂ ସଙ୍ଗୀନ କୋଟିରେ,
ଛିନ୍ନ ଭିନ୍ନ ହୋଇଗଲେ ଅତ୍ୟନ୍ତ ଗ୍ଳାନିରେ । ୫୩ ।
କାଲେଖାଁକୁ ଚତୁର୍ଦ୍ଦିଗେ ଘେରିଥିଲେ ଯୋଦ୍ଧା,
ଯମଦାନ୍ତୁ ଗଳି, ଗଲା ବୋଲି 'ଖୋଦା' 'ଖୋଦା' । ୫୪ ।
ଉଭୟ ପୃତନା ଅତିଶୟ କ୍ଳାନ୍ତ ହେଲେ,
ଦିନକର ଅସ୍ତାଚଳ ଶିରେ ପଦ ଦେଲେ । ୫୫ ।
ବିରମିଲା ରଣବାଜା ଗଲା ସେହିଦିନ,
ଲକ୍ଷ୍ମୀବାୟୀ, ଗଙ୍ଗା ବାୟୀ ଅସ୍ତ୍ରରେ ସଂଖିନ୍ନ । ୫୬ ।
ବିଶଲ୍ୟ କରି ଦେହକୁ ଏକତ୍ରେ ବସିଲେ,

ସୈନ୍ୟାଧ୍ୟକ୍ଷ ସହିତରେ ମନ୍ତ୍ର ବିରଚିଲେ । ୫୭ ।
କାଲ୍ପୀଦୁର୍ଗେ ତାନ୍ତିଆ ତ ସସୈନ୍ୟେ ରହିଛି,
ଇଂରାଜ ବିପକ୍ଷେ ମହା ବିଦ୍ୱେଷ ବହିଛି । ୫୮ ।
ତାହାର ସାହାଯ୍ୟେ ଶତ୍ରୁ ଭୟ ବିନାଶିବା,
ମହାଁଟ୍ଟାକୁଳ-ଗୌରବ ସଦର୍ପେ ରଖିବା । ୫୯ ।
ଏହା ବୋଲି ରାତ୍ରମଧ୍ୟେ ସକଳେ ଚଳିଲେ,
କାଲ୍ପୀଦୁର୍ଗେ ତାନ୍ତିଆକୁ ସାଦରେ ଭେଟିଲେ । ୬୦
ତାନ୍ତିଆ ଶ୍ଳାଘାରେ ସର୍ବେ ହେଲେ ଉତ୍ତେଜିତ,
ଶରୀର ବୈର ତରଙ୍ଗେ କଲେ ଜର୍ଜ୍ଜରିତ । ୬୧ ।
ପରଦିନେ ''ହିଉରୋଜ'' ସୈନ୍ୟେ ହୋଇ ବୃତ,
ଝାନ୍ସୀଦୁର୍ଗ ନିରାପଦେ କଲେ ଅଧିକୃତ । ୬୨ ।
କାଲ୍ପୀଦୁର୍ଗେ ଲକ୍ଷ୍ମୀ ବାୟୀ ତାନ୍ତିଆ ସହିତ,
ରଣସଜ୍ଜା କରୁଅଛି ହୋଇ ଉତ୍ସାହିତ । ୬୩ ।
ଶୁଣି ଶ୍ୱେତ ସେନାପତି କାଲ୍ପୀ ଅଭିମୁଖେ,
ଧାଇଁଲେ ଅତି ଚପଳେ ବୀରମଦସୁଖେ । ୬୪ ।
ତାନ୍ତିଆ ସହିତେ ରାଣୀ ଯୁଝିଲା ଅଜସ୍ରେ,
ସିଂହ ଆଗେ କି କରିବେ ହରିଣୀ ସହସ୍ରେ ?। ୬୫ ।
ତାନ୍ତିଆ, ରାଣୀ ତତ୍କାଳେ ହେଲେ ଲୁକ୍‌କାୟିତ,
ଇଂରାଜ ବିଜୟ ଧ୍ୱନି ହେଲା ବିସ୍ତାରିତ । ୬୬ ।

# ଜହ୍ନମାମୁ ।

୨ୟ ସଂସ୍କରଣ

---

ବାମଣ୍ଡାଧିପତି ସୁଚ୍ଚଳଦେବଙ୍କ ଦ୍ୱାରା

ସଂକଳିତ ।

---

ବିଷ୍ଣୁ ହେଉଛନ୍ତି ଜଗତପିତା,

ସେହେତୁ ଲକ୍ଷ୍ମୀହେଲେ ଲୋକମାତା ।

ତାଙ୍କଭାଇ ହୋଇ ଚନ୍ଦ୍ର, ଜନମୁ,

ଜଗତରେ ଖ୍ୟାତ ସେ ଜନମାମୁ ।

ଅପଭ୍ରଂଶକଲେ,

ଜହ୍ନମାମୁ ବୋଲି ଅଜ୍ଞାନି ପିଲେ ।

---

ବାମଣ୍ଡା ଜଗନ୍ନାଥ ବଲ୍ଲଭ ପ୍ରେସରେ ମୁଦ୍ରିତ ।

ସନ ୧୯୦୩ ଇଃ

---

# ଜହ୍ନମାମୁଁ ।

୨ ୟ ସଂସ୍କରଣ ।

ବାମଣ୍ଡାଧିପତି ସୁଢ଼ଳଦେବଙ୍କ ଦ୍ୱାରା

ସଂକଳିତ ।

---

ବିଷ୍ଣୁ ହେଉଛନ୍ତି ଜଗତପିତା ,

ସେହେତୁ ଲକ୍ଷ୍ମୀହେଲେ ଲୋକମାତା ।

ତାଙ୍କଭାଇ ହୋଇ ଚନ୍ଦ୍ର, ଜନମୁ ,

ଜଗତରେ ଖ୍ୟାତ ସେ ଜନମାମୁ ।

ଅପଭ୍ରଂଶକଲେ ,

ଜହ୍ନମାମୁ ବୋଲି ଅଜ୍ଞାନ ପିଲେ ।

---

ବାମଣ୍ଡ ଜଗନ୍ନାଥ ବଲ୍ଲଭ ପ୍ରେସରେ ମୁଦ୍ରିତ ।

ସନ ୧୯୦୩ ଇଃ

# ପ୍ରାକ୍‌ସୂଚନା

ଯୌଥ କବିତା ରଚନାର ଧାରା ବହୁ ପୂର୍ବରୁ ବାମଣ୍ଡାରେ ପରୀକ୍ଷିତ ଓ ସଫଳୀକୃତ। ସଚ୍ଚିଦାନନ୍ଦଙ୍କ ସଂପାଦନାରେ ୧୮୯୪ରେ ପରିଜାତମାଳା କାବ୍ୟପୁସ୍ତକ ବାମଣ୍ଡା ଜଗନ୍ନାଥ ବଲ୍ଲଭ ପ୍ରେସରେ ପ୍ରକାଶିତ। ଏ ପୁସ୍ତକରେ ଷଡ଼୍‌ଋତୁର ବର୍ଣ୍ଣନା ସଂକଳିତ। ବସନ୍ତ ଓ ବର୍ଷା ଋତୁ ଦାମୋଦର ମିଶ୍ର, ଶରତ୍ ଓ ହେମନ୍ତ ଋତୁ ସଚ୍ଚିଦାନନ୍ଦ ଦେବ ଏବଂ ଗ୍ରୀଷ୍ମ ଓ ଶିଶିର ଋତୁ ଜଳନ୍ଧରଦେବଙ୍କ ଦ୍ୱାରା ରଚିତ। ଅଠର ପୃଷ୍ଠାର ଏ କ୍ଷୁଦ୍ର ପୁସ୍ତିକାଟି ଓଡ଼ିଆ ସାହିତ୍ୟରେ ପ୍ରଥମ ବହୁ କବି ରଚିତ ଋତୁ ବର୍ଣ୍ଣନା ରୂପେ ଗୃହୀତ ହୋଇପାରେ। ଏ ଧାରାକୁ ଆହୁରି ପରିପୁଷ୍ଟ କରେ ବଳଭଦ୍ର ଦେବଙ୍କ "ଚନ୍ଦ୍ରର ଶରୀରେ ଏହା ନୁହେଁ କଳଙ୍କ"। ଏ ଶୀର୍ଷକରେ ଅନେକ କବିତା ସଂକଳିତ ହୋଇ ସଂବଲପୁର ହିତୈଷିଣୀ ୧୧/୩୮ ଓ ୧୧/୩୯ ସଂଖ୍ୟାରେ ପ୍ରକାଶିତ। ବଳଭଦ୍ରଦେବ "ଚନ୍ଦ୍ରର ଶରୀରେ ଏହା ନୁହେଁ କଳଙ୍କ" ଶୀର୍ଷକ ସମସ୍ୟା ସଂବଲପୁର ହିତୈଷିଣୀ (୧୧/୩୪) ତା–୨୭-୧୨-୧୮୯୯ରେ ପ୍ରଦାନ କରିଥିଲେ। ଏ ସମସ୍ୟା ଓଡ଼ିଶାର ବିଭିନ୍ନ ପ୍ରାନ୍ତର କବିଙ୍କୁ ଆକୃଷ୍ଟ କରିଥିଲା। ଏପରିକି ଗଙ୍ଗାଧର ମେହେର ମଧ୍ୟ ଏ ପ୍ରସଙ୍ଗରେ ଏକ ପଙ୍‌କ୍ତି ରଚନା କରିଥିଲେ।

ଜହ୍ନମାମୁଁ ଶୀର୍ଷକରେ ବିଭିନ୍ନ କବିଙ୍କଠାରୁ ସୁଢ଼ଳଦେବ କବିତା ଆହ୍ୱାନ କରିଥିଲେ। ସେ ଭିତରୁ ଉପଯୁକ୍ତ ବିବେଚିତ ବାର ଜଣ କବିଙ୍କ ୧୦୪ ପଙ୍‌କ୍ତି ପୁସ୍ତକଟିରେ ସଂକଳିତ।

ପୁସ୍ତକଟିର ପ୍ରଥମ ସଂସ୍କରଣ ୧୯୦୩ରେ ପ୍ରକାଶିତ। ସେହି ବର୍ଷ ଏହାର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଏ। ଦ୍ୱିତୀୟ ସଂସ୍କରଣରେ ରାଧାନାଥ ରାୟଙ୍କ ମନ୍ତବ୍ୟ ସଂଯୁକ୍ତ ହୁଏ। [୧୯୦୩ରେ ଜହ୍ନମାମୁର ଦୁଇଟି ସଂସ୍କରଣ ଦେଖାଯାଏ। ଗୋଟିଏରେ ରାଧାନାଥଙ୍କ ମନ୍ତବ୍ୟ ସହିତ ୨ୟ ସଂସ୍କରଣ ମୁଦ୍ରିତ ହେଲାବେଳେ ଅନ୍ୟଟିରେ ରାଧାନାଥଙ୍କର ମନ୍ତବ୍ୟ ନାହିଁ] ବାସୁଦେବ ଗ୍ରନ୍ଥାବଳୀ (୧୯୫୬)ରେ ସୁଢ଼ଳଦେବଙ୍କ ରଚିତ ବାଆର ପଦମାତ୍ର ପତ୍ରସ୍ଥ ହୋଇଥିଲା। ଏ ଅନନ୍ୟ କବିତାର ରସ ଆସ୍ୱାଦନ ପାଇଁ ସଂପୂର୍ଣ୍ଣ ପୁସ୍ତକଟି ଗ୍ରନ୍ଥାବଳୀରେ ସଂପ୍ରତି ସଂଯୁକ୍ତ କରାଗଲା। ଯୌଥ କବିତାର ଧାରା ଓଡ଼ିଆରେ ସୃଷ୍ଟି କରିଥିବା ପୁସ୍ତକ 'ପାରିଜାତମାଳା'ର ଆବେଦନକୁ ଜହ୍ନମାମୁ ବହୁପ୍ରସାରୀ କରିପାରିଛି।

— ସଂପାଦକ

# ବାତ୍ସଲ୍ୟୋପହାର

ଶ୍ରୀମହାରାଜ କୃପାମୟ ଅନଙ୍ଗଭୀମକେଶରୀଦେବ ଗଜପତିବୃହତ୍ ଖେମୁଣ୍ଡୀଶ୍ୱର କରକମଳେଷୁ

(କୃଷ୍ଣସିଂହ ମହାଭାରତର ବାତ୍ସଲ୍ୟ ବୃତ୍ତ)

ଗରଡ଼ ଧ୍ୱଜଙ୍କର ପାଦ ନିର୍ଝରିଣୀ
ଆମ୍ଭର ଗଙ୍ଗବଂଶ ତହିଁର କରଣୀ । ୧ ।
ତୁମ୍ଭେ ସେହି ଗଙ୍ଗ– ବଂଶ ରତ୍ନାଙ୍କୁର,
ଉତ୍କଳ-ଜନନୀର ସୁଯୋଗ୍ୟ କୁମର । ୨ ।
କିଶୋର ପ୍ରବାହରେ ସୌଜନ୍ୟ ଉର୍ମିମାଳା,
ଖେଳାଇହୋଇଅଛ ସୁମନ ଗଳାମାଳା । ୩ ।
ଅମର ପୁର ଶିରୀ ହାତରେ ଥିଲେ ଧରି,
ତଥାପି କଥା ରତ୍ନ ତୁମ୍ଭର ହେବ ଚୋରି । ୪ ।
ଯେତେ ତୁମ୍ଭ ଚରିତ, ହେଉଅଛି ଗଣି,
ଲଭିଛି ଠାବେଠାବେ ଗଉରବ ମଣି । ୫ ।
ବାତ୍ସଲ୍ୟ-ପାରାବାର ଲହରୀ କରଟେକି,
ରହିଛି ଚୁମ୍ବିବାକୁ ଶ୍ରୀମୁଖ-ଶଶିକି । ୬ ।
ଗୋଟିଏ ପଦାର୍ଥକୁ ନାନା ରୂପ କରି,
ଚିତୁର ଥାନ୍ତି କବି ଚିତ୍ରକାର ପରି । ୭ ।
ସରସ୍ୱତୀ ଭଣ୍ଡାର ନୁହେତ କେବେ ଖାଲି,
ସାହିତ୍ୟର ସୀମାକୁ ଯିବ କିଏ ଚାଲି । ୮ ।
ତଥାପି ବାମଣ୍ଡାର ସାହିତ୍ୟସେବୀ ଗଣ,
ଚନ୍ଦ୍ରକୁ ଚିତ୍ରିଗଲେ ଦେଇ ଆଭରଣ । ୯ ।
ତାହା ମୁଁ ଠୁଳ କରି ଉତ୍କଳ ସାହିତ୍ୟ,
ଭଣ୍ଡାରେ ରଖିବାକୁ ବଳାଇଲି ଚିତ୍ତ । ୧୦ ।
ପିଲାମାନଙ୍କର ଶ୍ରଦ୍ଧା ସଂପାଦନ,
କରନ୍ତି ଜହ୍ନମାମୁ ଦେଖାଇ ସର୍ବଜନ । ୧୧ ।
ଆହେ ବାପଧନ ତୁମ୍ଭର ଶ୍ରୀହସ୍ତରେ,
ଜହ୍ନମାମୁ ପୁସ୍ତକ ଦେଲି ମୁଁ ଶ୍ରଦ୍ଧାଭରେ । ୧୨ ।

ସଂଗ୍ରାହକ— ଶ୍ରୀ ବାମଣ୍ଡାଧିପତି ସୁଢ଼ଳଦେବ ।

## ରାୟ ରାଧାନାଥରାୟ ବାହାଦୂରଙ୍କର ମନ୍ତବ୍ୟ ।

''ପୁସ୍ତକ ପ୍ରାପ୍ତିମାତ୍ରେ କେଉଁ ଶ୍ଳୋକର ଲେଖକ କିଏ ପ୍ରତ୍ୟେକ ପୃଷ୍ଠାରୁ ତାହା ସର୍ବାଗ୍ରେ ଚିହ୍ନିତ କରିନେଇ ପୁସ୍ତକ ଆମୂଳ-ଚୂଳ-ପାଠକଲି ।

ପୁସ୍ତକର ବିଷୟ ସଂପୂର୍ଣ୍ଣ କାବ୍ୟୋଚିତ । ୧୨ ଜଣ ପଣ୍ଡିତ କବିଙ୍କର ଭାବୁକତାପୂର୍ଣ୍ଣ ଉକ୍ତିଗୁଡ଼ିକ ଏପରି ଭାବରେ ଗ୍ରଥିତ ହୋଇ ପ୍ରଚାରିତ ହେବାର ଉତ୍କଳ ସାହିତ୍ୟ ରାଜ୍ୟରେ ଗୋଟିଏ ଅଭିନବ ବ୍ୟାପାର ସନ୍ଦେହ ନାହିଁ ।''

---

## ସୂଚୀପତ୍ର


| | କବିଙ୍କ ନାମ | ପଦ୍ୟର ଅଙ୍କ ସଂଖ୍ୟା |
|---|---|---|
| ୧. | ବାମଣ୍ଡାଧିପତି ସୁଦ୍ଧଳଦେବ | ୧ ରୁ ୧୨ |
| ୨. | ସଚ୍ଚିଦାନନ୍ଦ ଦେବ | ୧୩ ରୁ ୨୪ |
| ୩. | ବଳଭଦ୍ର ଦେବ | ୨୫ ରୁ ୩୫ |
| ୪. | ଜଳନ୍ଧର ଦେବ | ୩୬ ରୁ ୩୯ |
| ୫. | ପଣ୍ଡିତ ମଧୁସୂଦନ ମିଶ୍ର | ୪୦ ରୁ ୫୪ |
| ୬. | କାଶିନାଥ ରାଜଗୁରୁ | ୫୫ ରୁ ୬୩ |
| ୭. | ବିଶ୍ୱନାଥ ମହାପାତ୍ର ବିଦ୍ୟାଳଙ୍କାର | ୬୪ ରୁ ୭୯ |
| ୮. | ଭାଗିରଥୀ ରଥ | ୮୦ ରୁ ୮୯ |
| ୯. | ବ୍ରଜବନ୍ଧୁ ମିଶ୍ର | ୯୦ରୁ ୯୨ |
| ୧୦. | କାଳିଚରଣ ବିଦ୍ୟାଭୂଷଣ | ୯୩ ରୁ ୯୫ |
| ୧୧. | ସୋମନାଥ ଜ୍ୟୋତିଷାଳଙ୍କାର | ୯୬ ରୁ ୯୯ |
| ୧୨. | ଦୁର୍ଯ୍ୟୋଧନ ନାୟକ | ୧୦୦ ରୁ ୧୦୪ |


---

# ଜହ୍ନମାମୁ ।

ରାଗ ଆଷାଢ଼ ଶୁକ୍ଳ –

ଅମ୍ବର ସର ଦିଶଇ ମଞ୍ଜୁଳ । ମାମୁ ତହିଁରେତ ପଙ୍କଜ ଫୁଲ ।
ଉଜ୍ଜ୍ୱଳ କୁମୁଦ ତାରା ସଂକୁଳ । ଗ୍ରହ ଗ୍ରାହରେ ହୋଇଛି ଆକୁଳ ।
ଚନ୍ଦ୍ରିକା ଲହରୀ ।
ଘନ ଘନ ତହିଁ ଅଛି ବିହରି । ୧ ।

ମାମୁ ଅପଘନ ବଡ଼ଧବଳ । ଦୁଗ୍ଧ ଧାରା ପରି କିରଣ ଜାଲ ।
ହାଣ୍ଡିରେ ପଡ଼ି ଦିଶୁଛି ମଞ୍ଜୁଳ । ବିରାଡ଼ି ମାନେ ଆନନ୍ଦେ ଚଞ୍ଚଳ ।
ଦୁଗ୍ଧ ମନେ କରି ।
ଚାଟୁ ଅଛନ୍ତି ରସନା ପ୍ରସାରି । ୨ ।

ଦିନେ ଉପବନେ ଦେଖିଲି ଯାଇ । ଅତି ସରାଗରେ ଫୁଟିଛି ଜାଇ
ତୋଳିବାକୁମନ ହୋଇଲା ବାଇ । ସରଭସ ହୋଇ ଗଲି ମୁଁ ଧାଇଁ
ଦେଖିଲି ଗଛର ।
ଛିଦ୍ରରୁ ପଡ଼ିଛି ମାମୁର କର । ୩ ।

ମାମୁ ହୋଇଛି ସଂସାର-ପ୍ରଦୀପ୍ତ । ପ୍ରକାଶ କରୁଛି ସପତ ଦ୍ୱୀପ ।
ଧୋବ କରିଦେଲା ଅନ୍ଧାର ରାତି । ଛାଡ଼ି ଦେଇଥିବା ଦେହରୁ କାତି
ରଜନୀ ସର୍ପିଣୀ ।
ମଥାମଣି ପରି ବିରାଜେ ପୁଣି । ୪ ।

ହିରଣ୍ୟ ଗର୍ଭଙ୍କ ସୁବର୍ଣ୍ଣ ପିଠା । କରିବ ବୋଲିକି କାଞ୍ଚନ ଅଟା ।
ଚଳାଉଅଛି ମାମୁ ଚାଲୁଣିରେ । ତହୁଁ ଚୁନା ଗଳିପଡ଼େ ଧରାରେ ।
ତାକୁ ଆମ୍ଭେମାନେ ।
ମାମୁ କରବୋଲି ଭାବୁଛୁ ମନେ । ୫ ।

''ବ୍ରହ୍ମାଣ୍ଡ ହାଣ୍ଡିରେ ଆକାଶ ପଣା । ତାରକାମାନେ ହୋଇଛନ୍ତି ଛେନା
ତହିଁରେ ମାମୁତ ଅଟନ୍ତି ସାଚି । ଅଧେଗୋଲି ହୋଇ ଅଧେକ ଅଛି''
ତୃଷାରେ ତାପିତ ।

ତପନ, କରେ ପିଉଛି ସନ୍ତତ । ୬ ।
ଦେଖ ମାମୁର କିରଣ ପ୍ରକାର । ହୋଇଛି କତକ ଗୁଣ୍ଡା ଆକାର ।
ଅନ୍ଧାର ମହା ସାଗରରେ ପଡ଼ି । ମଳିକି ଦେଉଛି ତଳକୁ ତଡ଼ି ।
ଛାଇ ଯାକ ମିଛ ।
ପଙ୍କ ଗୁଡ଼ାକ ବସିଛି ଦେଖୁଛ । ୭ ।

ଦେଖିଲି ମାମୁର କର କର୍ତ୍ତରୀ । ଆକାଶ କଳାକୁ ଦେଲା କତୁରି ।
ନାନାସ୍ଥାନେ ଘର ବୃକ୍ଷର ଛାଇ । ବୋଲନ୍ତି ଯେହୁ ନିଶ୍ଚୟ ସେବାୟୀ ।
ଜାଣିଲି ଜାଣିଲି ।
ପଡ଼ିଛି ତଳରେ ଆକାଶ ଛାଲି । ୮ ।

ଚନ୍ଦ୍ରିକା ପାଉଁଶ ବୋଳି ଦେହରେ । ତାରକା ଅସ୍ଥିଲମ୍ବାଇ ଗଳାରେ
କପାଳ କରି ଧରିଛି ମାମୁଙ୍କୁ । ତହିଁ ରଖିଛି ସିଦ୍ଧ ଅଞ୍ଜନକୁ ।
ରଜନୀ କାପାଳୀ ।
ଭ୍ରମୁଛି ଏଦ୍ୱୀପ ସେଦ୍ୱୀପ ମିଳି । ୯ ।

କେହି କେହି ଦେଖି ମାମୁ କଳଙ୍କ । କହୁଥାନ୍ତି ଏହା ସାଗର ପଙ୍କ ।
କେକହେ ଧରିଛି କୁରଙ୍ଗ ବର । ଭୂମିର ଛାଇ ବୋଲନ୍ତି ଅପର ।
ସବୁ ମିଛ ମାଳା ।
ଅମୃତ ହାଣ୍ଡିର ନିଶ୍ଚୟ କଳା । ୧୦ ।

ଦିନେ ଗିଳୁଥିଲା ରାହୁ ମାମୁଙ୍କୁ । ସେକାଳେ ମେଘ ଧାଉଁଛି ପୂର୍ବକୁ ।
କୁତୁହଳୀ ହୋଇ ଦେଖିଲି ଯାଇ । ହାତୀପରି ଏକ କଳା ବିଲାଇ ।
ଉଦ୍ଦେଶି ପ୍ରତିଚୀ ।
ପିଠା ଗୋଟେ ଚାବି ପଳାଉଅଛି । ୧୧ ।

ପୂର୍ବ ଅଚଳେ ମାମୁ ଉଭାହୋଇ । ଲହରୀ ସଦୃଶ୍ୟ କରବଢ଼ାଇ ।
କୁମୁଦ ଦଳ କବାଟ ଫିଟାଇ । କର କାକର ଦିଅନ୍ତେ ଲଗାଇ ।
ଚମକି ଉଠିଲା ।
କୁମୁଦିନୀ ମନ୍ଦେ ମନ୍ଦେ ହସିଲା । ୧୨ ।

— ବାମଣ୍ଡାଧିପତି ସୁଢ଼ଳଦେବ

ସୂର୍ଯ୍ୟ ପରାଗରେ ଦେଖିଲି ଯାହା । ମନକୁ ଆଶ୍ଚର୍ଯ୍ୟ ଲାଗୁଛି ତାହା ।
ସୂର୍ଯ୍ୟ ବିମ୍ବକୁ ମାମୁ ଆବରିଲା । ପେଟ ଭିତରେ ତେଜକୁ ଭରିଲା ।
ଏଣୁ କିଗୋ ଆଇ ।
କିରଣ ଛଳେ ତେଜ ଝଟକଇ । ୧୩ ।

ମେଷ ରାଶିମଧ୍ୟେ ମାମୁ ରହିଛି । ସ୍ୱର୍ଣ୍ଣତାଳ ପରି ଦେହ ଦିଶୁଛି ।
ଆଜ ଯିବି ମୁହିଁ ମାଗିବି ତାଙ୍କୁ । ମତେ ଦେଇଦେବେ ମେଷପଲକୁ ।
ଭାଇକାଲି ଯିବୁ ।
ବୃଷଭ ଗୋଟିଏ ଘେନି ଆସିବୁ । ୧୪ ।

କାଲି ମାମୁଥିବେ ବୃଷଭ ଘରେ । ଆମ୍ଭଙ୍କୁ ଦେଖିବେ ବିଛା ମଧରେ ।
ତେଣୁ ସେ ସରାଗେ କରପ୍ରସାରି । ଆମ୍ଭର ଭୟକୁ ନେବେତ ହରି ।
ମାମୁଠାରୁ ବଳି ।
ଆମ୍ଭଙ୍କୁ ଭାଳିବ କିଏ ସଂଖାଳୀ । ୧୫ ।

ମୋ ମାମୁ ଗମନ୍ତେ ବୃଷ ରାଶିକୁ । ସଂସାରେ ବୋଇଲେ କଳଙ୍କୀ ତାକୁ ।
ଯେଣୁ ସେ ଗୋଠରେ ରାତୀ ରହିଲେ । ଗଉଡ଼ ପରି କର୍ମ ଆଚରିଲେ ।
ତେଣୁ ତାଙ୍କ ଦେହେ ।
ଗୋବର ଲାଗିଛି କଳଙ୍କ ନୁହେଁ । ୧୬ ।

ସୁନ୍ଦର ରୂପକୁ ମାମୁ ଧରିଛି । ହିଂସ୍ର ରାଶିମଧ୍ୟେ ସଦାବୁଲୁଛି ।
ସତାଇଶ ଦିନେ ବେଢ଼େ ବୁଲଇ । ସିଂହବିଛା ମକରରେ ରହଇ ।
ମନା କରିବାକୁ ।
ଯାଉଛି କହିବି ନଦୀ ଆଇଙ୍କୁ । ୧୭ ।

ସିଂହ ଖାଇଦେବ ବିଛା ଚାବିବ । ଅବା ମଗର ମାମୁଙ୍କୁ ଗିଳିବ ।
ଏହା ଭାଳିସିନା ଡରଇ ମୁହିଁ । ମାମୁବିନା ସୁଧା ପାଇବା କାହିଁ
ଭାଇ ତୁହି ଯିବୁ ।
ମୋର ସଙ୍ଗରେ ଆଇଙ୍କୁ କହିବୁ । ୧୮ ।

ଅନ୍ଧାର ପକ୍ଷରେ ମାମୁ ଛିଡ଼ଇ । ଉଜଳ ପକ୍ଷରେ ପୁଣି ବଢ଼ଇ ।
ବଢ଼ିବା ଛିଡ଼ିବା ଆୟତ୍ତ ନାହିଁ । ଯାହା କରିଛନ୍ତି ବ୍ରହ୍ମାଣ୍ଡସାଇଁ ।
କହୁଅଛି ଶୁଣ —

କହି ଯାଇଅଛି ଯାହା ବିଜ୍ଞାନ । ୧୯ ।

ଅଲାତ ପରି ମାମୁ ବୁଲିବାରୁ । କେବେ ମୋଟାହୁଏ କେବେ ବା ସରୁ ।
ତପନ ପାଇଁ ତାହାଙ୍କ ବଡ଼ାଇ । ଆମ୍ଭ ପୃଥିବୀତ ଦିଏ ଘୋଡ଼ାଇ ।
ସେଯୋଗେ ଛିଡ଼ଇ ।
ପୃଥିବୀ ଘୁଞ୍ଚିଲେ ପୁଣି ବଢ଼ଇ । ୨୦ ।

ମାମୁ ବାହାରିଲେ ଅନ୍ଧାର ଗଲା । ରୁପାପରି ଗଛ ପତ୍ର ଦିଶିଲା ।
ପର ଉପକାର ଜଗତେ କରି । କଳଙ୍କୀ ହୋଇଲେ କଳଙ୍କ ବରି ।
ଅନ୍ଧାର ପିଇଲେ !
ବିଷପାନେ ହର ପରି ହୋଇଲେ । ୨୧ ।

ବାରଘର ବୁଲା ମାମୁ ମୋହର । ବଡ଼ଲୋକ ଠାରେ ନୁହେ ସୁନ୍ଦର ।
ଯେଣୁ ସେ ଆମୀସ ଲୋଡ଼ି ବୁଲନ୍ତି । ଆଜମୀନେ କାଲି କର୍କଟେ ଯାନ୍ତି ।
ହେବାରୁ ବ୍ରାହ୍ମଣ ।
କଳଙ୍କୀ ନାମ ହୋଇଛି ଶୋଭନ । ୨୨ ।

ମୋର ମାମୁ ସବୁଦିନେ ଶିକାରୀ । ତେଣୁ ଧନୁରେ ହୁଅନ୍ତି ଆଦରୀ ।
ଧନୁ ବ୍ରଣ କୀଣ କଠିନ ଦେହ । ଯୋଗୁଁ ବୋଲନ୍ତି କଳଙ୍କୀ ବିଗ୍ରହ ।
କ୍ଷତ୍ରିୟ ହେବାରୁ ।
ଦ୍ୱିଜରାଜନାମ ଅଟଇ ଚାର । ୨୩ ।

କ୍ଷତ୍ରିୟ ବଡ଼ିମା ଯୋଗୁଁ ତାଙ୍କର । ଜନ୍ମିଲା ମନେ ବଡ଼ ଅହଙ୍କାର ।
ଆପଣା ଗୌରବ ତୁଳିବା ପାଇଁ । ତୁଳରାଶି ଠାକୁ ଗଲେ ଗୋଡ଼ାଇ ।
ସୂର୍ଯ୍ୟ ତହିଁ ଥିଲେ ।
ଉଣା ହେବାରୁ ପଳାଇ ଆସିଲେ । ୨୪ ।

— ସଚ୍ଚିଦାନନ୍ଦ ଦେବ

—

ଜହ୍ନମାମୁ ହୋଇ ଅଗସ୍ତି ଋଷି । ଅନ୍ଧାର ସିନ୍ଧୁକୁ ଦେବାକୁ ଶୋଷି ।
ନାନା ରତନ ତାରାପନ୍ତି ଛଳେ । ପଡ଼ିଛି ଶୁଷ୍କ ବ୍ୟୋମ ଗର୍ଭସ୍ଥଳେ ।

ସେହି କଳାଜଳ ।
ସ୍ୱଚ୍ଛ ଉଦରେ ଦିଶୁଛି କେବଳ । ୨୫ ।

ତରୁ ତଳରେ ତିଳ ତଣ୍ଡୁଳିତ । ଲହରୀ ମାଳରେ ପଦକ ବତ ।
ପକା ଉପରେ ହରହାସ୍ୟ ସମ । ଫୁଲେ କେଶର ପରି ମନୋରମ ।
ନାନା ରୂପ ମାମୁ ।
ଧରିଛି ସଦା କେତେ କହିବି ମୁଁ । ୨୬ ।

ନନ୍ଦନ ବନ ମୃଗୟା କାଳରେ । କୁରଙ୍ଗ ପଳାଇ ସୁଧା କାସାରେ ।
ପଡ଼ି ଭାସୁଅଛି ଦେଖ ବାଳକ । କାସାର ମାମୁ, କୁରଙ୍ଗ କଳଙ୍କ ।
ପଡ଼ିବାରୁ ଏକା ।
ସୁଧା ଉଛୁଳେ ନୁହେ ଏ ଚନ୍ଦ୍ରିକା । ୨୭ ।

ଗଗନ ଉଦ୍ୟାନ କିମନୋହର । ତହିଁ ତାରା ମଲ୍ଲି ଫୁଲ ନିକର ।
ସ୍ଥଳପଦ୍ମ ମଧ୍ୟେରଚିରତର । ବାଳକେ ଦେଖ ସେ ମାମୁ ଆମ୍ଭର ।
ତାରମଧ୍ୟେ ନୀଳ ।
ଦିଶୁଛି ଯାହା ସେ ଭ୍ରମର କୁଳ । ୨୮ ।

ବିଧି ଗଉଡ଼ ଗଗନ ହାଣ୍ଡିରେ । ମାମୁଙ୍କୁ କରି ଦହି ଆନନ୍ଦରେ ।
ବିଲିବାରୁ ଚାରିଆଡ଼େ ଛିଟିକି । ନକ୍ଷତ୍ର ଛଳେ ନଭେ ପଡ଼ିଛିକି ।
ମଧ୍ୟେ କଳା ଦିଶେ ।
ବିଲା ହୋଇଥିବା ଖୁଆଦଣ୍ଡ ସେ ।୨୯ ।

ନାଗେଶ୍ୱର ଲତାପରି ଗଗନ । କଢ଼ଯାକ ତାର ତାରକା ଗଣ ।
ଗୋଟିଏ ମାତ୍ର ପ୍ରଫୁଲ୍ଲିତ ଫୁଲ । ଆମ୍ଭର ମାମୁ ସେହିଟି କେବଳ ।
ଭ୍ରମର ନିକର ।
ବସିବାରୁ କଳାଦିଶେ କେଶର । ୩୦ ।

ଆମ୍ଭମାମୁ ସିନା ରଜନୀ ମୁଖ । କଳଙ୍କ ନୁହଇ ତାର ତିଳକ ।
ମେଘ ନୁହନ୍ତି ଏମୁକ୍ତ କୁନ୍ତଳ । ଚନ୍ଦ୍ରିକା ନୁହଇ ତାର ଦୁକୂଳ !
ପିନ୍ଧି ତାରା ମାଳ ।
ମହୀ ଚାରିପାଖ ଭ୍ରମେ କେବଳ । ୩୧ ।

ଦ୍ୱିତୀୟା ତିଥିରେ ମାମୁ ଉପରେ । କାବ୍ୟତାରା ଉଦେ ହେବା କାଳରେ
ବାରୁଣୀ ଯୋଷାର ବିଶାଳବେଣୀ । ଚନ୍ଦ୍ର ରାବିଡ଼ିର ସୁଷମା ଘେନି ।

ଝୁଲୁଅଛି ଅବା ।
ନୀଳ ନଭେ ମିଳେ ବେଣୀର ପ୍ରଭା । ୩୨ ।
ଗଗନ ସାଗର ପରିସୁନ୍ଦର । ବୋଇତ ତହିଁ ନୀରଦ ନିକର ।
ତାରକା ମାନେ ନାବିକ ଅଟନ୍ତି । ବାତ କ୍ଷେପଣୀରେ ନାବ ବାହାନ୍ତି ।
ଦିଗ୍‌ବାରଣ ପାଇଁ ।
ମାମୁଙ୍କୁ ଦ୍ୱୀପଘର କଲା ବିହି । ୩୩ ।
ସୁର ସରିତେ ନାବ କେଳି ରତ । ଦିଗଙ୍ଗନା କ୍ଷେପଣୀରେ ଉଦ୍ଧିତ ।
ଛିଟା ତାରକାପରି ଆଭାସଇ । ମାମୁ ଧବଳ ପଛିକା ଅଟଇ ।
ବାତେ ଆନ୍ଦୋଳିତ ।
ହୁଏ ପଛିକା, କଳଙ୍କ ନୁହେତ । ୩୪ ।
ବ୍ୟୋମ ସର ଶୋଭା କମଳ ପରି । କେବେ ବା ଅଗସ୍ତି କଦ୍ଧିର ସରି ।
କାହିଁ ବା ଉଜ୍ଜ୍ୱଳ ରୂପାଥାଳିଟି । କେଉଁଠାରେ ଶୁଭ୍ର ଚନ୍ଦନ ପାଟି –
ପରି ମନୋହର ।
ମାମୁ ନାନା ରୂପେ ଦିଶେ ସୁନ୍ଦର । ୩୫ ।

— ବଳଭଦ୍ରଦେବ ।

---

ମୁଁ ସୁନ୍ଦର ତୁମ୍ଭେ ହୋଇଅଛ କଳା । ବୋଲି ବିଷ୍ଣୁଙ୍କୁ ମାମୁ ଚିହାଇଲା ।
ତୋ ସୁନ୍ଦର ପଣ ଦେବି ଛଡ଼ାଇ । ସଳାବୋଲି କଳା ଦେଲେ ଲଗାଇ ।
ଅଦ୍ଭୁତ କୌତୁକ ।
ସେକଳା ନଛାଡ଼େ ଜନମ ଯାକ । ୩୬ ।
ଅତ୍ୟନ୍ତ କୋମଳ ମାମୁ ଶରୀର । ଶୋଭୁଥିଲା ଭଜି ଶିବଙ୍କ ଶିର ।
ପ୍ରସ୍ରବଣ ପରି ସ୍ୱର୍ଗରୁ ଗଙ୍ଗା । ତାପରେ ପଡ଼ନ୍ତେ ହୋଇଲା ଭଙ୍ଗା ।
ନଜାଣି ଏକଥା ।
କଳଙ୍କୀ ବୋଲନ୍ତି ମାମୁଙ୍କୁ ବୃଥା । ୩୭ ।
ପୁଷପୁନି ରାତି ବଡ଼ କାକର । ତେଣୁ ଶୀତେ ମାମୁ ହେଲା କାତର ।
ଖରା ତାପିବାକୁ ବଳାଇ ମନ । ସିଂହ ରାଶିକୁ ଯାଆନ୍ତେ ବହନ ।
ସିଂହକି ଚାବିଲା ।
ତେଣୁ ମାମୁ ଦେହ ପଚା ପଡ଼ିଲା । ୩୮ ।

ଆକାଶେ ଦିଶୁଛି ବିଜୁଳି ରେଖା । ଜହ୍ନ ମାମୁ କିପାଁ ନଦିଏ ଦେଖା ।
ଜାଣତ ହେମାତା ଦାନ ନିପୁଣା । ମାମୁ କିପାଁ ହେବ ସେଗୁଣେ ଊଣା ।
ଥିଲା ଯାତାହାର ।
ବିତରି ଗୋପନେ କଲେ ବିହାର । ୩୯

— ଜଳନ୍ଧର ଦେବ

---

ଆମ୍ଭ ମାମୁ ସିନା ତାରକା ସାଇଁ । ତାରାମାନେ ପୁଣି ଆମ୍ଭର ମାଇଁ ।
ମାମୁ ଆସିବାରୁ ପ୍ରକାଶି ରଚି । ମାଇଁମାନେ ପାଖୁଁ ଯାଆନ୍ତି ଘୁଞ୍ଚି ।
ହୋଇଛି ଉଚିତ ।
ପତି ପାଶେ ହୁଏ ପତ୍ନୀ ଲଜ୍ଜିତ । ୪୦ ।

ମାମୁ ବିଛାଉଛି ଖଟରେ ଶେଜ । ପାୟସ କରୁଛି ହାଣ୍ଡିରେ ପେଜ ।
ଖୋଷାରେ ଦେଉଛି ଫୁଲ ଭରାଇ । ଲୁଚାଇ ଦେଉଛି ସଙ୍ଗୀ ବିଲାଇ ।
ବହୁତ ସୁନ୍ଦର ।
କରି ଜାଣେ ଜହ୍ନମାମୁ ଆମ୍ଭର । ୪୧ ।

ଆମ୍ଭର ମାମୁଟି ବଡ଼ ସୁନ୍ଦର । ଉଜ୍ଜ୍ୱଳ କରି ଦେଇଛି ସଂସାର ।
କଳା ଛଉପରି ଦିଶୁଛି ଯାହା । ମିରିଗ କଳଙ୍କ ନୁହଇ ତାହା ।
ମୁହିଁ ବିଚାରୁଛି ।
ମଣ୍ଡାଚକ୍ର ବାଜି ଘାଆ ହୋଇଛି । ୪୨ ।

ଉଦୟ ଗିରିରୁ ମାମୁ ବାହାରି । ପ୍ରଥମରୁ ଦିଶେ କେଶରୀ ପରି ।
ପୁଣି ତାରାପଥ ପାଖେ ପହୁଞ୍ଚି । ଗଗନ ଗଙ୍ଗା—ପୁଣ୍ଡରୀକ-ରଚି ।
କରୁଛି ବହନ ।
ଅସ୍ତ ବେଳେ ରୂପା ଚକ୍ର ସମାନ । ୪୩ ।

ତାରା ଆଭରଣ ରଜନୀ ଭରି । କ୍ଷୀର ଥାଳିଟାଏ ମାମୁଙ୍କୁ କରି ।
ପୁରନ୍ଦର ପୁର କବାଟ ଖୋଲି । ବରୁଣ ଦିଗକୁ ଯାଉଛି ଚାଲି ।
କଳାଲୁଗା ତାର ।
ଘୁସୁରୁଛି, ନୁହେ ଏହା ଅନ୍ଧାର । ୪୪ ।

କମଳ ଆବଳୀ ମାମୁ ଏମାନେ । ଜଳେ ଜାତହେବା ଯୋଗେ ସମାନେ ।

ଭାଇ ହୋଇଛନ୍ତି ସେମଧ୍ୟେ ମାମୁ । ତେଜସ୍ୱୀ ହେବାରୁ କମଳଚମୂ ।
ଉଗାରି ଭାବରେ ।
ମାମୁର ତେଜକୁ ସହି ନପାରେ । ୪୫ ।

ଗଗନ ନୁହେ ଏନୀଳ ସାଗର । ଗ୍ରହମାନେ ତହିଁ ବୋଇତ ସାର ।
ମାମୁ ହୋଇଛି ତହିଁ ବତୀଘର । କଳଙ୍କ ନୁହେ ତାହା ଧୂଆଁଧାର ।
କ୍ଷେପଣି ଝଲକ ।
ପଡୁଛି ନୁହେ ଏ ହିମ ଗୁଡ଼ାକ । ୪୬ ।

ତାରା ପଥ ସେତୁ ସମାନ ହୋଇ । ଆକାଶ ସାଗର ମଧ୍ୟେ ଦିଶଇ ।
ତାରା ନୁହନ୍ତି ଏ କେବଳ ସିପ । ନିତି ପଡ଼ି ପଡ଼ି ହେବାରୁ ଦ୍ୱିପ ।
ବିଶଦ ଦିଶୁଛି ।
ସେହି ସିପ ଗଦା ମାମୁ ହୋଇଛି । ୪୭ ।

ମାମୁ ହୋଇକରି ପାଉଁସ ମାଖି । କଳା ଛାଲଖଣ୍ଡେ କାଖରେ ଜାକି ।
ବସିକରି ତାରା କୁସୁମ ବଣେ । ଯୋଗ ଶିଖାଉଛି ପଙ୍କଜ ବନେ ।
ଯେଣୁସେ ପ୍ରଣବ ।
କଲାପରି ଦିଶେ ପଦ୍ମ ସରବ । ୪୮ ।

ଅନ୍ଧାର ପକ୍ଷେ ବେଶି ତାରା ଥିଲେ । ଶୁକ୍ଳପକ୍ଷେ ଯାହା ଅଳ୍ପଦିଶିଲେ ।
ଏଣୁ ଅନ୍ୟୋଽନ୍ୟ ଆକର୍ଷଣବଳେ । ଧୀରେଧୀରେ ମିଳି ଗଲେ ସକଳେ ।
ହୋଇଲା ସେ ମାମୁ ।
ଦେବାକୁ ଧରିଛି ଅଣ୍ଟିରେ ଜାମୁ । ୪୯ ।

ସମୁଦ୍ରେ କାଲି ମାମୁ ବୁଡ଼ିଥିଲା । ଆଜ ତହିଁରୁ ବାହାରି ଅଇଲା ।
ତେଣୁ ପଙ୍କ ଲାଗିଅଛି ଦେହରେ । ଓଦାଯୋଗେ ତହୁଁ କାକର ଝରେ ।
ମାମୁ ସୂର୍ଯ୍ୟ କର ।
ତାପିବାରୁ ଦିଶୁଅଛି ସୁନ୍ଦର । ୫୦ ।

ଆମ୍ଭର ମାମୁ କେଡ଼େ ବଡ଼ ଥିଲା । ଶିବ ଶିରେ କିପାଁ କ୍ଷୀଣଦିଶିଲା ।
ଏହା ଭାଳି ଭାଳି କଲି ମୁ ସ୍ଥିର । ତାର ଦେହତ ଅତି ସୁକୁମାର ।
ଅଗ୍ନି ନେତ୍ର ପାଖେ !
ଦିନକୁ ଦିନ ଦୁଃଖେ ରହି ଶୁଖେ । ୫୧ ।

ଆମ୍ଭର ମାମୁତ ରାମ ଲକ୍ଷ୍ମଣ । ଋକ୍ଷ ବାହିନୀ ଚଳାଇ ବହନ ।

ତାରାପଥ ସେତୁ ଉପରେ ଚଢ଼ି । ଗଗନ ଜଳଧି ଲଙ୍ଘନ କରି ।
ଅନ୍ଧାର ରାବଣ ।
ନାଶି ଉଜ୍ଜ୍ୱଳ କଲେ ତ୍ରିଭୁବନ । ୫୨ ।

ଐରାବତ ଉଚ୍ଚୈଃଶ୍ରବା ଚନ୍ଦ୍ରମା । କୌସ୍ତୁଭ କଳ୍ପତରୁ ରମ୍ଭା ରମା ।
ସୋଦର ହେଲେ ସେ ଏହି ସକଳେ । ଲକ୍ଷ୍ମୀ ମାତା ଚନ୍ଦ୍ର ମାମୁଁଯା ହେଲେ ।
ତେଣୁ ମୁଁ କହଇ ।
ଗୁଣଥିଲେ ମାତ୍ର ମର୍ଯ୍ୟାଦା ପାଇ । ୫୩ ।

ମାମୁଙ୍କୁ କେବୋଲେ ବିରାଟ ନେତ୍ର । ଅତ୍ରି ନେତ୍ରମୂଳୁଁ କେବୋଲେ ଜାତ ।
କେବୋଲେ କ୍ଷୀରଧି ମଧୁଁ ଉଥିତ । କେବୋଲେ ହିରଣ୍ୟଗର୍ଭଙ୍କ ଚିତ୍ତ ।
ମୁହିଁ କହୁଅଛି ।
ସ୍ୱର୍ଗ ନଦୀର ପୁଳିନ ଦିଶୁଛି । ୫୪ ।

– ପଣ୍ଡିତ ମଧୁସୂଦନ ମିଶ୍ର

---

ପୂର୍ବବାଟେ ତମ ଦୁବ କିରଣେ । ଚାଞ୍ଚି ନିର୍ମଳ କଲେଣି ଏକ୍ଷଣେ ।
ରାତି କହିଲା ମାମୁ ଆସିବାର । ଅଳି ଦୂରବିନ୍ଦ ଧରି କାସାର ।
ପଦ୍ମନେତ୍ର ବୁଜି ।
ଦେଖିଲା କୁମୁଦ ନୟନେ ଖୋଜି । ୫୫ ।

ଅନ୍ଧାର ଭୁଜଙ୍ଗ କରି ଚାତୁରୀ । ମଥାରୁ ମାମୁଙ୍କୁ ବାହାର କରି ।
ପତଙ୍ଗ ଖାଇବା ପାଇଁ ରଖନ୍ତେ । ତାରା ପତଙ୍ଗେ ଧାଇଁଲେ ତୁରିତେ ।
ପଶ୍ଚିମରେ ଲୁଚି ।
ଗୋଟି ଗୋଟି କରି ସବୁଗିଳୁଛି । ୫୬ ।

ଆକାଶରେ ଲାଉଗଛ କିଅଛି । ତାରା ନୁହେଁ ତାର ଫୁଲ ଫୁଟିଛି ।
ଗୋଟିଏ ମାତ୍ର ଫଳ ମାମୁକି ସେ । ସୂର୍ଯ୍ୟ କିରଣେ ଝକ ଝକ ଦିଶେ ।
ପହିଲି ଫୁଲଟି ।
ଗଛ ପତି ମହାଦେବେ ଦେବେଟି । ୫୭ ।

ଶୁକ୍ଳ ପାରା ରକ୍ଷ ଗଗନେ ଉଡ଼ି । ମାମୁ ବାଜନିଏ ତାହାଙ୍କୁ ତଡ଼ି ।
ରାତି ଅନ୍ଧାର ଜାଲକୁ ବେଢ଼ାଇ । ଚାରିଆଡ଼େ ଜଗି ଜଗି ବୁଲଇ ।

ଶିକାର ତର୍କାରି ।
ଆଜି କରିବ ଦେଖିବ କିପରି । ୫୮ ।

ଆମେରିକାକୁ ଗସ୍ତକରି ଗଲେ । ସୂର୍ଯ୍ୟ ତାଙ୍କ ଚାର୍ଜ ମାମୁ ଘେନିଲେ ।
ତେଣୁ ହେଲେ ରାଜା ଛାଡ଼ିଲେ କର । କେତେ ଜିଇଁଲେ ରକ୍ଷଜମିଦାର ।
ସୂର୍ଯ୍ୟ କରପୀଡ଼ା ।
ଅତି କଷ୍ଟକର ନୁହେ ସେ ଲୋଡ଼ା । ୫୯ ।

ଏତେ କାଳେ ଆଦି ବରାହ ଏବେ । କ୍ଷୀର ସାଗରୁ ଉଠିଆସେ ଢବେ ।
ତାଙ୍କ କଳଙ୍କ ପରାଏ ଦିଶଇ । ପୁତ୍ର ପୌତ୍ର ରକ୍ଷ ନାସିରେ ଧାଇଁ ।
ଅନ୍ଧକାର ଦୁବ ।
ନିର୍ମୂଳ କରନ୍ତି ଏହି ସମ୍ଭବ । ୬୦ ।

ମାମୁ ସାଗର ଉପରେ ଆସୁଛି । ସୁନା ବୋଇତଟି ପରି ଦିଶୁଛି ।
ଉପର କିରଣ ଖମ୍ବ ଦଉଡ଼ି । ଦିଶୁଛି ଆସିଲା ପରି ଦଉଡ଼ି ।
ଆସ ଦେଖିଯିବା ।
ପାଟ ଖଦି ଦେବ ସୁଖେ ପିନ୍ଧିବା । ୬୧ ।

ଆଉ ଗୋଟାଏତ ମାମୁ ନଥିଲା । ପାଣି ଭିତରକୁ କାହୁଁ ଅଇଲା ।
ଦେଖା ଯାଉଛି ସର୍ବ ଭାବେ ସମ । ଏହାର କେଉଁ ଭାଗ ନୁହେଁ କମ ।
ଏହା ନୁହେଁ ଜାଣି ।
ମାମୁ ଦୁଇଟା କିମିତି ହେଲାଣି । ୬୨ ।

ସମୁଦ୍ର ଧାର ଦିଶେ ଝଲମଲ । ସୂର୍ଯ୍ୟ କରେ ଅଭ୍ର ଭୂମିର ତୁଲ ।
ଆଗଲହରୀରେ ପଠାଇ କିଛି । ପାଟ ଖଦିଯାକ ଆମ୍ଭ ପାଇଁକି ।
ଆସ ପିନ୍ଧିଥିବା ।
ମାମୁ ଅଇଲେ ଯୁହାର କରିବା । ୬୩ ।

– କାଶିନାଥ ରାଜଗୁରୁ

---

ବିଚାରୁ ଅଛି ଏ ମାମୁ କେଶରୀ । ପୂର୍ବ ପର୍ବତ କନ୍ଦରୁ ବାହାରି ।
ମୟୂଖ ନଖରେ ତିମିର କରୀ । ଅତି କୋପେ ପକାଉଛି ବିଦାରି ।
ତା ନଖରୁ ଗଳି ।

ପଡ଼ିଛନ୍ତି କି ତାରା ମୁକ୍ତାବଳୀ । ୬୪ ।

କିଅବା ଗଗନ ମଲ୍ଲି ଲତିକା । ତାରାଛଳେ ଜନମାଇଁ କଳିକା ।
ମାମୁ କୁସୁମ କି ତହିଁରେ ଫୁଟି । ପ୍ରକାଶରେ ଦଶ ଦିଗ ଉଛୁଟି ।
କଳଙ୍କ ଛଳରେ ।
ତହିଁ ମଧୁପ ମଧୁ ପାନକରେ । ୬୫ ।

ଆକାଶ ବଜାରେ କେଉଁ ବଣିକ । ପକାଇଛି ଅଳଙ୍କାର କେତେକ ।
ମାମୁ ତନୁଛଳେ ରତ୍ନ ପଦକ । ମୁକ୍ତାହାର ତହିଁ ନକ୍ଷତ୍ର ଯାକ ।
ରଖିବା ଇଚ୍ଛାରେ ।
ରାତି ନାରୀ ନୀଳପଟ ପ୍ରସାରେ । ୬୬ ।

ଆମ୍ଭମାମୁ ଅଟନ୍ତି ଦ୍ୱିଜରାଜ । ଚଢ଼ି ଅଛନ୍ତି କି ଗଗନ ଗଜ ।
କରେ ଅନ୍ଧକାର ମାନଙ୍କୁ ତଡ଼ି । ଗିରି କନ୍ଦରାରେ ଦିଅନ୍ତି ମାଡ଼ି ।
ବେଢ଼ି ତାରାଗଣେ ।
ରହି ଅଛନ୍ତି କି ଅନୁସରଣେ । ୬୭ ।

ସ୍ୱର୍ଗ ସଉଧର ମାମୁ ଗବାକ୍ଷ । କରନ୍ତି ତହିଁ ଅପ୍ସରାଏ ଲକ୍ଷ୍ୟ ।
ଇନ୍ଦୀବର ନୀଳ ନୟନ ମାଳା । ଗବାକ୍ଷ ବକ୍ଷରେ ଦିଶଇ କଳା
ତାହାର ଚହଟ ।
କଳଙ୍କ ବୋଲି ହୋଇଛି ପ୍ରକଟ । ୬୮ ।

ଆକାଶ ନୁହେଁ ଏମହା ସାଗର । ମାମୁ ତନୁଶେଷ ଶେଜ ଆକା
କଳଙ୍କ କପଟେ ମୁରାରି ତହିଁ । ଶୋଇ ଅଛନ୍ତି କି ନିଶ୍ଚିନ୍ତ ହୋଇ ।
ଏଣୁ ସବୁଲୋକ ।
ଦେଖିବାକୁ ହେଉଥାନ୍ତି ଉତ୍ସୁକ । ୬୯ ।

ବିଧାତା ସୃଷ୍ଟି ଶୁଭ କର୍ମାରମ୍ଭ । କରିବା କାଳେ ଏସ୍ଫଟିକ କୁମ୍ଭ ।
ବସାଇଅଛି ମାମୁ ତନୁଛଳେ । ଦେଖାଯାଉ ଅଛି ନଭ ମଣ୍ଡଳେ ।
ପିୟୂଷରେ ପୂର୍ଣ୍ଣ ।
ହେବାରୁ ମନ କରାଏ ପ୍ରସନ୍ନ । ୭୦ ।

ମିହିର ହୋଇବେ ଅବଶ୍ୟ ଅସ୍ତ । ତମ ଲୋକଙ୍କୁ କରିଦେବ ଗ୍ରସ୍ତ ।
ଏହା ବିଚାରି ଜଳଜ ଆସନ । ଖଞ୍ଜିଛନ୍ତିକି ସ୍ଫଟିକ ଦୀପନ ।
ମାମୁର ଦେହକୁ ।
ଚାହିଁ ଏଭାବ ଆସଇ ମନକୁ । ୭୧ ।

ଧାତା ଅଟଇ ଅତି କଉତୁକୀ । ରଖିବାକୁ ଲୋକ ଆଖି ପକ୍ଷୀକି ।
ମାମୁ ଦେହ ବ୍ୟାଜେ ରୂପା ପଞ୍ଜରୀ । କେତେ ଯତ୍ନେ କରିଅଛି ତିଆରି ।
କଳଙ୍କ କବାଟ ।
ପକାଇ ବନ୍ଦକରିଛି କି ବାଟ । ୭୨ ।
ଭୁବନ ଦର୍ଶନ କଉତୁକରେ । ଇନ୍ଦ୍ରାଣୀ ବୁଲୁଥିଲେ ଗଗନରେ ।
ତାଙ୍କ କାନରୁ କି ରକତ କାପ । ପଡ଼ି ମାମୁଛଳେ ଦେଖାଏ ରୂପ ।
କି ସୁନ୍ଦର ଶୋଭେ ।
ରାହୁ ତସ୍କର ନେବ ପରା ଲୋଭେ । ୭୩ ।
ମାମୁ କି ବାସବ ସୁଧା ମନ୍ଦିର । ତହିଁ ପସିବାକୁ ଚକୋର ଚୋର ।
ସିନ୍ଧି ଗାତକି ତହିଁରେ ଫିଟାଇ । କିରଣ ସମ୍ପତ୍ତିକି ନେଲେ ବହି ।
ଏଣୁ ସେହି ଜଳା ।
ଜଳ ମାନଙ୍କୁ ତ ଦିଶୁଛି କଳା । ୭୪ ।
ଅସୁରେ ସ୍ୱର୍ଗ କଲେ ରଣ ଭଣ । ତାଙ୍କ ସହିତ୍ କରିବାକୁ ରଣ ।
ଚନ୍ଦ୍ରକି ଥୋଇଛି ହିରାବଦାଉ । ନଭମଣ୍ଡଳେ ଦିଶେ ଦାଉ ଦାଉ ।
ମାମୁର ତନୁକୁ ।
ଏହିପରି ଆସୁଅଛି ମନକୁ । ୭୫ ।
କିବା ମାମୁ ତନୁ ଚକ୍ରବାଣକୁ । ଲଗାଇ ଧରିଛି ଅଙ୍କେ ଦଣ୍ଡକୁ ।
ବୁଲିବାରୁ ତହୁଁ ଅନଳ କଣା । ବାହାରି ମଣ୍ଡିଲେ ଗଗନାଙ୍ଗଣା ।
ସେ ନୁହନ୍ତି ତାରା ।
ଦୂରରୁ ଦିଶୁଅଛନ୍ତିକି ତୋରା । ୭୬ ।
ଅପସରା ମାନେ ହେବାକୁ ବେଶ । ନଭଉଦ୍ୟାନୁ କି ତୋଳିଲେ ପୁଷ୍ପ ।
ମଧ୍ୟରେ ମାମୁ ଚାଙ୍ଗୁଡ଼ିକି ଥୋଇ । ସବୁଫୁଲ ତହିଁ ଦେଲେ ଜମାଇଁ ।
ତହୁଁ ମକରନ୍ଦ ।
କାକରଛଳେ ପଡ଼େ ମନ୍ଦ ମନ୍ଦ । ୭୭ ।
କିଅବା ବିଧି ଜଳ ଯନ୍ତ୍ରଘର । କରିଛିକି ମାମୁ ଛଳେ ତିଆର ।
କଳଙ୍କ ନୁହେ ସେ ତାର ଦୁଆର । ପବନ ତହିଁରେ କରେ ସଞ୍ଚାର ।
ସେ ପବନ ବଳେ ।
ଜଳକଣା ଆସି ପଡୁଛି ତଳେ । ୭୮ ।

ନିଶା ନାରୀକି ଜୁଡ଼ା ପକାଇଛି । ତା ଚାରିପାଖେ ମଲ୍ଲି ବେଢ଼ାଇଛି ।
ତାକୁ ମାମୁବୋଲି ଭାବୁଛି ମନ । ନଭ ଦେଶରେ କରୁଛି ଗମନ ।
ଜୁଡ଼ା ଅଗ୍ରଭାଗ ।
ଦୂରରୁ ଦିଶୁଛି ନୋହେ ସେ ମୃଗ । ୭୯ ।

— ବିଶ୍ୱନାଥ ମହାପାତ୍ର ବିଦ୍ୟାଲଙ୍କାର

ମାମୁ ସବୁଦିନେ ତମକୁ ତଡ଼େ । ସେତମ ରହିଛି ଭୂଗୋଳ ଆଡ଼େ ।
ଲୁଚିଅଛି ଧରି ଆକାଶ ଛବି । ଦେଖୁ ଅଛି ତାର ଗତି ପଦବୀ ।
ପଡ଼ିଲେ ହାବୁଡ଼େ ।
ମାମୁଙ୍କୁ ବିକଳ କରି କାମୁଡ଼େ । ୮୦ ।
ମାମୁର ବିପଦେ ନକ୍ଷତ୍ର ରାଶି । ସାହା ହେବା ଥାଉ, ଦିଅନ୍ତି ଅସି ।
ଏଣୁ ନିଃସହାୟେ ଦ୍ୱୀପୁଁ ଦ୍ୱୀପକୁ । କର ଭରାଦେଇ ଧାଏଁ ଆଗକୁ ।
ପକାଇ ଚହଳ ।
ଧାଉଁଛି ପଛେ ସାଗର କଲ୍ଲୋଳ । ୮୧ ।
ଭୟେ ଆମ୍ଭମାମୁ କଡ଼ ବୁଲାଇ । ଧରିତ୍ରୀ ବଦନ ଦେଖଇ ନାହିଁ ।
ଆହା କିସୁନ୍ଦର ଅପର ପାଖ । ରାହୁ ରାହୁର ଲାଗିନାହିଁ ମୁଖ ।
ଦେବ ଯୋଗ୍ୟ ଛବି ।
ମାନବ ଭାଗ୍ୟକୁ କାହିଁ ସମ୍ଭବି । ୮୨ ।
ଅନ୍ଧାର ପକ୍ଷରେ ନଖାଇ ଖରା । ଶୀତେ ମାମୁଦେହ ଶୁଖଇ ପରା ।
କିଅବା ଶୀତଳ ଅମୃତ ଦେଖି । ସକଳ ତାରାଏ ପକାନ୍ତି ବାଖି ।
ନୋହିଲେ କାହିଁକି ।
ଅମାବାସ୍ୟାରେ ଧରନ୍ତି ରବିଙ୍କି । ୮୩ ।
ମାମୁତ ଆମ୍ଭର ନୁହଇ ଊଣା । ଶରଣ ପସି ଲଭନ୍ତେ କରୁଣା ।
ଶୁକ୍ଳ ପ୍ରତିପ ତିଥିରୁ ଉଠି । କେତେ ତାରା ଦେଲା ଆକାଶୁଁ ଖୁଣ୍ଟି ।

ଖାଲିଥିବା ପେଟ ।
ଦିନକୁ ଦିନ ଦିଶିଗଲା ମୋଟ । ୮୪ ।

ଏବେ ମାମୁର ସେ ମୋଟ ଉଦର । ଚକାବୋଇତ କଖାରୁ ସୁନ୍ଦର ।
କେବଳ ରହିଲା କେତେକ ଫାଙ୍କ । ଆମ୍ଭର ଆଖିକୁ ଦିଶେ କଳଙ୍କ ।
ମାଗିବ ମାମୁଙ୍କୁ ।
କୁମାର ଉଚ୍ଛବ ପାଟ କାଛକୁ । ୮୫ ।

ସବୁଠାରୁ ମାମୁ ଗୋଲକ ତୋରା । ସହିତ ନପାରିଏ ଧରା ପରା ।
ଫୁଲାଇଛି ନୀଳ ସାଗର ଛାତି । କଲ୍ଲୋଳ କରକୁ ଆକାଶ ପାତ ।
ସମୁଦ୍ର ଗର୍ଜନ ।
ଛଳେ ଧାଇଁଅଛି କରି ତର୍ଜନ । ୮୬ ।

ବିଜ୍ଞାନ ମତରେ ମାମୁ ଆମ୍ଭର । ଧରଣୀ ରାଣୀର ଏକ କୁମର ।
କିନ୍ତୁ ଏଭାବ ଆସୁଛି ମନକୁ । ଧୋବ ଫର ଫର ଦେଖିତା ବୁକୁ ।
କ୍ଷୀରଧି ଅଭାବ ।
ମାମୁ ଜନମର କାରଣ ଭାବ । ୮୭ ।

ମାମୁ ଆକର୍ଷଣେ ଜୁଆର ଭଟା । କୁହାଯାଇ ପାରେ ଲୋକେ ଏହିଟା ।
କେବେ ଆନନ୍ଦ କେବେ ବା ବିଷାଦ । ଆନ୍ଦୋଳିତ କରେ ସାଗର ହୃଦ ।
ବନ୍ଧୁ ସୁଖ ଦୁଃଖେ ।
ଭାବୁକ ଭାବି ଏଭାବକୁ ଦେଖେ । ୮୮ ।

ଦେଖ ମାମୁର ସାଗର ସରଧା । କଇଁହୃଦେ ଦେଇ ବିଚ୍ଛେଦ ବାଧା ।
ସମୁଦ୍ର ବକ୍ଷରେ ସୁଖେ ସନ୍ତରେ । କମଳାକର କମଳ ଆକାରେ ।
ଝଡ଼େଯେ କାକର ।
ଔଷଧି ପ୍ରଜା ଲୋତକ ନିକର । ୮୯ ।

— ଭାଗିରଥୀ ରଥ

---

ଶିଶୁ କୋଳେ ଘେନି ମାମୁକୁ ମାଆ । ଡାକେ "ଜହ୍ନମାମୁ ଆଆରେ ଆଆ ।
ମୋକାହ୍ନୁ ହାତରେ ପଡ଼ି ବହନ । କପାଳରେ ଦେବୁ ଟୋପି ଚନ୍ଦନ ।
ହସିବ ମୋଧନ !"

ତୋଷେ ମାମୁସିନା ବାଳକ ମନ । ୯୦ ।
କଳଙ୍କ ବୋଲିବା ମାମୁ ଚିହ୍ନକୁ । କଥାଟି ନଆସେ ମୋର ମନକୁ ।
ମାମୁତ ଅଟଇ ସୁଧା ସଦନ । ଫୁଟି ଦିଶୁଅଛି ଝରକା ଗଣ ।
କଳଙ୍କ ନୁହେଟି ।
କାଳିଆ ରଙ୍ଗର କବାଟି ସେଟି । ୯୧ ।
ଏମାମୁ ତୋଷଇ ଚକୋର ମନ । ଖେଳାଏ ସାଗରେ ଲହରୀ ଗଣ
ଗଛରେ ଔଷଧ ଦିଏ ଲଗାଇ । ମାଆ ଲକ୍ଷ୍ମୀଙ୍କର ଅଟଇ ଭାଇ ।
ସଂସାର ଭିତରେ ।
କିଏ ସେ ସମାନ ମାମୁସଙ୍ଗରେ । ୯୨ ।

— ବ୍ରଜବନ୍ଧୁ ମିଶ୍ର

---

ଗଗନ ବିତାନ ହୋଇ ବିତାନ । କରୁଛି ଜନଙ୍କୁ ଆନନ୍ଦ ଦାନ ।
ମୁକ୍ତା ରାଜିରେ ହୋଇ ଅଛି ଘନ । ମଧ୍ୟେ ଜକ ଜକ ଦିଶେ ଦର୍ପଣ ।
ଏଟି ମାମୁ ଜାଣ ।
ଆମ୍ଭମାନଙ୍କର ଜୀବନ ଧନ । ୯୩ ।
ଆକାଶରେ ଦେବସଭା ବସିଛି । ''ବୈଦ୍ୟୁତିକ ଆଲୋ' ମାମୁ ହୋଇଛି
ସେହି ଆଲୋକରେ ପୃଥିବୀଯାଏ । ଉଜ୍ଜ୍ୱଳହୋଇ କେଡ଼େ ଶୋଭା ପାଏ
ମଧ୍ୟେ କଳା ଦିଶେ ।
ଆଲୋକ ମୁଗ୍ଧ ପତଙ୍ଗ ମାଳସେ । ୯୪ ।
ଦେଖ ଆକାଶେ ବିବୁଧ ମଣ୍ଡଳ । ତାଙ୍କ କାନରେ ଝୁଲୁଛି କୁଣ୍ଡଳ ।
ହିରା ଜଡ଼ିତ ଚୁଗାରେ ସୁସଜ୍ଞ । ମଧରେ ଇନ୍ଦ୍ର, ଶିରେ ଶିରପେଞ୍ଚ ।
ମାମୁ ସେ ଆମ୍ଭର ।
ଆମ୍ଭଙ୍କୁ ନେବାକୁ ପ୍ରସାରେ କର । ୯୫ ।

— କାଳିଚରଣ ବିଦ୍ୟାଭୂଷଣ

---

ମାମୁ ମଣ୍ଡଳର ମଧ୍ୟଭାଗରେ । ରାହୁ ରାକ୍ଷସ ଲୁଚିଥାଏ ଡରେ ।
ଭୂଛାୟା ସାଙ୍ଗକୁ ପାଇଲା ଯହୁଁ । ମାମୁ ମଣ୍ଡଳକୁ ଗିଳିଲା ତହୁଁ ।

ଅଠର ବରଷ ।
ଏଗାର ଦିନ କ୍ରମରେ ତା ଗ୍ରାସ । ୯୬ ।

କ୍ଷୁଧାତୁରେ ନଭୋବନ ସଞ୍ଚାରୀ । ମାମୁ ସିଂହ ପ୍ରାଚୀ ଦିଗୁଁ ବାହାରି ।
ଦେଖିଲେ ତମୋ ବରାହକୁ ଆଗେ । ମାମୁ ତାକୁ ଆକର୍ଷିଲେ ସରାଗେ ।
ଗଗନ ବନରେ ।
ନଖାଇ ଖାଇବେ ଅସ୍ତାଚଳରେ । ୯୭ ।

ଆଉ ଗୋଟାଏ ବଡ଼ମାମୁ ଅଛି । ପ୍ରଖର ଅଗ୍ନି ଜ୍ୱାଳାରେ ଦହୁଛି ।
ତାର ଉପତାପ ଶାନ୍ତି ନିମିତ୍ତ । ମାମୁ ଛେକେ ତାକୁ ହୋଇ ଅଧସ୍ଥ ।
ଆତ୍ମଶାନ୍ତି ପାଇଁ ।
ସୂର୍ଯ୍ୟ ଉପରାଗ ଯାହାକୁ କହି । ୯୮ ।

ବ୍ରହ୍ମାଣ୍ଡ ତାଇରେ ଚନ୍ଦ୍ରିକା ଘୃତ । ଅଜାଡ଼ି ଦିଅଇ ରଜନୀ ମାତ ।
ମାମୁ ମଣ୍ଡଳ ସୁଆଁରି ଯହିଁରେ । ତାରକା ପୁଞ୍ଜ ମୁଗିଆ ତହିଁରେ
ଛାଣିକରି ନେଲେ ।
ଅସ୍ତାଚଳ ଯକ୍ଷ ମୁଖରେ ଦେଲେ । ୯୯ ।

— ସୋମନାଥ ଜ୍ୟୋତିଷାଲଙ୍କାର

---

ଦରପଣ ପରି ସଦା ନିର୍ମଳ । ଅଟଇ ମାମୁର ଦେହମଣ୍ଡଳ ।
ଦେଖନ୍ତି ଶୋଭାଦେବୀ ତହିଁ ମୁଖ । ମୁଖ ପ୍ରତିବିମ୍ୱେ ମାମୁ ମୟୂଖ
ମିଶି ଯାଇଅଛି ।
କଳାଡୋଳା ଛାଇପରି ଦିଶୁଛି । ୧୦୦ ।

ସୁଧା ପିଠାଉ ନଉପାତ୍ରେ ଢାଳି । ବିଧାତା କରିଛି ସରୁ ଚକୁଳି ।
ଚକୁଳି ଦେହେ ଛିଦ୍ରଥାଏ ଯଥା । ମାମୁ ଚକୁଳି ଦେହ ଛିଦ୍ର ତଥା ।
ଦୂରକୁ ମଳିନ ।
ଦିଶଇ ନୁହେ ତା କଳଙ୍କ ଚିହ୍ନ । ୧୦୧ ।

ତାରକା ଜରିଫୁଲ ଫୁଟିଥିବା । ଆକାଶ ଝୁଲ କସାହୋଇ ଅବା ।
ରାତ୍ରୀ ହସ୍ତିନୀ ବୁଲିବାରୁ ତାର । କ୍ଷୁଦ୍ର ଦଶନ ଦିଶେ ମନୋହର ।
ଦ୍ୱିତୀୟା ତିଥିରେ ।

ତାହାକୁ ମାମୁ ବୋଲନ୍ତି ଧରାରେ । ୧୦୨ ।
ବିଧାତା ସମୟ ଜାଣିବାପାଇଁ । ନଭପ୍ରାଙ୍ଗଣେ ଦେଇଛି ଝୁଲାଇ ।
ସୁନାଘଡ଼ି ଛାୟା ପଥଚେନରେ । ତାହାକୁ ମାମୁ ବୋଲନ୍ତି ସଂସାରେ ।
ତା ଗତିକୁ ଧରି ।
ରାତିରେ ସମୟ ବୁଝଇ ବାରି । ୧୦୩ ।
ଆକାଶବନେ ମାମୁ ସିଂହପରି । ଖାଉଛି ମାମୁ ଅନ୍ଧକାର କରୀ ।
ସେସବୁ ତାର ପେଟେ ହୋଇ ଜମା । ବାହାରକୁ ଦିଶୁଅଛି କାଳିମା ।
ନବୁଝି ତା ଲୋକେ ।
ବୋଲନ୍ତି ଶଶ ଅଛି ମାମୁଅଙ୍କେ । ୧୦୪ ।

— ଦୁର୍ଯ୍ୟୋଧନ ନାୟକ

# ଅନ୍ୟାନ୍ୟ କବିତା

# ପ୍ରାକ୍‌ସୂଚନା

ସୁଢ଼ଳଦେବଙ୍କ କାବ୍ୟ ପ୍ରତିଭାର ଏକ ସୂକ୍ଷ୍ମ ଅନୁରଣନ 'ବସନ୍ତ ବର୍ଣ୍ଣନ' । ଏ କବିତାଟିର ପାଣ୍ଡୁଲିପି ସୁସାହିତ୍ୟିକ ବୃନ୍ଦାବନ ନାଥଶର୍ମାଙ୍କଦ୍ୱାରା ସଂଗୃହୀତ ଓ 'ଉପହାର' ୮ମଭାଗ 'ବିଜୟା' ସଂଖ୍ୟା ୧୯୪୧ରେ ପ୍ରକାଶିତ । କବିତାଟି ସୁଢ଼ଳ-ଦେବଙ୍କ ହସ୍ତାକ୍ଷରକୁ ବ୍ଲକ୍‌କରି ଛାପା ହୋଇଥିଲା । ପାଠକଙ୍କ ଅବଗତି ପାଇଁ ଏଠି ଉପହାରରୁ ସୁଢ଼ଳଦେବଙ୍କ ଉକ୍ତ କବିତାଟି ଉଦ୍ଧୃତ କରାଗଲା । କବିତାର ରଚନାକାଳ ଜାଣିବା ସମ୍ଭବ ନୁହେଁ ।

'ଜଣାଣ' କବିତାଟି ଗ୍ରନ୍ଥାବଳୀ (୧୯୫୬)ରୁ ଉଦ୍ଧୃତ । 'ସପ୍ତଶଲ୍ୟ' ଶ୍ଳୋକଟି ପଣ୍ଡିତ ଭୁବନେଶ୍ୱର ବଡ଼ପଣ୍ଡାଙ୍କ ଅପ୍ରକାଶିତ ଜୀବନୀରୁ ଶ୍ରୀ ବିରଞ୍ଚି ନାରାୟଣ ମିଶ୍ରଙ୍କ ସୌଜନ୍ୟରୁ ପ୍ରାପ୍ତ । ଏହା ୧୮୮୬ରେ ରଚିତ । ରମାବାଈଙ୍କ ସହିତ କଥୋପକଥନ ଶ୍ଳୋକ 'ସମ୍ବଲପୁର ହିତୈଷିଣୀ' (୧/୪୧)ରୁ ଉଦ୍ଧୃତ ।

— ସଂପାଦକ

ଓଁ ଶ୍ରୀ ଗଣେଶାୟ ନମଃ

# ।। ବସନ୍ତ ବର୍ଣ୍ଣନ ।।

(କଳହଂସ କେଦାର)

ବସନ୍ତ ଋତୁ ଆସି ପ୍ରବେଶ ହେଲା
ମନନୟନ କର୍ଣ୍ଣ କୃତାର୍ଥ ହେଲା
ଜୀବ ସୃଷ୍ଟିରେ ନବ ଜୀବନ ହେଲା
ବନରାଜିରେ ଶୋଭା ପ୍ରକାଶ ହେଲା । ୧ ।

ଦେଖିଲେ ଦୁଃଖ ନିଶି ପ୍ରଭାତ ହୁଏ
କ୍ରମଶଃ ସୁଖ ଶଶୀ ଉଦିତ ହୁଏ
ଚିତ୍ତେ ଆନନ୍ଦ ନଦୀ ପ୍ରବଳ ହୁଏ
ଘନଘନ ତରଙ୍ଗ ବେଲ୍ଲିତ ହୁଏ । ୨ ।

ବନକୁ ଗଲେ ମନ ହୁଏ ଭରମ
ନାନା ପ୍ରକାରେ ମନ ଟାଣେ କୁସୁମ
ପ୍ରଭୁଙ୍କ ବିଚିତ୍ରତା କେକରେ ଆନ
ଜୀବରେ ଅନୁଗ୍ରହ ମାତ୍ର ଭିଆଣ । ୩ ।

ପଳାଶ କୁସୁମରେ ହୋଇଛି ପୂର୍ଣ୍ଣ
ଦେଖିଲେ ମନେହୁଏ ଆନନ୍ଦ ପୂର୍ଣ୍ଣ
ଅଜ୍ଞାନ ସିନା କରେ ହୃଦ ଆବିଳ
ଅସତ୍ୟ ଦହିପାରେ ସତ୍ୟ ଅନଳ । ୪ ।

ପଳାଶ ଦେଖି ଖେଦ ହୁଏ ସର୍ବଦା
ଅଜ୍ଞାନ ସଙ୍ଗ ଦୁଃଖ ଅନଳ ଗଦା
ସତତ ଶିଳିମୁଖଙ୍କର ଝଂକାର
ବଶେ ହେଉ ଜ୍ଞାନର ବିଧି ସତ୍କାର । ୫ ।

ନବ ପଲ୍ଲବ ମାନେ ଦୟାର୍ଦ୍ର କାରୀ
ଆତିଥ୍ୟ ସତ୍କାରକୁ ବର ପ୍ରଝରି
(ଜଡ ଜୀବର ପରୋପକାର ମାନ
ଦେଖିଲେ ତରଳିତ ଭାନୁ ଗଗନ

ଜଡ଼ଜୀବ ଯେ ପରୋପକାର ଧାରି
ଜୀବ କୋଟୀରେ ସଙ୍ଗ ଦୁର୍ଲ୍ଲଭ ପରି । ୬ ।

ନିଜ ରକ୍ଷାରେ ଶ୍ରମ ବ୍ୟୟ କରିଣ
କ୍ଷୁଧା ନାଶନ୍ତି ଫଳମୂଳ ଦେଇଣ
ପଲାଶ ତରୁ ନିଜ ଫୁଲେ ଭୂଷିତ
ମନେ ହୁଏ କି ଅନୁରାଗେ ପୁଞ୍ଜିତ । ୭ ।

ଦୂରେ ଦେଖିଲେ ହୁଏ ଏବଂ ପ୍ରତିତ
ଅନଳ ଗଦା କିବା ଅତି ଜ୍ୱଳିତ
ଚ୍ୟୁତ ବକୁଳ ଅଳି କୁଳେ ଆକୁଳ
ଦେଉଚି ଯାଚି ଯାଚି ସୁପରିମଳ
ମଧୁପାନରେ ମତ୍ତ ବର କୋକିଳ
କଳଗାନରେ କରେ କର୍ଣ୍ଣ ସଂକୁଳ । ୮ ।

ମଧୁ କୁସୁମ ମଧୁ ମାସେ ଆବାଦ
ଏସବୁ ଲୋକନରେ କରନ୍ତି ବାଦ
ଅସଖି ଜୀବନ ହୁଏ ଗଦଗଦ
ସ ଖିରେ ସକଳଙ୍କ ହାସ୍ୟ ଆସ୍ୱଦ । ୯ ।

ଦିନ ମଣି କିରଣ ସୁମନୋହର
ଅତି ଶିତଳ ନୁହେଁ ନୁହେଁ ପ୍ରଖର
ପଲ୍ଲବମାନଙ୍କର ପତ୍ର ସଂଚାର
ହେମକାଳରେ ମଙ୍ଗ ଆନନ୍ଦକର । ୧୦ ।

ଈଶ୍ୱର ଆଦେଶକୁ ଶିରରେ ବହି
ସୁରଭି ନେଲେ ଜନ ଆନନ୍ଦ ବାହି
ଜଡ଼ ଜୀବରେ ଅଙ୍ଗ ମୁଦ ନିର୍ଝରି
ଫୁଲଫଳ ପଲ୍ଲବେ ମୃଦ୍ୟୁତା ବରି । ୧୧ ।

ସୁରଭିକାଳ ଆଜି ପ୍ରବେଶ ହେଲା
ଜୀବ କୋଟୀରେ ମୁଦ ବିସ୍ତରି ଗଲା
ଗନ୍ଧ ବହର ମଙ୍ଗଳ କାର୍ଯ୍ୟ ହେଲା
ସୁରଭି ସବୁ ଠାରେ ପହୁଞ୍ଚାଇଲା । ୧୨ ।

ରାଜାଧିରାଜ ପରି ବସନ୍ତ ଶୋଭା
ଦେଖିଲେ କା ଲୋଚନ ନୋହିବ ଲୋଭା
ସୁନାରି ଫୁଲ ଯଶ ଚାମର ଆଭା
ନାଗ କେଶର ଛତ୍ର ଶଶାଙ୍କ ପ୍ରଭା । ୧୩ ।

ଫୁଲ ଭାରରେ ନମ୍ର ଅଁଶୁ ବଦନ
ଅତି ରୁଚିରେ ସେହି ଶୋଭା ସଦନ
ନୂଆ ରଙ୍ଗପାଟ କରି ପରିଧାନ
ବିଜେ କରୁଛି ନବବଧୂ ସମାନ । ୧୪ ।

x x x x

[ଉପହାର – ବିଜୟା – ୧୯୪୧]

---

## ଜଣାଣ

(ରାଗ – ପଡ଼ି)

ଶ୍ୟାମ ହେ ମୋହନ ରାଧାରମଣ
ଅଗତିକୁ ଗତି ଦେଇ କର ତାକୁ ତାରଣ
ଶ୍ୟାମ ସୁନ୍ଦର ମନ୍ଦରଧର ଆନନ ଅତି ଶୋଭନ
ନନ୍ଦ ନନ୍ଦନ ଛନ୍ଦ ନକର ସୁନ୍ଦର ମୁଖ ଲୋଚନ । ୧ ।

ହରି ହେ, ବଳିକୁ ଛଳି ଆପଣ
ମହାଦାନୀ ପଣ ତାର କର୍ଣ୍ଣେ ଶୁଣିଣ
ବାମନ ହେଲ ଦାନ ମାଗିଲ ବଳିର ଶିର ଚାପିଣ
ପାତାଳ ପୁର ଦ୍ୱାର ତାହାର ଜଗି ବସିଲ ଆପଣ । ୨ ।

ହରି ହେ, ଶ୍ୟାମଳ ଶାନ୍ତ ମୂରତି
ଶ୍ରୀ ଜାନକୀ ଦେବୀଙ୍କର ପ୍ରାଣର ପତି
କାକୁସ୍ଥ କୁଳ ମଣ୍ଡନକାରୀ ପରଶୁରାମ ଦର୍ପ ସଂହାରୀ
ବିଶ୍ୱାମିତ୍ର ଯାଗରକ୍ଷକ ତାଡ଼କାକୁ କଲ ନିଧନ । ୩ ।

ହରି ହେ, ଯୁଦ୍ଧ ଦେଖି ତୁମ୍ଭର–
ପରାକ୍ରମ ଜମ୍ୱେବ କଲା ବିଚାର
ସମର ମନ ଜାଣି ଆପଣ ହରଷ ହେଲ ତକ୍ଷଣ

ଯୋଗ ଅନ୍ତରେ ବାହୁ ଯୁଦ୍ଧ ଦେଇ ଜମ୍ବୁବତୀ କଲ ହରଣ । ୪ ।
ବାମଣ୍ଡା ବାସୁଦେବ ନୃପତି
ନିତି ଶରଣ ମାଗେ କରି ବିନତି
ଆରତ ତ୍ରାଣ ଦୁଃଖ ନାଶନ ଦୁଃଖକୁ କର ମୋଚନ
ଦାସ ଗଲେ ନାଶ ଲଭିବ କି ଯଶ ନିନ୍ଦା ବହିବ ଆପଣ । ୫ ।

—

## ସପ୍ତଶଲ୍ୟ

[ବାମଣ୍ଡା ପଣ୍ଡିତ ସଭାରେ ଭର୍ତ୍ତୃହରିଙ୍କ ସଂସ୍କୃତ ସପ୍ତଶଲ୍ୟ ଶ୍ଳୋକର ବ୍ୟାଖ୍ୟା ସମୟେ ଗୁରୁ ଭୁବନେଶ୍ୱର ବଡ଼ପଣ୍ଡା ଓ ରାଧାନାଥଙ୍କ ଆଗ୍ରହ କ୍ରମେ ସୁଢ଼ଳଦେବ ନିଜସ୍ୱ ସପ୍ତଶଲ୍ୟର ତାଲିକା ନିମ୍ନମତେ ପ୍ରଦାନ କରିଥିଲେ ।]

‘‘ଧନାଶା ସୂଦ୍ରାଜ୍ଞୀ କ୍ଷିତିପବସୁ ମ୍ୟାନେଜର ଗତଂ
ସ୍କୁଲୀୟାଂଶ୍ଚୋନ୍ନାର୍ଗୀ ଧନିଧନମୁପାଧି ବ୍ୟବହୃତଂ
ରମାବାଇ ଭ୍ରଷ୍ଟା ନୃପକୁଳମଭୂନ୍ନୀତି ରହିତଂ
ଶ୍ରୁତିର୍ନାଟୈର୍ଗୀତା ମନସି ମୁନି ଶଲ୍ୟାନି ସହୃପାଂ ।’’ (୧୮୮୬)

## ରମାବାଈଙ୍କ ସହିତ କଥୋପକଥନ

**ପ୍ରାକ୍‌ସୂଚନା :**

[ସୁଢ଼ଳଦେବ ୧୮୯୦ ମାର୍ଚ୍ଚ ଓ ଏପ୍ରିଲ୍ ମାସରେ ଦାକ୍ଷିଣାତ୍ୟ ଭ୍ରମଣରେ ଯାଇଥିଲେ । ଏପ୍ରିଲ୍ ୧୬ ତାରିଖରେ ବମ୍ବେଠାରେ ପହଞ୍ଚି ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଦର୍ଶନ କରିଥିଲେ । ୧୯ ତାରିଖ ଦିନ ସେ ସାରଦା ସଦନ ଭ୍ରମଣରେ ଯାଇ ରମାବାଈଙ୍କ ସହିତ ସାକ୍ଷାତ୍ କରିଥିଲେ । ବିଧବା ମହିଳାମାନଙ୍କ ମଙ୍ଗଳ କାମନାରେ ରମାବାଈ ‘ସାରଦା ସଦନ’ ପ୍ରତିଷ୍ଠା କରିଥିଲେ । ଏ ବିଦୁଷୀ ମହିଳା ୟୁରୋପ ଓ ଆମେରିକାରେ ସୁପରିଚିତା ଥିଲେ । ପଣ୍ଡିତା ରମାବାଈଙ୍କ ସହିତ ବାମଣ୍ଡାଧିପତି ଅନର୍ଗଳ ସଂସ୍କୃତ ଭାଷାରେ ଶାସ୍ତ୍ରାଳାପ କରିଥିଲେ । ଉକ୍ତ ବାର୍ତ୍ତାଳାପର ଅଂଶବିଶେଷ ନାରାୟଣ ପ୍ରସାଦ ଦାସଙ୍କ ଦ୍ୱାରା ‘ସମ୍ବଲପୁର ହିତୈଷିଣୀ’ (୧/୪୧) ତା– ୯.୪.୧୮୯୦ରେ ପ୍ରକାଶିତ ହୋଇଥିଲା । ବାମଣ୍ଡାଧିପତିଙ୍କ ପାଣ୍ଡିତ୍ୟରେ ରମାବାଈ

ସନ୍ତୁଷ୍ଟ ହୋଇଥିବା କଥା ବମ୍ବାଇ "ସୁବୋଧ" ପତ୍ରିକାର ଏକ ସାକ୍ଷାତ୍‌କାରରେ ପ୍ରକାଶ କରିଥିଲେ। ବାମଣ୍ଡାଧିପତି ମଧ ସାରଦାସଦନ ନିମନ୍ତେ ପଚିଶ ଟଙ୍କା ସାହାଯ୍ୟ ପ୍ରଦାନ କରିଥିଲେ (ଭ୍ରମଣ ବୃତ୍ତାନ୍ତ – ସଚ୍ଚିଦାନନ୍ଦ ଦେବ – ଗ୍ରନ୍ଥାବଳୀ)।

ଏ କଥୋପକଥନରୁ ସୁଢ଼ଳଦେବଙ୍କ ସଂସ୍କୃତ ଜ୍ଞାନ ଓ ଆଶୁକବିତ୍ୱ ପ୍ରକାଶ ପାଇଥାଏ। ଏହାର କାବ୍ୟିକ ପରିପ୍ରକାଶ ପାଇଁ ପଦ୍ୟ ବିଭାଗରେ ସ୍ଥାନିତ ହେଲା]

ସୁଢ଼ଳଦେବଙ୍କ ପ୍ରଶ୍ନ :

"ଯା ବୈବିଶ୍ୱେଶ– ଲକ୍ଷ୍ମୀପତିମୁଖ
ନଳିନାନ୍ନିର୍ଗଳଦ୍ୱାକ୍ ସୁଧାବ୍ଧି–
ପ୍ରୋତ୍ତୁଙ୍ଗଲ୍ଲୋଲଜାଲେ ତବ
ପରମସୁଖଂ ପୁପ୍ଲୁବେ ହିନ୍ଦୁଧର୍ମଃ।
ତସ୍ମାନ୍ନିର୍ବ୍ୟାଜ–ଧର୍ମ୍ମାତ୍ ସବିମଳ କୁଳଜେ !
ନିଷ୍କଳଙ୍କାତ୍ କଥଂତେ
ପ୍ରତ୍ୟାବୃତ୍ତାଃ ପବିତ୍ରାଃ ସୁଲଳିତ
ମତୟୋରେମିରେବୈ ବିଧର୍ମ୍ମେ।"

ପଣ୍ଡିତା ରାମାବାଈଙ୍କ ଉତ୍ତର –

"ନାସ୍ମାକଂ ବିଧର୍ମ୍ମଃ ବସ୍ତୁତ ଈଶ୍ୱରେ ଜୀବସ୍ୟ ସମ୍ବନ୍ଧ ଏବଧର୍ମ୍ମଃ, ସତୁ ବେଦାଧ୍ୟୟନାଦ୍ ଭବିଷ୍ୟତି, କିନ୍ତ୍ୱସ୍ମାକଂ ବେଦାଧିକାରୋନାସ୍ତି, ସ୍ତ୍ରୀ ଶୂଦ୍ରୌ ନାଧୀୟେତା ମିତ୍ୟୁକ୍ତେ ଏବଂ ଚ ହିନ୍ଦୁମତେ ସ୍ତ୍ରୀଣାଂହି ପତିଦେବତା ଇତ୍ୟୁକ୍ତଂ ମନୁଷ୍ୟପୂଜନଂ ସିଦ୍ଧଂ ତାବତାପରମ ପ୍ରାପ୍ତି–ର୍ନ୍ନ ଭବିଷ୍ୟତି ଶଙ୍କତୀୟା ହିନ୍ଦୁଧର୍ମ୍ମ ପରିତ୍ୟାଗୋ ବରୀୟାନିତ୍ୟାଦି।"

[ଏହାର କାବ୍ୟିକ ପରିପ୍ରକାଶ ପାଇଁ ପଦ୍ୟ ବିଭାଗରେ ସ୍ଥାନିତ ହେଲା।]

# ପରିଶିଷ୍ଟାବଳୀ

## ପରିଶିଷ୍ଟ-୧

### (କ) ପ୍ରଶଂସା ପତ୍ର –

ମାନ୍ୟବର ଶ୍ରୀଯୁକ୍ତ ବାମଣ୍ଡାଧିପତି ଶ୍ରୀରାଜା ସୁଢ଼ଳଦେବ ବାହାଦୂର ମହାଶୟ ସମୀପେଷୁ –

ମହାଶୟ !

ଆପଣଙ୍କ ପ୍ରେରିତ ଅଳଙ୍କାର ବୋଧୋଦୟ ନାମକ ପୁସ୍ତକ ଖଣ୍ଡିଏ ପାଇ ବାଧିତ ହେଲି । ଏ ପୁସ୍ତକ ଖଣ୍ଡିକ ଉତ୍କଳ ଭାଷାରେ ରତ୍ନବିଶେଷ । ଉତ୍କଳ ଭାଷାରେ ଅନେକ ବିଷୟରୁ ପୁସ୍ତକର ଅଭାବ ଅଛି, କିନ୍ତୁ ଯେ ସ୍ଥଳେ ଆପଣଙ୍କ ତୁଲ୍ୟ ବ୍ୟକ୍ତି ତାହାର ଉନ୍ନତି କରିବାକୁ ଚେଷ୍ଟା କର୍ରୁଅଛନ୍ତି ସେ ସ୍ଥଳେ ସେ ଅଭାବମାନ ଯେ ଅଚିରେ ଦୂରହେବ; ଏଥିରେ କିଛି ସନ୍ଦେହ ନାହିଁ ।

ଆପଣଙ୍କର ଅନୁଗତ
**ଶ୍ରୀ ନନ୍ଦକିଶୋର ଦାସ**

[‘ଉତ୍କଳ-ଦୀପିକା– (୨୧/୨୬) ତା. ୨୬.୬.୧୮୮୬ରୁ ଗୃହୀତ ।]

### (ଖ) ପ୍ରେରିତ ପତ୍ର –

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳ ଦୀପିକା ସଂପାଦକ ମହାଶୟ, ସମୀପେଷୁ –

ମହାଶୟ !

ବାମଣ୍ଡାଧିପତି ଶ୍ରୀଯୁକ୍ତ ସୁଢ଼ଳଦେବ ମହୋଦୟ ଆମ୍ଭଙ୍କୁ ତାଙ୍କ କୃତି ଖଣ୍ଡିଏ ଅଳଂକାର ବୋଧୋଦୟ ଉପହାର ପଠାଇଅଛନ୍ତି । ସେଥିପାଇଁ ଆମ୍ଭେ କୃତଜ୍ଞତା ସ୍ୱୀକାର କରୁଅଛୁଁ ଏବଂ ପୁସ୍ତକ ଖଣ୍ଡିଏ ଉତ୍କୃଷ୍ଟ ହୋଇଅଛି ଅତି ଅଳ୍ପ ସ୍ଥାନରେ ଯେଉଁ ଟିକେ ଭାଷାର କାଠିନ୍ୟ ଦେଖାଯାଏ, ଅନ୍ୟ ସଂସ୍କରଣବେଳେ ତାହା ସଂଶୋଧିତ ହୋଇଯିବ ।

ଯାହା ହେଉ ଓଡ଼ିଶାର ରାଜା ସୁଢ଼ଳଦେବ ବାହାଦୂରଙ୍କର ଯେଉଁପରି ବିଦ୍ୟୋ-ତ୍ସାହର ପରିଚୟ ଦେଖାଯାଏ ଅଳ୍ପକାଳ ମଧରେ ସେ ଜଣେ କୃତବିଦ୍ୟ ରାଜାବୋଲି ସଭ୍ୟ ଜଗତରେ ପରିଚିତ ହେବେ ଏବଂ ତାଙ୍କ କର୍ତ୍ତୃକ ଓଡ଼ିଆ ଭାଷାର ଓଡ଼ିଆ ସାହିତ୍ୟର ଅନେକ ଅଭାବ ବିଦୂରିତ ହେବାର ସମ୍ଭାବନା ଦିଶୁଅଛି ଯାହା ହେଉ ବାମଣ୍ଡାଧିପତି ଦରିଦ୍ର ଉତ୍କଳ ଦେଶର ମୁଖୋଜ୍ଜ୍ୱଳ କରନ୍ତୁ ଏହା ଈଶ୍ୱରଙ୍କଠାରେ ପ୍ରାର୍ଥନା । ଇତି ।

୧।୯।୧୮୮୬ ବଶମ୍ବଦ
କଟକ ଶ୍ରୀ ଦୀନନାଥ ବନ୍ଦ୍ୟୋପାଧ୍ୟାୟ

['ଉତ୍କଳଦୀପିକା' (ଅତିରିକ୍ତ) ତା ୧୮.୯.୧୮୮୬ରେ ପ୍ରକାଶିତ ।]

## (ଗ)

Pooree
The 30th May 86

My dear Sir,

I have the pleasure to acknowledge receipt of your letter under date the 21st Instant together with your newly composed book called ""Alankar Bodhodaya" and it is with feellings of infinite pleasure that I notice your kind recollection of myself.

I find your book will prove useful to good many persons.

You are certainly deserving of thanks for the ability with which you have written the book. I shall remit the price of the book as you let me know how the money is to be sent.

Yours well wisher

Sd. **Tarakanta Vidyasagar**

['ଉତ୍କଳ ଦୀପିକା (୨୧।୨୬) ତା ୨୬.୬.୧୮୮୬ରୁ ଗୃହୀତ ।]

## (ଘ)ଉପହାର

['ଉତ୍କଳଦୀପିକା – ତା ୧୮.୧୨.୧୮୮୬ ପୃ.୩୯୮ରେ ପ୍ରକାଶିତ ଶ୍ରୀ ଦାମୋଦର ହୋତା, ହେଡମାଷ୍ଟର୍ କୁଲାବିରାଙ୍କ ପତ୍ର ।]

ଶ୍ରୀଯୁକ୍ତ ମାନ୍ୟବର ଉତ୍କଳ ଦୀପିକା ସଂପାଦକ ମହାଶୟ ସମୀପେଷୁ –

ମହାଶୟ !

ଶ୍ରୀମାନ୍ ବାମଣ୍ଡା ମହାରାଜା, ଶ୍ରୀଯୁକ୍ତ ମାନ୍ୟବର ଛତିଶଗଡ଼ର କମିଶନର ସାହେବ ବାହାଦୂରଙ୍କ ସହିତ ସାକ୍ଷାତ୍ ହେବା ଉପଲକ୍ଷରେ ଗତ ନଭେମ୍ବର ମାସରେ ସମ୍ବଲପୁରନଗରକୁ ବିରାଜିତ ହୋଇଥିବା ପ୍ରଯୁକ୍ତ, ଏହି ସମ୍ବଲପୁରର କାଳିଆ ମିଶ୍ରଙ୍କ ପୁତ୍ର ଲକ୍ଷ୍ମଣ ମିଶ୍ର ମରିଶ ହାଇସ୍କୁଲର୍ ଜଣେ ଛାତ୍ର ଅଧୋଲିଖିତ ଆଠଗୋଟି ଶ୍ଳୋକ ରଚନାକରି ମହାରାଜାଙ୍କୁ ଉପହାର ଦେଇଥିଲେ ଏହି ମହତ୍ ଗୁଣଟିକୁ ପ୍ରକାଶ କରିବାରୁ ବଞ୍ଚିତ ନହେବା କାରଣ ଆପଣଙ୍କ ଜଗଦ୍ଵିଖ୍ୟାତ ପତ୍ରିକାରେ ସର୍ବତ୍ର ପ୍ରଚାରିତ ହେବ ବୋଲି ପ୍ରେରଣ କଲୁଁ । ଇତି ।

ଭବନ୍ତଂ ତଂ ଶ୍ରୀଶସ୍ମରଣମ୍ୟ ସଂ ମାନବପତିଂ
ମୁରାରାତିଃ କୃଷ୍ଣୋଽବତୁ ସକଳ ଦେବୈଃ ପରିବୃତଃ ।
ବୁଧାୟନ୍ତେ ମନ୍ଦାଃ ସକଳଜନ ବନ୍ଦ୍ୟେ ନରପତୌ
ଦୟାପୂର୍ଣ୍ଣେ ଯସ୍ମିନ୍ ଭବତି ଶରଣାପ୍ତା ଜନଗଣାଃ ।(୧)

ସ୍ୱସ୍ତ୍ୟସ୍ତୁରାଜ୍ଞେ ସକଳାର୍ଥିକଳ୍ପଦ୍ରୁମାୟ ତୁଭ୍ୟଂ ଜନ ବନ୍ଦିତାୟ
ନାନାକଳାଭିଶ୍ଚ ସମନ୍ୱିତାୟ ଲକ୍ଷ୍ମୀଶ ସକାମଳମାନସାୟ ।୨।

କମନୀୟା ଗୁଣା ଯସ୍ୟ କୀର୍ତ୍ତି ର୍ଯସ୍ୟ ଗରୀୟସୀ
କାରୁଣ୍ୟଂ ବିଦ୍ୟତେ ଯସ୍ମିନ୍‌ସ ରାଜା ପ୍ରବିଭର୍ତ୍ତୁନଃ ।୩।

ମୂର୍ଖା ଯସ୍ୟ ପ୍ରସାଦଦ୍ଧି ବାମଡ଼ାପ୍ରତିବାସିନଃ ।
ସତତଂ ପଣ୍ଡିତାୟନ୍ତେ ସ ରାଜା ପ୍ରବିଭର୍ତ୍ତୁନଃ ।୪।

ଔଦାର୍ଯ୍ୟଶୌର୍ଯ୍ୟ ଗାମ୍ଭୀର୍ଯ୍ୟ ଧୈର୍ଯ୍ୟାଦିଗୁଣ ଭୂଷିତଃ
ସ୍ୱାମୀକଳାନାଂ ସର୍ବାସାଂଯଃ ସ ରାଜା ବିଭର୍ତ୍ତୁନଃ।୫।

ଜନତାଖ୍ୟାତସତ୍‌କୀର୍ତ୍ତେ ପ୍ରଜେଶ ଗଜନାଧିପ
ବିଦ୍ୟାଦ୍ୱାର ବିବିକ୍ଷୋର୍ମେ ବାଞ୍ଛାପୂର୍ତ୍ତିକରୋ ଭବ ।୬।
ଆଲମ୍ବନଂ ଭବତୁ ନୌରିବ ବାମଡେଶେ
ବିଦ୍ୟାଧିପଃ ସକଳ ପଣ୍ଡିତ ବନ୍ଦିତାଂଘ୍ରିଃ ।
ଦାରିଦ୍ର୍ୟ ଦୁଃଖ ସଲିଳଦ୍ଧିନିମଜ୍ଜ ସଭୀତ୍ୟା ପ୍ରକ-
ମ୍ପିତ କଳେବର ଧାରିଣୋ ମେ ।୭।
ସର୍ବତ୍ର ଖ୍ୟାତ ଯଶସଃ ପୂଜିତସ୍ୟ ସଦା ବୁଧୈଃ ।
ରାଜ୍ଞଃ ସୁଢ଼ଳାଦେବସ୍ୟ ବାଞ୍ଛନ୍ତୁ ସଜ୍ଜନା ଜୟଂ ।୮।

୪।୧୨।୧୮୮୬ ଦାମୋଦର ହୋତା
ଜିଲ୍ଲା : ସମ୍ବଲପୁର ହେଡମାଷ୍ଟର, କୁଲାବିରା

## (ଙ) ସୁଢ଼ଳଦେବଙ୍କ ସମାଧି ସ୍ତମ୍ଭ

ମହାରାଜା ସାର ୰ ବାସୁଦେବ ସୁଢ଼ଳଦେବ କେ.ସି. ଆଇ.ଇ. ଜନ୍ମ ତା ୧୧-୫-୧୮୫୧ଇ : ପରଲୋକ ଗମନ ତା-୧୯-୧୧-୧୯୦୩ ମସିହା । ରାଜ୍ୟଲାଭ ବ୧୭ର୍ଷରେ ହୋଇଥିଲା । ତା ୧୧-୫-୧୮୬୮ଠାରୁ ତା ୧୯-୧୧-୧୯୦୩ ପର୍ଯ୍ୟନ୍ତ ମୋଟ ବ୩୫, ୫।୮ ଦିନ ରାଜତ୍ୱ କରିଥିଲେ । ତାହାଙ୍କ ସୁଶାସନରେ ବାମଣ୍ଡାର ସର୍ବାଂଗୀନ ଉନ୍ନତି ସାଧିତ ହୋଇଥିବାରୁ ଭାରତ ସାମ୍ରାଜ୍ଞୀ ମାନନୀୟା

ଭିକ୍ଟୋରିଆଙ୍କ ଦ୍ୱାରା ନାଇଟ ଓ ସି.ଆଇ.ଇ.ଦ୍ୱାରା ଭୂଷିତ ହୋଇଥିଲେ । ଏହାଙ୍କର ପ୍ରଥମ ମହିଷୀ ୰ ଗିରିରାଜକୁମାରୀ ଦେବୀ କଳାହାଣ୍ଡି ମହାରାଜ ୰ ଉଦିତ ପ୍ରତାପ ଦେବଙ୍କର ଦ୍ୱିତୀୟା କନ୍ୟା ଅଟନ୍ତି । ସାର୍ ସ୍ୱର୍ଗୀୟ ବାସୁଦେବ ସୁଢ଼ଳଦେବଙ୍କର ମୃତ୍ୟୁର ବ୩୦/୦/୧୫ଦିନ ପୂର୍ବରୁ ତାହାଙ୍କର ପୂର୍ବ ମହିଷୀଙ୍କର ମୃତ୍ୟୁ ହୋଇଥିଲା । ରାଜା ସାର ୰ବାସୁଦେବ ସୁଢ଼ଳଦେବ ୰ ହରିହର ଦେବ ବଡ଼କୁଅଁରଙ୍କ ଏକମାତ୍ର ପୁତ୍ର । ରାଜା ୰ବ୍ରଜସୁନ୍ଦର ତ୍ରିଭୁବନଦେବ ଏହାଙ୍କୁ ପୌଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ ।

[ସମାଧି ସ୍ତମ୍ଭରେ ସଂଯୁକ୍ତ ମାର୍ବଲରେ ଖୋଦିତ ।]

**ସମାଧି ପଛ ପାଖ –**

ଓଁ

ବିରାଜ, ବିରାଜ, ଦେବ ଅମର ଭବନେ
ଶୁଭ୍ର ନବ ଦେବ ମୂର୍ତ୍ତି ଲଭି
ଉତ୍କଳର ଅଶ୍ରୁଧୌତ ହୃଦୟ ଗଗନେ
ପ୍ରତିଫଳୁ ସେହି ଦେବ ଛବି ।
ମହାମହେଶଙ୍କ ଶ୍ରୀଚରଣ ଛାୟାତଳେ
ଲଭି ଦିବ୍ୟ ତେଜଃ ପୁଞ୍ଜ କାନ୍ତି
ଉଭା ହୋଇ ଜ୍ୟୋତିର୍ମୟ ଦେବତାର ଦଳେ
ଗାଅ ଦେବ ଓଁ ସ୍ୱସ୍ତି ଶାନ୍ତି
ସେହି ଶାନ୍ତି ମହାମନ୍ତ୍ର ସେହି ସ୍ୱସ୍ତିଗାନ
ସନ୍ତପ୍ତ ଏ ସଂସାର ଆଳୟେ
ସ୍ଫୁରୁନିତ୍ୟ, କରୁନିତ୍ୟ ଅଭୟ ପ୍ରଦାନ
ମାନବର ହତାଶ ହୃଦୟେ
ସେ ସଂଗୀତେ-ମନ୍ଦାକିନୀ କରୁ ମଧୁମୟ
ଲକ୍ଷ ଲକ୍ଷ ନକ୍ଷତ୍ର ମଣ୍ଡଳ
ସେ ପରମ ଘୋଷ ତାର ଅମୃତ ଅଭୟ
ବ୍ୟାପୁ ବ୍ୟୋମ ବାୟୁ ଜଳ ସ୍ଥଳ ।

[ଭକ୍ତକବି ମଧୁରାଓଙ୍କ ଏ ପଦ୍ୟାଂଶଟି ସମାଧି ପଛପାଖେ ମାର୍ବଲ୍‌ରେ ଖୋଦିତ]

## (ଚ) LAND ACQUISITION BY BENGAL-NAGPUR RAILWAY AT BAMRA

The B.N.R. runs through this State for about 18 miles and

the land required for the same was given to the B.N.R. free of revenue or rent in 1891. In consideration of this free grant of land the Railway Company made a contract with this Darbar to stop all the trains at Bamra Railway Station in 1891 or in subsequent years.

[Letter of Bamra Darban No.XVI-9/46-483 of Raja Bhanugang Dev to Hon'ble the Resident for the Eastern States, Hastings House, Alipore, Calcutta. File No. R1–3/47–J.E.S.A., Calcutta.]

## ପରିଶିଷ୍ଟ-୨

### (କ) ନିବେଦନ ।

ସତ୍ୟମେବ ଜୟତେ ନାନୃତଂ –

ମୁକ୍ତିକୋପନିଷଦ୍ ।

ମହାଶୟ !

ଗତ ୩୧ ତାରିଖ ମାହେ ସେପ୍ଟେମ୍ବର [୧୩ ତାରିଖ ନଭେମ୍ବର] ଉତ୍କଳ-ଦୀପିକାର ବାମଣ୍ଡା ସ୍ତମ୍ଭରେ ବ୍ରାହ୍ମଣମାନଙ୍କୁ ଆକ୍ରମଣ କରି ଗୋଟିଏ ପ୍ରବନ୍ଧ ଲେଖାହୋଇଅଛି । ଲୋକ ପରଂପରା ଏପରି ଶ୍ରୁତ ହେଲୁଁ କି ଏହି ପତ୍ର ବାମଣ୍ଡାଧିପତି ଶ୍ରୀଯୁକ୍ତ ସୁଢ଼ଳଦେବଙ୍କ ଦ୍ୱାରା ଲିଖିତ ହୋଇଅଛି, ଯଦି ଏକଥା ଠିକ ହୁଏ ତେବେ ବଡ଼ ସୁଖର ବିଷୟ । କୌଣସି ପ୍ରକାର ସ୍ୱାର୍ଥର ବଶୀଭୂତ ନହୋଇ ଜୟ ପରାଜୟର ପ୍ରତି ଲକ୍ଷ୍ୟ ନ ରଖି ଯଦି କେବଳ ତତ୍ତ୍ୱଜିଜ୍ଞାସୁ ହୋଇ ଏହି କାର୍ଯ୍ୟରେ ପ୍ରବୃତ୍ତ ହୋଇଥାଆନ୍ତି, ତାହାହେଲେ ଏହା ସମଗ୍ର ଓଡ଼ିଶ୍ୟାର ପକ୍ଷରେ କଲ୍ୟାଣର ବିଷୟ ସନ୍ଦେହ ନାହିଁ । ସେ ଯାହାହେଉ ଆମ୍ଭର କ୍ଷୁଦ୍ରଜ୍ଞାନରେ ଯେତେଦୂର ସମ୍ଭବ ତାହାଙ୍କର ପ୍ରବନ୍ଧର ଉତ୍ତର ଦେବାକୁ ଅଗ୍ରସର ହେଉଅଛୁଁ, ପରମେଶ୍ୱର ଆମ୍ଭମାନଙ୍କ ହୃଦୟରେ ସଦ୍ଭାବ ପ୍ରଦାନ କରନ୍ତୁ ।

୧ ମ । "ଧ୍ରୀୟନ୍ତେ ବିଧିନିଷେଧ ପ୍ରତିପାଦ୍ୟାନି ସ୍ୱସ୍ୱ
ଶିଷ୍ଟ ବ୍ୟବହୃତାନି ବାକ୍ୟାନି ଯତ୍ର ସଏବ ଧର୍ମ୍ମ ।"

ଏହି ଶ୍ଳୋକର ଅର୍ଥ ସେ ଏହିପରି କରିଅଛନ୍ତି ଯଥା, ବିଧିନିଷେଧ ଅର୍ଥଯୁକ୍ତ ସ୍ୱସ୍ୱ ଶିଷ୍ଟମାନଙ୍କଦ୍ୱାରା ପ୍ରକାଶିତ ବାକ୍ୟମାନେ ଯେଉଁ କାର୍ଯ୍ୟରେ ବ୍ୟବହୃତ ହୁଅନ୍ତି ତାହାକୁ ଧର୍ମ୍ମ ବୋଲି । କିନ୍ତୁ ଏହାର ଅର୍ଥ ଠିକ ଏ ରୂପ ନୁହେ ବୋଲି ବୋଧହୁଏ । "ବିଧିନିଷେଧ ପ୍ରତିପାଦିତ ସ୍ୱ-ସ୍ୱ ଶିଷ୍ଟମାନଙ୍କଦ୍ୱାରା ବ୍ୟବହୃତ ବାକ୍ୟସବୁ ଅର୍ଥାତ୍ ଶିଷ୍ଟମାନେ ଯେଉଁସବୁ ବାକ୍ୟ କହିଯାଇଅଛନ୍ତି ତନ୍ମଧ୍ୟରେ ସେମାନଙ୍କର ଯେଉଁସବୁ

ବାକ୍ୟ ପ୍ରମାଣ ଓ ଯୁକ୍ତିର ଦ୍ୱାରା ପ୍ରତିପାଦିତ ଓ କାର୍ଯ୍ୟରେ ବ୍ୟବହୃତ ତାହାଇ ଧର୍ମ୍ମ ।'' ଏହି ଶ୍ଳୋକର ଅର୍ଥ ଯେବେ ଏପରି ହୁଏ ତେବେ ଶିଷ୍ଟମାନଙ୍କର ମନ ଭ୍ରମ ଓ ସତ୍ୟ ଉଭୟରେ ପୂର୍ଣ୍ଣ । ମନ ଯଦି ଭ୍ରମ ଓ ସତ୍ୟ-ଉଭୟରେ ପୂର୍ଣ୍ଣ ହେଲା, ତେବେ ମନର ଚିନ୍ତାର ଫଳ ସ୍ୱରୂପ ଯେ ବାକ୍ୟ ତାହା ମଧ୍ୟ ଭ୍ରମ ଓ ସତ୍ୟ ଉଭୟରେ ପରିପୂର୍ଣ୍ଣ ହେବ ସନ୍ଦେହ କି ? ଏହି ନିମନ୍ତେ ଉକ୍ତ ଶ୍ଳୋକରେ ଉକ୍ତ ହୋଇଅଛି ଶିଷ୍ଟମାନଙ୍କର ଯେଉଁସବୁ ବଚନ ବିଧି (ଉଚିତ) ଓ ନିଷେଧ (ଅନୁଚିତ) ବୋଲି ପ୍ରତିପାଦିତ (ଯୁକ୍ତି, ତର୍କ, ଅନୁମାନ, ପ୍ରମାଣ, ବିବେକ ପ୍ରଭୃତି କର୍ତ୍ତୃକ ପ୍ରମାଣିତ) ହେବ ତାହାଇ ଧର୍ମ୍ମ । ତେବେ ଦେଖାଯାଉଅଛି ଶିଷ୍ଟମାନଙ୍କର ବଚନରେ ମଧ୍ୟ ଭ୍ରମ ଥାଇପାରେ, ଏପରି ସ୍ଥଳରେ ସେମାନଙ୍କର ସବୁ କଥା ଅବା ସବୁ କାର୍ଯ୍ୟ ଅଭ୍ରାନ୍ତ ବୋଲି ଆମ୍ଭେମାନେ କଦାପି ଗ୍ରହଣ କରିପାରୁନାହୁଁ । ଅତଏବ ଲେଖକ ଯେ ଦେଖାଇବାକୁ ଚେଷ୍ଟା କରିଅଛନ୍ତି ଶିଷ୍ଟମାନଙ୍କର ବ୍ୟବହୃତ ବାକ୍ୟ ଧର୍ମ୍ମ ଏକଥା ଅନେକ ସ୍ଥଳରେ ସତ୍ୟହୋଇପାରେ ପୁଣି ଅସତ୍ୟ ମଧ୍ୟ ହୋଇପାରେ । ଶିଷ୍ଟମାନଙ୍କ କର୍ତ୍ତୃକ ବ୍ୟବହୃତ ବାକ୍ୟମାନେ ଯେପରି ଅନେକ ସ୍ଥଳରେ ଧର୍ମ୍ମ ବୋଲି ଗୃହୀତ ହୋଇପାରେ ସେହିପରି ଅନେକ ସ୍ଥଳରେ ଅଧର୍ମ୍ମ ବୋଲି ମଧ୍ୟ ପରିତ୍ୟକ୍ତ ହେବାକୁ ପାରେ । କାରଣ ମନୁଷ୍ୟର ମନ ଜ୍ଞାନ ଏବଂ ଅଜ୍ଞାନ, ସତ୍ୟ ଏବଂ ଭ୍ରମ ଉଭୟରେ ପରିପୂର୍ଣ୍ଣ । ଏକମାତ୍ର ପରମେଶ୍ୱର ଅସତ୍ୟ, ଅଜ୍ଞାନ ଓ ଭ୍ରମର ଅତୀତ । ଏପରି ସ୍ଥଳରେ କୌଣସି ଗୋଟିଏ ଶାସ୍ତ୍ର ଅବଲମ୍ବନ ନକଲେ ଧର୍ମ୍ମପ୍ରାପ୍ତି ହୁଏ ନାହିଁ ଏକଥା ପ୍ରମାଣସିଦ୍ଧ ହେବନାହିଁ ।

ଏହି ଶ୍ଳୋକର ଅର୍ଥ ଯେପରି ଉଲ୍ଲେଖ କରାଗଲା, ଯଦି ତାହା ଭୁଲ ମଧ୍ୟ ହୁଏ ତଥାପି କୌଣସି କ୍ଷତି ଦେଖାଯାଏ ନାହିଁ । ଏହି ଶ୍ଳୋକ ଅଭ୍ରାନ୍ତ ଗୁରୁବାଦ ଓ ଅଭ୍ରାନ୍ତ ଶାସ୍ତ୍ରବାଦକୁ ପୋଷଣ କରିବା ନିମନ୍ତେ ଲିଖିତ ହୋଇଅଛି, ଏହା ସ୍ୱୀକାର କରିନେଲେ ସୁଦ୍ଧା ଲେଖକଙ୍କର କଥା ପ୍ରମାଣ ସିଦ୍ଧି ହେବାର କୌଣସି ଆଶା ଦେଖାଯାଏ ନାହିଁ । କାରଣ ସେ ଅଭ୍ରାନ୍ତ ଗୁରୁବାଦ ଓ ଶାସ୍ତ୍ରବାଦର ସପକ୍ଷରେ ଗୋଟିଏ ମାତ୍ର ଶ୍ଳୋକ ହିନ୍ଦୁଶାସ୍ତ୍ରରୁ ସଂଗ୍ରହ କରିଅଛନ୍ତି, କିନ୍ତୁ ଆମ୍ଭେମାନେ ସେହି ହିନ୍ଦୁଶାସ୍ତ୍ରରୁ ଏପରି ଅନେକ ଶ୍ଳୋକ ଉଦ୍ଧୃତ କରିପାରୁଁ, ଯାହା ଅଭ୍ରାନ୍ତ ଶାସ୍ତ୍ର ଓ ଗୁରୁବାଦର ବିରୁଦ୍ଧରେ ଲିଖିତ ହୋଇଅଛି, ଯାହା ବିନା ଯୁକ୍ତି ଓ ପ୍ରମାଣରେ ଶାସ୍ତ୍ରକୁ ଆଶ୍ରୟ କରିବାକୁ, ଶିଷ୍ଟମାନଙ୍କର ଆଦେଶଦ୍ୱାରା ଅନ୍ଧଭାବରେ ପରିଚାଳିତ ହେବାକୁ ଘୋର ଅନ୍ୟାୟ ଏବଂ ପାପ ବୋଲି ଘୋଷଣା କରୁଅଛି । ଯଥା :

''କେବଳଂ ଶାସ୍ତ୍ରମାଶ୍ରିତ୍ୟ ନ କର୍ତ୍ତବ୍ୟା ବିନିର୍ଣ୍ଣୟଃ
ଯୁକ୍ତିହୀନ ବିଚାରେତୁ ଧର୍ମ୍ମହାନିଃ ପ୍ରଜାୟତେ ।''

ମନୁ ୧୨।୧୧୩ ଶ୍ଳୋକର ଟିକାରେ

କୁଲ୍ଲୁକଭଟ୍ଟ ଧୃତ ବୃହସ୍ପତି ବଚନ ।

ଅର୍ଥ– କେବଳ ଶାସ୍ତ୍ରକୁ ଅବଲମ୍ବନ କରି କର୍ତ୍ତବ୍ୟ ନିର୍ଣ୍ଣୟ କରିବ ନାହିଁ, ଯୁକ୍ତିକୁ ମଧ୍ୟ ଅବଲମ୍ବନ କରା ଉଚିତ, କାରଣ ଯୁକ୍ତିହୀନ ବିଚାରରେ ଧର୍ମ ନଷ୍ଟ ହୁଏ ।

"ପ୍ରତ୍ୟକ୍ଷଞ୍ଚାନୁମାନଞ୍ଚ ଶାସ୍ତ୍ରଞ୍ଚ ବିବିଧାଗମଂ
ତ୍ରୟଂ ସୁବିଦିତଂ କାର୍ଯ୍ୟଂ ଧର୍ମଶୁଦ୍ଧିମହୀପ୍ସତା"
ମନୁ ୧୨।୧୦୫

ଅର୍ଥ– ଯେଉଁମାନେ ବିଶୁଦ୍ଧ ଧର୍ମ୍ମ କରିବାକୁ ଇଚ୍ଛା କରନ୍ତି ସେମାନେ ପ୍ରତ୍ୟକ୍ଷ୍ୟମାଣ, ଅନୁମାନ ପ୍ରମାଣ ଏବଂ ଶାସ୍ତ୍ର ଏହି ତିନି ପ୍ରକାର ପ୍ରମାଣର ସାହାଯ୍ୟ ଗ୍ରହଣ କରିବେ ।

"ଯୁକ୍ତିଯୁକ୍ତ ମୁପାଦେୟଂ ବଚନଂ ବାଳକାପି । ଅନ୍ୟଂ
ତୃଣମିବ ତ୍ୟଜ୍ୟମଯୁକ୍ତଂ ପଦ୍ମଜନ୍ମଜଃ ।"
ବାସିଷ୍ଠ ବଚନ ।

ଅର୍ଥ– ବାଳକ ଯଦି ଯୁକ୍ତିଯୁକ୍ତ ବାକ୍ୟ କୁହେ ତାହାକୁ ଗ୍ରହଣ କରିବ କିନ୍ତୁ ଅଯୌକ୍ତିକ କଥା ପଦ୍ମଜନ୍ମଜ (ବ୍ରହ୍ମା) କହିଲେ ସୁଦ୍ଧା ଗ୍ରହଣ କରିବ ନାହିଁ ।

"ବହୁ ଶାସ୍ତ୍ର ଗୁରୁପାସନେ ଅପି ସାରାଦାନଂ
ଷଟପଦବତ୍ ।" ସାଂଖ୍ୟ ଦର୍ଶନ ୪।୧୩ ସୂତ୍ର ।

ଅର୍ଥ– ବହୁଶାସ୍ତ୍ର ଓ ଗୁରୁପାସନା କରି ଯେଉଁ ସବୁ ଉପଦେଶ ପାଇବ ଭ୍ରମରର ନ୍ୟାୟ ତାହା ମଧ୍ୟରୁ କେବଳ ମାତ୍ର ସାର ଭାଗ ଗ୍ରହଣ କରିବ ।

"ବିଜ୍ଞେୟାକ୍ଷର ସନ୍ମାତ୍ରୋ ଜୀବିତଞ୍ଚାପି ଚଞ୍ଚଳଂ ।
ବିହାୟ ସର୍ବଶାସ୍ତ୍ରାଣି ଯତ୍ ସତ୍ୟଂ ତଦୁପାସତେ ।"
– ବ୍ରହ୍ମାଣ୍ଡ ପୁରାଣନ୍ତର୍ଗତ ଉତ୍ତର ଗୀତା ।

ଅର୍ଥ– ଜୀବିତକାଳ ଅତି ଚଞ୍ଚଳ ଜାଣି ସର୍ବଶାସ୍ତ୍ର ପରିତ୍ୟାଗ ପୂର୍ବକ ସତ୍‌ସ୍ୱରୂପ କ୍ଷୟ ବିରହିତ ସତ୍ୟ ସ୍ୱରୂପ ପରମେଶ୍ୱରଙ୍କର ଉପାସନା କରିବ ।

ହିନ୍ଦୁ ଶାସ୍ତ୍ରରୁ ବୋଧହୁଏ ଆଉ ଅଧିକ ଶ୍ଳୋକ ଉଦ୍ଧାର କରିବାର ଆବଶ୍ୟକ ନାହିଁ । ଯେତିକି ଦିଆଗଲା ସେହି ଯଥେଷ୍ଟ ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଅଛି ଯେ ଶିଷ୍ଟମାନଙ୍କ ବଚନ ଓ ଶାସ୍ତ୍ରକୁ ଅଭ୍ରାନ୍ତଭାବରେ ଅବଲମ୍ବନ ନକଲେ ଯେ କେହି ହିନ୍ଦୁ ହେବାକୁ ପାରିବ ନାହିଁ, ଏକଥା ଠିକ୍ ନୁହେ । ତାହା ହେଲେ ଅନେକ ମୁନି, ଋଷି, ଶାସ୍ତ୍ରକାରମାନେ ପର୍ଯ୍ୟନ୍ତ ଅହିନ୍ଦୁ ହୋଇପଡ଼ିବେ, ବ୍ରାହ୍ମଣମାନେ ତ କି ଛାର ।

['ଉତ୍କଳ-ଦୀପିକା'– ୪-୧୨-୧୮୮୬]

**୨ୟ ।** "କୌଣସି ଗୋଟିଏ ଶାସ୍ତ୍ର ଅବଲମ୍ବନ ନକଲେ ଧର୍ମ୍ମ ପ୍ରାପ୍ତି ହୁଏ ନାହିଁ, ଅତଏବ ଖ୍ରୀଷ୍ଟିୟାନମାନେ ବାଇବେଲ, ମୁସଲମାନମାନେ କୋରାଣ, ହିନ୍ଦୁମାନେ ବେଦ ଆଶ୍ରୟକରି ଆପଣା ଆପଣା ଧର୍ମ୍ମର ପରିଚୟ ଦେଇଅଛନ୍ତି ।"

ଖ୍ରୀଷ୍ଟିୟାନ ଏକ ବାଇବେଲ, ମୁସଲମାନମାନେ ଏକ କୋରାଣ ଆଶ୍ରୟ କରିଅଛନ୍ତି ସତ୍ୟକଥା, କିନ୍ତୁ ସକଳ ହିନ୍ଦୁ ଯେ ବେଦ ଆଶ୍ରୟ କରିଅଛନ୍ତି, ବେଦକୁ ଅଭ୍ରାନ୍ତ ଓ ମୁକ୍ତିର ଏକମାତ୍ର ଉପାୟ ଜ୍ଞାନ କରନ୍ତି ଏହା ଠିକ୍ ନୁହେଁ । ହିନ୍ଦୁର ଗୃହରେ ଅନେକ ଶାସ୍ତ୍ର ଅନେକ ସଂପ୍ରଦାୟ, ପୁଣି ଏକ ଅନ୍ୟର ବିରୋଧୀ । ଏମନ୍ତ କି ହିନ୍ଦୁଶାସ୍ତ୍ରରେ ଏପରି ଅନେକ ଶ୍ଳୋକ ଦେଖାଯାଏ ଯାହା ବେଦକୁ ଶ୍ରେଷ୍ଠ ବିଦ୍ୟାବୋଲି ପ୍ରମାଣ କରୁଅଛି ଯଥା;

"ଅପର" ରଗ୍‌ବେଦୋର୍ବେଦଃ ଯଜୁଃ ସାମ ବେଦୋ
ଅଥର୍ବବେଦଃ, ଶିକ୍ଷାକଳ୍ପ ବ୍ୟାକରଣମ୍ । ନିରୁକ୍ତ ଛନ୍ଦ
ଜ୍ୟୋତିଷ ମତି ଅଥ ପରାଜୟ । ତତକ୍ଷର ମଧିଗମ୍ୟତେ ।
ମୁଣ୍ଡକୋପନିଷଦ୍ ୧,୫ ।

ଅର୍ଥ – ରଗ୍‌ବେଦ, ଯଜୁର୍ବେଦ, ସାମବେଦ, ଅଥର୍ବବେଦ ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ, ଜ୍ୟୋତିଷ ଏସବୁ ଅଶ୍ରେଷ୍ଠ ବିଦ୍ୟା । ଯାହାଦ୍ୱାରା ସେହି ଅକ୍ଷୟ ପୁରୁଷଙ୍କୁ ଜଣାଯାଏ ତାହାଇ ଶ୍ରେଷ୍ଠ ବିଦ୍ୟା ।

**୩ ।** "ଆଧୁନିକ ବ୍ରାହ୍ମମାନେ ହିନ୍ଦୁ ଧର୍ମ୍ମରୁ ଏକ ଅଂଶ ଓ ଖ୍ରୀଷ୍ଟ ଧର୍ମ୍ମରୁ ଏକ ଅଂଶ ନେଇ ଗୋଟିଏ ବ୍ରାହ୍ମଧର୍ମର ପରିଚୟ ଦେଉଅଛନ୍ତି ।

ଏଥିରେ ଦୋଷ କି ଅଛି ? ସବୁ ଧର୍ମ୍ମର ମଧରେ କମ୍‌ବେଶୀ ପରିମାଣରେ ସତ୍ୟ ରହିଅଛି,ତେତେବେଳେ ସେହି ସତ୍ୟକୁ ଗ୍ରହଣ କରିବାର ଆପତ୍ତି କି ? ଏ ସମ୍ବନ୍ଧରେ ହିନ୍ଦୁଶାସ୍ତ୍ରରେ ଉକ୍ତ ଯଥା–

"ଅଣୁଭ୍ୟଶ୍ଚ ମହଦ୍ଭ୍ୟଶ୍ଚ ଶାସ୍ତ୍ରେଭ୍ୟ କୁଶଳୋ ନରଃ
ସର୍ବତଃ ସାରମାଦଦ୍ୟାତ୍ ପଷ୍ପେଭ୍ୟ ଇବ ଷଟପଦଃ ।"

ଅର୍ଥାତ୍ ଷଟ୍ ପଦ ନିଚୟ ଯେମନ୍ତ ପୁଷ୍ପରୁ ସାରଭାଗ ମଧୁମାତ୍ର ଗ୍ରହଣ କରନ୍ତି, ତଦ୍ରୁପ କୁଶଳୀ ବ୍ୟକ୍ତି ଛୋଟବଡ଼ ଯାବତୀୟ ଶାସ୍ତ୍ରରୁ ସାରଭାଗ ମାତ୍ର ଗ୍ରହଣ କରିଥାଆନ୍ତି । ଦେଖ ହରିଦାସ ଓ କବିର ଯବନ ହୋଇ ସୁଧା ଅବଶେଷରେ ଜଣେ, ଜଣେ ଆଦର୍ଶ ହିନ୍ଦୁ ବୋଲି ପରିଗଣିତ ହୋଇଗଲେ । ଅଦ୍ୟାପି ସେମାନଙ୍କ କୀର୍ତ୍ତି ହିନ୍ଦୁମାନଙ୍କ ମଧରେ ବିଦ୍ୟମାନ ରହିଅଛି ।

ପୁନଶ୍ଚ ପ୍ରତିଦିନ ହିନ୍ଦୁମାନେ ସ୍ନାନାନ୍ତେ ଯେଉଁ ଗଙ୍ଗାଷ୍ଟକ ଉଚ୍ଚାରଣ କରନ୍ତି, ଜାଣିବା ଉଚିତ କି ତାହା ଜଣେ ମୁସଲମାନଙ୍କ ରଚିତ । ତାହାଙ୍କର ନାମ ଦରାଫ ଖାଁ ।

ଜଣେ ମୁସଲମାନ କର୍ତ୍ତୃକ ରଚିତ ଗଙ୍ଗାଷ୍ଟକ ଯଦି ବିନା ଆପତ୍ତିରେ ହିନ୍ଦୁମାନଙ୍କର ଦୈନିକ ଜପମନ୍ତ୍ର ହେବାକୁ ପାରିଲା, ତେବେ ବ୍ରାହ୍ମମାନେ ଖ୍ରୀଷ୍ଟିୟାନ କିମ୍ବା ମୁସଲମାନମାନଙ୍କ ନିକଟରୁ ସତ୍ୟ ସଂଗ୍ରହ କରୁଅଛନ୍ତି ବୋଲି କିପାଇଁ ଦୋଷୀ ହେବେ ? ଏଥିରୁ ପ୍ରାଚୀନ ହିନ୍ଦୁମାନଙ୍କର ଉଦାରତା ଓ ଆଧୁନିକ ହିନ୍ଦୁମାନଙ୍କ ସଙ୍କୀର୍ଣ୍ଣତା ଓ ଅନୁଦାରତାର କେବଳ ମାତ୍ର ପରିଚୟ ମିଳୁଅଛି ।

ବ୍ରାହ୍ମମାନେ ଯଦି ଅନ୍ୟ ଧର୍ମ୍ମରୁ ସତ୍ୟର ପରିବର୍ତ୍ତରେ ଅସତ୍ୟକୁ ଧର୍ମ୍ମର ପରିବର୍ତ୍ତରେ ଅଧର୍ମ୍ମକୁ ଏବଂ ପୁଣ୍ୟର ପରିବର୍ତ୍ତରେ ପାପକୁ ଗ୍ରହଣ କରନ୍ତେ କିମ୍ବା ପୋଷଣ କରନ୍ତେ ତେବେ ନିଃସନ୍ଦେହ ଏହା ଗର୍ହିତ କାର୍ଯ୍ୟ ବୋଲି ପରିଗଣିତ ହୁଅନ୍ତା କିନ୍ତୁ ତାହା ନହୋଇ ସବୁ ଶାସ୍ତ୍ରରୁ ସବୁ ଧର୍ମ୍ମରୁ ଏବଂ ସବୁ ମନୁଷ୍ୟଙ୍କ ନିକଟରୁ ବ୍ରାହ୍ମମାନେ ମଧୁକରର ନ୍ୟାୟ ସତ୍ୟ ଏବଂ ପୁଣ୍ୟକୁ ପୈତୃକ ସଂପତ୍ତି ଜ୍ଞାନର ସଞ୍ଚୟ କରୁଅଛନ୍ତି । ବ୍ରାହ୍ମ ସମାଜର କାର୍ଯ୍ୟ ବିବରଣ ଅବଗତ ହେଲେ, ବ୍ରାହ୍ମ ସମାଜରୁ ପ୍ରକାଶିତ ପୁସ୍ତକ ଓ ପତ୍ରିକାମାନ ଅଧ୍ୟୟନ କଲେ ଏଥିର ସ୍ପଷ୍ଟ ପ୍ରମାଣ ମିଳିବ । ଏପରି ସ୍ଥଳରେ ଲେଖକ ଯେ କି ନିମନ୍ତେ ବ୍ରାହ୍ମମାନଙ୍କ ପ୍ରତି ନିର୍ଦ୍ଦୟ ଅନ୍ତଃକରଣ ହୋଇ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିବାକୁ ଚେଷ୍ଟା କରିଅଛନ୍ତି ବୁଝିବାକୁ ପାରିଲୁଁ ନାହିଁ ।

['ଉତ୍କଳ-ଦୀପିକା' ତା ୧୧-୧୨-୧୮୮୬]

୪ । "ବ୍ରାହ୍ମ-ସମାଜର ବିରଚିତ ବ୍ରାହ୍ମଧର୍ମ୍ମ ପୁସ୍ତକ ଆଲୋଚନା କଲେ" ଇତ୍ୟାଦି ।

ବ୍ରାହ୍ମ ସମାଜର 'ବିରଚିତ' ବ୍ରାହ୍ମ ଧର୍ମ୍ମପୁସ୍ତକ ନ ଲେଖିଲେ ଠିକ ହୁଅନ୍ତା । କାରଣ, ଅନେକ ଲୋକ କୌଣସି ଉଦ୍ଦେଶ୍ୟରେ ଏକତ୍ରିତ ହେଲେ ସେହି ସମଷ୍ଟିର ନାମକୁ ସମାଜ କୁହାଯାଏ । ବ୍ରାହ୍ମ ସମାଜର ଅନ୍ତର୍ଗତ ସକଳ ବ୍ରାହ୍ମକର୍ତ୍ତୃକ କିଛି ଏହି ପୁସ୍ତକ ବିରଚିତ ହୋଇନାହିଁ । କିନ୍ତୁ ପ୍ରଧାନ ଆଚାର୍ଯ୍ୟ ମହର୍ଷି ଦେବେନ୍ଦ୍ରନାଥ ଠାକୁର ଓ ତାହାଙ୍କର କେତେକଜଣ ସଂସ୍କୃତଜ୍ଞ ବନ୍ଧୁଙ୍କର ସାହାଯ୍ୟରେ ଏହି ପୁସ୍ତକ ସଙ୍କଳିତ ଓ ପ୍ରକାଶିତ ହୋଇଅଛି । ଏକଥା ଲେଖିବାର ତାତ୍ପର୍ଯ୍ୟ ଏହିକି ଏହି ପୁସ୍ତକର କୌଣସିସ୍ଥାନରେ ଯଦି କିଛି ଭୁଲ ଥାଏ, ତେବେ ସେଥିନିମନ୍ତେ ସମସ୍ତ ବ୍ରାହ୍ମସମାଜ ଦାୟୀ ନୁହନ୍ତି ।

୫ । ଲେଖକ ଲେଖିଅଛନ୍ତି ବ୍ରାହ୍ମଧର୍ମ ନାମକ ପୁସ୍ତକରେ ଋଗ୍‌ବେଦ ଗୁଡ଼ିକର ଅର୍ଥ ଏପରି କପଟ ଭାବରେ କରା ଯାଇଅଛି ଯେ, ତହିଁରେ ଅନଭିଜ୍ଞମାନେ ଅନାୟାସରେ ବଞ୍ଚିତ ହୋଇପଡ଼ିବେ ।

ବେଦ ଅତି ପ୍ରାଚୀନ ଗ୍ରନ୍ଥ । ଏହାର ଭାଷା ଅତିଶୟ କଠିନ ଓ ଜଟୀଳ । ତହିଁରେ ପୁଣି ବୈଦିକ କାଳର ଆଚାର ବ୍ୟବହାର, ରୀତି ନୀତି ପରିବର୍ତ୍ତିତ ହୋଇ ହିନ୍ଦୁସମାଜ ବର୍ତ୍ତମାନ ଏକ ପ୍ରକାର ନୂତନ ଆକାରରେ ଗଠିତ ହୋଇଅଛି । ବୈଦିକ ସମୟର

ହିନ୍ଦୁ ସମାଜ ଓ ବର୍ତ୍ତମାନ ସମୟରର ହିନ୍ଦୁ ସମାଜ ସଂପୂର୍ଣ୍ଣ ବିଭିନ୍ନ ବସ୍ତୁ କହିଲେ ଅତ୍ୟୁକ୍ତି ହେବ ନାହିଁ; ଅତଏବ ଏତେ ପ୍ରାଚୀନ କାଳର ଦୁରୂହ ଓ କଠିନ ଗ୍ରନ୍ଥର ଅର୍ଥବୋଧ ଓ ବ୍ୟାଖ୍ୟା କରିବାକୁ ଅଗ୍ରସର ହେଲେ କୌଣସି କୌଣସି ସ୍ଥାନରେ ଅଥବା ଅନେକ ସ୍ଥାନରେ ଅର୍ଥକାରକଙ୍କୁ ଭ୍ରମରେ ପଡ଼ିବାର ସମ୍ଭାବନା । ଏହା କିଛି ବିଚିତ୍ର ନୁହେ । ପ୍ରଧାନଆଚାର୍ଯ୍ୟ ମହାଶୟ ଯେତେବେଳେ ସେହି ଦୁରୂହ କାର୍ଯ୍ୟରେ (ବେଦ-ବ୍ୟାଖ୍ୟାରେ) ପ୍ରବୃତ୍ତ ହୋଇଅଛନ୍ତି, ତେତେବେଳେ ତାହାଙ୍କର ମଧ୍ୟ କୌଣସି କୌଣସି ସ୍ଥଳରେ ସେହିପରି ଭ୍ରମ ପ୍ରମାଦ ଘଟିଥିବ, ଏହା କିଛି ଆଶ୍ଚର୍ଯ୍ୟ ନୁହେଁ ।

ଆଉ ଯଦିବା ଶ୍ଳୋକାର୍ଥ କରିବାକୁ ଯାଇ କୌଣସି କୌଣସି ସ୍ଥଳରେ ଭ୍ରମ ଘଟିଥାଏ, ତଥାପି ଏଥିରେ କୌଣସି ଅନିଷ୍ଟଶଙ୍କା ହେଉନାହିଁ । କାରଣ ଏହି ଗ୍ରନ୍ଥକୁ ବ୍ରାହ୍ମମାନେ କିଛି ଅଭ୍ରାନ୍ତ ବେଦ ବୋଲି ସ୍ୱୀକାର କରନ୍ତି ନାହିଁ କିମ୍ବା ସ୍ୱୀକାର କରିବା ନିମନ୍ତେ କାହାରିକୁ ବାଧ୍ୟ କରନ୍ତିନାହିଁ । ବ୍ରାହ୍ମ ସମାଜର ଅନ୍ତର୍ଗତ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ଏହି ପୁସ୍ତକ ପଢ଼ିବା ଦୂରେ ଥାଉ ଦର୍ଶନ କିମ୍ବା ସ୍ପର୍ଶ କରି ନାହାନ୍ତି, ଅଥଚ ବ୍ରାହ୍ମ ବୋଲି ପରିଚିତ ହେଉଅଛନ୍ତି ।

ଏହି ଗ୍ରନ୍ଥର ଶ୍ଳୋକାର୍ଥ ସବୁସ୍ଥାନରେ ଠିକ୍ କି ନା, ସେ ବିଷୟରେ ସ୍ପଷ୍ଟ ସାକ୍ଷ୍ୟ ଦେଇନପାରୁଁ, ତେବେ ଏତିକି କହିପାରୁଁ କି ଏଥିରେ ଯେଉଁସବୁ ବିଷୟ ଲିଖିତ ହୋଇଅଛି, ଯେଉଁସବୁ ଭାବ ସନ୍ନିବଦ୍ଧ କରାହୋଇଅଛି, ତାହା ମନୁଷ୍ୟର ଆଧ୍ୟାତ୍ମିକ ଉନ୍ନତିର ପକ୍ଷରେ ଅନୁକୂଳ ଅଟଇ । ବେଦର ଶ୍ଳୋକାର୍ଥ ବୋଲି ଯେ ଆମ୍ଭେମାନେ ଏହି ପୁସ୍ତକକୁ ଅଧିକ ସମାଦର କରୁଁ ତାହା ନୁହେଁ । ଏହି ଗ୍ରନ୍ଥ ବେଦର ଶ୍ଳୋକାର୍ଥ ନହୋଇ ଯଦି ପ୍ରଧାନ ଆଚାର୍ଯ୍ୟଙ୍କର ସ୍ୱରଚିତ ହୁଅନ୍ତା ତାହା ହେଲେ ସୁଦ୍ଧା ସେହିପରି ଆଦର କରିବାକୁ କୁଣ୍ଠିତ ହୁଅନ୍ତୁ ନାହିଁ । ପୁଣି ତହିଁ ସଙ୍ଗେ ସଙ୍ଗେ ଏକଥା ମଧ୍ୟ ସ୍ୱୀକାର କରୁଅଛୁଁ କି ଲେଖକ ତାହାଙ୍କ ଗ୍ରନ୍ଥରୁ ଯଦି କିଛି ଭ୍ରମ ଦେଖାଇ ଦିଅନ୍ତି ତାହା ହେଲେ ଆମ୍ଭେମାନେ ତାହାକୁ ସଂଶୋଧନ କରିବାକୁ ଓ ତତ୍ପରେ ଗ୍ରହଣୋପଯୋଗୀ ହେଲେ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛୁଁ ।

କିନ୍ତୁ ବେଦର ଅର୍ଥ କପଟ ଭାବରେ କରାଯାଇଅଛି ବୋଲି ଲେଖକଙ୍କୁ ଏକ ସ୍ଥାନରେ ଲେଖିବାକୁ ଦେଖି ଅତ୍ୟନ୍ତ ଦୁଃଖିତ ହେଲୁଁ । ଅବଶ୍ୟ ମହର୍ଷିଙ୍କ ଲିଖିତ ଗ୍ରନ୍ଥର କୌଣସି ସ୍ଥାନରେ ଭ୍ରମ ଥାଇପାରେ ସତ୍ୟ ଏହା ମୁଁ ପୂର୍ବରୁ ସ୍ୱୀକାର କରିଅଛି । କିନ୍ତୁ ସେ ଯେ କପଟ ଭାବରେ ଅର୍ଥ କରି ଅଜ୍ଞମାନଙ୍କୁ ଭୁଲାଇ ବ୍ରାହ୍ମ କରିବା ସକାଶେ ଏହି ଗ୍ରନ୍ଥ ପ୍ରକାଶ କରିଅଛନ୍ତି, ଏହା ବିଶ୍ୱାସଯୋଗ୍ୟ ହେଉନାହିଁ । ଗତ ଦୁଇବର୍ଷ ପୂର୍ବେ ଯେତେବେଳେ ପ୍ରଧାନ ଆଚାର୍ଯ୍ୟ ମହାଶୟ ହିମାଳୟରୁ ଆସି ଏକ ଦିନ କଲିକତା ସାଧାରଣ ବ୍ରାହ୍ମସମାଜର ଉପାସନାଳୟରେ ଉପାସନା କରିଥିଲେ, ସେହିଦିନ ମୁଁ

ସ୍ୱଚକ୍ଷୁରେ ଦେଖିଅଛି ଶତ ଶତ ହିନ୍ଦୁ ତାହାଙ୍କୁ ସମ୍ମାନ କରିବା ନିମନ୍ତେ ଅଗ୍ରସର ହୋଇଥିଲେ । ସେ ଯେ କେବଳ ବ୍ରାହ୍ମମାନଙ୍କ ନିକଟରେ ମାନ୍ୟ ଏମନ୍ତ ନୁହେଁ, କିନ୍ତୁ ଶତ ଶତ ଗଣ୍ୟମାନ୍ୟ ହିନ୍ଦୁଙ୍କ ନିକଟରେ ମଧ୍ୟ ପୂଜନୀୟ ବ୍ୟକ୍ତି । ଯେଉଁବ୍ୟକ୍ତି ଏତେଦୂର ଉଚ୍ଚ ଆସନରେ ପ୍ରତିଷ୍ଠିତ, ତାହାଙ୍କ ପ୍ରତି ହଠାତ୍ ଏମନ୍ତ ଅପ୍ରିୟ କଠୋର ବାକ୍ୟ ପ୍ରୟୋଗ କରିବା କେତେଦୂର ସଙ୍ଗତ ହୋଇଅଛି ଲେଖକ ଥରେ ଧୀରଭାବରେ ଚିନ୍ତାକରି ଦେଖିବେ, ମୋହର ଏହିମାତ୍ର ନିବେଦନ । [ଉ.ଦୀ.୨୫.୧୨.୧୮୮୬]

୬ । ବ୍ରାହ୍ମଶାସ୍ତ୍ର ସମ୍ବନ୍ଧ ଏହି କପଟ ବିଷୟମାନ ତାହା କ୍ରମରେ ବିବୃତ ହେବ ।

ବେଶ କଥା । ଏ ସମ୍ବାଦରେ ଆମ୍ଭେମାନେ ଅତ୍ୟନ୍ତ ପ୍ରୀତ ହେଲୁଁ । ଏହି ଗ୍ରନ୍ଥର ଭ୍ରମଗୁଡ଼ିକ ସେ ଯଦି ଦେଖାଇଦିଅନ୍ତି, ତେବେ ବାସ୍ତବିକ ତାହାଙ୍କ ଦ୍ୱାରା ସମସ୍ତ ଭାରତବର୍ଷର ବ୍ରାହ୍ମସମାଜର ଯଥେଷ୍ଟ ଉପକାର ସାଧିତ ହେବ ଏବଂ ସେ ମଧ୍ୟ ବ୍ରାହ୍ମସମାଜର ଜଣେ ଉପକାରୀ ବନ୍ଧୁ ବୋଲି ପରିଚିତ ହେବେ । କିନ୍ତୁ ଲେଖକ ଏଥି ସଙ୍ଗେ ଆଉ ଗୋଟିଏ ଭୟାନକ ଭ୍ରମର ପରିଚୟ ଦେଇଅଛନ୍ତି । ସେ ବ୍ରାହ୍ମଧର୍ମ ନାମକ ପୁସ୍ତକ ଖଣ୍ଡିକୁ ବ୍ରାହ୍ମମାନଙ୍କର ଶାସ୍ତ୍ରବୋଲି ମନେ କରିଅଛନ୍ତି । ଏ ଭ୍ରମ ମାର୍ଜନା କରିବାକୁ ଆମେମାନେ ଅକ୍ଷମ । ଲେଖକଙ୍କର ଜାଣିବା ଉଚିତ ଥିଲା କି କୌଣସି ମନୁଷ୍ୟର ହସ୍ତଲିଖିତ ଗ୍ରନ୍ଥକୁ କିମ୍ବା ମୁଖ ବିନିସୃତ ବାକ୍ୟକୁ ଆମ୍ଭେମାନେ ଅଭ୍ରାନ୍ତ ଶାସ୍ତ୍ର ବୋଲି ସ୍ୱୀକାର କରୁନା ପୁଣି ଏପରି ସ୍ୱୀକାର କରିବାକୁ ଆମ୍ଭେମାନେ ଭୟାନକ ପାପକାର୍ଯ୍ୟ ବୋଲି ବିଶ୍ୱାସ କରୁ । ବ୍ରାହ୍ମମାନେ କାହାକୁ ଶାସ୍ତ୍ର କହନ୍ତି ନିମ୍ନଲିଖିତ ଶ୍ଳୋକରେ ତାହାର ପରିଚୟ ମିଳିବ ।

"ସୁବିଶାଳମିଦଂ ବିଶ୍ୱଂ ପବିତ୍ରଂ ବ୍ରାହ୍ମମନ୍ଦିରଂ
ଚେତଃ ସୁନିର୍ମ୍ମଳ ତୀର୍ଥଂ ସତ୍ୟଂ ଶାସ୍ତ୍ର ମନଶ୍ୱରଂ
ବିଶ୍ୱାସେ ଧର୍ମ୍ମ ମୂଳଂହି ପ୍ରୀତିଃ ପରମ ସାଧନଂ
ସ୍ୱାର୍ଥନାଶସ୍ତୁ ବୈରାଗ୍ୟ ବ୍ରାହ୍ମୈରେବଂ ପ୍ରତୀର୍ଯ୍ୟତେ ।"

ଏ ସମ୍ବନ୍ଧରେ ହିନ୍ଦୁଶାସ୍ତ୍ରରେ ମଧ୍ୟ ଏହିପରି ଉକ୍ତ ଅଛି ଯଥା :—

ସତ୍ୟମେକାକ୍ଷରଂ ବ୍ରହ୍ମ ସତ୍ୟମେକାକ୍ଷରଂ ତପଃ
ସତ୍ୟମେକାକ୍ଷରଂ ଯଜ୍ଞଃ ସତ୍ୟମେକାକ୍ଷରଂ ଶ୍ରୁତଂ (ଶାନ୍ତିପର୍ବ)

ଅର୍ଥାତ୍ ସତ୍ୟର ଏକ ଅବିନଶ୍ୱର ବ୍ରହ୍ମ, ସତ୍ୟର ଏକ ଅବିନଶ୍ୱର ତପସ୍ୟା, ସତ୍ୟର ଏକ ଅବିନଶ୍ୱର ଯଜ୍ଞ ଏବଂ ସତ୍ୟର ଏକ ଅବିନଶ୍ୱର ଶାସ୍ତ୍ର ।

୭ । "ହିନ୍ଦୁ ଧର୍ମର ପ୍ରଧାନ ଗ୍ରନ୍ଥ ବେଦ" —

କେ କହିଲା ? ଏହା ସର୍ବବାଦୀ ସମ୍ମତ ମତ ନୁହେ । ଅବଶ୍ୟ ପ୍ରଚଳିତ

ଲୋକାଚାର ଅନୁସାରେ ଧରିବାକୁ ଗଲେ ବେଦ ଆଦି ଓ ପ୍ରଧାନ ଗ୍ରନ୍ଥ ଅଟଇ ସନ୍ଦେହ ନାହିଁ । ଆମ୍ଭେମାନେ ମଧ୍ୟ ଏହା ସ୍ୱୀକାର କରୁଁ କିନ୍ତୁ ସେ ଯେଉଁ ଶାସ୍ତ୍ରର ଦୋହାଇ ଦେଉଅଛନ୍ତି, ସେ ଶାସ୍ତ୍ରୋକ୍ତ ବଚନ ଅନୁସାରେ ଏହା ପ୍ରାମାଣିକ ନୁହେଁ । ଏପରି ବହୁ ସଂଖ୍ୟକ ଶ୍ଳୋକ ଅଛି ଯାହା ପୁରାଣକୁ ଆଦି ରଚିତ, ଶ୍ରେଷ୍ଠ ଓ ଶୁଦ୍ଧ ଏବଂ ବେଦକୁ ଶେଷ ରଚିତ, ଅଶ୍ରେଷ୍ଠ ଓ ଭ୍ରମାତ୍ମକ ବୋଲି ସାକ୍ଷ୍ୟ ଦେଉଅଛି, ଯଥା :—

"ପୁରାଣଂ ସର୍ବ ଶାସ୍ତ୍ରାଣାଂ ବ୍ରହ୍ମଣାଂ ଶ୍ରୁତଂ
ନିତ୍ୟଂ ଶବ୍ଦମୟଂ ପୁଣ୍ୟଂ ଶତକୋଟି ପ୍ରବିସ୍ତରଂ
ଅନନ୍ତରଂ ଚ ବକ୍ତ୍ରେଭ୍ୟୋ ବେଦାସ୍ତସ୍ୟ ବିନିସୃତଃ
ମୀମାଂସା ନ୍ୟାୟ ବିଦ୍ୟାଚ ପ୍ରମାଣାଷ୍ଟକ ସଂଯୁତ ।" (ମତ୍ସ୍ୟପୁରାଣ)

ଅର୍ଥାତ୍ ବ୍ରହ୍ମା ସମୁଦାୟ ଶାସ୍ତ୍ର ମଧ୍ୟରେ ପ୍ରଥମେ ଶତକୋଟି ଶ୍ଳୋକ ବିଶିଷ୍ଟ, ନିତ୍ୟ ପବିତ୍ର ଓ ଶବ୍ଦମୟ ପୁରାଣ ଶାସ୍ତ୍ର ପ୍ରକଟନ କଲେ ପରେ ସମସ୍ତ ବେଦ ମୀମାଂସା ଓ ଅଷ୍ଟ ପ୍ରକାର ପ୍ରମାଣ ସଂଯୁକ୍ତ ନ୍ୟାୟବିଦ୍ୟା ତାହାଙ୍କ ମୁଖରୁ ନିଃସୃତ ହେଲା ।

"ପୁରାଣଂ ସର୍ବ ଶାସ୍ତ୍ରାଣାଂ ପ୍ରଥମଂ ବ୍ରହ୍ମଣ ଶ୍ରୁତଂ ।" (ପଦ୍ମପୁରାଣ)

ଅର୍ଥାତ୍ ବ୍ରହ୍ମା ସର୍ବାଗ୍ରେ ପୁରାଣଶାସ୍ତ୍ର ବ୍ୟକ୍ତ କଲେ । ପୁରାଣ ପ୍ରଥମେ ଓ ବେଦ ତତ୍‌ପରେ ରଚିତ ହୋଇଅଛି । ଏହି ସବୁ ଶ୍ଳୋକ ଦ୍ୱାରା ଏହା ପ୍ରଦର୍ଶିତ ହୋଇ ପରୋକ୍ଷ ଭାବରେ ପୁରାଣର ଶ୍ରେଷ୍ଠତ୍ୱ ଓ ବେଦର ହୀନତ୍ୱ ପ୍ରତିଷ୍ଠିତ ହେଉଅଛି, ନିମ୍ନଲିଖିତ ଶ୍ଳୋକରେ ଏହି ଭାବକୁ ଆହୁରି ସ୍ପଷ୍ଟ କରାହୋଇଅଛି । ଏମନ୍ତ କି ବେଦରେ ଭ୍ରମ ଅଛି ବୋଲି ସୁଦ୍ଧା କୁହାଯାଇଅଛି । ଯଥା :—

"ଭଗବାନ ଯତ୍ତ୍ୱୟା ପୃଷ୍ଟଂ ଜ୍ଞାତଂ ସର୍ବମଭିପ୍ସିତମ୍
ସାରଭୂତଂ ପୁରାଣେଷୁ ବ୍ରହ୍ମ ବୈବର୍ତ୍ତମୁତ୍ତମମ୍
ପୁରାଣୋପପୁରାଣାନାଂ ବେଦାନାଂ ଭ୍ରମ ଭଞ୍ଜିନଂ ।" [ବ୍ରହ୍ମବୈବର୍ତ୍ତ ପୁରାଣ]

ଅର୍ଥ । ଭଗବନ୍ ! ଆପଣ ଯାହା ଜିଜ୍ଞାସା କରିଅଛନ୍ତି ଓ ଯାହା ଇଚ୍ଛା କରନ୍ତି, ମୁଁ ସେହି ସବୁ ପୁରାଣସାର ସ୍ୱରୂପ ସର୍ବୋତ୍ତମ ବ୍ରହ୍ମବୈବର୍ତ୍ତ ପୁରାଣ ଅବଗତ ଅଛି ତହିଁରେ ପୁରାଣ, ଉପପୁରାଣ ଓ ବେଦ ସମୁଦାୟର ଭ୍ରମଭଞ୍ଜନ କରିଅଛି ।

ଐତିହାସିକ ଯୁକ୍ତିର ସାହାଯ୍ୟରେ ବେଦ ଆଦି ଓ ପ୍ରାଚୀନ ଗ୍ରନ୍ଥ ବୋଲି ପ୍ରମାଣିତ ହୋଇପାରେ ସତ୍ୟ, କିନ୍ତୁ ପୁରାଣକୁ ଯଦି ଶାସ୍ତ୍ର ବୋଲି ସ୍ୱୀକାର କରାହୁଏ, ଏବଂ ତନ୍ନିବିଷ୍ଟ ବଚନମାନ ଶିଷ୍ଟ ବଚନ ଅତଏବ ଅଭ୍ରାନ୍ତ ବୋଲି ଯଦି ସ୍ୱୀକାର କରାଯାଏ, ତେବେ ଏହା କଦାପି ପ୍ରମାଣସିଦ୍ଧ ହୋଇପାରେ ନାହିଁ । ହୁଏତ ବେଦକୁ ଭ୍ରାନ୍ତ ଓ ପୁରାଣକୁ ଅଭ୍ରାନ୍ତ ବୋଲି ସ୍ୱୀକାର କରିବାକୁ ହେବ ନତୁବା ପୁରାଣକୁ ଭ୍ରାନ୍ତ ଓ ବେଦକୁ

ଅଭ୍ରାନ୍ତ ବୋଲି କହିବାକୁ ହେବ । କିନ୍ତୁ, ଉଭୟ ହିନ୍ଦୁଶାସ୍ତ୍ର ବୋଲି ପରିଗଣିତ ଓ ହିନ୍ଦୁମାନଙ୍କ ଦ୍ୱାରା ଅଭ୍ରାନ୍ତ ବୋଲି ଗୃହୀତ ହୋଇଥାଏ । ଏପରି ଉଭୟ ସଙ୍କଟ ସ୍ଥଳରେ କୌଣସି ଗୋଟିଏ ଶାସ୍ତ୍ରକୁ ପ୍ରଧାନ କିମ୍ବା ଅପ୍ରଧାନ ବୋଲି ପ୍ରମାଣ କରିବାର ଆଉ ବାଟ ଦେଖାଯାଉ ନାହିଁ । ('ଉତ୍କଳ ଦୀପିକା' – ୮-୧-୧୮୮୭)

୮ । ଲେଖକ ପ୍ରଶ୍ନ କରିଅଛନ୍ତି ବ୍ରାହ୍ମମାନେ ବେଦର କେଉଁ ଶ୍ରେଣୀଭୁକ୍ତ ? ଅର୍ଥାତ୍ ସେମାନେ ଜ୍ଞାନକାଣ୍ଡ ଅଥବା କର୍ମ୍ମକାଣ୍ଡର ଅନ୍ତର୍ଗତ ? ଏହି ପ୍ରଶ୍ନ କରିବାକୁ ଯାଇ ଲେଖକ ବଡ଼ ରହସ୍ୟର ପରିଚୟ ଦେଇଅଛନ୍ତି । ତାହାଙ୍କର ଲିଖିତ ପ୍ରବନ୍ଧର ଏକ ଛତ୍ର ଅନ୍ୟଛତ୍ରର ବିରୋଧୀ ହୋଇ ପଡ଼ିଅଛି ବୋଲି ମୋହର ଅନୁମାନ ହେଉଅଛି । ପାଠକମାନେ ନିମ୍ନଲିଖିତ ଛତ୍ର ଦ୍ୱୟଙ୍କୁ ପରସ୍ପର ସହିତ ଥରେ ମିଳାଇ ଦେଖିଲେ ବୁଝିବାକୁ ପାରିବେ ।

୨ୟ ସ୍ତମ୍ଭର ୫-୭ ପଂକ୍ତି । "ଅପର ଯେଉଁ ହିନ୍ଦୁମାନେ ଗୃହରେ ଥାଇ ବ୍ରହ୍ମଜ୍ଞାନୀ ହୁଅନ୍ତି ସେମାନେ ଜ୍ଞାନକାଣ୍ଡ ଓ କର୍ମ୍ମକାଣ୍ଡ ଉଭୟକୁ ଆଶ୍ରୟ କରନ୍ତି ।"

ପୁଣି ୨ୟ ସ୍ତମ୍ଭର ୫-୭ପଂକ୍ତି । "ହିନ୍ଦୁ ସମାଜର ସନ୍ନ୍ୟାସିମାନେ ଶେଷରେ କର୍ମ୍ମକାଣ୍ଡ ତ୍ୟାଗ କରି ଜ୍ଞାନକାଣ୍ଡକୁ ଅବଲମ୍ବନ କରନ୍ତି ।"

ଅବଲମ୍ବନ ଓ ଆଶ୍ରୟ । ଅବଲମ୍ବନ ପ୍ରଥମ କାର୍ଯ୍ୟ, ଆଶ୍ରୟ ଆଶ୍ରୟ ଅବଲମ୍ବନର ଶେଷଫଳ ବା କାର୍ଯ୍ୟ, ଅଥବା ଅବଲମ୍ବନ ପୂର୍ବବର୍ତ୍ତୀ କାର୍ଯ୍ୟ, ଆଶ୍ରୟ ଅବଲମ୍ବନର ପରବର୍ତ୍ତୀ କାର୍ଯ୍ୟ ମଧ୍ୟ କୁହାଯାଇପାରେ । କୌଣସି ବ୍ୟକ୍ତି ବୃକ୍ଷୋପରି ରାତ୍ରିକାଳରେ ଆଶ୍ରୟ ଗ୍ରହଣ କରିଥିଲା । ଏହି କଥା କହିବାକୁ ଗଲେ ତାହାର ଅର୍ଥ ଏହିଁ ବୁଝାଏ ଯେ ସେ ବ୍ୟକ୍ତି ଆଶ୍ରୟ ଗ୍ରହଣ କରିବାପୂର୍ବେ ଅବଶ୍ୟ ସେହି ବୃକ୍ଷର ମୂଳ ନିମ୍ନଗାମୀ ଶାଖା କିମ୍ବା ବଂଶାଦି ନିର୍ମିତ କୌଣସି ପ୍ରକାର ସୋପାନ ଅବଲମ୍ବନ ପୂର୍ବକ ବୃକ୍ଷୋପରି ଆରୋହଣ କରିଥିବ । ଏଠାରେ ଦେଖାଯାଉଅଛି ବୃକ୍ଷର ମୂଳ, ନିମ୍ନବର୍ତ୍ତୀ ଶାଖା କିମ୍ବା ସୋପାନାଦି ଅବଲମ୍ବନ କରିବା ପୂର୍ବବର୍ତ୍ତୀ କାର୍ଯ୍ୟ ଓ ବୃକ୍ଷ ଆଶ୍ରୟ ପୂର୍ବକ ଅବସ୍ଥାନ କରିବା ପରବର୍ତ୍ତୀ କାର୍ଯ୍ୟ ଅଟଇ । କିନ୍ତୁ ଲେଖକ ପ୍ରଥମେ 'ଅବଲମ୍ବନ' ଓ ପରେ 'ଆଶ୍ରୟ' ଶବ୍ଦ ବ୍ୟବହାର ନକରି ପ୍ରଥମେ 'ଆଶ୍ରୟ' ଓ ତତ୍‌ପରେ 'ଅବଲମ୍ବନ' ଶବ୍ଦ ବ୍ୟବହାର କରିଅଛନ୍ତି । ଲେଖକ ଲେଖିଅଛନ୍ତି ଗୃହୀ ହିନ୍ଦୁମାନେ ଜ୍ଞାନ ଓ କର୍ମ୍ମ ଉଭୟ କାଣ୍ଡ ଆଶ୍ରୟ କରନ୍ତି । ଆଶ୍ରୟ ଶବ୍ଦ ବ୍ୟବହାର କରିବାରୁ ପ୍ରମାଣିତ ହେଉଅଛି ଉକ୍ତ ଉଭୟ କାଣ୍ଡ ଆଶ୍ରୟ କରିବା ପୂର୍ବରୁ ଗୃହୀ ହିନ୍ଦୁମାନଙ୍କ ଦ୍ୱାରା ଉକ୍ତ ଉଭୟ କାଣ୍ଡ ଅବଶ୍ୟ ପୂର୍ବରୁ ଅବଲମ୍ବନ କରାହୋଇଅଛି । କାରଣ ଅବଲମ୍ବନ ଭିନ୍ନ ଆଶ୍ରୟ କରିବା ଅସମ୍ଭବ ଅଟଇ । ଅତଏବ ତାହାଙ୍କ ଲେଖାମତେ ଏହା ପ୍ରତିପାଦିତ ହେଲା କି ହିନ୍ଦୁ ଗୃହିମାନେ ଗୃହସ୍ଥାଶ୍ରମରେ ଜ୍ଞାନକାଣ୍ଡ

ଓ କର୍ମ୍ମକାଣ୍ଡ ଉଭୟକୁ ଅବଲମ୍ବନ ଓ ଆଶ୍ରୟ କରନ୍ତି । ତେବେ ପୁଣି ଏପରି ଲେଖିବା ଯୁକ୍ତିଶାସ୍ତ୍ର ଅନୁସାରେ କି ଅଯୌକ୍ତିକ ନୁହେଁ ? ଯେ "ହିନ୍ଦୁମାନେ କର୍ମ୍ମକାଣ୍ଡ ତ୍ୟାଗକରି ଜ୍ଞାନକାଣ୍ଡ ଅବଲମ୍ବନ କରନ୍ତି" ଜ୍ଞାନକାଣ୍ଡ ଅବଲମ୍ବନ ଓ ଜ୍ଞାନକାଣ୍ଡ ଆଶ୍ରୟ ଉକ୍ତ ଉଭୟ କାର୍ଯ୍ୟ ଯଦି ଗୃହସ୍ଥାଶ୍ରମରେ ସଂପନ୍ନ ହୋଇଗଲା ତେବେ ପୁନରାୟ ଉକ୍ତ କାଣ୍ଡକୁ କରିବା ନିମନ୍ତେ ବନଗମନ କରିବା ମଧ ସେହିପରି ଅସମ୍ଭବ ହୋଇପଡୁଅଛି । ଯାହାହେଉ ଏ ଅଂଶରେ ଲେଖକଙ୍କର କିମ୍ବା ହିନ୍ଦୁମାନଙ୍କର ଭ୍ରମ ଅଛି ଉଦାର ହୃଦୟ ପାଠକମାନେ ତାହା ବିଚାର କରିବେ । ଲେଖକ ମଧ ଥରେ ଚିନ୍ତା କଲେ ଏହାର ମୀମାଂସା କରିବାକୁ ସମର୍ଥ ହେବେ । ତେବେ ଲେଖକଙ୍କର ପକ୍ଷ ହୋଇ ମୁଁ ଏହି ପର୍ଯ୍ୟନ୍ତ କହିବାକୁ ପାରେଁ କି "ଗୃହ ହିନ୍ଦୁମାନେ ଜ୍ଞାନ ଓ କର୍ମ୍ମକାଣ୍ଡ ଆଶ୍ରୟ କରନ୍ତି ଶେଷରେ କର୍ମ୍ମକାଣ୍ଡ ତ୍ୟାଗକରି ଜ୍ଞାନକାଣ୍ଡକୁ ଅବଲମ୍ବନ କରନ୍ତି ।" ଏହା ନଲେଖି "ସେମାନେ ଜ୍ଞାନ ଓ କର୍ମ୍ମକାଣ୍ଡକୁ ଅବଲମ୍ବନ କରନ୍ତି ଶେଷରେ କର୍ମ୍ମକାଣ୍ଡକୁ ତ୍ୟାଗ କରି ଜ୍ଞାନକାଣ୍ଡକୁ ଆଶ୍ରୟ କରନ୍ତି ।" ଏହା ଲେଖିଲେ ଠିକ ହୁଅନ୍ତା । ତଥାପି ଏଥିରେ ମଧ କିଞ୍ଚିତ ଗୋଳ ଓ ଅର୍ଥର ଅସ୍ଫୁଟତା ରହିଯାଉଅଛି । ଆହୁରି ଅଧିକ ସୁସ୍ପଷ୍ଟ ଓ ପରିଷ୍କାର ଭାଷାରେ କହିବାକୁ ହେଲେ ଏତିକି କହିପାରୁଁ କି ହିନ୍ଦୁମାନେ ଗୃହସ୍ଥାଶ୍ରମରେ ଥାଇ ଜ୍ଞାନକାଣ୍ଡ ଓ କର୍ମକାଣ୍ଡ ଉଭୟକୁ ଅବଲମ୍ବନ ଓ ଆଶ୍ରୟ କରନ୍ତି, ଶେଷରେ ଜ୍ଞାନକାଣ୍ଡକୁ ବିଶେଷ ଭାବରେ ସାଧନ କରନ୍ତି ।

[ଉତ୍କଳ-ଦୀପିକା ୨-୪-୧୮୮୭– (ଅତିରିକ୍ତ) ପୃ.୧,୨]

୯ । ଇତି ପୂର୍ବେ ବାମଣ୍ଡା ପ୍ରସ୍ତାବର କେତେକ ଅଯୌକ୍ତିକତା ପ୍ରକାଶ କରାଯାଇଅଛି । ଅଦ୍ୟ ଯୁକ୍ତିଶାସ୍ତ୍ରର ନିୟମ ଅନୁସାରେ ଉକ୍ତ ପ୍ରସ୍ତାବର କୌଣସି ଏକ ଅଂଶର ଅଯୌକ୍ତିକତା ପ୍ରତିପାଦନ କରିବାକୁ ଚେଷ୍ଟା କରାଯାଉଅଛି । ଉକ୍ତ ପ୍ରସ୍ତାବରେ ଲିଖିତ ହୋଇଅଛି ଯେ–

(କ) ଅପର ଯେଉଁ ହିନ୍ଦୁମାନେ ଗୃହରେ ଥାଇ ବ୍ରହ୍ମଜ୍ଞାନୀ ହୁଅନ୍ତି ଅର୍ଥାତ୍ ଗୃହୀ ହିନ୍ଦୁମାନେ ଜ୍ଞାନକାଣ୍ଡ ଆଶ୍ରୟ କରନ୍ତି । (ଉତ୍କଳ-ଦୀପିକା ପୃ.୩୫୩ଷ୍ଠା, ୨ୟ ସ୍ତମ୍ଭ ୧୦-୧୨ ପଂକ୍ତି ।)

(ଖ) ସେମାନେ ଅର୍ଥାତ୍ ଜ୍ଞାନକାଣ୍ଡାବଲମ୍ବୀମାନେ ଯଜ୍ଞୋପବିତ ପରିତ୍ୟାଗ କରନ୍ତି । (ଉତ୍କଳ ଦୀପିକା – ପୃ୩୫୩ଷ୍ଠା ୨ୟସ୍ତମ୍ଭ ୮-୯ ପଂକ୍ତି)

ଉପରୋକ୍ତ ଦୁଇ ଅଂଶକୁ ଯୁକ୍ତି ଶାସ୍ତ୍ରାନୁସାରେ ନିମ୍ନଲିଖିତ ପ୍ରଣାଳୀରେ ମୀମାଂସା କରାଯାଇପାରେ ଯଥା; ପ୍ରଥମ ମୀମାଂସା ।

(କ) ଗୃହି ହିନ୍ଦୁମାନେ ଜ୍ଞାନକାଣ୍ଡ ଅବଲମ୍ବନ କରିବାକୁ ବାଧ୍ୟ ।

(ଖ) ଜ୍ଞାନକାଣ୍ଡାବଲମ୍ବିମାନେ ଉପବୀତ ପରିତ୍ୟାଗ କରିବାକୁ ବାଧ୍ୟ ।

ଅତଏବ ଗୃହୀ ହିନ୍ଦୁମାନେ ଉପବୀତ ପରିତ୍ୟାଗ କରିବାକୁ ବାଧ୍ୟ ।

ଦ୍ୱିତୀୟ ମୀମାଂସା

ଗୃହୀ ହିନ୍ଦୁମାନେ ଉପବୀତ ପରିତ୍ୟାଗ କରିବାକୁ ବାଧ୍ୟ ।

ହିନ୍ଦୁନାମରେ ପରିଚିତ ଆଧୁନିକ ଗୃହିମାନେ ଉପବୀତ ପରିତ୍ୟାଗ କରନ୍ତି ନାହିଁ ।

ଅତଏବ— ହିନ୍ଦୁନାମରେ ପରିଚିତ ଆଧୁନିକ ଗୃହିମାନେ ହିନ୍ଦୁ ଗୃହୀ ନୁହନ୍ତି ।

ତୃତୀୟ ମୀମାଂସା —

ଗୃହି ହିନ୍ଦୁମାନେ ଉପବୀତ ପରିତ୍ୟାଗ କରିବାକୁ ବାଧ୍ୟ, ଅନ୍ୟ କେହି ନୁହେଁ ।

ହିନ୍ଦୁମାନଙ୍କ ମଧ୍ୟରେ ବ୍ରାହ୍ମନାମରେ ପରିଚିତ ଗୃହୀମାନେ ଉପବୀତ ପରିତ୍ୟାଗ କରନ୍ତି । ଅତଏବ — ବ୍ରାହ୍ମମାନେ ପ୍ରକୃତ ପକ୍ଷେ ହିନ୍ଦୁ ଗୃହୀ ।

ବାମଣ୍ଡା ପ୍ରସ୍ତାବର ଲେଖକ ବ୍ରାହ୍ମମାନଙ୍କୁ ଅହିନ୍ଦୁ ରୂପେ ପ୍ରମାଣିତ କରିବାକୁ ଚେଷ୍ଟା କରିଅଛନ୍ତି । କିନ୍ତୁ ତାହାଙ୍କର ସ୍ୱଲିଖିତ ପ୍ରସ୍ତାବ ଅନୁସାରେ ବିଚାର କରିବାକୁ ଗଲେ ବ୍ରାହ୍ମମାନେ ଅହିନ୍ଦୁ ହେବା ଦୂରେ ଥାଉ ବରଂ ଯୁକ୍ତିଶାସ୍ତ୍ରର ଉପରୋକ୍ତ ପ୍ରଣାଳୀ ଅନୁସାରେ ପକ୍କା ହିନ୍ଦୁ ବୋଲି ପ୍ରମାଣିତ ହେବେ । ସେ ଯାହା ହେଉ ବ୍ରାହ୍ମମାନେ ପ୍ରକୃତରେ ହିନ୍ଦୁ କି ନା ? ଏବଂ ଯଦି ହିନ୍ଦୁ ତେବେ ସେ କିପରି ହିନ୍ଦୁ ଏହା ପରେ ପ୍ରକାଶ କରାଯିବ ।

୧୦ । ପୁନଶ୍ଚ ଉପରୋକ୍ତ ମୀମାଂସାମାନ ମନୋଯୋଗର ସହିତ ପାଠ କଲେ ଲେଖକ ଉଦାହରଣ ସ୍ୱରୂପ ଯାଜ୍ଞବଲ୍କ୍ୟ ଋଷି ଓ ଜନକ ରାଜାଙ୍କୁ ଯେ ଜ୍ଞାନ ଓ କର୍ମ-କାଣ୍ଡାବଲମ୍ବୀ ଗୃହୀ ହିନ୍ଦୁ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଅଛନ୍ତି ଭ୍ରମସଙ୍କୁଳ ବୋଲି ପ୍ରମାଣିତ ହୋଇଯିବ । କ୍ରମଶଃ [ଉତ୍କଳ-ଦୀପିକା ୨୩-୪-୧୮୮୭]

ଶ୍ରୀ ଲଳିତ ମୋହନ ଚକ୍ରବର୍ତ୍ତୀ

## (ଖ) ନିବେଦନ

### ବେଦ ମନୁଷ୍ୟ ରଚିତ କି ନା ?

### (ବୈଦିକ ପ୍ରମାଣ)

କୌଣସି ଯୁକ୍ତିଯୁକ୍ତ ପ୍ରମାଣ ବ୍ୟତୀତ ବାମଣ୍ଡାଧିପତି ସଂସ୍କାରକରେ ବେଦକୁ ଈଶ୍ୱରଙ୍କର ନିଃଶ୍ୱାସ ସମ୍ଭୂତ ବୋଲି ଯେଉଁ ପତ୍ର ପ୍ରକାଶ କରିଥିଲେ ଆମ୍ଭେ କିଛିଦିନ ପୂର୍ବେ ସଂସ୍କାରକରେ ଐତିହାସିକ ଓ ଶାସ୍ତ୍ରୀୟ ପ୍ରମାଣଦ୍ୱାରା ତାହାର ଭ୍ରାନ୍ତି ଦର୍ଶାଇ-ଦେଇଅଛୁଁ । ଅଦ୍ୟ କେତେକ ବୈଦିକ ପ୍ରମାଣ ପ୍ରକାଶ କରାଯାଉଅଛି । ବେଦ ମନୁଷ୍ୟ ରଚିତ କି ନା, ଏହିସବୁ ବେଦୋକ୍ତ ପ୍ରମାଣରୁ ପାଠକମାନେ ଅନାୟାସରେ ତାହା ହୃଦୟଙ୍ଗମ କରିବାକୁ ସମର୍ଥ ହେବେ । ଆଶା କରେଁ ଇତର ବ୍ୟକ୍ତିପରି କଟୁକାଟବ୍ୟ

ବର୍ଷଣ ନ କରି ଆମ୍ଭେ ଯେଉଁସବୁ ପ୍ରମାଣ ଓ ଯୁକ୍ତି ପ୍ରକାଶ କରୁଅଛୁଁ ତନ୍ନତନ୍ନ କରି ଧୀର ଓ ଗମ୍ଭୀର ଭାବରେ କେବଳ ତାହାର ଯୁକ୍ତିଯୁକ୍ତ ଉତ୍ତର ଦେଇ ବାମଣ୍ଡାଧିପତି ଆପଣାର ମହଦନ୍ତଃକରଣର ପରିଚୟ ପ୍ରଦାନ କରି ବାଧିତ କରିବା ହେବେ ।

୧ । ବୃହଦ୍‌ସ୍ୱଶ୍ଚଂ ଦ୍ରସମବଦ୍ୟଦୁକ୍‌ଥ୍ୟମ କୃଣ୍ୱତ
ଭିୟସା ରୋହଣଂ ଦିବଃ । ଜନ୍ମାନୁଷ ପ୍ରଧନାଇନ୍ଦ୍ର
ମୂତୟଃ ସ୍ୱର୍ନୃଷାଚୋ ମରୁତୋହମଦନ୍ନନୁ ।

— ରଗ୍‌ବେଦ ସଂହିତା । ପ୍ରଥମ ଅଷ୍ଟକ ।

ଅର୍ଥ — "ସ୍ତୋତାମାନେ" (ବୃତ୍ତର) ଭୟରେ ସ୍ତୋତ୍ର ରଚନା କରିଅଛନ୍ତି, ସେହି ସ୍ତୋତ୍ର ବୃହତ୍ ଆହ୍ଲାଦଜନକ, ବଳଯୁକ୍ତ ଓ ସ୍ୱର୍ଗର ସୋପାନ ସ୍ୱରୂପ; ତେତେବେଳେ ସ୍ୱର୍ଗରକ୍ଷକ ମରୁତ୍‌ମାନେ ମନୁଷ୍ୟମାନଙ୍କ ନିମନ୍ତେ ଯୁଦ୍ଧକରି ଏବଂ ମନୁଷ୍ୟମାନଙ୍କୁ ପାଳନ କରି ଇନ୍ଦ୍ରଙ୍କୁ ପ୍ରୋତ୍ସାହିତ କରିଥିଲେ ।

୨ । ଏବା ତେ ହାରି ଯୋଜନା ସୁବୃକ୍ତୀଂନ୍ଦ୍ର ବ୍ରହ୍ମଣି ଗୋତମାସୋ ଅକ୍ରନ୍ । ଐଷୁ ବିଶ୍ୱପେଶସଂ ଧିୟଂ ଧାଃ ପ୍ରତିର୍ମକ୍ଷୂ ଧିୟାବସୁର୍ଜଗମ୍ୟତ ।

— ରଗ୍‌ବେଦ ସଂହିତା । ପ୍ରଥମ ଅଷ୍ଟକ ।

ଅର୍ଥ । ହେ ଅଶ୍ୱଯୁକ୍ତ ରଥେଶ୍ୱର ଇନ୍ଦ୍ର ! "ଗୋତମ ଗୋତ୍ରୀୟ (ଋଷି)ମାନେ" ତୁମ୍ଭଙ୍କୁ ଯଜ୍ଞରେ ଉପସ୍ଥିତ କରିବା ନିମନ୍ତେ ସ୍ତୁତିରୂପ "ମନ୍ତ୍ର ସମୂହ ରଚନା କରିଅଛନ୍ତି"; ସେହି ସ୍ତୋତୃମାନଙ୍କୁ ବହୁବିଧ ବୁଦ୍ଧି ପ୍ରଦାନ କର । ଯେ ବୁଦ୍ଧିଦ୍ୱାରା ଧନ ପାଇଅଛନ୍ତି, ସେହି ଇନ୍ଦ୍ର ପ୍ରାତଃକାଳରେ ଶୀଘ୍ର ଆଗମନ କରନ୍ତୁ ।

୩ । ସନାୟତେ ଗୋତମ ଇନ୍ଦ୍ର ନବ୍ୟତମ କ୍ଷୁଦ୍ର ବ୍ରହ୍ମହରି ଯୋଜନାୟ ସୁନୀଥାୟ ନଃ ଶବସାନ ନୋଧାଃ ପ୍ରାତର୍ମକ୍ଷୂଧିଆନ ସର୍ଜଗମ୍ୟାତ୍ ।

— ରଗ୍‌ବେଦ ସଂହିତା । ପ୍ରଥମ ଅଷ୍ଟକ ।

ଅର୍ଥ । ହେ ଇନ୍ଦ୍ର ! ତୁମ୍ଭେ ସମସ୍ତଙ୍କର ଆଦି; ହେ ସୁନେତ୍ର ବଳବାନ୍ ଇନ୍ଦ୍ର ତୁମ୍ଭେ ରଥରେ ଅଶ୍ୱଯୋଜନା କର; "ଗୋତମ ଋଷିର ପୁତ୍ର ନୋଧା ଆମ୍ଭମାନଙ୍କ ନିମନ୍ତେ ତୁମ୍ଭର ଏହି ନୂତନ ସ୍ତୋତ୍ର ରଚନା କରିଅଛନ୍ତି ।" ଅତଏବ ଯେ କର୍ମଦ୍ୱାରା ଧନପ୍ରାପ୍ତି ହୋଇଅଛନ୍ତି, ସେହି ଇନ୍ଦ୍ର ପ୍ରାତଃକାଳରେ ଶୀଘ୍ର ଆଗମନ କରନ୍ତୁ ।

ପାଠକମାନେ ଆଉଥରେ ରେଖାଙ୍କିତ ଅଂଶମାନ ପାଠ କଲେ ବେଦ ମନୁଷ୍ୟ ରଚିତ କି ନା ସ୍ପଷ୍ଟ ରୂପେ ବୁଝିବାକୁ ସମର୍ଥ ହେବେ ।

— ଶ୍ରୀ ଲଳିତ ମୋହନ ଚକ୍ରବର୍ତ୍ତୀ

[ନବ ସଂବାଦ — ୧/୨୧ ; ଜୁନ୍ ୧୬, ୧୮୮୭, ପୃ—୮୪]

## (ଗ) ପଣ୍ଡିତ ପ୍ରସନ୍ନଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ପତ୍ର

ମହାଶୟ !

ବିଗତ ଆଶ୍ୱିନ ମାସରେ ନଦୀକୂଳ ନାମକ ସ୍ଥାନରେ ବାମଣ୍ଡାଧିପତି ମହାରାଜାଙ୍କ ସହିତ ଆମ୍ଭର ସାକ୍ଷାତ୍ ହୋଇଥିଲା । ଉକ୍ତ ଗ୍ରାମରେ ଜ୍ୱରାଭିଭୂତ ହୋଇ ଦିନତ୍ରୟ ବାସ କଲୁଁ । ଈଶ୍ୱର କୃପାରେ ଆମ୍ଭର ଅଭିଳାଷ ସେହିଠାରେ ପୂର୍ଣ୍ଣ ହେଲା । ମହାରାଜ ବାହାଦୂରଙ୍କ ଭଦ୍ରୋଚିତ ଆଳାପ ବ୍ୟବହାର ନମ୍ରତା ଓ ମହାରାଜାମାନଙ୍କ କର୍ତ୍ତବ୍ୟ ବିଷୟରେ ଯାହା ପ୍ରକାଶକଲେ ତାହା ଅତୀବ ପ୍ରଶଂସନୀୟ ଗଡ଼ଜାତ ଭ୍ରମଣ ବୃତ୍ତାନ୍ତ ଏପରେ ଆମ୍ଭର ଲେଖିବାର ମାନସ ଅଛି ।

ମହାରାଜାଙ୍କ ପ୍ରଶ୍ନୋତ୍ତରରେ ଆମ୍ଭେ ଜ୍ୱରାକ୍ରାନ୍ତ ଅବସ୍ଥାରେ କହିଁ ଅଛୁ ଯେ ନିତ୍ୟନୈମିତ୍ତ କ୍ରିୟା କେବଳ ଚିତ୍ତ ପବିତ୍ରତା ଓ ଶୁଦ୍ଧିର ନିମନ୍ତେ ଚିତ୍ତ ଶୁଦ୍ଧି ଈଶ୍ୱରରେ ଲୀନ ହେବାର କାରଣ ଆମ୍ଭେ ବର୍ତ୍ତମାନ ମଧ ସ୍ୱୀକାର କରୁଅଛୁଁ ଯେ ଜନସାଧାରଣର ସମାଧିର ଏକମାତ୍ର ଉପାୟ ଚିତ୍ତଶୁଦ୍ଧି । ନିର୍ବାତଦୀପକଳିକା ନ୍ୟାୟ ଚିତ୍ତର ଗତି ଏକ ଈଶ୍ୱରରେ ସ୍ଥାପନ କରା ଅର୍ଥାତ୍ ନାନାବିଷୟରେ ଅନିତ୍ୟେ ଚିତ୍ତର ଆଶକ୍ତି; ଏକମାତ୍ର ନିତ୍ୟବସ୍ତୁରେ ଚିତ୍ତ ରଖିବାର ନାମ ଚିତ୍ତଶୁଦ୍ଧି । ପାଠକଗଣ ଅବଶ୍ୟ ଦେଖିବେ ଏ କାର୍ଯ୍ୟ ନିତ୍ୟ ନୈମିତ୍ତିକ କାର୍ଯ୍ୟରେ ଓ ତୀର୍ଥାଦି ଭ୍ରମଣଦ୍ୱାରା ଅଭ୍ୟାସ ନହେଲେ ଚିତ୍ତ କେବେହେଁ ଏକ ବିଷୟରେ ବଦ୍ଧ ହୋଇନପାରେ ବୋଧ କରୁଁ ମହାରାଜା ଏ ବିଷୟରେ ସ୍ୱୀକାର କରିବେ ମହାରାଜା ବାହାଦୂରଙ୍କ ସହିତ ଆଳାପ ସମୟରେ ଆମ୍ଭେ କାହାରି ଦୋଷ ବର୍ଣ୍ଣନା କରିନାହୁଁ । ମହାରାଜା ଓ ମେନେଜର ପ୍ରଭୃତିଙ୍କର ସ୍ୱରୂପ ଓ ଗୁଣ ବର୍ଣ୍ଣନା କରିଅଛୁଁ ତନ୍ମଧ୍ୟରୁ କିଲ୍ଲା ଆଠମଲ୍ଲିକର ବିଷୟ ମହାରାଜା ଉଲ୍ଲେଖ କରିଅଛନ୍ତି । କିନ୍ତୁ ସେ ତାହା ଅନୁମୋଦନ କରିଅଛନ୍ତି କି ନାହିଁ ତାହାଙ୍କ ଲେଖାରୁ ସ୍ପଷ୍ଟ ଜଣାଯାଉ ନାହିଁ । ଆଠମଲ୍ଲିକ ରାଜାଙ୍କର ସମସ୍ତ ଗୁଣ ବର୍ଣ୍ଣନା କରିପାରି ନାହୁଁ ଓ ଭବିଷ୍ୟତ୍‌ରେ ଅନ୍ୟାନ୍ୟ ରାଜା ମହାରାଜାଙ୍କର ଗୁଣ ବର୍ଣ୍ଣନା କରିବାର ଇଚ୍ଛା ଅଛି । ଆମ୍ଭେ ଅବଶ୍ୟ ବୋଲିବୁଁ ଯେ ଗୁଣଗ୍ରାହିମାନେ ଗୁଣବାନଙ୍କର ପ୍ରଶଂସା କରିବା ଓ ଶୁଣିବାରେ ସୁଖୀ ହେବେ ।

ମହାରାଜା ବାହାଦୂରଙ୍କ ଲେଖିବା ଭଙ୍ଗିରୁ ପ୍ରକାଶ ଯେ ଆମ୍ଭେ ସ୍ଥାନେ ସ୍ଥାନେ ଭ୍ରମଣ କରି ଯାହା ଶୁଣିଅଛୁଁ ଲୋକଙ୍କୁ ତାହା ଉପଦେଶ ଦେଉଅଛୁଁ । ଯେଉଁ ଉପଦେଶ ପାଶ୍ଚାତ୍ୟ କୃତବିଦ୍ୟ ବିଜ୍ଞାନଶୀଳ ଯୁବକବୃନ୍ଦଙ୍କ ଜ୍ଞାନର କଣ୍ଟକସ୍ୱରୂପ ସମାଜର ବିଷସ୍ୱରୂପ ତହିଁରେ ଦେଶର ଅବନତି ଭିନ୍ନ ଉନ୍ନତିର ଆଶା ନାହିଁ । ପାଠକମାନେ

ବିଚାର କରିବେ ଏ ବିଷୟ ଅତି କଠିନ ଏବଂ ଏ ସମସ୍ୟା ପୂରଣ କରିବା ବଡ଼ ଗୁରୁତର ଅଟଇ । ଗତ ତିରିଶ ବର୍ଷଠାରୁ ଧର୍ମ୍ମସଂସ୍କାର ଶାସ୍ତ୍ର ସଂସ୍କାର ସମାଜ ସଂସ୍କାର ନାନା ସଂସ୍କାର ଘେନି କେତେ ଆନ୍ଦୋଳନ ନଗରଠାରୁ ସାମାନ୍ୟ ପଡ଼ା ଗ୍ରାମ ପର୍ଯ୍ୟନ୍ତ ପାଶ୍ଚାତ୍ୟ କୃତବିଦ୍ୟ ଲୋକମାନେ ଲଗାଇ ଆସୁଅଛନ୍ତି ମାତ୍ର ଫଳ କି ହୋଇଅଛି; ୩୦ ବର୍ଷ ପୂର୍ବେ ଲୋକେ ଯେମନ୍ତ ଦୀର୍ଘଜୀବୀ ଥିଲେ ବର୍ତ୍ତମାନ ସେପରି ନାହାନ୍ତି ବରଂ ଏମନ୍ତ ନୂତନରୋଗ ବାହାରିଅଛି କି ଯାହାର ନାମ ପୂର୍ବେ ଶୁଣାନଥିଲା । ସମାଜ ସଂସ୍କାର ଯେତେ କରୁଅଛୁଁ ବଞ୍ଚନା କପଟତା ମିଥ୍ୟା କନ୍ୟାବିକ୍ରୟ ଇତ୍ୟାଦି ତେତେ ବୃଦ୍ଧି ହେଉଅଛି । ଶାସ୍ତ୍ର ସଂସ୍କାର ଯେତେ କରୁ ଅଛୁଁ ବ୍ରାହ୍ମଣ କ୍ଷତ୍ରିୟ ପ୍ରଭୃତି ସୁବର୍ଣ୍ଣଠାରୁ ଲୌହ ଲକ୍ଷ୍ୟ ଲବଣ ଚମ ପର୍ଯ୍ୟନ୍ତ ଏବଂ ଗୋ ଅଶ୍ୱ ବ୍ୟବସାୟରେ ପ୍ରବୃତ୍ତ ହେଉଅଛନ୍ତି କି ଯେଉଁ ବ୍ୟବସାୟମାନ ପୂର୍ବେ ଇତରଲୋକେ କରନ୍ତେ । ଧର୍ମ୍ମର ସଂସ୍କାରରେ ବ୍ୟସ୍ତ ହୋଇ ସନ୍ଧ୍ୟା ତର୍ପଣ ଯାଗ ଯଜ୍ଞବ୍ରତର କଥା କି ବୋଲିବା ଧର୍ମ୍ମ ଅଛନ୍ତି ବୋଲି ଦିନ ମଧ୍ୟରେ ଥରେ ସୁଦ୍ଧା ମନରେ ପଡ଼ଇ ନାହିଁ । ଆହାରର ସଂସ୍କାର ମଧ୍ୟରେ ମଦପାନ ବୃଦ୍ଧି ହେଉଅଛି ବିବେଚନା କରନ୍ତୁ ମହାରାଜା ବାହାଦୂରଙ୍କ ମତାନୁସାରେ ନବ ଯୁବକଙ୍କ ମନ ସନ୍ତୋଷ କରିବାକୁ ବସିଲେ ଆମ୍ଭମାନଙ୍କର ସମସ୍ତ ଧର୍ମ୍ମ ଲୋପ କରିବାକୁ ହେବ । ଯେ ସେ ସ୍ଥଳେ ସୁବର୍ଣ୍ଣ ଲୌହ ଲବଣ ଇତ୍ୟାଦି ବ୍ୟବସାୟ କଲେ ଲୋକେ ପତିତ ହେବେ ମଦ୍ୟପାନରେ ମହାପାତକ ହୁଅଇ କନ୍ୟାବିକ୍ରୟରେ ଦେଶଯାକ ସମସ୍ତେ ପତିତ ହୁଅନ୍ତି । ବଞ୍ଚନା ମିଥ୍ୟା ଇତ୍ୟାଦି ଏକ ବିଂଶତି ପୁରୁଷକୁ ନରକଗାମୀ କରେ ନବ୍ୟବାବୁଙ୍କ ମତରେ ବାଧହୋଇ ବିଶ୍ୱାସର ବିରୁଦ୍ଧରେ ସେପରି ବ୍ୟବସ୍ଥା ଦେଇପାରୁଁ ଏମନ୍ତ ବିଜ୍ଞାନ ସଂସ୍କାର ଆମ୍ଭର ଜନ୍ମିନାହିଁ । କପଟ ସଂହାରରେ ଆମ୍ଭର ବକ୍ତବ୍ୟ ଏହିକି ଆମ୍ଭେମାନେ ଚିତ୍କାର କରି କହୁଅଛୁଁ ଧର୍ମକର ଅନ୍ୟାୟ କର ବା ମାତ୍ର କାର୍ଯ୍ୟରେ କିଛି କରୁନା ଏହାର ନାମ କପଟତା । ସମାଜ ମଧ୍ୟରୁ ଏହି କପଟତା ଦୂର କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ବାହ୍ୟିକ ଆଡ଼ମ୍ବର ଦ୍ୱାରା ଯଶଲାଭ କରିବାକୁ ସୁଦ୍ଧା ଅଯଶର ଭିତ୍ତି ସ୍ୱୀକାର କରିବାକୁ ହେବ କାରଣ ଈଶ୍ୱର ସର୍ବଦ୍ରଷ୍ଟା ତାହାଙ୍କ ଦୃଷ୍ଟି କିଏ ରହିତ କରିବ ? ପାଠକମାନେ ମୋହର ଦୋଷଗୁଣ କ୍ଷମା କରିବେ । ବାମଣ୍ଡାଧିପତି ମହାରାଜାଙ୍କଠାରୁ ଏ ବିଷୟରେ ଉପଦେଶ ପାଇଲେ ଆମ୍ଭେ ଅବଶ୍ୟ ସ୍ୱୀକାର କରିବୁ ଓ ସାଧ୍ୟମତେ ସେ ସମସ୍ତ ପାଳିବାକୁ ଯତ୍ନ କରିବୁଁ । ଇତି । [ଉତ୍କଳ ଦୀପିକା ତା ୬.୮.୧୮୮୭]

[*ଉତ୍କଳ ଦୀପିକା (୨୧।୩୯) ତା ୨୫-୯-୧୮୮୬ ସଂଖ୍ୟାରେ ବାମଣ୍ଡାଧିପତିଙ୍କ ରଚନାରୁ ପ୍ରତିପନ୍ନ ହୁଏ, ଏହି ପତ୍ରଟି ଶ୍ରୀଯୁକ୍ତ ପଣ୍ଡିତ ପ୍ରସନ୍ନ ଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କର । ବାମଣ୍ଡାଧିପତିଙ୍କର ବକ୍ତବ୍ୟର ପ୍ରତିଫଳନ/ପ୍ରତିବାଦ ଏହି ପତ୍ରରେ ଦ୍ରଷ୍ଟବ୍ୟ ।]

## (ଘ) ପ୍ରେରିତ ପତ୍ର

ମହାଶୟ,

ବାମଣ୍ଡାଧିପତି ବେଦ ଈଶ୍ୱରଙ୍କର ନିଃଶ୍ୱାସଭୂତ ବୋଲିବା ଯୁକ୍ତିଯୁକ୍ତ ନୁହେ ବୋଲି ନବସଂବାଦରେ ଲଳିତ ମୋହନ ଚକ୍ରବର୍ତ୍ତୀ ଯେଉଁ ପତ୍ର ପ୍ରକାଶ କରିଅଛନ୍ତି ତଦ୍ଵିଷୟରେ ଏବଂ ବେଦ ମନୁଷ୍ୟ ରଚିତ କି ନା ? ଏତଦ୍ଵିଷୟରେ ଆମ୍ଭେ ଉତ୍ତର ପ୍ରଦାନ କରୁଅଛୁଁ, ଶ୍ରବଣ କରନ୍ତୁ; ପରେ ଇନ୍ଦ୍ର ଓ ବୃତ୍ରର ଉପାଖ୍ୟାନ ସହିତ ଆପଣଙ୍କ ପ୍ରଦତ୍ତ ବୈଦିକ ପ୍ରମାଣର ଯଥାର୍ଥ ପ୍ରକାଶ କରିବୁଁ ।

ବେଦ ନିଃଶ୍ୱାସଭୂତ ବୋଲିବାରେ ପ୍ରମାଣ, ମୁକ୍ତିକୋପନିଷଦ, ''ନିଃଶ୍ୱାସଭୂତା ମେ ବିଷ୍ଣୋର୍ବେଦା ଜାତାଃ ସବିସ୍ତରାଃ ତିଳେଷ ତୈଳବଦ୍ଵେଳେ ବେଦାନ୍ତଃ ସୁପ୍ରତିଷ୍ଠିତଃ'' ଅର୍ଥ, ହେ ହନୁମାନ ! ଆମ୍ଭେ ସ୍ୱୟଂ ବିଷ୍ଣୁ ଆମ୍ଭର ନିଃଶ୍ୱାସଭୂତ ସୁବିସ୍ତୃତ ବେଦ ଚତୁଷ୍ଟୟ ପ୍ରାଦୁର୍ଭୂତ ହୋଇଅଛି, 'ଜାତା' ଏହିପଦ 'ଜନି ପ୍ରାଦୁର୍ଭାବେ' ଧାତୁରୁ ହେବାହେତୁ ପ୍ରାଦୁର୍ଭୂତ ଅର୍ଥ କରାଗଲା; ଅତଏବ ଶ୍ରୀ ଭଗବାନ ଜୈମିନି ଆଉ ସାଂଖ୍ୟ ପ୍ରଣେତା କପିଳଦେବ ବେଦକୁ ଈଶ୍ୱରକୃତ ସୁଦ୍ଧା କହିନାହାନ୍ତି ଯଥା; ସଦା ମାର୍ତ୍ତର ୬ ମୟୂଖରେ ସାଂଖ୍ୟସୂତ୍ର, 'ନ ପୌରୁଷେୟ ତ୍ୱଂ ତତ୍କର୍ତ୍ତୁଃ ପୁରୁଷସ୍ୟାଭାବାତ୍' ଅର୍ଥ, ବେଦକର୍ତ୍ତା ପୁରୁଷର ଅଭାବରୁ ବେଦକୁ ପୌରୁଷେୟତ୍ୱ ନାହିଁ । ପାଠକ ! ମନେକର କପିଳାଦି ମହର୍ଷିମାନେ ବେଦକୁ ସ୍ୱତଃସିଦ୍ଧ ବ୍ୟତୀତ ଈଶ୍ୱର ରଚିତ କହିନାହାନ୍ତି, ତେବେ ଆମ୍ଭେମାନେ ମନୁଷ୍ୟ ରଚିତ କହିପାରୁଁ କି ?

[୨୯-୬-୧୮୮୭] (ଉତ୍କଳ-ଦୀପିକା ୯-୭-୧୮୮୭).

## (ଙ) ପ୍ରେରିତ ପତ୍ର

ଶ୍ରୀଯୁକ୍ତ ଉତ୍କଳ-ଦୀପିକା ସଂପାଦକ ମହାଶୟ ସମୀପେଷୁ –

ମହାଶୟ,

ନିମ୍ନାଙ୍କିତ କତିପୟ ପଂକ୍ତିକୁ ଆପଣଙ୍କ ବିଖ୍ୟାତ ପତ୍ରିକାରେ ସ୍ଥାନଦାନ କରି ବାଧିତ କରିବେ ।

ଉତ୍କଳ ଧର୍ମ୍ମସୁଧାନିଧିରୁ ପୂର୍ବ ପ୍ରକାଶିତାନନ୍ତର; ଉକ୍ତ ମହାରାଜାଙ୍କ କଥିତ, ଈଶ୍ୱରଙ୍କର ନିଃଶ୍ୱାସଭୂତ ବେଦଚତୁଷ୍ଟୟ ଏବଂ ସେମାନଙ୍କର ମନ୍ତ୍ର ଅର୍ଥାତ୍ ସଂହିତା-ଭାଗ ଆଉ ତାହାର ବ୍ୟାଖ୍ୟାନରୂପ ବ୍ରାହ୍ମଣଭାଗ; ଏହି ଦୁଇ (ଯେ କି ଉକ୍ତ ବେଦ ତରୁର ବିବିଧ ଶାଖା ସମଷ୍ଟି, ସଂହିତା ଏବଂ ବ୍ରାହ୍ମଣ ନାମରେ ବିଖ୍ୟାତ ଅଟେ) ଭାଗ ଭଗବାନ୍ ବ୍ରହ୍ମାଙ୍କ ଦ୍ୱାରା ପ୍ରାଦୁର୍ଭୂତ ହୋଇଅଛି । ବୈଦିକ ଶ୍ୱେତାଶ୍ୱତରରୁ ପ୍ରମାଣ ଯଥା; ''ଯୋ ବୈବ୍ରାହ୍ମଣଂ ବିଦଧାତି ପୂର୍ବଂ ଯୋବୈବେଦାଂଶ୍ଚ ପ୍ରହଣୋତି ତସ୍ମୈ''

ଅର୍ଥ ଯେଉଁ ଈଶ୍ୱର ପୂର୍ବରୁ ବ୍ରହ୍ମାଙ୍କୁ ବିଧାନ କରିଥିଲେ, ଯେ ବ୍ରାହ୍ମଣଙ୍କୁ ବେଦ ଉପଦେଶ ଦେଇଥିଲେ, ଏତାଦୃଶ ବୈଦିକ ପ୍ରମାଣରୁ ସ୍ପଷ୍ଟ ପ୍ରତୀତ ହେଉଅଛି ଯେ ବେଦ ସ୍ୱତଃସିଦ୍ଧ ପଦାର୍ଥ, ଈଶ୍ୱର ଏବଂ ବ୍ରହ୍ମା ବା ଅନ୍ୟାନ୍ୟ ମହର୍ଷିମାନେ, ବେଦ ଚତୁଷ୍ଟୟ ରଚନା କରି ନାହାନ୍ତି । କିନ୍ତୁ କ୍ରମ ପରଂପରାରେ ପ୍ରକଟ କରି ଅଛନ୍ତି । ତେବେ ପାଠକ ! ଧୀରେ ଧୀରେ ହୃଦୟଙ୍ଗମ କର । ଯେଉ ସ୍ଥଳରେ ଈଶ୍ୱର ରଚିତ କୁହାନଯାଇ ପ୍ରାଦୁର୍ଭୂତ ପ୍ରୟୋଗ କରାଯାଉଅଛି, ସେ ସ୍ଥଳେ ଆମ୍ଭେମାନେ ଲଳିତ ମୋହନ ଚକ୍ରବର୍ତ୍ତୀଙ୍କ କଥାନୁସାରେ ମନୁଷ୍ୟ ରଚିତ କହି ପାରୁଁ କି ? (୧୧-୭-୮୭)

(ଉତ୍କଳ-ଦୀପିକା ୨୩-୭-୧୮୮୭)

## (ଚ) ଶ୍ରୀନିମାଇ ବଲ୍ଲଭ ବିଦ୍ୟାସାଗରଙ୍କ ପତ୍ର

('ଉତ୍କଳଦୀପିକା' ତା ୨୩-୪-୧୮୮୭ ପୃ-୧୩୪ରେ ପ୍ରକାଶିତ) –

ମହାଶୟ !

ଆମ୍ଭର ଜୁବିଲି ବିଷୟକ ସଂସ୍କୃତ ବିଜ୍ଞାପନ ପତ୍ରିକା ଯେଉଁ ଯେଉଁ ରାଜା ଓ ଜମିଦାରମାନଙ୍କ ନାମ ଧାମ ଜାଣୁଅଛୁଁ ତାହାଙ୍କ ନିକଟକୁ ପ୍ରେରଣ କରିବାରେ ତ୍ରୁଟି କରିନାହୁଁ । ଏଣୁକରି ବଦାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ବାମଣ୍ଡାଧିପତି ମହାରାଜା ଆମ୍ଭଙ୍କୁ ଦଶ ୧୦ଟଙ୍କା ବିତରଣ କରିଅଛନ୍ତି ଅତଏବ ଆମ୍ଭେ ମହାରାଜାଙ୍କୁ ଧନ୍ୟବାଦ ଦେଇ ଓ ସର୍ବସାଧାରଣଙ୍କୁ ଜଣାଇ କୃତଜ୍ଞତା ପ୍ରକାଶକ ଏହି କବିତାଟି ଉପହାର ଦେଉଅଛୁଁ ଯଥା– "ବାମଣ୍ଡାଧିପତେ ଶ୍ରୀମନ୍ ପ୍ରାପ୍ତଂ ଦାନଂ ମୟା ତବ ।
ଦେଶୋଽୟମୁଜ୍ଜ୍ୱଳୋଽଭୂତ୍ତେ ଯଶଶ୍ଚନ୍ଦ୍ରମରୀଚିଭିଃ ।।"

ଶ୍ରୀ ନିମାଇ ବଲ୍ଲଭ ବିଦ୍ୟାସାଗର

। ସା । ପୁ.ଙ୍ଗ ।

## (ଛ) ସଂବାଦପତ୍ର ଯୁଦ୍ଧ

ଏ ନଗରସ୍ଥ 'ନବସମ୍ବାଦ' ଏବଂ 'ସଂସ୍କାରକ' ମଧ୍ୟରେ ଆଜିକାଲି ଭାରୀଯୁଦ୍ଧ ଲାଗିଅଛି । ସଂସ୍କାରକ ବାମଣ୍ଡା ରାଜାଙ୍କ ସାହାଯ୍ୟରେ ଚାଲୁଥିବାର ସମସ୍ତେ ଜାଣନ୍ତି ପୁଣି ସଂସ୍କାରକଙ୍କ ଲେଖିବାରୁ ବୋଧ ହୁଅଇ ନବସମ୍ବାଦ ମଧ୍ୟ ଉକ୍ତ ରାଜାଙ୍କଠାରୁ ସାହାଯ୍ୟ ପାଇବେ ବା ପାଇଅଛନ୍ତି । ଉଭୟେ ରାଜାଙ୍କର ପ୍ରତିପାଳିତ ହେବା ସ୍ଥଳେ ଆଉ ବିବାଦ କାହିଁକି ? ଯୁଦ୍ଧ ଦେଖି ମନେ ହେଉଅଛି ଯେ ପୂର୍ବେ ରାଜା ବାଦସାହ ମାନେ ମୂନିଆଁ ଚଢ଼େଇଠାରୁ ହାତୀ ପର୍ଯ୍ୟନ୍ତ ନାନା ଜୀବଜନ୍ତୁ ଓ ମଲ୍ଲମାନଙ୍କୁ ଲଢ଼ାଇ ଦେଇ କ୍ରୀଡ଼ା ଦେଖୁଥିଲେ ସେକାଳରେ ସମ୍ବାଦପତ୍ର ନଥିବାରୁ ସେ ଖେଳଟି ହୋଇ ପାରିନଥିଲା । ଇଦାନୀ ବାମଣ୍ଡାଧିପତି ସମ୍ବାଦପତ୍ରର ଯୁଦ୍ଧକୌଶଳ ସର୍ବ-ସାଧାରଣଙ୍କୁ ଦେଖାଇ ଆମୋଦ ପ୍ରଦାନ କରୁଅଛନ୍ତି ।[ଉ.ଦୀ. (୧୨।୧୪) ତା ୨-୪-୧୮୮୭]

## (ଜ) A STATUE OF THE RAJAH OF BAMRA

There has recently been privately exhibited in London a Marble statue of Rajah Sir Sudhal Dev K.C.I.E. Chief of Bamrah in the C.P. It is the work of Mr. Albert Toft who is one of the foremost of our rising Sculptors. The statue is life-size and represents the Rajah seated in a chair and wearing a chapkan and turban. He also has upon his breast the star of India and the insignia of the Indian Empire. He is represented in a striking attitude and the entire execution of the work has been carried out in a most admirable and effective manner. I am informed that it has been the universal approval of those who have seen it, and on showing a photograph of it to some of my Indian friends, they expressed the opinion that it was one of the best creations of an Indian subject, they had ever seen. The statue I may add is made of the finest carrara marble, which is beautifully pure and free from stain or suggestion of colour. It is now on its way to India, where it will certainly win the admiration of all who see it.

When the time comes for settling the contents of the Victoria Memorial in Calcutta, and giving out the orders for statue of which there will probably well to consider the work of Mr. Toft who has shown by his statue of the Rajah of Bamrah what he can do in this direction. Mr. Toft is pretty certain to come to the front rank in his profession. He has already executed statues of the late Queen; Mrs. Gladstone, Mr. Henery Richard and other celebreties. The current number of the Magazine of Art contains a very appreciative article of his work accompanied by some excellent reproductions thereof the most striking of which are "Hagar" "Fatelad" the Right Hon'ble W.E. Gladstone and the Spirit of Melancholy.

[From the Indian Mirror's London correspondent ;
ଉଦ୍ଧୃତ 'ସମ୍ବଲପୁର ହିତୈଷିଣୀ'– ୧୩/୧୬ ତା ୨୮.୮.୧୯୦୧]

## (ଝ) ସୁଦ୍ଧଳଦେବଙ୍କ ତିରୋଧାନରେ 'ଉତ୍କଳଦୀପିକା'ର ଶୋକ ପ୍ରକାଶ

ଆମ୍ଭେମାନେ ଗଭୀର ଦୁଃଖର ସହିତ ଉତ୍କଳ ଜାତିର ଆଉ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର – ବର୍ତ୍ତମାନ ସମୟର ସର୍ବୋଚ୍ଚ ନକ୍ଷତ୍ର – ଅସ୍ତ ହେବାର ପ୍ରକାଶ କରୁଅଛୁଁ ।

ବାମଣ୍ଡାଧିପତି ରାଜା ସର୍ ସୁଢ଼ଳଦେବ କେ.ସି.ଆଇ.ଇ. ଗତ ଗୁରୁବାର ପୂର୍ବାହ୍ନ ଘ ୧୧ ଣ୍ଟାବେଳେ ସ୍ୱର୍ଗାରୋହଣ କଲେ । ଏହି ହୃଦୟବିଦାରକ ସମ୍ବାଦ ଗତକାଲି ବାମଣ୍ଡାର ପ୍ରାଇଭେଟ୍ ସେକ୍ରେଟାରୀଙ୍କର ତାର ସମ୍ବାଦରୁ ଅବଗତ ହେଲୁଁ । ଏଥିପୂର୍ବେ ରାଜାଙ୍କର ସ୍ୱାସ୍ଥ୍ୟ ଘଟିତ ସମ୍ବାଦ କିଛି ଜଣାନଥିଲା ଏବଂ ଏ ଦୁର୍ଘଟନାର ବିସ୍ତାରିତ ବିବରଣ କିଛି ଏ ପର୍ଯ୍ୟନ୍ତ ଅବଗତ ହୋଇନାହୁଁ । ବାମଣ୍ଡା ରାଜାଙ୍କର କୀର୍ତ୍ତି ଏକ ଉତ୍କଳ ଭୂମି କାହିଁକି ସମସ୍ତ ଭାରତରେ ବିଖ୍ୟାତ ସେ ଅସାଧାରଣ ବୁଦ୍ଧି ଓ ପ୍ରତିଭା ବଳରେ ସ୍ୱରାଜ୍ୟ ଶାସନ, ତହିଁର ଅଶେଷ ଉନ୍ନତି ସାଧନ ଏବଂ ବାଣିଜ୍ୟ ବ୍ୟବସାୟରେ ଯେପରି ସଫଳତା ଲାଭ କରିଥିଲେ ଉତ୍କଳ ରାଜମଣ୍ଡଳରେ ତାହା ବିରଳ ଅଟେ । ସେ ସମସ୍ତ ଉପାୟ ଏବଂ ଧର୍ମ ବଳରେ ଯେମନ୍ତ ଏକ ଦିଗରୁ ଅତୁଳ ସମ୍ପତ୍ତି ଏବଂ ବହୁ ପୁତ୍ର କନ୍ୟାଦି ବୃହତ୍ ପରିବାରର କର୍ତ୍ତା ହୋଇଥିଲେ ତେମନ୍ତ ଅନ୍ୟ ଦିଗରେ ବହୁବିଧ ଦାନ, ଦୀନ ପ୍ରତିପାଳନ, ଗୁଣିଜନର ଉତ୍ସାହ ଓ ସାହାଯ୍ୟ ଇତ୍ୟାଦି ଦ୍ୱାରା ଅନେକ ଲୋକର ଆଶ୍ରୟର ସ୍ଥଳ ହୋଇଥିଲେ । ଏହାଙ୍କର ବୟସ ୬୦/୬୨ ବର୍ଷରୁ ଅଧିକ ନ ଥିଲା । ଏମନ୍ତ ମହତ୍ ବ୍ୟକ୍ତିର ବିରହରେ କାହାର ମନ ଥୟ ଧରିବ ? ଈଶ୍ୱରଙ୍କର ଯାହା ଇଚ୍ଛା ତାହା ଘଟନା ହେଲା । ଈଶ୍ୱର ତାହାଙ୍କର ଆତ୍ମା ଏବଂ ପରିବାରବର୍ଗର ସାନ୍ତ୍ୱନା ବିଧାନ କରନ୍ତୁ ଏବଂ ତାହାଙ୍କର ଯୋଗ୍ୟ ଜ୍ୟେଷ୍ଠପୁତ୍ର ଯେ କି ଏତେବେଳେ ଗାଦି ପ୍ରାପ୍ତ ହୋଇଥିବେ ତାହାଙ୍କୁ ସ୍ୱର୍ଗୀୟ ପିତାଙ୍କର ଯଶୋରକ୍ଷା ଓ ବୃଦ୍ଧି ବିଷୟରେ ସମର୍ଥ କରନ୍ତୁ ।

[ଉତ୍କଳ ଦୀପିକା – ୨୧.୧୧.୧୯୦୩]

ବାମଣ୍ଡାଧିପତି ସ୍ୱର୍ଗୀୟ ସୁଢ଼ଳଦେବଙ୍କର ବୟସ ବ୬୦/୬୨ର୍ଷ ଥିବାର ଆମ୍ଭେମାନେ ଭ୍ରମରେ ଗତ ସପ୍ତାହରେ ଲେଖିଥିଲୁଁ । ବର୍ତ୍ତମାନ ସମ୍ବଲପୁର ହିତୈଷିଣୀରୁ ଅବଗତ ହେଲୁଁ ଯେ ତାହାଙ୍କର ବୟସ ବ ୫୩/୬ ମାସ ହୋଇଥିଲା । ତାହାଙ୍କ ପୀଡ଼ା ସମ୍ବନ୍ଧରେ ସହଯୋଗୀ ଲେଖିଅଛନ୍ତି କି ମହାରାଜା ବହୁଦିନରୁ ବହୁମୂତ୍ର ରୋଗରେ ପୀଡ଼ିତ ଥିଲେ । ମଧ୍ୟରେ କେତେକ ମାସ ଭଲ ଥିଲେ ମାତ୍ର ମା ୩/୪ ସ ହେଲା ସେହି ରୋଗ ପୁନର୍ବାର ଆକ୍ରମଣ କଲା ଏବଂ ଅନେକ ସାବଧାନତା ସହିତ ନାନା ପ୍ରକାର ଚିକିତ୍ସା ହେଉଥିଲେ ମଧ୍ୟ କ୍ରମଶଃ ବୃଦ୍ଧି ଦିଗକୁ ଚାଲିଲା ଏବଂ ଶରୀର ଦୁର୍ବଳ କରିପକାଇଲା । ପରିଶେଷରେ ଏକଦିନ ଅଜ୍ଞାନାବସ୍ଥାରେ ରହି ପ୍ରାଣତ୍ୟାଗ କଲେ । ତାହାଙ୍କ ଚିକିତ୍ସା ନିମନ୍ତେ କଲିକତାର ପ୍ରସିଦ୍ଧ ଗବର୍ଣ୍ଣମେଣ୍ଟ ପେନ୍‌ସନ୍ ପ୍ରାପ୍ତ ଡାକ୍ତର କର୍ଣ୍ଣେଲ ଆର୍.ଏଲ୍.ଦତ୍ତଙ୍କୁ ଅଣାଯାଇଥିଲା । ମାତ୍ର ନିଦାନ କାଳରେ କିଏ ରକ୍ଷା କରିବ ? ମହାରାଜାଙ୍କର ଅଳ୍ପ ବୟସରେ ମୃତ୍ୟୁ ଅଧିକ ଦୁଃଖ ଏବଂ ଓଡ଼ିଶାର ଅଧିକ ଦୁର୍ଭାଗ୍ୟର କଥା ଅଟେ । ଆଗାମୀ ମାସରେ ଏଠାରେ ଯେଉଁ ଜାତୀୟ ସମିତି ହେବାର ଆୟୋଜନ ହେଉଅଛି ତହିଁର ସଭାପତି ହେବା କାରଣ ତାହାଙ୍କୁ ତାର ସମ୍ବାଦ ଦ୍ୱାରା

ଅନୁରୋଧ କରାଯାଇଥିଲା । ମାତ୍ର ତହିଁର ଉତ୍ତରରେ ତାହାଙ୍କ ମୃତ୍ୟୁ ସମାଚାର ଆସି ପହଞ୍ଚିଲା । ଏଥିରୁ ବଳି ଦୁଃଖର କଥା ଅଛି କି ?

[ଉତ୍କଳ ଦୀପିକା – ୨୮.୧୧.୧୯୦୩, ପୃ;୪୭୧]

**ପରିଶିଷ୍ଟ – ୩**

## (କ) ନିବେଦନ

ମୋର ପୂଜ୍ୟପାଦ ପିତାମହ ସ୍ୱନାମଧନ୍ୟ ସୁପଣ୍ଡିତ ସ୍ୱର୍ଗୀୟ ବାମଣ୍ଡାଧିପତି ସାର୍ ବାସୁଦେବ ସୁଢ଼ଳଦେବ କେ.ସି.ଆଇ.ଇ. ମହୋଦୟ ଓଡ଼ିଆ ଜାତିର ଅପରିଚିତ ନୁହନ୍ତି । ତାଙ୍କର ଜ୍ଞାନଗରିମା, ପାଣ୍ଡିତ୍ୟ, ଆଦର୍ଶପୂର୍ଣ୍ଣ ରାଜନୀତି, ଅର୍ଥନୀତି, ଜାତୀୟପ୍ରୀତି ଏବଂ ଓଡ଼ିଆ ସାହିତ୍ୟର ଉନ୍ନତିଲିପ୍‌ସା ଅନନ୍ୟସାଧାରଣ, ଏହା ଦେଶର ସୁଧୀମଣ୍ଡଳୀ ତଥା ତତ୍‌କାଳୀନ ଉଚ୍ଚ ଶାସକବୃନ୍ଦ ମୁକ୍ତ କଣ୍ଠରେ ସ୍ୱୀକାର କରିଯାଇ ଅଛନ୍ତି । ମୁଁ ସେ ସବୁ ଏଠାରେ ଅବତାରଣା କରିବା ଆବଶ୍ୟକ ବୋଧ ନ କରି ଉକ୍ତ ମହୋଦୟଙ୍କର ଲୁପ୍ତପ୍ରାୟ ସାହିତ୍ୟିକ ପ୍ରତିଭା ଦେଶବାସୀ ପ୍ରିୟ ଭାଇ ଭଉଣୀମାନଙ୍କ ଆଗରେ ପରିବେଷଣ କରିବାକୁ ମୋର କ୍ଷୁଦ୍ର ଶକ୍ତି ନିୟୋଜିତ କରିଅଛି ।

ପ୍ରାଚୀନ ଭଞ୍ଜଯୁଗର ଭାଷା ସାହିତ୍ୟ ପରେ ଯେଉଁ ନୂତନ ଓଡ଼ିଆ ସାହିତ୍ୟର ସୃଷ୍ଟି ହୁଏ, ଯାହା କି ବର୍ତ୍ତମାନ ରାଧାନାଥ ଯୁଗ ସାହିତ୍ୟରୂପେ ଅଭିହିତ, ସେ ଯୁଗର ପ୍ରଧାନ ଆବାହକ ଥିଲେ ରାଜା ସାର୍ ବାସୁଦେବ ସୁଢ଼ଳଦେବ । ମାତୃଭାଷାରେ ପ୍ରାଞ୍ଜଳ ଏବଂ ନିର୍ଦ୍ଦୋଷ ସାହିତ୍ୟ ସୃଷ୍ଟିର ଅଭାବ ଏବଂ ଅସୁବିଧା ଉପଲବ୍ଧି କରି ସେ ପ୍ରଥମେ ଓଡ଼ିଆ ଭାଷାରେ ''ଅଳଂକାର ବୋଧୋଦୟ'' ଗ୍ରନ୍ଥ ଲେଖି ପ୍ରକାଶ କରନ୍ତି । ତତ୍‌ପରେ ''ଚିତ୍ରୋତ୍ପଳା'' ବର୍ଣ୍ଣନାତ୍ମକ କାବ୍ୟ, ଐତିହାସିକ ''ବୀରବାମା'', ପୌରାଣିକ ''କିଷ୍କିନ୍ଧ୍ୟା'' ଲେଖି କାବ୍ୟରେ ଅଳଙ୍କାରମାନ ସନ୍ନିବେଶିତ କଲେ ସାହିତ୍ୟ କିପରି ସରସ ସୁନ୍ଦର ହୋଇ ଉଠେ ତହିଁର ଆଦର୍ଶ ଦେଖାଇ ଦେଇଅଛନ୍ତି । କେଉଁ କେଉଁ ଦୋଷ ତ୍ରୁଟି ରହିଲେ କାବ୍ୟ କବିତା ଦୁଷ୍ଟ ହୁଏ ଅଳଙ୍କାର ବୋଧୋଦୟରେ ତହିଁର ନିର୍ଦ୍ଦେଶ ଦେଇଅଛନ୍ତି । ଉକ୍ତ ପ୍ରତିଭାଶାଳୀ ରାଜା ମହୋଦୟ ନିଜର କର୍ମମୟ ଜୀବନରେ ମାତୃଭାଷାର ଉନ୍ନତିକଳ୍ପେ ଯେଉଁସବୁ କାବ୍ୟକବିତା ଲେଖି ଯାଇଅଛନ୍ତି କ୍ରମେ ସେ ସବୁ ଦେଶବାସୀଙ୍କର ଅଗୋଚରୀଭୂତ ହେଉଥିବାର ଅନୁଭବ କରି, ବହୁ ଆୟାସରେ ଲୁପ୍ତ ବିଭବଗୁଡ଼ିକ ସଂଗ୍ରହପୂର୍ବକ ''ବାସୁଦେବ ଗ୍ରନ୍ଥାବଳୀ'' ଆକାରରେ ପ୍ରକାଶ କରି ଦେଶବାସୀଙ୍କ ହସ୍ତରେ ଅର୍ପଣ କଲି । ବହୁ ଚେଷ୍ଟା ଏବଂ ଅନୁସନ୍ଧାନ ସତ୍ତ୍ୱେ କବିଙ୍କ ରଚିତ ''କିଷ୍କିନ୍ଧ୍ୟା'' କାବ୍ୟ ନ ମିଳିବା ହେତୁ ଗ୍ରନ୍ଥାବଳୀସ୍ଥ କରି ନ ପାରି ମର୍ମ୍ମବେଦନା ସହିବାକୁ ପଡୁଛି ।

ଅବହେଳିତ ଆମ ଓଡ଼ିଶାରେ ବହୁ ବିଳମ୍ବରେ ପ୍ରତିଭାପୂଜା ଆରମ୍ଭ ହୋଇଥିଲେ

ମଧ୍ୟ ଏପର୍ଯ୍ୟନ୍ତ ବାସୁଦେବ ସୁଢ଼ଳଦେବଙ୍କର ପ୍ରତିଭା ଏ ଜାତି ଉପଲବ୍ଧି କରିନାହିଁ । କିନ୍ତୁ ଉକ୍ତ ବିମଳଯଶା ନରପତିଙ୍କର ମନସ୍ୱିତା ଓ ବ୍ୟକ୍ତିତ୍ୱର ପରିଚୟ ପାଇ ପ୍ରତିବେଶୀ ବଙ୍ଗଭାଷୀଗଣ ଉତ୍କଳ ତଥା ଭାରତର ବିଭିନ୍ନାଞ୍ଚଳରୁ ତାଙ୍କର ମୂଲ୍ୟବାନ୍ ଜୀବନର କାର୍ଯ୍ୟାବଳୀ ସଂଗ୍ରହପୂର୍ବକ ସ୍ୱଭାଷାରେ ପ୍ରାୟ ଚାରିଶତ ପୃଷ୍ଠା ବିଶିଷ୍ଟ ଯେଉଁ ବୃହତ୍ 'ବାସୁଦେବ ଜୀବନୀ' ଗତ ତିରିଶବର୍ଷ ପୂର୍ବେ ପ୍ରକାଶ କରିଅଛନ୍ତି, ତାହା ପାଠ କଲେ ବାସୁଦେବ ସୁଢ଼ଳଦେବ ଦୁଇହଜାର ବର୍ଗମାଇଲ ଗୋଟିଏ ଅନ୍ଧାରୀ ରାଜ୍ୟରେ ବୈଦେଶିକ ଶାସନର କର୍ତ୍ତୃତ୍ୱରେ ରାଜା ଥାଇ ଦେଶ ତଥା ସମାଜରେ ସ୍ୱପ୍ରତିଭା ଓ ସ୍ୱଦେଶହିତୈଷିତାର କିପରି ଆଲୋକପାତ କରିଥିଲେ ପରିଷ୍କାର ଜଣାପଡ଼େ । ତେଣୁ ଏ ଉଦ୍ୟମର ଅବତାରଣା ।

ଏହି ଗ୍ରନ୍ଥ ପ୍ରକାଶନ ସମ୍ପର୍କରେ ମୋତେ ବାମଣ୍ଡାର ରାଜା ଶ୍ରୀମାନ୍ ଭାନୁଗଙ୍ଗ ତ୍ରିଭୁବନ ଦେବ ମହୋଦୟ ସମଧିକ ଉତ୍ସାହ ତଥା ମହନୀୟ ପ୍ରଣୋଦନ ଦେଇ ସମୁତ୍ସାହିତ କରିଥିବାରୁ ଏବଂ ସମ୍ପୂର୍ଣ୍ଣ ରୂପେ ସହାୟତା କରିଥିବାରୁ ମୁଁ ଉକ୍ତ ଉଚ୍ଚ-ହୃଦୟ ରାଜା ସାହେବଙ୍କ ନିକଟରେ ଚିର କୃତଜ୍ଞ ହୋଇଅଛି ।

ବର୍ତ୍ତମାନ ଯୁଗରେ ପ୍ରତ୍ୟେକ କର୍ମ ଆରମ୍ଭରେ ମଧ୍ୟବିତ୍ତ ଲୋକଙ୍କ ପକ୍ଷରେ ଅର୍ଥ ସମସ୍ୟା ବଡ଼ ଜଟିଳ ହୋଇ ଉଠିଛି । ମୁଁ ଏହି ଜଟିଳ ପରିସ୍ଥିତିରେ ପଡ଼ି ପ୍ରଥମେ ହତୋତ୍ସାହ ହୋଇଥିଲି; ମାତ୍ର ପରବର୍ତ୍ତୀ ପୃଷ୍ଠାଙ୍କିତ ସଦୁତ୍ସାହୀ ମହାନୁଭବଗଣ ଉକ୍ତ ପୃଷ୍ଠାଙ୍କିତ ଅର୍ଥ ସାହାଯ୍ୟ ପଠାଇ ମୋର ଏହି ଉଦ୍ୟମକୁ ସାଫଲ୍ୟମଣ୍ଡିତ କରିଅଛନ୍ତି । ଏଣୁ ମୁଁ ସେମାନଙ୍କ ନିକଟରେ ମଧ୍ୟ ଗଭୀର କୃତଜ୍ଞତା ଜ୍ଞାପନ କରୁଅଛି ।

ଗ୍ରନ୍ଥାବଳୀ ପ୍ରକାଶ ବିଷୟକ ଅନ୍ୟାନ୍ୟ ଆବଶ୍ୟକ କର୍ମରେ ସ୍ଥାନୀୟ ୰ ବୃନ୍ଦାବନ ନାଥ ଶର୍ମା, ପ୍ରାଜ୍ଞ ଶ୍ରୀଯୁକ୍ତ ଲିଙ୍ଗରାଜ ପାଣିଗ୍ରାହୀ, ପ୍ରାଜ୍ଞ ଶ୍ରୀଯୁକ୍ତ ମଦନମୋହନ ଗୁରୁ, ସୁପଣ୍ଡିତ ଶ୍ରୀଯୁକ୍ତ ନୀଳକଣ୍ଠ ମିଶ୍ର ଶାସ୍ତ୍ରୀ ଓ ଶ୍ରୀଯୁକ୍ତ ଲାଲ ରାଜକିଶୋର ଦେବ ଅନେକ ସହାୟତା କରି ଅଛନ୍ତି ଏବଂ ମଦୀୟ ଅବରଜ ଜମିଦାର ଶ୍ରୀଯୁକ୍ତ ବୀରେନ୍ଦ୍ରନାଥ ସିଂହ ବି.ଏ. ଗ୍ରନ୍ଥ ରଚୟିତାଙ୍କ ସଂକ୍ଷିପ୍ତ ଜୀବନୀ ଲିଖନରେ ଶ୍ରମ ସ୍ୱୀକାର କରି ଅଛନ୍ତି । ଏମାନଙ୍କ ଦ୍ୱାରା ମୁଁ ବିଶେଷ ଉପକୃତ ହୋଇ ହାର୍ଦ୍ଦିକ ଧନ୍ୟବାଦ ଅର୍ପଣ କରୁଅଛି ।

ଆହୁରି ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ପ୍ରାଣକୃଷ୍ଣ ପରିଜା, ଗଙ୍ଗାଧର ମେହେର କଲେଜର ଅଧ୍ୟକ୍ଷ ଡକ୍ଟର ମାୟାଧର ମାନସିଂହ, ଅଧ୍ୟାପକ ଶ୍ରୀଯୁକ୍ତ ଜୟକୃଷ୍ଣ ମିଶ୍ର ଓ ଅଧ୍ୟାପକ ଶ୍ରୀଯୁକ୍ତ ଗୌରୀକୁମାର ବ୍ରହ୍ମା ବହୁ ଶ୍ରମସ୍ୱୀକାର ପୂର୍ବକ ଗ୍ରନ୍ଥାବଳୀର ଭୂମିକା, ମୁଖବନ୍ଧାଦି ଲେଖି ଦେଇଥିବାରୁ ସେମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଅଛି ।

ଦେବଗଡ଼ (ବାମଣ୍ଡା) ବିନୀତ

ତା ୯.୮.୧୯୫୬ ଲାଲ ରବୀନ୍ଦ୍ରନାଥ ଦେବ

## (ଖ) ଭୂମିକା

ବାମଣ୍ଡାର ରାଜା ସାହେବ ଓ ବଡ଼କୁମାର ସାହେବ ମୋତେ ସ୍ୱର୍ଗୀୟ ରାଜା ସାର୍ ସୁଢ଼ଳଦେବଙ୍କ ଗ୍ରନ୍ଥାବଳୀର ଭୂମିକା ଲେଖିବାକୁ ଅନୁରୋଧ କରିଥିବାରୁ ମୁଁ ନିଜକୁ ସମ୍ମାନିତ ମନେ କରୁଅଛି । ସୁଢ଼ଳଦେବ ଜଣେ ମହାପୁରୁଷ ଥିଲେ । ମହାପୁରୁଷ ମାନଙ୍କର ଗୋଟିଏ ଲକ୍ଷଣ ହେଉଅଛି ଯେ ସେମାନେ ନିଜର ପୁରୋଦୃଷ୍ଟିଦ୍ୱାରା ନିଜର ସମସାମୟିକ ଅବସ୍ଥାରୁ ଆଗକୁ ଯିବାକୁ ଚେଷ୍ଟା କରିଥାନ୍ତି । ତହିଁରେ ଘାତ ପ୍ରତିଘାତ ଓ ପ୍ରତିବନ୍ଧକ ସହି ମଧ ନିଜର ବେଷ୍ଟନୀର ପ୍ରଗତି ଦିଗରେ ପରିବର୍ତ୍ତନ କରିବାକୁ ଚେଷ୍ଟା-କରନ୍ତି ଏବଂ କୃତକାର୍ଯ୍ୟ ମଧ ହୋଇଥାନ୍ତି । ଅତଏବ କୌଣସି ମହାପୁରୁଷଙ୍କର ମହତ୍ତ୍ୱ ଉପଲବ୍ଧି କରିବାକୁ ହେଲେ, ତାଙ୍କର ସମସାମୟିକ ପରିସ୍ଥିତି ଓ ବେଷ୍ଟନୀ ପରୀକ୍ଷା କରିବାକୁ ହେବ । ସୁଢ଼ଳଦେବଙ୍କ ସମୟରେ ଗମନାଗମନର ସୁବିଧା ପାଇଁ ରେଳପଥ ନଥିଲା । ତାଙ୍କ ରାଜ୍ୟର ଚାରିଆଡ଼େ ମଧ୍ୟଯୁଗପନ୍ଥୀ ଦେଶୀୟ ରାଜ୍ୟ । ଏପରି ପରି-ସ୍ଥିତିରେ ସୁଢ଼ଳଦେବ ନିଜ ରାଜ୍ୟର ଉନ୍ନତିକଳ୍ପେ, ଯେଉଁଯେଉଁ ପ୍ରଗତିଶୀଳ ଲୋକହିତ-କର କାର୍ଯ୍ୟମାନ କରି ଯାଇଥିଲେ ତାହା ତାଙ୍କର ମହତ୍ତ୍ୱର ପରିଚାୟକ । ବହୁ କ୍ଳେଶ ସହ୍ୟ କରି ଭାରତର ନାନା ସ୍ଥାନ ଭ୍ରମଣ କରି ସବୁବେଳେ ନିଜ ରାଜ୍ୟର କିପରି ଉନ୍ନତି କରିବେ ସେହି ଚିନ୍ତା ତାଙ୍କ ମନରେ ପ୍ରଥମ ସ୍ଥାନ ଅଧିକାର କରୁଥିଲା । ତାଙ୍କ କଥା ଭାବିଲେ ଋଷିଆର ରଜା ପିଟରଙ୍କ କଥା ମନେ ପଡ଼େ । ପିଟର ଯେପରି ପାଶ୍ଚାତ୍ୟ ଉନ୍ନତିଶୀଳ ଦେଶମାନଙ୍କୁ ଯାଇ ନିଜେ ଖଟି ଯାହା ଶିଖିଥିଲେ ସେ ଜ୍ଞାନକୁ ନିଜ ରାଜ୍ୟର ଉନ୍ନତିପାଇଁ ଖଟାଇ ଥିଲେ, ବାସୁଦେବ ସୁଢ଼ଳଦେବ ସେହିପରି ନାନା ସ୍ଥାନ ଭ୍ରମଣ କରି ଯାହା ଭଲ ଦେଖୁଥିଲେ ତାହା କିପରି ତାଙ୍କ ରାଜ୍ୟର ଉନ୍ନତି କଳ୍ପେ ବ୍ୟବହୃତ ହୋଇ-ପାରିବ ତାହାହିଁ ଭାବୁଥିଲେ । ସେଥିପାଇଁ ତାଙ୍କୁ ସମସ୍ତେ ଆଦର୍ଶ ଶାସକ ବୋଲି ମନେ କରୁଥିଲେ । ଏପରିକି ପଚାଶବର୍ଷରୁ ଅଧିକ କାଳ ଆଗରୁ ସେ ଆଦର୍ଶ ଶାସକ, ବିଦ୍ୟାର ପୃଷ୍ଠପୋଷକ ଓ ମହତ୍‌ମାନବ ବୋଲି ଓଡ଼ିଶାରେ ଖ୍ୟାତିଲଭିଥିଲେ । ସେ ଯେତେବେଳେ ୧୯୦୩ ସାଲରେ ଇହଲୀଳା ସମ୍ବରଣ କଲେ, ଭକ୍ତକବି ମଧୁସୂଦନ ତାଙ୍କ ବିଷୟରେ ଯାହା ଲେଖିଥିଲେ ତାହା ତାଙ୍କ ବହୁମୁଖୀ ମହତ୍ତ୍ୱର ପରିମାପକ ବୋଲି ଧରିବାକୁ ହେବ । ଭକ୍ତ କବିଙ୍କ ଲେଖାରୁ ଗୋଟିଏ ମାତ୍ର ଶ୍ଳୋକ ଉଦ୍ଧାର କରିବା । ସେ ଲେଖିଥିଲେ

ସତେ କି ହେ ମହାରାଜ ! ଗଙ୍ଗବଂଶ-ରବି
କୋଟିନେତ୍ର-ନନ୍ଦନ-ପ୍ରତିମା
ବଧୁକୁଳ ମାନନୀୟ ମନୀଷୀ ସୁକବି
ସ୍ୱଦେଶର ଗୌରବ ଗରିମା ।
ସତେ କି ହେ ପୁଣ୍ୟଶ୍ଳୋକ ପରଲୋକ ଦେଶେ

ମହା ପ୍ରସ୍ଥାନର ମହାପଥେ
ଗଲ ଚାଲି ଏ ସଂସାର ତେଜିଣ ନିମିଷେ
ସୁକୃତ-ପୁଷ୍ପକ ପୁଣ୍ୟରଥେ ।

ଶାସକ ଓ ବିଦ୍ୟାର ପୃଷ୍ଠପୋଷକ ହିସାବରେ ରାଜା ସୁଦ୍ଧଳଦେବଙ୍କର ଖ୍ୟାତି ଏତେ ବେଶୀ ଥିଲା ଯେ ତାଙ୍କର କବିତ୍ୱ ଓ ସାହିତ୍ୟିକତ୍ୱ ଘୋଡ଼ି ହୋଇ ପଡ଼ିଥିଲା । କେବଳ ତାଙ୍କର ଘନିଷ୍ଠ ବନ୍ଧୁ ସାହିତ୍ୟିକମାନଙ୍କୁ ତାଙ୍କ ଚରିତ୍ରର ଏ ଦିଗ ଜଣା ଥିଲା । ଭକ୍ତକବି ତେଣୁ ତାଙ୍କୁ ସୁକବି ବୋଲି ବର୍ଣ୍ଣନା କରିଅଛନ୍ତି । ବାମଣ୍ଡାର ବର୍ତ୍ତମାନ ରାଜା ଭାନୁଗଙ୍ଗ ଦେବ ସ୍ୱର୍ଗୀୟ ସୁଦ୍ଧଳଦେବଙ୍କ ଜୀବନୀ ଓ ଗ୍ରନ୍ଥମାଳା ପ୍ରକାଶ କରାଇ ଅଧୁନାତନ ଓଡ଼ିଆମାନଙ୍କ ଆଗରେ ଗୋଟିଏ ଆଦର୍ଶ ଥୋଇଥିବାରୁ ଧନ୍ୟବାଦାର୍ହ ହୋଇଅଛନ୍ତି । ସୁଦ୍ଧଳଦେବଙ୍କ କାବ୍ୟମଧ୍ୟରେ ''ବୀର-ବାମା'' (ଝାନ୍‌ସୀର ରାଣୀ) ଓ ''ଚିତ୍ରୋତ୍ପଳା'' ପ୍ରଧାନ । ଝାନ୍‌ସୀରାଣୀଙ୍କର ବୀରତ୍ୱ ଓ ସ୍ୱାଧୀନତା-ସଂଗ୍ରାମ ସ୍ୱଦେଶପ୍ରେମୀ ସୁଦ୍ଧଳଦେବଙ୍କ ହୃଦୟ ସ୍ପର୍ଶ କରିଥିଲା । ତେଣୁ ସେ ''ବୀରବାମା'' କାବ୍ୟ ରଚନା କରିଥିଲେ । ସେ କାବ୍ୟର ଗୁଣ ଆଲୋଚନା କରିବାର କ୍ଷମତା ମୋର ନାହିଁ, ତେବେ ଏତିକି କୁହାଯାଇପାରେ ଯେ ଏହି ରଚନାରୁ ସୁଦ୍ଧଳଦେବଙ୍କ ସ୍ୱଦେଶପ୍ରେମର ଯଥେଷ୍ଟ ଆଭାସ ମିଳେ ।

ପ୍ରବଚନ ଅଛି ଯେ ଅବସ୍ଥା ଯେତେ ଖରାପ ହେଉ ପଛକେ, ସେଥିରେ କିଛି ନା କିଛି ଭଲଗୁଣର ଆଭାସ ଥାଏ । ପୂର୍ବେ କୁହାଯାଇଅଛି ଯେ ସୁଦ୍ଧଳଦେବଙ୍କ ସମୟରେ ଗମନାଗମନର ପଥ ସୁଗମ ନଥିଲା । ସେତେବେଳେ ବାମଣ୍ଡାରୁ କଟକ ଆସିବାକୁ ହେଲେ ସମ୍ବଲପୁର ଆସି ନୌକାଯୋଗେ ମହାନଦୀ ବାଟେ କଟକ ଆସିବାକୁ ପଡୁଥିଲା । ଏ ପଥ ସମୟସାପେକ୍ଷ ଥିଲେ ମଧ୍ୟ ବିଚିତ୍ରମୟ । ଯେଉଁମାନେ ଏ ପଥରେ ଯାଇଛନ୍ତି ସେମାନେ ଏହି ବିଚିତ୍ର୍ୟ ଉପଲବ୍ଧି କରିଥିବେ । ସୁଦ୍ଧଳଦେବ ଏ ପଥରେ ଆସିବାବେଳେ ମହାନଦୀର ପବିତ୍ର ଉପତ୍ୟକା ତାଙ୍କର କବି ହୃଦୟକୁ ସ୍ପର୍ଶ କରିଥିଲା । ଫଳରେ ସେ ଚିତ୍ରୋତ୍ପଳା କାବ୍ୟ ରଚନା କରିଥିଲେ । ସେ ମହାନଦୀ ବାଟେ କଟକ ନଆସିଥିଲେ ଚିତ୍ରୋତ୍ପଳା କାବ୍ୟ ରଚନା ସମ୍ଭବ ହୋଇଥାନ୍ତା କି ନାହିଁ ସନ୍ଦେହ । ସେ ଯଦି ମୋଟର ଯୋଗେ ଘଣ୍ଟାକୁ ୪୦ ମାଇଲ ବେଗରେ କଟକ ଆସିଥାନ୍ତେ, ସୌନ୍ଦର୍ଯ୍ୟ ଅନୁଭବ କରିବାର ଅବକାଶ ପାଆନ୍ତେ କେଉଁଠୁ । ତେଣୁ କହନ୍ତି କଳାମେଘରେ ମଧ୍ୟ ବିଜୁଳିର ସୌନ୍ଦର୍ଯ୍ୟ ଥାଏ ।

ଚିତ୍ରୋତ୍ପଳା କାବ୍ୟ ସରସ ଏବଂ ପ୍ରକୃତି ବର୍ଣ୍ଣନା ଚିତ୍ତାକର୍ଷକ । ଟିକିଏ ଶବ୍ଦ-କାଠିନ୍ୟ ଦୋଷ ନ ଥିଲେ ସାଧାରଣ ପାଠକର ଆହୁରି ମନମୋଦକ ହୋଇଥାନ୍ତା । ତାଙ୍କର ପ୍ରକୃତି-ଦର୍ଶନ-ନିପୁଣତା ଓ ଉପମାଗୌରବ ପ୍ରତି ପଦରେ ଫୁଟିଅଛି ।

ଉଦାହରଣ ଦେବାକୁ ହେଲେ ବହୁତ ଦେଇ ହେବ । ଗୋଟିଏ ଉଦାହରଣ ଦେଇ କ୍ଷାନ୍ତ ହେବା ।

ମୃତ୍ତିକା-ଚର୍ଚ୍ଚିତ କବିକ୍ବର ପ୍ରାୟେ
ଭାସୁଛନ୍ତି ଫେନାବଳୀ,
ନୃଶଂସ ଉରଗ ଉଦରେ ପୂରାଇ
ଆସୁଛନ୍ତି ଢଳି ଢଳି ।
ଆବର୍ତ୍ତ ଭ୍ରମଣ- ସଫେନ ଭାର୍ନୋର୍ମ୍ମି-
ପ୍ରବାହ ଗର୍ବରେ ମାତି,
ଉତ୍ତରଙ୍ଗ ହୋଇ ଉଲଟି ପଡୁଛି
ଉଲସି ଉଠଇ ଛାତି ।
ଈଶ୍ୱର ପ୍ରଦତ୍ତ ଅବିଶ୍ରାନ୍ତ ସୁଖ-
ସମ୍ଭୋଗେ ହୋଇ ଅବଶ,
ଲହରୀ ଦୋଳିରେ ବସି ଖେଳୁଅଛି
ସୁପ୍ରେମୀ ମାନସ-ହଂସ ।

ଏହି କେତୋଟି ପଂକ୍ତିରୁ କବିଙ୍କ ନିଜ ପ୍ରକୃତି-ପ୍ରେମିକତ୍ୱର ପ୍ରମାଣ ମିଳୁଅଛି ।

ତାଙ୍କ ପାଣ୍ଡିତ୍ୟର ନିଦର୍ଶନ ତାଙ୍କର ''ଅଳଙ୍କାର ବୋଧୋଦୟ ।'' ଏହି ରଚନାରୁ ସୁଢ଼ଳଦେବଙ୍କର ଓଡ଼ିଆ ଓ ସଂସ୍କୃତରେ ପାଣ୍ଡିତ୍ୟର ପ୍ରମାଣ ମିଳେ ।

ପ୍ରକାଶକ ମହାଶୟ ସୁଢ଼ଳଦେବଙ୍କ ଜୀବନୀ ଓ ତାଙ୍କର ଲେଖାବଳୀ ପ୍ରକାଶ କରି ଗୋଟିଏ ମହତ୍ କାର୍ଯ୍ୟ କରିଛନ୍ତି । ସୁଢ଼ଳଦେବଙ୍କ ଖ୍ୟାତି ଏକ ସମୟରେ ଅନେକଙ୍କୁ ପ୍ରେରଣା ଦେଉଥିଲା । ତାଙ୍କର ଜୀବନୀ ଓ ଲେଖାବଳୀ ପୁଣି ଉତ୍କଳୀୟଙ୍କୁ କର୍ତ୍ତବ୍ୟନିଷ୍ଠା, ଧର୍ମ୍ମପ୍ରାଣତା ଓ ପାଣ୍ଡିତ୍ୟ ପଥରେ ପ୍ରେରଣା ଦେଉ ଏହାହିଁ କାମନା ।

କଟକ ପ୍ରାଣକୃଷ୍ଣ ପରିଜା
ତା ୧୮.୪.୫୬

## (ଗ) ନରୋତ୍ତମ ସୁଢ଼ଳଦେବ

ସୁଢ଼ଳ ଗ୍ରନ୍ଥାବଳୀର ଏକ ଭୂମିକା ଲେଖିଦେବାପାଇଁ ଅନୁରୁଦ୍ଧ ହୋଇ ମୁଁ ବାମଣ୍ଡାର ବର୍ତ୍ତମାନ ରାଜା ଶ୍ରୀ ଭାନୁଗଙ୍ଗ ଦେବଙ୍କ ନିକଟରେ କୃତଜ୍ଞ ଅନୁଭବ କରୁଛି । କାରଣ ସର୍ ସୁଢ଼ଳଦେବଙ୍କ ପରି ଅଲୌକିକ ପ୍ରତିଭାବନ୍ତ ନରୋତ୍ତମଙ୍କର ଜୀବନୀ ଓ ଚରିତ୍ର ଆଲୋଚ୍ନା କଲେ କିଛି ନା କିଛି ଶିକ୍ଷା ନ ପାଇବ ଏପରି ଲୋକ ଥିବା ସଂଦେହ — ବିଶେଷତଃ ଓଡ଼ିଶାରେ । ସୁଢ଼ଳଦେବ ରାଜବଂଶରେ ଜାତ ହେବା ଦ୍ୱାରା ଓଡ଼ିଶା ଓ ଓଡ଼ିଆ ଜାତି ବିଶେଷ କ୍ଷତିଗ୍ରସ୍ତ ହୋଇଛି ବୋଲି ମୁଁ ମନେକରେ । ଚାରିଶବର୍ଷ ତଳେ ଜନ୍ମ ହୋଇଥିଲେ ତାଙ୍କ ନାମ ଖାରବେଳ, କପିଳେନ୍ଦ୍ରଙ୍କ ସହିତ ଯେ କୋଟି ମୁଖରେ

ଗର୍ବର ସହିତ ସମୋଚ୍ଚାରିତ ହେଉଥାନ୍ତା ଏଥିରେ ସନ୍ଦେହ ନାହିଁ । କାରଣ ସେ ବୁଦ୍ଧିର ପ୍ରାଖର୍ଯ୍ୟ, ବହୁମୁଖିତା ଓ ଅସରନ୍ତି କର୍ମଶକ୍ତିରେ କେବଳ ଉତ୍କଳର ନୁହେଁ ପୃଥିବୀର ଇତିହାସରେ ଖ୍ୟାତନାମା, ବୁଦ୍ଧିମାନ୍, ବିଜୟୀ, ସୁଶାସକମାନଙ୍କ ସମଧର୍ମୀ ବୋଲି ମନେହୁଅନ୍ତି । ତାଙ୍କ ଜୀବନୀ ପଢୁ ପଢୁ ମନେହୁଏ ସେ ଯେପରି ଏକାଧାରରେ ଋଷିଆର ନବଯୁଗ ବିଧାୟକ ରାଜା ପିଟର୍ ଓ ଉତ୍ତମ ଇଂରେଜରାଜା ଆଲ୍‌ଫ୍ରେଡ୍ । ଜ୍ଞାନ ଓ କର୍ମର, ସଂପଦ ଓ ସଂସ୍କୃତିର, ପ୍ରାଚୀନ ଓ ନୂତନର, ଧନ ଓ ସାରଲ୍ୟର ଏପରି ଉଚ୍ଚକୋଟିର ମିଶ୍ରଣ ସହଜରେ ଦେଖାଯାଏ ନାହିଁ । ଏପରି ଏକ ଦୂରଦ୍ରଷ୍ଟା ଶାସକ ପାଇଁ ବାମଣ୍ଡା ପରି ଏକ ଛୋଟ ରାଜ୍ୟ ଉପଯୁକ୍ତ କ୍ଷେତ୍ର ନଥିଲା । ସେ ପ୍ରତିଭାର ପ୍ରକୃତ ବିକାଶ ହୋଇଥାନ୍ତା ଗୋଟିଏ ବିରାଟ ଜାତିର ନାୟକ ଓ ଶାସକ ଭାବରେ । ସାଧାରଣ ଘରେ ଜନ୍ମ ହୋଇଥିଲେ ସର୍ ସୁଢ଼ଳଦେବଙ୍କ ଭିତରେ ଓଡ଼ିଆ ଜାତି ଏକ ବରେଣ୍ୟ ନେତା ପାଇଥାନ୍ତା । ଛୋଟ ଏକ ରାଜ୍ୟର ରାଜା ହୋଇ ଉଭୟ ସୁଢ଼ଳଦେବ ଓ ଓଡ଼ିଆ ଜାତି ଅଭିଶପ୍ତ ହୋଇଛନ୍ତି ।

କିନ୍ତୁ ବ୍ୟକ୍ତିଗତ ଭାବରେ ଏପରି ଜୀବନର ଐତିହାସିକ ମୂଲ୍ୟ କେବେହେଲେ କମିବ ନାହିଁ । ବାମଣ୍ଡା ପରି ଏକ ଅନୁନ୍ନତ ଜଙ୍ଗଲି ରାଜ୍ୟକୁ ଯେଉଁ ଲୋକ ନିଜ ଜୀବନକାଳରେ ଏକ ଆଦର୍ଶ ରାଜ୍ୟ କରି ଗଢ଼ିପାରିଲା, ଯେଉଁ ଲୋକ ଇଂରାଜି ନ ଜାଣିଥିଲେ ମଧ୍ୟ ଓଡ଼ିଶାରେ ପ୍ରଥମ ଟେଲିଫୋନ୍, ପ୍ରଥମ ମୋଟର କାର୍, ପ୍ରଥମ ପାଣିକଳ, ପ୍ରଥମ କରତକାରଖାନା, ପ୍ରଥମ ନିଶାନିବାରଣ ପ୍ରବର୍ତ୍ତନା କରିପାରିଥିଲା, ଯିଏ ଦୁର୍ଗମ ଦେବଗଡ଼କୁ ଉତ୍କଳର ବୁଧହଂସକେଳିସର କରିପାରିଥିଲା, ସେହି କ୍ଷଣଜନ୍ମା ନରପୁଂଗବ, କେବଳ ଜଣେ ରାଜୋତ୍ତମ ନୁହନ୍ତି ନରୋତ୍ତମ ଭାବରେ ମଧ୍ୟ ଜାତିର ସର୍ବଦା ନମସ୍ୟ ହୋଇ ରହିବେ । ଆଜି ଆମ୍ଭେମାନେ ଜନକଲ୍ୟାଣ ରାଷ୍ଟ୍ରର ପ୍ରଚାର ଶୁଣୁଛୁ । ପ୍ରଚାର ଖୁବ୍ ହେଉଛି, କିନ୍ତୁ ପ୍ରତ୍ୟକ୍ଷରେ ଲୋକେ ଯେଉଁ ଲାଞ୍ଚ, ମିଛ, ଆମ୍ ଓ ସ୍ୱଜନପରିତୋଷଣର ଲୀଳା ଦେଖୁଛନ୍ତି, ଯେପରି ଭାବରେ ଜାତିର ଅର୍ଥ ବ୍ୟକ୍ତିପୁଞ୍ଜର ସ୍ୱାର୍ଥରେ ନିର୍ଭୟରେ ନିଃସଂକୋଚରେ ଅପବ୍ୟୟିତ ହେବାର ଦେଖୁଛନ୍ତି ଓ ବୁଝୁଛନ୍ତି, ସେଥିରେ ଅବିଶ୍ୱାସ ଆସୁନାହିଁ । କିନ୍ତୁ ଓଡ଼ିଶା ସହିତ ମିଶ୍ରଣ ହେବା ପୂର୍ବରୁ ବାମଣ୍ଡା ଯିଏ ଦେଖିଛି, ସେ ମୁକ୍ତକଣ୍ଠରେ କହିବ ଯେ କ୍ଷଣଜନ୍ମା ସୁଢ଼ଳଦେବ ଜନମଙ୍ଗଳ ରାଷ୍ଟ୍ରର ଫଳବନ୍ତ ପରୀକ୍ଷା ପଚାଶବର୍ଷ ପୂର୍ବେ ଏଇ ଅନୁନ୍ନତ ଓଡ଼ିଶା ଦେଶରେ କରି, ତା'ର ଆଦର୍ଶ ଛାଞ୍ଚ ଛାଡ଼ିଯାଇଥିଲେ, ଯାହା ଏତେ ଶକ୍ତିସଂପନ୍ନ ଥିଲା ଯେ, ସିଂହାସନରେ ଉପବିଷ୍ଟ ବ୍ୟକ୍ତିର ପରିବର୍ତ୍ତମାନ ଚରିତ୍ରକୁ ଅପେକ୍ଷା ନ କରି ତାହା ଜନସାଧାରଣର ମଙ୍ଗଳ କରିବାରେ ଚାଲିଥିଲା । ରାଜା କହିଲେ ଜନ ଚେତନାର ଧାରଣା ହେଉଛି ଜଣେ ଧନବାନ୍, କ୍ଷମତାବାନ୍, କିନ୍ତୁ ମଦ୍ୟପାୟୀ ଚରିତ୍ରହୀନ ବ୍ୟକ୍ତି ।

ରାଜା ସୁଢ଼ଳଦେବଙ୍କର ରାଜଧାନୀର ବାରମାଇଲ ଭିତରେ କିନ୍ତୁ ମଦ ପ୍ରବେଶ କରୁନଥିଲା, ତାଙ୍କର ରାଜ୍ୟରେ ଅହିଫେନ ଓ ଗଞ୍ଜାର ବିକ୍ରୟ ମଧ୍ୟ କଠୋର ଭାବରେ ନିୟନ୍ତ୍ରିତ ଥିଲା, ପଚାଶବର୍ଷତଳେ ତାଙ୍କର ଜେଲ୍‌ଖାନାର ବନ୍ଦୀମାନଙ୍କ ଦ୍ୱାରା ଖବରକାଗଜ ଛାପା ହେଉଥିଲା । ହାୟ ସୁଢ଼ଳଦେବ, ରାଜା ହୋଇ ମଧ୍ୟ ତମେ ଅଭିଶପ୍ତ, ତମେ ଓଡ଼ିଶାରେ ଯାହା ଜନ୍ମ ହେଲ !

ସେ ଉଚ୍ଚକୋଟୀର ସୁଶାସକ ଓ ଶାସନସଂସ୍କାରକ ତ ଥିଲେ । ମୁଁ କିନ୍ତୁ ତାଙ୍କୁ ଆଜି ଏକ ଅକୁତୋଭୟ ଜାତିଗତପ୍ରାଣ ଭାରତୀୟ ପେଟ୍ରିୟଟ୍ ଭାବରେ ନମସ୍କାର କରେଁ । ଗତ ୩୦ ବର୍ଷହେବ ଭାରତରେ ପେଟ୍ରିୟଟ୍‌ର ଏକବଡ଼ ମାନଦଣ୍ଡ ହେଉଛି ଇଂରେଜକୁ ଯେତେ ଯିଏ ଗାଳି ଦେଇପାରିଲା । ଆମର ଅନେକ ନେତାଙ୍କଠାରେ ବୁଦ୍ଧି, କର୍ମ, ଚରିତ୍ରରେ ଆଉ ବିଶେଷ ବିଶିଷ୍ଟତା ଥିବା ପରି ଜଣାପଡ଼େନା । କିନ୍ତୁ ପଚାଶ ବର୍ଷ ତଳେ ଜଣେ ଦେଶୀୟ ରାଜା ଯାର ଭାଗ୍ୟ-ସୂତ୍ର ଇଂରେଜ ଶାସକର ହାତ ମୁଠାରେ ବୋଲି ସେ ନିଜେ ଜାଣେ, ଇଂରେଜକୁ ଗାଳିଦେଇ ନେତା ବନିବା ଯେତେବେଳେ କେହି କଳ୍ପନାମଧ୍ୟ କରିପାରୁନଥିଲେ, ଯେତେବେଳେ ଇଂରେଜ-ଶାସକର ପ୍ରତାପ ଏ ଦେଶରେ ନିର୍ବିରୋଧ ଓ ନିରଙ୍କୁଶ ସେତିକିବେଳେ ସେ ଶାସକ-ଇଂରେଜମାନଙ୍କର ଭାରତୀୟଙ୍କ ହସ୍ତରେ ପରାଭବ ଏପରି ସ୍ପଷ୍ଟ, ବ୍ୟଞ୍ଜନାମୟ ଭାଷାରେ ବ୍ୟକ୍ତ କରିପାରିଥିଲେ —

ଦେଖୁ ଦେଖୁ ହତ୍ୟାକାଣ୍ଡ ଆକ୍ରମିଲା ଆସି
ଅସ୍ତ୍ର ଧରି ସଜହେଲେ ଶ୍ୱେତଦ୍ୱୀପବାସୀ ।

* * * *

କିଲ୍ଲା ଚାରିପାଶେ ରହି ଗୋଳା ବରଷିଲେ
ଛାତି ଫୁଲାଇ ଶତ୍ରୁଙ୍କ ସହିତ ଯୁଝିଲେ ।
ଦୁର୍ମଦ ଝାନ୍‌ସୀ ସିପାହୀ ମାରି ଅକାତରେ
ଶୁଭ୍ର କଲେ ରଣକ୍ଷେତ୍ର ଶ୍ୱେତାଙ୍ଗ ଶବରେ ।
ନିଜ ସେନା ଅଳ୍ପୀୟସୀ ଦେଖି କମିସ୍ନର
କିଲ୍ଲା ଭିତରୁ ଯିବାକୁ ହେଲେ ତତପର ।
କିଲ୍ଲାରୁ ବାହାରି ରାତ୍ରେ ଶ୍ୱେତାଙ୍ଗ ସକଳେ
ବାଳିକା ମହିଳା ସଙ୍ଗେ ଚଳିଲେ ଚପଳେ ।
ଚଳନ୍ତେ ମାର୍ଗରେ ସର୍ବ ବିଦ୍ରୋହୀ ନୃଶଂସ
ସତ୍ୱରେ ମାଇଲେ ଘେରି ହୋଇ କ୍ରୋଧବଶ ।
ଦୁଗ୍ଧକଣ୍ଠ ଶିଶୁ, ନାରୀ କିଛି ନରଖିଲେ
ହୃଦୟ ବିଦୀର୍ଣ୍ଣ ହତ୍ୟାକାଣ୍ଡ ବିରଚିଲେ ।

''ଜୟ ମା ଜୟମା ଲକ୍ଷ୍ମୀବାୟୀ ଜୟ ଜୟ''
ବୋଲି ବୋଲି ରାଣୀଠାରୁ ଗଲେ ସୈନ୍ୟଚୟ ।(ବୀ.ବା. ୮୪-୯୨ ପଂକ୍ତି)

କେବଳ ସେତିକି ନୁହେଁ ଏଇ ଦେଶୀୟରାଜା ବୀର-ଲଳନା, ଲକ୍ଷ୍ମୀ ବାଈଙ୍କର ଏକ ଅଶ୍ଵାରୋହୀ ପ୍ରତିମା ଗଠନ କରି ନିଜ ଉଦ୍ୟାନର ଅଳଙ୍କାରରୂପେ ସ୍ଥାପିତ କରିଥିଲେ, ଯେଉଁ ଉଦ୍ୟାନରେ କି ଇଂରେଜ ରାଜପୁରୁଷମାନଙ୍କୁ ବିହାର ପାଇଁ ନିମନ୍ତ୍ରଣ କରାଯାଉଥିଲା । ଧନ୍ୟ ତମର କ୍ଷତ୍ରିୟୋଚିତ ଅକୁତୋଭୟତା ସୁଢ଼ଳଦେବ; ଭାରତ ମାତାର ଜଣେ ଯୋଗ୍ୟ ମାତୃପ୍ରାଣ ପୁତ୍ରରୂପେ ତୁମକୁ ମୁଁ ନମସ୍କାର କରେଁ ।

ସୁଢ଼ଳଦେବଙ୍କ ଶିକ୍ଷା ଓ ସଂଗଠନ ହିନ୍ଦୁ ଓ ପ୍ରାଚୀନ ଭାରତୀୟ ରୀତିରେହିଁ ହୋଇଥିଲା । ସେ ଇଂରେଜୀ ଜାଣିନଥିଲେ । ଅଥଚ ପ୍ରାଚୀନ ଭାରତୀୟ ଆଦର୍ଶରେ ଅନୁପ୍ରାଣିତ ହୋଇହିଁ ସେ ପ୍ରଜା-ପାଳକ, ଉତ୍ତମ ଶାସକ ହୋଇପାରିଥିଲେ, ରାଜ୍ୟର ସକଳ ପ୍ରକାର ଉନ୍ନତି କରିପାରିଥିଲେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଇଂରାଜୀର ବିନା ସାହାଯ୍ୟରେ ସ୍ଵାଧୀନତାପ୍ରାପ୍ତ ଭାରତବର୍ଷ ତା'ର ସକଳ ବ୍ୟବସ୍ଥା ତା'ର ନିଜ ଦେଶୀୟ ଭାଷାମାନଙ୍କ ସାହାଯ୍ୟରେ କରିପାରେ ।

ପରିଶେଷରେ ଓଡ଼ିଆ ଜାତି ଯେ ସାହିତ୍ୟିକ ସୁଢ଼ଳଦେବଙ୍କ ନିକଟରେ ଚିରଋଣୀ ରହିବ ଏକଥା ଦର୍ଶାଇଦେଇ ଏ ପ୍ରବନ୍ଧ ଶେଷ କରେ । ବୀରବାମା ଓ ଚିତ୍ରୋତ୍ପଳାର କବି ହିସାବରେ ଓଡ଼ିଆ ସାହିତ୍ୟର ଇତିହାସରେ ସୁଢ଼ଳଦେବଙ୍କ ସ୍ଥାନ ସୁନିଶ୍ଚିତ । କିନ୍ତୁ ବିଦ୍ୟାରତ୍ନଙ୍କ ସଂପାଦକତ୍ଵରେ ଯେଉଁ ସମ୍ବଲପୁର ହିତୈଷିଣୀ ଓଡ଼ିଆ ସାହିତ୍ୟରେ ନବ ଯୁଗର ଆବାହକ ହୋଇଥିଲା, ତା'ର ପ୍ରତିଷ୍ଠାତା ଓ ପୃଷ୍ଠପୋଷକ ଭାବରେ ରାଧାନାଥ, ଫକୀରମୋହନ, ମଧୁସୂଦନ ପ୍ରଭୃତି ଉତ୍କଳର ଶ୍ରେଷ୍ଠ କବିମାନଙ୍କର ମାନାଦରକାରୀ ପ୍ରତିଭାପୂଜକ ବିନୟୀ ରାଜପୁରୁଷଭାବରେ ସର୍ ସୁଢ଼ଳଦେବଙ୍କ ସ୍ମୃତି ଓଡ଼ିଆ ସାହିତ୍ୟରେ ଚିର ସମ୍ମାନିତ ହୋଇ ରହିବ ।

ଶେଷରେ ସେହି ପଣ୍ଡିତ, ସାହିତ୍ୟିକ, ବୈଜ୍ଞାନିକ, ଦୂରଦ୍ରଷ୍ଟା ଶାସକ ଓ ସଂସ୍କାରକ, ଅକୁତୋଭୟ ଦେଶପ୍ରେମୀ, ଗୁଣୀଜନାଗ୍ରହୀ, ଆଫଳୋଦୟକର୍ମା ରାଜଶ୍ରେଷ୍ଠ ଓ ପୁରୁଷଶ୍ରେଷ୍ଠ ସର୍ ସୁଢ଼ଳଦେବଙ୍କ କୀର୍ତ୍ତି ପ୍ରତି ମୋ ଦେଶବାସୀଙ୍କର ଦୃଷ୍ଟି ଆକର୍ଷଣ କରିବାର ସୁଯୋଗ ପାଇ, ମୁଁ ବାମଣ୍ଡା ଦରବାରପ୍ରତି ଧନ୍ୟବାଦ ଜଣାଉଛି ।

ସମ୍ବଲପୁର ଇତି
୨୧.୨.୫୯ ମାୟାଧର ମାନସିଂହ

## (ଘ) ଆଭାସ

ଯୋଗଜନ୍ମା ବାମଣ୍ଡାଧୀଶ୍ଵର ସ୍ଵର୍ଗୀୟ ସାର୍ ବାସୁଦେବ ସୁଢ଼ଳଦେବଙ୍କର

ଦୈବତ-ସୁଲଭ ନାତିବିସ୍ତର ଜୀବନବୃତ୍ତାନ୍ତ ସହିତ ତାଙ୍କ କାବ୍ୟ, କବିତା ଓ ଅଳଙ୍କାରଶାସ୍ତ୍ର-ପାରଦର୍ଶିତା-ବିଦ୍ୟୋତକ ଅଳଙ୍କାର ବୋଧୋଦୟ ପ୍ରଭୃତି ଗୋଟିଏ ଗ୍ରନ୍ଥରେ ସଙ୍କଳନ କରାଇ ବର୍ତ୍ତମାନର ବାମଣ୍ଡା ରାଜା ସାହେବ ଶ୍ରୀ ଶ୍ରୀ ଭାନୁଗଙ୍ଗ ତ୍ରିଭୁବନ ଦେବ ଉତ୍କଳର ଯେଉଁ ଚିରାନୁଭୂତ ଅଭାବ ପରିପୂରଣ କରିଅଛନ୍ତି, ବାସ୍ତବିକ ତାହା ପ୍ରଶଂସାର୍ହ ଏବଂ ବଚନାତୀତ । ବାମଣ୍ଡା ରାଜବଂଶ ସଙ୍ଗେ ମୋର ପିତା, ପିତାମହ ଓ ପ୍ରପିତାମହଙ୍କର ସମ୍ବନ୍ଧ ସାର୍ ବାସୁଦେବଙ୍କ ସମୟରୁ ଆରମ୍ଭ କରି ଦିବ୍ୟଶଙ୍କର ଦେବ, ବଳଭଦ୍ର ବଡ଼କୁମାର ଓ ଜଳନ୍ଧର ଦେବଙ୍କ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଲାଗି ରହିଥିଲା ଏବଂ ସେହି ସମ୍ବନ୍ଧ ହିଁ ଅଦ୍ୟାବଧି ଆମ୍ଭମାନଙ୍କ ପର୍ଯ୍ୟନ୍ତ ରହି ଆସିଛି । ସେହି ବଂଶୀୟ ଠାକୁର ଶ୍ରୀ ବୀରେନ୍ଦ୍ରନାଥ ସିଂହ ସାର୍ ବାସୁଦେବଙ୍କ ବହୁତୋମୁଖୀ କର୍ମମୟ ଜୀବନର ଉତ୍କର୍ଷ ଓ ମହନୀୟତାର ଚିତ୍ରଣ କରିଅଛନ୍ତି ବଡ଼ ସଂକ୍ଷିପ୍ତ ଅଥଚ ଚିତ୍ତାକର୍ଷକ ଭାବରେ । ବାସୁଦେବ ଥିଲେ ଏକାଧାରରେ ଜ୍ଞାନୀ, ସୌଜନ୍ୟକାନ୍ତ, ବୁଦ୍ଧିମାନ୍, ବିବେକୀ, ଗୁଣଗ୍ରାହୀ, ଆଦର୍ଶ ଶାସକ, ପ୍ରଜାବତ୍ସଳ, ପ୍ରବୀଣ ସାହିତ୍ୟିକ, ଆଳଙ୍କାରିକ, ଦାର୍ଶନିକ ଓ ନୈସର୍ଗିକ ପ୍ରତିଭାସମ୍ପନ୍ନ କବି । ବୀରେନ୍ଦ୍ରନାଥ ତାଙ୍କ ଗୁଣାବଳୀ ଓ କର୍ମନିଷ୍ଠ ଜୀବନର ଦିବ୍ୟ ବିକାଶର ବିଭିନ୍ନ ବିଭାଗଗୁଡ଼ିକ ପର୍ଯ୍ୟାୟକ୍ରମେ ଆଲୋଚନା କରିଅଛନ୍ତି । ବାସୁଦେବଙ୍କ ନିରହଂକାର ନିରାଡ଼ମ୍ବର ଜୀବନପଦ୍ଧତି କେବଳ ଅନ୍ୟାନ୍ୟ ରାଜନ୍ୟମଣ୍ଡଳୀରେ ନୁହେଁ, ସମଗ୍ର ଭାରତର ପଣ୍ଡିତମଣ୍ଡଳୀରେ ଯେଉଁ ଅପ୍ରତିହତ ଅପ୍ରତିଦ୍ୱନ୍ଦ୍ୱୀ ପ୍ରତିଷ୍ଠା ଲାଭକରିଛି ବାସ୍ତବିକ ତାହାର ପଟାନ୍ତର ନାହିଁ । ଶାସକ ଭାବରେ ଦୁଃଖୀ, ରଙ୍କୀ ପ୍ରଜାପୁଞ୍ଜର ଅଭାବ ଦୂର କରିବା ସଙ୍ଗେ ସଙ୍ଗେ ରାଜ୍ୟର ପ୍ରଗତିଶୀଳ ଜୀବନ ପରମ୍ପରାର ଯେଉଁ ଯେଉଁ ଦିଗରେ ଯେଉଁ ଯେଉଁ ପ୍ରକ୍ରିୟା ବଳରେ ସର୍ବାଙ୍ଗୀନ ଉନ୍ନତି ସଂସାଧିତ ହେବା ସମୀଚୀନ ରାଜା ବାସୁଦେବ ସତେ ଯେପରି ଈଶ୍ୱରାଭିପ୍ରେତ ହୋଇ ସେଇ ସେଇ ଦିଗରେ ସ୍ୱକୀୟ ଜୀବନକୁ ନିୟୋଜିତ କରିବାଲାଗି କ୍ଷଣଜନ୍ମା ରୂପେ ଜନ୍ମଲାଭ କରିଥିଲେ ଏବଂ ନଶ୍ୱର ଦେହ ଧାରଣ କରି କର୍ମଜୀବନର ମହତ୍ତ୍ୱ ପଦେ ପଦେ ପରିପାଳନ କରିବା ଦିଗରେ ଯେଉଁ ଅଲୌକିକ କୀର୍ତ୍ତି ଅର୍ଜନ କରିଯାଇ ଅଛନ୍ତି ତାହା ତାଙ୍କୁ ଅବିନଶ୍ୱର ରଖିବ ଯୁଗ ଯୁଗ ଧରି ।

ଚଳଚ୍ଚିତ୍ତଂ ଚଳଦ୍‌ବିତ୍ତଂ ଚଳଜ୍ଜୀବନଯୌବନଂ
ଚଳାଚଳମିଦଂ ସର୍ବଂ କୀର୍ତ୍ତି ଯସ୍ୟ ସ ଜୀବତି ।

ଏହି ନିରାଟ ସତ୍ୟର ଉଜ୍ଜ୍ୱଳ ପ୍ରତୀକ ହିଁ ବାମଣ୍ଡାମଣ୍ଡନ ରାଜା ବାସୁଦେବ । ସାଧନାରେ ଆପ୍ରାଣ ପ୍ରଚେଷ୍ଟା, କର୍ତ୍ତବ୍ୟରେ କଠୋର ଅଟଳତା, ଗୁଣଗ୍ରାହକତାରେ ସ୍ୱାଭାବିକ ଅଭିବ୍ୟକ୍ତି ଏବଂ ସର୍ବୋପରି ଗଭୀର ଜ୍ଞାନଗରିମା ଓ ଅନନ୍ୟସାଧାରଣ

ପାଣ୍ଡିତ୍ୟ ସଙ୍ଗେ ନୈତିକ ଜୀବନର ଜ୍ୱଳନ୍ତ ଚରିତ୍ରବତ୍ତା ରାଜା ବାସୁଦେବଙ୍କୁ ସ୍ୱର୍ଗାଦପି ମହୋଚ୍ଚସ୍ତରରେ ରଖିପାରିଛି, କହିବା ବାହୁଲ୍ୟମାତ୍ର । ବୀରେନ୍ଦ୍ରନାଥ ଏହି ବୈଶିଷ୍ଟ୍ୟର ଯଥୋଚିତ ପ୍ରତିପାଦନରେ କୃତକାର୍ଯ୍ୟ ହୋଇଅଛନ୍ତି ଏହାହିଁ ସର୍ବାଧିକ ଆନନ୍ଦର ବିଷୟ ।

ରାଜା ବାସୁଦେବଙ୍କର ପାରିବାରିକ ଜୀବନର ସମ୍ୟକ୍ ପରିଚୟ ଦେଇସାରି ତାଙ୍କ ମହଦୁଦ୍ୟମପ୍ରସୂତ ବିବିଧ ଉନ୍ନତିସାଧନର ବିଭିନ୍ନ ଫର୍ଦ୍ଦଗୁଡ଼ିକ ଲେଖକ ସଂକ୍ଷିପ୍ତଭାବରେ ଦେଖାଇଅଛନ୍ତି । ଏଇଦୃଷ୍ଟିରୁ ରାଜ୍ୟରେ ଉନ୍ନତ ଶିକ୍ଷାର ସଂପ୍ରସାରଣ, ଶାସନଶୃଙ୍ଖଳାର ଉଚ୍ଚତର ବ୍ୟବସ୍ଥା, ମାନମନ୍ଦିର ଓ ବିଜ୍ଞାନଗାର ନିର୍ମାଣ, ମୁଦ୍ରାଯନ୍ତ୍ର ପ୍ରତିଷ୍ଠା, ରାଜ୍ୟର ଅନ୍ୟାନ୍ୟ ଆଭ୍ୟନ୍ତରୀଣ ଉନ୍ନତିର ଦ୍ୱାରୋନ୍ମୋଚନ, ଜଳସେଚନ-ବ୍ୟବସ୍ଥା, ରାଜୋଦ୍ୟାନ, ମାଦକଦ୍ରବ୍ୟର ନିରାକରଣ, ସେବା, ବ୍ୟବସାୟବାଣିଜ୍ୟ, ସ-ମିଲ୍ ସ୍ଥାପନ, ବିଭିନ୍ନ ଦିଗରେ ବୃହତ୍ତର ଉତ୍କଳ ଓ ପଡ଼ୋଶୀ ପ୍ରଦେଶମାନଙ୍କ ସଙ୍ଗେ ଘନିଷ୍ଠତର ସଂଯୋଗ, ପଣ୍ଡିତସଭା ସଂଗଠନ ଏବଂ ଦସ୍ୟୁଦମନ ପ୍ରଭୃତି ଅସଂଖ୍ୟ ମହନୀୟ କର୍ମର ସୁଦକ୍ଷ ପ୍ରଚୋଦକ ଓ ପ୍ରବର୍ତ୍ତକ ଭାବରେ ରାଜା ବାସୁଦେବ ଲକ୍ଷ୍ୟ ଲାଭଲାଗି ଯେପରି ଅପ୍ରତିହତ ବଳରେ ଅଗ୍ରସର ହୋଇଥିଲେ, ସେଗୁଡ଼ିକର ଆବଶ୍ୟକତା ଓ ଉତ୍କର୍ଷ ରୂପାୟିତ ହୋଇଛି ରାଜାଙ୍କ ଜୀବନ-ବୃତ୍ତାନ୍ତରେ । ଏତଦ୍‌ଭିନ୍ନ ସୁଡ଼ଳଦେବଙ୍କ ସମ୍ବନ୍ଧରେ କବିବର ରାଧାନାଥ, ବିଜ୍ଞାନାଚାର୍ଯ୍ୟ ଯୋଗେଶଚନ୍ଦ୍ର ବିଦ୍ୟାନିଧି, ସାହିତ୍ୟିକ ବିଶ୍ୱନାଥ, ଭକ୍ତକବି ମଧୁସୂଦନ ପ୍ରଭୃତିଙ୍କର ମନ୍ତବ୍ୟଗୁଡ଼ିକ ପ୍ରକାଶ କରିବା ଫଳରେ ଜୀବନବୃତ୍ତାନ୍ତର ମହତ୍ତ୍ୱ ବହୁଗୁଣିତ ହୋଇଅଛି ।

ଗ୍ରନ୍ଥାବଳୀର ପ୍ରକାଶକ ଶ୍ରୀଯୁକ୍ତ ରବୀନ୍ଦ୍ରନାଥ ଦେବ ବାସୁଦେବଙ୍କର ଅନ୍ୟାନ୍ୟ ରଚନାବଳୀ ସଂଗ୍ରହ କରିବାକୁ ବହୁ ଉଦ୍ୟମ କରିଥିଲେ ସୁଦ୍ଧା ସମ୍ପୂର୍ଣ୍ଣ କୃତକାର୍ଯ୍ୟ ହୋଇପାରି ନାହାନ୍ତି । ଆଉ କେତେଗୁଡ଼ିଏ ରଚନା ସେ ସଂଗ୍ରହ କରିବାଲାଗି ତଥାପି ଉଦ୍ୟମବିରତ ହୋଇନାହାନ୍ତି । ଅନେକ ରଚନା ନ ମିଳିବାର ଅନେକ କାରଣ ଥାଇପାରେ । ମାତ୍ର ତନ୍ମଧ୍ୟରୁ ଗୋଟିଏ ହେଉଛି, ମନସ୍ୱୀ ଉଦାରଚେତା ବାସୁଦେବ ଧାରାବାହିକ ଭାବରେ ନିଜେ ନିଜ ରଚନାଗୁଡ଼ିକ ସାଇତି ରଖି ବା ରଖାଇ ସେଗୁଡ଼ିକର ମୁଦ୍ରଣ ଫଳରେ ନାମ ଅର୍ଜନ କରିବାକୁ ଏକାନ୍ତ ପଶ୍ଚାତ୍‌ପଦ । ତାଙ୍କର ଗୋଟାଏ ବଦ୍ଧମୂଳ ଧାରଣା ଥିଲା ଯେ, ଦୁନିଆରେ ମହା ମହା କବି, ଦାର୍ଶନିକ ଓ ତତ୍ତ୍ୱଜ୍ଞ ମଣ୍ଡଳୀ ବିଶ୍ୱଜୀବନ ବିକାଶ ଦୃଷ୍ଟିରୁ ଦୁର୍ମୂଲ୍ୟ ସାମଗ୍ରୀ ପରିବେଷଣ କରି ଯାଇଥିବା ବେଳେ ବା କରୁଥିବା ଅବସ୍ଥାରେ ତାଙ୍କ ସ୍ଥାନ ସେମାନଙ୍କ ନିକଟରେ ନଗଣ୍ୟ ଓ ଅତୀବ ତୁଚ୍ଛ; ତେଣୁ ଏକାନ୍ତ ଅତଥ୍ୟ ନହେଲେ ସୁଦ୍ଧା ତାଙ୍କ କୃତିର ବିଶେଷତ୍ୱ ଦେଖାଇବସିବା ଧୃଷ୍ଟତାର ପରିଚୟ ଦାନ କରିବ ମାତ୍ର । ଏହିପରି ନାନା କାରଣରୁ ଗ୍ରନ୍ଥମୁଦ୍ରଣ କରାଇ ଡିଣ୍ଡିମ ପିଟି ନାମ ପ୍ରସାର କରିବାରେ ତାଙ୍କର ତିଳେ ମାତ୍ର ଇଚ୍ଛା ନଥିଲା, ବରଂ ପ୍ରତିବର୍ଷ ଭାରତର

ବିଭିନ୍ନ ଅଞ୍ଚଳରୁ କବି, ପଣ୍ଡିତ, ସାଂଖ୍ୟ, ନ୍ୟାୟ, ମୀମାଂସା ପ୍ରଭୃତି ବିଭିନ୍ନ ଶ୍ରେଣୀର ଦାର୍ଶନିକମାନଙ୍କୁ ଏକତ୍ରିତ କରାଇ ନାନାବିଧ ଶାସ୍ତ୍ରାଲୋଚନା, ଜଟିଳ ସମସ୍ୟାପୂରଣ, ଧର୍ମନୀତିଚର୍ଚ୍ଚା କରିବାରେ ତାଙ୍କର ଆନନ୍ଦ-ସିନ୍ଧୁ ଉଦ୍‌ବେଳିତ ହୋଇ ପଡୁଥିଲା ଅସମ୍ଭାଳ ହୋଇ । ପ୍ରାୟ ପ୍ରତିଦିନ ଉତ୍କଳର ବିଭିନ୍ନାଞ୍ଚଳର ପଣ୍ଡିତମାନଙ୍କୁ ଧରି ଏପରି ସମୟ ଅତିବାହିତ କରି ଜୀବନର ଦୁର୍ବାର ପିପାସା କଥଞ୍ଚିତ୍ ମେଣ୍ଟାଇ ନେଉଥିଲେ ସେ । ପଣ୍ଡିତଶିରୋମଣି ବକୁଳ କବି ଭୁବନେଶ୍ୱର ମିଶ୍ର (ଆନନ୍ଦ ଦାମୋଦର ଚମ୍ପୂ, ଚିତ୍ରୋତ୍ପଳା ଚମ୍ପୂ ପ୍ରଭୃତିର ପ୍ରଣେତା) ତାଙ୍କର ସଂସ୍କୃତ ଶିକ୍ଷାର ସର୍ବ ପ୍ରଧାନ ଗୁରୁରୂପେ ସର୍ବାଧିକ ଆରାଧ୍ୟ ଥିଲେ । ପଣ୍ଡିତ ମଧୁସୂଦନ ତର୍କବାଚସ୍ପତି ପଣ୍ଡିତ ସଭାର ଆୟୋଜକ ଥିଲାବେଳେ ଏବଂ ଭୁବନେଶ୍ୱର (ବଡ଼ପଣ୍ଡା) ଶ୍ରେଷ୍ଠ ଶିକ୍ଷାଗୁରୁ ହୋଇ ଶାସ୍ତ୍ରାଲୋଚନାରେ ଭାଗ ନେଉଥିଲା ବେଳେ ଜଟିଳତମ ସମସ୍ୟାର ସମାଧାନ ହୋଇଯାଉଥିଲା ଅତି ସହଜରେ । କାଶୀର ଶ୍ରେଷ୍ଠ ପଣ୍ଡିତ ଭାରତ ମାର୍ତ୍ତଣ୍ଡ ଶିବକୁମାର ଶାସ୍ତ୍ରୀ, ରାଜା ବାସୁଦେବ ଓ ତାଙ୍କ ଗୁରୁଙ୍କର ଶାସ୍ତ୍ରାଲୋଚନାର ସାକ୍ଷାତ ପରିଚୟ ପାଇ ବିସ୍ମିତ ହୋଇ ଥରେ କହିଥିଲେ,–

ବାସୁଦେବ ନୃପତିଃ ପ୍ରବିଭାତି/ଯତ୍ର ସାଂମୃତମହୀ ମରଭୂମୌ
ସାପି ଚାଦ୍ୟ ଭୁବନେଶ୍ୱର ଯୋଗା-/ଚ୍ଛୋଭିତେବ କମଳା ସହ ବାଚା ।

ସାଧକ ବାସୁଦେବଙ୍କର କର୍ମମୟ ଜୀବନରେ ଆତ୍ମପ୍ରତିଷ୍ଠା ଲାଭର ବାସନା ଲାଗି ଅବକାଶ ବା କାହିଁ ?

ବନ୍ଧୁ ରବୀନ୍ଦ୍ରନାଥ ବାସୁଦେବଙ୍କ ରଚନାବଳୀ ମଧ୍ୟରୁ କେବଳ 'ବୀରବାମା' 'ଚିତ୍ରୋତ୍ପଳା', 'ଜହ୍ନମାମୁଁ', 'ଅଳଙ୍କାର ବୋଧୋଦୟ', ଓ ହିନ୍ଦି ରଚିତ 'ଧର୍ମଶିକ୍ଷା' ଏଇ କେତୋଟିମାତ୍ର ସଂକଳନ କରିଅଛନ୍ତି । 'ଚିତ୍ରୋତ୍ପଳା' ବାସୁଦେବଙ୍କର ଏକ ବିଶିଷ୍ଟ ଉପାଦେୟ ରଚନା । ସମସାମୟିକ ରାଧାନାଥଙ୍କର ରଚନାଶୈଳୀ ଓ ଯୋଜନାଗତ ପ୍ରଭାବ ଏଥିରେ ଅନେକାଂଶରେ ପଡ଼ିଥିଲେହେଁ କବିଙ୍କ କଳ୍ପନାବଳୀର କମନୀୟତା ଓ ନୈସର୍ଗିକ ରଚନାପାଟବ ଏଥିରେ ସ୍ପଷ୍ଟ ହୋଇଛି । 'କଳୌ ଚିତ୍ରୋତ୍ପଳା ଗଙ୍ଗା' ଏହି ଉକ୍ତିର ଯାଥାର୍ଥ୍ୟ ପ୍ରତିପାଦିତ ହୋଇଛି କବିଙ୍କ 'ଚିତ୍ରୋତ୍ପଳା' ବର୍ଣ୍ଣନାରେ । ବର୍ଣ୍ଣନାର ଚମତ୍କାରିତା ସ୍ତରେ ସ୍ତରେ ବିଦ୍ୟମାନ ଏବଂ ଉତ୍କଳସାହିତ୍ୟ ଆଧୁନିକ ଯୁଗରେ ପଦାର୍ପଣ କରୁଥିବା ବେଳେ ଗଭୀର ସାହିତ୍ୟ-ପ୍ରେମୀ ତଥା ପ୍ରଗତିଶୀଳ ସାହିତ୍ୟ ଧାରାର ଚରମ ପୃଷ୍ଠପୋଷକ ବାସୁଦେବ ରାଧାନାଥ, ମଧୁସୂଦନ ପ୍ରଭୃତିଙ୍କୁ ଏ ଦିଗରେ ଅଧିକ ଅଗ୍ରସର ହେବାଲାଗି ଯେପରି ଭାବରେ ଉତ୍ସାହ ପ୍ରଦାନ କରିଥିଲେ, ତାହାର ସ୍ମୃତି ଉତ୍କଳର ଜାତୀୟଜୀବନର ଇତିହାସ ପୃଷ୍ଠାରୁ କଦାପି ଲିଭିଯାଇ ନପାରେ । ଯଥାଶକ୍ତି ନିଜେ ଯୁଗୋଚିତ ପଦ୍ଧତି ଅନୁସରଣ କରିବା ସଙ୍ଗେ ସଙ୍ଗେ ତାଙ୍କର ଅଦମ୍ୟ

ପ୍ରଚୋଦନା ଜାତୀୟ ଜୀବନ ତଥା ଜାତୀୟ ସାହିତ୍ୟକୁ କିପରି ଅଗ୍ରଗାମୀ କରାଇଥିଲା, ତାହାର ଜ୍ୱଳନ୍ତ ପ୍ରମାଣ ଦିଏ ଏହି ଚିତ୍ରୋତ୍ପଳା । ସ୍ଥଳ ବିଶେଷରେ ଏହି ଅନ୍ୟତମ ଯୁଗ-ସ୍ରଷ୍ଟା କବିଙ୍କ ଲେଖନୀ କମନୀୟ ଭାବ ଭାଷା ଭଙ୍ଗୀରେ ତାଙ୍କ ଭାବୁକ ହୃଦୟର ଉତ୍କର୍ଷ ଦେଖାଇ ଦେଇଛି ତାଙ୍କ କଳାବିଳାସ ନୈପୁଣ୍ୟର ପରିମାପକ ଭାବରେ । ଯଥା,—

ଉଷାକାଳେ ସ୍ନାନ-ଶୀଳା ନାରୀବୃନ୍ଦେ ତୀର ହୋଇଥାଏ ଘନ
ଅମଳ ତରଙ୍ଗେ ଦଳି ହେଉଥାଏ ରମଣୀ-ଲାବଣ୍ୟ-ବନ ।
ମୁଗ୍ଧା ମଧ୍ୟା ବୃଦ୍ଧା ପ୍ରଭୃତି ଲଳନା ଶ୍ରେଣୀ ଶ୍ରେଣୀ ମାଳ ମାଳ,
ଘଟାଙ୍କିତ ଶିର-କଟି-ହସ୍ତ ହୋଇ ଯାଉଛନ୍ତି ବାମାଜାଳ ।

*        *        *        *

ଜଳେ ଅପଘନ ମଜ୍ଜାଇ ରହନ୍ତି ଦିଶୁଥାଇ ମାତ୍ର ମୁଖ,
ତା ଦେଖି ମଧୁପ ପଙ୍କଜ ଲୋଭରେ ବେଢ଼ନ୍ତି ନୋହି ବିମୁଖ ।
କେଶକୁ ଶୈବାଳ ମନେ କରି ମୀନାବଳୀ ଧାଆନ୍ତି ସତ୍ୱରେ,
ବରଟା ସହିତ ମରାଳ ଆସଇ ବାହୁମୃଣାଳ ଧ୍ୟାନରେ ।
ତଟବାଟିକାରୁ ଉପହାର ପୁଷ୍ପ ତରଙ୍ଗ କରରେ ଧରି,
ତୁରୁମୁ ସମୀପେ ଅଙ୍ଗନଦୀ ଆସି ଭେଟିଲା ସେବିକା ପରି ।
ପୁର ଅନ୍ତେ ସ୍ୱଚ୍ଛନୀରା ତେଲନଦୀ ସପତ୍ନୀ ଭାବରେ ମିଶେ,
ରୋଷଭରେ ଦେହ ଫୁଲାଇ ରହିଛି, ନଚଳିଲା ପରି ଦିଶେ ।

*        *        *        *

ଉଦାର ହୃଦୟା ଚିତ୍ରୋତ୍ପଳା ନିଜ ସପତ୍ନୀମାନଙ୍କୁ ଧରି,
ସ୍ୱପତି ଜଳଧି— ପାଶକୁ ଯାଉଛି ଦ୍ୱେଷଭାବ ପରିହରି ।
ମହତ ଲୋକର ଏହିପରି ସିନା ମହତ ଅଟେ ବେଭାର,
କ୍ଷୁଦ୍ର ହୋଇ କିଛି କ୍ଷମତା ପାଇଲେ ହିଂସା ବହେ ଭାର ଭାର ।

'ଅଳଙ୍କାର ବୋଧୋଦୟ' ରଚନାର ମୂଳ ଲକ୍ଷ୍ୟ, ଆଧୁନିକ ଯୁଗରେ ବ୍ୟାକରଣ ସମର୍ଥିତ ଭାଷାର ବ୍ୟବହାର ଓ ଅଳଙ୍କାର ପ୍ରୟୋଗ ଲାଗି ଯଥାର୍ଥ ଉତ୍ସାହଦାନ । ସାହିତ୍ୟଦର୍ପଣ, କାବ୍ୟପ୍ରକାଶ, ସରସ୍ୱତୀ-କଣ୍ଠାଭରଣ ପ୍ରଭୃତି ଉପାଦେୟ ଅଳଙ୍କାର ଶାସ୍ତ୍ରଗୁଡ଼ିକର ସମାନ୍ତରାଳ ଭାବରେ ଓଡ଼ିଆ ସାହିତ୍ୟର ଦିଗ୍‌ଦର୍ଶନ କରାଇବା ଲାଗି ବାସୁଦେବ ଓଡ଼ିଆ ଭାଷାରେ ଅଳଙ୍କାରଶାସ୍ତ୍ରର ଅଭାବ ଦେଖି ଏବଂ ତାହାର ଆବଶ୍ୟକତା ପଦେ ପଦେ ଉପଲବ୍‌ଧି କରି ଲେଖକମାନଙ୍କୁ ସରସ ଭାଷା, ଯଥାର୍ଥ ଗୁଣରୀତି, ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରାଦିର ବ୍ୟବହାର କରିବା ନିମିତ୍ତ ଅଳଙ୍କାର ବୋଧୋଦୟ ପ୍ରଣୟନ କରି ଅଛନ୍ତି । ଏହାର ପ୍ରଥମ ପରିଚ୍ଛେଦଟି କାବ୍ୟସ୍ୱରୂପ

ନିରୂପଣ ଦିଗରେ ପ୍ରକୃଷ୍ଟ ସହାୟକ । ୨ୟରେ ବାକ୍ୟସ୍ୱରୂପ ନିରୂପଣ, ୩ୟ ରେ ରସ-ନିର୍ଣ୍ଣୟ ଏବଂ ୪ର୍ଥ ରେ ଦୋଷନିରୂପଣର ପ୍ରଣାଳୀ ପ୍ରଦତ୍ତ ହୋଇଛି । ଦୁଃଶ୍ରବତା, ଅନୁଚିତାର୍ଥ, ଗ୍ରାମ୍ୟତା, ଅପ୍ରତୀତତ୍ୱ, କ୍ଲିଷ୍ଟତ୍ୱ, ଅପ୍ରଯୁକ୍ତତା, ଅବାଚକତା, ସଂକୀର୍ଣ୍ଣତ୍ୱ, ପତତ୍‌ପ୍ରକର୍ଷତା ପ୍ରଭୃତି ଶବ୍ଦ ଦୋଷରେ ବଳିଷ୍ଠ ଉଦାହରଣ ଦେଇସାରି ବିଚାର କରି ଅଛନ୍ତି ଅର୍ଥ ଦୋଷଗୁଡ଼ିକ । ଏଥିରେ ଅପୁଷ୍ଟତା, ଖ୍ୟାତିବିରୁଦ୍ଧତା, ଦୁଷ୍କ୍ରମତା, ବ୍ୟାହତତା, ଅନବିକୃତତା, ନିର୍ହେତୁତା, ପ୍ରକାଶିତ-ବିରୁଦ୍ଧତା, ସନ୍ଦିଗ୍ଧତା, ଅଶ୍ଳୀଳତା ପ୍ରଭୃତିର ଦୃଷ୍ଟାନ୍ତ ଦେଇ ରସ ଦୋଷାଦିର ବିଚାର କରି ଅଛନ୍ତି ।

ଶବ୍ଦ ଓ ଅର୍ଥ ଉଭୟ ଅଳଙ୍କାରକ୍ରମ ଜ୍ଞାନ ଲାଗି ଯେଉଁ ଉଦାହରଣଗୁଡ଼ିକ ପ୍ରଦତ୍ତ ହୋଇଛି ତାହା ଏତେ ସହଜ ଓ ସୁବୋଧ ଯେ, ଅକବି ଅସାହିତ୍ୟିକ ମଧ୍ୟ ତାହାର ଅବଲମ୍ବନରେ ଯଥାର୍ଥ ପଥର ଅନୁସରଣ କରି ପାରିବ ଅବାଧ ଭାବରେ । ଏଇ ଗ୍ରନ୍ଥଟି ଓଡ଼ିଆ ସାହିତ୍ୟର ଯଥାର୍ଥ ବିକାଶ ଲାଗି ଯୁଗେ ଯୁଗେ ସହାୟକ ହେବ ଏହା ନିଃସନ୍ଦେହରେ କୁହାଯାଇପାରେ ।

ଜାତିସ୍ମର ସାଧକଶେଖର ବାସୁଦେବଙ୍କର ନୈସର୍ଗିକ ପ୍ରତିଭା, ଅଦମ୍ୟ ଉଦ୍ୟମ ଓ ଜ୍ୱଳନ୍ତ ସାଧନାର ଯଥୋଚିତ ପରିଚୟ ଦେବାଲାଗି ଏଇଭଳି ପଦେ ଅଧେ କହି ବସିବା, ତାଙ୍କ ବ୍ୟକ୍ତିତ୍ୱ ଓ ପ୍ରତିଷ୍ଠାର ଅପଳାପ ଭିନ୍ନ ଅନ୍ୟ କିଛି ହୋଇ ନପାରେ । ଜାତୀୟ ଜୀବନର ପ୍ରତ୍ୟେକ ଦିଗରେ ସେହି ମନୀଷୀଙ୍କର ଆଶୀର୍ବାଦ ଆଜି ସମଗ୍ର ଜାତିର କଠୋର କର୍ମ ପଥରେ ପାଥେୟ ହେଉ, ଏହାହିଁ ଅନ୍ତରର ଏକାନ୍ତ କାମନା ।

ପରିଶେଷରେ ବାମଣ୍ଡାର ବର୍ତ୍ତମାନ ରାଜା ସାହେବ ଶ୍ରୀ ଶ୍ରୀ ଭାନୁଗଙ୍ଗ ତ୍ରିଭୁବନ ଦେବଙ୍କ ମହତ୍ ଉଦ୍ୟମ ଯେଉଁ ଚିରାନୁଭୂତ ଅଭାବ ପୂରଣ କରି ପାରିଛି, ସେଥିଲାଗି ସେ ସର୍ବଥା ମାନ୍ୟାର୍ହ । ତାଙ୍କ ଉଦ୍ୟମ ଅବିରାମ ଗତିରେ ଉତ୍ତରୋତ୍ତର ବର୍ଦ୍ଧିତ ହେଉ ଏହାହିଁ ଏକାନ୍ତ କାମନା । ଅଳମତି ବିସ୍ତରେଣ ।

ତା ୧୬ । ୪ । ୫୬ ଜୟକୃଷ୍ଣ ମିଶ୍ର

ଅଧ୍ୟାପକ, ରେଭେନ୍‌ସା କଲେଜ, କଟକ

## (ଡ) ଅଭିମତ

ବାମଣ୍ଡାର ସ୍ୱର୍ଗତ ନରପତି ସାର୍ ବାସୁଦେବ ସୁଢ଼ଳଦେବଙ୍କର ରଚନାସମୂହ, ଗ୍ରନ୍ଥାବଳୀ ଆକାରରେ ପ୍ରକାଶ ଲାଭ କରୁଛି । ଊନବିଂଶ ଶତାବ୍ଦୀରେ, ମାତୃସାହିତ୍ୟର ଦୈନ୍ୟ ଦୂରୀକରଣରେ ଯେଉଁମାନେ ଥିଲେ ସତତ ପ୍ରଯତ୍ନଶୀଳ ସେମାନଙ୍କ ମଧ୍ୟରେ ସୁଢ଼ଳ ଦେବଙ୍କର ଆସନ ଅତି ଉଚ୍ଚରେ ପ୍ରତିଷ୍ଠିତ । ଗ୍ରନ୍ଥାବଳୀର ପ୍ରାରମ୍ଭରେ ତାଙ୍କର ଜୀବନୀ ଲିପିବଦ୍ଧ ହୋଇଅଛି । ତହିଁରୁ ଜଣାଯାଏ, ସେ ଥିଲେ ଏକାଧାରରେ ଶାସକ,

ରସିକ, ଭାବୁକ, କବି ଓ ପଣ୍ଡିତ, ସଂସ୍କାରକ ଓ ସାଧକ, ଦେଶସେବକ ଓ ଗୁଣଗ୍ରହିଳ । କବିବର ରାଧାନାଥ ମହାଯାତ୍ରାରେ ତାଙ୍କୁ ସମ୍ବୋଧନ କରି ଲେଖିଛନ୍ତି—

"ତୁମ୍ଭ ଶୁଭ ଆବିର୍ଭାବେ ହୋଇଛି ଉତ୍କଳେ,
ଦେବଦୁର୍ଗ ଦେବ ! ଏବେ ତୀର୍ଥ ସାରସ୍ୱତ,
ବୁଧ-ହଂସ କେଳି ସରଃ, ଅବିଦ୍ୟା ଉଷରେ ।"

ବାସ୍ତବରେ ସୂତ୍ରଳଦେବ ଥିଲେ ବୁଧରୂପୀ ହଂସମାନଙ୍କର ଏକାନ୍ତ ଗୁଣଗ୍ରାହୀ ଓ ଏକନିଷ୍ଠ ପରିପାଳକ । ତାଙ୍କର ଚରିତ୍ରବତ୍ତା ଅନନ୍ୟ-ସାଧାରଣ । କବି ପ୍ରତିଭାର ଉପାସକ ରୂପେ ତାଙ୍କର ଖ୍ୟାତି ଥିଲା ସମଗ୍ର ଉତ୍କଳବ୍ୟାପିନୀ । କବିବର ରାଧାନାଥ ପ୍ରଭୃତି ଥିଲେ ତାଙ୍କର ପ୍ରେରଣା-ପୃଷ୍ଟ । ରାଜପରିବାରର ବିଳାସ ବ୍ୟସନ ମଧ୍ୟରେ ଭୂମିଷ୍ଠ ଓ ପରିବର୍ଦ୍ଧିତ ହୋଇଥିଲେହେଁ ରାଜକୁମାର ଉପେନ୍ଦ୍ର ଭଞ୍ଜଙ୍କ ପରି ସେ ଥିଲେ ବିଳାସବିମୁଖ ଓ ବାଣୀଉପାସକ । ନିଜେ କେବଳ କବିମାନଙ୍କୁ ପ୍ରେରଣା ପ୍ରଦାନ କରିନାହାନ୍ତି,—ଲେଖନୀ ଚାଳନା କରି, ଉତ୍କଳ ସରସ୍ୱତୀଙ୍କର ଗ୍ରୀବା ମଣ୍ଡନ ଲାଗି ସୁରମ୍ୟ ସୁମନ ହାର ପ୍ରସ୍ତୁତ କରି ଯାଇଛନ୍ତି । ରାଧାନାଥଙ୍କର ଚିଲିକା, ଗଙ୍ଗାଧରଙ୍କର ଉତ୍କଳ ଲକ୍ଷ୍ମୀ, ମଧୁସୂଦନଙ୍କର ଉତ୍କଳ ଗାଥା ପ୍ରଭୃତିର ଆଦର୍ଶ ଓ ଆଭିମୁଖ୍ୟ ଯାହା, 'ଚିତ୍ରୋତ୍ପଳା'ର ଲକ୍ଷ୍ୟ ତାହା ଠାରୁ ଭିନ୍ନ ନୁହେ । ପ୍ରକୃତିର ବରପୁତ୍ର ରୂପେ ସୂତ୍ରଳ-ଦେବଙ୍କର ପ୍ରକୃତି ରାଜ୍ୟରେ ଥିଲା ଅବାଧ ପ୍ରବେଶ । ସେଥିପାଇଁ ବହୁ ବିଚିତ୍ର ଚିତ୍ରଶାଳିନୀ ଚିତ୍ରୋତ୍ପଳାର ଅଖଣ୍ଡ ପ୍ରବାହ ତାଙ୍କର ଲେଖନୀରୁ ନିର୍ଗତ ହୋଇଥିଲା ।

'ବୀରବାମା'ରେ ରାଜକବିଙ୍କର ଦେଶପ୍ରୀତିର ବହ୍ନି ପ୍ରଜ୍ୱଳିତ ହୋଇଉଠିଛି । ପୂର୍ବପୁରୁଷମାନଙ୍କର ବୀରତ୍ୱବୈଭବ ଓ ଜନ୍ମଭୂମି ଉତ୍କଳର ପ୍ରାକୃତିକ ବିଭବ କବିଙ୍କ ଅନ୍ତରରେ ଦେଶପ୍ରେମର ପ୍ରଚଣ୍ଡ ତାଣ୍ଡବ ସୃଷ୍ଟି କରିଥିଲା । ତାଙ୍କର ଲେଖନୀ-ନିଃସୃତ "ଅଳଙ୍କାରବୋଧୋଦୟ" ସମସାମୟିକ ସାହିତ୍ୟରେ ଏକ ଅଭିନବ ସୃଷ୍ଟି । କବିତ୍ୱ ଓ ଆଳଙ୍କାରିକତାର ଅପୂର୍ବ ସମନ୍ୱୟରେ ସୂତ୍ରଳଦେବଙ୍କର ସାରସ୍ୱତ ସାଧନା ମୂର୍ତ୍ତିମନ୍ତ ହୋଇଥିଲା । ସେ ବାମଣ୍ଡାରେ ଜନ୍ମଲାଭ କରିଥିଲେ ହେଁ ତାଙ୍କ ଉପରେ ସାରା ଉତ୍କଳର ଦାବୀ; ସେ ରାଜା ଓ ବିଦ୍ୟାବିଳାସୀ ଥିଲେ ହେଁ କବିତ୍ୱ କବିପୋଷକତାର ଥିଲେ ଅଦମ୍ୟ ନିର୍ଝର । ତାଙ୍କର ଗ୍ରନ୍ଥାବଳୀ, ଆକାରରେ ଯେତେ କ୍ଷୁଦ୍ର ହେଲେ ହେଁ ସାହିତ୍ୟ ସାଧକଜୀବନରେ ଅଭିନବ ପ୍ରେରଣାର ଉତ୍ସ । ସୂତ୍ରଳଙ୍କ ପ୍ରେରଣା ବିଶ୍ୱବ୍ୟାପିନୀ ହେଉ ।

ଗୌରୀକୁମାର ବ୍ରହ୍ମା
ଅଧ୍ୟାପକ, ରେଭେନ୍‌ସା କଲେଜ, କଟକ
୭ . ୬ . ୫୬

# ସଂଯୋଜନ

ବାସୁଦେବ ଗ୍ରନ୍ଥାବଳୀର ମୁଦ୍ରଣ କାର୍ଯ୍ୟ ସମାପ୍ତ ହେଲାପରେ ସଂସ୍କାରକର ଦୁର୍ଲ୍ଲଭ ରଚନା ଗୁଡିକ ହସ୍ତଗତ ହେଲା । ମୁଖଶାଳା ତଥା ଅନ୍ୟତ୍ର ରଚନାଗୁଡିକ ନ ମିଳିଥିବାରୁ ଦୁଃଖ ପ୍ରକାଶ କରାଯାଇଥିଲା କିନ୍ତୁ ସୌଭାଗ୍ୟର ବିଷୟ ଯେ ଉଲ୍ଲିଖିତ ରଚନାଗୁଡିକ ସଂଗ୍ରହହୋଇ ସଂଯୋଜନା କରାଯାଇପାରିଲା । ସୁଦ୍ଧଳଦେବଙ୍କ ରଚନା-ଗୁଡ଼ିକ ସଂଯୋଜନାର ପ୍ରଥମ ଭାଗରେ ଏବଂ ଅନ୍ୟମାନଙ୍କ ରଚନା ଦ୍ୱିତୀୟ ଭାଗରେ ପତ୍ରସ୍ଥ କରାଗଲା । ଶ୍ରୀ-ବାମଣ୍ଡାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆଧାତ୍ମିକ ଆନ୍ଦୋଳନ ଅନେକ ବୁଦ୍ଧିଜୀବୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ବ୍ରାହ୍ମମାନେ ହିନ୍ଦୁ କି ନା, ସାକାର ଓ ନିରାକାର ଉପାସନା, ଈଶ୍ୱର ଦୟାମୟ କି ନା, ପ୍ରଭୃତି ଶୀର୍ଷକରେ ବାଦାନୁବାଦ ତୀବ୍ର ହୋଇ ଉଠିଥିଲା । ଅନେକ ଅଜ୍ଞାତ ଲେଖକ ପ୍ରେରିତ ପତ୍ର ସ୍ତମ୍ଭରେ ନିଜର ମତ ପ୍ରଦାନ କରିଥିଲେ । ସମସ୍ତ ରଚନା ସଂଗ୍ରହ କରିବାର ଅବସର ନାହିଁ ପୁନଶ୍ଚ ବାହୁଲ୍ୟ ଭୟରେ କିଛି ନିର୍ବାଚିତ ପତ୍ର ସଂକଳିତ କରାଗଲା । — ସଂପାଦକ

## ପ୍ରଥମଭାଗ

୧ : ବାଲେଶ୍ୱର ସଂବାଦ ବାହିକାର ଅଳଙ୍କାର ବୋଧୋଦୟର ସମାଲୋଚନାର ସମାଲୋଚନା
୨ : ୧୮୮୭ ଜାନୁଆରି ସେବକର ସମାଲୋଚନା ସମ୍ବନ୍ଧେ
୩ : ଈଶ୍ୱର ସାକାର
୪ : ବ୍ରହ୍ମୋପାସନା ପ୍ରୟୋଜନ କି ନା ?
୫ : ବ୍ରାହ୍ମ ଧର୍ମପ୍ରଚାରକ ନନ୍ଦଲାଲଙ୍କ ସହ କଥୋପକଥନ ।

## ଦ୍ୱିତୀୟଭାଗ

୧ : **Ourselves**
୨ : ବିବିଧ
୩ : ବାମଣ୍ଡା ସମ୍ବନ୍ଧରେ
୪ : ବେଦ ମନୁଷ୍ୟ ରଚିତ କି ନା (ଐତିହାସିକ ପ୍ରମାଣ)
୫ : ବେଦ ମନୁଷ୍ୟ ରଚିତ କି ନା (ଶାସ୍ତ୍ରୀୟ ପ୍ରମାଣ)
୬ : ରାମଭଦ୍ର ସାହ ନିନାଦେବଙ୍କ ପ୍ରେରିତ ପତ୍ର
୭ : ବିଦ୍ୟାରତ୍ନଙ୍କ ଦୁଇଟି ପତ୍ର
୮ : ମାଂସ ଭକ୍ଷଣ

# ପ୍ରଥମଭାଗ

## ୧୮୮୬ ମସିହା ଜୁଲାଇ ମାସ ୧୫ ତାରିଖ ବାଲେଶ୍ୱର ସମ୍ବାଦ ବାହିକାର ୨୮ ସଂଖ୍ୟାରେ ଅଳଙ୍କାରବୋଧୋଦୟର ସମାଲୋଚନାର ସମାଲୋଚନା

'ଅଳଙ୍କାରବୋଧୋଦୟ' ସାହିତ୍ୟ ରତ୍ନାକରର ଅନୁବାଦ ନୁହେ, ସାହିତ୍ୟ ଦର୍ପଣ ଓ ଚନ୍ଦ୍ରାଲୋକ ଏହି ଦୁଇଗ୍ରନ୍ଥ ବିଚାରିତ ହୋଇ ସାର ସାରପଦାର୍ଥର ଅନୁବାଦ ହୋଇଅଛି । ବୋଧହୁଏ ସମାଲୋଚକ ମହାଶୟ ସାହିତ୍ୟ ରତ୍ନାକରକୁ ସାହିତ୍ୟ ଦର୍ପଣ ବୋଲି ଜାଣନ୍ତି, ତାହାନହେଲେ "ବାଚ୍ୟାର୍ଥବାଧେ ତଦ୍‌ଯୋଗେ" ଏବଂ "ଦୁଇ ଦୁଇ ବ୍ୟଞ୍ଜନବର୍ଣ୍ଣର ନିରନ୍ତର ଅର୍ଥାତ୍ ବ୍ୟବଧାନ ରହିତ ଆବୃତ୍ତି ଯେଉଁଠାରେ ହୁଏ ସେହିଠାରେ ଛେକାନୁପ୍ରାସ ହୁଏ" – ଇତ୍ୟାଦି ସାହିତ୍ୟ ରତ୍ନାକରର ଲକ୍ଷଣ ଦେଖାଇ ସାହିତ୍ୟ ଦର୍ପଣର ଅବିକଳ ଅନୁବାଦ ହୋଇନାହିଁ ବୋଲି କହିନଥାନ୍ତେ ।

ଲକ୍ଷଣମାନଙ୍କର ଭାଷା ଜଟିଳ ହୋଇଅଛି ବୋଲି ଯାହା କହନ୍ତି ତାହା ସତ୍ୟ, କଷ୍ଟସ୍ଥଳମାନ ଭାଷାକଲେ ଅବଶ୍ୟ ଜଟିଳ ହୁଏ, ସମାଲୋଚକ ଯେଉଁ ଲକ୍ଷଣାର ଲକ୍ଷଣ କରିଅଛନ୍ତି ତାହା କି ସହଜେ ବୁଝାଯିବ ? ବରଂ ଜଟାରେ ବର ଅଠାଦିଆ ହୋଇ ସୁସଜ୍ଜିତ କରାହୋଇଅଛି ସମାଲୋଚକଙ୍କର ଲକ୍ଷଣାର ଲକ୍ଷଣ ଯଥା, "ମୁଖ୍ୟାର୍ଥରେ ବାଧହେଲେ ଏବଂ ସେହି ମୁଖ୍ୟର୍ଥ ସମ୍ବନ୍ଧ ଲକ୍ଷ୍ୟାର୍ଥରେ ଥିଲେ ରଢ଼ି ବା ପ୍ରୟୋଜନ ହେତୁରୁ ଶବ୍ଦ ଯେଉଁ ଶକ୍ତି ବା ବ୍ୟାପାର ଦ୍ୱାରା ଅନ୍ୟ ଅର୍ଥକୁ ବୁଝାଏ ସେହି ଶକ୍ତିକୁ ଲକ୍ଷଣା କହନ୍ତି ।" ଏଥିରେ କୁହାଯାଇପାରେ ଯେ ମୁଖ୍ୟାର୍ଥରେ କାହାର ବାଧା ହେଲା ଏପରି କାରକାନ୍ତର ଅପେକ୍ଷା ନହେବ କି ? ଏବଂ "ଶବ୍ଦ ଯେଉଁ ଶକ୍ତିଦ୍ୱାରା ଅନ୍ୟାର୍ଥକୁ ବୁଝାଏ" ବୋଲି ଯାହା କୁହାଯାଇଅଛି ଏଥିରେ କେଉଁ ଶକ୍ତିଦ୍ୱାରା ବୋଲି ଜିଜ୍ଞାସା ହୋଇପାରେ, ତେବେ ଜଟିଳ କାହାକୁ ବୋଲି ? ଅପିଚ ସମାଲୋଚକ ଯେଉଁ ଉପମାର ଲକ୍ଷଣ କରିଅଛନ୍ତି ତାହା କୌଣସି ଶାସ୍ତ୍ରର ଉପମାର ଲକ୍ଷଣ ନୁହେ ସାଦୃଶ୍ୟର ଲକ୍ଷଣ ଅଟେ ଯଥା, 'ତଭିନ୍ନ ତ୍ୱେସତି ତଦ୍ଗତ ଭୂୟୋଧର୍ମତତ୍ତ୍ୱଂ ସାଦୃଶଂ" ବୋଧହୁଏ ଏହାକୁ ଅନୁବାଦ କରି ଦେଇଅଛନ୍ତି, କିନ୍ତୁ 'ଭୂୟୋ' ଶବ୍ଦଟି ଛାଡିବାର 'ଶରାବବନ୍ମୁଖ' ଏଠାରେ ଶରାବଗତ ବର୍ତ୍ତୁଳତ୍ୱ ଧର୍ମନେଇ ଲକ୍ଷଣ ବାହାରିଯାଏ ବିଶେଷତଃ ଏହି ଲକ୍ଷଣରେ 'ଉପମେୟ ପଦ' ବୋଲି ଯାହା କୁହାଯାଇଅଛି ପଦତ, ସୁପ୍‌ତିଙ୍‌ନ୍ତ, ସେ କିପରି ଉପମାନ ଗତଧର୍ମ ବିଶିଷ୍ଟ ହେବ ଏହିଟି ଗୁରୁତର ଦୋଷ, ଅତଏବ କଷ୍ଟସ୍ଥଳ ସରଳ କରି ନଜାଣିଲେ ନାନାପ୍ରକାର ଦୋଷପଡ଼େ ।

ଅଳଙ୍କାରବୋଧୋଦୟରେ ଯେଉଁ ଉପମାର ଲକ୍ଷଣ ଅଛି ତାହା ଚନ୍ଦ୍ରାଲୋକର ଲକ୍ଷଣ ଅଟେ 'ସାହିତ୍ୟ ରତ୍ନାକର' ବା 'ସାହିତ୍ୟ ଦର୍ପଣ'ର ଲକ୍ଷଣ ନୁହେ ତାହା ଗ୍ରନ୍ଥସ୍ଥ ବିଜ୍ଞାପନରେ ପ୍ରକାଶିତ ହୋଇଅଛି ।

ଚନ୍ଦ୍ରାଲୋକର ଲକ୍ଷଣ ଯଥା, "ଉପମା ଯତ୍ର ସାଦୃଶ୍ୟ ଲକ୍ଷ୍ମୀରଲ୍ଲ ସତିଦ୍ୱୟୋଃ" ଏହାର ଅନୁବାଦକ ଠିକ୍ ହୋଇନାହିଁ ?

ଛେକାନୁପ୍ରାସରେ ଯାହା ଦୋଷ ସ୍ୱୀକାର କରନ୍ତି ତାହା ବାସ୍ତବରେ ରତ୍ନାକରର ଲକ୍ଷଣକୁ ଧଇଲେ ଦୋଷ ହୋଇପାରେ କିନ୍ତୁ ଦର୍ପଣକାର ତାହାକୁ ଅସ୍ୱୀକାର କରି ଅଳଙ୍କାରବୋଧୋଦୟ ଲିଖିତ ଲକ୍ଷଣ ଓ ଦୃଷ୍ଟାନ୍ତକୁ ସ୍ୱୀକାର କରିଅଛନ୍ତି ଦର୍ପଣ ଦେଖିଲେ ଭ୍ରମ ସଂଶୋଧନ ହେବ ।

କାବ୍ୟରୁ ଧର୍ମ ଅର୍ଥ କାମ ମୋକ୍ଷ ଏପରି ଚତୁର୍ବର୍ଗ ପ୍ରାପ୍ତି ହୁଏ । ଏ ସ୍ଥଳେ 'ଏପରି' ଏହି ପଦ ପ୍ରୟୋଗ କରିବାର ଉଚିତ କି ବୋଲି ଯାହା ସମାଲୋଚକ ପ୍ରଶ୍ନ କରିଅଛନ୍ତି ତାହା ବାସ୍ତବ ଏ ସ୍ଥଳେ 'ଏପରି' ଏହି ପଦ ପ୍ରୟୋଗ କରିବାର ନିତାନ୍ତ ଆବଶ୍ୟକ ଅଟେ । କାରଣ ମୋକ୍ଷପ୍ରାପ୍ତି ବେଦାନ୍ତ ଶାସ୍ତ୍ର ବ୍ୟତିରେକେ ହୁଏ ନାହିଁ, ଅତଏବ ଉତ୍କର୍ଷ ନିମିତ୍ତ ପ୍ରାପ୍ତି ସଙ୍ଗରେ ଅନ୍ୱୟ କରି 'ଏପରି' ଏହି ପଦ ଦିଆ-ହୋଇଅଛି; ଏହାର ଆହୁରି ଅର୍ଥ ଅଛି ପ୍ରବନ୍ଧ ବାହୁଲ୍ୟ ଭୟରୁ ସଂକ୍ଷେପରେ ଲେଖିଲୁଁ ।

ଯେ ହେଉ ସମାଲୋଚକ ଯାହା ଆମ୍ଭପ୍ରତି ସଦୟ ହୋଇ ଦୁଃଖ ସ୍ୱୀକାର ପୂର୍ବକ ଆମ୍ଭର ପରିଶ୍ରମକୁ ସମାଲୋଚନା କଲେ ଏଥିରେ ତାଙ୍କୁ ଆମ୍ଭେ ଶତଶତ ଧନ୍ୟବାଦ ଦେଉଅଛୁଁ । ଇତି ।

ଶ୍ରୀ—ବାମଣ୍ଡା

['ସଂସ୍କାରକ'— ୩/୩୨, ତା-୭-୮-୧୮୮୬, ପୃ-୨୪୦]

## ୧୮୮୭ ମସିହା ଜାନୁଆରିମାସ ସେବକର ୪ ପୃଷ୍ଠାର ସମାଲୋଚନା ସମ୍ବନ୍ଧେ

"ବ୍ରାହ୍ମମାନେ ହିନ୍ଦୁ କି ନା" ଏ ସମ୍ବନ୍ଧରେ ସେବକ ଯାହା ବାମଣ୍ଡାର ପ୍ରସ୍ତାବ ଲେଖକଙ୍କୁ ବୁଝାଇ ଦେଇଅଛୁଁ ବୋଲି ପ୍ରକାଶ କରି କ୍ଷାନ୍ତ ହେଲେ ତାହା ଯଥାର୍ଥ ବୋଧ ହେଲା, କାରଣ ଯେତେବେଳେ ଏସମ୍ବନ୍ଧେ ବାମଣ୍ଡାରୁ ଯଥେଷ୍ଟ ଉତ୍ତର ଦିଆ ହୋଇଅଛି ତାହାର ସମାଲୋଚନା ନକରି କ୍ଷାନ୍ତ ହୋଇଅଛନ୍ତି, ତେତେବେଳେ ବୋଧ ହୁଏ ଯେ "ବ୍ରାହ୍ମମାନେ ହିନ୍ଦୁ ନୁହନ୍ତି" ଏହା ସେବକ ସଭା ସିଦ୍ଧ କଲେ ।

ସେବକ, ଶ୍ରୀ ବାବୁ ଲଳିତ ମୋହନଙ୍କ ସଦ୍‌ଯୁକ୍ତିରେ ନିର୍ଭର ଦେଇ କହିଅଛନ୍ତି ଯେ ବାମଣ୍ଡାର ପ୍ରବନ୍ଧ ଲେଖକଙ୍କର ମତ ଭ୍ରାନ୍ତି କେତେକ ସ୍ଥଳରେ ପ୍ରକାଶ ପାଇଅଛି, କିନ୍ତୁ ସେ ଭ୍ରାନ୍ତିଟି କି ? ତାହା ସେ ବୁଝାଇ ଦେବେ ।

ଧର୍ମ ଶବ୍ଦର ବ୍ୟାଖ୍ୟାରେ ସେବକ କହିଅଛନ୍ତି ଯେ "ବେଦ ବାଇବଲ କୋରାଣ ପ୍ରଭୃତି ନରନାରୀଙ୍କର ଜନ୍ମ ଉତ୍ତାରୁ ଅନେକ ଶତାବ୍ଦି ପରେ ରଚିତ ହୋଇଅଛି । ସେ

ସମୟରେ ବିଧି ନିଷେଧ ଶାସ୍ତ୍ର ନ ଥିଲା, ଏହା ବିଜ୍ଞାନ ଓ ଇତିହାସ ଦ୍ୱାରା ଜଣାଯାଏ'' ଏଥିରେ ବକ୍ତବ୍ୟ ଯେ ହିନ୍ଦୁ ଶାସ୍ତ୍ରର ବେଦ କେଉଁ ଶତାବ୍ଦିରେ ରଚିତ ହୋଇଅଛି ତାହା ଇତିହାସ ଓ ବିଜ୍ଞାନଦ୍ୱାରା ସେବକ ବୁଝାଇ ଦେବେ ।

ଆସ୍ମମାନଙ୍କର ବେଦ ଅମୁକ ସମୟରେ ରଚିତ ବୋଲି ହିନ୍ଦୁ ଶାସ୍ତ୍ରରେ ତାହାର ପ୍ରମାଣ ନାହିଁ; ବେଦ ଈଶ୍ୱରଙ୍କ ନିଶ୍ୱାସ ସମ୍ଭୂତ ବୋଲି ସ୍ୱତଃସିଦ୍ଧ ଅଟେ ଏହା ବୃହଦାରଣ୍ୟକରେ ଉଲ୍ଲେଖ ଅଛି । ଯଥା,

''ଅସ୍ୟ ନିଶ୍ୱସିତମେତ ଦ୍ୟଦୃଗବେଦୋ ଯଜୁଃ
ର୍ବେଦଃସାମ ବେଦୋଽଥର୍ବାଙ୍ଗିରସଃ ।।''

ଏ ଯାହାହେଉ ପରିଶେଷରେ ସେବକଙ୍କର ମତାନୁଯାୟୀ ବକ୍ତବ୍ୟ ଯେ ନରନାରୀଙ୍କର ଜନ୍ମପୂର୍ବରେ କି ବିଧି ନିଷେଧ ନଥିଲା ? ସେମାନେ କି କୌଣସି ଅଶୁଚି ଭକ୍ଷଣ ଓ ଅଶୁଚି ବ୍ୟବହାର କରୁନଥିଲେ; ବୋଧ ହୁଏ ଅବଶ୍ୟ କୌଣସି ଅଶୁଚି, ଯାହା ବି ମନୁଷ୍ୟ ଜନ୍ମର ସଂଲଗ୍ନ ଅଟେ, ତହିଁରେ ଘୃଣା କରୁଥିବେ, ତାହାଇ ନିଷେଧ ବାକ୍ୟ, ଏବଂ କ୍ଷୀର ପାନାଦି ସୁତରାଂ ବିଧିବାକ୍ୟ ଅଟେ, ଏହାରି ନାମ ବିଧି ନିଷେଧ ବାକ୍ୟ, ଏହି ବାକ୍ୟମାନଙ୍କର ସମଷ୍ଟିକୁ ବେଦ କୋରାନ ବାଇବଲ ବୋଇଲେ ହାନି କି ?

ତେବେ ବିଧି ନିଷେଧ ନାହିଁ ଏହା କେଉଁ ବିଜ୍ଞାନ ବା ଇତିହାସ ଦ୍ୱାରା ପ୍ରତିପାଦିତ ।

ସେବକ ଯାହା ଧର୍ମ ଶବ୍ଦର ବ୍ୟାଖ୍ୟା କରିଅଛନ୍ତି କି ''ଈଶ୍ୱରଙ୍କ ପ୍ରତି ମନୁଷ୍ୟର କର୍ତ୍ତବ୍ୟର ଜ୍ଞାନ ଓ ପାଳନକୁ ଧର୍ମ କହି'' ଏହି ଲକ୍ଷଣଟି ଅଧିକ କି ? ବିଧି ନିଷେଧ ପ୍ରତିପାଦ୍ୟ ବାକ୍ୟରେ କି ଈଶ୍ୱରଙ୍କ ପ୍ରତି ମନୁଷ୍ୟର କର୍ତ୍ତବ୍ୟର ଜ୍ଞାନ ଓ ପାଳନ ନାହିଁ ? ତେବେ ଶବ୍ଦାର୍ଥ ଥାଉଁ ମନକୁ ଗୋଟିଏ ଲକ୍ଷଣ କରିବାର ତାତ୍ପର୍ଯ୍ୟ କି ? ଏପରି ସ୍ୱ-ମତାନୁଯାୟୀ ଲକ୍ଷଣ କରାଗଲେ ତେବେ ଭୋଜନର ଲକ୍ଷଣ ଏପରି କରିବାକୁ ହେବ, ଯଥା – ପାଉଁରୁଟି ବିସ୍କୁଟ ପ୍ରଭୃତି ଖାଇବାର ନାମ ଭୋଜନ ।

ସେବକଙ୍କୁ ଉଚିତ ଯେ ହିନ୍ଦୁଶାସ୍ତ୍ରର ମର୍ମ ବୁଝି ବ୍ରାହ୍ମଧର୍ମ ଅବଲମ୍ବନ କରନ୍ତୁ ।

ବ୍ରାହ୍ମ ଶାସ୍ତ୍ରର କପଟ ଭାବ ଓ ଋଗ୍‌ବେଦର କୁଟିଳାର୍ଥ, ଈଶ୍ୱର ସାକାର କି ନିରାକାର ଏହା କ୍ରମରେ ବିବୃତ ହେବ । ଶ୍ରୀ—ବାମଣ୍ଡା

[ସଂସ୍କାରକ-୪/୧୦-୧୦.୩.୧୮୮୭]

## ଈଶ୍ୱର ସାକାର

''ପ୍ରାୟ ଈଶ୍ୱରବାଦୀ ତତ୍ତ୍ୱଜ୍ଞମାନେ କହୁଥାନ୍ତି ଯେ ଈଶ୍ୱର ନିରାକାର, ତାଙ୍କର ଆକାର ନାହିଁ ସୁତରାଂ କ୍ରିୟାଦିର ଅଭାବ । ତଥାପି ଜଗଦ୍‌ବୈଚିତ୍ର୍ୟ ଈଶ୍ୱର କାର୍ଯ୍ୟ-ରୂପରେ ପରିଗଣିତ ।''

ଆଶ୍ଚର୍ଯ୍ୟ ଭ୍ରମ !! ଏହି ଭ୍ରମ ସଂଶୋଧନ କରିବା ସହଜ ବ୍ୟାପାର ନୁହେଁ । ତଥାପି ଧର୍ମ ଜିଜ୍ଞାସୁମାନଙ୍କର ଉଦ୍ଦେଶ୍ୟରେ କିଛି ନକହିଲେ ଚଳେନାହିଁ । ଅତଏବ ସାମାନ୍ୟରେ କିଛି କହିବାକୁ ପ୍ରବୃତ୍ତ ହେଲୁଁ ।

ଆକାର ନଥିବାସ୍ଥଳେ କ୍ରିୟାଦିର ଅଭାବ ପ୍ରଯୁକ୍ତ ଜଗଦ୍ବୈଚିତ୍ର୍ୟ ରଚନା ପରିପାଟୀ କଦାଚ ସମ୍ଭବନୁହେଁ, ଅତଏବ ସୃଷ୍ଟିକାଳୀନ ଈଶ୍ୱରଙ୍କର ସାକାରତ୍ୱ ଅଗତ୍ୟା ସ୍ୱୀକାର କରିବାକୁ ହେବ ।

ଈଶ୍ୱରଙ୍କର ସାକାରତ୍ୱ ସ୍ୱୀକାର କଲେ ବ୍ୟାପକତ୍ୱ ହାନି ବା ଅନ୍ୟ କୌଣସି ଶଙ୍କା ହେବାର ନୁହେଁ କାରଣ ତଦୀୟ ଦୃଷ୍ଟାନ୍ତ ରୂପରେ ଆକାଶ ପ୍ରକାଶମାନ ହୋଇ-ରହିଅଛି । ସେହି ଆକାଶ ଯେବେ ଘଟାକାଶ ରୂପରେ ବ୍ୟବହୃତ ହେବ ତେବେ କି ଆକାଶର ବ୍ୟାପକତ୍ୱାଦି ନଷ୍ଟ ହେବ ?

ଯେଉଁମାନେ ଜଗଦ୍‌ବୈଚିତ୍ର୍ୟକୁ ସ୍ୱତଃସିଦ୍ଧ ବା କ୍ରମବିକାଶ ବୋଲି ପ୍ରମାଣ କରନ୍ତି ସେମାନଙ୍କ ମତରେ ଈଶ୍ୱର ସିଦ୍ଧି କଦାଚ ସପ୍ରମାଣ ନୁହେଁ ଯେଉଁ ହେତୁରୁ ଈଶ୍ୱରସିଦ୍ଧି ସମ୍ବନ୍ଧେ ଜଗଦ୍‌ବୈଚିତ୍ର୍ୟ ବ୍ୟତିରେକେ କୌଣସି ପ୍ରମାଣ ଦୃଢ଼ତର ନୁହେ ।

ଯେଉଁମାନେ ଈଶ୍ୱର ଇଚ୍ଛାରେ ଜଗଦ୍‌ବୈଚିତ୍ର୍ୟ ସ୍ୱୀକାର କରନ୍ତି ସେମାନଙ୍କ ମତରେ ସୁତରାଂ ଈଶ୍ୱର ସାକାରତ୍ୱ ପ୍ରାପ୍ତ ହୁଏ, ଯେଉଁ ହେତୁରୁ ଇଚ୍ଛା ଶରୀରର ଧର୍ମ ଅଟେ, ଆକାର ନଥିବାସ୍ଥଳେ ଇଚ୍ଛାର ପ୍ରାଦୁର୍ଭାବ କଦାଚ ସମ୍ଭବନୁହେ, ଅତଏବ ଦୃଢ଼ତାର ରୂପେ ପ୍ରମାଣ କରାଯାଇପାରେ ଯେ ଈଶ୍ୱର ନିରାକାର କିନ୍ତୁ ସୃଷ୍ଟିକାଳୀନ ସାକାର ।

କେହି କହିପାରନ୍ତି ଯେ ଈଶ୍ୱର କିପରି ସୃଷ୍ଟିକାଳୀନ ସାକାର ହେଲେ; ଏହା ପ୍ରବନ୍ଧଦ୍ୱାରା ବୁଝାଇବା ଅଳ୍ପକାର୍ଯ୍ୟ ନୁହେ । ଏହି ନିମିତ୍ତ ଲକ୍ଷ ଲକ୍ଷ ଗ୍ରନ୍ଥ ରଚିତ ହୋଇଅଛି । ଅତଏବ ବର୍ତ୍ତମାନ ସାକାର ବ୍ୟତିରେକେ ଜଗଦ୍‌ବୈଚିତ୍ର୍ୟ ହୋଇପାରେ କି ନା ? ଏହା ଜାଣିଲେ ଯଥେଷ୍ଟ । ଇତି । ଶ୍ରୀ—ବାମଣ୍ଡା

['ସଂସ୍କାରକ'—୪/୧୫, ତା-୧୪.୪.୧୮୮୭, ପୃ-୧୨୫]

## ବ୍ରାହ୍ମୋପାସନା ପ୍ରୟୋଜନୀୟ କି ନା ?

ମହାଶୟ,

ହିନ୍ଦୁ ଆଚାର୍ଯ୍ୟ ବେଦବ୍ୟାସ ବେଦସାଗରକୁ ମନ୍ଥନ କରି ଭବଭେଷଜରୂପ ଉପନିଷତ୍ସୁଧାରସମାନଙ୍କୁ ସଂସାର ତାପ ଜର୍ଜରିତ ହିନ୍ଦୁ ସମାଜରେ ହୃଦୟର ସହିତ ବିତରଣ କରି ହିନ୍ଦୁକୁଳର ଜୀବନକୁ ଆପ୍ୟାୟିତ କରିଅଛନ୍ତି ।

ସେହି ଗୌରବ ଭାବାପନ୍ନ ଉପନିଷଦ୍‌ମାନଙ୍କୁ ବ୍ରାହ୍ମ ଆଚାର୍ଯ୍ୟ କେଶବ ସେନ୍ ପ୍ରଭୃତି ସ୍ୱୀକାର ପୂର୍ବକ ସଂସାର ତାପକୁ ଲବଜ୍ଞାନ କରି ଆପଣାକୁ କୃତାର୍ଥ ମନେ-

କରୁଥିଲେ; ଆହା ଭକ୍ତ ମହାଶୟମାନଙ୍କର ଅନ୍ତଃକରଣ ଯେପରି ଭବ ସନ୍ତରଣରେ ଶ୍ରଦ୍ଧାଳୁ ସେହିପରି ଜ୍ଞାନଧନରେ-ଉଦ୍ଧତ ହୋଇଥିଲେ ଆଜିକାଲି ଆମ୍ଭମାନଙ୍କର ଯେ କେତେପର୍ଯ୍ୟନ୍ତ ଉପକାର ହୋଇଥାନ୍ତା ତାହା ବଚନାତୀତ ଅଟେ; ତଦଭାବରୁ ବର୍ତ୍ତମାନ ଉପନିଷତ୍ସୁଧାରାମାନେ ବିଷଧାରା ରୂପରେ ହିନ୍ଦୁକୁଳକୁ କ୍ଲାନ୍ତ କରୁଅଛନ୍ତି ।

କେଶବ ସେନ୍ ପ୍ରଭୃତି ବ୍ରାହ୍ମମାନେ ହିନ୍ଦୁଧର୍ମରୁ ଅଦ୍ୱୈତାର୍ଥ ନିବୃତ୍ତିପର ବାକ୍ୟ-ମାନଙ୍କୁ ସଂଗ୍ରହ କରି ସତ୍ୟ, ବିଜ୍ଞାନ ଘନ, ନିର୍ଗୁଣ, ନିଷ୍କ୍ରିୟ, ନିରାକାରଙ୍କ ଉପାସନା ସମ୍ବନ୍ଧେ ଗୋଟିଏ ପଦ୍ଧତି ରଚନା କରିଅଛନ୍ତି; କିନ୍ତୁ ସେ ପଦ୍ଧତି ଉପନିଷତ୍ ଅର୍ଥର ସଂପୂର୍ଣ୍ଣ ବିପରୀତାର୍ଥ, କାରଣ ଉପନିଷତ୍‌ମାନଙ୍କରେ ଯେତେ ''ସତ୍ୱଂ ବିଜ୍ଞାନମାନନ୍ଦଂ ବ୍ରହ୍ମ ଏକମେବାଦ୍ୱିତୀୟଂ ବ୍ରହ୍ମ'' ପ୍ରଭୃତି ବାକ୍ୟମାନେ ଅଦ୍ୱୈତାର୍ଥ ପ୍ରକାଶ କରିଅଛନ୍ତି, ତାହା ଉପାସନା ବାକ୍ୟନୁହେଁ, ସ୍ୱରୂପ ନିର୍ବାଚନା ମାତ୍ର, ଏହି ସ୍ୱରୂପ ଲକ୍ଷଣ ଶ୍ରୁତି-ମାନଙ୍କର ବ୍ରହ୍ମସ୍ୱରୂପ ମାତ୍ର ଜ୍ଞାପନରେ ପର୍ଯ୍ୟବସାନ ଏତଦ୍ୱାରା ଉପାସନାର କୌଣସି ସଂପର୍କ ନାହିଁ; ନିର୍ଗୁଣ ନିରାକାର ନିଷ୍କ୍ରିୟ ସ୍ଥଳରେ ଉପାସନା କାହିଁ ? ଉପାସ୍ୟ କିଏ ? ତଦୀୟ ସ୍ତୁତିବାକ୍ୟରେ ଗ୍ରାହକ ବା କିଏ ? ଯଦ୍ୟପି ଅଦ୍ୱୈତ ମତରେ ଉପାସ୍ୟ ଉପାସକ ଭାବ ସ୍ୱୀକାର କରାଯାଏ ତେବେ ଦ୍ୱୈତାପତି ହେବ ।

କେହି କହିପାରନ୍ତି ଯେ ହିନ୍ଦୁ ଧର୍ମର ଅଦ୍ୱୈତମତ କିଏ ? ତତ୍ସମ୍ବନ୍ଧେ ବକ୍ତବ୍ୟ ଏହି ଯେ ପ୍ରୋକ୍ତ ''ସତ୍ୱଂ ବିଜ୍ଞାନଂମାନନ୍ଦଂ'' ପ୍ରଭୃତିସ୍ୱରୂପ ନିର୍ବାଚନ କେବଳ ଅଦ୍ୱୈତ ମତ । ଏହି ମତରେ ଦୟାମୟତ୍ୱାଦି ରୂପରେ କୌଣସି ନିର୍ଦ୍ଦେଶ ଉପାସନା ନାହିଁ । କେବଳ ସ୍ୱରୂପ ଜ୍ଞାନାନୁକ୍ତି । ପରନ୍ତୁ ଏହିମତ ଗୃହଧର୍ମ ପରିତ୍ୟାଗର ଜ୍ଞାପକ, ଯେଉଁ ହେତୁରୁ ଗୃହଧର୍ମ ପାପପୁଣ୍ୟର ଆଶ୍ରୟ; ଅତଏବ ସେହି ଗୃହଧର୍ମ ପରିତ୍ୟାଗରେ ପାପପୁଣ୍ୟର ନିବୃତ୍ତିଦ୍ୱାରା ସଂସାର ନିବୃତ୍ତି ହୁଏ । ଯାବତ୍ ପାପପୁଣ୍ୟ ଥିବ ତାବତ୍ ସଂସାର ନିବୃତ୍ତି ହେବନାହିଁ । ଏଣୁକରି ଏହି ମତରେ ପାପପୁଣ୍ୟ ନିବୃତ୍ତି ପୁରଃସର ସଂସାର ନିବୃତ୍ତି ମାତ୍ର ପରମପୁରୁଷାର୍ଥ; ହୁଏତ ଏହି ମତାବଲମ୍ବୀମାନଙ୍କର 'ସୋଽହଂ' ଜ୍ଞାନକାଳରେ ''ଈଶ୍ୱର ଅଛନ୍ତି'' ଏପରି ଜ୍ଞାନନଥାଏ ଏବଂ ସାକାର ଭଜନାଦି ମଧ୍ୟ କୌଣସି ଶ୍ରେୟସ୍କର ହୁଏନାହିଁ । ଏହି ନିମିତ୍ତ ଗୃହୀମାନଙ୍କ ପକ୍ଷରେ ଏହି ମତ ଦୁଃସାଧ୍ୟ ହେତୁରୁ ସକଳ ବେଦ ପୁରାଣାଦି, ଆକାର ବିଶିଷ୍ଟ ଜଗତ୍‌କର୍ତ୍ତା ଜଗଦୀଶ୍ୱରଙ୍କର ସ୍ୱରୂପ ନିର୍ବାଚନପୂର୍ବକ ସକଳ କଲ୍ୟାଣ ଗୁଣମାନଙ୍କ ବର୍ଣ୍ଣନ କରୁଅଛନ୍ତି ଯେ ତାହାଙ୍କର ଶ୍ରବଣକୀର୍ତ୍ତନ ଉପାସନାଦି ଦ୍ୱାରା ସଂସାରିମାନେ ନିଜ ଜନ୍ମର ଚରିତାର୍ଥତା ସଂପାଦନ କରତଃ ଈଶ୍ୱରାନୁଗ୍ରହରେ କ୍ରମାନ୍ୱୟ ଗୃହଧର୍ମ ପରିତ୍ୟାଗ କରି ଭୟଙ୍କର ତାପୋର୍ମି-ମାଳି ଭବସାଗରକୁ ତରି ଯାଉଅଛନ୍ତି ।

ଈଶ୍ୱର ଜଗତ୍‌କର୍ତ୍ତା ସର୍ବଶକ୍ତିମାନ୍, ନିରାକାର ନିର୍ଗୁଣ ପୁଣି ଦୟାମୟ ଏବଂ ତାଙ୍କର ଶ୍ରୋତ୍ରାଦି ନାହିଁ ସେ ଶ୍ରବଣାଦି କରୁଅଛନ୍ତି ଏହିପରି ସଚରାଚର କହନ୍ତି କିନ୍ତୁ

ଏପରି କହିଲାମାତ୍ରକେ ଯେ ବୁଝାଗଲା ତାହା ନୁହେଁ; ସେ ସର୍ବଶକ୍ତିମାନ୍ କିପରି, ନିରାକାରହୋଇ ଜଗତ୍‌କର୍ତ୍ତା କିପରି, ଶ୍ରୋତ୍ରହୀନହୋଇ ଶୁଣନ୍ତି ବା କିପରି ଏହା ବୁଝାଇବାର ନିତାନ୍ତ ଆବଶ୍ୟକ ଇହା ବୁଝାଇଦେଇ ନିରାକାର ଉପାସନାରେ ଜନମାନଙ୍କୁ ମୋହିତ କରିବାର ଭଲ ନୋଚେତ୍ ପଣ୍ଡଶ୍ରମ କରି ହିନ୍ଦୁ ସନ୍ତାନମାନଙ୍କୁ ନଷ୍ଟ କରିଅଛନ୍ତି ବୋଲିବାକୁ ହେବ ଅପିଚ ବ୍ରାହ୍ମମାନେ ଯେତେବେଳେ ହେ ପିତଃ ହେ ମାତଃ ହେ ଦୟାମୟ ବୋଲି ନିର୍ଦ୍ଦେଶ କରି ଉପାସନା କରୁଥିବେ, ତେତେବେଳେ ତାଙ୍କର ଏହି ସବୁ ଗୁଣ ବାକ୍ୟମାନେ ଯେ ନିର୍ଗୁଣ ନିରାକାରଙ୍କୁ ବୁଝାଇବ ତାହା କଦାଚ ସମ୍ଭବ ନୁହେଁ । ଅତଏବ ବ୍ରାହ୍ମପଦ୍ଧତି ଅନୁସାରେ ଉପାସନା କରା ନିଷ୍ପ୍ରୟୋଜନ ବୋଲି ବୋଧହୁଏ ।

୮.୬.୧୮୮୭ ଶ୍ରୀ—ବାମଣ୍ଡା

[ସଂସ୍କାରକ ୪/୨୯—୨୧.୭.୧୮୮୭ ପୃ-୨୪୫,୨୪୬]

## ନନ୍ଦଲାଲ ବନ୍ଦୋପାଧ୍ୟାୟଙ୍କ ସହ କଥୋପକଥନ

(ବ୍ରାହ୍ମଧର୍ମ ପ୍ରଚାରକ ନନ୍ଦଲାଲ ବନ୍ଦୋପାଧ୍ୟାୟ ବାମଣ୍ଡାଭ୍ରମଣରେ ଆସି ସୁଚ୍ଚଳଦେବଙ୍କଦ୍ୱାରା ଧର୍ମପ୍ରଚାରର ଅନୁମତି ପାଆନ୍ତି । ନନ୍ଦଲାଲଙ୍କୁ ବାମଣ୍ଡା ଦରବାରର ପଣ୍ଡିତସଭାରେ ସମ୍ମାନିତ କରାଯାଏ । ନନ୍ଦଲାଲଙ୍କ ସହିତ ସୁଚ୍ଚଳଦେବଙ୍କ ଧର୍ମାଲୋଚନା ବୈଦିକ ପ୍ରସ୍ତାବ କ୍ରମରେ ନୂତନ ଆଲୋକ ପ୍ରଦାନକରେ । ଏଣୁ ଏ ଆଲୋଚନାକୁ ପାଠକଙ୍କ ଅବଗତି ପାଇଁ ପତ୍ରସ୍ଥ କରାଗଲା । ନନ୍ଦଲାଲଙ୍କ ସହିତ ସୁଚ୍ଚଳଦେବଙ୍କ ତା.୫.୧୨.୧୮୮୭ ଓ ୬.୧୨.୧୮୮୭ର ସାକ୍ଷାତାଲୋଚନାକୁ ବାବୁ ଗୋପାଳଚନ୍ଦ୍ର ବାନୁର୍ଯ୍ୟା ସଂଗ୍ରହକରି ସଂସ୍କାରକ ୪/୪୮ ତା ୧୫.୧୨.୧୮୮୭ ଓ ୪/୪୯ ତା.୨୨.୧୨.୧୮୮୭ ସଂଖ୍ୟାରେ ପ୍ରକାଶ କରନ୍ତି । ସଂସ୍କାରକ ପୃଷ୍ଠାରୁ ଏ ବିଶେଷ ଆଲୋଚନାକୁ ଉଦ୍ଧୃତ କରାଗଲା । — **ସଂପାଦକ**)

ବାମଣ୍ଡା ରାଜା — "ମହାଶୟ ! ଆପଣ ଯେଉଁ ବ୍ରହ୍ମର ଉପସନା କରନ୍ତି ସେ ନିରାକାର କି ସାକାର ?

ନନ୍ଦଲାଲ — ଆମ୍ଭେ ଯେଉଁ ବ୍ରହ୍ମର ଉପାସନା କରୁ ସେ ନିରାକାର ଓ ଜ୍ଞାନ ସ୍ୱରୂପ; ଅର୍ଥାତ୍ "ସତ୍ୟଂ ଜ୍ଞାନ ମନନ୍ତଂ ଆନନ୍ଦ ରୂପ ମମୃତଂ ଯଦିଭାତି ଶାନ୍ତଂ ଶିବ ମଦୈତଂ ଶୁଦ୍ଧ ମପାପ ବିଦ୍ଧଂ ।"

ବାମଣ୍ଡା ରାଜା — ଈଶ୍ୱର ଯେବେ ନିରାକାର ତେବେ ବିଚିତ୍ରମୟ ସଂସାରକୁ କିପରି କଲେ ଯେଉଁ ହେତୁରୁ ସୃଷ୍ଟି କ୍ରିୟାକୁ ପ୍ରତି ଇଚ୍ଛାକରା, ଭାବିବା, ହସ୍ତ ଚଳାଇବା, ଦେଖିବା ପ୍ରଭୃତି ନାନା ପ୍ରକାର କ୍ରିୟାର ସାପେକ୍ଷ୍ୟ ?

ନନ୍ଦଲାଲ — ଈଶ୍ୱର ଜ୍ଞାନଶକ୍ତି ଦ୍ୱାରା ଇଚ୍ଛାକଲେ ବିଚିତ୍ରମୟ ସୃଷ୍ଟି ହୋଇଯାଏ ।

ବାମଣ୍ଡା ରାଜା — ତେବେ କି ଜ୍ଞାନଶକ୍ତିରୁ ଇଚ୍ଛା ଭିନ୍ନ ଅଟେ ?

ନନ୍ଦଲାଲ – ଭିନ୍ନ ନୁହେ ।

ବାମଣ୍ଡା ରାଜା – ତାହା ହେଲେ ଜ୍ଞାନ ଶକ୍ତିକୁ ଇଚ୍ଛା ବୋଇଲେଇ ହୁଏ ?

ନନ୍ଦଲାଲ – ଏକବାରିଗି ଜ୍ଞାନଶକ୍ତିକୁ ଇଚ୍ଛା ବୋଲାଯାଇପାରେ ନାହିଁ, କାରଣ ଏହି ଇଚ୍ଛାଶକ୍ତି ଜ୍ଞାନଶକ୍ତିର ଅନ୍ତର୍ଭୂତ ।

ବାମଣ୍ଡା ରାଜା – ଏହାହେଲେ ଦୁଇଗୋଟା ଜିନିସ ପରି ଭାସମାନ ହେଉଥିବାରୁ ଅଦ୍ୱୈତର ହାନୀ ହୁଏ ?

ନନ୍ଦଲାଲ – ଅଦ୍ୱୈତର ହାନୀ ହେବ ନାହିଁ ଯେଉଁ ହେତୁରୁ ଏକ ସତ୍ୟ ସ୍ୱରୂପ ଯେ ଜ୍ଞାନଶକ୍ତି ସେ ଇଚ୍ଛାରୂପରେ, ପ୍ରେମରୂପରେ, ଜ୍ଞାନରୂପରେ ନାନାରୂପରେ ବିକାଶ ହୁଏ ।

ବାମଣ୍ଡା ରାଜା – ଏକ ପଦାର୍ଥ ଯେବେ ନାନାରୂପରେ ପରିଣତ ହେଲେ ତେବେ ଈଶ୍ୱରଙ୍କର ବିକାରୀତ୍ୱର ହାନୀ ହୁଏ ଅର୍ଥାତ୍ ବିକାରୀ ହୁଅନ୍ତି ?

ନନ୍ଦଲାଲ – ଜୀବାତ୍ମା ଯେପରି ଇଚ୍ଛା, ପ୍ରେମ ପ୍ରଭୃତି ନାନାରୂପରେ ପ୍ରକାଶ୍ୟମାନ ହୋଇ ଏକ ପଦାର୍ଥରୂପରେ ବିକାରକୁ ପ୍ରାପ୍ତ ନହୁଏ ତଦ୍ରୂପ ଈଶ୍ୱର ବିକାରି ନୁହନ୍ତି ।

ବାମଣ୍ଡା ରାଜା – ଆଉ ଏସମ୍ବନ୍ଧେ ପ୍ରତିବାଦର ଆବଶ୍ୟକ ନାହିଁ ଏହାଇ ଯଥେଷ୍ଟ । କିନ୍ତୁ ପ୍ରଥମତଃ ଈଶ୍ୱରଙ୍କର ଯେ ଇଚ୍ଛା ସେ କି ପଦାର୍ଥ ଏହା ବିଚାର କରା ଆବଶ୍ୟକ ।

ସଚରାଚର ସ୍ୱୀକାର କରିବେ ଯେ ଇଚ୍ଛା ମନୋଧର୍ମ ଅଥବା ଆତ୍ମଧର୍ମ ଏବଂ ଇଚ୍ଛା କ୍ରିୟା ହେବାକୁ ପ୍ରତି ଇଷ୍ଟସାଧନତା ଜ୍ଞାନ, କୃତିସାଧ୍ୟତ୍ୱ, ବଳବଦନିଷ୍ଟାନନୁବନ୍ଧିତ୍ୱ ଏହି ତିନିଗୋଟି କାରଣ ଅଟେ ଏହାହେଲେ ଈଶ୍ୱରଙ୍କର ସୃଷ୍ଟିକରଣେଚ୍ଛାକୁ ପ୍ରତି-କୃତିସାଧ୍ୟତ୍ୱ ଯାହା କରିବାକୁ ଇଚ୍ଛା ହେବ ତାହା ସିଦ୍ଧ ହେବାର ସମ୍ଭାବନା ଥିବ) ଏମନ୍ତ ଆବଶ୍ୟକ । ଯେଉଁପରି କେବଳ ହସ୍ତ ବିଶିଷ୍ଟ ବ୍ୟକ୍ତିର କୁଦ୍ଦାଳ ଧରି ମୃତ୍ତିକା ଖନନ କରିବାକୁ ଇଚ୍ଛା ହୁଏ ହସ୍ତ ଶୂନ୍ୟ ବ୍ୟକ୍ତିର ହୋଇନପାରେ ସେହିପରି ଈଶ୍ୱର ନିରାକାର ଥିବାରୁ ଅର୍ଥାତ୍ ହସ୍ତ, ଚକ୍ଷୁ ଆଦି ନଥିବାରୁ ଏକକାଳୀନ ନାନା କାରୁକାର୍ଯ୍ୟ ପରିପାଟୀ ବିଶିଷ୍ଟ ଜଗତ୍ ସର୍ଜନା କରିବାକୁ ଇଚ୍ଛା କରିନପାରନ୍ତି ।

ନନ୍ଦଲାଲ – ଅନନ୍ତ ଶକ୍ତି ବିଶିଷ୍ଟ ଯେ ଇଚ୍ଛା ତାହାରି ଦ୍ୱାରା ପରିପାଟୀ ବିଶିଷ୍ଟ ସଂସାର ସୃଷ୍ଟହେଲା ହସ୍ତ, ଚକ୍ଷୁ ଆଦିର ଆବଶ୍ୟକ ନାହିଁ ।

ବାମଣ୍ଡା ରାଜା – ଯଦ୍ୟପି ଅନନ୍ତ ଶକ୍ତି ବିଶିଷ୍ଟ ଇଚ୍ଛା ଦ୍ୱାରା ସୃଷ୍ଟି ହେଲା ତେବେ ଜୀବ ସହିତରେ ଐଶ୍ୱରୀୟ ଜ୍ଞାନାଂଶର କୌଣସି ସମ୍ବନ୍ଧ ରହିଲା ନାହିଁ ?

ନନ୍ଦଲାଲ – ଜ୍ଞାନରେ ଇଚ୍ଛା ଯେତେବେଳେ ଅନ୍ତର୍ଭୂତ ଅଟେ ସେତେବେଳେ ଇଚ୍ଛା ସଂଗରେ ଜ୍ଞାନ, ପ୍ରେମ ସକଳ ରହିଅଛି ।

ବାମଣ୍ଡା ରାଜା – ତେବେ ପ୍ରସ୍ତର, ଆକାଶ, ଅଗ୍ନି, ଜଳ, ପ୍ରଭୃତି ଜଡ଼-ପଦାର୍ଥରେ ପ୍ରେମ, ଜ୍ଞାନ, ଦୟା କାହିଁ ?

ନନ୍ଦଲାଲ – ପ୍ରସ୍ତରାଦିରେ ଜ୍ଞାନାଦି ଗୂଢ଼ ଭାବରେ ନିହିତ ଅଛି । ଏ ପର୍ଯ୍ୟନ୍ତ ଯଥେଷ୍ଟ ଆପଣଙ୍କ ମତରେ କିପରି ସୃଷ୍ଟି ହୋଇଅଛି ?

ବାମଣ୍ଡା ରାଜା – ଆପଣ ଯେଉଁ ଇଚ୍ଛାଶକ୍ତିର ଜ୍ଞାନଶକ୍ତିର ଅନ୍ତର୍ଭୂତ ବୋଲନ୍ତି ତାହା ଅନ୍ତର୍ଭୂତ ନୁହେଁ, ଜ୍ଞାନଶକ୍ତିରୁ ଭିନ୍ନ ଅଟେ, ଯେଉଁ ହେତୁରୁ ଇଚ୍ଛା ଗୋଟିଏ ମନୋଧର୍ମ ବା ଆତ୍ମଧର୍ମ ଅଟେ (ଦ୍ୱୈତାପତ୍ତି, ଇଷ୍ଟାପତ୍ତି) ଏହି ଇଚ୍ଛାଶକ୍ତି ଯେତେବେଳେ ଜଳ ବୁଦ୍‌ବୁଦ୍ ପରି ଉଦ୍ରେକ ହେଲା ତାହାରି ନାମ ପ୍ରକୃତି; ଘଟ ତୟାର ହେବା ସଙ୍ଗେ ସଙ୍ଗେ  ଆକାଶ ରହିଲା ପରି ଐଶ୍ୱରୀୟ ଚୈତନ୍ୟ ରହି ଜୀବରୂପରେ ଅଭିହିତ ହୋଇ ନାନା ପ୍ରକାର ହେଲା ଓ ନାନା ପ୍ରକାର ସୃଷ୍ଟି ପରିପାଟୀ ବିସ୍ତାର କଲା ।

ନନ୍ଦଲାଲ – ଇଚ୍ଛା ନିତ୍ୟ ହେତୁରୁ ଇଚ୍ଛାମୟ ବୋଲିବାକୁ ହେବ, ଯେଉଁ ହେତୁରୁ ଏହି ଇଚ୍ଛା ଶକ୍ତି ପୂର୍ବେ ଓ ସମୟେ ଏବଂ ପରେ ରହିଅଛି ସୁତରାଂ ଗୁଣ ପଦାର୍ଥ ନହୋଇ ସ୍ୱରୂପ ହେଲା ଏବଂ ନିରାକାର ଈଶ୍ୱର ଯେତେବେଳେ ଆପାଣାକୁ ସାକାର ରୂପରେ ପରିଣତ କଲେ ସେତେବେଳେ ସେହି ନିରାକାର ଆକାର ବିଶିଷ୍ଟ ସଂସାର ସୃଷ୍ଟି କରିବାରେ ବିଚିତ୍ର କି ?

ବାମଣ୍ଡା ରାଜା – ଏହି ଦୁଇମତର ଚୂଡ଼ାନ୍ତ ଅମୃତମୟ ଫଳଭୋଗୀ ପାଠକ-ମାନେ ହେଉନ୍ତୁ ।

ନନ୍ଦଲାଲ – ତଥାସ୍ତୁ ହରି ଓଁ । (୫.୧୨.୧୮୮୭)

ବାମଣ୍ଡା ରାଜା – ଜାତିଭେଦଦ୍ୱାରା ଆମ୍ଭମାନଙ୍କର ଉପକାର କି ଅପକାର ? ଯଦ୍ୟପି ଉପକାର ହୁଏ ତେବେ ତ୍ୟାଗକରା ପ୍ରୟୋଜନ କି ? ଓ ଯଦ୍ୟପି ଅପକାର ହୁଏ ତେବେ କେଉଁ ଅଂଶରେ ?

ନନ୍ଦଲାଲ – ପୂର୍ବେ ବୈଦିକ କାଳରେ ଚାରିଗୋଟି ଜାତିର ନିର୍ଦ୍ଦେଶ ଥିଲା । ସେଇ ଜାତିର ମଧ୍ୟରେ ଆହାରାଦି ଏବଂ ବିବାହାଦିର ପ୍ରଭେଦ ନଥିଲା; ସୁତରାଂ ପରସ୍ପରରେ ଅତ୍ୟନ୍ତ ଘନିଷ୍ଠତା ବିଦ୍ୟମାନ ଥିଲା ଏବଂ ସେହି ସମୟରେ ଜାତି ବିଭାଗ ସାମାଜିକ କାର୍ଯ୍ୟର ଶୃଙ୍ଖଳା ନିମିତ୍ତ ସଂସ୍ଥାପିତ ହୋଇ ଫଳତଃ ଭିନ୍ନଭିନ୍ନ ବୃତ୍ତିର ଯଥେଷ୍ଟ ଉତ୍କର୍ଷ ସଂପାଦିତ ହୋଇ ସମାଜର ପ୍ରତି ଉପକାରୀ ହୋଇଥିଲା । ତଦନନ୍ତର ପୌରାଣିକ ସମୟରେ (ମହାଭାରତ ସମୟ ପର୍ଯ୍ୟନ୍ତ)  ଏହିପରି ଚଳି ଆସୁଥିଲା କ୍ରମେ କ୍ରମେ ଆପଣା ଆପଣା ଉତ୍କୃଷ୍ଟ ନିକୃଷ୍ଟାନୁସାରେ ପରସ୍ପରର ବିବାହପ୍ରଥା ରହିତହୋଇ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ବଂଶଗତ ଜାତି ହୋଇପଡ଼ିଲା । ଏହି ସମୟଠାରୁ ଜାତିଭେଦର ବିଷମୟ ଫଳ ଫଳିବାକୁ ଲାଗିଲା । ସମସ୍ତ ହିନ୍ଦୁଜାତି ଯାହା ଏକ ପରିବାର ରୂପରେ ବିଦ୍ୟମାନ ଥିଲା ତାହା ନାନା ଶ୍ରେଣୀରେ ବିଭକ୍ତ ହେଲା ।

ପୂର୍ବରେ ଯେଉଁ ଏକତା ଥିଲା ତାହା ବିଚ୍ଛିନ୍ନ ହେଲା ବ୍ରାହ୍ମଣ ଭିନ୍ନ ଅନ୍ୟାନ୍ୟ ଜାତି ଯେଉଁମାନେ କି ସମାଜର ନିମ୍ନଶ୍ରେଣୀରେ ଅର୍ନ୍ତଭୂତ ଥିଲେ ସେମାନଙ୍କର ଆପଣା ଆପଣା ଉତ୍କର୍ଷ ଲାଭ କରତଃ ଉଚ୍ଚଶ୍ରେଣୀକି ଉଠିବାର ପନ୍ଥା ଅବରୋଧ ହେଲା ଏହାକୁ ଜାତିଭେଦର ମହତ୍ ଅପକାର୍ଯ୍ୟ ବୋଲିବାକୁ ହେବ । ବର୍ତ୍ତମାନ ଅପକାର ଏହି ଯେ, ଭିନ୍ନ ଭିନ୍ନ ଜାତିମାନେ ଆପଣା ଆପଣା ଅବସ୍ଥାରେ ଉନ୍ନତି କରି ସମାଜର ଉଚ୍ଚସ୍ଥାନ ପ୍ରାପ୍ତ ହେବାକୁ ଯଥାସାଧ୍ୟ ଚେଷ୍ଟାକରିବାକୁ ଲାଗିଲେ ମାତ୍ର ଜାତୀୟ କଠିଣ ବନ୍ଧନ ବଶତଃ ସେମାନଙ୍କ ଉଦ୍ୟମ ବିଫଳହେଲା । ଏଣୁକରି ନାନା ପ୍ରକାର ଜାତୀୟ ବିଶୃଙ୍ଖଳା ସଂଘଠିତ ହେବାକୁ ଲାଗିଲା ଅର୍ଥାତ୍ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ସ୍ୱ-ଜାତିରେ ଥାଇ ଯୋତାର ଦୋକାନ, ମଦ୍ୟର ଦୋକାନ ଓ ଅଖାଦ୍ୟ ଭକ୍ଷଣ କରିବାକୁ ଲାଗିଲେ ।

ବାମଣ୍ଡା ରାଜା – ଆପଣ ଯେ କହୁଅଛନ୍ତି ନିମ୍ନ ଜାତୀୟ ଲୋକେ ସ୍ୱ-ସ୍ୱ ଅବସ୍ଥାର ଉନ୍ନତି କରି ଉପରକୁ ଉଠି ପାରୁନାହାନ୍ତି ତେବେ କିପରି ଭାବରେ ଉଠିପାରିବେ ?

ନନ୍ଦଲାଲ – ଜାତିଭେଦ ସ୍ୱୀକାର ନକଲେ ଅବଶ୍ୟ ମେହନ୍ତର ପ୍ରଭୃତି ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟରେ ମିଶି ଏବଂ ସମଭାବରେ ରହି ଏକତା ସଂପାଦନ କରତଃ ସମାଜର ଉନ୍ନତି କରିପାରିବେ ।

ବାମଣ୍ଡା ରାଜା – ମେହନ୍ତର, ଧୋବା, ଭଣ୍ଡାରୀ ଉନ୍ନତିକରି ଆମ୍ଭର ସହିତରେ ମିଶିଲେ ଆମ୍ଭେମାନେ ଅଗତ୍ୟା ମେହନ୍ତର ପ୍ରଭୃତିର କାର୍ଯ୍ୟ କରିବାକୁ କାହିଁକି ବାଧ୍ୟ ହେବୁ ?

ନନ୍ଦଲାଲ – ଈଶ୍ୱର ଯେତେବେଳେ ସମସ୍ତଙ୍କୁ ଆପଣାର ପୁତ୍ରରୂପରେ ସର୍ଜନ କରିଅଛନ୍ତି ତେତେବେଳେ ମେହନ୍ତରମାନଙ୍କୁ କାହିଁକି ନରକରେ ପକାଇବୁ ? ଆମ୍ଭେ-ମାନେ କଲେ ହାନୀ କି ?

ବାମଣ୍ଡା ରାଜା – ଅକାର୍ଯ୍ୟ କରଣ ସହଜ ବ୍ୟାପାର ନୁହେଁ । ଯେ ହେଉ ଈଶ୍ୱରକୃତ ପୂର୍ବଜନ୍ମର କର୍ମାନୁସାରେ ସମସ୍ତେ ଆପଣାଆପଣା ଫଳଭୋଗ କରୁଅଛନ୍ତି ଅତଏବ ସେମାନଙ୍କ କାର୍ଯ୍ୟରେ ବ୍ୟାଘାତ କଲେ ଈଶ୍ୱରଙ୍କର ଅପ୍ରିୟହୋଇ ଆମ୍ଭମାନଙ୍କୁ ପରଜନ୍ମରେ ସେମାନଙ୍କ ଅବସ୍ଥାରେ ପତିତ ହେବାକୁ ହେବ ।

ନନ୍ଦଲାଲ – ପୂର୍ବଜନ୍ମ ଥିବାର କୌଣସି ପ୍ରମାଣ ନାହିଁ ।

ବାମଣ୍ଡା ରାଜା – ଶରୀର ନଷ୍ଟହେଲା ଉତାରୁ ଜୀବଯେବେ ଈଶ୍ୱରତ୍ୱକୁ ପ୍ରାପ୍ତନହୁଏ ତେବେ କି ଭାବରେ ଥାଏ ?

ନନ୍ଦଲାଲ – ଅଶରୀର ଭାବରେ ଥାଏ ।

ବାମଣ୍ଡା ରାଜା – ଈଶ୍ୱରତ୍ୱକୁ ପୁନର୍ବାର ପ୍ରାପ୍ତହୋଇ ପାରେ କି ନା ? ଯଦ୍ୟପି ପାରେ ତେବେ କି ଭାବରେ ?

ନନ୍ଦଲାଲ – ଜୀବ ଅନନ୍ତ ଉନ୍ନତିଶୀଳ, ଅନନ୍ତ ଉନ୍ନତି ପଥରେ ନିୟତ ଧାବମାନ, ଈଶ୍ୱର ସ୍ୱରୂପର ନିକଟବର୍ତ୍ତୀ ହେବା ସମ୍ଭବ କିନ୍ତୁ ଜୀବର ପକ୍ଷରେ ଈଶ୍ୱର ହେବା ନିତାନ୍ତ ଅସମ୍ଭବ । ଏହି ଅନନ୍ତ ଉନ୍ନତି ପଥରେ କ୍ରମଶଃ ଈଶ୍ୱର ସ୍ୱରୂପର ନିକଟବର୍ତ୍ତୀ ହେବାହିଁ ଈଶ୍ୱରପ୍ରାପ୍ତି ବା ଈଶ୍ୱର ହେବାର ।

ବାମଣ୍ଡା ରାଜା – ଯଦ୍ୟପି ଈଶ୍ୱର ପ୍ରାପ୍ତି ବା ଈଶ୍ୱର ହେବା ନହୁଏ ତେବେ ଏପରି ଅଶରୀରୀ ଭାବରେ ଈଶ୍ୱରଙ୍କ ନିକଟରେ ଥିବାର କୌଣସି ପ୍ରୟୋଜନ ନାହିଁ ଏବଂ ଜୀବ ଈଶ୍ୱରତ୍ୱକୁ ପ୍ରାପ୍ତି ନହେଲେ ଈଶ୍ୱରାରାଧନାର ଆବଶ୍ୟକ କି ?

ନନ୍ଦଲାଲ – ଜୀବ ଉନ୍ନତିମୁଖୀ, ତା'ର ଚେଷ୍ଟା, ଯତ୍ନ ସେହି ପଥରେ (ଈଶ୍ୱର ନିକଟବର୍ତ୍ତୀ ହେବା) ଜୀବର ଏହିଟି ସ୍ୱଭାବ; ଜୀବର ଜୀବନ୍ତଭାବର ଏହିଟି ପ୍ରଧାନ ଲକ୍ଷଣ ସୁତରାଂ ସେ ଆପଣାର ସ୍ୱଭାବକୁ ଅତିକ୍ରମ କରିପାରେନାହିଁ ଏ ରୂପ ଅବସ୍ଥାରେ ସେ କେତେବେଳେ ବୋଲିପାରେ ନାହିଁ ଯେ ଆମ୍ଭେ ଉନ୍ନତି ଚାହୁଁନା, ଅର୍ଥାତ୍ ଈଶ୍ୱରଙ୍କ ନିକଟବର୍ତ୍ତୀ ହେବାର ଚାହୁଁନା ଏବଂ ଈଶ୍ୱରଙ୍କ ପୂଜା ବନ୍ଦନା ଆଦି ଚାହୁଁନା ।

ବାମଣ୍ଡା ରାଜା – ଅଶରୀରୀ ଭାବରେ ଜୀବର ଉନ୍ନତିଶୀଳ ପ୍ରକୃତି ଥିବାର କି ପ୍ରମାଣ ?

ନନ୍ଦଲାଲ – ପୂର୍ବଜନ୍ମର କି ପରଜନ୍ମର କୌଣସି ପ୍ରତ୍ୟକ୍ଷ ପ୍ରମାଣ ନାହିଁ । ଅଶରୀରୀ ହୋଇ ଚିର ଉନ୍ନତି ପଥରେ ଆମ୍ଭେମାନେ କିପରି ଭାବରେ ଥିବୁ ତାହା ଆମ୍ଭକୁ ଜଣାନାହିଁ; କିନ୍ତୁ ଯେତେବେଳେ ପରମାତ୍ମା ସଂଗେ ଜୀବାତ୍ମାର ଗଭୀର ଯୋଗ ସଂବନ୍ଧ ହୁଏ ସେତେବେଳେ ଏ ଶରୀର ସଂଗରେ ତାର ଯୋଗ ଏକପ୍ରକାର ବିଘଟିତ ହୁଏ, ବାହ୍ୟେନ୍ଦ୍ରୀୟ ସଂଗରେ ଶରୀର ସଂଗରେ କୌଣସି ସଂବନ୍ଧ ଅନୁଭୂତ ହୁଏନା, ଅଶରୀର ଅବସ୍ଥାରେ ଆମ୍ଭେମାନେ କି ରୂପେ ଥିବୁ ଏହି ମାତ୍ର ତାହାର ଆଭାସ, ଏଥିରୁ ଅଧିକ ଜାଣିବାର ମନୁଷ୍ୟର ପକ୍ଷରେ ଅସମ୍ଭବ; ତଥାପି ଏହି ଜୀବାତ୍ମା ପରମାତ୍ମା ମିଳନରେ ଜୀବର ଉନ୍ନତି ସାଧିତ ହେଉଥାଏ ।

ବାମଣ୍ଡା ରାଜା – ଅଶରୀରୀ ଅବସ୍ଥାରେ ଜୀବର କ୍ରମିକ ଉନ୍ନତି ହେବାର ଯଦ୍ୟପି କୌଣସି ପ୍ରମାଣ ନମିଳିଲା ତେବେ ସେହିପରି ଗୋଟିଏ ଅଶରୀର ଅବସ୍ଥା ସ୍ୱୀକାରକରା ଅବଶ୍ୟକ କି ?"

ବାମଣ୍ଡା — ସଂଗ୍ରାହକ

୬.୧୨.୧୮୮୭ — ଶ୍ରୀବାବୁ ଗୋପାଳଚନ୍ଦ୍ର ବାନୁର୍ଯ୍ୟା

## ଦ୍ୱିତୀୟ ଭାଗ

### OURSELVES

We owe an apology to our readers for the much objectionable delay that has taken place in the publication of this issue of the paper. This was owing to causes, over which we have no control. The sevak sabha gaveup the proprietorship of The Sanskaraka, which passed into the hands of babu Shyam Sundar Pattnaik, who had to purchase a press in-order to make the paper permanent. The Sanskaraka is now issued from its own press, called 'Sudhal Press', being named after Rajah Basudev Sudhal Dev of Bamra, to whose disintrested and benevolent exertions in behalf of the paper we are very much indebted. x x x x (ସଂସ୍କାରକ, ୩/୪୦, ତା.୧୭.୧୦.୧୮୮୬, ପୃ. ୨୯୫ ଏହି ସଂଖ୍ୟାଠାରୁ ଶିରୋଦେଶରେ ''ମହାରାଜାଧିରାଜ ବାମଣ୍ଡାଧିପତି ଶ୍ରୀ ଶ୍ରୀ ବାସୁଦେବ ସୁଢ଼ଳଦେବଙ୍କ ସୁ-ପ୍ରସାଦରୁ ପ୍ରକାଶିତ'' ମୁଦ୍ରିତ । )

## ବିବିଧ ।

''ଅନୁରାଗ ମନେ ଉପୁଜେ ଯେଉଁ କୁସୁମ ବାଣେ । ଓଲଟା ଯୋଖିଲେ ସେ ବାଣ ପୁଣି ବିରାଗ ଆଣେ ।'' ଚନ୍ଦ୍ରଭାଗାର ଏହି ପଦ୍ୟକୁ ଲକ୍ଷ୍ୟକରି ''ଶ୍ରୀ ବାମଣ୍ଡା'' ପଚାରିଥିଲେ ଯେ କେଉଁ ଫୁଲକୁ ଲକ୍ଷ୍ୟ କରାହୋଇଅଛି । ଏଥକୁ ଦୀପିକାର ପତ୍ରପ୍ରେରକ କାବ୍ୟଶେଖର ମହାଶୟ ''ମଲ୍ଲି'' ପୁଷ୍ପକୁ ସୂଚାଇ ଦେଇଅଛନ୍ତି । କାବ୍ୟଶେଖର ମହାଶୟ ''ମଲ୍ଲିକୁ'' ଓଲଟାଇ ଲିମରୂପରେ ପ୍ରକାଶକରି ଚତୁରତା ପ୍ରକାଶ କରିଅଛନ୍ତି ମାତ୍ର ଶବ୍ଦକୁ ଓଲଟାଇଲେ ତାଦୃଶ ସୁନ୍ଦର ଦିଶେ ନାହିଁ । ପୁଷ୍ପକୁ ଓଲଟାଇବା ଉତ୍ତମ ଅଟେ । ଏଣୁ ''ଶ୍ରୀବାମଣ୍ଡା'' ପଦ୍ମ ଫୁଲକୁ ଓଲଟାଇ ବିରାଗସୂଚକ ତହିଁର ମୃଣାଳକୁ ଦର୍ଶାଇ ଅଛନ୍ତି । ଏଥିସମ୍ବନ୍ଧରେ ଆମ୍ଭମାନଙ୍କର ଏହି ବକ୍ତବ୍ୟ ଯେ ନିମ୍ନଲିଖିତ ପୁଷ୍ପମାନ କାମର କୁସୁମବାଣରେ ଅଛି ବୋଲି ଶାସ୍ତ୍ରକାରମାନେ ନିର୍ଦ୍ଦେଶ କରିଅଛନ୍ତି ।

ଅରବିନ୍ଦ ମଶୋକଞ୍ଚ ଚୂତଞ୍ଚ ନବମଲ୍ଲିକା । ନୀଳୋତ୍ପଳଞ୍ଚ ପଞ୍ଚୈତେ କମ ଦେବସ୍ୟ ସାୟକାଃ । ଅର୍ଥାତ୍ ଅରବିନ୍ଦ, ଅଶୋକ, ଚୂତ, ମଲ୍ଲି, ଓ ନୀଳୋତ୍ପଳ ପୁଷ୍ପମାନ କାମଦେବଙ୍କ ଶରରେ ଅଛନ୍ତି । କବି ପଦ୍ୟ ଲେଖିଲାବେଳେ ''କୁସୁମ ବାଣ''ରୁ ଅର୍ଥାତ୍ ଉଲ୍ଲିଖିତ ପଞ୍ଚକୁସୁମ ବିଶିଷ୍ଟ ବାଣକୁ ଓଲଟା କରି ଯୋଖିବା କଥା ନିର୍ଦ୍ଦେଶ କରିଅଛନ୍ତି । ଏଣୁକରି କେବଳ ପଦ୍ମଫୁଲକୁ ଓଲଟାଇ ''ଶ୍ରୀବାମଣ୍ଡା'' କେବଳ

ଆଂଶିକ ଭାବକୁ ପ୍ରତିପନ୍ନ କରିଅଛନ୍ତି । ଯଦ୍ୟପି ଉଲ୍ଲିଖିତ ପଞ୍ଚପୁଷ୍ପ ମଧ୍ୟରୁ ପ୍ରତ୍ୟେକ ପୁଷ୍ପକୁ ଓଲଟାଇ ବିରାଗଭାବ ବାହାର କରନ୍ତେ ତାହାହେଲେ ଭାବର ପୂର୍ଣ୍ଣତା ହୁଅନ୍ତା । ଆମ୍ଭମାନଙ୍କ ବିବେଚନାରେ ଏପରି ପୁଷ୍ପ ଓଲଟାଇବା କଥା କବି ଭାବି ନଥିଲେ । କାମର କୁସୁମ-ବାଣକୁ ଓଲଟା ଯୋଖିଲେ ବିରାଗ ଭାବର ସଞ୍ଚାର ହୁଏ ବୋଲି କୌଣସି କୌଣସି କାବ୍ୟରେ ଉଲ୍ଲେଖ ଅଛି ଏହା ଆମ୍ଭେମାନେ ପରେ ଦେଖାଇବୁଁ ।

[ସଂସ୍କାରକ-୪/୧୦-୧୦.୩.୧୮୮୭ ପ.୮୯]

## ବାମଣ୍ଡା ସମ୍ବନ୍ଧରେ

ଆମ୍ଭେ ଗଡ଼ଜାତମାନଙ୍କର କେତେକ କିଲ୍ଲାରେ ଭ୍ରମଣ କରିଅଛୁଁ । ସେ କିଲ୍ଲାମାନଙ୍କର ଅଧିପତି ମହୋଦୟ ମାନଙ୍କର ଆଚାର ବ୍ୟବହାର ମଧ କେତେକ ପରିମାଣରେ ଦେଖିଅଛୁ ଏବଂ ଶ୍ରବଣ କରିଅଛୁ, ତହିଁରେ ଆମ୍ଭେ ଅତ୍ୟନ୍ତ କ୍ଷୁବ୍ଧ ମନେକରିଥିଲୁ ସର୍ବତ୍ରରେ ରାଜାମାନଙ୍କର ରୀତିନୀତି ଏହିପରି ଅପ୍ରଶସ୍ତ ଅଟେ । କିନ୍ତୁ ବର୍ତ୍ତମାନ ବାମଣ୍ଡାଧିପତିଙ୍କୁ ତଦ୍‌ବିପରୀତ ପଥାନୁଗାମୀ ଦେଖି ପରମାନନ୍ଦ ଲାଭ କରିଅଛୁ । ରାଜା ମହୋଦୟ ସର୍ବଦା ନଗର ମଧ୍ୟରେ ଭ୍ରମଣ କରତଃ ଦୁଃଖୀ-ଦରିଦ୍ରମାନଙ୍କ ଦୁଃଖ ଶ୍ରବଣ କରି ତହିଁର ପ୍ରତିକାରାକାଂକ୍ଷୀ ହୁଅନ୍ତି । କିନ୍ତୁ ଅପର କିଲ୍ଲାର ରାଜାମାନଙ୍କର ଦର୍ଶନ ମିଳିବା କଷ୍ଟକର ।

ବାମଣ୍ଡାଧିପତି ମହୋଦୟ ପ୍ରତିବର୍ଷ ଶିକ୍ଷା ବିଭାଗ ସକାଶ ୩-୪ ହଜାର ଟଂକା ଉତ୍ସର୍ଗକରି ସ୍ୱୀୟ ପ୍ରଜାମାନଙ୍କୁ ଶିକ୍ଷିତ କରାଇ ରାଜକାର୍ଯ୍ୟରେ ନିଯୁକ୍ତ କରୁଅଛନ୍ତି । ଶିକ୍ଷକମାନେ ଆବଶ୍ୟକକ୍ରମେ ଆଗତୁରା ବେତନ ନେଇ ପରିବାର ମଧ ସୁ-ବନ୍ଦୋବସ୍ତ .କରିଦେଇ ଅଛନ୍ତି, ଏବଂ ମୁଦ୍ରାଯନ୍ତ୍ର ସ୍ଥାପନ କରତଃ ଦେଶର ଅନେକ ମଂଗଳ ସାଧନ କରିଅଛନ୍ତି । ମହାରାଜ ମଧ ଜଣେ ପ୍ରକୃତ ବିଦ୍ୟୋତ୍ସାହୀ ଏଣୁକରି ଅନେକ ପଣ୍ଡିତମାନେ ଏ ମହୋଦୟଙ୍କ ବାହୁଚ୍ଛାୟାରେ କାଳାତିପାତ କରୁଅଛନ୍ତି । ମହାରାଜା ସର୍ବଦା ନିରଳସ ଭାବରେ ରାଜକାର୍ଯ୍ୟାଦି ପର୍ଯ୍ୟାଲୋଚନା କରନ୍ତି । ଏ ମହାତ୍ମା ପରିଶ୍ରମକୁ କଷ୍ଟ ଜ୍ଞାନ କରନ୍ତି ନାହିଁ । ପ୍ରଜାମାନଙ୍କ ସୁବିଧା ନିମିତ୍ତ ମହାଜନୀ କାରବାର ମଧ ଖୋଲିଅଛନ୍ତି ।

କିନ୍ତୁ ଏପରି ସତ୍‌କାର୍ଯ୍ୟମାନଙ୍କରେ ଅନ୍ୟ କୌଣସି ରାଜା ବ୍ରତୀ ହେବାର ଶ୍ରବଣରେ ଆସିନାହିଁ । ଈଶ୍ୱରଙ୍କ ନିକଟରେ ବିନୀତ ପ୍ରାର୍ଥନା ଯେ ଏ ମହୋଦୟଙ୍କୁ ଦୀର୍ଘଜୀବୀକରି ନାନାଦିସଦନୁଷ୍ଠାନ କାର୍ଯ୍ୟରେ ପରିଣତ କରିବା ନିମିତ୍ତ ପ୍ରବୃତ୍ତି ଦିଅନ୍ତୁ ।

ଅନ୍ୟାନ୍ୟ ନୃପତିମାନେ ଲେଖକଙ୍କର ଦୋଷ ମାର୍ଜନାକରି ବାମଣ୍ଡାଧିପତିଙ୍କୁ ଅନୁକରଣ କରନ୍ତୁ । ନିବେଦନଂ ଇତି — ଶ୍ରୀ —

('ସଂସ୍କାରକ' — ୪/୧୯, ତା ୧୨.୫.୧୮୮୭, ପୃ. ୧୬୨-୧୬୩)

ନିବେଦନ –

## ବେଦ ମନୁଷ୍ୟ ରଚିତ କି ନା ? (ଐତିହାସିକ ପ୍ରମାଣ)

ଗତ ସଂଖ୍ୟା ସେବକରେ ଲିଖିତ ହୋଇଥିଲା ଯେ ବେଦ ପ୍ରଭୃତି ମନୁଷ୍ୟ ଜନ୍ମ ହେବାର ଅନେକ ଶତାବ୍ଦି ପରେ ରଚିତ ହୋଇଅଛି । ଏହା ବିଜ୍ଞାନ ଓ ଇତିହାସଦ୍ୱାରା ଜଣାଯାଏ ।

ବାମଣ୍ଡାଧିପତି ସୁତ୍ରଲଦେବ ଚଳିତ ମାସର ୧୦ ତାରିଖର ସଂସ୍କାରକରେ ଏହାର ପ୍ରତିବାଦ କରି ଲେଖିଅଛନ୍ତି କି, "ଏଥିରେ ବକ୍ତବ୍ୟ ଯେ ହିନ୍ଦୁ ଶାସ୍ତ୍ରର ବେଦ କେଉଁ ଶତାବ୍ଦିରେ ରଚିତ ହୋଇଅଛି ତାହା ଇତିହାସ ଓ ବିଜ୍ଞାନଦ୍ୱାରା ସେବକ ବୁଝାଇଦେବେ । ବେଦ ଈଶ୍ୱରଙ୍କ ନିଃଶ୍ୱାସ ସଂଭୂତ ବୋଲି ସ୍ୱତଃସିଦ୍ଧ ଅଟେ ।"

ରାଜା ବାହାଦୁରଙ୍କ ବିଶ୍ୱାସ ବେଦ ମନୁଷ୍ୟ ରଚିତ ନୁହେଁ କିନ୍ତୁ ଈଶ୍ୱରଙ୍କ ନିଶ୍ୱାସ ସଂଭୂତ । ତାହାଙ୍କର ଉକ୍ତ ବିଶ୍ୱାସ ଯେ ଭ୍ରାନ୍ତିପୂର୍ଣ୍ଣ ତହିଁରେ ଆଉ ସଂଦେହ ନାହିଁ । ସମଗ୍ର ବେଦ ଏକ ସମୟରେ କିମ୍ବା ଏକ ବ୍ୟକ୍ତିଦ୍ୱାରା ରଚିତ ହୋଇନାହିଁ । ଏହା ନାନା ବ୍ୟକ୍ତି କର୍ତ୍ତୃକ ଭିନ୍ନ ଭିନ୍ନ ସମୟରେ ରଚିତ ହୋଇଅଛି । ତତ୍‌କାଳେ ଲିଖନ ପ୍ରଣାଳୀ ପ୍ରଚଳନ ନଥିବାରୁ ଆର୍ଯ୍ୟମାନେ ସୂକ୍ତମାନ କଣ୍ଠସ୍ଥକରି ନାନା ସ୍ଥାନରେ ଗାନ କରୁଥିଲେ । ପରେ ଲିଖନ ପ୍ରଣାଳୀ ପ୍ରଚଳିତ ହେଲେ ଏହି ସୂକ୍ତମାନ ସଂଗୃହିତ ଓ ଲିପିବଦ୍ଧ ହୋଇ 'ବେଦ' ନାମରେ ଅଭିହିତ ହେଲା । ଏହି ନିମିତ୍ତ ବେଦର ଅପରନାମ ଶ୍ରୁତି ହୋଇଅଛି ।

ବେଦ ଅତିଶୟ ପ୍ରାଚୀନ ଗ୍ରନ୍ଥ ଓ ଭିନ୍ନ ଭିନ୍ନ ସମୟରେ ରଚିତ ହେବାରୁ ଏବଂ ବୈଦିକ ସମୟର ସଠିକ୍ ଇତିହାସର ଏକାନ୍ତ ଅଭାବ ଥିବାରୁ ବେଦ ରଚିତ ହୋଇଥିବାର ସମୟର ସଠିକ୍ ସାଲ ଓ ତାରିଖ ମିଳିବା କଠିଣ । କିନ୍ତୁ ଏହାଯେ ଏକ ସମୟରେ ମନୁଷ୍ୟ କର୍ତ୍ତୃକ ରଚିତ ହୋଇଅଛି ତହିଁରେ ଆଉ ସନ୍ଦେହ ନାହିଁ । ନିମ୍ନୋଦ୍ଧୃତ ଐତିହାସିକ ପ୍ରମାଣମାନ ପାଠକଲେ ଜଣାପଡ଼ିବ ବେଦ ଈଶ୍ୱରଙ୍କ ନିଃଶ୍ୱାସ ସଂଭୂତ ଅବା ମନୁଷ୍ୟ ନିଃଶ୍ୱାସ ସଂଭୂତ । "The Vedas are not single works; each is the production of various authors whose names are attached to their composition, and to whom according to Hindus, those passages were separately revealed They were written at different periods, but were compiled in their present form in the 14th century before Christ.

Sir William Jones supposes the yajurveda to have been written 1580 B.C. *(Elphinstone's – History of India)*

Orhthodox Hindus believe, without evidence that it existed

from before all time or atleast 3,001 Year B.C., nearly 5,000 years ago. European scholars have inferred from astronomical data that its composition was going on about 1,400 B.C.

The old Aryan poets who composed the Veda atleast 3,000 & perhaps 4,000yrs ago.*(W.W. Hunter's – History of India)*

('ସଂସ୍କାରକ' – ୪/୧୪, ତା ୭.୪.୧୮୮୭, ପୃ. ୧୧୮-୧୧୯)

କେତେକ ବେଦ ରଚୟିତା ଓ ରଚିତାଂଶର ନାମ ନିମ୍ନେ ଉଲ୍ଲେଖକରାଗଲା । ଯଥା – 'ଗାଥୀ' (ଅର୍ଥାତ୍ 'ଗାଥିନ୍') ଋଷି, ତାହାଙ୍କର ପୁତ୍ର ବିଶ୍ୱାମିତ୍ର ଓ ପୌତ୍ର ଋଷଭ, ବିଶ୍ୱାମିତ୍ର କୁଳଭବ କତ, ଏବଂ କତ ବଂଶଜ ଉତ୍କୀଳ ଋଷି ଏମାନେ ପ୍ରତ୍ୟେକ ଋଗ୍‌ବେଦର ତୃତୀୟ ମଣ୍ଡଳର ଅନେକାନେକ ସୂକ୍ତ ପ୍ରଣୟନ କରିଅଛନ୍ତି ।

ଋଷଭ ଋଗ୍‌ବେଦର ୧୩ଶ ଓ ୧୪ଶ ସୂକ୍ତ; ଉତ୍କୀଳ ୧୫ଶ, ଓ ୧୬ଶ ସୂକ୍ତ; କତ ୧୭ଶ ଓ ୧୮ଶ ସୂକ୍ତ; ଗାଥୀ ୧୯ଶ, ୨୦ଶ, ୨୧ଶ ଓ ୨୨ଶ ସୂକ୍ତ ଏବଂ ବିଶ୍ୱାମିତ୍ର ୧ମ, ୨ୟ ଓ ୩ୟ ପ୍ରଭୃତି ୪୪ ଗୋଟି ସୂକ୍ତ ରଚନା କରିଅଛନ୍ତି ।

ଦୀର୍ଘତମା ସର୍ବାନୁକ୍ରମାନୁସାରେ ଋଗ୍‌ବେଦ ସଂହିତାର ପ୍ରଥମ ମଣ୍ଡଳର ପ୍ରଥମ ମଣ୍ଡଳର ଅନ୍ତର୍ଗତ ୧୪୦-୧୬୪ ପର୍ଯ୍ୟନ୍ତ ସମୁଦାୟ ସୂକ୍ତର ରଚୟିତା । ଶୁନଃଶେପ ଋଗ୍‌ବେଦସଂହିତାର ପ୍ରଥମ ମଣ୍ଡଳର ଷଷ୍ଠାନୁବାକର ୧-୭ ସୂକ୍ତର ପ୍ରଣେତା ଅଟନ୍ତି ।

ଈଶ୍ୱରତ ଅତି ଦୂରର କଥା, ନିମ୍ନ ଲିଖିତ ସ୍ତ୍ରୀଲୋକମାନଙ୍କ ଦ୍ୱାରା ମଧ୍ୟ ବେଦର କେତେକ ଅଂଶ ରଚିତ ହୋଇଅଛି । ଯଥା, ବିଶ୍ୱବାରା ନାମ୍ନୀ ଗୋଟିଏ ଅତ୍ରିବଂଶୀୟାସ୍ତ୍ରୀ ଲୋକଙ୍କ କର୍ତ୍ତୃକ ଋଗ୍‌ବେଦର ପଞ୍ଚମମଣ୍ଡଳ ଅନ୍ତର୍ଗତ ଅଷ୍ଟାବିଂଶ ସୂକ୍ତ ରଚିତ ହୋଇଅଛି । ରୋମଶା, ଯମୀ, ଉର୍ବଶୀ ପ୍ରଭୃତି ରମଣୀମାନେ ବେଦ ମନ୍ତ୍ରର ରଚୟିତ୍ରୀ । ଏମାନେ ଋଗ୍‌ବେଦର ମନ୍ତ୍ର ପ୍ରଣୟନ କରିଅଛନ୍ତି । ଏମାନଙ୍କ ବାକ୍ୟ ବେଦ ହୋଇଯାଇଅଛି । ପୁଣି 'ବୃହଦାରଣ୍ୟକୋପନିଷଦ'ର (ବାମଣ୍ଡାଧିପତି ଯେଉଁ ଗ୍ରନ୍ଥରୁ ଶ୍ଳୋକ ଉଦ୍ଧାର କରିଅଛନ୍ତି) ତୃତୀୟ ଅଧ୍ୟାୟର ଅଷ୍ଟମ ବ୍ରାହ୍ମଣରେ ଓ ଚତୁର୍ଥ ଅଧ୍ୟାୟର ପଞ୍ଚମ ବ୍ରାହ୍ମଣରେ ବିନିବେଶିତ ଗାର୍ଗୀ ଓ ମୈତ୍ରେୟୀର ବାକ୍ୟମାନ ବେଦ ବୋଲି ପରିଗଣିତ ହୋଇଥାଏ ।

ପୁନଶ୍ଚ ଲେଖକ ମହାଶୟ ପାଠକଲେ ହୁଏତ କିଞ୍ଚିତ୍ କ୍ଷୁବ୍ଧ ଓ ବିରକ୍ତ ହୋଇପାରନ୍ତି; କିନ୍ତୁ ବଡ଼ ଆଶ୍ଚର୍ଯ୍ୟର ବିଷୟ ଯେଉଁମାନେ ଘୃଣିତ ଓ ଅସ୍ପୃଶ୍ୟବୋଲି ଚିରକାଳ ପରିଗଣିତ ସେଇ ଶୂଦ୍ରମାନଙ୍କ ଦ୍ୱାରା ମଧ୍ୟ ବେଦର କେତେକ ଅଂଶ ରଚିତ ହୋଇଅଛି, ଯଥା –

କବଷ ନାମକ ଋଷି ଦାସୀପୁତ୍ର । ଏହି କବଷ ଋଷି ଋଗ୍‌ବେଦ ସଂହିତାର

ଦଶମ ମଣ୍ଡଳର ଅନ୍ତର୍ଗତ ୩୦ଶ, ୩୧ଶ, ୩୨ଶ, ୩୩ଶ, ୩୪ଶ ସୂକ୍ତର ରଚୟିତା । କକ୍ଷି- ନାମକ ଅନ୍ୟ ଏକ ଦାସୀପୁତ୍ର ରଗ୍‌ବେଦ ସଂହିତାର ୧ମ ୧୧୬-୧୨୬ ପର୍ଯ୍ୟନ୍ତ ରଚନାକରିଯାଇଅଛନ୍ତି । (ଅକ୍ଷୟକୁମାରଦତ୍ତଙ୍କର ଭାରତବର୍ଷୀୟ ଉପାସକ ସଂପ୍ରଦାୟ)

ଲେଖକ ବେଦକୁ ଈଶ୍ୱରଙ୍କ ନିଃଶ୍ୱାସ ସଂଭୂତ ଲେଖିଥିଲେ; କିନ୍ତୁ ଐତିହାସିକ ପ୍ରମାଣଦ୍ୱାରା କ୍ରମେ ଶୂଦ୍ର ପର୍ଯ୍ୟନ୍ତ ଆସି ପହୁଞ୍ଚିଲେ । ଆଉ ଅଧିକ ପ୍ରମାଣ ଅନାବଶ୍ୟକ, ସଂସ୍କାରକରେ ମଧ୍ୟ ସ୍ଥାନାଭାବ । ଯହା ଦିୟାଗଲା ବୋଧହୁଏ ପ୍ରମାଣ ପକ୍ଷରେ ପ୍ରଚୁର ହୋଇଅଛି । ବର୍ତ୍ତମାନ ବିଚାରର ଭାର ଉଦାର ପାଠକମାନଙ୍କ ହାତରେ ନ୍ୟସ୍ତକରି ବିଦାୟ ଗ୍ରହଣ କରୁଅଛୁ । ଆବଶ୍ୟକ ହେଲେ ପୁନଃରାୟ ଉପସ୍ଥିତ ହେବୁ । ('ସଂସ୍କାରକ' – ୪/୧୫, ତା. ୧୪.୪.୧୮୮୭, ପୃ. ୧୨୬-୧୨୭)

**ଶାସ୍ତ୍ରୀୟ ପ୍ରମାଣ** – ଇତିପୂର୍ବେ ବାମଣ୍ଡାଧିପତି ବେଦ ମନୁଷ୍ୟ ରଚିତ ନୁହେଁ ବୋଲି ସଂସ୍କାରକରେ ଲେଖିଥିଲେ ଏବଂ ପ୍ରମାଣଥିଲେ ତାହା ପ୍ରଦର୍ଶନ କରିବାକୁ କହିଥିଲେ । ତଦନୁସାରେ କିଛିଦିନ ପୂର୍ବେ ଏହାର ଐତିହାସିକ ପ୍ରମାଣ 'ସଂସ୍କାରକ'ରେ ପ୍ରକାଶ କରାଯାଇଥିଲା । ବୋଧହୁଏ ପାଠକମାନେ ତାହା ବିସ୍ମୃତ ହୋଇନାହାନ୍ତି । ଅଦ୍ୟ ତତ୍ ସମ୍ବନ୍ଧୀୟ ଗୋଟିଏ ଶାସ୍ତ୍ରୀୟ ପ୍ରମାଣ ବେଦରୁ ଉଦ୍ଧୃତ କରିଦିୟାଯାଉଅଛି । ଏଥିରୁ ସର୍ବ-ସାଧାରଣ ଲୋକମାନେ ବୁଝିବାକୁ ସମର୍ଥ ହେବେ ଯେ ବେଦ ଈଶ୍ୱରଙ୍କ ନିଃଶ୍ୱାସ ସଂଭୂତ ନୁହେଁ କିନ୍ତୁ ମନୁଷ୍ୟର ହସ୍ତ ରଚିତ ଅଟେ । ଯଥା –

'ଏତେକାଗ୍ନେ ବ୍ରହ୍ମଣା ବାବୃଧସ୍ୟ ଶକ୍ତିବା ଯତ୍ତେ ଚକୃମାବିଦାବା
ଉତ୍‌ପ୍ରଣେସ୍ୟଭିବସ୍ୟୋ ଅସ୍ମନ୍ତ ସଂନଃ ସଜୁସୁମତ୍ୟା ବାଜବତ୍ୟା ।''

(ରଗ୍‌ବେଦ ସଂହିତା)

ଅର୍ଥ – ହେ ଅଗ୍ନି ! ଏହି ମନ୍ତ୍ରଦ୍ୱାରା ବୃଦ୍ଧିପ୍ରାପ୍ତ ହୁଅ ଆମ୍ଭମାନଙ୍କ ଶକ୍ତି ଓ ଜ୍ଞାନାନୁସାରେ ଆମ୍ଭେମାନେ ଏହା ରଚନା କଲୁ; ଏହାଦ୍ୱାରା ଆମ୍ଭମାନଙ୍କୁ ବିଶେଷ ଧନ ପ୍ରଦାନକର ଏବଂ ଆମ୍ଭମାନଙ୍କୁ ଅନ୍ନଯୁକ୍ତ ଶୋଭନୀୟ ବୁଦ୍ଧି ପ୍ରଦାନ କର । ଏହି ଶ୍ଳୋକରୁ ସ୍ପଷ୍ଟ ପ୍ରକାଶିତ ହେଉଅଛି ଯେ, ବେଦ ଏକ ସମୟରେ ମନୁଷ୍ୟ କର୍ତ୍ତୃକ ରଚିତ ହୋଇଅଛି; ଅତଏବ ବେଦ ଈଶ୍ୱରଙ୍କ ନିଃଶ୍ୱାସ ସଂଭୂତ ବୋଲି ସୁଢ଼ଲଦେବ ଯାହା ଲେଖିଅଛନ୍ତି ତାହା ତାଙ୍କର ସଂପୂର୍ଣ୍ଣ ଭ୍ରମାତ୍ମକ ମତ ଓ କୁସଂସ୍କାର ଅଟଇ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ

('ସଂସ୍କାରକ' ୪/୨୧ ତା. ୨୬.୫.୧୮୮୭ ପୃ.୧୮୫)

## ପ୍ରେରିତ ପତ୍ର

ମହାଶୟ,

ଆମ୍ଭର ଏହି ପ୍ରବନ୍ଧଟି ଅନୁଗ୍ରହକରି ଆପଣଙ୍କର ପତ୍ରିକାରେ ସ୍ଥାନ ପ୍ରଦାନ କରି ଚିର ବାଧିତ କରିବା ହେବେ ।

'ସଂସ୍କାରକ'ର ୧୨୬ ପୃଷ୍ଠାରେ ଲେଖକ ଲେଖିଅଛନ୍ତି କି 'ବେଦ ମନୁଷ୍ୟ ରଚିତ' ଓ କେତେକ ବେଦ ରଚୟିତା ଋଷିମାନେ ପ୍ରାୟ ଋଗ୍‌ବେଦର ୩ୟ ମଣ୍ଡଳର ଅନେକାନେକ ସୂକ୍ତର ପ୍ରଣୟନ କରିଅଛନ୍ତି ବୋଲି ଲେଖନ୍ତି ତାହା ଯଥାର୍ଥ, କିନ୍ତୁ ଲେଖକ ମହାଶୟ ତାହାର ଭାର୍ବ ଜାଣିନାହାନ୍ତି ।

ମୁସଲମାନମାନଙ୍କ 'କୋରାଣ', ଇଂରାଜୀମାନଙ୍କର 'ଇଞ୍ଜିଲ୍', ହିନ୍ଦୁମାନଙ୍କର 'ବେଦ', ଏହି ସମସ୍ତ ଧର୍ମ ପୁସ୍ତକମାନଙ୍କୁ ନେଇ ସ୍ୱ-ସ୍ୱ ଧର୍ମରେ ନିଃସନ୍ଦେହ ରୂପରେ ପ୍ରବୃତ୍ତ ହୋଇଅଛନ୍ତି; କିନ୍ତୁ ଲେଖକ ମହାଶୟ ! ଦେଖନ୍ତୁ ଯେ ମୁସଲମାନ ଓ ଇଂରେଜମାନଙ୍କ ଧର୍ମ ସମ୍ବନ୍ଧରେ ଚାରିଗୋଟି କିତାପ୍ ଈଶ୍ୱରଙ୍କଠାରୁ ପ୍ରାପ୍ତ ହୋଇଅଛନ୍ତି, ଯଥା – (୧) ମୋଶା ପୈଗମ୍ବରଙ୍କୁ 'ତୌରେତ୍' ପୁସ୍ତକ ଦତ୍ତ କରିଅଛନ୍ତି, (୨) ଈଶା ପୈଗମ୍ବର୍‌ଙ୍କୁ 'ଇଞ୍ଜିଲ୍' ନାମକ ପୁସ୍ତକ ଦତ୍ତ କରିଅଛନ୍ତି, (୩) ଦାଉଦ୍ ପୈଗମ୍ବରଙ୍କୁ 'ଜବୁର୍' ନାମକ କିତାପ୍ ଦତ୍ତ କରିଅଛନ୍ତି, (୪) ମହମ୍ମଦ ପୈଗମ୍ବରଙ୍କୁ 'ଫ୍ରେିକାନ୍' ନାମକ ପୁସ୍ତକ ଦତ୍ତ କରିଅଛନ୍ତି ।

ଏହି ସକଳ ପୁସ୍ତକମାନଙ୍କର ଧର୍ମକୁ ନେଇ ପୈଗମ୍ବରମାନେ ସ୍ୱ-ସ୍ୱ ଧର୍ମ ସ୍ଥାପନ କରିଅଛନ୍ତି । ସେହି ଈଶ୍ୱର ଦତ୍ତ ପୁସ୍ତକମାନଙ୍କୁ ବିଶ୍ୱାସ କରି ଖର୍ବ ଖର୍ବ ଲୋକ-ମାନେ ସ୍ୱ-ସ୍ୱ ଧର୍ମ ଅବଲମ୍ବନ କରିଅଛନ୍ତି । କେବଳ ଈଶାଙ୍କର ୪ଶତ ବର୍ଷ ଉତ୍ତାରେ ସେହି ପୈଗମ୍ବରଙ୍କ ଶିଷ୍ୟମାନେ ଇଞ୍ଜିଲ୍‌ଙ୍କୁ ୪ ଭାଗରେ ରଚନା କଲେ । ତାହା ଲୋକ ରଚିତ ହେବା ଯୋଗରୁ ପରସ୍ପରରେ ଇଞ୍ଜିଲ୍ (ବାଇବେଲ୍) ପୂର୍ବ ଇଞ୍ଜିଲ୍ (ଈଶ୍ୱର ଦତ୍ତ)ର ଧର୍ମର ବିରୋଧୀହେଲେ ଯଥା ରଚୟିତା, ସୂଚିତ ।

ପ୍ରଥମ ନମ୍ବର – ମଟଙ୍କ ଇଞ୍ଜିଲ୍ । ୨ୟ – ଇଦନାଙ୍କ ଇଞ୍ଜିଲ୍ । ୩ୟ– ମୁକ୍‌ସକ୍‌ଙ୍କ ଇଞ୍ଜିଲ୍ । ୪ର୍ଥ– ଲୌକଙ୍କ ଇଞ୍ଜିଲ୍, ଏହି ଚାରି ଇଞ୍ଜିଲ୍ ଶିଷ୍ୟମାନଙ୍କ ଦ୍ୱାରା ରଚିତହୋଇ ପରସ୍ପର ବିରୋଧୀହୋଇ ପୂର୍ବ ଉକ୍ତ ପୈଗମ୍ବର ଈଶାଙ୍କୁ ଦତ୍ତ ହେବାର ଇଞ୍ଜିଲ୍‌ର ହ୍ରାସହେବା ସମ୍ଭବନୁହେଁ । ଯଦ୍ୟପି ହ୍ରାସହୁଏ ତେବେ କେଉଁକେଉଁ ଧର୍ମ-ପୁସ୍ତକମାନଙ୍କୁ ସ୍ୱ-ସ୍ୱ ଧର୍ମୀମାନେ ଅବଲମ୍ବନ କରି ସ୍ୱ-ଧର୍ମ ପାଳନ କରିବେ ଯେ ତାହା ଲେଖକ ମହାଶୟ ଯୁକ୍ତିସିଦ୍ଧରୂପେ ଉଲ୍ଲେଖ କଲେ ଆମ୍ଭେ ଚିରବାଧିତ ହେବୁଁ । ଅତଃପର ଉପରଲିଖିତ ଶିଷ୍ୟଦ୍ୱାରା ରଚିତ 'ଇଞ୍ଜିଲ୍'ମାନଙ୍କର ପ୍ରାୟ ଯଥାତଥା ଆମ୍ଭର

ଋଷିମାନେ ପ୍ରତ୍ୟେକ ଋଗ୍‌ଦେବର ମଣ୍ଡଳର ଶୂକ୍ତମାନ ପ୍ରଣୀତ କରି ଶିଷ୍ୟମାନଙ୍କ ବୋଧ ନିମନ୍ତେ ପ୍ରକାଶକଲେ ବୋଲି ଈଶ୍ୱରନିଶ୍ୱାସନିସୃତ ବେଦ କଦାଚ ମିଥ୍ୟା ନୁହନ୍ତି, କେବଳ ବ୍ରାହ୍ମମାନେ ବେଦତତ୍ତ୍ୱ ନଜାଣିବାରୁ "ଶୃଗାଳ ଅଙ୍ଗୁର ଫଳ ଅପ୍ରାପ୍ତ ହେତୁରୁ ଅଙ୍ଗୁର ଫଳ ସ୍ୱାଦୁତାର ନିନ୍ଦୁକହୋଇ ଅଙ୍ଗୁରକୁ ତ୍ୟାଗ କଲାପରି" ଲେଖକ ମହାଶୟ ବେଦକୁ ନିନ୍ଦାକରିଅଛନ୍ତି, ଯେ ପାଠକମାନେ ପଠନାନ୍ତର ଅନାୟସରେ ଜାଣିପାରିବେ ।

ବାମଣ୍ଡା ବଶମ୍ବଦ

୨.୫.୧୮୮୭ ଶ୍ରୀ ରାମଭଦ୍ର ସାହ୍ନିନା ଦେବ

[ସଂସ୍କାରକ ୪/୨୦ ତା-୧୯.୫.୧୮୮୭, ପୃ. ୧୬୭ ।]

## ।। ନୀଳମଣି ବିଦ୍ୟାରତ୍ନଙ୍କ ଦୁଇଟିପତ୍ର ।।

## "ବେଦ ମନଷ୍ୟ ରଚିତ କି ନା ?"

ମହାଶୟ,

"ବେଦ ମନୁଷ୍ୟ ରଚିତ କି ନା" ଏ ସମ୍ବନ୍ଧରେ ଗୋଟିଏ ଶାସ୍ତ୍ରୀୟ ପ୍ରମାଣ ବୋଲି ଋଗ୍‌ବେଦର ପ୍ରଥମ ଅଷ୍ଟକ ୩୧ସୂକ୍ତ, ୧୮ ଶ୍ଳୋକର ଗୋଟିଏ ଉଦାହରଣ ଦେଇ ଲଳିତ ବାବୁ କହିଅଛନ୍ତି ଯେ ଏହି ମନ୍ତ୍ରଦ୍ୱାରା ବେଦ ମନଷ୍ୟ ରଚିତ ହୋଇଥିବାର ପ୍ରମାଣିତ ହୋଇଅଛି ।

ବିଧର୍ମାବଲମ୍ବୀ ତାତ୍ପର୍ଯ୍ୟାନଭିଜ୍ଞ ରମେଶଚନ୍ଦ୍ର ଦତ୍ତ ଏହି ମନ୍ତ୍ରକୁ ଅର୍ଥ କରିଥିବାରୁ ସେହି ଅର୍ଥ କଣାକାଣିକୁ ପ୍ରଶଂସା କଲାପରି ଲଳିତ ବାବୁ ଅନୁମୋଦନକରି ଲେଖିଅଛନ୍ତି କିନ୍ତୁ ତାହାର ସେପରି ଅର୍ଥ ନୁହେ ଏତନ୍ନିମ୍ନରେ ତହିଁର ପ୍ରାକୃତାର୍ଥ ବିବୃତ ହେଲା ।

"ହେ ଅଗ୍ନି ! ଏହି ମନ୍ତ୍ରଦ୍ୱାରା ବୃଦ୍ଧିପ୍ରାପ୍ତ ହୁଅ ଆମେ ଶକ୍ତି ଓ ଜ୍ଞାନ ଅନୁସାରେ ସ୍ତୁତି କରୁଅଛୁଁ ଇତ୍ୟାଦି ।

ବେଦରେ କେବଳ "ଚକୃମା" ଅଛି "ଆମ୍ଭେମାନେ ଏହା ରଚନା କଲୁ" ଏ ଅର୍ଥ କାହୁଁ ଆସିଲା ଏହି ଅର୍ଥରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ ବ୍ରାହ୍ମମାନଙ୍କର କପଟତା ଗୋଟିଏ ମୂଳ ମନ୍ତ୍ର । ଏହି ମନ୍ତ୍ରର ଆକର୍ଷଣ ଶକ୍ତିଦ୍ୱାରା ହିନ୍ଦୁ ସନ୍ତାନମାନେ ସ୍ୱଧର୍ମରୁ ଭ୍ରଷ୍ଟ ହୋଇ ନିରୟ ପଥର ଅନୁସରଣ କରୁଅଛନ୍ତି ।

ଉପସଂହାର ସ୍ଥଳେ ବକ୍ତବ୍ୟ ଯେ ଲଳିତ ମୋହନ ଚକ୍ରବର୍ତ୍ତୀଙ୍କର ବିଛାମନ୍ତ୍ର ନଜାଣି ସାପଗାତରେ ହାତ ଦେବାର ଦେଖି ଆମ୍ଭେମାନେ ବିସ୍ମିତ ହେଉଅଛୁଁ । ଏଣିକି ଉତ୍କଳୀୟ ବ୍ରାହ୍ମମାନଙ୍କ ମଧ୍ୟରେ କେହି ବିଚକ୍ଷଣ ଥିଲେ ସେ ଯୁକ୍ତିକଲେ ଭଲହେବ ।

୨୦.୬.୧୮୮୭ । ଇତି ।

ବଶମ୍ବଦ

[ସଂସ୍କାରକ ୪/୩୧ ତା-୪.୮.୧୮୮୭] ପଣ୍ଡିତ ଶ୍ରୀ ନୀଳମଣି ବିଦ୍ୟାରତ୍ନ ।

## ମଣିରତ୍ନମାଳା

ମହାଶୟ,

ମାନନୀୟ ବାମଣ୍ଡାଧିପତିଙ୍କ ପ୍ରକାଶିତ 'ମଣିରତ୍ନମାଳା' ଶୀର୍ଷକ ଖଣ୍ଡିଏ ପରମୋପକାରୀ ପୁସ୍ତକ ଆମ୍ଭର ଦୃଷ୍ଟିଗୋଚର ହେବାରୁ ପାଠକରି ଦେଖିଲୁଁ ଯେ ତହିଁରେ ସାଧାରଣଙ୍କ ଜ୍ଞାତଯୋଗ୍ୟ ହିତଜନକ ବିଷୟମାନ ଲିଖିତ ହୋଇଅଛି । ଏଣୁ ଆପଣଙ୍କ ସୁଯୋଗ୍ୟ ପାଠକ ମଣ୍ଡଳୀଙ୍କର ବୋଧ ସୌକାର୍ଯ୍ୟାର୍ଥେ ଉକ୍ତ ପୁସ୍ତକ କେତେକ ବିଷୟ ସଂଗ୍ରହ କରି ସମୀପକୁ ପ୍ରେରଣ କଲୁଁ * ଆପଣ ଅନୁଗ୍ରହ ପୂର୍ବକ ଆପଣଙ୍କ ବିଖ୍ୟାତ ପତ୍ରିକାରେ ପ୍ରକାଶ କରିବାଧିତ କରିବା ହେବେ । ନିବେଦନମିତି ।

ଆପଣଙ୍କର

**ଶ୍ରୀ ନୀଳମଣି ବିଦ୍ୟାରତ୍ନ**

ଦେବଦୂର୍ଗ, ବାମଣ୍ଡା

[* 'ମଣିରତ୍ନମାଳା'ର ଉଦ୍ଧୃତିଗୁଡିକ ବାହୁଲ୍ୟ ଭୟରେ ବାଦଦିଆଗଲା ।– ସଂପାଦକ]

('ସଂସ୍କାରକ'– ୪/୩୪ ତା-୨୫.୮.୧୮୮୭)

## ମାଂସ ଭକ୍ଷଣ

ଶ୍ରୀଲ ଶ୍ରୀଯୁକ୍ତ ସଂସ୍କାରକ ସଂପାଦକ ମହାଶୟ,

ସମୀପେଷୁ ।

ମହାଶୟ !

ନିମ୍ନଲିଖିତ ବିଷୟ ପତ୍ରିକାରେ ସ୍ଥାନ ଦାନ କରି ବାଧିତ କରିବା ହେବେ ।

''ଦେବାନ୍, ପିତୃନ୍, ସମଭ୍ୟର୍ଚ୍ଚ୍ୟ ଖାଦନମାଂସ ନଦୋଷଭାକ୍ ।''

ହିନ୍ଦୁଶାସ୍ତ୍ରରେ ଉକ୍ତ ଅଛି ଯେ ଦେବତା ଅର୍ଥାତ୍ ଦେବାଦେବୀମାନଙ୍କୁ ଏବଂ ପିତୃମାନଙ୍କୁ ପୂଜାକରି ମାଂସଖାଇବ ଏପରିସ୍ଥଳେ ଲେଖକ କହନ୍ତି – ଯେ ଗଡ଼ଜାତ-ମାନଙ୍କର ବ୍ରାହ୍ମଣମାନେ ମାଂସଖାଉଅଛନ୍ତି ଅତଏବ ''ଗଡ଼ଜାତ ମଧରେ ସୁନିୟମ-କାରକ ବ୍ୟକ୍ତି ନାହାନ୍ତି'' –ଏଥି ସମ୍ବନ୍ଧରେ ବକ୍ତବ୍ୟ ଏହି ଯେ ଲେଖକ ମହାଶୟ ପ୍ରସ୍ତାବ କରିବାକୁ ଅଗ୍ରସର ହେଲେ ପ୍ରଥମରେ ହିନ୍ଦୁଶାସ୍ତ୍ରର ମର୍ମ୍ମ ଅବଗତ ହେବାର ଉଚିତ ନଚେତ୍ ବୃଥା ଦୋଷ ରଚନା କରିବାର ଗୋଟିଏ କୁରୁଚି ପ୍ରଣୟନ ବୋଲିବାକୁ ହେବ ।

ଗଡ଼ଜାତ ବ୍ରାହ୍ମଣମାନେ ପର୍ବ ଉପଲକ୍ଷରେ ଯେଉଁ ଯଜ୍ଞ କରନ୍ତି ତାହାର କାରଣ ଜାଣିବାର ଇଚ୍ଛାଥିଲେ ତନ୍ତ୍ରଶାସ୍ତ୍ର ଅଧୟନ କରନ୍ତୁ ତାହାହେଲେ ଅନାୟାସରେ କୋମଳ-ମାଂସର ବ୍ୟବହାର ଜାଣିପାରିବେ ।

## ଟଣାଟୁଣି

ଆଜିକାଲି କଟକରେ ବ୍ରାହ୍ମ ସମାଜ ମଧରେ ଅନେକ ଟଣାଟୁଣି ଲାଗିଅଛି ଏହା

କେବଳ ଆଜିକାଲି କଟକରେ ନୁହେଁ ଏପରି ଅବସ୍ଥା କଲିକତା ମହାନଗରରେ ମଧ ଘଟିଥାଏ, ତେବେ ଉପସଂହାରରେ କୁହାଯାଇପାରେ ଯେ ଏହି ଟଣାଟୁଣି ବ୍ରାହ୍ମମାନଙ୍କ ଧର୍ମର ଗୋଟିଏ ଅଂଶ ଅଟଇ ପରନ୍ତୁ ଲଳିତ ମୋହନ ଚକ୍ରବର୍ତ୍ତୀ ଯାହା ଏହି ଟଣାଟୁଣିକୁ ବାଲୋପାର୍ଜିତ ଚପଳତା ମଧରେ ଗଣ୍ୟ କରିଅଛନ୍ତି ଏହା ଅତୀବ ପ୍ରଶଂସାର ବିଷୟ ।

ଶ୍ରୀବାବୁ ମଧୁସୂଦନ ରାଓ ଡେପୁଟୀ ଇନ୍ସପେକ୍ଟର ଅତ୍ୟନ୍ତ ସୁବିଜ୍ଞ ବ୍ରାହ୍ମ, ସେ କି ଏହି ଟଣାଟୁଣିକୁ ବାଲ୍ୟୋପାର୍ଜିତ ଚପଳତା ବୋଲି ତହିଁରୁ ନିବୃତ୍ତ ନହେବେ ? ଯେତେବେଳେ ବାବୁ ମହାଶୟ ଗବର୍ଣ୍ଣମେଣ୍ଟର ଜ୍ଞାନଦାନ ବିଭାଗର କର୍ମଚାରୀ ଅଟନ୍ତି ସେତେବେଳେ ତାଙ୍କୁ ଭାବିବାର ଉଚିତ ଅଟେ ନଚେତ କୌଣସି ସମୟରେ ଗବର୍ଣ୍ଣମେଣ୍ଟ ତରଫରୁ ବ୍ରାହ୍ମମାନେ ସ୍କୁଲ ବିଭାଗରେ ଓ ଶାସନ ବିଭାଗରେ ନରହିବାର ଅବଶ୍ୟ ବନ୍ଦୋବସ୍ତ ହେବ । ଭରସା ହୁଏ ସେହି ସମୟରେ ଅନାୟାସରେ ବ୍ରାହ୍ମ ଧର୍ମର ହ୍ରାସ ହେବ ଏଥିରେ କୌଣସି ସନ୍ଦେହ ନାହିଁ ।

ଏଥିପୂର୍ବେ ଶ୍ରୀବାମଣ୍ଡା ବ୍ରାହ୍ମ ଧର୍ମ ପ୍ରୟୋଜନ ନୁହେଁ ବୋଲି ପ୍ରକାଶ କରିଥିଲେ ଏହାର ପ୍ରତ୍ୟୁତ୍ତର କଟକର ବ୍ରାହ୍ମ ସମାଜରୁ ଆଜି ପର୍ଯ୍ୟନ୍ତ ପାୟା ନ ଗଲା, ବୋଧହୁଏ ଆଉ ପାଇବାର ଆଶା ନାହିଁ ଯେହେତୁ ଶ୍ରୀ—ବାମଣ୍ଡାଙ୍କ ପ୍ରବନ୍ଧ ଯଥାର୍ଥ ବୋଲି ଜଣାଯାଏ ଓ ମଧ ପ୍ରବନ୍ଧର ଉତ୍ତର ଦେବା ସହଜ ବ୍ୟାପାର ନୁହେଁ । ଧର୍ମରେ ପ୍ରବୃତ୍ତ ହେବାକୁ ଯେପରି ଅଳ୍ପ ବିଦ୍ୟାର ଆବଶ୍ୟକ ସେପରି ଧର୍ମାନ୍ଦୋଳନପୂର୍ବକ ଧର୍ମ ଶିକ୍ଷା କରିବା ସହଜ କଥା ନୁହେଁ ।

୯-୯-୧୮୮୭ ବାମଣ୍ଡା ।

['ସଂସ୍କାରକ'— ୪/୪୦ ତା-୨୦.୧୦.୧୮୮୭, ପୃ-୩୩୭]

ପରିଶିଷ୍ଟ-୪

# ସୁଢ଼ଳଦେବ ସାହିତ୍ୟ ଅଧ୍ୟୟନ

## (ନିର୍ବାଚିତ ଗ୍ରନ୍ଥପଞ୍ଜି)

### ପ୍ରାଥମିକ ଉପାଦାନ

### ସୁଢ଼ଳ ଦେବଙ୍କ ପୁସ୍ତକାବଳୀ/ରଚନାବଳୀ


| | | | |
|---|---|---|---|
| ୧ : | ଅଳଙ୍କାର ବୋଧୋଦୟ | ୧୮୮୬ | ଜଗନ୍ନାଥବଲ୍ଲଭ ପ୍ରେସ, ବାମଣ୍ଡା |
| ୨ : | କିଷ୍କିନ୍ଧ୍ୟା | ୧୮୯୩ | ସମ୍ବଲପୁର ହିତୈଷିଣୀରେ ପ୍ରକାଶିତ |
| ୩ : | ଚିତ୍ରୋତ୍ପଳା | ୧୮୯୩ | ଜଗନ୍ନାଥବଲ୍ଲଭ ପ୍ରେସ, ବାମଣ୍ଡା |
| ୪ : | ଜଣାଣ | — | — |
| ୫ : | ଜହ୍ନମାମୁ | ୧୯୦୩(୨ୟ ସଂ) | ଜଗନ୍ନାଥବଲ୍ଲଭ ପ୍ରେସ, ବାମଣ୍ଡା |
| ୬ : | ଧର୍ମଶିକ୍ଷା (ହିନ୍ଦୀ) | — | — |
| ୭ : | ବୀରବାମା | ୧୮୯୩ | ସୁଢ଼ଳପ୍ରେସ, ବାମଣ୍ଡା |
| ୮ : | ମୁକ୍ତିକୋପନିଷଦ୍ (ଅନୁବାଦ) | ୧୮୮୩ | ବାମଣ୍ଡା |
| ୯ : | ମଣିରତ୍ନମାଳା (ଅନୁବାଦ) | ୧୮୮୬ | ଜଗନ୍ନାଥ ବଲ୍ଲଭ ପ୍ରେସ, ବାମଣ୍ଡା |
| ୧୦ : | ବସନ୍ତବର୍ଣ୍ଣନ | — | ଉପହାର ୧୯୪୧ରେ ପ୍ରକାଶିତ |
| ୧୧ : | ବାସୁଦେବ ଗ୍ରନ୍ଥାବଳୀ | ୧୯୫୬ | ପ୍ରଭାତୀ ପ୍ରେସ୍, କଟକ-୨ (ସଂ.—ଲାଲ ଶ୍ରୀ ରବୀନ୍ଦ୍ରନାଥ ଦେବ, ଦେବଗଡ, ବାମଣ୍ଡା) |
| ୧୨ : | ବୈଦିକ ପ୍ରସ୍ତାବ | ୧୮୮୬/୮୭ | ଉତ୍କଳ ଦୀପିକାରେ ପ୍ରକାଶିତ |
| ୧୩ : | ଅଳଂକାରବୋଧୋଦୟା | ୧୮୮୬ | ସମାଲୋଚନାର ସମାଲୋଚନା, ସଂସ୍କାରକ |
| ୧୪ : | ବ୍ରାହ୍ମମାନେ ହିନ୍ଦୁ କି ନା | ୧୮୮୭ | ସଂସ୍କାରକରେ ପ୍ରକାଶିତ |
| ୧୫ : | ଈଶ୍ୱର ସାକାର | ୧୮୮୭ | ସଂସ୍କାରକରେ ପ୍ରକାଶିତ |
| ୧୬ : | ବ୍ରାହ୍ମୋଉପାସନା ପ୍ରୟୋଜନକି ନା ? | ୧୮୮୭ | ସଂସ୍କାରକରେ ପ୍ରକାଶିତ |


### ପତ୍ରପତ୍ରିକା


୧ : ଉତ୍କଳ ଦୀପିକା (ସଂ-ଗୌରୀଶଙ୍କର ରାୟ—୧୮୬୬)

୨ : ଉତ୍କଳ ମଧୁପ (ସଂ-ନୀଳମଣି ବିଦ୍ୟାରତ୍ନ-୧୯୦୦)

୩ : ଉତ୍କଳ ସମ୍ମିଳନୀ ସଭାର ବିବରଣୀ—୧୯୦୩

୪ : ଉତ୍କଳ ସାହିତ୍ୟ (ସଂ-ବିଶ୍ୱନାଥ କର—୧୮୯୭)

୫ : ଉତ୍କଳ ସେବକ (ସଂ-ବ୍ରଜବନ୍ଧୁ ମିଶ୍ର — ୧୯୧୩)

୬ : ଉତ୍କଳ ପ୍ରଭା (ସଂ.-ଚୈତନ୍ୟ ପ୍ରସାଦ ରାୟ—୧୮୯୧)

୭ : ଉପହାର (ସଂ-ସାଧୁଚରଣ ଜଗଦେବ, ବାମଣ୍ଡା ଶିକ୍ଷକ ସମାଜ-୧୯୩୪)

୮ : ଓଡ଼ିଆ ଓ ନବସଂବାଦ

୯ : ଗଡଜାତ ବାସିନୀ (ସଂ-ଭାଗିରଥି ମିଶ୍ର, ୧୯୦୩, ତାଳଚେର)

୧୦ : ନବସଂବାଦ

୧୧ : ନବୀନ
୧୨ : ବାଣୀ (ରାଜା ବାସୁଦେବ ଉଚ୍ଚବିଦ୍ୟାଳୟ ଶତବାର୍ଷିକ ସ୍ମରଣିକା-୧୯୮୩)
୧୩ : ଶଂଖ (ସଂ-ମାୟାଧର ମାନସିଂହ-୧୯୪୫)
୧୪ : ସମ୍ବଲପୁର ହିତୈଷିଣୀ (ସଂ-ନୀଳମଣି ବିଦ୍ୟାରତ୍ନ-୧୮୮୯)
୧୫ : ସେବକ
୧୬ : ସଂସ୍କାରକ
୧୭ : ସଂସ୍କାରକ ଓ ସେବକ
୧୮ : ସତ୍ୟବାଦୀ (ସଂ-ଗୋପବନ୍ଧୁ ଦାଶ)

## ସାହାଯ୍ୟକାରୀ ଉପାଦାନ

### ପୁସ୍ତକାବଳୀ (ଓଡ଼ିଆ)

୧ : ଆଚାର୍ଯ୍ୟ, ସୁଦର୍ଶନ (ସଂ) ୧୯୯୧ ଇନ୍ଦ୍ରଧନୁ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
୨ : କର, କୃଷ୍ଣଚନ୍ଦ୍ର ୧୯୩୧ ସୁଢ଼ଳଦେବ,
ସାରସ୍ୱତ ଭଣ୍ଡାର, କଟକ
୩ : ଗୁରୁ, ଶ୍ରୀନିବାସ ୧୯୦୮ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର
ମନ୍ଦିରର ନିୟମାବଳୀ, ବାମଣ୍ଡା
୪ : ଦାଶ, ଅଭିନ୍ନଚନ୍ଦ୍ର ୧୯୮୫(୪ର୍ଥସଂ.) ବୈଦିକ ସାହିତ୍ୟ ଓ ସଂସ୍କୃତି
ଗ୍ରନ୍ଥମନ୍ଦିର, କଟକ
୫ : ଦାଶ, କୁଞ୍ଜବିହାରୀ ୧୯୬୨ ଆଧୁନିକ ଓଡିଆ ସାହିତ୍ୟର ଭୂମି
ଓ ଭୂମିକା, ଓଡ଼ିଶା ସାହିତ୍ୟ
ଏକାଡେମୀ, ଭୁବନେଶ୍ୱର
୧୯୮୦(ନୂତନ ସଂ) ସାହିତ୍ୟ ଓ ସମାଲୋଚନା
ଓଡ଼ିଶା ବୁକ୍ ଷ୍ଟୋର, କଟକ
୬ : ଦାଶ, ଗଗନେନ୍ଦ୍ର ନାଥ ୧୯୯୩ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ
୭ : ଦାଶ, ଶିବ ପ୍ରସାଦ ୧୯୬୯(୨ୟ ସଂ) ସମ୍ବଲପୁର ଇତିହାସ
ବିଶ୍ୱଭାରତୀ ପ୍ରେସ, ସମ୍ବଲପୁର
୮ : ଦାସ, ନାରାୟଣଚନ୍ଦ୍ର ୧୯୧୨ ସୀତାଦେବୀଙ୍କ ପାତାଳ ପ୍ରବେଶ
ହିତୈଷିଣୀ ପ୍ରେସ, ବାମଣ୍ଡା
୯ : ଦେବ, ଜଳନ୍ଧର ୧୯୭୭ ଜଳନ୍ଧର ରଚନାବଳୀ ସଂ-
ଏମ୍. ଏସ. ଦେବ ଲିଣ୍ଡସେ ଷ୍ଟ୍ରିଟ
କଲିକତା

| | | |
|---|---|---|
| | ୧୯୮୬ | ଜଳନ୍ଧର ରଚନାବଳୀ(୧ମ ଖଣ୍ଡ) ଓଡ଼ିଶା ସାହିତ୍ୟ ଏକାଡେମୀ |
| | ୧୯୨୯ | ବିବାହ ବିଚାର ଉତ୍କଳ ସାହିତ୍ୟ ପ୍ରେସ, କଟକ |
| ୧୦ : ଦେବ, ବଳଭଦ୍ର | ୧୯୩୨ | ବଳଭଦ୍ର ଗ୍ରନ୍ଥାବଳୀ ତାଳଚେର କିଶୋର ପ୍ରେସ । |
| ୧୧ : ଦେବ, ସଚ୍ଚିଦାନନ୍ଦ | ୧୯୫୫ | ସଚ୍ଚିଦାନନ୍ଦ ଗ୍ରନ୍ଥାବଳୀ (୩ୟସଂ) ମନମୋହନ ପ୍ରେସ, କଟକ |
| ୧୨ : ଦ୍ୱିବେଦୀ, କାଳୀଚରଣ | ୧୮୮୬ ବାମଣ୍ଡା | ନୀତିସାର, ଜଗନ୍ନାଥବଲ୍ଲଭ ପ୍ରେସ |
| ୧୩ : ନନ୍ଦ, ଫଣୀନ୍ଦ୍ରଭୂଷଣ | ୨୦୦୨ | ସଂବଲପୁର ହିତୈଷିଣୀ : ଏକ ଅଧ୍ୟୟନ; ଅପୂର୍ବା, ଭୁବନେଶ୍ୱର |
| ୧୪ : ପାଣ୍ଡେୟ, ଲୋଚନପ୍ରସାଦ | ୧୯୧୫ | ମହାନଦୀ ହିତୈଷିଣୀ ପ୍ରେସ, ବାମଣ୍ଡା |
| ୧୫ : ପାଢ଼ୀ, ଶଙ୍କର ପ୍ରସାଦ ଓ ସୂପକାର, ଶ୍ରଦ୍ଧାକର | ୧୯୯୨ | ସମ୍ବଲପୁରରେ ଭାଷା ଆନ୍ଦୋଳନ ପୂର୍ଣ୍ଣିମା ପ୍ରିଣ୍ଟରସ୍, ସମ୍ବଲପୁର |
| ୧୬ : ବ୍ରହ୍ମା, ରାମଚନ୍ଦ୍ର | ୧୯୭୭ | ଆଧୁନିକ ଓଡ଼ିଆ ସାହିତ୍ୟକୁ ବାମଣ୍ଡାର ଦାନ, ଗ୍ରନ୍ଥମନ୍ଦିର, କଟକ । |
| | ୧୯୯୩ | ସାର୍ ବାସୁଦେବ ସୁଢ଼ଳଦେବ ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର |
| ୧୭ : ମହାପାତ୍ର, ପଣ୍ଡିତ ବାଇକୋଳି | ୧୯୭୭ | ଓଡ଼ିଆ ଆନ୍ଦୋଳନର ଇତିହାସ ଗୋପବନ୍ଧୁ ସାହିତ୍ୟ ମନ୍ଦିର, କଟକ |
| ୧୮ : ମହାନ୍ତି, ବଂଶୀଧର | ୧୯୮୯ | ଓଡ଼ିଆ ଭାଷା ଆନ୍ଦୋଳନ ଫ୍ରେଣ୍ଡସ ପବ୍ଲିଶର୍ସ, କଟକ |
| ୧୯ : ମାନସିଂହ, ମାୟାଧର | ୧୯୬୭ | ଓଡ଼ିଆ ସାହିତ୍ୟର ଇତିହାସ ଗ୍ରନ୍ଥମନ୍ଦିର, କଟକ |
| ୨୦ : ମିଶ୍ର, ଗୋପଳଚନ୍ଦ୍ର | ୧୯୭୯ | ଓଡ଼ିଶାର ବିକାଶରେ ପତ୍ରପତ୍ରିକାର ପ୍ରଭାବ; ଗ୍ରନ୍ଥମନ୍ଦିର, କଟକ |
| ୨୧ : ମିଶ୍ର, ନରେନ୍ଦ୍ରନାଥ | ୧୯୮୦(୨ୟସଂ) | ଆଧୁନିକ ଓଡ଼ିଆ କାବ୍ୟଧାରା |

| | | | |
|---|---|---|---|
| | | | (ଆଦିଯୁଗ); ବିଶ୍ୱଭାରତୀ ଗବେଷଣା ପ୍ରକାଶନ ସମିତି, ଶାନ୍ତିନିକେତନ । |
| ୨୨ : | ମିଶ୍ର, ବ୍ରଜବନ୍ଧୁ | ୧୯୧୩ | ଉପଧା ବିଚାର, ହିତୈଷିଣୀ ପ୍ରେସ, ବାମଣ୍ଡା |
| | | ୧୯୧୪ | ଉପଧା ଅନିଷ୍ଟ ଚିନ୍ତା " ହିତୈଷିଣୀ ପ୍ରେସ, ବାମଣ୍ଡା |
| | | ୧୯୧୩ | ଚିତ୍ର ସମନ୍ୱୟ " ହିତୈଷିଣୀ ପ୍ରେସ, ବାମଣ୍ଡା |
| | | ୧୯୦୧ | ଜୀବନ ଦର୍ପଣ; ଜଗନ୍ନାଥବଲ୍ଲଭ ପ୍ରେସ, ବାମଣ୍ଡା |
| | | ୧୯୦୨ | ମାୟାଶବରୀ ଯାତ୍ରା (ପାଣ୍ଡୁଲିପି) (ପ୍ରକାଶିତ-୧୯୦୨ କିନ୍ତୁ ଲେଖକର ଦୃଷ୍ଟିକୁ ଆସିନାହିଁ) |
| | | ୧୯୦୨ | ଭୀଷ୍ମଯାତ୍ରା; ଜଗନ୍ନାଥ ବଲ୍ଲଭପ୍ରେସ, ବାମଣ୍ଡା |
| | | ୧୯୦୩ | ଶୋକ ସଂଗୀତ ଜଗନ୍ନାଥବଲ୍ଲଭ ପ୍ରେସ, ବାମଣ୍ଡା |
| ୨୩ : | ମିଶ୍ର, ଭୁବନେଶ୍ୱର(ବଡପଣ୍ଡା) | ୧୮୮୭ | ଅଳଙ୍କାର ଚନ୍ଦ୍ରିକା ଜଗନ୍ନାଥବଲ୍ଲଭ ପ୍ରେସ, ବାମଣ୍ଡା |
| ୨୪ : | ମିଶ୍ର, ମଧୁସୂଦନ | ୧୯୦୩ | ତାରାଶଶାଙ୍କ ଜଗନ୍ନାଥବଲ୍ଲଭ ପ୍ରେସ, ବାମଣ୍ଡା |
| ୨୫ : | ମିଶ୍ର, ଦାମୋଦର | ୧୮୯୫ | ଦୋଷଦର୍ଶନ, ସୁତ୍ରଳପ୍ରେସ ବାମଣ୍ଡା |
| ୨୬ : | ମିଶ୍ର, ଶ୍ରୀନିବାସ | ୧୯୭୮ | ଆଧୁନିକ ଓଡିଆ ଗଦ୍ୟସାହିତ୍ୟ, ବିଦ୍ୟାପୁରୀ, କଟକ |
| ୨୭ : | ରଥ, ଭାଗିରଥି | ୧୯୧୧ | ଉତ୍କଳ ଚରିତ, ହିତୈଷିଣୀ ପ୍ରେସ ବାମଣ୍ଡା |
| | ରାୟ ଦୁର୍ଗାଚରଣ | ୧୯୯୮(୨ୟସଂ) | ରାଧାନାଥ ଜୀବନୀ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ |
| ୨୯ : | ରାୟ, ଶଶିଭୂଷଣ | ୧୯୨୫(୨ୟସଂ) | ଉତ୍କଳ ପ୍ରକୃତି କଟକ ଟ୍ରେଡ଼ିଂ କଂପାନୀ, କଟକ |
| | | ୧୯୧୩ | କନିକା ଦର୍ଶନ, ଉତ୍କଳ ସାହିତ୍ୟ ପ୍ରେସ୍, କଟକ |

| | | | |
|---|---|---|---|
| ୩୦ : | ସାମନ୍ତରାୟ, ନଟବର | ୧୯୮୩(୨ୟସଂ) | ଓଡିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦) ବାଣୀଭବନ, ଭୁବନେଶ୍ୱର |
| | | ୧୯୬୪ | ଆଧୁନିକ ଓଡିଆ ସାହିତ୍ୟର ଭିତ୍ତିଭୂମି, ଫ୍ରେଣ୍ଡସ ପବ୍ଲିଶର୍ସ । |
| ୩୨ : | ସେନାପତି, ଫକୀରମୋହନ | ୧୯୧୪(୨ୟସଂ) | ଅବସରବାସରେ, ଉତ୍କଳ ସାହିତ୍ୟ ପ୍ରେସ, କଟକ |
| | | ୧୮୯୯ | ଉତ୍କଳ ଭ୍ରମଣଂ ଅରୁଣୋଦୟ ପ୍ରେସ, କଟକ |
| ୩୩ : | ଶର୍ମା, ରତ୍ନାକର | ୧୯୦୧ | ଅଜବିଳାପ, ଦେ'ଙ୍କ ଉତ୍କଳ ପ୍ରେସ, ବାଲେଶ୍ୱର |
| | | ୧୮୯୭ | ହେମଲତା,ସୁତ୍କଳପ୍ରେସ, ବାମଣ୍ଡା |
| | | ୧୯୧୦ | ଚଂପାବତୀ, ହିତୈଷିଣୀ ପ୍ରେସ, ବାମଣ୍ଡା |
| | | ୧୯୧୨ | ବପାଳିମାଳି, ହିତୈଷିଣୀ ପ୍ରେସ, ବାମଣ୍ଡା |
| | | ୧୯୦୧ | ନୀତିଦର୍ପଣ,ସୁତ୍କଳପ୍ରେସ,ବାମଣ୍ଡା |
| | | ୧୯୦୬ | ନୀତିପ୍ରଦୀପ, ଗଜପତି ଭୀମଦେବ-ପ୍ରେସ, ବୃହତ୍‌ଖେମୁଣ୍ଡି । |

**ପୁସ୍ତକାବଳୀ (ସଂସ୍କୃତ)**

| | | | |
|---|---|---|---|
| ୧ : | କବିରାଜ, ବିଶ୍ୱନାଥ | ୧୯୭୫ | ସାହିତ୍ୟଦର୍ପଣ, ଅନୁ-ନାରାୟଣ ମହାପାତ୍ର, ଓଡିଶା ସାହିତ୍ୟ ଏକାଡେମୀ |
| ୨ : | ଦେବ, ବୃନ୍ଦାବନ ଚନ୍ଦ୍ର | ୧୮୮୧ | ତିଥିକୃତ୍ୟ ବ୍ୟବସ୍ଥା, ଜଗନ୍ନାଥ ବଲ୍ଲଭ ପ୍ରେସ, ବାମଣ୍ଡା |
| ୩ : | ବଡପଣ୍ଡା, ଭୁବନେଶ୍ୱର(ମିଶ୍ର) | ୧୮୯୨ | ଆନନ୍ଦ ଦାମୋଦର ଚଂପୂ, ଜଗନ୍ନାଥ ବଲ୍ଲଭପ୍ରେସ, ବାମଣ୍ଡା |
| | | ୧୮୮୯ | ବାମଣ୍ଡା ରାଜବଂଶାନୁଚରିତ ଚଂପୂ, ଜଗନ୍ନାଥବଲ୍ଲଭ ପ୍ରେସ, ବାମଣ୍ଡା |
| ୪ : | ବିଦ୍ୟାରତ୍ନ, ନୀଳମଣି (ମିଶ୍ର) | ୧୮୮୯ | ଦଶକର୍ମ ପଦ୍ଧତି, ଜଗନ୍ନାଥବଲ୍ଲଭ ପ୍ରେସ, ବାମଣ୍ଡା |
| ୫ : | ମିଶ୍ର, ମଧୁସୂଦନ | ୧୮୯୮ | ଗଦାଦ୍ଧର ପଦ୍ଧତି, ଜଗନ୍ନାଥ ବଲ୍ଲଭ ପ୍ରେସ, ବାମଣ୍ଡା |

| | | | |
|---|---|---|---|
| | | ୧୮୯୬ | ହନୁମତ୍ ସନ୍ଦେଶଂ |
| | | ୧୯୦୧ | ସାହିତ୍ୟ ରତ୍ନାକର |

## ପୁସ୍ତକାବଳୀ (ବଙ୍ଗଳା)

| | | | |
|---|---|---|---|
| ୧ : | ବନ୍ଦୋପାଧ୍ୟାୟ, ଚଣ୍ଡୀଚରଣ | ୧୯୦୬ (୧୩୧୩ ସାଲ) | ସାର୍ ବାସୁଦେବ ଜୀବନୀ ଇଣ୍ଡିଆନ ପବ୍ଲିସିଂ ହାଉସ୍, କଲିକତା |

## ପୁସ୍ତକାବଳୀ (ଇଂରାଜୀ)


| | | | |
|---|---|---|---|
| 1. | Barnett, L.D. | 1913 | Antiquities of India London, Philip lee Warner. |
| 2. | Bloomfield, M. | 1908 | The Religion of Veda, Newyork. |
| 3. | Brett E.A.De | 1906 | Central Province, Gazetteers, Chhatisgarh Feudatory States, Time Press, Bombay. |
| 4. | Keith, A.B. | 1920 | A History of Sanskrit Literature;Oxford University Press, London. |
| 5. | Majumdar, R.C. | 1896 | The Vedic Age (Vol-1), Bharatiya Vidya Bhavan. |
| 6. | O'Malley, L.S.S. | 1909 | Bengal District Gazetteers (Sambalpur) The Bengal Secretariate Book Depot, Calcutta. |
| 7. | Mansinha, M. | 1962 | History of Oriya Literature, Sahitya Akademi,New Delhi |
| 8. | Mishra, P.K. | 1983 | Political Unrest in Orissa in 19th century. Punthi Pustak, Calcutta. |
| 9. | Rama Krishna Mission | 1969 | (Re-print) The Cultural Heritage of India, Calcutta. |
| 10. | Ramsay, L.E.B. Cobden | | 1982(2nd Ed) Feudatory States of Orissa. Firma KLM (P) Ltd, Calcutta. |
| 11. | Tilak, B.G. | 1925 | The Artic Home in the Vedas Tilak Bros,Poona city. |
| 13. | Winternitz, M. | 1991(3rdEd) | A History of Indian Literature, Vol-I and Vol-II, Munsiram Manoharlal Publishers Ltd., Delhi. |


**ପ୍ରବନ୍ଧାବଳୀ—**

| | | |
|---|---|---|
| ୧ : ଦାସ, ରାମଚନ୍ଦ୍ର | ୧୯୪୨ | ବିଦ୍ୟାଭୂମି ବାମଣ୍ଡା<br>ନବୀନ ୨୪-୧୧-୪୨ ଓ୧୭-୮-୪୩ |
| | ୧୯୪୫ | ସୁଢ଼ଳଦେବଙ୍କ ନିଶାବିନାଶ ଅଭିଯାନ<br>ନବୀନ ୧୧-୯-୧୯୪୫ |
| | ୧୯୭୧ | ଉତ୍କଳର ଉଜ୍ଜୟନୀ, ସ୍ମାରକୀ, କୁଚିଣ୍ଡା |
| ୨ : ଦ୍ୱିବେଦୀ, ଦୁର୍ଗାପ୍ରସାଦ | ୧୯୮୫ | କାବ୍ୟତାରା ରୂପେ ବୀରଗଙ୍ଗବଂଶୀ<br>ଶଂଖଧ୍ୱନି(୧/୧)୧୯୮୫,ଦେବଗଡ଼ |
| | ୧୯୬୭ | ବାସୁଦେବ ବିଶ୍ୱକଲ୍ୟାଣ ଭାଜ<br>ପ୍ରବାହ, କୁଚିଣ୍ଡା ଉଚ୍ଚବିଦ୍ୟାଳୟର<br>ମୁଖପତ୍ର ୧୯୬୭-୬୮ |
| | ୧୯୮୫ | ବିଦ୍ୱାନ ମରାଳ କୁଳ ପଦ୍ମାକର<br>ଶଂଖଧ୍ୱନି ୧/୨- ଦେବଗଡ଼ ୧୯୮୫ |
| | ୧୯୮୬ | ସ୍ୱତନ୍ତ୍ର ଉତ୍କଳ ଓ ସାର ସୁଢ଼ଳଦେବ<br>ସ୍ୱତନ୍ତ୍ର ଉତ୍କଳ ଦିବସ ସୁବର୍ଣ୍ଣ ଜୟନ୍ତୀ<br>ସ୍ମରଣିକା, ରାଉରକେଲା । |
| ୩ : ନନ୍ଦ, ଫଣୀନ୍ଦ୍ର ଭୂଷଣ | ୧୯୮୭ | ଆଧୁନିକ ଶିକ୍ଷା ବ୍ୟବସ୍ଥା, ସାର୍<br>ସୁଢ଼ଳଦେବ ଓ ସଂବଲପୁର ହିତୈଷିଣୀ<br>ଆସନ୍ତାକାଲି (୩୮/୧) ଜାନୁୟାରୀ—<br>୧୯୮୭ |
| | ୧୯୮୫ | ଓଡିଆ ଭାଷା ଆନ୍ଦୋଳନ ଓ<br>ସୁଢ଼ଳଦେବ; ସପ୍ତର୍ଷି (୧୪/୧୨)<br>ଡିସେମ୍ବର-୧୯୮୫ |
| | ୧୯୯୬ | କର୍ମଯୋଗୀ ସାର୍ ସୁଢ଼ଳଦେବ<br>ଧରିତ୍ରୀ ୧୬-୫-୧୯୯୬ |
| | ୧୯୯୮ | ଜ୍ଞାନଯୋଗୀ ସାର ସୁଢ଼ଳଦେବ<br>ସମାଜ ୪.୧୦.୯୮ |
| | ୨୦୦୦ | ଓଡିଆ ସାହିତ୍ୟକୁ ବାମଣ୍ଡାର ଦାନ<br>ସମାଜ ୨୩-୧-୨୦୦୦ |
| | ୨୦୦୦ | ଓଡିଆ ସାହିତ୍ୟ ଓ ସାର୍ ସୁଢ଼ଳଦେବ<br>ଧରିତ୍ରୀ ୧୬-୫-୨୦୦୦ |
| | ୨୦୦୨ | ସମ୍ବଲପୁର ହିତୈଷିଣୀ ପ୍ରକାଶନର<br>ଇତିହାସ, ସମାଜ ୧୭-୨-୨୦୦୨. |
| | ୨୦୦୨ | ବାମଣ୍ଡାର କାବ୍ୟ ନାଟକ |

| | | | |
|---|---|---|---|
| | | | ସମ୍ବାଦ ୧୬-୪-୨୦୦୨ |
| | | ୨୦୦୩ | ଆଧୁନିକ ଶିକ୍ଷାସଂସ୍କାର ଓ ସଂବଲପୁର ହିତୈଷିଣୀ, ଝଙ୍କାର, ଫେବୃୟାରୀ-୨୦୦୩. |
| ୪ : | ନାଥଶର୍ମା, ବୃନ୍ଦାବନ | ୧୯୪୧ | ସାର ବାସୁଦେବ ସୁଢ଼ଳଦେବ K.C.I.E; ଉପହାର; ବିଜୟା-୧୯୪୧. |
| ୫ : | ବ୍ରହ୍ମା, ରାମଚନ୍ଦ୍ର | ୨୦୦୦ | ବାସୁଦେବ ସୁଢ଼ଳଦେବ ଏକ ଅନନ୍ୟ ସାଧାରଣ ପ୍ରତିଭା, କୋଣାର୍କ-୧୧୬, ଫେବୃୟାରୀ-ଅପ୍ରେଲ ୨୦୦୦ |
| ୬ : | ମିଶ୍ର, ବ୍ରଜବନ୍ଧୁ | ୧୯୪୨ | ବାମଣ୍ଡା ବୃତ୍ତାନ୍ତ ନବୀନ ୧୪-୪-୧୯୪୨ |
| | | ୧୯୪୩ | ପ୍ରଗତିଶୀଳ ବାମଣ୍ଡା ନବୀନ ୧୩-୭-୧୯୪୩ |
| ୭ : | ରାଉତରାୟ, ବିନୋଦ | ୧୯୮୨ | ସାର ବାସୁଦେବ ସୁଢ଼ଳଦେବ ଓ ସମ୍ବଲପୁର ହିତୈଷିଣୀ ଆସନ୍ତାକାଲି ୩୩/୧୦ |
| ୮. | ରଥ, ପ୍ରଭାତୀ | ୨୦୦୨ | ବାସୁଦେବ ସୁଢ଼ଳଦେବ ଏକ ଅନନ୍ୟ ସାରସ୍ୱତପ୍ରତିଭା, 'ସମାଜ' ୧୬.୫.୨୦୦୨ |
| ୯. | ରାୟ, ରାଧାନାଥ | ୧୮୯୬ | ବାମଣ୍ଡା, ଓଡିଆ ଓ ନବ ସଂବାଦ ୧୦/୧୫-୧୮ ୫-୨-୧୮୯୬ ରୁ ୨୬-୨-୯୬ |
| | | ୧୮୮୭ | ଭ୍ରମଣକାରୀର ପତ୍ର ନବ ସମ୍ବାଦ ୧/୩ ; ୬-୨-୧୮୮୭ |
| | | ୧୯୦୩ | ସାର୍ ରାଜାବାସୁଦେବ ସୁଢ଼ଳଦେବ K.C.I.E. ଉତ୍କଳ ସାହିତ୍ୟ ୭/୯ , ଡିସେମ୍ବର ୧୯୦୩ |
| ୧୦ : | ରାୟ, ଶଶିଭୂଷଣ | ୧୯୩୫ | ବାମଣ୍ଡା ସ୍ମୃତି ନବୀନ (୭/୮) ୧୦-୯-୧୯୩୫ |
| | | ୧୯୪୫ | ଷାଠିଏ ବର୍ଷତଳର ଓଡ଼ିଶା ଶଂଖ, ୧ମବର୍ଷ ୧ରୁ ୭ମ ସଂଖ୍ୟା |
| ୧୧ : | ସାମନ୍ତରାୟ, ନଟବର | ୧୯୫୯ | ଊନବିଂଶ ଶତାବ୍ଦୀ ଓ ସଂବଲପୁର ହିତୈଷିଣୀ, ଝଙ୍କାର (୧୧/୧) ମେଷ — ୧୩୬୬ |

**ପରିଶିଷ୍ଟ-୬ – (ସୁଢ଼ଳଦେବଙ୍କ ସ୍ୱହସ୍ତ ଲିଖିତ 'ବସନ୍ତବର୍ଣ୍ଣନ'ର କିୟଦାଂଶ)।**







୧ । ବାମଣ୍ଡା ରାଜପ୍ରାସାଦ



୨ । ଚିନିକଳ, ରମ୍ଭେଇ, ଦେବଗଡ଼ଠାରୁ ୨୦ କି.ମି. ଦୂରରେ ଅବସ୍ଥିତ ।







୩ । ଜଗନ୍ନାଥବଲ୍ଲଭପ୍ରେସ୍ ବର୍ତ୍ତମାନ ସରକାରୀ ମୁଦ୍ରଣାୟ




୪ । ରାଜକୁମାର ଉଚ୍ଚ ବିଦ୍ୟାଳୟ




୫ । ବାସୁଦେବ ସୁଢ଼ଲଦେବଙ୍କ ମାର୍ବଲ୍ ପ୍ରତିମୂର୍ତ୍ତି



୬ । ସୁଢଳଦେବଙ୍କ ସମାଧି ନିକଟରେ ସଂପାଦକ




୭ । ସଭାଗୃହ — ବାମଣ୍ଡା



ସମ୍ବଲପୁର ହିତୈଷିଣୀ

( The Sambalpur Patriot )

୮ । 'ସମ୍ବଲପୁର ହିତୈଷିଣୀ' — ୧୮୮୯ରୁ ୧୯୨୩


୧ ମ ଭାଗ   ଜୁନ ୧୯୦୦ ଖ୍ରୀ   ୧ ମ ସଂଖ୍ୟା ।

# ଉତ୍କଳ ମଧୁପ


ବିବିଧ ବିଷୟକ ମାସିକ ପତ୍ର ଏବଂ ସମାଲୋଚକ ।

ସମ୍ପାଦକ — ଶ୍ରୀ ନୀଳମଣି ବିଦ୍ୟାରତ୍ନ ।
କାର୍ଯ୍ୟାଧ୍ୟକ୍ଷ — ଶ୍ରୀ ଭବାନନ୍ଦ ପ୍ରଧାନ ।
ବାମଣ୍ଡା ।

ସୂଚୀପତ୍ର ।
ପ୍ରଥମ ପୃଷ୍ଠାରେ — ନାମାବଳୀ, ଏବଂ ଗ୍ରାହକର ଦେୟ ନିୟମ ।
୨ ୟ „ — କୃଷିତତ୍ତ୍ୱ ଏବଂ ଦାନ [illegible] ।
୩ ୟ „ — ସୁବାଦ୍ୟ ଇଞ୍ଜାର ଏବଂ ସ୍ୱାସ୍ଥ୍ୟ ପ୍ରସଙ୍ଗ ।
୪ ର୍ଥ „ — [illegible] ଏବଂ [illegible] ।
୫ ମ „ — ଶବ୍ଦ ସଂଗ୍ରହ, କୌତୁକ ପ୍ରସଙ୍ଗ ଏବଂ [illegible] ।
୬ ଷ୍ଠ „ — ବିବାହର ସମ୍ବାଦ ।
୭ ମ „ — ଉପାସନାର ଅବସ୍ଥା, ବେଦାନ୍ତ ପାଠ, ଉଦାହରଣ ଶ୍ଲୋକମାଳା, ଗ୍ରନ୍ଥ ମାନଙ୍କର ବୈଦିକ ଅର୍ଥ ଏବଂ ତତ୍ତ୍ୱ ଭଣ୍ଡାର ଉପାସ୍ତୁ ।

ବାମଣ୍ଡା ମୁଦ୍ରଣ ପ୍ରେସରେ ମୁଦ୍ରିତ ।

୯ । 'ଉତ୍କଳ ମଧୁପ' — ୧ମ ଭାଗ / ୧ମ ସଂଖ୍ୟାର ଫୋଟ



DEBI—MAHATMYA

ଚଣ୍ଡୀ

ଦେବୀ ମାହାତ୍ମ୍ୟ

ଶ୍ରୀ ଚିନ୍ତାମଣି ମହାନ୍ତିଙ୍କ ଦ୍ୱାରା ଅନୁବାଦିତ ହୋଇ

ଶ୍ରୀ ଯୁବରାଜ ବୃନ୍ଦାବନଚନ୍ଦ୍ରଦେବଙ୍କ ଦ୍ୱାରା ପ୍ରକାଶିତ ହୋଇ

ଏବଂ

ଶ୍ରୀ କାଳୀଚରଣ ଦ୍ୱିବେଦୀଙ୍କ ଦ୍ୱାରା ସଂଶୋଧିତ ହୋଇ


ବାମଣ୍ଡା ଜଗନ୍ନାଥବଲ୍ଲଭ ପ୍ରେସରେ ମୁଦ୍ରିତ ହେଲା

Printed by the Jaganath Bullava Press


BAMRA


1887

୧୦। 'ଚଣ୍ଡୀ'ର ପ୍ରଚ୍ଛଦ – ୧୮୮୭




୧୧ । 'ସଂସ୍କାରକ' ରାଜା ବାସୁଦେବ ସୁଢ଼ଳଦେବଙ୍କ ଆର୍ଥିକ ସହାୟତାରେ କଟକରୁ ମୁଦ୍ରିତ ।




ଅଲଂକାରଚନ୍ଦ୍ରିକା ଗଦାଧର ପଦ୍ଧତି

ସାର୍ ରାଜା ବାସୁଦେବ ସୁଢ଼ଳଦେବଙ୍କ ପୃଷ୍ଠପୋଷକତ୍ୱରେ ପ୍ରକାଶିତ —



୧୨ । ପ୍ରଧାନପାଟ ପ୍ରପାତ । ଦେବଗଡ଼ ।



**ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ (1959)**

ଓଡ଼ିଆ ସାହିତ୍ୟର ଜଣେ ସଂଭାବନାମୟ ସାରସ୍ୱତ ସାଧକ । ତାଙ୍କର ସାହିତ୍ୟିକ କୃତି ଓଡ଼ିଶାର ବିଭିନ୍ନ ପତ୍ର-ପତ୍ରିକାରେ ନିରବଚ୍ଛିନ୍ନ ପ୍ରକାଶିତ ଓ ପ୍ରଶଂସିତ । କବିତା ରଚନାରେ ପାରଦର୍ଶିତା ଲାଭ କରିଥିବା ଏ ପ୍ରତିଭା କ୍ରମଶଃ ଗବେଷଣାତ୍ମକ କାର୍ଯ୍ୟରେ ମନୋନିବେଶ କରିଛି । ବାମଣ୍ଡାର ସାରସ୍ୱତ ଐଶ୍ୱର୍ଯ୍ୟକୁ ପାଠକ ସମ୍ମୁଖରେ ଉନ୍ମୋଚିତ କରିବା କ୍ଷେତ୍ରରେ ତାଙ୍କର ସାଧନା, ଗବେଷଣା ଓ ମନନଶୀଳତା ଅନନ୍ୟ । ଜଳନ୍ଧର ଦେବଙ୍କ ସାରସ୍ୱତ କୃତି ଉପରେ ଗବେଷଣା କରି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ୨୦୦୨ରେ ସେ ଡକ୍ଟରେଟ ଡିଗ୍ରୀ ପ୍ରାପ୍ତ । ଏ ସବୁ ସହିତ ଦେବଗଡ଼ ବାସୁଦେବ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଂପାଦକ ଓ ପାଖୁଡ଼ାର ମୁଖ୍ୟ ସଂପାଦକ । ବର୍ତ୍ତମାନ ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦର ସଦସ୍ୟ । ଓଡ଼ିଶାର ବିଭିନ୍ନ ପତ୍ର ପତ୍ରିକାରେ ଶତାଧିକ କବିତା, ଗଳ୍ପ ଓ ପ୍ରବନ୍ଧ ପ୍ରକାଶିତ । ତାଙ୍କଦ୍ୱାରା ରଚିତ ଅନେକ ନାଟକ ଓଡ଼ିଶାର ବିଭିନ୍ନ ମଞ୍ଚରେ ମଞ୍ଚସ୍ଥ ଓ ପୁରସ୍କୃତ ।

**ସାରସ୍ୱତ ଫସଲ :**

୧ । ନିଃଶବ୍ଦ ଆକାଶର ଡାକ (କବିତା-୧୯୯୩)
୨ । ଅରଣ୍ୟର ଡାକ (କବିତା-୨୦୦୦)
୩ । ସମ୍ବଲପୁର ହିତୈଷିଣୀ : ଏକ ଅଧ୍ୟୟନ (ଗବେଷଣାତ୍ମକ ପୁସ୍ତକ-୨୦୦୨)
୪ । ଶୂନ୍ୟବିନ୍ଦୁ (କବିତା-୨୦୦୨)
୫ । ବଣରାଇଜ (ଶିଶୁ କବିତା-୨୦୦୨)
୬ । ପ୍ରଧାନପାଟ (ସଂପାଦନା-୨୦୦୩)



ପ୍ରଗତି ଉତ୍କଳ ସଂଘ (ପ୍ରତିଷ୍ଠା- ୧୯୪୮) ଇସ୍ପାତ ସହର ରାଉରକେଲାର ଅନ୍ୟତମ ସର୍ବ ପୁରାତନ ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ସାଂସ୍କୃତିକ ଅନୁଷ୍ଠାନ । ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟ ପାଇଁ ଏହା ସମଗ୍ର ଓଡିଶାରେ ସୁପରିଚିତ । ପାଠାଗାର ଆନ୍ଦୋଳନ କ୍ଷେତ୍ରରେ ଏହା ଦୃଷ୍ଟାନ୍ତମୂଳକ ନେତୃତ୍ୱ ଦେଇଛି । ଉତ୍କଳ ଗୌରବ ମଧୁସୂଦନ ଜୟନ୍ତୀ ଓ ଉତ୍କଳ ଦିବସ ପାଳନ ପରମ୍ପରାର ଏହା ପ୍ରତିଷ୍ଠାତା । ମଧୁସୂଦନଙ୍କ ଆଦର୍ଶ ସଂପର୍କରେ ଯୁବପୀଢି ମଧରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରଗତି ଉତ୍କଳ ସଂଘ ଓଡିଶାର ବିଶ୍ୱବିଦ୍ୟାଳୟ ଗୁଡିକରେ ସ୍ୱର୍ଣ୍ଣପଦକ-ପ୍ରଦାନର ବ୍ୟବସ୍ଥା କରିଛି । ମଧୁସୂଦନଙ୍କ ସଂପର୍କରେ - Madhusudan Das The Legislator; Madhusudan Das . The Man and His Missions ଓ Madhusudan Das · His Life and Achievements ଆଦି ପୁସ୍ତକର ଏହା ପ୍ରକାଶକ । ସାଂପ୍ରତିକ କାଳରେ ଓଡିଆ ସାହିତ୍ୟ ଓ ସଂସ୍କୃତିର ଅବହେଳିତ ଦିଗ ତଥା କ୍ରମଶଃ ବିସ୍ମୃତ ହୋଇଯାଉଥିବା ବରେଣ୍ୟ ପ୍ରତିଭାମାନଙ୍କ ସଂପର୍କରେ ଏହା କେତେକ ଉଲ୍ଲେଖଯୋଗ୍ୟ ପୁସ୍ତକର ପ୍ରକାଶକ ।

